ମନମୋହନ ମିଶ୍ର

ଗ୍ରନ୍ଥାବଳୀ

(ତୃତୀୟ ଭାଗ)

ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ

ବାରିଷ୍ଟର୍ ବିଶ୍ୱନାଥ ମିଶ୍ର

Digitized by srujanika@gmail.com

ମନମୋହନ ମିଶ୍ର

ଗ୍ରନ୍ଥାବଳୀ

(ତୃତୀୟ ଭାଗ)

ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ

ସଂକଳନ ଓ ସଂପାଦନା

ରବି ଦାଶ

Digitized by srujanika@gmail.com

ମନମୋହନ ମିଶ୍ର ଗ୍ରନ୍ଥାବଳୀ
(ତୃତୀୟ ଭାଗ)
Manmohan Mishra Granthabali
(Vol. III)

ମୁଖ୍ୟ ସମ୍ପାଦକ : ଅଧ୍ୟାପକ ପଠାଣି ପଟ୍ଟନାୟକ
Chief Editor : Prof. Pathani Pattanaik

ସଂକଳନ ଓ ସଂପାଦନା : ରବି ଦାଶ
Compiled and Edited by : Rabi Dash
ପ୍ରକାଶକ : **ବିଦ୍ୟାରତ୍ନ ପ୍ରକାଶନ**
ଗ୍ରାମ/ପୋ: ତାରପୁର, ଜି. ଜଗତ୍‌ସିଂହପୁର, ଓଡ଼ିଶା
© ପ୍ରକାଶକ
Publisher : Bidyaratna Prakashan
Vill/P.O. Tarpur, Dist: Jagatsinghpur, Orissa.

ମୁଖ୍ୟ ବିତରକ : **ଶିକ୍ଷା ସନ୍ଧାନ**
ଏନ୍‌ଡି-୭, ଭି.ଆଇ.ପି. ଏରିଆ
ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର - ୭୫୧ ୦୧୫

ପ୍ରଥମ ସଂସ୍କରଣ : ୨୦୧୪
First Edition : 2014

ପ୍ରଚ୍ଛଦ : ସରୋଜ ମହାରଣା
Cover : Saroj Moharana

ମୁଦ୍ରଣ : ଗ୍ରାଫିକ ଆର୍ଟ ଅଫସେଟ୍ ପ୍ରେସ, କଟକ
Printer : Graphic Art Offset Press, Cuttack.

ମୂଲ୍ୟ : ଟ. ୪୦୦
Price : Rs. 400

Digitized by srujanika@gmail.com

ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ



ବାରିଷ୍ଟର ବିଶ୍ୱନାଥ ମିଶ୍ର

ଜନ୍ମ : ଅକ୍ଟୋବର ୧୮, ୧୮୭୮ ମୃତ୍ୟୁ : ସେପ୍ଟେମ୍ବର ୧୯, ୧୯୩୩
(ମହାଳୟା)

Digitized by srujanika@gmail.com

ଉତ୍ସର୍ଗ

ଯେଉଁ ମାଟିର ପ୍ରାଣ ରସରେ
ଆକାଶର ମେଘପରି
ଶତ ଶତ ଦେଶପ୍ରେମୀ ସେହି ମାଟିରେ ଆପଣାର,
କୃତିର ଶେଷବିନ୍ଦୁ ନିଃଶେଷ କରିଛନ୍ତି;
ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗର ଶୀର୍ଷରେ,
ଅନୁପୂରକ ସେହି ସହସ୍ର ଜଳବିନ୍ଦୁ
ଯେଉଁ ମାଟିର ଅଖଣ୍ଡ ପ୍ରବାହର ଧାରା;
ସେହି ଜନ୍ମ ମାଟିର
ବିଗତ, ବର୍ତ୍ତମାନ ଓ ଆଗତ
ସନ୍ତାନମାନଙ୍କର
ହାତରେ ।

— ଲେଖକ

"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣବିନ୍ଦୁ ଧରେ,
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ
ଡେଇଁପଡ଼ି ସିନ୍ଧୁ ନିରେ ।"

— ଉତ୍କଳ ଗୌରବ ମଧୁସୂଦନ

Digitized by srujanika@gmail.com

ଅଗ୍ରଲେଖ

ବିପ୍ଳବୀ କବି ଶ୍ରୀ ମନମୋହନ ମିଶ୍ରଙ୍କ ଗ୍ରନ୍ଥାବଳୀର ତୃତୀୟ ଖଣ୍ଡ ହେଉଛି "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ"। ଓଡ଼ିଶାର ପ୍ରଥମ ବାରିଷ୍ଟର, ମହାନ୍ ଦେଶପ୍ରେମୀ, ଓଡ଼ିଆ ଆନ୍ଦୋଳନର ସ୍ମରଣୀୟ ନେତା, କେନ୍ଦ୍ର ବ୍ୟବସ୍ଥା ସଭାର ଶକ୍ତିଶାଳୀ ପ୍ରବକ୍ତା ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ଜୀବନ କାହାଣୀ ହେଉଛି "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ"। ତତ୍‌କାଳୀନ ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଇତିହାସ ଅବଲମ୍ବନରେ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଜୀବନ ଚରିତ ଆଲୋଚନା କରାଯାଇଛି।

ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟବର୍ତ୍ତୀ ଏକ ବ୍ରାହ୍ମଣ ଶାସନରେ ଅତ୍ୟନ୍ତ ଦରିଦ୍ର ପରିବାରରେ ବିଶ୍ୱନାଥ ଜନ୍ମଗ୍ରହଣ କରିଥିଲେ। ଆବାଲ୍ୟରୁ ସେ ଥିଲେ ଉଚ୍ଚାଭିଳାଷୀ ଓ ପ୍ରଗତିଶୀଳ। ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଆଜୀବନ ସଂଗ୍ରାମ କରିଥିଲେ। ସେ ଥିଲେ ଏକାନ୍ତ ଭାବରେ ଓଡ଼ିଆପ୍ରାଣ। ଲେଖକ ମନମୋହନ ଏହି ଗ୍ରନ୍ଥରେ ବ୍ରାହ୍ମଣ ଶାସନର ଚଳଣୀ, ଅନ୍ଧବିଶ୍ୱାସ ଓ କୁସଂସ୍କାର ବିଷୟରେ ଆଲୋକପାତ କରିଅଛନ୍ତି। ଏଥିରେ ତତ୍କାଳୀନ ଶିକ୍ଷା ବ୍ୟବସ୍ଥା, ଇଂରେଜ ଶାସନର ଶୋଷଣ ଓ ଅତ୍ୟାଚାର, ଭାରତୀୟ ଶିଳ୍ପର ଅବନତି ଓ ଶିକ୍ଷା ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି।

ବାରିଷ୍ଟର ବିଶ୍ୱନାଥ ମାନ୍ଦ୍ରାଜ ଶାସନ ଅଧୀନରେ ଥିବା ଦକ୍ଷିଣ ଓଡ଼ିଶାର ଆସିକାକୁ ନିଜର କର୍ମକ୍ଷେତ୍ର ରୂପେ ଗ୍ରହଣ କରିଥିଲେ। ଗଞ୍ଜାମ ଅଞ୍ଚଳରେ ତେଲୁଗୁ ଭାଷାକୁ ପ୍ରତିହତ କରି ଓଡ଼ିଆ ଶିକ୍ଷା ପ୍ରସାର ଆନ୍ଦୋଳନର ସେ ଥିଲେ ଅନ୍ୟତମ ପ୍ରଧାନ ନେତା। ଉତ୍କଳ ସମ୍ମିଳନୀ ନେତୃତ୍ୱରେ ଦେଶମିଶ୍ରଣ ଆନ୍ଦୋଳନରେ ସେ ଆଜୀବନ ଅଂଶଗ୍ରହଣ କରିଥିଲେ। ବିଲାତରୁ ବାରିଷ୍ଟର ହୋଇ ଆସିଲା ପରେ ତାଙ୍କର କର୍ମକ୍ଷେତ୍ର ହେଲା କଲିକତା। ସେଠାରେ ସେ "ଉତ୍କଳ ସମିତି" ପ୍ରତିଷ୍ଠା କରି ତାର ସଭାପତି ହୋଇଥିଲେ। କଲିକତା ସହରରେ ଓଡ଼ିଆ ଛାତ୍ର ଓ ଶ୍ରମିକମାନଙ୍କର

Digitized by srujanika@gmail.com

ଓଡ଼ିଶାର ଜାତୀୟତା ବିଷୟରେ ପ୍ରଧାନ ପ୍ରେରଣାଦାତା ଥିଲେ। କଟକର ରେଭେନ୍ସା କଲେଜରେ ବିଜ୍ଞାନ ଶିକ୍ଷା, ଓଡ଼ିଆରେ ଏମ୍.ଏ. କ୍ଲାସ, କଟକରେ ଇଞ୍ଜିନିୟରିଂ ସ୍କୁଲ, ସିଂହଭୂମିରେ କଚେରୀରେ ଓଡ଼ିଆ ଭାଷା ପ୍ରଚଳନ, ରେଭେନ୍ସା କଲେଜରେ ବି.ଏଲ୍. କ୍ଲାସ, ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ଭାଷା ଆନ୍ଦୋଳନ ପ୍ରଭୃତି ପ୍ରସଙ୍ଗରେ ବାରିଷ୍ଟର ବିଶ୍ୱନାଥଙ୍କର ଭୂମିକା ଥିଲା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ। କେନ୍ଦ୍ର ବ୍ୟବସ୍ଥା ସଭାରେ ଅତ୍ୟନ୍ତ ନିଷ୍ଠାର ସହିତ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବାରୁ ତାଙ୍କୁ ଶ୍ରଦ୍ଧାରେ ସଭ୍ୟମାନେ କହୁଥିଲେ ମିଷ୍ଟର ଓଡ଼ିଶା। ବିଶ୍ୱନାଥ ଥିଲେ ପ୍ରଦେଶଗତ ପ୍ରାଣ। ତାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଆମରଣ ସଚେତନ ରହିଥିଲେ। ସେହି ବରପୁତ୍ର ବିଶ୍ୱନାଥ ମିଶ୍ରଙ୍କର ଜୀବନୀ "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ଓଡ଼ିଆ ସାହିତ୍ୟରେ ଏକ ସ୍ମରଣୀୟ ଗ୍ରନ୍ଥ। ଏଥିପାଇଁ ଏହାର ଲେଖକ ବିପ୍ଲବୀ କବି ମନମୋହନ ମିଶ୍ର ସର୍ବାଦୌ ଧନ୍ୟବାଦର ପାତ୍ର।

ପଠାଣି ପଟ୍ଟନାୟକ

Digitized by srujanika@gmail.com

ସମ୍ପାଦକୀୟ

"ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ଗ୍ରନ୍ଥ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ପୂର୍ଣ୍ଣାଙ୍ଗ ଜୀବନୀକୁ ମନମୋହନ ମିଶ୍ର ଗ୍ରନ୍ଥାବଳୀ, ତୃତୀୟ ଭାଗ ରୂପେ ପ୍ରକାଶ କରିବା ଅବସରରେ ଅଗଣିତ ଓଡ଼ିଆ ଭାଷାଭାଷୀ ଓ ସ୍ୱଦେଶପ୍ରେମୀ ଜନଗଣଙ୍କୁ ଅଭିବାଦନ ଜଣାଉଛୁ । ଏହା କେବଳ ବିଶ୍ୱନାଥ ମିଶ୍ରଙ୍କର ଏକ ପୂର୍ଣ୍ଣାଙ୍ଗ ଜୀବନୀ ନୁହେଁ, ଏହା ଉତ୍କଳ ସମ୍ମିଳନୀର ଇତିହାସ କହିଲେ ଭୁଲ ହେବନାହିଁ । ପ୍ରସ୍ତୁତି ପର୍ଯ୍ୟାୟରେ ଲେଖକ ଏହାର ମୂଳ ପାଣ୍ଡୁଲିପି ମୂଲ୍ୟାୟନକରି ମତାମତ ଦେବାପାଇଁ ଓଡ଼ିଶାର ଲବ୍‌ଧପ୍ରତିଷ୍ଠ ରାଜନେତା, ରାଜନୀତି ଓ ଇତିହାସ ବିଭାଗର ବିଶିଷ୍ଟ ପ୍ରଫେସର, ରାଜନୀତି ବିଶାରଦ, ଐତିହାସିକ, ସାମ୍ବାଦିକ ଡ଼କ୍ଟର ହରେକୃଷ୍ଣ ମହତାବ, ଡକ୍ଟର ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ, ଡକ୍ଟର ମନ୍ମଥନାଥ ଦାସ ଓ ସମାଜ ସଂପାଦକ ଡକ୍ଟର ରାଧାନାଥ ରଥଙ୍କୁ ଦେଇଥିଲେ ।

(୧)

ବାରିଷ୍ଟର ବିଶ୍ୱନାଥ ମିଶ୍ର ସମସ୍ତ ପ୍ରକାର ବଦ୍ଧମୂଳ ରକ୍ଷଣଶୀଳତା ଓ ସାମାଜିକ ପ୍ରତିବନ୍ଧକ ବିରୁଦ୍ଧରେ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ସେ ଯେତିକି ଶୁଦ୍ଧପୂତ ଓ ନୈଷ୍ଠିକ ଥିଲେ, ସେତିକି ଆଧୁନିକ ଥିଲେ । ସମସ୍ତପ୍ରକାର ସଂକୀର୍ଣ୍ଣତାଠାରୁ ଊର୍ଦ୍ଧ୍ୱରେ ଥିଲେ । ଡକ୍ଟର ମହତାବ ଯଥାର୍ଥରେ ପ୍ରତିପାଦିତ କରିଛନ୍ତି ଯେ "ନୈଷ୍ଠିକତା ଓ ଆଧୁନିକ ସଭ୍ୟତାର ପ୍ରଭାବ" ଏ ଦୁଇର ମନୋରମ ସମନ୍ୱୟ ବିଶ୍ୱନାଥଙ୍କ ଜୀବନରେ ପ୍ରକାଶ ପାଇଥିଲା । ସେ ଚିରକାଳ ନମସ୍ୟ । ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ । ସେ ବାସ୍ତବରେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅଗ୍ରଦୂତ ।

(୨)

ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ ଉପୋଦ୍‌ଘାତରେ ଲେଖିଛନ୍ତି, "ଏ ଗ୍ରନ୍ଥଟି ପ୍ରକାଶିତ ହେବା ପରେ ଅନେକ ଐତିହାସିକ ଲେଖାକୁ ସଂଶୋଧନ କରିବାକୁ

Digitized by srujanika@gmail.com

ପଡିବ।" ଆହୁରି ଲେଖିଛନ୍ତି "ଏ ଭଳି ପୂର୍ଣ୍ଣାଙ୍ଗଗ୍ରନ୍ଥ ଓଡ଼ିଆ ସାହିତ୍ୟରେ ବିରଳ ବୋଲି ମୁଁ ନିର୍ବିବାଦରେ ଦାବୀକରୁଛି।" ସେ ମନ୍ତବ୍ୟ ଦେଇଛନ୍ତି "ଉତ୍କଳ ସମ୍ମିଳନୀର ଚରମ ଲକ୍ଷ୍ୟ ଥିଲା କେବଳ ଦେଶମିଶ୍ରଣ। ସ୍ୱତନ୍ତ୍ର ପ୍ରଦେଶ ନୁହେଁ। ମାତ୍ର, ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ଯଥେଷ୍ଟ ସାଧନ ସୃଷ୍ଟି କରିଥିଲେ।" ବଙ୍ଗପ୍ରଦେଶ ହେଉ ବା ମଧ୍ୟପ୍ରଦେଶ ହେଉ, ଯେକୌଣସି ପ୍ରଦେଶ ସହିତ ଓଡ଼ିଆ ଭାଷାଭାଷୀ ଲୋକେ ମିଶିଯାଇଥିଲେ ସେମାନେ ଗୌଣ ସ୍ଥାନରେ ରହିଯାଇଥାନ୍ତେ। ଶେଷରେ ଡକ୍ଟର ଦାଶ ମତ ଦେଇଛନ୍ତି, "ଓଡ଼ିଆ ସାହିତ୍ୟରେ ଏହା ଗୋଟିଏ ଅମୂଲ୍ୟ ଗ୍ରନ୍ଥ ରୂପେ ବିବେଚିତ ହେବା ସୁନିଶ୍ଚିତ। ମୋର ବିଶ୍ୱାସ ଜାତୀୟ ଓ ଆନ୍ତର୍ଜାତୀୟ ମାନ ଅନୁସାରେ ଏହି ଗ୍ରନ୍ଥର ସ୍ଥାନ ଯେ ଉଚ୍ଚରେ ରହିବ, ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ।"

(୩)

ଡକ୍ଟର ମନ୍ମଥନାଥ ଦାସ ମୁଖବନ୍ଧରେ ଲେଖିଛନ୍ତି "ଉତ୍କଳ ଜନନୀର ବରପୁତ୍ର ବିଶ୍ୱନାଥଙ୍କର ଏହି ପୂର୍ଣ୍ଣାଙ୍ଗ ଜୀବନୀ ଓଡ଼ିଆ ଇତିହାସ ପ୍ରତି ତଥ୍ୟସମ୍ବଳିତ ଏକ ମହାର୍ଘ ଦାନ ଏବଂ ତତ୍‌କାଳୀନ ଓଡ଼ିଶାର ଏହା ଏକ ଅଭିନବ ଇତିହାସ। ଏହି ଉଦ୍ୟୋଗ ପାଇଁ ଦେଶବାସୀଙ୍କ ପକ୍ଷରୁ ଲେଖକଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।"

(୪)

ଡକ୍ଟର ରାଧାନାଥ ରଥ "ମତାମତ"ରେ ପ୍ରକାଶ କରିଛନ୍ତି "ଶ୍ରଦ୍ଧେୟ ବନ୍ଧୁ, ସ୍ୱାଧୀନଚେତା, କବି, ସାହିତ୍ୟିକ ଶ୍ରୀ ମନମୋହନ ମିଶ୍ର ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଯେଉଁ ଜୀବନୀ ସଂକଳନ କରିଛନ୍ତି, ଏହା ଏପରି ତଥ୍ୟସୂଚକ ଅଥଚ ହୃଦୟସ୍ପର୍ଶୀ ହୋଇଛି, ଯେକୌଣସି ଓଡ଼ିଆ ଏହାକୁ ପଢ଼ିଲେ ତାଙ୍କ ହୃଦୟ ଜାତିପ୍ରେମରେ ଉଦ୍‌ବେଳିତ ହେବ। ଏହି ପୁସ୍ତକ ଯେ ଓଡ଼ିଆ ଜାତିକୁ ବହୁ ଭାବରେ ପ୍ରେରଣା ଦେବ, ଏଥିରେ ସନ୍ଦେହ ନାହିଁ।"

ଏପରି ବ୍ୟାପକ ଗୁରୁତ୍ୱ ବହନ କରିଥିବା 'ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ' ପୁସ୍ତକଟି ୧୯୭୮ ମହାଳୟା ତିଥିରେ "ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ସ୍ମୃତି ସଂସଦ" ପକ୍ଷରୁ ପ୍ରକାଶ ପାଇବା ପରେ ପରେ ଦୁଷ୍ପ୍ରାପ୍ୟ ହୋଇଯାଇଛି। ମନମୋହନ ମିଶ୍ର

Digitized by srujanika@gmail.com

ଗ୍ରନ୍ଥାବଳୀ ପ୍ରଥମ ଓ ଦ୍ୱିତୀୟ ଭାଗ ପ୍ରକାଶ ପାଇଲା ପରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରସ୍ତାବ ଦେଲେ ଯେ 'ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ' ପୁସ୍ତକଟି ଗ୍ରନ୍ଥାବଳୀର ତୃତୀୟ ଭାଗ ହେଉ।" ସ୍ୱୟଂ ଲେଖକ ୧୯୯୯ ମହାବାତ୍ୟା ପରେ ପ୍ରସ୍ତାବ ଦେଇଥିଲେ "ଯେକୌଣସି ମତେ ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ ପୁସ୍ତକଟି ପୁନଃପ୍ରକାଶ ପାଇବା ଆବଶ୍ୟକ।" ମାତ୍ର ବହିଟି ଦୀର୍ଘଦିନ ଧରି ଦୁଷ୍ପ୍ରାପ୍ୟ ! ଯତୀନ ବାବୁ ସୂଚନା ଦେଲେ ଯେ ସେ ବହିର ଏକ ଖଣ୍ଡ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀରେ ଅଛି ଏବଂ ସେ ନିଜେ କଷ୍ଟସ୍ୱୀକାର କରି ବହିର ଏକ ଜେରକ୍ସ କପି ଯୋଗାଇ ଦେଲେ।

ମୂଳବହିର ଜେରକ୍ସ କପି ପାଇଲା ପରେ ବହିଟିକୁ ଦେଖିବା ଆଶାରେ "ସ୍ମୃତି ସଂସଦ"ର ସଭାପତି ଶ୍ରୀ ବହ୍ମାନନ୍ଦ ପଣ୍ଡାଙ୍କୁ ଭେଟିଥିଲି। ଶ୍ରୀ ପଣ୍ଡା କହିଲେ ବହିଟି ୧୯୭୮ରେ ପ୍ରକାଶ ପାଇଛି ସତ, ମାତ୍ର ମୋ ପାଖରେ ବହି ନାହିଁ। ଯଦି ବହିଟି ପୁନଃପ୍ରକାଶିତ ହୁଏ, ତେବେ ମୋତେ ଖଣ୍ଡେ ନିଶ୍ଚିତ ମିଳିବ। ଏହା ମଧ୍ୟରେ ମୋର ପ୍ରିୟ ଅନୁଜ ବ୍ରହ୍ମାନନ୍ଦ ଦିବଙ୍ଗତ ହେଲେଣି। "ସ୍ମୃତି ସଂସଦର" ସଂପାଦକ ଶ୍ରୀ ବାସୁଦେବ ସେଠୀ ଯେ କି "ଏ ବହିର ଧାତ୍ରୀ"ବୋଲି ମନମୋହନ ବାବୁ ଲେଖିଛନ୍ତି ସେ ଅତିମାତ୍ରାରେ ଅସୁସ୍ଥ, ଶଯ୍ୟାଶାୟୀ। ସେ ମଧ୍ୟ ଅତି ଦୁଃଖର ସହିତ ଜଣାଇଲେ "ବହିଟି ପ୍ରକାଶ ପାଇଲା ପରେ ପରେ ଦୁଷ୍ପ୍ରାପ୍ୟ ହୋଇଗଲା। ଆମର ଓ ବିଶେଷକରି ଲେଖକଙ୍କର ଲକ୍ଷ୍ୟ ବିଫଳ ହୋଇ ରହିଛି। ଯଦି ବହିଟି ପୁନଃପ୍ରକାଶିତ ହୁଏ, ତେବେ ଲେଖକଙ୍କ ଶ୍ରମସାର୍ଥକ ହେବ ଓ ଲକ୍ଷ୍ୟ ସଫଳ ହେବ ଏବଂ ମୋତେ ଖଣ୍ଡେ ନିଶ୍ଚିତଭାବେ ମିଳିବ।" ଏହା ପରେ ବିଶ୍ୱନାଥ ମିଶ୍ରଙ୍କ ନାତି ଶ୍ରୀ ବିନୋଦ କେଶରୀ ମିଶ୍ରଙ୍କୁ ଭେଟିଲି। ତାଙ୍କ ପାଖରେ ଥିବା ଜେରକ୍ସ କପିର ଜେରକ୍ସ କପି ସେ ମୋତେ ପୁନଃପ୍ରକାଶ ଆଶାରେ ଯୋଗାଇ ଦେଇଛନ୍ତି।

ଏଥିରୁ ପ୍ରମାଣ ମିଳୁଛି ବହିଟି ଦୀର୍ଘକାଳଧରି ଦୁଷ୍ପ୍ରାପ୍ୟ। ଶ୍ରୀ ମନମୋହନ ମିଶ୍ରଙ୍କର କଠିନ ଅଧବସାୟ ଓ ବାସ୍ତବ ବିଶ୍ଳେଷଣ, ଡକ୍ଟର ମହତାବ, ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ, ଡକ୍ଟର ମନ୍ମଥନାଥ ଦାସ ଓ ଡକ୍ଟର ରାଧାନାଥ ରଥଙ୍କ ଉପରୋକ୍ତ ଐତିହାସିକ ମନ୍ତବ୍ୟ ଓ ମତାମତକୁ ସମ୍ମାନ ଦେବା ଏବଂ ପ୍ରାଚୀନ ଉତ୍କଳ ଇତିହାସର ଗବେଷଣାର ଧାରାକୁ ସୁଗମ କରିବା ଲକ୍ଷ୍ୟରେ ବହୁ ଐତିହାସିକ ଗୁରୁତ୍ୱ ବହନ କରିଥିବାରୁ "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ପୁସ୍ତକକୁ ମନମୋହନ ମିଶ୍ର ଗ୍ରନ୍ଥାବଳୀ, ତୃତୀୟ ଭାଗ ରୂପେ ପ୍ରକାଶ କରିବାକୁ ଯାଉଛୁ।

Digitized by srujanika@gmail.com

ସଂପୃକ୍ତ ଗ୍ରନ୍ଥର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିବା ଅବସରରେ "ଶୁଭେଚ୍ଛା" ଜଣାଇଥିବା ଡକ୍ଟର ହରେକୃଷ୍ଣ ମହତାବ, "ଉପୋଦ୍‌ଘାତ" କରିଥିବା ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ, "ମୁଖବନ୍ଧ" ଲେଖିଥିବା ଡକ୍ଟର ମନ୍ମଥନାଥ ଦାସ ଏବଂ "ମତାମତ" ଉପସ୍ଥାପନ କରିଥିବା "ସମାଜ" ସଂପାଦକ ଡକ୍ଟର ରାଧାନାଥ ରଥଙ୍କ ସଂପୃକ୍ତ ଲେଖାଗୁଡ଼ିକ ସଂପୂର୍ଣ୍ଣଭାବେ ପ୍ରକାଶ କରିବା ସଙ୍ଗେସଙ୍ଗେ ସେମାନଙ୍କର ସୁଚିନ୍ତିତ ମତାମତ ପାଇଁ ସାଧୁବାଦ ଜଣାଉଛୁ । ଲେଖକଙ୍କ ସମେତ ଉପରୋକ୍ତ ଚାରିଜଣ ପ୍ରଖ୍ୟାତ ଜ୍ଞାନୀ, ଗୁଣୀ, ପ୍ରତିଷ୍ଠିତ ଐତିହାସିକ, ଓଡ଼ିଆ ଜାତିର ଅଗ୍ରଗଣ୍ୟ ନେତା ଏବଂ ସ୍ମୃତି କମିଟିର ସଭାପତି ଶ୍ରୀ ବହ୍ମାନନ୍ଦ ପଣ୍ଡା ଆଜି କେହି ନାହାନ୍ତି; ସମସ୍ତେ ଦିବଂଗତ । ସେମାନଙ୍କ ଅବର୍ତ୍ତମାନରେ ସେମାନଙ୍କୁ ସାଧୁବାଦ ଜଣାଇବାରେ ବା ମହତ୍ତ୍ୱ କେତେ ! ମାତ୍ର ସେମାନଙ୍କର ଉଲ୍ଲେଖଯୋଗ୍ୟ ଆକଳନ ଓ ବାସ୍ତବମୁଖୀ ଅନୁଶୀଳନ ମୂଳ ଗ୍ରନ୍ଥଟି ଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେଗୁଡ଼ିକୁ ଅବିକଳ ପ୍ରକାଶ କରୁଅଛୁ ।

(୫)

ସମ୍ୟକ ସୂଚନା

ଏଠାରେ ଉଲ୍ଲେଖଯୋଗ୍ୟ ସମ୍ବଲପୁର ଡିଭିଜନରେ ୧୮୯୫ ଜାନୁୟାରୀ ୧୫ଠାରୁ ସରକାରୀ ଅଫିସଗୁଡ଼ିକରେ ଓଡ଼ିଆଭାଷା ଉଚ୍ଛେଦ ହୋଇ ହିନ୍ଦୀ ପ୍ରଚଳନ ହେବା ପରେ, ହିନ୍ଦୀବିରୋଧୀ ଆନ୍ଦୋଳନ ଦାନା ବାନ୍ଧିଲା । ଓଡ଼ିଆ ଭାଷା ବିରୋଧୀ ହିନ୍ଦୀ ପ୍ରବଣତା ବିରୁଦ୍ଧରେ ପ୍ରତିବାଦ ଯୋରଦାର ହେବାରୁ ବ୍ରିଟିଶ ସରକାର ସମ୍ବଲପୁର ଡିଭିଜନର ଅଫିସଗୁଡ଼ିକରେ ପୁନର୍ବାର ଓଡ଼ିଆଭାଷା ଜାନୁୟାରୀ ୧, ୧୯୦୩ଠାରୁ ପ୍ରଚଳନ କଲେ । ଏହି ସମୟରେ ଦେବଗଡରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ପ୍ରକାଶ ପାଉଥିବା "ସମ୍ବଲପୁର ହିତୈଷିଣୀ" ସାପ୍ତାହିକ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ରାଜା ସୁଦ୍ଧଳ ଦେବ ଓଡ଼ିଆ ଭାଷାପ୍ରେମୀ ହୋଇଥିବାରୁ ଓଡିଆ ଭାଷାସାହିତ୍ୟ ସମୃଦ୍ଧ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ । "ହିତୈଷିଣୀ"ରେ ରାଧାନାଥଙ୍କ 'ଚିଲିକା'ଠାରୁ ଫକୀରମୋହନ ସେନାପତି ଓ ନନ୍ଦକିଶୋର ବଳଙ୍କ କାବ୍ୟ କବିତା ସବୁ ପ୍ରକାଶ ପାଉଥାଏ । ଗଙ୍ଗାଧର ମେହେରଙ୍କ ଭଳି କବି ପ୍ରତିଭା "ହିତୈଷିଣୀ" ମାଧ୍ୟମରେ ସୃଷ୍ଟିହେଲେ । ଯେଉଁ ନୀଳମଣି ବିଦ୍ୟାରତ୍ନ ରାଧାନାଥ, ଫକିରମୋହନ, ନନ୍ଦକିଶୋର

Digitized by srujanika@gmail.com

ଓ ଗଙ୍ଗାଧରଙ୍କର ପ୍ରିୟପାତ୍ର, ଅନ୍ତରଙ୍ଗ ତାଙ୍କୁ ଓଡ଼ିଆ ଭାଷା ବିରୋଧୀ ହିନ୍ଦୀ ପ୍ରବଣତା ବିରୁଦ୍ଧରେ ଏବଂ ହିନ୍ଦୀବିରୋଧୀ ଆନ୍ଦୋଳନକୁ ସକ୍ରିୟ ସମର୍ଥନ ଯୋଗୁଁ "ସମ୍ବଲପୁର ହିତୈଷିଣୀ" ସଂପାଦକ ପଦରୁ ହଟାଇ ଦିଆଗଲା । ମାତ୍ର କାଳବିଳମ୍ବ ନକରି ସେ ଖଲ୍ଲିକୋଟ ରାଜାଙ୍କ ସାହାଯ୍ୟ ଓ ସହଯୋଗରେ "ଉତ୍କଳ ମଧୁପ" ପତ୍ରିକା ପ୍ରକାଶକଲେ ଏବଂ ଓଡ଼ିଆ ଭାଷାର ସୁପ୍ରତିଷ୍ଠା ପାଇଁ ଗଂଜାମର "ଦେଶମିଶ୍ରଣ" ଆନ୍ଦୋଳନର କର୍ମୀମାନଙ୍କୁ ଐକ୍ୟବଦ୍ଧ କରିବାରେ ଲାଗିଲେ ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀର ପ୍ରସ୍ତୁତି ବୈଠକ ତତ୍‌କାଳୀନ ଅବିଭକ୍ତ ଗଂଜାମର ରମ୍ଭାଠାରେ ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରଚେଷ୍ଟାରେ ୧୯୦୩ ରେ ଅନୁଷ୍ଠିତ ହେଲା । ରମ୍ଭା ବୈଠକର ନିଷ୍ପତ୍ତିକ୍ରମେ ୧୯୦୩ ଡିସେମ୍ବର ୩୦ ଓ ୩୧ରେ କଟକଠାରେ ପ୍ରଥମ ଉତ୍କଳ ସମ୍ମିଳନୀ ଉଦ୍‌ଘାଟିତ ହେଲା । ଏହି ସମ୍ମିଳନୀରେ ଶ୍ରୀ ବିଶ୍ୱନାଥ ମିଶ୍ର ସ୍ୱେଚ୍ଛାସେବକଭାବେ ଯୋଗଦେଇଥିଲେ । ସେତେବେଳେ ସେ ରେଭେନ୍‌ସାରେ ଏଫ୍.ଏ. ପଢୁଥିଲେ ।

ଉତ୍କଳ ସମ୍ମିଳନୀର ସୁବିସ୍ତୃତ ଆଲୋଚନାରୁ ଏବଂ ବିଶେଷକରି ମାତୃଭାଷାର ଦୁରବସ୍ଥା ଓ ତେଲେଗୁଭାଷୀ ଅଫିସରଙ୍କର ପ୍ରଭାବ, ପ୍ରଭୁତ୍ୱ ଓ ଦୌରାତ୍ମ୍ୟ ସଂପର୍କରେ ଗଂଜାମ ପ୍ରତିନିଧିମାନଙ୍କ ଭାଷଣରୁ ଅବଗତହୋଇ ମାତୃଭାଷାର ସୁରକ୍ଷା ଓ ବିକାଶ ପାଇଁ ସେ ଦୃଢ଼ପ୍ରତିଜ୍ଞ ହେଲେ । ଏଫ୍.ଏ. ପାସ୍‌କରିବା ପରେ ଅନ୍ୟ କୌଣସି ଲୋଭନୀୟ ସରକାରୀ ଚାକିରୀ ନକରି ସେ ଗଂଜାମକୁ କର୍ମକ୍ଷେତ୍ର ରୂପେ ବାଛିନେଲେ ଏବଂ କବିସମ୍ରାଟ ଉପେନ୍ଦ୍ର ଭଂଜଙ୍କ ଜନ୍ମଭୂମି ତତ୍‌କାଳୀନ ରସୁଲକୋଣ୍ଡା, ଏବର ଭଂଜନଗରର ଏକ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ରୂପେ ଯୋଗଦେଲେ । ଏହି ସମୟରେ ତାଙ୍କର ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, "ଦୈନିକ ଆଶା" ସଂପାଦକ ଶଶିଭୂଷଣ ରଥ, ଆସିକା ପ୍ଲିଡର ହରିହର ପଣ୍ଡା ଓ ଗଂଜାମ ଉତ୍କଳ ସମାଜର ପ୍ରତିନିଧିମାନଙ୍କ ସହ ସଂପର୍କ ଦୃଢ଼ ହେଲା ।

ଉତ୍କଳ ସମ୍ମିଳନୀର ମୂଳ ଲକ୍ଷ୍ୟ ଥିଲା ସମଗ୍ର ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ଏବଂ ଚରମ ଲକ୍ଷ୍ୟ ଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ । ୧୯୦୫ ବେଳକୁ ମେଦିନପୁର, ବାଲେଶ୍ୱର, କଟକ, ପୁରୀ, ଛୋଟନାଗପୁର ଭୂଖଣ୍ଡର ସରେଇକଳା, ଖରସୁଆଁ, ଚକ୍ରଧରପୁର ଆଦି ବ୍ୟାପକ ଓଡ଼ିଆ ଭାଷାଭାଷୀ ଅଂଚଳ

Digitized by srujanika@gmail.com

ବଙ୍ଗ-ବିହାର ପ୍ରଦେଶରେ ଥିଲା। ସମ୍ବଲପୁର, ଦେବଗଡ଼, ଛତିଶଗଡ, ଖଡିଆଳ ଯାଏ କେନ୍ଦ୍ରପ୍ରଦେଶରେ ଏବଂ ଗଂଜାମ, ପାରଳାଖେମୁଣ୍ଡି, ଜୟପୁର, ବିଶାଖାପାଟଣା ଆଦି ବ୍ୟାପକ ଓଡ଼ିଆ ଭାଷାଭାଷୀ ଅଂଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲେ। ୧୯୦୫ରେ ବଙ୍ଗଭଙ୍ଗ ପରେ ବଙ୍ଗପ୍ରଦେଶରୁ ବିହାର ପୃଥକ ହୋଇ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା। କଟକ, ପୁରୀ ଓ ବାଲେଶ୍ୱର ମିଶି ଏକ ଡିଭିଜନଭାବେ ସାମିଲ ହେଲେ। ମାତ୍ର ବ୍ୟାପକ ଓଡିଆ ଭାଷାଭାଷୀ ଅଂଚଳ ପୂର୍ବବତ ମାନ୍ଦ୍ରାଜ ପ୍ରଦେଶ, କେନ୍ଦ୍ରପ୍ରଦେଶ, ବିହାର ଓ ବଙ୍ଗପ୍ରଦେଶରେ ମିଶି ରହିଲେ।

୧୯୦୩ ଉତ୍କଳ ସମ୍ମିଳନୀ ବେଳକୁ ଗଂଜାମ ଓ କୋରାପୁଟ ବିଦ୍ୟାଳୟଗୁଡ଼ିକରେ ତେଲୁଗୁ ପଢ଼ାଯାଉଥାଏ। ଅଫିସ, କୋର୍ଟ କଚେରୀରେ ତେଲୁଗୁ ଭାଷା ଚାଲୁଥାଏ। ସମ୍ବଲପୁର ଡିଭିଜନରେ ସ୍କୁଲଗୁଡ଼ିକରେ ହିନ୍ଦୀ, ଅଫିସ, କୋର୍ଟକଚେରୀରେ ହିନ୍ଦୀ ଭାଷା ଲଦା ଯାଇଥାଏ। ଉପକୂଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାଗୁଡ଼ିକରେ ବଙ୍ଗଳା ଭାଷାର ଅଖଣ୍ଡ ପ୍ରଭାବ ଥାଏ। "ସନ୍ ସେଟ" ଆଇନ ବଳରେ କଲିକତାରୁ ଜମିଦାର ହୋଇ ଯେଉଁମାନେ ଆସିଥାନ୍ତି ସେମାନଙ୍କୁ "ଗର୍ଭିଣୀ ଗାଈ" ବାଟ ଛାଡୁଥାନ୍ତି। କିଏ ସାହସ ବାନ୍ଧିବ ଓଡ଼ିଆ ଭାଷା ପ୍ରଚଳନ ପାଇଁ ଦାବୀ ଆଗତ କରିବ! ବିଦ୍ୟାଳୟ, କୋର୍ଟ କଚେରୀ, ଥାନା, ଫରେଷ୍ଟ, ରାଜସ୍ୱ ଅଫିସ ଓ ଖଣି ଖାଦାନ ସର୍ବତ୍ର ଅଣଓଡ଼ିଆ ଭାଷାର ରାଜୁତି।

ଏହି ପର୍ଯ୍ୟାୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ପଷ୍ଟ ଦାବୀ ଉଠୁନଥିଲା। କେବଳ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କଥା ଉତ୍କଳ ସମ୍ମିଳନୀରେ ଦୋହରା ଯାଉଥିଲା। ଅପରପକ୍ଷରେ "ଦେଶମିଶ୍ରଣ"ର ଆବାଜ ଉଠୁଥିଲା। ବିହାର-ଓଡ଼ିଶା ପ୍ରଦେଶ ଗଠନ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ସହିତ ସଂଗତିପୂର୍ଣ୍ଣ ନଥିଲା।

ବଙ୍ଗ, ବିହାର, କେନ୍ଦ୍ରପ୍ରଦେଶ ଓ ମାନ୍ଦ୍ରାଜ ପ୍ରଦେଶର ତତ୍‌କାଳୀନ ପ୍ରାଦେଶିକ ସରକାରଗୁଡ଼ିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ବିରୋଧ କରୁଥିଲେ। ୧୯୧୯ ଶାସନ ସଂସ୍କାର ଆଇନ ବ୍ରିଟିଶ ପାର୍ଲାମେଣ୍ଟରେ ଗୃହୀତ ହେଲାପରେ ସଂପୃକ୍ତ ପ୍ରଦେଶର କଂଗ୍ରେସ ନେତାମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିରୋଧୀ ହୋଇଉଠିଲେ। ଏପରିକି "ଅସହଯୋଗ ଆନ୍ଦୋଳନ" ବ୍ୟାହତ ହେବା ଆଶଙ୍କାରେ ଗାନ୍ଧିଜୀ ଓ ଅଖିଳ ଭାରତ କଂଗ୍ରେସ କମିଟିର ନେତୃତ୍ୱ ସ୍ୱତନ୍ତ୍ର ଓଡିଶା ପ୍ରଦେଶ

Digitized by srujanika@gmail.com

ଗଠନ ସପକ୍ଷରେ ନଥିଲେ। ବିଟ୍ରିଶ ସରକାର ସପକ୍ଷରେ ନଥିବାରୁ ତତ୍‌କାଳୀନ ଓଡ଼ିଆ ରାଜା, ମହାରାଜା ଓ ଜମିଦାରମାନେ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ ଦାବୀକୁ ସମର୍ଥନ କରିବାକୁ ସାହସ କରୁ ନଥିଲେ ଏବଂ ଉତ୍କଳ ସମ୍ମିଳନୀକୁ ଏକ ଭାଷାଭିତ୍ତିକ ଆନ୍ଦୋଳନରେ ସୀମିତ ରଖିବାକୁ ଅପଚେଷ୍ଟା କରୁଥିଲେ। ଏପରିକି ରାଜା, ମହାରାଜାମାନେ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲାପରେ ସାମନ୍ତବାଦୀ ରାଜୁଡ଼ା ସ୍ଥିତି ବଜାୟ ରଖି ଗଡଜାତି ଶାସନ, ଶୋଷଣ, ଲୁଣ୍ଠନ ଓ ଅତ୍ୟାଚାର ୧୯୪୮ ଯାଏ ଜାରି ରଖିଥିଲେ।

(୬)

ପରିସ୍ଥିତିର ଚାପରେ ବିଶ୍ୱନାଥ ମିଶ୍ର ଓଡ଼ିଆ ଭାଷାଭାଷୀମାନଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ଉପଯୋଗୀ ହେବା ଲାଗି ଶିକ୍ଷକତା ଛାଡି ଆଇନ ପଢ଼ିବା ପାଇଁ ମାନ୍ଦ୍ରାଜ ଗଲେ। ସେଠାରେ ଆଇନ ପଢା ଶେଷକରି ଆସିକାରେ ଓକିଲାତି ଆରମ୍ଭ କଲେ। ତତ୍‌କାଳୀନ ଆସ୍କା ପ୍ଲିଡର ହରିହର ପଣ୍ଡା ଓ ବିଶ୍ୱନାଥ ଓଡ଼ିଆ ଭାଷାରେ ଅର୍ଜୀ ଲେଖା ଆରମ୍ଭକରି ଗଂଜାମ ତଳ କୋର୍ଟଗୁଡ଼ିକରେ ଓଡ଼ିଆ ଭାଷା ଚାଲୁ କରାଇଲେ। କାରଣ ସେମାନଙ୍କ ବିଚାର ଥିଲା "ଓଡ଼ିଆ ଭାଷା ଓଡ଼ିଆ ଜାତିର ସ୍ୱାଭିମାନ।" ସେ ପ୍ରତିବର୍ଷ ଗଂଜାମର ପ୍ରତିନିଧିଭାବେ ଉତ୍କଳ ସମ୍ମିଳନୀ ବୈଠକରେ ଅଂଶ ନେଉଥିଲେ। ମାତ୍ର ଉତ୍କଳ ସମ୍ମିଳନୀ ନେତୃତ୍ୱରେ ଗଂଜାମ ପ୍ରତିନିଧିଙ୍କୁ କିମ୍ବା ବିଶ୍ୱନାଥଙ୍କୁ ଉଚିତ ସ୍ଥାନ ମିଳୁ ନଥିଲା।

ଉତ୍କଳ ସମ୍ମିଳନୀର ଉଦ୍ୟୋକ୍ତା ଖଲ୍ଲିକୋଟ ରାଜା ଶ୍ରୀ ହରିହର ମର୍ଦ୍ଦରାଜଙ୍କ ମୃତ୍ୟୁ ୧୯୦୯ରେ ହେଲାପରେ ବ୍ରିଟିଶ ଉପନିବେଶବାଦୀମାନଙ୍କର ପ୍ରତ୍ୟକ୍ଷ ଶାସନ ଖଲ୍ଲିକୋଟରେ ଜାରିହେଲା। ଫଳରେ ଉତ୍କଳ ସମ୍ମିଳନୀର ଆହ୍ୱାନ ସପକ୍ଷରେ ଖଲ୍ଲିକୋଟର ସ୍ୱର କ୍ଷୀଣ ହୋଇଗଲା। ଗଂଜାମର ଓଡ଼ିଆ ରାଜା, ଜମିଦାରମାନେ ଦବିଗଲେ। ମାତ୍ର ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ପ୍ଲିଡର ହରିହର ପଣ୍ଡା, ବିଶ୍ୱନାଥ ମିଶ୍ର ଓ ଗଂଜାମ ଉତ୍କଳ ସମାଜର ପ୍ରତିନିଧିମାନେ "ଦେଶମିଶ୍ରଣ" ଆନ୍ଦୋଳନ ପ୍ରତି ଦୃଢ଼ ରହିଲେ। ଏହି ପରିସ୍ଥିତିରେ ବିଶ୍ୱନାଥ ବାରିଷ୍ଟରୀ ପଢ଼ିବା ପାଇଁ ୧୯୧୦ରେ ବିଲାତ ଯାତ୍ରାକଲେ। ବାରିଷ୍ଟରୀ ପାସକରି ୧୯୧୨ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି କଲିକତା ହାଇକୋର୍ଟରେ ଓକିଲାତି ଆରମ୍ଭ କଲେ। କାରଣ ସେତେବେଳେ କୌଣସି ବାରିଷ୍ଟର ତଳ କୋର୍ଟରେ ଓକିଲାତି କରିବାର ବିଧି ନଥିଲା। କଟକ ଏକ ବଡ

Digitized by srujanika@gmail.com

ସହର ହୋଇଥିଲେ ବି କଲିକତା ଓଡ଼ିଆମାନଙ୍କର ସବୁଠାରୁ ବଡ ସହର ଥିଲା। ସେତେବେଳେ 'ଦେଶମିଶ୍ରଣ' ଆନ୍ଦୋଳନ ପାଇଁ କଲିକତାରେ ଥିବା ଖଟିଖିଆ ଓଡ଼ିଆମାନଙ୍କୁ ସଂଗଠିତ କରିବାର ଏକ ସୁଯୋଗ ରୂପେ ସେ ବିଚାର କରିଥିଲେ।

୧୯୨୦ ବେଳକୁ ଗଂଜାମରେ 'ଦେଶମିଶ୍ରଣ'ର ଡାକ ଏକ ଅଦୃଶ୍ୟ ଆନ୍ଦୋଳନରେ ପରିଣତ ହୋଇଗଲା। 'ଦେଶମିଶ୍ରଣ'ର ଅନ୍ତର୍ନିହିତ ଲକ୍ଷ୍ୟ ଥିଲା ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ମିଶାଇ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା। ମାତ୍ର ଖୋଲମଖୋଲା ଉତ୍କଳ ସମ୍ମିଳନୀର ମଧ୍ୟବିତ୍ତୀ ଓ ସାମନ୍ତବାଦୀ ରାଜା, ରାଜୁଡ଼ା ନେତୃତ୍ୱ କେହି ଦୃଢ଼ତାର ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଆଗତ କରିବାକୁ ସାହସ କରୁ ନଥିଲେ।

ସମଗ୍ର ଓଡ଼ିଆ ଭାଷାଭାଷୀମାନଙ୍କର 'ଦେଶମିଶ୍ରଣ' କଥା ଉଠିଲେ ଅବିଭକ୍ତ ମାନ୍ଦ୍ରାଜ ପ୍ରଦେଶର ତେଲ୍‌ଗୁ ଗୋଷ୍ଠୀ, ଅବିଭକ୍ତ କେନ୍ଦ୍ର ପ୍ରଦେଶର ଛତିଶଗଡରେ ଥିବା ନ୍ୟସ୍ତସ୍ୱାର୍ଥ ଅଣଓଡ଼ିଆ ଗୋଷ୍ଠୀ, ଅବିଭକ୍ତ ବିହାର ପ୍ରଦେଶର ଝାଡଖଣ୍ଡ ଅଂଚଳରେ ଥିବା କୁଚକ୍ରୀ ଗୋଷ୍ଠୀ ଓ ବଂଗପ୍ରଦେଶର ଆଧିପତ୍ୟବାଦୀ ଗୋଷ୍ଠୀ ବିରୂପ ମନ୍ତବ୍ୟ କରୁଥିଲେ।

୧୯୧୯ ଶାସନ ସଂସ୍କାର ଆଇନ ବଳରେ ''ସ୍ୱାୟତ ଶାସନ ଅଧିକାର'' ପାଇବା ପାଇଁ ଲାଳାୟିତ ସଂପୃକ୍ତ ୪ ପ୍ରଦେଶର କଂଗ୍ରେସ କର୍ମକର୍ତ୍ତାମାନେ କେହି ହେଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ନଥିଲେ। କଂଗ୍ରେସ ଭାଷାଭିତ୍ତିକ ପ୍ରଦେଶ ଗଠନ ଚାହୁଁ ନଥିଲା। ମୟୁରଭଞ୍ଜ ମହାରାଜାଙ୍କ ସ୍ୱାର୍ଥ ବଙ୍ଗପ୍ରଦେଶ ସହିତ ଯୋଡି ହୋଇଥାଏ। ତେଣୁ ସେ ବଙ୍ଗରେ ମିଶିବା ପାଇଁ ଚାହୁଥିଲେ। ଏପରିକି ୧୯୦୪ ଉତ୍କଳ ସମ୍ମିଳନୀରେ ମଧୁବାବୁ ସମଗ୍ର ଓଡ଼ିଆ ଭାଷାଭାଷୀ ଅଂଚଳ ବଙ୍ଗ ପ୍ରଦେଶ ସହିତ ମିଶିବା ପାଇଁ କହୁଥିଲାବେଳେ ଗୋପବନ୍ଧୁ ଦାସ କେନ୍ଦ୍ର ପ୍ରଦେଶରେ ମିଶିବା ପାଇଁ କହୁଥିଲେ। ଆହୁରି ୧୯୨୧ ଚକ୍ରଧରପୁର ଅଧିବେଶନରେ ଉତ୍କଳ ସମ୍ମିଳନୀକୁ କଂଗ୍ରେସରେ ମିଶାଇଦେବା ପ୍ରସ୍ତାବ ଗୋପବନ୍ଧୁଙ୍କ ଉପସ୍ଥିତିରେ ଗୃହୀତ ହେବା ପରେ ପ୍ରତିବାଦରେ ମଧୁବାବୁ ଓ ବିଶ୍ୱନାଥ ସଭା ତ୍ୟାଗକରି ଥିଲେ। ପରେ ପରେ ଗଂଜାମର 'ଦେଶମିଶ୍ରଣ' ଡାକରା ଏକ ଆନ୍ଦୋଳନର ରୂପ ନେଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅପରିହାର୍ଯ୍ୟତା ଦୃଢ଼ ହେଲା।

ଜାତୀୟ କଂଗ୍ରେସରେ ଯୋଗଦେବା ପାଇଁ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କୁ ଲୋଡା ଯାଇଥିଲା। ଗାନ୍ଧିଜୀଙ୍କ ପ୍ରସ୍ତାବ କ୍ରମେ ମୋତିଲାଲ ନେହେରୁ ଓ ଚିତ୍ତରଞ୍ଜନ ଦାସଙ୍କ

Digitized by srujanika@gmail.com

ପରି ବରିଷ୍ଠ ଓକିଲମାନେ କଂଗ୍ରେସରେ ଯୋଗ ଦେଉଥାନ୍ତି। ଗାନ୍ଧିଜୀଙ୍କ ପକ୍ଷରୁ ପ୍ରସ୍ତାବ ଆସିଥିଲେ ମଧ ସେ ଗ୍ରହଣ କରିପାରି ନଥିଲେ। କାରଣ କଂଗ୍ରେସର 'ଅସହଯୋଗ ଆନ୍ଦୋଳନ' ସହିତ 'ଦେଶମିଶ୍ରଣ' ଆନ୍ଦୋଳନକୁ ଜଡିତକଲେ ଉତ୍କଳ ପ୍ରାଦେଶିକ କଂଗ୍ରେସ ଓ ମାନ୍ଦ୍ରାଜ ପ୍ରାଦେଶିକ କଂଗ୍ରେସ ମଧ୍ୟରେ ବିବାଦ ମୁଣ୍ଡଟେକିବାକୁ ବାଧ। କଂଗ୍ରେସ ନେତୃତ୍ୱ ସବୁ ପ୍ରକାର ଭାଷାଭିତ୍ତିକ ରାଜ୍ୟ ଗଠନକୁ ବାତିଲକରି କେବଳ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଉଥିଲା। ତେଣୁ ବିଶ୍ୱନାଥ କଂଗ୍ରେସ ଭିତରେ ରହି ଆପୋଷ ଝଗଡା କରିବାଠାରୁ କଂଗ୍ରେସ ବାହାରେ ରହି 'ଦେଶମିଶ୍ରଣ' ଆନ୍ଦୋଳନ ଅବ୍ୟାହତ ଚଳାଇ ଯିବାକୁ ସ୍ଥିର କରିଥିଲେ।

(୭)

ସେ ସ୍ୱାଧୀନଭାବେ ଦୁଇ ଥର କେନ୍ଦ୍ର ବିଧାନ ସଭାକୁ ନିର୍ବାଚିତ ହୋଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ଦିଗରେ ନାନାପ୍ରକାର ଯୁକ୍ତି ଉପସ୍ଥାପନା କରିବା ଫଳରେ ଅନେକ ବନ୍ଧୁ ତାଙ୍କୁ କେନ୍ଦ୍ର ବିଧାନସଭା ଭିତରେ "ମିଷ୍ଟର ଓଡ଼ିଶା" ବୋଲି ସମ୍ବୋଧନ କରୁଥିଲେ। ସେ ପ୍ରଥମେ ମାର୍ଚ୍ଚ ୧୫, ୧୯୨୨ରେ କେନ୍ଦ୍ର ବିଧାନ ସଭାର ସଭ୍ୟ ରୂପେ ଶପଥ ପାଠ କରିଥିଲେ। ପୁନର୍ବାର ମେ ୩୧, ୧୯୩୦ରେ ୨ୟ ଥର ସେ କେନ୍ଦ୍ର ବିଧାନ ସଭାକୁ ନିର୍ବାଚିତ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ତା୨୨.୦୯.୧୯୩୩ ଯାଏ ସଭ୍ୟ ରହିଥିଲେ। କେନ୍ଦ୍ର ବିଧାନ ସଭାର ପ୍ରତ୍ୟେକ ଅଧିବେଶନ ଓ ଆଲୋଚନାରେ ସକ୍ରିୟ ଅଂଶ ନେଉଥିଲେ। ସେ ସମ୍ପର୍କରେ ଲେଖକ ସୁବିସ୍ତୃତ ବିବରଣୀ ଉପସ୍ଥାପନ କରିଛନ୍ତି।

'ଦେଶମିଶ୍ରଣ' ଆନ୍ଦୋଳନ ପକ୍ଷରୁ ଅବିଭକ୍ତ ମାନ୍ଦ୍ରାଜ ପ୍ରଦେଶରୁ ଓଡ଼ିଆ ଭାଷାଭାଷୀ ଅଂଚଳ ଚାଲିଆସି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀ ଅବ୍ୟାହତ ଥିବା ବେଳେ, ମାନ୍ଦ୍ରାଜ ପ୍ରଦେଶର କଂଗ୍ରେସ କମିଟି ବିରୋଧ କରୁଥିଲା। ତତ୍କାଳୀନ ଖଲ୍ଲିକୋଟ, ବଡଖେମୁଣ୍ଡି, ସାନଖେମୁଣ୍ଡି, ପାରଳାଖେମୁଣ୍ଡି, ଜଳନ୍ତର, ମଞ୍ଜୁଷା, ଟିକାଲି, ଧରାକୋଟ, ସୁରଙ୍ଗୀ, ଚିକିଟି, ପାର୍ବତୀପୁର, ବିଜୟନଗର, ବିଶାଖାପାଟଣା, ଜୟପୁର ଆଦି ଜମିଦାରୀର ଜମିଦାରମାନେ ସମସ୍ତେ ଓଡ଼ିଆ ଥିଲେ। ଏସବୁ ଜମିଦାରୀରେ ବାସକରୁଥିବା ଅଧିବାସୀମାନେ ଓଡ଼ିଆଭାଷୀ ଥିଲେ ଏବଂ ଯେଉଁ ସଉରା, ଶବର, କୁଇ, କୁଟିଆ, ଡଙ୍ଗରିଆ, କନ୍ଧ, ପରଜା, ଗଦବା, ବଣ୍ଡା, କୋୟା, ଗଉଡ଼, ମାଳି ଆଦି ଆଦିମ ଅଧିବାସୀମାନେ ବାସକରୁଥିଲେ ସେମାନଙ୍କର

Digitized by srujanika@gmail.com

ନିଜସ୍ୱ କଥିତ ମାତୃଭାଷା ଥିଲେ ବି ସେମାନେ ଓଡ଼ିଆଭାବେ ନିଜନିଜର ପରିଚୟ ସାବ୍ୟସ୍ତ କରୁଥିଲେ।

ଉତ୍କଳର ସାର୍ବଭୌମତ୍ୱ ପାଇଁ ଅତୀତରେ ବାହ୍ୟ ଆକ୍ରମଣ ବିରୁଦ୍ଧରେ ଆଦିବାସୀମାନେ ବାରମ୍ବାର ଲଢ଼ିଥିବାର ପ୍ରମାଣ ରହିଛି। ଗତ ୪ ଶହ ବର୍ଷ ଧରି ଆଦିବାସୀମାନେ ମୁସଲମାନ, ମୋଗଲ, ମରହଟ୍ଟା, ବ୍ରିଟିଶ ଇଷ୍ଟ ଇଣ୍ଡିଆ କଂପାନୀର ଶାସନ ଓ ପ୍ରତ୍ୟକ୍ଷ ବ୍ରିଟିଶ ଶାସନ ବିରୁଦ୍ଧରେ ବାରମ୍ବାର ଲଢ଼ାଇ କରିଛନ୍ତି। ମାଲକାନାଗିରିର ଆଦିବାସୀ ବିଦ୍ରୋହ ଏହାର ଏକ ଦୃଷ୍ଟାନ୍ତ। ଉର୍ଲାଦାନୀଠାରୁ କନ୍ଧମାଳ, ଭଂଜନଗର ଯାଏ କନ୍ଧ ମେଳି, କନ୍ଧ ବିଦ୍ରୋହ ସ୍ୱଦେଶପ୍ରେମୀ ଯୁଦ୍ଧର ପ୍ରମାଣ କରେ। ଏସବୁ ହେଲା ପ୍ରାଚୀନ ଉତ୍କଳର ଇତିହାସ। ଏପରି ଏକ ଗୌରବୋଜ୍ଜ୍ୱଳ ପୃଷ୍ଠଭୂମିରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଂଚଳକୁ ମିଶାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପରିକଳ୍ପନା କରିଥିଲେ ବାରିଷ୍ଟର ବିଶ୍ୱନାଥ ମିଶ୍ର। ବିଶେଷକରି ସେ ପାରଳାଖେମୁଣ୍ଡି, ଜୟପୁର ଜମିଦାରୀରେ ଥିବା ସୁବିସ୍ତୃତ ପାର୍ବତ୍ୟାଂଚଳ, କେନ୍ଦ୍ର ପ୍ରଦେଶ, ବିହାର ଓ ବଙ୍ଗ ପ୍ରଦେଶର ଓଡ଼ିଆଭାଷୀ ଅଂଚଳଗୁଡ଼ିକୁ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ନକ୍ସା ପ୍ରସ୍ତୁତ କରିଥିଲେ। ସେ ବୁଝିଥିଲେ ଘଟଣା ପ୍ରବାହର ସମସ୍ତ ଘାତପ୍ରତିଘାତ ହିଁ ଇତିହାସ। "ପ୍ରାଚୀନ ଉତ୍କଳର ଇତିହାସ" ସେ ରଚନା କରିଥିଲେ। ତାଙ୍କର ଅକାଳ ମୃତ୍ୟୁ ଯୋଗୁଁ ତାହା ଅପ୍ରକାଶିତ ରହିଗଲା। ମାତ୍ର ତତ୍‌କାଳୀନ ପତ୍ରପତ୍ରିକା ଓ ନିଜ ସଂପାଦିତ ପତ୍ରିକାରେ ବହୁ ଐତିହାସିକ ତଥ୍ୟ ସମ୍ବଳିତ ଲେଖା ସମଗ୍ର ଓଡ଼ିଆଭାଷୀ ଅଂଚଳର ଏକତ୍ରୀକରଣ ପାଇଁ ଲେଖି ଚାଲିଥିଲେ ଓ କେନ୍ଦ୍ର ବିଧାନ ସଭାରେ ମଧ୍ୟ ବାରମ୍ବାର ଉଠାଉଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ସଂପୂର୍ଣ୍ଣଭାବେ ଉତ୍ସର୍ଗୀକୃତ ଥିଲେ।

ବିଶ୍ୱନାଥଙ୍କର ଅକାଳମୃତ୍ୟୁ ୧୯୩୩ରେ ହେଲା। ୧୯୩୬ରେ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା ସେଥିରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଂଚଳ ରହିଲା ନାହିଁ। ବିଶେଷକରି ବିଶାଖାପାଟଣା, ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀର ଅଧିକାଂଶ ଓଡ଼ିଆ ଭାଷାଭାଷୀ ଅଂଚଳ ଅବିଭକ୍ତ ମାନ୍ଦ୍ରାଜ ପ୍ରଦେଶରେ ରହିଗଲା ଏବଂ ଏବେ ଆନ୍ଧ୍ରପ୍ରଦେଶରେ ରହିଛି। ପୂର୍ବେ ଯିଏ ଜୟପୁର ଏଜେନ୍ସି ରୂପେ ଖ୍ୟାତ ଥିଲା ତାହା ଆଜି ବିଶାଖାପାଟଣା ଏଜେନ୍ସି ହୋଇଛି। ମତ୍ସ୍ୟବଂଶର ରାଜୁତି କିଛିକାଳ ସେଠାରେ ଚାଲିଥିଲା। ନନ୍ଦପୁର ଥିଲା ରାଜଧାନୀ। ମାଛକୁଣ୍ଡ ଅବବାହିକାକୁ ପୂର୍ବେ

Digitized by srujanika@gmail.com

'ମତ୍ସ୍ୟକ୍ଷେତ୍ର' କୁହାଯାଉଥିଲା। ସ୍ଥାନୀୟ ଆଦିବାସୀଙ୍କର ବିଶ୍ୱାସ 'ମୀନ ଅବତାର'ରେ ଭଗବାନ ଏହି 'ମତ୍ସ୍ୟକ୍ଷେତ୍ର'ରେ ଆର୍ବିଭାବ ହୋଇଥିଲେ। ଶ୍ରୀଚୈତନ୍ୟ ମଧ ଏହି ମତ୍ସ୍ୟକ୍ଷେତ୍ର ପରିଦର୍ଶନରେ ଆସିଥିଲେ। ଏକ ପୁରାଣପ୍ରସିଦ୍ଧ ଉତ୍କଳୀୟ କ୍ଷେତ୍ରକୁ ବ୍ରିଟିଶ ସାମ୍ରାଜ୍ୟବାଦୀମାନେ କ୍ଷମତାର ଦମ୍ଭରେ ଭାଗ ଭାଗ କରି ଅବିଭକ୍ତ ମାନ୍ଦ୍ରାଜ ପ୍ରଦେଶରେ ମିଶାଇଦେଲେ।

ମାଛକୁଣ୍ଡ ନଦୀ ବାହାରିଥିବା ପାର୍ବତ୍ୟାଞ୍ଚଳ ଥିଲା ଓଡ୍ଡାଦି ଭୂଖଣ୍ଡ। ଓଡ୍ଡ+ଆଦି = ଓଡ୍ଡାଦି, ଓଡ଼ିଆ ଜାତିର ଆଦିସ୍ଥାନ ତଥା ଓଡ଼ିଶାର ଆରମ୍ଭ ସ୍ଥାନ ବର୍ତ୍ତମାନ ଆନ୍ଧ୍ର କବଳରେ। ଯେଉଁ ଓଡ଼ିଆ ଭାଷାଭାଷୀମାନେ ଆଜି ଆନ୍ଧ୍ର, ଛତିଶଗଡ, ଝାଡଖଣ୍ଡ ବା ବଙ୍ଗ ପ୍ରଦେଶରେ ବାସ କରୁଛନ୍ତି ସେମାନଙ୍କ ମାତୃଭାଷା ଲଗାତର ଗଣହତ୍ୟାରେ ଖତମ ହୋଇଚାଲିଛି। ମାତୃଭାଷାରେ ପାଠପଢ଼ିବା ଏକ ସାମ୍ବିଧାନିକ, ମାନବିକ ଓ ମୌଳିକ ଅଧିକାର। ଜାତିସଂଘରେ ସାରା ସଂସାର ପାଇଁ ଏହି ନୀତି ସ୍ୱୀକୃତ। ଉପରୋକ୍ତ ରାଜ୍ୟଗୁଡ଼ିକରେ ବାସକରୁଥିବା ଓଡ଼ିଆ ଶିଶୁଙ୍କୁ ମାତୃଭାଷାରେ ପାଠପଢ଼ିବାର ଅଧିକାରରୁ ବଂଚିତ କରିବା ଗଣହତ୍ୟା ସଙ୍ଗେ ସମାନ।

ପ୍ରାଚୀନ ଉତ୍କଳର ଗୌରବୋଜ୍ଜ୍ୱଳ ଇତିହାସରେ ଓଡ଼ିଆ ଭାଷା, ଭାଷାର ମାନ୍ୟତା ଓ ଶାସ୍ତ୍ରୀୟତାକୁ ବିଶ୍ୱନାଥ ମିଶ୍ର ପ୍ରାଧାନ୍ୟ ଦେଇଥିଲେ। ଓଡ଼ିଆ ଜାତିର ଆଦିସ୍ଥାନ ନିର୍ଣ୍ଣୟ କରିବାଠାରୁ ଚାରୋଟି ପ୍ରଦେଶରେ ଥିବା ସମଗ୍ର ଓଡ଼ିଆ ଭାଷାଭାଷୀ ଅଂଚଳ ସହିତ ସୁସଂପର୍କ ପ୍ରତିଷ୍ଠା କରି ଏକ ଶୃଙ୍ଖଳରେ ଆବଦ୍ଧ ହୋଇଥିଲେ। ମାତ୍ର ତାଙ୍କ ଲିଖିତ 'ପ୍ରାଚୀନ ଉତ୍କଳର ଇତିହାସ' ଅପ୍ରକାଶିତ ରହିଯିବା ଯୋଗୁଁ ମନମୋହନ ବାବୁ ତାଙ୍କୁ ଜଣେ 'ଆତ୍ମବିଲୟୀ ସ୍ୱଭାବର' ଲୋକରୂପେ ଚିତ୍ରଣ କରିଛନ୍ତି। ସେ ଆତ୍ମପ୍ରତିଷ୍ଠା ଓ ଆତ୍ମବଡ଼ିମାଠାରୁ ଦୂରେଇ ରହୁଥିଲେ। ହେଲେ ବି ଏହି ଜୀବନୀଟି ଜଣେ ଆତ୍ମବିଲୟୀର ଆତ୍ମକଥା ପର୍ଯ୍ୟାୟର ନୁହେଁ। ଏହାର ସୁଦୂରପ୍ରସାରୀ ସ୍ୱଦେଶପ୍ରେମୀ ଓ ଜାତିପ୍ରେମୀ ଦିଗ ସବୁ ଲେଖକ ଉଦ୍‌ଘାଟନ କରିଛନ୍ତି। ଓଡ଼ିଆ ଭାଷା ଜୟ ହୋ !

ରବି ଦାଶ

ସଂପାଦକ, ମନମୋହନ ମିଶ୍ର ଗ୍ରନ୍ଥାବଳୀ

Digitized by srujanika@gmail.com

ସୂଚନା

ଜୀବନୀ କହିଲେ ଜଣେ ବ୍ୟକ୍ତିର ଜୀବନ ପଞ୍ଜିକା ବା ବ୍ୟକ୍ତିଗତ ଜୀବନର ଘଟଣାକୁ ବୁଝାଏ ନାହିଁ। ଏହାର ପୃଷ୍ଠଭୂମିରେ ଥାଏ କାଳଖଣ୍ଡର ଇତିହାସ। ତତ୍‌କାଳୀନ ସମାଜ ଓ ସମୟରେ ବ୍ୟକ୍ତିର ସ୍ଥିତି ଓ ସମ୍ପୃକ୍ତି ତା' ନିଜ ଜୀବନର ଘଟଣାକ୍ରମ ଦେଇ ଆସେ। ସମାଜ, ସଂସ୍କୃତି, ରାଜନୀତି, କଳା, ସ୍ଥାପତ୍ୟ, ପ୍ରଥା, ପରମ୍ପରା ସବୁ ଥାଏ ଏହି ସାମାଜିକ ଭୂଚିତ୍ର ଭିତରେ – ଏହାହିଁ ଜୀବନୀର ମୂଳମର୍ମ। ଏହାହିଁ ଜୀବନୀର ଆଙ୍ଗୀକର ଇତିହାସ। ଆଉ ଏଥିପାଇଁ ଜୀବନୀ ସାହିତ୍ୟ ମର୍ଯ୍ୟାଦା ପାଏ। ତାହା ନ ହୋଇଥିଲେ ବୋସୱେଲଙ୍କ ଲିଖିତ 'ଲାଇଫ୍ ଅଫ୍ ଡକ୍ଟର ଜନସନ୍' ଏକ ଅମର ସାହିତ୍ୟକୃତିଭାବେ ବିବେଚିତ ହେଉନଥାନ୍ତା।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବାମପନ୍ଥୀ ଶ୍ରମିକ ନେତା ମନମୋହନ ମିଶ୍ରଙ୍କ ଲିଖିତ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଜୀବନୀ 'ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ' ଓଡ଼ିଆ ଜୀବନୀ ସାହିତ୍ୟର ଏକ ମାନକ ଭାବେ ଗ୍ରହଣ କରାଯାଇପାରିବ। କାରଣ ଏହା ନୁହେଁ ଯେ ସେ ଓଡ଼ିଶାର ପ୍ରଥମ ବାରିଷ୍ଟର ଥିଲେ ବା କେନ୍ଦ୍ର ବିଧାନସଭାରେ ଦୁଇଥର ସଦସ୍ୟ ରହିଥିଲେ। ଜୀବନୀଟି ପାଠକଲେ ଜଣାପଡ଼େ ଯେ ଏହା ବିଶ୍ୱନାଥ ମିଶ୍ରଙ୍କର ବାଲ୍ୟଜୀବନ, ଛାତ୍ରାବସ୍ଥା ବା ବୃତ୍ତିଗତ ଜୀବନର ଘଟଣାବଳୀର କାଳାନୁକ୍ରମିକ ବର୍ଣ୍ଣନା ନହୋଇ ଏହା ଏକ କାଳଖଣ୍ଡ (୧୮୭୮-୧୯୩୩)ର ଏକ ଅନ୍ତରଙ୍ଗ ଇତିହାସ ହୋଇଯାଇଛି। ଏଥିରେ ରହିଛି ସେ ସମୟର ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ଇତିହାସ ଓ ଏହି କ୍ରମରେ ଏକ ଉପନିବେଶିକ ଶାସନ ବ୍ୟବସ୍ଥା ଭିତରେ ଓଡ଼ିଶାର ସାମାଜିକ, ଅର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଜୀବନର ବିବର୍ତ୍ତନର ଧାରା। ଏଥିରେ ରହିଛି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ସଂଘର୍ଷମୟ ଇତିହାସ ଓ ଏହି ଆନ୍ଦୋଳନରେ ଭାରତୀୟ ଜାତୀୟ କଂଗ୍ରେସର ଭୂମିକା। ପୁଣି ରହିଛି ଓଡ଼ିଶାରେ ଶିକ୍ଷା ବିସ୍ତାର, ସାମାଜିକ ସଂସ୍କାର, ସ୍ୱାଧୀନତା ସଂଗ୍ରାମ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ଐତିହାସିକ ବିବରଣୀ। ଏସବୁ ପାଠକଲେ ଲାଗେ ଯେ ବିଶ୍ୱନାଥ ମିଶ୍ର ଥିଲେ ଓଡ଼ିଶାର ନବଜାଗରଣ ପର୍ବର ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ, ପ୍ରକୃତରେ 'ଉତ୍କଳରତ୍ନ'।

Digitized by srujanika@gmail.com

ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକରୁ ବିଂଶ ଶତାବ୍ଦୀର ପ୍ରଥମ ତିନି ଦଶକର ଶେଷଯାଏ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ସାମାଜିକ, ଅର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଦୃଶ୍ୟପଟ ହିଁ ଏହି ଜୀବନୀର ମୂଳ ନିର୍ଯ୍ୟାସ। ଓଡ଼ିଶାରେ ଉପନିବେଶିକ ରାଜନୈତିକ ବ୍ୟବସ୍ଥା ଭିତରେ ବଦଳୁଥିବା ସମୟ ଓ ସମାଜର ଇତିହାସକୁ ଏକ ଜୀବନୀର ଆଙ୍ଗିକରେ ରଚନା କରି ସଂଗ୍ରାମୀ ମନମୋହନ ମିଶ୍ର ଏକ ଜାତୀୟ କର୍ତ୍ତବ୍ୟ ସମ୍ପାଦନ କରିଅଛନ୍ତି। ଏହି ପୁସ୍ତକର ପୁର୍ନମୁଦ୍ରଣ ଆମ ସମସ୍ତଙ୍କ ପାଇଁ ଏକ ଖୁସିର ଖବର।

ତା୦୬.୦୨.୨୦୧୪

ଯତୀନ୍ଦ୍ର କୁମାର ନାୟକ
ପ୍ରଫେସର, ଇଂରାଜୀ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

Digitized by srujanika@gmail.com

ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ

ବାରିଷ୍ଟର ବିଶ୍ୱନାଥ ମିଶ୍ର ମାତୃଭାଷାର ସୁରକ୍ଷା ଓ ବିକାଶ ପାଇଁ ବ୍ୟାପକ ଓଡ଼ିଆଭାଷୀ ଅଞ୍ଚଳ ମେଦିନପୁର, ଷଢ଼େଇକଳା, ଖରସୁଆଁ, ଘଇବସା, ଚକ୍ରଧରପୁର ଠାରୁ ଖଡିଆଳ, ଛତିଶଗଡ ଦେଇ ମଞ୍ଜୁଷା, ବିଶାଖାପାଟଣା, ଓଡ୍ଡାଦି, ଜୟପୁର,ପାରଳାଖେମୁଣ୍ଡିଯାଏ 'ଦେଶମିଶ୍ରଣ' ଓ 'ଏକତ୍ରୀକରଣ' ର ନକ୍ସା ଆଙ୍କିଥିଲେ। ଓଡ଼ିଆ ଭାଷାଭାଷୀମାନଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ସେ ଅଗ୍ରଦୂତ ଥିଲେ।

୧୯୩୩ ମହାଳୟା ଦିନ କେନ୍ଦ୍ର ବିଧାନ ସଭା ଅଧିବେଶନ ଚାଲୁଥିବା ପର୍ଯ୍ୟାୟରେ ସୁଦୂର ସିମ୍ଲାଠାରେ ସେ ଅକାଳ ମୃତ୍ୟୁବରଣ କଲେ। ତାଙ୍କର ପୂର୍ଣ୍ଣାଙ୍ଗ ଜୀବନୀ "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ପୁନଃପ୍ରକାଶ ଅବସରରେ ମୋତେ ଦୁଇପଦ ଲେଖିବାକୁ ପଡୁଛି।

ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ନହୋଇଥିଲେ ବି ଅଧିକାଂଶ ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏପ୍ରିଲ ୧, ୧୯୩୬ରେ ତତ୍‌କାଳୀନ ବ୍ରିଟିଶ ସରକାର ଘୋଷାଣା କଲେ। ୧୯୩୬ ମସିହାରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ସତ, ମାତ୍ର ଏହି ଦୀର୍ଘ ୭୮ ବର୍ଷ ମଧ୍ୟରେ ଓଡ଼ିଶାର ବାସ୍ତବ ସମସ୍ୟା ତଥା ଓଡ଼ିଆମାନଙ୍କର ଭାଷା, ସଂସ୍କୃତି, ସାହିତ୍ୟ, ଭାଷାର ମାନ୍ୟତା ଓ ଶାସ୍ତ୍ରୀୟତା ଏବଂ ପୂଜ୍ୟପୂଜାର ବିକାଶ ଦିଗରେ ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ। ପ୍ରାଚୁର୍ଯ୍ୟଭରା ଓଡ଼ିଶାର ଭାଗ୍ୟ ବଦଳି ପାରିଲା ନାହିଁ। ଏହାର ଭୌଗଳିକ ସୀମାରେଖା ପରିବର୍ତ୍ତିତ ହୋଇପାରିଲା ନାହିଁ। ଏବେ ବି ଅନେକ ଓଡ଼ିଆଭାଷୀ ବିଚ୍ଛିନ୍ନାଞ୍ଚଳ ଆନ୍ଧ୍ର, ଛତିଶଗଡ, ବିହାର ଓ ପଶ୍ଚିମ ବଙ୍ଗରେ ରହିଛି। ସ୍ୱାଧୀନତା ପରଠାରୁ କ୍ଷମତାଲିପ୍ସା ଓ ରାଜନୈତିକ ଅସ୍ଥିରତା ବିକାଶ ପଥରେ ଘୋର ଅନ୍ତରାୟ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ପୂଜ୍ୟପୂଜାର ବ୍ୟତୀକ୍ରମ ଘଟିଲେ ଦେଶ ତଥା ଜାତୀୟ ସ୍ୱାଭିମାନର ବାସ୍ତବ ବିକାଶ ହୁଏ ନାହିଁ। ଯଦି ଏକଥା ସତ୍ୟ ବୋଲି ଧରି ନିଆଯାଏ ତାହାହେଲେ ଏଠାରେ ସ୍ୱୀକାର କରିବାକୁ ପଡିବ ଯେ ଓଡ଼ିଶାର କୌଣସି ରାଜନୈତିକ ଦଳ ପୂଜ୍ୟପୂଜାର

Digitized by srujanika@gmail.com

ବିକାଶ ଦିଗରେ କେବେହେଲେ ଉଦ୍ୟମ କରିନାହାନ୍ତି। ଯେଉଁମାନେ ବେସରକାରୀ ସ୍ତରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାଧ୍ୟମରେ ଉଦ୍ୟମ କରିଛନ୍ତି, ସରକାର ସେମାନଙ୍କୁ କୌଣସି ସାହାଯ୍ୟ କରିବାକୁ ଚାହି ନାହାନ୍ତି।

ବିଭିନ୍ନ ସମୟରେ ସରକାରୀ ବ୍ୟକ୍ତିମାନେ ବିଭିନ୍ନ ସ୍ମୃତି ସଭାରେ ଯୋଗ ଦେଇଛନ୍ତି, ଫୁଲ ହାର ପିନ୍ଧିଛନ୍ତି, ଭାଷଣ ଦେଇଛନ୍ତି; କିନ୍ତୁ ତାଙ୍କର ସେହି ପ୍ରତିଶୃତି ତାଙ୍କରି ଫାଇଲ ଭିତରେ ସୀମିତ ରହିଛି। ତେଣୁ ସରକାରୀ ସ୍ତରରେ ଏହା କେତେଦୂର ହାସ୍ୟାସ୍ପଦ ଓ ଅତୀତ ଗୌରବ ପ୍ରତି କେତେବଡ଼ ଅବମାନନା ତାହା ଆଜି ଚିନ୍ତାର ବିଷୟ ହୋଇପଡିଛି। ତେଣୁ ଯଥାର୍ଥରେ ସ୍ୱର୍ଗତ ଗୋଦାବରୀଶ ମିଶ୍ର କହିଥିଲେ "ଆଜି ଆମ ଘରର ଦଶା ଅର୍ଥାତ୍ ଆମ୍ଭମାନଙ୍କର ଅବସ୍ଥା ଯାହା, ସେଥିରେ ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ଅନ୍ଧକାର ଯୁଗ ବ୍ୟତୀତ ଆଉ କ'ଣ ହୋଇପାରେ ?"

ଅତୀତ ଇତିହାସର ପୃଷ୍ଠା ଖୋଲିଲେ କେତେ ଯେ ପ୍ରତିଭାସମ୍ପନ୍ନ ବ୍ୟକ୍ତି ସେମାନଙ୍କର ପ୍ରତିଭା ବିକିରଣ କରି ଝଡି ପଡିଛନ୍ତି, ତା'ର ଇୟତା ନାହିଁ। ସେମାନଙ୍କୁ କେହି କେବେହେଲେ ଦିନେ ସ୍ମରଣ ବି କରିନାହାନ୍ତି।

ସ୍ୱର୍ଗତ ବାରିଷ୍ଟର ବିଶ୍ୱନାଥ ମିଶ୍ର ସେହିପରି ହେଉଛନ୍ତି ଅନ୍ୟତମ ଯେ କି ତତ୍‌କାଳୀନ ଭାରତ ତଥା ଓଡ଼ିଶାରେ ଥିଲେ ଜଣେ ଉଜ୍ଜଳ ନକ୍ଷତ୍ର ଭଳି। କେବଳ ଯେ ଓଡ଼ିଶାର ପ୍ରଥମ ବାରିଷ୍ଟର କିମ୍ବା ଜଣେ ପ୍ରଖ୍ୟାତ ଆଇନଜୀବୀ, ସେ ଦୃଷ୍ଟିରୁ ନୁହେଁ; ରାଜନୀତି, ସମାଜସେବା, ବ୍ୟବସ୍ଥାପକ ଏବଂ ସମ୍ପାଦକ ଭାବରେ ସେ ଜଣେ ଖ୍ୟାତିସମ୍ପନ୍ନ ବ୍ୟକ୍ତି ଥିଲେ। କେଉଁ କାରଣରୁ ତାଙ୍କର ମୃତ୍ୟୁପରେ, ତାଙ୍କର ପ୍ରତିଭାକୁ ଘୋଡାଇ ଦିଆଗଲା, ତା'ର ଉତ୍ତର ଦେବାକୁ ଆଜି ସମସ୍ତେ ନୀରବ ଏବଂ ନୀରବ ଓଡ଼ିଶାର ଇତିହାସ । କେବଳ ତାଙ୍କୁ ନୁହେଁ, ଓଡ଼ିଶାର ବହୁ ପ୍ରତିଭାଙ୍କୁ ମଧ୍ୟ ଜାଣିଶୁଣି ଲୁଚାଇ ଦିଆଯାଇଛି।"

୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ଉଠିଲାପରେ ଶ୍ରୀ ମନମୋହନ ମିଶ୍ର "ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ମୃତି କମିଟି"ର ଅନୁରୋଧ କ୍ରମେ ବିଶ୍ୱନାଥଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ଲେଖିବାର ଏକ ଐତିହାସିକ ଦାୟିତ୍ୱ ଗ୍ରହଣ କଲେ। ମୋତେ ମନମୋହନ ବାବୁଙ୍କର ସହଯୋଗୀର ଦାୟିତ୍ୱ ମିଳିଲା। "ଦେଶ ମିଶ୍ରଣ" ଆନ୍ଦୋଳନ ସମୟରେ ବିଶ୍ୱନାଥ ଯେଉଁ ଯେଉଁ ଓଡ଼ିଆଭାଷୀ ଅଞ୍ଚଳ ଗସ୍ତକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ନକ୍ସା ପ୍ରସ୍ତୁତ କରିଥିଲେ, ପ୍ରାୟ ପାଖାପାଖି ସେସବୁ

Digitized by srujanika@gmail.com

ଅଞ୍ଚଳକୁ ମନମୋହନବାବୁଙ୍କ ପରାମର୍ଶ କ୍ରମେ ମୋତେ ଯିବାକୁ ପଡିଥିଲା । ପାଖାପାଖି ଓଡ଼ିଶାର ସବୁ ରାଜା, ମହାରାଜା, ବିଶିଷ୍ଟ ନାଗରୀକ ଓ ପ୍ରାଚୀନ ଅନୁଷ୍ଠାନମାନଙ୍କ ସହ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ସଂପର୍କରେ ଆଲୋଚନା ହେଉଥିଲା । 'ଦେଶମିଶ୍ରଣ' ଆନ୍ଦୋଳନରେ ବିଶ୍ୱନାଥଙ୍କ ଭୂମିକା ସଂପର୍କରେ ବିଚ୍ଛିନ୍ନାଞ୍ଚଳରୁ ଅନେକ ସୂଚନା ମିଳିଥିଲା ଯାହାକି ପୂର୍ଣ୍ଣାଙ୍ଗ ଜୀବନୀରେ ଯଥାସ୍ଥାନରେ ସନ୍ନିବେସିତ ହୋଇଛି । ଏହା ଥିଲା ମୋ ଜୀବନରେ ଏକ "ଦୀର୍ଘ ଯାତ୍ରା" ।

ତଥ୍ୟ ସଂଗ୍ରହକରି ମନମୋହନ ବାବୁଙ୍କୁ ଯୋଗାଇଛି । ସେଥିପାଇଁ ମନମୋହନବାବୁଙ୍କର ଅପାର ଶ୍ରଦ୍ଧାର ପାତ୍ର ହୋଇଥିଲି । ବର୍ତ୍ତମାନ ମନମୋହନବାବୁ ନାହାନ୍ତି । ମୁଁ ଶଯ୍ୟାଶାୟୀ । ଆମେ ପ୍ରକାଶକରିଥିବା ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ପୂର୍ଣ୍ଣାଙ୍ଗ ଜୀବନୀ "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ୧୯୭୮ରେ ପ୍ରକାଶ ପାଇଲା ପରେ ଦୁଷ୍ପ୍ରାପ୍ୟ ହୋଇଗଲା । ମନମୋହନ ବାବୁ ମୋତେ ଥରେ କହିଥିଲେ "ବାସୁ, ଆମର ଏତେ ସବୁ ପରିଶ୍ରମ ବିଫଳ ହୋଇଗଲା" ଏବଂ "ବିଦ୍ୟାରନ୍ ପ୍ରକାଶନ" ପକ୍ଷରୁ ମନମୋହନ ମିଶ୍ର ଗ୍ରନ୍ଥାବଳୀ ସିରିଜରେ ତୃତୀୟ ଖଣ୍ଡରେ "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ପ୍ରକାଶ ପାଉଥିବା ଜାଣି ସୁଖୀ ହେଲି । ଆମର ଶ୍ରମ ବିଫଳ ହୋଇନାହିଁ ବୋଲି ଆଶ୍ୱସ୍ତ ହେଲି । ଯଦି ଆମ ଓଡିଆ ଭାଷାଭାଷୀ ଛାତ୍ରଛାତ୍ରୀ, ଯୁବକଯୁବତୀ, କୃଷକ, ଶ୍ରମିକ, ବ୍ୟାପକ ବୁଦ୍ଧିଜୀବୀ, ସଚେତନ ନାଗରିକ ବିଶ୍ୱନାଥଙ୍କର ପୂର୍ଣ୍ଣାଙ୍ଗ ଜୀବନୀଟିକୁ ଆଦରିବେ ତେବେ ଆମ ଶ୍ରମ ସାର୍ଥକ ହେବ ।

ବାସୁଦେବ ସେଠୀ

ପାରାଦୀପ
୦୧.୦୪.୨୦୧୪

ବାସୁଦେବ ସେଠୀ
ସଂପାଦକ
ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ମୃତି କମିଟି

Digitized by srujanika@gmail.com



ବାରିଷ୍ଟର ବିଶ୍ୱନାଥ ମିଶ୍ର

ଜନ୍ମ : ୧୮.୦୮.୧୮୭୮ ମୃତ୍ୟୁ : ୧୯.୦୯.୧୯୩୩

(ମହାଳୟା)

Digitized by srujanika@gmail.com

କମଳା ଦେବୀ
ବିଶ୍ୱନାଥ ମିଶ୍ରଙ୍କ ସହଧର୍ମିଣୀ

Digitized by srujanika@gmail.com

କୃତଜ୍ଞତା

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଲକ୍ଷ୍ୟ ହାସଲ କରିବାପାଇଁ ୧୯୦୩ରୁ ୧୯୩୩ ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ କାଳ ସ୍ୱର୍ଗତ ବିଶ୍ୱନାଥ ମିଶ୍ର ଗଞ୍ଜାମ ଉତ୍କଳ ସମିତି, ବିଶାଖାପାଟଣା ଉତ୍କଳ ସମିତି ଓ କଲିକତା ଉତ୍କଳ ସମିତିଠାରୁ ଉତ୍କଳ ସମ୍ମିଳନୀର ସମସ୍ତ ଅଧିବେଶନ ଓ କାର୍ଯ୍ୟକ୍ରମରେ ସକ୍ରିୟ ଥିଲେ। ବାସ୍ତବରେ ଏସବୁ କାର୍ଯ୍ୟକ୍ରମ 'ଗଙ୍ଗାଠାରୁ ଗୋଦାବରୀ' ଯାଏ ବ୍ୟାପି ଥିଲା।

ବିଶ୍ୱନାଥଙ୍କର ପାଞ୍ଚପୁଅ ନୀଳକଣ୍ଠ, ଗୋପାଳଚନ୍ଦ୍ର, ବୀରକେଶରୀ, ରାଜକେଶରୀ ଓ ପ୍ରତାପରୁଦ୍ର ସମସ୍ତେ ଦିବଂଗତ। ସବା ସାନ ଝିଅ ସୁମତୀ ଦେବୀ କେବଳ ଜୀବିତ। ସେମାନଙ୍କର ବଂଶଧରମାନେ ସମସ୍ତେ ସୁଶିକ୍ଷିତ ଓ ନିଜ ନିଜ ପେଶାରେ କାର୍ଯ୍ୟରତ।

"ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ପ୍ରକାଶନର ପ୍ରସ୍ତୁତି ପର୍ଯ୍ୟାୟରେ ବିଶ୍ୱନାଥଙ୍କ ନାତି ପ୍ରଫେସର ସୂର୍ଯ୍ୟକୁମାର ମିଶ୍ର ମୂଳ ବହିର ଜେରକ୍ସ କପିରେ ଥିବା ଅସ୍ପଷ୍ଟ ଆଲୋକଚିତ୍ରଗୁଡ଼ିକୁ ବିକଶିତ କରି ଇ-ମେଲ ମାଧ୍ୟମରେ ଯୋଗାଇ ଦେଇଥିବାରୁ ପ୍ରକାଶନ ପକ୍ଷରୁ ଶ୍ରୀଯୁକ୍ତ ମିଶ୍ରଙ୍କୁ ଧନ୍ୟବାଦ ଜଣାଉଛି।

ସ୍ୱର୍ଗତ ବିଶ୍ୱନାଥ ମିଶ୍ରଙ୍କ ମତାଦର୍ଶ ଓ ଓଡ଼ିଆପ୍ରାଣତାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପରିବାରର ସଭ୍ୟ ଓ ବନ୍ଧୁମାନେ **"ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ମେମୋରିଆଲ ଟ୍ରଷ୍ଟ"** ରେଜିଷ୍ଟ୍ରେସନ କରିଛନ୍ତି। ରେଜିଷ୍ଟ୍ରେସନ ନଂ : ୧୧୨୧୪୦୧୫୧୧, ତା୧୧.୦୪.୨୦୧୪। ପ୍ରାଚୀନ ଉତ୍କଳର ଗୌରବୋଜ୍ଜ୍ୱଳ ଇତିହାସର ଗବେଷଣା ପାଇଁ ଏହି ଟ୍ରଷ୍ଟ ପଥ ସୁଗମ କରିପାରେ। ସେଥିପାଇଁ ଟ୍ରଷ୍ଟି ଓ ଟ୍ରଷ୍ଟର ସଭ୍ୟମାନଙ୍କୁ ଧନ୍ୟବାଦ ଜଣାଉଛୁ।

"ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ"କୁ ନିର୍ଭୁଲଭାବରେ ପ୍ରକାଶ କରିବା ଲକ୍ଷ୍ୟରେ ପ୍ରଫେସର ବିଜୟମୋହନ ମିଶ୍ର ଯୁକ୍ତରାଷ୍ଟ୍ର ଆମେରିକାରୁ ପ୍ରୁଫ୍ ରିଡ଼ିଂ କପି ପଠାଇଛନ୍ତି। ଓଡ଼ିଆ ଭାଷାରେ ଜଣେ ଓଡ଼ିଆ ଆଉ ଜଣେ ସୁବିଖ୍ୟାତ ଓଡ଼ିଆ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ସଂକଳନ କରିଥିବାରୁ ସେ ତାଙ୍କର ବହୁ ବନ୍ଧୁଙ୍କୁ ଇ-ମେଲ୍‌ରେ ସୂଚନା ଦେଇଛନ୍ତି। ବନ୍ଧୁ ବିଜୟମୋହନଙ୍କ ଆଗ୍ରହ ଓ ସଦିଚ୍ଛା ପାଇଁ କୃତଜ୍ଞତା ଜଣାଉଛି।

– ରବି ଦାଶ

Digitized by srujanika@gmail.com

ବଂଶାବଳୀ

ଗଣି ରାଜଗୁରୁ ବାହିନୀପତି

↓

ଭୁବନେଶ୍ୱର ମିଶ୍ର

↓

✓ କୃମଳଣି ମିଶ୍ର : ସ୍ତ୍ରୀ ✓ ରାଧିକା ଦେବୀ

ପାଞ୍ଚ ପୁଅ : ✓ ଦିନବନ୍ଧୁ, ✓କୃପାସିନ୍ଧୁ, ✓ ଦୟାନିଧି, ✓ ଦାମୋଦର, ✓ ବିଶ୍ୱନାଥ

ତିନି ଝିଅ : ଗୌରୀ ଦେବୀ, ପୂର୍ଣ୍ଣିମା ଦେବୀ (ପୁନା), ମୁକ୍ତା ଦେବୀ (ଅମ୍ବିକା)

↓

ସ୍ୱର୍ଗତ ବିଶ୍ୱନାଥ ମିଶ୍ର, ସ୍ତ୍ରୀ : ସ୍ୱର୍ଗତା କମଳାଦେବୀ

(ପାଞ୍ଚ ପୁଅ ଓ ଚାରି ଝିଅ)

୧. ✓ **ନୀଳକଣ୍ଠ ମିଶ୍ର,** ସ୍ତ୍ରୀ : ✓ ସତ୍ୟଭାମା ଦେବୀ

(୨ ପୁଅ) ✓ ଜଗନ୍ନାଥ ମିଶ୍ର, ରଘୁନାଥ ମିଶ୍ର

(୨ ଝିଅ) ✓ ସରୋଜିନୀ ଦେବୀ, ✓ ପଙ୍କଜିନୀ ଦେବୀ

୨. ✓ **ଗୋପାଳ ଚନ୍ଦ୍ର ମିଶ୍ର,** ସ୍ତ୍ରୀ : ✓ ଶ୍ରଦ୍ଧାମଣି ଦେବୀ

(୪ ପୁଅ) ଡକ୍ଟର ପଦ୍ମଲାଭ ମିଶ୍ର, ରବୀନ୍ଦ୍ରନାଥ ମିଶ୍ର
ସୁରେନ୍ଦ୍ରନାଥ ମିଶ୍ର, ନଗେନ୍ଦ୍ରନାଥ ମିଶ୍ର

(୨ ଝିଅ) ✓ ସୁଷମା ଦେବୀ, ସ୍ୱା : ✓ ନିମାଇଁ ଚରଣ କର
ସୁରମା ମହାପାତ୍ର, ସ୍ୱା : ଜଗଦିଶ ମହାପାତ୍ର

୩. ✓ **ସତୀ ଦେବୀ,** ସ୍ୱା : ଗୋବିନ୍ଦ୍ର ଚନ୍ଦ୍ର ତ୍ରିପାଠୀ

(୪ ପୁଅ) ✓ ବ୍ୟୋମକେଶ ତ୍ରିପାଠୀ
ଶ୍ରୀ ବିଶ୍ୱକେଶ ତ୍ରିପାଠୀ
✓ ବିଦ୍ୟୋତକେଶ ତ୍ରିପାଠୀ
✓ ବିଭୂପ୍ରକାଶ ତ୍ରିପାଠୀ

(୨ ଝିଅ) ✓ ବାରୁଣୀ ମିଶ୍ର, ସ୍ୱା : ✓ ସୁଧାକର ମିଶ୍ର
ବିଷ୍ଣୁପ୍ରିୟା ନନ୍ଦ, ସ୍ୱା : ✓ ଡକ୍ଟର ନାରାୟଣ ଚନ୍ଦ୍ର ମିଶ୍ର

Digitized by srujanika@gmail.com

୪. ✓ **ଉମା ଦେବୀ,** ସ୍ୱା : ✓ ଇନ୍ଦ୍ରମଣୀ ଦାସ (ବରଡ଼ା)

୫. ✓ **ବୀରକେଶରୀ ମିଶ୍ର,** ସ୍ତ୍ରୀ : ✓ ଶଶୀବାଳା ମିଶ୍ର

(୩) ପୁଅ — ବିଜୟ କେଶରୀ ଶତପଥୀ
ବିନୋଦ କେଶରୀ ମିଶ୍ର
ବିକ୍ରମ କେଶରୀ ମିଶ୍ର

(୩ ଝିଅ) — ଶୈଳବାଳା ଶତପଥୀ, ସ୍ୱା : ପ୍ରଫୁଲ୍ଲ ଚନ୍ଦ୍ର ଶତପଥୀ
ସିନ୍ଧୁବାଳା ମିଶ୍ର, ସ୍ୱା : ଋଷିସ ପ୍ରତାପ କେଶରୀ ମିଶ୍ର
ସୁରବାଳା ରଥ, ସ୍ୱା : ✓ ଡଃ. ଶାନ୍ତନୁ ରଥ

୬. **ରାଜକେଶରୀ ମିଶ୍ର,** ସ୍ତ୍ରୀ : ✓ ସୁଧାରାଣୀ ମିଶ୍ର

(୧ ପୁଅ) — ପ୍ରଫେସର ସୂର୍ଯ୍ୟକୁମାର ମିଶ୍ର

(୩ ଝିଅ) — ସଂଯୁକ୍ତା ମିଶ୍ର, ସ୍ୱା : ଡଃ. ପ୍ରମୋଦ ମିଶ୍ର
ସବିତା ମିଶ୍ର, ସ୍ୱା : ଡଃ. ଗୋପବନ୍ଧୁ ମିଶ୍ର
ଅଧ୍ୟାପିକା ସଙ୍ଗୀତା ମିଶ୍ର, ସ୍ୱା : ଅଶ୍ୱିନୀ କୁମାର ମିଶ୍ର

୭. ✓ **ଧୀରାମଣି ଦେବୀ (ମାଳି ଦେବୀ),** ସ୍ୱା : ✓ ବାସୁଦେବ ମହାପାତ୍ର, ଆଡ଼ଭୋକେଟ

୮. ✓ **ପ୍ରତାପରୁଦ୍ର ମିଶ୍ର,** ସ୍ତ୍ରୀ : କସ୍ତୁରୀ ମିଶ୍ର

(୨ ପୁଅ) — ✓ ପୃଥ୍ୱିରାଜ ମିଶ୍ର
ବିରଞ୍ଚି ନାରାୟଣ ମିଶ୍ର

(୧ ଝିଅ) — କଳ୍ପନା ମିଶ୍ର

୯. **ସୁମତୀ ଦେବୀ,** ସ୍ୱା : ✓ ଶଶିଭୂଷଣ ଦାସ, ଆଇ.ଏଫ୍.ଏସ୍

(୪ ପୁଅ) — ଚିତ୍ତରଞ୍ଜନ ଦାସ
ମନୋରଞ୍ଜନ ଦାସ (ପୁଅ : ମନୋଜ ଦାସ, ଆଡ଼ଭୋକେଟ)
ପ୍ରିୟରଞ୍ଜନ ଦାସ
ପଦ୍ମରଞ୍ଜନ ଦାସ

(୧ ଝିଅ) — ବିଜୟଲକ୍ଷ୍ମୀ ଦାସ, ସ୍ୱା : ଡକ୍ଟର ସନ୍ତୋଷ ରଥ

Digitized by srujanika@gmail.com

ବିଷୟ ସୂଚୀ

୧.	ଶୁଭେଚ୍ଛା	ଡକ୍ଟର ହରେକୃଷ୍ଣ ମହତାବ	ଅଣତିରିଶ
୨.	ଉପୋଦ୍‌ଘାତ	ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ	ଏକତିରିଶ
୩.	ମୁଖବନ୍ଧ	ଡକ୍ଟର ମନ୍ମଥନାଥ ଦାସ	ସଇଁତିରିଶ
୪.	ଭୂମିକା ପରିବର୍ତ୍ତେ	ଶ୍ରୀ ମନମୋହନ ମିଶ୍ର	ଏକଚାଳିଶ
୫.	ମତାମତ	ଡକ୍ଟର ରାଧାନାଥ ରଥ	ସତଚାଳିଶ

ବିଷୟ

୬.	ଅତୀତର ସ୍ମୃତି ଫଳକ	୧
୭.	ବ୍ୟବସାୟ : ଟଙ୍କି ବୃତ୍ତି	୧୫
୮.	ଘରେ ଓ ବାହାରେ	୩୬
୯.	ପାଠ ପଢ଼ିବି	୫୯
୧୦.	ଶିକ୍ଷକ ଓ ଶିକ୍ଷାନବିଶ	୮୧
୧୧.	ନବ ଦିଗନ୍ତର ଆହ୍ୱାନ	୯୭
୧୨.	ଦେଶମିଶ୍ରଣ ଆନ୍ଦୋଳନର ଅନ୍ତରାଳରେ	୧୧୮
୧୩.	ସମୁଦ୍ର ଯାତ୍ରା ବିଚାର	୧୩୧
୧୪.	ସନ୍ୟାସୀର ସାଧନାରେ ହିଁ ଜାତିର ମୁକ୍ତି	୧୪୩
୧୫.	ସମ୍ମିଳନୀର ସ୍ୱର୍ଣ୍ଣ ସେତୁ	୧୬୫
୧୬.	ସଂଘର୍ଷ ଓ ସଂକଟ	୧୯୫
୧୭.	ପ୍ରଥମ କେନ୍ଦ୍ର ବ୍ୟବସ୍ଥା ସଭା	୨୧୪
୧୮.	ପ୍ରତିକୂଳ ସ୍ରୋତରେ ନାବିକ	୨୫୪
୧୯.	ଜାତୀୟ ଜୀବନ ସ୍ରୋତର ଘାତ-ପ୍ରତିଘାତ	୨୭୩
୨୦.	ମିଶ୍ରର ଓଡ଼ିଶା	୩୦୭
୨୧.	ଜୀବନ ଯଜ୍ଞର ପୂର୍ଣ୍ଣାହୂତି	୩୩୦
୨୨.	ବେଳା ସମ୍ମୁଖରେ	୩୪୯

Digitized by srujanika@gmail.com

ଶୁଭେଚ୍ଛା

ଆଜି ନାନାବିଧ ବିଦ୍ୟୁତ୍ ଆଲୋକରେ କଳ୍ପନା କରିବା କଠିନ କିପରି ବିଦ୍ୟୁତ୍ ବା କିରୋସିନିର ଆବିର୍ଭାବ ପୂର୍ବରୁ ଲୋକେ ଅସ୍ତଗାମୀ ସୂର୍ଯ୍ୟଙ୍କ ଅନୁପସ୍ଥିତିରେ ଅନ୍ଧକାର ସହିତ ସଂଗ୍ରାମ ଚଳାଇବାରେ ସମର୍ଥ ହେଉଥିଲେ। କ୍ଷୁଦ୍ର ପ୍ରଦୀପଟି ଯେ ଆବିଷ୍କାର କରିଥିଲେ ସେ ସେହିପରି ନମସ୍ୟ ଯେପରି ବିଦ୍ୟୁତ୍‌ଶକ୍ତିର ଆବିଷ୍କାରକ। ସ୍ୱର୍ଗତ ବିଶ୍ୱନାଥ ମିଶ୍ର ଯେତେବେଳେ ବିଲାତ ଯାଇ ବାରିଷ୍ଟର ହେବାପାଇଁ ମନ ବଳାଇଲେ ସେତେବେଳେ ସେ ସେହି ପରିସ୍ଥିତିରେ ଥିଲେ ଯେପରି ପ୍ରଦୀପ ଆବିଷ୍କାରକଟି ଗଭୀର ଅନ୍ଧକାରରେ ଥିଲା। ସେତେବେଳେ ବିଲାତ ଯିବା ତ ଦୂରର କଥା, ଉଚ୍ଚ ଶିକ୍ଷା ମଧ୍ୟ ସମାଜ ଦ୍ୱାରା ଗୃହୀତ ହୋଇ ନଥିଲା।

ସେ ସମୟର ଇତିହାସ କଥା ମନେପକାଇଲେ ସ୍ୱତଃ ମସ୍ତକ ନତ ହୋଇଯାଏ। ସେହିମାନଙ୍କ ସ୍ମୃତିରେ ଯେଉଁମାନେ ସମାଜର ଉଚ୍ଚ ଆଧୁନିକ ଶିକ୍ଷା ପ୍ରତି ବିରାଗ ବିରୋଧରେ ସାହସ ସହକାରେ ଅଗ୍ରସର ହୋଇଥିଲେ। ପ୍ରଥମ କଥା ଖ୍ରୀ. ୧୮୬୬ରେ ଦୁର୍ଭିକ୍ଷରେ ପ୍ରାୟ ଦଶ ଲକ୍ଷ ଲୋକଙ୍କ ପ୍ରାଣନାଶ ନ ଘଟି ଥିଲେ ତତ୍‌କାଳୀନ ଶାସନର ଦୃଷ୍ଟି ଓଡ଼ିଶାରେ ପଡ଼ି ନ ଥା'ନ୍ତା। କୌତୁହଳର ବିଷୟ ଏହି ଯେ ସେତେବେଳେ ଶାସକବର୍ଗ କୈଫିୟତ ଦେବାରେ ଲାଗିଲେ ଆଧୁନିକ ଶିକ୍ଷାର ଅଭାବ ହେତୁ ଗ୍ରାମାଞ୍ଚଳର ପ୍ରକୃତ ଅବସ୍ଥା କର୍ତ୍ତୃପକ୍ଷଙ୍କୁ କେହି ଜଣାଇ ପାରିଲେ ନାହିଁ। ଏହି କୈଫିୟତ ଯୋଗେ ଓଡ଼ିଶାରେ ହାଇସ୍କୁଲ ଏବଂ କଲେଜିଏଟ୍ ଶିକ୍ଷାର ସୂତ୍ରପାତ ହେଲା। ଖ୍ରୀ.୧୮୮୨ରେ କଲେଜ ପ୍ରତିଷ୍ଠିତ ହେଲା। ସେତେବେଳେ ମାତ୍ର ୪ଗୋଟି ହାଇସ୍କୁଲ ଥିଲା; ତିନୋଟି ସରକାରୀ ସାହାଯ୍ୟ ପ୍ରାପ୍ତ, ଆଉ ଗୋଟିଏ ପ୍ୟାରିମୋହନଙ୍କ ଦ୍ୱାରା ସ୍ଥାପିତ ଏକାଡ଼େମୀ। ମୋର ଯେତେଦୂର ମନେପଡ଼େ ଓଡ଼ିଶାର ପ୍ରଥମ ଗ୍ରେଜୁଏଟ୍ (ବି.ଏ.ପାସ୍) ଥିଲେ ଚତୁର୍ଭୂଜ ପଟ୍ଟନାୟକ। ଘଟଣା ଚକ୍ରରେ ମଧୁସୂଦନ କଲିକତା ଯାଇ ଏମ୍.ଏ.ବି.ଏଲ୍ ପାସ୍ କଲେ। ସେ ମଧ ଏକ ଏକ୍‌ସିଡ଼େଣ୍ଟ। କାରଣ ସେ କଲିକତା ନ ଯାଇ ଥିଲେ ହୁଏତ ତାଙ୍କ ଜୀବନର ଗତି ଭିନ୍ନ ଦିଗକୁ ହୋଇଥାନ୍ତା। ଯାହାହେଉ ସେ କଟକରେ ଓକିଲାତି କରିବାର କିଛି କାଳ ପରେ ବିଲାତ ଯାଇଥିବାରୁ ଲୋକ ମୁଖରେ ମଧୁବାବୁ ବାରିଷ୍ଟର ବୋଲି କଥିତ ହେଲେ। କିନ୍ତୁ ବିଲାତ ଯାଇ ବାରିଷ୍ଟରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମ ବାରିଷ୍ଟର

Digitized by srujanika@gmail.com

ହେଲେ ସ୍ୱର୍ଗତ ବିଶ୍ୱନାଥ ମିଶ୍ର । ସେଥିପାଇଁ ତାଙ୍କୁ ସମାଜରେ କମ୍ ନିର୍ଯ୍ୟାତନା ଭୋଗିବାକୁ ହୋଇନାହିଁ । ଶିକ୍ଷିତ ମହଲରେ ଏପରିକି ଓକିଲ ମହଲରେ ମଧ୍ୟ ସେ ସେପରି ସମର୍ଥନ ସହଯୋଗ ପାଇ ପାରି ନଥିଲେ ଯେପରି ପାଇବାର ସେ ହକ୍‌ଦାର ଥିଲେ । ଏହାର କାରଣ ସେତେବେଳେ ସମାଜରେ ରକ୍ଷଣଶୀଳତା ବଦ୍ଧମୂଳ ହୋଇଥିଲା । ତଥାପି ବାରିଷ୍ଟର ବିଶ୍ୱନାଥ ଅଦମ୍ୟ ସାହସ ଓ ଉତ୍ସାହରେ ଅଗ୍ରସର ହେଲେ । ରାଜନୀତି କ୍ଷେତ୍ରରେ ମଧ ପ୍ରବେଶ କଲେ । ସେଥିରେ ମଧ୍ୟ ଯେଉଁ ସହଯୋଗ ସେ ପାଇବାର କଥା ତାହା ପାଇଲେ ନାହିଁ ତତ୍‌କାଳୀନ ସମାଜର କ୍ଷୁଦ୍ର ମନୋବୃତ୍ତି ଯୋଗୁଁ । କିନ୍ତୁ କୌଣସି ପ୍ରତିବନ୍ଧକକୁ ବାରିଷ୍ଟର ମିଶ୍ର ଖାତିର କରି ନାହାନ୍ତି । ସେ ଥିଲେ ଏକ ଅଦ୍‌ଭୁତକର୍ମା ବ୍ୟକ୍ତି ।

ତାଙ୍କର ପୂର୍ଣ୍ଣ ଜୀବନୀ ବାସ୍ତବିକ ଚିରକାଳ ଯୁବ ପ୍ରାଣରେ ଉତ୍ସାହ ଓ ସାହସ ଉଦ୍ରେକ କରାଇବ । ଯେଉଁମାନେ ତାଙ୍କର ପୂର୍ଣ୍ଣାଙ୍ଗ ଜୀବନ ସଂକଳନ କରିଛନ୍ତି ସେମାନେ ଧନ୍ୟବାଦାର୍ହ । ଓଡ଼ିଆ ସମାଜ ଯେ ପୂଜ୍ୟପୂଜା କରି ଜାଣେ ତାହା ଏହି ଜୀବନୀ ସଂକଳନରୁ ପ୍ରମାଣିତ । କଲେଜରେ ପଢୁଥିବା ବେଳେ ଆମେ କେତେଜଣ ସେତେବେଳକାର ବାରିଷ୍ଟର ମିଶ୍ରଙ୍କ ପୁରୀଘାଟ କୋଠାକୁ ଲାଗି ଯେଉଁ କେତେଗୁଡ଼ିଏ ଘର ଥିଲା ସେଥିରେ ଏକ ମେସ୍ କରି ରହିଥିଲୁ । ସେ ସମୟରେ ବାରିଷ୍ଟର ମିଶ୍ରଙ୍କର ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ମଧ୍ୟ ବହୁ ତଥ୍ୟ ଜାଣିଥିଲୁ । ତାଙ୍କର ଥିଲା ଶୁଦ୍ଧପୂତ ଜୀବନ, ଜଣେ ନୈଷ୍ଠିକ ବ୍ରାହ୍ମଣର ଯେପରି ହୋଇଥାଏ । ଏକ ଦିଗରେ ନୈଷ୍ଠିକତା ଏବଂ ଅନ୍ୟ ଦିଗରେ ଆଧୁନିକ ସଭ୍ୟତାର ପ୍ରଭାବ, ଏ ଦୁଇର ମନୋରମ ସମନ୍ୱୟ ତାଙ୍କ ଜୀବନରେ ପ୍ରକାଶ ପାଇଥିଲା । ସେ ଚିରକାଳ ନମସ୍ୟ । ତାଙ୍କର ସ୍ମୃତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ ।

ତା ୧୦।୫।୭୮
ଅକ୍ଷୟ ତୃତୀୟା

ଡଃ ହରେକୃଷ୍ଣ ମହତାବ
ଏକାମ୍ର ନିବାସ
ଭୁବନେଶ୍ୱର

Digitized by srujanika@gmail.com

ଉପୋଦ୍‌ଘାତ

ଶ୍ରୀଯୁକ୍ତ ମନମୋହନ ମିଶ୍ର ମୋର ଅଗ୍ରଜ ତଥା ଅଗ୍ରଗଣ୍ୟ। ମୁଁ ରେଭେନ୍‌ସା କଲେଜିଏଟ୍ ସ୍କୁଲ ତଥା ରେଭେନ୍‌ସା କଲେଜର ଛାତ୍ର ଥିବାବେଳେ ସେ ମୋଠାରୁ ଦୁଇବର୍ଷ ଉପରେ ଥିଲେ। ଛାତ୍ର ହିସାବରେ ତାଙ୍କର ସୁଖ୍ୟାତି ଥିଲା; ତାଙ୍କୁ ଶିକ୍ଷକ ତଥା ସହାଧ୍ୟାୟୀମାନେ ଭଲ ଛାତ୍ର ବୋଲି ଆଦର କରୁଥିଲେ। ସେ ତାଙ୍କର ଏହି ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ 'ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ' ପାଇଁ ଉପୋଦ୍‌ଘାତ ଲେଖିବା ଲାଗି ନିର୍ଦ୍ଦେଶ ଦେଇଥିବାରୁ ମୁଁ ନିଜକୁ ଅନୁଗୃହୀତ ମନେକରୁଛି।

"ଉପୋଦ୍‌ଘାତ" ଶବ୍ଦର ଆକ୍ଷରିକ ଅର୍ଥ ହେଲା, ଗୌଣ ବିସ୍ଫୋରଣ (Mini-explosion)। ଏହି ଗ୍ରନ୍ଥଟି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତଥା ଚିନ୍ତାରାଜ୍ୟରେ ଯେ ବିସ୍ଫୋରଣ ଘଟାଇବ, ଏଥିରେ ମୋର ଅଣୁମାତ୍ର ସନ୍ଦେହ ନାହିଁ। ପ୍ରଥମରେ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ କୃତି ଏ ପର୍ଯ୍ୟନ୍ତ ଲୋକଲୋଚନ ଅଗୋଚରରେ ଥିଲା। ସେ ନୂଆ ସମସରପୁର (ନୂତନ ସୋମେଶ୍ୱରପୁର)ର ଗୋଟିଏ ନୈଷ୍ଠିକ ତଥା ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ସୁଦ୍ଧା ନିଜ ସାଧନା ଓ ସାହସିକତା ବଳରେ ପାରିବାରିକ କୁସଂସ୍କାର ଊର୍ଦ୍ଧ୍ୱକୁ ଉଠି କାଳର ନିଷିଦ୍ଧ କଳାପାଣି ପାରି ହୋଇ ଯେ ବାରିଷ୍ଟର ହୋଇ ପାରିଥିଲେ, ସେତିକି ନୁହେଁ; ନିଜ ଦାରିଦ୍ର୍ୟ ସତ୍ତ୍ୱେ ସେ ଦେଶମିଶ୍ରଣ କାର୍ଯ୍ୟରେ ବ୍ରତୀ ହୋଇ ଚାକିରୀ ଓ ଓକିଲାତି ପ୍ରତି ଦୃଷ୍ଟି ନ ଦେଇ ଦେଶସେବାରେ ନିଜକୁ ନିୟୋଜିତ କରି ପାରିଥିଲେ ଓ ଶେଷରେ ଦେଶସେବା କରୁ କରୁ ସୁଦୂର ସିମଳା ସହରରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଏହା ସମସ୍ତଙ୍କୁ ଜଣା ନଥିଲା। ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସହିତ ବାରିଷ୍ଟର ବିଶ୍ୱନାଥ ମିଶ୍ର ଯେ ଓଡ଼ିଶାର ଏକତ୍ରୀକରଣ ଇତିହାସରେ ସମପରିମାଣରେ ସ୍ମରଣୀୟ ଏହା ଏହି ପୁସ୍ତକ ମାଧ୍ୟମରେ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି। **ଏହି ଗ୍ରନ୍ଥଟି ପ୍ରକାଶିତ ହେବା ପରେ ଅନେକ ଐତିହାସିକ ଲେଖାକୁ ସଂଶୋଧନ କରିବାକୁ ପଡ଼ିବ।** ଦ୍ୱିତୀୟରେ, ପ୍ରଣେତା ଏହି ଗ୍ରନ୍ଥକୁ କେବଳ ବିଶ୍ୱନାଥଙ୍କ ଜୀବନୀ ଲେଖାରେ ସୀମିତ କରି ନାହାନ୍ତି। ଏତଦ୍ୱାରା ସେ ଭାରତ ଇତିହାସର ଦୀର୍ଘ ଷାଠିଏ ବର୍ଷର (୧୮୭୮ ରୁ ୧୯୩୩ ପର୍ଯ୍ୟନ୍ତ) ବିକାଶକୁ ନାନା

Digitized by srujanika@gmail.com

ଦୃଷ୍ଟିକୋଣରୁ ଅନୁଶୀଳନ କରି ପାଠକଙ୍କୁ ସମକାଳୀନ ଅର୍ଥନୀତି, ରାଜନୀତି, ଶାସନତାନ୍ତ୍ରିକ ବିକାଶ ଏବଂ ପ୍ରାଦେଶିକ ଓ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର କାର୍ଯ୍ୟାବଳୀ ସହିତ ପରିଚିତ କରାଇବାକୁ ଉଦ୍ୟମ କରିଛନ୍ତି। **ଏଭଳି ପୂର୍ଣ୍ଣାଙ୍ଗ ଗ୍ରନ୍ଥ ଓଡ଼ିଆ ସାହିତ୍ୟରେ ବିରଳ ବୋଲି ମୁଁ ନିର୍ବିବାଦରେ ଦାବୀ କରୁଛି।**

(ଏକ)

ପୁସ୍ତକର ପ୍ରଥମ ଭାଗରେ ସେ ଅଲିଖିତ ଇତିହାସକୁ କାହାଣୀ ଓ କିମ୍ବଦନ୍ତୀର ସମ୍ମିଶ୍ରଣ ବୋଲି ଉଲ୍ଲେଖକରି ପୁରୀ ଷୋହଳ ଶାସନର ଇତିହାସ, ବ୍ରାହ୍ମଣମାନଙ୍କ ମଧ୍ୟରେ ଶ୍ରେଣୀ ବିଭାଗ, ମୁକ୍ତିମଣ୍ଡପ ପଣ୍ଡିତ ସଭାର ସୃଷ୍ଟି ଏବଂ ତତ୍କାଳୀନ ବ୍ରାହ୍ମଣମାନଙ୍କ ଢ଼ମ ଓ ତନ୍ତ୍ରସାଧନା ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି। କିମ୍ବଦନ୍ତୀକୁ ଇତିହାସ ସ୍ତରକୁ ଉନ୍ନୀତ କରିବା ଲାଗି ତାଙ୍କର ପ୍ରମାଣ ପ୍ରସିଦ୍ଧ ଉଦ୍ୟମ ପରବର୍ତ୍ତୀ ଇତିହାସକାରମାନଙ୍କ ପାଇଁ ପ୍ରାମାଣିକ ଉପାଦାନ ହୋଇଯିବ। ଏହି ପରମ୍ପରା ମଧ୍ୟରେ ଥିଲେ ସୋମେଶ୍ୱରପୁରର ସ୍ଥାପୟିତା ସୋମେଶ୍ୱର ବାଜପେୟୀ ଏବଂ **ଖୋର୍ଦ୍ଧା ରାଜାଙ୍କ ରାଜପୁରୋହିତ ତଥା ସେନାପତି ଶ୍ରୀ ଗଣି ରାଜଗୁରୁ ବାହିନୀପତି ଯାହାଙ୍କ ଅଣନାତି ବାରିଷ୍ଟର ବିଶ୍ୱନାଥ ମିଶ୍ର।** ସନାତନ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠଭୂମିରେ ବିଶ୍ୱନାଥଙ୍କୁ ସ୍ଥାପନ କରି ଗ୍ରନ୍ଥକାର ସେକାଳର ସାମାଜିକ ଚଳଣି, ରୀତିନୀତି ଓ କୁସଂସ୍କାରରୁ ତାଙ୍କୁ ସମସାମୟିକ ପଙ୍କରୁ ଜାତ ପଙ୍କଜ ରୂପେ ପ୍ରତିଷ୍ଠା କରି ପାରିଛନ୍ତି। ବିଶ୍ୱନାଥ ଏ ସବୁର ଶିକାର ହୋଇଥିଲେ ସତ; କିନ୍ତୁ ହାର ନ ମାନି ଉଦ୍ଭିଦ ପରି ସବୁ ଭେଦ କରି ନିଜ ବ୍ୟକ୍ତିତ୍ୱର ମୌଳିକତା ପ୍ରତିପାଦନ କରିଥିଲେ। **ଯେଉଁ ଅଞ୍ଚଳର ବ୍ରାହ୍ମଣ ଇଂରେଜି ଭାଷା, ଏପରିକି ଶୁଦ୍ଧ ଓଡ଼ିଆରେ ଲେଖା ଜଗନ୍ନାଥ ଦାସଙ୍କ ଭାଗବତକୁ ବାସନ୍ଦ କରିଥିଲେ, ସେହି ଅଞ୍ଚଳର ବିଶ୍ୱନାଥ ଇଂରେଜି ଭାଷାର ମାତୃଭୂମି ଇଂଲଣ୍ଡକୁ ଦୁଇଥର ଯାଇ ବାରିଷ୍ଟର ଯୋଗ୍ୟତା ହାସଲ କରିବା ପରେ ପଞ୍ଚଗବ୍ୟ ଖାଇ ପ୍ରାୟଶ୍ଚିତ ନ କରିବା ଓ ଜାତିଆଣ କଠୋରତାକୁ ନିଜ ବିନୟ ଯୋଗୁ ଅତିକ୍ରମ କରି ପାରିବା କମ୍ ସାହସିକତା ନୁହେଁ।**

ଗ୍ରନ୍ଥକାର ନିଜ ମତକୁ ଜାହିର କରିବାକୁ ଉଦ୍ୟମ ନ କରି ପ୍ରତ୍ୟେକ ପରିବେଷିତ ତଥ୍ୟକୁ ପ୍ରମାଣସିଦ୍ଧ କରିବାକୁ ଚାହିଁଛନ୍ତି। ଏଥିପାଇଁ ସାହିତ୍ୟ, ଇତିହାସ ଏବଂ ସମସାମୟିକ ନେତୃବୃନ୍ଦଙ୍କ ଜୀବନୀ ଓ ଆତ୍ମଜୀବନୀକୁ ଆଧାର ରୂପେ ଗ୍ରହଣ କରିଛନ୍ତି। ମନମୋହନବାବୁ ନିଜ ବିଶ୍ୱାସରେ ଜଣେ ସାମ୍ୟବାଦୀ ମାର୍କସୀୟ

Digitized by srujanika@gmail.com

ଚିନ୍ତାଧାରା ସହିତ ସୁପରିଚିତ । କାର୍ଲ ମାର୍କସ ନିଜେ ଭାରତକୁ ଆସିଥିବାର କୌଣସି ପ୍ରମାଣ ନାହିଁ; ତଥାପି ଉନ୍ନବିଂଶ ଶତାବ୍ଦୀରେ ଜଣେ ପ୍ରଖ୍ୟାତ ମନୀଷୀ ହିସାବରେ ଓ ଇତିହାସର ଭୌତିକ ବ୍ୟାଖ୍ୟାକାର ଭାବରେ ସେ ସମଗ୍ର ବିଶ୍ୱର ଐତିହାସିକ ପରିସ୍ଥିତିକୁ ଅନୁଶୀଳନ କରିଥିଲେ। ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନ ଓ ୧୮୫୮ରୁ ରାଣୀଙ୍କ ପ୍ରତ୍ୟକ୍ଷ ରାଜତ୍ୱ ବେଳର ଭାରତୀୟ ପରିସ୍ଥିତିକୁ ଗ୍ରନ୍ଥକାର ମାର୍କସୀୟ ସୂତ୍ର ଅନୁସାରେ ବିଶ୍ଳେଷଣ କରିଛନ୍ତି। କେତେକ ପାଠକ ହୁଏତ ତାଙ୍କ ସହିତ ଏକମତ ନ ହୋଇ ପାରନ୍ତି। ଏହା ବୋଲି ଲେଖକଙ୍କ ବାଖ୍ୟା ଯେ ବିଜ୍ଞାନ ସମ୍ମତ ଏହାକୁ ଅସ୍ୱୀକାର କରି ହେବନାହିଁ। ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ ଓ ବୈଜ୍ଞାନିକ ପ୍ରଗତିକୁ ଲେଖକ ଏହି କଷଟିରେ ତଉଲିଛନ୍ତି। ଯଦିବା ଭାରତର ଆଧୁନିକ ଉନ୍ନତି ସେହି ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ବୋଲି ସେ ନିଜେ ମଧ ଅସ୍ୱୀକାର କରି ନାହାନ୍ତି।

(ଦୁଇ)

ବିଶ୍ୱନାଥଙ୍କ ବାଲ୍ୟଶିକ୍ଷା ବର୍ଣ୍ଣନା କରିବା ବେଳେ ଗ୍ରନ୍ଥକାର ପୂର୍ବକାଳର ଚାଟଶାଳୀ ଶିକ୍ଷା ଓ ସେ କାଳର ଅବଧାନଙ୍କ ବିଷୟରେ କୌତୁହଳୋଦ୍ଦୀପକ ବର୍ଣ୍ଣନା ଦେଇଛନ୍ତି। ପାଶ୍ଚାତ୍ୟ ଶିକ୍ଷା ପ୍ରବର୍ତ୍ତିତ ହେଲା ସିନା, ଏହାର ଗତି ଦ୍ରୁତତର ହୋଇ ନଥିଲା। ତେଣୁ ଓଡ଼ିଶାର ସବୁ ବଡ଼ଲୋକେ ଚାଟଶାଳୀରେ ବିଦ୍ୟାଶିକ୍ଷା ଆରମ୍ଭ କରିଥିଲେ। ପାଶ୍ଚାତ୍ୟ ଶିକ୍ଷା ପାଇବାରେ ଅଗ୍ରଗାମୀ ଥିଲେ ମଧୁବାବୁ। ସେ ସବୁ ପାଠୁଆଙ୍କ ଆଦର୍ଶ ହୋଇ ରହିଲେ। ତାହାହିଁ ତାଙ୍କ ନେତୃତ୍ୱର ମୂଳଦୁଆ ଥିଲା। ପଣ୍ଡିତ ଗୋପବନ୍ଧୁ ଓ ତାଙ୍କ ସମବୟସୀମାନେ ଏହି ଶିକ୍ଷାର ଆଦର୍ଶକୁ ନୂଆ ମୋଡ଼ ଦେଇଥିଲେ ସିନା, ପ୍ରାଥମିକ ସ୍ତରରେ ସେମାନେ ମଧ୍ୟ ମଧୁବାବୁଙ୍କ ନେତୃତ୍ୱ ଗ୍ରହଣ କରିଥିଲେ। ବିଂଶ ଶତାବ୍ଦୀର ଆରମ୍ଭରେ ଉତ୍କଳ ସମ୍ମିଳନୀର ଆରମ୍ଭ, ଏହାର ଅୟମାରମ୍ଭ ହୋଇଥିଲା ଗଞ୍ଜାମର ରମ୍ଭାରେ। ଗଞ୍ଜାମର ଅଧିବାସୀମାନଙ୍କ ମଧରେ ତେଲୁଗୁ ଲୋକ ଥିଲେ ସତ୍ୟ, ରାଜା ଓ ଜମିଦାରମାନେ ଓଡ଼ିଆ ଥିଲେ ଏବଂ ଓଡ଼ିଆଭାଷୀ ଲୋକମାନଙ୍କ ସହିତ ଏକା ଶାସନାଧୀନ ହେବା ଲାଗି ସେମାନଙ୍କର ଉତ୍କଣ୍ଠା ଥିଲା। ତାଙ୍କ ସଙ୍ଗେ ସହଯୋଗ କରିଥିଲେ ଓଡ଼ିଶା ଗଡ଼ଜାତର ରାଜାମାନେ। ଦେଶମିଶ୍ରଣ ଆନ୍ଦୋଳନକୁ ଗ୍ରନ୍ଥକାର ଏକପ୍ରକାର ସାମନ୍ତବାଦୀ ଓ ମଧବିତ୍ତ ଲୋକଙ୍କ ଆନ୍ଦୋଳନ ରୂପେ ଚିତ୍ରଣ କରିଛନ୍ତି; ସେହି ଦୃଷ୍ଟିରୁ ସେ ମଧପ୍ରଦେଶ ସହିତ ମିଶ୍ରଣ ଲାଗି ଗୋପବନ୍ଧୁଙ୍କ ପ୍ରସ୍ତାବ ଓ ବଙ୍ଗଳା ସହିତ ମିଶିଯିବା ଲାଗି ମଧୁବାବୁଙ୍କ ପ୍ରସ୍ତାବ ମଧରେ ଅନ୍ତର୍ନିହିତ ଶ୍ରେଣୀଗତ ପାର୍ଥକ୍ୟର ସୂଚନା ପାଇଛନ୍ତି। ଏହି ଦେଶ ମିଶ୍ରଣ

Digitized by srujanika@gmail.com

ଆନ୍ଦୋଳନ ବିଶ୍ୱନାଥଙ୍କୁ ପ୍ରଭାବିତ କରିଥିଲା । ତାଙ୍କ ଶିକ୍ଷା ଅପୂର୍ଣ୍ଣ ରହିଲା ଓ ସେ ପୁରୀ ଜିଲ୍ଲାବାସୀ ହେଲେ ହେଁ ଆଜୀବନ ଗଞ୍ଜାମର ପ୍ରତିନିଧି ହୋଇ ରହିଗଲେ । ସେହି ହେତୁ ସେ କଟକ ନ ଆସି ମାନ୍ଦ୍ରାଜରେ ପ୍ଲିଡ଼ରସିପ ପଢ଼ି ଉତ୍ତୀର୍ଣ୍ଣ ହୋଇଥିଲେ ।

ଗୋପବନ୍ଧୁଙ୍କ ପଡ଼ୋଶୀ ଥିଲେ ବିଶ୍ୱନାଥ । କିନ୍ତୁ ସେ ସତ୍ୟବାଦୀ ଗୋଷ୍ଠୀରେ ଯୋଗ ଦେଇ ନଥିଲେ । ତାଙ୍କର ଅବଶ୍ୟ ଗୋପବନ୍ଧୁ ଓ ତାଙ୍କ ଘରିସଖା ତଥା ସତ୍ୟବାଦୀ ବନ ବିଦ୍ୟାଳୟ ସହିତ ଘନିଷ୍ଠ ସମ୍ପର୍କ ଥିଲା । ଏପରିକି ବିଲାତ ଫେରନ୍ତା ବିଶ୍ୱନାଥଙ୍କୁ ଗ୍ରାମବାସୀ ବାସନ୍ଦ କରିଥିବା ବେଳେ ଏହି ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ଓ ଛାତ୍ରମାନେ ତାଙ୍କୁ ସାହାଯ୍ୟ କରିଥିଲେ । ଗଞ୍ଜାମର ନେତୃତ୍ୱ ଦେଶମିଶ୍ରଣ ପାଇଁ ତ୍ୟାଗ କରିଛନ୍ତି କିନ୍ତୁ ସମ୍ମିଳନୀର ନେତୃତ୍ୱ ପାଇ ନାହାନ୍ତି । ସେଇଥି ଯୋଗୁଁ ବିଶ୍ୱନାଥ ସମ୍ମିଳନୀର ନେତୃସ୍ଥାନୀୟ ହୋଇପାରି ନଥିଲେ । ତାଙ୍କର ଉତ୍କଳପ୍ରୀତି ଉଗ୍ର ଥିଲା; ସେଥିପାଇଁ ସେ ବ୍ୟବସାୟିକ କ୍ଷତି ସହିବାକୁ ପଶ୍ଚାତ୍‌ପଦ ହୋଇ ନଥିଲେ । ତଥାପି ବିଶ୍ୱନାଥ ଉତ୍କଳ ସମ୍ମିଳନୀ ରାଜନୀତିର ପୁରୋଭାବକୁ ଆସି ପାରିଲେ ନାହିଁ ।

ଗଞ୍ଜାମ ପରେ ବିଶ୍ୱନାଥଙ୍କ କର୍ମକ୍ଷେତ୍ର ହେଲା କଲିକତା । ସେତେବେଳେ ଅବଶ୍ୟ ପାଟଣା ବା ଓଡ଼ିଶା ହାଇକୋର୍ଟ ନଥିଲା । କିନ୍ତୁ ସେ ନିଜ ବ୍ୟବସାୟକୁ ଉପେକ୍ଷା କରି ଓଡ଼ିଆମାନଙ୍କୁ ସଂଗଠିତ କରିବାରେ ଲାଗିଗଲେ । ଏ କ୍ଷେତ୍ରରେ ସେ ଗୋପବନ୍ଧୁଙ୍କଠାରୁ ଆଗୁଆ ଥିଲେ । ତାଙ୍କ ଉଦ୍ଦେଶ୍ୟ ଥିଲା, କଲିକତାବାସୀ ଓଡ଼ିଆ ଶ୍ରମିକମାନଙ୍କ ହୃଦୟରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା । ସେତେବେଳେ ଓଡ଼ିଶାର 'ଉତ୍କଳ ଦୀପିକା' ଓ 'ଷ୍ଟାର ଅଫ ଉତ୍କଳ' ସମ୍ବାଦପତ୍ର ତାଙ୍କୁ ଯୁବନେତା ରୂପେ ସ୍ୱୀକୃତି ଦେଇଥିଲା । ସେତେବେଳେ ସେ ଥିଲେ ପ୍ରାୟ ପଞ୍ଚତିରିଶବର୍ଷ ବୟସ୍କ ଯୁବକ । କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଛାତ୍ରମାନଙ୍କ ଦୂରବସ୍ଥା ପର୍ଯ୍ୟବେକ୍ଷଣକରି ପାଟଣା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବାର ବର୍ଷକ ଆଗରୁ ସେ ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ବା ରେଭେନ୍‌ସା କଲେଜରେ ବି.ଏଲ ଶ୍ରେଣୀ ପ୍ରତିଷ୍ଠା କରିବା କଥା କଳ୍ପନା କରିଥିଲେ, ଯାହା କି ପରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉଦ୍ୟମ ଯୋଗୁଁ ଯଥାକ୍ରମେ ସମ୍ଭବପର ହୋଇଥିଲା । ଉତ୍କଳ ସମ୍ମିଳନୀର ଚରମ ଲକ୍ଷ୍ୟ ଥିଲା କେବଳ ଦେଶମିଶ୍ରଣ; ସ୍ୱତନ୍ତ୍ର ପ୍ରଦେଶ ନୁହେଁ । ବାରିଷ୍ଟର ବିଶ୍ୱନାଥ ମିଶ୍ର ସେଥିପାଇଁ ଯଥେଷ୍ଟ ସାଧନ ସୃଷ୍ଟି କରିଥିଲେ । ତାଙ୍କ ନୀରବ ଓ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ମାନସିକ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ବଙ୍ଗ ହେଉ ବା ମଧ୍ୟପ୍ରଦେଶ ହେଉ ଯେକୌଣସି ପ୍ରଦେଶ ସହିତ ଓଡ଼ିଆ ଭାଷାଭାଷୀ ଲୋକେ ମିଶିଯାଇ ଥିଲେ ସେମାନେ ଗୌଣ ସ୍ଥାନରେ

Digitized by srujanika@gmail.com

ରହି ଯାଇଥାନ୍ତେ; ବିହାର-ଓଡ଼ିଶା ପ୍ରଦେଶରେ ଓଡ଼ିଶା ଗୋଟିଏ ବିଭାଗ ହେବା ପରେ ଦାବୀ ଉଠିଲା, ଗୋଟିଏ ଉପ-ପ୍ରଦେଶ ବା ସ୍ୱତନ୍ତ୍ର ପ୍ରଦେଶ ପାଇଁ। ଏହି ଦାବୀ ୧୯୨୦ ପରେ ସ୍ୱାଧିନତା ସଂଗ୍ରାମରେ ଲୀନ ହୋଇ ଯାଇଥିଲା। ଏହିଠାରେ ସତ୍ୟବାଦୀ ଗୋଷ୍ଠୀଠାରୁ ବିଶ୍ୱନାଥ ଅଲଗା ହୋଇଗଲେ। ଦେଶ ସେବା ପାଇଁ ତାଙ୍କ ସୁଲିଖିତ ଚୁକ୍ତିକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ସଂପୂର୍ଣ୍ଣ ରୂପେ ନିଜ ଉପରକୁ ଆସିଗଲା।

(ତିନି)

୧୯୨୦ ସାଲ ଭାରତ ଇତିହାସର ଗୋଟିଏ ବିଭାଜକ ରେଖା। ସେହି ବର୍ଷ ଭାରତୀୟ ଜାତୀୟ କଂଗ୍ରେସ କଲିକତାରେ ଲାଲା ଲଜପତ୍ ରାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ଗାନ୍ଧୀଜୀଙ୍କ ପ୍ରତ୍ୟକ୍ଷ ସଂଗ୍ରାମ ନୀତି ଗ୍ରହଣ କରିବାରୁ ଉଦାରବାଦୀ ନେତୃବୃନ୍ଦ କଂଗ୍ରେସରୁ ଅଲଗା ହୋଇଗଲେ। ସେମାନଙ୍କ ମଧ୍ୟରେ ବିଶ୍ୱନାଥ ଥିଲେ। ମଣ୍ଟ-ଫୋର୍ଡ଼ ଶାସନ ସଂସ୍କାର ଅନୁସାରେ ପ୍ରାଦେଶିକ ବିଧାନ ପରିଷଦ ଓ କେନ୍ଦ୍ରୀୟ ବିଧାନ ସଭା ସଂଗଠିତ ହୋଇ କ୍ଷମତା ବୃଦ୍ଧି ସହିତ ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟାବୃଦ୍ଧି ପାଇଲା। ଗ୍ରନ୍ଥକାର ଏହି ସଂକ୍ରାନ୍ତରେ ଭାରତୀୟ ଜାତୀୟ କଂଗ୍ରେସର ବିବର୍ତ୍ତନ ତଥା ଶାସନତନ୍ତ୍ରର କ୍ରମବିକାଶ ସମ୍ବନ୍ଧରେ ଏକ ଧାରାବାହିକ ବିଶ୍ଳେଷଣାତ୍ମକ ବିବରଣୀ ଦେଇଛନ୍ତି। ୧୯୨୦-୨୧ ସାଲର ସନ୍ଧିକ୍ଷଣରେ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ସମ୍ମିଳନୀକୁ କଂଗ୍ରେସ ସହିତ ମିଶାଇ ଦେବା ଲାଗି ଗୋପବନ୍ଧୁଙ୍କ ନେତୃତ୍ୱରେ ପ୍ରସ୍ତାବ ଗୃହୀତ ହେବା ଫଳରେ ନେତୃବୃନ୍ଦ ଦୁଇଫାଙ୍କ ହୋଇଗଲେ। ମଧୁବାବୁଙ୍କ ସହିତ ବିଶ୍ୱନାଥ ମଧ୍ୟ ସମ୍ମିଳନୀରୁ ଅଲଗା ହୋଇଗଲେ। ତଥାପି ସେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନୀତିକୁ ତ୍ୟାଗ କରି ପାରିଲେ ନାହିଁ। ୧୯୨୨ରୁ ଭାରତରେ ଦଳୀୟ ରାଜନୀତିର ସୂତ୍ରପାତ ହେଲା। କିନ୍ତୁ ବିଶ୍ୱନାଥ କୌଣସି ଦଳରେ ଯୋଗ ଦେଲେ ନାହିଁ। ଏହା ଫଳରେ ସେ ବ୍ୟବସ୍ଥାପକ ସଭାରେ ପ୍ରବେଶ କରିପାରି ନ ଥା'ନ୍ତେ। ଆକସ୍ମିକତା ତାଙ୍କୁ ଦୁଇଥର କେନ୍ଦ୍ର ବିଧାନ ସଭାରେ ସଭ୍ୟପଦ ଦିଆଇଥିଲା। ବିଧାନସଭାର ଅନ୍ୟତମ ସଭ୍ୟ ରାୟ ବାହାଦୁର ନିମାଇଁ ଚରଣ ମିତ୍ର ଇସ୍ତଫା ଦେବାରୁ ବିଶ୍ୱନାଥ ମିଶ୍ର ୧୯୨୨ ସାଲ ମାର୍ଚ୍ଚ ମାସ ପନ୍ଦର ତାରିଖ ଦିନ କେନ୍ଦ୍ର ବିଧାନ ସଭାର ସଭ୍ୟ ରୂପେ ଶପଥ ଗ୍ରହଣ କଲେ। ପୁଣି ଥରେ ୧୯୩୦ରେ କଂଗ୍ରେସ ସଦସ୍ୟ ପଣ୍ଡିତ ନୀଳକଣ୍ଠ ଦାସ କେନ୍ଦ୍ର ବିଧାନ ସଭାରୁ ଇସ୍ତଫା

Digitized by srujanika@gmail.com

ଦେବା ଫଳରେ ବିଶ୍ୱନାଥ ଦ୍ୱିତୀୟଥର ପାଇଁ ୩୧।୫।୧୯୩୦ ଦିନ ନିର୍ଦ୍ୱନ୍ଦ୍ୱରେ ସଭ୍ୟରୂପେ ନିର୍ବାଚିତ ହୋଇଥିଲେ।

ଏହି ସୁଯୋଗକୁ ସେ ଓଡ଼ିଶାର ଦାବୀଗୁଡ଼ିକ ଉପସ୍ଥାପିତ କରିବା ଲାଗି ବ୍ୟବହାର କରିଥିଲେ। ଓଡ଼ିଶାରେ ଅବାଧ ଲୁଣ ପୋଖାରି, ଶିକ୍ଷାବିସ୍ତାର, ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସୈନ୍ୟବାହିନୀରେ ଓଡ଼ିଶା ରେଜିମେଣ୍ଟ ସୃଷ୍ଟି ବିଷୟରେ ପ୍ରବଳ ଦାବି ଉପସ୍ଥାପିତ କରିଥିଲେ। ଭାରତ ସରକାରଙ୍କ ଅମିତବ୍ୟୟିତା ଓ କଂଗ୍ରେସ ଉପରେ ଦମନ ଲୀଳା ଆଦି ବିରୁଦ୍ଧରେ ଜାତୀୟବାଦୀ ନେତାମାନଙ୍କ ସହିତ ସେ ମଧ ତୀବ୍ର ପ୍ରତିବାଦ ଜ୍ଞାପନ କରିଥିଲେ ଏବଂ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତ ଫାଶି ପାଇବା ପରଦିନ କକ୍ଷତ୍ୟାଗରେ ଯୋଗ ଦେଇ ଥିଲେ। ବିଶ୍ୱନାଥଙ୍କ ଦେଶପ୍ରୀତି ଓ ଉତ୍କଳ ପ୍ରୀତିର ଚୂଡ଼ାନ୍ତ ନିଦର୍ଶନ ମିଳିଥିଲା, ତାଙ୍କ ବ୍ୟବସ୍ଥାପକ ଜୀବନରେ। କେନ୍ଦ୍ର ବିଧାନସଭାର ପ୍ରକାଶିତ ବିତର୍କାବଳୀ ସର୍ବସାଧାରଣଙ୍କ ପାଇଁ ସହଜଲଭ୍ୟ ହୋଇ ନଥିବାରୁ ବିଶ୍ୱନାଥଙ୍କ ବ୍ୟକ୍ତିତ୍ୱ ଜନମାନସରେ ପ୍ରସ୍ଫୁଟିତ ହୋଇ ପାରି ନଥିଲା। ଗ୍ରନ୍ଥକାର ଏହି ମହାନ କର୍ତ୍ତବ୍ୟ ପାଳନ କରି ବସ୍ତୁତଃ ତାଙ୍କୁ 'ଉତ୍କଳରତ୍ନ' ରୂପେ ପ୍ରତିପାଦନ କରିଛନ୍ତି।

ଶ୍ରୀଯୁକ୍ତ ମନମୋହନ ମିଶ୍ର ଯେ ଜଣେ ସୁପଣ୍ଡିତ, ଏହା କାହାରିକୁ ବୁଝାଇବାକୁ ପଡ଼ିବ ନାହିଁ। ଏହି "ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ" ଗ୍ରନ୍ଥ ତାହାର ବଳିଷ୍ଠ ପ୍ରମାଣ। ଏହି ଗ୍ରନ୍ଥରେ ଓଡ଼ିଶା ତଥା ଭାରତ ଇତିହାସର ପ୍ରତ୍ୟେକ ବିଭାଗ ବିଷୟରେ ଏପରି ପୁଙ୍ଖାନୁପୁଙ୍ଖ ବିଶ୍ଲେଷଣ ଓ ସୁଚିନ୍ତିତ ଉପସଂହାର କରାଯାଇଛି ଯେ ରାଜନୀତି ତଥା ଅର୍ଥନୀତିର ଛାତ୍ର ଓ ଅନୁସନ୍ଧିତ୍ସୁମାନେ ଏଥିର ମହାର୍ହ ଉପାଦାନ ସଂଗ୍ରହ କରି ପାରିବେ। ଏହି ଗ୍ରନ୍ଥର ଭାଷା ସାବଲୀଳ ଓ ଶୈଳୀ ମନୋରମ। ଓଡ଼ିଆ ସାହିତ୍ୟରେ ଏହା ଗୋଟିଏ ଅମୂଲ୍ୟ ଗ୍ରନ୍ଥ ରୂପେ ବିବେଚିତ ହେବା ସୁନିଶ୍ଚିତ। ମୋର ବିଶ୍ୱାସ, ଜାତୀୟ ଓ ଆନ୍ତର୍ଜାତିକ ମାନ ଅନୁସାରେ ଏହି ଗ୍ରନ୍ଥର ସ୍ଥାନ ଯେ ଉଚ୍ଚରେ ରହିବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ।

କାଳୀପୂଜା, ୧୯୭୮
(୩୧।୧୦।୭୮)
କୁକୁଡ଼ିଆପଦା, କଟକ

ଡ଼ଃ ଶ୍ରୀରାମଚନ୍ଦ୍ର ଦାଶ
ଅବସରପ୍ରାପ୍ତ ମୁଖ୍ୟ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

Digitized by srujanika@gmail.com

ମୁଖବନ୍ଧ

ଲେଖକ ଓ ତାଙ୍କ ଲେଖା। ଉଭୟ ଉପରେ ପଦେ ଦୁଇପଦ ସୂଚନା ମାତ୍ର ମୁଖବନ୍ଧ।

ଲେଖକ, ଶ୍ରୀ ମନମୋହନ ମିଶ୍ର। 'ପଣ୍ଡିତ' ପଦବୀରେ ସେ ଶୋଭିତ ହୋଇ ନାହାନ୍ତି, ହେବାକୁ ଇଚ୍ଛା କରିବେ ନାହିଁ। କିନ୍ତୁ ଧୀଶକ୍ତି ଓ ବିଦ୍ୟାର ବୃହତ୍ତର ପ୍ରସଙ୍ଗରେ ଯେଉଁମାନେ ଚିନ୍ତାଶୀଳ ଜ୍ଞାନୀ ବ୍ୟକ୍ତିରୂପେ ବିବେଚିତ, ସେମାନଙ୍କ ମଧ୍ୟରେ ସେ ଜଣେ; ସମସାମୟିକ ଓଡ଼ିଶାର ତୁଙ୍ଗ ବିଜ୍ଞମାନଙ୍କ ମଧରେ ଅନ୍ୟତମ। କର୍ମମୟ ରାଜନୈତିକ ଜୀବନର ଝଡ଼ ଝଞ୍ଜା ଭିତରେ, ଦୀନ ଦରିଦ୍ର ଶ୍ରମିକ, କୃଷକର ନେତା ରୂପେ, ତଥା ନିଜ ବେଗଶୀଳ ଜୀବନର ଅସହ୍ୟ ସମସ୍ୟା ମଧରେ ଯଥାରୀତି ଲେଖନୀ ଚାଳନା ତାଙ୍କ ପକ୍ଷରେ ସମ୍ଭବ ହୋଇନାହିଁ। କିନ୍ତୁ, ସେ ଯଦି କର୍ମ ପରିବର୍ତ୍ତେ କେବଳ ଚିନ୍ତା ପାଇଁ ନିଜକୁ ଉଦ୍ଦିଷ୍ଟ କରି ଥାଆନ୍ତେ, ତେବେ କବି ଓ ସାହିତ୍ୟିକ ରୂପେ ଦେଶପ୍ରତି ତାଙ୍କର ଦାନ ଯେ ମହତ୍ୱପୂର୍ଣ୍ଣ ହୋଇଥା'ନ୍ତା ଏଥିରେ ସନ୍ଦେହ ନାହିଁ। କର୍ମଗତ ଦର୍ଶନ ମଧରେ ଜନ୍ମଗତ ପ୍ରତିଭା ପ୍ରତି ସେ ଉଦାସୀନ ହୋଇଛନ୍ତି, ଲେଖନୀ ପରିବର୍ତ୍ତେ ଦୁଃସ୍ଥର ଝଣ୍ଡା ସେ ନିଜ ହାତରେ ବରଣ କରି ନେଇଛନ୍ତି। ଲେଖାଲେଖି ତାଙ୍କର କେବଳ ସାମୟିକ ପ୍ରକ୍ରିୟା, କ୍ରମିକ କ୍ରିୟା ନୁହେଁ।

କିନ୍ତୁ ଚିନ୍ତା ତାଙ୍କର ନିଜସ୍ୱ ଗୁଣ। ଚିନ୍ତାର ଅଭିବ୍ୟକ୍ତି ପାଇଁ ଚେଷ୍ଟା ନକଲେ ମଧ ଉଚ୍ଚତର ଚିନ୍ତା ମଧରେ ଭାବଗତ ଭାବରେ ସେ ବୁଡ଼ି ରହିଛନ୍ତି ଏବଂ ସେଇଥିପାଇଁ ସେ ଜଣେ ଇଣ୍ଟେଲେକ୍‌ଚୁଆଲ, ଯେଉଁ ଶବ୍ଦର ଅବିକଳ ଓଡ଼ିଆ ପ୍ରତିଶବ୍ଦ ମୁଁ ନିର୍ଣ୍ଣୟ କରି ପାରୁ ନାହିଁ। ତାଙ୍କର ଚିନ୍ତା ବହୁମୁଖୀ ଓ ବିକ୍ଷିପ୍ତ ଏବଂ ତାଙ୍କର ଦୃଷ୍ଟିଭଙ୍ଗୀ ଭିତରେ ରହିଛି ନୂତନତ୍ୱ। ସେହି ଚିନ୍ତାଶକ୍ତି ଓ ଦୃଷ୍ଟିଭଙ୍ଗୀ ଭିତରେ ତାଙ୍କର ସୃଜନ ଶକ୍ତି ମୌଳିକତ୍ୱର ପରିଚୟ ଦିଏ।

କେଉଁ ପରିସ୍ଥିତିରେ ମନମୋହନବାବୁ ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ଜୀବନୀ ଲେଖିବା ଦାୟିତ୍ୱ ଗ୍ରହଣ କଲେ ତାହା ମୋତେ ଅଜଣା। କିନ୍ତୁ ଯେପରି ଐତିହାସିକ ପର୍ଯ୍ୟେକ୍ଷଣ ଦ୍ୱାରା ସେପରି ଲେଖା ସମ୍ଭବ ହୁଅନ୍ତା, ଠିକ୍ ସେହିପରି ଗବେଷଣା ସେ କରି ପାରିଛନ୍ତି। କେବଳ ସେତିକି ନୁହେଁ, ତାଙ୍କ

Digitized by srujanika@gmail.com

ଗବେଷଣା ମଧ୍ୟରେ ତିନିପ୍ରକାର ମୌଳିକ ପ୍ରୟୋଗ ପ୍ରକାଶ ପାଉଛି ଯାହା ଗତାନୁଗତିକ ଗବେଷଣା ମଧ୍ୟରେ କ୍ୱଚିତ୍ ଦେଖିବାକୁ ମିଳେ। ପ୍ରଥମତଃ, ବାରିଷ୍ଟର ବିଶ୍ୱନାଥଙ୍କ ଜୀବନୀ ସେ ଅନୁଧ୍ୟାନ କରିଛନ୍ତି ଓଡ଼ିଶାର ରଙ୍ଗାଳୟ ଉପରେ, ଯେଉଁ ମଞ୍ଚର ପ୍ରତ୍ୟେକ ସ୍ଥାନ ସମସାମୟିକ ଉତ୍କଳଭୂମି ଓ ଓଡ଼ିଆ ଜାତିର ନିଖୁଣ ଛବି ଦର୍ଶାଇ ଦେଇ ପାରୁଛି। ଦ୍ୱିତୀୟରେ ଉତ୍କଳର ପ୍ରଚ୍ଛଦପଟ ରୂପେ ସେ ଅଙ୍କନ କରିଛନ୍ତି ତଦାନୀନ୍ତନ ଭାରତୀୟ ରାଜନୈତିକ ଘଟଣାବଳୀର ପ୍ରାଞ୍ଜଳ ଚିତ୍ର ଯେଉଁଥିରେ ଦର୍ଶକ ଦେଖି ପାରୁଛନ୍ତି ବିଦେଶୀ ଶାସନର ଘାତ ପ୍ରତିଘାତ ଭିତରେ ଶାସିତ ଭାରତର ଦୟନୀୟ ଅବସ୍ଥା। ତୃତୀୟତଃ,ଭାରତୀୟ ସମସ୍ୟାର ପାର୍ଶ୍ୱ ପରଦା ରୂପେ ସେ ବ୍ୟବହାର କରୁଛନ୍ତି ବୃହତ୍ତର ବିଶ୍ୱ ରାଜନୀତିର ବିକ୍ଷିପ୍ତ ଗତି ଓ ଭାବଧାରା ଏବଂ ସେଥିରେ ପୁଣି ସେ ଅଙ୍କନ କରି ପାରୁଛନ୍ତି ନିଜ ବୈପ୍ଳବିକ ମନର ଆବେଗପୂର୍ଣ୍ଣ ଚିନ୍ତା। ଫଳରେ, ଉତ୍କଳର ଜନୈକ ବରପୁତ୍ରଙ୍କ ଜୀବନୀ ଆମ ଆଗକୁ ଆଣି ଦେଉଛି ଉତ୍କଳ, ଭାରତ ଓ ବିଶ୍ୱର ବିବିଧ ପ୍ରକାର ପରିଚୟ ଏବଂ ଏହି କୃତିତ୍ୱରେ ରହିଛି ଲେଖକଙ୍କ ବିଶେଷତ୍ୱ।

ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା। ଉତ୍‌ଥାନ ପତନ କେବଳ ବ୍ୟକ୍ତି ଜୀବନର ପ୍ରାକୃତିକ ରୀତି ନୁହେଁ। ପ୍ରତ୍ୟେକ ଜାତିର ଜୀବନରେ ମଧ୍ୟ ଏହା ଏକ ଇତିହାସପୂତ ସତ୍ୟ। କଳିଙ୍ଗ, ଉତ୍କଳ, ଓଡ଼ିଶାର ଅତୀତ ଗୌରବ ବିଶ୍ୱବିଦିତ। କିନ୍ତୁ ସେହି ଗୌରବ ପୁଣି କାଳଚକ୍ରର ପେଷଣ ଭିତରେ ଧୂଳିରେ ମିଶି ଯାଇ ପାରିଲା ଯେତେବେଳେ ଅତୀତର କୀର୍ତ୍ତି ଓ କୃତିତ୍ୱ ବିସ୍ମରଣ ଗର୍ଭରେ ପ୍ରତିଧ୍ୱନି ଭାବରେ ମଧ୍ୟ ରହିପାରିଲା ନାହିଁ। ଗଜପତି ମୁକୁନ୍ଦ ଦେବଙ୍କ ପତନକାଳରୁ ଆରମ୍ଭ ହେଲା ଓଡ଼ିଶାର ଅନ୍ଧକାରାଚ୍ଛନ୍ନ ଯୁଗ। ନିଶୀଥର ସୁଯୋଗରେ ଆଗଙ୍ଗା-ଗୋଦାବରୀ ସୂର୍ଯ୍ୟ-ସାମ୍ରାଜ୍ୟର ଧ୍ୱଂସସ୍ତୂପ ଉପରେ ଇଂରେଜମାନେ ଟାଣି ଦେଲେ ସେମାନଙ୍କର ଇଚ୍ଛାକୃତ ସୀମା ରେଖା। ଓଡ଼ିଶାର ପ୍ରାଣପିଣ୍ଡ ରହିଗଲା କେବଳ ଭାଷାଗତ ମମତା ଭିତରେ। ଶାସନ ଦୃଷ୍ଟିରୁ ଓଡ଼ିଆ ଜାତି ହୋଇଗଲେ ବହୁଧା ବିଭକ୍ତ।

ଶେଷରେ ଆସିଲା ନିଶାନ୍ତ ଓ ଉଷା। ଭାରତୀୟ ରେନାସାଁର ପରିଧି ମଧ୍ୟରେ ଉତ୍କଳୀୟ ରେନାସାଁ। ରେନାସାଁ ଶବ୍ଦର ଅର୍ଥ ବ୍ୟାପକ। ଏହା କେବଳ ଜ୍ଞାନର ନବୀକରଣ ନୁହେଁ; ଭ୍ରାନ୍ତ ଓ ସଂଜ୍ଞାଶୂନ୍ୟ ପରିବେଶର ଅନ୍ତରାଳରେ ସଚେତନତାର ଏହା ହେଉଛି ଏକ ଆବର୍ତ୍ତନ। ଖଣ୍ଡ ଛିନ୍ନ ବିକ୍ଷିପ୍ତ ଉତ୍କଳ। ଅନ୍ଧବିଶ୍ୱାସ, କୁସଂସ୍କାର,

Digitized by srujanika@gmail.com

ଅଜ୍ଞାନ ଓ ଅନ୍ଧକାର । ଜାତୀୟ ଅବସାଦ, ଗ୍ଲାନି, ଦୈନ୍ୟ, ଦୁଃଖ ଓ ନିପୀଡ଼ନ । ନିଷ୍ପେସିତ, ମୂକ, ଦୁର୍ବଳ ମନୁଷ୍ୟର ଅବ୍ୟକ୍ତ ଅନ୍ତର୍ଦାହ । ସମୟର ଏହିସବୁ ପୁଞ୍ଜିଭୂତ ଅପଘ୍ରର ବିରୁଦ୍ଧରେ ଉତ୍‌ଥିତ ମନର ସ୍ୱତଃ ପ୍ରତିକ୍ରିୟା, ନୂତନତ୍ୱର ପ୍ରେରଣା ଏବଂ ସର୍ବୋପରି ନିର୍ଭୀକ ମନର ଅଦମ୍ୟ ଉତ୍ସାହ ମଧ୍ୟରେ ଆରମ୍ଭ ହେଲା ଓଡ଼ିଶାର ନବ ଜାଗରଣ । ଯୁଗଧର୍ମର ଏହି ଆହ୍ୱାନରେ ଯେଉଁ ମୁଷ୍ଟିମେୟ ବ୍ୟକ୍ତି ଚେଇଁ ଉଠିଥିଲେ ସେମାନଙ୍କ ମଧ୍ୟରେ ଜଣେ ଥିଲେ ଉତ୍କଳରନ୍ ବିଶ୍ୱନାଥ । ନବଜାଗରଣର ଅଗ୍ରସାରଥୀମାନେ ଆଜି ନାହାନ୍ତି । ଯେଉଁ ଅସ୍ଥିର ସମୟ, ଭୟପ୍ରଦ ଶାସନ ଓ ଅବନତ ସମାଜର ଚକ୍ରବ୍ୟୂହ ମଧ୍ୟରେ ସେମାନଙ୍କ ଜୀବନ ସଂଗ୍ରାମ ଚାଲିଥିଲା ସେ ସମୟ, ଶାସନ ଓ ସମାଜ ଅତୀତର କୁହେଳିକାରେ ହଜି ଗଲାଣି । କିନ୍ତୁ ଆଜିର ଉତ୍‌ଥିତ ଓ ଅଗ୍ରଗାମୀ ଓଡ଼ିଆ ସେହିମାନଙ୍କ ନିକଟରେ ଋଣୀ ଯେଉଁମାନେ ଏ ଜାତିର ପ୍ରାଣରେ ସଞ୍ଜୀବନୀ ଢ଼ାଳିଥିଲେ ତଥା ଆଧୁନିକ ଓଡ଼ିଶାର ମୂଳଭିତ୍ତି ସ୍ଥାପନ କରିଥିଲେ ।

ଉତ୍କଳରନ୍‌ଙ୍କ ଜୀବନୀ ଉପରେ ମୁଖବନ୍ଧରେ କୌଣସି ସୂଚନା ଦେବା ଅନାବଶ୍ୟକ । କାରଣ, ଯେଉଁ ଆଗ୍ରହ ନେଇ ପାଠକମାନେ ଲେଖକଙ୍କ ବିଶଦ ଓ ଚିତ୍ତାକର୍ଷକ ବିବରଣୀ ଅଧ୍ୟାୟ ପରେ ଅଧ୍ୟାୟ ପଢ଼ି ଚାଲିବେ, ସେ ସବୁର ଈଷତ୍ ପୂର୍ବାଭାସ ସେହି ଆଗ୍ରହର ଗୁରୁତ୍ୱ ହ୍ରାସ କରିପାରେ । ବାରିଷ୍ଟର ବିଶ୍ୱନାଥଙ୍କ ଜୀବନକାଳ ଓଡ଼ିଶା ଇତିହାସର ଏକ ଗଠନମୂଳକ ସମୟ । ଭାରତର ଚାରିଆଡ଼େ ମଧ୍ୟ ସେହି ସମୟର ତାତ୍ପର୍ଯ୍ୟ ଥିଲା ଠିକ୍ ତାହା । ବୌଦ୍ଧିକ ଓ ତାତ୍ତ୍ୱିକ ବିକାଶର ଅପରିହାର୍ଯ୍ୟ କ୍ରିୟା ପ୍ରକ୍ରିୟା ମଧ୍ୟରେ ଜାତିର ଭୌତିକ ଓ ପାର୍ଥିବ ପରିବର୍ତ୍ତନ ଅବଶ୍ୟମ୍ଭାବୀ ଥିଲା ଏବଂ ଓଡ଼ିଶାର ମିଶ୍ରଣ ଆନ୍ଦୋଳନ ଥିଲା ତାହାର ଏକ ପରିପ୍ରକାଶ । ଆଶ୍ଚର୍ଯ୍ୟର ବିଷୟ; ଭାରତର ଅନ୍ୟ କୌଣସି ପ୍ରାନ୍ତରେ ଭାଷାଭିତ୍ତିକ ପ୍ରଦେଶ ଗଠନ ପାଇଁ କଳ୍ପନା ସୁଦ୍ଧା ନଥିଲା ବେଳେ ଓଡ଼ିଶାର ମନୀଷୀମାନେ ଆନ୍ଦୋଳନ କରିଥିଲେ ମାତୃଭାଷା ପରିମେୟ ପ୍ରଦେଶ ପାଇଁ, ଅଥଚ ଓଡ଼ିଶା ଥିଲା ସେତେବେଳେ ଭାରତର ଏକପ୍ରକାର ସର୍ବାଧିକ ଅବହେଳିତ ଅଞ୍ଚଳ । ଏହିଠାରେ ରହିଛି ଓଡ଼ିଆ ନେତୃତ୍ୱର ବିଶେଷତ୍ୱ ଏବଂ ଏହା ପଶ୍ଚାତ୍‌ରେ ରହିଛି ଉତ୍କଳ ଐତିହ୍ୟର ମହାନ ପ୍ରେରଣା । ବାରିଷ୍ଟର ବିଶ୍ୱନାଥ ଛିନ୍ନହସ୍ତା, ଛିନ୍ନମସ୍ତା ମାତୃଭୂମିର କ୍ରନ୍ଦନରୋଳ ମଧ୍ୟରେ ସତେ ଯେପରି ଶୁଣିଥିଲେ ସମୟ ତରଙ୍ଗର ସେପାରିରୁ ଭାସି ଆସୁଥିବା ପ୍ରାଚୀନ କଳିଙ୍ଗର ତୂରୀ ଓ ତୂର୍ଯ୍ୟନାଦ । ବିଦେଶୀ ସରକାରର କର୍ଣ୍ଣକୁହରରେ ସେ ଢ଼ାଳିଥିଲେ ବିସ୍ମୃତ କାଳର ଗୌରବ ଗାଥା ।

Digitized by srujanika@gmail.com

ଉତ୍କଳ ଜନନୀର ବରପୁତ୍ର ବିଶ୍ୱନାଥଙ୍କର ଏହି ପୂର୍ଣ୍ଣାଙ୍ଗ ଜୀବନୀ ଓଡ଼ିଶା ଇତିହାସ ପ୍ରତି ତଥ୍ୟ ସମ୍ବଳିତ ଏକ ମହାର୍ଘ ଦାନ ଏବଂ ତତ୍କାଳୀନ ଓଡ଼ିଶାର ଏ ମଧ ଏକ ଅଭିନବ ଇତିହାସ । ଜାତି ପ୍ରାଣରେ ସେହି ମହାନ ମନୀଷୀଙ୍କର ସ୍ମୃତି ଶାଶ୍ୱତ ରଖିବା ଉଦ୍ଦେଶ୍ୟରେ ଲେଖକଙ୍କର ଏହି ଉଦ୍ୟୋଗ ପାଇଁ ଦେଶବାସୀଙ୍କ ପକ୍ଷରୁ ତାହାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଇତି ।

ତା ୨।୧୦।୧୯୭୮

ଡଃ ମନ୍ମଥନାଥ ଦାସ
ମୁଖ୍ୟ ଅଧ୍ୟାପକ
ଇତିହାସ ବିଭାଗ, ଉତ୍କଳ
ବିଶ୍ୱବିଦ୍ୟାଳୟ
ବାଣୀବିହାର

■■■

Digitized by srujanika@gmail.com

ଭୂମିକା ପରିବର୍ତ୍ତେ

ଏ ବହି ଯଥାର୍ଥ ଅର୍ଥରେ ଜୀବନୀ ନୁହେଁ। ଏକେ ତ ଜୀବନୀ ଲେଖକର ଧୈର୍ଯ୍ୟ, ଅନୁସନ୍ଧିତ୍ସା, ଅଧ୍ୟବସାୟ ମୋ ଠାରେ ନାହିଁ। ଦ୍ୱିତୀୟରେ ସେ ସବୁ ହାସଲ କରିବାର ଅଭ୍ୟାସ ଆରମ୍ଭ କରି ଦୋରସ୍ତ ହେବାକୁ ମୋର ଆଉ ସୁଯୋଗ ନାହିଁ, ସୌଭାଗ୍ୟ ନାହିଁ। ସ୍ୱର୍ଗୀୟ ବିଶ୍ୱନାଥ ମିଶ୍ର ଯେଉଁ ବୟସରେ ଚିରକାଳ ପାଇଁ ଆଖି ବୁଜିଥିଲେ ସେହି ବୟସଠାରୁ ମୁଁ ପାଞ୍ଚବର୍ଷ ଟପିସାରିଲିଣି।

ତୃତୀୟ କଥା, ବିଶ୍ୱନାଥ ମିଶ୍ରଙ୍କ ବିଷୟରେ ଯେଉଁ ଜ୍ଞାତବ୍ୟ ତଥ୍ୟ ଲେଖାଟିକୁ ଯଥାର୍ଥ ଜୀବନୀ କରିବାରେ ସହାୟକ ହୁଅନ୍ତା, ତାହା ଏକବର୍ଷରୁ ଊଣା କାଳ ଭିତରେ ମିଳିବା ସମ୍ଭବ ନଥିଲା। ବେଶୀକାଳ ପରିଶ୍ରମ କରିଥିଲେ, ଯେ ବିଶେଷ କିଛି ଫଳ ଫଳିଥାଆନ୍ତା ସେ ପ୍ରତ୍ୟୟ ମଧ୍ୟ ନାହିଁ।

ସେ ଥିଲେ ଜଣେ ଆତ୍ମବିଲୟୀ ସ୍ୱଭାବର ଲୋକ। ଏହାର ଗୋଟିଏ ଶ୍ରେଷ୍ଠ ପ୍ରମାଣ ହେଉଛି ଯେ ତାଙ୍କର ମୃତ୍ୟୁ ସମୟ ବେଳକୁ ସେ ଯେଉଁ ବହିଟିକୁ ଲେଖିସାରି ପ୍ରକାଶ ପୂର୍ବରୁ କେତେକ ବିଦ୍ୱାନ ସହକର୍ମୀଙ୍କର ମନ୍ତବ୍ୟ ଓ ପରାମର୍ଶ ଲୋଡ଼ିଥିଲେ, ସେହି ବହିଟିର ପାଣ୍ଡୁଲିପି ତାଙ୍କ ମୃତ୍ୟୁ ସହିତ ନିଖୋଜ ହୋଇଯାଇଛି। ବହିଟିର ନାମ ଥିଲା "A Short History of Ancient Utkal"। ସେ ବହିଟି ଥିଲେ ବା ଲେଖକଙ୍କର ରୁଚି, ରସିକତା, ନିଷ୍ଠା ଓ ବିଗ୍ଧର ବୁଦ୍ଧିର କିଞ୍ଚିତ୍ ପରିଚୟ ଆବିଷ୍କୃତ ହୋଇଥାଆନ୍ତା। ଏହିସବୁ ଦୃଷ୍ଟିରୁ ଏ ପୁସ୍ତକକୁ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ବୋଲି ଦାବୀ କରିବା ମୋ ପକ୍ଷରେ ଧୃଷ୍ଟତା ହେବ।

ଆଜିର ସାହିତ୍ୟ ରାଜ୍ୟରେ ଜୀବନୀ ସାହିତ୍ୟରେ ଆୟତନ ଓ ଗୁରୁତ୍ୱ ସାମାନ୍ୟ ନୁହେଁ। ଏହା ବି ଅର୍ବାଚୀନ ନୁହେଁ। ପିଲାଦିନେ ଏବ୍‌ବର୍ଟଙ୍କର ଲେଖା 'ଲାଇଫ ଅଫ୍ ନେପୋଲିୟନ ବୋନାପାର୍ଟ' ଦେଖିଥିଲି। ପଢ଼ିବାର ବିଦ୍ୟା ହାସଲ କରି ନଥିଲି। ତେବେ ବି କଳନା କରି ପାରିଥିଲି; ଜୀବନୀର ନାୟକ ଯେପରି ବିରାଟ, ବହିଟି ସେପରି ବିଶାଳ।

କ୍ରମେ ଧାରଣା ହୋଇଥିଲା ବ୍ୟକ୍ତିର ଇତିହାସ ହିଁ ଜୀବନୀ। ତେଣୁ ମୁଁ ଏକପ୍ରକାର ଗ୍ରହଣ କରି ନେଇଥିଲି ଯେ ଜୀବନୀ ହେଉଛି ଛକ କଟା ସନ ତାରିଖ ଓ କ୍ରମାନ୍ୱୟତାର ପଞ୍ଜିକା। ଏଥିରେ ସାହିତ୍ୟକ ମୂଲ୍ୟ ଚେତନା ରତିଏ ଥିଲେ, ଥିବ। କିନ୍ତୁ ବାକୀ ସବୁ ହେଲା ନିର୍ଜଳା ପ୍ରମାଣପତ୍ର। ଯେପରି ବୀଜଗଣିତର ଫର୍ମୁଲାକୁ ରାମ ଓ ଦାମ ଉଭୟ ଲେଖିଲେ ବା ଉଚ୍ଚାରଣ କଲେ। ସେଥିରେ ରାମଙ୍କର ଓ

Digitized by srujanika@gmail.com

ଦାମଙ୍କର ଚରିତ୍ର ଶୈଳୀ, ରଚନା ପାଟବ, ବ୍ୟଞ୍ଜନା ଇତ୍ୟାଦି ନନ୍ଦନତତ୍ତ୍ୱସମ୍ମତ ସାହିତ୍ୟିକ ମୂଲ୍ୟ ଖୋଜିବା ନିରର୍ଥକ, ପ୍ରାୟ ଠିକ୍ ସେହିପରି ଜୀବନୀ ଲେଖକର ଲେଖା ଭିତରେ ତାହାର ସାହିତ୍ୟିକ ଶକ୍ତିର ମାନ ଖୋଜିବା ନିରର୍ଥକ। ମୋର ଏ ଧାରଣା ଯେ ନିତାନ୍ତ ଭୁଲ ତାହା ମୁଁ ପ୍ରଥମେ ବସଓୟେଲଙ୍କର 'ଲାଇଫ ଅଫ ଡକ୍ଟର ଜହନସନ୍' ପଢ଼ିଲା ପରେ ଜାଣିଲି। ଜୀବନୀ ହେଉଛି ଷୋଳ କଳାପୂର୍ଣ୍ଣ ସାହିତ୍ୟ; ତେବେ ଯେତେବେଳେ ସେହି ଜୀବନୀର ନାୟକ ବି ଜଣେ ସାହିତ୍ୟିକ।

ଯଦି ଅଣ-ସାହିତ୍ୟିକଙ୍କର ଜୀବନୀ ଲେଖା ହୁଏ? ତେବେ ସେ ସାହିତ୍ୟ ହେବ ନା ନାହିଁ? ସେକଥା କହିବା କଷ୍ଟ। ସବୁ ନିର୍ଭର କରେ ଜୀବନୀ ଲେଖକଙ୍କର ପାଟବ ଓ ବିଶେଷ କରି ପ୍ରବୃତ୍ତି ଉପରେ। ସେ ଜୀବନୀଟିକୁ ଘଟଣା ପ୍ରଧାନ କରିପାରନ୍ତି, ଚରିତ୍ର ପ୍ରଧାନ କରିପାରନ୍ତି, ତାହାକୁ ଇତିହାସ ନୋଟ ବହି କରିପାରନ୍ତି; ନଚେତ୍ ସେଥିରୁ ଐତିହାସିକ ଉପନ୍ୟାସ, ନବନ୍ୟାସ, କାବ୍ୟ ବା ମହାକାବ୍ୟ ରଚନା କରିପାରନ୍ତି।

ଏକଥା ହେଜିଲା ବେଳକୁ ମୋର ପରମାୟୁର ବାରପଣିଆ ଶେଷ ପ୍ରାୟ। ଏଥିଭିତରେ ମୁଁ ଅଜସ୍ର ଜୀବନୀ ପଢ଼ିଛି। ଯେଉଁମାନେ ସଂସାର ଯାତ୍ରାରେ ପୁଷ୍ପକ ରଥରେ ଜନ୍ମିଲା କାଳରୁ ଚଢ଼ି ଗ୍ଭଲିଛନ୍ତି, ତାଙ୍କଠାରୁ ଆରମ୍ଭ କରି ବାରବୁଲା ଭିଖାରୀର ସନ୍ତାନ ଭାବରେ ଜନ୍ମିଥିବା ବ୍ୟକ୍ତିଙ୍କର ଜୀବନୀଯାଏ। ମହାକବି ଗେଟେ, କାର୍ଲ ମାର୍କସ, ଲେନିନ, ନେପୋଲିୟନ, ଡ଼ିସରାଏଲି, କାମାଲ ପାଶା, ସେକ୍‌ପିଅର, ଲିଙ୍କନ, କେନେଡ଼ି, ଗାନ୍ଧି, ଜବାହାରଲାଲ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ... ତା'ର ହିସାବ ନାହିଁ।

ମୁଁ ସମାଲୋଚକ ନୁହେଁ, ତେବେ ଅଭିଜ୍ଞତାରୁ ଟିକିଏ ଭଲ ଅସାର ବାରି ପାରେ। ଏଥିରୁ ଜାଣେ ଯେ କବିତା କ୍ଷେତ୍ରରେ ବିଭିନ୍ନ ଯୁଗ ଭେଦରେ ଓ କବିର ଦୃଷ୍ଟି ଭେଦରେ ଯେପରି ନାନା ଶୈଳୀ, ଟେକନିକ୍, ଫର୍ମ, ମ୍ୟାନର ଦେଖାଦେଇଛି, ଏବେ ବି ଦେଖିବାକୁ ମିଳୁଛି ଜୀବନୀ କ୍ଷେତ୍ରରେ ଊଣା ହେଲେ ବି ସେଭଳି ଗ୍ଭଲିଛି। ଫ୍ରଏଡ଼ବାଦ, ପ୍ରୟୋଗବାଦ, ଅସ୍ମିତାବାଦ, ଭବିତବ୍ୟବାଦ ଇତ୍ୟାଦି ନାନାପ୍ରକାର ସୂକ୍ଷ୍ମ ଟେକ୍‌ନିକ୍ ବି ଜୀବନୀ ଭିତରେ ପ୍ରବେଶ କଲାଣି। ତା'ପରେ ଆଜିର ଏ ଚଳଚ୍ଚିତ୍ର, ଦୂରଦର୍ଶନ ଓ ଜେଟ୍‌ଯାନ ଯୁଗରେ ଜୀବନ ଚିତ୍ରକୁ ହୃଦ୍ୟ କରିବା ପାଇଁ କେତେ ଯେ ପ୍ରୟୋଗ ଗ୍ଭଲିଛି ତାହା ତ କୁହା ନ ଯାଏ। ଉପନ୍ୟାସ, ଗଳ୍ପ, କାବ୍ୟ, ନାଟକ ସ୍ଥଳେ ଲେଖକର କଳ୍ପନାପକ୍ଷୀ ଯେତେ ମୁକ୍ତ ଆକାଶର ନୀଳିମା ଭିତରେ ହଜିବାକୁ ସାହସ କରିବ; ଜୀବନୀ ଲେଖକ ପାଇଁ ସେତିକି ସମ୍ଭବ ନୁହେଁ। ତେବେ ଏକାବେଳକେ ଅସମ୍ଭବ ନୁହେଁ।

Digitized by srujanika@gmail.com

ମୋ ଭଳି ଅକିଞ୍ଚନର ସେଭଳି ଜୀବନୀ ଲେଖା ରାଜ୍ୟରେ ପ୍ରବେଶ ଅପରେସନ ଟେବୁଲ ଉପରକୁ ଅକାଳ ସକାଳ ରୋଗୀର ପ୍ରବେଶ ଭଳି। ତେବେ ମନୀଷୀ ରୋମା ରୋଲାଁଙ୍କର ରାମକୃଷ୍ଣ ଓ ବିବେକାନନ୍ଦଙ୍କର ଜୀବନୀ ଯଦି କୌଣସି ସୁଯୋଗ ଥିଲା ଭାରତୀୟ ନ ପଢ଼ିଛି ତେବେ ତା'ର ଜୀବନ ବୃଥା। କିଏ ପଢ଼ି ମୁଗ୍ଧ ନ ହୋଇଛି ? ତାହା କ'ଣ କେବଳ ସାହିତ୍ୟ ? ସେତ କ୍ଲାସିକ୍-ମହାକାବ୍ୟ। ସମୁଦ୍ରର ତରଙ୍ଗ ଭଳି ବିରାଟ ତାହାର ଓୟେଭ୍‌ଲେଙ୍ଗଥ୍। ଇଥରର କମ୍ପନ ଭଳି ତା'ର ସୂକ୍ଷ୍ମତା ..... ସେଠାକୁ ପ୍ରବେଶ ଅପରେସନ ଘରକୁ ଶଲ୍ୟ ଚିକିତ୍ସା ପାଇଁ ଯାଉଥିବା ରୋଗୀର ପ୍ରବେଶ ନୁହେଁ। ସେଠାକୁ ପ୍ରବେଶ ହେଉଛି ପରମ ତୀର୍ଥ ସ୍ନାନ।

ମୋର ନିବେଦନ, ବିଦଗ୍ଧ ପଣ୍ଡିତମାନେ ଏହାକୁ ଲିଟନ୍ ଷ୍ଟ୍ରାଚି, ଏମିଲ ଲୁଡ୍ ଉଇଗ୍, ଉଇଲ ଡୁରାଣ୍ଟ ଇତ୍ୟାଦି ବିଶ୍ୱବିଶ୍ରୁତ ଜୀବନୀ ସାହିତ୍ୟକାରଙ୍କର କୃତି ସହିତ ତୁଳିବେ ନାହିଁ। ଏ ଲେଖା ସେ ସବୁ ଗୋଷ୍ଠୀ, ଟେକ୍‌ନିକ୍ ଶୈଳୀ ଇତ୍ୟାଦିର ପାଖ ପଶି ନାହିଁ।

ମୋଟ ଉପରେ ଏ ଲେଖା, ନିରାପଦ ଭାବରେ ଏକ ଅବଲୋକନ। ଦୀନକୃଷ୍ଣ ଦାସଙ୍କର, 'କୃପାସିନ୍ଧୁ ବଦନ'କୁ ଅନାଇଁଲା ପରି। ଅର୍ଜ୍ଜୁନଙ୍କର ବିଶ୍ୱରୂପ ଦର୍ଶନପରି ଭାବିବେ ନାହିଁ। ଏହାର ସାହିତ୍ୟିକ ମୂଲ୍ୟ ବିଚାର ମୋର ବିଧି ନୁହେଁ।

ବହିଟିର ନାମକରଣ ପାଇଁ ମୋତେ ବହୁ ଚିନ୍ତା ଓ ଦ୍ୱନ୍ଦ୍ୱ ହେଇ ଯିବାକୁ ପଡ଼ିଛି। ମଧୁବାବୁଙ୍କର କବିତାର ବହୁ ଜଣା ଶୁଣା ଦୁଇଟି ପଂକ୍ତି :

"ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡ଼ି ସିନ୍ଧୁ ନୀରେ।"

ଏହି 'ଜାତି-ପ୍ରାଣ-ସିନ୍ଧୁ' ଉପମାଟି ମୋର ହେତୁ ହେଲା କାଳରୁ ମୋତେ ଖୁବ୍ ଘେନି ଥିଲା। ତାହାକୁ ଯୋଡ଼ି ଏ ବହିଟିର ଜାତକ ନାମ ଭିଆଣ କରିଛି। ସିନ୍ଧୁ ନ ଥିଲେ ତରଙ୍ଗର ଅସ୍ତିତ୍ୱ ନାହିଁ; ତରଙ୍ଗ ନଥିଲେ ସିନ୍ଧୁ ଖାଲି ଚିତ୍ରପଟ। ଇଂରାଜୀ କବି କଲରିଜଙ୍କର ଅନବଦ୍ୟ ଭାଷାରେ –

"Like a painted ship
in a painted ocean"

'ଚିତ୍ରପଟରେ ଲେଖା ସମୁଦ୍ର'

"ଛବି କି ତୁମି ଛବି, ଶୁଧୁ ପଟେ ଲିଖା ?" (ରବୀନ୍ଦ୍ର ନାଥ)

Digitized by srujanika@gmail.com

ତେଣୁ ସିନ୍ଧୁ ଓ ତରଙ୍ଗ ପରସ୍ପର ଅଚ୍ଛେଦ୍ୟ । ଆକାର ନାହିଁ କିନ୍ତୁ ନିରାକାର ବି ନୁହେଁ । ବର୍ଣ୍ଣନାତୀତ, ତଥାପି ବାସ୍ତବ । ବହୁ ବର୍ଣ୍ଣାଢ଼୍ୟ ଅଥଚ ବର୍ଣ୍ଣହୀନ । ନିକଟର ଅବଲୋକନ ଓ ଦୂର ଦର୍ଶନ ଭିତରେ ପ୍ରଚୁର ପାର୍ଥକ୍ୟ । ଏଭଳି ବିରୋଧାଭାସ ଆଉ ଦୂରକୁ ବଢ଼ାଇବା ନାହିଁ । ସମ୍ଭାଳିବା ଦୁଷ୍କର ହେବ ।

ମୋଟ ଉପରେ ମୋର ଏହି ଉଦ୍ୟମ ସମସାମୟିକ ସମାଜ ଜୀବନର ଏକ ପ୍ରଶସ୍ତ ପୃଷ୍ଠଭୂମିରେ ବିଶ୍ୱନାଥଙ୍କ ଜୀବନ ଯାତ୍ରାର ରୂପରେଖାର ଅଙ୍କନ । ଏହି ପୃଷ୍ଠଭୂମି ତାତ୍‌କାଳୀନ ଆଉ ଯେ କୌଣସି ଅସାଧାରଣ ବ୍ୟକ୍ତିଙ୍କର ରୂପରେଖାକୁ ସ୍ପଷ୍ଟ କରିବାରେ ସାହାଯ୍ୟକାରୀ ହେବ ଏହାହିଁ ମୋର ବଡ଼ ଆଶା । ମୋର ଏହି ଉଦ୍ୟମ ସେହି ଦିଗରେ ଏକ ପାଦ ପ୍ରଦୀପ । ଯଦି ଏହି ପୁସ୍ତକ କିଞ୍ଚିତ ପରିମାଣରେ ଏହି ପୃଷ୍ଠଭୂମି ଓ ତାହାର ସଂଯୋଜନାରେ ଅନୁପୂରକ ହେବାକୁ ସମର୍ଥ ହୁଏ, ତେବେ ମୋର ଏ ଲେଖାର ଶ୍ରମ ସାର୍ଥକ ହେବ, ମୁଁ କୃତାର୍ଥ ହେବି ।

କେତେକ ବିଦଗ୍ଧ ବ୍ୟକ୍ତି ପଚାରିଛନ୍ତି । ହଉ, ଏ ଲେଖା ପଛେ ଜୀବନୀ ପଦବାଚ୍ୟ ନ ହେଉ, ତେବେ ଏ ହେଲା କାହିଁକି ? କେହି କେହି ଅଦଗ୍ଧ, ଅର୍ଦ୍ଧ-ଦଗ୍ଧ ପଚାରିଛନ୍ତି "ଏ ବି.ଏନ. ମିଶ୍ର ବାରିଷ୍ଟର କେବଣ ପଦାର୍ଥ ? ଏହାଙ୍କ ବିଷୟରେ ନ ଲେଖିଥିଲେ କ'ଣ ଅଚଳ ରହୁଥିଲା ?"

ଜର୍ମାନ୍ ଦାର୍ଶନିକ ହେଗେଲଙ୍କର ଏକ ସୁନ୍ଦର ସୂତ୍ର ଅଛି, ଯାହାର ନାମ ସେ ଦେଇଥିଲେ ବିପରୀତର ମିଳନ – Unity of the opposites । ବିଦଗ୍ଧମାନେ ଅତି-ବିଦଗ୍ଧ ହେଲେ ଅଦଗ୍ଧ ବା ବଜାରୀ କଞ୍ଚାଙ୍କ ସଙ୍ଗେ ମିଶି ଯାଆନ୍ତି । ଏହା ଏକପ୍ରକାର ବିପରୀତର ମିଳନ । ଶୁଣିଲି ଏପରି ଉତୁରା-ବିଦଗ୍ଧଙ୍କର ବଜାରୀ କାଠଛତୁ ଲେଙ୍ଗଡା କାଗଜରେ ବାହାରିଥିଲା ଯେ ଯଦି ଓଡ଼ିଶାର 'ପ୍ରଥମ ବାରିଷ୍ଟରଙ୍କର ଜୀବନୀ ଏଡ଼େ ମୂଲ୍ୟବାନ, ତେବେ ପ୍ରଥମ ବେଶ୍ୟା, ପ୍ରଥମ ଘେରାକାରବାରୀ, ପ୍ରଥମ ଗୋଦରୀ ଇତ୍ୟାଦିମାନଙ୍କର ନାମ ବାହାର କରି ସେମାନଙ୍କର ଜୀବନୀ ଲେଖାଯାଉ ।

ହଉ, ଲେଖାଯାଉ । ଏବେ ଫରାସୀ ଭାଷାରେ ପ୍ରକାଶିତ ହୋଇ ସାରିବଣି ମହାମନୀଷୀ ଜାଁପଲ ସାର୍ତ୍ତରଙ୍କର 'ଜିନ୍ ଜୀବନ ଗାଥା' । ଜିନ ଘରେ ଫରାସୀ କାରାଗାରରେ ଏବେ ବି ଯାବଜ୍ଜୀବନ ବନ୍ଦୀ; ଏକ ମହାନ୍ ଡାକୁ । ସେଠାରେ ଏହି ବନ୍ଦୀ ସମୟ କାଟିବା ଛଳରେ ସେ ଲେଖିଲା କବିତା । ତାହା ଏବେ ମହା ଐଶ୍ୱର୍ଯ୍ୟମୟୀ ନନ୍ଦିତା ଓ ବନ୍ଦିତା ଫରାସୀ ସାହିତ୍ୟର ସମୁଜ୍ଜ୍ୱଳ ରତ୍ନ । ଜାଁ ପଲ୍ ସାର୍ତ୍ତର ଯିଏ ପୁଞ୍ଜିପତି ବିଶ୍ୱର ସର୍ବଶ୍ରେଷ୍ଠ ଉପାୟନ ଭାବରେ ସର୍ବବାଦୀସମ୍ମତ ନୋବେଲ ପୁରସ୍କାରକୁ ତାଙ୍କର ଗ୍ରହଣଯୋଗ୍ୟ ନୁହେଁ ବୋଲି ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି ସେ

Digitized by srujanika@gmail.com

ଲେଖୁଛନ୍ତି ବିଖ୍ୟାତ ଫରାସୀ ଔପନ୍ୟାସିକ ଫାଉବର୍ଟଙ୍କର 'ମ୍ୟାଡ଼ାମ ବୋଭାରି'ର ଛାଞ୍ଚରେ ଏହି ପ୍ରଚଣ୍ଡ ଡ଼ାକୁର ଜୀବନୀ। ଇଂରାଜୀରେ ଅନୁଦିତ ସାର୍ତ୍ତରଙ୍କର From existenlism to Dialectical Materialism (ଅସ୍ତିତାବାଦଠାରୁ ଦ୍ୱନ୍ଦମୂଳକ ବସ୍ତୁବାଦ ପର୍ଯ୍ୟନ୍ତ) ବହିରେ ଏହି ଜୀବନୀ ଲେଖାର ଦର୍ଶନ ଓ ଦୃଷ୍ଟିକୋଣ ଏବଂ ଏହାର ଶୈଳୀ ବିଷୟ ପ୍ରାଂଜଳ କରିଛନ୍ତି।

ତେଣୁ ଅଦଗ୍ଧ ଲେଙ୍ଗଡ଼ାରେ ଲେଖୁଥିବା କାମଳ ଲେଖକମାନେ ହତାଶ ହୁଅନ୍ତୁ ନାହିଁ। ଓଡ଼ିଆ ଭାଷାରେ ବି ଶ୍ରୀମତୀ ସରଳା ଦେବୀଙ୍କର ରଚିତ ପୁରୀର ଜଣେ ଆଦ୍ୟା ଅଣଓଡ଼ିଆଣି ଦେବଦାସୀର ଜୀବନ ଗାଥାର ବେତାର ରୂପାନ୍ତର କଟକ ଆକାଶବାଣୀରେ ପ୍ରଚାର ହେଲାଣି। କି କାରଣରୁ କୁଳକନ୍ୟା ବାରଙ୍ଗନା ହେଲା ? ଠିକ ସେପରି, କି କାରଣରୁ ଶ୍ରୀଅକ୍ଷର ବିବର୍ଜିତ ଲଫଙ୍ଗା ବି କବି ବୋଲାଇ ପାରିଲା ? କି କାରଣରୁ ଅଢ଼େଇ ଟଙ୍କିଆ କୁଲି ମସ୍ତାନ ପାଲଟି ପାରେ ଓ ଅଢ଼େଇ କୋଟିଆ କୋଠି ବମ୍ଭାଇର ମାରାଇନ୍ ଡ୍ରାଇଭରେ ବାଡ଼େଇ ଦେଇପାରେ ? କି କାରଣରୁ ରକ୍ତ ବିପ୍ଳବର ଛଳନା କରୁ କରୁ ଛଳନାକାରୀର ହଳଦିଆ କାମଳ ବର୍ଣ୍ଣ ଫୁଟି ବାହାରି ଦେଖାଯାଏ ? ଏ ସମସ୍ତ ବିଷୟରେ ଲେଖା ହେବାରେ ଆପତ୍ତି ନାହିଁ। ହେବା ଉଚିତ। କିଏ ଲେଖିବାକୁ ସାହସ କରିବ ?

ଅସ୍ତି ମମ କାଣୋଽପି ସମାନଧର୍ମା।
ଚଳୟତି କାଳଃ ନିରବଧି
ବିପୁଳାଶ୍ଚ ପୃଥ୍ୱୀ ?

(ଦୁଇ)

ଅସଲ କଥା, ବିଶ୍ୱନାଥ ସ୍ମୃତି ସଂସଦର ବଂଧୁମାନଙ୍କର କଟାକ୍ଷ ଏଡ଼ି ନ ପାରି ସିନା ମୁଁ ଏତେବାଟ ବଢ଼ିଗଲି; କିନ୍ତୁ ଓଡ଼ିଶାର ଇତିହାସ, ଭାରତର କେନ୍ଦ୍ର ବ୍ୟବସ୍ଥାପକ ସଭାର ବିଧାନ, ପ୍ରକ୍ରିୟା ଓ ପଦ୍ଧତି, ଭାରତ ଶାସନ ବିଧାନର କ୍ରମ ପରିବର୍ତ୍ତନର ଧାରା, ସାଇମନ୍ କମିସନ୍, ଗୋଲଟେବୁଲ ବୈଠକ ଇତ୍ୟାଦି ବିଷୟରେ ସମୁଦ୍ରବାହୀ ଜାହାଜର କପ୍ତାନ ଚାହିଁଲା ଭଳି ମୋର ବି କଂପାସର ଚାହିଦା ଥିଲା। ସେହି କଂପାସ ପାଇଁ ମୁଁ ମୋଠାରୁ ବୟସରେ କନିଷ୍ଠ କିନ୍ତୁ ସେମାନଙ୍କର ନିର୍ଦ୍ଦିଷ୍ଟ ଡ଼ିସିପ୍ଲିନ୍(ବିଭାଗ)ରେ କୃତିତ୍ୱଶାଳୀ ମୋଠାରୁ ଆପଣା ବିଭାବରେ ଜ୍ୟେଷ୍ଠ ଜଣେ ରାଜନୀତି ବିଜ୍ଞାନୀ ପ୍ରଫେସର ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ ଓ ଅନ୍ୟ ଜଣେ ଇତିହାସବେତ୍ତା ପ୍ରଫେସର ଡକ୍ଟର ମନ୍ମଥନାଥ ଦାସଙ୍କର ଆଶ୍ରୟ ଲୋଡ଼ିଥିଲି। ସେମାନଙ୍କର ବକ୍ତବ୍ୟ ପାଇଁ କୃତଜ୍ଞ ରହିବି।

Digitized by srujanika@gmail.com

ବିଶ୍ୱନାଥ ସ୍ମୃତି ସଂସଦ ସଭାପତି ମୋର ଅନୁଜ ପ୍ରତିମ ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା ଓ ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ ଯଥା ଶ୍ରୀ ଗଙ୍ଗାଧର ତ୍ରିପାଠୀ, ଶ୍ରୀ ଅରୁଣ କୁମାର ମିଶ୍ର, ଶ୍ରୀସୁଦର୍ଶନ ଦାଶ ଓ ଶ୍ରୀ ପ୍ରବୋଧ କୁମାର ପୁହାଣ ପ୍ରଭୃତି ମୋ ପରି ଅନଭ୍ୟସ୍ତ ବ୍ୟକ୍ତି ଦ୍ୱାରା ସ୍ୱଳ୍ପକାଳ ଭିତରେ ଯେ ଏଡ଼େ ବିଶାଳକାର୍ଯ୍ୟର ଦାୟିତ୍ୱ ତୁଲାଇ ନେଇ ପାରିଲେ ସେଥିପାଇଁ ସେମାନଙ୍କୁ ମୋର ଅଶେଷ ଧନ୍ୟବାଦ।

ସ୍ମୃତି ସଂସଦର ସଂପାଦକ ଶ୍ରୀ ବାସୁଦେବ ସେଠୀ ଏହି ବହିର ଧାତ୍ରୀ। ଏହାର ପାଣ୍ଡୁଲିପିର ପ୍ରକାଶ ପାଇଁ ସେ ସହିଷ୍ଣୁତା, ନିଷ୍ଠା ଓ ବିଜ୍ଞର ବୁଦ୍ଧିର ପ୍ରମାଣ ଦେଇଛନ୍ତି। ସ୍ମୃତି ସଂସଦର କୋଷାଧ୍ୟକ୍ଷ ଓ ସ୍ୱର୍ଗୀୟ ବାରିଷ୍ଟର ମିଶ୍ରଙ୍କର ସୁପୁତ୍ର ଶ୍ରୀ ପ୍ରତାପରୁଦ୍ର ମିଶ୍ର ଓ ତାଙ୍କର ପତ୍ନୀ ପୁତ୍ର ପରିବାରବର୍ଗ ଏ ବହିର ପ୍ରଣୟନରେ ଆବଶ୍ୟକୀୟ ସହଯୋଗ କରିଛନ୍ତି। ସେମାନଙ୍କୁ ମୁଁ ମୋର ସାଧୁବାଦ ଜଣାଉଛି। ସ୍ୱର୍ଗୀୟ ବିଶ୍ୱନାଥ ମିଶ୍ରଙ୍କ ସମସାମୟିକ ଯୁଗର ଇଲାକା ଭିତରେ ତାଙ୍କର ପରିଣତ ବୟସ ବେଳେ ଯେଉଁମାନେ ଥିଲେ କିଶୋର, ସେମାନଙ୍କ ଭିତରୁ ଗରିଷ୍ଠତମ ଓ ଯୋଗ୍ୟତମ ଦୁଇଜଣ ଯିଏ ସେ କାଳର ଘଟଣାବଳୀରେ ଆପଣା ଆପଣାର ଭୂମିକା ଗ୍ରହଣ କରିଥିଲେ ଓ ବିଶ୍ୱନାଥଙ୍କର କାର୍ଯ୍ୟକୃତି ବିଷୟରେ ଯେଉଁମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି ଅଛି, ସେହି ଦୁଇ ବ୍ୟକ୍ତି ଡକ୍ଟର ହରେକୃଷ୍ଣ ମହତାବ ଓ ଡକ୍ଟର ରାଧାନାଥ ରଥଙ୍କର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡ଼ିକ ଏହି ବହିର ପ୍ରାମାଣିକତାର ମୂଲ୍ୟ ବୃଦ୍ଧି କରିଛି। ସେମାନଙ୍କର ମହାନୁଭବତା ପାଇଁ ସେମାନଙ୍କ ନିକଟରେ ଋଣୀ ରହିଛି।

ଯେଉଁ ଉତ୍ସ-ପୁସ୍ତକମାନଙ୍କରୁ ଏହି ବହିର ସଂଯୋଜିତ ତଥ୍ୟଗୁଡ଼ିକ ମୁଁ ଆହରଣ କରିଛି ସେ ପୁସ୍ତକଗୁଡ଼ିକର ନାମ ଓ ବିବରଣୀ ମୁଁ ଯଥାସ୍ଥଳରେ ଆବଶ୍ୟକ ମତେ ଉଲ୍ଲେଖ କରିଛି। ଓଡ଼ିଆ ଭାଷାରେ ପୁସ୍ତକ ପ୍ରଣୟନରେ ବିଷୟ ତାଲିକା, ନାମ ତାଲିକା ଓ ସୂଚକ-ପୁସ୍ତକ ତାଲିକାର ବର୍ଣ୍ଣାନୁକ୍ରମିକ ସୂଚୀ ସନ୍ନିବିଷ୍ଟ କରିବାର ଆୟାସକର କିନ୍ତୁ ସୁସ୍ଥ ପରମ୍ପରା ନ ଥିବାରୁ ତାହା ଏ ପୁସ୍ତକରେ ରହି ନାହିଁ। ରଖିବାପାଇଁ ସମୟ ଓ ପରିଶ୍ରମ ଦରକାର। ଏଥିପାଇଁ ପାଠକମାନଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ। ପରବର୍ତ୍ତୀ ସଂସ୍କରଣରେ ପାଠକମାନେ ଗ୍ରହିଁଲେ, ରଖିବାର ବ୍ୟବସ୍ଥା କରାଯିବାର ଆଶା ଅଛି।

ପରିଶେଷରେ ଏ ବହିର ଉପଯୋଗିତା ବିଷୟରେ ଉଲ୍ଲିଖିତ ଶୁଭାନୁଧ୍ୟାୟୀ ଓ ଅନ୍ୟ ସମସ୍ତ ସହଯୋଗୀ, ଏଥିର କୃତିତ୍ୱରେ ଭାଗୀ କିନ୍ତୁ ଏଥିର ଦୋଷତ୍ରୁଟି ବିଷୟରେ ପୂର୍ଣ୍ଣମାତ୍ରାରେ ମୁଁ ହିଁ ଦାୟୀ।

ବୁଧବାର, ୧୧।୧୦।୭୮ — ମନମୋହନ ମିଶ୍ର

ରାଣୀହାଟ, କଟକ

■■■

Digitized by srujanika@gmail.com

ମତାମତ

ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ଶ୍ରଦ୍ଧେୟ ବନ୍ଧୁ, ସ୍ୱାଧୀନଚେତା, ବିପ୍ଳବୀ, କବି, ସାହିତ୍ୟିକ ଶ୍ରୀ ମନମୋହନ ମିଶ୍ର ବାରିଷ୍ଟର ବିଶ୍ୱନାଥଙ୍କର ଯେଉଁ ଜୀବନୀ ସଂକଳନ କରିଛନ୍ତି, ଏହା ଏପରି ତଥ୍ୟମୂଳକ ଅଥଚ ହୃଦୟସ୍ପର୍ଶୀ ହୋଇଛି, ଯେକୌଣସି ଓଡ଼ିଆ ଏହାକୁ ପଢ଼ିଲେ ତାଙ୍କ ହୃଦୟ ଜାତି ପ୍ରେମରେ ଉଦ୍‌ବେଳିତ ହେବ। ଗୋଟିଏ ଗରିବ ରକ୍ଷଣଶୀଳ ପରିବାରର ଜଣେ ଯୁବକ ନିଗଢ଼ ସାମାଜିକ ବନ୍ଧନକୁ ଛିନ୍ନ କରି ବିଲାତକୁ ଯାଇ ବାରିଷ୍ଟର ହୋଇ ଫେରି ଆସି ଦେଶରେ ଓଡ଼ିଆ ଜାତିର ମୁକ୍ତି ଆନ୍ଦୋଳନ ଓ ସମାଜ ସଂସ୍କାରରେ ନିଜକୁ ଯେ ଉତ୍ସର୍ଗ କରିଥିଲେ, ଏହା କମ୍ ସାହସର କଥା ନୁହେଁ। ସ୍ୱର୍ଗୀୟ ବିଶ୍ୱନାଥ ମିଶ୍ର ଓଡ଼ିଶାର ପ୍ରଥମ ବାରିଷ୍ଟର। ଦ୍ୱିତୀୟ ବାରିଷ୍ଟର ହେଉଛନ୍ତି ବାଲେଶ୍ୱରର ପ୍ରଖ୍ୟାତ ଭୂୟାଁ ଓକିଲଙ୍କ ପୁତ୍ର ହନାନ୍ ସାହେବ। ବିଶ୍ୱନାଥ ବାବୁ ଏଣ୍ଟ୍ରାନ୍‌ସ ପାଶ କରି ଯେପରି ବିଲାତକୁ ବାରିଷ୍ଟରୀ ପଢ଼ିବାକୁ ଯାଇଥିଲେ, ହନାନ୍ ସାହେବ ସେହିଭଳି ବିଲାତକୁ ବାରିଷ୍ଟରୀ ପଢ଼ିବାକୁ ଯାଇଥିଲେ। ଦୁଃଖର କଥା ହନାନ୍ ସାହେବଙ୍କର ଅଳ୍ପକାଳ ପରେ ପରଲୋକ ହୋଇଗଲା। ଉତ୍କଳର ତୃତୀୟ ବାରିଷ୍ଟର ହେଉଛନ୍ତି ସ୍ୱର୍ଗୀୟ ହେମଚନ୍ଦ୍ର ଶତପଥୀ। ୧୯୧୮ରେ ସେ ବିଲାତରୁ ବାରିଷ୍ଟରୀ ପଢ଼ି ପୃଥିବୀ ଯୁଦ୍ଧ ବେଳେ ଜାହାଜରେ ଫେରୁଥିବା ସମୟରେ ଶତ୍ରୁପକ୍ଷର ଆକ୍ରମଣ ଫଳରେ ସମୁଦ୍ରରେ ଜାହାଜ ବୁଡ଼ିଗଲା ଓ ଜାହାଜରେ ତାଙ୍କର ପ୍ରାଣହାନି ଘଟିଥିଲା। ସେତେବେଳେ ବାରିଷ୍ଟରୀ ପଢ଼ିବା ପାଇଁ ବିଲାତ ଯିବା ସହଜ ନଥିଲା। ତାହା ଯେପରି ଦୁଃସାହସିକ ସେହିପରି ବ୍ୟୟସାଧ୍ୟ ଥିଲା। ଉତ୍କଳର ନେତା ଉତ୍କଳଗୌରବ ମଧୁସୂଦନଙ୍କୁ ଲୋକେ ମଧୁବାରିଷ୍ଟର ବୋଲି କହୁଥିଲେ। କିନ୍ତୁ ମଧୁବାବୁ ଏମ.ଏ.ବି.ଏଲ ପାଶ କରିଥିଲେ, ଯଦିବା ସେ ବହୁ ବାରିଷ୍ଟରଙ୍କର ଗୁରୁଥିଲେ। ପୂର୍ବତନ ରାଷ୍ଟ୍ରପତି ବ୍ରହ୍ମପୁର ଅଧିବାସୀ ମାନ୍ୟବର ଭି.ଭି.ଗିରି ବାରିଷ୍ଟରୀ ପାସ୍ କରି ସର୍ବପ୍ରଥମେ କଟକ ଆସି ମଧୁବାବୁଙ୍କର ଜୁନିୟର ଥିଲେ। ୧୯୦୩ରେ ଉତ୍କଳ ସମ୍ମିଳନୀର ଉତ୍ପତ୍ତି ଓ ବିଧିବଦ୍ଧ ଓଡ଼ିଆ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ଦେଶମିଶ୍ରଣ ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ବାରିଷ୍ଟର ବିଶ୍ୱନାଥ ମିଶ୍ର ଜଣେ ଅଗ୍ରଗାମୀ ନେତା ରୂପେ କାର୍ଯ୍ୟ କରିଥିଲେ। ପୁରୀ ଜିଲ୍ଲାର ସତ୍ୟବାଦୀ ବନବିଦ୍ୟାଳୟ ନିକଟବର୍ତ୍ତୀ ସମସରପୁର ଗ୍ରାମରେ ଜନ୍ମ

Digitized by srujanika@gmail.com

ଗ୍ରହଣ କରିଥିବା, ବହୁ ଦୁଃଖ କଷ୍ଟ ଓ ବାଧାବିଘ୍ନ ଭିତରେ ଇଂରେଜି ଶିକ୍ଷା ଲାଭ କରିଥିବା ବାରିଷ୍ଟର ବିଶ୍ୱନାଥ ମିଶ୍ର ଉତ୍କଳ ସମ୍ମିଳନୀରେ ସବୁଠାରୁ ଅଧିକ ଦେଶମିଶ୍ରଣ ଆନ୍ଦୋଳନରେ ବ୍ରତୀ ଥିଲେ। ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ଉତ୍କଳଗୌରବ ମଧୁସୂଦନଙ୍କ ସଭାପତିତ୍ୱରେ ଯେତେବେଳେ ୧୯୧୩ରେ ପୁରୀଧାମରେ ଅନୁଷ୍ଠିତ ହୋଇଥିଲା ସେତେବେଳେ ଲର୍ଡ଼ ହାର୍ଡିଞ୍ଜଙ୍କ ଉପରେ ହୋଇଥିବା ବୋମାମାଡ଼ ସଂପର୍କରେ ଆଗତ ହୋଇଥିବା ପ୍ରସ୍ତାବ ସଂପର୍କରେ ମତପ୍ରକାଶ କରି ବାରିଷ୍ଟର ବିଶ୍ୱନାଥ ମିଶ୍ର ହିଂସାକାଣ୍ଡର ଘୋର ନିନ୍ଦା କରିଥିଲେ। ସେ ଅନୁନ୍ନତ ଓଡ଼ିଶା ଓ ବିଚ୍ଛିନ୍ନାଞ୍ଚଳ ଓଡ଼ିଆଭାଷୀଙ୍କ ପ୍ରତି ଇଂରେଜ ସରକାର ଯେଉଁ ଅନ୍ୟାୟ କରିଛନ୍ତି ତା'ର ପ୍ରତିବାଦ ମଧ କରିଥିଲେ। ଓଡ଼ିଶାରେ ଆଧୁନିକ ଇଂଜିନିୟରିଂ ଶିକ୍ଷାର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଆଗତ ହେବାବେଳେ ସେ ଦାବୀକୁ ସମର୍ଥନ କରି ବାରିଷ୍ଟର ବିଶ୍ୱନାଥ ମିଶ୍ର କହିଥିଲେ –

"ଭାଇମାନେ ! ଦୀର୍ଘ ଉପକ୍ରମଣିକା ଅନାବଶ୍ୟକ। ଇଂଜିନିୟରିଂ ସ୍କୁଲ ଦ୍ୱାରା ଓଡ଼ିଆମାନଙ୍କର ପ୍ରଭୂତ ଉପକାର ହେବ। କେହି କେହି କହିପାରନ୍ତି ଯେ ସେଥିକୁ ବେଶୀ ଛାତ୍ର ପଢ଼ିବାକୁ ଯିବେ ନାହିଁ। କଲିକତା ଇଂଜିନିୟରିଂ କଲେଜକୁ ଆଜିସୁଦ୍ଧା ଓଡ଼ିଆ ଯାଇନାହାନ୍ତି। କଟକ ସର୍ଭେ ସ୍କୁଲକୁ ବେଶୀ ଛାତ୍ର ଯାଉ ନଥିଲେ, କିନ୍ତୁ ପୂର୍ବର ଗତି ବର୍ତ୍ତମାନ ବହୁ ପରିମାଣରେ ବଦଳି ଯାଇଛି। ଆମ୍ଭମାନଙ୍କ ମଧ୍ୟରେ ଶିକ୍ଷାର କ୍ରମେ ବହୁତ ବିସ୍ତାର ହେବ। ଲୋକେ ଭିନ୍ନ ଭିନ୍ନ ପଢ଼ିବା ଲାଗି କ୍ରମେ ଅଗ୍ରସର ହେଉଛନ୍ତି। ଆଗେ ଗଭର୍ଣ୍ଣମେଣ୍ଟ କହିଥିଲେ ୨୦ ହଜାର ଟଙ୍କା ହେଲେ ଇଂଜିନିୟରିଂ ସ୍କୁଲ ହେବ। ଆମ୍ଭମାନଙ୍କ ଆଠଗଡ଼ ମହାରାଜା ଉକ୍ତ ୨୦ ହଜାର ଟଙ୍କା ଦେବାକୁ ବହୁଦିନରୁ ସ୍ୱୀକୃତ ହୋଇଅଛନ୍ତି। ତେବେ ଏ ବିଷୟ ଗଭର୍ଣ୍ଣମେଣ୍ଟଙ୍କ ଆଗରେ ଉପସ୍ଥାପିତ ହେଲେ ସେ ତାହା ଅବଶ୍ୟ ପୂରଣ କରିବେ।" ୧୯୧୪ ମସିହାରେ ପାରଳାଖେମୁଣ୍ଡି ଠାରେ ହୋଇଥିବା ଉତ୍କଳ ସମ୍ମିଳନୀରେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳଗୁଡ଼ିକୁ ଓଡ଼ିଶା ସହିତ ମିଶାଇବା ପାଇଁ ଓ ଓଡ଼ିଆ ଭାଷା ବିଚ୍ଛିନ୍ନାଞ୍ଚଳରେ ଶିକ୍ଷା ଦିଆଯିବା ପାଇଁ ସେ ଦାବୀ ଉପସ୍ଥାପିତ କରିଥିଲେ। ୧୯୧୮ ସେପ୍ଟେମ୍ବର ୨୧ ତାରିଖରେ ଉତ୍କଳ ସମ୍ମିଳନୀର ଯେଉଁ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା ସେତେବେଳେ ଏକ ଭାଷା ସୂତ୍ରରେ ପ୍ରଦେଶ ଗଠନ ନେଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଯେଉଁ ଦାବୀ ବରାବର କରି ଆସିଛନ୍ତି ତାହା ମଣ୍ଟେଗ୍ୟୁ ଚେମ୍ସଫୋର୍ଡ଼ ସୁପାରିଶ କମିଟିରେ ସ୍ୱୀକୃତ ନ ହେବାରୁ ଗଭୀର ନୈରାଶ୍ୟ କରାଯାଇ ଓଡ଼ିଆମାନଙ୍କ ଦାବୀକୁ ଗ୍ରହଣ କରିବା ନିମନ୍ତେ

Digitized by srujanika@gmail.com

ପ୍ରସ୍ତାବରେ କୁହା ଯାଇଥିଲା –

"That while thanking the Right Honourable the Secretary of State and His Excellency the Viceroy of India for recognising the necessity and importance of the principle of constituting homogeneous administrative units on the basis of language and race which the Oriya speaking people have been urging for many years past, this conference places on record its deep sense of disappointment in finding no definite provision in the Report for the amalgamation of the Oriya-speaking tracts under one administration and is of opinion that unless the desired amalgamation precedes or accompanies the reform, the Oriya & will not only be deprived of the benefits of the scheme itself but will also be placed under serious disadvantages owing to their being in the minority under several existing administrations."

ବାରିଷ୍ଟର ବିଶ୍ୱନାଥ ମିଶ୍ର କେବଳ ଉତ୍କଳ ସମ୍ମିଳନୀ ନୁହେଁ ତାଙ୍କ ସଂପାଦିତ ସମ୍ବାଦପତ୍ର ମାଧ୍ୟମରେ ଓ ୧୯୨୨ରୁ ୧୯୩୦ ମସିହା ପର୍ଯ୍ୟନ୍ତ ବିଧାନ ସଭାରେ ସଭ୍ୟ ଥାଇ ଓଡ଼ିଆ ଜାତି ଓ ଓଡ଼ିଆ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପ କ୍ଷେତ୍ରରେ ଦାବୀ ପୂରଣ ପାଇଁ କ୍ରମାଗତ ଲଢ଼େଇ କରୁଥିଲେ। ସେ କଂଗ୍ରେସର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ପସନ୍ଦ କରୁ ନଥିଲେ। ଏପରିକି ସମାଲୋଚନା କରୁଥିଲେ ସୁଦ୍ଧା ନିଜ ଜାତି, ପ୍ରଦେଶ ଓ ଦେଶର ଉନ୍ନତି ଓ ବିକାଶ ପାଇଁ ନିର୍ଭୀକ ଭାବରେ ତାଙ୍କର ଚିନ୍ତା ଓ ଶକ୍ତିକୁ ବିନିଯୋଗ କରୁଥିଲେ। ସେ ଜଣେ ଉଦାରମନା ସମାଜ ସଂସ୍କାରକ ଥିଲେ। ନୀଳଚକ୍ରର ସଭାପତି ଶ୍ରୀମାନ ବ୍ରହ୍ମାନନ୍ଦ ପଣ୍ଡା ମନମୋହନ ବାବୁଙ୍କ ଦ୍ୱାରା ଏହି ଗ୍ରନ୍ଥ ରଚନା କରାଇବାରେ ବିଶେଷ ଭାଗ ନେଇଛନ୍ତି। ତେଣୁ ଲେଖକ, ସଂସଦର କର୍ମୀମାନେ ସମସ୍ତେ ଧନ୍ୟବାଦର ପାତ୍ର। ଏହି ପୁସ୍ତକ ଯେ ଓଡ଼ିଆ ଜାତିକୁ ବହୁ ଭାବରେ ପ୍ରେରଣା ଦେବ ଏଥିରେ ସନ୍ଦେହ ନାହିଁ।

ତା ୧୭।୧୧।୭୮ **ଡଃ ରାଧାନାଥ ରଥ**

ଶୁକ୍ରବାର ସଂପାଦକ 'ସମାଜ'

ଉପସଭାପତି, ଲୋକସେବକ ମଣ୍ଡଳ

Digitized by srujanika@gmail.com



ମନମୋହନ ମିଶ୍ର

ଆବିର୍ଭାବ : ୨୩.୦୩.୧୯୨୦

ତିରୋଧାନ : ୧୯.୧୧.୨୦୦୦

Digitized by srujanika@gmail.com

ଅତୀତର ସ୍ମୃତି ଫଳକ

(ଏକ)

ଯେଉଁଠି ଇତିହାସ ବିସ୍ମୃତ ସେଇଠି କିମ୍ବଦନ୍ତୀର ଆସ୍ଥାନ ସୁଦୃଢ଼। ଓଡ଼ିଶାର ଇତିହାସର ଦଶା ଠିକ୍ ସେହିପରି। ଓଡ଼ିଶାର ମାଟି ଉପରେ ମାଟି ତଳେ ଅତୀତର କୋଟି କୋଟି ସ୍ମୃତି ସ୍ୱର୍ଣ୍ଣରେଣୁ ଭଳି ବିଞ୍ଛିହୋଇ ପଡ଼ିଛି। ଶତ ଶତ ଗ୍ରାମର ନାମ, ନଦୀର ନାମ, ପାହାଡ଼, ପର୍ବତ ଏପରି କି ଗଛବୃଛର ନାମ ପଛରେ ରହିଛି ମହାନ୍ ଇତିହାସ। କିନ୍ତୁ ସେ ଇତିହାସର ପ୍ରମାଣ ଖୋଜିବାକୁ ସୂତ୍ର ନାହିଁ, କେଉଁଠି ସୂତ୍ର ଥିଲେ ତାହା ଛିଣ୍ଡି ଯାଇଛି। ତେଣୁ ଇତିହାସ, କିମ୍ବଦନ୍ତୀ ଓ ଲୋକଶ୍ରୁତି ଏକାକାର ହୋଇ ଯାଇଛି। ସେଭଳି ଇତିହାସକୁ ଯୋଡ୍ରୁ ଯୋଡ୍ରୁ ତାହା ପୁଣି ପ୍ରଚଳିତ କାଳ ଦ୍ୱାରା ସମ୍ମାନିତ କେତେ ତତ୍ତ୍ୱ ସହିତ ସଂଘାତରେ ଆସୁଛି। ତେଣୁ ତାହାକୁ ଇତିହାସ କହିବା ନା ଜନଶ୍ରୁତି କିମ୍ବଦନ୍ତୀ କହିବା ତାହା ବି ଠିକଣା ହୋଇ ପାରୁନାହିଁ। ତଥାପି ଆଜିର କିମ୍ବଦନ୍ତୀକୁ ତର୍ଜମା ନ କରି ଉଲ୍ଲେଖ କରି ଦେବାକୁ ହେବ। କାରଣ ହୁଏତ ସେଗୁଡ଼ିକ ଭବିଷ୍ୟତର ଇତିହାସ ପାଇଁ ଖୋରାକ ଯୋଗାଇ ପାରିବ।

ଏହି କିମ୍ବଦନ୍ତୀ ଓ ଇତିହାସର ମିଶାଣ ଭୂଇଁ ହେଉଛି ନଦୀ ମାତୃକା ଓଡ଼ିଶାର ବହୁ ଅଞ୍ଚଳ। ଯଥା ସୋନପୁର, ସମ୍ବଲପୁର ଆଉ ମହାନଦୀ ଯଥା– ନିଆଳିମାଧବ, କାକଟପୁର ଓ ପ୍ରାଚୀ ନଦୀ। ଏପରି ଅଜସ୍ର ଓ ଆମର ଆଜିର ଆଲୋଚନାରେ ଯଥା ସତ୍ୟବାଦୀ, ପୁରୀ ଓ ଭାର୍ଗବୀ– ରନ୍‌ଚିରା ନଦୀ। ବହୁ ଜନଶ୍ରୁତିରେ ଶୁଣାଯାଏ ବନବାସ ବେଳେ ପିପାସିତା ସୀତାଙ୍କର ତୃଷା ନିବାରଣ ପାଇଁ ରାମଚନ୍ଦ୍ର ଆପଣାର ରନ୍ ମୁଦିରେ ମାଟିକୁ ଚିରି ଜଳ ଧାରା ବାହାର କରିଥିଲେ। ସେଇ ଜଳଧାରାର ନାମ ହେଲା ରନ୍‌ଚିରା।

ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର ଆତ୍ମଜୀବନୀର ମୁଖବନ୍ଧରେ ଲେଖିଛନ୍ତି "ରନ୍‌ଚିରାର ଆଦିସ୍ଥାନ ଏଇ କଂଜିଆ ନଳା ଠାରୁ, ସେହିଠାରୁ ଗୋଟିଏ ବଡ଼ ନାଳ ବାହାରି ସତ୍ୟବାଦୀ, ଶ୍ରୀରାମଚନ୍ଦ୍ର ପୁର ପ୍ରଭୃତି ବାଟେ 'ଅଂକିଆ' ବଡ଼ ନାଳ ଆଡ଼କୁ ଯାଇଛି × × × × ସେଇ ଠାରୁ ପ୍ରାୟ ୪-୫ ମାଇଲ ଏଇ ବଡ଼ ନାଳଟି ଯାଇ ଭାର୍ଗବୀ ବାଟେ ଚିଲିକାରେ ପଡ଼େ। ଏଇ ଚିଲିକାରେ ପଡ଼ିବାକୁ ଯିବା 'ଖଣ୍ଡ'ପୂର୍ବେ ଥିଲା

Digitized by srujanika@gmail.com

କଳିଙ୍ଗ ଦେଶର ପ୍ରଧାନ ଖଣ୍ଡ। ଏଥିରେ ଥିଲା ଦୁଇଟି ବଡ଼ ଗ୍ରାମ- କୋରଙ୍ଗା ଓ ପାଟେଳୀ। ସେ ଦୁଇଟି ଗ୍ରାମ ନଦୀର ଦୁଇ ପାଖେ। ଏହାକୁ ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀରେ ଗ୍ରୀକ୍‌ମାନେ କହୁଥିଲେ 'କଳିଙ୍ଗ ନଗର' ଓ 'ପରଥାଲିସ୍' । ଏ ଦୁଇଟି ଗ୍ରାମ ମଧ୍ୟରେ ଏବେ 'କଳିଙ୍ଗେଇ' ବୋଲି ଠାକୁରାଣୀ ଅଛନ୍ତି । କଳିଙ୍ଗ ନାମଟି ଏଇ ଦେବୀଙ୍କଠାରେ ରହିଛି। ଏଇଠାରୁ ଖୋଳା ହୋଇ ପ୍ରାଚୀନ ନୌକାପଟା ସବୁ ଏବେ ବାହୁରୁଛି; କିନ୍ତୁ ଏ ଗ୍ରୀକ୍ କଥା ଦୁଇ ହଜାର ବର୍ଷତଳର କଥା। ଏହାଠାରୁ ଆହୁରି ପ୍ରାଚୀନ କାଳରୁ ଏହି ସ୍ଥାନରୁ ବିଦେଶକୁ ଏପରିକି ଇଜିପଟ୍ ପର୍ଯ୍ୟନ୍ତ କଳିଙ୍ଗର ପ୍ରଭାବ ବ୍ୟାପିଥିଲା। ଏଇଠାରୁ କିମ୍ବା ଏହାରି ପାଖ କୌଣସି ସ୍ଥାନରୁ ତୁଷରଥ ଯାଇ ମିଟାନ୍ନି ରାଜ୍ୟରେ ରାଜତ୍ୱ କରୁଥିଲେ। ଏଇ ତୁଷରଥ ଇଜିପଟ୍ ସଙ୍ଗେ ସନ୍ଧିରେ ଆବଦ୍ଧ ହୋଇ ନିଜ ଭଉଣୀକୁ ସେଠାରେ ବିଭା ଦେଇଥିଲେ। ସେଇଥିରୁ ଦଶରଥଙ୍କର ୩୫୦ ମହିଷୀ ଥିଲେ ମଧ୍ୟ ସେଇ ଦଶରଥଙ୍କ ନାମରୁ ରାମାୟଣର ନାରୀ ସତୀତ୍ୱର ଦୀକ୍ଷା ବାହାରି ଥିବାରୁ ଅନୁମାନ ହୁଏ। ଏବେ ମଧ୍ୟ ଇଜିପ୍ଟରେ 'କୀ' 'ଦ୍ୱାହି' ରାଣ, 'ବୋଉ' ପ୍ରଭୃତି ଶବ୍ଦ ଏବର ଓଡ଼ିଶାରେ (କଳିଙ୍ଗରେ) ଚଳେ। ଏହା ଅନ୍ୟ କୌଣସି ଭାରତୀୟ ପ୍ରାକୃତରେ ସେପରି ଚଳେ ନାହିଁ। ଓଡ଼ିଶାରେ ଏଇ କଳିଙ୍ଗରୁ ବାଲ୍ମୀକି ଓ ରାମାୟଣର ମୂଳ ବାହାରିଥିବାର ଅନୁମାନ ହୁଏ।"

ପଣ୍ଡିତ ନୀଳକଣ୍ଠଙ୍କର ଏହି ତଥ୍ୟ ପ୍ରକାଶ ସହିତ ରାମଚନ୍ଦ୍ରଙ୍କର ରନ୍ ମୁଦିରେ ଜଳଧାରା ବାହାର କରିବାକୁ ଏକାଠି ଯୋଡ଼ିବା ସଂଗତ ନୁହେଁ। ତେବେ ବି ପ୍ରଶ୍ନ ଉଠିବ ଏହି ତଥ୍ୟ କ'ଣ ସମ୍ଭାବ୍ୟ ତାଲିକାରେ ପଡ଼ିବ? ପଣ୍ଡିତ ମହାଶୟ ସେହି ମୁଖବନ୍ଧରେ ଓଡ଼ିଶାର ଆଉ ଗୋଟିଏ ଭାବାଳୁ କିମ୍ବଦନ୍ତୀକୁ ଠୋକ୍‌କର ଦେଇଛନ୍ତି। ତାହା ହେଉଛି ପୁରୁଷୋତ୍ତମ ଦେବଙ୍କର କାଞ୍ଚି ଅଭିଯାନରେ ଜଗନ୍ନାଥେ, ବଡ଼ଠାକୁରେ ଦୁହେଁ ଯାଇ ତାଙ୍କୁ ଯୁଦ୍ଧରେ ଜିଣାଇବା। ଏହି ଜଗା ବଳିଆଙ୍କର କଳା ଧଳା ଘୋଡ଼ା, ମାଣିକ ଗଉଡୁଣୀଠାରୁ ଦହି ଖାଇ ରନ୍ ମୁଦି ବନ୍ଧା ଦେବା ଇତ୍ୟାଦି କେବଳ କିମ୍ବଦନ୍ତୀ ହୋଇ ନାହିଁ। ତାହା ଏବେ ଓଡ଼ିଶାର ଶହ ଶହ ନାଟକ, ଯାତ୍ରା, ସୁଆଙ୍ଗ ଓ ଭାଷଣର କଥାବସ୍ତୁ। ତାହାରି ଉପରେ ପୁରୁଷ ପୁରୁଷ ଧରି ଓଡ଼ିଆଙ୍କର ରୋମାଞ୍ଚ ଓ ଗଦଗଦ ଭାବାବେଶ। ଏହି କିମ୍ବଦନ୍ତୀକୁ ଐତିହାସିକ ସାକ୍ଷ୍ୟ ଦେବାପାଇଁ ଏବେ ବି ଜଗମୋହନରେ ବଡ଼ ଦେଉଳର ଦର୍ଶକମାନେ ଗୋଟିଏ ସୁନ୍ଦର କାନ୍ଥ ଚିତ୍ର ଦେଖିବାକୁ ପାଆନ୍ତି। ବଳରାମ ଦାସଙ୍କର 'ବଟ ଅବକାଶ' ପୋଥିରେ ଏହି ଚିତ୍ର ଥିବା କଥା ମଧ୍ୟ ଲେଖାଅଛି କିନ୍ତୁ ପଣ୍ଡିତ ନୀଳକଣ୍ଠ କହିଛନ୍ତି, "କିନ୍ତୁ ପରେ ଅନୁସନ୍ଧାନରୁ ଜଣାଯାଏ, ଏ ଚିତ୍ର ବହୁ ପ୍ରାଚୀନ ଘଟଣାର ଗୋଟିଏ ସ୍ମୃତି ଛଡ଼ା ଆଉ କିଛି ନୁହେଁ।

Digitized by srujanika@gmail.com

ଏହା କାଞ୍ଚି କାବେରୀ ଯୁଦ୍ଧରେ ଜଗନ୍ନାଥ, ବଡ଼ ଠାକୁରଙ୍କ ରାଜସଙ୍ଗୀ ହେବା କଥା ନୁହେଁ। ଏହାଠାରୁ ପ୍ରାୟ ହଜାରେ ବର୍ଷ ପୂର୍ବେ 'ଆସିରିୟା' ରାଜାଙ୍କ ସଙ୍ଗେ ଦେବତା ଯୁଦ୍ଧକୁ ଯାଉଥିବାର ପ୍ରମାଣ ମିଳେ। ଏଇ ସ୍ମୃତିର ଛାୟା ଏଥିରେ ପଡ଼ିଛି। ଏଥିରୁ ଜଣାଯାଏ ସେକାଳେ (କଳିଙ୍ଗ ଆଉ ସେଇ ସେଇ ସବୁ ଭୂମିର ପ୍ରାଚୀନ) ଆସିରିୟା, ଇଜିପଟ ପ୍ରଭୃତି ସଙ୍ଗେ କି ସମ୍ପର୍କ ଥିଲା, ତାହା ସହଜେ ଅନୁମେୟ।

(ଦୁଇ)

ଇତିହାସ ଭାବରେ ପଣ୍ଡିତ ନୀଳକଣ୍ଠ ଯେଉଁ କୋରଙ୍ଗା ଓ ପାଟେଳି ଦୁଇଟି ଗ୍ରାମର ନାମ ଅବତାରଣା କରିଛନ୍ତି, ସେ ଦୁଇଟି ଗ୍ରାମର ଲୌକିକ ନାମ ଯଥାପୂର୍ବ ରହିଛି; କିନ୍ତୁ ସେମାନେ ପରବର୍ତ୍ତୀ ରାଜକୀୟ ସାମନ୍ତବାଦୀ ସଭ୍ୟତାରେ ଆଉ ଦୁଇଟି ନାମରେ ନାମିତ ହୋଇଯାଇଛନ୍ତି। ଓଡ଼ିଶାରେ ପୁରୀର ଗଜପତି ରାଜବଂଶର ଶେଷ ସ୍ୱାଧୀନ ରାଜା ତେଲେଙ୍ଗା ମୁକୁନ୍ଦଦେବ ପ୍ରଥମେ ପୁରୀରେ ବ୍ରାହ୍ମଣ ଶାସନ ପ୍ରତିଷ୍ଠାର ଶୁଭ ପକାଇଥିଲେ। ତାଙ୍କର ପ୍ରଥମ ଶାସନର ନାମ ଥିଲା ଦାଣ୍ଡ ମୁକୁନ୍ଦପୁର। ସେଥି ସଙ୍ଗେ ସେ ଗୋପୀନାଥଙ୍କ ମନ୍ଦିର ତୋଳାଇଥିଲେ ଓ ତା' ପାଖରେ ଗୋଟିଏ ବଡ଼ ପୋଖରୀ ଖୋଳାଇଥିଲେ। ପୋଖରୀଟିର ମୋଡ଼ ଟିକିଏ ଅଗ୍ନି କୋଣକୁ। ଏବେ ପୁରୀ ବାଟରେ ଗଲାବେଳେ ବା ପୁରୀରୁ ଆସିଲାବେଳେ ଜଗନ୍ନାଥ ସଡ଼କ ଦାଢ଼ରେ ସେହି ବିରାଟ ପୋଖରୀଟି ପଡ଼େ। ଗୋପୀନାଥଙ୍କର ଜଗମୋହନ ଅଧା ତୋଳା ହୋଇ ରହିଛି। ଏବେ ବି ସେ ଅଞ୍ଚଳର ଲୋକେ ପହଳି ବୋଲନ୍ତି –

"ପୋଖରୀ ଢିଗି ଦହନ
ଖଣ୍ଡିଆ ଜଗମୋହନ
ରାଜା ମୁକୁନ୍ଦଦେବ ବାଇ
ଛଅଶହରେ ଗାଆଁ ବସେଇଲେ
କେହି କାହାରି ଘରେ ନ ଖାଇ।"

ଶେଷ ଦୁଇ ଧାଡ଼ିର ଅର୍ଥ ହେଉଛି, ଛଅ ଶହ ଅର୍ଥାତ୍ ଛଅ ଖଣ୍ଡିରେ ଗ୍ରାମ ବସିଲା; କିନ୍ତୁ ସେଥିରେ ଯେଉଁ ବ୍ରାହ୍ମଣମାନଙ୍କର ଶାସନ ପ୍ରତିଷ୍ଠା କରାଗଲା, ସେମାନେ ବିଭିନ୍ନ ଜାତିଭେଦ, ଉଚ୍ଚ ନୀଚ ସ୍ତରରେ ବିଭକ୍ତ ହୋଇଗଲେ।

ମୁକୁନ୍ଦଦେବ ବାଲେଶ୍ୱର ଗୋହିରାଟିକିରିଠାରେ କଳାପାହାଡ଼ ହାତରେ ପରାସ୍ତ ହୋଇ ମୃତ୍ୟୁ ଲଭିଲେ। କବିବର ରାଧାନାଥଙ୍କର ଉଷା କାବ୍ୟର ଭାଷାରେ –

Digitized by srujanika@gmail.com

"ମୁହୂର୍ତ୍ତେ ସରିଲା ତହିଁ ଉତ୍କଳର
ଗୌରବ ଆଶା
ଲକ୍ଷ ବୀର ରକ୍ତେ ଉତ୍କଳର ହେଲା
ଭାଗ୍ୟ ମୀମାଂସା ।"

ତାଙ୍କରି ମୃତ୍ୟୁ ସଙ୍ଗେ ସଙ୍ଗେ ଗୋପୀନାଥ ଦେଉଳର ସମାପନ, ତ୍ରିବେଣୀରୁ ଗଙ୍ଗାର ଧାର ମହାନଦୀରେ ମିଶେଇବାର କଳ୍ପନା ସବୁ ଶେଷ ହୋଇଗଲା । ଏହାର ୨୨ ବର୍ଷ ପରେ ଅର୍ଥାତ୍ ୧୫୯୦ ଖ୍ରୀଷ୍ଟାବ୍ଦରେ ଭୋଇ ବଂଶର ରାମଚନ୍ଦ୍ର ଦେବଙ୍କୁ ମୋଗଲ ସମ୍ରାଟ ଆକବରଙ୍କର ସେନାପତି ଓ ପ୍ରାଦେଶିକ ଶାସନକର୍ତ୍ତା ରାଜା ମାନସିଂହ ଓଡ଼ିଶାର ରାଜା ରୂପେ ପ୍ରତିଷ୍ଠିତ କଲେ । ଏଥରକ ଓଡ଼ିଶାର ରାଜଧାନୀ ହେଲା ଖୋର୍ଦ୍ଧା । ତାଙ୍କ ପୂର୍ବରୁ ସେହି ଭୋଇ ବଂଶର ଦୁଇ ଜଣ ରାଜା ଓଡ଼ିଶାରେ ଥିଲେ । ଜଣେ ହେଲେ ଗୋବିନ୍ଦ ବିଦ୍ୟାଧର ବା ସୁବର୍ଣ୍ଣକେଶରୀ ଗୋବିନ୍ଦଦେବ ଓ ଅନ୍ୟ ଜଣଙ୍କ ହେଲେ ପ୍ରତାପଦେବ । ତାଙ୍କର ଡାକ ନାମ ଥିଲା ଚକାପ୍ରତାପ । ରାମଚନ୍ଦ୍ର ଦେବ ଥିଲେ ଗୋବିନ୍ଦ ବିଦ୍ୟାଧରଙ୍କର ପୁତୁରା ଓ ସେହି ସୂତ୍ରରେ ଚକାପ୍ରତାପଙ୍କ କକେଇ ବା ଦଦେଇ ପୁଅ ଭାଇ । କଳାପାହାଡ଼ର ପୁରୀ ମନ୍ଦିର ବିଧ୍ୱଂସ ପରେ ଏହି ରାମଚନ୍ଦ୍ର ଦେବ ହିଁ ନୀଳାଚଳର ସବୁ ପ୍ରକାର ନୀତି, ଯାନିଯାତ୍ରାର ପୁନଃପ୍ରତିଷ୍ଠା କରିଥିଲେ । ରାଜା ମାନସିଂହ ମଧ ତାଙ୍କ ସହିତ ସହଯୋଗ କରିଥିଲେ । ଏତିକିବେଳେ ପୁରୀର ମୁକ୍ତି ମଣ୍ଡପର ପ୍ରତିଷ୍ଠା । ସେଇ ମୁକ୍ତି ମଣ୍ଡପର ଷୋହଳ ଗୋଟି ଖମ୍ୱ ଥିଲା (ଏବେ ବି ଅଛି) । ଜଗନ୍ନାଥଙ୍କର ରଥଟିର ଷୋହଳଗୋଟି ଚକ ସହିତ ଏହାର ସାମଞ୍ଜସ୍ୟ ତୁଳନା କରିବା କଥା । ଏହି ଷୋହଳଟି ଖମ୍ୱର ପ୍ରତ୍ୟେକ ଖମ୍ୱ ସହିତ ପୁରୀ ଜିଲ୍ଲାର ରାହାଙ୍ଗ ପ୍ରଗଣାର ଷୋହଳଗୋଟି ବ୍ରାହ୍ମଣ ଶାସନର ପରିକଳ୍ପନା କରାଯାଇ ତାହା ବସା ଯାଇଥିଲା । ଏଥିଭିତରୁ ଗୋଟିଏ ଗୋବିନ୍ଦ ବିଦ୍ୟାଧରଙ୍କର ନାମ ଅନୁସାରେ ବୀର ଗୋବିନ୍ଦ ପୁର,(ଦୁଇ ଖଣ୍ଡି ବା ଦୁଇ ଶାସନ) ଚକାପ୍ରତାପଙ୍କର ନାମ ଅନୁସାରେ ବୀର ପ୍ରତାପପୁର (ଦୁଇ ଖଣ୍ଡି ବା ଦୁଇ ଶାସନ) ଓ ରାମଚନ୍ଦ୍ର ଦେବଙ୍କର ନାମ ଅନୁସାରେ ବୀର ରାମଚନ୍ଦ୍ର ପୁର (ଗ୍ଚରି ଖଣ୍ଡି ବା ଗ୍ଚରି ଶାସନ) ଶ୍ରୀ ରାମଚନ୍ଦ୍ର ପୁର(ଦୁଇ ଖଣ୍ଡି ବା ଦୁଇ ଶାସନ) ଉଭୟ ମୁଖୀ ରାମଚନ୍ଦ୍ର ପୁର (ଦୁଇ ଖଣ୍ଡି ବା ଦୁଇ ଶାସନ) ଆଉ ପୂର୍ବରେ ଉଲ୍ଲିଖିତ ପାଟେଳି; ନୂଆ ନାମ ପ୍ରତାପ ରାମଚନ୍ଦ୍ର ପୁର (ତିନି ଖଣ୍ଡି ବା ତିନି ଶାସନ) ଓ କୋରଙ୍ଗା; ନୂଆ ନାମ ବିଜୟ ରାମଚନ୍ଦ୍ର ପୁର (ଏକ ଖଣ୍ଡି ବା ଏକ ଶାସନ) ଏହିପରି ଷୋହଳଟି ଶାସନ ।

Digitized by srujanika@gmail.com

ଏହାପରେ ପୁରୀର ରାହାଙ୍ଗ ଓ ଲେମ୍ବାଇ ପ୍ରଗନ୍ନାରେ ଓ ଖୋର୍ଦ୍ଧା ରାଜାଙ୍କର ଦେଖା ଶିଖା ନିକଟବର୍ତ୍ତୀ ଗଡ଼ଜାତମାନଙ୍କରେ ବହୁ ବ୍ରାହ୍ମଣ ଶାସନ ପ୍ରତିଷ୍ଠିତ ହୋଇଛି । ଏ ଗୁଡ଼ିକ ସବୁ ଯେ ପୁରୀର (ଖୋର୍ଦ୍ଧାର) ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛି, ସେକଥା ନୁହେଁ । ସାମନ୍ତ ଓ ସେନାପତିମାନଙ୍କର ନାମରେ ମଧ୍ୟ ବହୁ ଗ୍ରାମ ପ୍ରତିଷ୍ଠା ପାଇଛି । ଏମାନଙ୍କ ଭିତରେ ବାଛିବାର ସୂତ୍ର ହେଲା ଯେଉଁ ଗ୍ରାମମାନଙ୍କର ନାମ ଆଗରେ ଗଜପତିଙ୍କର 'ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର' ଅନୁକ୍ରମରେ 'ବୀର' ଓ 'ଶ୍ରୀ' ରହିଛି ସେଗୁଡ଼ିକ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ; ଯେପରି ନରସିଂହ ଦେବ (୧୬୩୦)ଙ୍କର ଦ୍ୱାରା ପ୍ରତିଷ୍ଠିତ ବୀର ନରସିଂହପୁର ଓ ପୁରୁଷୋତ୍ତମ ଦେବଙ୍କର ପ୍ରତିଷ୍ଠିତ ଆଗ ବୀର ପୁରୁଷୋତ୍ତମପୁର ଓ ପରେ ଶ୍ରୀ ପୁରୁଷୋତ୍ତମପୁର; ବୀର ବଳଭଦ୍ରପୁର, ବୀର କେଶରୀପୁର ଇତ୍ୟାଦି । ପାଟ ମହାଦେଈମାନଙ୍କ ନାମରେ ପ୍ରତିଷ୍ଠିତ ମାଳତୀ ପାଟପୁର, ଲଳିତା ପାଟପୁର ଇତ୍ୟାଦି ଓ ସାମନ୍ତ ସେନାପତିମାନଙ୍କର ନାମ ଅନୁସାରେ କହ୍ନେଇ ବିଦ୍ୟାଧରପୁର, ଦାସ ବିଦ୍ୟାଧରପୁର ଇତ୍ୟାଦି । ଏମାନଙ୍କ ଭିତରୁ କେତେକଙ୍କୁ କରବାଡ଼ କୁହାଯାଉଥିଲା, ଯେଉଁମାନଙ୍କର ସଂଖ୍ୟା ଥିଲା ବତ୍ରିଶ । ଏମାନଙ୍କ ଭିତରେ କେଉଁମାନେ କରବାଡ଼ ଓ କେଉଁମାନେ ନୁହଁନ୍ତି ତାହା ଏ ପର୍ଯ୍ୟନ୍ତ ବିବାଦର ବିଷୟ ।

(ତିନି)

ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ଜନ୍ମସ୍ଥାନ ନୂଆ ସୋମେଶ୍ୱରପୁର । ଉପରୋକ୍ତ ଇତିହାସ ତାଲିକା ଦୃଷ୍ଟିରୁ ଠିକ୍ ଶାସନ ନୁହେଁ ବା ଠିକ୍ କରବାଡ଼ ନୁହେଁ । ଏହା ରାଜାଙ୍କର ପ୍ରତିଷ୍ଠିତ ଏକ ଶାସନ ନଥିଲା ବା ପାଟ ମହାଦେଈଙ୍କର ବା ସାମନ୍ତ ସେନାପତିଙ୍କର ପ୍ରତିଷ୍ଠିତ ଦାନୀୟ ବିପ୍ରଙ୍କର ଆସ୍ଥାନ ନଥିଲା । ଏହାର ନାମକରଣ ହୋଇଥିଲା ସୋମେଶ୍ୱର ବାଜପେୟୀଙ୍କର ନାମ ଅନୁସାରେ । ଏହି ସୋମେଶ୍ୱର ବାଜପେୟୀ ଖୋର୍ଦ୍ଧାର ରାଜସଭାରେ ପଣ୍ଡିତ ନଥିଲେ ବା ରାଜାଙ୍କର କୁଳ ପୁରୋହିତ ନଥିଲେ; ସେ ଥିଲେ କାଳୀ ଉପାସକ ତାନ୍ତ୍ରିକ ।

କପିଳେନ୍ଦ୍ରଦେବ ବା ତାଙ୍କର ପରବର୍ତ୍ତୀ କାଞ୍ଚି ବିଜେତା ପୁରୁଷୋତ୍ତମ ଦେବଙ୍କ ଅମଳରେ ପୁରୀର ବ୍ରାହ୍ମଣମାନଙ୍କ ଭିତରେ ଶକ୍ତିପୂଜା ଓ ସେହି ଅନୁକ୍ରମରେ ତନ୍ତ୍ର ସାଧନା ଥିଲା 'ଲଙ୍କାରେ ହରି ଶବ୍ଦ' ! କାରଣ ବ୍ରାହ୍ମଣମାନେ ଥିଲେ ଶୈବ ଅଥବା ବିଷ୍ଣୁଭକ୍ତ । ବ୍ରାହ୍ମଣମାନଙ୍କ ଭିତରେ ଶକ୍ତି ପୂଜା ଓ ତାନ୍ତ୍ରିକତାର ସୃଷ୍ଟି ହେଲା ପ୍ରତାପରୁଦ୍ର

Digitized by srujanika@gmail.com

ଦେବଙ୍କର ଅମଳରେ ବା ତା'ପରେ। ଅନ୍ୟ କଥାରେ ଓଡ଼ିଶାକୁ ଚୈତନ୍ୟଙ୍କର ଆଗମନ ଓ ରାଜା ପ୍ରତାପରୁଦ୍ର ଓ ତାଙ୍କର ସାମନ୍ତ ପାରିଷଦଙ୍କର ଚୈତନ୍ୟ ସ୍ରୋତରେ ନିମଜ୍ଜନ ପରେ ହିଁ ଓଡ଼ିଆ ବ୍ରାହ୍ମଣଙ୍କ ଭିତରେ ଉଚ୍ଚ ଜାତି ବ୍ରାହ୍ମଣ ଓ ନୀଚ ଜାତି ବ୍ରାହ୍ମଣର ଭେଦ ବିଘ୍ନର ସୃଷ୍ଟି ହୋଇଥିଲା। ଏହାର ଉତ୍କଟ ରୂପ ଥିଲା ବଙ୍ଗଳାରେ କୁଳୀନ ଓ ଅକୁଳୀନ ବ୍ରାହ୍ମଣ ଭେଦରେ। ଆକବରଙ୍କର ସେନାପତି ମାନସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ଭୋଇ ବଂଶର ରାଜା ପୂର୍ବୋକ୍ତ ରାମଚନ୍ଦ୍ର ଦେବଙ୍କର ଷୋହଳ ଶାସନ ପ୍ରତିଷ୍ଠା ବ୍ରାହ୍ମଣମାନଙ୍କ ଭିତରେ ଏହି କୁଳୀନତା ଓ ଅକୁଳୀନତା ସୃଷ୍ଟି କରିବାର ଏକ ପ୍ରମାଣିତ ରୂପ ଥିଲା। ୧୬୩୦ ଖ୍ରୀଷ୍ଟାବ୍ଦ ପରେ ପୂର୍ବ ବର୍ଣ୍ଣିତ ବୀର ନରସିଂହପୁର ଗ୍ରାମରେ ସ୍ପଷ୍ଟଭାବରେ ବଙ୍ଗାଳୀ ବ୍ରାହ୍ମଣଙ୍କ କୁଳୀନ ଧର୍ମ ଓ ତାନ୍ତ୍ରିକତା ଅନୁକୃତ ହୋଇଥିଲା ଓ ସେହି ତାନ୍ତ୍ରିକତାର ଅନୁସରଣରେ ଏଣେ ଗାଁର ଦୁଇ ମୁଣ୍ଡରେ ଶିବଶମ୍ଭୁଙ୍କର ମନ୍ଦିର ରହିଥିଲେ ମଧ ଓ ଘରର ଦିଅଁ ଖଟୁଲୀରେ ଶାଳଗ୍ରାମ ଶିଳା ପୂଜା ପାଉଥିଲେ ମଧ ବହୁ ବ୍ରାହ୍ମଣଙ୍କର ଘରେ ଦେବୀ ପୂଜା ପ୍ରତି ନିତ୍ୟ ଚ୍ଲିଲା ଓ ଏହି ଦେବୀପୂଜା ହିଁ ବ୍ରାହ୍ମଣ ଘରମାନଙ୍କରେ କୁଳୀନତା ଓ ଉଚ୍ଚ ମର୍ଯ୍ୟାଦାର ପ୍ରତୀକ ଭାବରେ ଛିଡ଼ା ହୋଇଥିଲା।

କେବଳ ସୋମେଶ୍ୱର ବାଜପେୟୀ ନୁହନ୍ତି, ପୁରୀ ଓ ଖୋର୍ଦ୍ଧା ଅଞ୍ଚଳର ବହୁ ବ୍ରାହ୍ମଣ ଏଥିପାଇଁ ତନ୍ତ୍ରସାଧନାରେ ତତ୍ପର ହୋଇ ଉଠିଥିଲେ। ନୀଳକଣ୍ଠ ଦାସଙ୍କ ମତରେ ପୁରୀର ଗୋସାଣୀ ଯାତ ଏଇ ପ୍ରଭାବର ସ୍ପଷ୍ଟ ଫଳ ଓ ଆହୁରି ତାଙ୍କର ଅନୁମାନ ଯେ ଯାଜପୁରର ବିରଜାଙ୍କୁ ବିମଳା ନାମ ଦେଇ ପୁରୀ ମନ୍ଦିର ଭିତରେ ତାଙ୍କର ଆସ୍ଥାନ ଦେଇ ଦେବୀଙ୍କର ପ୍ରତିଷ୍ଠା କରିବାର କାର୍ଯ୍ୟ ଏହି ପୁରୀପାଖ ତାନ୍ତ୍ରିକ ବ୍ରାହ୍ମଣ ଓ ତାନ୍ତ୍ରିକ ମୁଖ୍ୟ ପ୍ରବର୍ତ୍ତକ ଖୋର୍ଦ୍ଧାର ତାନ୍ତ୍ରିକ ରାଜାଙ୍କର କରଣୀ ଥିଲା। ଏହି ସଂକ୍ରାନ୍ତରେ ପୁରୀର ବ୍ରାହ୍ମଣ ଶାସନମାନଙ୍କରେ ଯେଉଁ ଅଲୌକିକ ତାନ୍ତ୍ରିକ ସାଧନାର କିମ୍ବଦନ୍ତୀ ରହିଛି, ସେଥିଭିତରୁ ବୀର ନରସିଂହପୁରର 'ଚନ୍ଦ୍ରଘେର ବାହିନୀପତି' ଓ ସୋମେଶ୍ୱରପୁରର ସୋମେଶ୍ୱର ବାଜପେୟୀଙ୍କର ନାମ ଏବେ ବି ଜନଶ୍ରୁତିରେ ଜାଗ୍ରତ। 'ଚନ୍ଦ୍ରଘେର ବାହିନୀପତି'ଙ୍କର ସାବକ ନାମ କ'ଣ ଥିଲା ସେ ବିଷୟ ବିବାଦପୂର୍ଣ୍ଣ। କିନ୍ତୁ ତାଙ୍କର କାହାଣୀ ଏହି ଯେ ଥରେ ତାନ୍ତ୍ରିକ ବ୍ରାହ୍ମଣ ଉକ୍ତ ବାହିନୀପତି ରାଜସଭାରେ ଭ୍ରମବଶତଃ ପୂର୍ଣ୍ଣିମା ଦିନକୁ ଅମାବାସ୍ୟା ବୋଲି ଘୋଷଣା କରି ଦେଇଥିଲେ। ରାଜସଭାରେ ଈର୍ଷାପରାୟଣ ଅନ୍ୟ ପଣ୍ଡିତମାନେ ବାହିନୀପତିଙ୍କର ଏହି ଭ୍ରମପୂର୍ଣ୍ଣ ଘୋଷଣାରେ ତାଚ୍ଛଲ୍ୟ ହସ ହସି ଦେଲେ। ଏଥିରେ କ୍ଷୁବ୍ଧ ହୋଇ ଉକ୍ତ ବ୍ରାହ୍ମଣ ତାନ୍ତ୍ରିକ ବାହିନୀପତି ଆପଣାର ସହଜ ଭ୍ରମଟିକୁ ସ୍ୱୀକାର ନ କରି ଜିଦ୍ ଧରି

Digitized by srujanika@gmail.com

ବସିଲେ ଯେ ସେହି ଚତୁର୍ଦ୍ଦଶୀର ପରଦିନ ପୂର୍ଣ୍ଣିମା ନୁହେଁ – ଅମାବାସ୍ୟା। ତାନ୍ତ୍ରିକତାରେ ଆସକ୍ତ ରାଜା ସୁଦ୍ଧା ବାହିନୀପତିଙ୍କର ଏହି ଅଦ୍ଭୁତ ଜିଦ୍ ଦେଖି ବିଚଳିତ ହୋଇ ପଡ଼ିଥିଲେ ଓ ଏହି ଅଯାଚିତ ଭ୍ରମକୁ ସଂଶୋଧନ କରିବାକୁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ତାନ୍ତ୍ରିକ ବ୍ରାହ୍ମଣ ନଛୋଡ଼ବନ୍ଧା। ଶେଷରେ ଆପଣାର ତନ୍ତ୍ର ବଳରେ, କିମ୍ବଦନ୍ତୀ କହେ, ଉକ୍ତ ବାହିନୀପତି ଆକାଶର ଚନ୍ଦ୍ରକୁ ଆପଣାର ଦେବୀ ପ୍ରତିମାଙ୍କର ଖଟୁଲୀ ତଳେ ବାନ୍ଧି ରଖିଥିଲେ। ତେଣୁ ସେଦିନ ମେଘମୁକ୍ତ ପୂର୍ଣ୍ଣିମା ଆକାଶ ଧରଣୀରେ ଅମାବାସ୍ୟାର ଅନ୍ଧକାର ଛାଇଗଲା। ଘୋର ବିତ୍‌ପାତର ଆଶଙ୍କା କରି ରାଜା ବ୍ରାହ୍ମଣ ତାନ୍ତ୍ରିକଙ୍କୁ ତାଙ୍କର ତନ୍ତ୍ର ପ୍ରଭାବ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ। ନିବେଦନ ଘେନା ହେଲା। ଏବେ ବି ପ୍ରବାଦ ଅଛି ଯେ ତାଙ୍କର ଏହି ଅଦ୍ଭୁତ ଅଲୌକିକ କର୍ମ ପାଇଁ ଦେବୀ ବ୍ରାହ୍ମଣଙ୍କୁ ଚେତାଇ ଦେଇଥିଲେ ଯେ ତାଙ୍କର ବଂଶ ଲୋପ ହୋଇଯିବ। ତାହାହିଁ ହେଲା। ଏବେ ବୀର ନରସିଂହପୁର ଗ୍ରାମର ଦ୍ୱିତୀୟ ଖଣ୍ଡି ଆରମ୍ଭରେ ଏକ ବିରାଟ ପ୍ରାଚୀନ ପାଞ୍ଚସାଲା ଘରର ଧ୍ୱଂସାବଶେଷ ରହିଛି। ଆଜି ପର୍ଯ୍ୟନ୍ତ ଗ୍ରାମରେ ସୌଖୀନ ନାଟକ ହେଲା ବେଳେ ସେହି ଘରର ଉଚ୍ଚ ପିଣ୍ଡାକୁ ରଙ୍ଗମଞ୍ଚ ଭାବରେ ବ୍ୟବହାର କରାଯାଏ। ଶୁଣାଯାଏ 'ଚନ୍ଦ୍ରଗ୍ରେର' ବାହିନୀପତିଙ୍କର ଅଲୌକିକ ଶକ୍ତିର ସମ୍ମାନ ସ୍ୱରୂପ ଖୋର୍ଦ୍ଧାର ରାଜା ତାଙ୍କୁ ଦାଣ୍ଡ ଆଡ଼େ ଷାଠିଏ ବାଟି ଓ ବାଡ଼ିଆଡ଼େ ଷାଠିଏ ବାଟି ସମ୍ପତ୍ତି ଦାନ କରିଥିଲେ ଓ ତାଙ୍କର ପରିବାରକୁ ସର୍ବଶ୍ରେଷ୍ଠ ବିଶିଷ୍ଟ କୁଳୀନତାରେ ମଣ୍ଡିତ କରିଥିଲେ। ତାଙ୍କର କୁଳର ଚିହ୍ନ ବର୍ଣ୍ଣ ଏବେ ଆଉ ନାହିଁ, ତଥାପି ତାଙ୍କର ଜ୍ଞାତି ଓ ଭାଇୟା ବଂଶମାନେ ଆପଣାକୁ ଚନ୍ଦ୍ରଗ୍ରେର ବାହିନୀପତିଙ୍କର ରକ୍ତ ସଂପର୍କ ବୋଲି ଚିହ୍ନାଇ ଗର୍ବିତ ହୋଇଥାଆନ୍ତି।

(ଛରି)

ସୋମେଶ୍ୱର ବାଜପେୟୀଙ୍କର ଅଲୌକିକ କ୍ରିୟାର ପ୍ରମାଣ ଏହାଠାରୁ ଆହୁରି ଅଦ୍ଭୁତ। ଏହି ତାନ୍ତ୍ରିକ ବ୍ରାହ୍ମଣଙ୍କର ଆଦି ବାସସ୍ଥାନ କେଉଁଠାରେ ଥିଲା ଜଣା ନାହିଁ। ତାଙ୍କର ବୃଦ୍ଧା ମାତାଙ୍କର ଆଖିରେ ମୋତିଆବିନ୍ଦୁ ହୋଇଥିଲା। ବୈଦ୍ୟଙ୍କର ବ୍ୟବସ୍ଥା ହେଲା ଯେ ପ୍ରକୃତ ମୋତିରୁ ବିନ୍ଦୁ ବିନ୍ଦୁ ଜଳ ସେହି ଆଖିରେ ପଡ଼ିଲେ ମୋତିଆ ବିନ୍ଦୁ ଭଲ ହୋଇଯିବ। ତେଣୁ ତାନ୍ତ୍ରିକ ସୋମେଶ୍ୱର ବାଜପେୟୀ ଗୋଟିଏ ମୋତିର ଆହରଣ ଆଶାରେ ଖୋର୍ଦ୍ଧାର ରାଜାଙ୍କର ଦ୍ୱାରସ୍ଥ ହୋଇଥିଲେ। କିମ୍ବଦନ୍ତୀ ଅନୁସାରେ ସେତେବେଳେ ଦିଲ୍ଲୀରେ ଆକବର ବାଦସାହଙ୍କର ଅମଳ। ତେଣୁ ଏହି ଖୋର୍ଦ୍ଧାର ରାଜା ଭୋଇ ବଂଶର ରାମଚନ୍ଦ୍ର ଦେବ (ଡାକ ନାମ ରମେଇ ରାଉତରା) ହୋଇଥିବା

Digitized by srujanika@gmail.com

ସମ୍ଭବ । ରାଜାଙ୍କ ପାଖରେ ବାଜପେୟୀଙ୍କର ଆବଶ୍ୟକ ରକମର ମୋତି ନଥିଲା । ତେଣୁ ସେ ଖଣ୍ଡିଏ ଚିଟାଉ ଲେଖି ତାଙ୍କୁ ଉକ୍ତ ମୋତିଟି ସଂଗ୍ରହ କରି ଆଣିବାକୁ ଆକବର ବାଦସାହଙ୍କ ପାଖକୁ ପଠାଇଥିଲେ । ତାନ୍ତ୍ରିକ ବ୍ରାହ୍ମଣ ରାଜାଙ୍କର ସାହାଯ୍ୟ ଆନୁକୂଲ୍ୟରେ ଦିଲ୍ଲୀରେ ବାଦସାହଙ୍କର ରାଜସଭାରେ ଉପସ୍ଥିତ ହୋଇ ଆପଣାର ନିବେଦନ (ଗୋଟିଏ ମାତ୍ର ମୋତି ପାଇଁ) ପେଶ୍ କରିଥିଲେ । କିମ୍ବଦନ୍ତୀ ଅନୁସାରେ ବାଦସାହଙ୍କର ସଭାସଦ୍ ଲୋକେ ଜଗନ୍ନାଥ ମୂଲକର ଜଣେ ବ୍ରାହ୍ମଣ କେବଳ ଗୋଟିଏ ମୋତି ପାଇଁ ପଥଶ୍ରମ କରି ଦିଲ୍ଲୀଯାଏ ଆସିଥିବାର କଥା ଅବଗତ ହୋଇ ବ୍ରାହ୍ମଣଙ୍କର ହୀନତା ଯୋଗୁଁ ତାଙ୍କ ପ୍ରତି ତାଚ୍ଛଲ୍ୟ ପ୍ରକାଶ କରିଥିଲେ । ସେମାନେ ଆଶା କରିଥିଲେ ଯେ ଉକ୍ତ ବ୍ରାହ୍ମଣ କୌଣସି ଗୋଟିଏ ବିରାଟ କାର୍ଯ୍ୟର ଭିକ୍ଷା ଘେନି ରାଜସଭାକୁ ଆସିଥିବେ । ସେମାନଙ୍କର ତୁଚ୍ଛ ତାଚ୍ଛଲ୍ୟରେ କ୍ରୁଦ୍ଧ ହୋଇ ତାନ୍ତ୍ରିକ ବ୍ରାହ୍ମଣ ସୋମେଶ୍ୱର ବାଜପେୟୀ ଆକବର ବାଦସାହଙ୍କୁ କହିଥିଲେ - "ଜାହାଁପନା ! ତୁଳାଦଣ୍ଡରେ ଆପଣଙ୍କର ଓଜନ ପ୍ରମାଣ ସୁନାରେ ଗୋଟିଏ ହାତୀ ତିଆରି କରି ତାହାରି ଉପରେ ମାତ୍ର ଗୋଟିଏ ମୋତି, ଗୋଟିଏ ବୈଦୁର୍ଯ୍ୟ ବାକ୍ସରେ ମୁଦକରି ଲଦନ କରି ଦିଅନ୍ତୁ । ମୁଁ ସେଇ ହାତୀକୁ ମୋର ଦେଶକୁ ଚଲାଇ ଚଲାଇ ନେଇ ଯିବି ।" ବ୍ରାହ୍ମଣଙ୍କର ଏହି କଥା ଶୁଣି ସଭାର ସମସ୍ତ ତାଚ୍ଛଲ୍ୟ ବିଦ୍ରୂପ ନିସ୍ତୁପ ହୋଇଗଲା ଓ ବ୍ରାହ୍ମଣଙ୍କ ପ୍ରତି ସାରା ରାଜସଭାର ସମ୍ମାନ ଓ ବିସ୍ମୟ ଜାଗ୍ରତ ହୋଇଗଲା ।

କିମ୍ବଦନ୍ତୀର କାହାଣୀ ଅନୁସାରେ ତୁଳା ଦଣ୍ଡରେ ରାଜାଙ୍କର ଓଜନ ପରିମାଣର ସୁନା ପାଇଁ ସମସ୍ତ ରାଜଭଣ୍ଡାର ନିଃଶେଷ ହୋଇଗଲା । ଶେଷରେ ବାଦସାହ ଉପାୟାନ୍ତର ନ ଦେଖି ତାନ୍ତ୍ରିକ ବ୍ରାହ୍ମଣଙ୍କର ଶରଣ ପଶିଲେ । ବ୍ରାହ୍ମଣଙ୍କ ହସ୍ତକ୍ଷେପ ଫଳରେ ରାଜାଙ୍କର ଓଜନ ସମାନର ସୁନା ସଂଗୃହିତ ହେଲା । ସ୍ୱର୍ଣ୍ଣ ହସ୍ତୀ ଗଢ଼ାହେଲା ଓ ନିର୍ଦ୍ଦିଷ୍ଟ ଦିନରେ ବୈଦୁର୍ଯ୍ୟ ବାକ୍ସରେ ମୋତିକୁ ରଖାଯାଇ ସ୍ୱର୍ଣ୍ଣ ହସ୍ତୀ ଉପରେ ତାହାକୁ ଲଦନ କରାଇ ରାଜଦରବାରରେ ପହଞ୍ଚାଇ ଦିଆଗଲା । ତାହାର ପୂର୍ବଦିନ ତାନ୍ତ୍ରିକ ବ୍ରାହ୍ମଣ ଦେବୀଙ୍କୁ ମନାସ କରି ସମ୍ମତ କରାଇ ସାରିଥିଲେ ଯେ ସମସ୍ତଙ୍କ ଦୃଷ୍ଟି ସମ୍ମୁଖରେ ସ୍ୱର୍ଣ୍ଣ ହସ୍ତୀ ବ୍ରାହ୍ମଣଙ୍କର ନିର୍ଦ୍ଦେଶ କ୍ରମେ ଚାଲିବ । (ଅବଶ୍ୟ ଏଥର ମଧ୍ୟ ଦେବୀଙ୍କର କଟାଳ ଥିଲା ଯେ ବାଜପେୟୀଙ୍କର ବଂଶ ଲୋପ ହୋଇଯିବ) ଦେବୀଙ୍କର ଆଜ୍ଞା ଅନୁସାରେ ତାନ୍ତ୍ରିକ ବାଜପେୟୀଙ୍କର ଅଟଳ ପ୍ରତିଜ୍ଞା ପୂର୍ଣ୍ଣ ହେଲା । ସ୍ୱର୍ଣ୍ଣ ହସ୍ତୀ ତାଙ୍କର ଇସାରାରେ ହଜାର ହଜାର ଦେଖଣାହାରୀଙ୍କର ଆଖି ଆଗରେ ପଳାସିବାକୁ ଆରମ୍ଭ କଲା । ଏହି ଅଲୌକିକ କର୍ମକାଣ୍ଡ ଦେଖି ନିଜେ ବାଦସାହ ବିଚଳିତ ହୋଇ ପଡ଼ିଲେ । ତାଙ୍କର ଆଶଙ୍କା ହେଲା ଯେ ଏପରି କର୍ମ ଦେଖିଲେ

Digitized by srujanika@gmail.com

ତାଙ୍କର ପ୍ରଜାମାନେ ରାଜଦଣ୍ଡ ପ୍ରତି ଆଉ ଆସ୍ଥା ଓ ଶ୍ରଦ୍ଧା ପ୍ରଦର୍ଶନ କରିବେ ନାହିଁ। ତେଣୁ ସେ ସୋମେଶ୍ୱର ବାଜପେୟୀଙ୍କୁ ତାଙ୍କର ଅଦ୍ଭୁତ କ୍ରିୟାକାଣ୍ଡକୁ ଆଉ ଆଗକୁ ନ ବଢ଼େଇବା ପାଇଁ କୃତାଞ୍ଜଳି ପୁଟରେ ଅନୁରୋଧ କଲେ। ଫଳରେ ସ୍ୱର୍ଣ୍ଣ ହସ୍ତୀ ସମେତ ମୁକ୍ତାର ବୈଦୂର୍ଯ୍ୟ ବାକ୍ସକୁ ବାଦସାହ ଆପଣାର ସୈନ୍ୟ ସାମନ୍ତଙ୍କ ସାହଚର୍ଯ୍ୟରେ ମହାସମବ୍ୟତିହାରରେ ଓଡ଼ିଶାକୁ ପଠାଇ ଦେଇଥିଲେ ଓ ତାହା ସଙ୍ଗେ ସଙ୍ଗେ ଏକ ଚିଟାଉ ଲେଖିଥିଲେ ଯେ ଏହି ଅଘଟଣ ଘଟଣା ପଟିୟସୀ ତାନ୍ତ୍ରିକତାର ସମ୍ମାନ ପାଇଁ ତାଙ୍କରି ନାମରେ ଏକ ସ୍ୱତନ୍ତ୍ର ଗ୍ରାମ ଶାସନର ପ୍ରତିଷ୍ଠା କରାଯାଉ। ବାଦସାହଙ୍କର ସେହି ଅନୁଯୋଗ ଅନୁସାରେ ସୋମେଶ୍ୱରପୁର ଗ୍ରାମ ଖୋର୍ଦ୍ଧାର ରାଜାଙ୍କଦ୍ୱାରା ଷୋହଳ ଶାସନ ପ୍ରତିଷ୍ଠାର ଅବ୍ୟବହିତ ପରେ ପ୍ରତିଷ୍ଠିତ ହୋଇଥିଲା। ସେହି ଗ୍ରାମର ପ୍ରଥମ ନାମ ଥିଲା ସୋମେଶ୍ୱରପୁର।

ତାନ୍ତ୍ରିକବିଦ୍ୟାର କୀର୍ତ୍ତିରେ ସୋମେଶ୍ୱରଙ୍କର ଯଶ ବ୍ୟାପିଲା। ତାଙ୍କରି ନାମ ଗ୍ରହିତା ଗ୍ରାମରେ ସେ ବି କିଛି କାଳ ବାସ କଲେ। ତାଙ୍କର ପୁତ୍ର କନ୍ୟା ପରିବାର ଦେବୀଙ୍କର ନିକଟରେ ତାଙ୍କର ପ୍ରତିଶ୍ରୁତି ଅନୁଯାୟୀ ଗୋଟି ଗୋଟି ହୋଇ ମୃତ୍ୟୁ ମୁଖରେ ପଡ଼ିଲେ। ତେଣୁ ଆତ୍ମୀୟ ସ୍ୱଜନଙ୍କର ବିୟୋଗରେ ବ୍ୟଥିତ ହୋଇ ସୋମେଶ୍ୱର ବାଜପେୟୀ ଭାରତର ବିଭିନ୍ନ ଅଞ୍ଚଳକୁ ତୀର୍ଥଯାତ୍ରା ପାଇଁ ବାହାରି ଗଲେ। ହୋଇପାରେ ତନ୍ତ୍ର ସାଧନାର ସମସ୍ତ ସ୍ପୃହା ଯେପରି ସଚରାଚର ସେହି ପ୍ରକାର ସାଧକମାନଙ୍କ ମନରୁ କାଳକ୍ରମେ ଲୋପ ପାଇ ଯାଇଥାଏ, ଠିକ୍ ସେପରି ବାଜପେୟୀଙ୍କର ମଧ ତନ୍ତ୍ର ପ୍ରତି ସ୍ପୃହା ଲୋପ ପାଇ ଯାଇଥିଲା। ବହୁକାଳ ଜନ୍ମମାଟିରୁ ବାହାରେ କଟାଇ ସେ ଦେଶକୁ ଫେରି ଦେଖନ୍ତି ଯେ ତାଙ୍କର ନାମରେ ପ୍ରତିଷ୍ଠିତ ଗ୍ରାମ ସୋମେଶ୍ୱରପୁର ଆଉ ପୂର୍ବର ସୋମେଶ୍ୱରପୁର ହୋଇ ନାହିଁ। ତାଙ୍କର ଜ୍ଞାତି ଓ ଭାଇ ବିରାଦରମାନେ ଗ୍ରାମରୁ ଉଚ୍ଛନ୍ନ ହୋଇ ପୁରୀର ଅଠରନଳା ପାଖରେ ପ୍ରାୟ ଭିକାରୀଭାବରେ କାଳଯାପନ କରୁଛନ୍ତି। ତେଣୁ ସୋମେଶ୍ୱର ବାଜପେୟୀ ଆପଣାର ଶେଷ ଜୀବନ କଟାଇବା ପାଇଁ ଗୋଟିଏ ଆଶ୍ରୟ ସ୍ଥଳ ରଚନା କରିବା ଅଭିଳାସରେ ଆପଣାର କିଛି ଜ୍ଞାତି ସ୍ୱଜନଙ୍କୁ ଘେନି ଆଉ ଗୋଟିଏ ଗ୍ରାମ ସେହି ସୋମେଶ୍ୱରପୁର ନିକଟରେ ପ୍ରତିଷ୍ଠା କରିଥିଲେ। ଏହି ଗ୍ରାମର ନାମ ହେଲା ନୂଆ ସୋମେଶ୍ୱରପୁର। ଜନଶ୍ରୁତି କହେ ଯେ ଏହିଠାରେ ବିଖ୍ୟାତ ତାନ୍ତ୍ରିକ ବ୍ରାହ୍ମଣ ସୋମେଶ୍ୱର ବାଜପେୟୀ ତାଙ୍କର ଶେଷ ଜୀବନ କଟାଇ ଥିଲେ।

Digitized by srujanika@gmail.com

(ପାଞ୍ଚ)

ସୋମେଶ୍ୱରପୁର ଗ୍ରାମର ଇତିହାସ ଓ ତା' ସହିତ ସୋମେଶ୍ୱର ବାଜପେୟୀଙ୍କର କ୍ରିୟାକଳାପର ସତ୍ୟତାକୁ ପରଖ କରିବା ପାଇଁ ଉଦ୍ୟମ ନ କଲେ ମଧ ଏତିକି ସ୍ପଷ୍ଟ ଭାବରେ ନିର୍ଦ୍ଧାରଣ କରାଯାଇପାରେ ଯେ ନୂଆ ସୋମେଶ୍ୱରପୁର ଗ୍ରାମ ୧୬୦୦ ଖ୍ରୀଷ୍ଟାବ୍ଦର ପ୍ରଥମ ୧୦ବର୍ଷ ଭିତରେ ପ୍ରତିଷ୍ଠିତ ହୋଇଥିଲା। ଏହି ୧୬୧୦ ବା ୧୬୨୦ଠାରୁ ୧୮୭୮ହେଉଛି ଅଢ଼େଇଶହ ବର୍ଷରୁ କିଛି ଉର୍ଦ୍ଧ୍ୱ କାଳ। ୧୮୦୩ରେ ଆନୁଷ୍ଠାନିକ ଭାବରେ ଓଡ଼ିଶାର ଉପକୂଳ ଅଞ୍ଚଳ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କର କରଗତ ହୋଇଥିଲା। ଏହାର ପୂର୍ବ ସମୟରେ ଉପରେ ଯେଉଁ ରାଜନୈତିକ ପରିବର୍ତ୍ତନ ହୋଇଥିଲା ଅର୍ଥାତ୍ ମୋଗଲ ତାଙ୍କ ପରେ ମୁସଲମାନ ଓ ତାଙ୍କ ପରେ ମରହଟ୍ଟାଙ୍କ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଶାସନ ସେଥିରେ ଓଡ଼ିଶାର ସାମାଜିକ ଜୀବନ ବଦ୍ଧ ଜଳାଶୟ ଭଳି ନିଶ୍ଚିନ୍ତ ଓ ନିଶ୍ଚଳ ଥିଲା। ଏହି ଜଳାଶୟ ଭିତରୁ ଯେ କୌଣସି ସାଂସ୍କୃତିକ ଓ ରାଜନୈତିକ ଚେତନାର ସ୍ଫୁରଣ ହୋଇ ନ ଥିଲା ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ।

ମହାପଣ୍ଡିତ ରାହୁଳ ସାଂସ୍କୃତାୟନ ଲେଖିଛନ୍ତି, "ଆଜି ବି ଆମର ଏଇଠି ପ୍ରସଙ୍ଗତଃ ବା ଅପ୍ରାସଙ୍ଗିକ ଭାବରେ ରାମରାଜ୍ୟ ବା ପଞ୍ଚାୟତିରାଜ୍ୟର ମହିମା ଗାନ କରାଯାଇଥାଏ। ହେଲେ, ସେହି ଗଣରାଜ୍ୟର କିଭଳି ରୂପରେଖ ଥିଲା ଏହାର କୌଣସି ପତ୍ତା ଆମକୁ ମିଳେ ନାହିଁ।" ଅଥଚ ଆମେରିକାର 'ନିୟୁୟର୍କ ହେରାଲ୍ଡ ଟ୍ରିବ୍ୟୁନ' ନାମକ ଖବର କାଗଜରେ ଆପଣାର ୨୫ ଜୁନ୍ ୧୮୫୩ ରେ ପ୍ରକାଶିତ ଲେଖାରେ ବିଖ୍ୟାତ ବିପ୍ଳବୀ ମନୀଷୀ କାର୍ଲ ମାର୍କସ ଲେଖିଥିଲେ "ଗାଁ (ଭାରତର) ଥିଲା ଭୌଗୋଳିକ ଦୃଷ୍ଟିରୁ ଦେଖିଲେ ଶହ ବା ହଜାର ଏକର ଆବାଦୀ ବା ଆବାଦଯୋଗ୍ୟ ଜମିର ଖଣ୍ଡ ମାତ୍ର। ରାଜନୈତିକ ଦୃଷ୍ଟିରୁ ଦେଖିଲେ ତାହା ସଂଗଠିତ ନଗର ବା ଦୁର୍ଗ ଭଳି ମାଲୁମ ହେଉଥିଲା।" × × × × ମାର୍କସ ଆହୁରି ଲେଖିଛନ୍ତି, "ଏହି କାବ୍ୟମୟ ଗଣରାଜ୍ୟ ଯାହାର ଏକମାତ୍ର ଚିନ୍ତା ଥିଲା ପଡ଼ୋଶୀ ଗାଁଠାରୁ ଅପଣା ଗାଁର ସୀମାକୁ ସୁରକ୍ଷିତ କରିବା। ଏମାନଙ୍କ ଭିତରୁ ଅନେକ ଏଭଳି ଗାଁକୁ ଇଂରେଜଙ୍କ ହସ୍ତଗତ ଉତ୍ତର ଭାରତର କେତେକ ଅଞ୍ଚଳରେ ଏବେ ବି ଦେଖିବାକୁ ମିଳିବ। ସେମାନେ ଏବେ ବି ଯଥେଷ୍ଟ ସ୍ୱୟଂରକ୍ଷିତ ଭା୍ବରେ ବିରାଜମାନ। ଏସିଆର ନିରଙ୍କୁଶତାର ଗତିଶୂନ୍ୟତାକୁ ମଜଭୁତ କରିଥିବା କାରଣର ଖୋଜ ନେବାକୁ ଆଉ କୌଣସି ବିଷୟର ଆବଶ୍ୟକତା ଅଛି କି ?

× × ×

Digitized by srujanika@gmail.com

ଭାରତୀୟ ମାନବ ସମାଜର ସହସ୍ର ସହସ୍ର ବର୍ଷଧରି ଚାଲି ଆସିଥିବା ଏହି ଧରଣର ପ୍ରବାହଶୂନ୍ୟତା, ଏହି ନିଶ୍ଚଳତା ଯାହା ପହିଲି ଶତାବ୍ଦୀରୁ ଦେଖିବାକୁ ମିଳିଛି; ସେହି କାରଣ ଯାହା ଫଳରେ ଭାରତୀୟ ମନୁଷ୍ୟ ଗ୍ରାମଭକ୍ତିରୁ ଉଠି ଦେଶଭକ୍ତି ପର୍ଯ୍ୟନ୍ତ ପହଞ୍ଚି ପାରି ନଥିଲା। ତେଣୁ ଏକତ୍ରିତହୋଇ କେବେ ବି ବାହାରର ଶତ୍ରୁ ସହିତ ମୁକାବିଲା କରି ପାରି ନଥିଲା।

ଏହି ଗ୍ରାମପଞ୍ଚାୟତ ବା ଗ୍ରାମ ଗଣରାଜ୍ୟ ଗାଁର ଶିଳ୍ପୀକୁ ସହସ୍ର ବର୍ଷ ତଳର କୌଳିକ ନିର୍ମାଣ କାଏଦା ସହିତ ଓ ଚାଷୀମାନଙ୍କୁ ଦାଆ ଓ ଫାଳ (ଲଙ୍ଗଳ) ସହିତ ବନ୍ଧୀ ହୋଇ ରହିବାକୁ ଶିଖାଉଥିଲା।

ଶାସକବର୍ଗ ମଧ୍ୟ ଠିକଣା ଭାବରେ ବୁଝିଥିଲେ ଯେ ଏହି ଗ୍ରାମ ସଂଗଠନ ଭାରତୀୟମାନଙ୍କର ମର୍ମସ୍ଥଳ। ଏହା ଉପରେ ଆଘାତ ଏହା କଦାପି ସହିପାରି ନଥାନ୍ତା ଓ ମୁକାବିଲା ନ କରି ଥୟ ଧରି ପାରନ୍ତା ନାହିଁ। ଏଥିପାଇଁ ଏହି ଶାସକବର୍ଗ ଏହି ଗ୍ରାମ ଶାସନକୁ ଠିକ୍ ସେପରି ଅବସ୍ଥାରେ ଅର୍ଥାତ୍ ନିର୍ବେଦ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ସ୍ଥାଣୁ କରି ରଖିଥିଲା। ଏଥିଯୋଗୁଁ ଭାରତର ଗାଉଁଲି ପହଳି ଉଦ୍ଧାରକରି କବି ଏକଥା ଗାଇଥିଲେ –

'କୋଉ ନୃପ ହୋଇ ହାମେ କା ହାନି'

(ତୁଳସୀ ଦାସ)

(ଯିଏ ବି ରାଜା ହେଲେ ଆମର ଲୋକସାନ ବା କେତେ ?)

"ଯଦି ଏହି ଭାରତୀୟ ଗ୍ରାମ ଗଣରାଜ୍ୟ ବହୁପୂର୍ବରୁ ତୁଟି ଯାଇ ବିସ୍ତୃତ ସଂଗଠନରେ ଆବଦ୍ଧ ହୋଇ ଯାଇଥାଆନ୍ତା, ତେବେ ନିଶ୍ଚିତଭାବରେ ସାଧାରଣ ଜନତା ଶାସକମାନଙ୍କର ସ୍ୱୈରାଚାର ସହିତ ମୁକାବିଲା କରିବାକୁ ସକ୍ଷମ ହୋଇଥାଆନ୍ତା। ତେବେ କ'ଣ ଯେଉଁ ସ୍ୱେଚ୍ଛାଚାରୀତାକୁ ଆମ୍ଭେମାନେ ବିଗତ ଦୁଇ ହଜାର ବର୍ଷଯାଏ ଦେଖି ଆସିଛୁ ତାହା କ'ଣ ହୋଇ ପାରିଥାଆନ୍ତା ?

(ରାହୁଳ ସଂସ୍କୃତାୟନଙ୍କର ହିନ୍ଦି କାର୍ଲ ମାର୍କସ)

(ଛଅ)

ଭାରତ କ୍ଷେତ୍ରରେ କାର୍ଲ ମାର୍କସଙ୍କର ଏହି ପ୍ରକାରର ଗବେଷଣା ଯେ ଅଭ୍ରାନ୍ତ ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ଓଡ଼ିଶା ବିଶେଷତଃ ପୁରୀର ଶାସନବାଡ଼ ସମ୍ପର୍କରେ ଏହି ଗବେଷଣା ସୂତ୍ରରୁ ଆହୁରି ଗୁଡ଼ିଏ ନୂତନ ସ୍ୱତନ୍ତ୍ରତା ଦେଖିବାକୁ

Digitized by srujanika@gmail.com

ମିଳେ। ଭାରତୀୟ ଗ୍ରାମ ଗଣରାଜ୍ୟରେ ମାର୍କସ ଉତ୍ତର ଭାରତର ନଜୀର ଦେଇ ଯେଉଁ ପଟେଲ, ପଟୱାରି, ଚୌକିଦାର, ସୀମାପାଳ, ଜଳପାଳ, ବ୍ରାହ୍ମଣ, ଅବଧାନ, ଜ୍ୟୋତିଷ ଇତ୍ୟାଦି ଗ୍ରାମ ଅଫିସରମାନଙ୍କୁ ନିର୍ଦ୍ଦିଷ୍ଟ କରିଛନ୍ତି। ପୁରୀର ବ୍ରାହ୍ମଣ ଶାସନମାନଙ୍କରେ ଏପରି ଗ୍ରାମ ଅଫିସରମାନଙ୍କର ଚିହ୍ନ ବର୍ଣ୍ଣ ନଥିଲା। ବରଂ ଏଠାରେ ବ୍ରାହ୍ମଣ ସାମନ୍ତମାନଙ୍କର ମହାଜନ ମେଳା ଓ ଗାଁର କୁଳବୃଦ୍ଧ ବା ମୁଖିଆ ବା ବୟୋଜ୍ୟେଷ୍ଠ ପିତୃସତ୍ତା-ପ୍ରଭାବିତ ବ୍ରାହ୍ମଣ ଗାଁ ମହାଜନେ ଥିଲେ ପଟେଇ ଅର୍ଥାତ୍ ସାଧାରଣ ତତ୍ତ୍ୱାବଧାନକାରୀ। ସବୁପ୍ରକାର ବିବାଦ, ଜାତିଆଣଠାରୁ ସୀମା ସରହଦଯାଏ କୌଣସି ଅଗ୍ରାଧିକାରର ବାଛବିଚାର ନଥାଇ ଏହି ମହାଜନ ମେଳାରେ ଦିଅଁଙ୍କ ଚକଡ଼ା ଉପରେ ମୀମାଂସା ହେଉଥିଲା। ଗ୍ରାମରେ କର ଟିକସ ଆଦାୟର ପ୍ରଶ୍ନ ନଥିଲା। ତେଣୁ ପଟୱାରି ନଥିଲେ। ଜନଶ୍ରୁତି ଅଛି ଯେ ବ୍ରାହ୍ମଣମାନେ ବିନା ଖଜଣାରେ ବୃତ୍ତିବାଡ଼ି ଭୋଗ କରିବା ଅଧର୍ମ ବୋଲି ମନେ କରି ରାଜାଙ୍କୁ କିଛି କର ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ, କିନ୍ତୁ ରାଜା ଦତ୍ତଜମି ଉପରୁ କର ନେବା ପାଇଁ ନାସ୍ତି କରି ଦେଇଥିଲେ। ତେଣୁ ଏକଥା ଧାର୍ଯ୍ୟ ହୋଇଥିଲା ସମୁଦାୟ ଗ୍ରାମର ମୋଟ ଜମିବାଡ଼ିର କର ମାତ୍ର ଗୋଟିଏ ଟଙ୍କା ବା ମୁଦ୍ରା (ଏବର ଟଙ୍କା ଅବଶ୍ୟ ନୁହେଁ) ଓ ସେହି ଟଙ୍କା ଜଗନ୍ନାଥ ମହାପ୍ରଭୁଙ୍କର ଅମୃତମଣୋହି ପାଇଁ ବ୍ରାହ୍ମଣମାନଙ୍କର ନୈବେଦ୍ୟ ଭାବରେ ଗୃହୀତ ହୋଇଥିଲା। ଆଜି ପର୍ଯ୍ୟନ୍ତ ବହୁ ପ୍ରଜାସ୍ୱତ୍ୱ ଆଇନର ପରିବର୍ତ୍ତନ ଓ ପରିଶୋଧନ ପରେ ବି ସେହି ପ୍ରକାର ସ୍ୱତ୍ୱକୁ ଟଙ୍କି ବାହେଲି ବୋଲି ଆଖ୍ୟା ଦିଆ ଯାଇଥାଏ।

ଏହି ବ୍ରାହ୍ମଣ ଶାସନ ଥିଲା ଅଚଳ ମହାମେରୁ। ପିଢ଼ି ପରେ ପିଢ଼ି ବ୍ରାହ୍ମଣମାନେ କେବଳ ନିତ୍ୟକର୍ମ ପଦ୍ଧତି କରି ଓ ଆପଣାର ନଡ଼ିଆ ବଗାତ, ପୋଖରୀ ଓ ବିଲବାଡ଼ିର ଆୟ ଅମଳରୁ ଖାଇ ପିଇ ଓ ଗ୍ରାମଦେବତା ବା ଦେବତୀଙ୍କର କୋଠଭୋଗରୁ ମାସିକ ଥରେ ବା ଦୁଇ ଥର ଜନ୍ତାଳ (ଭୋଜି) କରି ଅତ୍ୟନ୍ତ ଭୋଜନବିଳାସୀ ଅୟସରେ ସଂସାର କଟାଇବାରେ ଲାଗିଥିଲେ। ପୂର୍ବ ରାଜାମାନେ ଶାସନ ବସାଇଲା ବେଳେ ଭୂମି ଦାନ ଦେଇ ସେହି ଭୂମି ଚାଷ କରି ବ୍ରାହ୍ମଣମାନଙ୍କୁ ଭାଗ ଦେବା ପାଇଁ ବିଲ ମଝିରେ ଠାଏ ଠାଏ ଚଷାଙ୍କର ଗାଁ ମାନ ବସାଇଥିଲେ। ଚନ୍ଦ୍ରଘେର ବାହିନୀପତିଙ୍କ ପରି ସ୍ୱତନ୍ତ୍ର ପରିସ୍ଥିତି ଛଡ଼ା ଅନ୍ୟ ସବୁ ମାମୁଲି ଦାନ ଭାଗ ଥିଲା ପ୍ରାୟ ୨୦ ଏକର ଅର୍ଥାତ୍ ବାହ୍ମୁଣିଆ ୧୨ ଦଣ୍ଡିରେ ୪୦ ବାଟୀ। ଏଥିରୁ ଧାନ ଜମି ୧୭ ଏକର ଓ ୩ ଏକର ବଗିଚ୍ଛ ଥିଲା। ଉଦାହରଣ ସ୍ୱରୂପ ଶ୍ରୀରାମଚନ୍ଦ୍ର ପୁର (ପଣ୍ଡିତ ନୀଳକଣ୍ଠ, ଲିଙ୍ଗରାଜ ଓ ଆଚାର୍ଯ୍ୟ ହରିହର ପ୍ରଭୃତିଙ୍କର ଗାଁ) ୧୦୮

Digitized by srujanika@gmail.com

ଭାଗରେ ଦାନ ଦିଆ ଯାଇଥିଲା। ପ୍ରତ୍ୟେକ ପରିବାରକୁ ଘର ତୋଳି 'ବିପୁଳ ଭାଗ' ଦିଆ ଯାଇଥିଲା। ସେଥିପାଇଁ ୧୨ ପଡ଼ା ବା ୧୨ଟି ଚଷା ଗାଁ ରଖା ଯାଇଥିଲା। ୩ ଏକର ବଗିଚ୍ଚ ଭିତରେ କାମ ଦାମ କରିବାକୁ ଓ ନଡ଼ିଆ ତୋଳିବାକୁ ବାଉରୀ ସାହି ମଧ୍ୟ ବସା ଯାଇଥିଲା। ଏହି ଚଷା ଓ ବାଉରୀମାନେ ସେକାଳରେ ବ୍ରାହ୍ମଣ ସାଆନ୍ତଙ୍କର ଏକାନ୍ତ ଅନୁଗତ ଭୃତ୍ୟ ଭାବରେ ଚଳୁଥିଲେ ଓ ଶାସନ ଗ୍ରାମ ଭିତରେ ଅତ୍ୟନ୍ତ ସନ୍ତର୍ପଣ ଭାବରେ ସାମନ୍ତବାଦୀ ମର୍ଯ୍ୟାଦା ଅନୁସାରେ ଯିବା ଆସିବା କରୁଥିଲେ।

ଏକଥା ଜଣାଶୁଣା ଯେ ପ୍ରତ୍ୟେକ ବ୍ରାହ୍ମଣ ପରିବାରର ପିଲାମାନେ ଗାଁର ଅବଧାନ ଚ୍ଚାହାଳିରେ ଅକ୍ଷର ପରିଚୟ, ଲେଖା ପଢ଼ା ଓ କିଛି କିଛି ପାଟୀଗଣିତ ପଢୁଥିଲେ। ସେଥିପାଇଁ ବ୍ରାହ୍ମଣମାନଙ୍କ ମରଦଙ୍କ ଭିତରେ ନିରକ୍ଷରତା ପ୍ରାୟ ନଥିଲା କହିଲେ ଚଳେ। ପ୍ରତ୍ୟେକ ବ୍ରାହ୍ମଣର ନିତ୍ୟକର୍ମ ଗାୟତ୍ରୀ, ପୂଜା, ଆହ୍ନିକ; ତା'ର ବ୍ରତ ଦିନଠାରୁ ଆରମ୍ଭ ହୋଇ ଯାଉଥିଲା। ବ୍ରାହ୍ମଣଘର ମାଇପିମାନେ, କନ୍ୟା ଓ କୁଳବଧୂମାନେ ସାଧାରଣତଃ ନିରକ୍ଷର ରହୁଥିଲେ। ଓଷାବ୍ରତ ଓ ନାନା ପ୍ରକାରର କୌଳିକ ଝୋଟି ମୁରୁଜ ଓ ସେଭଳି ପୁରୁଣା ଢ଼ଗ ପହଳି ଭିତରୁ ସ୍ୱତଃସ୍ଫୂର୍ତ୍ତ କାନଶୁଣା ସଙ୍ଗୀତ ଓ ଗୀତ ହିଁ ଥିଲା ସେମାନଙ୍କର ସାଂସ୍କୃତିକ ଜୀବନ। କୌଣସି ବ୍ରାହ୍ମଣ ଆପଣାର ପାକ କିମ୍ବା ଦେବସ୍ଥଳୀରେ ଆପଣାର ପଂକ୍ତିଭୋଜନ ଛଡ଼ା ଅନ୍ୟତ୍ର ଅନ୍ନସ୍ପର୍ଶ ବାରଣ ଥିଲା। ତେଣୁ ସେତେବେଳେ କେବଳ ଗୟା ଶ୍ରାଦ୍ଧ ଓ ପିଣ୍ଡଦାନ ଓ କଦବା କ୍ୱଚିତ୍ ତୀର୍ଥବାସ କରିବାକୁ ଯେଉଁମାନେ ଯାଉଥିଲେ ସେମାନେ ପ୍ରାୟ ଥିଲେ ବାନପ୍ରସ୍ଥ ପରବର୍ତ୍ତୀ ଯତିବ୍ରତଧାରୀ। ତେଣୁ ପ୍ରାୟ ସମସ୍ତ ଗ୍ରାମର ସୀମା ଭିତରେ ସେଇଠି ଜନ୍ମ, ସେଇଠି ଲାଳନ, ସେଇଠି ଯୌବନ ଓ ସେଇଠି ଜରା ଓ ଶେଷରେ ମୃତ୍ୟୁ ହିଁ ସେମାନଙ୍କର ଜୀବନ ଥିଲା। ଏହାହିଁ ଥିଲା ସଂକ୍ଷେପରେ ଏହି ଅଢ଼େଇଶହ ବର୍ଷ ବ୍ରିଟିଶ ଆସିବା ଯାଏ ପୁରୀ ଶାସନ ବାଡ଼ର ଇତିହାସ।

(ସାତ)

ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କର 'ଭାରତ ଆବିଷ୍କାର'ରେ ଲେଖିଲା ଭଳି ଏହି ସମୟ ଭିତରେ ଓଡ଼ିଶାର ଏହି ସାଂସ୍କୃତିକ ପୀଠ ଓ ଜଗନ୍ନାଥଙ୍କର ପଞ୍ଚକୋଶୀ ଭିତରେ କେବଳ କୌଳିକତା ହିଁ ରାଜତ୍ୱ କରୁଥିଲା। ଚିନ୍ତା, ଆଲୋଚନା ଇତ୍ୟାଦିରେ ମୌଳିକତା ପ୍ରାୟ ଲୋପ ପାଇ ଯାଇଥିଲା। ଅବଶ୍ୟ ଏ ସମୟରେ ଯେ ଏହି ଅଞ୍ଚଳରୁ ପ୍ରତିଭା-ସ୍ଫୁରିତ ସାଂସ୍କୃତିକ କର୍ମ ଯେ ହୋଇ ନଥିଲା, ସେକଥା ନୁହେଁ।

Digitized by srujanika@gmail.com

ଏହି ସଂକ୍ରାନ୍ତରେ ବିଶ୍ୱନାଥ କବିରାଜଙ୍କର 'ସାହିତ୍ୟ ଦର୍ପଣ' ସ୍ମରଣୀୟ। ବ୍ରାହ୍ମଣେତର ଜାତି ଓ ଗୋଷ୍ଠୀମାନଙ୍କ ଭିତରେ ଚିତ୍ରକାର ସାହିର ପଟଚିତ୍ର, ପୁରୀର ଖୋଦନ ଶିଳ୍ପର କିଛି କିଛି ପ୍ରତିପ୍ରକାଶ ଯେ ନ ଘଟି ଥିଲା, ସେପରି ନୁହେଁ; କିନ୍ତୁ ସେସବୁ ଥିଲା ପରମ୍ପରାଶ୍ରୟୀ କୌଳିକତା କେବଳ ବୃତ୍ତି ରକ୍ଷା କରିବା ବା ଦେବାର୍ଚ୍ଚନା ଓ ରାଜ ଅନୁଗ୍ରହ ଅଭିଳାଷ ହିଁ ଏହି ପ୍ରକାର କାର୍ଯ୍ୟର ପ୍ରେରଣା ଦେଇଥିଲା। ଏ ସମସ୍ତ ବ୍ୟତିକ୍ରମ ଛାଡ଼ି ଦେଲେ ଭାରତର ସାମାଜିକ ବଦ୍ଧ ଜଳାଶୟ ଭିତରେ ଉତ୍କଳ ଓ ଉତ୍କଳ ଭିତରେ ପୁରୀର ରାଜ ପ୍ରତିଷ୍ଠିତ ବ୍ରାହ୍ମଣ ଶାସନ ସବୁ ଗୋଟିଏ ଗୋଟିଏ ପରମାନ ଛୋଟ ଖାତରେ ପରିଣତ ହୋଇ ଯାଇଥିଲା। କେବଳ ଛତିଶ ପାଟକ ଜାତିଙ୍କ ଭିତରେ ଯେ ଭେଦର ପାଚେରୀ ଛିଡ଼ା ହୋଇ ରହିଥିଲା ସେତିକି ନୁହେଁ, ବ୍ରାହ୍ମଣମାନଙ୍କ ଭିତରେ ଉଚ୍ଚ ଜାତି ଓ ନୀଚ ଜାତିର ଅତଟ ପାହାଚମାନ ସୃଷ୍ଟି ହୋଇ ସାରିଥିଲା। ଏହି ପାହାଚ ଏପରି ଅବସ୍ଥାକୁ ଆସିଥିଲା ଓ ଏତେ ଦୀର୍ଘକାଳସ୍ଥାୟୀ ହୋଇଥିଲା ଯେ ବଚ୍ଛସ, ଦକ୍ଷିଣ ସାଇୟା ରଥ, ଗୁଆତିରିଆ ସାଆନ୍ତ, ନନ୍ଦ ସାଆନ୍ତ ପ୍ରଭୃତି ରାଜପ୍ରତିଷ୍ଠିତ ବ୍ରାହ୍ମଣ ଗୋଷ୍ଠୀ ଭଟ୍ଟ ମିଶ୍ର ବ୍ରାହ୍ମଣ ଛଡ଼ା ଅନ୍ୟ କୌଣସି ବ୍ରାହ୍ମଣଙ୍କର ପାକରେ ଖାଉ ନଥିଲେ। ଏହି ସାଆନ୍ତ ଗୋଷ୍ଠୀର କୌଣସି କନ୍ୟା ନୀଚ ବ୍ରାହ୍ମଣ ଘରକୁ ଯଦି କଦବା କ୍ୱଚିତ୍ ବୋହୂ ହୋଇ ଆସୁଥିଲା ତେବେ ସେ ଶାଶୁଘରେ ହାଣ୍ଡି ଛୁଇଁବା ପୂର୍ବରୁ ଶାଶୁ ଘରକୁ ତାହାପାଇଁ ପହିଲି ଦିନ ଉଚ୍ଚ ଜାତି କନ୍ୟାର ସମ୍ମାନ ସ୍ୱରୂପ ବିଭିନ୍ନ ରେଟର ଟଙ୍କା ଦେବାକୁ ପଡୁଥିଲା। ସମାଜ ଭିତରେ ଏଭଳି ଅବସ୍ଥା ବିଦ୍ୟମାନ ଥିଲାବେଳେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଏକତାର ପ୍ରଶ୍ନ ମଧ ବିଡ଼ମ୍ବନା ଥିଲା। ଜାତୀୟତା, ଜାତୀୟଭାବ ଓ ଦେଶପ୍ରେମ ତ ବହୁ ଦୂରର କଥା, ସେତେବେଳେ ଜାତି ବୋଲି କହିଲେ ବ୍ରାହ୍ମଣ, ତେଲୀ, ହାଟୁଆ, ବାଉରୀ ଇତ୍ୟାଦିଙ୍କୁ ବୁଝାଉଥିଲା। ଏକ ଭାଷାଭାଷୀ ଯେ ଏକ ଜାତି ହୋଇ ପାରନ୍ତି ଏ ଧାରଣା ସେତେବେଳେ ମୋଟେ ନଥିଲା। ପରବର୍ତ୍ତୀ କାଳରେ ଗୋପବନ୍ଧୁ ଦାସଙ୍କର –

"ଭାରତ ସରସେ ଉତ୍କଳ କମଳ
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ।"

ଭଳି ଉକ୍ତି ସେ କାଳର ଅବସ୍ଥାକୁ ଚାହିଁଲେ ଥିଲା ଏକ ଅସାର ବିଡ଼ମ୍ବନା ।

■■■

Digitized by srujanika@gmail.com

ବ୍ୟବସାୟ : ଟଙ୍କିବୃତ୍ତି !

ଭାରତର ସେ କାଳର ଲୋକେ ଆପଣାର ଇତିହାସ ଲେଖୁ ନଥିଲେ। ଖ୍ରୀଷ୍ଟିୟାନମାନଙ୍କର ପଦ୍ଧତି ଅନୁସାରେ ଯେପରି କୌଣସି ଶିଶୁର ପୂର୍ବ ପୁରୁଷଙ୍କର ସନ୍ଧାନ ଗୀର୍ଜାର ଲେଖା ବହିରୁ ମିଳୁଥିଲା, ହିନ୍ଦୁମାନଙ୍କର ସେଭଳି ଲେଖା କୌଣସିଠାରେ ରଖା ଯାଉ ନ ଥିଲା। ଏପରିକି ଆଜି ବି ବଡ଼ ଦେଉଳ, କୋଣାର୍କ, ଭୁବନେଶ୍ୱର, ରାଜରାଣୀ ପ୍ରଭୃତି ମନ୍ଦିରକୁ କିଏ ତୋଳାଇଥିଲେ ତାହା ସେହି ମନ୍ଦିରର ପ୍ରାଚୀର ବା ଚତୁଃପାର୍ଶ୍ୱର ଅନୁସନ୍ଧାନରୁ ନିର୍ଣ୍ଣୟ କରିବା ଅସମ୍ଭବ।

ବାରିଷ୍ଟର ବିଶ୍ୱନାଥ ମିଶ୍ର ୨୦ ତାରିଖ ମେ ୧୯୩୧ ମସିହାରେ ସେବର କେନ୍ଦ୍ର ବ୍ୟବସ୍ଥାପକ ସଭାର ଆଲୋଚନା ପ୍ରସଙ୍ଗରେ ସରକାରୀ ବଜେଟର ବ୍ୟୟବହୁଳତାକୁ ଓ ବିଶେଷତଃ ସୈନ୍ୟବାହିନୀର ଖର୍ଚ୍ଚକୁ ସମାଲୋଚନା କରିବା ବେଳେ କହିଥିଲେ, "ମହାଶୟ, ସେବ କାଳରେ ଓଡ଼ିଶାରେ ସାମରିକ ଡ଼ିପାର୍ଟମେଣ୍ଟକୁ ଲୋକ ନିଯୁକ୍ତିର ପ୍ରଣାଳୀ ଭିନ୍ନ ଥିଲା। ସେତେବେଳେ କୌଣସି ବେତନଭୋଗୀ ଅଫିସର ନ ଥିଲେ। ସେମାନେ ସମସ୍ତେ ଥିଲେ ସର୍ଦ୍ଦାର ବା ଦଳପତି। ଏହିମାନେ ହିଁ ସୈନ୍ୟ ବାହିନୀକୁ ପରାମର୍ଶ ଓ ଆଦେଶ ଦେଉଥିଲେ। ମୋର ନିଜର ପ୍ରପିତାମହ ଏଭଳି ଜଣେ ବାହିନୀପତି କମାଣ୍ଡର ଥିଲେ। ସେ ତାହାଛଡ଼ା ମଧ ରାଜଗୁରୁ ବା ପୁରୋହିତ ଥିଲେ। ତତ୍ରାଚ ସେ ତାଙ୍କର ଦେଶପାଇଁ ଲଢ଼େଇ କରୁଥିଲେ। ଏଥିରେ ସନ୍ଦେହ ନାହିଁ ଯେ ଏହି କାର୍ଯ୍ୟପାଇଁ ସେମାନଙ୍କୁ କିଛି ଜମି ଜାଗିରି ଦିଆ ଯାଉଥିଲା। ତାହା ଥିଲା ସେମାନଙ୍କ ପାଇଁ ପର୍ଯ୍ୟାପ୍ତ।" × × × ×

"ଓଡ଼ିଶାର ଲୋକମାନଙ୍କର ସାମରିକ ମନୋଭାବ ପ୍ରସଙ୍ଗରେ ଟୟନବି ତାଙ୍କ ବହିର ପୃ ୧୨୪ରେ କହିଛନ୍ତ" –

"ଏକଥା ସ୍ପଷ୍ଟ ଯେ ଏଭଳି ବୃତ୍ତିଭୋଗୀ ସ୍ଥାନୀୟ ଫୌଜ ବ୍ରିଟିଶ ସରକାରଙ୍କ ପାଇଁ ଏକ ଶକ୍ତିର ଦୁର୍ଗସ୍ତମ୍ଭ ପରି କାର୍ଯ୍ୟ କରିଥାଆନ୍ତା ଯଦିଚ ବ୍ରିଟିଶ ସରକାର ମୂଳରୁ ଏମାନଙ୍କ ପ୍ରତି ଏକ ଉଦାର ଓ ମିଳାମିଶା ସୁଲଭ ମନୋଭାବ ଗ୍ରହଣ କରି ଥାଆନ୍ତେ। କିନ୍ତୁ ମେଜର ଫ୍ଲେଚରଙ୍କର ହତଭାଗ୍ୟ ଓ ଅଦୂରଦର୍ଶୀ ନୀତି ଫଳରେ ଏହିମାନଙ୍କର ଜାଗିରି ଜମି ଉପରେ ଜମା ଧାର୍ଯ୍ୟ କରାଗଲା। ଏହା ହେଲା ବିଲାତ

Digitized by srujanika@gmail.com

ସରକାରଙ୍କର ଖୋର୍ଦ୍ଧା ରାଜ୍ୟ ଦଖଲର ଠିକ୍ ପରେ ପରେ । × × × × କେବଳ ସେତିକି ନୁହେଁ, ସେମାନଙ୍କୁ ଜଘନ୍ୟ ଲୁଣ୍ଠନ ଓ ଅତ୍ୟାଚାରର ଶିକାର କରା ଯାଇଥିଲା ।”

(କେନ୍ଦ୍ର ବ୍ୟବସ୍ଥାପକ ସଭାର ବିତର୍କାବଳି, ଶୁକ୍ରବାର ୨୦ ମେ ୧୯୩୧, ତୃତୀୟ ଖଣ୍ଡ ୭ ନମ୍ବର)

ମୃତ୍ୟୁର ଅବ୍ୟବହିତ ପୂର୍ବରୁ ବିଶ୍ୱନାଥ ମିଶ୍ରେ କଳିଙ୍ଗର ଏକ ସଂପୂର୍ଣ୍ଣ ଇତିହାସ ରଚନାରେ ବ୍ୟାପୃତ ଥିଲେ। ଏହି ଇତିହାସର ଚିହ୍ନବର୍ଣ୍ଣ ଏ ପର୍ଯ୍ୟନ୍ତ ମିଳିନାହିଁ। ତାଙ୍କର ପ୍ରପିତାମହଙ୍କ ବାହିନୀପତି ଉପାଧିର କଥା ଏହି ଇତିହାସ ଅନୁସନ୍ଧାନରୁ ଯେ ମିଳିଥିବ, ଏକଥା ନିଃସନ୍ଦେହ। ସେ କାଳର ପ୍ରତ୍ୟେକ ଖଣ୍ଡାୟତ ବଂଶର ପୂର୍ବପୁରୁଷର ଏଭଳି ଇତିହାସ ନିଶ୍ଚୟ ଥିଲା। ତେବେ ବ୍ରାହ୍ମଣମାନଙ୍କଭିତରେ ଏହା ଥିଲା କି ନାହିଁ ସେ ବିଷୟରେ ପଣ୍ଡିତ ଗୋଦାବରୀଶଙ୍କର ଗୋଟିଏ ଉଲ୍ଲେଖ ଲକ୍ଷ୍ୟଣୀୟ ।

“ସମସ୍ତ ଖଣ୍ଡାୟତ ସମାଜ ପାଇକ ସେନାର ଅନ୍ତର୍ଗତ ଥିଲା। କିନ୍ତୁ ସବୁ ପାଇକମାନେ ଖଣ୍ଡାୟତ ନଥିଲେ।” ଖଣ୍ଡାୟତ କୁଳ କ୍ଷତ୍ରିୟ; କ୍ଷତ୍ରିୟ ରକ୍ତ ତାଙ୍କ ଧମନୀରେ ପ୍ରବାହିତ ହେଉଥିଲା। ପରମ୍ପରା ବ୍ରତରେ ସେମାନେ ଥିଲେ ଲଢୁଆଳ ଜାତି। ସୁତରାଂ ସେମାନେ ସମସ୍ତେ ସୈନ୍ୟ ଶ୍ରେଣୀଭୁକ୍ତ ହେଉଥିଲେ। ତେବେ ତାଙ୍କଛଡ଼ା ଓଡ଼ିଶାର ପଦାତିକ ସୈନ୍ୟ ଭିତରେ ରହୁଥିଲେ ବ୍ରାହ୍ମଣ, ବୈଶ୍ୟ, ଶୂଦ୍ର, ଏପରି ଅନ୍ୟ ତିନି ଜାତିର ଲୋକେ ମଧ। ସେ ସମସ୍ତଙ୍କର ସାଧାରଣ ନାମ ପଦାତିକ ଓ ପ୍ରଚଳିତ ଭାଷାରେ ପାଇକ ହୋଇଥିଲା। ବ୍ରାହ୍ମଣମାନେ ‘ରଥୀ’- ‘ସେନାପତି’- ‘ବାହିନୀପତି’ ପ୍ରଭୃତି ପଦ ଲାଭ କରୁଥିଲେ। କାରଣ ‘ନାୟକ’ ‘ପଟ୍ଟନାୟକ’ ଆଦି ଆଖ୍ୟା ପାହ୍ୟାରେ ରହୁଥିଲେ। ତା’ର ନିଦର୍ଶନ ବର୍ତ୍ତମାନ ‘ଜେନା’, ‘ପ୍ରଧାନ’, ‘ବେହେରା’, ‘ସୁବୁଦ୍ଧି’ ଆଦି ସଂଖ୍ୟାରୁ ଜଣାଯାଏ।

(ଗୋଦାବରୀଶ ଗ୍ରନ୍ଥାବଳୀ ୨ୟ ଖଣ୍ଡ ପୃ୫୫୮ଷ୍ଠା)

ପୂର୍ବରୁ ବର୍ଣ୍ଣିତ ‘ଚନ୍ଦ୍ରଶ୍ରେର ବାହିନୀପତି’ଙ୍କ ପରି ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ପ୍ରପିତାମହ ଜଣେ ବାହିନୀପତି ଥିଲେ। ଅବଶ୍ୟ ଏଭଳି ଉପାଧି କେତେକ କୁଳରେ ପୁରୁଷାନୁକ୍ରମେ ରହି ଯାଇଛି। ଆପଣାର ପୂର୍ବପୁରୁଷଙ୍କ ବିଷୟରେ ସୂଚନା ଦେଇ ଫକୀରମୋହନ ସେନାପତି ଆତ୍ମଜୀବନ ଚରିତରେ ଲେଖିଥିଲେ “ହନୁମଲ୍ଲଙ୍କର ମରହଟ୍ଟା ଦତ୍ତ ପଦବୀ ଥିଲା ସେନାପତି। ତାଙ୍କର ଅଯୋଗ୍ୟ ବଂଶଧରମାନେ

Digitized by srujanika@gmail.com

ଆପଣାର ବୃତ୍ତି ପରିତ୍ୟାଗ କରି ଭୂମିଶୂନ୍ୟ, ସେନାଶୂନ୍ୟ ହୋଇ ସେନାପତି ପଦବୀ ଭୋଗ କରି ଆସୁଛନ୍ତି। କେବଳ ପିତୃଶ୍ରାଦ୍ଧ, କିମ୍ବା ତାଦୃଶ କୌଣସି ଧର୍ମାନୁଷ୍ଠାନ ସମୟରେ ମଲ୍ଲସଂଜ୍ଞା ଉଲ୍ଲେଖ କରିଥାନ୍ତି ମାତ୍ର।"

(ଫକୀରମୋହନଙ୍କ ଆତ୍ମଜୀବନ ଚରିତ, ପ୍ରଥମପୃଷ୍ଠା)

ଫକୀରମୋହନଙ୍କର ହିସାବ ଅନୁସାରେ (ହନୁ ମଲ୍ଲ-ଗୋବିନ୍ଦ ମଲ୍ଲ-କୁଶ ମଲ୍ଲ- ଲକ୍ଷ୍ମଣ ସେନାପତି- ଫକୀରମୋହନ ସେନାପତି) ହନୁ ମଲ୍ଲ ହେଉଛି ତାଙ୍କର ବୃଦ୍ଧ ପ୍ରପିତାମହ। ଫକୀର ମୋହନଙ୍କର ଜନ୍ମ ୧୮୪୩ ସାଲ। ତେଣୁ ତାଙ୍କର ବୃଦ୍ଧ ପ୍ରପିତାମହ ଯେ ମରହଟ୍ଟା କାଳର ସେନାପତି ପଦବୀଧାରୀ ଥିଲେ ଏହା ବେଶ୍ ପ୍ରମାଣିତ ହେଉଛି। ସେହି ଦୃଷ୍ଟିରୁ ହିସାବ କଲେ ୧୮୭୮ରେ ଜନ୍ମିଥିବା ବିଶ୍ୱନାଥ ମିଶ୍ରଙ୍କର ପ୍ରପିତାମହ ନିଶ୍ଚିତ ଭାବରେ ମରହଟ୍ଟାଙ୍କର ୧୭୫୧ଠାରୁ ୧୮୦୩ ଭିତରେ ଓଡ଼ିଶା ଦଖଲ ସମୟର ଲୋକ। ତେବେ ଏହାର ଅର୍ଥ ନୁହେଁ ଯେ ସେ କାଳର ମରହଟ୍ଟାମାନେ କେବଳ ଓଡ଼ିଶାରୁ ସୈନ୍ୟ ଛାଉଣୀକୁ ପଦାତିକ ନେଉଥିଲେ। ବରଂ ଏକଥା ଆହୁରି ସତ୍ୟ ଯେ ଯେଭଳି ୧୮୦୩ରେ ମୁକୁନ୍ଦଦେବ ବ୍ରିଟିଶଙ୍କ ଦ୍ୱାରା ପ୍ରାୟ ବନ୍ଦୀ ଅବସ୍ଥାରେ ଥିଲାବେଳେ ଜୟୀରାଜଗୁରୁ ଅର୍ଥାତ୍ ତାଙ୍କର ମନ୍ତ୍ରୀ ପୁରୋହିତ ୧୮୦୩ରୁ ୧୮୦୪ ଯାଏ ଓଡ଼ିଆ ପାଇକମାନଙ୍କର ସେନାପତି ଥିଲେ; ଠିକ୍ ସେହି ପ୍ରକାରେ ଗଣେଶ୍ୱର ମିଶ୍ରେ ବା ଗଣି ରାଜଗୁରୁ ବାହିନୀପତି ମରହଟ୍ଟା ଅମଳରେ ଖୋର୍ଦ୍ଧାର ରାଜା ଦିବ୍ୟସିଂହ ଦେବଙ୍କର ପୁରୋହିତ ହିସାବରେ ବାହିନୀପତିର କାର୍ଯ୍ୟ ତୁଲାଉଥିଲେ। ସେହି ଅନୁକ୍ରମରେ ଗଣେଶ୍ୱର-ଭୁବନେଶ୍ୱର-କୁଳମଣି ଓ ବିଶ୍ୱନାଥ ଏପରି ଭାବରେ ବିଶ୍ୱନାଥଙ୍କର ପୂର୍ବ ବଂଶାବଳୀ ଗଢ଼ି ଆସିଛି। କିନ୍ତୁ ଖଣ୍ଡାଏତମାନଙ୍କ ଭିତରେ ଯେପରି ସଂଜ୍ଞାଗୁଡ଼ିକ 'ବାହୁବଳେନ୍ଦ୍ର' 'ଗୁମାନସିଂହ' 'ବୈରାଶଲ୍ୟ' ଇତ୍ୟାଦି ଭାବରେ ଏବେ ମଧ୍ୟ କର୍ପୂରହୀନ କନାଭଳି ରହି ଯାଇଛି ବ୍ରାହ୍ମଣମାନଙ୍କ ଭିତରେ ସାଧାରଣତଃ ତାହା ନାହିଁ। ଯେଉଁ ବ୍ରାହ୍ମଣମାନେ ଜାତିବାଡ଼ରେ ନିମ୍ନଶ୍ରେଣୀର ସେହିମାନେ ହିଁ 'ଚଉଧୂରୀ' 'ନିଃଶଙ୍କରାୟ ମହାପାତ୍ର' ଇତ୍ୟାଦି ଗୋଟିଏ ଗୋଟିଏ ବିଶେଷଣ ଯୋଗ କରି ଆଭିଜାତ୍ୟ ରକ୍ଷା କରିଛନ୍ତି।

(ଦୁଇ)

ନୂଆ ସୋମେଶ୍ୱରପୁର ଗାଁ ଏବେ ଅନେକ ବଦଳିଛି; କିନ୍ତୁ ଯେଭଳି ଭାବରେ ଏକ ଶହ ବର୍ଷ ଭିତରେ ଭାରତର ଅନେକ ସହର ପଲ୍ଲୀ ବଦଳିଛି ସେଭଳି ବଦଳିଛି

Digitized by srujanika@gmail.com

ବୋଲି କୁହାଯାଇ ପାରିବ ନାହିଁ। ଏହାର କାରଣ ପୁରୁଣା ପୂରାପୂରି ବିଲୋପ ହୋଇନାହିଁ; ପୁରୁଣା ଉପରେ କେବଳ ନୂଆର ପୁଟ ପଲସ୍ତରା ପଡ଼ିଛି। ପୁରୁଣାର ମୂଳଦୁଆ ଉପରେ ସେହି ମୂଳଦୁଆର ଆଖିଦୃଶିଆ ପରିବର୍ତ୍ତନ ନହୋଇ ନୂଆର ପ୍ରତିଷ୍ଠା କେତେଦୂର ଯାଇପାରେ ?

ସେଥିପାଇଁ ବିଶ୍ୱନାଥଙ୍କର ୯୮ତମ ଜୟନ୍ତୀ ଉପଲକ୍ଷେ ରଚିତ ଏହି ଲେଖକର କବିତାରେ ଥିଲା :

(ପ୍ରାୟ) ଶହେଟି ବରଷ
ଧାଡ଼ି ଧାଡ଼ି ହୋଇ ଛିଡ଼ା ହୁଏ ଆଗ ପଛ
ଏବେ ବି ଘୁମନ୍ତ ଗାଆଁ ଦଣ୍ଡାତଳେ
ଏକୁଟିଆ ବରଗଛ।
ରତନ-ଚିରାର ଅଯତନ ବୁକୁ ଦାଢ଼େ
ନାରୀକେଳ ମାଳ ନିଦୁଆ ଲପନ ବାଢ଼େ
ଲୋକାଲ ବୋର୍ଡ଼ ସାବକ ରାସ୍ତା ଛେକି
ମୂଳରୁ ପାହାଚ, ଖୁଣ୍ଟା ଖଜୁରୀ ସାକ୍ଷୀ
ଏବେ ବି ଗୁହିଁଛି ମାଟି ଛିଆଣିଆ ପୋଲ
ଶିଥିଳ ବରଷା ଚୁମ୍ବନେ ଦିଶେ
ତାଳ ଶେଣି ମାଳ ମାଳ।
ଏସବୁ ମିଶିଛି ଟେଏସନ(ଷ୍ଟେସନ) ରେଳ ସୁର
ସାକ୍ଷୀଗୋପାଳରୁ ଅଧକୋଶ ବାଟ
ନୂଆ ସମସରପୁର।
ସଭ୍ୟତା ଯେବେ ରକେଟ ବେଗରେ
ଗ୍ଭଲିଛି ଆଗକୁ ମାଡ଼ି
ସେବେ ବି ସେ ମାଟି ଦୁଲୁକାଇ ଧାଏଁ
ଘାଗୁଡ଼ି ବଳଦ ଗାଡ଼ି।
ଏବେ ବି ସେଇଠି
ନିଶ୍ଚଳ ରହେ
ଉତଳା ପବନ ବାଇ।
ପାଳଧୁଆ ପାଦେ
ସଦା ନିଦ ଯାଏ ତିଳ ତଣ୍ଡୁଳିତ ଛାଇ।

Digitized by srujanika@gmail.com

ଏହି ବର୍ଣ୍ଣନା ସହିତ ହୁଏତ ଆଉ କେତୋଟି ପ୍ରାଚୀନର ଭଗ୍ନାବଶେଷ ଓ ନୂତନ ପଲସ୍ତରାର ବିକଳ ଆବିର୍ଭାବ ଯୋଡ଼ି ଦିଆଯାଇ ପାରିବ। କିନ୍ତୁ ସେହି ପଲ୍ଲୀ ଜୀବନର ଆତ୍ମା ଯାହା ସାମନ୍ତବାଦୀ ସଭ୍ୟତା ଅମଳରୁ ରହି ଆସିଛି ତାହାର କାଳଦୋଷରୁ ତମାଦି ରୂପ ଛଡ଼ା ଆଉ ବିଶେଷ କିଛି ଦେଖିବାକୁ ମିଳିବ ନାହିଁ।

ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନରୁ ସେତେବେଳେ ଯେଉଁ କେତେଗୋଟି ପରିବାର କୌଣସିମତେ କୌଳିକ ପରମ୍ପରା ଭେଦ କରି ଆପଣାର ସନ୍ତାନମାନଙ୍କ ପାଇଁ ଏକ ନୂଆ ଶିକ୍ଷାର ଆଲୋକ ଦେବାକୁ ଲୋଡ଼ୁଥିଲେ, ସେମାନେ ସମସ୍ତେ ଥିଲେ ବ୍ୟବସାୟରେ ହୁଏତ ପୁରୀ ରାଜାଙ୍କର ବା ଇଂରେଜ ସରକାରଙ୍କର ଓ ସେଥିପୂର୍ବରୁ ମରହଟ୍ଟା ଅମଳର ତହସିଲଦାର। ପଣ୍ଡିତ ନୀଳକଣ୍ଠଙ୍କର ଆତ୍ମଜୀବନୀରେ ଲେଖାଅଛି ତାଙ୍କର ପିତାମହ ଥିଲେ ପ୍ରଥମ ଇଂରେଜ ଅମଳର ତହସିଲଦାର। ପଣ୍ଡିତ ଗୋଦାବରୀଶଙ୍କର ପିତା ଥିଲେ ଜଣେ ନିରାଲମ୍ବ ଜଟିଆ ବାବା। ତେବେ ସେବ କାଳର ବ୍ରାହ୍ମଣଙ୍କର ଯେଉଁ ଚିରାଚରିତ ବ୍ୟବସାୟ ଲେଖନ ତାଳପତ୍ର ଖେଦାରେ ଲିପିବଦ୍ଧ ହେଉଥିଲା ତାହା ହେଉଛି ବ୍ୟବସାୟ : ଟଙ୍କିବୃତ୍ତି।

ଏହି ଟଙ୍କିବୃତ୍ତି କଥା ଆଗରୁ କୁହାଯାଇଛି। ଏହାର ଅର୍ଥ ହେଉଛି ରାଜାଙ୍କର ଖଞ୍ଜା ନିଷ୍କର ସମ୍ପତ୍ତି ଓ ଘର ଡ଼ିହ, ନଡ଼ିଆ ଗଛରୁ ମୋଫତ ଚଳଣି। ଅର୍ଥାତ୍ ବିନା କାର୍ଯ୍ୟରେ ଯାବଦ୍‌ଜୀବନ ପେନ୍‌ସନ। ତେବେ ଏହି ବିନା କାର୍ଯ୍ୟରେ ଯାବଦ୍‌ଜୀବନ ଚଳିବାର ଯେଉଁ ବୈଚିତ୍ର୍ୟହୀନ ଜୀବନ ତାହା ପ୍ରତ୍ୟେକ ବ୍ରାହ୍ମଣ ପରିବାରକୁ କେବଳ ଦାୟିତ୍ୱହୀନ କରି ନ ଥିଲା; ନାନା ପ୍ରକାର କ୍ଷୁଦ୍ର ବିଳାସ ଓ ଅମଳ ଭିତରକୁ ଟାଣି ନେଇଥିଲା। ବିଶେଷତଃ ସେକାଳେ ରୋଗ ବୈରାଗରେ ବଇଦ ଆଉ ଓଷଦର ସେତେ ପ୍ରଚଳନ ନ ଥିବାରୁ ସାଧାରଣତଃ ରୋଗର ଦୁଇଟା ଔଷଧ ଥିଲା। ଗୋଟିଏ ଘୋଟା ଭାଙ୍ଗ, ଯାହା ସବୁ ପ୍ରକାର ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧର ଔଷଧ ଓ ଅନ୍ୟଟି ଅଫିମ ଯାହା ସବୁ ପ୍ରକାର ଗ୍ରହଣୀ, ଅତିସାର, ମୁଣ୍ଡ ବ୍ୟଥା ଓ ଶିରପିଡ଼ାର ଔଷଧ। ସେତେବେଳେ ପୁରୀର ବ୍ରାହ୍ମଣ ଶାସନ ଭିତରେ ଏପରି ପରିବାର କ୍ୱଚିତ୍ ଥିଲେ ଯାହା ଭିତରେ ଏଇ ଦୁଇଟି ପ୍ରକାରର ନିଶାଦ୍ରବ୍ୟରୁ ଅନ୍ତତଃ ଗୋଟିଏ ପ୍ରବେଶ କରି ନଥିଲା। ତେବେ ତାନ୍ତ୍ରିକତାର ପ୍ରଚଳନ ଆସିଲା ପରେ ମଧ୍ୟ କୌଣସି ପ୍ରକାର ମଦର ପ୍ରଚଳନ ନ ଥିଲା। ବରଂ ତାହା ଧାର୍ମିକ ନୈଷ୍ଠିକତା ଦୃଷ୍ଟିରୁ ଅପାଂକ୍ତେୟ ଥିଲା।

ନୂଆ ସୋମେଶ୍ୱରପୁରର ଗଣି ରାଜଗୁରୁ ବାହିନୀପତିଙ୍କର ପୁଅ ଥିଲେ ଭୁବନେଶ୍ୱର ମିଶ୍ର। ଭୁବନେଶ୍ୱର ମିଶ୍ରଙ୍କର ପୁଅ କୁଳମଣି ମିଶ୍ର ହେଉଛନ୍ତି ବାରିଷ୍ଟର

Digitized by srujanika@gmail.com

ବିଶ୍ୱନାଥ ମିଶ୍ରଙ୍କର ପିତା। ପୁରୀ ବ୍ରାହ୍ମଣ ଶାସନର ବାସିନ୍ଦାଙ୍କର ସମସ୍ତ ଗୁଣ ଓ ଦୋଷ ତାଙ୍କ ପାଖରେ ସାଧାରଣ ଭାବରେ ବିଦ୍ୟମାନ ଥିଲା। ସେ ଥିଲେ ଜଣେ ସ୍ନେହ ଦୁର୍ବଳ ପିତା; କିନ୍ତୁ ଭବିଷ୍ୟତର କଳନା ବିଷୟରେ ସେ ଖୁବ୍ ଦମ୍ଭିଲା ଲୋକ ଥିଲେ। ତାହା ନ ହୋଇଥିଲେ ବିଶ୍ୱନାଥଙ୍କର ଇଂରେଜି ପାଠପଢ଼ା କେବେ ସମ୍ଭବ ହୋଇ ନଥାନ୍ତା। କାରଣ କୁଳମଣି ମିଶ୍ରଙ୍କ ପୂର୍ବରୁ ତାଙ୍କରି ଅଞ୍ଚଳର କୌଣସି ବ୍ରାହ୍ମଣ ସନ୍ତାନର ପିତା ଆପଣା ପୁଅକୁ ମ୍ଳେଚ୍ଛ ଇଂରେଜି ପାଠ ପଢ଼ାଇ ସାମାଜିକ କଠୋର ବାସନ୍ଦ ସହିତ ମୁକାବିଲା କରିବା ଶୁଣାଯାଇ ନାହିଁ। ବିଶ୍ୱନାଥ ମିଶ୍ରଙ୍କଠାରୁ ଦୁଇବର୍ଷ ଜ୍ୟେଷ୍ଠ ସୁଆଣ୍ଡୋର ଗୋପବନ୍ଧୁ ଦାସ ପିଲା ଦିନେ ତାଙ୍କ ଅଞ୍ଚଳରୁ କିପରି ଇଂରେଜି ପାଠ ପଢ଼ିବାକୁ ଯାଇଥିଲେ ତାହାର ବିବରଣୀ ଜଣା ପଡ଼ିନାହିଁ। ଯେତେଦୂର ପ୍ରମାଣ ମିଳେ ସେଥିରୁ ଜଣା ପଡୁଛି ଯେ ଗୋପବନ୍ଧୁ ବିଶ୍ୱନାଥଙ୍କଠାରୁ କେବଳ ବୟସରେ ଦୁଇ ବର୍ଷ ଅଗ୍ରଜୟୀ ନଥିଲେ, ପାଠ ପଢ଼ାରେ ମଧ୍ୟ ତିନି ବର୍ଷ ଆଗରେ ଥିଲେ। ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଆତ୍ମ ଜୀବନୀରେ ଲେଖିଛନ୍ତି, "ମୁଁ ଯେଉଁ ବର୍ଷ ପୁରୀ ଜିଲ୍ଲା ସ୍କୁଲରେ ଭର୍ତ୍ତି ହେଲି ସେହି ବର୍ଷ ସେ (ଗୋପବନ୍ଧୁ) ସେହି ସ୍କୁଲରୁ ପାଶ୍ କରି କଟକ କଲେଜକୁ ଆସିଥିଲେ।" ଏହା ୧୮୯୯ର କଥା। ତେଣୁ ଏହା ପ୍ରାୟ ନିଶ୍ଚିତ ଯେ ୧୯୦୨ ମସିହାରେ ବିଶ୍ୱନାଥ ପୁରୀ ଜିଲ୍ଲା ସ୍କୁଲରୁ ଏନ୍‌ଟ୍ରାନ୍‌ସରେ ଜିଲ୍ଲା ବୃତ୍ତି ପାଇ ରେଭେନ୍‌ସା କଲେଜକୁ ପାଠ ପଢ଼ିବାକୁ ଯାଇଥିଲେ। ୧୯୦୩ର ଉତ୍କଳ ସମ୍ମିଳନୀ ବେଳେ ସେ ଏଫ୍.ଏ.ର ଶେଷ ବର୍ଷରେ ପଢୁଥିଲେ।

କୁଳମଣି ମିଶ୍ରଙ୍କ ଭଳି ବ୍ରାହ୍ମଣମାନଙ୍କର ସେତେବେଳେ କୌଳିକ ବୃତ୍ତି ଥିଲା ଟଙ୍କିବୃତ୍ତି। ଯଜନ, ଯାଜନ, ଅଧ୍ୟୟନ ଓ ଅଧ୍ୟାପନର ସୁଯୋଗ କିଛି ନଥିଲା। କେବଳ ସନ୍ଧ୍ୟା ଆହ୍ନିକ ପାଇଁ ଗାୟତ୍ରୀ, ବୈଶ୍ୱଦେବ, ଦେବ ପୂଜା ଇତ୍ୟାଦି ପାଇଁ ବ୍ରାହ୍ମଣଙ୍କ ଭିତରେ ପୁରୁଷାନୁକ୍ରମେ ବେଦର ସ୍ମୃତି ବା ଶ୍ରୁତି ଭଳି କେତେଗୁଡ଼ିଏ ନିତ୍ୟକର୍ମ ପଦ୍ଧତି ଓ ସ୍ତୋତ୍ର ଶ୍ଳୋକ ଆକାରରେ ଚଳୁଥିଲା। ସ୍ତ୍ରୀ ଲୋକେ ତ ସାଧାରଣତଃ ପାଠପଢ଼ା ଜାଣି ନ ଥିଲେ। ଲେଖକଙ୍କର ପ୍ରତ୍ୟକ୍ଷ ଥିବା ଅଭିଜ୍ଞତାରୁ ସ୍ମୃତିରେ ଜାଜ୍ୱଲ୍ୟ ରହିଛି ଯେ ତାଙ୍କର ଭ୍ରାତୃଜାୟା ଉତ୍କଳମଣି ଗୋପବନ୍ଧୁଙ୍କର କନିଷ୍ଠା କନ୍ୟା କୀର୍ତ୍ତିମୟୀ (ଲେଖକଙ୍କର ଦଦେଇ ପୁଅ ଭାଇନା ନାରାୟଣ ମିଶ୍ରଙ୍କର ଭାର୍ଯ୍ୟା) ଆପଣାର ଶାଶୁ ଓ ମାଇପି ଗୁରୁଜନମାନଙ୍କୁ ଚୁଁ ଚୁଁ କରି ଭାବ ପ୍ରକାଶ କରୁଥିଲେ। ଯେତେବେଳେ ଲେଖକ ଅନୁଭୂତି ପ୍ରତ୍ୟକ୍ଷ କରିଛି ସେତେବେଳେ ସତ୍ୟବାଦୀ ସ୍କୁଲ, ଝଙ୍କାର ଆନ୍ଦୋଳନ, ଅସହଯୋଗ ଓ ଗୋପବନ୍ଧୁଙ୍କର ଦେହାବସାନ ମଧ୍ୟ ହୋଇଯାଇଥାଏ।

Digitized by srujanika@gmail.com

ଏଥିରୁ ସହଜରେ ଅନୁମାନ କରାଯାଇ ପାରିବ ବିଶ୍ୱନାଥଙ୍କର ବାଲ୍ୟକାଳରେ ସ୍ତ୍ରୀ ଲୋକଙ୍କର ପରିବାର ଭିତରେ କି ପ୍ରକାର ସ୍ଥିତି ଥିଲା । ତଥାପି ଓଡ଼ିଆ ପରମ୍ପରାର ଟାଣ ଯୋଗୁଁ ଝୋଟି, ମୁରୁଜ, କାନ୍ଦଣା ଗୀତ ପ୍ରଭୃତି ଦ୍ୱାରା ଓଡ଼ିଆ ବ୍ରାହ୍ମଣ ଘରର ନାରୀମାନେ ଆପଣାର ସାଂସ୍କୃତିକ ଓରମାନ ମେଣ୍ଟାଉଥିଲେ ।

(ତିନି)

ଶାସନବାଡ଼ର ବ୍ରାହ୍ମଣ ପରିବାରର ସ୍ୱଚ୍ଛଳତାର ମାପ କାଠିରେ ମଧ କୁଳମଣି ମିଶ୍ର ସଂଗତିସମ୍ପନ୍ନ ନ ଥିଲେ । ଉଦାହରଣସ୍ୱରୂପ ସୁଆଣ୍ଡୋର ଗୋପବନ୍ଧୁଙ୍କ ପିତାଙ୍କର ଯାହା ବିଷୟ ଆସୟ ଥିଲା ଏପରି କି ନୀଳକଣ୍ଠ ଦାସଙ୍କ ପିତାଙ୍କର ବି ଯାହା ଅଳ୍ପ ସ୍ୱଳ୍ପ ବଗାତ, ଜମିବାଡ଼ି ଥିଲା ତାହାରି ତୁଳନାରେ ବିଶ୍ୱନାଥଙ୍କ ପିତାଙ୍କର ସମ୍ପତ୍ତି ଅଳ୍ପ ଥିଲା । ବିଶ୍ୱନାଥଙ୍କର ଜନ୍ମ ପୂର୍ବରୁ ତାଙ୍କର ପୂର୍ବର ଦୁଇଟି ଅଗ୍ରଜ ଦୀନବନ୍ଧୁ ଓ କୃପାସିନ୍ଧୁ ପିଲାଦିନୁ ମରି ଯାଇଥିଲେ । କେବଳ ତାଙ୍କର ଉପର ଭାଇ ଦୟାନିଧି ଥିଲେ ତାଙ୍କର ଜନ୍ମ ବେଳକୁ ପରିବାରର ପୁତ୍ର ସନ୍ତାନ । ତେଣୁ ବିଶ୍ୱନାଥଙ୍କର ଜନ୍ମ ଉକ୍ତ ପରିବାର ପାଇଁ ନିଶ୍ଚୟ ଏକ ଦେବାଶିର୍ବାଦ ପରି ହୋଇଥିଲା ।

ପଣ୍ଡିତ ଗୋଦାବରୀଶ ତାଙ୍କର ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି, "ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଭାଇ ଦାମୋଦର ଦିନେ ସନ୍ଧ୍ୟାରେ କୃପାସିନ୍ଧୁ ମିଶ୍ରଙ୍କୁ ଓ ମୋତେ ଛାତ୍ରାବାସରୁ କିଛି ଦୂରକୁ ଡାକିନେଇ ବସାଇ, ନିଜେ ଠିଆହୋଇ ଇଂରେଜୀରେ ଆରମ୍ଭ କଲେ, "ସଭାପତି ମହାଶୟ, ମହିଳାବର୍ଗ ଓ ଭଦ୍ରବ୍ୟକ୍ତି ଗଣ".... କୃପାସିନ୍ଧୁ ବା ମୁଁ ଘଟଣା ଠିକ୍ ଧରି ନ ପାରି ପଚାରିଲୁ "ଏ କ'ଣ ଦାମ ?" ଦାମୋଦରଙ୍କ ଉତ୍ତରରୁ ବୁଝାଗଲା ଯେ ସେ ନିଜକୁ ସାର୍ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ଛାଞ୍ଚରେ ଗଢ଼ିବାକୁ ବସିଥିଲେ ଇତ୍ୟାଦି ।" ଗୋଦାବରୀଶ ବାବୁ ଏହି ଘଟଣାର ସନ ତାରିଖ ଉକ୍ତ ଉଲ୍ଲେଖରେ ନିର୍ଦ୍ଦିଷ୍ଟ କରି ନାହାନ୍ତି । ୧୯୧୦ ମସିହାରେ ଗୋଦାବରୀଶ ମିଶ୍ର ବି.ଏ ପରୀକ୍ଷାରେ ପାସ୍ କରିଥିବା ତାଙ୍କର ଆପଣା ଲେଖାରୁ ସ୍ପଷ୍ଟ ହୁଏ । ତେଣୁ ବିଶ୍ୱନାଥଙ୍କର ସାନ ଭାଇ 'ଦାମ' ଯାହାକୁ ସେମାନେ ଦାମ ବୋଲି ଡାକୁଥିଲେ-ନିଶ୍ଚୟ ଗୋଦାବରୀଶ ଓ କୃପାସିନ୍ଧୁଙ୍କର ଜୁନିଅର ଅଥବା ସମସାମୟିକ । ତେଣୁ ସଂଶିତ ଘଟଣା ୧୯୦୮ କିମ୍ବା ୧୯୦୯ରେ ଘଟିଥିବାର ସମ୍ଭାବନା । ଓଡ଼ିଶାର ସେହି ଅନ୍ଧାରି ଯୁଗରେ ପ୍ରତ୍ୟେକ ଏନ୍‌ଟ୍ରାନ୍‌ସ ପଢ଼ା ଯୁବକ ଆପଣାକୁ ଜଣେ ପଇସା ଅର୍ଜନ ମେସିନ ବୋଲି ଧରି ନେଉଥିଲେ । ଏନ୍‌ଟ୍ରାନ୍‌ସ

Digitized by srujanika@gmail.com

ପାସ୍ ହେଲେ ସରକାରୀ ସିରସ୍ତାରେ ଚାକିରୀ ଥୁଆ । ତା’ ପରେ ବି.ଏ କ୍ଲାସ ପାଠପଢ଼ା ଓ ବି.ଏ ପାସ୍ କଥା ତ କୁହା ନ ଯାଏ । ତେଣୁ କୁଳମଣି ମିଶ୍ରଙ୍କ ପରି ଅଳ୍ପବିତ୍ତ ଗୃହସ୍ଥର ଶେଷ ପୁତ୍ର ସନ୍ତାନ ଦାମୋଦର ଏଭଳି ଖଣ୍ଡିଏ ଚାକିରୀ ପାଇଁ ବ୍ୟାକୁଳ ହେବା ସ୍ୱାଭାବିକ ହୋଇ ଥାଆନ୍ତା । କିନ୍ତୁ ତାହା ନ ହୋଇ ଦାମୋଦର ଯେ ବକ୍ତା ହେବାର ଅଭିଳାଷ ପୋଷଣ କରିଥିଲେ ଓ ସେଥିପାଇଁ ଆପଣା ବୁଦ୍ଧିରୁ ଏକ ଯୋଜନାବଦ୍ଧ ସାଧନାର ପ୍ରୟାସ କରିଥିଲେ ଏହା ନିଶ୍ଚିତଭାବରେ ଅଗ୍ରଜ ବିଶ୍ୱନାଥଙ୍କର ଆଦର୍ଶ ଓ ପ୍ରେରଣାର ନିଦର୍ଶନ । ଏହି ୧୯୦୮-୦୯ ବେଳକୁ ବିଶ୍ୱନାଥ ଆସିକାରେ ବ୍ୟବସାୟିକ ଭାବରେ ଜଣେ ଖ୍ୟାତିସମ୍ପନ୍ନ ଓ ପ୍ରତିଷ୍ଠିତ ଓକିଲ । ତେଣୁ ତାଙ୍କର ପାଠପଢ଼ା ବିଶେଷତଃ କଲେଜ ପଢ଼ା ବେଳର ଆର୍ଥିକ କ୍ଳେଶ ଦାମୋଦରଙ୍କର ଅନୁଭବକୁ ଆସି ନଥିବାର ମନେହୁଏ ।

ଜଗନ୍ନାଥଙ୍କର ଦର୍ଶନ ପାଇଁ ଅଥବା ସଂସ୍ପର୍ଶରେ ଆସିଥିବା ଅଜାଣିବାର ଲୋକେ ଏବେ ବି ମନେ କରନ୍ତି ଯେ ପୁରୀର ସବୁତକ ବ୍ରାହ୍ମଣ ହେଉଛନ୍ତି ‘ଯାତ୍ରୀ ତଣ୍ଟିଚିପା’ ପଣ୍ଡା । ତେଣୁ ଫକୀରମୋହନ ସେନାପତିଙ୍କର ‘ଉତ୍କଳ ଭ୍ରମଣ’ରେ ବିଶ୍ୱନାଥ ମିଶ୍ରଙ୍କୁ ବଧାଇ କରି ଯାହା ଲେଖା ରହିଛି–

“ଯାତ୍ରୀ ତଣ୍ଟିଚିପା ପଣ୍ଡା ଯିବ ବିଲାତକୁ
ସ୍ୱପ୍ନରେ କେ ଆଣିଥିଲା ଏକଥା ମନକୁ ?”

ତାହା ଏହି ସ୍ୱାଭାବିକ ଭ୍ରମର ପରିଣାମ । ଏବେ ଅବଶ୍ୟ ପୁରୀ ଜଗନ୍ନାଥଙ୍କର ପଢ଼ିଆରୀ ନିଯୋଗ, ପଣ୍ଡା, ଦଇତାପତି ଇତ୍ୟାଦି ବିଭିନ୍ନ ସେବକ ଗୋଷ୍ଠୀଙ୍କ ବିଷୟରେ ନାନା ଆଲୋଚନା ଓ ଗବେଷଣା ହେଲାଣି । ଏବର ସାମାନ୍ୟ ଜାଣିବାର ଓଡ଼ିଆ ଲୋକେ ଜାଣନ୍ତି ଜଗନ୍ନାଥଙ୍କର ସେବା ପୂଜା ଦାନୀୟ ବିପ୍ର, ଶାସନବାଡ଼ ବ୍ରାହ୍ମଣସାମନ୍ତ, ଭଟ୍ଟମିଶ୍ର ବା ଗୁଆତିରିଆ ସାମନ୍ତଙ୍କଦ୍ୱାରା ହୁଏ ନାହିଁ, ହେବାର ନୁହେଁ । ପୁରୀର ଜଗନ୍ନାଥ ସେବାୟତମାନଙ୍କର ଜାତିକୁଳ ପୁରୀର ବ୍ରାହ୍ମଣ ଶାସନୀମାନଙ୍କଠାରୁ ପୁରାପୁରି ଭିନ୍ନ । ପରମ୍ପରା ଅନୁସାରେ ଏମାନଙ୍କ ଭିତରେ ପରସ୍ପର ସହିତ ସହଭୋଜନ ବା ବିବାହ ସମ୍ବନ୍ଧର ପ୍ରଶ୍ନ ଉଠେ ନାହିଁ । ତାହାର ଉତ୍‌ଥାପନ ମଧ୍ୟ ସ୍ପୃହଣୀୟ ନୁହେଁ । ଇଂରେଜୀ ଅଧିକାରର ବହୁ ବହୁ ବର୍ଷ ପରେ ମଧ୍ୟ ଏ ଯାବତ୍ ଦେଉଳ ସେବକ, ପଣ୍ଡା ପଢ଼ିଆରୀ ଓ ଶାସନୀ ବ୍ରାହ୍ମଣଙ୍କ ଭିତରେ ବୈବାହିକ ସମ୍ପର୍କ ପ୍ରତିଷ୍ଠିତ ହୋଇ ପାରିନାହିଁ । ବରଂ ଅନ୍ୟ ପକ୍ଷରେ ବିଶ୍ୱନାଥଙ୍କ ପରିବାରକୁ ଏକ ଭିକ୍ଷୁକ ବ୍ରାହ୍ମଣ ଶ୍ରେଣୀର ବୋଲି କହିବା ଯେତେ ଆକ୍ଷେପୋକ୍ତି

Digitized by srujanika@gmail.com

ହେଲେ ବି ସେଥିରେ କିଛି ସତ୍ୟତା ରହିଛି । ଏଭଳି ଗୋଟିଏ ମନ୍ତବ୍ୟ ମନସ୍ୱୀ ମଧୁସୂଦନ ଦାସଙ୍କର ଗୋଟିଏ ଭାଷଣରୁ ମିଳିଥିବାର ୧୦।୮।୧୯୧୨ 'ଉତ୍କଳ ଦୀପିକା' ରେ ପ୍ରକାଶ ପାଇଥିଲା । ଘଟଣାଟି ଥିଲା ଆସିକାଠାରେ ବିଲାତ ଫେରନ୍ତା ବାରିଷ୍ଟର ବିଶ୍ୱନାଥଙ୍କର ଅଭ୍ୟର୍ଥନା ଉପଲକ୍ଷେ ସଭାର ଘଟଣା । ଏହି ସଭାରେ "ମାନ୍ୟବର ମଧୁସୂଦନ ଦାସ, ସି.ଆଇ.ଇ ମହୋଦୟ ସଭାପତିଙ୍କ ଆହ୍ୱାନ ମତେ ଦୁଇ ଘରି କଥା କହିବାକୁ ଉଠି ଏକ ଭିକ୍ଷୁକ ବ୍ରାହ୍ମଣ ଶ୍ରେଣୀର ଲୋକ ଭିକ୍ଷା ବିନା ଆପଣାର ଉଦ୍ୟୋଗରେ ବିଲାତ ଯାଇ କେମନ୍ତ ମନୁଷ୍ୟତା ଲାଭ କରିଅଛନ୍ତି ତାହା ତେଜିୟସୀ ବକ୍ତୃତା ଦ୍ୱାରା ବୁଝାଇ ଦେଇ ସଭାପତିଙ୍କୁ ଧନ୍ୟବାଦ ଦେବାର ପ୍ରସ୍ତାବ କରିଥିଲେ ।"

ସାଧାରଣତଃ ପୁରୀର ଶାସନୀ ବ୍ରାହ୍ମଣମାନଙ୍କୁ ବିତ୍ତହୀନ ଓ ଭିକ୍ଷୁକ ବୋଲି କହିବା ଗୋଟିଏ ଗୌରବର ଚିହ୍ନ ବୋଲି କହିଲା ଲୋକେ ମନେ କରିଥାଆନ୍ତି । ଏଭଳି ଆଖ୍ୟା ଦେବା ପଛରେ ଏକ ଦୀର୍ଘ ଇତିହାସ ରହିଛି । ଓଡ଼ିଶାରୁ ଯେଉଁମାନେ କାଳର ଘଟଣାଚକ୍ରରେ ସେ କାଳର ଆଲୋକମୟ ଅଞ୍ଚଳ କଲିକତାରେ ଶିକ୍ଷାଦୀକ୍ଷା ପାଇବାକୁ ଯାଇଥିଲେ କୁଷ୍ଠୀସ୍ପର୍ଶରେ ନିରୋଗ ଲୋକ କୁଷ୍ଠଛଉ ଧାରଣ କଲାପରି କେତେକ, ଏପରିକି ଓଡ଼ିଆ ଗର୍ବୀ, ବ୍ୟକ୍ତିଙ୍କ ଭିତରେ ମଧ କଲିକତା ବଙ୍ଗାଳିବାଡ଼ିର ଓଡ଼ିଆ ପୁଝାରୀମାନଙ୍କର ଉଦାହରଣରୁ ସବୁତକ ଓଡ଼ିଶାର ବିଶେଷତଃ ବ୍ରାହ୍ମଣ ବହୁଳ ପୁରୀ ଜଗନ୍ନାଥର ପଞ୍ଚକୋଶୀର ବିପ୍ରମାନଙ୍କୁ ଭିକ୍ଷୁକ କିମ୍ବା ରୋଷେୟା ମନେକରିବାର ଭ୍ରାନ୍ତି ଅଭ୍ୟାସ ଦୋଷରୁ ଆସି ଯାଇଥିଲା । ପଣ୍ଡିତ ନୀଳକଣ୍ଠ ତାଙ୍କର ଆତ୍ମଜୀବନୀରେ ବଙ୍ଗଳାର ସୁପ୍ରସିଦ୍ଧ ବୈଜ୍ଞାନିକ ସ୍ୱନାମଧନ୍ୟ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ମନୋଭାବ ବିଷୟରେ ପ୍ରସଙ୍ଗକ୍ରମେ କହିଛନ୍ତି "କିନ୍ତୁ ମୁଁ ଗଲାମାତ୍ରେ ପ୍ରଥମେ ସେ କଥା ଶୁଣିଚନ୍ତି କି ନାହିଁ ପ୍ରଫୁଲ୍ଲଚନ୍ଦ୍ର ରାୟ ନିଜର ଗୁଡ଼ିଏ ଲେଖା ମୋତେ ପଢ଼ି ଶୁଣାଇଲେ । ସେଥିରେ ପ୍ରଧାନ ବିଷୟଟି ହେଉଛି, ଓଡ଼ିଆ ପୂଝାରୀ ଓ ବିହାରୀ ଘରକରମାନେ କଲିକତାକୁ ଆକ୍ରମଣ କରି ଏକରକମ କଲିକତାର କାହିଁକି ସମସ୍ତ ବଙ୍ଗ ଦେଶର ସ୍ୱାସ୍ଥ୍ୟ ଓ ସଂସ୍କୃତି ଧ୍ୱଂସ କରିବାରେ ଲାଗିଛନ୍ତି । ଏଥିରେ କ୍ରମେ ମୋର ମନର ଭାବ କ'ଣ ହୋଇଥିଲା ତା' କହିବା ଦରକାର ନାହିଁ ।"

(ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ ଖଣ୍ଡ ପୃ ୯୫ ଷ୍ଠା)

ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢ଼ିବାବେଳେ ଗୋଦାବରୀଶ ତାଙ୍କର ଅନୁଭୂତିରୁ ଲେଖିଥିଲେ, ରାମକୃଷ୍ଣ ବାବୁଙ୍କ ଘରୁ "ଜଣେ ବାବୁ ବାହାରି ଆସି ମୋତେ କହିଲେ,

Digitized by srujanika@gmail.com

କ'ଣ ରୋଷାଇବାସ କର? ଆମର ପୂଝାରୀ ଅଛି।" ଯେତେ ଦରିଦ୍ର ହେଲେ ସୁଦ୍ଧା ମୁଁ ବାପ ମାଆଙ୍କର ଗେହ୍ଲାପୁଅ; ସେତେବେଳେ ପୂଝାରୀ ଆଖ୍ୟ ପାଇବାକୁ ପ୍ରସ୍ତୁତ ନ ଥିଲି। କିନ୍ତୁ ପରେ, ବାପା ମା'ଙ୍କର ମୃତ୍ୟୁ ଉତ୍ତାରେ କଲେଜରେ ପଢ଼ିବାବେଳେ ମୋତେ ଅନେକ କାଳ ପ୍ରାୟ ପୂଝାରୀ ଭାବରେ ପଢ଼ା ଖର୍ଚ୍ଚ ଉଠାଇବାକୁ ହେଲା।

ଗୋଦାବରୀଶ ମିଶ୍ର ଏହି ପୂଝାରୀ ଭ୍ରମର କାରଣ ବିଷୟରେ ଯାହା ଲେଖିଛନ୍ତି ତାହା ବି ବେଶ୍ କୌତୁକପୂର୍ଣ୍ଣ। ତାହା ହେଉଛି ପେଣ୍ଡା ବାଳ। ୧୯୭୦ ଠାରୁ ବର୍ତ୍ତମାନ କାଳରେ ଯେଉଁ ଲମ୍ବ ବାଳ ଓ ମୋଟା କଲି ରଖାଯାଉଛି ଓ ବହୁ ଯୁବକ ଆପଣା ବେଶ ପୋଷାକରେ ଏକପ୍ରକାର ବିଚିତ୍ର ଉଦ୍ଭଟ ପ୍ରକାର ସୃଷ୍ଟି କରୁଛନ୍ତି ତାହା ବିଶେଷ ମୌଳିକ ନୁହେଁ। ଗୋଦାବରୀଶ ବଞ୍ଚିଥିଲେ ଲେଖି ନଥାନ୍ତେ ଯେ "ଆଜିକାଲି ନିତାନ୍ତ ମଫସଲ ଛଡ଼ା କୌଣସିଠାରେ ପୁରୁଷ ପିଲାଙ୍କ ମୁଣ୍ଡରେ ପେଣ୍ଡା ବାଳ ଦେଖାଯାଏ ନାହିଁ।" କାରଣ ଆଜି ଭାରତର ସହର, ନଗର, ଜନପଦ, ଗ୍ରାମ, ରେଳଷ୍ଟେସନ, ଏୟାରପୋର୍ଟ ଘୁରିଆଡ଼େ ଏହି ତଥାକଥିତ 'ପେଣ୍ଡା ବାଳ' ଭେଣ୍ଡା ଗଜାବଇସିଆ ଟୋକାମାନଙ୍କର ମୁଣ୍ଡରେ ରାଜୁତି କରୁଛି। ୧୯୭୫ ଜୁନ ମାସରେ ଇନ୍ଦିରାଗାନ୍ଧୀ ଯେଉଁ ଆଭ୍ୟନ୍ତରୀଣ ଜରୋରୀ ପରିସ୍ଥିତି ଜାରି କରିଥିଲେ, ସେଥିରେ ଏଭଳି କେତେକ ଭେଣ୍ଡାଙ୍କର ପେଣ୍ଡା ବାଳ ଜବରଦସ୍ତି କାଟି ଦିଆ ଯାଇଥିଲା, ତାହା ଗୋଦାବରୀଶଙ୍କର ତିରୋଧାନର ଉଣେଇଶ ବର୍ଷ ପରେ। କିନ୍ତୁ ଗୋଦାବରୀଶଙ୍କ କାଳରେ ଏହାର ଠିକ୍ ଓଲଟା କଥା ଥିଲା। ଅର୍ଥାତ୍ ଆଜିର ନବ୍ୟସଭ୍ୟ ଫେସନବାଲା ଯୁବକ, ଅଧ୍ୟାପକ, ଶିକ୍ଷକ, ହାକିମ, ଛାତ୍ର ଯେଭଳି ଲମ୍ୱା ବାଳ ଓ ମୋଟା ଲମ୍ୱା କଲି ରଖୁଛନ୍ତି, ସେତେବେଳେ ଗାଁ ଗହଳର ତଥାକଥିତ ଅସଭ୍ୟ ଗାଉଁଲି ଲୋକେ ସମସ୍ତେ ସେପରି 'ପେଣ୍ଡା ବାଳ' ରଖୁଥିଲେ। ଆଉ ଯୁଦ୍ଧପ୍ରିୟ ପାଇକବୀରମାନେ ଲମ୍ୱା କଲି ବା 'ଗାଲମୋଚ୍ଛ' ରଖୁଥିଲେ। ରାଧାନାଥ ରାୟ ଆପଣାର ଉଷା କାବ୍ୟରେ ଏହି 'ଗାଲମୋଚ୍ଛ'ର ବର୍ଣ୍ଣନା ଦେଇଛନ୍ତି ଯାହା ପ୍ରାୟ ବଙ୍ଗଳାର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ଗାଲପାଟିକୁ ଆବୃତ କରିଥିବା ଲମ୍ୱା କଲି ସରିସମ ହେବ।

ଗୋଦାବରୀଶ ମିଶ୍ର ଲେଖିଥିଲେ "ଅନେକ ବର୍ଷ ପରେ ମୁଁ ବିହାର ଓଡ଼ିଶା ବ୍ୟବସ୍ଥା ପରିଷଦର ସଦସ୍ୟ ଥିଲାବେଳେ କଲିକତାର ଜଣେ ବାରିଷ୍ଟର ବନ୍ଧୁଙ୍କ ଘରେ ଅତିଥି ହୋଇଥିଲି। ତାଙ୍କର ପାଞ୍ଚ ବର୍ଷର ପୁଅ ଗାଧୋଇ ସାରିବା ବେଳେ ମୋତେ ଦେଖି ପଚ୍ଚାରିଥିଲା, "ତୁମେ କ'ଣ ରୋଷେୟା ପୂଝାରୀ?" ବାଇଶ ବର୍ଷ ତଳର ବିସ୍ମୃତ ଅନୁଭୂତି ସଙ୍ଗେ ସଙ୍ଗେ ଘୁଞ୍ଚିକିନି ମୋ ମନରେ ଆସି ପଡ଼ିଗଲା।

Digitized by srujanika@gmail.com

ପିଲାଟିକୁ ଗୋଟିଏ ନାସ୍ତି ଉତ୍ତର ନ ଦେବା ନିମନ୍ତେ ମୁଁ ହସି ହସି ହଁ ଭରିଲି। ମାତ୍ର ସେ ସେତିକିରେ ସନ୍ତୁଷ୍ଟ ନ ହୋଇ ପୁଣି ପଚ୍ଚରିଲା, "ପୂଝାରୀ ତ, ତେବେ ଏତେ ଗୋରା କାହିଁକି ? ମୋ ବୁଦ୍ଧିକୁ ଆଉ ଉତ୍ତର ଦିଶିଲା ନାହିଁ।" ସେଥିପାଇଁ ଓଡ଼ିଆରେ ସେ କାଳରେ ଗୋଟିଏ କଥନୀ ଥିଲା –

"ବାପ ତେଲ ଶାହସ୍ରେ ଲଣ୍ଡା, ପୁଅ ବୁଲେଇ ବେଣ୍ଟି ରଖୁଛି।" ଏହାର ଅର୍ଥ ତେଲ ଅଭାବରୁ ବାପା ଲଣ୍ଡା ମୁଣ୍ଡିଆ ହୋଇ ପଡ଼ିଛି। ଏଣେ ପୁଅ ଏଭଳି ଅବିବେକୀ ଯେ ଫେସନ କରି ବୁଲେଇ ଅର୍ଥାତ୍ ଚୂଡ଼ାପାରି ବେଣ୍ଟି ଅର୍ଥାତ୍ ପେଣ୍ଡା ବାଳ ରଖୁଛି। ଏବେ ବୃଦ୍ଧ ପୁରାତନ ବ୍ରାହ୍ମଣମାନଙ୍କ ମୁଣ୍ଡରୁ ବେଣ୍ଟି ଉଭାନ ହୋଇ ଯିବାର ମନେ ହେଉଛି। କିନ୍ତୁ ବିଂଶ ଶତାବ୍ଦୀର ପ୍ରଥମ ଚଉଠରେ ବେଣ୍ଟି ଓଡ଼ିଶାର ବିଭିନ୍ନ କୁଳରେ ଏକ ସାଧାରଣ କେଶବିନ୍ୟାସ ଥିଲା।

(ଘରି)

ବିଶ୍ୱନାଥ ମିଶ୍ର ୧୯୦୯ରେ ବିଲାତକୁ ବାରିଷ୍ଟରୀ ପଢ଼ିବାକୁ ଯିବା ବେଳକୁ ତାଙ୍କର ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ଜନ୍ମ ହୋଇ ସାରିଥିଲେ ଓ ତାଙ୍କର ସ୍ତ୍ରୀ ଅନ୍ତଃସତ୍ତ୍ୱା ଥିଲେ। ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ତାଙ୍କର ଦୁର୍ବାକ୍ଷତ ୧୯୦୨ କିମ୍ବା ୧୯୦୩ ସାଲରେ ହୋଇଥିବ କିମ୍ବା ତା' ପୂର୍ବରୁ ହୋଇଥିବ। ତେଣୁ ବିବାହ ହୋଇଥିବ ଏହାର ଅନ୍ତତଃ ଘରି ବର୍ଷ ପୂର୍ବରୁ। ସେତେବେଳେ ବ୍ରାହ୍ମଣ ଶାସନରୁ ଏନ୍‌ଟ୍ରାନ୍‌ସ ପଢ଼ିବା ପିଲାଙ୍କର ସଂଖ୍ୟା ମୁଷ୍ଟିମେୟ ଥିଲା। ୧୮୯୮-୯୯ରେ ଏଭଳି ଏନ୍‌ଟ୍ରାନ୍‌ସ ପାସ୍ ପିଲା ଥିଲେ ବର ବଜାରରେ ଏକ ଅଭାବନୀୟ ପଣ୍ୟ। ସେତେବେଳର ବ୍ରାହ୍ମଣମାନଙ୍କ ଭିତରେ ବୈବାହିକ ସଂପର୍କ ନେଇ ଜାତିବିକା ଏକ ସାଧାରଣ ଘଟଣା ଥିଲା। ତେଣୁ ବିଶ୍ୱନାଥଙ୍କର ବିବାହ ପୂର୍ବରୁ ସେ ଏହି ଜାତିବିକା ଜାଲ ଭିତରେ ଯେ ନ ପଡ଼ି ଏକ ସାଧାରଣ ବ୍ରାହ୍ମଣ କୁଳରେ ଆନନ୍ଦ ରଥ ଉତ୍ତର ରାଢ଼ଶଗ୍ରାମର କନ୍ୟାଙ୍କର ପାଣି ଗ୍ରହଣ କଲେ। ଏହା ତାଙ୍କ ପିତା କୁଳମଣି ମିଶ୍ରଙ୍କର ଚରିତ୍ରବତ୍ତାର ପରିଚୟ ବୋଲି ମାନିବାକୁ ହେବ।

କୌଣସି ବ୍ୟକ୍ତିର ଜୀବନରେ ବିବାହ ଏକ ସ୍ମରଣୀୟ ଘଟଣା। କାରଣ ବିବାହ ପରେ ଜୀବନର ବାଲ୍ୟ ଅବସ୍ଥା ଶେଷ ହୁଏ ଓ ଏକ ନୂତନ ଦାୟିତ୍ୱର ସଂସାର ଭିତରେ ବ୍ୟକ୍ତି ପାଦ ଦେଇଥାଏ। ପୁଣି ପିତୃସତ୍ତା ସମାଜରେ ଯେଉଁଠି ବର ହେଉଛି ଭର୍ତ୍ତା ଓ କନ୍ୟା ହେଉଛି ଭାର୍ଯ୍ୟା ଓ ଯେଉଁଠି କନ୍ୟା ନିରକ୍ଷରା ଓ ବାଳୁତ

Digitized by srujanika@gmail.com

ସେଇଠି ବିବାହ ଏକ ଅଜଣା ସମୁଦ୍ରରେ ପାରି ହେବା ପରି ଦୁଃସାହସିକ କାର୍ଯ୍ୟ। ବିଶ୍ୱନାଥଙ୍କ ସମୟରେ ପୁରୀ ଶାସନବାଡ଼ର ବ୍ରାହ୍ମଣମାନଙ୍କର ଉଚ୍ଚ ନୀଚ କୁଳ ଭେଦରେ ବିବାହ ପାଇଁ ଗୋଟିଏ ସର୍ତ୍ତ ପ୍ରାୟ ଚଳି ଆସୁଥିଲା। ତେଣୁ ପୁରୀ ଶାସନବାଡ଼ରେ ସେ କାଳର ବିବାହ ଏକ ଅଦ୍ଭୁତ କ୍ରିୟା ଥିଲା । ଏକେତ ବର ଠିକ୍ ଭର୍ତ୍ତା ନୁହେଁ, କାରଣ ସେ ନାବାଳକ। ଆଉ କନ୍ୟା ମଧ ଭାର୍ଯ୍ୟା ନୁହେଁ। ବଙ୍ଗ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅମଳରେ ଯେଉଁ ନୂତନ ବିବାହ ଚଳଣୀ ଗ୍ଭଲିଥିଲା, ସେଥିରେ ବର ଥିଲା ଗୋପବନ୍ଧୁଙ୍କର ରସିକତାମୟ ଭାଷାରେ 'ଭାର୍ଯ୍ୟା'।

ପଣ୍ଡିତ ନୀଳକଣ୍ଠ ଆପଣାର ଆତ୍ମଜୀବନୀରେ ଲେଖିଛନ୍ତି, "ସେତେବେଳକୁ ବଙ୍ଗ ଦେଶରୁ ଅନ୍ୟାନ୍ୟ ସାମାଜିକ ଚଳଣି ଅନୁକରଣରେ ପଶିଲା ପରି ବର ପଣ ପ୍ରଥା ଓଡ଼ିଶାରେ ଆରମ୍ଭ ହେଉଥାଏ।" ତାଙ୍କ ମତରେ ଏହା ଗୌଡ଼ୀୟ ବୈଷ୍ଣବ ଓ ଫଳିତ ଜ୍ୟୋତିଷ ଭଳି ବିଜାତୀୟ ପ୍ରଭାବ ଓ ଏହାର ପ୍ରଥମ ଶରବ୍ୟ ହୋଇଥିଲା କରଣ କୁଳ। କିନ୍ତୁ ବାସ୍ତବରେ ଏହି ବରପଣ ବା ଯୌତୁକ ପ୍ରଥା ଏକ ଅନୁକରଣ ବା ଭିନ୍ନ ସଂସ୍କୃତିର ପ୍ରତିଫଳନ ନୁହେଁ। ଏହା ପୂରାପୂରି ଅର୍ଥନୈତିକ ଆବଶ୍ୟକତାରୁ ଜନ୍ମ ହୋଇଥିଲା। ଯେଉଁଠି କନ୍ୟାକୁ ବାଲୁତ ବୟସରେ ବିଭା କରିବାକୁ ହେବ ତା' ଛଡ଼ା ସେ କନ୍ୟା କୌଣସି ଆର୍ଥିକ ସଂଗତିପାଇଁ ପୂରାପୂରି ଅସମର୍ଥ। ତା'ର ଯୋଗ୍ୟତା ହେଲା, ଖୁବ ବଡ଼ ହେଲେ ଗୃହିଣୀର ଯୋଗ୍ୟତା,ପୁଣି ଯେହେତୁ କୁଳ, ସମ୍ମାନର ତୁଙ୍ଗିମା ଅନୁସାରେ ସେ କନ୍ୟା ବୋହୂ ହୋଇ ପରଘରକୁ ଗଲେ ଅସୂର୍ଯ୍ୟସ୍ପଶ୍ୟା, ଭୂଆଷୁଣୀ। ସେହି ହେତୁରୁ ସେ କେବଳ ବାପ ମା' ଭାଇଙ୍କ ପାଇଁ ଦାୟ ନୁହେଁ, ବିବାହ କଲା ବର ପାଇଁ ମଧ ଏକ ଦାରୁଣ ବୋଝ। ସେହି ହିସାବରେ ଏ ପ୍ରକାର ନାରୀକୁ ଦେଇ ପାରି ହୋଇଯିବା ଥିଲା ସେ କାଳରେ ଗୋଟାଏ ବଡ଼ ଖଲାସ। ତେବେ ଯେତେହେଲେ ଝିଅ ତ; ତାକୁ ସୁଖରେ ଓ ସ୍ୱାଚ୍ଛନ୍ଦ୍ୟରେ ରହିବାର ଦେଖିବା ତ ସବୁ ମା' ଓ ଭାଇର ମନ କାମନା। ତେଣୁ ସେମାନେ ହୁଏତ ସଂପନ୍ନ ବା ରୋଜଗାରକ୍ଷମ ବରପାତ୍ର ଯୋଗାଡ଼ କରିବେ ନଚେତ୍ ବରପାତ୍ରକୁ ସାହାଯ୍ୟ କରି ସଂପନ୍ନ ଓ ରୋଜଗାରକ୍ଷମ କରିବେ। ଏହି ଶେଷୋକ୍ତ କାର୍ଯ୍ୟ କରିବା ପାଇଁ ବରପଣର ସୃଷ୍ଟି।

ହେଲେ ଏହାଠାରୁ ଆଗେ ଭିନ୍ନ କାରଣରୁ ଏହି ବିବାହରେ ଟଙ୍କା ଦିଆ ନିଆ ଥିଲା, ତାହା ଠିକ୍ ବରପଣ ନୁହେଁ। ବଙ୍ଗ ବେଳେ ବେଳେ ବର ପିତାଙ୍କୁ କନ୍ୟା ପାଇଁ କନ୍ୟାପଣ ଦେବାକୁ ପଡୁଥିଲା। ଏହାର ପ୍ରଧାନ ମାପକାଠି ଥିଲା ଜାତି।

Digitized by srujanika@gmail.com

ଚୈତନ୍ୟଙ୍କ ଅମଳରୁ ବ୍ରାହ୍ମଣମାନଙ୍କ ଭିତରେ ଉଚ୍ଚ ନୀଚର ଯେଉଁ ଭେଦ ସୃଷ୍ଟି ହୋଇଥିଲା, ସେଥିରେ ସମସ୍ତ ବ୍ରାହ୍ମଣ ସମାଜ ପୂରାପୂରି ପାହାଚ ପାହାଚ ହୋଇ ଯାଇଥିଲା । କାହାରି ଘରେ କାହାରି ବିବାହ ସମ୍ପର୍କ ପଡ଼ିଲେ ହିସାବର ପ୍ରଥମ ବିଷୟ ଥିଲା ସେ ଉଚ୍ଚ କୁଳର ନା ନୀଚ କୁଳର । ଏକ ଜାତିର ବ୍ରାହ୍ମଣ ନହେଲେ ପ୍ରତ୍ୟେକ କୁଳର ଅନ୍ୟ କୁଳଠାରୁ ହିସାବରେ ଉଚ୍ଚ ବା ନୀଚ ସ୍ତର ହେଉଥିଲା । ଏପରିକି ସମାନସ୍କନ୍ଧ କୁଳ ଭିତରେ ବୈବାହିକ ସମ୍ବନ୍ଧବେଳେ ଦେଖା ଯାଉଥିଲା ଯେ କେଉଁ ପକ୍ଷ କେତେ ପରିମାଣରେ 'ଓହଳି' ପଡ଼ିଛନ୍ତି, ଅର୍ଥାତ୍ ନୀଚ କୁଳରେ ବନ୍ଧୁ କରିଛନ୍ତି । ତେଣୁ ସେହି ଓଲମବିଲମର ଜାତି ନିକିତିରେ ତଉଲ ଅନୁସାରେ ଯିଏ ଉଚ୍ଚ କୁଳର ସାବ୍ୟସ୍ତ ହେଉଥିଲା, ତାହାକୁ ନୀଚ କୁଳ ବ୍ରାହ୍ମଣ ଘର ଜାତି କଉଡ଼ି ଭାବରେ କିଛି ଅର୍ଥ ଦେଉଥିଲେ । ନୀଳକଣ୍ଠ ଉଲ୍ଲେଖ କରିଛନ୍ତି –

"...... ମୋ ପିଲାଦିନୁ ବରପଣ ବା କନ୍ୟାପଣ ବୋଲି କିଛି ନ ଥିଲା । ଲୋକେ ଜାତି ପାଇଁ ମୂଲ୍ୟ ଦେଉଥିଲେ । ବିବାହ ପ୍ରସଙ୍ଗ ସ୍ଥିର ହୋଇଗଲେ, ତା'ପରେ ଭଦ୍ରଲୋକ ବସି ଜାତିର ମୂଲ୍ୟ ନିରୂପଣ କରି କିଏ କେତେ କାହାକୁ କେତେ ଦେବେ ଠିକ୍ କରି ଦେଉଥିଲେ । ମୋର ବିଭାଘରେ ଭଦ୍ରଲୋକମାନେ ଏଇପରି ଠିକ୍ କରିଦେଲେ ଯେ, ମୋ ନନା (ପିତା) କନ୍ୟା ପିତାଙ୍କୁ ପନ୍ଦର ଟଙ୍କା ଦେବେ । ସେଥିମଧ୍ୟରେ ମୋର ଆଉ ଶ୍ୱଶୁରଙ୍କ ଜାତି ବିଗ୍ଚରରେ ଆମର ଦେୟ ହେଉଥିଲା ଦଶ ଟଙ୍କା । ମୁଁ ଛୋଟ ଜାତି ଘରର ନାତି ହୋଇଥିବାରୁ ଆମକୁ ଦେବାକୁ ହେଲା ଆଉ ପାଞ୍ଚ ଟଙ୍କା । ତା' ପରେ ଆମ ଶ୍ୱଶୁର ମୋ ବୋଉକୁ କହି ତା'ଠାରୁ ମାଗିନେଲେ ପାଞ୍ଚ ଟଙ୍କା । ଏପରି ଆମକୁ ଦେବାକୁ ହୋଇଥିଲା ଶ୍ୱଶୁରଙ୍କ ଘରକୁ କୋଡ଼ିଏ ଟଙ୍କା ।"

ଏଇଠି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଦରଦଭରା ଅଭିଜ୍ଞତାକୁ ମିଳାଇ ନିଆଯାଇପାରେ –

"କିନ୍ତୁ ମୋ ବିବାହର ଉତ୍ପତ୍ତି ମଧ୍ୟ ବ୍ୟବସାୟରୁ, ହୃଦୟର ଘେନାଘେନିରୁ ନୁହେଁ । ପରିବାରକୁ ଅନଶନରୁ ରକ୍ଷା କରିବା ପାଇଁ ମୋ ବୋଉ, ଘରର ମୁରବିଙ୍କ ଅଜ୍ଞାତରେ ପଡ଼ିଶା ଘର ଗୃହଣୀଙ୍କଠାରୁ ଦିନ ଦିନକ ପାଇଁ ଗ୍ଚଉଳ ଧାର ଆଣୁଥିଲା । ସାତ ଆଠ ବର୍ଷରେ ସମୁଦାୟ ଧାର ଗ୍ଚଉଳର ମୂଲ୍ୟ ଦୁଇ ଶହ ଉପରେ ପହଞ୍ଚିଲା । ସେହି ମୂଲ୍ୟ ପରିଶୋଧ କରିବାକୁ ପଡ଼ିଲା ଧନରେ ନୁହେଁ, ଜନରେ । ପଡ଼ୋଶୀ ଘର ଗୃହଣୀଙ୍କ କନ୍ୟା ନିମନ୍ତେ ବରପାତ୍ର ଭାବରେ ମୁଁ ଗ୍ଚଉଳ ଆସିଥିବା ଝରକା ବାଟେ ଗୋପନରେ ବାଗ୍‌ଦତ୍ତ ହୋଇଗଲି । ବୋଉର ବାଗ୍‌ଦାନ ଘଟଣା ଚକ୍ରରେ

Digitized by srujanika@gmail.com

ପଡ଼ି ପିତାଙ୍କୁ ସ୍ୱୀକାର କରିବାକୁ ହେଲା; କିନ୍ତୁ ସ୍ୱୀକାର ଦେଲାବେଳେ ସେ କହିଲେ "ପୁଅ ବିଭା ହେବ, ଘରକୁ ବୋହୂ ଆସିବ, ହଉ, ମାତ୍ର ବୋହୂ ହାତେ ମୋ ଅନ୍ନ ଛୁଇଁବା ମିଛଟି।" ତାଙ୍କ ପ୍ରତିଜ୍ଞା ଭାଙ୍ଗିବା ନ ଭାଙ୍ଗିବା ପ୍ରଶ୍ନ ଉଠିଲା ନାହିଁ। ବୋହୂ ଘରକୁ ଆସିବା ପୂର୍ବରୁ ସେ କେବଳ ଘରୁ ନୁହେଁ, ଇହଲୋକରୁ ବିଦାୟ ଘେନି ଚାଲିଗଲେ।

"...... ସେତେବେଳେ ବ୍ରାହ୍ମଣଙ୍କ ଘରେ ଆଭିଜାତ୍ୟ ଭାରି ଧରା ହେଉଥିଲା। ପୁରୀ ଷୋଳ ଶାସନ ବ୍ରାହ୍ମଣମାନଙ୍କ ଭିତରୁ ଅନେକ ନିଜ ନିଜ ଜାତି ବିକି ବିସ୍ତର ଟଙ୍କା ପାଉଥିଲେ। ଜାତି ଏକ ପଣ୍ୟଦ୍ରବ୍ୟ ବିବେଚିତ ହେଉଥିଲା। ତା'ର ଓଜନ ବିନା ବିକ୍ରିରେ ସୁଦ୍ଧା ତୋଳା ରତିରୁ ଖସି ଧାନ ଉପଧାନ ପର୍ଯ୍ୟନ୍ତ ବ୍ୟାପୁଥିଲା। ସ୍ଥାନେ ସ୍ଥାନେ ଆଭିଜାତ୍ୟର ପାର୍ଥକ୍ୟ ଯୋଗେ ଦୁଇ ତିନି ଟଙ୍କା ଫାବୁଥିଲା। ଜାତି ବିଚାର କିଭଳି ସୂକ୍ଷ୍ମ ସ୍ତରରେ ହେଉଥିଲା ଏଥିରୁ ହିଁ ବୁଝାଯିବ। କେହି ଟଙ୍କା ଦେଇ ଦୁଇ ଚାରି ଥର ଜାତି କିଣି ନେଲା ପରେ ତାଙ୍କ ନିଜ ମୂଲ୍ୟ ମଧ ବଢ଼ି ଯାଉଥିଲା। ସେହିପରି ଦୁଇ ଚାରି ଥର ଜାତି ବିକ୍ରୀ କରିଦେଲେ ଲୋକେ ଆଭିଜାତ୍ୟର ତଳକୁ ଖସି ପଡୁଥିଲେ। ମୋ ବିବାହ ସଂପର୍କରେ ବର କନ୍ୟା ପକ୍ଷ ଆଭିଜାତ୍ୟ ତୁଳନାରେ ବର ପକ୍ଷର ପାଉଣା ସ୍ଥିର ହେଲା ଦୁଇ ଶହ ପଚିଶ ଟଙ୍କା। ତାହା ଚାଉଳ ବାବଦରେ ବକେୟା ଦେଣା ଆଡ଼କୁ ମଜୁରା ହୋଇଗଲା। ସେଥିପାଇଁ ବିବାହ ଭୋଜିରେ–ଉତ୍ସବରେ ପୂର୍ଣ୍ଣ ମାତ୍ରାରେ ଯୋଗ ଦେଲି ଏକା ମୁଁ, ବର ପକ୍ଷରୁ ଆଉ କେହି ଦେଲେ ନାହିଁ। କନ୍ୟା ଘର ବିବାହ ଭୋଜିରେ ବର ପକ୍ଷରୁ ବସିଲି ଏକମାତ୍ର ମୁଁ।

ଏହାର କାରଣ ବର ପକ୍ଷର ବରଯାତ୍ରୀ ଇତ୍ୟାଦି ଏହି ଜାତି ବିକା ଅର୍ଥରୁ ଆପଣାର ମାନ୍ୟ ବାବଦ ପାଉଣା ପାଇପାରିଲେ ନାହିଁ। ଏହି ଲେଖକ ନିଜ ଅନୁଭୂତିରୁ ଜାଣେ ଯେ ତାହାର ବୋଉ ଯେହେତୁ ଉଚ୍ଚ ଜାତିର ବୋହୂ (ସେ ଥିଲେ ବୀର ନରସିଂହପୁର ଗୁଆଟିରିଆ ସାଆନ୍ତ ଘର ଝିଅ); ତେଣୁ ଆମର ଉଚ୍ଚ ମିଶ୍ରଙ୍କ ଘରେ ତାକୁ ପାଗ ଛୁଇଁବାକୁ ହେଲେ ମୋ ପିତାମହଙ୍କ ତରଫରୁ ତାଙ୍କ ପିତାଙ୍କୁ ଅର୍ଥାତ୍ ମୋର ଅଜାଙ୍କୁ ପଚାଶ ଟଙ୍କା ଦେବାକୁ ହୋଇଥିଲା। ଅନ୍ୟ ପକ୍ଷରେ ମୋର ଭାଉଜ ଶ୍ରୀମତୀ କୀର୍ତ୍ତିମୟୀ ଯେହେତୁ ସୁଆଣ୍ଡୋ ଦାସ ଘର (ଗୋପବନ୍ଧୁ ଦାସଙ୍କ) ଝିଅ ଓ ତେଣୁ ଗ୍ରାମ ପ୍ରତିଷ୍ଠା ଜାତି ପ୍ରତିଷ୍ଠାରେ ଆମର ବୀର ପ୍ରତାପପୁର ଉଚ୍ଚମିଶ୍ରଙ୍କଠାରୁ ନିମ୍ନରେ। ତେଣୁ ତାଙ୍କୁ ଆମରି ଘର ପାଗହାଣ୍ଡି ଛୁଇଁବା ମାସୁଲ ସ୍ୱରୂପ କିଛି ଟଙ୍କା ଦେବାକୁ ପଡ଼ିଥିଲା।

Digitized by srujanika@gmail.com

ଏହି ଜାତି କିଣା ବିକାର ତରଳ ଫଳରେ ପ୍ରତ୍ୟେକ ବିଭାଘର ଏକ ତୁମୁଳ ଗଣ୍ଡଗୋଳର ପସରାରେ ପରିଣତ ହେଉଥିଲା । ବର ପକ୍ଷର ଲୋକେ ଗ୍ରାମ ଭିତରେ ଆପଣା ଆଭିଜାତ୍ୟ ପାଇଁ ପାଲିଙ୍କି ଉପରେ ଘଦର ବାନ୍ଧିବା, ଗ୍ରାମବାସୀ ବରଯାତ୍ରୀଙ୍କର ଆଳିପଣା ଖାଇବା ପାଇଁ ନିମନ୍ତ୍ରିତ ହେଲେ ସେମାନଙ୍କଠାରୁ ଜାତିର ସୋପାନରେ ଉଚିତ ମାନ୍ୟ ଖୋଜିବା ଓ ସେଥିପାଇଁ ଯୁକ୍ତିତର୍କ, ପୋଥିପାଠ ଓ ଶେଷରେ ରାସ୍ତା ଅବରୋଧଠାରୁ ରାହାଜାନି ଯାଏ ପ୍ରାୟ ପ୍ରତ୍ୟେକ ବିବାହରେ ଲାଗି ରହିଥିଲା । ସେତେବେଳେ ପୁରୀ ଶାସନବାଡ଼ର ତନ୍ଦ୍ରା ବିଜଡ଼ିତ ଆଳସ୍ୟ ଭିତରେ ଏହା ହିଁ ଥିଲା ଅନ୍ୟତମ ଗ୍ରାମ୍ୟ ଚେତନା ।

ଥରେ କୌଣସି ପକ୍ଷ ଜାତିର ସୋପାନରେ ଉପରକୁ ଉଠିଥିବା ସାବ୍ୟସ୍ତ ହୋଇଗଲେ ସେମାନେ ତାହାକୁ ଗଣ୍ଡି କରି ଆହୁରି ଉପର ଧାପକୁ ଯିବାକୁ ଚେଷ୍ଟା କରୁଥିଲେ । ତେଣୁ ଦାନୀୟ ବ୍ରାହ୍ମଣଙ୍କ ଛଡ଼ା ମଧ୍ୟ ଅନ୍ୟ ପ୍ରକାରର ବ୍ରାହ୍ମଣମାନେ କ୍ରମେ ଶାସନୀ ବ୍ରାହ୍ମଣଙ୍କର ମର୍ଯ୍ୟାଦା ଲାଭ କରିବାପାଇଁ ଲାଳାୟିତ ହେଲେ । ଏହି ଅଦାନୀୟ ବ୍ରାହ୍ମଣମାନେ ବ୍ୟବସାୟରେ ବୈଶ୍ୟ ଥିଲେ ଅଥବା ଦେଉଳ ସେବକ ଥିଲେ ଅଥବା ହଳୁଆ ଥିଲେ । ଏମାନଙ୍କୁ ଭଦ୍ର ଭାଷାରେ ଇଙ୍ଗିତ କରି କୁହା ଯାଉଥିଲା 'ବଳରାମ ଗୋତ୍ରୀ' ଅର୍ଥାତ୍ ଏମାନେ ହଳଧର ବଳରାମଙ୍କର 'ଗୋତ୍ରୀ' ଥିଲେ । ଏମାନେ ଯେତେବେଳେ ଦେଖିଲେ ଟଙ୍କା ପଇସା ଦେଲେ ଉଚ୍ଚ କୁଳକୁ ଆରୋହଣ କରିବା ସମ୍ଭବ, ସେତେବେଳେ ଏମାନଙ୍କ ଭିତରୁ ସଙ୍ଗତିସମ୍ପନ୍ନ ଲୋକେ ଗରିବ ଆଭିଜାତ୍ୟ ଥିବା ଶାସନୀ ବ୍ରାହ୍ମଣଙ୍କ ଘରେ ବନ୍ଧୁ ବାନ୍ଧିବାକୁ ଉଦ୍ୟମ କଲେ । ଏ ଉଦ୍ୟମ ସେତେବେଳେ ଥିଲା ସେକାଳର ମାପକାଠିରେ ବେଶ୍ କଠୋର ଓ ଦୁରନ୍ତ । ଗ୍ରାମବାସୀମାନଙ୍କଠାରୁ ଗୋପନ କରି ପୁରୀ କ୍ଷେତ୍ରରେ ଅଥବା ଲୋକନାଥ ମେଳାରେ କୌଣସି 'ବଡ଼ସ', 'ନନ୍ଦ', 'ଗୁଆତିରିଆ', 'ଦକ୍ଷିଣ ସାଇୟା' ସାଆନ୍ତଙ୍କର କୁଳଚନ୍ଦ୍ରମାଙ୍କୁ ଚକଟା ରସାବଳି ଖୁଆଇ, ପେଟେ ଘୋଟା ଭାଙ୍ଗ ପିଆଇ ତାଙ୍କର ପୁଅକୁ ବା ଝିଅକୁ ଏଭଳି ନିମ୍ନ ଜାତିର ପୁଅ ଝିଅ ସହିତ ବିବାହ ସମ୍ପର୍କ କରାଇବା ପାଇଁ ମହାପ୍ରସାଦ ମାଳିଟେକା କରିବା ଏକ ଗଡ଼ ଜିଣିବା କାର୍ଯ୍ୟ ଥିଲା ।

(ପାଞ୍ଚ)

ପୁରୀ ଶାସନମାନଙ୍କରେ କୁଳୀନ ଶ୍ରେଷ୍ଠ ହିସାବରେ ସେତେବେଳେ ପ୍ରତିଷ୍ଠିତ ଗ୍ରାମ ଥିଲେ ବୀର ନରସିଂହପୁର, ବୀର ହରେକୃଷ୍ଣପୁର, ବିଶ୍ୱନାଥପୁର ପ୍ରଭୃତି

Digitized by srujanika@gmail.com

କେତୋଟି ଗ୍ରାମ। ଏହାଛଡ଼ା ବର୍ତ୍ତମାନ ବ୍ରହ୍ମଗିରି ଅଞ୍ଚଳରେ ଉଷୁଣା ବରପଦା ଶ୍ରୀମୁକୁନ୍ଦପୁର ମଧ୍ୟ ଏଭଳି ଏକ କୁଳୀନ ଶ୍ରେଷ୍ଠ ବ୍ରାହ୍ମଣମାନଙ୍କର ପୀଠସ୍ଥଳୀ ଥିଲା। ଏଭଳି ବ୍ରାହ୍ମଣ ଶାସନର ସନ୍ତାନମାନଙ୍କ ଭିତରେ ସତ୍ୟବାଦୀ ବନ ବିଦ୍ୟାଳୟର ଜଣେ ଭିତ୍ତିପ୍ରସ୍ତର, ମହାନ୍ ଯୋଗୀ ମନସ୍ୱୀ ରାମଚନ୍ଦ୍ର ରଥଙ୍କ ବିଷୟ ଉଭୟ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ଶ୍ରଦ୍ଧାର ସହ ସ୍ମରଣ କରିଛନ୍ତି। ରାମଚନ୍ଦ୍ର ରଥଙ୍କର ଗାଁ ଥିଲା ସତ୍ୟବାଦୀ ପାଖ ବିଶ୍ୱନାଥପୁର ଶାସନ। ନୀଳକଣ୍ଠଙ୍କ ଭାଷାରେ ପୁରୀର ଯେଉଁମାନେ ଶ୍ରେଷ୍ଠତମ ବ୍ରାହ୍ମଣ ବୋଲି ନିଜକୁ ମନେ କରନ୍ତି, ସେଇ କୁଳରେ ତାଙ୍କର ଜନ୍ମ ହୋଇଥିଲା। ସେକାଳେ କୌଣସି ବ୍ରାହ୍ମଣ ଘରେ ଅନ୍ନ ଗ୍ରହଣ କରିବା ତାଙ୍କ ପକ୍ଷରେ ନିଷିଦ୍ଧ ଥିଲା। ସମସ୍ତେ ତାଙ୍କ ହାତେ, ତାଙ୍କ ଘରେ ଖାଇବେ, ସେ କାହାରି ଘରେ ଖାଇବେ ନାହିଁ, ଏହାହିଁ ରୀତି। ରାମଚନ୍ଦ୍ରଙ୍କ ପରିବାର ଅତ୍ୟନ୍ତ ଗରିବ ଥିଲେ; ତଥାପି ଜାତି ବିକା ଧନରେ ପାଠ ପଢ଼ିବା ତାଙ୍କର ବ୍ୟାହତ ହୋଇ ନଥିଲା। ରାମଚନ୍ଦ୍ର ପୁରୀ ଜିଲ୍ଲା ସ୍କୁଲରେ ତଳ ଶ୍ରେଣୀରେ ପଢୁଥିଲେ। ହାତରେ ରାନ୍ଧି ଖାଇଲେ ମଧ୍ୟ ଅର୍ଥାଭାବରେ ପଢ଼ା ଛାଡ଼ିବା ବେଳ ଆସିଲା। ଠିକ୍ ସେପରି ଦଶା ହେଲା ବାସୁଦେବ ମହାପାତ୍ରଙ୍କର। ପଣ୍ଡିତ ଗୋପବନ୍ଧୁ ସେତେବେଳେ ଶାସନବାଡ଼ର ଓ ପୁରୀ ଜିଲ୍ଲା ସ୍କୁଲର ଓଡ଼ିଆ ଛାତ୍ରମାନଙ୍କର ବନ୍ଧୁ, ଉପଦେଷ୍ଟା। ସେ ଜୋର ଦେଇ କହିଲେ "ମାଗ ନାହିଁ, ଅର୍ଜିକରି ପଢ଼।" ରାମଚନ୍ଦ୍ର ଓ ବାସୁଦେବ ତାଙ୍କ କଥାରେ ଏକମତ; କିନ୍ତୁ କ'ଣ କରିବେ ? ରାମଚନ୍ଦ୍ର ପଚ୍ଚାରିଥିଲେ "କ'ଣ କିପରି ଅର୍ଜିବା ?" ଗୋପବନ୍ଧୁ ତତ୍କ୍ଷଣାତ୍ ଉତ୍ତର ଦେଇଥିଲେ "କ'ଣ ବୋଝ ମୁଣ୍ଡେଇ ପାରିବ ନାହିଁ ?" ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି – "ତହିଁ ଆରଦିନ ରାମଚନ୍ଦ୍ର, ବାସୁଦେବ ଦୁହେଁ ଦୁଇ ବେଳା ପୁରୀ ଷ୍ଟେସନରୁ ବୋଝ ବୋହି, ସେହି ମଜୁରୀରେ ନିଜ ଖର୍ଚ୍ଚ ଚଳାଇଲେ। ସେହି ସମୟରେ ମୁଁ ନିଜେ ଦେଖିଛି କୁଳୀନଶ୍ରେଷ୍ଠ ରାମଚନ୍ଦ୍ର ଛଅ ପଇସା ମଜୁରୀ ଲାଗି ଗୋଟିଏ ଶୁଖୁଆ ପଟ ଷ୍ଟେସନରୁ ସହର ଭିତରକୁ ମୁଣ୍ଡରେ ବହି ନେଉଥିଲେ।"

ଏ ଘଟଣା ବିଶ୍ୱନାଥ ପୁରୀ ଜିଲ୍ଲା ସ୍କୁଲରେ ପ୍ରବେଶ କରିବାର ବାର ବର୍ଷ ପରର ଘଟଣା। ଏହି ବାର ବର୍ଷ ଭିତରେ ପୁରୀ ଶାସନବାଡ଼ରେ ଜାତି ବିଟାଳ ବହୁ ପରିମାଣରେ ପ୍ରବେଶ କରି ଯାଇଥିଲା; କିନ୍ତୁ ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା, ବିଶ୍ୱନାଥଙ୍କ ପିତା କୁଳମଣି ମିଶ୍ର ଜାତି ବିକା ପ୍ରଲୋଭନରେ ପଡ଼ି ନଥିଲେ। ସେ ଏଭଳି ପ୍ରଲୋଭନରେ ପଡ଼ି ବିଶ୍ୱନାଥଙ୍କୁ ତାଙ୍କ ଅପେକ୍ଷା ନିମ୍ନ କୁଳୀନଙ୍କ ଘରେ ବିବାହ ଦେଇ ପୁତ୍ରର ପାଠପଢ଼ାର ପାଥେୟ ସଂଗ୍ରହ କରିବାରେ ବିଶ୍ୱନାଥ ବୋଧହୁଏ ଆପତ୍ତି

Digitized by srujanika@gmail.com

କରି ନ ଥାନ୍ତେ। କାରଣ ତାଙ୍କର ଜୀବନର ଦୁଇଟି ସ୍ମରଣୀୟ ଘଟଣାରୁ ଜଣାପଡ଼ିଛି, ବିଶ୍ୱନାଥ ଅତ୍ୟନ୍ତ ପିତୃଭକ୍ତ ଥିଲେ ଏପରିକି ନିଜେ ଉପାର୍ଜନକ୍ଷମ ହୋଇ ବିଲାତ ଯିବାକୁ ପ୍ରୟାସ କଲାବେଳେ ନନା (ପିତା)ଙ୍କ ବାରଣ ଯୋଗୁଁ ସେ ତାହା ପିତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ।

ଜାତି ବିକା ବିବାହର ବିଟାଳ ବିଷୟରେ ସେକାଳେ ବହୁ କନ୍ଦଳ ସୃଷ୍ଟି ହୋଇଥିଲା। ଏଥିର ଶହ ଶହ କିମ୍ବଦନ୍ତୀ ରହିଛି। ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀରେ ସେ "ଢ଼ୋଲ, ମାଟିଆ ନଈ

ଦାସଙ୍କ ପାଖେ ନ ଯାଇ

ଯେବେ ରଣପୁର ଯାଇ

କନ୍ଧ ବିଟାଳିଆ ହୋଇ" ନାମକ କିମ୍ବଦନ୍ତୀ ଅବତାରଣା କରିଛନ୍ତି ଓ ସେ କାଳରେ ଦେଉଳ ସେବକ ଥିବା ଢୁବ ପଣ୍ଡା- ଯାହାକୁ 'ଯାତ୍ରି ତଣ୍ଟି ଚିପା' ପଣ୍ଡା ବୋଲି କୁହାଯିବ କି ନାହିଁ ସନ୍ଦେହ – ନରହରିପୁରର ମିଶ୍ର ବ୍ରାହ୍ମଣ ଦେବତା ଯେଉଁମାନେ ଥିଲେ 'ବଳରାମ ଗୋତ୍ରୀ', ଏମାନଙ୍କ ଉପାଧି ଥିଲା 'ଦେବତା' ଓ ଶେଷରେ ଭିଙ୍ଗାରପୁରର 'ଦାସ' ବ୍ରାହ୍ମଣଙ୍କ ବିଷୟ ଅବତାରଣା କରିଛନ୍ତି।

ଶେଷୋକ୍ତ ଚୌଧୁରୀ ବଂଶ ଶାସନବାଡ଼ରେ ପ୍ରବେଶ କରି ବନ୍ଧୁବାନ୍ଧବ ବେଳେ ଯେଉଁ ତୁମୁଳ କୁଳପାଟକ ଝଡ଼ ବୋହିଥିଲା ତାହାକୁ ଗାଁର ନିରକ୍ଷର ସ୍ତ୍ରୀ ଲୋକେ କାନ୍ଦଣା ଗୀତ ବାନ୍ଧି ବୋଲିବାର ଏବେ ବି ଶୁଣାଯାଏ। କଥିତ ଅଛି ବୀର ନରସିଂହପୁରର ଜଣେ ତୁଙ୍ଗ କୁଳୀନ ବ୍ରାହ୍ମଣ ପୁରୀରେ ଭିଙ୍ଗାରପୁର ଚୌଧୁରୀ କୋଠୀରେ ଆପଣାର ଝିଅ ସହିତ ସେହି ପରିବାରର ବର ସହିତ ବିବାହ କରିବା ପାଇଁ ମାଳିଟେକା କରି ନଗତ ୧୬୦୦ ଟଙ୍କା ଆଣିଥିଲେ। କଥା ଥିଲା ଯେ ସେ କନ୍ୟାଟିକୁ ଚୌଧୁରୀଙ୍କର କୌଣସି ଖମାର ଘରକୁ ନେଇ ଯାଇ ସେହିଠାରେ ହାତ ଗଣ୍ଠି ସଂପନ୍ନ କରାଇ ଦେବେ। ଏହି ଘଟଣା ନ ଲୁଚି ବୀର ନରସିଂହପୁର ଗ୍ରାମରେ ରାଷ୍ଟ୍ର ହୋଇଗଲା। ଜାତି ଗର୍ବୀ ବ୍ରାହ୍ମଣମାନେ,ଜ୍ଞାତି ପଡ଼ୋଶୀମାନେ ଉତ୍ଫଣ ତମ୍ପ ସାପ ପରି ଗଳଗାଜି ଉଠିଲେ। ଗାଁ ଉଠିଲା, ପଡ଼ିଲା। କିନ୍ତୁ ଯେହେତୁ ବୃଦ୍ଧ ବ୍ରାହ୍ମଣ ବଚନ ଦେଇ ସାରିଛନ୍ତି, ତେଣୁ ପ୍ରଭାବଶାଳୀ ଧନୀକ ଜମିଦାର ବଂଶ ତାଙ୍କର କନ୍ୟା ଦାବୀ କରିବାକୁ ପୋଲିସ ସମଭିବ୍ୟହାରରେ ବୀର ନରସିଂହପୁରରେ ଚଢ଼ାଉ କଲେ। କଥିତ ଅଛି,ଗାଁ ବାଲା ମାମଲତକାରମାନେ କନ୍ୟାକୁ ଆଡ଼େଇ ଲୁଚେଇ ଦେଇ ଗ୍ରାମର ନୀଳକଣ୍ଠ ମହାଦେବଙ୍କର ଜଣେ ସେବକ ପଣ୍ଡାର ଝିଅକୁ କନ୍ୟା

Digitized by srujanika@gmail.com

ଭାବରେ ପୋଲିସ ଜିମା କରିଦେଲେ। କିନ୍ତୁ ପ୍ରକୃତ ସତ୍ୟ ଅଛପା ରହିଲା ନାହିଁ। ତେଣୁ ପୋଲିସ ପ୍ରତିନିଧି ସ୍ଥାନୀୟ ଗାଁ ମହାଜନ (ମାମଲତକାର)ଙ୍କ ଭିତରୁ କୋଡ଼ିଏ ପଚିଶ ଜଣଙ୍କୁ ଗିରଫ କରି ନେଇଥିଲେ। ପୁରୀ ରାଜା ଦିବ୍ୟସିଂହଙ୍କର କଳାପାଣି ପରେ ପୁରୀ ପଞ୍ଚ କୋଶୀ ଭିତରେ ଏଭଳି ଏକ ପୋଲିସ କ୍ରିୟାକାଣ୍ଡ ହୋଇ ନଥିଲା। ତେଣୁ ଏହି ଘଟଣା ଗାଁର କୁଳବଧୂଙ୍କ ଭିତରେ କୌଣସି ପ୍ରତିଭାଶାଳିନୀଙ୍କର ସଙ୍ଗୀତର ନିର୍ଝର ଛୁଟାଇ ଥିଲା – ଦିବ୍ୟସିଂହ ଦେବଙ୍କର କଳାପାଣି ବେଳର ଗୀତର ସୁର ଓ ଏହି ଗୀତର ସୁର ଓ ଭଙ୍ଗୀ ଏକ ରକମର ଥିଲା –

ଗଛ ମୂଳେ ବସିଥିଲା ସାଆନ୍ତ ବସ୍ତସ
ପଥର ଘରରେ ଥିଲା ଅଦାବିକା ଦାସ ଲୋ
ବଂଧୁ ହେବ ଏଡ଼େ ସିଦ୍ଧି
'ସେ' ମିଶ୍ରଙ୍କ ଗାଦିରେ କି ପୋତା ହେବ
ନିଧି ଲୋ ।

ଦିବ୍ୟସିଂହ ଦେବଙ୍କର କଳାପାଣି ଦଣ୍ଡ ବିଧାନ ସଂକ୍ରାନ୍ତ କାନ୍ଦଣା କବିତା ଏଥି ସହିତ ତୁଳନୀୟ।

ବନ୍ଦୀ ଶାଳେ ରାଜନର ନିଦ ଭାଙ୍ଗିଯିବ
ପାଶେ କର ମାରି ଦେଖେ କୁମର ନ ଥିବ ଲୋ
ବଂଧୁ ସେତେବେଳ ଘଡ଼ି
ରାଜନ ଆଖିରୁ ଲୁହ ପଡ଼ିବ ତ ଗଡ଼ି ଲୋ।

(ଛଅ)

ଏବେ ସେ କାଳ ପାଶୋର ଗଲାଣି। ବ୍ରାହ୍ମଣର କୁଳୀନତା ତ ଦୂରର କଥା, ବିଭିନ୍ନ ବର୍ଣ୍ଣ ଭିତରେ ମଧ ଭେଦ ପାଚେରୀ ଭାଜିବା ଉପରେ। ଏବେ କେହି ଜାତି କିଣିବା ପାଇଁ ଜ୍ୱାଇଁଙ୍କୁ ହଜାର ହଜାର ଗଣିବା ଓ ତାଙ୍କର ପାଠପଢ଼ା ଓ ଘ୍ରକେରୀର ଇଣ୍ଟରଭିଉ ଇତ୍ୟାଦି ପାଇଁ ଆହୁରି ହଜାର ହଜାର ଖର୍ଚ୍ଚ କରିବାର ସେ ପୂର୍ବ ଚଳଣି ନାହିଁ; କିନ୍ତୁ ସେହି ଚଳଣିର ସୂତ୍ରରେ ବ୍ରାହ୍ମଣ ସମାଜରେ ଯୌତୁକ ପ୍ରଥା ପଶିଛି ଓ ଏହା ଯେ ଏକ ପୂରାପୂରି ବ୍ୟବସାୟିକ ବ୍ୟାପାର ଏକଥା ବୁଝିବାକୁ ପ୍ରତ୍ୟକ୍ଷ ଜୀବନ ଘଟଣା ପ୍ରତ୍ୟେକ କନ୍ୟାପିତାକୁ ବାଧ କରିଛି। ତେବେ ସେ କାଳରେ ଯେ ଏହି ଆର୍ଥିକ ବ୍ୟାପାର ଜାତି ବିକା ସଙ୍ଗେ ମିଶି ନଥିଲା ସେ କଥା ନୁହେଁ। ଆଜି ଓଡ଼ିଶାର

Digitized by srujanika@gmail.com

ବହୁ ବ୍ରାହ୍ମଣ ପରିବାରର ସାମାଜିକ ପ୍ରତିଷ୍ଠା ଲାଭ କରିଥିବା ଶିକ୍ଷିତ ବ୍ୟକ୍ତି ଓ ସେମାନଙ୍କର ସନ୍ତାନସନ୍ତତିଙ୍କର ମୂଳଦୁଆ ଏହି ପ୍ରକାର ବିବାହ ବନ୍ଧନର ପଦ୍ଧତି ଅନୁସାରେ ହିଁ ନିୟନ୍ତ୍ରିତ ହୋଇଥାଏ।

ତେବେ ଏଭଳି ବିବାହ ସୂତ୍ରରେ ଶିକ୍ଷା ଓ ପଦୋନ୍ନତିର ଉଚ୍ଚ ସୋପାନକୁ ଉଠିବା ବ୍ୟକ୍ତି ଜୀବନରେ କୃତବିଦ୍ୟ ହୋଇଛନ୍ତି ସତ୍ୟ; କିନ୍ତୁ ସେମାନଙ୍କ ଭିତରୁ କ୍ୱଚିତ୍ ଦେଶସେବା ପାଇଁ ଜୀବନ ଉତ୍ସର୍ଗ କରିବା ପାଇଁ ସମର୍ଥ ହୋଇଛନ୍ତି। ଏହି ବିବାହ ସୂତ୍ରରେ ଶିକ୍ଷିତ ଓ ସାମାଜିକ ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତିଙ୍କର ବିଷୟ ଏଠାରେ ଆଲୋଚ୍ୟ ନୁହେଁ, ତେବେ ବିଶ୍ୱନାଥ ମିଶ୍ରେ ଯଦି ଆପଣାର ସମ୍ମତିରେ ବା ପିତା କୁଳମଣି ମିଶ୍ରଙ୍କର ନିର୍ଦ୍ଦେଶରେ ଏଭଳି ବିବାହ ବନ୍ଧନରେ ଆବଦ୍ଧ ହୋଇଥାଆନ୍ତେ, ତେବେ ସେ ଓଡ଼ିଶାର ପ୍ରଥମ ବାରିଷ୍ଟର ହେବାରେ ବୋଧହୁଏ କୌଣସି କଣ୍ଟକ ବା ବିପଦର ସମ୍ମୁଖୀନ ହୋଇ ନଥାନ୍ତେ; କିନ୍ତୁ ଓଡ଼ିଶାର ଜାତୀୟ ଜୀବନରେ ସେ ଯେଉଁ ଆଦର୍ଶର ସ୍ୱର୍ଣ୍ଣରେଖା ଅଙ୍କିତ କରି ଦେଇ ଯାଇଛନ୍ତି ତାହା ବୋଧହୁଏ ସମ୍ଭବି ନଥାନ୍ତା। ଏ କଥାର ସାକ୍ଷୀ ନିଜେ ଗୋପବନ୍ଧୁ ଦାସ। ଗୋଦାବରୀଶ ମିଶ୍ରଙ୍କ ଭାଷାରେ "ସେତେବେଳକୁ ଧନୀ ଲୋକଙ୍କ ଘରେ ବିବାହ କରି ଶ୍ୱଶୁର ଘର ସାହାଯ୍ୟରେ ଉପରକୁ ପଢ଼ିବା ପ୍ରଥା ଛାତ୍ର ସମାଜରେ ବେଶ୍ ସ୍ଥାନ ପାଇ ଯାଇଥିଲା। ସେପରି ଛାତ୍ରମାନଙ୍କୁ ଗୋପବନ୍ଧୁ ବାବୁ ଭାର୍ଯ୍ୟା ଓ ସେମାନଙ୍କର ପତ୍ନୀଙ୍କୁ ଭର୍ତ୍ତା କହୁଥିଲେ। ଭାର୍ଯ୍ୟା ଓ ଭର୍ତ୍ତା ସଂପର୍କ ଘେନି ସେ ଅନେକ ସମୟରେ ଆଲୋଚନା କରନ୍ତି ଓ ପ୍ରବନ୍ଧ ଲେଖନ୍ତି। ତାଙ୍କ କଳ୍ପିତ ଯୋଜନାରେ ଯୋଗ ଦେବା ସମ୍ପର୍କରେ କୌଣସି କୌଣସି ଯୁବକଙ୍କ ନାମ ପ୍ରସ୍ତାବିତ ହେଲେ ସେ କହନ୍ତି, ଏ ଭାର୍ଯ୍ୟା ଦି'ହାତି ହେବା କାମ ନୁହେଁଟି।" ଭାଗବତ ପରା କହିଛନ୍ତି –

"ଦୁର୍ଗମ ପଥ ଏ ଭଜନ
ଭୟେ ଭାଜନ୍ତି ଯୋଗୀଜନ ।"

ମନେ ହୋଇପାରେ, ବିଶ୍ୱନାଥ ମିଶ୍ରଙ୍କର ଜନ୍ମମାଟି ନୂଆ ସୋମେଶ୍ୱରପୁର ଓ ତହିଁର ବ୍ରାହ୍ମଣଙ୍କ ଭିତରେ ଜାତି କୁଳୀନତା ବିଶେଷ ଭାବରେ ପ୍ରଚଳିତ ନଥିଲା। ପଣ୍ଡିତ ନୀଳକଣ୍ଠଙ୍କର ଜୀବନୀ ଅନୁସାରେ ଏପରି ଅନୁମାନର କିଛି କାରଣ ଅଛି। ସେ ଲେଖିଛନ୍ତି, ଯେଉଁମାନେ ଶାସନୀ ବ୍ରାହ୍ମଣ ନୁହଁନ୍ତି, ସେମାନଙ୍କ ଭିତରେ ଏହି ଶାସନୀଙ୍କ ଅନୁକରଣରେ କ୍ୱଚିତ୍ ଏହି ଭେଦଭାବ ପ୍ରକାଶିତ ହୋଇଥିଲେ ମଧ୍ୟ ସେମାନଙ୍କ ଭିତରେ ମୋ ପିଲାଦିନ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ଜାଣିବାର କୌଣସି ସଙ୍କେତ

Digitized by srujanika@gmail.com

ନ ଥିଲା । ବିଶେଷତଃ ଏଇଭଳି ଅନେକ ଅଶାସନୀ ବ୍ରାହ୍ମଣଙ୍କ ଭିତରେ 'ପଞ୍ଚସଖା' ଓ ଜଗନ୍ନାଥ ଦାସଙ୍କ ଭାଗବତର ପ୍ରଭାବ ଖୁବ୍ ପ୍ରକାଶିତଭାବରେ ଚଳୁଥିବାରୁ ତାନ୍ତ୍ରିକ ବ୍ରାହ୍ମଣଙ୍କ ଜାତି ଭେଦଭାବ ସେତେ ପଶି ପାରି ନଥିଲା ।"

ତେବେ ଏକଥା ଆଦୌ ନୁହେଁ ଯେ ବିଶ୍ୱନାଥଙ୍କ ପିତା କୁଳମଣି ମିଶ୍ରଙ୍କ ପାଖକୁ ଏହି ବରପଣ ଗ୍ରହଣର ପ୍ରଲୋଭନ ଆସି ନ ଥିବ । କାରଣ ତାଙ୍କର ପାଠପଢ଼ା ପିଲାଙ୍କ ଭିତରେ ଦୁଇ ଜଣ ବିଶ୍ୱନାଥ ଓ ଦାମୋଦର ସେକାଳରେ ବରପଣ ବଜାରର ପ୍ରବେଶିକା ଏନ୍‌ଟ୍ରାନ୍‌ସ ପାସ କରିଥିଲେ । ଏନଟ୍ରାନ୍‌ସ ବା ମାଟ୍ରିକ୍ୟୁଲେସନ ତ ଦୂରର କଥା କେବଳ ସେକାଳର ଏକମାତ୍ର ଉଚ୍ଚ ମାଧମିକ ବିଦ୍ୟାଳୟ ପୁରୀ ଜିଲ୍ଲା ସ୍କୁଲରେ ଯେଉଁ ପୁରୁଷ ପିଲାର (ମାଇକିନା ଝିଅର ପ୍ରଶ୍ନ ତ ନଥିଲା) ପାଦ ପଡୁଥିଲା ସେ ମଧ ବରପଣ ବଜାରରେ ପ୍ରବେଶ କରିବା ପାଇଁ ଯୋଗ୍ୟ ହେଉଥିଲା । ବିଶ୍ୱନାଥ ମିଶ୍ରଙ୍କର ପିତା କୁଳମଣି ମିଶ୍ରେ ଆପଣାର ତୃତୀୟ ପୁତ୍ର ବିଶ୍ୱନାଥଙ୍କର ଠିକ୍ ଉପର ବଡ଼ ଭାଇ ଦୟାନିଧିଙ୍କର ବିବାହ ସଂବନ୍ଧ ପଟିଆ କଳାରାହାଙ୍ଗର ରଥ ପରିବାର ସହିତ ସଂପନ୍ନ କରିଥିଲେ । ଆଉ ମଧ ବିଶ୍ୱନାଥଙ୍କର ଭର୍ଣ୍ଣାକୁଲାର ପରେ ଏନ୍‌ଟ୍ରାନ୍‌ସ ପରୀକ୍ଷା ପୂର୍ବରୁ ତାଙ୍କର ବିବାହ ଦକ୍ଷିଣ ରାଢ଼ଶର ପଣ୍ଡିତ ଆନନ୍ଦ ରଥଙ୍କ କନ୍ୟା କମଳା ସହିତ ସଂପନ୍ନ କରିଥିଲେ । ଏ ସମସ୍ତ ବିବାହ ଥିଲା ନିଶ୍ଚିତ ରୂପରେ ସେକାଳର ଚଳଣି ଅନୁସାରେ ବାଲ୍ୟ ବିବାହ । କନ୍ୟାର ବୟସ ସାତ ଅର୍ଥାତ୍ ଗୌରୀ କନ୍ୟା ଓ ବରର ବୟସ ୧୪ଠାରୁ ୧୫।୧୬ ଥିଲା ସେକାଳର ବିବାହ ବୟସ । ତେଣୁ ବିଶ୍ୱନାଥଙ୍କୁ କୌଣସି ବରପଣ ଜାଲରେ ଛନ୍ଦି ହେବାରେ ଦୁର୍ଯୋଗରୁ ରକ୍ଷା କରିବା ବିଷୟରେ ନାବାଳକ ବିଶ୍ୱନାଥ ଯେତେ ପରିମାଣରେ କୃତୀ ନୁହନ୍ତି, ତାହାଠାରୁ ନିଶ୍ଚିତ ଭାବରେ ଅଧିକ କୃତୀ ଥିଲେ ତାଙ୍କର ପିତା ।

ସେକାଳର ସମଦର୍ଶୀ ଓ ବୁଦ୍ଧିମାନ ବ୍ରାହ୍ମଣ ମୁରବିମାନଙ୍କର ବିଜ୍ଞତାର ଜଣେ ନିଦର୍ଶନ ଥିଲେ କୁଳମଣି ମିଶ୍ର । ଏକ ପକ୍ଷରେ ସେ ଜାଣିଥିଲେ ଯେ ରକ୍ଷଣଶୀଳତାର କଠୋର ଆବରଣକୁ ଏକାବେଳେ ଫଟେଇବା ପାଇଁ ବିଦ୍ରୋହ କରିବା ସେତେବେଳେ ନିର୍ବୋଧତା; କିନ୍ତୁ ଅନ୍ୟପକ୍ଷରେ ସେହି ରକ୍ଷଣଶୀଳତାର ବଦ୍ଧ ଜଳାଶୟ ଭିତରେ ରହି ମାନସିକ ବ୍ୟାଧିଗ୍ରସ୍ତ ହେବା ତତୋଽଧିକ ନିର୍ବୋଧତା । ତେଣୁ ଏହି ଉଭୟ ଦିଗ ପ୍ରତି ଦୃଷ୍ଟି ଦେଇ ଯେଉଁ କେତେଜଣ ପିତା-ଅଭିଭାବକ ଗତି କରୁଥିଲେ ତାଙ୍କ ଭିତରେ କୁଳମଣି ମିଶ୍ରଙ୍କୁ ଜଣେ ବୋଲି ମାନିବାକୁ ପଡ଼ିବ । ଉନବିଂଶ ଶତାବ୍ଦୀର ଶେଷ ବେଳକୁ ଓଡ଼ିଶାର ନିର୍ଜ୍ଜୀବ ମରହଟ୍ଟୀ ଚିନ୍ତା ଭିତରେ ଏଭଳି ସ୍ପନ୍ଦନ ନ ଥିଲେ

Digitized by srujanika@gmail.com

ଗୋପବନ୍ଧୁ, ବିଶ୍ୱନାଥ, ନୀଳକଣ୍ଠ, ହରିହର, ଗୋଦାବରୀଶ ପ୍ରଭୃତି ମନୀଷୀମାନଙ୍କର ଓ ତାହାଛଡ଼ା ଯେଉଁ କତିପୟ ଅପେକ୍ଷାକୃତ ଅଳ୍ପ ବିଶ୍ରୁତ ଜାଗରିତ ଯୁଗ ପ୍ରବର୍ତ୍ତକ ବ୍ୟକ୍ତିମାନଙ୍କର ଉଦ୍‌ଗମ ହୋଇଥିଲା, ତାହା ହୋଇ ନଥାନ୍ତା ଓ ତାହା ମଧ ପ୍ରତିକୂଳ ପରିବେଶ ଭିତରେ ଲୋପ ପାଇ ଯାଇଥାଆନ୍ତା ଓ ସେମାନେ ଆପଣା ଆପଣା ପୂର୍ବପିଢ଼ୀ ପରି ସାନ୍ଦ୍ର ଅନ୍ଧକାରର ଜୀବ ହିସାବରେ ଜୀବନ ଲୀଳା ଖେଳି ଯାଇଥାଆନ୍ତେ ।

ତେବେ ଏହି ପରିସ୍ଥିତି ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିନାହିଁ । ଏହା ଏକ ନବ ଜାଗରଣ ବା ରେନାସାଁର ଫଳ । ଯାହା ବିଦେଶୀ ଶାସନଯୋଗୁଁ ଓ ଠିକ୍ ଓଲଟାଭାବରେ ବିଦେଶୀ ଆକ୍ରମଣ ସତ୍ତ୍ୱେ ବିକଳ ଭାବରେ ଓଡ଼ିଶାରେ ଦେଖା ଦେଇଥିଲା ।

Digitized by srujanika@gmail.com

ଘରେ ଓ ବାହାରେ

(ଏକ)

ନୂଆ ସମସରପୁର ଗାଁର ଅବଧାନଙ୍କ ଘଟଶାଳୀ ବିଷୟରେ ଲେଖିଲାବେଳେ ଇଂରାଜୀ କବି ଗୋଲ୍ଡ଼ସ୍ମିଥ୍‌ଙ୍କର 'ଗାଁର ସ୍କୁଲ ମାଷ୍ଟର' କବିତାର ଚିତ୍ର ସ୍ୱତଃ ମନରେ ନାଚିଯାଏ। ସେଭଳି ନିରୀହ ସରଳ ଶିଶୁ, ସେଭଳି ଭୀଷଣ ଦର୍ଶନ ଅବଧାନ, ତାଙ୍କର ନିର୍ଘାତିଆ ବେତ୍ର ପ୍ରହାର, ତାଙ୍କର ବିଦ୍ୟାର କରାମତି, ତାଙ୍କର ଆୟତ୍ତର ବାହାରେ କୌଣସି ପାଠ ନାହିଁ ଏଭଳି ଧାରଣା ଇତ୍ୟାଦି ଇତ୍ୟାଦି। ଏଥିଭିତରୁ ଦେଶ-କାଳ-ପାତ୍ର ଭେଦରେ ଏହି ଘଟଶାଳୀମାନଙ୍କର କେତୋଟି ପ୍ରଭେଦ ଥିଲା। କେବଳ ଏତିକି କଥା ସମାନ ଥିଲା ଯେ ଗୋଲ୍ଡ଼ସ୍ମିଥ୍‌ଙ୍କର ବିଲାତରେ ଆଉ ବିଶ୍ୱନାଥଙ୍କର ଅମଳ ଓ ତା'ର ପୂର୍ବର ଫକୀରମୋହନଙ୍କ କାଳର ଓଡ଼ିଶାରେ ଘଟଶାଳୀର ପାଠପଢ଼ା ହେଉଥିଲା କେବଳ ସାଂସାରିକ ଜୀବନର ଚଳାଚଳ ପାଇଁ ହିସାବ ରଖିବା, ଶସ୍ୟ ଇତ୍ୟାଦି ମାପିବା, ଚିଠି ପତ୍ର ଲେଖିବା, କୌଣସି ସ୍ମରଣୀୟ ଜିନିଷ ଲିପିବଦ୍ଧ କରିବା। ସେତେବେଳେ ଉଣା ଅଧିକେ ପାଠ ଥିଲା ବ୍ୟକ୍ତିଗତ, ତାହା ସାମାଜିକ ହୋଇନଥିଲା। ସେତେବେଳେ ପାଠଶାଠକୁ ବିକି ସେଥିରୁ ଜୀବିକା ଅର୍ଜନ କରିବାର ଚଳଣି ସେତେ ବେଶି ପ୍ରଚଳ ନଥିଲା। ଯାହା କିଛି ଥିଲା ସେଥିକି ଉଚ୍ଚ କୁଳରୁ କେହି ଗମୁ ନଥିଲେ। ପାଠ ପଢ଼ି ତାହାରି କରାମତିରେ ପଇସା ଅର୍ଜିବାର ଚଳଣି ଧୀରେ ଧୀରେ ସମାଜରେ ପ୍ରବେଶ କରୁଥିଲା। ହିତୋପଦେଶରେ ଯାହା ଶ୍ଳୋକ ଆକାରରେ ପ୍ରସିଦ୍ଧ ରହିଛି :

"ବିଦ୍ୟା ବିବାଦାୟ ଧନମ୍ ମଦାୟ
ଶକ୍ତି ପରେଷାଂ ପରିପୀଡ଼ନାୟ
ଖଳସ୍ୟ ସାଧୋଃବିପରୀତମେତେ
ଜ୍ଞାନାୟ ଦାନାୟ ଚ ରକ୍ଷଣାୟ।"

ତେଣୁ ବିଦ୍ୟା ଥିଲା ଜ୍ଞାନ ପାଇଁ। ଯେଉଁ ଜ୍ଞାନ କେବଳ ଆପଣାର ସଂସାର ଚଳାଇବା ପାଇଁ, ପୂଜାପାଠ, ତର୍ପଣ ପାଇଁ ଆବଶ୍ୟକ ଥିଲା; ସେ ବିଦ୍ୟା ବିଷୟ

Digitized by srujanika@gmail.com

ଆସୟ ସମ୍ପତ୍ତି କରିବା ପାଇଁ ନଥିଲା । ତେଣୁ କଥାରେ ଅଛି ଧନ ଦେବୀ ଲକ୍ଷ୍ମୀ ଓ ବିଦ୍ୟା ଦେବୀ ସରସ୍ୱତୀଙ୍କର ସବୁକାଳେ କଳି ଲାଗି ରହିଥିଲା । ହେଲେ ବାସ୍ତବ ଜୀବନ କ୍ଷେତ୍ରରେ ଉପଯୋଗ ବିନା ବିଦ୍ୟା ନ ଥିଲା । ଯେଉଁମାନେ ଶାସକ ଶ୍ରେଣୀ ସେମାନେ ଅପଣାର ଚାହିଦା ମୁତାବକ ବିଦ୍ୟାର ବ୍ୟବହାର ଓ ପ୍ରସାରକୁ ପ୍ରଶ୍ରୟ ଦେଉଥିଲେ । ଭାରତରେ ରାମ ଯୁଧିଷ୍ଠିରଙ୍କ କାଳରୁ ମଧ୍ୟ ଏହି ବାସ୍ତବ କଥାହିଁ ସତ୍ୟ । ସେତେବେଳେ ମଧ୍ୟ କେତେକ ବିଦ୍ୟା କେତେକ ବର୍ଣ୍ଣର ଲୋକଙ୍କ ପାଇଁ ନିଷିଦ୍ଧ ଥିଲା । ଯେପରି ସମ୍ପୃତ ଶୂଦ୍ର ପାଇଁ ବେଦପାଠ ଥିଲା ନିଷିଦ୍ଧ । ଏକଲବ୍ୟ ପାଇଁ ଧନୁର୍ବାଣ ଶିକ୍ଷା ଥିଲା ନିଷିଦ୍ଧ । ଠିକ୍ ସେହିପରି ଓଡ଼ିଶାର ଲୋକଙ୍କ ପାଇଁ ଚାଟଶାଳୀ ଛଡ଼ା ଅନ୍ୟ ପାଠ ବିଶେଷତଃ ଇଂରାଜୀ ପାଠ ଥିଲା ନିଷିଦ୍ଧ । ଓଡ଼ିଆ ଭାଷାର ସଂକଟ କାଳରେ ଓଡ଼ିଶାରେ ଥିବା ହାକିମ ଯଥା ଜହନ ବିମସ୍ ସାହେବ ହେରିକା ଓଡ଼ିଆ ଭାଷାକୁ ରକ୍ଷା କରିବା ଦିଗରେ ସାହାଯ୍ୟ କରୁଥିଲେ ବୋଲି ଫକୀରମୋହନ ଓ ଅନ୍ୟମାନେ ଉଲ୍ଲେଖ କରିଛନ୍ତି; କିନ୍ତୁ ସେକାଳରେ ଯଦି ଭାରତର ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଆ ଭାଷା ପ୍ରସାର କରିବାର ପ୍ରତିକୂଳାଚରଣ କରି ଥାଆନ୍ତା, ତେବେ ଏହି ଓଡ଼ିଆ ବନ୍ଧୁ ହାକିମ କର୍ମଚାରୀମାନେ ସେମାନଙ୍କର ସମସ୍ତ ସଦିଚ୍ଛା ସତ୍ତ୍ୱେ ନୀରବ ରହିଥାଆନ୍ତେ । ଏହାହିଁ ବାସ୍ତବତା । ଅନ୍ୟ ପକ୍ଷରେ ଖୋର୍ଦ୍ଧାର ୧୮୧୭ ପାଇକ ସମର ପରେ ଓଡ଼ିଆ ବିଦ୍ୱେଷୀ କମିଶନର ଇଷ୍ଟ୍ରେର ସାହେବ ଯିଏ ମନ୍ତବ୍ୟ କରିଥିଲେ ଯେ **"ଭାରତର ଅନ୍ୟାନ୍ୟ ଅଞ୍ଚଳ ଲୋକଙ୍କ ତୁଳନାରେ ଓଡ଼ିଆଙ୍କ ବୁଦ୍ଧି କମ୍, ସେମାନଙ୍କୁ ଦେଖିଲେ ଜଣାପଡ଼େ ସେମାନେ କେତେ ମୂର୍ଖ ଓ ନିରକ୍ଷର ।"** ସେହି ଇଷ୍ଟ୍ରେର ସାହେବ ତାଙ୍କର ମନ୍ତବ୍ୟରେ ଆଉ ଠାଏ ଲେଖିବାକୁ ବାଧ ହୋଇଛନ୍ତି, "ଓଡ଼ିଶା ପ୍ରଥମେ ଆମ ହାତକୁ ଆସିବା ବେଳେ ସବୁ ବିଭାଗରେ ଧୁରନ୍ଧର ଓଡ଼ିଆ କର୍ମଚାରୀମାନେ ରହିଥିଲେ । ଅବଶ୍ୟ ସେତେବେଳର ଶାସନ ଧରଣ ଭିନ୍ନ ପ୍ରକାର ଥିଲା; କିନ୍ତୁ ସେମାନଙ୍କୁ ଆମ ନୂଆ ଧରଣର କାମରେ ଲଗାଯାଇ ପାରି ଥାଆନ୍ତା । ଓଡ଼ିଆମାନେ କି ଦେବାନ୍, କି ତହସିଲଦାର, କି ସିରସ୍ତାଦାର ସବୁ ପାହ୍ୟାର ଥିଲେ । ସେମାନଙ୍କୁ ନିଯୁକ୍ତ କରି ନୂଆ ନୂଆ ଓଡ଼ିଆଙ୍କୁ ଆଣି ଶାସନ କାର୍ଯ୍ୟରେ ଶିକ୍ଷା ଦିଆଯାଇ ପାରିଥାଆନ୍ତା । × × × ଶିକ୍ଷିତ ଓଡ଼ିଆମାନେ ଭଲ ଉପାୟରେ ଜୀବିକା ଉପାର୍ଜନ କରିବାର ପନ୍ଥା ପାଉ ନାହାଁନ୍ତି । ଉପରର ଇଂରେଜ ହାକିମମାନଙ୍କଠାରୁ ସେମାନେ ବହୁ ଦୂରରେ ରହିବାକୁ ଅର୍ହ ବୋଲି ମନେ କରି ନେଇଛନ୍ତି । ଅଥବା ବାହାରୁ ଖାଲି ହାତରେ ବିନା ସମ୍ବଳରେ ଆସିଥିବା ଲୋକେ ଗୋରା ହାକିମ ହୁକୁମାଙ୍କ ଆଶ୍ରୟରେ ରହି ତାଙ୍କ ବିଶ୍ୱାସଭାଜନ ହୋଇ, ଧନ ଯେପରି

Digitized by srujanika@gmail.com

ସଂଗ୍ରହ କରିଛନ୍ତି, ଖ୍ୟାତି ସେପରି ଅର୍ଜିଛନ୍ତି । ସେଥିରେ ସ୍ଥାନୀୟ ଲୋକଙ୍କ ମନରେ ଧାରଣା ଜନ୍ମିଛି ଯେ ଇଂରେଜ ସରକାର ସେମାନଙ୍କୁ ଚାହାଁନ୍ତି ନାହିଁ, ଚାହାଁନ୍ତି କେବଳ ବିଦେଶୀଙ୍କୁ ।"

(କଙ୍କାଳର ଆର୍ତ୍ତନାଦ-ଗୋଦାବରୀଶ ମିଶ୍ର ଗ୍ରନ୍ଥାବଳୀ। ୩ୟ ଖଣ୍ଡ ପୃ୪୩୨ଷ୍ଠା)

ତେଣୁ ପାଇକ ସମର ପରଠାରୁ କମ୍ପାନୀ ସରକାର ଭିତରେ ଓଡ଼ିଆଙ୍କର ଶିକ୍ଷା ଦୀକ୍ଷା ବିଷୟରେ ଯେଉଁ ବୈରତା ଓ ବୈରାଗ୍ୟ ଥିଲା, ତାହା ସେମାନଙ୍କର ନିଜର ଗରଜରୁ କିଛି କୋହଳ ହୋଇଗଲା । ଏଥିପାଇଁ ମହାମତି ବିମସ୍ ବା ଅନ୍ୟ ଇଂରେଜ ବିଦ୍ୱାନ୍‌ମାନଙ୍କର କୃତୀ ଯଦିଚ ମୂଲ୍ୟବାନ, ତାହାର ଭୂମିକା କେବଳ ଗୌଣ ।

ଆରପଟେ, ଓଡ଼ିଶାର ବ୍ରାହ୍ମଣ ଶାସନ ଭିତରେ ବିଲାତ ଭାଷା ମ୍ଳେଚ୍ଛ ଭାଷା ଓ ମ୍ଳେଚ୍ଛ ଶିକ୍ଷା ବୋଲି ଯେଉଁ ଅପବାଦ ଥିଲା, ତାହା ତୁରନ୍ତ ତୁଟିବା ମଧ ଓଡ଼ିଶାର ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଗରଜ ଦୃଷ୍ଟିରୁ ଆବଶ୍ୟକ ଥିଲା । କାରଣ ସେମାନଙ୍କ ଭିତରେ କମ୍ପାନୀ ଶାସନ ସହିତ କରଛଡ଼ା ଦେଇ ରହିବାର ପରିଣାମ ଅତ୍ୟନ୍ତ ଭୟାବହ ହୋଇ ସାରିଥିଲା । ଉପରୋକ୍ତ ଇଣ୍ଡ୍ରେର ସାହେବ ଖୋର୍ଦ୍ଧା ପାଇକ ଯୁଦ୍ଧ ପର ରିପୋର୍ଟରେ ସ୍ପଷ୍ଟ ମାନିଛନ୍ତି । 'ଯାହା କାଗଜପତ୍ର ମିଳୁଛି ସେଥିରୁ ଦେଖା ଯାଉଛି ଯେ ମୋଗଲ ଅଧିକାର ବେଳେ ସୁଦ୍ଧା ବର୍ତ୍ତମାନ ତୁଳନାରେ ଓଡ଼ିଶା ବେଶ୍ ସୁଖ ସମୃଦ୍ଧିରେ ଥିଲା । ଏ ଦେଶର ବୁଣା ଲୁଗା ବଙ୍ଗ ଏବଂ ମାନ୍ଦ୍ରାଜକୁ ଚାଲାଣ ହେଉଥିଲା । ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ବାଲେଶ୍ୱରରେ ଯେ ୟୁରୋପୀୟ ବାଣିଜ୍ୟ କାରଖାନା ସବୁ ବସାଗଲା, ସେଥିରୁ ଓଡ଼ିଶାର ସେ ସମୟ ବାଣିଜ୍ୟ ଅବସ୍ଥା ବେଶ୍ ଅନୁମାନ କରାଯାଇପାରେ । ଭାରତର ଆଉ ଯେତେ ଅଞ୍ଚଳ ମୁଁ ଦେଖିଛି, ସେସବୁ ତୁଳନାରେ ଓଡ଼ିଶାର ଅବସ୍ଥା ଉତ୍କୃଷ୍ଟ ଥିଲା । ଏ ଦେଶରେ ଶିଳ୍ପ ସ୍ଥାପତ୍ୟର ବହୁ ସମୃଦ୍ଧିଶାଳୀ ନିଦର୍ଶନ ରହିଛି, କାରୁକାର୍ଯ୍ୟଖଚିତ ବଡ଼ ବଡ଼ ମନ୍ଦିରମାନ ମୁଣ୍ଡ ଟେକି ଉଭା ରହିଛି । ଏ ଦେଶର ଶଙ୍ଖ, ରାଜ ପ୍ରାସାଦ, ରାଜପଥ ଆଦି ଦେଖିଲେ ମନେହୁଏ ଯେ ଏ ଦେଶର ଲୋକେ ଅତ୍ୟନ୍ତ ଉନ୍ନତ ଥିଲେ । ପ୍ରଥମ ମୋଗଲ ସମ୍ରାଟ୍‌ଙ୍କ ସମୟରେ ଏ ଦେଶରୁ ଆଦାୟ ହେଉଥିବା ରାଜସ୍ୱର ପରିମାଣ ତାହାର ଜ୍ୱଳନ୍ତ ପ୍ରମାଣ । ଏତେ ରାଜସ୍ୱ ଯେ ଏହି ଦେଶ ଖଣ୍ଡକରୁ ଆଦାୟ ହେଉଥିଲା, ତାହା ଶୁଣିଲେ ବିସ୍ମୟ ଲାଗେ । ସବୁଆଡ଼ର ହିସାବ ନାହିଁ । କେବଳ ଭଦ୍ରକ ଓ କଟକ ସରକାର ଏବଂ ଜଳେଶ୍ୱରର ଫାଳକରୁ ଚଉତିରିଶ ଲକ୍ଷ ଟଙ୍କା ବାର୍ଷିକ ରାଜସ୍ୱ ଆଦାୟ ହେଉଥିବା କଥା 'ଆଇନି ଆକବରୀ'ରେ ଲେଖା ଅଛି ।

Digitized by srujanika@gmail.com

ସେତେବେଳର ଦରଦାମ ଆଜିକାଲି ଅପେକ୍ଷା ନିଶ୍ଚୟ କମ୍ ଥିଲା । ସୁତରାଂ ଜମିର ଆଦାୟ ଉପରେ ଧାର୍ଯ୍ୟ ହେଉଥିବା କରର ପରିମାଣ ମଧ୍ୟ କମ୍ ଥିଲା । ତଥାପି ଉନ୍ନତ ଧରଣର ଇଂରେଜ ଶାସନରେ ଚଉଦ ବର୍ଷ କାଳ ରହିଲା ପରେ ସମଗ୍ର ଓଡ଼ିଶାରୁ ବାର୍ଷିକ ଯେତେ ରାଜସ୍ୱ ଆଦାୟ ହେଉଛି, ସେତେବେଳେ ପ୍ରାୟ ଉପରଲିଖିତ ଅଢ଼େଇଟି ସରକାରରୁ ତା'ଠାରୁ ବେଶି ହେଉଥିଲା ।

(ସେହି ବହି-ପୃଷ୍ଠା ୪୩)

ଅତଏବ, ଓଡ଼ିଆ ବୁଦ୍ଧୁ, ନିରକ୍ଷର ତେଣୁ ସେମାନଙ୍କୁ ଠକି ଦେଇ ହେବ, ଏକଥା କହିଥିବା ଏହି ଝାନୁ ସାମ୍ରାଜ୍ୟବାଦୀ ଅମଲା ଇଭ୍ରେର କିନ୍ତୁ ସ୍ପଷ୍ଟଭାବରେ ସୁପାରିସ କରିଛନ୍ତି ଯେ "ଓଡ଼ିଆଙ୍କୁ ରାଜକାର୍ଯ୍ୟରେ ଲଗାଅ । ନ ହେଲେ ରକ୍ଷା ନାହିଁ, ଏଇଠି ବିଦ୍ରୋହର ନିଆଁ ପୁଣି ଜଳିବ । ଅନ୍ୟ ପକ୍ଷରେ ଏହି ରିପୋର୍ଟରେ ଏହି ଓଡ଼ିଆ ବିଦ୍ୱେଷୀ ସାହେବ ସ୍ୱୀକାର କରିଛନ୍ତି ଯେ ଓଡ଼ିଶାର ଅବସ୍ଥା ମୁମୂର୍ଷୁ । ଏହାର ସମସ୍ତ ଶିଳ୍ପ ବାଣିଜ୍ୟ ଧ୍ୱଂସ ପ୍ରାୟ । ଏଠାରେ ଦୁର୍ଭିକ୍ଷ ଆସନ୍ନ ।"

୧୮୧୮ରେ ଇଭ୍ରେର ସାହେବର ଏହି ରିପୋର୍ଟର ଭବିଷ୍ୟତ ବାଣୀ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷରେ ଫଳିଗଲା । ଏହି ଦୁର୍ଭିକ୍ଷରେ ଓଡ଼ିଶା ଉପକୂଳ ଅଞ୍ଚଳର ପ୍ରାୟ ଏକ ତୃତୀୟାଂଶ ଲୋକ ମୂଳପୋଛ ହୋଇ ଯାଇଥିଲେ । ଏଥିପୂର୍ବରୁ ଭାରତ ସରକାର ବାଲେଶ୍ୱରରୁ ନିମକମାହାଲ ଉଠାଇ ଦେଇଥିଲେ । "ଫକୀରମୋହନ ଆତ୍ମଜୀବନୀରେ ଲେଖିଛନ୍ତି, "ଅଳ୍ପ ଦିନ ଉତ୍ତାରେ ନିମକ ମାହାଲ ଉଠିଯିବା ବିଷୟ ସଦରରୁ ହୁକୁମ ଆସି ପହଞ୍ଚିଲା । ଉତ୍କଳ ଭାଗ୍ୟଲକ୍ଷ୍ମୀ ଲିଭରପୁଲ ଏବଂ ଅନ୍ୟାନ୍ୟ ସ୍ଥାନକୁ ଚାଲିଗଲେ ।"

(ଦୁଇ)

ଏହି ଘଟଣା ସବୁର ସବିଶେଷ ଏଠାରେ ପ୍ରାସଙ୍ଗିକ ନୁହେଁ । ତଥାପି ଏହା ଯେ ଇଂରେଜ ରାଜତ୍ୱର ଅବଶ୍ୟମ୍ଭାବୀ ପରିଣାମ, ଏକଥା ଭାରତଠାରୁ ବହୁ ଦୂରରେ ରହି ଇଉରୋପର ମନୀଷୀ କାର୍ଲ ମାର୍କସ ଲକ୍ଷ୍ୟ କରିଥିଲେ । ୧୮୫୩ ଅଗଷ୍ଟ ୮ ତାରିଖରେ ଆମେରିକାର ନିୟୁୟର୍କ ହେରାଲଡ୍ ଟ୍ରିବ୍ୟୁନ୍‌କୁ ପଠାଇଥିବା ଲେଖା 'ଭାରତରେ ବ୍ରିଟିଶ୍ ଶାସନର ଆଗତ ପରିଣାମ'ରେ ସେ କହିଥିଲେ, "କଥା କ'ଣ ଥିଲା – ଯେଉଁ କଥା ବା କାରଣ ଯୋଗୁଁ ଭାରତ ଉପରେ ଇଂରେଜ ପ୍ରଭୁତ୍ୱ ପ୍ରତିଷ୍ଠିତ ହୋଇଗଲା ? ମୋଗଲ ସୁବାଦାରମାନେ ମୋଗଲ ଶାସନ କେନ୍ଦ୍ରକୁ ଚୂରମାର

Digitized by srujanika@gmail.com

କରିଥିଲେ। ସୁବାଦାରମାନଙ୍କ ବଳକୁ ମରହଟ୍ଟାମାନେ ଧ୍ୱଂସ କଲେ। ମରହଟ୍ଟା ବଳକୁ ଧ୍ୱଂସ କଲେ ଆଫଗାନ୍‌ମାନେ ଓ ଏହି ସମସ୍ତେ ଯେତେବେଳେ ସମସ୍ତଙ୍କ ବିରୁଦ୍ଧରେ ଆପୋଷ ଲଢ଼େଇରେ ବ୍ୟାପୃତ ଥିଲେ, ସେତେବେଳେ ଧାଇଁ ଆସିଥିଲେ ଇଂରେଜ ଓ ଏ ସମସ୍ତଙ୍କୁ ଦମନ କରିବାରେ ସଫଳ ହୋଇଥିଲେ। ଭାରତ ଏପରି ଏକ ଦେଶ, ଯେଉଁଠି କେବଳ ହିନ୍ଦୁ ମୁସଲମାନଙ୍କ ଭିତରେ ବଣ୍ଟାବଣ୍ଟି ଭାଗାଭାଗି ନ ଥିଲା; ଏଇଠି ଜାତି ଓ ଜାତି ଭିତରେ ବି ଭାଗାଭାଗି ଚାଲିଥିଲା । ଏମାନଙ୍କ ସମାଜର ଢ଼ଙ୍ଗ ଏଭଳି ରକମର ସରିତୁଲ ଭିତରେ ଥିଲା, ଯେପରି କି ପ୍ରତ୍ୟେକ ବ୍ୟକ୍ତିର ଅନ୍ୟ ବ୍ୟକ୍ତି ସଙ୍ଗରେ ବିଗଡ଼ାବିଗଡ଼ି ଓ ମନମୁଖୀ ପଣର ପରିଣାମ ହୋଇ ଯାଇଥିଲା। ଏହି ଢ଼ଙ୍ଗର ଦେଶ ଓ ଏହି ଢ଼ଙ୍ଗର ସମାଜ ପରାଜିତ ନ ହୋଇ ଆଉ କ'ଣ ହୋଇଥାନ୍ତା ? ଏହା ତ ପରାଜୟ ପାଇଁ ଥୁଆ ହୋଇ ରହିଥିଲା। ଭାରତର ଅତୀତ ଇତିହାସକୁ ଆମେ ହୁଏତ ଜାଣୁ ବା ନ ଜାଣୁ, ତେବେ ବି ଏକଥା କ'ଣ ଏକ ନିଶ୍ଚିତ ଓ ଅବିସମ୍ବାଦୀ କଥା ନୁହେଁ କି ଯେ ଏବେ ବି ଭାରତରେ ଇଂରେଜି ଗୋଲାମି ଭାରତର ଧନରେ ପୋଷିତ ପାଳିତ ଭାରତର ସୈନ୍ୟ ବାହିନୀ ଦ୍ୱାରା ସମ୍ଭବ ହୋଇଛି। ତେବେ ଏଭଳି ଅବସ୍ଥାରେ ଭାରତ ପରାଜିତ ନ ହୋଇ ଆଉ କ'ଣ ଘରା ଥିଲା ? ଭାରତର ଇତିହାସ, ଅନ୍ତତଃ ତାହାର ଜ୍ଞାତ ଇତିହାସ ତ ଆଦୌ ଇତିହାସ ନୁହେଁ। ଯାହାକୁ ଆମେ ଭାରତର ଇତିହାସ କହୁଛୁ ତାହା ଏହି ଲଗାତର ଆକ୍ରମଣକାରୀମାନଙ୍କର ହିଁ ଇତିହାସ। ଯେଉଁ ଆକ୍ରମଣକାରୀମାନେ ନିଷ୍କ୍ରିୟ ଅପରିବର୍ତ୍ତନଶୀଳ ସମାଜର ନିଶ୍ଚେଷ୍ଟତାର ସୁଯୋଗ ଘେନି ଆପଣା ଆପଣାର ସାମ୍ରାଜ୍ୟ କାଏମ କରିଥିଲେ।"

ମାର୍କସଙ୍କର କହିବାର କଥା ଥିଲା, ସହସ୍ର ସହସ୍ର ବର୍ଷ ଧରି ଭାରତୀୟ ସମାଜ ଏକ ମୁକ୍ତ ପ୍ରବାହ ନ ହୋଇ ବନ୍ଧ ଗଡ଼ିଆ ପାଲଟି ଯାଇଥିଲା। "ଆଜି ବି ଧାର୍ମିକ ହିନ୍ଦୁ ଗଙ୍ଗା ଭିତରେ ଏଭଳି ବନ୍ଧ ଗଡ଼ିଆ (Back water)ରେ ଗାଧୋଇବାକୁ ଅଶୁଚି କାର୍ଯ୍ୟ ବୋଲି ମନେ କରନ୍ତି। ଏହା ସେମାନଙ୍କ ପାଇଁ ମୁରଦାର ସ୍ନାନ ସଙ୍ଗେ ସମାନ। ଏହା ସେମାନଙ୍କ ପାଇଁ ପୁଣ୍ୟକ୍ଷାଳନ ବୋଲି ପ୍ରତୀତ। ତଥାପି ଆପଣା ବ୍ୟକ୍ତିଗତ ଜୀବନରେ ଏତେ ଶୁଚିମନ୍ତ ହିନ୍ଦୁ ଧାର୍ମିକ ଲୋକେ ତାଙ୍କର ସମାଜକୁ ଯେ ଏଭଳି ରକ୍ଷଣଶୀଳତାର କଠିନ ପଟଭୂମି କରିବାକୁ ବରଦାସ୍ତ କରିଥିଲେ ଏହା ହିଁ ଇତିହାସର ବିରୋଧାଭାସ। ସମୁଦାୟ ଗୃହଯୁଦ୍ଧ, ବିଦେଶୀ ଆକ୍ରମଣ, ବିପ୍ଳବ, ବିଜୟ, ଦୁର୍ଭିକ୍ଷ ତାହା ଯେତେ ତୀବ୍ର; ଯେତେ ବିନାଶକାରୀ ହେଉନା କାହିଁକି, ତାହା ଏହି ଭାରତର ଏହି ନିବୁଜ ଅନ୍ଧକୂପ ଭିତରେ ପ୍ରବେଶ କରି ପାରି ନଥିଲା। ଯେଉଁ ପରିବର୍ତ୍ତନରେ ଦୁନିଆଁ ବହୁ ପୂର୍ବରୁ ଉଦ୍‌ବେଳିତ ହୋଇ ଯାଇଥିଲା, ଇଂରେଜ

Digitized by srujanika@gmail.com

ତାହାକୁ ଭାରତରେ ପ୍ରବେଶ କରିବାକୁ ବାଧ କରିଥିଲେ । ଇଂରେଜ ଭାରତର ପୂର୍ବତନ ବିଜେତାଙ୍କ ଭଳି ନ ଥିଲେ। ପୂର୍ବତନ ବିଜେତାମାନେ ଭାରତକୁ ଆସି ଭାରତୀୟ ହୋଇ ଯାଇଥିଲେ; କିନ୍ତୁ ଏମାନେ ଯବନ, ଶକ,ତୁର୍କୀ ବା ମୋଗଲଙ୍କ ଭଳି ଭାରତୀୟ ବନି ଯାଇ ନଥିଲେ। ଇଂରେଜମାନଙ୍କର ବିଜେତାପଣ ପହିଲି ବିଜେତାମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଅନ୍ୟ ରକମର ବିଜେତାମାନେ ବିଜେତା ଥିଲେ ତ ନିଶ୍ଚୟ, କିନ୍ତୁ ସେମାନେ ସଭ୍ୟତାର ସେହି ସ୍ତରରେ ପହଞ୍ଚି ନ ଥିଲେ। ଯେଉଁ ସ୍ତରରେ ଥିଲେ ଭାରତୀୟ ହିନ୍ଦୁମାନେ। ସେହି କାରଣରୁ ଇତିହାସର ସନାତନ ନିୟମ ଅନୁସାରେ ରାଜନୀତିକ ବିଜେତା ବିଜିତ ଜାତିର ଅଧିକତର ସଭ୍ୟ ସଭ୍ୟତା ଦ୍ୱାରା ବିଜିତ ହୋଇଗଲେ।"

ମାର୍କସଙ୍କ ମତରେ "ଇଂରେଜମାନଙ୍କର ତତ୍‌କାଳୀନ ଚଳନ୍ତି ସଭ୍ୟତା ଭାରତୀୟ ସଭ୍ୟତାଠାରୁ ଉଚ୍ଚତର ଥିଲା।" କାରଣ ମାର୍କସଙ୍କ ମତରେ "ସଭ୍ୟତାର ଅର୍ଥ ହେଲା ସାମାଜିକ ଉତ୍ପାଦନର ସ୍ତର; ଅର୍ଥାତ୍ ଯେଉଁ ସମାଜରେ ମନୁଷ୍ୟ ଆପଣାର ଆବଶ୍ୟକୀୟ ଚାହିଦା ଦ୍ରବ୍ୟ ଉତ୍ପାଦନ ଅନ୍ୟ ଏକ ସମାଜ ଠାରୁ ଅପେକ୍ଷାକୃତ ଅଳ୍ପ ଲୋକଙ୍କର 'ମ୍ୟାନ ଆଉଆର' (Man-Hour) କାମ ଘଣ୍ଟା ଅନୁସାରେ ସାଧନ କରି ପାରୁଛି ସେହି ସମାଜ ସେତିକି ସ୍ୱଚ୍ଛଳ, ସେହି ସମାଜରେ ମନୁଷ୍ୟ ଫୁର୍‌ସତ ସେତିକି ଅଧିକ। ତେଣୁ ଉଦ୍ଭାବନ, ଗବେଷଣା, ଚିନ୍ତା ଓ ସାଂସ୍କୃତିକ କର୍ମ ପାଇଁ ସେହି ସମାଜରେ ସୁଯୋଗ ଅଧିକ।" ତେଣୁ ମାର୍କସ ଲେଖିଥିଲେ, "ଏହି କାରଣରୁ ହିନ୍ଦୁ ବିଜିତମାନେ ଏମାନଙ୍କୁ ହଜମ କରି ପାରି ନଥିଲେ। କେତୋଟି ପିଢ଼ୀ ଏମାନେ ବିଜେତାର ସଭ୍ୟତାଠାରୁ ଦୂରରେ ରହିବାର ବନ୍ଦୋବସ୍ତ କରିଥିଲେ; କିନ୍ତୁ ଏହି ମୂଢ଼ ହଠ କେତେକାଳ ରହିପାରନ୍ତା ? ଆଜି ତେଣୁ ଆମେ ଦେଖୁଥାଇଁ ଯେ ଭାରତର ଏହି ପୁରୁଣା ପରମ୍ପରା ସଭ୍ୟତା କେତେ କେତେ ଦୂର ଅପସରି ଯାଉଛି।"

(ତିନି)

ଇଂରେଜ ଏହି ପୁରୁଣା ଅଚଳ ରୂପକୁ ଭାଙ୍ଗିବାକୁ ବଦ୍ଧପରିକର ଥିଲା। ଭାରତକୁ ୟୁରୋପର ଉପନିବେଶ କରିବାକୁ ହେବ। ତାହାହିଁ ଆବଶ୍ୟକ କାର୍ଯ୍ୟ। କେବଳ କର ଟିକସ ଆଦାୟ ଏହି କାର୍ଯ୍ୟରେ ସଫଳତା ଆଣି ଦେଇ ପାରି ନଥାନ୍ତା। ଗାଁରେ ଥିବା ବ୍ରାହ୍ମଣ ସାଆନ୍ତଙ୍କର ସ୍ୱାବଲମ୍ବୀ ସ୍ୱରୂପକୁ ଦୂର କଲେ ହିଁ ଏହା ସମ୍ଭବ ଓ ତାହା ଦୂର କରିବାକୁ ପୁରୁଣା ଉଦ୍ୟୋଗ ଧନ୍ଦାକୁ ଧ୍ୱଂସ କରି ଚୂରମାର କରିବା ଜରୋରୀ।

Digitized by srujanika@gmail.com

ଓଡ଼ିଶା ବାହାରେ ଏହାର ରୂପକୁ ବିଗ୍ଭର କଲେ ଦେଖାଯିବ **ଏହି ଆକ୍ରମଣ ପ୍ରଥମେ ଭାରତର ଚରଖାକୁ ଭାଙ୍ଗି ଚୂରମାର କରିଦେଲା। ପୁରୁଣା ତନ୍ତକୁ ବି ବିଦା କଲା।** ଏହା ତ ଆଗରୁ ଇଂଲଣ୍ଡରୁ ଯାଇଥିଲା। ଏହା ଏବେ ସମ୍ବଲପୁର, ମାଣିଆବନ୍ଧ ଓ ଅନ୍ୟାନ୍ୟ ଛୋଟ ଛୋଟ ଗ୍ରାମ ଗଣରାଜ୍ୟ ଭିତରୁ ବି ଉଭାନ ହୋଇଗଲା। ମାର୍କସଙ୍କ ଭାଷାରେ "ଭାରତର ରପ୍ତାନି ବାଣିଜ୍ୟ ଜିନିଷ ଯଥା ଲୁଗାକୁ ବିଦେଶରୁ ଆମଦାନୀ କରିବାର ପାଳି ପଡ଼ିଲା।"

ନିର୍ବୋଧ ଇଭ୍ରେର ସାହେବ ଏଣେ ରିପୋର୍ଟ କରିଛନ୍ତି ଖୋର୍ଦ୍ଧାରେ ଓ କଟକରେ (ଓଡ଼ିଶାରେ) ଧାନ ଛଡ଼ା ଆଉ କିଛି ଫଳେ ନାହିଁ। ପୁଣି ଲେଖିଛନ୍ତି ଓଡ଼ିଶାର ବୁଣା ବସ୍ତ୍ର ଭାରତ ଓ ଭାରତ ବାହାରକୁ ଯାଉଥିଲା। ଏହି ଉଭୟ ରିପୋର୍ଟରୁ ସତ୍ୟର କଣିକା ସଂଗ୍ରହ କଲେ ଜଣା ପଡ଼ିବ ଯେ ଅତି ଦୂରନ୍ତ ଓଡ଼ିଶାରୁ କପା ଚ୍ଷ ଓ ବସ୍ତ୍ର ହସ୍ତଶିଳ୍ପକୁ ଲୋପ କରି ଦିଆଯାଇଥିଲା। ମାର୍କସ୍‌ଙ୍କର ଲେଖା ଅନୁସାରେ "କପାର ଆପଣାର ମାତୃଭୂମିରେ ବିଦେଶୀ କପାର ବନ୍ୟା ଛୁଟିଲା। ୧୮୧୮ଠାରୁ ୧୮୩୦ ଖ୍ରୀଷ୍ଟାବ୍ଦରେ ବର୍ଷକୁ ବର୍ଷ ବିଟ୍ରେନରୁ ଆମଦାନୀ କପଡ଼ାର ପରିମାଣ ୫୨୦୦ ଗୁଣ ବଢ଼ିଗଲା। ୧୮୩୦ରେ ଭାରତକୁ ଆସିଥିବା ମଖମଲର ପରିମାଣ ଖୁବ୍ ଜୋରରେ ଦଶ ଲକ୍ଷ ଗଜ ଥିଲା; କିନ୍ତୁ ମଖମଲର ଉଦ୍ୟୋଗପୁରୀ ଢ଼ାକାର ଉତ୍ପାଦନ ଦେଢ଼ଲକ୍ଷ ଗଜରୁ କୋଡ଼ିଏ ହଜାର ଗଜକୁ ଖସି ପଡ଼ିଲା। ବିଶ୍ୱବିଖ୍ୟାତ ଭାରତୀୟ ଶିଳ୍ପନଗରୀମାନେ କେବଳ ଯେ ବରବାଦ ହୋଇଗଲେ ତାହା ନୁହେଁ, ବ୍ରିଟିଶ ବାଷ୍ପୀୟ ଶକଟ ଓ ବିଜ୍ଞାନ ବଳରେ ସାରା ଭାରତର ପ୍ରାଚୀନ କୃଷି ଓ ଶିଳ୍ପ ଉଦ୍ୟୋଗର ଉପକରଣ, ସାଧନ ଓ ପ୍ରଣାଳୀକୁ ମାଟିରୁ ଚେରମୂଳ ସହ ଓପାଡ଼ି ଫୋପାଡ଼ି ଦିଆଗଲା। ଭାରତୀୟ ପରିବାର ସମୁଦାୟର ଆଧାର ଥିଲା କୁଟୀର ଶିଳ୍ପ। ହାତରେ କାଟି, ହାତରେ ବୁଣି, ହାତରେ ହଳ ଅମଳ କରିବାରେ ଭାରତ ଥିଲା ସ୍ୱାବଲମ୍ବୀ, କିନ୍ତୁ ସେ ସବୁ ଯାଦୁଘରର ସଙ୍ଖାଳି ହୋଇଗଲା।"

ଇଂରେଜମାନେ କଟାଳି ଯନ୍ତ୍ରମାନଙ୍କୁ ରଖିଲେ ବିଲାତର ଲାଙ୍କାଶାୟାରରେ, ଯାହାର କେନ୍ଦ୍ର ହେଲା ମାନ୍‌ଚେଷ୍ଟର ଆଉ ତନ୍ତୀମାନେ ରହିଲେ ବଙ୍ଗଳାରେ। ଅର୍ଥାତ୍ ହିନ୍ଦୁସ୍ଥାନର କର୍ମକାର ଓ ତନ୍ତୀ ଉଭୟଙ୍କୁ ଲୋପ କରି ଦିଆଗଲା। ମାର୍କସଙ୍କର ଅଶ୍ଳୀଳ ଭାଷାରେ – "ଏହି ଛୋଟ ଛୋଟ ଅର୍ଦ୍ଧ ବର୍ବର, ଅର୍ଦ୍ଧ ସଭ୍ୟ ସମ୍ପ୍ରଦାୟଙ୍କ ଆର୍ଥିକ ମୂଳଦୁଆ ଉଠାଇ ଧ୍ୱଂସ କରି ଦିଆଗଲା ଓ ଏହି ପ୍ରକାର ସବୁଠାରୁ ବଡ଼ ଓ ସତ କହିଲେ ଏସିଆରେ ଅଶ୍ରୁତପୂର୍ବ ଏକମାତ୍ର ସାମାଜିକ ବିପ୍ଳବକୁ ସୃଷ୍ଟି କରି ଦିଆଗଲା।"

Digitized by srujanika@gmail.com

"ଏକଥା ସତ୍ୟ ଯେ ଇଂଲଣ୍ଡ ଭାରତ ଆଗରେ ଯେଉଁ ସାମାଜିକ ବିପ୍ଳବ ପହଞ୍ଚାଇ ଦେଲା ତା' ପଛରେ ଥିଲା ଅତ୍ୟନ୍ତ ନୀଚ ଉଦ୍ଦେଶ୍ୟ। କିନ୍ତୁ ଏଇଟା ତ ଅସଲ ପ୍ରଶ୍ନ ନୁହେଁ; ଅସଲ ପ୍ରଶ୍ନ ହେଲା ଏସିଆ ପରି ଏକ ବିରାଟ ଭୂଖଣ୍ଡ, ଏକ ବିରାଟ ପ୍ରାଚୀନ ସଭ୍ୟତା ଭିତରେ ଥିବା ସାମାଜିକ ସ୍ଥିତିରେ ଓଲଟ ପାଲଟ ନ କରି ମାନବ ଜାତି କି ଆପଣାର ଧ୍ୟେୟ ପୂରା କରିପାରେ ? ଯଦି କରି ନ ପାରେ, ତେବେ ଇଂଲଣ୍ଡ ଯାହା କଲା, ତାହା ଯେତେ ବଡ଼ ଅପରାଧ ହେଉନା କାହିଁକି, ସେହି ବିପ୍ଳବକୁ ଆଣିବା କାର୍ଯ୍ୟରେ ଇଂଲଣ୍ଡର ଆକ୍ରମଣ ଇତିହାସର ଅଚେତନ ହତିଆର ଭଳି କାର୍ଯ୍ୟ କରିଥିଲା।"

ଭାରତରେ ଇଂରେଜ ରାଜତ୍ୱର ପରିଣାମକୁ ଏଭଳି ଗଭୀର ସୁସଂହତ ବୈଜ୍ଞାନିକ ଓ ସୀମାସଂଯତ ଭାଷା ଓ ଭାବରେ ପ୍ରକାଶ କରିବାରେ ମାର୍କସଙ୍କର ଏହି ଲେଖା ପୃଥିବୀର ସାହିତ୍ୟରେ ଅତୁଳନୀୟ। ଓଡ଼ିଶାର ସେହି ଊନବିଂଶ ଶତାବ୍ଦୀର ଶେଷ ବେଳରେ କୌଣସି ଗୋଟିଏ ବ୍ରାହ୍ମଣ ଶାସନର ଦିଅଁଙ୍କ ଚକଡ଼ା ଉପରେ ଜଣେ ବସି ଯଦି ତାହାରି ଅବସ୍ଥା ଚିନ୍ତା କରିଥାଆନ୍ତା ତେବେ ସେ ମାର୍କସଙ୍କର ଏହି ଅନନ୍ୟ ସାଧାରଣ ବିଶ୍ଳେଷଣରେ ହୁଏତ ପହଞ୍ଚି ପାରି ନଥାନ୍ତା। କିନ୍ତୁ ତାହାର ପରିଣାମର ସୂଚନା ଚତୁର୍ଦ୍ଦିଗରେ ଦେଖି ପାରିଥାଆନ୍ତା। ଏଥିରୁ ଦୁଇଟି ପରସ୍ପର ବିରୋଧୀ ଭାବ ମଧ୍ୟ ଜାଗ୍ରତ ହୋଇ ଥାଆନ୍ତା। ଯେଉଁ ଦୁଇଟିକୁ ପୁଣି ସେହି ମାର୍କସ ଆପଣାର ପ୍ରତିଭାରେ ଅଗ୍ନି ଲାଭା ପରି ଜ୍ୱଳନ୍ତ ଓ ମଧ୍ୟାହ୍ନ ସୂର୍ଯ୍ୟକିରଣ ପରି ତେଜସ୍ୱୀ ବାଣୀରେ ପ୍ରକାଶ କରିଛନ୍ତି –

"ଏଥିରେ ମନୁଷ୍ୟ ହୃଦୟ ଅବଶ୍ୟ ବିଗଳିତ ହୋଇଯିବ, କାରଣ ଅଗଣିତ ପିତୃସତ୍ତା ସର୍ବସ୍ୱ ଶାନ୍ତିପୂର୍ଣ୍ଣ ସାମାଜିକ ସଂଗଠନକୁ ଏହି ପ୍ରକାରେ ଅସ୍ତବ୍ୟସ୍ତ କରି ଦିଆଗଲା। ସେମାନଙ୍କୁ କ୍ଲେଶର ସମୁଦ୍ର ଭିତରେ ଫିଙ୍ଗି ଦିଆଗଲା। ଅବୟବ ସଙ୍ଗେ ସଙ୍ଗେ ଆପଣାର ପୁରୁଣା ସଭ୍ୟତା ଏଭଳି ଭାବରେ ଟିକି ଟିକି ହେବା ଦେଖିଲେ କାହାର ଦେହ ସହିବ ?"

ବାସ୍ତବିକ, କାହାର ଦେହ ସହିବ ? ଏ ତ ଗୋଟିଏ ଦିଗ। ପୁଣି ଅନ୍ୟ ଦିଗରୁ ଯାହା ସେହି ସମୟରେ ଅଭ୍ୟୁତ୍‌ଥାନ ଓ ସଂସ୍କାର ପାଇଁ ଅଭିଳାଷୀ ପ୍ରତ୍ୟେକ ନବ ଆଲୋକିତ ଭାରତବାସୀକୁ ବିଜ୍ଞାନ, କାରିଗରୀ, ହେତୁବାଦ, ଗଣତନ୍ତ୍ର ଓ ଜ୍ଞାନର ଆଲୋକ ଆଡ଼କୁ ଉନ୍ମୁଖ କରିଥିଲା; ଯାହାକି ବ୍ରାହ୍ମ ଧର୍ମ, ସମାଜ ସଂସ୍କାର, ନାରୀ ଶିକ୍ଷା, ନିଶରଖା ଇତ୍ୟାଦି କ୍ଷୁଦ୍ର କ୍ଷୁଦ୍ର ଆନ୍ଦୋଳନଠାରୁ ଆରମ୍ଭ କରି ଭାଗ୍ୟ

Digitized by srujanika@gmail.com

ଭାକ୍ତିକ ମିଥ୍ୟା, ଭୂତ ପ୍ରେତ, ଗୁଣି ଗାରେଡ଼ି, କୁସଂସ୍କାର ବିରୁଦ୍ଧରେ ତୁମୁଳ ସଂଗ୍ରାମ କରିବାର ପ୍ରେରଣା ଯୋଗାଇ ଥିଲା ମାର୍କସଙ୍କ ସେହି ଅବିସ୍ମରଣୀୟ କଷାଘାତ।

"କିନ୍ତୁ ଆମର ଭୁଲିଯିବା ଉଚିତ୍ ନୁହେଁ ଯେ ଏହି କାବ୍ୟମୟ ଗ୍ରାମ ସଙ୍ଗଠନ ଯାହା ଦେଖିବାରେ ଏଡ଼େ ମନୋରମ ତାହା ବାସ୍ତବିକ ଥିଲା ପ୍ରାଚ୍ୟ ସ୍ୱେଚ୍ଛାଘ୍ଵରର ପକ୍କା ମୂଳଦୁଆ। ଏହା ମନୁଷ୍ୟର ମସ୍ତିଷ୍କକୁ ଛୋଟ ଛୋଟ ଖପୁରୀ ଭିତରେ ଆବଦ୍ଧ କରି ରଖିଥିଲା। ଏହା ମନୁଷ୍ୟକୁ ଅଳୀକ ବିଶ୍ୱାସକୁ ମୁଣ୍ଡ ପାତି ବିନା ପ୍ରଶ୍ନରେ ଚୁପଚାପ ମାନିନେବାର ପିତୁଳା ଯନ୍ତ୍ରରେ ପରିଣତ କରିଥିଲା। ଏହା ତାହାକୁ ପୁରାଣ ନିୟମ ନିଷ୍ଠାର ଗୋଲାମ ବନାଇ ଥିଲା ଓ ଏହା ଭାରତୀୟ ମନୁଷ୍ୟକୁ ସବୁ ପ୍ରକାର ଐତିହାସିକ (ଇତିହାସର ପ୍ରଗତିରୁ ଉତ୍ପନ୍ନ) ଶକ୍ତିମାନଙ୍କଠାରୁ ବଞ୍ଚିତ କରି ରଖିଥିଲା।"

"କିନ୍ତୁ ଆମେ ଏହା ବି ଭୁଲିଯିବା ଉଚିତ ନୁହେଁ ଯେ, ଏକ ଛୋଟ ଜମିଖଣ୍ଡକ ଲାଗି ଆତ୍ମକେନ୍ଦ୍ରିତ ମମତା ବିରାଟ ସାମ୍ରାଜ୍ୟର ଧ୍ୱଂସ ଅକଥନୀୟ ନୃଶଂସତାର ନଗ୍ନ ନୃତ୍ୟ ଓ ବଡ଼ ବଡ଼ ସହରର ଆବାଳ-ବୃଦ୍ଧ-ବନିତା ଜନତାର ଗଣହତ୍ୟାର କାରଣ ହୋଇଥିଲା।"

"ଆମେ ଏହା ବି ଭୁଲିଯିବା ଉଚିତ ନୁହେଁ" ଯେ, ଏହି ଅପମାନଜନକ ପୋକମାଛି ଭଳି ମୁର୍ଦ୍ଦାର ଜୀବନ ଓ ନିର୍ଜୀବ ଅସ୍ତିତ୍ୱ ଆପଣାର ବିରୁଦ୍ଧରେ ଉଦ୍ଦେଶ୍ୟହୀନ, ସତ୍ୟାନାଶୀ ଓ ଅରଣା ଅସୀମ ଶକ୍ତି ପୁଞ୍ଜକୁ ଉତ୍ତେଜିତ କରିଥିଲା। ଯାହା ଯୋଗୁଁ ମନୁଷ୍ୟ ହତ୍ୟା ହିନ୍ଦୁସ୍ଥାନରେ ଏକ ଧାର୍ମିକ କୃତ୍ୟର ମର୍ଯ୍ୟାଦା ଲାଭ କରିଥିଲା।"

× × × ×"

"ଆମେ ଏହା ବି ଭୁଲିଯିବା ଉଚିତ ନୁହେଁ ଯେ, ଭାରତର ଏହି ଛୋଟ ଛୋଟ ଜନଗୋଷ୍ଠୀ ଜାତିଭେଦ ଓ ଦାସତ୍ୱର ବ୍ୟାଧିରେ ନିରନ୍ତର ପୀଡ଼ିତ ଥିଲା। ଏହା ମନୁଷ୍ୟକୁ ପରିସ୍ଥିତି ଉପରେ ଆପଣାର ଅକ୍ତିଆର ଜାହିର କରିବାର ହିମ୍ମତ ଦେବା ପରିବର୍ତ୍ତେ, ପରିସ୍ଥିତିର ବିଜୟୀ ହେବା ପରିବର୍ତ୍ତେ, ପରିସ୍ଥିତିର ଦାସ କରି ରଖିଥିଲା। ଏହା ସ୍ୱୟଂ ବିକଶିତ ହେଉଥିବା ସାମାଜିକ ପ୍ରଗତିକୁ ଅପରିବର୍ତ୍ତନଶୀଳ ରଖି ତାହାକୁ ପ୍ରକୃତିର ଖେଳଣା କୁଣ୍ଢେଇରେ ପରିଣତ କରିଥିଲା। ତେଣୁ ଏହା ମନୁଷ୍ୟକୁ କରିଥିଲା ପ୍ରକୃତିର ପାଶବିକ ପ୍ରଜା। ଏପରିକି ପ୍ରକୃତିର ନିୟାମକ ରାଜା, ସେହି ମନୁଷ୍ୟର ଏଭଳି ଅଧଃପତନ ସାଧନ କରିଥିଲା ଯେ ମନୁଷ୍ୟ ବାନର, ହନୁମାନ ଓ କପିଳା କାମଧେନୁର ପୂଜା କରିବାରେ ବ୍ୟସ୍ତ ରହିଗଲା।"

Digitized by srujanika@gmail.com

"ଏକ ପୁରାତନ ଜଗତକୁ ତୋଳପାଡ଼୍ କରି ଯେଉଁ ଦୁଃଖଦାୟକ ଅବସ୍ଥା ସୃଷ୍ଟି କରାଗଲା, ତାହା ଆମର ବ୍ୟକ୍ତିଗତ ନଜରରେ ଯେତେ ବା ଅସହନୀୟ କଟୁତା ଆଣିଥାଉ; କିନ୍ତୁ ଐତିହାସିକ ଦୃଷ୍ଟିରୁ ଦେଖିଲେ ଗୋଏଟେ(ଜର୍ମାନ୍ ମହାକବି)ଙ୍କର ପଦ ଆମର ସ୍ମରଣକୁ ଆସିଥାଏ –

"ଏହା ଆମର ବୁଝିବା ଉଚିତ
କ'ଣ ଲୋଭର ସ୍ୱଭାବ ଏପରି
ଯେଉଁଠି ବଢ଼ିଯାଏ ଆୟାସ
ଯଦି ତାହା ନୁହେଁ ତେବେ କାହିଁକି
ତୈମୁର ତଲୱାର କରନ୍ତା କୋଟି
ଜନତାଙ୍କୁ
କ୍ରୂର କାଳର ଗ୍ରାସ ?"

(ଘରି)

ବିଶ୍ୱନାଥ ଓ ତାଙ୍କରି ପିଢ଼ୀର ଶିଶୁମାନଙ୍କର ବାଲ୍ୟଜୀବନର ଆରମ୍ଭ ପୂର୍ବରୁ ଭାରତରେ ଓ ଓଡ଼ିଶାରେ ଏହି କ୍ରିୟା ଘଲିଥିଲା । ଅବଶ୍ୟ ଅଞ୍ଚଳ ବିଶେଷରେ ବିଲାତି ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟବସାୟର ଘହିଦା ଦୃଷ୍ଟିରୁ ଓ ଅଞ୍ଚଳ ବିଶେଷରେ ଅଧିବାସୀମାନଙ୍କର ପ୍ରତିରୋଧ ଅର୍ଥାତ୍ ରାଜଭକ୍ତିର ଅଭାବ ଓ ସେହି କାରଣରୁ ସେମାନଙ୍କ ପ୍ରତି ଅବିଶ୍ୱାସ ଯୋଗୁଁ ଏହି କ୍ରିୟାକଳାପକୁ ଦେଖି ଘହିଁ କମ୍ପାନୀ ବନ୍ଦୋବସ୍ତ କରିଥିଲେ; କିନ୍ତୁ କମ୍ପାନୀ ତ ଇତିହାସର ବାଧ୍ୟବାଧକତାର ଦାସ । କବିବର ରାଧାନାଥ ଗାଇଥିଲେ –

"ଶକ୍ତି ନାହିଁ ବସ୍ଥ କାହାରି ଜଗତେ
ନିୟତିକି ନେବ ନିଜ ଇଚ୍ଛାମତେ ।"

ଏଠାରେ ନିୟତି ଏକ ଅଦୃଷ୍ଟ ଶକ୍ତି ନୁହେଁ, ଏହା ଇତିହାସର ଆଇନ । ଯେପରି ସକାଳୁ ସୂର୍ଯ୍ୟୋଦୟ ହେଉଛି ପ୍ରକୃତିର ଆଇନ୍, ଠିକ୍ ସେହିପରି ଏହି ଆଇନ୍ । କମ୍ପାନୀ ଇଚ୍ଛା କଲେ ବି ପୁଅ ମୁଣ୍ଡକୁ ଓ ତେଲ ଘଡ଼ିକୁ ଉଭୟକୁ ଲୋଭ କରି ପାରିବେ ନାହିଁ; କରି ପାରିଲେ ନାହିଁ ମଧ୍ୟ ।

ଉଦାହରଣ ସ୍ୱରୂପ ବିଦେଶୀ ଆକ୍ରମଣକାରୀ ଯେହେତୁ ଏଠାରେ ମୁଷ୍ଟିମେୟ, ତେଣୁ ତାହାର ରାଜତ୍ୱର ଏକମାତ୍ର ଗ୍ୟାରେଣ୍ଟି ଥିଲା ଭାରତୀୟମାନଙ୍କ ଭିତରେ,

Digitized by srujanika@gmail.com

ପରସ୍ପର ଭିତରେ କଳହ ଓ ସେହି କଳହ ଉପରେ ମଧ୍ୟସ୍ଥ କରିବା ନ୍ୟାୟରେ ରାଜତ୍ୱକୁ ସୁଦୃଢ଼ କରିବା; କିନ୍ତୁ ବିଲାତର ବ୍ୟବସାୟ ସାମନାରେ ସେ ଅର୍ଥାତ୍ "ବିଭେଦ କର ଓ ଶାସନ ଚଳାଅ" ମାଡ଼ ଖାଇଲା, କାରଣ ଇଂରେଜ ଭାରତର ବିଭିନ୍ନ ଅଞ୍ଚଳକୁ ଆପଣାର ବାଣିଜ୍ୟ ଓ ସରବରାହ ଦୃଷ୍ଟିରୁ ରେଳଗାଡ଼ି ଓ ବିଜୁଳି ଟେଲିଗ୍ରାଫରେ ସଂଯୋଗ କରିଦେଲେ। ତେଣୁ କବିବର ରାଧାନାଥ ରାୟ ଏଫ.ଏ. ପଢ଼ିବା ପାଇଁ ବାଲେଶ୍ୱରରୁ କଲିକତା ଗଲାବେଳେ ଯେଉଁ ଛଅ ଦିନର ବାଟ ବର୍ଷା ଦିନର ଆଣ୍ଠୁଆଣି କାଦୁଅ, ଶୀତ ଦିନର ରେକଟିଆ ଓ ଖରା ଦିନର ଧୂଳି ପଟଳ ଭେଦ କରି ଯାଇଥିଲେ ସେହି ଦୁସ୍ତର ପଥଯାତ୍ରା, ଯେ ଡକାଏତଙ୍କର ରାହାଜାନି, ସଡ଼କ ଧାରର ଦୋକାନୀମାନଙ୍କର ବିଶ୍ୱାସଘାତକତା ତାହା ୧୮୯୯ ମସିହାରେ ସାରା ଓଡ଼ିଶା ଉପକୂଳ ପୁରୀ, କଟକ, ବାଲେଶ୍ୱର ପାଇଁ ଅନ୍ତ ହୋଇଗଲା। ଫକୀରମୋହନଙ୍କର ଆତ୍ମଜୀବନୀରେ ଅଛି; ପନ୍ଦର ଷୋହଳ ବର୍ଷର କିଶୋର ରାଧାନାଥ ଓ ତାଙ୍କର ରକ୍ଷକ ସାନ ଦାଦି ଦୁହେଁ ଦୁଇଟା ଲୋଟା ଧରି କଲକତା ସହରରେ "ଝାଡ଼ା ଫେରିବା ଇଚ୍ଛାରେ ଗୋଟିଏ ହଗଣାବାଡ଼ି ସନ୍ଧାନ କରି ନ ପାରି ବଡ଼ ବ୍ୟତିବ୍ୟସ୍ତ ହୋଇ କହି ପକାଇଥିଲେ ଏଟା ଭାରି ବେଜାୟ ସହର!" ସେତେବେଳେ କଲିକତାକୁ ରେଳଗାଡ଼ି ଥିଲେ ରାଧାନାଥ କ'ଣ ସତକୁ ସତ ଏମ୍.ଏ. ପାସ୍ ନ କରି ଛାଡ଼ି ଥାଆନ୍ତେ? ଓଡ଼ିଶାରେ ବିଲାତର ଧ୍ୱଂସକ୍ରିୟା ସଙ୍ଗେ ସଙ୍ଗେ ତା'ର ଶାସନ ସୁଦୃଢ଼ କରିବାକୁ ତାହାରି ସୁବିଧା ଉପଯୋଗୀ ସଙ୍ଗଠନ ଗ୍ଭଲିଥିଲା ସେଥିରେ କେତେଗୁଡ଼ିଏ ବିଶେଷତ୍ୱ ଥିଲା। ଏହି ବିଶେଷତ୍ୱର ପ୍ରଧାନ କଥା ହେଲା (୧) ଅତ୍ୟଧିକ ଧ୍ୱଂସ (୨) କୁଣ୍ଠିତ ସଙ୍ଗଠନ। ଅତ୍ୟଧିକ ଧ୍ୱଂସର କାରଣ ହେଉଛି ଓଡ଼ିଶାର ପାଇକ ଓ ଜନସାଧାରଣଙ୍କର ସ୍ୱାଧୀନତା ପ୍ରୟାସୀ ଓ ଅତ୍ୟାଗ୍ଭର ବିରୋଧୀ ତୁହାକୁ ତୁହା ମୁକ୍ତିଯୁଦ୍ଧ। ଏଥିପୂର୍ବରୁ ବାଲେଶ୍ୱରର ସମୃଦ୍ଧ ନୌବାଣିଜ୍ୟ ଉପରେ ଫିରିଙ୍ଗି ବିଶେଷତଃ ଇଂରେଜ ଜଳଦସ୍ୟୁଙ୍କର ଆକ୍ରମଣ ଫଳରେ ଓଡ଼ିଶାର ସାଧବମାନଙ୍କର ଓ ତାହା ସଙ୍ଗେ ସଙ୍ଗେ ସେହି ନୌବାଣିଜ୍ୟର ଆନୁସଙ୍ଗିକ ନାବିକ, ମଙ୍ଗୁଆଳ, ଅଝାଲ ତିଆରି ଦରଜୀ, ଗ୍ରହବିପ୍ର, ପୁରୋହିତ, ପାଞ୍ଜିଆକରଣ ପ୍ରଭୃତି ବିଭିନ୍ନ କିସମର ଜୀବିକାଭୋଗୀଙ୍କର ଜୀବିକା ଲୋପ ଓ ସେମାନଙ୍କୁ ଜଳଦସ୍ୟୁ, ଡକାୟତ ଓ ଠଗ ପିଣ୍ଡାରୀରେ ପରିଣତ କରିବାରେ ବିଲାତର ଅପକର୍ମ ଯୋଗୁଁ ଓଡ଼ିଶାର ଉପକୂଳ ଅଞ୍ଚଳରୁ ବ୍ରିଟିଶ ବାଣିଜ୍ୟ ବ୍ୟବସାୟ କେତେ କାଳଯାଏ ଘୋର ବିପଦର ସମ୍ମୁଖୀନ ହୋଇଥିଲା। ତେଣୁ ବାଲେଶ୍ୱର ଓ ଓଡ଼ିଶାର ସମଗ୍ର ଉପକୂଳରୁ କାର୍ଯ୍ୟତଃ ବିତାଡ଼ିତ ହୋଇ ଇଂରେଜ ଜଳଦସ୍ୟୁ-ବଣିକ ଗୋଷ୍ଠୀ ଓଡ଼ିଶାର ଲୋକଙ୍କ ଉପରେ ପ୍ରତିଶୋଧ ନେବାକୁ ବଦ୍ଧ

Digitized by srujanika@gmail.com

ପରିକର ହୋଇଥିଲେ। ୧୮୦୩ ରେ କଟକ, ପୁରୀ, ବାଲେଶ୍ୱର ଉପକୂଳ ଅଞ୍ଚଳ ଦଖଲ ପରେ ବିଲାତ ସେନାପତି ମେଜର ଫ୍ଲେଚର ଏହି ପ୍ରତିଶୋଧ ନେବାର ଚେଷ୍ଟା କରିଥିଲେ। ଏହାର ପ୍ରତିକ୍ରିୟାରେ ହେଲା ୧୮୧୭ରେ ଖୋର୍ଦ୍ଧା ପାଇକର ମୁକ୍ତି ସମର। ଏହି ସମରରେ ଅପ୍ରତ୍ୟକ୍ଷ ଭାବରେ କନିକାର ରାଜା ଓ ପ୍ରତ୍ୟକ୍ଷ ଭାବରେ କୁଜଙ୍ଗର ରାଜା ଯୋଗ ଦେଇଥିଲେ। ପ୍ରାୟ ୬।୭ ମାସ ଯାଏ ବିଲାତର ଶାସନ ଖୋର୍ଦ୍ଧା ଅଞ୍ଚଳରେ ଅସ୍ତବ୍ୟସ୍ତ ହୋଇ ଯାଇଥିଲା । ପରେ ବଙ୍ଗଳାରୁ ମହଜୁତ ସୈନ୍ୟ ସାମନ୍ତ ଆମଦାନୀ କରି ଓ ଓଡ଼ିଶା ଗଡ଼ଜାତ ରାଜାମାନଙ୍କୁ ପାଇକ ବିଦ୍ରୋହରୁ ବିଚ୍ଛିନ୍ନ କରି ବିଲାତ ଇଷ୍ଟ ଇଣ୍ଡିଆ କମ୍ପାନୀ ଖୋର୍ଦ୍ଧା (କଟକ) ଅଞ୍ଚଳରେ ଆପଣାର ଅଧିକାର ପୁନର୍ବହାଲ କଲା ଓ ଭବିଷ୍ୟତର ବିରୋଧ, ବିଦ୍ରୋହ, ଯୁଦ୍ଧକୁ ଏଡ଼େଇବା ପାଇଁ କେତେଗୁଡ଼ିଏ ପନ୍ଥା ବାହାର କଲା। ଇଷ୍ଟ୍ରେର ସାହେବ ଏହି ପନ୍ଥାଗୁଡ଼ିକ ତାଙ୍କର ରିପୋର୍ଟରେ ଲିପିବଦ୍ଧ କରିଥିଲେ।

(କଙ୍କାଳର ଆର୍ତ୍ତନାଦ, ୨ୟ ଭାଗ, ଗୋଦାବରୀଶ ଗ୍ରନ୍ଥାବଳୀ ୩ୟ ଖଣ୍ଡ)

ସେଥିରେ ମୁଖ୍ୟ ପ୍ରତିକାର ହେଲା– ପାଇକମାନଙ୍କୁ ନିରସ୍ତ୍ର କରିବା। ସେମାନଙ୍କର ନେତାମାନଙ୍କୁ ଜେଲଖାନା ଭିତରେ ଅତ୍ୟାଚାର ଦ୍ୱାରା, ଅବହେଳା ଦ୍ୱାରା ଓ ଜାଗିରି ଲୋପ କରି ଧ୍ୱଂସ କରିଦେବା ଓ ପାଇକମାନଙ୍କର ନୈତିକ ବଳ ଭାଙ୍ଗି ଦେବା।

ଦ୍ୱିତୀୟ ପ୍ରତିକାର ହେଲା ରାଜା ମୁକୁନ୍ଦ ଦେବଙ୍କୁ 'ମାହାଳିଆ' ମୁକୁନ୍ଦଦେବରେ ପରିଣତ କରିଦେବା, ତାଙ୍କୁ ଖୋର୍ଦ୍ଧାର ଜମିଦାରୀରୁ ବହିଷ୍କୃତ କରିଦେବା, ତାଙ୍କୁ ନାମକୁ ମାତ୍ର ପୁରୀର ରାଜା ହିସାବରେ ଗୋରୁମୁଣ୍ଡ ଥାପନା କରିଦେବା ଓ ଫଳରେ ତାଙ୍କର ପ୍ରତିଷ୍ଠା, ସମ୍ମାନ ଓ ପ୍ରତିପତ୍ତିକୁ ଚୂରମାର କରିଦେବା।

ତୃତୀୟ, ନିମକହାରାମ ଜାଗିରି ଦେଇ ଯେଉଁ ଓଡ଼ିଆଙ୍କୁ ବିଲାତର ପାଦଚଟା କୁକୁର ଓ ଆଜ୍ଞାକାରୀ ଦେଶଦ୍ରୋହୀ ଗୋଲାମ କରାଯାଇଚି ଯଥା – ଚରଣ ପଟ୍ଟନାୟକ ସେଭଳି ଆହୁରି କିଛି ଓଡ଼ିଆ ବେଇମାନଙ୍କୁ ସୃଷ୍ଟି କରିବା ଓ ପାଇକ ଖଣ୍ଡାଏତଙ୍କ ଭିତରେ ବିଭେଦ ସୃଷ୍ଟି କରି ରଖିବା।

ଚତୁର୍ଥ, ହାକିମ ଚାକିରୀରେ ନ ହେଲେ ବି ତଳିଆ ହାକିମ, ଅମଲା, ସିରସ୍ତାଦାର କିରାନୀ ଭାବରେ କିଛି ସ୍ଥାନୀୟ ଲୋକଙ୍କୁ ତାଲିମ ଦେବା ଓ ସେହି ସୂତ୍ରରେ ଓଡ଼ିଆମାନଙ୍କର ଜାତିପ୍ରେମ ପ୍ରତି ଗୋଟାଏ ଉପରଠାଉରିଆ ଆଖି ମିଟିକା ମାରିବା।

Digitized by srujanika@gmail.com

ଏହି ପ୍ରତିକାର ସତ୍ତ୍ୱେ ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ନେତୃତ୍ୱରେ ପରିଚାଳିତ ସୁଖବାସୀ, ଚାଷୀ ଓ ପାହାଡ଼ିଆ ଲୋକେ ୧୮୩୫ଠାରୁ ଏକ ମୁକ୍ତି ଆନ୍ଦୋଳନ ଜାରି ରଖିଥିଲେ। ଏହା ଏକପ୍ରକାର ଗରିଲା ଯୁଦ୍ଧ ଥିଲା, ଯେଉଁଥିରେ ବାରମ୍ବାର କାରାବରଣ କରି ଭଗ୍ନମନୋରଥ ସୁରେନ୍ଦ୍ର ସାଏ ମୃତ୍ୟୁ ଲଭିଥିଲେ। ସେହି ସମୟରେ ଏଣେ ଗଞ୍ଜାମର ଘୁମୁସର ଓ ତାହାର ମାଳ ଅଞ୍ଚଳରେ ଅମିତତେଜା ଚକ୍ର ବିଶୋଇ ଘୁମୁସରର ପାଇକମାନଙ୍କୁ ଧରି ଆଉ ବିଦେଶୀ ଶାସନ ସହିତ ମୁକାବିଲା କରିବାକୁ ବାହାରି ଥିଲେ ଓ ବହୁକାଳଯାଏ ବୀର ସୁରେନ୍ଦ୍ର ସାଏଙ୍କ ଭଳି ଗହନ ଅରଣ୍ୟମାଳ ଭିତରେ ବିଲାତର ଅତ୍ୟାଚାର ବୁକୁରେ ଅଙ୍କୁଶ ଭଳି ଜାଗ୍ରତ ହୋଇ ରହିଥିଲେ।

ତା'ପରେ ଆସିଲା ୧୮୫୭ – ଭାରତର ପ୍ରଥମ ସ୍ୱାଧୀନତା ସମର। ପୁରୀର ଚନ୍ଦନ ହଜୁରୀଙ୍କର ଏହି ସମୟରେ ହିନ୍ଦୁ ମୁସଲମାନଙ୍କ ଭିତରେ ଏକତାକାରୀ ଭୂମିକା ଓ ଭାରତରୁ ବ୍ରିଟିଶ ଶାସନ ଉଚ୍ଛେଦର ଚରମ ଉଦ୍ୟମ ଏବେ ବି ଇତିହାସର ଏକ ଜ୍ୱଳନ୍ତ ଆଲୋକ ସ୍ତମ୍ଭ। କିନ୍ତୁ ସେତେବେଳକୁ ଓଡ଼ିଶାର ସମସ୍ତ ପ୍ରତିରୋଧ ଶକ୍ତିପୁଞ୍ଜର ବିଲୟ ଅବସ୍ଥା। ତେଣୁ ସମସ୍ତ ପୂର୍ବ ଭାରତ ନିଷ୍ଫଳ କ୍ରୋଧରେ ଫୁଲି ଫୁଲି ଆପଣାର ବ୍ୟଥିତ ହାହାକାର ମନରେ ମାରିଲା ପରି ତାହାରି ସାଥିରେ ଓଡ଼ିଶା ମଧ ମନ ମାରି ରହିଥିଲା।

ତା'ପରେ ନଅଙ୍କ ଦୁର୍ଭିକ୍ଷ, ୧୮୬୬। ତାହାର ଭୀଷଣତା ବର୍ଣ୍ଣନାର କ୍ଷେତ୍ର ଏ ନୁହେଁ, ତେବେ ସରକାରୀ ରିପୋର୍ଟର ନିରସ ଶୁଷ୍କ ବୟାନରୁ ଏହାର ବିଭୀଷିକା ଅନୁମାନ କରାଯାଇପାରେ।

" × × × ସ୍ଥାନୀୟ ପ୍ରଶାସନ ଓ ଅଧିକାରୀମାନେ ଏଥିରେ ଆଶଙ୍କିତ ନ ହୋଇ ଓ ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ ନ କରି, ସ୍ୱତନ୍ତ୍ରଭାବରେ ଅବସ୍ଥାର ଅନୁସନ୍ଧାନ କରିବାରେ ହେଳା କଲେ। ସେତେବେଳକୁ ଚାଉଳ ଦର ଏତେ ନିମ୍ନ ସ୍ତରରେ ଥିଲା ଯେ ଚାଉଳ ଆମଦାନୀକାରୀମାନେ ବାହାରୁ ଚାଉଳ ଆଣିବାକୁ ପ୍ରଲୋଭିତ ହେଲେ ନାହିଁ। ସରକାର ମଧ ଲୋକମାନଙ୍କର ଚାଉଳ ଖର୍ଚ୍ଚକୁ ସଙ୍କୁଚିତ କରିବା ପାଇଁ କୌଣସି ଉଦ୍ୟମ କଲେ ନାହିଁ। ହଠାତ୍. ଦେଖାଗଲା ଯେ ଦେଶରେ ଅନ୍ନ ମୋଟେ ନାହିଁ। ମେ ମାସ ୧୮୬୬ରେ ଚୈତନ୍ୟ ଉଦୟ ହେଲା ଯେ ବଜାର ଏକାବେଳେକେ ଶୂନ୍‌ଶାନ୍। ଏପରିକି ଜେଲଖାନାର କଏଦୀ ଓ ସରକାରୀ ଦପ୍ତର ପାଇଁ ମଧ ଚାଉଳ ଅଭାବ ପଡ଼ିଗଲା। ସେତେବେଳକୁ ଦକ୍ଷିଣା ମୌସୁମୀ ବାୟୁରେ

Digitized by srujanika@gmail.com

ତୋଡ଼ ଆସିଗଲାଣି, ତେଣୁ ସମୁଦ୍ର ବା ସ୍ଥଳ ପଥରେ ବାହାରୁ ଚାଉଳ ଆଣିବା ଅସମ୍ଭବ ହୋଇଗଲା । ସେତେବେଳେ ଓଡ଼ିଶା ଏକାବେଳକେ ସାରା ଭାରତରୁ ବିଚ୍ଛିନ୍ନ ପ୍ରାୟ । କଲିକତା ଆଡ଼କୁ ଯାଇଥିବା ଏକମାତ୍ର ରାସ୍ତା ବଡ଼ ବଡ଼ ନଦୀ ଦ୍ୱାରା ବିଭକ୍ତ ଓ ସବୁବେଳେ ବନ୍ୟା ଜଳରେ ବୁଡ଼ି ରହିଥିଲା । ସେ ରାସ୍ତାରେ ମେଟାଲ ପଡ଼ି ନଥିଲା କି ନଦୀ ଉପରେ ଗୋଟାଏ ବି ସଂଖ ନ ଥିଲା । ସମୁଦ୍ର ପଥରେ ମଧ୍ୟ ଅତି ଅଳ୍ପ ନେଣଦେଣ ଥିଲା । ସେପର୍ଯ୍ୟନ୍ତ ଯାହା କିଛି ବାଣିଜ୍ୟ ଥିଲା ତାହା କେବଳ ରପ୍ତାନୀ ବାଣିଜ୍ୟ । ସେ ପୁଣି କେବଳ ଶୁଖିଲା ପାଚିଲା ପାଗ ଦିନମାନଙ୍କରେ ହେଉଥିଲା । ଦକ୍ଷିଣରୁ ବି କୌଣସି ସାହାଯ୍ୟ ମିଳିଲା ନାହିଁ । କାରଣ ଦକ୍ଷିଣର ଗଞ୍ଜାମ ଜିଲ୍ଲା ଅତି ସାଙ୍ଘାତିକ ଭାବରେ ଦୁର୍ଦ୍ଦଶାଗ୍ରସ୍ତ । ବହୁ ଆୟାସରେ, ବହୁ ଖର୍ଚ୍ଚାନ୍ତ ହୋଇ ସରକାର ନଭେମ୍ବର ମାସ ଶେଷ ବେଳକୁ ଦଶ ହଜାର ଟନ୍ ଯାଏ ଖାଦ୍ୟ ଶସ୍ୟ ଆଣି ପହଞ୍ଚାଇ ପାରିଥିଲେ । ଏତକ ପ୍ରାୟ ମାଗଣା ବିତରଣ କରି ଦିଆଯାଇଥିଲା କିମ୍ବା ଅତି ଅଳ୍ପ ଦରରେ ବିକ୍ରୀ କରା ଯାଇଥିଲା କିମ୍ବା ମଜୁରୀ ସ୍ୱରୂପ ଅନଶନକ୍ଲିଷ୍ଟ ଜନଗଣଙ୍କ ଭିତରେ ବାଣ୍ଟି ଦିଆଯାଇଥିଲା; କିନ୍ତୁ ଇତ୍ୟବସରେ ଯେଉଁମାନଙ୍କ ନିକଟରେ ଏହି ରିଲିଫ ପହଞ୍ଚି ନ ପାରିଥିଲା ବା ଅତି ବିଳମ୍ବରେ ପହଞ୍ଚିଲା, ସେମାନଙ୍କ ଭିତରେ ମୃତ୍ୟୁର ହାର ଅତ୍ୟନ୍ତ ଅଧିକ ହୋଇଗଲା । ହିସାବ କରି ଦେଖା ଯାଇଛି ଯେ ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଅନ୍ୟ କଥାରେ ୧,୦୦୦,୦୦୦ (ଦଶ ଲକ୍ଷ) ଲୋକ ମୃତ୍ୟୁ ମୁଖରେ ପଡ଼ିଲେ ।”

ଇୟେ ହେଲା ୧୮୬୮ ସରକାରୀ ଦୁର୍ଭିକ୍ଷ କମିଶନ୍‌ର ରିପୋର୍ଟ । ନଅଙ୍କ ଦୁର୍ଭିକ୍ଷର ୧୨ ବର୍ଷ ପରେ ବିଶ୍ୱନାଥଙ୍କର ଜନ୍ମ ବର୍ଷ ଏହି ରିପୋର୍ଟ ପ୍ରକାଶ ପାଇଥିଲା । (ଏହାକୁ ବକ୍‌ଲ୍ୟାଣ୍ଡସ୍‌ଙ୍କର “ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କର ରାଜୁତିରେ” ବଙ୍ଗଳାରୁ ଉଦ୍ଧାର କରାଯାଇଛି ପୃ ୩୨୯ ଷ୍ଠା) । ବେସରକାରୀ ବର୍ଣ୍ଣନା ହିସାବରେ ଫକୀରମୋହନଙ୍କର ଆତ୍ମଜୀବନୀର ୧୩ଶ ଅଧ୍ୟାୟ ପଢ଼ିଲେ ଯେ କୌଣସି କଠୋର ଆଖିରୁ ମଧ୍ୟ ଲୁହ ଝରି ପଡ଼ିବ ।

ଏଥିରୁ ସ୍ପଷ୍ଟ ହୁଏ ଯେ ୧୮୦୩ଠାରୁ ୧୮୬୬ ପର୍ଯ୍ୟନ୍ତ ସମୟ ଭିତରେ ବିଲାତର ଓଡ଼ିଶା ଦଖଲ ଓଡ଼ିଶାକୁ ଏଭଳି ଏକ ଧ୍ୱଂସ ଅବସ୍ଥାରେ ପକାଇବାରେ ସାହାଯ୍ୟ କରିଥିଲା ଯେ ସେହି କାରଣରୁ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଯଥା ବଙ୍ଗଳା, ବମ୍ବେ ବା ମାନ୍ଦ୍ରାଜ ସହରମାନଙ୍କର ଚତୁର୍ଦ୍ଦିଗରେ ବିଲାତ ଯେଉଁ କିଞ୍ଚିତ୍ ବାଣିଜ୍ୟ ପେଣ୍ଠ ଗଠନ କରିଥିଲା ଓ ଆପଣାର ଶାସନ ପରିଚାଳନା ପାଇଁ ଏକ

Digitized by srujanika@gmail.com

ତାଲିମ ପ୍ରାପ୍ତ ଭାରତୀୟ ଗୋଷ୍ଠୀ ତିଆରି କରିବାର ଉଦ୍ୟମ କରିଥିଲା, ଓଡ଼ିଶା କ୍ଷେତ୍ରରେ ତାହା ମଧ୍ୟ କରିବାରେ କୁଣ୍ଠିତ ହୋଇଥିଲା । କାରଣ ବ୍ରିଟିଶ ସରକାର ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀର ଜାଗରଣକୁ ଭୟ କରୁଥିଲା ।

(ପାଞ୍ଚ)

ତେବେ ବି ଇତିହାସର ନିୟମକୁ ଲଂଘିବା ପ୍ରବଳ ପ୍ରତାପୀ ବ୍ରିଟିଶ ପକ୍ଷରେ ମଧ୍ୟ ଅସମ୍ଭବ । କଥାରେ ଅଛି ରାଜା କାନ୍ୟୁଟ୍ ଥରେ ସମୁଦ୍ର କୂଳରେ ଆପଣାର ଆସନ ପକାଇ ବସିଥିଲେ । ସମୁଦ୍ରର ଲହରୀ ତାଙ୍କର ଆସନକୁ ବୁଡ଼ାଇ ବେଳା ଅତିକ୍ରମ କରିଗଲା । ନରପତି କାନ୍ୟୁଟ୍ ଏ କଥାରେ ଅତ୍ୟନ୍ତ କ୍ରୁଦ୍ଧ ହେଲେ । ସେ ରାଜା, ପ୍ରବଳ ପ୍ରତାପୀ, ତାଙ୍କୁ ସମୁଦ୍ର ଅମାନ୍ୟ କରିବ ! ତେଣୁ ସେ ସମୁଦ୍ରକୁ ଆଦେଶ ଦେଲେ, ସେ ଯେପରି ଏଭଳି ଲହରୀ ପଠାଇ ତାଙ୍କ ପ୍ରତି ଅପମାନ ନ କରେ । ଏପରି ଧୃଷ୍ଟତା ନ ଦେଖାଏ; କିନ୍ତୁ ସମୁଦ୍ର ବା ପ୍ରକୃତି କ'ଣ ନରପତିର ପ୍ରବଳ ପ୍ରତାପୀ ଆଦେଶକୁ ମାନେ ? ଠିକ୍ ସେପରି ଇତିହାସର ନିୟମ କ'ଣ ସ୍ୱେଚ୍ଛାଚାରୀ ବିଲାତ ଇଷ୍ଟ ଇଣ୍ଡିଆ କମ୍ପାନୀର ମର୍ଜି ଜଗି ପାରିଥାନ୍ତା ? ମନୁଷ୍ୟର ଇଚ୍ଛା ଅନିଚ୍ଛାକୁ ଖାତିର ନ କରି ଯେ ଇତିହାସର ଆଇନ କାର୍ଯ୍ୟ କରେ ।

ଜଣେ ପର୍ଯ୍ୟବେକ୍ଷକ ଭେରା ଆନଷ୍ଟେ ପ୍ରଶ୍ନ କରିଥିଲେ, "ଆମେ କ'ଣ ଅନୁସନ୍ଧାନ କରିବା ନାହିଁ ବିଲାତ ଯେଉଁ ଶିକ୍ଷା ବ୍ୟବସ୍ଥା ଭାରତରେ ପ୍ରବର୍ତ୍ତନ କରିଥିଲା ତାହା କେତେ ପରିମାଣରେ ବୈଜ୍ଞାନିକ ଚିନ୍ତାର ଉନ୍ମେଷ ଓ ବୈଜ୍ଞାନିକ ଜ୍ଞାନର ପ୍ରସାର ଦିଗରେ ସାହାଯ୍ୟ କରିଥିଲା ? ଆମେ କ'ଣ ଦେଖୁନାହୁଁ ଯେ ଜନସାଧାରଣଙ୍କୁ ତାଙ୍କର ଚଉଦିଗର ଦୁନିଆଁକୁ ବୁଝିବା ଲାଗି ଶିକ୍ଷା ଦେବା ପରିବର୍ତ୍ତେ ଓ କିଭଳି ପ୍ରାକୃତିକ ଶକ୍ତିଗୁଡ଼ିକ ମନୁଷ୍ୟର ଉପଯୋଗୀ ଓ ଆୟତ୍ତାଧୀନ ହୋଇ ପାରିବେ ସେକଥା ଶିକ୍ଷା ଦେବା ପରିବର୍ତ୍ତେ ସେମାନେ ମାନ୍ଧାତା ଅମଳର ବାକ୍ୟାଂଶ ଓ ଶବ୍ଦାବଳୀ ପୂର୍ଣ୍ଣ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀର ଇଂରାଜୀ ଲେଖକଙ୍କର ବହି ଉପରେ ନୋଟ ଟୀକା ଆୟତ୍ତ କରିବାକୁ ଆଉ ଏକ ବିଦେଶୀ ଭୂମିର ଅନାମଧେୟ ବିସ୍ମୃତ ଶାସନକାରୀମାନଙ୍କର ବ୍ୟକ୍ତିଗତ ଜୀବନ କାହାଣୀ ମୁଖସ୍ଥ କରାଇବାକୁ ଶିକ୍ଷା ଦେଉଥିଲେ ?"

କିନ୍ତୁ ଦୂରଦ୍ରଷ୍ଟା ମାର୍କସ ଯଥାର୍ଥରେ ସଙ୍କେତ କରିଥିଲେ, "ମୁଁ ଜାଣେ ଇଂରେଜ ମିଲସାହୀ ଭାରତରେ ଏଥିପାଇଁ ରେଳପଥ ଚାଲୁ କରିବାକୁ ଚାହେଁ ଯେପରିକି କମ୍

Digitized by srujanika@gmail.com

ଖର୍ଚ୍ଚରେ କପା ଓ ଅନ୍ୟାନ୍ୟ କଞ୍ଚାମାଲକୁ ଆପଣାର ବିଲାତସ୍ଥିତ କାରଖାନାକୁ ପଠାଇ ପାରିବ; କିନ୍ତୁ ଏଭଳି ଏକ ଦେଶରେ ତୁମେ ଯଦି ଥରେ ମେସିନକୁ ଚାଲୁ କରିଦେବ, ପୁଣି ଯେଉଁ ଦେଶରେ ଲୁହା ଓ କୋଇଲା ପ୍ରଚୁର ରହିଛି, ତେବେ ସେହି ଦେଶକୁ ଲୁହାର ଜିନିଷପତ୍ର ତିଆରିକୁ ତୁମେ କଦାପି ରୋକିପାରିବ ନାହିଁ। ବିସ୍ତୃତ ରେଳଗାଡ଼ିକୁ ମରାମତି କରିବାକୁ ଭାରତର ସ୍ଥାନେ ସ୍ଥାନେ ତାକୁ ନିଶ୍ଚିତ ଭାବରେ ଓ୍ୱାର୍କସପ କରିବାକୁ ପଡ଼ିବ। କାରଣ ଭାରତର ବିଗଡ଼ା ରେଳ ଇଞ୍ଜିନ ବିଲାତରେ ଯାଇ ମରାମତି ହୋଇ ପାରିବ ନାହିଁ। ଏହି ଓ୍ୱାର୍କସପ୍‌ରେ କାମ କରିବାକୁ ଏକ କାରିଗର ଶ୍ରେଣୀ ଓ ଏକ ଶ୍ରମଜୀବୀ ଶ୍ରେଣୀର ପ୍ରୟୋଜନ ହେବ ଓ ସେହି କାରଣରୁ ଭାରତରେ ସର୍ବହରା ଶ୍ରମିକ ଶ୍ରେଣୀର ଉଦ୍ଭବ ହେବ, ଯାହାକୁ ବ୍ରିଟିଶ ରାଜତ୍ୱର କାଳଯମ ପରି କାର୍ଯ୍ୟ କରିବ।"

ମାର୍କସ ଆହୁରି ଲେଖିଥିଲେ, "ଭାରତୀୟମାନଙ୍କର ମାନସିକ ଯୋଗ୍ୟତା ବିଷୟରେ କେମ୍ବେଲଙ୍କୁ ମାନିବାକୁ ପଡ଼ିଥିଲା ଯେ ସେମାନଙ୍କର ବିପୁଳ ସଂଖ୍ୟା ଭିତରେ ଏକ ବିରାଟ ଉଦ୍ୟୋଗ ଧନ୍ଦାଶୀଳ ଶକ୍ତି ମହଜୁତ ରହିଛି। ଏମାନଙ୍କର ପୁଞ୍ଜି ଜମାଣର କ୍ଷମତା ଓ ଏମାନଙ୍କର ମସ୍ତିଷ୍କରେ ଗାଣିତିକ ସ୍ୱଚ୍ଛତାର ଉଲ୍ଲେଖଯୋଗ୍ୟ ଶକ୍ତି ଓ ସଂଖ୍ୟାତତ୍ତ୍ୱ ଓ ବିଜ୍ଞାନ ପାଇଁ ଉପଯୁକ୍ତ ମସ୍ତିଷ୍କ ମସଲା ରହିଛି। ତେଣୁ ସ୍ଥାପିତ ହେବାକୁ ଥିବା ଆଧୁନିକ ଢ଼ଙ୍ଗର ଉଦ୍ୟୋଗ ଧନ୍ଦା ଭାରତର ପୂର୍ବ ଆଚରିତ ବର୍ଣ୍ଣାଶ୍ରମର ଖାନଦାନିକୁ ହଟାଇ ଦେବ (ଯାହାରି ଉପରେ ଭାରତର ଜାତିଭେଦ ଆଶ୍ରିତ ହୋଇ ରହିଛି ଯାହାକି ଭାରତୀୟ ପ୍ରଗତି ପଥରେ ଏକ ଜବରଦସ୍ତ ପ୍ରତିବନ୍ଧକ ଭାବରେ ଛିଡ଼ା ହୋଇଛି ।)" × × × ×

"ଏ ପର୍ଯ୍ୟନ୍ତ ବିଲାତର ଶାସକବର୍ଗଙ୍କର ଭାରତର ପ୍ରଗତି ବିଷୟରେ ଏକ ଆକସ୍ମିକ କାକତାଳୀୟ ସ୍ୱାର୍ଥ ଥିଲା। ସାମନ୍ତସାହି ଭାରତକୁ ଜିଣିବାକୁ ଚାହୁଁଥିଲେ, ଥଳୀବାଲା ଭାରତକୁ ଲୁଣ୍ଠନ କରିବାକୁ ଚାହୁଁଥିଲେ, ଆଉ ମିଲସାହୀ (ପୁଞ୍ଜିପତି)ମାନେ ଏ ସମସ୍ତଙ୍କର ଗଳାକାଟ କରିବାକୁ ଲୋଡୁଥିଲେ; କିନ୍ତୁ ଏବେ ଅବସ୍ଥା ବଦଳି ଯାଇଛି। ଏବେ ପୁଞ୍ଜିପତି ଭାରତକୁ ଏକ ଉତ୍ପାଦକ ଦେଶରେ ପରିଣତ କରିବାକୁ ଚାହେଁ। ତେଣୁ ଏହି କାର୍ଯ୍ୟ ପାଇଁ ତାହା ପକ୍ଷରେ ଏହା ଜରୋରୀ ହୋଇ ପଡ଼ିଛି ଯେ ସେ ଭାରତ ଲାଗି ଜଳସେଚନ ଓ ଆଭ୍ୟନ୍ତରୀଣ ଯାତାୟାତର ସାଧନକୁ ଉନ୍ନତ କରିବ। ଏବେ ପୁଞ୍ଜିପତି ସାରା ଭାରତରେ ରେଳରାସ୍ତାର ଏକ ଜାଲ ବିଛାଇବାକୁ ବାଧ୍ୟ, ଏହା କରିବା ଛଡ଼ା ତା'ର ଗତ୍ୟନ୍ତର ନାହିଁ। ଆଜି ବିରାଟ ମୋଗଲମାନଙ୍କର ଶାସନ

Digitized by srujanika@gmail.com

ଠାରୁ ବି ଅଧିକ ସଂଗଠିତ ଓ ବିସ୍ତୃତ ରାଜନୈତିକ ଏକତା ଜରୋରୀ । ଏହା ଭାରତର ପୁନର୍ଜୀବନ ଲାଗି ପହିଲି ଆବଶ୍ୟକତା । ଇଂରେଜ ବାହୁବଳ ଦ୍ୱାରା ଜବରଦସ୍ତି ଲଦନ ହୋଇଥିବା ଏହି ଏକତା ଏବେ ବିଦ୍ୟୁତ୍ ଟେଲିଗ୍ରାଫ ଦ୍ୱାରା ଆହୁରି ଦୃଢ଼ ନିବିଡ଼ ଭାବରେ ଚିରସ୍ଥାୟୀ କରି ଦିଆଯିବ । ପରେଡ୍ ମାଷ୍ଟର ଇଂରେଜ ସରଜେଣ୍ଟ ଦ୍ୱାରା ସଜ୍ଜିତ ଓ ତାଲିମପ୍ରାପ୍ତ ଦେଶୀ ସୈନ୍ୟବାହିନୀ ଭାରତର ସ୍ୱତଃମୁକ୍ତି ଲାଗି ତଥା ପହିଲି କାଳ ଭଳି ଘଲି ଆସିଥିବା ବିଦେଶୀ ଆକ୍ରମଣକାରୀର ଶିକାର ହେବା ଲାଗି ଆବଶ୍ୟକୀୟ ସାଧନ ବା ହତିଆର ହେବେ । ସ୍ୱତନ୍ତ୍ର ଛାପାଖାନା ଯାହାକୁ ସଂପ୍ରତି ଛଅ ଗୋଟି ଏସିଆର ସମାଜ ପହିଲି ପ୍ରଥମ ଭେଟୁଛି ଓ ଯାହାର ପ୍ରବନ୍ଧ ମୁଖ୍ୟତଃ ହିନ୍ଦୁ (ଭାରତୀୟ) ଓ ଇଉରୋପୀୟମାନଙ୍କର ସମ୍ମିଳିତ ସନ୍ତାନ (ଖ୍ରୀଷ୍ଟିଆନ୍)ମାନଙ୍କ ହାତରେ ରହିଛି ତାହା ଭାରତର ଜାତୀୟ ପୁନର୍ନିର୍ମାଣ ପାଇଁ ଏକ ଶକ୍ତିଶାଳୀ ହତିଆର ଭାବରେ କାର୍ଯ୍ୟ କରିବ । ସଂଖ୍ୟାରେ କମ୍ ହେଲେ କ'ଣ ହେବ ତଥାପି ଭାରତୀୟମାନଙ୍କ ଭିତରୁ ଅନେକ ଇଂରେଜମାନଙ୍କର ତତ୍ତ୍ୱାବଧାନରେ ବହୁ ଭାରତୀୟ ଏବେ ଏକ ନୂତନ ଶ୍ରେଣୀ ଭାବରେ ଶିକ୍ଷା ପାଉଛନ୍ତି । ଯେଉଁମାନେ ଶାସନ କାର୍ଯ୍ୟରେ ନିପୁଣ ହେବେ ୟୁରୋପୀୟ ବିଜ୍ଞାନର ସିଦ୍ଧସାଧକ ହେବେ। ବାଷ୍ପୀୟ ଯାନ ଭାରତ ସହିତ ୟୁରୋପ ଯାତାୟତକୁ ନିୟମିତ ଓ ଦ୍ରୁତ କରିବାରେ ତତ୍ପର ହେଲାଣି । ଭାରତର ପ୍ରଧାନ ପ୍ରଧାନ ବନ୍ଦରମାନଙ୍କୁ ଇଂଲଣ୍ଡର ଦକ୍ଷିଣ ପୂର୍ବର ବନ୍ଦରମାନଙ୍କ ସହିତ ସଂଯୁକ୍ତ କରି ଦେଇଛି ଓ ସେମାନଙ୍କର ବିଚ୍ଛିନ୍ନତାର ଅବସ୍ଥାକୁ ହଟାଇ ଦେଇଛି । ଯେଉଁ ବିଚ୍ଛିନ୍ନତା ଥିଲା ଭାରତର ପ୍ରବାହଶୂନ୍ୟତାର କାରଣ, ତାହା ଏବେ ଦୂର ହୋଇ ଯାଇଛି । ସେ ସମୟ ଆଉ ବେଶି ଦୂର ନାହିଁ; ଯେତେବେଳେ କି ରେଳ ଓ ବାଷ୍ପୀୟ ପୋତର ସମ୍ମିଳିତ ସହାୟତାରେ ଇଂଲଣ୍ଡ ଓ ଭାରତ ଭିତରେ ବର୍ଷ ବର୍ଷରେ ମପା ଯାଇଥିବା ବ୍ୟବଧାନ ହଟି ଯାଇ ଆଠ ଦଶ ଦିନ ଭିତରେ ରହିଯିବ ଓ ରୂପକଥା ବା ପୁରାଣରେ ବର୍ଣ୍ଣିତ ହେଲା ଭଳି ସେହି ଭାରତ ଦେଶ ଯଥାର୍ଥରେ ପାଶ୍ଚାତ୍ୟ ଜଗତର ଏକ ଅଂଶରେ ପରିଣତ ହେବ ।

(ଭାରତ ସମ୍ବନ୍ଧରେ ମାର୍କସ, ମସ୍କୋ-ଇଂରେଜୀ ସଂସ୍କରଣ-ପୃ ୩୭ ଷ୍ଠା)

କି ବିଚିତ୍ର ବିରୋଧାଭାସ । ସେହି ମାର୍କସ ଉକ୍ତ ଲେଖାରେ କହିଥିଲେ, "ସବୁ ପ୍ରକାର ଆଭ୍ୟନ୍ତରୀଣ ଯୁଦ୍ଧ, ଆକ୍ରମଣ, ବିପ୍ଳବ, ଅଧିକାର, ଦୁର୍ଭିକ୍ଷ, ଅଦ୍ଭୁତଭାବରେ ଯେତେ ଜଟିଳ ବିଧ୍ୱଂସକାରୀ ହେଉନା କାହିଁକି ତାହା ହିନ୍ଦୁସ୍ଥାନର ଉପର ସ୍ତରକୁ ଭେଦ କରି ଗଭୀର ଅଭ୍ୟନ୍ତରକୁ କେବେ ସ୍ପର୍ଶ କରି ନ ଥିଲା; କିନ୍ତୁ ଇଂଲଣ୍ଡ ଭାରତୀୟ ସମାଜର ସମସ୍ତ ଗଢ଼ଣ ଫର୍ମା ଭାଙ୍ଗି ଛତ୍ରଛାଳ କରି ଦେଇଛି । ଆଉ ତାହା ଜାଗାରେ

Digitized by srujanika@gmail.com

ନୂତନ କିଛି ଗଢ଼ିବାର ସୂଚନା ମଧ ଦେଖା ଯାଉନାହିଁ। ତାହାହେଲା ପୁରାତନ ଦୁନିଆଁର ଲୋକସାନ; କିନ୍ତୁ ନୂତନର ସମ୍ଭାବନାର ଆଶାହୀନତା ହିନ୍ଦୁମାନଙ୍କର ସାଂପ୍ରତିକ ଦୁଃସ୍ଥତା ଉପରେ ଏକ ବିଷାଦ କାଳିମା ଲେପନ କରିଦେଇଛି ଓ ଏହା ବ୍ରିଟେନ ଦ୍ୱାରା ଶାସିତ ହିନ୍ଦୁସ୍ଥାନକୁ ତାହାର ପୁରୁଣା ପରମ୍ପରା ଓ ଏହାର ସମୁଦାୟ ଅତୀତ ଇତିହାସଠାରୁ ବିଚ୍ଛିନ୍ନ କରି ଦେଇଛି।"

(ମାର୍କସ-ଭାରତରେ ଇଂରେଜ ରାଜ, ନିର୍ବାଚିତ ରଚନାବଳୀ, ୧ମ ଖଣ୍ଡ-ପୃ୩୧ଷା)

ବିଲାତ ଚୀନ ଦେଶରେ ପ୍ରବେଶ କରିଥିଲା ଅଫିମ ନିଶାର ପ୍ରଲୋଭନ ନେଇ। ଅଥଚ ଲର୍ଡ଼ ମେକ୍‌ଲେଙ୍କ ଭାଷାରେ, "ବିଲାତର ଭାରତୀୟ ପଲିସି ଥିଲା ପ୍ରାୟ ସେହିଭଳି ଏକ ବିଭୀଷିକାପୂର୍ଣ୍ଣ ହଳାହଳମୟ ନୀତି।" ସେମାନେ ଯେତେବେଳେ କୌଣସି ମାନ୍ୟଗଣ୍ୟ ପ୍ରଜାର ବିଚକ୍ଷଣତା ଓ ତେଜସ୍ୱିତାକୁ ଭୟ କରୁଥିଲେ; କିନ୍ତୁ ତାହାକୁ ହତ୍ୟା କରିବାକୁ ସାହସ କରୁ ନ ଥିଲେ। "ସେମାନେ ତା' ଉପରେ ପ୍ରତିଦିନ ଗୋଟିଏ ଆଛା ପାନପଉଷ୍ଟା (ଅଫିମରେ ତିଆରି ଏକପ୍ରକାର ମାଦକ) ଦେଉଥିଲେ। ଏହାର ପ୍ରତିକ୍ରିୟା ଏପରି ଥିଲା ଯେ, ଉକ୍ତ ହତଭାଗ୍ୟ ବ୍ୟକ୍ତିର ସମସ୍ତ ଶାରୀରିକ ଓ ମାନସିକ ତାକତ ନଷ୍ଟ ହୋଇ ଯାଉଥିଲା ଓ ତାହାକୁ ଏକ ଅସହାୟ ବୃଦ୍ଧରେ ପରିଣତ କରି ଦେଉଥିଲା। ଏଭଳି ଘୃଣିତ କ୍ରିୟା ଥିଲା ନରହତ୍ୟା ଅପେକ୍ଷା ଆହୁରି ଭୟାନକ, ଯେଉଁମାନେ ଏଭଳି କ୍ରିୟାକାଣ୍ଡ କରୁଥିଲେ, ଏହା କେବଳ ସେମାନଙ୍କ ପାଇଁ ହିଁ ସାଜେ।"

ରାଜା ମୁକୁନ୍ଦଦେବ, ବକ୍ସିଜଗବନ୍ଧୁ, ପରବର୍ତ୍ତୀ କାଳରେ ଚନ୍ଦନ ହଜୁରୀ ପ୍ରଭୃତିଙ୍କ ପ୍ରତି ବିଲାତ ଶାସକମାନଙ୍କର ବ୍ୟବହାର କେତେ ମର୍ମନ୍ତୁଦ, ଏହି ନୀତି ତାହାର ପ୍ରମାଣ କରିଛି।

(ଛଅ)

ଭାରତରେ ଓଡ଼ିଶାର ଅଧିକାର ପୂର୍ବରୁ ବିଲାତି କମ୍ପାନୀର କାର୍ଯ୍ୟ ମଧ ଏ ପ୍ରସଙ୍ଗରେ ଦେଖିବାର କଥା। ଓଡ଼ିଶାକୁ ଲୁଣ୍ଠନ କରିବା ଓ ଏହାକୁ ଅନ୍ତଃସାର-ଶୂନ୍ୟ କରିବା ପୂର୍ବରୁ ବିଲାତର ଶାସକ ଦସ୍ୟୁମାନେ ଭାରତରେ ଆପଣାର ଦସ୍ୟୁଲୀଳା ଜାହିର ରଖିଥିଲେ। ନିରୀହ ଫକୀରମୋହନ ସେନାପତି ତାଙ୍କର ଆତ୍ମଜୀବନୀ ଚରିତରେ ଠଗ ନାମକ ଯେଉଁ ଡକାୟତ ଦଳଙ୍କର ବର୍ଣ୍ଣନା ଦେଇଛନ୍ତି ଓ ସେମାନଙ୍କୁ ନିର୍ମୂଳ କରିବାରେ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ କୌଶଳ ଓ ଶାସନ ପ୍ରଣାଳୀକୁ ତାରିଫ

Digitized by srujanika@gmail.com

କରିଛନ୍ତି, ସେ ଯଦି ଭାରତରେ ବିଲାତି ଶାସକଙ୍କର ଠଗ ବୃତ୍ତି ବିଷୟରେ ଟିକିଏ ମାତ୍ର ସୁରାକ ପାଇ ଥାଆନ୍ତେ, ଓଡ଼ିଶାରେ ବିଲାତି ଲୁଣ୍ଠନ ବଙ୍ଗଳାର ଅନ୍ୟ ଅଞ୍ଚଳ ଭଳି ଯେ ଭୟଙ୍କର ହୋଇ ନ ଥିଲା, ଏହାର ମୁଖ୍ୟ କାରଣ ବୋଧହୁଏ ଓଡ଼ିଶାର ଲଗାତର ପ୍ରତିରୋଧ ଆନ୍ଦୋଳନ। ତେବେ ଫକୀରମୋହନ ବାଲେଶ୍ୱର ବନ୍ଦରର ତାଙ୍କର ପିଲାକାଳର ସମୃଦ୍ଧି ଓ ଲୋକାରଣ୍ୟତା ଓ ଯୌବନ କାଳର ଦାରିଦ୍ର୍ୟ ଓ ଶ୍ମଶାନ ଭଳି ଶୂନ୍ୟତା କଥା କହି କେବଳ ଭାଗ୍ୟକୁ ନିନ୍ଦା କରିଛନ୍ତି; କିନ୍ତୁ ତାହାର କାରଣ ଥିଲା ଅତି ସ୍ପଷ୍ଟ।

ଏ ବିଷୟରେ ବିଲାତ-ବିରୋଧୀ ମନୋଭାବ ତିଳେ ମାତ୍ର ନ ଥିବା ଶହ ଶହ ଲେଖକ, ଐତିହାସିକଙ୍କର ପ୍ରମାଣ ରହିଛି। ଏପରିକି ବିଲାତ ପାର୍ଲିଆମେଣ୍ଟରେ ଏଡ଼୍‌ମଣ୍ଡ ବର୍କଙ୍କର ବକ୍ତୃତାର ଲୋମହର୍ଷଣକାରୀ ନଜୀର ସବୁ ସାରା ସଂସାରର ବିବେକକୁ ଅଥୟ କରି ଦେଇଛି। ଜଣେ ବିଲାତର ଦରଦୀ ବନ୍ଧୁ ଭେରା ଆନଷ୍ଟେ ତାଙ୍କର 'ଭାରତର ଅର୍ଥନୈତିକ ବିକାଶର ଘଟଣାବଳୀ' ନାମକ ବହିର ୫ମ ପୃଷ୍ଠାରେ ଲେଖିଥିଲେ, "ଅଷ୍ଟାଦଶ ଶତାବ୍ଦୀ ଯାଏ ଭାରତର ଅର୍ଥନୈତିକ ଅବସ୍ଥା ଅପେକ୍ଷାକୃତ ଭାବରେ ଉନ୍ନତ ଥିଲା। ଭାରତୀୟ ଉତ୍ପାଦନ ପ୍ରଣାଳୀ ଓ ଭାରତୀୟ ବୈଷୟିକ ଓ ବ୍ୟବସାୟଗତ ସଂଗଠନ ପୃଥିବୀର ଅନ୍ୟ ଯେକୌଣସି ଦେଶର ପ୍ରଚଳିତ ପ୍ରଣାଳୀ ଓ ସଂଗଠନ ସହିତ ତୁଳନୀୟ ଥିଲା। .... ଯେଉଁ ଦେଶ ସୂକ୍ଷ୍ମତମ ଝିନ ବସ୍ତ୍ର ଓ ଅନ୍ୟାନ୍ୟ ବିଳାସ ଉପଯୋଗୀ ବସ୍ତ୍ର ଓ ଜିନିଷ ତିଆରି ଓ ରପ୍ତାନି କରି ଆସିଥିଲା, ଯେତେବେଳେ ବିଲାତର ଲୋକଙ୍କର ପୂର୍ବପୁରୁଷମାନେ ଅତିରେକ ଆଦିମ ଜୀବନ ଯାତ୍ରାରେ କାଳାତିପାତ କରୁଥିଲେ, ସେହି ଦେଶ ଯେ ସେହି ଆଦିମ ଜୀବନଯାତ୍ରୀଙ୍କର ବଂଶଧରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆର୍ଥିକ ବିପ୍ଳବରେ ଭାଗ ନେବାରେ ଅକୃତକାର୍ଯ୍ୟ ହେଲା ଏହା ଏକ ଘୋର ବିଡ଼ମ୍ବନା।" ଏଭଳି ପରିସ୍ଥିତି ଆକସ୍ମିକ ନ ଥିଲା। ଉଦାହରଣ ସ୍ୱରୂପ, ୧୮୭୫ରେ ସେବ କାଳର ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ଲର୍ଡ଼ ସାଲିସବରି ପାର୍ଲିଆମେଣ୍ଟରେ ଏହି ସାବଧାନ ବାଣୀ ଶୁଣାଇ ଥିଲେ। "ଯଦି ଭାରତରୁ ରକ୍ତ ନିଗାଡ଼ିବାକୁ ହେବ, ତେବେ ଏଭଳି ନିଗଡ଼ା ଯାଉ ଯେପରିକି ଭାରତର ମୃତ୍ୟୁ ନହେଉ।" ଉଇଲିଅମ୍ ଡ଼ିଗବି ନାମକ ଅର୍ଥନୀତିବିତ୍‌ଙ୍କର ହିସାବ ଅନୁସାରେ "ପଲାସି ଯୁଦ୍ଧଠାରୁ ଓ୍ୱାଟରଲ୍ୟୁ ଅର୍ଥାତ୍ ଫରାସୀ ଶକ୍ତିର ପରାଜୟ ପର୍ଯ୍ୟନ୍ତ ଅନ୍ତର୍ବର୍ତ୍ତୀ କାଳ ଭିତରେ – ଯେଉଁ କାଳ ହିଁ ଥିଲା ବିଲାତ ପୁଞ୍ଜିବାଦର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧିର କାଳ – ବିଲାତ ଭାରତରୁ ପଞ୍ଚାଶ କୋଟି ପାଉଣ୍ଡଠାରୁ ଏକଶତ କୋଟି ପାଉଣ୍ଡ ଯାଏ ବିଭବ ଲୁଟି ନେଇଯାଇଥିଲା।

Digitized by srujanika@gmail.com

ଏହି ଧନରାଶିର ବିଶାଳତାକୁ ବିଗ୍ଭର କରିବାକୁ ହେଲେ ମନେ ରଖିବାକୁ ହେବ ଯେ ୧୯ଶ ଶତାବ୍ଦୀର ମୋଡ଼ ବେଳକୁ ସାରା ଭାରତରେ ଯେତେ ଜଏଣ୍ଟ ଷ୍ଟକ୍ କମ୍ପାନୀ ଥିଲେ, ସେମାନଙ୍କର ସମୁଦାୟ ପୁଞ୍ଜିର ପରିମାଣ ମୋଟେ ଛତିଶ କୋଟି ପାଉଣ୍ଡ ଥିଲା। ଭାରତର ନିର୍ଭରଯୋଗ୍ୟ ସମୀକ୍ଷକ ପ୍ରଫେସର କେ.ଟି.ସାହା ଓ କେ.ଜେ.ଖାମ୍ବାଟାଙ୍କର ଗଣନା ଅନୁସାରେ ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିମାନଙ୍କରେ ବିଲାତ ବିଭିନ୍ନ ଆଳରେ ଭାରତରୁ ମୋଟ ଜାତୀୟ ଆୟର ଶତକଡ଼ା ଦଶ ପର୍ଯ୍ୟନ୍ତ ଆତ୍ମସାତ୍ କରୁଥିଲା।"

(ରଜନୀପାମି ଦତ୍ତଙ୍କର India Today, ପୃ୩୨୪।)

ନିର୍ବିବାଦରେ କୁହାଯାଇ ପାରେ ଯେ ବିଂଶ ଶତାବ୍ଦୀର ଲୁଣ୍ଠନ କ୍ରିୟା ବହୁ ପରିମାଣରେ ସଂଯତ ହୋଇ ଯାଇଥିଲା; କିନ୍ତୁ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଏହି ଆଖିବୁଜା ଲୁଣ୍ଠନର ଗତି ଅତ୍ୟନ୍ତ ହୃଦୟ ବିଦାରକ ଓ ପ୍ରଚଣ୍ଡ ଥିଲା। ଏହାଛଡ଼ା ଏହି ଲୁଣ୍ଠନ ଭିତରେ କେବଳ ସିଧାସଳଖ ଧନରାଶି ବିଲାତ ରପ୍ତାନି ହିସାବରେ ନିଆଯାଇଛି; କିନ୍ତୁ ଭାରତ ପ୍ରତି ଅତ୍ୟନ୍ତ ପକ୍ଷପାତୀ ବାଣିଜ୍ୟର ସର୍ତ୍ତ ଯୋଗୁଁ ଭାରତର ଯେଉଁ ପ୍ରଭୂତ ଲୋକସାନ ହୋଇଛି ତାହାକୁ ହିସାବକୁ ନିଆ ଯାଇନାହିଁ।

ବ୍ରୁକ୍ ଆଡ଼ାମସ୍ ନାମକ ଜଣେ ଇଂରେଜ ଏ ବିଷୟରେ ଯାହା ଲେଖିଛନ୍ତି ତାହା ଏଠାରେ ଉଦ୍ଧୃତ କଲେ ସେହି ଦୟନୀୟ ବିଦାରକ ପରିସ୍ଥିତି ବିଷୟରେ ଧାରଣା କରିବା ସମ୍ଭବ ହେବ। ସେ ଲେଖିଛନ୍ତି, "ଭାରତ ଲୁଣ୍ଠନ ବିଷୟରେ ମ୍ୟାକ୍ଲେଙ୍କଠାରୁ ବଳି ଆଉ ବେଶି ଜାଣିବାବାଲା କିଏ ଥିଲା? ସେ କଲିକତାରେ କମ୍ପାନୀର ଉଚ୍ଚତମ ପାହ୍ୟାର ଅଧିକାରୀ ଥିଲେ। ସେ ତାଙ୍କର ପରବର୍ତ୍ତୀ ସମସ୍ତ ଲେଖକଙ୍କ ଅପେକ୍ଷା କମ୍ପାନୀର ସରକାରୀ ସୌର୍ଯ୍ୟର ବର୍ଷାଧାରା କିପରି ବର୍ଷିବାରେ ଲାଗିଲା ବର୍ଣ୍ଣନା କରିଛନ୍ତି। ସେ ମଧ୍ୟ କ୍ଲାଇବଙ୍କର ଅର୍ଥୋପାର୍ଜନ ବିଷୟ ବର୍ଣ୍ଣନା କରିଛନ୍ତି। ତାଙ୍କର ଭାଷାରେ ଆମେ ନିରାପଦରେ ଏକଥା ଧରି ନେଇପାରୁ ଯେ ଜଣେ ଇଂରେଜ ଯିଏ ଶୂନ୍ୟରୁ ଜୀବନ ଆରମ୍ଭ କରିଥାଏ, ସେ ଯେ କୌଣସି ଧନ୍ଦାର ଲାଇନ ଧରିଲେ ମଧ୍ୟ ମାତ୍ର ଚଉତିରିଷ ବର୍ଷ ବୟସରେ ଏଭଳି ବିଭବ ଲାଭ କରିବା ଅସମ୍ଭବ; କିନ୍ତୁ କ୍ଲାଇବ୍ଙ୍କର ଆତ୍ମସାତ୍, ସରକାର ପାଇଁ ବା ଆପଣା ପାଇଁ–ଯାହା ପାଇଁ ବି ହେଉ– ହେଉଛି ତାଙ୍କର ବିଲାତ ପ୍ରତ୍ୟାବର୍ତ୍ତନ ପରେ ଯେଉଁ ପାଇକାରୀ ଡ଼କାଏତି ଓ ଲୁଣ୍ଠନ ଗ୍ଭଲିଲା, ତାହା ତୁଳନାରେ ନଗଣ୍ୟ। ଏତିକିବେଳେ ବଙ୍ଗଳା ଏକ ଅକଳନ୍ତି ସଂଖ୍ୟାର ଲୋଭାତୁର ଅଫିସରମାନଙ୍କର ଅସହାୟ ଶିକାର ଭାବରେ

Digitized by srujanika@gmail.com

ଆପଣାକୁ ସମର୍ପଣ କରିଦେଲା । ଏହି ଅଫିସରମାନେ ଥିଲେ ମେରିରାୟ, ବେପରବାୟ, ଆଉ ଅର୍ଥଲୋଲୁପ ଓ ସେମାନେ ବ୍ୟକ୍ତିଗତ ଗଚ୍ଛିତ ପାଣ୍ଠିସବୁ ଏକାବେଳେକେ ଶୂନ୍ୟ କରି ଦେଇଥିଲେ । ସେମାନଙ୍କର ଏକମାତ୍ର ଚିନ୍ତାଥିଲା କିପରି ସ୍ଥାନୀୟ ବାସିନ୍ଦାଙ୍କଠାରୁ ଯେତେ ଶୀଘ୍ର ପାରନ୍ତି, ସେତେ ଶୀଘ୍ର ଶତ ଶତ ହଜାର ପାଉଣ୍ଡ ଚିପୁଡ଼ି ନିଗାଡ଼ି ନେବେ ଓ ବିଲାତକୁ ଫେରି ଯାଇ ଆପଣାର ଐଶ୍ୱର୍ଯ୍ୟର ପ୍ରଦର୍ଶନୀ କରିବେ । ଏଣେ କଲିକତାରେ ଅକଳନ୍ତି ଧନରାଶି ଠୁଳ ହେବାକୁ ଲାଗିଲା । ତେଣେ ପ୍ରାୟ ତିନି କୋଟି ମନୁଷ୍ୟ ମହାପ୍ରାଣୀଙ୍କୁ ଦୁଃସ୍ଥ ଅବସ୍ଥାର ଶେଷ କିନ୍ନାରାରେ ପହଞ୍ଚାଇ ଦିଆଗଲା । ...... ଇଂରେଜମାନଙ୍କର ବଦ୍‌ଶାସନ ଏଭଳି ଅବସ୍ଥାରେ ଆସି ପହଞ୍ଚିଲା ଯେ ସମାଜର ସ୍ଥିତି ରକ୍ଷଣ ବି ଅସମ୍ଭବ ହୋଇ ଉଠିଲା ।"

"ରୋମାନ ପ୍ରୋ-କନ୍‌ସଲ ଯିଏ ବର୍ଷେ ଦୁଇ ବର୍ଷ ଭିତରେ ଗୋଟିଏ ପ୍ରଦେଶରୁ କାମ୍ପାନିଆର ତଟବର୍ତ୍ତୀ ବହୁ ମାର୍ବଲ ପ୍ରାସାଦ ଓ ସ୍ନାନାଗାର ତିଆରି କରିବାର ସମସ୍ତ ଅର୍ଥରାଶି ସଂଗ୍ରହ କରିଥିଲା, ଯିଏ ବୈଡୁର୍ଯ୍ୟ ପାତ୍ରରୁ ମଦ୍ୟପାନ କରିବା, ଗାନମୁଖର ପକ୍ଷୀକୁ ଭୋଜନ କରିବା, ଆଉ ଷଣ୍ଢ ସହିତ ଯୁଝିବା, ମଣିଷ ଓ ଉଷ୍ଟ୍ରାରୋହୀମାନଙ୍କ ବାହିନୀର ପ୍ରଦର୍ଶନୀ କରୁଥିଲା, ଅଥବା ସ୍ପେନୀୟ ଭାଇସରାୟ ଯିଏ ମେକ୍‌ସିକୋ କିମ୍ୱା ଲିମାର ହଜାର ହଜାର ନରନାରୀଙ୍କର ଅଭିସମ୍ପାତକୁ ଭ୍ରୂକ୍ଷେପ ନ କରି ମାଦ୍ରିଦ୍ ସହରରେ ସୁନାଛୁଆଣି ଗାଡ଼ିର ଧାଡ଼ି ଛୁଟେଇଥିଲା, ସେହି ଗାଡ଼ି ସବୁରେ ରୂପା ନାଲରେ ଖୁରାବନ୍ଧା ହୋଇଥିବା ସୁସଜ୍ଜିତ ପାଟଘୋଡ଼ାମାନେ ଯୋଖ୍ର ହୋଇଥିଲେ । ଏହି ପ୍ରକାର ଧନ ଗୌରବକୁ ଏହି ଭାରତ ଫେରନ୍ତା ଇଂରେଜମାନେ ବଳି ଯାଇଥିଲେ ।"

(ମ୍ୟାକ୍‌ଲେ – ଲର୍ଡ଼ କ୍ଲାଇବ)

"ପଲାସୀ ଯୁଦ୍ଧ ପରେ ଯେତେବେଳେ ବଙ୍ଗଳାର ଲୁଟି ମାଲ ଲଣ୍ଡନରେ ପହଞ୍ଚିଲା, ତା'ର ସଦ୍ୟଫଳ ହେଲା ଅତ୍ୟନ୍ତ ବିସ୍ମୟକର, କାରଣ ସବୁ ଜାଣିବାର ଲୋକେ ଏ ବିଷୟରେ ଏକମତ ଯେ ସେହି ମୁହୂର୍ତ୍ତରୁ ବିଲାତରେ ଉଦ୍ୟୋଗ ବିପ୍ଳବ ଆରମ୍ଭ ହେଲା । ୧୯ଶ ଶତାବ୍ଦୀକୁ ଯାହା ବିଲାତର ସମସ୍ତ ବିଗତ ଶତାବ୍ଦୀଠାରୁ ଏକ ନୂତନ ରୂପରେଖ ଦେଇଛି, ତାହା ହେଲା ଏହି ଉଦ୍ୟୋଗ ବିପ୍ଳବ । ବସ୍ତୁତଃ ଏହା ଆରମ୍ଭ ହୋଇଥିଲା ୧୭୭୬ ସାଲରେ । ୧୭୭୬ ସାଲ ପୂର୍ବରୁ ଲାଙ୍କାଶାୟାରରେ ତୁଳାରୁ ସୂତା କରିବାର ଯନ୍ତ୍ର ଥିଲା! ଭାରତୀୟ ଯନ୍ତ୍ର ଭଳି ଅତି ସରଳ । ଆଉ ୧୭୫୦ ବେଳକୁ ବିଲାତର ଲୌହ ଶିଳ୍ପ ପ୍ରାୟ ନିର୍ବାଣ ଅବସ୍ଥାରେ ପହଞ୍ଚି ଯାଇଥିଲା ।

Digitized by srujanika@gmail.com

ସେତେବେଳେ ସଭ୍ୟତା ଯେ ଦୈନିନ୍ଦିନ ବ୍ୟବହାର ପାଇଁ ବାଷ୍ପୀୟ ଇଂଜିନ ପାଇ ପାରିଲା, ଏହା ଉଦ୍‌ଭାବକର ଦୟାରୁ ଯେତେ ନୁହଁ, ତା'ଠାରୁ ବେଶି ପୁଞ୍ଜିପତିର ଦୟାରୁ। ଆଉ ଏହି ପୁଞ୍ଜି ଆସିଥିଲା ବଙ୍ଗ ପ୍ରଦେଶର ବହୁ ମଧ୍ୟବିତ୍ତଙ୍କର ଗଚ୍ଛିତ ସମ୍ପତ୍ତିରୁ।"

(ସଭ୍ୟତା ଓ ଅବକ୍ଷୟର ଆଇନ - ଇତିହାସର ପ୍ରବନ୍ଧ - ବ୍ରୁକ୍ ଆପମସ୍, ନିଉୟର୍କ ୧୯୪୩ ସଂସ୍କରଣ ପୃ୨୯୪ଷ୍ଠା)

ଭାରତରେ ବିଲାତ ପ୍ରଶାସନର ଜଣେ ବଡ଼ ଅଫିସର ରମେଶ ଚନ୍ଦ୍ର ଦତ୍ତ। ତାଙ୍କର 'ଭାରତର ଅର୍ଥନୀତିକ ଇତିହାସ'ରେ ଏହି ଶୋଚନୀୟ ପରିଣାମ କଥା ବର୍ଣ୍ଣନା କରି ଲେଖିଛନ୍ତି -

"ଦୁର୍ଭାଗ୍ୟର କଥା ଏହି ଯେ ବହୁ ଉପାୟରେ ବିଲାତର ଶାସନ କାଳରେ ଭାରତର ଜାତୀୟ ସମ୍ପତ୍ତି ସଙ୍କୁଚିତ ହୋଇଗଲା। ଅଷ୍ଟାଦଶ ଶତାବ୍ଦୀରେ ଭାରତ ଏକ ବିରାଟ ଶିଳ୍ପପ୍ରଧାନ ଦେଶ ଓ ଏକ କୃଷି ଉନ୍ନତ ଦେଶ ଥିଲା। ଭାରତୀୟ ତନ୍ତ ଶିଳ୍ପର ଚିଜ ଏସିଆ ଓ ଇଉରୋପର ବଜାରର ପଣ୍ୟ ଥିଲା। ଶତ ବର୍ଷ ତଳର ସ୍ୱାର୍ଥପର ବାଣିଜ୍ୟ ନୀତିରେ ପରିଚ୍ଚାଳିତ ହୋଇ ଭାରତୀୟ ଶିଳ୍ପକୁ ନିରୁତ୍ସାହିତ କରାଗଲା ଓ ବିଲାତର ବଢ଼ି ଉଠୁଥିବା ଶିଳ୍ପପତିମାନଙ୍କର ସ୍ୱାର୍ଥକୁ ରକ୍ଷା କରାଗଲା। × × × × × × ତେଣୁ ଭାରତରେ ଆଉ ନୂଆ କୌଣସି ଶିଳ୍ପ ପ୍ରତିଷ୍ଠା ହେଲା ନାହିଁ ବା ପୁରୁଣା କୌଣସି ଶିଳ୍ପର ପୁନରୁଦ୍ଧାର ହେଲା ନାହିଁ। ଭାରତରେ ଅତିରେକ ଟିକସ୍ ବଳରେ ଯାହା ଟଙ୍କା ପଇସା ବାହାର କରାଗଲା, ତାହା ଭାରତର ଭୋକିଲା ଶାସନକୁ କିଛି କିଛି ଢ଼ୋକ ଦେଇ ବାକୀ ସମସ୍ତ ଇଉରୋପକୁ ଚ୍ଚାଲାଣ କରାଗଲା। ପ୍ରକୃତ ପକ୍ଷରେ ଭାରତର ଜଳୀୟବାଷ୍ପ ଅନ୍ୟ ଦେଶର କଲ୍ୟାଣ ଓ ଉର୍ବରତା ପାଇଁ ବ୍ୟବହାର କରାଗଲା।"

ପରିଣାମରେ ବିଲାତ ଭାରତୀୟ ସମାଜର ସମସ୍ତ ଶିରାପ୍ରଶିରା ଓ ମୂଳଦୁଆକୁ ଧାରାବାହିକ ଭାବରେ ନଷ୍ଟ କରିଦେଲା। ଏହାର ଜମିଜମା ଓ ଟିକସ ନୀତି ଭାରତୀୟ ଗ୍ରାମ୍ୟ ଅର୍ଥନୀତିରେ ସର୍ବନାଶ ଆଣିଦେଲା ଓ ତାହାରି ଜାଗାରେ ଏକ ମଲାଙ୍ଗ ଜମି ମାଲିକ ଓ ସାହୁକାର ଦଳଙ୍କୁ ସୃଷ୍ଟି କଲା। ଏହାର ବାଣିଜ୍ୟ ନୀତି ଭାରତୀୟ ନଗରମାନଙ୍କର କୋଟି ସଂଖ୍ୟାର ଅନାହାରକ୍ଲିଷ୍ଟ, ବ୍ୟାଧିପୀଡ଼ିତ କାଙ୍ଗାଳମାନଙ୍କର ଚରାଭୂମି କରିଦେଲା। ଏହାର ଆର୍ଥିକ ନୀତି ଭାରତର ନିଜସ୍ୱ ସ୍ଥାନୀୟ ଶିଳ୍ପ ଉଦ୍ୟୋଗର ଆରମ୍ଭକୁ ଅଙ୍କୁରରୁ ବିନାଶ କରିଦେଲା ଓ ଚ୍ଚୋରା କାରବାରୀ, ଫଟକା

Digitized by srujanika@gmail.com

ବଜାରୀ, ଛୋଟକୁରିଆ ବ୍ୟବସାୟୀ, ଏଜେଣ୍ଟ ଓ ସବୁ ପ୍ରକାର ଶୋଷଣକାରୀ ସାଙ୍କୁଚମାନଙ୍କର ଲୀଳାଭୂମି କରିଦେଲା। ଏମାନେ ଏକ ପଚମାନ ସମାଜରେ କୃମି କୀଟ ପରି ଆପଣାର ବଂଶ ଜୀବନଯାତ୍ରାକୁ ଜାବୋଡ଼ି ରହିଲେ।

"ତେଣୁ ବ୍ରିଟିଶ ଶାସନ ନୂଆ ଶ୍ରେଣୀମାନଙ୍କର ଓ ନ୍ୟସ୍ତସ୍ୱାର୍ଥର ସୃଷ୍ଟି ଉପରେ ଆପଣାକୁ ମଜଭୁତ କଲା। ଏହିମାନେ ସେହି ଶାସନ ସହିତ ବନ୍ଧା ହୋଇ ରହିଲେ। ସେହି ଶାସନର ଅସ୍ତିତ୍ୱ ଉପରେ ଏମାନଙ୍କର ପ୍ରତିପତ୍ତି ନିର୍ଭର କଲା। ଏମାନେ ହେଲେ ନୂଆ ଭୂସ୍ୱାମୀ ଓ ନୂଆ ସାମନ୍ତ କୁଳ ଚନ୍ଦ୍ରମା । ସରକାରୀ ଚାକିରୀରେ ଥିବା ବହୁ ତଳିଆ କର୍ମଚାରୀ ସରକାରଙ୍କର ବିଭିନ୍ନ ଡ଼ିପାର୍ଟମେଣ୍ଟ ଆବୋରି ରହିଥିବା ଲୋକେ, ଗାଁର ଚୌକିଦାର, ପ୍ରେସିଡ଼େଣ୍ଟଙ୍କଠାରୁ ଉପରକୁ ଉପର ହାକିମ, ଅମଲା, ପୋଲିସ ଇତ୍ୟାଦି ଯାଏ।" ଏହିସବୁ ପ୍ରକ୍ରିୟା ସହିତ ରହିଲା ଖୋଲାଖୋଲି ଡାକପୂକାର ନୀତି। ଯାହା ହେଲା ଭାରତୀୟମାନଙ୍କ ଭିତରେ ବିଭେଦ ନୀତି ଯାହାର ଲକ୍ଷ୍ୟ ହେଲା ଗୋଟିଏ ଗୋଷ୍ଠୀକୁ ଅନ୍ୟ ଗୋଷ୍ଠୀ ବିରୁଦ୍ଧରେ ଉତ୍ସାହିତ କରିବା।"

(ଜବାହାରଲାଲ ନେହେରୁ – ଭାରତ ଆବିଷ୍କାର, ପୃ ୩୦୪ଷା ନିଉୟର୍କ ୧୯୪୬)

Digitized by srujanika@gmail.com

ପାଠ ପଢ଼ିବି

(ଏକ)

ବିଶ୍ୱନାଥଙ୍କର ଆଠ ବର୍ଷ ବୟସବେଳେ ସେ ପ୍ରଥମେ ଗାଁର ନାହାକ ଘ୍ୱହାଳିରେ ପାଠ ପଢ଼ା ଆରମ୍ଭ କଲେ। ତାଙ୍କ ପୂର୍ବରୁ ବ୍ରାହ୍ମଣ ପିଲା ସଂସ୍କୃତ ଟୋଲରେ ପାଠ ପଢୁଥିଲେ। ନାହାକ ଘ୍ୱହାଳି ଥିଲା ଅନ୍ୟ ଜାତିର ବିଦ୍ୟା ପିପାସିତ ପିଲାଙ୍କ ପାଇଁ। "ବାଉରୀ, କଣ୍ଡରା, ଅସ୍ପୃଶ୍ୟ ଜାତିର ପିଲାମାନେ ମଧ୍ୟ ଉଚ୍ଚ ଜାତୀୟ ପିଲାମାନଙ୍କଠାରୁ କିଛି ଦୂରରେ ବସି ଘ୍ୱହାଳିରେ ପାଠ ପଢୁଥିଲେ।" (ଫକୀର ମୋହନ) ନାହାକ ଘ୍ୱହାଳିରେ ବ୍ରାହ୍ମଣ ପିଲା ପାଠ ପଢ଼ିବା ଠିକ୍ ବ୍ରାହ୍ମଣ ଶାସନରେ ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ପୁରାଣ ପାରାୟଣ ପରି ଏକ ଅପୂର୍ବ ଆଚମ୍ବିତ କଥା। ଯେତେଦୂର ଜଣାଯାଏ ଗୋପବନ୍ଧୁ ଦାସ ତାଙ୍କର ଗାଁ ସୁଆଣ୍ଡୋଠାରେ ଭାଗବତ ସପ୍ତାହ ପାଳନ କରିବା ଓଡ଼ିଆ ଶାସନବାଡ଼ରେ ପ୍ରଥମ। ତେବେ ପଣ୍ଡିତ ନୀଳକଣ୍ଠଙ୍କର ବୟାନ ଅନୁସାରେ ସୁଆଣ୍ଡୋର ଗୋପବନ୍ଧୁ ଶାସନୀ ନ ଥିଲେ। ତେଣୁ ତାଙ୍କ ବ୍ୟାହତ ଏଭଳି ଭାଗବତ ଗାଦି ସପ୍ତାହ ବସିବା ଚଳି ଆସୁଥିଲା। କିନ୍ତୁ ଯେତେବେଳେ ଦସ୍ତୁରୀ ଖାଣ୍ଟି ବ୍ରାହ୍ମଣ ଶାସନରେ, ଏପରିକି ଏବେ ମଧ୍ୟ ଭାଗବତ ଗାଦିର ସପ୍ତାଙ୍ଗ ପାଳିବା ଏକ କଳ୍ପନାତୀତ ଭାବରେ ଗର୍ହିତ କଥା। ଏକଥା କେହି କରନ୍ତି ନାହିଁ। ସେ ଥିଲା ବିଶ୍ୱନାଥଙ୍କର ଘ୍ୱହାଳି ଧରିବାର ପ୍ରାୟ ୧୦।୧୨ବର୍ଷ ପରର କଥା। "ସେତେବେଳେକୁ ଗୋପବନ୍ଧୁ ବି.ଏ ପଢୁଥାନ୍ତି କି ବି.ଏ. ପାସ୍ କରି ଓକିଲାତି ପଢୁଥାନ୍ତି ଠିକ୍ ମନେ ପଡୁନାହିଁ।" (ନୀଳକଣ୍ଠ ଦାସ) ଠିକ୍ ସେପରି ବିଶ୍ୱନାଥ ମିଶ୍ରଙ୍କର ନାହାକ ଘ୍ୱହାଳିରେ ପାଠପଢ଼ା ସେକାଳରେ ବ୍ରାହ୍ମଣ ପିଲା ଜୀବନରେ ଗୋଟିଏ ଛୋଟକାଟର ବିପ୍ଳବ!

ଅବଧାନମାନଙ୍କୁ ସିନା ନାମକୁ ନାହାକ କୁହା ଯାଉଥିଲା; କିନ୍ତୁ ସେମାନେ ଅଧିକାଂଶ ଥିଲେ କରଣ। କଟକ ଜିଲ୍ଲାର ଝଙ୍କଡ଼ ପ୍ରଗନ୍ନାରୁ ଅବଧାନମାନେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଏପରିକି ଦକ୍ଷିଣ ମେଦିନୀପୁରକୁ ମଧ୍ୟ ଯାଉଥିଲେ । "ଚୈତ୍ର ମାସଟା ଅବଧାନ ଆମଦାନୀର ସମୟ । ବେଶଭୂଷାରୁ ଅବଧାନ କର୍ମପ୍ରାର୍ଥୀ ବୋଲି ଚିହ୍ନା ପଡ଼ନ୍ତି। ଆଣ୍ଠୁ ଲୁଗ୍ତ ଖଣ୍ଡିଏ ପଖାଳ କରିଆ, ମୁଣ୍ଡରେ ଖଣ୍ଡେ ମଳିଆ ଗାମୁଛା,

Digitized by srujanika@gmail.com

କାନ୍ଧରେ ଗୋଟିଏ ଯାଉଁଳି। ଯାଉଁଳିର ଏକ ପାଖରେ ଅଧ ସେର ଚାଉଳ ଫୁଟିବା ଭଳି ଖଣ୍ଡେ ପିତ୍ତଳ, ସାନ ଉଶ୍ୱାସ ଗୋଟିଏ ଲୋଟା, ଆର ପାଖରେ ଯୋଡ଼ିଏ ତିନୋଟି ପୋଥିର ଖେଦା ଏବଂ ଖଣ୍ଡିଏ ଆଠ କି ନ ହାତି ପିନ୍ଧା – ଏହା ହେଲା କର୍ମପ୍ରାର୍ଥୀ ଅବଧାନର ଚିହ୍ନ।" (ଫକୀର ମୋହନ)

ଅବଧାନଙ୍କର ନାଁ କେହି ପିଲା ଧରିବା ହେଉଛି ମହାପାତକ। କାରଣ ସଂସ୍କୃତରେ ଅଛି –

"ଆତ୍ମନାମ ଗୁରୋର୍ନାମ ନାମାତି କୃପଣସ୍ୟଚ
ଶ୍ରେୟସ୍କାମୋ ନ ଗୃହ୍ଣିୟାତ୍ ଜ୍ୟେଷ୍ଠାପଣେ କଳତ୍ରୟୋ।

"ଶ୍ରେୟ କାର୍ଯ୍ୟରେ ଆପଣା ନାମ, ଗୁରୁଙ୍କ ନାମ, କୃପଣର ନାମ, ବଡ଼ପୁଅ ଓ ଭାର୍ଯ୍ୟାର ନାମ ଧରିବା ଉଚିତ ନୁହେଁ। ତେବେ ତାଙ୍କର ନାମ ବୈଷ୍ଣବ ମହାନ୍ତି ହେଉ (ଫକୀରମୋହନଙ୍କ ଅବଧାନ) ଅଥବା ଗିରୀଧାରୀ ମହାନ୍ତି ହେଉ (ଗୋଦାବରୀଶ ମିଶ୍ରଙ୍କର ଅବଧାନ) ଅଥବା ଯେତେଦୂର ଜଣାଯାଏ ବିଶ୍ୱନାଥଙ୍କ ଚାହାଳିର ଲୋଚନ ମହାନ୍ତି ହେଉ ସମସ୍ତଙ୍କ ପାଇଁ ସବୁ ଚାହାଳିରେ ଏକ ଧରାବନ୍ଧା ନିୟମ ଥିଲା। ଦକ୍ଷିଣ ମେଦିନୀପୁରଠାରୁ ଗଞ୍ଜାମ ସୀମା ବାଣପୁରଯାଏ ନାହାକ ଚାହାଳିର ଏକ ଧରଣର ଚଳଣି ଚଳି ଆସିଥିଲା। ସେ ଚଳଣି ଏବେ ଲୁଚି ଗଲାଣି। ତାହା କେବଳ ଫକୀରମୋହନ, ନୀଳକଣ୍ଠ ଦାସ ପ୍ରଭୃତିଙ୍କର ଆତ୍ମଜୀବନୀରେ ମର୍ମସ୍ପର୍ଶୀ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି। ଚାହାଳିର ଉପସ୍ଥାନର ବିଧି-ଶୂନ୍ୟଚାଟି, ବିଭିନ୍ନ ପ୍ରକାର ଦଣ୍ଡବିଧି ଯଥା ବେତ୍ରାଘାତ, ଏକଗୋଡ଼ିଆ, ନାକ ବାଳ, ଆଣ୍ଠୁଗୋପାଳ, ମଡୁଆ ଶାଙ୍କୋଳି ଓ ବିଭିନ୍ନ ପ୍ରକାର ପାଠ ଯଥା : ଅକ୍ଷର ପରିଚୟଠାରୁ ପର୍ବତିଆ ହରିଗୁଣ ଓ ପର୍ବତିଆ ହରଣ, ଗୁଣାଣ ଓ ଶୋଧି ଓଡ଼ାଙ୍କ ଯାଏ ପାଠ ଓ ତାହାର ଆବୃତ୍ତି। ସଂଥ ବା ନୂଆ ପାଠ ଦିନର ସରସ୍ୱତୀ ପୂଜା ଓ ଚାଉଳ, ଦୁବ, ବରକୋଳି ପତ୍ର, ଗୁଆ, ଗୁଡ଼, ଉଖୁଡ଼ା, ଫୁଲ ଇତ୍ୟାଦିର ସିଧା ସଞ୍ଚା, ନାହାକଙ୍କର ପ୍ରତ୍ୟେକ ଚାଟ ପାଇଁ ମାସିକ ଚାରିଅଣା ବେତନ ସହ ପ୍ରତ୍ୟେକ ପିଲା ଘରେ ପାଳି ଅନୁସାରେ ସ୍ନାନ ଆହାର ଇତ୍ୟାଦିରେ ଚାଟର ବିନମ୍ର ସଯତ୍ନ ନିଯୁକ୍ତି, ଛୁଟିଦିନମାନଙ୍କରେ ଚାଟ ଭିକ୍ଷା ସର୍ବୋପରି ବଡ଼ ଚାଟ ଅଧିକାର ପାଇବାର ଗୌରବ ଏ ସମସ୍ତ ବିଶ୍ୱନାଥଙ୍କର କର୍ମକୁ ମଧ ଜୁଟିଥିଲା।"

ଏହି ଚାହାଳି ପାଠ ସମ୍ବନ୍ଧରେ ବର୍ଣ୍ଣନା କରି ନୀଳକଣ୍ଠ ଦାସ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, "ମୋର ମନେଅଛି, ମୁଁ ହାଇସ୍କୁଲର ତୃତୀୟ ଶ୍ରେଣୀ

Digitized by srujanika@gmail.com

(ଏବର ନବମ ଶ୍ରେଣୀ)ରେ ପଢୁଥିବାବେଳେ ମୋର ଜଣେ ଚାହାଳି ସହପାଠୀ ସେହି ଚାହାଳିରେ ପଢ଼ା ଶେଷକରି ନ ଥିଲେ। ସେ ସେତେବେଳକୁ ତାଳପତ୍ରରେ ଲେଖାଥିବା ଧରଣୀଧରଙ୍କର ଅଙ୍କ ପୁସ୍ତକ ଶେଷ କରି ଲୀଳାବତୀ ଧରିଥିଲେ। ଖୁବ୍ ଚଂଚଳ ସୁନ୍ଦର ତାଳପତ୍ର ଅକ୍ଷର ଲେଖି ପାରୁଥିଲେ। ମୁଁ ଚାହାଳିରେ ପଢ଼ିଲାବେଳେ ତାଳପତ୍ର ଲେଖା ଆରମ୍ଭ କରିଥିଲି; ମାତ୍ର ସେହି ବନ୍ଧୁଟି ବାହାଦୁରୀ କରି ମୋତେ ଆସି କେତୋଟି ଅଙ୍କ ପଚାରିଥିଲେ ଓ ତାଳପତ୍ରର ମାହାତ୍ମ୍ୟ ବହୁତ ମୋ ଆଗରେ ଗାନ କରିଥିଲେ। କହୁଥିଲେ କାଗଜ ପାଣି ଲାଗିଲେ ଗଲା। ତାଳପତ୍ର ଚିରସ୍ଥାୟୀ। ତାଳପତ୍ରରେ ସରସ୍ୱତୀ ରହନ୍ତି। ଖଣ୍ଡେ ଖାଲି ତାଳପତ୍ର ଓଜନ କର, ସେଥିରେ ଲେଖନରେ ଅକ୍ଷର ଲେଖିସାରି ଓଜନ କର, ଦେଖିବ ଓଜନ ବଢ଼ିଯାଇଛି। ଲେଖାରେ ତ ପତ୍ର ଖୋଳା ହେଲା, ଓଜନ ବଢ଼ିଲା କିପରି? ଓଜନ ବଢ଼ିବାର କାରଣ ହେଉଛି ସେଥିରେ ସରସ୍ୱତୀ ବସିଗଲେ।"

(ଦୁଇ)

ନୀଳକଣ୍ଠ ଦାସଙ୍କର ଜନ୍ମ ସାଲ ୧୮୮୪, ବିଶ୍ୱନାଥଙ୍କର ଜନ୍ମର ଛଅ ବର୍ଷ ପରେ। ଏଥିରୁ ଜଣା ପଡ଼ିବ ବିଶ୍ୱନାଥ ଚାହାଳିରେ ପଢ଼ିବାର ପ୍ରାୟ ଛଅ ବର୍ଷ ପରେ ମଧ୍ୟ ତାଙ୍କରି ଗାଁଠାରୁ ଆହୁରି ଆଲୋକିତ ବୋଲି ପ୍ରସିଦ୍ଧି ଲାଭ କରିଥିବା ଶ୍ରୀରାମଚନ୍ଦ୍ରପୁର ଶାସନରେ ମଧ୍ୟ ଏଭଳି ଅନ୍ଧବିଶ୍ୱାସ ରାଜତ୍ୱ କରୁଥିଲା। କଥିତ ଅଛି, ସେ କାଳର ନୈଷ୍ଠିକ ବ୍ରାହ୍ମଣମାନେ କାଗଜ ଛୁଇଁଲେ ପଇତା ମାରା ହୋଇଯିବାର ଭୟରେ କାଗଜ ଛୁଉଁ ନ ଥିଲେ। ସେହି ବୀର ରାମଚନ୍ଦ୍ରପୁରର ଯୋଗ୍ୟ ସନ୍ତାନ ପ୍ରସିଦ୍ଧ ପଣ୍ଡିତ ହରିହର ଦାସ ଯିଏ ଗୋପବନ୍ଧୁଙ୍କର ଜଣେ ଆଦର୍ଶ ପୂର୍ବଜ ଥିଲେ, ସେହି ପ୍ରଥମେ ପୁରୀରେ ସଂସ୍କୃତ ବିଦ୍ୟାଳୟ ଓ ସତ୍ୟବାଦୀ ଅଞ୍ଚଳର ବିଭିନ୍ନ ଗ୍ରାମରେ ଠା'କୁ ଠା ମଧ୍ୟ ଭର୍ଣ୍ଣାକୁଲାର ସ୍କୁଲ ସରକାରଙ୍କଠାରୁ ସାହାଯ୍ୟ ନେଇ ବସାଇଥିଲେ। ପଣ୍ଡିତ ନୀଳକଣ୍ଠ ଦାସଙ୍କର ଲେଖା ଅନୁସାରେ "ପୁରୀର ନବ୍ୟ ନ୍ୟାୟ ଓ ଦର୍ଶନାଦିରେ ବିଚକ୍ଷଣ ପଣ୍ଡିତ ହରିହର ଦାସ ମାତୃଭାଷା ପରି ହିନ୍ଦୀ ଓ ସଂସ୍କୃତ କହି ପାରୁଥିଲେ। ସେହି ହରିହର ଦାସ ପୁରୀର କଲେକ୍ଟର ବିମସ୍ ସାହେବ ଓ ବଙ୍ଗଦେଶ ଶିକ୍ଷା ବିଭାଗ ଇନ୍‌ସପେକ୍ଟର ବିମଲି ସାହେବଙ୍କୁ ଧରି ଠା'କୁ ଠା ଗ୍ରାମଗୁଡ଼ିକରେ ମଧ୍ୟ ଓଡ଼ିଆ ସ୍କୁଲମାନ ବସାଇଥିଲେ।" ପଣ୍ଡିତ ନୀଳକଣ୍ଠଙ୍କ ଲେଖିବା ମତେ ସେଗୁଡ଼ିକ ମଧ୍ୟରେ ଶ୍ରୀରାମଚନ୍ଦ୍ରପୁରର ମଧ-ଭର୍ଣ୍ଣାକୁଲାର ସ୍କୁଲ ହେଉଛି ପ୍ରଥମ। ତେବେ ସେହି

Digitized by srujanika@gmail.com

ସ୍କୁଲ ବିଶ୍ୱନାଥଙ୍କର ଚାହାଳି ପାଠ ଶେଷବେଳକୁ ବସିଥିଲା କି ନାହିଁ ଓ ବସି ନ ଥିଲେ ତାହା ପ୍ରଥମ ହୋଇଥିଲେ ତାହା ପୂର୍ବରୁ ବିଶ୍ୱନାଥ ମଧ-ଭର୍ଣ୍ଣାକୁଲାର ପଢ଼ିବା ପାଇଁ ଯେଉଁ ବେରବୋଇ ସ୍କୁଲକୁ ଯାଇଥିଲେ ତାହା କିପରି ସମ୍ଭବି ଥିଲା, ସେକଥା ବର୍ତ୍ତମାନ ସ୍ଥିର କରାଯାଇ ପାରୁନାହିଁ। କାରଣ ନୂଆ ସମସରପୁର ଠାରୁ ଶ୍ରୀରାମଚନ୍ଦ୍ରପୁର ମାତ୍ର ଦେଢ଼ ମାଇଲରୁ ବେଶି ଦୂର ନୁହେଁ। ଗାଁ ପାଖରେ ସ୍କୁଲ ଛାଡ଼ି ବିଶ୍ୱନାଥ ଚାହାଳି ପାଠ ଶେଷ ପରେ ଯେ ଆଠ ମାଇଲ ବାଟ ବେରବୋଇକୁ ପ୍ରତିଦିନ ଯିବା ଆସିବା କରି ପାଠ ପଢୁଥିଲେ ଏଥିର କାରଣ କ'ଣ ତାହା ଏବେ ବୁଝା ପଡୁନାହିଁ। ନୀଳକଣ୍ଠ ଦାସଙ୍କ ଲେଖାରୁ ଜଣାଯାଏ ପଣ୍ଡିତ ହରିହର ଦାସ ୧୮୭୨ରେ ମାତ୍ର ଏକତ୍ରିଶ ବର୍ଷ ବୟସରେ ମୃତ୍ୟୁ ମୁଖରେ ପଡ଼ିଥିଲେ।

ଏଥି ମଧ୍ୟରୁ ତାଙ୍କର ପ୍ରତିଷ୍ଠିତ ସ୍କୁଲମାନଙ୍କରେ ସେ ବହୁ ପରିମାଣରେ ଶିଖେଇ ମଣେଇ ବହୁ ପଣ୍ଡିତଙ୍କୁ ଓଡ଼ିଆ ସ୍କୁଲମାନଙ୍କର ଶିକ୍ଷକ ଭାବରେ ରଖାଇଥିଲେ। କାରଣ ଏଭଳି ସ୍କୁଲରେ କାଗଜରେ ଛାପା ଅକ୍ଷରର ବହି ପଢ଼ାଇବାକୁ ହେବ, କାଗଜ ଛୁଇଁବାକୁ ହେବ ଇତ୍ୟାଦି ନାନା ଗ୍ରହାଗ୍ରର ଯୋଗୁଁ ବ୍ରାହ୍ମଣ ପଣ୍ଡିତମାନେ ଏହିଭଳି ସ୍କୁଲରେ ଶିକ୍ଷକ ହେବାକୁ କୁଣ୍ଠାବୋଧ କରୁଥିଲେ। ବିଶ୍ୱନାଥଙ୍କର ବାଲ୍ୟ କାଳର ଏହି ପ୍ରତିଷ୍ଠିତ ମଧ୍ୟଓଡ଼ିଆ ସ୍କୁଲର ବୃଦ୍ଧ ଲୋକନାଥ ଦାସଙ୍କ ତଳେ ପଢ଼ିବା ଛାଡ଼ି ସେ କାହିଁକି ଯେ ବେରବୋଇ ଯାଏ ପଥଶ୍ରମ କରି ପାଠ ପଢ଼ିବା ପାଇଁ ଧାଉଁଥିଲେ ତାହାର ପ୍ରକୃତ କାରଣ ଏବେ ବି ଅଜ୍ଞାତ।

ଗୋଦାବରୀଶ ମିଶ୍ରଙ୍କର ଆତ୍ମଜୀବନୀରେ ଲେଖା ଅଛି, ସେତେବେଳେ... ପ୍ରତ୍ୟେକ ରେଭିନିଉ ଥାନାରେ ଥାଏ ଗୋଟିଏ ମଧ-ଓଡ଼ିଆ ବିଦ୍ୟାଳୟ। ସେଥିରୁ ଉତ୍ତୀର୍ଣ୍ଣ ହୋଇଗଲେ, ଉଚ୍ଚ ବିଦ୍ୟାଳୟରେ ପଢ଼ି ପ୍ରବେଶିକା ପରୀକ୍ଷା ଦେବାର ବ୍ୟବସ୍ଥା ଥାଏ। ତେଣୁ ଜଣା ପଡୁଛି, ସତ୍ୟବାଦୀ ଥାନାର ମଧ-ଓଡ଼ିଆ ବିଦ୍ୟାଳୟ ଶ୍ରୀରାମଚନ୍ଦ୍ରପୁରରେ ଓ ଡ଼େଲାଙ୍ଗ ଥାନାର ଉକ୍ତ ପ୍ରକାର ବିଦ୍ୟାଳୟ ବେରବୋଇରେ ଥିଲା। ନୂଆ ସୋମେଶ୍ୱରପୁର ସତ୍ୟବାଦୀ ଥାନାରେ ସାମିଲ୍; ତେବେ ବିଶ୍ୱନାଥ ସେହି ଥାନାର ବିଦ୍ୟାଳୟ ଛାଡ଼ି ବେରବୋଇକୁ ପଥଶ୍ରମ କରି ଧାଉଁଥିଲେ କାହିଁକି ?

ତେବେ ଏହି ଅଜ୍ଞାତ କାରଣର ରହସ୍ୟ ଭେଦ କରିବା ପାଇଁ ଗୋଟିଏ ମାତ୍ର ଚାବିକାଠି ରହିଛି। ତାହା ହେଉଛି – ବିଶ୍ୱନାଥ ମିଶ୍ରଙ୍କର ପାଠପଢ଼ାକୁ ତାଙ୍କର ନୈଷ୍ଠିକ ଗ୍ରାମବାସୀ ମରହଟିଆ ଲୋକଙ୍କଠାରୁ ଗୋପନରେ ରଖିବାହିଁ ଦୂର ଗ୍ରାମରେ ପଢ଼ାଇବାର ଉଦ୍ଦେଶ୍ୟ ଥିଲା। ପଣ୍ଡିତ ନୀଳକଣ୍ଠଙ୍କର ମଧ-ଭର୍ଣ୍ଣାକୁଲାର ସ୍କୁଲରେ

Digitized by srujanika@gmail.com

ଭର୍ତ୍ତି ହେବାର କାଳ ଥିଲା ୧୮୯୧ କିମ୍ବା ୯୨। ବିଶ୍ୱନାଥଙ୍କର ମଧ୍ୟଭର୍ଣ୍ଣାକୁଲାରରେ ଭର୍ତ୍ତି ହେବାର କାଳ ସମ୍ଭବତଃ ୧୮୮୬-୮୭। ଏହି ପାଞ୍ଚ ବର୍ଷ ବ୍ୟବଧାନ ପୂର୍ବରୁ ଶ୍ରୀରାମଚନ୍ଦ୍ରପୁରର ବହୁ ଛାତ୍ର ସେହି ଗ୍ରାମର ମଧ୍ୟଭର୍ଣ୍ଣାକୁଲାର ଅର୍ଥାତ୍ ମଧ୍ୟ-ଓଡ଼ିଆ ସ୍କୁଲରେ ତାଲିମ ହୋଇ ସାରିଥିବେ। ତେଣୁ ବାଳକ ନୀଳକଣ୍ଠଙ୍କର ପାଠପଢ଼ା ବେଳେ ତାଙ୍କର ପିତାଙ୍କୁ ସେତେ ବେଶି କୁଳପାଟକ ପକ୍ଷରୁ କଟକଣାର ବେଗ ସହିବାକୁ ପଡ଼ି ନଥିବ। କିନ୍ତୁ ବିଶ୍ୱନାଥଙ୍କ ବେଳେ ଏହି କଟକଣାର ମାତ୍ରା ଅତ୍ୟନ୍ତ ଅଧିକ ଥିଲା। ତା' ଛଡ଼ା ନୂଆ ସୋମେଶ୍ୱରପୁରର ରକ୍ଷଣଶୀଳ ପ୍ରତିଷ୍ଠା ହେଉଛି ଶ୍ରୀରାମଚନ୍ଦ୍ରପୁର ଅପେକ୍ଷା ଆହୁରି କଠୋର। ତେଣୁ ବୋଧହୁଏ ଗ୍ରାମର ବ୍ରାହ୍ମଣ କୁଳର କଟକଣା ଏଡ଼ିବା ପାଇଁ ଓ ସେମାନଙ୍କ ସହିତ ଟିକିଏ ଆଡୁଆଳରେ ରହିବା ପାଇଁ ଶ୍ରୀରାମଚନ୍ଦ୍ରପୁର ମଧ୍ୟ-ଓଡ଼ିଆ ସ୍କୁଲ ଛାଡ଼ି ବିଶ୍ୱନାଥଙ୍କ ପିତା ତାଙ୍କୁ ବେରବୋଇରେ ଭର୍ତ୍ତି କରାଇଥିଲେ। ଶ୍ରୀରାମଚନ୍ଦ୍ରପୁରର ମଧ୍ୟ-ଓଡ଼ିଆ ସ୍କୁଲ ନୂଆ ସୋମେଶ୍ୱରପୁରଠାରୁ ଅତ୍ୟନ୍ତ ନିକଟବର୍ତ୍ତୀ। ତେଣୁ ସେଠାରେ କିରସ୍ତାନ ମିସନାରୀମାନଙ୍କର ଛାପା କଳରେ ମୁଦ୍ରିତ ବହି ଓ ମ୍ଳେଚ୍ଛମାନଙ୍କର ଲେଖନ ଉପକରଣ କାଗଜ ଯେ ବ୍ୟବହାର ହେଉଥିଲା ତାହା ସୋମେଶ୍ୱରପୁରରେ ବେଶ ପ୍ରଘଟ ହୋଇଥିବ ଓ ଚହଳ ପକାଇ ସାରିଥିବ। କିନ୍ତୁ ୮ ମାଇଲ ଦୂରରେ ଠିକ୍ ଅନୁରୂପ ବେରବୋଇରେ ଏକଥା ହେଉଥିବ କି ନାହିଁ ତାହାର ପ୍ରମାଣ ମିଳିବା ଏତେ ସହଜ ନୁହେଁ। ସେ ବିଷୟରେ ଗ୍ରାମବାସୀଙ୍କ ଆଖିରେ ଧୂଳି ପକାଇ ଦେଇ ହେବ। ବରଂ କେହି ଜାଣିଥିଲେ ମଧ୍ୟ ସେ ବିଷୟରେ ବିଶେଷ ଉଚ୍ଚବାଚ କରିବେ ନାହିଁ; ଏହାହିଁ ଥିଲା କାରଣ।

ସେତେବେଳେ ଚାଟଶାଳୀରେ (କ) ପରୀକ୍ଷା (ଖ) ପରୀକ୍ଷା ଓ ଦ୍ୱିତୀୟ ପରୀକ୍ଷା ଯାଏ ପଢ଼ା ହେଉଥିଲା। ତେଣୁ ବେରବୋଇ ମଧ୍ୟ-ଓଡ଼ିଆରେ ବିଶ୍ୱନାଥ ତୃତୀୟ ଓ ଚତୁର୍ଥ ପରୀକ୍ଷା ପର୍ଯ୍ୟନ୍ତ ଦୁଇ ବର୍ଷ ପାଠ ପଢ଼ିଥିଲେ। ଏହି ସ୍କୁଲରେ ପଢ଼ିଲାବେଳେ ତାଙ୍କର ପାଠ ପଢ଼ିବାର ଦୃଢ଼ ପ୍ରତିଜ୍ଞା ଓ ସମସ୍ତ ବାଧାବନ୍ଧନକୁ ଅତିକ୍ରମ କରି ସେହି ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଯିବାର ଅଦମ୍ୟ ଉଦ୍ୟମ ଛଡ଼ା ଅନ୍ୟ କୌଣସି ବିଷୟରେ ପ୍ରମାଣ ବା ଉଲ୍ଲେଖ ଏ ପର୍ଯ୍ୟନ୍ତ ମିଳିନାହିଁ। ଚାହାଳିରୁ ପାଶ୍ କଲେ ଦ୍ୱିତୀୟ ପରୀକ୍ଷାରେ ଯେଉଁ ଦୁଇ ଟଙ୍କା କରି ବୃତ୍ତି ମିଳେ ତାହା ବି ତାଙ୍କୁ ମିଳି ନ ଥିଲା। ନିମ୍ନ ଜାତି ଯଥା ହରିଜନ ପ୍ରଭୃତିଙ୍କୁ ଯେଉଁ ଅନୁଗ୍ରହୀ ବୃତ୍ତି ମିଳେ ତାହା ତ ମିଳିବାର କଥା ନୁହେଁ। ତେଣୁ ସେହି କଥାର ପ୍ରଶ୍ନ ବି ଉଠୁ ନ ଥିଲା।

Digitized by srujanika@gmail.com

ଇଂରାଜୀ ବିହୀନ ଚତୁର୍ଥ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲା ପରେ ନିର୍ଝରର ନିଦ୍ରାଭଙ୍ଗ ପରି ବିଶ୍ୱନାଥଙ୍କ ଜୀବନରେ ଏକ ନୂଆ ଉଦ୍ଦୀପନା ଆରମ୍ଭ ହେଲା। ଆଉ ପାଠ ପଢ଼ିବାକୁ ଆଗକୁ ଯିବେ ନା ନାହିଁ? ଆଗରେ ଦୁର୍ଗମ ପଥ। ତାଙ୍କର ପିତାଙ୍କର ସମ୍ବଳ ସେପରି କିଛି ନ ଥିଲା। ପୂର୍ବର ଦୁଇ ଜଣ ଭାଇ ଦୀନବନ୍ଧୁ ଓ କୃପାସିନ୍ଧୁ ହଇଜାରେ ମରି ଯାଇଥିଲେ। କେବଳ ତାଙ୍କ ଉପରେ ଥିଲେ ଗୋଟାଏ ମାତ୍ର ଜ୍ୟେଷ୍ଠ ଭାଇ ଦୟାନିଧି। ତାଙ୍କର ଶିକ୍ଷା ଖୁହାଳିର ପାହାଚଠାରୁ ହିଁ ସରି ଯାଇଥିଲା। ନୂଆ ସୋମେଶ୍ୱରପୁରର କୌଣସି କିଶୋର ସେତେବେଳେ ପାଠପଢ଼ା ବିଶେଷତଃ ଇଂରାଜୀ ପାଠପଢ଼ାର ଦୁସ୍ତର ସମୁଦ୍ର ଭିତରେ ପ୍ରବେଶ କରିବା ଶୁଣା ଯାଇ ନଥିଲା। ସେତେବେଳକୁ ବିଶ୍ୱନାଥଙ୍କର ଜନନୀ ତାଙ୍କର ଶେଷ ସନ୍ତାନ ଦାମୋଦରଙ୍କୁ ଛାଡ଼ିଦେଇ ଚିରକାଳ ପାଇଁ ଆଖି ବୁଜି ଦେଇଛନ୍ତି। ତେଣୁ ନନା (ପିତା) ହେଉଛନ୍ତି ଉଭୟ ମାତା ଓ ପିତା। ଏଭଳି ଅବସ୍ଥାରେ ଆଉ ଆଗେଇବା କ'ଣ ଉଚିତ ହେବ?

ଖୁହାଳି ଆଉ ମଧ-ଭର୍ଣ୍ଣାକୁଲାର ପାଠ ବେଳେ ଲକ୍ଷ୍ୟ ଥିଲା ପାଠ ପଢ଼ିବା; କିନ୍ତୁ ବର୍ତ୍ତମାନ ଲକ୍ଷ୍ୟ ହେଲା ଭବିଷ୍ୟତ। ସେ ଭବିଷ୍ୟତ ଥିଲା ଅତ୍ୟନ୍ତ ଝାପ୍‌ସା। ଏଥିପାଇଁ ବିଶେଷ କୌଣସି ଦିଗବାରେଣୀ ନ ଥିଲା। ସେତେବେଳେ ଓଡ଼ିଶାର କେତେଜଣ ବା ଇଂରାଜୀ ପାଠ ପଢ଼ିଥିଲେ? ପଣ୍ଡିତ ନୀଳକଣ୍ଠଙ୍କ ଆତ୍ମଜୀବନରୁ ପ୍ରକାଶ ଯେ ୧୯୦୪ରେ ପୁରୀର ମୁକ୍ତାର ଦେଶପ୍ରାଣ ସ୍ୱର୍ଗତଃ ରାମଚନ୍ଦ୍ର ଦାସ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳରୁ ଗଣି ଗଣି ଓଡ଼ିଆ ବି.ଏ. ମାନଙ୍କର ନାମ ସେ କାଳର ଉତ୍କଳ ଦୀପିକାରେ ଛପାଇଥିଲେ। ସଂଖ୍ୟା ଶହ ପୂରି ନ ଥିଲା। ମଧୁବାବୁ ଓ ସ୍ୱର୍ଗତଃ ଅଭିରାମ ଭଞ୍ଜଙ୍କୁ ମିଶାଇ ସେତେବେଳେ ଏମ୍.ଏ.ପାଶ୍ ବାଲା ଓଡ଼ିଆ ଥିଲେ ବୋଧହୁଏ ପାଞ୍ଚ ଜଣ। ଅନ୍ୟ ତିନି ଜଣ ସମ୍ବଲପୁରର ରାମନାରାୟଣ ମିଶ୍ର, ଖରସୁଆଁର ଯୁଗଳ କିଶୋର ତ୍ରିପାଠୀ ଓ ବୋଧହୁଏ ମଧୁବାବୁଙ୍କ ଭାଇ ଗୋପାଳ ବଲ୍ଲଭ ଦାସ। ତେଣୁ ବିଶ୍ୱନାଥଙ୍କ ଆଗରେ ଏକ ଦୁର୍ଲଙ୍ଘ୍ୟ ପାଚେରୀ ଛିଡ଼ା ହେଲା। ପନ୍ଥା କ'ଣ?

(ତିନି)

ବିଶ୍ୱନାଥଙ୍କର ପିଢ଼ୀର ଲୋକମାନଙ୍କର ବାଲ୍ୟବୟସରେ ଓ ତାହାଙ୍କର ପରବର୍ତ୍ତୀ ଅନେକ ପିଢ଼ୀଯାଏ ଗୋଟିଏ ବିଚିତ୍ର ଗୀତ ସାନ ସାନ ପିଲାଙ୍କ ଭିତରେ ବେଶ୍ ଜମିଥିଲା। ସେ ଗୀତ ହେଲା :

Digitized by srujanika@gmail.com

"ପାଠ ପଢ଼ିବି
ମଧୁବାବୁ ସଙ୍ଗେ ଲଢ଼ିବି
ଓକିଲମାନଙ୍କୁ ତଡ଼ିବି
ବାପାଟାକୁ କହି ହଡ଼ାଟାକୁ ବିକି
କାଳିଆ ଘୋଡ଼ାରେ ଚଢ଼ିବି ।"

ଏଭଳି ସୁଆଙ୍ଗ ଗୀତର ହତଭାଗ୍ୟ କବି ଲଫଙ୍ଗା କିଏ ତାହା ଜଣାନାହିଁ। ବୋଧହୁଏ ଏହାର କେହି ଜଣେ ନିର୍ଦ୍ଦିଷ୍ଟ କବି ନ ଥିଲେ। ଏହା ଲୋକ ମୁଖରେ ପ୍ରଚଳିତ ପହଳି ଥିଲା। ଏଥିରେ ଶେଷ ଚରଣଟି "ବାପାଟାକୁ କହି ଇତ୍ୟାଦି" ହେଉଛି ଓଡ଼ିଆ ମଧବିତ୍ତର ଦୈନ୍ୟର ତାଚ୍ଛଲ୍ୟ ଓ କରୁଣ ବିଳାପ। ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ, କିନ୍ତୁ ସେ ସମ୍ପତ୍ତି ଲାଭ ସୁଖ କେବଳ କଳ୍ପନାରେ। ଏଭଳି ହଡ଼ା ବିକା ପଇସା ଦ୍ୱାରା କିଣା ଘୋଡ଼ାଚଢ଼ା ଖାଲି ସ୍ୱପ୍ନ ସୁଖ। କିନ୍ତୁ ଏହି ପାଗଳ ପ୍ରଗଲ୍‌ଭ କବିତାର ଅନ୍ୟ ଚରଣ ଗୁଡ଼ିକ ନିର୍ବୋଧଭଳି ମନେହେଲେ ମଧ୍ୟ ସେଗୁଡ଼ିକର ଏକ ଗଭୀର ଅର୍ଥ ଥିଲା। ଏହାହିଁ ଥିଲା ନବ ଜାଗ୍ରତ ଓଡ଼ିଶାର ନିଷ୍ଫଳତା ମିଶ୍ରିତ ଆକାଙ୍‌କ୍ଷା।

ପାଠ ପଢ଼ିବି ! ଏ ପାଠ କି ପାଠ ? ଫକୀରମୋହନଙ୍କ ପିଢ଼ୀର ଫାର୍ସୀ ପାଠ ଇଯେ ନୁହେଁ ବା ଇଯେ ନୁହେଁ ସଂସ୍କୃତ ଟୋଲରେ ଓ ବିଦ୍ୟାଳୟରେ ପଢ଼ା ବେଦ, ବେଦାନ୍ତ, ଆୟୁର୍ବେଦ, ଉପନିଷଦ ଇତ୍ୟାଦିର ପାଠ। ଏ ପାଠ ବି ବ୍ରାହ୍ମଣଙ୍କର ସଂଧ୍ୟା ଗାୟତ୍ରୀ, ଆହ୍ନିକର ପ୍ରକରଣ ନୁହେଁ। ଏ ପାଠ ଥିଲା କେବଳ ସେଇ ପାଠ ଯାହା ଥିବାରୁ ଓଡ଼ିଶାରେ କୋର୍ଟ କଚେରୀ, ସରକାରୀ ଦପ୍ତର, ସ୍କୁଲ କଲେଜରେ ଅଣଓଡ଼ିଆ ଲୋକେ ବିଶେଷତଃ ବଙ୍ଗଳାର ହଜାର ହଜାର ହାକିମ, କର୍ମଚାରୀ, କିରାଣୀ , ଶିକ୍ଷକ, ଅମଲା, ପ୍ରଫେସର, ଇନ୍‌ସପେକ୍‌ଟର ଇତ୍ୟାଦି ଇତ୍ୟାଦି ଓଡ଼ିଶାର ଘାଟି ଜାଗାମାନଙ୍କରେ ପଶି ହୋଇ ଯାଇଥିଲେ। ଯେଉଁଆଡ଼େ ଚାହଁ ସେ ଆଡ଼େ ବଙ୍ଗଦେଶୀ; ଏପରିକି ବିଭିନ୍ନ ଜିଲ୍ଲା ସ୍କୁଲରେ ଏନ୍‌ଟ୍ରାନ୍‌ସ କ୍ଲାସମାନଙ୍କରେ ସେହି ଅଫିସର, ଅମଲା, ଶିକ୍ଷକ, ଅଧାପକ ଇତ୍ୟାଦିମାନଙ୍କର ପୁଅ, ପୁତୁରା, ଆତ୍ମୀୟ ସୋଦର, ଚିହ୍ନା ପରିଚୟ ଭର୍ତ୍ତି ହୋଇ ଯାଇଥିଲେ। କୌଣସି ସରକାରୀ କାମରେ କାହାରି ଅନୁସରଣ କରିବାକୁ ଥିଲେ ସେମାନଙ୍କ ଛଡ଼ା ଅନ୍ୟ ଗତି ନ ଥିଲା।

ଏ ପାଠରେ ସେତେବେଳେ ଓଡ଼ିଆଙ୍କ ଭିତରେ ମଧୁବାବୁ ସବୁଠାରୁ ନାଁ କରିଥିଲେ। ସେ ମଧୁବାବୁ ମଧ୍ୟ ଏଥିପାଇଁ କମ୍ ଦୁର୍ଯୋଗ ଭିତର ଦେଇ ଯାଇ ନାହାନ୍ତି। ଫକୀରମୋହନଙ୍କର ଆତ୍ମଜୀବନୀରେ ଠାଏ ଲେଖାଅଛି ଯେ ମଧୁବାବୁ

Digitized by srujanika@gmail.com

ପ୍ରାୟ ୧୮୬୫ ସରିକି ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲରେ ଥାର୍ଡ଼ ମାଷ୍ଟର ହୋଇଥିଲେ। "ସେଠାରେ ଉଚ୍ଚ ଧରଣର ବ୍ୟୟ ହେତୁରୁ ସ୍ୱଳ୍ପ ବେତନ ତାଙ୍କୁ ଅକୁଳାନ ହେବାରୁ ସେ ଚାକିରୀ ଛାଡ଼ି କଲିକତା ବାହାରି ଯାଇଥିଲେ।" କଲିକତାରେ ଯମାନ୍ତର ଓ ଧର୍ମାନ୍ତର ଗ୍ରହଣ ପୁନର୍ବାର ମାଟ୍ରିକ ପରୀକ୍ଷା ଦାନ ଓ ତାହା ପରେ ଏମ୍.ଏ. ଓ ବି.ଏଲ ପାଶ୍ କରିବାର ବିଷୟ ଆଜିର ଓଡ଼ିଶାର ଇତିହାସ ସଙ୍ଗେ ମିଶି ଯାଉଛି । କିନ୍ତୁ ସେତେବେଳେ ସେ ଥିଲେ ଓଡ଼ିଶାର ପାଠ ପଢ଼ାର ତୁଙ୍ଗ ଶିଖରୀ। ତାଙ୍କ ସଙ୍ଗେ ବିଦ୍ୟାରେ ଲଢ଼ି ପାରିବାର ଆକାଙ୍କ୍ଷା କୌଣସି ଓଡ଼ିଆ ପୁଅ ଭିତରେ ଗୋଟାଏ ବିରାଟ ଉଚ୍ଚାଭିଳାଷ। ସେତେବେଳେ ମଧୁବାବୁଙ୍କର ବଙ୍ଗଳା ସଂସ୍କୃତିର କେନ୍ଦ୍ରସ୍ଥଳୀ କଲିକତାରେ ସମ୍ମାନ ଓ ପ୍ରତିପତ୍ତି ଯୋଗୁଁ ଓ ଏପରିକି ସାର୍ ଆଶୁତୋଷ ମୁଖାର୍ଜୀଙ୍କର ପାଠପଢ଼ା କାଳର ଗୃହ ଶିକ୍ଷକ ହୋଇଥିବା ଯୋଗୁଁ ସାଧାରଣ ମଧ୍ୟବିତ୍ତ ଶିକ୍ଷାଭିଳାଷୀ ଓଡ଼ିଆ ତାଙ୍କ ପରି ହେବାକୁ ଓ ତାଙ୍କ ସହିତ ପାଠଶାଠରେ ଟକ୍କର ଦେବାକୁ ଏକ ବଡ଼ ଗୌରବ ବୋଲି ମନେ କରୁଥିଲେ। ସେଥିପାଇଁ 'ମଧୁବାବୁ ସଙ୍ଗେ ଲଢ଼ିବି' କଥାଟା ନିତାନ୍ତ ପ୍ରଗଲ୍‌ଭ ନିର୍ବୋଧତା ନ ଥିଲା।

ସେତେବେଳେ ଓଡ଼ିଶାରେ ଓଡ଼ିଆଙ୍କ ଭିତରେ ଓକିଲ ନ ଥିଲେ କହିଲେ ଚଳେ। ସବୁ ଦସ୍ତୁରମତ ପାଶ୍‌କରା ବି.ଏଲ୍. ଓକିଲ ଥିଲେ ବଙ୍ଗାଳି। ଜମିବାଡ଼ି, ଫୌଜଦାରୀ ଇତ୍ୟାଦି ଛୋଟବଡ଼ ମାମଲାରେ କୌଣସି ମଝିଲା ଓଡ଼ିଆ ପରିବାରର ମୁରବି ଜଡ଼ିତ ହେଲେ ବାଧ୍ୟ ହୋଇ ସେହିମାନଙ୍କର ଆଶ୍ରୟ ନେବାକୁ ପଡ଼ୁଥିଲା। ସେତେବେଳେ ଯେତେ ବ୍ରାହ୍ମଣ ପଣ୍ଡିତ ତାଙ୍କର ପିଲାଙ୍କୁ ଇଂରାଜୀ ପାଠ ପଢ଼ାଉଥିଲେ ସେମାନେ ସମସ୍ତେ ପ୍ରାୟ ସାହେବଙ୍କୁ ସଲାମ କରିବା ଓ ଚାକିରୀକୁ ଘୃଣା କରୁଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କର 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ସେଥିରେ ମୋର ସ୍ଥାନ' ବହିରେ ସ୍ପଷ୍ଟ ଲେଖିଛନ୍ତି ଯେ ତାଙ୍କର ପିତାଙ୍କର ଇଚ୍ଛା ଥିଲା ଯେ ସେ ଇଂରାଜୀ ପଢ଼ି ଓକିଲ ହୋଇ ପୁରୀରେ ଓକିଲାତି କରିବେ। ତାଙ୍କ ଲେଖାରୁ ଜଣାପଡ଼େ ସେତେବେଳେ ପୁରୀରେ ଯିଏ ସବୁ ଓଡ଼ିଆ ଓକିଲ ବୋଲାଉଥିଲେ ସେଭଳି ଓକିଲ କୌଣସି ପ୍ରକାରର ଓକିଲାତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓକିଲ ହୋଇ ନଥିଲେ। ସେ କାଳର ଓକିଲମାନଙ୍କୁ କୌତୁକରେ 'ତୁ ହେଲୁ ଓକିଲ' କୁହାଯାଉଥିଲା। "ଓଡ଼ିଆ ଜାଣି ନଥିବା ବିଦେଶୀ ଓ ପରଦେଶୀ ହାକିମମାନେ କୁହାଳିଆ ଲୋକ ବାଛି ତାଙ୍କୁ କହୁଥିଲେ 'ତୁ ହେଲୁ ଓକିଲ'। ତାଙ୍କରି ମୁଣ୍ଡରେ ଓକିଲ ଛାପ ମାରି ଦିଆଯାଉଥିଲା । ଏହି ତଥାକଥିତ ଓକିଲମାନେ ମାତୃଭାଷା ଓଡ଼ିଆ ଛଡ଼ା ଦରଖଣ୍ଡିଆ ବଙ୍ଗଳା ମଧ୍ୟ କହି ପାରୁଥିଲେ। ସେ ସମୟରେ ଡ଼େପୁଟି ମୁନ୍‌ସଫ୍ ଆଦି ସବୁ ହାକିମ ହୁକୁମା

Digitized by srujanika@gmail.com

ଥିଲେ ବଙ୍ଗାଳି। ଓଡ଼ିଆମାନେ ଧର୍ମ ଓ ମାନ ଜଗି ସରକାରୀ ଚାକିରୀବାକିରିରେ ପଶି ନ ଥିଲେ। ଫଳରେ ଊନବିଂଶ ଶତାବ୍ଦୀ ଧରାପୃଷ୍ଠରୁ ବିଦାୟ ନେଇ, ବିଂଶ ଶତାବ୍ଦୀ ହାତେ କ୍ଷମତା ସମର୍ପି ଗଲାବେଳେ ସମଗ୍ର ଓଡ଼ିଶାର ଓଡ଼ିଆ ଡେ଼ପୁଟି, ମୁନସଫ୍ ଆଦି ହାକିମଙ୍କ ସମସ୍ୟା ଗଣି ବୁଝାଇବାରେ ଦୁଇଟା ଆଙ୍ଗୁଠିର ପଗ ପୁରା ଲାଗୁ ନ ଥିଲା।" (ଗୋଦାବରୀଶ ଗ୍ରନ୍ଥାବଳୀ, ପ୍ରଥମ ଖଣ୍ଡ)। ତେଣୁ ଓଡ଼ିଶାରୁ ବିଦେଶୀ ଓକିଲମାନଙ୍କୁ ତଡ଼ିବା ଥିଲା ତତ୍‌କାଳିକ ଏକ ବଡ଼ ଜାତୀୟବାଦୀ କାର୍ଯ୍ୟକ୍ରମ! ଅବଶ୍ୟ ଚାକିରୀବାକିରିରେ ବେଶି ବେଶି ଓଡ଼ିଆଙ୍କୁ ଭର୍ତ୍ତି କରିବାଟା ମନ ଭିତରେ ଥିଲେ ମଧ୍ଯ ତାହା ସମ୍ଭ୍ରମ ଓ ମାନମହତ୍ୱ ଦୃଷ୍ଟିରୁ ବାହାରକୁ ପ୍ରକାଶ କରିବାକୁ ବ୍ରାହ୍ମଣ ଭଳି ଉଚ୍ଚ କୁଳର ଓଡ଼ିଆମାନଙ୍କର ଶ୍ରୁତିକଟୁ ବୋଧ ହେଉଥିଲା। କିନ୍ତୁ ଓଡ଼ିଶାର ମହକୁମା ସହରମାନଙ୍କରେ ବିଶେଷତଃ ଜଜ୍ କୋର୍ଟ ଥିବା କଟକରେ ଦସ୍ତୁରମତ ଭଲ ଇଂରାଜୀ ପଢ଼ା ବି.ଏଲ୍ ପାଶ୍ ଓଡ଼ିଆ ଓକିଲ ଜଣ କେତେକଙ୍କର ନିତାନ୍ତ ପ୍ରୟୋଜନ ଥିଲା। ମଧୁବାବୁ କଲିକତାରୁ ଆସି କଟକରେ ଆପଣାର ଓକିଲାତି ପ୍ରସାର କଲାପରେ ସାଧାରଣ ପାଠୁଆ ଓ ଦରପାଠୁଆ ଓଡ଼ିଆଙ୍କ ଭିତରେ ଯେଉଁ ଗର୍ବର ସଞ୍ଚାର କରିଥିଲେ ତାହା ପ୍ରତି ଲକ୍ଷ୍ୟ ରଖି ଏହି ପହଲି ବୋଧହୁଏ ଘୋଷଣା କରିଥିଲା –

"ଓକିଲ ମାନଙ୍କୁ ତଡ଼ିବି।"

(ଚାରି)

ଆଜିର ଅଷ୍ଟମ ଶ୍ରେଣୀ (ସେ କାଳର ଚତୁର୍ଥ ଶ୍ରେଣୀ)ରେ ନାମ ଲେଖାଇବା ପାଇଁ ଉପଯୁକ୍ତ ହେବା ଛାତ୍ରର ଚିନ୍ତାର ପହଞ୍ଚ ହୁଏତ ବେଶି ଦୂର ନୁହେଁ। ଅବଚେତନ ଓ ସହଜ ଜ୍ଞାନରୁ ହୁଏତ ସେ ଭାବିପାରେ ଯେ ତାହାର ମଧ୍ୟଭର୍ଣ୍ଣାକ୍ୟୁଲାର ସ୍କୁଲରୁ ପାଶ୍ କରିଥିବା ଆୟାସ ପରିଶ୍ରମ ପରେ ସେ ଥକି ପଡ଼ିବା ଉଚିତ ନୁହେଁ। ବିଶ୍ୱନାଥଙ୍କୁ ସେତେବେଳେ ପଚାରିଥିଲେ, "ତୁମେ ଆଉ କାହିଁକି ଅଧିକା ପଢ଼ିବାକୁ ଚାହଁ" ସେ ବୋଧହୁଏ କୌଣସି ଯୁକ୍ତିସଙ୍ଗତ, ମନଃପୂତ ହେଲାଭଳି ଉତ୍ତର ଦେଇ ପାରି ନଥାନ୍ତେ। ସେଥିପାଇଁ ତାଙ୍କର ଜ୍ଞାନ, ବୁଦ୍ଧି ଓ ଚିନ୍ତାର ଦିଗ୍‌ବଳୟ ଯଥେଷ୍ଟ ବିସ୍ତାରିତ ନ ଥିଲା। ପର୍ବତ ଉପରେ ପ୍ରଥମ ବର୍ଷାରେ ଯେଉଁ ବାରି ବିନ୍ଦୁ ପଡ଼େ ଓ ଧୀରେ ଧୀରେ ପର୍ବତ ତଳକୁ ଝରିଆସେ ତାହା ପ୍ରାକୃତିକ କାରଣରୁ କୌଣସି ସମତଳ ଅଧିତ୍ୟକାରେ କିଛି କାଳ ଥକ୍‌କା ମାରି ରହେ; କିନ୍ତୁ ପରେ ପରେ ଯେତେବେଳେ

Digitized by srujanika@gmail.com

ତାହା ଆହୁରି ବିପୁଳ ସଂଖ୍ୟକ ବାରି ବିନ୍ଦୁର ମିଶ୍ରଣରେ ଏକ ରୀତିମତ ନିର୍ଝର ଧାରାରେ ପରିଣତ ହୁଏ ସେତେବେଳେ ତାହା ଗୋଟିଏ ଲକ୍ଷ୍ୟ ପଥରେ ଗତି କରେ। ପରେ ସେହି ଲକ୍ଷ୍ୟପଥ ହୁଏ ମହାସାଗର; କିନ୍ତୁ ପହିଲି ବାରି ବିନ୍ଦୁର ବର୍ଷାକାଳରେ ସେହି ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହୋଇ ନ ଥାଏ।

ତେବେ ତାଙ୍କର ପିତା କୁଳମଣି ମିଶ୍ର ଯେଉଁ କାରଣରୁ ବିଶ୍ୱନାଥଙ୍କର ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାରେ ଏକମତ ହେଲେ ତାହା ତା'ର ପରବର୍ତ୍ତୀ କାଳର ନୀଳକଣ୍ଠ ପ୍ରଭୃତିଙ୍କର ସମାଜ ସଂସ୍କାର ପ୍ରୟାସର ଉଗ୍ରତା ଯୋଗରୁ ନୁହେଁ କାରଣ କୁଳମଣି ମିଶ୍ରେ ଥିଲେ ସମଦର୍ଶୀ ଓ ସମାଜ ରୀତି ନୀତି ପକ୍ଷପାତୀ ଆତ୍ମୀୟବତ୍ସଳ ଲୋକ। ତାଙ୍କର ବିଗ୍ରର ବୁଦ୍ଧିରୁ ଅନ୍ୟାନ୍ୟ ସ୍ୱଚ୍ଛବିତ୍ତ ଗୃହସ୍ଥଙ୍କ ଭଳି ସେ ଦେଖି ସାରିଥିଲେ ଯେ ବ୍ରାହ୍ମଣମାନଙ୍କର ବ୍ୟବସାୟ ଟଙ୍କି ବୃତ୍ତି ଧୀରେ ଧୀରେ ଅଚଳ ହେବାରେ ଲାଗିଛି। ତେଣୁ ବ୍ରାହ୍ମଣ ସନ୍ତାନ ପାଇଁ ଋଷବାସରେ ପୂରାପୂରି ଲାଗିବା ଛଡ଼ା ରାଜକାର୍ଯ୍ୟ ପାଇଁ ତାଲିମ୍ ହେବା ହେଉଛି ଏକମାତ୍ର ବୃତ୍ତି। ତେବେ ସମସ୍ତଙ୍କ ହାତରେ ତ ଏ ବୃତ୍ତି ସମ୍ଭବ ନୁହେଁ, ଏଥିପାଇଁ ମାନସିକ ପ୍ରସ୍ତୁତି ଦରକାର। ବିଶ୍ୱନାଥଙ୍କର ସେହି ମାନସିକ ପ୍ରସ୍ତୁତି ଥିଲା ଓ ଯେକୌଣସି ବିପଦକୁ ଅତିକ୍ରମ କରିବାର ସ୍ଥିର ସାହସ ଥିଲା। ତେଣୁ କୁଳମଣି ମିଶ୍ରେ ତାଙ୍କର ଏନ୍‌ଟ୍ରାନ୍‌ସ ପଢ଼ା ପାଇଁ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାରେ ପୂର୍ଣ୍ଣ ପ୍ରାଣରେ ଏକମତ ହୋଇଥିଲେ। ଏହି ସମ୍ମତି ପଛରେ ଦୁଇଗୋଟି ପୁତ୍ର ହରାଇଥିବା ଓ ବିପତ୍ନୀକ ପିତାର ପୁତ୍ର ପ୍ରତି ସ୍ନେହ ଦୁର୍ବଳତା ଯେ ନ ଥିଲା ସେକଥା ନୁହେଁ; କିନ୍ତୁ ତାହାର ମାତ୍ରା ଖୁବ୍ ବେଶି ନ ଥିଲା।

ସେ ପର୍ଯ୍ୟନ୍ତ ପୁରୀର ପଞ୍ଚ କୋଶୀ ବ୍ରାହ୍ମଣ ଶାସନ ଭିତରେ ଇଂରେଜୀ ଭାଷା କାଁ ଭାଁ ପଶି ଥିଲା। ବଙ୍ଗ ପଶି ନ ଥିଲା କହିବା ଆହୁରି ନିର୍ଭୁଲ ହେବ। ସଂସ୍କୃତ ଥିଲା ଦେବଭାଷା। ଓଡ଼ିଆ ମାତୃଭାଷା। ମୋଗଲ, ମୁସଲମାନ ଅମଳରେ ବାଲେଶ୍ୱର ପ୍ରଭୃତି ଉତ୍ତର ଅଞ୍ଚଳରେ ପାର୍ସୀ ଭାଷାର ପ୍ରଚଳନ ଥିଲା। ବାଲେଶ୍ୱରଠାରୁ ତାମ୍ରଲିପି(ତମ୍‌ଲୁକ) ଓ ଏପଟେ ଓଡ଼ିଶାର ପାରଦ୍ୱୀପ ମହାନଦୀ ମୁହାଣ ଯାଏ ବାଣିଜ୍ୟ ବ୍ୟବସାୟ ଯୋଗୁଁ କିଛି କିଛି ବିଦେଶୀ ଭାଷା ବନ୍ଦର ଅଞ୍ଚଳରେ ଶୁଣିବାକୁ ମିଳୁଥିବ; କିନ୍ତୁ ପୁରୀ, ଖୋର୍ଦ୍ଧା, ବାଣପୁର ଓ ଘୁମୁସର ପ୍ରଭୃତି ଅଞ୍ଚଳରେ ଓଡ୍ର ଭାଷା ଓ ବ୍ରାହ୍ମଣଙ୍କ ଭିତରେ କିଛିତରେ ସଂସ୍କୃତ ହିଁ ଜଣାଶୁଣା ଭାଷା ଥିଲା। ମଧ-ଭର୍ଣ୍ଣାକୁଳାରରେ କାଗଜରେ ଛପା କିରସ୍ତାନ ବହି ତ ଥିଲା ଗୋଟାଏ ବଡ଼ ଅଧାର୍ମିକ

Digitized by srujanika@gmail.com

ପାପର ଚିଜ। ତା' ଛଡ଼ା ହାଇସ୍କୁଲ ପାଠରେ ଇଂରାଜୀ ଭାଷା ଆହୁରି ଏକ ପାପିଷ୍ଠ ଜିନିଷ ଭାବରେ ଦେଖାଦେଲା। ସେତେବେଳେ ପରବର୍ତ୍ତୀ କାଳ ଭଳି ଶାସନୀ ବ୍ରାହ୍ମଣ ଯୁବକ ଓ ପ୍ରୌଢ଼ ଲୋକଙ୍କ ଭିତରେ ଜଗନ୍ନାଥ ଯାତ୍ରୀ ଗୁମାସ୍ତା ବୃତ୍ତି ଆଦରିବାର ଢ଼ଙ୍ଗ ଆସି ନ ଥିଲା; ଯେଉଁ ବୃତ୍ତିରେ ଯାତ୍ରୀର ଭାଷା ଜାଣିବା ବୃତ୍ତିଧାରୀ ପାଇଁ ଏକ ଅଭାବନୀୟ ଯୋଗ୍ୟତା। ସେତେବେଳେ ବା ପରବର୍ତ୍ତୀ କାଳରେ ପୁରୀ ସହରରେ ବଙ୍ଗଳା, ହିନ୍ଦି, ଉର୍ଦ୍ଦୁ, ମରାଠି, ଗୁଜୁରାଟି ଏପରିକି ତେଲ୍‌ଗୁ, ତାମିଲ ଭାଷାରେ ସ୍କୁଲମାନ ବସିଥିଲେ ବ୍ରାହ୍ମଣ ଶାସନରୁ ଜାତିରେ ଅଟକ, ଧୋବା, ଭଣ୍ଡାରି ବାସନ୍ଦ, ଜରିମାନା ଇତ୍ୟାଦି କଥା ଉଠନ୍ତା ନାହିଁ; କିନ୍ତୁ ଇଂରାଜୀ ଯେ କିରସ୍ତାନଙ୍କର ଭାଷା ! ଏହି ଭାଷାରେ କିରସ୍ତାନ ଛଡ଼ା ଆଉ କେହି କଥା କହିବାର ବ୍ରାହ୍ମଣମାନେ ଆଦୌ ଜାଣି ନ ଥିଲେ। ତେଣୁ କିରସ୍ତାନ ନ ହେଲେ ଏ ଭାଷାକୁ କେହି ଆଦରିବ କାହିଁକି ?

ପୁରୀ ସହରରେ ସେତେବେଳଯାଏ ଦୁବଘରର ଭିଖାରୀ ମିଶ୍ରେ ଅବୈତନିକ ମାଜିଷ୍ଟ୍ରେଟ ହୋଇ ନ ଥିଲେ। କୋର୍ଟ କଚେରୀରେ କେବଳ କଲେକ୍ଟର ସାହେବଙ୍କ ଛଡ଼ା ଅନ୍ୟମାନଙ୍କ ଇଜିଲାସରେ ବଙ୍ଗଳା ହିଁ ବେଶି ପରିମାଣରେ ଚଳୁଥିଲା। ତେଣୁ ଇଂରାଜୀ ଭାଷା ଯେ ବୈଷୟିକ ଉନ୍ନତି ପାଇଁ ଦରକାର, ଏକଥା ମଧ୍ୟ ଶାସନୀ ବ୍ରାହ୍ମଣ ସାଧାରଣଙ୍କର ମୁଣ୍ଡରେ ପଶି ନ ଥିଲା। ବରଂ ଯଦି ମଧୁବାବୁଙ୍କ ନାମ କିଛି ପରିମାଣରେ ଗାଁ ଗହଳରେ ଜଣାଶୁଣା ହୋଇଥିଲା ତେବେ ସେ ଖ୍ରୀଷ୍ଟାନ୍ ଧର୍ମ ଗ୍ରହଣ କରିଥିବା କଥା ଅବଶ୍ୟ ସର୍ବପ୍ରଥମେ ପ୍ରଚରିତ ହୋଇଥିବ। କାରଣ ପ୍ରତ୍ୟେକ ପରିଚୟ ଭିତରେ ସେତେବେଳେ ଧର୍ମଟା ଥିଲା ପ୍ରଧାନ ନିଦର୍ଶନ। ତେଣୁ ବିଶ୍ୱନାଥ ଇଂରାଜୀ ସ୍କୁଲରେ ନାମ ଲେଖାଇବାର ଖବର ରାଷ୍ଟ୍ର ହେବା ସଙ୍ଗେ ସଙ୍ଗେ ଗାଁର ବ୍ରାହ୍ମଣମାନେ ବସି କୁଳମଣି ମିଶ୍ରଙ୍କୁ ପୁଅର ଏହି ପାଠ ପଢ଼ାକୁ ଶେଷ କରି ନାଁ କଟାଇ ଘେନି ଆସିବାକୁ କଟାଳ କଲେ ଏବଂ ଏପରି ଏକ ପାତକୀ କାର୍ଯ୍ୟ କରିଥିବାରୁ ତାଙ୍କୁ କୋଡ଼ିଏ ଟଙ୍କା ଜରିମାନା କଲେ ଓ ନାମ କଟା ନ ହେବା ଯାଏ ଆଉ ଜରିମାନା ଆଦାୟ ନ ହେବାଯାଏ ତାହାଙ୍କୁ ଗ୍ରାମର ଡକାହକା, ଦୁଆରି ପୂଜା ଓ ପନ, କୋଠ ଭୋଗ ସବୁଥିରୁ ବାସନ୍ଦ କଲେ।

ସୋମେଶ୍ୱରପୁର କେବଳ ନୁହେଁ, ପୁରୀ ଶାସନୀ ବ୍ରାହ୍ମଣମାନଙ୍କ ପକ୍ଷରେ ଏଭଳି ଗୋଟିଏ ନିଷ୍ପତ୍ତି ଗ୍ରହଣ କରିବା ଓ ସେହି ନିଷ୍ପତ୍ତିରେ ନଛୋଡ଼ବନ୍ଧା ରହିବାରେ କିଛି ଆଶ୍ଚର୍ଯ୍ୟ ନ ଥିଲା। ମନେ ହୋଇପାରେ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ର ଏକ ହଜାର ସାର୍ବଜନୀନ କ୍ଷେତ୍ର। ଏଠାର ଜଗନ୍ନାଥ ଧର୍ମ ଏକ ପ୍ରଶସ୍ତ ଧର୍ମ। ଏହି ଭୂମିକୁ

Digitized by srujanika@gmail.com

ବୁଦ୍ଧ, ମହାବୀର, ଶଙ୍କର, ନାନକ, କବୀର, ରାମାନୁଜ, ଚୈତନ୍ୟ ପ୍ରଭୃତି ବିଭିନ୍ନ ଧର୍ମର ବହୁ ପ୍ରଚାରକ ଆସିଛନ୍ତି ଓ ଆପଣାର ଧର୍ମମତ ଅପେକ୍ଷାକୃତ ନିର୍ବିବାଦରେ ପ୍ରଚାର କରିଛନ୍ତି। ବହୁ ଭାଷାରେ ମଧ୍ୟ ସେହି ଧର୍ମମାନଙ୍କର ପ୍ରଚାର ଅବଶ୍ୟ ଏହି ପୁରୁଷୋତ୍ତମ କ୍ଷେତ୍ରର ଆକାଶରେ ଧ୍ୱନିତ ହୋଇଛି। ତଥାପି ସୋମେଶ୍ୱରପୁର ବ୍ରାହ୍ମଣମାନଙ୍କର ଏଭଳି କଠୋର ନିଷ୍ପତ୍ତି ପଛରେ କି ପ୍ରକାର ଯୁକ୍ତି କାମ କରୁଥିଲା ? ପ୍ରଥମ କଥା ଅତୀତର ମୁସଲମାନ ବା ମୋଗଲମାନଙ୍କର ମୁସଲମାନ ଧର୍ମ ଛଡ଼ା ପୁରୁଷୋତ୍ତମ କ୍ଷେତ୍ରକୁ ଅନ୍ୟାନ୍ୟ ଧର୍ମଗୁଡ଼ିକ ବିଜେତା ତରବାରୀ ଘେନି ଆସି ନ ଥିଲା; କିନ୍ତୁ ଇଂରେଜମାନଙ୍କର ଭାଷା ସଂସ୍କୃତି ସହିତ ସେମାନଙ୍କର ପରଦେଶୀ ଧର୍ମ ପୂରାପୂରି ବିଜେତାର ଧର୍ମ ଭାବରେ ଆସିଥିଲା। ଅବଶ୍ୟ ଭାରତରେ ଆଉ ଓଡ଼ିଶାରେ ସେମାନେ ଏକ ବିଚିତ୍ର ଓଡ଼ିଆ ଭାଷାରେ ପରବର୍ତ୍ତୀ କାଳରେ ତାଙ୍କର ଧର୍ମ ପ୍ରଚାର ଆରମ୍ଭ କରିଥିଲେ। ଏହାର ବହୁଳ ଉଦାହରଣ ଫକୀରମୋହନ ଓ ନୀଳକଣ୍ଠ ତାଙ୍କର ବିଭିନ୍ନ ଲେଖାରେ ଛବିଳ ଭାଷାରେ ବୟାନ କରିଛନ୍ତି। କିନ୍ତୁ ମୋଟ ଉପରେ ଇଂରେଜ ଭାଷା ଓ ଇଂରେଜ ଧର୍ମ ପୁରୀର ଶାସନବାଡ଼ ବ୍ରାହ୍ମଣଙ୍କ ପାଇଁ ଏକ ଆକ୍ରମଣକାରୀ, ଗୋଲାମକାରୀ, ପରଦେଶୀ ଲୁଣ୍ଠନକାରୀର ଧର୍ମ ଥିଲା। ବିଶେଷତଃ କଳାପାହାଡ଼ ଛଡ଼ା ଅନ୍ୟ କୌଣସି ଆକ୍ରମଣକାରୀ ଓଡ଼ିଶାର ସର୍ବମାନ୍ୟ ଓ ଭାରତରେ ବିପୁଳ ଭାବରେ ଜନମାନସରେ ଓ ଭକ୍ତିରେ ଅଧିଷ୍ଠିତ ଜଗନ୍ନାଥଙ୍କ ପ୍ରତି ଏପରି ହତମାନ୍ୟ ଓ ଅନାଦର କରି ନ ଥିଲେ ଯେପରି ବିଲାତି ରାଜ୍ ଅମଳରେ ଦେଖା ଯାଇଥିଲା। ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ବୋଲି ଯେଉଁ ପୁରୀ ରାଜାଙ୍କୁ ଗ୍ରହଣ କରାଯାଏ, ତାଙ୍କ ପ୍ରତି ଇଂରେଜ ଶାସକମାନେ ବାରମ୍ବାର ଆକ୍ରମଣାତ୍ମକ ମନୋଭାବ ଦେଖାଇ ଆସିଥିଲେ। ଖୋର୍ଦ୍ଧାର ପାଇକ ସମର ପରଠାରୁ ମଧ୍ୟ ସେମାନଙ୍କର ଏହି ମନୋଭାବର କୌଣସି ପରିବର୍ତ୍ତନ ନ ଥିଲା।

ତେବେ ବି ମାନିବାକୁ ପଡ଼ିବ ଚୈତନ୍ୟଙ୍କର ଓଡ଼ିଶାରେ ପ୍ରବେଶ ଓ ଧର୍ମ ପ୍ରଚାର ପରେ ଓଡ଼ିଆ ସଂସ୍କୃତି ଉପରେ ଯେଉଁ ଆଘାତ ପଡ଼ିଲା ତାହାର ଗୋଟିଏ ଫଳ ହେଲା ଉଚ୍ଚ ବର୍ଣ୍ଣ ଭିତରେ ରକ୍ଷଣଶୀଳତା ଓ ବିପରୀତଭାବରେ ସେମାନଙ୍କ ଭିତରେ ଛୋଟ ଛୋଟ ବିଭେଦର ବାଡ଼। ଚୈତନ୍ୟଙ୍କର ଆସିବା ପୂର୍ବରୁ ପଞ୍ଚସଖାଙ୍କର ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରଚାର ପ୍ରତି ଶାସନବାଡ଼ର ଶୁଚିବାୟଗ୍ରସ୍ତ ବ୍ରାହ୍ମଣକୁଳ ପାଟକ ଅତ୍ୟନ୍ତ ସ୍ପର୍ଶାତୁର ଥିଲେ। 'ବାର ଜାତି ତେର ଗୋଲା, ବୈଷ୍ଣବ ହେଲେ କୁଳରୁ ଗଲା' ଏହା ହିଁ ଥିଲା ସେତେବେଳର ଧାରଣା। ବିଶେଷତଃ ପଞ୍ଚସଖା ଭିତରେ କେବଳ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଛଡ଼ା ଅନ୍ୟମାନେ ଥିଲେ ବ୍ରାହ୍ମଣେତର; ଏପରିକି

Digitized by srujanika@gmail.com

ଶୂଦ୍ର ଜାତିର ଲୋକ। ସେମାନଙ୍କ ହାତରେ ଧର୍ମଗ୍ରନ୍ଥର ଓଡ଼ିଆ ଭାଷାନ୍ତର ଓ ତାହାର ପ୍ରସାରକୁ ଧର୍ମଧ୍ୱଜୀ ବ୍ରାହ୍ମଣ ସମାଜ କୌଣସି ପ୍ରକାରେ କ୍ଷମା କରି ପାରି ନ ଥିଲେ। ଏଥିପାଇଁ ଏବେ ସୁଦ୍ଧା ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ କୁଳୀନ ବ୍ରାହ୍ମଣ ସଂପ୍ରଦାୟରେ ଏକ ନିଷିଦ୍ଧ ଗ୍ରନ୍ଥ। ଚୈତନ୍ୟଙ୍କର ଧର୍ମ ପ୍ରଚାର ନିର୍ବେଦ ସମାହିତ ଗ୍ରାମ୍ୟ ଜୀବନ ଉପରେ ସେପରି କୌଣସି ପ୍ରତ୍ୟକ୍ଷ ପ୍ରଭାବ ପକାଇ ନ ଥିଲା; କିନ୍ତୁ ତାହାରି ସୂତ୍ରରେ ବଙ୍ଗଳାରୁ ଯେଉଁ କୁଳୀନତା ଇତ୍ୟାଦି ପ୍ରବେଶ କଲା ତାହା ସେହି ବ୍ରାହ୍ମଣ ଗୋଷ୍ଠୀ ମଧ୍ୟରେ ବି ବହୁ ଶୁଚିବାୟଗ୍ରସ୍ତ ବିକାର ସୃଷ୍ଟି କରିଥିଲା।

ତୃତୀୟ କାରଣ ହେଉଛି ଏକ ବିରାଟ ଅର୍ଥନୈତିକ କାରଣ। ବଙ୍ଗଳାର କୁଳୀନ ଗୋଷ୍ଠୀର ମନୋଭାବ ଏବେ ପ୍ରାୟ ନିଶ୍ଚିହ୍ନ; କିନ୍ତୁ ଓଡ଼ିଶାର ଶାସନବାଡ଼ରେ ତାହା ରହିଛି। ଏଥିର କାରଣ ବିଲାତର ଆକ୍ରମଣ ଫଳରେ ଦେଶରେ ଯାହା କିଛି ଅର୍ଥନୈତିକ ପରିବର୍ତ୍ତନ ହେଲା ତାହା ହେଲା ବଙ୍ଗଳାରେ। ତାହାର ବିନ୍ଦୁ ବିସର୍ଗ ଓଡ଼ିଶାର ଭାଗ୍ୟରେ ଜୁଟିଲା ନାହିଁ। ଓଡ଼ିଶାର ଲୁହା, ବାଉଁଶ, ତୁଳା, ଝୋଟ ଇତ୍ୟାଦି କଞ୍ଚାମାଲରେ ବଙ୍ଗଳା ଓ ବିହାରର ଛୋଟନାଗପୁର ଅଞ୍ଚଳରେ ଏକ ଯନ୍ତ୍ର କାରିଗରି ସଭ୍ୟତା ମୁଣ୍ଡ ଟେକିଲା। ଓଡ଼ିଶାର ଲୋକେ କୁଲି, ମଜୁରିଆ ଓ ସୁବିଧା ପାଇଲେ କାରିଗର ଓ ଯାନ୍ତ୍ରିକଭାବରେ ସେହି କଳ କାରଖାନାରେ କାମ ପାଇଲେ। ସେହି ସ୍ଥାନର ଜୀବନଧାରା ଓ ସଂସ୍କୃତି ସହିତ ଆପଣାକୁ ମିଳେଇବାକୁ ବାଧ୍ୟ ହେଲେ; କିନ୍ତୁ ଘରକୁ ଫେରିଲାବେଳକୁ ସେମାନେ ଦେଖିଲେ ପୁଣି ମଧ୍ୟଯୁଗର ସାମନ୍ତସାହୀ ଅବସ୍ଥାକୁ ଫେରି ଆସିଛନ୍ତି। ଓଡ଼ିଶାରେ କେବଳ ସରକାରୀ ଚାକିରୀବାକିରିରେ କିରାନୀ ଅମଲା ଓ ଡେପୁଟି ହେବା ଛଡ଼ା ଓଡ଼ିଆ ମଧ୍ୟବିତ୍ତ କୃଷି କର୍ମରେ ଅନିପୁଣ ବ୍ରାହ୍ମଣଗୋଷ୍ଠୀ ପାଇଁ ଅନ୍ୟ ବୃତ୍ତି ରହିଲା ନାହିଁ ଓ ସେହି ବୃତ୍ତି ଅନୁକ୍ରମରେ ଯଥାରୀତି ଇଂଜିନିୟରିଂ, କାରିଗରି, ଡାକ୍ତରି, ପଶୁ ଚିକିତ୍ସା ଇତ୍ୟାଦି କୌଣସି ପ୍ରକାର ବୈଷୟିକ ଓ ଧନ୍ଦା ଶିକ୍ଷାର ନାମମାତ୍ର ବ୍ୟବସ୍ଥା ବି କରାଗଲା ନାହିଁ। ଏପରିକି **ଓଡ଼ିଶାର ସଭ୍ୟତାର ଯେଉଁ ପ୍ରବାହ ବିଲାତ ଆସିବା ପୂର୍ବରୁ ନୌବାଣିଜ୍ୟ, କୁଟୀର ଶିଳ୍ପ ଓ ଛୋଟ ଛୋଟ ଉଦ୍ୟୋଗ ଧନ୍ଦା ମାଧ୍ୟମରେ ଚାଲିଥିଲା, ତାହା ବିଲାତ ଲୋପ କରିଦେଲା; କିନ୍ତୁ ତାହା ବଦଳରେ ଯାହା ଗଢ଼ାହେଲା, ତାହା ଓଡ଼ିଶାଠାରୁ ବହୁ ଦୂରରେ। ତେଣୁ ମୋଟ କଥାରେ ବଙ୍ଗଳା ହେଲା ବିଲାତର ଉପନିବେଶ ଆଉ ଓଡ଼ିଶା ହେଲା ବଙ୍ଗଳାର ଉପନିବେଶ।** ଅର୍ଥାତ୍ ଆମର ଖାଣ୍ଟି ଓଡ଼ିଆରେ ଶଳାର ଶଳାକୁ ଯେପରି କୁହାଯାଏ ହୀନିଶଳା, ଠିକ୍ ସେପରି ଓଡ଼ିଶା ହେଲା ବିଲାତର ଉପନିବେଶର ଉପନିବେଶ–ହୀନ ଉପନିବେଶ। ତେଣୁ ଯେଉଁ ମନୋଭାବ

Digitized by srujanika@gmail.com

ବିଶ୍ୱନାଥଙ୍କର ଇଂରାଜୀ ପଢ଼ାକୁ ସେହି ପୁରୁଣା କାଳରେ ବାସନ୍ଦ କରିଥିଲା ସେହି ବାସନ୍ଦର ମୂଢ଼ ହଟକାରିତା ରହିଲା ନାହିଁ; କିନ୍ତୁ ସେହି ମନୋଭାବ ଏବେ ବି ପୁରୀ, କଟକ, ଗଞ୍ଜାମର ବ୍ରାହ୍ମଣମାନଙ୍କର ମନ ରାଜ୍ୟରେ ଆସ୍ଥାନ ମାଡ଼ି ବସିରହିଛି।

(ପାଞ୍ଚ)

ମଧଭର୍ଣ୍ଣାକୁଲାରରେ ଚତୁର୍ଥ ପାଶ୍ କରି ସେ କାଳର ସବା ତଳ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ଏକ ଦୁର୍ଗତି। ଏହି ଦୁର୍ଗତିରେ ହିଁ ଗୋପବନ୍ଧୁ ଦାସ ପଡ଼ିଥିଲେ ଓ ସେଥିରେ ମଧ ବିଶ୍ୱନାଥ ମିଶ୍ରଙ୍କୁ ପଡ଼ିବାକୁ ହୋଇଥିଲା। ଯେତେଦୂର ପ୍ରମାଣ ମିଳୁଛି, ୧୮୯୭ ସାଲରେ ଡବଲ ପ୍ରମୋଶନ ପାଇ ବିଶ୍ୱନାଥ ଇଂରାଜୀ ଚତୁର୍ଥ ଶ୍ରେଣୀ (ଏବର ଅଷ୍ଟମ ଶ୍ରେଣୀ)କୁ ଉଠିଥିଲେ। ସେତେବେଳେ ପୁରୀକୁ ରେଳଗାଡ଼ି ଆସି ନ ଥିଲା। ୧୮୯୯ରେ କଲିକତାରୁ ପ୍ରଥମେ ପୁରୀକୁ ରେଳ ଲାଇନ୍ ଲାଗିଲା; କିନ୍ତୁ ମହାନଦୀ ଓ କାଠଯୋଡ଼ୀ ବ୍ରିଜ୍ ହୋଇ ନ ଥିବାରୁ ସିଧାସଳଖ ରେଳ ପୁରୀକୁ ଆସି ପାରୁ ନ ଥିଲା। ୧୯୦୦ରେ କଲିକତାରୁ ସିଧାସଳଖ ରେଳଗାଡ଼ି ପୁରୀକୁ ଚ୍ଛଳିଲା।

ବ୍ୟକ୍ତିଗତ ଭାବରେ ପରବର୍ତ୍ତୀ କାଳରେ ବିଶ୍ୱନାଥ ମିଶ୍ର ଆପଣାର ଜୀବନ କାହାଣୀ ଲିପିବଦ୍ଧ କରିଥିଲେ ତାହା ଯେ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇ ଥାଆନ୍ତା ଏଥିରେ ସନ୍ଦେହ ନାହିଁ। କାରଣ ସେହି ସମୟର ଦଶ ବର୍ଷ ଏପଟ ସେପଟ ଅର୍ଥାତ୍ ୧୮୯୬ଠାରୁ ୧୯୦୬ ଯାଏ ପୁରୀ ଜିଲ୍ଲା ସ୍କୁଲର ଓ ୧୯୦୦ଠାରୁ ୧୯୧୦ ଯାଏ କଟକ ରେଭେନ୍‌ସା କଲେଜର ଜୀବନ ସାଙ୍ଗେ ଗୁନ୍ଥା ହୋଇଥିବା ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶଙ୍କର ପ୍ରତ୍ୟକ୍ଷ ଓ ହୃଦୟସ୍ପର୍ଶୀ ଆତ୍ମଜୀବନୀ ସହିତ ତାହା ମେଳ ଖାଇନଥାଆନ୍ତା। ତେବେ ଏକଥା ମୋଟାମୋଟିଭାବରେ ଠିକ୍ ଯେ ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠ ଗୋଦାବରୀଶଙ୍କର ମଝିମଝିଆ କାଳରେ ବିଶ୍ୱନାଥ ପୁରୀ ଜିଲ୍ଲା ସ୍କୁଲରେ ଆପଣାର ପାଞ୍ଚ ବର୍ଷର ପାଠ ଶେଷ କରିଥିଲେ। ସେକାଳରେ ବିଶ୍ୱବିଦ୍ୟାଳୟର ଏନ୍‌ଟ୍ରାନସ୍ ପରୀକ୍ଷା ଫଳ ସାଧାରଣତଃ ମାର୍ଚ୍ଚ ଅପ୍ରେଲ ମାସରେ ବାହାରୁ ଥିଲା। ମଧ-ଓଡ଼ିଆ ପାଠ ପରେ ପ୍ରତି ବର୍ଷ ଠିକ୍ ଭାବରେ ପ୍ରମୋଶନ ପାଇଲେ ମଧ ଜଣେ ଛାତ୍ରକୁ ଏନ୍‌ଟ୍ରାନ୍‌ସ (ଏବର ମାଟିକ୍ୟୁଲେସନ୍) ସାରିବାକୁ ପୂରାପୂରି ପାଞ୍ଚ ବର୍ଷ ଲାଗୁଥିଲା ଓ କଲେଜରେ ପଢ଼ିବାକୁ ଥିଲେ ଆଜିକାଲି ଭଳି ଜୁଲାଇ ମାସରେ ନାମ ଲେଖାଇବାକୁ ପଡୁଥିଲା। ସମସ୍ତ ସଂଗୃହୀତ ତଥ୍ୟରୁ ଏକଥା ବର୍ତ୍ତମାନ ସ୍ପଷ୍ଟ ଯେ ବିଶ୍ୱନାଥ ୧୯୦୨ ମସିହାର ଫେବୃୟାରୀ ବା ମାର୍ଚ୍ଚ ମାସରେ ଏନ୍‌ଟ୍ରାନ୍‌ସ ଫାଇନାଲ

Digitized by srujanika@gmail.com

ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦଶ ଟଙ୍କାର ଡିଭିଜନାଲ ବୃତ୍ତି ପାଇଥିଲେ ଓ ସେହି ୧୯୦୨ ମସିହାରେ ରେଭେନ୍‌ସା କଲେଜରେ ନାମ ଲେଖାଇଥିଲେ। ପଣ୍ଡିତ ଗୋଦାବରୀଶଙ୍କର ଜୀବନ ବିବରଣୀରୁ ଜଣା ପଡୁଛି ଯେ ତାଙ୍କ ଏନ୍‌ଟ୍ରାନ୍‌ସ ପରୀକ୍ଷା ବର୍ଷ ୧୯୦୬ରେ ଗଡ଼ଜାତ ସମେତ ସମଗ୍ର ଓଡ଼ିଶାରୁ ପାଶ୍ କରିଥିଲେ ମାତ୍ର ତେତିଶ ଜଣ। ତେଣୁ ବିଶ୍ୱନାଥଙ୍କର ପାଶ୍ ବର୍ଷ ଅର୍ଥାତ୍ ଚାରି ବର୍ଷ ପୂର୍ବର ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ସେହି ୨୫ଠାରୁ ତିରିଶ ଯାଏ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବେ। ସେତେବେଳେ ଦ୍ୱିତୀୟ ଏପରିକି ତୃତୀୟ ଶ୍ରେଣୀରେ ପାଶ୍ କରିଥିବା ଛାତ୍ର ମଧ୍ୟ ବୃତ୍ତି ପାଇବା ପାଇଁ ଯୋଗ୍ୟ ହେଉଥିଲେ। କାରଣ ଛାତ୍ର ଅନୁପାତରେ ବୃତ୍ତିର ସଂଖ୍ୟା ବେଶ୍ ବେଶି ଥିଲା। ତେବେ ବିଶ୍ୱନାଥ ୧୯୦୨ରେ କେଉଁ ଶ୍ରେଣୀରେ ପାଶ୍ କରି ପନ୍ଦର ଟଙ୍କା ଓ ଦଶ ଟଙ୍କାର ବୃତ୍ତିଗୁଡ଼ିକ ଭିତରୁ କେଉଁ ବୃତ୍ତିଟି ପାଉଥିଲେ ତାହା ଏବେ କାଳର ବିସ୍ମରଣ ଗର୍ଭରେ ଲୀନ ହୋଇ ଯାଇଛି। ତେବେ ଯେତେଦୂର ସମ୍ଭବ ବୃତ୍ତିର ପରିମାଣ ଥିଲା ଦଶ ଟଙ୍କା। ତାହା ନ ହୋଇଥିଲେ କଲେଜ ଜୀବନରେ ବିଶ୍ୱନାଥଙ୍କୁ ଆପଣାର ପଢ଼ା ଖର୍ଚ୍ଚ ଓ ପ୍ରାଣ ଧାରଣ ପାଇଁ ଯେଉଁ ଅହୋରାତ୍ର ସଂଗ୍ରାମ କରିବାକୁ ପଡ଼ିଥିଲା, ତାହା ବୋଧହୁଏ ପଡ଼ି ନ ଥାନ୍ତା। କାରଣ ସେ କାଳରେ ପାଞ୍ଚ ଟଙ୍କାର ପରିମାଣ ଏ କାଳର ମାପ କାଠିରେ କଳ୍ପନାତୀତ।

ଫକୀରମୋହନଙ୍କର ବାଲ୍ୟ କାଳର ଖାଇବା ଦରବର ଦରଦାମ କଥା ଏବେ କହିଲେ ତାହା ବିଶ୍ୱାସ ହେବ ନାହିଁ। ତେବେ ପୁରୀ ସହରରେ ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ରଙ୍କର ଆତ୍ମଜୀବନୀ ଅନୁସାରେ ଚାଉଳ ଟଙ୍କାରେ ଅଠର ସେର (ନୀଳକଣ୍ଠ), ସେରକୁ ତିନି ପଇସା ହିସାବରେ ଚଉଷଠି ପଇସାକୁ ଏକୋଇଶ ସେର (ଗୋଦାବରୀଶ), ଦୁଧ ସେରକୁ ଏକ ଅଣା ଅର୍ଥାତ୍ ଟଙ୍କାକୁ ଷୋହଳ ସେର, ମାଛ ସେର ପାଞ୍ଚ ପଇସା (ଗୋଦାବରୀଶ), ନୀଳକଣ୍ଠଙ୍କର ବର୍ଣ୍ଣିଳ ବର୍ଣ୍ଣନା ଅନୁସାରେ ବଡ଼ ବଡ଼ ବିଛାବଳିଆ ଚିଲିକା ବା ସମୁଦ୍ର ଚିଙ୍ଗୁଡ଼ି ସାଧାରଣତଃ ପଇସାକୁ ଦଶଟା ବା ପନ୍ଦରଟା । ଦଶଟା ଚିଙ୍ଗୁଡ଼ି ହେଉଛି ଅଧ ସେର କାନ୍ତାର ଓଜନ। ଏଇଟା ୧୮୯୯/୧୯୦୦ ସାଲର ଓଡ଼ିଶାର ଖାଦ୍ୟ ପଦାର୍ଥ ଦରର ହିସାବ। ନୀଳକଣ୍ଠ ଦାସ ଲେଖିଛନ୍ତି ପୁରୀ ଜିଲ୍ଲା ସ୍କୁଲ ବୋର୍ଡ଼ିଂରେ ଚାଉଳ ସହିତ ମାସକୁ ଦେଢ଼ ଟଙ୍କା ଖର୍ଚ୍ଚ ପଡୁଥିଲା । ଥରକର ମେସ୍ ଖର୍ଚ୍ଚ ଟଙ୍କାଏ ନଅ ଅଣା ପଡ଼ିଯାଇ ଥିବାରୁ ମେସ୍‌ର ଛାତ୍ରମାନଙ୍କ ଭିତରେ ଗୋଟିଏ ଆନ୍ଦୋଳନ ପଡ଼ି ଯାଇଥିଲା ଓ ସେହି ମାସର ଛାତ୍ର ମେସ୍ ମେନେଜରଙ୍କୁ ନିନ୍ଦା ଶୁଣିବାକୁ ପଡ଼ିଥିଲା।

Digitized by srujanika@gmail.com

"୧୯୦୬ ମସିହା ପର୍ଯ୍ୟନ୍ତ ପୁରୀକୁ ମୋଟରେ ଗାଡ଼ି ଯାଇ ନ ଥିଲା। କଲେକ୍ଟର, ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ସିଭିଲ ସର୍ଜନ ଏହି ତିନି ଜଣ ଗୋରା ହାକିମଙ୍କର ତିନି ଖଣ୍ଡି ବାଇସାଇକେଲ ଥିଲା। ଛାତ୍ରମାନେ ଚାରି ପାଞ୍ଚ ମାଇଲ ଦୂରରୁ ସୁଦ୍ଧା ପାଦରେ ଚାଲି ପାଠ ପଢ଼ିବାକୁ ଆସୁଥିଲେ । ସିଗାରେଟ ଚଳୁ ନ ଥିଲା। ଦର୍ପଣ ପାନିଆଁ ରଖୁଥିଲେ ଶହେ ପଚାଶକେ ଜଣେ ଜଣେ ପିଲା। ଗୋପବନ୍ଧୁ ବାବୁ ଖାନ୍‌ଦାନ୍ ଘରୁ ଆସିଥିଲେ ସୁଦ୍ଧା ବି.ଏ ପାଶ୍ କରି ସାରି କଲିକତା ପଢ଼ିବାକୁ ଯିବା ପର୍ଯ୍ୟନ୍ତ ପାଦରେ ଯୋତା ଛୁଇଁ ନ ଥିଲେ କି ଦେହରେ କୁରୁତା ଗଳାଇ ନ ଥିଲେ।

(ଗୋଦାବରୀଶ ଆତ୍ମଜୀବନୀ)

"ପ୍ରାୟ ୧୯୦୦ ସାଲରେ ହଲୱାର୍ଡ଼ ସାହେବ ରେଭେନ୍‌ସା କଲେଜରେ ପ୍ରିନ୍‌ସପାଲ ଥିଲେ । ଓଡ଼ିଶାରେ ତାଙ୍କ ସାହେବ କାଏଦା ଖୁବ୍ ବଢ଼ି ଯାଇଥିଲା । × × × ଇଂରେଜ ରୀତି, ନୀତି ଓ ପରିଧାନ, ବେଶ ପ୍ରଭୃତି ପ୍ରତି ହଲୱାର୍ଡ଼ ସାହେବଙ୍କ ଅତ୍ୟନ୍ତ ଦୃଷ୍ଟି ଥାଏ। ଓଡ଼ିଆଙ୍କ ପରିଚ୍ଛଦ ତାଙ୍କର ବଡ଼ ଚକ୍ଷୁଶୀଳ ଥିଲା। ଧୋତି ଚଦରକୁ ସେ ଅତି ଅସଭ୍ୟ ପରିଧାନ ବୋଲି ମନେ କରୁଥିଲେ। ତାଙ୍କ ସମୟରେ ପୁରୀ, ବାଲେଶ୍ୱର, କଟକର ମଧ ଏନ୍‌ଟ୍ରାନ୍‌ସ ପରୀକ୍ଷା ହେଉଥିଲା ରେଭେନ୍‌ସା କଲେଜରେ। ଦୂର ଦୂରାନ୍ତର ପିଲାମାନେ ମଧ ଏନ୍‌ଟ୍ରାନ୍‌ସ ପରୀକ୍ଷା ଦେବାକୁ ଆସିଲେ, ଅନେକେ କଟକରେ ସେଇଦିନ ଜୀବନରେ ପ୍ରଥମେ କୁରୁତା ତିଆରି କରାଉଥିଲେ ଓ ଯୋତା କିଣି ମାଡୁଥିଲେ। ଅବଶ୍ୟ ସେ ଯୋତା ସେତେବେଳର ଟଙ୍କିକିଆ ଯୋତା। ତାକୁ ପିନ୍ଧି ତା' ଦାଉରେ ହେଉଥିବା ଗୋଇଠି ଆଙ୍ଗୁଠିର ଫୋଟକା ଉପରେ ପୁଣି ତାକୁ ମାଡ଼ି ପରୀକ୍ଷା ଘର ଭିତରକୁ ଯିବା ଆସିବା ଅନେକଙ୍କ ପକ୍ଷରେ ବଡ଼ ଦୁଃସାଧ ଥିବାର ମୋର ମନେଅଛି। ସେପରି ଯୋତା, କୁରୁତା ନ ଥିଲେ ହଲ୍‌ଓ୍ୟାର୍ଡ ସାହେବ କାହାରିକୁ ପରୀକ୍ଷା ହଲ୍ ଭିତରକୁ ପଶିବାକୁ ଦେଉ ନ ଥିଲେ।

(ନୀଳକଣ୍ଠ ଆତ୍ମଜୀବନୀ)

(ଛଅ)

ପୁରୀ ଜିଲ୍ଲା ସ୍କୁଲରେ ବିଶ୍ୱନାଥଙ୍କର ପାଠ ପଢ଼ାବେଳେ ବ୍ରାହ୍ମଣ ସମିତି ନାମକ ହଷ୍ଟେଲ ସ୍ୱର୍ଗତଃ ମୁକ୍ତାର ରାମଚନ୍ଦ୍ର ଦାସ ଓ ପଣ୍ଡିତ ସଦାଶିବ ମିଶ୍ର ପ୍ରଭୃତିଙ୍କର ଉଦ୍ୟମରେ ଆରମ୍ଭ ହୋଇଥିଲା। ପ୍ରଥମେ ବିଶ୍ୱନାଥ ସେଇଠି ଆସି ରହିଥିଲେ।

Digitized by srujanika@gmail.com

ପରେ ବହିପତ୍ରର ଅଭାବ ଯୋଗୁଁ ଆପଣା ସାଥୀ ପିଲାଙ୍କ ମେଳରେ ପାଠ୍ୟ ପୁସ୍ତକ ପଢ଼ିବାର ଅସୁବିଧା ଦୂରକରିବା ପାଇଁ ସିଏ ସ୍କୁଲ ବୋର୍ଡ଼ିଂରେ ଶେଷ ଦୁଇ କ୍ଲାସ ଯାଇ ରହିଥିଲେ। ୧୮୯୭ ଠାରୁ ୧୯୦୨ ପର୍ଯ୍ୟନ୍ତ ଏହି କାଳ ଥିଲା ଓଡ଼ିଶାର ଜୀବନ ପାଇଁ ବିଶେଷତଃ ପୁରୀ ସହର ପାଇଁ ଏକ ଘଡ଼ିସନ୍ଧି କାଳ। ବିଶେଷକରି ୧୮୯୯ରେ ପୁରୀରେ ରଥ ଯାତ୍ରାବେଳେ ଯେଉଳି ପ୍ରବଳ ହଇଜା ଲାଗିଥିଲା ଓ ହଜାର ହଜାର ଲୋକ ବାଟ ଘାଟରେ ପଡ଼ି ମୃତ୍ୟୁ ମୁଖରେ ପଡ଼ିଥିଲେ, ତାହାର ବିଭୀଷିକା ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ଓ ଅନ୍ୟାନ୍ୟ ସେହି ସମୟରେ ପୁରୀରେ ବିଶ୍ୱନାଥଙ୍କର ତଳ କ୍ଲାସରେ ପଢୁଥିବା ଛାତ୍ରମାନଙ୍କର ବର୍ଣ୍ଣନାରୁ ଅନୁମାନ କରିହୁଏ। ଏଠାରେ ଉଲ୍ଲେଖ କରିବାର କଥା ଯେ ହଇଜା ଯେ ପୁରୀକୁ ରେଳଗାଡ଼ି ଆସିବା ଫଳରେ ସଭ୍ୟତା, ଯାତ୍ରୀର ପଟୁଆଳ, ରାଜଯକ୍ଷ୍ମା, ମ୍ୟାଲେରିଆ ସହିତ ଆସିଥିଲା ସେ କଥା ନୁହେଁ। ହଇଜା ରୋଗ ପୁରୀ ଓ ଆଖପାଖ ଅଞ୍ଚଳରେ ଏଥିପୂର୍ବରୁ ମଧ ସହଚର ଥିଲା। ବିଶ୍ୱନାଥଙ୍କର ଅଗ୍ରଜ ଦୁଇଜଣ ଦୀନବନ୍ଧୁ ଓ କୃପାସିନ୍ଧୁ ଏହି ହଇଜାରେ ହିଁ ଅକାଳ ମୃତ୍ୟୁ ଲଭିଥିଲେ।

ସ୍କୁଲ ଜୀବନର ପାଞ୍ଚ ବର୍ଷ ଭିତରେ ତାଙ୍କର ସମସାମୟିକ ଥିଲେ ହରିହର (ପରବର୍ତ୍ତୀ, କାଳରେ ବିଖ୍ୟାତ ଆଗ୍ଚର୍ଯ୍ୟ ହରିହର ଦାସ), ନିମାପଡ଼ା ପାଟପୁରର ଦାମୋଦର ରଥ, ପରବର୍ତ୍ତୀ କାଳରେ ସିଏ ଅବକାରୀ ବିଭାଗ ସୁପରିଣ୍ଟେଣ୍ଟେଣ୍ଟ ଓ କମିଶନର ହୋଇ ଅବସର ନେଇଥିଲେ ଓ ରଣପୁର ଦେଶୀୟ ରାଜ୍ୟର ସାରଙ୍ଗଧରପୁର ଗ୍ରାମର ଶଙ୍କର ଷଡ଼ଙ୍ଗୀ। ଏମାନଙ୍କର ଦୁଇ ତିନି ବର୍ଷ ପୂର୍ବରୁ ସ୍ୱନାମଧନ୍ୟ ଗୋପବନ୍ଧୁ ଓ ତାଙ୍କର ସହପାଠୀ ଉତ୍ତମଛାତ୍ର ଭାବରେ ପ୍ରଶଂସିତ ବୀର ପ୍ରତାପପୁରର ବୈଦ୍ୟନାଥ ମିଶ୍ର ଓ ଶ୍ରୀରାମଚନ୍ଦ୍ରପୁରର ଗୋପୀନାଥ ଦାସ। ପରବର୍ତ୍ତୀ ଦୁଇ ଜଣ ଧନୀ ପରିବାରରେ ବିବାହ କରି ଅନାୟାସରେ ଗ୍ରାଜୁଏଟ ହୋଇଥିଲେ ଓ ଡ଼େପୁଟି କଲେକ୍ଟର ପାହ୍ୟାରୁ କଲେକ୍ଟର ପାହ୍ୟାକୁ ଉନ୍ନିତ ହୋଇଥିଲେ । ସେତେବେଳେ ସ୍କୁଲରେ ନିମ୍ନ ଶ୍ରେଣୀର ପିଲାମାନେ ଉଚ୍ଚ ଶ୍ରେଣୀର ପିଲାଙ୍କ ସହିତ ବିଶେଷ ସମ୍ପର୍କରେ ଆସୁ ନ ଥିଲେ। ତା' ଛଡ଼ା ଗୋପବନ୍ଧୁ ଓ ତାଙ୍କର ଉପର ଲିଖିତ ସହପାଠୀ ଥିଲେ ଅପେକ୍ଷାକୃତ ସ୍ୱଚ୍ଛଳ ଗୃହସ୍ଥ ପରିବାରର ପିଲା। ତେଣୁ ସେମାନଙ୍କ ସହିତ ମୁଣ୍ଡ ପକାଇବା ବିଶ୍ୱନାଥଙ୍କ ପରି ଦରିଦ୍ର ବାସନ୍ଦ ଭୟରେ ଜର୍ଜର ପିଲା ପକ୍ଷରେ ସମ୍ଭବ ନ ଥିଲା। ତଥାପି ଗୋପବନ୍ଧୁଙ୍କୁ ଯେ ବିଶ୍ୱନାଥ ଏପରିକି ଅନ୍ୟ କୌଣସି ପୁରୀ ଜିଲ୍ଲା ସ୍କୁଲର ଓଡ଼ିଆ ପିଲା ଚିହ୍ନି ନ ଥିଲେ ଏକଥା ନୁହେଁ। କାରଣ ବିଶ୍ୱନାଥ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇବା ପୂର୍ବରୁ ଗୋପବନ୍ଧୁ ସେତେବେଳର

Digitized by srujanika@gmail.com

ଶିକ୍ଷା ବିଭାଗର ଇନ୍‌ସପେକ୍ଟର କବିବର ରାଧାନାଥ ରାୟଙ୍କୁ ଆକ୍ଷେପ କରି ଦାୟିକା ଲେଖିଥିଲେ ଓ ତାହା 'ଇନ୍ଦ୍ରଧନୁ' ନାମକ ମାସିକ ପତ୍ରିକାରେ ପ୍ରକାଶ ପାଇଥିଲା । ତେଣୁ ଗୋପବନ୍ଧୁଙ୍କ ଉପରେ କଠୋର ଦଣ୍ଡାଦେଶ ହେଲା । ଏପରିକି ସ୍କୁଲରୁ ବହିଷ୍କାର ହେବାଯାଏ କଥା ଯାଇଥିଲା । ତେବେ ବହୁ ଭଦ୍ରବ୍ୟକ୍ତି ଓ ଶୁଭାନୁଧାୟୀଙ୍କର ଚେଷ୍ଟାରେ ସେ ସାମାନ୍ୟ ଜରିମାନା ଓ ପ୍ରାଇଜ ହାରିବା ବିନିମୟରେ ସେ ଘାଟିରୁ ଖସି ଯାଇଥିଲେ; କିନ୍ତୁ ଏହି ଘଟଣା ଫଳରେ ଛାତ୍ର ମହଲରେ ଚତୁର୍ଥ କ୍ଲାସର ଛାତ୍ର ଗୋପବନ୍ଧୁଙ୍କର ନାମ ଖୁବ୍ ପ୍ରଘଟ ହୋଇଯାଇଥିଲା ।

ବିଶ୍ୱନାଥଙ୍କର ସ୍କୁଲ ଜୀବନରେ ଏଭଳି ବିଚିତ୍ରତା ବା ଚମକପ୍ରଦ ଘଟଣା ଘଟିବାର ସୁଯୋଗ ନ ଥିଲା । ଏହାର ପ୍ରଧାନ କାରଣ, ବିଶ୍ୱନାଥ ଗୋପବନ୍ଧୁଙ୍କ ପରି ମୁହଁଫିଟା ନ ଥିଲେ । ତେଣୁ କୌଣସି ସାଧାରଣ କାର୍ଯ୍ୟରେ ଉପରେ ପଡ଼ି ମିଶିଯିବା ଓ ତାହା ଫଳରେ ବହୁ ବ୍ୟକ୍ତିଙ୍କର ସଂସ୍ପର୍ଶ,ସାହଚର୍ଯ୍ୟ ଓ ସ୍ନେହର ପରଶରେ ଆସିବା ବିଶ୍ୱନାଥଙ୍କର ଭାଗ୍ୟରେ ଜୁଟି ନ ଥିଲା । ତାହାଛଡ଼ା ଦାରିଦ୍ର୍ୟତା ଥିଲା ତାଙ୍କର ସ୍କୁଲ ଜୀବନର ସହଚର । ସେତେବେଳେ ଓ ତାହାର ପରବର୍ତ୍ତୀ କାଳରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦରିଦ୍ର ଘର ପିଲା ଇଂରାଜୀ ଶିକ୍ଷାକୁ ହିଁ ସମାଜରେ ପ୍ରତିଷ୍ଠିତ ହେବାର ପ୍ରଧାନ ଉପାୟ ବୋଲି ମନେକରୁଥିଲା । ଏଥିପାଇଁ ଜୀବନର ଛୋଟ ଛୋଟ ଆଶା, ଅଭିମାନ ଓ ବେଳେବେଳେ ଆତ୍ମସମ୍ମାନକୁ ମୂର୍ଚ୍ଛି ଦେବାକୁ ପ୍ରସ୍ତୁତ ହେବାକୁ ପଡୁଥିଲା । ବିଶ୍ୱନାଥ ଠିକ୍ ପଛ ଧରଣର ଦାରିଦ୍ର୍ୟ ପୀଡ଼ିତ ଛାତ୍ରମାନଙ୍କ ଭିତରେ ଜଣେ ଥିଲେ । ଯେ କୌଣସି ଉପାୟରେ ମାଟି କାମୁଡ଼ି ସମସ୍ତ ଅଭାବ ଓ ପ୍ରତିକୂଳ ପରିସ୍ଥିତି ଭିତରେ ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଥିଲା 'ଚକେ ଗଲେ ବାର ହାତ' । ତା' ଛଡ଼ା ଦଶମ ଓ ଏକାଦଶ ଶ୍ରେଣୀର ଦୋସନ୍ଧିବେଳେ ତାଙ୍କର ଦୂର୍ବାକ୍ଷତ ହୋଇ ଯାଇଥିଲା । ଘରେ ଭାର୍ଯ୍ୟା, ପୁଣି ସେତେବେଳେ ତାଙ୍କର ପିତାଙ୍କର ଏକାନ୍ନବର୍ତ୍ତୀ ବିଶାଳ ପରିବାର । ତାଙ୍କ ତଳେ ତିନୋଟି ଭାଇ ଭଉଣୀ । ବିଶ୍ୱନାଥଙ୍କ ମନରେ ସ୍କୁଲ ପଢ଼ା ଛାଡ଼ି ଦେବାର ଆଶଙ୍କା ଅନ୍ତତଃ ତାଙ୍କୁ ବ୍ୟସ୍ତ କରୁଥିଲା ।

ତେଣୁ ୧୯୦୨ ମସିହା ପର୍ଯ୍ୟନ୍ତ ଯେ କୌଣସି ପ୍ରକାରେ କଟକରେ ଏନ୍‌ଟ୍ରାନ୍‌ସ ପରୀକ୍ଷା ଦେବା ଥିଲା ସେତେବେଳେ ଏକମାତ୍ର ଅଭିଳାଷର ଧ୍ରୁବତାରା । ଦଶ ଟଙ୍କା ଜିଲ୍ଲା ବୃତ୍ତି ନ ପାଇଥିଲେ ବିଶ୍ୱନାଥଙ୍କର କଲେଜ ପଢ଼ା ନିଶ୍ଚିତ ଭାବରେ ଇତିଶ୍ରୀ ହୋଇ ଥାଆନ୍ତା ।

Digitized by srujanika@gmail.com

ଏହି ସମସ୍ତ ସାଧନା ଓ ସଂକଳ୍ପ ଭିତରେ ବିଶ୍ୱନାଥଙ୍କର ଆଶାର ଉଜ୍ଜ୍ୱଳ ସ୍ତମ୍ଭ ଥିଲେ ତାଙ୍କର ପିତା ଓ ବଡ଼ ଭାଇ ଦୟାନିଧି ମିଶ୍ରେ। ସେମାନେ ଆପଣାର କ୍ଷୁଦ୍ର ସମ୍ବଳ ସତ୍ତ୍ୱେ ତାଙ୍କୁ କର୍ମପଥରେ ଅଗ୍ରସର ହେବାର ସମସ୍ତ ପ୍ରେରଣା ଯୋଗାଇଥିଲେ। ବିଶ୍ୱନାଥଙ୍କର ପିତାଙ୍କ ପ୍ରତି କୃତଜ୍ଞତା ଓ ଭକ୍ତି ଏବଂ ବଡ଼ ଭାଇନାଙ୍କର ପରିବାର ପ୍ରତି ଆପଣାର ଅସରନ୍ତି ମମତାର ଏହା ହିଁ ପ୍ରଧାନ କାରଣ ଥିଲା। ତାଙ୍କର ପରବର୍ତ୍ତୀ ଜୀବନରେ ଏହାର ଭୂୟସୀ ପ୍ରମାଣ ମିଳିଥିଲା ।

(ସାତ)

କଟକ ରେଭେନ୍‌ସା କଲେଜ ସେତେବେଳେ ରାଜନୈତିକ ଓଡ଼ିଶାର ଏକମାତ୍ର କଲେଜ। ତାହାର ଜନ୍ମ ଯେପରି କରୁଣ, ତାହାର ଇତିହାସ ମଧ୍ୟ ସେପରି ହୃଦୟସ୍ପର୍ଶୀ। ସେଇ କଲେଜରେ ସବୁ ବୃତ୍ତିଧାରୀ, ଅବୃତ୍ତିଧାରୀ, ଛାତ୍ର, ନିଃସ୍ୱ ଓ ସମ୍ବଳବନ୍ତ ପରିବାରର ଛାତ୍ରମାନଙ୍କର ଏକାଠି ହେବାର ସ୍ଥାନ। ତା'ପରେ ସେଠାରେ ନାମ ଲେଖାଇ ପଢ଼ିବା ପିଲାଙ୍କ ଭିତରେ କେତେକ କଲେଜ ବୋର୍ଡ଼ିଂ (ସେଇ ଦି କଲେଜିଏଟ୍ ସ୍କୁଲ,ଆଉ ସର୍ଭେ ସ୍କୁଲ ବୋର୍ଡ଼ିଂ)ରେ ରହୁଥିଲେ। ଆଉ ଅନେକ କଲେଜ, ଟ୍ରେନିଂ ସ୍କୁଲ ଓ ସର୍ଭେ ସ୍କୁଲ ଛାତ୍ର ସେହି କଲେଜ ଆଖପାଖ ସ୍ଥାନରେ ମେସ୍ କରି ରହୁଥିଲେ। ମେସ୍ ଭିତରେ ପ୍ରଧାନ ଥିଲା ମଧୁସୂଦନ ଦାସଙ୍କ ଘରକୁ ଲାଗି ଗୋଟିଏ ମେସ୍ ଆଉ ନର୍ମାଲ ସ୍କୁଲ ଗଳି (ଏବ ନାମ ଭାଷାକୋଷ ଲେନ୍) ଭିତରେ ଗୋଟିଏ ମେସ। ସ୍ୱର୍ଗୀୟ ଗୋବିନ୍ଦ ରଥଙ୍କର ନାମ ଧାରଣ କରିଥିବା ଗୋବିନ୍ଦ ରଥ ଲଜ। ଆଉ ଠିକ୍ ଏପରି କଲେଜିଏଟ୍ ବୋର୍ଡ଼ିଂରେ ପାଚେରି ଲାଗି ଯାଇଥିବା ପୁରୁଣା କଲେଜ ଗଳିର ସେପଟେ ଲଣ୍ଡା ଦେଉଳ ପାଖର ଛୋଟ ଛୋଟ ଛାତ୍ର ମେସ।

ମୋଟେ ଦଶ ଟଙ୍କା ବୃତ୍ତି; ସେଥିରୁ ପାଞ୍ଚ ଟଙ୍କା ଆଠଅଣା ଯାଏ ଦୁଇ ଓଳିର ଦୁଇ ବଖତ ଖାଇବା, ପୁଝାରୀ ଗ୍ଭକର ଖର୍ଚ୍ଚ ଇତ୍ୟାଦି ଯାଏ। ତେଣୁ .ବାକି ଗ୍ଭରି ଟଙ୍କା ଆଠଅଣାରୁ କଲେଜ ଦରମା, ବୋର୍ଡ଼ିଂ ଭଡ଼ା, ଧୋବା ଭଣ୍ଡାରି, କାଗଜ ବହି ଇତ୍ୟାଦି ଖର୍ଚ୍ଚ ଚଳାଇବା ବଡ଼ କଠିନ କାର୍ଯ୍ୟ। ତେଣୁ ବିଶ୍ୱନାଥ ଲଣ୍ଡା ଦେଉଳ ଚତୁର୍ଦ୍ଦିଗରେ ଥିବା ମେସ୍ ଭିତରୁ ଗୋଟିକରେ ଆପଣାର ପୂର୍ବକଥିତ ସ୍କୁଲ ସାଥୀ ଦାମୋଦର ରଥ ଓ ଶଙ୍କର ଷଡ଼ଙ୍ଗୀଙ୍କ ସଙ୍ଗେ ବସା ବାନ୍ଧିଲେ। ଛୋଟ ମେସ୍‌ରେ ପୂଝାରୀ ଦରମା ଓ ଖାଉତି ଖର୍ଚ୍ଚ ବଡ଼ ବୋର୍ଡ଼ିଂର ମେସ୍‌ଠାରୁ ଅଧିକ। ତେଣୁ ପୂଝାରୀକୁ ବାଦ ଦେବାକୁ ହେଲା। ଭାତ, ଡ଼ାଲି ଆଉ ବାଇଗଣ ଭର୍ତ୍ତା ଥିଲା ଦୈନନ୍ଦିନ ଖାଦ୍ୟ। ରବିବାର ଦିନ ଅକାଳେ ସକାଳେ ଆମିଷର ପରଶ ପତ୍ରରେ ପଡୁଥିଲା।

Digitized by srujanika@gmail.com

ସ୍କୁଲ ଜୀବନରେ ଶିକ୍ଷକଙ୍କ ଭିତରୁ ଅଳ୍ପ ହେଲେ ବି କେତେ ଜଣ ଓଡ଼ିଆ ଥିଲେ। ଅନ୍ତତଃ ସଂସ୍କୃତ ଓ ଓଡ଼ିଆ ଶିକ୍ଷକ, ସଦାଶିବ ମିଶ୍ର କାବ୍ୟକଣ୍ଠ ଓ ଶ୍ରୀ ଦିବ୍ୟସିଂହ ମିଶ୍ର ବି.ଏ ଇତ୍ୟାଦି। ଏମାନେ ପୁରୀ ଜିଲ୍ଲା ସ୍କୁଲରେ ଥିଲେ। ତେଣୁ ଏହି ଶିକ୍ଷକ ଓ ଓଡ଼ିଆ ଛାତ୍ରଙ୍କ ମଧରେ କିଛି କିଛି ସାମାଜିକ, ସାଂସ୍କୃତିକ ସମ୍ପର୍କ ଥିଲା। ଏହି ସଂପର୍କ ବି ଘନିଷ୍ଠ ହେବାର କାରଣ ଥିଲା; କିନ୍ତୁ ରେଭେନ୍‌ସା କଲେଜରେ ସେତେବେଳକୁ ସମସ୍ତେ ବଙ୍ଗାଳି ଅଧାପକ। ସେମାନଙ୍କ ଭିତରୁ ଅବଶ୍ୟ ବଙ୍ଗାଳି ଶିକ୍ଷକ, ଅଧାପକମାନେ ଓଡ଼ିଆ-ଭାଷାଭାଷୀ ନିର୍ବିଶେଷରେ ସବୁ ଛାତ୍ରଙ୍କୁ ସମଦୃଷ୍ଟିରେ ଦେଖୁଥିଲେ; କିନ୍ତୁ ସମାନ ମାତୃଭାଷାର ସମ୍ମୋହନ ଆତ୍ମୀୟତା ଏଥିରେ ଫୁଟୁ ନଥିଲା। ବନ୍ଧୁତା, ଭକ୍ତି ଓ ମମତାର ପ୍ରଥମ କଥା ହେଉଛି ସମାନ ଦୃଷ୍ଟିକୋଣ ଓ ଦ୍ୱିତୀୟ ସ୍ଥାନ ହେଉଛି ଭାଷା। ସେତେବେଳେ ତ ଶିକ୍ଷକ ଓ ଛାତ୍ରଙ୍କ ଭିତରେ ଏକ ପ୍ରକାର ଦୃଷ୍ଟିକୋଣ ପାଇଁ କ୍ଷେତ୍ର ପ୍ରସ୍ତୁତହୋଇ ନ ଥିଲା। ତେଣୁ ମମତା, ଭକ୍ତି ଓ ସ୍ନେହର ଆତ୍ମୀୟତା କେବଳ ଭାଷା ଯୋଗୁଁ ହିଁ ସମ୍ଭବ ଥିଲା। ଦୁର୍ଭାଗ୍ୟର କଥା, ଉଭୟପଟୁ ବିଶେଷତଃ ଅଧାପକମାନଙ୍କ ଆଡୁ ଏଥିପାଇଁ ସଦିଚ୍ଛା ଥିଲେ ମଧ ତାହା କାର୍ଯ୍ୟତଃ ପରିସ୍ଫୁଟ ହୋଇ ପାରୁ ନ ଥିଲା।

ରେଭେନ୍‌ସା କଲେଜରେ ପଢ଼ିବାର ସମୟକାଳ ଭିତରେ ବିଶ୍ୱନାଥ ଆପଣାର ଗୁଜରାଣ ମେଣ୍ଟାଇବା ପାଇଁ କେବଳ ଯେ ପାଳି କରି ରୋଷେଇ କରିବାରେ ନିଯୁକ୍ତ ରହୁଥିଲେ ସେକଥା ନୁହେଁ, ଟିଉସନ ମଧ କରୁଥିଲେ। ସେତେବେଳେ ଗାଁରୁ ପିତାଙ୍କଠାରୁ କୌଣସି ପ୍ରକାର ଆର୍ଥିକ ସାହାଯ୍ୟର ଆଶା ନ ଥିଲା। ତେବେ ଗ୍ରାମରେ ତାଙ୍କର ପିତା, ଭାଇ, ସ୍ତ୍ରୀ ଓ ଭଉଣୀମାନଙ୍କୁ ଘେନି ଏକ ବଡ଼ ପରିବାର। ସେହି ପରିବାରର ଦୁଃସ୍ଥତା ସାଙ୍ଗକୁ ଆପଣାର ସାରାଦିନ ପାଠପଢ଼ା ଓ ଟିଉସନ ଯୋଗୁଁ ତାଙ୍କୁ କୌଣସି ସାଧାରଣ କର୍ମ କରିବାକୁ ଅବସର ମିଳୁ ନ ଥିଲା।

୧୯୦୨ରେ କ୍ଲାସ ପ୍ରମୋଶନ ପରେ ୧୯୦୩ରେ ବିଶ୍ୱନାଥ ଏଫ୍.ଏରେ ଶେଷ କ୍ଲାସରେ ଯୋଗ ଦେଲେ। ଏତିକିବେଳେ କଟକରେ ମଧୁବାବୁଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ପ୍ରଥମ ଶୁଭ ପଡ଼ିଲା। ସେହି ସମ୍ମିଳନୀରେ ବିଶ୍ୱନାଥ ଜଣେ ସ୍ୱେଚ୍ଛାସେବକଭାବରେ ଯୋଗ ଦେଲେ। ନୀଳକଣ୍ଠ ଦାସ ଲେଖିଛନ୍ତି, "ଏ ଉତ୍କଳ ସମ୍ମିଳନୀ କାହିଁକି କିପରି ଆରମ୍ଭ ହେଲା, ସେ ବିଷୟରେ ଯାହା ଜାଣିଥିଲି ତହିଁରୁ ଯାହା ମନେଅଛି ତାକୁଇ ଧରି କହିଥିଲେ। ଗଞ୍ଜାମ ଥିଲା ମାନ୍ଦ୍ରାଜରେ। ସମ୍ବଲପୁର ଥିଲା ମଧପ୍ରଦେଶରେ ଓ ମେଦିନୀପୁର ସିଂହଭୂମି ପ୍ରଭୃତି ଓଡ଼ିଶା ବଙ୍ଗ ପ୍ରଦେଶରେ ଥିଲେ ମଧ ଓଡ଼ିଶା ଯେ ଗୋଟିଏ ସ୍ୱତନ୍ତ୍ର କମିସନରଙ୍କ ବିଭାଗ ବା ଡ଼ିଭିଜନ୍ ହୋଇଥିଲା, ସେଥିରେ ନ ଥିଲା। ତେଣୁ ମେଦିନୀପୁର, ସିଂହଭୂମିର ଓଡ଼ିଆମାନେ

Digitized by srujanika@gmail.com

ଓଡ଼ିଶାକୁ ଆସିବାକୁ ସେତେ ବ୍ୟାକୁଳ ହୋଇ ନ ଥାନ୍ତେ; କିନ୍ତୁ ମେଦିନୀପୁର ଓ ଧଳଭୂମିର ଭାଷାଟା ବଙ୍ଗଳା ଓ ଛୋଟନାଗପୁର ସଙ୍ଗେ ସିଂହଭୂମିର ଭାଷା ହିନ୍ଦୀ ହୋଇଯିବାରୁ ସେ ଅଞ୍ଚଳରେ ଯାହା କିଛି ଗ୍ରଞ୍ଚଲ୍ୟ ଉପୁଜି ଥାଏ; ମାତ୍ର ଗଞ୍ଜାମ, ସମ୍ବଲପୁର କଥା ଅଲଗା। ବିଶେଷରେ ଇଂରେଜମାନଙ୍କ ଅଧିକାରର ଠିକ୍ ପୂର୍ବରୁ ଓ ଠିକ୍ ପରେ ଓଡ଼ିଆ ସାହିତ୍ୟର ଯଥାର୍ଥ ସ୍ଥାନ ଥିଲା ଗଞ୍ଜାମ। ସେମାନେ ଓଡ଼ିଶାକୁ ଆସିବାକୁ ଭାରି ଛଟପଟ ହେଉଥିଲେ। ବିଶେଷରେ ତେଲେଙ୍ଗା ଭାଷାର ଓଡ଼ିଆ ଭାଷା ସଙ୍ଗେ କୌଣସି ସମ୍ପର୍କ ନ ଥିବାରୁ ଓ ମାନ୍ଦ୍ରାଜ ସରକାର ଅଧୀନରେ ସବୁ କର୍ମଚାରୀ ତେଲେଙ୍ଗା, ତାମିଲ ହେଉଥିବାରୁ, ପୁଣି ସ୍କୁଲ କଚେରୀରେ ଓଡ଼ିଆ ଭାଷା ନ ଚଳି ତେଲେଙ୍ଗା ଭାଷା ଚଳୁଥିବାରୁ ସେଠା ଲୋକେ ଭାରି ବ୍ୟସ୍ତ ହେଉଥିଲେ। ଜୟପୁରର ମଧ୍ୟ କେହି କେହି ସେଥିରେ ଯୋଗ ଦେଉଥିଲେ। ୧୯୦୩ରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳର ଲୋକଙ୍କୁ ନିମନ୍ତ୍ରଣ କରି ସେମାନେ ଗୋଟାଏ ସମ୍ମିଳନୀ ସଭା ରମ୍ଭାରେ ଡ଼ାକିଲେ। ଗୋପବନ୍ଧୁ ଦାସେ ସେ ସଭାକୁ ଯାଇଥିଲେ।"

(ନୀଳକଣ୍ଠ ଦାସ ଆତ୍ମଜୀବନୀ)

ଗଞ୍ଜାମ ସଭାର ଉତ୍ସାହରେ ପ୍ରେରଣା ପାଇ ମଧୁବାବୁ ୧୯୦୩ରେ ଉତ୍କଳ ସମ୍ମିଳନୀକୁ କଟକରେ ଡକାଇଥିଲେ। ଗଞ୍ଜାମର ବୈଠକୀ ସଭାରେ ମଧୁବାବୁ ଓ ଗୋପବନ୍ଧୁଙ୍କର ଅପୂର୍ବ ବାଗ୍ମିତା, ସର୍ବୋପରି ଦେଶପ୍ରାଣ ନିଷ୍ଠା ପ୍ରତ୍ୟେକ ଦର୍ଶକ ଓ ପ୍ରତିନିଧିଙ୍କୁ ବାସ୍ତବିକ ଅଭିଭୂତ କରିଥିଲା। ଏହି ସଭାର ଖବର ମଧ୍ୟ ସେତେବେଳକୁ ପ୍ରାକୃତିକ ଓଡ଼ିଶାର ସର୍ବତ୍ର ରାଷ୍ଟ୍ର ହୋଇ ଯାଇଥିଲା। ଓଡ଼ିଆ ବୋଲି ଗର୍ବୀତ ହେବାର ସେ ଯେପରି ଗୋଟାଏ ମାହେନ୍ଦ୍ର ବେଳା। ତେଣୁ କଟକର ଉତ୍କଳ ସମ୍ମିଳନୀରେ ଉତ୍ସାହ ତୁଙ୍ଗ ଶିଖରୀରେ ପହଞ୍ଚିଗଲା।

ଏହି ସମ୍ମିଳନୀ ପାଇଁ କିଏ ନେତୃତ୍ୱ ନେବେ ? କେଉଁମାନେ ହେବେ ଏହାର ଅଗ୍ରବାହିନୀ ? ଏହି ଚିନ୍ତା ଆନୁଷ୍ଠାନିକ ଭାବରେ ନ ଆସିଲେ ବି ପ୍ରତ୍ୟେକ ଦର୍ଶକ ଓ ପ୍ରତିନିଧିଙ୍କ ମନରେ ଉତ୍କଳ ସମ୍ମିଳନୀ ମଣ୍ଡପରେ ହିଁ ବିଦ୍ୟମାନ ଥାଏ। ମଧୁବାବୁ ବୟସରେ ବଡ଼ ଓ ପ୍ରବୀଣ। ଲୋକେ ତାଙ୍କୁ ଭକ୍ତି କରୁଥିଲେ। ତାଙ୍କୁ ଟିକିଏ ଦୂରରୁ ଦେଖୁଥିଲେ ବିଶେଷତଃ ଯୁବକ ଲୋକେ, "ଗଞ୍ଜାମର ସେତେବେଳେ ଏ ଉଦ୍‌ବୋଧନ ଭିତରେ ବୃଦ୍ଧ ବା ପ୍ରବୀଣ ସେପରି ଜଣାଶୁଣା ନ ଥିଲେ। ବୟସ୍କ ଓ ପ୍ରବୀଣଙ୍କ ଭିତରେ ସେତେବେଳେ ଥିଲେ ସ୍ୱର୍ଗତ ନରସିଂହ ଦାସ, ତାଙ୍କ ତଳକୁ ଆସ୍କାର ଓକିଲ ହରିହର ପଣ୍ଡା । ଏ ଦୁଇଜଣ ଯୁବକ ଦଳରେ ଗଣା ହେଲା ଭଳି ଲୋକ।" (ନୀଳକଣ୍ଠ ଆତ୍ମଜୀବନୀ) ଗଞ୍ଜାମ ଯେହେତୁ ଓଡ଼ିଆ ସଂସ୍କୃତି, ଭାଷା ଓ

Digitized by srujanika@gmail.com

ସାହିତ୍ୟର ପ୍ରାଣକେନ୍ଦ୍ର; ପୁଣି ସେହି ଗଞ୍ଜାମ ରହିଯାଇଛି ମାନ୍ଦ୍ରାଜ ପ୍ରେସିଡ଼େନ୍ସିରେ। ଗଞ୍ଜାମର ମିଶ୍ରଣ ଉପରେ ଜୟପୁର, ପାରଳାଖେମୁଣ୍ଡି, ଟିକାଲି, ତରଳା, ଜଳନ୍ତର ଇତ୍ୟାଦି ସାରା ଶ୍ରୀକାକୁଳମ୍ ଓ ବିଶାଖାପାଟଣା ଜିଲ୍ଲାର ବହୁ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ନିର୍ଭରଶୀଳ। ତେଣୁ ଗଞ୍ଜାମ ପାଇଁ ଯୁବକ ନେତାର ଅଭାବ କଟକ ସମ୍ମିଳନୀରେ ପ୍ରତିନିଧି ଓ ଦର୍ଶକମାନେ ଅନୁଭବ କରିଥିଲେ।

ବିଶ୍ୱନାଥ ଏହି ସମ୍ମିଳନୀରେ ଜଣେ ସ୍ୱେଚ୍ଛାସେବକ ଭାବରେ ଯୋଗ ଦେଇଥିଲେ। ତାଙ୍କର ଶୃଙ୍ଖଳା ପରିପାଟୀ, ନମ୍ରତା ଓ କର୍ତ୍ତବ୍ୟ ନିଷ୍ଠା ପ୍ରତିନିଧିବର୍ଗଙ୍କୁ ବିଶେଷତଃ ଗଞ୍ଜାମ ପ୍ରତିନିଧି ଓ ଦର୍ଶକମାନଙ୍କୁ ବିଶେଷଭାବରେ ଅନୁପ୍ରାଣିତ କରିଥିଲା। ଏଥିପୂର୍ବରୁ ଗୋପବନ୍ଧୁଙ୍କର ସ୍ୱଭାବସୁଲଭ ମଧୁର ହୃଦୟଗ୍ରାହୀ କଥାଭାଷା ଓ ଅଦମ୍ୟ ସରସତା ସହିତ ଯୌବନର ଉଦ୍ଦୀପନାରେ ଗଞ୍ଜାମର ପ୍ରତିନିଧିମାନେ ମୁଗ୍ଧ ହୋଇଥିଲେ। ତେବେ ଗୋପବନ୍ଧୁ ସେତେବେଳକୁ ନାନା କାର୍ଯ୍ୟରେ ହାତ ଦେବାକୁ ଆରମ୍ଭ କରି ଦେଇଥିଲେ। ତେଣୁ ତାଙ୍କୁ ସଂପୂର୍ଣ୍ଣ ଭାବରେ ଗଞ୍ଜାମରେ ଦେଶମିଶ୍ରଣ କାର୍ଯ୍ୟରେ ପାଇବା ସମ୍ଭବପର ନ ଥିଲା। ବିଶ୍ୱନାଥ ଗୋପବନ୍ଧୁଙ୍କଠାରୁ ବୟସରେ ଓ ବିଦ୍ୟାରେ ସାନ ଥିଲେ। ତେଣୁ ତାଙ୍କୁ ମଧ ଏପରି ତରୁଣ ବୟସରୁ ସଂପୂର୍ଣ୍ଣଭାବରେ ଗଞ୍ଜାମ ଜିଲ୍ଲାରେ ନିଯୁକ୍ତ କରିବାରେ ପ୍ରତିନିଧିମାନେ ଶଙ୍କା କରୁଥିଲେ। କାରଣ ସେ ଏକେ ତ ଅସ୍ୱଚ୍ଛଳ ଘରର ସନ୍ତାନ, ପୁଣି ବିବାହିତ। ତେଣୁ ସବୁ ନିର୍ଭର କରୁଥିଲା ବିଶ୍ୱନାଥଙ୍କର ନିଷ୍ପତ୍ତି ଉପରେ। ଏହି ନିଷ୍ପତ୍ତି ଥିଲା କଠୋର ନିଷ୍ପତ୍ତି। ବିଶ୍ୱନାଥ ସେହି ସମ୍ମିଳନୀ ମଣ୍ଡପରେ ଆପଣାର ନିଷ୍ପତ୍ତି ଘୋଷଣା କରି ନ ଥିଲେ; କିନ୍ତୁ ସେ ଅନ୍ତର ଭିତରେ ସ୍ଥିର କରି ନେଇଥିଲେ ଏଫ୍.ଏ ପାଶ୍ ପରେ ତାଙ୍କ ପାଇଁ କଲେଜ ପାଠ ଆଉ ନାହିଁ। ତାଙ୍କୁ ଦୁସ୍ତର ଜୀବନ ସଂଗ୍ରାମରେ ଝାସ ଦେବାକୁ ପଡ଼ିବ। ଏହାର ଉଦ୍ଦେଶ୍ୟ ଦୁଇଟି। ଏକ-ଦେଶ ସେବା, ଦୁଇ-କୁଟୁମ୍ବ ପ୍ରତିପୋଷଣ। ତେବେ ଜୀବନର ଏହି କଠୋର ଶପଥରେ ଦ୍ୱିତୀୟ ବିଷୟଟି ପ୍ରଥମର ସ୍ଥାନ ଗ୍ରହଣ କରେ ଓ ଶେଷରେ ପ୍ରଥମଟି ଲୋପ ପାଇଯାଇଥାଏ। ଏକଥା ଏପର୍ଯ୍ୟନ୍ତ ବହୁ ବିପ୍ଳବୀଙ୍କ ଜୀବନରେ ମଧ ଘଟି ଆସିଛି। ତେଣୁ ବିଶ୍ୱନାଥଙ୍କର ଜୀବନରେ କ'ଣ ତାହା ହିଁ ଘଟିପାରେ, ଏଭଳି ସନ୍ଦେହ କରିବାର ଅବକାଶ ଥିଲା। କିନ୍ତୁ ଏ ସନ୍ଦେହ ବୃଥା ହେଲା, କାରଣ ବିଶ୍ୱନାଥ ଦେଶ ସେବା ପାଇଁ ଯେଉଁ ପଥ ବାଛି ନେବାକୁ ସେହି ସମ୍ମିଳନୀ ପରଠାରୁ ସଂକଳ୍ପ କରିନେଲେ ସେ ପଥ ଥିଲା ତାଙ୍କର ପାଇଁ ଶ୍ରେଷ୍ଠ ପଥ। ପରବର୍ତ୍ତୀ ଘଟଣା ହିଁ ଏହା ପ୍ରମାଣ କରିଥିଲା।

Digitized by srujanika@gmail.com

ଶିକ୍ଷକ ଓ ଶିକ୍ଷାନବିଶ

(ଏକ)

୧୯୦୪ ସାଲର ଗଞ୍ଜାମ ଜିଲ୍ଲାର ଘୁମୁସରର ରସୁଲକୋଣ୍ଡାର ବର୍ତ୍ତମାନ ନାମ ଭଞ୍ଜନଗର। ଏବେ ଉକ୍ତ ଭଞ୍ଜନଗରକୁ ଯିବା ପାଇଁ ସରକାରୀ ବା ଅର୍ଦ୍ଧ ସରକାରୀ ବସ୍ ସର୍ଭିସ ଅଛି। ସେତେବେଳେ ଏଭଳି ସର୍ଭିସ ଥିଲା ସ୍ୱପ୍ନ।

ସେଇ ରସୁଲକୋଣ୍ଡା : ଗହନ ଅରଣ୍ୟ ପାହାଡ଼ର ଅଧିତ୍ୟକା ଭିତରେ ଏକ ନାତିବୃହତ୍ ଜନବସତି। ତାହା ହିଁ ଘୁମୁସର ରେଭିନିଉ ସବ୍‌ଡ଼ିଭିଜନର ରାଜଧାନୀ। ସେଠାରେ ଛବିଶ ବର୍ଷ ବୟସର ଯୁବକ ବିଶ୍ୱନାଥ ଶେଷ ବସନ୍ତ ବେଳେ ୧୯୦୪ ମସିହାର ଏପ୍ରିଲ୍ ମାସରେ ପହଞ୍ଚିଥିଲେ। ଲକ୍ଷ୍ୟ ରସୁଲକୋଣ୍ଡାରେ ଆପଣାକୁ ତୃତୀୟ ଓଡ଼ିଆ ଶିକ୍ଷକ ଚାକିରୀରେ ମୁକରିର।

ସେତେବେଳେ ଗଞ୍ଜାମ ଜିଲ୍ଲା ଓ ତାହାର ଅନ୍ତର୍ଗତ ଘୁମୁସର ଥିଲା ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିର ଶାସନ ତଳେ। ସେଇଠି ଓଡ଼ିଆ ସଂସ୍କୃତିର ପୁରାଣ ଓ ଅଦୂର ଅତୀତର ମହିମା ବିରାଜମାନ କରୁଥିଲା ସତ୍ୟ; କିନ୍ତୁ ସେଠାରେ ରାଜଭାଷା ଥିଲା ଇଂରାଜୀ ଓ ତେଲୁଗୁ। ବହୁ ଆନ୍ଦୋଳନ ପରେ ସ୍କୁଲ କଲେଜରେ ଯେତେବେଳେ ଓଡ଼ିଆ ମାଧମ ପ୍ରଚଳିତ ହେଲା, ସେତେବେଳେ ସେ ଜିଲ୍ଲାରେ ଓଡ଼ିଆ ପଢ଼ାଇବାର ଶିକ୍ଷକଙ୍କର ଅଭାବ ଏକ ଦାରୁଣ ଅଭାବ ଭାବରେ ଦେଖାଗଲା। ଉପେନ୍ଦ୍ର ଭଞ୍ଜଙ୍କର ଜନ୍ମଭୂମିରେ ଓଡ଼ିଆ ଅଧ୍ୟାପନା ପାଇଁ ଶିକ୍ଷକର ଅଭାବ। ସେତେବେଳେ ମାନ୍ଦ୍ରାଜର ଶିକ୍ଷା ବିଭାଗ ଆଉ ଏକ ବିଚିତ୍ର ସୂକ୍ଷ୍ମ ଉପାୟ ଆରମ୍ଭ କଲେ। ତେଲୁଗୁ ମାଧମର ଟ୍ରେନିଂ ସ୍କୁଲ ଶିକ୍ଷକଙ୍କୁ ଉଭୟ ଓଡ଼ିଆ ଓ ତେଲୁଗୁ ମାଧମରେ ଶିକ୍ଷା ଦେବା ପାଇଁ ବିଚିତ୍ର ଆଦେଶ ଜାରି ହେଲା। ତେଲୁଗୁଭାଷୀ ପଣ୍ଡିତ ଶିକ୍ଷକମାନେ ଓଡ଼ିଆ ପିଲାଙ୍କୁ ଓଡ଼ିଆ ମାଧମରେ ମଧ ପଢ଼ାଇବେ। ପରବର୍ତ୍ତୀ କାଳରେ ଓଡ଼ିଆଭାଷୀମାନେ ଶିକ୍ଷକ ହେଲେ ତେଲୁଗୁ ମାଧମରେ ଟ୍ରେନିଂ ପାଇ ପୁଣି ତା' ପରେ ଓଡ଼ିଆ ଭାଷା ମାଧମରେ ଅଧାପନା କରିବାର ଅଧିକାର ପାଉଥିଲେ। ଏଭଳି ଶିକ୍ଷକମାନଙ୍କୁ ସେ କାଳରେ ସରକାରୀଭାବରେ ଆମର ଆଜିର ଏଠି ସି.ଟି.ବା କଟକ ଟ୍ରେନିଂ ଇ.ଟି. ବା ଏଲିମେଣ୍ଟାର ଟ୍ରେନିଂ ଭଳି ଗୋଟିଏ ଉପାଧି ଦିଆଯାଉଥିଲା। ସେହି ଉପାଧି ଥିଲା

Digitized by srujanika@gmail.com

ୟୁ.ବି.ପି। ଏହାର ପୁରା କଥା ହେଲା ଉଭୟ ଭାଷା ପ୍ରବୀଣ। ପ୍ରତ୍ୟେକ ତେଲ୍‌ଗୁ ଓ ଓଡ଼ିଆ ଉଭୟ ମାଧ୍ୟମ ସ୍କୁଲରେ ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ଏହି 'ଉଭୟ ଭାଷା ପ୍ରବୀଣ' ଶିକ୍ଷକମାନେ ଆଗ ଟ୍ରେନିଂ ସ୍କୁଲରୁ ୟୁ.ବି.ପି ସାଟିଫିକେଟ ହାସଲ କରି ତା'ପରେ ମୁକରିର ହେବାର ବ୍ୟବସ୍ଥା ଥିଲା। ୧୯୩୬ ସାଲରେ ଗଞ୍ଜାମ ଓଡ଼ିଶା ପ୍ରଦେଶରେ ସାମିଲ ହେବାର ପ୍ରାୟ ପାଞ୍ଚ ଛଅ ବର୍ଷ ଯାଏ ଏହି 'ଉଭୟ ଭାଷା ପ୍ରବୀଣ'ମାନେ ଗଞ୍ଜାମର ଖାଣ୍ଟି ଓଡ଼ିଆଭାଷୀ ଅଞ୍ଚଳର ସ୍କୁଲମାନଙ୍କରେ ଅବସର ଗ୍ରହଣ ପର୍ଯ୍ୟନ୍ତ ଶିକ୍ଷକତା କରୁଥିଲେ।

ପ୍ରଥମେ ପ୍ରଥମେ ଏହି 'ଉଭୟ ଭାଷା ପ୍ରବୀଣ' ସାର୍ଟିଫିକେଟର ଟ୍ରେନିଂ ପାଇବା ଗୁରୁଛାତ୍ର ସାଧାରଣତଃ ଥିଲେ ତେଲ୍‌ଗୁଭାଷୀ। ପରବର୍ତ୍ତୀ କାଳରେ ଗଞ୍ଜାମର ଓଡ଼ିଆ ମାଧ୍ୟମ ସ୍କୁଲରେ ପଢୁଥିବା ଓଡ଼ିଆଭାଷୀ ଗୁରୁ-ଛାତ୍ରମାନେ ଅବଶ୍ୟ ଏହି ଟ୍ରେନିଂ ପାଇଁ ଯୋଗ୍ୟ ହୋଇପାରିଥିଲେ। ବିଶ୍ୱନାଥଙ୍କର ଉକ୍ତ ଟ୍ରେନିଂ ସ୍କୁଲର ଓଡ଼ିଆ ଶିକ୍ଷକ ହେଲାବେଳେ ତାଙ୍କର ଗୁରୁଛାତ୍ର ଥିଲେ ପ୍ରାୟ ସମସ୍ତେ ତେଲ୍‌ଗୁଭାଷୀ। ସେମାନଙ୍କୁ ଛଅ ମାସରୁ କିଛି ଉର୍ଦ୍ଧ୍ୱକାଳ ଓଡ଼ିଆ ଭାଷାରେ ଦକ୍ଷତା ଅର୍ଜନ କରି 'ଉଭୟ ଭାଷାର ପ୍ରବୀଣ' ହେବାର ଯେଉଁ ହାସ୍ୟାସ୍ପଦ ପ୍ରହସନ ହେଉଥିଲା ତାହା ଏବେ ମଧ୍ୟ ଓଡ଼ିଶାର ବହୁ ବ୍ୟଙ୍ଗ କଥନୀ ଭାବରେ ଗଞ୍ଜାମର ଶିକ୍ଷିତ ମହଲରେ ହସବୃଷ୍ଟି ସୃଷ୍ଟି କରିଥାଏ। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଓ ଓଡ଼ିଶାର ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ସେକାଳର ୧୯୩୫ ଭାରତ ଶାସନ ଆଇନ ଅନୁସାରେ ପ୍ରବର୍ତ୍ତିତ ହେବା ପରେ ଶିକ୍ଷା ବିଭାଗର ବହୁ ହାସ୍ୟାସ୍ପଦ ଘଟଣା ସେତେବେଳେ ଓଡ଼ିଶାର ତାତ୍‌କାଳିକ ବିଧାନସଭାରେ ଆଲୋଚିତ ହୋଇଥିଲା। ବିଶେଷତଃ ଏହି ବିଧାନ ସଭାରେ ଗଞ୍ଜାମ ଓ କୋରାପୁଟ ଜିଲାର କେତେକ ବିଧାନସଭା ସଦସ୍ୟ ଶିକ୍ଷକତା ବୃତ୍ତି ଥିବାବେଳେ ଏମ୍.ଏଲ୍.ଏ ଭାବରେ ନିର୍ବାଚିତ ହୋଇଥିଲେ। ସେମାନଙ୍କର ଗୋଟିଏ ଭାଷଣରୁ ପ୍ରକାଶ ପାଇଥିଲା ଯେ, କୋରାପୁଟ ଜିଲ୍ଲାର ଗୋଟିଏ ହାଇସ୍କୁଲର ଫାଇନାଲ ପରୀକ୍ଷାର୍ଥୀମାନଙ୍କର ଇତିହାସ ଉତ୍ତର ପେପର ଓଡ଼ିଶାର ଜଣେ ଶିକ୍ଷକଙ୍କର ମୂଲ୍ୟାଙ୍କନ ପାଇଁ ତାଙ୍କ ନିକଟକୁ ଆସିଥିଲା। ସେଥିରେ ଗୋଟିଏ କୋରାପୁଟ ମାଟ୍ରିକ୍ୟୁଲେସନ ପରୀକ୍ଷା କେନ୍ଦ୍ରର ସବୁତକ ଛାତ୍ର ଇତିହାସ ଉତ୍ତରରେ ଲେଖିଥିଲେ, "ଆଲେକ୍‌ଜାଣ୍ଡର ପୁରୁ ରାଜାଙ୍କ ଧୈର୍ଯ୍ୟକୁ ମେଞ୍ଚି ତାଙ୍କ ସହିତ ଓଅଡ଼ମ୍ୟାଡ଼ିକା କଲେ।" ବିଚରା ପରୀକ୍ଷା ଖାତା ଦେଖାଳି ଏଥିରେ ହତଭମ୍ବ। ଧୈର୍ଯ୍ୟକୁ 'ମେଞ୍ଚି' ଓ 'ଓଅଡ଼ମ୍ୟାଡ଼ିକା' ଏ ଦୁଇଟି କେଉଁ ପ୍ରକାର ଓଡ଼ିଆ ଶବ୍ଦ? ବୁଝୁ ବୁଝୁ ଜଣା ପଡ଼ିଲା ଯେ 'ଉଭୟ ଭାଷା ପ୍ରବୀଣ' ତେଲ୍‌ଗୁ ଇତିହାସ ଶିକ୍ଷକ ପିଲାଙ୍କୁ

Digitized by srujanika@gmail.com

ଯେଉଁ କ୍ଲାସ ନୋଟ୍ ଦେଇଥିଲେ ସେଥିରେ ଏହି ଦୁଇଟି 'ମେଞ୍ଚ' ଓ 'ଓଅଡ଼ିମ୍ୟାଡ଼ିକା' ଶବ୍ଦ ବ୍ୟବହାର କରିଥିଲେ ଓ ପ୍ରତ୍ୟେକ ଛାତ୍ର ସେହି କ୍ଲାସ ନୋଟ ବହି ମୁଖସ୍ଥ କରି ତାହାକୁ ପରୀକ୍ଷା ଖାତାରେ ଲେଖିଥିଲେ। ଦୁର୍ଭାଗ୍ୟ କଥା ଯେ ଉକ୍ତ ଇତିହାସ ଶିକ୍ଷକ 'କଳନା କରି' ବୋଲି ଓଡ଼ିଆ ନ ଜାଣି ତେଲୁଗୁ ଶବ୍ଦ 'ମେଞ୍ଚ' ଓ 'ସନ୍ଧି' ବୋଲି ଓଡ଼ିଆ ଶବ୍ଦ ଜାଣିନପାରି ତେଲୁଗୁ 'ଓଅଡ଼ମ୍ୟାଡ଼ିକା' ଶବ୍ଦକୁ ତାଙ୍କର କ୍ଲାସ ନୋଟରେ ଡ଼ାକିଥିଲେ।

ଏକଥା ଜଣାଶୁଣା ଯେ ଉତ୍ତର ଭାରତର ଏକ ଭାଷାଭାଷୀ ଅନ୍ୟଏକ ଉତ୍ତର ଭାରତୀୟ ଭାଷା ଆୟତ୍ତ କରିବା ଯେତେ ସହଜ, ଦକ୍ଷିଣ ଭାରତୀୟ ଭାଷା ଆୟତ୍ତ କରିବା ସେତେ ସହଜ ନୁହେଁ। ତେଣୁ ସେଭଳି ଟ୍ରେନିଂ ସ୍କୁଲରେ ଆପଣାଠାରୁ ଅଧିକାଂଶ ସ୍କୁଲରେ ବୟସାଧିକ ଗୁରୁ-ଛାତ୍ରମାନଙ୍କୁ ଓଡ଼ିଆ ପାଠରେ ପ୍ରାୟ ଛଅ ମାସରୁ ଟିକିଏ ଉର୍ଦ୍ଧ୍ୱ ସମୟ ତାଲିମ କରିବା ଏକ କାଠିକର ପାଠ ଥିଲା। ସେହି ପାଠପଢ଼ାବେଳେ ବିଶ୍ୱନାଥ ପ୍ରଥମେ ହୃଦୟଙ୍ଗମ କରିଥିଲେ ଯେ ତେଲୁଗୁଭାଷୀ ଶିକ୍ଷକମାନଙ୍କଠାରୁ ପ୍ରାଥମିକ କ୍ଲାସଠାରୁ ଓଡ଼ିଆ ପାଠ ଶିକ୍ଷା କରିବା ଗଞ୍ଜାମ ଜିଲ୍ଲାର ଓଡ଼ିଆଭାଷୀ ପିଲାମାନଙ୍କ ପାଇଁ କିଭଳି କରୁଣ ଓ ଦୟନୀୟ ପରିସ୍ଥିତି ସୃଷ୍ଟି କରୁଥିବ। ତେଣୁ ହିଁ ପରବର୍ତ୍ତୀ କାଳରେ ସେ ଆସିକାରେ ଓକିଲାତିକରି ସେଠାରେ ବାସିନ୍ଦା ହେଲା ପରେ ସେତେବେଳର ଓଡ଼ିଆ ଶିକ୍ଷକଙ୍କଠାରୁ ଓଡ଼ିଆ ଶିଖିଥିବା ପ୍ରାକୃତିକ ଓଡ଼ିଶାର ବହୁ ଶିକ୍ଷକ ଓ କର୍ମଚାରୀଙ୍କୁ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ସ୍କୁଲରେ ଓ ବିଭିନ୍ନ ଜମିଦାରୀ ସିରସ୍ତାରେ ଭର୍ତ୍ତି କରିବାର ଉଦ୍ୟମ କରିଥିଲେ। ଏହି ଉଦ୍ୟମ ବହୁ ପରିମାଣରେ ସଫଳ ହୋଇଥିଲା। ୧୯୦୬ଠାରୁ ୧୯୦୯ ପର୍ଯ୍ୟନ୍ତ ଆସିକାର ସ୍ଥାନୀୟ ବାର୍‌ରେ ଓକିଲାତି କରିବା ବେଳେ ବିଶ୍ୱନାଥ ଏଭଳି ଅନ୍ତତଃ ତିନି ଡଜନ ଯୁବକଙ୍କୁ ଗଞ୍ଜାମ ଜିଲ୍ଲାର ଶିକ୍ଷାୟତନ ଭିତରକୁ ଆଣିଥିଲେ ଓ ସ୍ୱର୍ଗତଃ ଶଶିଭୂଷଣ ରଥଙ୍କର ସହଯୋଗିତାରେ ଗଞ୍ଜାମର ଓଡ଼ିଆଙ୍କ ଲାଗି ଶିକ୍ଷାବୃତ୍ତି ପାଇଁ ଚେଷ୍ଟା କରିଥିଲେ। ଏହି ସଂକ୍ରାନ୍ତରେ ୫।୧୧।୧୯୧୩ ରେ ବଡ଼ଖେମୁଣ୍ଡିରୁ ସ୍ୱର୍ଗତଃ ନୀଳମଣି ବିଦ୍ୟାରତ୍ନ ଆପଣାର ସଂପାଦିତ ପତ୍ରିକାରେ ବିଶ୍ୱନାଥଙ୍କର ଭୂୟସୀ ପ୍ରଶଂସା ସଙ୍ଗେ ସଙ୍ଗେ "ଅନୁନ୍ନତ ଗଞ୍ଜାମର ଶିକ୍ଷାବୃତ୍ତି ଉଦ୍ଦେଶ୍ୟରେ ଛାତ୍ରବୃତ୍ତି ଫଣ୍ଡ ସ୍ଥାପନ ଓ ଫଣ୍ଡର ପରିପୃଷ୍ଟି ବିଷୟରେ ସେ ଆଶାତୀତ ଯତ୍ନ କରିଅଛନ୍ତି" ବୋଲି ଉଲ୍ଲେଖ କରିଥିଲେ। ଲକ୍ଷ୍ୟ କରିବାର କଥା ଏଭଳି ଶିକ୍ଷାବୃତ୍ତି ଗଞ୍ଜାମର ବହୁ ପ୍ରାଥମିକ, ମାଧମିକ ଓ ଉଚ୍ଚ ମାଧମିକ ସ୍କୁଲରେ ଦିଆ ଯାଉଥିଲା। ଏପରିକି ସେବ କାଳର ଗଞ୍ଜାମର ଜମିଦାର ଯଥା ବଡ଼ଖେମୁଣ୍ଡି, ସାନଖେମୁଣ୍ଡି, ଖଲିକୋଟ, ଧରାକୋଟ,

Digitized by srujanika@gmail.com

ବଡ଼ଗଡ, ଚିକିଟି, ଜରଡ଼ା, ସେରଗଡ଼, ମହୁରୀ, ସୁରଙ୍ଗୀ ଓ ଆହୁରି ଦକ୍ଷିଣକୁ ଟେକ୍‌କାଲି, ମଞ୍ଜୁଷା ଯାଏ ରାଜା ଜମିଦାରମାନେ ଏହି ବୃତ୍ତି ଦାନ ପାଇଁ ଆଗଭର ହୋଇଥିଲେ। ବିଶ୍ୱନାଥଙ୍କର ଏହି ଉଦ୍ୟମ ଭବିଷ୍ୟତ ଓଡ଼ିଶା ଗଠନରେ ପ୍ରଭୂତ ସାହାଯ୍ୟ କରିଥିଲା। ଗଞ୍ଜାମର ରାଜା, ଜମିଦାରମାନଙ୍କଠାରୁ ଏହି ଛାତ୍ରବୃତ୍ତି ଆଦାୟ କରିବାରେ ହେଳା ହୋଇଥିଲେ ଜୟପୁର ବା ପାରଳାଖେମୁଣ୍ଡି ପରି ସେଠାରୁ ଆନ୍ଧ୍ର ଅଞ୍ଚଳର ସ୍କୁଲ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କ ପାଇଁ ପାଣ୍ଠି ଛୁଟି ଥାଆନ୍ତା। କାରଣ ରାଜା, ଜମିଦାରମାନେ ଯେତେ ଓଡ଼ିଆପ୍ରେମୀ ହେଲେ ମଧ୍ୟ ପ୍ରଶାସନିକ ବାଧ୍ୟତା ଓ ରାଜାନୁଗତତା ଯୋଗୁଁ ସେମାନେ ସରକାରୀ ମର୍ଜି ଜଗିବାକୁ ବାଧ ରହୁଥିଲେ। ତେଣୁ ବିଶ୍ୱନାଥଙ୍କର ରସୁଲକୋଣ୍ଡାରେ ଶିକ୍ଷକତା ଯେ ପ୍ରକାରାନ୍ତରରେ ଗଞ୍ଜାମ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ପରୋକ୍ଷଭାବରେ ହେଲେ ବି ସାହାଯ୍ୟ କରିଥିଲା, ଏଥିରେ ସନ୍ଦେହ ନାହିଁ। ଏକଥା ମଧ ମନେ ରଖିବାର କଥା ଯେ ଘୁମୁସର ଓ ବ୍ରହ୍ମପୁର ତାଲୁକା ଛାଡ଼ିଦେଲେ ସମୁଦାୟ ବିଶାଳ ଗଞ୍ଜାମ ଜିଲ୍ଲା ପ୍ରାୟ ବିଭିନ୍ନ ଜମିଦାରଙ୍କର ଭାଗ ବଣ୍ଟୁଆରା ଭୂମି ଭାବରେ ଥିଲା। ସେହି ଜମିଦାରମାନଙ୍କ ଭିତରେ ଓଡ଼ିଆ ଭାଷା ପ୍ରୀତି ପରମ୍ପରାଗତଭାବରେ ଅବଶ୍ୟ ଥିଲା। ସେଥିଭିତରୁ ବହୁ ରାଜାଙ୍କର ପୂର୍ବପୁରୁଷ ନିଜେ କବି, ଲେଖକ ବା ବିଦ୍ୟାଗୁଣଗ୍ରାହୀ ଥିଲେ; କିନ୍ତୁ ଜମିଦାରୀ ପ୍ରଥାର ବିଲୋପ ପୂର୍ବରୁ ସେହି ରାଜବଂଶ ବିଲାତି ଶାସନ ତଳେ ଯେଉଁ ଗୋଲାମ ଘଟୁକାର ଅବସ୍ଥାକୁ ଆସି ଯାଉଥିଲେ ସେଥିରେ ସେମାନଙ୍କର ସାଂସ୍କୃତିକ ଅବକ୍ଷୟିତା ଆରମ୍ଭ ହୋଇ ଯାଉଥିଲା। ବିଶ୍ୱନାଥ, ଶଶିଭୂଷଣ ରଥ ପ୍ରଭୃତି ଯୁବକଗଣ ଯେ ବହୁ ପରିମାଣରେ ଏହି ଅବକ୍ଷୟିତାର ଅଧଃପାତକୁ ବିରୋଧ କରିବାରେ ଦାୟୀ ହୋଇଥିଲେ, ତାହା ସେହି ଜିଲ୍ଲାର ପରବର୍ତ୍ତୀ ଘଟଣାବଳୀରୁ ହିଁ ସ୍ପଷ୍ଟ ହୁଏ।

(ଦୁଇ)

୧୯୦୪ରେ ଏହି ଶିକ୍ଷକତା ବିଶ୍ୱନାଥଙ୍କ ପାଇଁ କେବଳ ଶିକ୍ଷକତା ନ ଥିଲା; ଏହା ଥିଲା ଦେଶପ୍ରେମର ଶିକ୍ଷାନବିଶ। ଘୁମୁସର ଆସିଲାବେଳେ ସେ ଥିଲେ ଏକ ସୀମିତ ପରିବେଶର ଯୁବକ। ଖଣ୍ଡିଉଡ଼ା ଦେଉଥିବା ପକ୍ଷୀ ଶାବକ ଅନନ୍ତ ନୀଳିମା ଆକାଶକୁ ଦେଖି ଯେପରି ବିଭୋର ହୋଇଥିବ, ହୁଏତ ଟିକିଏ ବିହ୍ୱଳ ହୋଇଥିବ, ସେ ସେପରି ବିହ୍ୱଳ ହୋଇ ପଡ଼ିଥିଲେ। ପଣ୍ଡିତ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, "ମୁଁ ଏମ୍.ଏ. ପାଶ୍ କରି ସତ୍ୟବାଦୀ ସ୍କୁଲକରି ତହିଁରେ ହେଡ୍‌ମାଷ୍ଟର ହେବା ପର୍ଯ୍ୟନ୍ତ ଗଞ୍ଜାମରେ ଏତେ ଓଡ଼ିଆ ଅଛନ୍ତି ବୋଲି ଜାଣି ନ ଥିଲି।" ୧୯୧୧ରେ

Digitized by srujanika@gmail.com

ବ୍ରହ୍ମପୁରରେ ଉତ୍କଳ ସମ୍ମିଳନୀ ଅଧିବେଶନ ବେଳେ ନୀଳକଣ୍ଠ ଗଞ୍ଜାମ ସହିତ ପ୍ରଥମ ପରିଚୟ ଲାଭ କରିଥିଲେ। ୧୯୩୬ ପୂର୍ବରୁ ଯେଉଁମାନେ ଗଞ୍ଜାମ ଜିଲ୍ଲାକୁ ଉତ୍ତର ଓଡ଼ିଶାରୁ ପ୍ରଥମ କରି ଯାଇଛନ୍ତି ସେମାନେ ନିଶ୍ଚୟ ଆପଣାର ପ୍ରାଣରେ ଏକ ଅପୂର୍ବ ପୁଲକ ଅନୁଭବ କରିଥିବେ। ଏହା ବହୁ ଉପକୂଳବର୍ତ୍ତୀ ଓଡ଼ିଆଙ୍କର ଅଭିଜ୍ଞତା।

ରାଧାନାଥ ରାୟ ତାଙ୍କର କାବ୍ୟ କବିତାରେ ଓଡ଼ିଶାର ଆଉ କିଛି ଉନ୍ନତି କରନ୍ତୁ ନକରନ୍ତୁ ଅନ୍ତତଃ ପ୍ରାକୃତିକ ଓଡ଼ିଶାର ବହୁ ଅଞ୍ଚଳର ନୟନାଭିରାମ ପ୍ରକୃତିର ବର୍ଣ୍ଣନା ଦେଇଛନ୍ତି ଓ ଏହି ପ୍ରିୟ ମାତୃଭୂମି ପ୍ରତି ଏକ ସସ୍ନେହ ମମତା ସୃଷ୍ଟି କରିବାରେ ସାହାଯ୍ୟ କରିଛନ୍ତି। ହେଲେ ହେଁ ତାଙ୍କର 'ଛବିଳ ଉତ୍କଳ' ଭିତରେ ଗଞ୍ଜାମର ଛବି ଆସି ନ ଥିଲା। କାରଣ ରାଧାନାଥଙ୍କର ସରକାରୀ ବା ବେସରକାରୀ ଗସ୍ତ କାର୍ଯ୍ୟକ୍ରମ ଥିଲା ପୁରୀ ଜିଲ୍ଲାର ସୀମାପ୍ରାନ୍ତ ଚିଲିକାର ଜଟିଆ ପାହାଡ଼ ଯାଏ; କିନ୍ତୁ ଘୁମୁସର, ମହୁରୀ, କେରାଣ୍ଡିମାଳ, ମୋହନା, ରାମଗିରି, ମହେନ୍ଦ୍ର ପର୍ବତ ପ୍ରଭୃତି ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ କୋରାପୁଟ ଅଞ୍ଚଳର ପ୍ରାକୃତିକ ଶୋଭା ତାଙ୍କର ନୟନ ପଥରେ ପଡ଼ିଥିଲେ ସେ କିଭଳି ଆତ୍ମହରା ହୋଇଯାଆନ୍ତେ ତାହା କେବଳ ଅନୁମାନ କରାଯାଇପାରେ।

ପୁରୀ, କଟକ, ବାଲେଶ୍ୱରର ଉପକୂଳ ଛାଡ଼ି ତୁମେ ରେଳଯୋଗେ ଚିଲିକା ପାର ହେଲେ ଯେଉଁ ଅଞ୍ଚଳ ପ୍ରାକୃତିକ ଉତ୍କଳ ଭୂମି ତୁମ ଆଗରେ ମେଲିଦିଏ, ତାହା ଯେପରି ଏକ ମୁକ୍ତକେଶା ଚିରଯୌବନା କୁମାରୀ। ତାହା ସାମନାରେ ପୁରୀର ସମୁଦ୍ରକୂଳ ଓ କଟକର ଗ୍ରାମାଞ୍ଚଳ ଯେପରି ଅବଗୁଣ୍ଠନବତୀ କୂଳବଧୂ। ଏତକ ଅନୁଭବ କରିବା ପାଇଁ କବିତ୍ୱଭରା ଆଖି ବା ସ୍ୱାଭାବିକ ପ୍ରକୃତି ଉପାସନାର ଅଭ୍ୟାସ ଲୋଡ଼ା ପଡ଼େ ନାହିଁ। ନିତାନ୍ତ ଅରସିକ ମଧ ଏହି ଶୋକପାଶୋରା ଅପସରା ଭୁବନର ମନୋହର ବୈଚିତ୍ର୍ୟରେ ଆତ୍ମହରା ହୋଇଯାଏ। ତା'ପରେ ଗଞ୍ଜାମ ତ ଗଞ୍ଜାମ, ସେଥିରେ ପୁଣି ଘୁମୁସର ଓ ତାହାର ଅଧିତ୍ୟକା ! ବିଶ୍ୱନାଥ ସେହି ଭୂମିରେ ପାଦ ଦେଲାପରେ ତାଙ୍କ ଭିତରେ ଏକ ନୂତନ ସ୍ପନ୍ଦନ ଜାଗ୍ରତ ହୋଇଥିଲା।

ବିଶ୍ୱନାଥଙ୍କର ଏ ଶିକ୍ଷାନବିଶୀ ଆକସ୍ମିକ ନୁହେଁ। ଏହା ଏକ ବିଧିବଦ୍ଧ ଯୋଜନା। ଏହି ଯୋଜନାର ଗୁରୁ ଓ ପ୍ରବର୍ତ୍ତକ ଥିଲେ ଗୋପବନ୍ଧୁ ଦାସ। ନୀଳକଣ୍ଠଙ୍କର ଆତ୍ମଜୀବନୀରେ ସୁଆଣ୍ଡ ଗାଁର ଭାର୍ଗବୀ ନଦୀ କୂଳରେ ୧୯୦୧ କିମ୍ବା ଦୁଇ ମସିହାର ଦେଶପ୍ରେମର ଶପଥ ପାଠର ମର୍ମସ୍ପର୍ଶୀ ବର୍ଣ୍ଣନା ରହିଛି। ନୀଳକଣ୍ଠ ଲେଖିଛନ୍ତି ରାତ୍ରି ପ୍ରଭାତ ହୋଇ ଆସୁଥାଏ। ରୁପା ଧାର ପରି ଭାର୍ଗବୀର ସ୍ୱଚ୍ଛ ନୀର ଚକ୍ ଚକ୍

Digitized by srujanika@gmail.com

କରୁଥାଏ। ସେହି ନଦୀର ବନ୍ଧ ଉପରେ ସେପଟେ ମହାମାରୀର ବିଭୀଷିକା। ଶ୍ମଶାନରେ ଶହ ଶହ ମଡ଼ାକୁ ଲୋକେ କୋକେଇ ସମେତ ଫୋପାଡ଼ି ଦେଇ ଚାଲି ଯାଆନ୍ତି। ସେପଟେ ବଳପୁର ଏପଟେ ସୁଆଣ୍ଡ। ସେଇଠି ଗୋପବନ୍ଧୁ, ହରିହର, ନୀଳକଣ୍ଠ ଓ ଅନନ୍ତ ପ୍ରତିଜ୍ଞା କଲେ ଯେ ଗୋଲାମି ଚାକିରୀ କରିବେ ନାହିଁ। ଦେଶ ପାଇଁ ଜୀବନ ଉତ୍ସର୍ଗ କରିବେ ଓ ଯୌବନ ବେଳେ ଦେଶର ଅବସ୍ଥା ଯାହା ଦେଖିଛନ୍ତି, ମୃତ୍ୟୁବେଳକୁ ତାହାକୁ ନିଶ୍ଚୟ ଆହୁରି ଉନ୍ନତ ହେବାର ଦେଖି ମରିବେ।

ସତ୍ୟବାଦୀ ବନ ବିଦ୍ୟାଳୟ କଳ୍ପନାର ଅଙ୍କୁର ହିଁ ସେହିଠାରେ। ଏକଥା ଆକସ୍ମିକ ନୁହେଁ ଯେ ସେବେଳର ସମସ୍ତ ଭାବୀ ଦେଶସେବକ ପ୍ରଥମେ ଶିକ୍ଷକ ଭାବରେ ଜୀବନ ଆରମ୍ଭ କରିଥିଲେ। ଫର୍ଗୁସନ କଲେଜ, ଶାନ୍ତି ନିକେତନ, କାଶୀ ବିଦ୍ୟାପୀଠ, ଗୁଜୁରାଟ ବିଦ୍ୟାପୀଠ ପରବର୍ତ୍ତୀ କାଳର ଘଟଣା; କିନ୍ତୁ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ପ୍ରତିରୋଧର ପ୍ରଥମ ସ୍ଫୁରଣବେଳୁ ସନ୍ତ୍ରାସବାଦୀ ଆନ୍ଦୋଳନ,ଗଦ୍ଦର ପାର୍ଟି, ବଙ୍ଗଭଙ୍ଗ ଇତ୍ୟାଦି ପ୍ରତ୍ୟେକ ଆନ୍ଦୋଳନର ମୂଳଭିତ୍ତି ଏହି ଶିକ୍ଷକତା ଭିତରେ ହିଁ ପଡ଼ିଥିଲା।

ଏକଥା ଆଉ ମଧ ଆକସ୍ମିକ ନୁହେଁ ଯେ ଗୋପବନ୍ଧୁ ଓକିଲାତି ପାଶ୍ କରି ଆସି ପ୍ରଥମ କରି ନୀଳଗିରି ଗଡ଼ଜାତରେ ହାଇସ୍କୁଲ ମାଷ୍ଟରୀ କରିଥିଲେ। ଏନଟ୍ରାନ୍ସ ପାଶ୍ କଲା ପରେ ମଧୁବାବୁ ବାଲେଶ୍ୱରର ମିଶନ ସ୍କୁଲରେ କିଛି କାଳ ଶିକ୍ଷକତା କରିଥିଲେ। ଠିକ୍ ସେହି ଭାବରେ ଏଫ୍.ଏ.ପାଶ୍ କଲା ପରେ ଭାର୍ଗବୀ ନଦୀ କୂଳର ଶପଥରେ ମହାଦୀକ୍ଷାରେ ଦୀକ୍ଷିତ ହରିହର (ପରେ ଆଚାର୍ଯ୍ୟ ହରିହର ଦାସ) ପ୍ୟାରୀମୋହନ ଏକାଡ଼େମୀରେ ଶିକ୍ଷକତା କରିବା ଆରମ୍ଭ କରିଥିଲେ।

ବିଶ୍ୱନାଥ ଏକଥା କାହା ଆଗରେ ପ୍ରକାଶ କରିଛନ୍ତି କି ନାହିଁ ଜଣା ନାହିଁ; କିନ୍ତୁ ଏକଥା ଗୋପବନ୍ଧୁ ଓ ତାଙ୍କର ମହଲରେ ଜାଣିବା ଶୁଣିବା ଲୋକ ଜାଣନ୍ତି ଯେ ସେକାଳର ଦେଶପ୍ରେମର ଦୀକ୍ଷା ନେଇଥିବା ଲୋକଙ୍କ ଭିତରେ ଏକ ଅଲିଖିତ ଚୁକ୍ତି ଥିଲା। ଗୋପବନ୍ଧୁଙ୍କର ନିକଟବର୍ତ୍ତୀ ବନ୍ଧୁ, ଆତ୍ମୀୟ ପରିବାର ଏକଥା ଜାଣିଥିଲେ। ତାହା ନ ହୋଇଥିଲେ ସେକାଳରେ ସରକାରୀ ଚାକିରୀ ଖୋଜା ପଡୁଥିବାବେଳେ ବିଶ୍ୱନାଥ ରସୁଲକୋଣ୍ଡାରେ ଶିକ୍ଷକତା କରି ନ ଥାନ୍ତେ।

ଗୋଦାବରୀଶ ମିଶ୍ର ଲେଖିଛନ୍ତି, "ଦେଶର ସେବାରେ ନିଜକୁ ଲଗାଇବା ଭଳି ଲୋକ ଗଢ଼ିବା ପାଇଁ ସତ୍ୟବାଦୀ ସ୍କୁଲର ପରିକଳ୍ପନା। ସ୍କୁଲରେ ତ୍ୟାଗ ଓ ସେବାର ଆଦର୍ଶରେ କାର୍ଯ୍ୟ କରିବାକୁ ଶିକ୍ଷକ ଯେପରି ଲୋଡ଼ା, ସ୍କୁଲର ବ୍ୟୟ

Digitized by srujanika@gmail.com

ନିର୍ବାହ କରିବା ନିମନ୍ତେ ଅର୍ଥ ମଧ୍ୟ ସେହିପରି ଆବଶ୍ୟକ। ସେଥିପାଇଁ ଆମ ଯୋଜନାରେ ଦୁଇ ଶ୍ରେଣୀରେ କର୍ମୀଙ୍କ ପାଇଁ ବ୍ୟବସ୍ଥା ଥିଲା – ଶିକ୍ଷକ ଓ ଉପାର୍ଜନକାରୀ। ଶିକ୍ଷକର ସ୍ଥାନକୁ ଉଚ୍ଚରେ ରଖା ଯାଇଥିଲା। ସ୍ଥିର ହୋଇଥିଲା ଯେ ଆମ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ପ୍ରଥମେ ତିନି ବର୍ଷ ଶିକ୍ଷକତା କରିବେ ଓ ତା'ପରେ ଅର୍ଥ ଉପାର୍ଜନ କରି ଉପାର୍ଜିତ ଅର୍ଥର ପାଞ୍ଚ ଭାଗରୁ ଭାଗେ ସାଧାରଣ ପାଣ୍ଠିକୁ ଦେବେ।"

(ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ – ୧୫୩ ପୃଷ୍ଠା)

ଏଥିରୁ ଏକଥା ବୁଝିବା କଷ୍ଟକର ନୁହେଁ ଯେ ବିଶ୍ୱନାଥ ଏହି ଅଲିଖିତ ଯୋଜନା ଚୁକ୍ତିରେ ସାମିଲ ଥିଲେ, ଠିକ୍ ଯେପରି ଥିଲେ ହରିହର ଦାସ। ପରେ ତାଙ୍କର ବଡ଼ ପରିବାରର ଅସ୍ୱଚ୍ଛଳତା ଦୃଷ୍ଟିରୁ ତାଙ୍କୁ ସତ୍ୟବାଦୀ ସ୍କୁଲର ଶିକ୍ଷକତା କରିବାକୁ ପଡ଼ି ନ ଥିଲା। ଗୋପବନ୍ଧୁଙ୍କର ସମ୍ମତିକ୍ରମେ ଗୋଦାବରୀଶ ବାବୁଙ୍କର ଉପରୋକ୍ତ ଉଦ୍ଧୃତି ମତେ ଉପାର୍ଜନକାରୀ ପର୍ଯ୍ୟାୟରେ ରଖିଥିଲେ। କାରଣ ପ୍ରତ୍ୟେକ ସାମାଜିକ, ଦେଶପ୍ରେମୀ ଆନ୍ଦୋଳନରେ ପ୍ରାଥମିକ ଅବସ୍ଥାରେ ଅର୍ଥର ପ୍ରୟୋଜନ ଏକ ଅତି ଆବଶ୍ୟକ ଅସୁବିଧା। ଯେଉଁମାନେ ଆନ୍ଦୋଳନର ଆହୁତିରେ ଝାସ ଦେବେ, ସେମାନଙ୍କର ଦେହ ଓ ମନରେ ବଳ ଦେବାପାଇଁ ପ୍ରଚ୍ଚାର, ପୁସ୍ତିକା, ସଂଗଠନ, ଲୋକ ସଂଗ୍ରହ ପାଇଁ ନିମ୍ନତମ ଅର୍ଥ ବ୍ୟବସ୍ଥାର ଭାର କେବଳ ସେହି ଆନ୍ଦୋଳନର ସକ୍ରିୟ ସମର୍ଥକମାନଙ୍କ ଉପରେ ହିଁ ପଡ଼ିଥାଏ। ଏକଥା ଜଣାଶୁଣା ଯେ ସାରା ଭାରତବର୍ଷର 'ଦରିଦ୍ର ନାରାୟଣ'ଙ୍କର ସେବା ପାଇଁ ଯଦିଚ ମହାତ୍ମାଗାନ୍ଧୀ ସେହିମାନଙ୍କର ଦ୍ୱାରସ୍ଥ ହେଉଥିଲେ; ତଥାପି ବହୁ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କର ଦାନରେ ଗାନ୍ଧୀଙ୍କର ପ୍ରବର୍ତ୍ତିତ ବହୁ ଅନୁଷ୍ଠାନ ପୁଷ୍ଟିଲାଭ କରିଥିଲା।

ତେବେ ଏ ବିଷୟରେ ଯେଉଁ ଭ୍ରମ ଧାରଣା ମଧ୍ୟବିତ୍ତଙ୍କ ଭିତରେ ଭର୍ତ୍ତି କରି ଦିଆଯାଏ, ଭାଗ୍ୟର କଥା ସେଭଳି ଧାରଣା ବିଶ୍ୱନାଥ ମିଶ୍ରଙ୍କ ଗୋଷ୍ଠୀର ଲୋକଙ୍କ ଭିତରେ ନ ଥିଲା। ଏହି ଭ୍ରମ ଧାରଣା ହେଉଛି ଯେ ରାଜନୀତି ଅନ୍ୟ କଥାରେ ଦେଶପ୍ରେମୀ ଜୀବନଯାପନ ଅଳ୍ପବିତ୍ତ ଲୋକ ପାଇଁ ଦୂଷଣୀୟ। ତେଣୁ ରାଜନୀତି କରିବାକୁ ହେଲେ ବେପରବାୟ ଖର୍ଚ୍ଚ କରିବାକୁ, କର୍ମୀ ପୋଷିବାକୁ, ପ୍ରଚ୍ଚାର ପତ୍ର ଛାପିବାକୁ ଯଥେଷ୍ଟ ପଇସା ହାତରେ ଥିବା ଆବଶ୍ୟକ। ଏଭଳି ଭ୍ରମ ଧାରଣା ପଛରେ ଯେଉଁ ଯୁକ୍ତି ରହିଛି ତାହାକୁ ପ୍ରମାଣ କରିବାକୁ ଭାରତର ରାଜନୈତିକ ଆନ୍ଦୋଳନରେ ଧନ କୁବେର ସମ୍ପତ୍ତିଶାଳୀ ଲୋକଙ୍କର ଓ ବ୍ୟବସାୟରେ ଅଜସ୍ର ଅର୍ଜନ କରୁଥିବା

Digitized by srujanika@gmail.com

ବ୍ୟକ୍ତିମାନଙ୍କର ଉଦାହରଣ ଦିଆଯାଇଥାଏ। ଭାରତର ବୁର୍ଜୋୟା ଜାତୀୟ ଆନ୍ଦୋଳନରେ ମୋତିଲାଲ ନେହେରୁ, ଚିତ୍ତରଞ୍ଜନ ଦାସ ପ୍ରଭୃତି ଅଜସ୍ର ଅର୍ଜନକାରୀ ଆଇନଜୀବୀ, ଯମୁନାଲାଲ ବଜାଜଙ୍କ ଭଳି ଧନୀକ ବ୍ୟବସାୟୀ ଜାତୀୟ ଆନ୍ଦୋଳନରେ ପ୍ରବେଶ କରିବା ପୂର୍ବରୁ ଆପଣାର ଭାଗ୍ୟଶାଳୀ ସମୃଦ୍ଧି ଜମାଇ ସାରିଥିଲେ। ତେଣୁ ବଡ଼ଲୋକି ରାଜନୀତିର ଏହି ବଚନିକା ରହି ଆସିଛି , 'ପଇସା ଥିଲେ ରାଜନୀତି। ଗରିବ ପାଇଁ ରାଜନୀତି ନୁହେଁ।' ଅଥବା 'ଆଗ ଅର୍ଜନ କର, ତା'ପରେ ରାଜନୀତି କରିବ'।

ବିଶ୍ୱନାଥ ଏଭଳି ବଡ଼ଲୋକି ରାଜନୀତି ମତବାଦର ପୋଷକ ନ ଥିଲେ। ଗୋପବନ୍ଧୁ ତ ନ ଥିଲେ, ତେବେ ବି ଯେଉଁମାନେ ଜନ ଆନ୍ଦୋଳନର ପକ୍ଷପାତୀ ଓ ଦରିଦ୍ର ଜନତାର ସଂଗ୍ରାମକୁ ସାହାଯ୍ୟ କରିବା ଦେଶପ୍ରେମର ପ୍ରଧାନ କଷଟି ବୋଲି ମନେ କରନ୍ତି,ସେମାନଙ୍କ କ୍ଷେତ୍ରରେ ମଧ ପ୍ରାଥମିକ ଅବସ୍ଥାରେ ଯେ ନ୍ୟୂନତମ ଅର୍ଥ ବ୍ୟବସ୍ଥାର ପ୍ରୟୋଜନ, ଏକଥା ଅସ୍ୱୀକାର କରିବାର ଉପାୟ ନାହିଁ। ଗୋପବନ୍ଧୁ ଏକଥା ୧୯୨୧-୨୩ରେ ଅସହଯୋଗ ଆନ୍ଦୋଳନର ପରିଣତି ପରେ ବାରମ୍ବାର ଆପଣାର ସପ୍ତାହିକ 'ସମାଜ'ରେ ଆଲୋଚନା କରିଛନ୍ତି। ଅସହଯୋଗ ଆନ୍ଦୋଳନ ପରେ ଯେଉଁ ଶତ ଶତ ହଜାର ହଜାର ଅଳ୍ପବିତ୍ତ, ନିମ୍ନମଧବିତ୍ତ କର୍ମୀ ବାହାରି ପଡ଼ିଲେ ସେମାନଙ୍କୁ କର୍ମରେ ବାହେଲ ରଖିବାର ସମସ୍ୟା ସେତେବେଳେ ଗୋପବନ୍ଧୁଙ୍କୁ ଖୁବ୍ ଜୋରରେ ଘାରିଥିଲା। ସେହି ଆନ୍ଦୋଳନ ଭଟ୍ଟା ପଡ଼ିଗଲା ପରେ ସ୍କୁଲ କଲେଜ ଛାଡ଼ିଥିବା ବହୁ ବ୍ୟକ୍ତି ପୁନର୍ବାର ମାମୁଲି ଜୀବନ ସଂଗ୍ରାମର ପାଥେୟ ସଂଗ୍ରହ କରିବା ପାଇଁ ନାନା ଜୀବିକାର ଉପାୟ କରିବାକୁ ବାଧ ହୋଇଥିଲେ। କେତେକ ପରିତ୍ୟକ୍ତ ସ୍କୁଲ କଲେଜମାନଙ୍କରେ ପୁନର୍ବାର ଯୋଗ ଦେଇଥିଲେ।

ଲକ୍ଷ୍ୟ କରିବାର କଥା ଯେ ଏହି ସମସ୍ୟା ପ୍ରତ୍ୟେକ ରାଜନୈତିକ କାର୍ଯ୍ୟକ୍ରମର ପ୍ରାଥମିକ ମୌଳିକ ସମସ୍ୟା। ବିଶେଷତଃ ସେତେବେଳର, ଅର୍ଥାତ୍ ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିର, ଯେତେ ଶିକ୍ଷା, କସରତ୍, ସମାଜସେବା ଅନୁଷ୍ଠାନ ଗଢ଼ା ଯାଇଥିଲା; ସେଥିରେ ଅଧିକାଂଶ ମୂଳରେ ଥିଲା ଏହି ସମସ୍ୟା। ଏହି ସମସ୍ୟା ଦୁଇଟି ପରସ୍ପର ସହିତ ଅବିଚ୍ଛେଦ୍ୟ ଭାବରେ ସଂଯୁକ୍ତ। ସମସ୍ୟା ହେଲା ଦେଶସେବା, ଜନନାୟକ ଓ କର୍ମୀ ସୃଷ୍ଟି କରିବା ଓ ସେମାନଙ୍କର କର୍ମପ୍ରବାହ ଅବ୍ୟାହତ ରଖିବା ପାଇଁ ସମ୍ବଳ ସଂଗ୍ରହ କରିବା। ସତ୍ୟବାଦୀ ସ୍କୁଲର ପରିକଳ୍ପନା ହିଁ କେବଳ ଏହି ଚିନ୍ତାରୁ। ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ କଟକରେ ବସିଲାବେଳେ ଦୂରଦ୍ରଷ୍ଟା ଗୋପବନ୍ଧୁ ଓ ଅନୁଭୂତିରେ ପାକଳ ପୋଖତ ମଧୁବାବୁ ଏହା ହିଁ ଲକ୍ଷ୍ୟ କରିଥିଲେ ଯେ ଯେଉଁମାନେ

Digitized by srujanika@gmail.com

ଉତ୍କଳ ସମ୍ମିଳନୀରେ ଉଦ୍ୟୋକ୍ତା ନେତା ବା କର୍ମୀ ଭାବରେ ଆଗଭର ହେଉଛନ୍ତି ସେମାନେ ଆଉ ଖୋର୍ଦ୍ଧାର ପାଇକ, ସମ୍ବଲପୁର ଓ ପଶ୍ଚିମ ଓଡ଼ିଶା ଅରଣ୍ୟାନିର ସୁଖବାସୀ ବା ଭଞ୍ଜଭୂମି ଓ ମାଳଅଞ୍ଚଳର ଆଦିବାସୀ ନୁହନ୍ତି, ଯେଉଁମାନେ ପାଇକ ସମରରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କର ସଙ୍ଗରେ, ଅଥବା ବୀର ସୁରେନ୍ଦ୍ର ସାଏଙ୍କର ବିଲାତ ବିରୋଧୀ ସଂଗ୍ରାମରେ ଅଥବା ଚକ୍ର ବିଶୋଇଙ୍କର ଆଦିବାସୀ ମେଳିରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ। ବକ୍ସିଙ୍କର, ବୀର ସୁରେନ୍ଦ୍ର ସାଏଙ୍କର କିମ୍ବା ଚକ୍ର ବିଶୋଇଙ୍କର ସହିତ ସେମାନଙ୍କର ପାଇକ, ସୁଖବାସୀ କିମ୍ବା ଆଦିବାସୀମାନଙ୍କର ଯେଉଁ ସମ୍ପର୍କ ଥିଲା, ପରବର୍ତ୍ତୀ କାଳରେ ସେହିମାନଙ୍କର ବଂଶଧରମାନଙ୍କର ଆଉ ସେ ସମ୍ପର୍କ ରହି ପାରିଲା ନାହିଁ। ଅଲଂଘନୀୟ ଐତିହାସିକ, ସାମାଜିକ କାରଣ ହିଁ ଏହାର ପ୍ରତିବନ୍ଧକ ହୋଇଥିଲା। ଏଥିପାଇଁ ସେହି ବଂଶଧରମାନଙ୍କର ଦାୟିତ୍ୱ ସାମାନ୍ୟ।

(ଘରି)

ମଧୁବାବୁ ଯେ ନିତାନ୍ତ ଆକୁଳ ପ୍ରାଣରେ ଡାକ ଛାଡ଼ିଥିଲେ "ଭାଇ ଭାଇ ବୋଲି କେତେ ମୁଁ ଖୋଜିଲି ଭାଇକୁ ପାଇଲି ନାହିଁ।" ଅଥବା "କୋଟିଏ ସନ୍ତାନ ମା'ଗୋ ଧରିଅଛୁ କୋଳେ, ଗୋଟିଏ ସନ୍ତାନ ମାଗୋ ନ ଦେଖିଲି ତୋଳେ।" ଏହି ମର୍ମଦାହୀ ଅବଶୋଷର କାରଣ ଥିଲା ଏହିଠାରେ। ଓଡ଼ିଶାର ସାଧାରଣ ଜୀବନରୁ କର୍ମୀ ଉଭାନ ହୋଇ ଯାଇଥିଲେ। ଯେଉଁ ଶ୍ରେଣୀରୁ ଏହି କର୍ମୀ ବା ନେତା ବାହାରିବାର କଥା ସେହି ଶ୍ରେଣୀ ସେ ପର୍ଯ୍ୟନ୍ତ ରାଜନୀତିକ ପଟ୍ଟଭୂମିକୁ ଆସି ନ ଥିଲା। ଯେଉଁ ଶ୍ରେଣୀମାନେ ଏଥିପୂର୍ବରୁ ଆପଣାର ଗରଜ ଯୋଗୁଁ ବିଟ୍ରିଶ ବିରୋଧୀ ଆନ୍ଦୋଳନର ସିପାହୀ ହୋଇଥିଲେ ସେହି ଶ୍ରେଣୀ ଯଥା ପାଇକ ପାଇଟିଆଳ, ଗରିବ ଆଦିବାସୀ, ସୁଖବାସୀ ଗୃଷୀମାନେ, ଯେଉଁ ରାଜବଂଶୀୟମାନେ ବ୍ରିଟିଶ ବିରୋଧୀ ପତାକା ତଳେ ଏକଜୁଟ ହୋଇଥିଲେ, ସେହି ରାଜବଂଶୀୟମାନେ ୧୮୧୭ଠାରୁ ୧୮୫୭ ଭିତରେ ଲୋପ ପାଇଯାଇଥିଲେ। ଶ୍ରେଣୀ ଭାବରେ ଯେଉଁମାନେ ରହିଗଲେ, ସେମାନେ ହୋଇଗଲେ ବ୍ରିଟିଶ ସାମ୍ରାଜ୍ୟବାଦର ଆଶ୍ରୟ ତଳେ ପାଳିତ ସାମନ୍ତ; ଯେଉଁମାନଙ୍କର ସ୍ଥିତି ଓ ଅସ୍ତିତ୍ୱ ବ୍ରିଟିଶ ବନ୍ଧୁକର ଆଶ୍ରୟରେ ହିଁ ତିଷ୍ଠି ରହିଲା, ସେମାନେ ଆଉ ପାଇକର, ଆଦିବାସୀର, ଗୃଷୀର ରାଜା ନ ଥିଲେ, ସେମାନେ ଥିଲେ ବ୍ରିଟିଶ ଦ୍ୱାରା ଥାପନା ହୋଇଥିବା ରାଜା। ଉଦାହରଣ ସ୍ୱରୂପ ସିଂହଭୂମି ପୋଡ଼ହାଟର ରାଜା ଅର୍ଜ୍ଜୁନ ସିଂହଙ୍କର ରାଜନୈତିକ ଓ ସାମାଜିକ ସ୍ଥିତି ତାଙ୍କର ପରବର୍ତ୍ତୀ ବଂଶଧର

Digitized by srujanika@gmail.com

'ନରପତ ସିଂହ'ଠାରେ ନ ଥିଲା। ଅର୍ଜୁନ ସିଂହଙ୍କ ଶ୍ରେଣୀର ଦାୟାଦଙ୍କର ରାଜନୈତିକ ଚରିତ୍ର ଯେତେ ମାନବବାଦୀ, ନୀତିବାନ ହେଲେ ମଧ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ପାଖରେ ସେ ଚରିତ୍ର ରହିବା ବି ଅସମ୍ଭବ ଥିଲା। ଭାରତରେ ପ୍ରାଥମିକ ଅବସ୍ଥାରେ ନିର୍ମୂଳୀ ବ୍ରିଟିଶ ଶାସନ ଆପଣାର ଲୁଣ୍ଠନର ପର୍ଯ୍ୟାୟ ଶେଷ କଲା ପରେ ଏଥିରେ ଧାରାବାହିକ ଶୋଷଣର ଯେଉଁ ନିହ ପକାଇଥିଲା ତାହାର ଚେର ମୂଳର ପ୍ରଧାନ ମୃତ୍ତିକା ଥିଲା ଚିରସ୍ଥାୟୀ ମାହାଲର ସାମନ୍ତ କୁଳ ଓ ବିଲାତର ପ୍ରବଳ ପ୍ରତାପୀ ବାହୁ ଛାୟାଶ୍ରିତ ରାଜନ୍ୟବର୍ଗ। ତେଣୁ ସେମାନଙ୍କର ଦେଶପ୍ରେମ, ଭାଷାବତ୍ସଳତା ଇତ୍ୟାଦି ସେହି ବ୍ରିଟିଶ ସରକାରଙ୍କର ଅନୁମୋଦନକ୍ରମେ ହିଁ ଗ୍ରଳିତ ଓ ସୀମିତ ଥିଲା।

ଯେତେବେଳେ ଭାରତରେ ବିଲାତ ଶାସନ କାହାକୁ ଶତ୍ରୁ ବୋଲି ମନେ କରୁଥିଲା ? ମନେ କରୁଥିଲା ସମଗ୍ର ଭାରତବାସୀଙ୍କୁ। ଏହି ଭାରତବାସୀଙ୍କ ନେତୃତ୍ୱ ନେଉଥିବା ସାମନ୍ତ କୁଳ ଓ ରାଜନ୍ୟବର୍ଗଙ୍କର ଭୂମିକା ପ୍ରଥମ ସ୍ୱାଧୀନତା ସମର ଅର୍ଥାତ୍ ସିପାହୀ ସମରରେ ଶେଷ ହେଲା ବେଳକୁ ଭାରତରେ କମ୍ପାନୀ ବ୍ୟବସାୟୀର ଶୋଷଣର ନୂଆ ଅଧ୍ୟାୟ ପଡ଼ିଲା। ଭାରତରେ ରେଳଗାଡ଼ି, ତାର, ଡ଼ାକ, ସୈନ୍ୟ, ସରଞ୍ଜାମ, କେନାଲ ଓ ପୂର୍ତ୍ତ ବିଭାଗ ଇତ୍ୟାଦିର ସୃଷ୍ଟି ଫଳରେ ଏଠାରେ ଏକ ଶ୍ରମିକ ଶ୍ରେଣୀର ଅଭ୍ୟୁଦୟ ହେଲା। ଏହି ଶ୍ରମିକ ଶ୍ରେଣୀ ଭୂମିରୁ ଉଚ୍ଛେଦ ହୋଇଥିବା ଗରିବ ଗ୍ରଷୀ ଓ ଗାଁର ଅର୍ଦ୍ଧ ସର୍ବହରା କୁଳରୁ ଆସିଥିଲେ। ଏମାନେ ଥିଲେ ମୂଳରୁ ନିରକ୍ଷର, ଅନ୍ଧ କୁସଂସ୍କାରରେ ଜଡ଼ିତ ଗ୍ରାମୀଣ ଲୋକେ। ବିଲାତି ବ୍ୟବସାୟ ବାଣିଜ୍ୟ, କଳ କାରଖାନା ଉତ୍ପାଦନ ପ୍ରଭୃତି ବିରୁଦ୍ଧରେ ଯେଉଁ ଜାତୀୟ ପୁଞ୍ଜିପତି ଗୋଷ୍ଠୀ ବିଲାତ କଟକଣା ଯୋଗୁଁ ବ୍ୟତିବ୍ୟସ୍ତ ହେବାର କଥା ଓ ତେଣୁ ବ୍ରିଟିଶ ବିରୋଧୀ ଆନ୍ଦୋଳନକୁ ଜାଗ୍ରତ କରିବାରେ ଇନ୍ଧନ ହେବା ସ୍ୱଭାବିକ; ସେମାନେ ଭାରତର ଆର୍ଥିକ ଓ ରାଜନୈତିକ ରଙ୍ଗମଞ୍ଚରେ ଆବିର୍ଭାବ ହୋଇ ନ ଥିଲେ କହିଲେ ଚଳେ। ଓଡ଼ିଶାରେ ତ ସେଭଳି ଶ୍ରେଣୀର ବିନ୍ଦୁ ବିସର୍ଗ ନ ଥିଲା। ବ୍ରିଟିଶ ବଣିକର ଓଡ଼ିଶା ଉପକୂଳର ବ୍ୟବସାୟବେଳେ ଯାହା ଥିଲା ତାହା ନଅଙ୍କ ଦୁର୍ଭିକ୍ଷ ବେଳଠାରୁ ମୂଳପୋଛ ହୋଇ ଯାଇଥିଲା।

ଯେହେତୁ ବ୍ରିଟିଶ ବିରୋଧୀ ଆନ୍ଦୋଳନ ଥିଲା କ୍ଷୀଣ। ତେଣୁ ସର୍ବଭାରତୀୟ ଜାତୀୟତାବାଦର ଅଙ୍କୁରର ଉଦ୍‌ଗମ ଥିଲା ଦୁରୂହ। ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧ ସିନା ପରବର୍ତ୍ତୀ କାଳରେ ସକଳ ଭାରତୀୟ ଭାଷା, ଗୋଷ୍ଠୀ, ଜାତି, ଧର୍ମକୁ ଏକଜୁଟ

Digitized by srujanika@gmail.com

କରିଥିଲା ଓ ଭାରତୀୟ ଜାତୀୟତାର ମୂଳ ପତ୍ତନ କରିଥିଲା। ତେଣୁ ସର୍ବଭାରତୀୟ ଜାତୀୟତା କେବଳ ସର୍ବଭାରତୀୟ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀତା ଫଳରେ ହିଁ ପରବର୍ତ୍ତୀ କାଳରେ ଗଢ଼ି ଉଠିଥିଲା। ମୂଳରୁ ବ୍ରିଟିଶ ଶୋଷଣ ବିରୁଦ୍ଧରେ ଯେହେତୁ ଚେତନା ଥିଲା କ୍ଷୀଣ, ତେଣୁ ଜାତୀୟତା ଓ ସର୍ବଭାରତୀୟ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀତା ମଧ୍ୟ କ୍ଷୀଣ ଥିଲା। ସେତେବେଳେ ଭାରତର ଶତକଡ଼ା ଅଶୀଠାରୁ ଅଧିକ ଚାଷୀ କୁଳର ଅତ୍ୟାଚାରୀ ଭୂମି ବ୍ୟବସ୍ଥା ବିରୋଧୀ ସଂଗ୍ରାମ ଜାଗ୍ରତ ହୋଇଥିଲେ ଭାରତର ବ୍ରିଟିଶ ବିରୋଧୀ ଜାତୀୟତା ଏକ ଭିନ୍ନ ମାର୍ଗଧରି ଥାଆନ୍ତା ଓ ସାରା ଭାରତର ବିପୁଳ ଜନଗୋଷ୍ଠୀକୁ ବ୍ରିଟିଶ ବିରୋଧୀ ଯୁଦ୍ଧରେ ସାମିଲ କରି ଥାଆନ୍ତା। ବକ୍ସି ଜଗବନ୍ଧୁ, ସୁରେନ୍ଦ୍ର ସାଏ, ଚକ୍ର ବିଶୋଇ ପ୍ରଭୃତିଙ୍କର ଐତିହ୍ୟର ପ୍ରକୃତ ଦାୟାଦ ଭାବରେ ତାହା କାର୍ଯ୍ୟ କରି ଥାଆନ୍ତା। କିନ୍ତୁ ସେଭଳି ବୈଜ୍ଞାନିକ ଚିନ୍ତାର କୌଣସି ଆଧାର ଓଡ଼ିଶାରେ ଏପରି କି ଭାରତ ଭୂମିରେ ମଧ୍ୟ ନଥିଲା।

(ପାଞ୍ଚ)

ସବୁ ଯୁଗରେ ମଧ୍ୟବିତ୍ତ ମଝିଲା ଶ୍ରେଣୀ ହେଉଛି ପରାଶ୍ରୟୀ। ଏହାରି ଭିତରୁ ଆଦିମ ସମାଜରେ କୁଳ ପୁରୋହିତ, ଚନ୍ଦ୍ରଗୁପ୍ତଙ୍କ ବେଳର ଚାଣକ୍ୟ, ମୋଗଲ ବାଦଶାହଙ୍କର ଦେୱାନ, ନାଏବ ବା ସେନାପତି ଇତ୍ୟାଦି ଆଉ ଶେଠ ସାହୁକାରଙ୍କର ଏକାଉଣ୍ଟେଣ୍ଟ, ଓକିଲ, ମନ୍ତ୍ରଣାଦାତା, ମେନେଜର ଇତ୍ୟାଦି ବନି ଥାଆନ୍ତି। କେବଳ ଇତିହାସର ଶେଷ ଯୁଗରେ ଯେତେବେଳେ ଶ୍ରମିକ ଶ୍ରେଣୀ ଶାସନ କ୍ଷମତା ଦଖଲ କରେ, ସେତିକିବେଳେ ହିଁ ମଝିଆ ମଧ୍ୟବିତ୍ତ ଶ୍ରେଣୀ ସେହି ଶ୍ରମିକ ଶ୍ରେଣୀର ମୁକ୍ତି ଫଳରେ ନିଜେ ସବୁ ପ୍ରକାର ଶାସକ ଶ୍ରେଣୀ ହାତରୁ ଚରମ ମୁକ୍ତିଲାଭ କରେ। ଭାରତରେ ବିଲାତ ବିରୋଧୀ ରାଜବଂଶର ପତନ ପରେ ଏହି ମଝିଲା ଶ୍ରେଣୀ ବିଲାତର ଶାସନ ଚଳାଇବା ପାଇଁ ବିଲାତି ଆଇନ କାନୁନ, ଖଜଣା ସିସ୍ତ ଆଦାୟ ପାଇଁ ହାକିମ ଅମଲା ପେସ୍କାର ପେଷା ଗ୍ରହଣ କଲେ। ସେମାନେ ପୂରାପୂରି ବିଲାତ ଶାସନ କଳର ପେଞ୍ଚ କଣ୍ଟା ବନିଯିବାକୁ ବାଧ ହୋଇଥିଲେ। କେବଳ ସର୍ବୋଚ୍ଚ ପାହ୍ୟା ହାକିମ ଯଥା ଲାଟ୍, ଛୋଟ ଲାଟ୍, ସେନାପତି, ପୋଲିସ୍ ସାହେବ, ବେଳେ ବେଳେ ଶିକ୍ଷା ବିଭାଗ ସାହେବ ଇତ୍ୟାଦି ଚାକିରୀ ଛାଡ଼ି ଦେଲେ ଡିପୋଟି ମୁନସଫଠାରୁ କିରାନି, ଅମଲା, କନଷ୍ଟେବଲ, ଆଉ ସୈନ୍ୟ ଫଉଜର ସିପାହୀ ଯାଏ ସବୁ ଦେଶୀ ଲୋକଙ୍କୁ ବିଲାତ ଶାସନ ଚଳାଇବା ପାଇଁ ନିଯୁକ୍ତି ଦେବା ଛଡ଼ା ଗତ୍ୟନ୍ତର ନ ଥିଲା।

Digitized by srujanika@gmail.com

ତେବେ ଏ ନିଯୁକ୍ତି ବିଲାତର ଗରଜ ହେବା ଦୂରେ ଥାଉ, କ୍ରମେ ଦେଖାଗଲା ଏହା ଭାରତର ବିଭିନ୍ନ ଅଞ୍ଚଳର ବିଭିନ୍ନ ଭାଷାଭାଷୀଙ୍କର ଗରଜରେ ପରିଣତ ହୋଇଗଲା, ହେବା ବି ସ୍ୱାଭାବିକ। ଦେଶ ସ୍ୱାଧୀନ ହେଉ ବା ପରାଧୀନ ହେଉ ଦେଶବାସୀ ଲୋକଙ୍କର ଦୈନନ୍ଦିନ ଜୀବନଯାତ୍ରା ତ ଚାଲିବଇ ଚାଲିବ। କୋର୍ଟ କଚେରୀ, ଖଜଣା ପାଉତି, ମାଲିମକଦ୍ଦମା, ବିବାଦ, ଦଲିଲ, ଖତିୟାନ ଇତ୍ୟାଦି ହରେକ କାର୍ଯ୍ୟରେ ଜନସାଧାରଣଙ୍କର ଯେତିକି ସଂପର୍କ, ସେହି ସମ୍ପର୍କ ଯୋଗୁଁ ସେମାନେ ଚାହିଁବା ସ୍ୱଭାବିକ ଯେ ସେମାନଙ୍କର ସୁବିଧା ଦୃଷ୍ଟିରୁ ଅମଲା ଦୁମଲା, ହାକିମ ପେଷ୍କାର, ମୁନସି ଦାରୁଗା ଇତ୍ୟାଦିମାନେ ତାଙ୍କର ଭାଷାଭାଷୀ ହୁଅନ୍ତୁ। ତେଣୁ ସେତେବେଳେ ଭାରତରେ ବିଭିନ୍ନ ଭାଷା ପ୍ରତି ବ୍ରିଟିଶ ସରକାରୀ କଳ ଓ ତାହାର ଅଧିକାରୀମାନେ ଯେ ସଦୟ ଦୃଷ୍ଟି ଦେଖାଇଥିଲେ, ତାହା ପଛରେ ବ୍ୟକ୍ତି ବିଶେଷ (ଯଥା ଓଡ଼ିଆ ଭାଷା ବିଷୟରେ ବିମସ୍ ସାହେବ) ହୁଏତ ନିଷ୍ପାପର ଓ ନିସ୍ୱାର୍ଥପର ଦରଦ ଦେଖାଇ ପାରି ଥାଆନ୍ତି; କିନ୍ତୁ ମୋଟ ଉପରେ ତାହା ହିଁ ଥିଲା ସେ କାଳରେ ବ୍ରିଟିଶରାଜ ଶାସନ ଚଳେଇବାର କାଏଦା କୌଶଳ।

ତେବେ ବିଲାତର ଶାସନ ଚଳେଇବା ପାଇଁ ଯେଉଁ ମଝିଲା ଶ୍ରେଣୀର ବିଲାତ ଶାସନ ଚଳା ପାଠର ପାଠୁଆ ଦରକାର, ସେମାନେ ପ୍ରଥମେ ଆସିଥିଲେ ବଙ୍ଗଳାରୁ ଓ ମାନ୍ଦ୍ରାଜରୁ। ଭାରତର ଅନ୍ୟ ଭାଷାଭାଷୀମାନେ ଜାଗ୍ରତ ହୋଇ ସେଇ ଆସନ ଖୋଜିବା ପାଇଁ ଗଲାବେଳକୁ ଦେଖିଲେ ଯେ ସାମନା ଧାଡ଼ିଠାରୁ ଶେଷ ଧାଡ଼ି ଯାଏ ସବୁ ସ୍ଥାନରେ ଭିନ୍ନ ଭାଷାଭାଷୀ ଅଧିକାରୀ ବସେଇ ରହି ଯାଇଛନ୍ତି। କୋର୍ଟ କଚେରୀ, ମହକୁମା ଦପ୍ତର ଇତ୍ୟାଦି ସରକାରୀ, ଅର୍ଦ୍ଧ ସରକାରୀ ଚାକିରୀ ବାକିରୀକୁ ଉତ୍ତର ଓଡ଼ିଶାରେ ବଙ୍ଗଭାଷୀ ମଧ୍ୟବିତ୍ତ ଓ ଦକ୍ଷିଣ ଓଡ଼ିଶା ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ତେଲ୍‌ଗୁଭାଷୀ ମଧ୍ୟବିତ୍ତମାନେ ଦଖଲ କରି ଯାଇଥିଲେ। ତେଣୁ ଓଡ଼ିଶାରେ ଚାକିରୀ ପାଇଁ ସଂଗ୍ରାମ ଥିଲା। ମାତୃଭାଷା ପାଇଁ ସଂଗ୍ରାମ ଅନ୍ୟ କଥାରେ ମଧ୍ୟବିତ୍ତର ଜୀବିକା ସଂଗ୍ରାମ ଥିଲା ଇଂରାଜୀ ପାଠ ସହିତ ଓଡ଼ିଆଭାଷୀ ଲୋକର ବ୍ୟୁତ୍‌ପତ୍ତିର ଓ ଓଡ଼ିଆ ଭାଷାକୁ ସ୍କୁଲ କଲେଜରେ ଜୋର୍‌ରେ ପ୍ରବର୍ତ୍ତନ କରବାର ସଂଗ୍ରାମ। ମଧ୍ୟବିତ୍ତର ଜୀବିକାର ଏକମାତ୍ର କ୍ଷେତ୍ର ଥିଲା ଇଂରେଜ ସରକାରୀ ବା ଅର୍ଦ୍ଧ ସରକାରୀ ଦପ୍ତର। କାରଣ ଆଉ ରାଜନ୍ୟବର୍ଗଙ୍କର ଚାକିରୀ ବେଶି ନ ଥିଲା। ଇଭ୍ରେଞ୍ଚ ସାହେବଙ୍କର ରିପୋର୍ଟରେ ପୂର୍ବରୁ ଦେଖିବାକୁ ମିଳିଛି ଯେ ଇଂରେଜ ସରକାର ମଧ୍ୟ ଓଡ଼ିଶାରେ ତାଙ୍କର ଶାସନ ଚଳାଇବା, ଖଜଣା ଅସୁଲ କରିବା ଓ ତେଣୁ ଜନସାଧାରଣଙ୍କ ସହିତ ଯୋଗସୂତ୍ର ରଖିବା ପାଇଁ ଓଡ଼ିଆଭାଷୀ କିରାନୀ, ଅମଲାଙ୍କର ପ୍ରୟୋଜନ

Digitized by srujanika@gmail.com

ଅନୁଭବ କରିଥିଲେ। ବଙ୍ଗଭାଷୀ ମଧ୍ୟବିତ୍ତ କୁଳସନ୍ତାନମାନେ ଆପଣା ଆପଣାର ଜୀବିକା ରକ୍ଷାର ଦାୟରେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' ଏଭଳି କଥା ମଧ୍ୟ ପ୍ରକାଶ୍ୟରେ ପୁସ୍ତକ ଆକାରରେ ପ୍ରମାଣ କରିବାକୁ ବାହାରି ପଡ଼ିଥିଲେ। ଏଭଳି ଅବସ୍ଥାରେ ଓଡ଼ିଆ ଭାଷାର ସଂରକ୍ଷଣ ଓ ବଙ୍ଗଳାଭାଷୀ ନ୍ୟସ୍ତସ୍ୱାର୍ଥୀମାନଙ୍କର ଆକ୍ରମଣର ପ୍ରତିରୋଧ ହେଲା ସେତେବେଳେ ଓଡ଼ିଶା ମୂଳକର ପ୍ରଧାନ ଦେଶପ୍ରେମୀ ମଧ୍ୟବିତ୍ତ ଆନ୍ଦୋଳନ। ଠିକ୍ ବଙ୍ଗଭଙ୍ଗ ବିରୁଦ୍ଧରେ ୧୯୦୫ରେ ହୋଇଥିବା ଆନ୍ଦୋଳନ ଥିଲା ସେପରି ବଙ୍ଗଳାର ମଧ୍ୟବିତ୍ତର ଦେଶପ୍ରେମୀ ଆନ୍ଦୋଳନ। ବଙ୍ଗଳା କ୍ଷେତ୍ରରେ ବଙ୍ଗଳାର ସନ୍ତ୍ରାସବାଦ ଓ ବନ୍ଦେମାତରମ୍ ଆନ୍ଦୋଳନକୁ ରୋକିବା ପାଇଁ ଇଂରେଜ ସରକାର ବଙ୍ଗଳା ବିଭାଜନ କରାଇଥିଲେ। ଅନ୍ୟପକ୍ଷରେ ଓଡ଼ିଶାରେ ଓଡ଼ିଆ ଭାଷା ଚଳିବ କି ନାହିଁ, ଏହି ଓଡ଼ିଆଭାଷୀ ଓ ବଙ୍ଗଳାଭାଷୀଙ୍କର ବିବାଦରେ ଇଂରେଜ ସରକାର ରେଫରି ହୋଇଥିଲେ ଓ ଆପଣାର ଶାସନଗତ ସ୍ୱାର୍ଥ ଦୃଷ୍ଟିରୁ ହିଁ ଓଡ଼ିଆ ଭାଷା ସପକ୍ଷରେ ନିର୍ଦ୍ଧାରଣ ଦେଇଥିଲେ। ଏହି ଉଭୟ କ୍ଷେତ୍ରରେ ବ୍ରିଟିଶ ଶାସନର ସ୍ୱାର୍ଥ ହିଁ ଏକମାତ୍ର ଲକ୍ଷ୍ୟବସ୍ତୁ ଥିଲା।

(ଛଅ)

ମୋଟ ଉପରେ ୧୯୦୩/୧୯୦୪ବେଳେ ବ୍ରିଟିଶ ବିରୋଧ ଥିଲା ଅତ୍ୟନ୍ତ କ୍ଷୀଣ। ଏକଥା ଜଣାଶୁଣା ଯେ ୧୯୧୪-୧୯ ମହାଯୁଦ୍ଧବେଳେ ମୋହନଦାସ କରମଚାନ୍ଦ ଗାନ୍ଧୀ ବିଲାତ ରାଜାଙ୍କର ବିଜୟ ପାଇଁ ଭାରତବାସୀଙ୍କର ସହଯୋଗ ଦେବାକୁ ଆଗେଇ ଆସିଥିଲେ। ତେଣୁ ବିଲାତ ରାଜା ତାଙ୍କୁ କଇଜରି ହିନ୍ଦ୍ ପଦକ ଉପହାର ଦେଇଥିଲେ; ବରଂ ଏକଥା କହିଲେ ଭୁଲ ହେବ ନାହିଁ ଯେ ବ୍ରିଟିଶ ଶାସନ ଯେଉଁ ଦର୍ଶନ, ନୀତିବାଦ ବିଲାତରେ ପ୍ରଚଳନ କରିଥିଲା; ଅର୍ଥାତ୍ ପୁଞ୍ଜିବାଦୀ ହେତୁବାଦ, ବିଜ୍ଞାନ ବିଶ୍ୱାସ, ବୁର୍ଜୋୟା ସଂସଦୀୟ ଗଣତନ୍ତ୍ର, ବ୍ୟକ୍ତିଗତ ସ୍ୱାଧୀନତା ଇତ୍ୟାଦି ସେସବୁ ସେ କାଳରେ ପ୍ରଗତିର ଚରମ ବିନ୍ଦୁ ବୋଲି ଗ୍ରହଣ କରାଯାଇଥିଲା। ଯେଉଁମାନେ ବ୍ରିଟିଶ ଦର୍ଶନତତ୍ତ୍ୱ ଯଥା ଜହନ ଷ୍ଟୁଆର୍ଟ ମିଲ୍, ବେୟାମ୍, ଲକ୍ ପ୍ରଭୃତି ଦାର୍ଶନିକମାନଙ୍କର ଚିନ୍ତାଧାରା ଓ ଆଡ଼ାମ ସ୍ମିଥ୍, ରିକାର୍ଡ଼େ ପ୍ରଭୃତି ପୁଞ୍ଜିବାଦୀ ଅର୍ଥନୀତିଜ୍ଞମାନଙ୍କର ତତ୍ତ୍ୱାବଳୀକୁ (ସେସବୁ ସେମାନଙ୍କର ବୋଲି ଜାଣି ବା ନ ଜାଣି) ସମର୍ଥନ କରୁଥିଲେ, ସେମାନେ ନୂତନ ରେନାସାଁର ଆବାହକ ଭାବରେ ଅଭିନନ୍ଦନ ଲାଭ କରୁଥିଲେ। ଯେଉଁମାନେ ଏହି ପ୍ରକାର ଭାବଧାରାକୁ ଭାରତୀୟ ସଂସ୍କୃତି, ପରମ୍ପରା, ସ୍ୱଧର୍ମର ବିରୋଧୀ ବୋଲି ମନେକରି ବିରୋଧ କରୁଥିଲେ,

Digitized by srujanika@gmail.com

ସେମାନେ କେବଳ ପ୍ରତିକ୍ରିୟାଶୀଳ ମାନ୍ଧାତା ଅମଳର ଲୋକ ବୋଲି ଯେ ଗଣା ହୋଇ ଯାଇଥିଲେ କେବଳ ସେତିକି ନୁହେଁ, ସେମାନେ ମଧ୍ୟ ବ୍ରିଟିଶ ଶାସନର ସାମାଜିକ ପରିବର୍ତ୍ତନ ସ୍ରୋତରେ କାହିଁ ପଛରେ ପଡ଼ି ଯାଇଥିଲେ। ଡବ୍ଲୁ. ଡବ୍ଲୁ. ହଣ୍ଟର ତାଙ୍କର ବିଖ୍ୟାତ 'ଇଣ୍ଡିଆନ୍ ମୁସଲମାନ୍‌ସ' ନାମକ ବହିରେ ଲେଖିଛନ୍ତି ଯେ ବଙ୍ଗଳା ଓ ବିଶେଷତଃ କଲିକତାର ମୁସଲମାନମାନେ ବ୍ରିଟିଶ ଚାଲିଚଳଣ, ପାଠପଢ଼ାର ବିରୋଧୀ ଥିଲେ, କାରଣ ସେମାନେ ଇଂରେଜମାନଙ୍କୁ ଆକ୍ରମଣକାରୀ ବୋଲି ମନେ କରୁଥିଲେ ଓ ବିଜେତା ପ୍ରତି ସ୍ୱାଭାବିକ ଘୃଣା ଯୋଗୁଁ ଇଂରେଜି ଭାଷା, ପାଠଶାଠ ଓ ଆଚାର ବ୍ୟବହାର ପ୍ରତ୍ୟାଖ୍ୟାନ କରିଥିଲେ। ସେହି କାରଣରୁ କଲିକତାର ଓ ଭାରତର ମୁସଲମାନମାନେ କଚୁଆନ୍, ବବୁର୍ଚି, ଖାନସମା, ଇଂସେଇ, ଦରଜୀ ପ୍ରଭୃତି ଜୀବିକାର ସ୍ତରକୁ ଓହ୍ଲାଇ ଆସିଥିଲେ। ଏହି ଧାରା ସିପାହୀ ବିଦ୍ରୋହଠାରୁ ସାର୍ ସୟଦ ଅହମ୍ମଦଙ୍କର ଜୀବନ କାଳ ଯାଏ ଚାଲିଥିଲା। ଶେଷୋକ୍ତ କାଳରେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଓ ଇଂରେଜୀ ଶିକ୍ଷା, ବିଦ୍ୟା ଓ ଇଂରେଜୀ ଶାସନ ଭିତରେ ପ୍ରବେଶ ଇତ୍ୟାଦି ଜରିଆରେ ହିଁ ଭାରତୀୟ ମୁସଲମାନମାନେ ବ୍ରିଟିଶ ଶାସନରେ ଉଚ୍ଚ ଜୀବିକା ଲାଭ କରିବାର ଅଧିକାରୀ ହେଲେ। ଫଳତଃ ଭାରତରେ ହିନ୍ଦୁମାନଙ୍କଠାରୁ ସେମାନେ ପ୍ରାୟ ୫୦ ବର୍ଷ ଯାଏ ପଛରେ ପଡ଼ି ଯାଇଥିଲେ।

ଓଡ଼ିଶାରେ ବୁଦ୍ଧି ବଳରେ ଜୀବିକା ନିର୍ବାହ କରିବା ମଧ୍ୟବିତ୍ତ ବ୍ୟକ୍ତି ପାଇଁ ସେତେବେଳେ ଦେଶପ୍ରେମର ଚୂଡ଼ାନ୍ତ ଥିଲା ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ସେହି ସୂତ୍ରରେ ବିଭିନ୍ନ ପ୍ରଦେଶରେ ବାଣ୍ଟି ହୋଇ ରହିଥିବା ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ। ଏହାର ଅନ୍ୟ ନାମ ଥିଲା ଦେଶମିଶ୍ରଣ ଆନ୍ଦୋଳନ। ଆର୍ଥିକ, ସାମାଜିକ ଓ ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଆନ୍ଦୋଳନ ଥିଲା ମଧ୍ୟବିତ୍ତ ଓଡ଼ିଆର ସବୁଠାରୁ ଜରୋରୀ ଜୀବିକାର ଆନ୍ଦୋଳନ – ଏକ ଜୀବନ ମରଣ ସମସ୍ୟା। ଏକଥା ଆକସ୍ମିକ ନୁହେଁ ଯେ ଗୋପବନ୍ଧୁ କଲିକତାରୁ ଓକିଲାତି ପାଶ୍ କରି ଆସି ନୀଳଗିରି ଗଡ଼ଜାତରେ ପ୍ରଥମେ ହାଇସ୍କୁଲ ସ୍ଥାପନା କରି ସେଥିରେ ଶିକ୍ଷକ ହୋଇଥିଲେ। ୧୯୦୧-୦୨ଠାରୁ ଗୋପବନ୍ଧୁ ସରକାରୀ ଚାକିରୀ କଥା ଆପଣାର ଜୀବନ ବୃତ୍ତିରୁ ବାଦ୍ ଦେଇଥିଲେ। ଓଡ଼ିଶାର ଅସ୍ତ ଗୌରବ ରାଜନ୍ୟ ବର୍ଗଙ୍କର ଓଡ଼ିଆ ଭାଷା ସଂସ୍କୃତି ପ୍ରତି ପୂର୍ବ ପୁରୁଷର ପରମ୍ପରାର ତାଡ଼ନାରୁ ଯାହା କିଛି ମମତା ମୁହାଁଇ ଥିଲା, ତାହା ଗୋପବନ୍ଧୁ ଅବଶ୍ୟ ବ୍ୟବହାର କରିଥିଲେ; କିନ୍ତୁ ସେ ମୂଳତଃ ନିର୍ଭର କରିଥିଲେ ପୁରୀ ଓ ଗଞ୍ଜାମର ପରାହତ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର

Digitized by srujanika@gmail.com

ଯୁବକମାନଙ୍କ ଉପରେ। ସ୍ୱଭାବତଃ ତେଣୁ ବିଶ୍ୱନାଥ (ବାରିଷ୍ଟର), ହରିହର (ଆଚାର୍ଯ୍ୟ), ଗୋଦାବରୀଶ (ପଣ୍ଡିତ ମିଶ୍ରେ) ଓ ପଣ୍ଡିତ ନୀଳକଣ୍ଠ ଦାସ ଓ ପ୍ରଗ୍ଭରକ ଅନନ୍ତ ମିଶ୍ରେ ଗୋପବନ୍ଧୁଙ୍କ ସହିତ ବିଭିନ୍ନ ସୂତ୍ରରେ ଏକ ଅଲିଖିତ ଦେଶପ୍ରେମୀ ଚୁକ୍ତିରେ ଆବଦ୍ଧ ରହିଥିଲେ। ସେ ଚୁକ୍ତି ଥିଲା, "ସରକାରୀ ଗ୍ଭକିରୀ କରିବା ନାହିଁ ଓ ଜନ୍ମବେଳେ ଦେଶକୁ ଯେପରି ଅବସ୍ଥାରେ ଦେଖିଥାଇ, ତାହାଠାରୁ ଆହୁରି ଉନ୍ନତ ଅବସ୍ଥାରେ ମରଣବେଳେ ତାହାକୁ ଦେଖିଯିବା।" ଏ ସଂକଳ୍ପ ପଣ୍ଡିତ ନୀଳକଣ୍ଠଙ୍କର ଆତ୍ମଜୀବନୀରେ ପ୍ରକାଶିତ। କେବଳ ସୁଆଣ୍ଡ ଗାଁର ଭାର୍ଗବୀ ତଟରେ ରାତ୍ରିର ଶେଷ ପ୍ରହରର ୧୯୦୧ ବା ୧୯୦୨ର ଶପଥ ନ ଥିଲା, ଏ ସଂକଳ୍ପ ବାରମ୍ବାର ଗୋପବନ୍ଧୁ ତାଙ୍କର ବିଭିନ୍ନ ସମାନଧର୍ମୀ, ସହଧ୍ୟାୟୀ, ଆତ୍ମୀୟ ସୋଦରମାନଙ୍କ ସହିତ ଗ୍ରହଣ କରିଥିଲେ। ଏବେ ଗୋପବନ୍ଧୁଙ୍କର ଜୀବିତ ଆତ୍ମୀୟ ସୋଦରଙ୍କ ଭିତରେ ଅନେକ ଏହି ସଂକଳ୍ପର ଅଲିଖିତ ଚୁକ୍ତି ବିଷୟ ମଧ୍ୟ ସ୍ମରଣ କରନ୍ତି। ପଣ୍ଡିତ ନୀଳକଣ୍ଠ ଦାସଙ୍କର ଆତ୍ମଜୀବନୀରେ ବର୍ଣ୍ଣିତ ମର୍ମସ୍ପର୍ଶୀ ଘଟଣା ଛଡ଼ା ଆହୁରି ଅନେକ ପରିବେଶରେ ଯେ ସେକାଳର ଯୁବକମାନେ ଦେଶସେବାର ଏହି ଅଲିଖିତ ଚୁକ୍ତିରେ ଆବଦ୍ଧ ହୋଇଥିଲେ ଏଥିରେ ସନ୍ଦେହ ନାହିଁ।

ସେତେବେଳେ ସରକାରୀ ଗ୍ଭକିରୀ ଛାଡ଼ିଦେଲେ ଓଡ଼ିଆଭାଷୀ ଇଂରାଜୀ ଶିକ୍ଷିତ ମଧ୍ୟବିତ୍ତ ପାଇଁ ଦୁଇଟି ସମ୍ମାନଜନକ ବୃତ୍ତି ଥିଲା। ଏକ; ଶିକ୍ଷକତା, ଦୁଇ; ଓକିଲାତି। ତାତ୍‌କାଳିକ ପରିସ୍ଥିତିରେ ଏହି ଦୁଇଟି ବୃତ୍ତିକୁ ଭାରତର ଦେଶପ୍ରେମୀ ଏକ ପୁଣ୍ୟ କର୍ତ୍ତବ୍ୟରେ ପରିଣତ କରିବାରେ ଚେଷ୍ଟିତ ଥିଲେ। ଏକ ପକ୍ଷରେ ବୃତ୍ତି, ଦେଶସେବକକୁ ତାଲିମ ଦେବାର ପନ୍ଥା ଓ ସେହି ପନ୍ଥାରେ ଆପେ ଶିକ୍ଷା ଓ ତାଲିମ ପାଇବାର ପନ୍ଥା। ଏକଥା ସର୍ବବାଦୀସମ୍ମତ ଯେ ପ୍ରତ୍ୟେକ ଶିକ୍ଷକ ପ୍ରଥମେ ଛାତ୍ର ଓ ତା'ପରେ ଶିକ୍ଷକ। ଯେଉଁ ଶିକ୍ଷକ ଆପଣାର ଛାତ୍ରର ସମସ୍ୟା ଅନୁଧ୍ୟାନ ନ କରେ ଓ ସେହି ଛାତ୍ରକୁ ଅଧ୍ୟୟନ ନ କରେ ସେ ପ୍ରକୃତ ଶିକ୍ଷକ ହୋଇପାରେ ନାହିଁ।

ରସୁଲକୋଣ୍ଡା ଟ୍ରେନିଂ ସ୍କୁଲରେ ବିଶ୍ୱନାଥ ତେଣୁ କେବଳ ଶିକ୍ଷକ ନ ଥିଲେ; ସେ ଥିଲେ ଜଣେ ଶିକ୍ଷାନବୀଶ। ସେଠାରେ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ କାଳ ଶିକ୍ଷକତା ଭିତରେ ସେ ଗଞ୍ଜାମର ଶିକ୍ଷା ପରିସ୍ଥିତି ସମ୍ବନ୍ଧରେ ମୂର୍ତ୍ତ ଅନୁଭୂତି ସଂଗ୍ରହ କରିଥିଲେ। ସେହି ଅନୁଭୂତି ଥିଲା ଅତ୍ୟନ୍ତ କରୁଣ ଓ ମର୍ମଦାହୀ। ଓଡ଼ିଆ ଭାଷାର ସେହି ଦାରୁଣ ସଂକଟରେ ଭଞ୍ଜଭୂମି ଗଞ୍ଜାମ କିପରି ଅସହନୀୟ ବେଦନା ଭିତରେ ଥିଲା, ତାହା ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ସେତେବେଳେ ସେ ବୁଝିଥିଲେ ଗଞ୍ଜାମର

Digitized by srujanika@gmail.com

ସମସ୍ୟା ସ୍ୱତନ୍ତ୍ର । ଏକ ଉନ୍ନତ ସାହିତ୍ୟ ଓ ଭାଷାର ଭଣ୍ଡାର ଘରେ ଯେପରି ଜଉମୁଦ ପଡ଼ିଯାଇଛି । 'ଉଭୟ ଭାଷା ପ୍ରବୀଣ' ତେଲ୍‌ଗୁ ପଣ୍ଡିତମାନେ କେବଳ ସେହି ଭଣ୍ଡାରର ବାରଣ୍ଡାରେ ବସି କୋଳାହଳ କରୁଛନ୍ତି । ସେମାନଙ୍କର ଭାଷା ବିକୃତ । ଓଡ଼ିଆ ସଂସ୍କୃତି ପାଖରେ ସେମାନଙ୍କର ପ୍ରବେଶ ନାହିଁ । ତେଣୁ ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷାରେ ଶିକ୍ଷା ଦେବାର ପ୍ରଶ୍ନ ପ୍ରଧାନ ପ୍ରଶ୍ନ ନୁହେଁ; ବରଂ ଓଡ଼ିଆ ଭାଷାର ସ୍ୱଚ୍ଛଳ ଧାରାକୁ ଫିଟାଇବା ହିଁ ପ୍ରଧାନ ପ୍ରଶ୍ନ । ତେଣୁ ଶିକ୍ଷକତା ଯଥେଷ୍ଟ ନୁହେଁ; ଏକ ଶିକ୍ଷା ଆନ୍ଦୋଳନ ଆବଶ୍ୟକ । ସେଥିପାଇଁ ଗଞ୍ଜାମରେ ଶହ ଶହ ଓଡ଼ିଆଙ୍କୁ ଜୀବନର ପ୍ରତ୍ୟେକ ଧନ୍ଦା ଭିତରେ ଭର୍ତ୍ତି କରିବା ଆବଶ୍ୟକ ।

ଆଗରୁ ଗୋପବନ୍ଧୁ ପ୍ରଭୃତି ବନ୍ଧୁମାନଙ୍କର କର୍ମଧାରା ସହିତ ସହଯୋଗ ରଖି ସେ ଏକ ଅଲିଖିତ ଚୁକ୍ତିବଦ୍ଧ ହୋଇଥିଲେ । କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ଓଡ଼ିଶା ଡିଭିଜନ୍ ପାଇଁ ସେହି ଚୁକ୍ତି ଥିଲା ଶିକ୍ଷକତା କିମ୍ବା ଓକିଲାତି ମାଧ୍ୟମରେ କର୍ମୀ ତାଲିମ କିମ୍ବା ସେହି କର୍ମୀ ଗୋଷ୍ଠୀର ଲାଳନ ପାଳନ ପାଇଁ ସମ୍ବଳ ସଂଗ୍ରହ । ଗଞ୍ଜାମର ସ୍ୱତନ୍ତ୍ର ପରିସ୍ଥିତିରେ ଉଭୟ କାର୍ଯ୍ୟ ଏକାଠି ଏକ ସମୟରେ କରିବାକୁ ପଡ଼ିବ । ସେଥିପାଇଁ ରସୁଲକୋଣ୍ଡାର ଶିକ୍ଷକତା କ୍ଷେତ୍ର ଯଥେଷ୍ଟ ନୁହେଁ । ତେଣୁ ପରିସ୍ଥିତିର କଠୋର ନିମନ୍ତ୍ରଣରେ ବିଶ୍ୱନାଥ ନୂତନ ଦିଗନ୍ତର ଅନ୍ୱେଷଣରେ ଅଗ୍ରସର ହେଲେ ।

■■■

Digitized by srujanika@gmail.com

ନବ ଦିଗନ୍ତର ଆହ୍ୱାନ

(ଏକ)

୧୯୦୪ ସାଲର ଉତ୍କଳ ସମ୍ମିଳନୀରେ ରସୁଲକୋଣ୍ଡାର ଶିକ୍ଷକ ବିଶ୍ୱନାଥ ଗଞ୍ଜାମର ପ୍ରତିନିଧି ମଣ୍ଡଳୀଙ୍କ ଗହଣରେ ଯୋଗ ଦେଇଥିଲେ। କଟକରେ କଲେଜ ଜୀବନରୁ ବିଦାୟ ନେବାର ସେହି ଗୋଟିଏ ମାତ୍ର ବର୍ଷ ୧୯୦୩ର ଉତ୍କଳ ସମ୍ମିଳନୀବେଳେ ସେ ଥିଲେ କଲେଜର ଏଫ.ଏ.ଛାତ୍ର। ୧୯୦୪ ବେଳକୁ ଶିକ୍ଷକବୃତ୍ତିଜୀବୀ; କିନ୍ତୁ ଏହାରି ଭିତରେ ଏକ ଅଦ୍ଭୁତ ପରିବର୍ତ୍ତନ ସେ ନିଜେ ଅନୁଭବ କରିଥିଲେ। ସେ ଦେଖିଥିଲେ ବର୍ଷକ ତଳର କଟକ ସହରର ବିଶେଷ କୌଣସି ପରିବର୍ତ୍ତନ ହୋଇନାହିଁ; କିନ୍ତୁ ତାଙ୍କର ଦୃଷ୍ଟିକୋଣରେ ଏକ ସୁଦୂର ପ୍ରସାରୀ ପରିବର୍ତ୍ତନ ହୋଇଯାଇଛି। ଗଞ୍ଜାମର ମାତ୍ର କେତୋଟି ମାସର ଶିକ୍ଷକତା ଜୀବନ ଭିତରେ ଛବିଶ ବର୍ଷ ବୟସର ବିଶ୍ୱନାଥ ଏକ ନୂତନ୍ ଚେତନାର ମଣିଷ ହୋଇ ଯାଇଛନ୍ତି। କଲେଜ ଛାଡ଼ିଲାବେଳେ ଗୋଟିଏ ପୁତ୍ର ସନ୍ତାନର ଜନକ ବିଶ୍ୱନାଥ ଜୀବନଯାତ୍ରାର ଦୁର୍ଗମ ପଥ ଦେଖି ବିଚଳିତ ହୋଇ ପଡ଼ିଥିଲେ। ଗଞ୍ଜାମର ଶିକ୍ଷକତା ତାଙ୍କ ଭିତରେ ସ୍ୱାଭାବିକ ଦମ୍ଭ,ସାହସ ଓ ଆତ୍ମବିଶ୍ୱାସର ତେଜ ଭରି ଦେଇଛି।

୧୯୦୩ରେ ସେ ଥିଲେ ସମ୍ମିଳନୀର ସ୍ୱେଚ୍ଛାସେବକ। ଏଥରକ ପ୍ରତିନିଧି। ଏହା କେବଳ ପଦବୀ ପାହ୍ୟାର ତଫାତ୍ ନୁହେଁ। ୧୯୦୩ରେ ସେ ଥିଲେ ଭାବପ୍ରବଣତାରେ ଉଚ୍ଛଳ ଯୁବକ। ଏବେ ଯୌବନର ଉଚ୍ଛଳତା ଭିତରେ ଦାୟିତ୍ୱ ଓ କର୍ତ୍ତବ୍ୟର ଅବଧାରଣା ମିଶିଛି। ସେ କେବଳ ଶ୍ରୋତା ନୁହନ୍ତି। ଅଳ୍ପକାଳର ଅନୁଭୂତି ହେଲେ ବି ମନୁଷ୍ୟ ଜୀବନ ତ ବର୍ଷ ମାସ ଦିନ ଦଣ୍ଡ ନୁହେଁ। ତେଣୁ ସେ ଅନୁଭୂତି ଶାଣିତ ବକ୍ତା। ସେ ଜାଣିଛନ୍ତି, କ'ଣ କରିବାକୁ ହେବ।

ସମ୍ମିଳନୀରେ ପ୍ରସ୍ତାବ ଆସିଲା : "ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ରାଜନୈତିକ ଶାସନାଧୀନରେ ସାମିଲ କରିବାକୁ ହେବ।" ବିଶ୍ୱନାଥ ଏହି ପ୍ରସ୍ତାବର ସମର୍ଥନରେ ଆପଣାର ଅଳ୍ପକାଳର ଶିକ୍ଷକତାର ପ୍ରତ୍ୟକ୍ଷ ଅନୁଭୂତିକୁ ଆବେଗମୟ ଅଥଚ ତଥ୍ୟପୂର୍ଣ୍ଣ ଭାଷାରେ ବର୍ଣ୍ଣନା କଲେ। ଓଡ଼ିଆ ସାହିତ୍ୟରେ କୀର୍ତ୍ତିମାଳିନୀ ଗଞ୍ଜାମର ଓଡ଼ିଆ ଭାଷା ଶିକ୍ଷାର ଦୁରବସ୍ଥା ବିଷୟରେ ତାଙ୍କର ମୂର୍ତ୍ତିମନ୍ତ ଉଦାହରଣ

Digitized by srujanika@gmail.com

ବେଳେ ବେଳେ ସଭା ସ୍ଥଳରେ କରୁଣ ହାସ୍ୟରୋଳ ସୃଷ୍ଟି କରୁଥାଏ । ବେଳେ ବେଳେ ଶ୍ରୋତାମାନଙ୍କର ଚକ୍ଷୁ ଅଶ୍ରୁସଜଳ ହୋଇଯାଉଥାଏ ।

ସମ୍ମିଳନୀ କ୍ୟାମ୍ପରେ ଯୁବକ ଗୋପବନ୍ଧୁଙ୍କର ଲିଖିତ ଖଣ୍ଡିଏ ପୁସ୍ତିକା 'ପ୍ରାର୍ଥନା' ବଣ୍ଟା ଯାଉଥିଲା । ଏଥିରେ ଗୋପବନ୍ଧୁ ଯୁକ୍ତି କରିଥିଲେ ଯେ ସମ୍ବଲପୁର ସମେତ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳ ମଧ୍ୟପ୍ରଦେଶରେ ସାମିଲ ହେଉ । ସେତେବେଳକୁ ସମ୍ବଲପୁର ମଧ୍ୟପ୍ରଦେଶରେ ଥାଏ । ପଶ୍ଚିମ ଅଞ୍ଚଳର ଗଡ଼ଜାତମାନେ ମଧ୍ୟ ସମ୍ବଲପୁରର ପଲିଟିକାଲ ଏଜେଣ୍ଟଙ୍କର ତତ୍ତ୍ୱାବଧାନରେ ଥାଆନ୍ତି । ମଧୁବାବୁଙ୍କର ମତ ଥାଏ ଅଲଗା । ସେ ଚାହୁଁଥାଆନ୍ତି ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ଗଞ୍ଜାମ, ସମ୍ବଲପୁର ସମେତ ବଙ୍ଗଳା ସହିତ ଏକ ଶାସନାଧୀନରେ ରହୁ । (ସେତେବେଳେ ଅବଶ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଚିନ୍ତା ସ୍ୱପ୍ନରେ କି କଳ୍ପନାରେ ଥିଲା କି ନା ସନ୍ଦେହ) ।

ଗୋପବନ୍ଧୁଙ୍କ ଅସାଧାରଣ ବାଗ୍ମିତା, ଯୁକ୍ତିଶାଣିତ ଲେଖା, ଆଲୋକ ଛାୟାର ସଙ୍ଗମ ଭଳି ହସ କାନ୍ଦର ସମାବେଶରେ ତାଙ୍କର ବାଚନଭଙ୍ଗୀ ସେତେବେଳେ ମଧ୍ୟ ଓଡ଼ିଶାର ପୁରପଲ୍ଲୀରେ ଚହଳ ପକାଇ ସାରିଥାଏ । ତାଙ୍କର ପୁସ୍ତିକାରେ ଲେଖା 'ପ୍ରାର୍ଥନା' ପ୍ରତି ସ୍ୱର୍ଗତଃ ଓକିଲ ଗୋକୁଳାନନ୍ଦ ଚୌଧୁରୀ ଓ ପାଦ୍ରି ସାହେବ ଜର୍ଜ ହାଓ୍ୱେଲେସ୍ ସମର୍ଥନ ଜଣାଇ ଥାଆନ୍ତି । ରେଭେନ୍‌ସା କଲେଜ ହଷ୍ଟେଲରେ ରହି ବି.ଏଲ୍. ପାଇଁ ପ୍ରସ୍ତୁତ ହେଉଥିବା ବରଗଡ଼ର ବାଲୁଙ୍କେଶ୍ୱର ମିଶ୍ର (ସ୍ୱର୍ଗତଃ ଓକିଲ) ଓ ସମ୍ବଲପୁର ଅଞ୍ଚଳର ସମସ୍ତ ଛାତ୍ର ମଧ୍ୟ ଗୋପବନ୍ଧୁଙ୍କର ମତର ସମର୍ଥକ ଥାଆନ୍ତି । ପଣ୍ଡିତ ନୀଳକଣ୍ଠ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି – "ଏପରିକି ମଧୁବାବୁ ନିଜ କଥା ଶୁଣାଇ ବୁଝାଇବାରେ ଶଙ୍କିତ ହୋଇଥିଲେ ।" ଅବସ୍ଥା ଏତେ ଦୂରକୁ ଗଡି କରିଥିଲା । ଏଣେ ମଧୁବାବୁ କରିତ୍‌କର୍ମା, ଅଭିଜାତର ଅଭିମାନରେ ବିପୁଳ ଆତ୍ମପ୍ରତ୍ୟୟୀ ।

ସମ୍ମିଳନୀରେ ଗୋଟାଏ ଆଶଙ୍କାକୁଳ ଭାବ ଘୋଟିଗଲା ।

ହେଲେ, ସେଦିନ ଏକତାର ନିଶାଣ ଟେକି ଧରିଥିଲା ଗଞ୍ଜାମ । ଆଉ ଗଞ୍ଜାମ କହିଲେ ଘୁମୁସରର ସ୍ୱର୍ଗତଃ ନରସିଂହ ଦାସ, ଆସିକାର ଓକିଲ ସ୍ୱର୍ଗତଃ ହରିହର ପଣ୍ଡା, ବ୍ରହ୍ମପୁରର ଆଶା ସମ୍ପାଦକ ଶଶିଭୂଷଣ ରଥ, ଆଉ ଛବିଶ ବର୍ଷ ବୟସର ଗଞ୍ଜାମରେ ପ୍ରବାସୀ ଶିକ୍ଷକ ବିଶ୍ୱନାଥ ମିଶ୍ର ।

ଏକଥା ଜଣାଶୁଣା ଯେ ବିଶ୍ୱନାଥଙ୍କଠାରେ ଗୋପବନ୍ଧୁଙ୍କର ଅସାଧାରଣ ବାଗ୍ମିତା ନ ଥିଲା । ତାଙ୍କର ନିବେଦନ ଥିଲା ବାସ୍ତବ, ଅନୁଭୂତି ଶାଣିତ, ତଥ୍ୟପୂର୍ଣ୍ଣ ।

Digitized by srujanika@gmail.com

ତାହା ଚୁମ୍ବକ ପରି ସାରା ସମ୍ମିଳନୀର ପ୍ରତିନିଧିମାନଙ୍କୁ କିଣି ନେଇଥିଲା। ମହେନ୍ଦ୍ର ଗିରିଠାରୁ ମେଘାସନ ଯାଏ, ଆଉ କୋରାପୁଟ, ଜଳନ୍ତର, ଟେକାଲି, ମଞ୍ଜୁଷା ପ୍ରଭୃତି ପ୍ରତି ତର୍ଜନୀ ତୋଳି ସେ କହିଥିଲେ ଯେ "ଏତେବଡ଼ ଭୂଖଣ୍ଡକୁ ବଙ୍ଗଳା ସଙ୍ଗେ ବା ମଧ୍ୟପ୍ରଦେଶ ସଙ୍ଗେ କାହାରି ସହିତ ଯୋଡ଼ିବାକୁ ହେବ – ସେ ପ୍ରଶ୍ନ ତତ୍‌କାଳ ଅବସ୍ଥାରେ ପୋଖତ ପ୍ରଶ୍ନ ନୁହେଁ; ସେଥିପାଇଁ ପବିତ୍ର ଉତ୍କଳ ସମ୍ମଳନୀରେ ବିତର୍କ ବନ୍ଦ ରହୁ। ଆସନ୍ତା କାଳରେ ଏହାର ବିସ୍ତର ପାଇଁ ଅପେକ୍ଷା ରଖାଯାଉ।" ବିଶ୍ୱନାଥଙ୍କର ପ୍ରସ୍ତାବ ସମ୍ମିଳନୀର ଅନ୍ୟାନ୍ୟ ପ୍ରତିନିଧିମାନଙ୍କ ମନକୁ ଘେନିଲା। ଏକତା ପ୍ରସ୍ତାବ ଗୃହୀତ ହେଲା। ଅର୍ଥାତ୍ ଓଡ଼ିଆଭାଷୀ ଅଞ୍ଚଳ ମଧ୍ୟପ୍ରଦେଶ ଶାସନାଧୀନରେ ରହିବ କି ବଙ୍ଗଳା ଭିତରେ ରହିବ, ତାହାର ମୀମାଂସାର ବେଳ ଆସିନାହିଁ ବୋଲି ଧାର୍ଯ୍ୟହେଲା। ଆଜି ଏହି ୧୯୭୭ ମସିହାରେ ଯେତେବେଳେ ଓଡ଼ିଆଭାଷୀ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ପ୍ରଶ୍ନ ଆଉ ଜାତୀୟ କାର୍ଯ୍ୟକ୍ରମରେ ଅଗ୍ରାଧିକାର ପାଇନାହିଁ, ସେତେବେଳେ ବି ସେହି ଅଞ୍ଚଳ ବିଶେଷତଃ ଦକ୍ଷିଣ ଅଞ୍ଚଳର ଓଡ଼ିଆଭାଷୀଙ୍କ ଭିତରେ ମିଶ୍ରଣର ଆଶା ଜ୍ୱଳନ୍ତ ଓ ଜୀବନ୍ତ ରହିଛି। ୧୯୦୪ ମସିହା କଥା ତେଣୁ କହିବା ବାହୁଲ୍ୟ।

(ଦୁଇ)

ଉତ୍କଳ ସମ୍ମିଳନୀର ପ୍ରଥମ ଦୁଇଟି ଅଧିବେଶନ (୧୯୦୩ ଓ ୧୯୦୪) ଲାଗ ଲାଗ କଟକରେ ବସିଥିଲା ସତ; କିନ୍ତୁ ପ୍ରକୃତପକ୍ଷେ ଉତ୍କଳ ସମ୍ମିଳନୀର ପ୍ରଧାନ ଉଦ୍ୟୋକ୍ତା ଥିଲା ଗଞ୍ଜାମ। ଗଞ୍ଜାମ ଓ କୋରାପୁଟ, (ପ୍ରାଚୀନ କଳିଙ୍ଗ ଅଞ୍ଚଳ) ଓଡ଼ିଆ ଭାଷା ଓ ସାହିତ୍ୟର ଅଫିଟା ଖଣି ଥିଲା। ବିଲାତର ଆକ୍ରମଣବେଳେ ଗଞ୍ଜାମ, କୋରାପୁଟ ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ; ଯଦିଚ ଖୋର୍ଦ୍ଧା ରାଜାଙ୍କର ସାମ୍ରାଜ୍ୟରୁ ବାହାରି ଯାଇଥିଲା ତଥାପି ସେଠାରେ ଓଡ଼ିଶାର ଭାଷାର ମହିମା ଜାଜ୍ୱଲ୍ୟ ରହିଥିଲା। ଗଞ୍ଜାମ ଏକ ରାଜନୈତିକ ଘଟଣାଚକ୍ରରେ ଓଡ଼ିଶାରୁ ଅଲଗା ହୋଇଯାଇଥିଲା ବୋଲି ଗଞ୍ଜାମବାସୀଙ୍କର ଥିଲା ଦାରୁଣ କୋହ। ଏବେ ସୁଦ୍ଧା ଏହି ୧୯୭୭ ମସିହାରେ, ଓଡ଼ିଶା ରାଜ୍ୟଠାରୁ ବିଚ୍ଛିନ୍ନ ରହି ମଧ ଶ୍ରୀକାକୁଲମ୍, କାଶିବୁଗ୍‌ଗା, ମଞ୍ଜୁଷା, ଟିକାଲି, ଜଳନ୍ତର, ବିଶାଖାପାଟଣାର ପଥପାଟଣା ଇତ୍ୟାଦି ଅଞ୍ଚଳର ଓଡ଼ିଆଭାଷୀ ଆପଣା ଭାଷାର ସାବକ ଶୁଚିତା ରକ୍ଷାକରି ଆସିଛନ୍ତି।

Digitized by srujanika@gmail.com

ପୁଣି ସେହି ଗଞ୍ଜାମ ଜିଲ୍ଲା ଓ ତାହା ସାଙ୍ଗକୁ କୋରାପୁଟ ଏକ ବିରାଟ ଅଞ୍ଚଳ। ଏହା ଫୁଲଝର, ପଦ୍ମପୁର, ବିନ୍ଧ୍ରା ନୂଆଗଡ଼ ଏପରିକି ସରେଇକଳା, ଖରସୁଆଁ, ସିଂହଭୂମି ଅପେକ୍ଷା ଆୟତନରେ ବିଶାଳତର। ସଂସ୍କୃତି କ୍ଷେତ୍ରରେ ଗଞ୍ଜାମ ଓଡ଼ିଶାର କୌଣସି ଅଞ୍ଚଳର କେବଳ ସମକକ୍ଷ ନୁହେଁ, ବୋଧହୁଏ ଅଗ୍ରଗାମୀ। ସମୃଦ୍ଧି, ଶସ୍ୟଶ୍ୟାମଳତା ଇତ୍ୟାଦି ସମସ୍ତ ସେକାଳର ହିସାବରେ (ଯେତେବେଳେ ଶିଳ୍ପ ଉଦ୍ୟମ ଥିଲା କୁଟୀର ଶିଳ୍ପରେ ସୀମାବଦ୍ଧ) ଗଞ୍ଜାମର ପଟାନ୍ତର ଓଡ଼ିଶାରେ କାହିଁକି ଭାରତରେ ମଧ୍ୟ ଦୁର୍ଲଭ ଥିଲା। ବ୍ରହ୍ମପୁରୀ ପାଟ, ଶାଳିଆ ଏବେ ବି ପ୍ରତ୍ୟେକ ବସନବିଳାସୀର ଆଦର ବସ୍ତୁ। ଏହି ପାଟ, ଶାଳିଆର ଆଦର ଯୋଗୁଁ ହିଁ ଇଣ୍ଡୋନେସିୟ ଭାଷାରେ କ୍ଲିଙ୍ଗ ବା କଳିଙ୍ଗ କହିଲେ ସୂତା ଲୁଗାକୁ ବୁଝାଇ ଥାଏ। ପୁଣି ଗଞ୍ଜାମରେ ଦେଶମିଶ୍ରଣ ଆନ୍ଦୋଳନ ପାଇଁ ପ୍ରଶସ୍ତ ସୁଯୋଗ ଥିଲା। ତେବେ ଗଞ୍ଜାମରେ ଆନ୍ଦୋଳନକୁ ତେଜିୟାନ କରିବା ପାଇଁ ମହଜୁଦ ମାଲ ମସଲା ପ୍ରଚୁର; କିନ୍ତୁ କାରିଗର ସଂଖ୍ୟା ଅଳ୍ପ। ବର୍ଚ୍ଛାର ମୂନ ନଥିଲେ ଅଥବା କଲମର ନିବ୍ ନ ଥିଲେ ଯେପରି ବର୍ଚ୍ଛା ବା କଲମ ଅକାମୀ, ସେହିପରି ନେତୃତ୍ୱ ନ ଥିଲେ ଆନ୍ଦୋଳନର ସମ୍ଭାବନା କେବଳ ହିଁ ସମ୍ଭାବନାରେ ରହିଯିବା କଥା।

ଯେତେଦୂର ଜଣାଯାଏ, ଏଥିପାଇଁ ଯୁବକ ବିଶ୍ୱନାଥ ପ୍ରାୟ ପ୍ରସ୍ତୁତ ଥିଲେ। ସେତେବେଳେ ଗାଁରେ ନନା, ଭାଇନା, ତାଙ୍କର ପରିବାର, ଆପଣାର ଭାଇ ଭଉଣୀ ଓ ସ୍ତ୍ରୀ ଏକମାତ୍ର ପୁତ୍ର ସନ୍ତାନ ନୀଳକଣ୍ଠ ଦୁଇ ବର୍ଷର ଶିଶୁ ତଥାପି ସେ ପ୍ରାୟ ପ୍ରସ୍ତୁତ ଥିଲେ। ତେବେ ତାଙ୍କର କର୍ମକ୍ଷେତ୍ର ଆଉ ବନାନୀମାଳିନୀ ଘୁମୁସରର ପର୍ବତ ବେଷ୍ଟିତ ରସୁଲକୋଣ୍ଡା ହେଲେ ତ ଚଳିବ ନାହିଁ। ତାଙ୍କର ଜୀବିକାର ଉପାୟ ଶିକ୍ଷକତା ମଧ୍ୟ ଏଭଳି ପ୍ରସ୍ତୁତି ପାଇଁ ତ ପାଥେୟ ନୁହେଁ। ଏହା ମଧ୍ୟ ସେ ଜାଣିଥିଲେ। ସେ ପ୍ରାୟ ମନେ ମନେ ସ୍ଥିର କରି ନେଇଥିଲେ ଯେ ସେ ଆପଣାର କର୍ମକେନ୍ଦ୍ରକୁ ଗଞ୍ଜାମର କେନ୍ଦ୍ରବିନ୍ଦୁ ଆସିକାକୁ ଘେନିଯିବେ। ବ୍ରହ୍ମପୁର ଅବଶ୍ୟ ଗଞ୍ଜାମର ରାଜନୀତିକ କେନ୍ଦ୍ର ଓ ସବୁଠାରୁ ବଡ଼ ନଗରୀ; ବ୍ରହ୍ମପୁରରେ ଶଶିଭୂଷଣ ରଥଙ୍କର 'ଆଶା' ସେତେବେଳେ ଦେଶମିଶ୍ରଣର ଏକ ପ୍ରଧାନ ଉଦ୍ୟୋକ୍ତା ଓ ପ୍ରଚାରକ, ଦୀପସ୍ତମ୍ଭ; ତାହା ସତ୍ତ୍ୱେ ବ୍ରହ୍ମପୁରର ବାତାବରଣ ଖାଣ୍ଟି ଓଡ଼ିଆଭାଷୀ ନ ଥିଲା। ବ୍ରହ୍ମପୁରର ସହରୀ ରାଜନୀତି ଥିଲା ଓଡ଼ିଆଭାଷା ବିରୋଧୀ ରାଜନୀତି। ତେଣୁ ସେ ନିଷ୍ପତ୍ତି କରିଥିଲେ ଗଞ୍ଜାମରେ କର୍ମକ୍ଷେତ୍ର କରିବାକୁ ଋଷିକୁଲ୍ୟା କୂଳର ଆସିକା ହିଁ ପ୍ରଶସ୍ତ। ବୃତ୍ତି ତ ପ୍ରତ୍ୟେକ ମଧ୍ୟବିତ୍ତର ଦେଶ ସେବା ପାଇଁ ଆଗରୁ ଅବଧାରିତ ରହିଛି— ଶିକ୍ଷକତା ନଚେତ୍ ଓକିଲତି। ତେଣୁ ଓକିଲାତି କରିବାକୁ ହେବ।

Digitized by srujanika@gmail.com

କିନ୍ତୁ ଏ ସଂକଳ୍ପର ପଥ ଖୁବ୍ ସୁଗମ ନ ଥିଲା। ଭାରତରେ କଲିକତା, ବମ୍ବେ ଓ ମାନ୍ଦ୍ରାଜ ଏହି ତିନୋଟି ହାଇକୋର୍ଟ ତତ୍ତ୍ୱାବଧାନରେ ଯେତେ ବ୍ୟକ୍ତି ଓକିଲାତି କରୁଥିଲେ, ସେମାନଙ୍କ ମଧ୍ୟରେ ସେତେବେଳେ ପଦବୀ ପାହ୍ୟାରେ ତାରତମ୍ୟ ଥିଲା। ଏବେ ଅବଶ୍ୟ ସମସ୍ତେ ଆଡ୍‌ଭୋକେଟ୍; କିନ୍ତୁ ସେତେବେଳେ ନିମ୍ନ ଅଦାଲତ ଓ ଫୌଜଦାରୀ କୋର୍ଟରେ ଯଥେଷ୍ଟ ଆଇନଜୀବୀଙ୍କର ଅଭାବ ଥିବାରୁ ବିଭିନ୍ନ ପାହ୍ୟାର ଆଇନ ବ୍ୟବସାୟୀ ଯଥା ମୁକ୍ତ୍ୟାର, ପ୍ଲିଡ଼ର ଇତ୍ୟାଦିଙ୍କର ନିଯୁକ୍ତି ଚଳୁଥିଲା। ଗୋଦାବରୀଶ ମିଶ୍ରଙ୍କର ଆତ୍ମଜୀବନୀରେ ସେ ସେକାଳର ଓକିଲ ବୋଲାଉଥିବା ତାଙ୍କର ପିତାଙ୍କର 'ଲେଖା ଯୋଖା ଭାଇ' ହରିହର ମିଶ୍ରଙ୍କ ପ୍ରସଙ୍ଗରେ 'ତୁ ହେଲୁ ଓକିଲ' ବୋଲି ଏକ କୌତୁକାବହ କଥା ଉଲ୍ଲେଖ କରିଛନ୍ତି। ଆଇନ ବ୍ୟବସାୟରେ ତାଲିମପ୍ରାପ୍ତ ଲୋକର ଅଭାବ ଥିବାରୁ ଓଡ଼ିଶା ଡିଭିଜନର ତଳକୋର୍ଟର ମୁନସଫ, ମାଜିଷ୍ଟ୍ରେଟ ପ୍ରଭୃତି ଟିକିଏ କୁହାଳିଆ ମାମଲତକାରିଆ ଲୋକଙ୍କୁ ବାଛି ତାଙ୍କୁ 'ତୁ ହେଲୁ ଓକିଲ' କରି ଦେଉଥିଲେ। ଏହି ତଥାକଥିତ ଓକିଲମାନେ କିଛି କିଛି ବଙ୍ଗଳା ଭାଷା ଜାଣୁଥିଲେ। ପରବର୍ତ୍ତୀ କାଳରେ ଏମାନେ କେତେକ ଅଭିଜ୍ଞତା ଓ ପଟୁତାରେ ସଢ଼ ହେଲା ପରେ ମୁକ୍ତ୍ୟାର ବା ପ୍ଲିଡ଼ର ପାହ୍ୟା ପାଉଥିଲେ।

ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିରେ କିନ୍ତୁ ଓକିଲାତିର ମାନ ଥିଲା ବହୁ ଉଚ୍ଚରେ। ସେଠାରେ ହାଇକୋର୍ଟ ପ୍ଲିଡ଼ରସିପ୍ ପରୀକ୍ଷା ବିନା କାହାରିକୁ କୌଣସି କୋର୍ଟରେ ପ୍ରାକ୍‌ଟିସ୍ କରିବାକୁ ଅନୁମତି ଦେଉ ନ ଥିଲେ। ଏ ବିଷୟରେ କଟକଣା ଅତ୍ୟନ୍ତ ଦୃଢ଼ ଥିଲା। ଓଡ଼ିଶାର 'ତୁ ହେଲୁ ଓକିଲ' ନ୍ୟାୟରେ କୋହଳ ନ ଥିଲା। ପରନ୍ତୁ ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିର ଓକିଲମାନେ ଆଇନ ବ୍ୟବସାୟର ଧୂରୀଣତାରେ ଅନ୍ୟାନ୍ୟ ଭାରତୀୟ ଅଞ୍ଚଳର ଓକିଲମାନଙ୍କୁ ମୋଟେ ପାସଙ୍ଗରେ ପକାଉ ନ ଥିଲେ। ସେମାନଙ୍କ ଭିତରୁ ମଧ୍ୟ ସେ କାଳର ପ୍ରିଭିକାଉନ୍‌ସିଲର, ବାର-ଏଟ-ଲ ପ୍ରଭୃତି ବିଲାତ ଆଇନରେ ବହୁ ଧୁରନ୍ଧର ତୁଙ୍ଗ ବ୍ୟକ୍ତି ଥିଲେ। ତେଣୁ ସେଠାରୁ ଓଡ଼ିଶାର ପୁରୀ ଜିଲ୍ଲାର ଅଣଗ୍ରାଜୁଏଟ ବ୍ରାହ୍ମଣ ପିଲା କଟକିଆ ଇଂରାଜୀ ଉଚ୍ଚାରଣ ଘେନି ମାନ୍ଦ୍ରାଜରେ ଆଇନରେ ପାଶ୍ କରିବା ଥିଲା କାଠିକର ପାଠ। ତଥାପି ବିଶ୍ୱନାଥ ଯେତେବେଳେ ସମ୍ମିଳନୀ ପରେ ମଧୁବାବୁ ଓ ଗୋପବନ୍ଧୁଙ୍କୁ ତାଙ୍କର ମାନ୍ଦ୍ରାଜର ପ୍ଲିଡ଼ର ସିପ୍ ପାଶ୍ କରିବାର ଯୋଜନା କଥା କହିଲେ, ସେତେବେଳେ ସେମାନେ ଉଭୟେ ଏଥିରେ ଆଶ୍ଚର୍ଯ୍ୟ ହେଲେ ନାହିଁ କି ସେ ଯୋଜନାକୁ ଅପସନ୍ଦ କଲେ ନାହିଁ। ବରଂ ଗୋପବନ୍ଧୁଙ୍କ ଅନିଚ୍ଛା ଏଥିପାଇଁ ଯେ ଆଇନ ବ୍ୟବସାୟ ଭିତରକୁ ନିଜକୁ ନେଇଥିବା ଫଳରେ ନିଜେ ବିଶେଷ ସୁଖୀ ନ ଥିଲେ। ଅନ୍ୟ ପକ୍ଷରେ ଆଗ୍ରହ ଏଥିପାଇଁ ଯେ

Digitized by srujanika@gmail.com

ଗଞ୍ଜାମରେ କାର୍ଯ୍ୟ କରିବାକୁ ହେଲେ ରସୁଲକୋଣ୍ଡା ବା ସେଭଳି କୌଣସି ଅନାମଧେୟ ଗ୍ରାମୀଣ ମାଳଅଞ୍ଚଳରେ ଶିକ୍ଷକତା ଅପେକ୍ଷା ଆସିକା ଭଳି ଏକ ଜନବହୁଳ କେନ୍ଦ୍ରସ୍ଥଳରେ ଆଇନ ବ୍ୟବସାୟ ଶ୍ରେୟସ୍କର ଥିଲା। ବିଶେଷତଃ ସେତେବେଳେ ସତ୍ୟବାଦୀ ବନବିଦ୍ୟାଳୟର କଳ୍ପନା କେବଳ କଳ୍ପନାରେ ହିଁ ରହିଥିଲା।

(ତିନି)

ବିଶ୍ୱନାଥଙ୍କ ସମ୍ପର୍କରେ ତାଙ୍କର ସହଯୋଗୀ, ବନ୍ଧୁ, ସହକର୍ମୀଙ୍କର ସେ ପର୍ଯ୍ୟନ୍ତ ଧାରଣା ଥିଲା ଯେ ସେ ଧୀର, ଶାନ୍ତ, ସୁସଜ୍ଜତ। ସେ ବୁଝି ବିଚାରି କାମ କରିବା ଲୋକ। ତାଙ୍କର ଚରିତ୍ରରେ ସେପର୍ଯ୍ୟନ୍ତ ଏହିସବୁ ଗୁଣ ପ୍ରକାଶ ପାଇଥିଲା। ଯେକୌଣସି ବିତର୍କରେ ସେ ସମାଧାନ ଓ ସମନ୍ୱୟ ପାଇଁ ସର୍ବଦା ଚେଷ୍ଟିତ ହେଉଥିଲେ। ତାଙ୍କ ଭିତରେ ଦୁଃସାହସିକତା, ପ୍ରଚଣ୍ଡ ଆତ୍ମପ୍ରତ୍ୟୟ, କଷ୍ଟସହିଷ୍ଣୁତା ଓ 'ଶରୀରଂ ବା ପାତୟେତ୍ ମନ୍ତ୍ରଂ ବା ସାଧୟେତ୍' ଭାବ ଥିଲା ବୋଲି ସାଧାରଣତଃ ଧାରଣା ନ ଥିଲା। ସ୍କୁଲ କଲେଜ ଜୀବନ ଭିତରେ ସେ ନିଜକୁ ଯେଉଁ କଠୋର କଷ୍ଟ, ସହିଷ୍ଣୁତା ଓ ଅଧ୍ୟବସାୟ ଭିତର ଦେଇ ନେଇଥିଲେ, ତାହା ତାଙ୍କର ନମ୍ରତା ଓ ଆତ୍ମବିଲୟତା ଯୋଗୁଁ ସାଧାରଣ ଦୃଷ୍ଟିରେ ପଡ଼ି ନ ଥିଲା। ମଧୁବାବୁ ତାଙ୍କଠାରୁ ବୟସରେ ଅନେକ ବଡ଼ ଥିଲେ। ସ୍ୱଚ୍ଛଳ ଅବସ୍ଥାର ଲୋକ ଥିଲେ। ସେକାଳରେ ବି ସେ ଥିଲେ ବୟୋଜ୍ୟେଷ୍ଠ। ତେଣୁ ପ୍ରତ୍ୟେକ କନିଷ୍ଠର ଘନିଷ୍ଠ ସମ୍ପର୍କରେ ନ ଆସିଲେ ତାଙ୍କ ଭଳି ଲୋକ ଉକ୍ତ କନିଷ୍ଠର ଚରିତ୍ରକୁ ବୁଝିବା ସହଜ ନୁହେଁ; କିନ୍ତୁ ବିଚକ୍ଷଣ ଗୋପବନ୍ଧୁ ଦାସଙ୍କର କଥା ନିଆରା। ପରିବେଶ ଓ ସଂସ୍କୃତିରେ ସେ ଥିଲେ ବିଶ୍ୱନାଥଙ୍କର ଅତି ନିକଟତମ। ତା' ଛଡ଼ା ବୟସରେ ମାତ୍ର ପ୍ରାୟ ବର୍ଷେ ଦେଢ଼ ବର୍ଷ ବଡ଼। ଅନେକ କାରଣରୁ ଗୋପବନ୍ଧୁ ସେ ବେଳର ଯୁବକ ଦେଶପ୍ରେମୀମାନଙ୍କର ବନ୍ଧୁ, ଦାର୍ଶନିକ ଓ ଜୀବନ ପଥର କର୍ଣ୍ଣଧାର ଥିଲେ। ବାରମ୍ବାର ସତ୍ୟବାଦୀ କର୍ମୀଗୋଷ୍ଠୀର ବିଭିନ୍ନ ବ୍ୟକ୍ତିଙ୍କୁ ସେମାନଙ୍କର ପ୍ରଚଣ୍ଡ ବ୍ୟକ୍ତିତ୍ୱ ସତ୍ତ୍ୱେ ଗୋପବନ୍ଧୁଙ୍କର ନିର୍ଦ୍ଦେଶ ମାନିବାକୁ ପଡୁଥିଲା। ୧୯୦୪ର ବହୁ ପରେ, ସତ୍ୟବାଦୀ ସ୍କୁଲ ପ୍ରତିଷ୍ଠା ପରେ ମଧ୍ୟ, ଗୋପବନ୍ଧୁଙ୍କର ଉପଦେଶ ଥିଲା ସେକାଳର ଯୁବକ ଦେଶପ୍ରେମୀଙ୍କର ଶିରୋଧାର୍ଯ୍ୟ। ଅବଶ୍ୟ ଗୋପବନ୍ଧୁ ଏହି ଉପଦେଶ ଓ ପରାମର୍ଶ ଏଭଳି ଭାବରେ ଦେଉଥିଲେ, ଯାହା ଫଳରେ ତାଙ୍କର କନ୍ୟାୟାନ ସହକର୍ମୀମାନେ ତାହାକୁ ସେମାନଙ୍କ ଉପରେ ଏକ ଅନ୍ୟାୟ ଲଦନ ଭାବରେ ମଣୁ ନ ଥିଲେ। ସତ୍ୟବାଦୀ ସ୍କୁଲକୁ ସଙ୍ଗଠିତ

Digitized by srujanika@gmail.com

ରଖିବା ପାଇଁ ୧୯୦୮ଠାରୁ ୧୯୧୮।୧୯ ଯାଏ ଗୋପବନ୍ଧୁ ଯେଉଁ ସାଧନା କରିଥିଲେ, ତାହାର ପ୍ରଧାନ ଭାଗ ଥିଲା ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ପରି ଯୋଗଜନ୍ମା ଶକ୍ତିଶାଳୀ ବ୍ୟକ୍ତିତ୍ୱଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା । ଏପରିକି ଏକାଧିକବାର ଗୋଦାବରୀଶଙ୍କର ଜୀବନର ଗତିପଥ ପରିବର୍ତ୍ତନକୁ ସେ ରୋକି ପାରିଥିଲେ । ଅବଶ୍ୟ ସତ୍ୟବାଦୀ ସ୍କୁଲର ପରିକଳ୍ପନାର ଲକ୍ଷ୍ୟ ଓ ପରିଣତି ଭିତରେ ଯେଉଁ ଦ୍ୱନ୍ଦ୍ୱ ସେ ଅନୁଭବ କରିଥିଲେ, ଯାହା ତାଙ୍କର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ୧୯୨୮ ମସିହାରେ ସେ 'ସମାଜ'ର ସ୍ତମ୍ଭରେ ବ୍ୟକ୍ତ କରିଯାଇଛନ୍ତି । ତାହା ତାଙ୍କର ସତ୍ୟବାଦୀ ସ୍କୁଲର ଅବସାନ ବିଷୟରେ ଶେଷ ପାଦ ଟୀକା । ସେ ଅନୁଭୂତିର ସମୀକ୍ଷାର କ୍ଷେତ୍ର ଇୟେ ନୁହେଁ ।

ଗୋପବନ୍ଧୁ ବନ୍ଧୁବତ୍ସଳ ଥିଲେ, ଦରଦୀ ଥିଲେ; କିନ୍ତୁ ତା' ଛଡ଼ା ସେ ମନୁଷ୍ୟର ଦୁର୍ବଳତାକୁ ଭଲ କରି ଚିହ୍ନି ଥିଲେ । ତାଙ୍କର ବିଚାରରେ ବିଶ୍ୱନାଥଙ୍କର ପ୍ରତ୍ୟେକ କର୍ମ ଥିଲା ନିବେଦିତ; ନିର୍ଦ୍ଦିଷ୍ଟ ଆଭିମୁଖ୍ୟରେ ଅବଧାରିତ । ସେ ଆପଣାର ଅନ୍ୟ ସହକର୍ମୀମାନଙ୍କର ଗତିପଥ ପ୍ରତି ସବୁବେଳେ ସଶଙ୍କ ଦୃଷ୍ଟିରେ ଚାହିଁ ରହିଥାଆନ୍ତି । ମାତା ଯେପରି ନୂଆ ଚାଲି ଶିଖୁଥିବା ଅଲିଅଳ ସୁକୁମାର ଶିଶୁ ଖଣ୍ଡି ଖଣ୍ଡି ଚାଲିଲାବେଳେ ଶଙ୍କିତ ଭାବରେ ଆଗ୍ରହରେ ଚାହେଁ ଓ ତାହାକୁ ଆବଶ୍ୟକ ସାହାଯ୍ୟ ଦେବାକୁ ପ୍ରସ୍ତୁତ ରହେ; କିନ୍ତୁ ବିଶ୍ୱନାଥଙ୍କର ରସୁଲକୋଣ୍ଡା ଅଭିଜ୍ଞତା ପରେ ତାଙ୍କ ବିଷୟରେ ଓ ତାଙ୍କ ଗତିପଥ ବିଷୟରେ ସେ ନିଃସନ୍ଦିଗ୍ଧ ରହିଥିଲେ । ସେ ଲକ୍ଷ୍ୟ କରିଥିଲେ ଯେ ବିଶ୍ୱନାଥଙ୍କର କକ୍ଷ ପଥ ଆଗରୁ ନିର୍ଦ୍ଦିଷ୍ଟ । ତାଙ୍କର ପାଠପଢ଼ା, ବିବାହ, ଜୀବନଯାତ୍ରାରେ ସେ ସବୁବେଳେ ନିର୍ଦ୍ଦିଷ୍ଟ ସୀମା ତ୍ୟାଗ କରି ନାହାନ୍ତି । ଭବିଷ୍ୟତରେ ସେପରି କିଛି ତୁମୁଳ ସଂଘର୍ଷରେ ନ ପଡ଼ିଲେ କରିବେ ନାହିଁ । ଧନୀ ଘରେ ବିବାହ କରି ନାହାନ୍ତି । ପାଠ ପଢ଼ାର ସାହାଯ୍ୟ ପାଇଁ ଆତ୍ମସମ୍ମାନହାନିକର ଭାବରେ କାହାର ଦ୍ୱାରସ୍ଥ ହୋଇ ନାହାନ୍ତି । ଦୁଃସ୍ଥ ଛାତ୍ର ଯେପରି ସାଧାରଣତଃ ଜୀବିକାର ବାଟ ଧରିଲେ ଯେନତେନ ପ୍ରକାରେଣ ଅର୍ଥାଗମରେ ଲାଗି ଆପଣାର ଦୁଃସ୍ଥତାର ସମସ୍ତ କାରଣର ଚେତନା ଓ ଆପଣାର ପ୍ରଥମ ଯୌବନର ସଙ୍କଳ୍ପ ସବୁ ଜଳାଞ୍ଜଳି ଦିଏ ତାହା ମଧ ତାଙ୍କ ଜୀବନରେ ଘଟିନାହିଁ, ଘଟିବାର ଅବକାଶ ସେ କେବେ ରଖି ନାହାନ୍ତି । ବିଶ୍ୱନାଥ ଯାହା ନୁହନ୍ତି, ସେଥିପାଇଁ ଆପଣାକୁ ବିଜ୍ଞାପିତ କରି ନାହାନ୍ତି । ଆପଣାର ଅସୁବିଧାକୁ ଆଉ ସବୁ ପ୍ରକାର ସାମଦାୟିକ ଅଭାବଠାରୁ ବଡ଼ ମଣି ନାହାନ୍ତି । ଏହି ସମସ୍ତ କାରଣରୁ ଗୋପବନ୍ଧୁ ଜାଣିଥିଲେ ବିଶ୍ୱନାଥ କେବେ କର୍ତ୍ତବ୍ୟ ପଥରୁ ଟଳିବେ

Digitized by srujanika@gmail.com

ନାହିଁ। ଆଉ ମଧ ସେ ଜାଣିଥିଲେ ତାଙ୍କ ସହିତ ଗୋପବନ୍ଧୁଙ୍କର ଅଲିଖିତ ଚୁକ୍ତିକୁ ଅର୍ଥାତ୍ ହୁଏତ ଶିକ୍ଷକତା ବା ସମ୍ବଳ ସଂଗ୍ରହରେ ନିଶ୍ଚୟ ସାହାଯ୍ୟ କରିବେ। ପରବର୍ତ୍ତୀ ଜୀବନର ଘଟଣାବଳୀ ଗୋପବନ୍ଧୁଙ୍କର ଏହି ଦୃଢ଼ ଧାରଣାକୁ ଅବିସମ୍ବାଦ୍ୟ ପ୍ରମାଣରେ ଦୃଢ଼ତର କରି ଦେଇଥିଲା। ତେଣୁ ଗୋପବନ୍ଧୁ ବିଶ୍ୱନାଥଙ୍କର ପ୍ଲିଡ଼ରସିପ୍ ପଢ଼ି ଆସିକାରେ ଓକିଲାତି କରିବା ଓ ସଙ୍ଗେ ସଙ୍ଗେ ଦେଶସେବାରେ ଆପଣକୁ ନିୟୋଜିତ କରିବାର ସଙ୍କଳ୍ପରୁ ବିଶ୍ୱନାଥଙ୍କ ପକ୍ଷରେ ଦୁରୂହ ମନେ କରି ନଥିଲେ। ଏଥିରେ ସେ ପଥଭ୍ରଷ୍ଟ ହୋଇ ଲକ୍ଷ୍ୟ ହରାଇବେ ବୋଲି ଆଶଙ୍କିତ ହୋଇ ନ ଥିଲେ। ଏଭଳି ନିଷ୍ପତ୍ତିରେ ଆଦୌ ଆଶ୍ଚର୍ଯ୍ୟ ହୋଇ ନ ଥିଲେ।

(ଘରି)

ସବୁତ ହେଲା....। ରସୁଲକୋଣ୍ଡାଠାରୁ ଆସିକା ମାତ୍ର ୨୦।୩୦ ମାଇଲର ବାଟ। ଶିକ୍ଷକତାରୁ ଓକିଲାତି ମାତ୍ର ଦୁଇ ବର୍ଷର ଅଧିକା ପାଠ। ଧନୀର ଦୁଲାଳ ପାଇଁ ଏ କାଳରେ ଏଭଳି ଗୋଟାଏ ଯୋଜନା ହେଉଛି ଅତି ସାଧାରଣ ମାମୁଲି କଥା; କିନ୍ତୁ ସେ କାଳରେ ଏହି ବ୍ୟବଧାନର ଦୂରତା ଓ ଗଭୀରତା କଳନା କଲେ ଆଖି ପାଏନାହିଁ। ବିଶ୍ୱନାଥ ନିଜେ ବଡ଼ ଆତ୍ମବିଲୟୀ ଥିଲେ; ମନସ୍ତତ୍ୱ ପାଠରେ ଯାହାର ଇଂରାଜୀ ପ୍ରତିଶବ୍ଦ ହେଲା introvert। ଆପଣାର ଦୁଃଖର କାହାଣୀ ଅନ୍ୟ ପାଖରେ ବଖାଣିବା, ପ୍ରତ୍ୟେକ କଥୋପକଥନରେ ଆପଣା ସମ୍ବନ୍ଧରେ, ଆପଣାକୁ, ଆପଣାର ସ୍ୱାର୍ଥକୁ ପ୍ରଧାନ ଉପଜୀବ୍ୟ କରିବା ଇଣ୍ଟ୍ରୋଭର୍ଟ ବା ଆତ୍ମବିଲୟୀର ଲକ୍ଷଣ ନୁହେଁ। ତେଣୁ ବିଶ୍ୱନାଥ ଆପଣାର ମାନ୍ଦ୍ରାଜରେ ଓକିଲାତି ପାଶ୍ କରିବାର ଦୁରାରୋହ ପର୍ବତ ଲଙ୍ଘନ ବିଷୟ କାହା ଆଗରେ ପ୍ରକାଶ କରିଥିବାର ତଥ୍ୟ ମିଳିନାହିଁ। ତେବେ ଏକଥା ତ ଜଣାଶୁଣା ଯେ ଏବେ ଯେପରି ଆସିକା ଓ ରସୁଲକୋଣ୍ଡାକୁ ହରଘଡ଼ି ବସ୍, କାର୍, ଟ୍ୟାକ୍ସି, ମିନି ଛୁଟିଛି, ସେତେବେଳେ ତାହାର ବିନ୍ଦୁ ବିସର୍ଗ ବି ନ ଥିଲା। କେହି ଜଣେ ଅନୁସନ୍ଧାନୀ ଲେଖିଛନ୍ତି – "ସେ ନିଜ ଗ୍ରାମରୁ ନୂଆଗଡ଼ (ବର୍ତ୍ତମାନ ନୟାଗଡ଼) ବାଟେ ଶଗଡ଼ ଗାଡ଼ିରେ ଆସିକା ପର୍ଯ୍ୟନ୍ତ ଯାଇଥିଲେ।" (ବିଶ୍ୱନାଥ ମିଶ୍ରଙ୍କ ସ୍ମରଣେ ୧୯୭୭ ୨ୟ ସଂଖ୍ୟା) ହୋଇଥିବ, ବିଚିତ୍ର ନୁହେଁ; କିନ୍ତୁ ଏ ପ୍ଲିଡ଼ରସିପ୍ ଓକିଲାତି ପାଶ୍ ମାମଲାରେ ତ ମାଲମସଲା ଦରକାର, ଅର୍ଥାତ୍ ବେଶ ମୋଟା ଅର୍ଥ । ଗରିବ ତୃତୀୟ ଶିକ୍ଷକ ପାଇଁ ଏ ଅର୍ଥ ସଂଗ୍ରହ ତ ପଙ୍ଗୁର ଗିରି ଲଙ୍ଘନ।

Digitized by srujanika@gmail.com

ଅବଶ୍ୟ ତୁଳନାର କଥା ନୁହେଁ, କେବଳ କଳନା ପାଇଁ କହିବାକୁ ପଡୁଛି। ବିଶ୍ୱନାଥଙ୍କର ପରବର୍ତ୍ତୀ ପଣ୍ଡିତ ନୀଳକଣ୍ଠ ବା ପଣ୍ଡିତ ଗୋଦାବରୀଶ ଯେତେବେଳେ କଲିକତାକୁ ଏମ୍.ଏ.ବା ବି.ଟି. ପଢ଼ିବାକୁ ଯାଇଛନ୍ତି ଅଥବା ବି.ଏ ପରୀକ୍ଷା ଦେବାକୁ ଯାଇଛନ୍ତି, ତାହାର ପାଥେୟ ଯୋଗାଡ଼ କରିବାକୁ ସେମାନଙ୍କୁ କେତେ ନତମସ୍ତକ ହେବାକୁ ପଡ଼ିଛି। ହୋଇପାରେ ଯେ ପ୍ଲିଡ଼ରସିପ୍ କ୍ଲାସରେ ସବୁତକ ଯୋଗ ଦେବା ବାଧ୍ୟତାମୂଳକ ନ ଥିଲା। ତଥାପି ତ ସଟ୍‌କୋର୍ଟ ଇତ୍ୟାଦିର ହାଜିରା ନ ହେଲେ ପରୀକ୍ଷା ଦେବା ଅସମ୍ଭବ। ମାନ୍ଦ୍ରାଜ ହାଇକୋର୍ଟର ବିଧାନ-ଯମସ୍ୟ କରୁଣାଃ ନାସ୍ତି। ତା'ଛଡ଼ା କଟକରୁ କଲିକତା ତ ଏକ୍‌ସପ୍ରେସ, ଗାଁରେ ରାତିକର ବାଟ ନୁହେଁ। ଆଉ କଟକରୁ ପୁରୀକୁ ଏପରିକି ବ୍ରହ୍ମପୁରରୁ ମାନ୍ଦ୍ରାଜ ଦୁଇ ଦିନ ଦୁଇ ରାତିର ବାଟ। ସେତେବେଳେ ଗରିବ ଯାତ୍ରୀମାନେ ଜମି ନ ବିକିଲେ ଏତକ ବାଟର ଗାଡ଼ି ଟିକଟ ପାଇଁ କଉଡ଼ି ଯୋଗାଡ଼ କରିବା କ'ଣ କଥାର କଥା ?

ଯେଉଁ କାର୍ଯ୍ୟ ସାଧ୍ୟାତୀତ ପରି ମନେହୁଏ, ସେଭଳି କାର୍ଯ୍ୟରେ ମନୁଷ୍ୟର ସାଧନାରୁ ହିଁ ତାହାର ଚରିତ୍ରର ଗୁଣ ପ୍ରକାଶ ପାଏ। ସେଥିପାଇଁ ତ କବି ଲେଖିଛନ୍ତି –

"ଶିଳାରେ ଘଷିଲେ ଚନ୍ଦନ
ସୁବାସ କରେ ବିତରଣ ।"

ଯୁବକ ଅଣ୍ଟିକିଆ ଶିକ୍ଷକ ବିଶ୍ୱନାଥ ରସୁଲକୋଣ୍ଡାରେ ଆଉ କିଛିକାଳ ଶିକ୍ଷକତା କାର୍ଯ୍ୟ ସମ୍ଭାଳି ଅବସରରେ ପ୍ଲିଡ଼ରସିପ୍ ବହି ପଢ଼ିବା ଆରମ୍ଭ କରିଥିବେ। ତା'ପରେ ଦୁଇଟାଯାକ ବର୍ଷର ସର୍ଟକୋର୍ଟ ବା ପ୍ରାକ୍‌ଟିସ ପ୍ରାକ୍‌ଟିକାଲ ପାଇଁ ମାନ୍ଦ୍ରାଜ ସହରକୁ ଯାଇଥିବେ। ସେ କାଳରେ ମାନ୍ଦ୍ରାଜ ଛଡ଼ା ଆଉ ପ୍ରେସିଡ଼େନ୍‌ସି ଭିତରେ ଅନ୍ୟ କେଉଁଠି ଏ ପ୍ରକାର ପ୍ଲିଡ଼ରସିପ୍ କ୍ଲାସର ଲେକ୍‌ଚର ହେଉ ନ ଥିଲା। ଯେତେଦୂର ଜଣା ପଡୁଛି, ଶିକ୍ଷକ ଚାକିରୀ ଛାଡ଼ିବା ପରେ ଓ ଓକିଲାତିର ଲାଇସେନ୍‌ସ ପାଇବା ଭିତରେ ଥରେ ମାନ୍ଦ୍ରାଜ ଯିବା ପାଇଁ ବ୍ରହ୍ମପୁର ଷ୍ଟେସନରୁ ରେଳ ଟିକଟଟିଏ ଖଲିକୋଟର ରାଜା ହରିହର ମର୍ଦ୍ଦରାଜଦେବ, ଆଶା ସମ୍ପାଦକ ଶ୍ରୀ ଶଶିଭୂଷଣ ରଥଙ୍କ ହାତରେ ପଠାଇ ଥିଲେ। ତା'ଛଡ଼ା ସେ କାଳର ଦୁନିଆରେ ଜଣେ ଅଣ୍ଟିକିଆ ଏଫ୍.ଏ.ପଢ଼ା ଶିକ୍ଷକଙ୍କୁ ଆଉ କୌଣସି ସୁହୃଦ୍ ଯେ ସାହାଯ୍ୟ କରିଥିବେ, ତାହା କଳ୍ପନା କରିବା ଅତିଭାଷଣ ହୋଇଯିବ। ମଧୁବାବୁ ବା ଗୋପବନ୍ଧୁଙ୍କର ଆତ୍ମଜୀବନୀ ଲେଖିବାର ସ୍ପୃହା ବା ଅବସର ଥିଲେ ବିଶ୍ୱନାଥଙ୍କର ଏହି ଦୁସ୍ତର ପରୀକ୍ଷାରେ ଅତିକ୍ରମ କରିବାର ଉଦ୍ୟମ କିପରି ଫଳବତୀ ହେଲା ତାହା ପ୍ରକାଶ ପାଇ ଥାଆନ୍ତା। ମାନ୍ଦ୍ରାଜରେ

Digitized by srujanika@gmail.com

ସେ ଯେଉଁ କେତେଦିନ ପ୍ଲିଡ଼ରସିପ ଲେକ୍‌ଚରରେ ହାଜିର ଦେବା ପାଇଁ ଥିଲେ, ସେତେବେଳେ ସେ କେଉଁଠାରେ ଥିଲେ, କେଉଁ ବ୍ୟକ୍ତିମାନଙ୍କଠାରୁ ସହାନୁଭୂତି ଓ ସହଯୋଗ ପାଇଥିଲେ ବା ନ ଥିଲେ ଏ ବିଷୟରେ ମଧ ଏପର୍ଯ୍ୟନ୍ତ କୌଣସି ତଥ୍ୟ ମିଳିନାହିଁ। ମିଳିବାର ଆଶା ମଧ କମ୍। କାରଣ ତାଙ୍କର ସମସାମୟିକ ଗଞ୍ଜାମର ଓକିଲ ଓ ଭଦ୍ରବ୍ୟକ୍ତିଙ୍କ ଭିତରେ ହରିହର ପଣ୍ଡା, ଶଶିଭୂଷଣ ରଥ, ଶ୍ରୀବତ୍ସ ପଣ୍ଡା, ଅଭିମନ୍ୟୁ ପଟ୍ଟନାୟକ, ନରସିଂହ ଦାସ ପ୍ରଭୃତିମାନେ ବର୍ତ୍ତମାନ ଇହଲୋକରେ ନାହାନ୍ତି।

ତେବେ ଏକଥା ନିଶ୍ଚିତ ଯେ ମାନ୍ଦ୍ରାଜର ପ୍ଲିଡ଼ରସିପ୍ ଶିକ୍ଷାବେଳେ ବିଶ୍ୱନାଥ ହୃଦୟଙ୍ଗମ କରିଥିଲେ ବିଶାଳ ବ୍ରିଟିଶ ଓ ଆନ୍ତର୍ଜାତିକ ଆଇନ କାନୁନର ପାରାବାର ଆଗରେ ପଡ଼ିଛି। ସେତେବେଳେ ସେହି ଆଇନ ବଳରେ ଚଳୁଥିବା ପ୍ରଶାସନ ହିଁ ଥିଲା ସବୁ ରାଜନୀତିର ମୂଳାଧାର। ତାହାରି ଗଣ୍ଡି ଅତିକ୍ରମ କରି ଦୂରକୁ ଚିନ୍ତା କରିବା ଲୋକ ଭାରତରେ ଖୁବ୍ କମ୍ ଥିଲେ। ଯୁବକ ବିଶ୍ୱନାଥଙ୍କର ଦିଗ୍‌ବଳୟ ଭିତରେ ସେଇ ଆଇନ୍‌ର ଶାସନ ହିଁ ଦୃଶ୍ୟ ହେଉଥିଲା । ସେହି ଆଇନ୍‌ରେ ଯାହାର ଯେତେ ବ୍ୟୁତ୍‌ପତି ସେହି ବ୍ୟକ୍ତି ଓ ସେହି ଅନୁଷ୍ଠାନ ଯେ ଭାରତର ଭବିଷ୍ୟତ ପ୍ରଶାସନକୁ ପ୍ରଭାବିତ କରିବ, ଏହା ହିଁ ଥିଲା ତାତ୍‌କାଳିକ ଅଧିଷ୍ଠିତ ଧାରଣା। ସେହି ଧାରଣାର ବହିର୍ଭୂତ କୌଣସି କାର୍ଯ୍ୟ ଯେ ସମ୍ଭବ, ସେ ଚିନ୍ତା ଥିଲା ସେତେବେଳେ ଅବାସ୍ତବ। ମାନ୍ଦ୍ରାଜରେ ଆପଣାର ପ୍ଲିଡ଼ରସିପ୍ ପାଠରେ ବାଧତାମୂଳକ ଭାଗଟକ ପାଇଁ ହାଜିରା ଦେଲାବେଳେ ବିଶ୍ୱନାଥ ମାନ୍ଦ୍ରାଜ ହାଇକୋର୍ଟ ଓ ତାହା ସାମନାରେ ଥିବା ଇଉନିଭରସିଟି ଆଇନ କଲେଜକୁ ଦେଖିଥିଲେ। ହାଇକୋର୍ଟର ଗମ୍ଭୀର ସଂଭ୍ରମ ସଂଯତ ବାକ୍ୟାଳାପ, ଶାଳୀନ ସମୟାନୁବର୍ତ୍ତିତା ଛଡ଼ା ତାହାର ପରିବେଶରେ ପ୍ରଶାନ୍ତ ଗମ୍ଭୀରତା ତାଙ୍କୁ ଅଭିଭୂତ କରିଥିଲା। ସେଇଠାରେ ସେ ମଧ ମାନ୍ଦ୍ରାଜର ହାଇକୋର୍ଟର ସେ କାଳର ସ୍ୱନାମଧନ୍ୟ ଆଡ଼ଭୋକେଟ ବାରିଷ୍ଟରମାନଙ୍କ ବୟାନ, ପ୍ରତ୍ୟୁତ୍ତରରେ ତୀକ୍ଷ୍ଣ ପ୍ରତ୍ୟୁତ୍ପନ୍ନମତିତା ଲକ୍ଷ୍ୟ କରିଥିଲେ। ସେହିଦିନଠାରୁ ମାନ୍ଦ୍ରାଜ ହାଇକୋର୍ଟର ଲନ୍‌ରେ ବସି ସେ ଆଶା କରିଥିଲେ ଯେ ସେ ହାଇକୋର୍ଟରେ ପ୍ରାକ୍‌ଟିସ୍ କରିବାକୁ ଉଦ୍ୟମ କରିବେ। ସେତେବେଳେ ତାଙ୍କର ସ୍ଥିତି ଓ ପରିସ୍ଥିତି ଦେଖି କେହି ମାମୁଲି ଲୋକ ମନେ କରି ଥାଆନ୍ତା, ଏ ଆଶା ବୈତରଣୀ ନଦୀ। ହେଲେ ତାଙ୍କର ଅମିତ ଉଦ୍ୟମଶୀଳତା ଫଳରେ ପରେ ସେ ଦୁଇଟି ହାଇକୋର୍ଟରେ ସୁଖ୍ୟାତିର ସହିତ ପ୍ରାକ୍‌ଟିସ୍ କରିଥିଲେ। ଯଦିଚ ମାନ୍ଦ୍ରାଜ ହାଇକୋର୍ଟକୁ ମକଦ୍ଦମାର ଅପିଲ ପ୍ରସଙ୍ଗରେ ଦୁଇଥର ଯିବା ବ୍ୟତିରେକେ ମାନ୍ଦ୍ରାଜ ହାଇକୋର୍ଟ ବାର୍‌ର ସେ ପ୍ରତ୍ୟକ୍ଷ ଆଡ଼ଭୋକେଟ

Digitized by srujanika@gmail.com

ହୋଇ ନ ଥିଲେ। ଏହାର କାରଣ ତାଙ୍କର ଦକ୍ଷତା ଅଭାବ ଦୋଷରୁ ନୁହଁ। ଧାବମାନ କାଳ ତା'ର ଛାଳରେ ତାଙ୍କୁ ଦିଲ୍ଲୀର ବ୍ୟବସ୍ଥାପକ ସଭା ପର୍ଯ୍ୟନ୍ତ ଟାଣିନେଲା। ଆଇନ ପଢ଼ା ଛାଡ଼ି ସେ ଆଇନ ଗଢ଼ାରେ ଲାଗିଗଲେ। ତା'ପରେ ପରିଣତ ବୟସ ପାଇଁ ତାଙ୍କର କି ଯୋଜନା ହୋଇଥାଆନ୍ତା, କିଏ ଜାଣେ ? କିନ୍ତୁ ଦୁନିଆ ଜାଣେ ସେ ଅକାଳରେ ଏ ସଂସାରରୁ ବିଦା ହୋଇଗଲେ।

(ପାଞ୍ଚ)

୧୯୦୫ ମସିହାର ଶେଷ ବେଳକୁ ବିଶ୍ୱନାଥ ମିଶ୍ର ମାନ୍ଦ୍ରାଜରୁ ପ୍ଲିଡ଼ରସିପ୍ ପରୀକ୍ଷା ଶେଷ କରି ସିଧାସଳଖ ରେଳଯୋଗେ ଗ୍ରାମକୁ ଫେରିଥିଲେ। ତା'ପରେ ସେ ଆସିକାରେ ଆପଣାର ଓକିଲାତି ପ୍ରସାର ଜମାଇବା ପୂର୍ବରୁ ବ୍ରହ୍ମପୁରର ଗଞ୍ଜାମ ଉତ୍କଳ ସମିତିର ଏକ ସ୍ୱତନ୍ତ୍ର ବୈଠକରେ ଯୋଗ ଦେଇଥିଲେ। ଆସିକାରେ ସ୍ୱନାମଧନ୍ୟ ଓକିଲ ହରିହର ପଣ୍ଡା ସେତେବେଳେ ବ୍ରହ୍ମପୁରରେ ପ୍ରାକ୍ଟିସ୍ କରୁଥିଲେ। ବଡ଼ଖେମୁଣ୍ଡିର ସାମ୍ବାଦିକ ଓ ସାହିତ୍ୟକ ନୀଳମଣି ବିଦ୍ୟାରତ୍ନ ସେତେବେଳେ ବ୍ରହ୍ମପୁରରୁ ପ୍ରକାଶିତ 'ପ୍ରଜାବନ୍ଧୁ' ଖବର କାଗଜର ସମ୍ପାଦନା କରୁଥିଲେ। ବିଶ୍ୱନାଥଙ୍କର ଓକିଲାତି ଜୀବନର ସେ ଥିଲା ପହିଲି ଖଡ଼ିଛୁଆଁ। ସଦ୍ୟ ଲାଇସେନ୍ସ ପାଇ ଥାଆନ୍ତି।

ଗଞ୍ଜାମ ଉତ୍କଳ ସମିତିର ସେହି ବୈଠକର ବିବରଣୀ ସେ କାଳରେ ପ୍ରକାଶ ପାଉଥିବା ଇଂରାଜୀ ସାପ୍ତାହିକ 'ଷ୍ଟାର ଅଫ୍ ଉତ୍କଳ'ରେ ଏହି ମର୍ମରେ ପ୍ରକାଶ ପାଇଥିଲା। ଲକ୍ଷ୍ୟ କରିବାର କଥା ଯେ ଏହି ଖବରର ପ୍ରକାଶ ତାରିଖ ତେର ଜାନୁଆରୀ ୧୯୦୬, ଅର୍ଥାତ୍ ନିଶ୍ଚିତ ଭାବରେ ପ୍ଲିଡ଼ରସିପ୍ ପରୀକ୍ଷା ଫଳ ବାହାରିବାର ଅବ୍ୟବହିତ ପରେ। କାରଣ ଏହି ଖବରରେ ହିଁ ବିଶ୍ୱନାଥ ମିଶ୍ରେ ଯେ ପ୍ଲିଡ଼ର ହୋଇଛନ୍ତି, ଏହାର ପ୍ରଥମ ସୂଚନା ମିଳିଥିଲା। ଖବରଟିର ଓଡ଼ିଆ ଅନୁବାଦ ଏହିପରି :

"ଷ୍ଟାର ଅଫ ଉତ୍କଳ" ତା ୧୩।୧।୧୯୦୬

"ଗଞ୍ଜାମ ଉତ୍କଳ ସମିତିର ଏକ ସ୍ୱତନ୍ତ୍ର ବୈଠକରେ ପ୍ରସ୍ତାବ କରାଯାଇଛି ଯେ ଗଞ୍ଜାମର ବିଭିନ୍ନ କୋର୍ଟ କଚେରୀରେ ପେଶ୍ ହେଉଥିବା ଅର୍ଜି, ଦରଖାସ୍ତ ଓ ବିବରଣୀକୁ ଓଡ଼ିଆ ଭାଷାରେ ଲେଖିବା ପାଇଁ ଗଞ୍ଜାମର ଓଡ଼ିଆ ପ୍ଲିଡ଼ରମାନଙ୍କୁ ଅନୁରୋଧ କରାଯାଉ। ପ୍ରସ୍ତାବଟି ବାବୁ ବିଶ୍ୱନାଥ ମିଶ୍ର ଆଗତ କରିଥିଲେ ଓ ବାବୁ ହରିହର ପଣ୍ଡା ଅନୁମୋଦନ କରିଥିଲେ। ଏମାନେ ଉଭୟେ ହେଉଛନ୍ତି ପ୍ଲିଡ଼ର।

Digitized by srujanika@gmail.com

ଆମ୍ଭେମାନେ ଉଲ୍ଲସିତ ହେଉଛୁଁ ଯେ ଏଇ ଦୁଇ ଜଣ ଭଦ୍ରବ୍ୟକ୍ତି ଏଭଳି ଏକ ଆତ୍ମତ୍ୟାଗୀ ଅଧ୍ୟାଦେଶର ବନ୍ଧନରେ ଆପଣା ଆପଣାକୁ ବାନ୍ଧି ଦେଇଛନ୍ତି। ଆମ୍ଭେମାନେ ମନେ କରୁଛୁ ଏହି ପ୍ରସ୍ତାବର ତାତ୍ପର୍ଯ୍ୟ ହେଲା ଏହି ଯେ ସେମାନେ କୋର୍ଟ କଚେରୀମାନଙ୍କରେ ତେଲୁଗୁରେ ଆପଣାର ବାଦନା ନ କରି ତାହାକୁ ଓଡ଼ିଆରେ ହିଁ କରିବେ। ଏହା ଫଳରେ ସେମାନେ ଆନ୍ଧ୍ର ମହୋକିଲମାନଙ୍କୁ ହରାଇ ପାରନ୍ତି। ଏହି କାରଣରୁ ଆମ୍ଭେମାନେ ଏଭଳି ପ୍ରସ୍ତାବକୁ ଏକ ଆତ୍ମତ୍ୟାଗୀ ଅଧ୍ୟାଦେଶ ବୋଲି ଆଖ୍ୟା ଦେଇଛୁଁ। ଦେଶ ଓ ଜାତିର ହିତ କଳ୍ପେ ଏଇ ଦୁଇ ଜଣ ଭଦ୍ରବ୍ୟକ୍ତି ଯେ ଆପଣା ଆପଣାର ସ୍ୱାର୍ଥତ୍ୟାଗ କରିବାକୁ ଆଗଭର ହେଲେ, ସେଥିପାଇଁ ସେମାନେ ବାସ୍ତବିକ ଆମ୍ଭମାନଙ୍କର ପ୍ରଶଂସାର ଅର୍ହ।"

ଯେତେଦୂର ମନେହୁଏ ଆସିକାରେ ଆପଣାର ଓକିଲାତି ଜମାଇବା ପୂର୍ବରୁ ଏଇ ଥିଲା ବିଶ୍ୱନାଥଙ୍କର ଶପଥ ପତ୍ର। "ଓଡ଼ିଆରେ ଦରଖାସ୍ତ, ଅର୍ଜି, ବାଦନା, ବକ୍ତୃତା, ଜବାବ ସୁଆଲ ସବୁ କରିବି।" 'ଷ୍ଟାର୍ ଅଫ୍ ଉତ୍କଳ'ଙ୍କର ମତାମତରେ ଟିକିଏ ମାତ୍ର ଅତିରଞ୍ଜନ ନ ଥିଲା। ସେତେବେଳେ ଗଞ୍ଜାମର କୋର୍ଟ କଚେରୀରେ ହାକିମମାନଙ୍କ ଭିତରେ ପ୍ରାୟ ଅର୍ଦ୍ଧେକ ଥିଲେ ତେଲୁଗୁଭାଷୀ। ମାମଲା ମକଦ୍ଦମାରେ ସଂପୃକ୍ତ ଲୋକଙ୍କ ଭିତରେ ବେଶି ଭାଗ ଥିଲେ ତେଲୁଗୁ ଲୋକେ। କାରଣ ଶିକ୍ଷା, ସ୍ୱାର୍ଥଚେତନା ଓ ଆଇନ ଅଧିକାର ରକ୍ଷା ଦିଗରେ ସକ୍ରିୟତା ତେଲୁଗୁଭାଷୀଙ୍କ ଭିତରେ ଓଡ଼ିଆଭାଷୀମାନଙ୍କଠାରୁ ଅଧିକ ପରିମାଣରେ ଥିଲା। ଏକଥା ବିଶ୍ୱନାଥ ଯେ ନ ଜାଣିଥିଲେ ସେ କଥା ମଧ୍ୟ ନୁହେଁ। ଆପଣାର ଜନ୍ମସ୍ଥାନଠାରୁ ବହୁଦୂରରେ (ସେତେବେଳେ ଏକ ଭିନ୍ନ ରାଜନୈତିକ ପ୍ରଦେଶରେ), ଜଣେ ଅନାମଧେୟ ଆଇନ ଜୀବିକା ପ୍ରାର୍ଥୀ ଆପଣାର ବୃତ୍ତି ବ୍ୟବସାୟରେ ଯଜମାନ ବା ମହକିଲର ମର୍ଜି ଜଗି ଚାଲିବା ହେଉଛି ସବୁ ପେଷାଦାରଙ୍କର ଚିରାଚରିତ ରୀତି। ଏହାଛଡ଼ା ସ୍ୱର୍ଗତଃ ହରିହର ପଣ୍ଡାଙ୍କ କ୍ଷେତ୍ରରେ ଓଡ଼ିଆ ଭାଷାରେ ସମସ୍ତ କୋର୍ଟକଚେରୀ କାର୍ଯ୍ୟ ସାଧନା କରିବାର ସଂକଳ୍ପ କଥା ହୁଏତ ବେଶି ଅସମୀଚୀନ ନ ଥିଲା, କାରଣ ହରିହର ପଣ୍ଡାଙ୍କର ପରିବାର ସେତେବେଳେ ଗଞ୍ଜାମରେ ପ୍ରତିପତ୍ତିଶାଳୀ ହୋଇ ଉଠିଥିଲେ। ବନ୍ଧୁବାନ୍ଧବ, କୁଟୁମ୍ବ ଆତ୍ମୀୟ ହିସାବରେ ଏବେ ପଣ୍ଡା ପରିବାର ଗଞ୍ଜାମର ଏକ ନାତିକ୍ଷୁଦ୍ର ଜନସଂଖ୍ୟା। ସେତେବେଳେ ଏହି ସଂଖ୍ୟା ଆଜି ଭଳି ବିଶାଳ ନ ଥିଲେ ମଧ୍ୟ ସାମାନ୍ୟ ନ ଥିଲା; କିନ୍ତୁ ବିଶ୍ୱନାଥଙ୍କ କ୍ଷେତ୍ରରେ ଏଭଳି ସୁଯୋଗ ସୁବିଧାର ଅବଲମ୍ବନ ଆଦୌ ନ ଥିଲା କହିଲେ ଚଳେ। କପର୍ଦ୍ଦକଶୂନ୍ୟ ଭାବରେ ସେ ଗଞ୍ଜାମ ଜିଲ୍ଲାରେ ମହୋକିଲମାନଙ୍କର ଶୁଭଦୃଷ୍ଟି ଉପରେ ହିଁ ଆପଣାର ଓ ବର୍ଦ୍ଧିଷ୍ଣୁ ପରିବାରର

Digitized by srujanika@gmail.com

ଅନୁସଂସ୍ଥାନର ଭରସା ରଖିବାକୁ ବାଧ ଥିଲେ। ତେଣୁ ତାଙ୍କ ତରଫରୁ ଏପରି ଏକ ପ୍ରସ୍ତାବ ଏକ ନିର୍ବୋଧ ଦୁଃସାହସିକତା ଛଡ଼ା ଆଉ କିଛି ନଥିଲା; କିନ୍ତୁ ଆମର ତ ଭାଗବତ ବାଣୀ ଅଛି :

"ଏ ବଡ଼ ଲୋକଙ୍କର ମତ
ଅଳପ ଲୋକେ ବିପରୀତ ।"

ଏଭଳି ଦୁଃସାହସିକତାର ପ୍ରତିଫଳ ଅନ୍ୟ ଯେ କୌଣସି ସାଧାରଣ ବୃତ୍ତି ଅଭିଳାଷୀ ପାଇଁ ସର୍ବନାଶ ଘଟାଇ ଥାଆନ୍ତା; କିନ୍ତୁ ବିଶ୍ୱନାଥ ବର୍ତ୍ତିଗଲେ। କେବଳ ବର୍ତ୍ତିଗଲେ ନୁହେଁ, ସସମ୍ମାନରେ ଆପଣାର ପ୍ରତିଜ୍ଞା ପୂରଣ କରିଗଲେ। 'ଷ୍ଟାର ଅଫ୍ ଉତ୍କଳ' ଯେ ମନେକରିଥିଲେ ଯେ ଏହା ଫଳରେ ସେ ତାଙ୍କର ସମ୍ଭାବ୍ୟ ତେଲୁଗୁ ମହୋକିଲମାନଙ୍କୁ ହରାଇବେ, ତାହା ପ୍ରାଥମିକ ଅବସ୍ଥାରେ କିୟଦଂଶରେ ସତ୍ୟ ହୋଇଥିଲା; କିନ୍ତୁ ତାହା ଥିଲା ଅତ୍ୟନ୍ତ ଅସ୍ଥାୟୀ ଅସୁବିଧା। ଅଚିରେ ଦେଖାଗଲା ଉଭୟ ଓଡ଼ିଆ, ତେଲୁଗୁ ମହୋକିଲ ତାଙ୍କର ସିରସ୍ତାରେ ଭିଡ଼ ଜମାଇବା ଆରମ୍ଭ କଲେ। ଆସିକାରେ ତାଙ୍କର ଓକିଲାତି କାଳରେ ଯିଏ ଥରେ ତାଙ୍କର ବୈଠକଖାନାରେ ପ୍ରବେଶ କରି ଦାବୀ ମକଦ୍ଦମା ସଂକ୍ରାନ୍ତରେ ତାଙ୍କର ପରାମର୍ଶ ଲୋଡ଼ିଥିଲା, ସେ ଓଡ଼ିଆ ହେଉ ବା ତେଲୁଗୁ ହେଉ ବା ଅନ୍ୟ କୌଣସି ଭାଷାଭାଷୀ ହେଉ, ତାଙ୍କୁ ଜୀବନବ୍ୟାପୀ ଆପଣାର ସ୍ୱାର୍ଥ ରକ୍ଷକ ଓକିଲଭାବରେ ଗ୍ରହଣ କରି ନେଉଥିଲା।

ପ୍ରଥମ ଓକିଲାତି ପସରା ମେଲିଥିବା ଲୋକ ଯଜମାନଙ୍କୁ ଅନ୍ନଦାତା ବୋଲି ମନେକରି ତାହାକୁ ଷୋଡ଼ଶ ଉପଚାରରେ ପୂଜା କରିବାର ଶୁଣା ଯାଇଛି। କେତେ ଆଇନ ବ୍ୟବସାୟୀ ପ୍ରଥମେ ଆପଣାର ବିଜ୍ଞାପନ ପାଇଁ କେତେ ପ୍ରକାର କଳା କୌଶଳ ପ୍ରୟୋଗ କରି ନାହାନ୍ତି ? କିନ୍ତୁ ବିଶ୍ୱନାଥଙ୍କ କ୍ଷେତ୍ରରେ ଏଭଳି ବିଜ୍ଞାପନ ପାଇଁ ମସଲା ବି ନ ଥିଲା। ସମ୍ବଳ ବି ନ ଥିଲା। ଆପଣାର ବନ୍ଧୁବାନ୍ଧବ, କୁଟୁମ୍ବ, ଭାଇ, ଆତ୍ମୀୟ ଭାବରେ ମଧ୍ୟ କେହି ତାଙ୍କୁ ମହୋକିଲ ଜୁଟାଇ ନ ଥିଲେ। ସେ ଈଶ୍ୱର ବିଶ୍ୱାସୀ ଥିଲେ; କିନ୍ତୁ କୌଣସି ପ୍ରକାର ଗ୍ରହଚକ୍ରର ଯୋଗ ବା ରାଶି ନକ୍ଷତ୍ରର ବିଶ୍ୱାସୀ ନ ଥିଲେ। ଯାହା ମୂଳରୁ ମନେ ହୋଇପାରେ ଜ୍ୟୋତିଷର ଗଣନା, ନଚେତ୍ ନିର୍ବୋଧ ଦୁଃସାହିକତା ଅଥବା ଜୁଆଡ଼ି ମନର 'ଆକାଶ କଇଁଆ ଚିଲିକା ମାଛ' ସେ ସମସ୍ତ ପ୍ରକାର ଭାବନା ଚିନ୍ତାର ସେ କେବେ ଜୀବନରେ ପାଖ ପଶି ନାହାନ୍ତି। ତେବେ ମାନିବାକୁ ହେବ ତାଙ୍କ ପାଖରେ ହିଁ ମହୋକିଲ୍ ଆକର୍ଷଣର ଷୋଡ଼ଶ ଉପଚାର ମହଜୁଦ୍ ଥିଲା। ଆସିକାର ଋଷିକୁଲ୍ୟା କୂଳରେ ଗୋଟିଏ ଛୋଟ ଭଡ଼ାଘରେ

Digitized by srujanika@gmail.com

ପ୍ରଥମେ ସେ ଯେଉଁ ଜାନୁୟାରୀ ମାସର ଶୀତ ସକାଳେ ଆସି ପହଞ୍ଚିଥିଲେ, ସେ ଥିଲା ତାଙ୍କ ପାଇଁ ଗୋଟିଏ ସ୍ମରଣୀୟ ଦିନ। ସାଙ୍ଗରେ ଖଣ୍ଡିଏ ସୁଟ୍‌କେଶ ଆଉ ଅଳ୍ପ ସ୍ୱଳ୍ପ ଶଯ୍ୟାଦ୍ରବ୍ୟ। ଷ୍ଟୁଡ଼େଣ୍ଟ ଏଡ଼ିସନ କେତେଖଣ୍ଡ ଓକିଲାତି ଆଇନ ବହି ଯାହା କୋର୍ଟ କଚେରୀ ପାଇଁ ଖେଳନା ବୋଲି କହିଲେ ଚଳନ୍ତା। ଆଲମାରି ନାହିଁ, ବହି ପତ୍ରର ଆଟପ ଆଡ଼ମ୍ବର ତ ଦୂରର କଥା, ବସିବା ପାଇଁ ଖଣ୍ଡିଏ ଚୌକି ବି ନ ଥିଲା ବା ଲେଖିବାର ସୁବିଧା ପାଇଁ ଖଣ୍ଡିଏ ଟେବୁଲ ବି ନ ଥିଲା। ଏଭଳି ଦୁଃସ୍ଥ ମୁସାଫିରର ଓକିଲ ହେବାର ଆଶା !

(ଛଅ)

ତେବେ କ'ଣ ଥିଲା ତାଙ୍କର ଷୋଡ଼ଶ ଉପଗ୍ଚର? ଘୁମୁସରରେ ଶିକ୍ଷକତା କଲାବେଳେ ସେ ଯେଉଁ ଓଡ଼ିଆ ଭାଷା ସଙ୍ଗେ ପରିଚୟ କରିଥିଲେ; ଆସିକାର ଓଡ଼ିଆ ଭାଷାର ବାଚନଭଙ୍ଗୀ ଓ ଶବ୍ଦଯୋଜନା ତା'ଠାରୁ ଅନେକ ଗୁଣେ ଥିଲା ଭିନ୍ନ। ସବୁଦିନ ବଡ଼ି ଭୋର୍‌ରୁ ଉଠି ସୂର୍ଯ୍ୟୋଦୟ ପୂର୍ବରୁ ସେ ଋଷିକୁଲ୍ୟାରେ ସ୍ନାନ ପ୍ରକାର ସାରି ବସାକୁ ଫେରୁଥିଲେ। ଆପଣା ହାତରେ ରୋଷେଇ, ଚୁଲି, ଗ୍ଚାଉଳ, କାଠ, ଡାଲି ସବୁ ଦୋକାନରୁ ଖରିଦ କଲାବେଳେ ତାଙ୍କର ଭାଷାରୁ ସ୍ପଷ୍ଟ ବାରି ହେଉଥିଲା, ସେ ହେଉଛନ୍ତି ଦୂରାନ୍ତରର ମଣିଷ। ରୋଷେଇଶାଳରେ ଚୁଲିରେ ଭାତ ବସେଇଦେଇ ସେ ଦାଣ୍ଡ ପିଣ୍ଡାରେ ଆପଣା ବିଛଣାରେ ସତରଞ୍ଜି ଖଣ୍ଡିକ ପାରି ଆପଣାର ଅଧୀତ ପାଠ ପଢ଼ାକୁ ଦୋହରାଉଥିଲେ। ପ୍ରସନ୍ନ ଦୃଷ୍ଟି, ବେପରବାୟ ଭାବ, ସ୍ଥିତପ୍ରଜ୍ଞ। ଗ୍ଚଲିଚଳଣ, ହାବଭାବ, ଆଗ୍ଚରବ୍ୟବହାର କୌଣସିଥିରେ ଟିକିଏ ବି ଶଙ୍କା ବା ଦକା ନ ଥିଲା।

ସେତେବେଳେ ଆସିକା ଥିଲା ଏକ ଛୋଟ ସହର, ବରଂ ଏକ ବଡ଼ ଗାଁ। ସେଠାରେ ଅଦ୍ଭୁତ ଜିନିଷ କିଛି ନ ଥିଲା। ଗଞ୍ଜାମର ଅବିଭାଜ୍ୟ ଜମିଦାରୀ ଇଲାକାର ତାହା ଥିଲା କେନ୍ଦ୍ରଭୂମି। ସବୁତକ ଜମିଦାର ଥିଲେ ରାଜା, ଛାମୁ ମଣିମା। ପୂର୍ବର କର୍ପୂର ଯାଇଥିଲା; କିନ୍ତୁ ତଥାପି କନା ଖଣ୍ଡିକକୁ ବେଶ୍ ସାଫ୍ ଚିକ୍‌କଣ କରି ରଖି ଆପଣାର ଦାଣ୍ଡ ମହତକୁ ଟେକି ଧରିଥିଲା ସେକାଳର ଅସ୍ତଗାମୀ ସାମନ୍ତ କୁଳର ବଡ଼ ପତିଆରା। ଖଲିକୋଟ,ଧରାକୋଟ, ବଡ଼ ଖେମୁଣ୍ଡି, ସାନ ଖେମୁଣ୍ଡି, ସେରଗଡ଼, ଚିକିଟି, ଜରଡ଼ା, ମହୁରୀ, ବଡ଼ଗଡ. ଆଠଗଡ଼ ଇତ୍ୟାଦି ରାଜବଂଶର ରାଜାମାନେ ସେ ପର୍ଯ୍ୟନ୍ତ ଓଡ଼ିଶାର ଗଡ଼ଜାତର ଆଇନତଃ ସ୍ୱାଧୀନ କରଦ ରାଜାଙ୍କ ସଙ୍ଗେ ବନ୍ଧୁ

Digitized by srujanika@gmail.com

ବାନ୍ଧିବା ଅର୍ଥାତ୍ ବୈବାହିକ ସମ୍ପର୍କ ରଖିଥିବା ଦୃଷ୍ଟିରୁ ଆପଣା ଆପଣାକୁ ଠିକ୍ ଆପଣାର ପୂର୍ବ ଗୌରବର ଅବିକଳ ଦାୟାଦ ବୋଲି ଦିବାସ୍ୱପ୍ନ ଦେଖୁଥିଲେ। ସେମାନଙ୍କର ଏହି ମନ୍ଦାର ଫୁଲିଆ ଆଡ଼ମ୍ବରର ପ୍ରଧାନ ପ୍ରଦର୍ଶନୀ କ୍ଷେତ୍ର ଥିଲା ଆସିକା। ଏଇଠି ସେମାନେ ଆପଣାର ଅସ୍ତମିତ ହେଉଥିବା ଭାଗ୍ୟର ଟୁକୁରାକୁ ବିକି ଭାଙ୍ଗି ମଟରଗାଡ଼ି ଚଢ଼ି ବା ଅଏସବିଳାସ କରି ଆପଣାକୁ ସାଧାରଣ ଲୋକଙ୍କଠାରୁ ଅଧିକ ସମ୍ଭ୍ରାନ୍ତ ବୋଲି ପ୍ରଦର୍ଶନ କରାଉଥିଲେ। ଅବଶ୍ୟ ଏମାନଙ୍କ ଭିତରେ ଯେ ଯୋଗ୍ୟ ବ୍ୟକ୍ତି ନ ଥିଲେ, ସେ କଥା ନୁହେଁ। ଏମାନଙ୍କ ବଂଶରେ ବହୁ ପୂର୍ବପୁରୁଷ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସେହି ହେତୁରୁ ସଭ୍ୟତାକୁ ବହୁ ମୂଲ୍ୟବାନ ଦାନ ଦେଇ ଯାଇଛନ୍ତି। ସେହିମାନଙ୍କର ଐତିହ୍ୟ ମଧ ଏହି ରାଜବଂଶୀୟମାନଙ୍କର ମହତ୍ୱ ପାଇଁ କମ ସହାୟକ ନ ଥିଲା। ତେବେ ଆସିକାର ବାସିନ୍ଦା ଓ ଆଖପାଖର ଗ୍ରାମଜନପଦରେ ଏହି ରାଜାମାନଙ୍କର ମହତ୍ୱ ପର୍ଯ୍ୟବସିତ ଥିଲା ସେମାନଙ୍କର ସାଧାରଣଙ୍କଠାରୁ ଉନ୍ନତ। ଆଭିଜାତ୍ୟପୂର୍ଣ୍ଣ ବେଶଭୂଷା, ଯାନବାହନର ଆଡ଼ମ୍ବରରେ ଯିଏ ଯେତେ ଆଡ଼ମ୍ବର ଦେଖାଉଥିଲା ସେ ସେତିକି ଉଚ୍ଚ ସମ୍ମାନାର୍ହ ବୋଲି ଧାରଣା ଥିଲା। କେବଳ ସେତିକି ନୁହେଁ, ଶିକ୍ଷିତ ମୁଷ୍ଟିମେୟ ଓଡ଼ିଆ ଏହିମାନଙ୍କ ସହିତ ବେଶଭୂଷା ଓ ଚ୍ଚଲିଚଳଣରେ ସମସରିସା ହେବାକୁ ଉନ୍ନତିର ମହାମେରୁ ମହେନ୍ଦ୍ରପର୍ବତ ବୋଲି ମନେ କରୁଥିଲେ। ବିଶେଷତଃ ପ୍ଲିଡ଼ର ପାଇଟି କରୁଥିବା ଲୋକ ଆପଣାର ବେଶଭୂଷା ଓ ଆଡ଼ମ୍ବରର ପରିପାଟୀ ରଖିବା ଥିଲା ସେ କାଳରେ ଗଞ୍ଜାମର ପ୍ରଚଳିତ ରୀତି।

ଏଭଳି ପରିସ୍ଥିତି! ସେଇଠି ବିଶ୍ୱନାଥ ମିଶ୍ରଙ୍କର ପ୍ଲିଡ଼ର ହେବାର ଉଦ୍ୟମ ଥିଲା ଏକାବେଳକେ ଓଲଟା, ଅଦ୍ଭୁତ ଉଦ୍‌ଭଟ। ତାହା ହିଁ ପ୍ରଥମେ କୋର୍ଟ କଚେରୀରେ କୌତୁହଳୀ ମହୋକିଲଙ୍କୁ ତାଙ୍କ ଆଡ଼କୁ ଟାଣି ଥିଲା। କିଏ ଏହି ପ୍ରାୟ ପାଗଳ ଦୁଃସାହସିକ ଲୋକ? କାହିଁକି ଘର ଦ୍ୱାର ଛାଡ଼ି, ସୁସ୍ଥ ଜୀବିକା ସରକାରୀ ଚ୍ଚକିରୀ ଛାଡ଼ି ଓକିଲାତି ପାଇଁ ମନ କରିଛି? ଓକିଲାତି ପୁଣି ପୁରୀ ବା କଟକରେ ନୁହେଁ, ଏପରିକି ବ୍ରହ୍ମପୁରରେ ନୁହେଁ। ଯେଉଁଠି ସବ୍‌ଜଜ୍, ଜଜ୍, ଜିଲ୍ଲା କଲେକ୍ଟର, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ତହସିଲଦାର ଇତ୍ୟାଦିଙ୍କର ହରେକ ରକମର କୋର୍ଟ ଅଛି। ଉଭୟ ଦେୱାନୀ, ଫୌଜଦାରୀ କେସ୍ ବିଚାରର ସୁବିଧା ଅଛି। ଯେଉଁଠି ରାତି ପାହିଲେ ଫଝାଫଝା ଲୋକ ଆପଣାର ଟଙ୍କା ଟୋକର ବୁଞ୍ଚୁଲା ବାନ୍ଧି ମକଦ୍ଦମାରେ ଜିଣିବା ପାଇଁ, କେହି ଜମି ପାଇଁ, କେହି ଜିଦ୍ ପାଇଁ, କେହି ବା ଆଉ କୌଣସି ଐହିକ ସମ୍ଭୋଗକୁ ସ୍ଥାୟୀ ରଖିବା ପାଇଁ ଓକିଲ ଦୁଆରେ ଅଖିଆ ଅପିଆ ଧାରଣା ଦେଉଛନ୍ତି। ଓକିଲାତି ପାଇଁ ବାଛିଚି ଆସିକାକୁ। ଗୋଟିଏ ତାଲୁକାର ହେଡ଼କ୍ୱାଟରକୁ

Digitized by srujanika@gmail.com

ଯେଉଁଠି ଜଣେ ତହସିଲଦାର ଆଉ ଜଣେ ମୁନ୍‌ସଫଙ୍କର କୋର୍ଟ, ବାସ ସେତିକି ! ଆଉ ଯେଉଁଠି ପାଞ୍ଚ ସାତରୁ ବେଶି ଓକିଲ ନାହାନ୍ତି, ଆଉ ସେହି ପାଞ୍ଚ ସାତ ଭିତରୁ ପ୍ରତିବର୍ଷ ଜଣେ ଦୁଇ ଜଣ ମୁନସଫ୍, ଡ଼େପୁଟି ହୋଇ ସରକାରୀ ଚାକିରୀରେ ପଶିବା ପାଇଁ ବ୍ୟାକୁଳ ହୋଇ ଅନାଇଛନ୍ତି । କେତେକ ଭିତରୁ ଗୋଟିଏ ଉଦାହରଣ ହେଉଛନ୍ତି ପ୍ରକୃତ ପକ୍ଷରେ ସ୍ୱର୍ଗତଃ ଗଣେଷ ମହାପାତ୍ର, ଯିଏ ବିଶ୍ୱନାଥ ମିଶ୍ରଙ୍କର ସମଧର୍ମା ପ୍ଲିଡର ହୋଇ ଆସିକାରେ ଓକିଲାତି କରୁଥିଲେ । ସେ ମଧ ଜୁଡ଼ିସିଆଲ ସର୍ଭିସରେ ଯୋଗଦେଇ ଶେଷରେ ଜଜ୍ ଭାବରେ ପେନ୍‌ସନ ନେଇଥିଲେ ।

(ସାତ)

ବିଲାତର କବି ଗୋଲଡ଼ସ୍ମିଥ୍ ତାଙ୍କର କବିତାରେ ଗାଁର ଧର୍ମଯାଜକଙ୍କ ପ୍ରସଙ୍ଗରେ ଲେଖିଲାବେଳେ ଲେଖିଥିଲେ, "ଯେଉଁମାନେ ବିଦ୍ରୂପ କରିବାକୁ ଆସିଥିଲେ, ସେମାନେ ପ୍ରାର୍ଥନା କରିବା ପାଇଁ ରହିଗଲେ ।" ବିଶ୍ୱନାଥଙ୍କର ଓକିଲାତି ବୃତ୍ତିର ଭାଗ୍ୟରେ ପ୍ରାୟ ସରିସମ ଅବସ୍ଥା ହୋଇଥିଲା । ତେଲୁଗୁଭାଷୀମାନଙ୍କ ଭିତରେ ମାମଲତକାରିଆ ଲୋକେ ଯିଏ ବା ତାଙ୍କ ସହିତ ଭେଟ କରିବାକୁ ଆସୁଥିଲେ, ସେମାନେ ତାଙ୍କର ନିତାନ୍ତ ଗରିବ ଆବହାଓଆ ଦେଖି ପ୍ରଥମେ ତଟସ୍ଥ ହୋଇ ଯାଉଥିଲେ । ସେମାନଙ୍କ ପାଇଁ ଓଡ଼ିଶାର ଦେଶ ମିଶ୍ରଣ ପ୍ରସଙ୍ଗ, ପ୍ରସଙ୍ଗ ହୋଇ ବି ନଥିଲା । ଗଞ୍ଜାମ ଜିଲ୍ଲାଟା ମାଦ୍ରାଜ ପ୍ରେସିଡ଼େନ୍‌ସିରେ ରହୁ କି ବଙ୍ଗୋପସାଗରରେ ସାମିଲ ହେଉ, ଏଥିପାଇଁ ସେମାନଙ୍କର ପରବାୟ ନଥିଲା । ସେ ଦିଗକୁ ସେମାନଙ୍କର ନିଘା ବି ନ ଥିଲା । ସହରୀ ଶିକ୍ଷିତ ଚାକିରୀ ଲାଳସୀ ମଧବିତ୍ତ ତେଲୁଗୁଭାଷୀ ଥିଲେ ବ୍ରହ୍ମପୁର, ଛତ୍ରପୁର ଭଳି ସହରମାନଙ୍କରେ । ସେମାନେ ଓଡ଼ିଶା ଦେଶମିଶ୍ରଣର ବିରୋଧୀ ଥିଲେ । ଆସିକାର କିଛି କିଛି କୁମୁଟି ମହାଜନ, କିଛି କାଳିଞ୍ଜି ଚାଷୀ ତେଲୁଗୁ ଭାଷା କହୁଥିଲେ, ବୁଝୁଥିଲେ । ସେମାନେ ପ୍ରକୃତରେ ଥିଲେ କଳିଙ୍ଗି । ବ୍ରହ୍ମପୁର ଓ ଛତ୍ରପୁର ଆଉ ପାରଳାଖେମୁଣ୍ଡି, ଗୁଣୁପୁର, ରାୟଗଡ଼ା ପ୍ରଭୃତି ସହରମାନଙ୍କର ଯେଉଁଠି ଓଡ଼ିଆଭାଷୀ ଓ ତେଲୁଗୁଭାଷୀଙ୍କ ଭିତରେ ସଂଖ୍ୟା ଉଣିଶ ବିଶ୍ ଅଥବା ଦଶଣା ଛଅଣା, ସେଠାରେ ମଧ ପ୍ରତ୍ୟେକ ଓଡ଼ିଆ ତେଲୁଗୁ ଭାଷା ବୁଝୁଥିଲେ, କହୁଥିଲେ । ତେଲୁଗୁମାନେ ଓଡ଼ିଆ ଭାଷା ବୁଝୁଥିଲେ; କିନ୍ତୁ ଆପଣାର ଆଭିଜାତ୍ୟ (ବିଲାତି ରାଜାର ପାରିଷଦ ଜନିତ) ବଂଶରୁ କହିବାକୁ ଅଭ୍ୟାସ କରୁ ନ ଥିଲେ । ତେଣୁ ସେମାନଙ୍କର ଓଡ଼ିଆ ଭାଷା, କେତେବେଳେ ଯଦି ତାଙ୍କ ପାଟିରୁ ବାହାରୁ ଥିଲା ତେବେ ତାହା ବିକୃତ ବାଚନଭଙ୍ଗୀ, ଉଚ୍ଚାରଣ ଓ ଶବ୍ଦ ଯୋଜନା ଧରି

Digitized by srujanika@gmail.com

ବାହାରୁଥିଲା ଓ ତାହା ହିଁ ଶିକ୍ଷିତ ଓଡ଼ିଆ ମହଲରେ ହସବୃଷ୍ଟିର କାରଣ ହେଉଥିଲା। ତେଣୁ ତେଲୁଗୁଭାଷୀ ମହକିଲମାନେ ବିଶ୍ୱନାଥ ପ୍ଲିଡ଼ରଙ୍କୁ ଜଣେ ତେଲୁଗୁ ଦ୍ରୋହୀ ଭାବରେ ଦେଖୁ ନ ଥିଲେ। କୋର୍ଟ କଚେରୀରେ ସେ କେଉଁ ଭାଷାରେ ବାଦନା କରିବେ ଓ ଅର୍ଜିପେଶ୍ କରିବେ, ତାହାର ଏକମାତ୍ର ବିଗ୍ଭର ନିଷ୍ପତ୍ତି ଥିଲା, ସେ ଭଳି ଅର୍ଜି ଗ୍ରାହ୍ୟ ହେବ କି ନାହିଁ ଓ ତାହା ଫଳରେ ଦାବୀ (ମକଦ୍ଦମା)ରେ ଅର୍ଜି ପେଶ୍‌କାରୀର ଲାଭ ହେବ କି କ୍ଷତି ହେବ।

ଓଡ଼ିଆ ମହକିଲମାନଙ୍କ କ୍ଷେତ୍ରରେ ବିଗ୍ଭର ଥିଲା ସ୍ୱତନ୍ତ୍ର। ଏମାନଙ୍କ ଭିତରେ କିଛି ରାଜାରାଜୁଡ଼ା ବଂଶୀୟ ଓ ତାଙ୍କର ଭାଇ ବିରାଦର ଥିଲେ, ଯେଉଁମାନେ ପ୍ରାୟ ସମ୍ବଳଶୂନ୍ୟ ଥିଲେ। ଏମାନଙ୍କର ମକଦ୍ଦମାରେ ଏମାନଙ୍କର ବଂଶ ମର୍ଯ୍ୟାଦା ଯୋଗୁଁ କେହି ଓକିଲ ଯେ ତାହାର ଫିସ୍ କୋହଳ କରିଦେବ, ଏକଥା ମନେ ମନେ ପାଞ୍ଚୁଥିଲେ; କିନ୍ତୁ ଆଶା କରୁ ନ ଥିଲେ। ଯାହାର ଟିକିଏ ଶକତ ମାମଲା ପଡୁଥିଲା; ସେ ବୁଝି ନେଉଥିଲା ଯେ ବିଶ୍ୱନାଥ ମିଶ୍ର ଗ୍ଭରି ଅଣା ପ୍ଲିଡ଼ର ହେଲେ, ବାର ଅଣା ଦେଶହିତୈଷୀ ସେବକ। ଏଭଳି ସ୍ଥଳେ ଷୋଳ ଅଣା ପ୍ଲିଡ଼ର ପାଖରେ କେସର ଭାର ନ ଦେଇ ଗ୍ଭରି ଅଣା ପ୍ଲିଡ଼ର ପାଖରେ କେଶ୍ ଦେବାର କାରଣ ବା କ'ଣ ଥାଇପାରେ ? ଯେଉଁ ଲୋକ କୌଣସି ନିର୍ଦ୍ଦିଷ୍ଟ ଲୋକ ପାଖକୁ ନିର୍ଦ୍ଦିଷ୍ଟ କାର୍ଯ୍ୟର ସମାଧାନରେ ଯାଏ, ସେ ଅବଶ୍ୟ ଜାଣିବାକୁ ଗ୍ଭହେଁ ଯେ ଉକ୍ତ ଲୋକ ଉକ୍ତ କାର୍ଯ୍ୟର ସମାଧାନରେ କେତେଦୂର ଯୋଗ୍ୟ, କେତେ ଧୁରନ୍ଧର। ଉକ୍ତ ଲୋକ ଯଦି ପଇସା ପତ୍ର ବିଷୟରେ ବିଶେଷ ଝିକ୍ ଝିକ୍ ନ କରେ; ତେବେ ତାହା ପାଖରେ ଏପରି ମକଦ୍ଦମା କୁଢ଼େଇ ହୋଇପଡ଼େ। ସେପରି ସ୍ଥଳେ ମହକିଲ କେବେ ପ୍ରଶ୍ନ କରେ ନାହିଁ। 'ପ୍ଲିଡ଼ର ଆମିଷାଶୀ କି ନିରାମିଷାଶୀ', ତୁଳସୀ ମାଳି ପିନ୍ଧେ କି ନ ପିନ୍ଧେ, ମଦ ପିଏ ନାଁ ଘୋଟା ଭାଙ୍ଗ ଖାଏ ଇତ୍ୟାଦି। ମୋଟ ଉପରେ ସେଠାରେ ଓକିଲର ଯୋଗ୍ୟତା ହିଁ ଏକମାତ୍ର ମାପକାଠି।

ତେବେ ବି ଅଳ୍ପ ଫିସ ବିଗ୍ଭରରୁ ଆଶା କରି ହେଉ ଅଥବା ଦେଶମିଶ୍ରଣର କର୍ମୀ ହିସାବରେ ସାହାଯ୍ୟ କରିବାକୁ ହେଉ. ବିଶ୍ୱନାଥ ମିଶ୍ରଙ୍କ ପାଖକୁ ଓଡ଼ିଆ ମହକିଲ ଆସିବାକୁ ଆରମ୍ଭ କରିଥିଲେ। ଦେଖାଗଲା ଯେ ଓକିଲାତିବେଳେ ଷୋହଳ ଅଣା ଓକିଲ, ଆଉ ଦେଶସେବାବେଳେ ଷୋଳ ଅଣା ଦେଶସେବୀ। ବହୁ ଓକିଲାତି ବ୍ୟବସାୟୀ କହିବାର ଶୁଣାଯାଇଛି ଯେ ଆଇନ ଏକ ଅକଡବାଦୀ କାର୍ଯ୍ୟ । ଆଇନ ବ୍ୟବସାୟରେ ଆଉ କୌଣସି କାର୍ଯ୍ୟ ସମାନ୍ତରଭାବରେ ଚଳି ପାରେ ନାହିଁ; କିନ୍ତୁ ଭାରତୀୟ

Digitized by srujanika@gmail.com

ସାଧାରଣସେବୀଙ୍କ ଜୀବନରେ ଏହି ଯୁକ୍ତି ପାଇଁ କୌଣସି ପ୍ରମାଣ ନାହିଁ;ବରଂ ଏକଥା ଦେଖାଯାଇଛି ଯେ ଆଇନ ବ୍ୟବସାୟ ସେକାଳର ରାଜନୀତିକ କାର୍ଯ୍ୟ ଓ ଦେଶ ସେବାପାଇଁ ସାହାଯ୍ୟକାରୀ ହୋଇଛି । ସେ କାଳର ଦେଶସେବୀମାନଙ୍କ ଭିତରୁ ବିପୁଳ ସଂଖ୍ୟକ ବ୍ୟକ୍ତି ସମାନ୍ତରଭାବରେ ଆଇନ ବ୍ୟବସାୟୀ ଓ ଦେଶସେବା କରି ଆସିଛନ୍ତି । ଭାରତୀୟ ଦେଶପ୍ରେମୀ ଆନ୍ଦୋଳନରେ ଏଭଳି ଦୃଷ୍ଟାନ୍ତ ଏତେ ପ୍ରଚୁର ଯେ ତାହା ପାଇଁ ଗୋଟିଏ ଯୋଡ଼ିଏ ଉଦାହରଣ ଦେବା ବାହୁଲ୍ୟ ମାତ୍ର ।

ବିଶ୍ୱନାଥ ମିଶ୍ର ଥିଲେ ଏକନିଷ୍ଠ ଅଧିବସାୟୀ । ସେ ଜାଣିଥିଲେ ଆଇନ ବ୍ୟବସାୟରେ ତାଙ୍କର ପଟୁତା ହିଁ ତାଙ୍କୁ ତାଙ୍କର ଦେଶସେବା କାର୍ଯ୍ୟରେ ସାହାଯ୍ୟ କରିବ । ତେଣୁ ସେ ନିଷ୍ଠାପର ଭାବରେ ଉକ୍ତ ବ୍ୟବସାୟ ଧରି ପଡ଼ି ରହିଲେ । ସେହି ବ୍ୟବସାୟ ପାଇଁ ଆବଶ୍ୟକୀୟ ଧୈର୍ଯ୍ୟ, ସହିଷ୍ଣୁତା, ଜନବତ୍ସଳତା ତାଙ୍କଠାରେ ଭରପୂର ଥିଲା । କୋର୍ଟ କଚେରୀରେ ତାଙ୍କର ଧୀର ଗମ୍ଭୀର ଆଳାପ ତାଙ୍କର ସ୍ୱାଭାବିକ ସ୍ମିତ ହାସ୍ୟ, ସୌଜନ୍ୟ ଓ ବନ୍ଧୁଜନ ପ୍ରୀତି ତାଙ୍କୁ ସମସ୍ତଙ୍କର ଅତ୍ୟନ୍ତପ୍ରିୟ କରିଥିଲା । ଏହା ହିଁ ଥିଲା ତାଙ୍କର ଯାଦୁବିଦ୍ୟାର ଷୋଡ଼ଶୋପଚାର । ଛଅ ମାସ ଭିତରେ ଦେଖାଗଲା ଯେ କେବଳ ଆସିକାର ତାଲୁକ କୋର୍ଟ ନୁହେଁ, ଗଞ୍ଜାମର ବିଭିନ୍ନ ଜାଗାକୁ ଯିବା ପାଇଁ ତାଙ୍କୁ ଡାକରା ଆସିଥିଲା । ସେକାଳରେ ଗଞ୍ଜାମ ଜିଲ୍ଲାରେ ଏବକାଳ ଭଳି ଗାଁ ଗହଳ, ସହର ବଜାରକୁ ବସ ରାସ୍ତା ଫିଟି ନ ଥିଲା । ଛତ୍ରପୁର, କୋଦଳା, ଖଲିକୋଟ, ବ୍ରହ୍ମପୁରର କୋର୍ଟ କଚେରୀରେ ଯେଉଁସବୁ ମକଦ୍ଦମା ପଡୁଥିଲା, ସେଠାକୁ ଯିବା ପାଇଁ ଶଗଡ଼ ଗାଡ଼ି, ଝଟକା ଓ ଦରକାର ପଡ଼ିଲେ ସାଇକେଲରେ ଯିବାକୁ ପଡୁଥିଲା; କିନ୍ତୁ ଏ ସମସ୍ତ ଅସୁବିଧାର ତାଡ଼ନା ସତ୍ତ୍ୱେ ବିଶ୍ୱନାଥ ଆପଣାର ଆଇନ ବ୍ୟବସାୟର ସମସ୍ତ ଅବଦାର ମେଣ୍ଟାଇବାକୁ ସକ୍ଷମ ହୋଇଥିଲେ ।

(ଆଠ)

ବାରିଷ୍ଟର ବିଶ୍ୱନାଥ ଶ୍ରାଦ୍ଧ ସ୍ମରଣିକାରେ (୧୯୭୬) ତାଙ୍କର ଜଣେ ଅନୁରାଗୀ କନିଯନ ଲୋକ ସାମ୍ବାଦିକ ଉଦୟନାଥ ଷଡ଼ଙ୍ଗୀ ଗୋଟିଏ ଅତି ଉପାଦେୟ ଉଦାହରଣ ଅଜାଣତରେ ଦେଇଛନ୍ତି । ଏହା ଥିଲା ୧୯୧୫ବା ୧୬ର ଘଟଣା । ସେତେବେଳେ ବୋଧହୁଏ ବାରିଷ୍ଟର ବିଶ୍ୱନାଥ ମିଶ୍ରେ କଲିକତା ହାଇକୋର୍ଟ ଛାଡ଼ି ସାମୟିକ ଭାବରେ କଟକ ବାର୍‌ରେ ଯୋଗ ଦେଇଥିଲେ । ସେତେବେଳେ ଉଦୟନାଥ ଥିଲେ କାଠଯୋଡ଼ୀ ହଷ୍ଟେଲ ଆବାସୀ ସ୍କୁଲ ଛାତ୍ର । ସେତେବେଳକୁ ଫକୀରମୋହନଙ୍କର ଉକ୍ଳ ଭ୍ରମଣରେ

Digitized by srujanika@gmail.com

ବି.ଏନ୍.ମିଶ୍ର ଗୁଡ୍ ବାୟ ଗୁଡ୍ ବାୟ' ଓଡ଼ିଶାର ପାଠପଢ଼ା ମହଲରେ ଖେଳି ଯାଇଥାଏ। ପ୍ରଥମ ଓଡ଼ିଆ ଜଣେ ବିଲାତରୁ ବାରିଷ୍ଟରୀ ପଢ଼ି ଆସିଛନ୍ତି, ସେ କିପରି ମଣିଷ ହୋଇଥିବେ, ଏକଥା ଥିଲା ଉଦୟନାଥଙ୍କର ବଡ଼ କୌତୂହଳ। କଟକରେ ସେ ସେଥିପାଇଁ ବାରିଷ୍ଟର ସାହେବଙ୍କର 'ଭାରତୀ କୋଠା' ସାମନା କାଠଯୋଡ଼ି କୂଳ ରାସ୍ତାରେ ବହୁବାର ଯିବା ଆସିବା କରିଥିଲେ। ହଠାତ୍ ଦିନେ ସେହି ବାରିଷ୍ଟର ତାଙ୍କର କାଠଯୋଡ଼ୀ ହଷ୍ଟେଲରେ ପହଞ୍ଚିଲେ। ସିଧାସଳଖ କଚେରୀରୁ ହାକିମର ମିସଲରୁ ବୋଲି କହିଲେ ଚଳେ। ମାଗିଲେ ଖଣ୍ଡେ ଗାମୁଛା ଆଉ ଲୋଟାଏ ପାଣି। ପାଇଖାନା ଯିବେ। ଆପଣାର ଓକିଲ ପୋଷାକ ଗାଉନ୍, ଟାଇ, ପେଣ୍ଟ ଖୋଲି ରଖିଲେ। ପିଲାଙ୍କର ଅସୁବିଧା ପାଇଁ ମାଫି ମାଗି କହିଲେ "ପେଟଟା ଖରାପ ଥିଲା, ଝାଡ଼ା ହେଉଛି; କିନ୍ତୁ ତଥାପି କଚେରୀକୁ ଆସିବାକୁ ହେବ। ନ ହେଲେ ମହକିଲ ବିଚରାର ବହୁତ କ୍ଷତି ହୋଇ ଯାଇଥାନ୍ତା।" ସେଇଠି ସାଙ୍ଗ ସାଥୀଙ୍କଠାରୁ ସ୍କୁଲଛାତ୍ର ଉଦୟନାଥ ଷଡ଼ଙ୍ଗୀ ଜାଣିଲେ ଏଇ ସିଏ କରିତ୍‌କର୍ମା ବାରିଷ୍ଟର। ଚକ୍ଷୁ ଓ କର୍ଣ୍ଣର ବିବାଦ ମେଣ୍ଟିଗଲା।

ମହକିଲର କ୍ଷତି ହୋଇଯିବା ଦାୟରେ ଅସୁସ୍ଥତା ଯୋଗୁଁ ମଧ୍ୟ କୋର୍ଟକୁ ଆସିବାର ଉଦାହରଣ କେତେଜଣ ବାରିଷ୍ଟର, ବାରିଷ୍ଟର କାହିଁକି କେତେଜଣ ନିତାନ୍ତ ଜୁନିୟର ମୁକ୍ତିଆରଙ୍କର ଜୀବନର ଘଟଣା ଭାବରେ ଘଟିଛି ? ବରଂ ଏଭଳି କ୍ଷେତ୍ରରେ ମଧ୍ୟ ଯେପରି ଜଣା ପଡୁଛି ମହକିଲ ସେପରି ସମ୍ପତ୍ତିବାନ୍ କିମ୍ବା ପ୍ରତିପତ୍ତିଶାଳୀ ଲୋକ ନଥିଲା। ନଚେତ୍ ସେ ତ ନିଶ୍ଚୟ ମହଲତ କରାଇ ନେଇ ପାରି ଥାଆନ୍ତେ। ଏଭଳି କ୍ଷେତ୍ରରେ ଭକଲାତନାମା ପାଇଁ ଏଭଳି ନିଷ୍ଠା ବୋଧହୁଏ ଆଇନ ବ୍ୟବସାୟ ଜଗତରେ ବିରଳ। ୧୯୧୫-୧୬ ମସିହା ବେଳର ପ୍ରତିଷ୍ଠିତ ବାରିଷ୍ଟରଙ୍କର ଏଭଳି କର୍ତ୍ତବ୍ୟନିଷ୍ଠା ଓ କର୍ମପରାୟଣତା ନିଶ୍ଚିତଭାବରେ ଏକ ସନିର୍ବନ୍ଧ ଅଭ୍ୟାସ ଯୋଗୁଁ ଘଟିଥିଲା। ତେଣୁ ଆପଣାର ପ୍ରତିଶ୍ରୁତି-ଦୃଢ଼ତା, ନିୟମାନୁବର୍ତ୍ତିତା ଅନ୍ୟମାନଙ୍କୁ କୌଣସି ପ୍ରକାର ଅସୁବିଧାରେ ନ ପକାଇବାରେ ସୌଜନ୍ୟ ଯୋଗୁଁ ଓକିଳ ବିଶ୍ୱନାଥ ସମସ୍ତଙ୍କୁ କିଣି ନେଇଥିଲେ। ଏଇ ସରଳ ଚରିତ୍ରିକ ଉପାଦାନ ହିଁ ଥିଲା ତାଙ୍କ ବ୍ୟବସାୟର କାଉଁରି କାଠି। ସେହି ଉପାଦାନ ତାଙ୍କୁ ସକଳ କାର୍ଯ୍ୟରେ ସଫଳ ଓ ବିଜୟୀ କରିଥିଲା। ଆସିକାରେ ସେ ଆଇନ ବ୍ୟବସାୟୀର ଯେଉଁ ଆଚରଣ ବିଧି ନିଜ ପାଇଁ ନିଜେ ସୃଷ୍ଟି କରିଥିଲେ; ତାହାକୁ ସେକାଳରେ ଅଥବା ଆଜିର କାଳରେ ବହୁ ବିଜ୍ଞ ଓକିଲମାନେ ଅତିରେକ ମନେକରିବା ବିଚିତ୍ର ନୁହେଁ। ତେଣୁ ତାଙ୍କର ଉଦାହରଣ କେବଳ ବ୍ୟତିକ୍ରମ ହୋଇ ରହିଯାଇଛି।

Digitized by srujanika@gmail.com

ହେଲେ ହେଁ ସେହି ଆଚରଣ ବିଧିର ସୂତ୍ରଧରି ଯୁବକ ପ୍ଲିଡ଼ର ବିଶ୍ୱନାଥ ଆସିକାରେ ଅତି ଶୀଘ୍ର ଆପଣାର ପ୍ରତିଷ୍ଠାକୁ ଜାହିର କରିଥିଲେ। କ୍ରମେ କ୍ରମେ ମୋହରିର ଆସିଲେ। ଘରବାଡ଼ି କିଣା ହେଲା। ଓକିଲାତି ବ୍ୟବସାୟର ନ ହେଲେ ନ ଚଳେ ପୋଥିପତ୍ର, ନଜୀର ବହି, ଆଲମାରୀ ଆସବାବ ସବୁ ତାଙ୍କର ଓକିଲ ବୈଠକଖାନାରେ ସଜ୍ଜିତ ହେବାରେ ଲାଗିଲା। ଆସିକାରେ ତାଙ୍କର ଆବାସ ପ୍ରତ୍ୟୁଷ ଠାରୁ କେବଳ କଚେରୀ ସମୟ ଓ ରାତ୍ରି ଚ୍ଛରି ପାଞ୍ଚ ଘଣ୍ଟା ବିଶ୍ରାମ ସମୟ ଛାଡ଼ିଦେଲେ ଅନ୍ୟ ସବୁବେଳେ କର୍ମଚଞ୍ଚଳ ହୋଇ ରହିଲା।

ସେତେବେଳେ ଗଞ୍ଜାମ ଜିଲ୍ଲାର କୋର୍ଟ କଚେରୀର ସ୍ଥାନ ଦପ୍ତର ଥିବା ସ୍ଥାନରେ ସୀମାବଦ୍ଧ ନ ଥିଲା। ମାଜିଷ୍ଟ୍ରେଟ ଓ ମୁନସଫମାନେ ବିଶେଷତଃ ସେବ କାଳର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟମାନେ ମଫସଲ ଅଞ୍ଚଳରେ ବୁଲି ବୁଲି କୋର୍ଟ କଚେରୀ କରୁଥିଲେ। ଏଭଳି ଚଳଣି କଟକ, ପୁରୀ, ବାଲେଶ୍ୱର ଇତ୍ୟାଦି ତାତ୍‌କାଳିକ ବଙ୍ଗ ପ୍ରଦେଶର ଓଡ଼ିଶା ଡିଭିଜନ ଅଞ୍ଚଳରେ ପ୍ରଚଳିତ ଥିବାର ଜଣାଶୁଣା ନାହିଁ; କିନ୍ତୁ ଗଞ୍ଜାମ ଜିଲ୍ଲାର ଏଭଳି ଚଳଣି ଥିଲା ଓ ଓଡ଼ିଶା ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ ଆଉ ଗଞ୍ଜାମ ଜିଲ୍ଲା ସମେତ ପାରଳାଖେମଣ୍ଡି ଓ ଜୟପୁର ପ୍ରଭୃତି ସ୍ଥାନ ଓଡ଼ିଶାରେ ମିଶିଲା ପରେ ମଧ ଏହି ଚଳଣି ଚ୍ଛଲି ଆସିଥିଲା। ବୋଧହୁଏ ମହକିଲ ଓକିଲ ଓ ସାକ୍ଷୀମାନଙ୍କର ସୁବିଧା ଦୃଷ୍ଟିରୁ ଓ ଅରଣ୍ୟାନୀମୟ ବିଶାଳ ଜିଲ୍ଲାର ସବୁ ଅଞ୍ଚଳକୁ ଯିବା ଆସିବାର ସୁବିଧା ନ ଥିବାରୁ ଏଭଳି ବ୍ୟବସ୍ଥା ଚଳୁଥିଲା। (ଏବେ ଏ ବ୍ୟବସ୍ଥା ଥିବାର ଜଣା ପଡୁନାହିଁ) ତେଣୁ ଜଣେ ମାଜିଷ୍ଟ୍ରେଟ ଆପଣାର ଅଫିସ ଗୁମାସ୍ତା, ପିଅନକୁ ଧରି ମଫସଲ ଅଞ୍ଚଳକୁ ଗଲେ ତାଙ୍କୁ ଗସ୍ତ ଖର୍ଚ୍ଚ ତ ସରକାର ତରଫରୁ ମିଳୁଥିଲା, ଅନ୍ୟପକ୍ଷରେ ପକ୍ଷମାନଙ୍କର ଓ ସେମାନଙ୍କର ଓକିଲ ସାକ୍ଷୀ ଇତ୍ୟାଦିମାନଙ୍କର ସୁବିଧା ହେଉଥିଲା ଓ ମହକିଲମାନେ ବହୁ ଖର୍ଚ୍ଚାନ୍ତରୁ ରକ୍ଷା ପାଉଥିଲେ।

ହେଲେ ଏଭଳି ବ୍ୟବସ୍ଥାର ଗୋଟିଏ ଅସୁବିଧା ଅଛି। ଯେଉଁ ଓକିଲଙ୍କର ଗୋଟିଏ ଦିନରେ ଏକାଧିକ କେସ୍ ରହିଛି ସେ ହେଡ୍ କ୍ୱାର୍ଟରସ୍‌ରେ ରହିଲେ ତ ଉକ୍ତ କେସ୍ ଗୁଡ଼ିକ ସମ୍ଭାଳିବା କଷ୍ଟକର। ତାଙ୍କୁ ପୁଣି ଯଦି କେସ୍ ଉପଲକ୍ଷ୍ୟରେ ଏକାଦିନକେ କୋଦଳାଠାରୁ ଛତ୍ରପୁରଯାଏ ଯିବାକୁ ପଡ଼େ, ତେବେ ତାଙ୍କର ନାଁ କେସ୍‌ର କାର୍ଯ୍ୟ କୋଦଳାଠାରେ ହେବ ନାଁ ଛତ୍ରପୁରଠାରେ ହେବ ! ୧୯୩୬ ବେଳକୁ ଅବଶ୍ୟ ଗଞ୍ଜାମ ଜିଲ୍ଲାରେ ଓଡ଼ିଶାର ଅନ୍ୟସବୁ ଜିଲ୍ଲାଠାରୁ ଅଧିକ ସ୍ୱଚ୍ଛଳ ଓ ଉନ୍ନତ

Digitized by srujanika@gmail.com

ମଟର ବସ୍ ବ୍ୟବସ୍ଥା ହୋଇଯାଇଥିଲା । ଏହାର ବହୁ ପୂର୍ବରୁ ଗଞ୍ଜାମ ଜିଲା ବୋର୍ଡ଼ଙ୍କର ସୁଦକ୍ଷ ପରିଚାଳନାରେ ସେଠାର ରୋଡ଼୍‌ଗୁଡ଼ିକ ବେଶ୍ ବ୍ୟବହାର ଉପଯୋଗୀ ହୋଇଥିଲା । ତଥାପି ଜଣେ ଓକିଲଙ୍କୁ ତାଙ୍କର ମୋଟରଗାଡ଼ି ରଖିବାକୁ ପଡୁଥିଲା ଓ ସେଥିରେ ଆପଣାର ମୋହରିର, ମହକିଲ, ସାକ୍ଷୀ ଇତ୍ୟାଦିଙ୍କୁ ଧରି ଦିନକେ ଏକାଧିକ କୋର୍ଟରେ ଯୋଗଦେବାକୁ ପଡୁଥିଲା । ଅବଶ୍ୟ ସେପରି କାର୍ଯ୍ୟବ୍ୟସ୍ତ ଓକିଲ କେସ୍ ଆପଣାର ଫାଇଲରେ ଥିବା ଓକିଲଙ୍କ ପାଇଁ ଏକଥା ସିନା ଖଟିବ । ଖରାଖିଆ ବୈଦ୍ୟନାଥଙ୍କ ପାଇଁ ତ ଏହା ଖଟିବ ନାହିଁ ।

ଓକିଲାତି ପ୍ରସାର ସଙ୍ଗେ ସଙ୍ଗେ ୧୯୦୭ ମସିହାର ଶେଷବେଳକୁ ଏକଦା ନିଃସମ୍ବଳ ଓ ପ୍ରାୟ ସହାୟହୀନ ବିଶ୍ୱନାଥ ମିଶ୍ରେ ଆସିକାରେ ଏକ ପ୍ରତିଷ୍ଠିତ ନାମଡ଼ାକ ଓକିଲ ହୋଇଗଲେ । ଗାଁରୁ ତାଙ୍କର ପରିବାରଙ୍କୁ ଆସିକା ଆଣିବା ଦରକାର ପଡ଼ିଲା । ସେତେବେଳକୁ ବଡ଼ ପୁଅ ନୀଳକଣ୍ଠର ବୟସ ପାଞ୍ଚ ବର୍ଷ । ତାହା ପରର ଗୋଟିଏ ଝିଅ ତରାର ଜନ୍ମର ଅଳ୍ପଦିନ ପରେ ମୃତ୍ୟୁ ହୋଇଯାଇଥିଲା । ତାଙ୍କ ସ୍ତ୍ରୀଙ୍କର ସେତେବେଳେ ରୁଗ୍‌ଣ ଅବସ୍ଥା ଓ ସେ ପୁଣି ଅନ୍ତଃସତ୍ତ୍ୱା ଥିଲେ । ତେଣୁ ତାଙ୍କର ସ୍ୱାସ୍ଥ୍ୟ ଦୃଷ୍ଟିରୁ ତାଙ୍କୁ ମଧ୍ୟ ସାଙ୍ଗରେ ରଖିବା ଦରକାର ପଡ଼ିଲା । ବିଶ୍ୱନାଥଙ୍କର ପାରିବାରିକ ଜଞ୍ଜାଳ ବଢ଼ିଲା ଓ ତାହା ସଙ୍ଗେ ସଙ୍ଗେ ଗାଁର ବୃଦ୍ଧ ପିତା ଓ ଅଗ୍ରଜ ଦୟାନିଧି ଓ ତାଙ୍କର ପରିବାର ଓ ଭାଇ ଭଉଣୀଙ୍କର ବିଭିନ୍ନ ପ୍ରକାର ଅସୁବିଧା ଥିଲା; କିନ୍ତୁ ତଥାପି ସେ ଯେଉଁ ଲକ୍ଷ୍ୟ ଘେନି ଆସିକାରେ ଆପଣାର ଜୀବନ ବୃତ୍ତି ଆରମ୍ଭ କରିଥିଲେ, ସେହି ଲକ୍ଷ୍ୟରୁ ତିଳେ ମାତ୍ର ଚ୍ୟୁତି ହୋଇ ନ ଥିଲା ।

ତେବେ ଗଞ୍ଜାମର ଦେଶମିଶ୍ରଣ ଆନ୍ଦୋଳନ ଭିତରେ ଯେଉଁ ତ୍ରୁଟି ଥିଲା ତାହାର ସଂଶୋଧନ କରିବା ଥିଲା ଏକ ଗମ୍ଭୀର କାର୍ଯ୍ୟ । ବିଶ୍ୱନାଥ ପ୍ରଥମେ ତାହାରି ଉପରେ ହିଁ ଆପଣାର କର୍ମପନ୍ଥାର ମୂଳଦୁଆ ଗଢ଼ିଲେ ।

■■■

ଦେଶମିଶ୍ରଣ ଆନ୍ଦୋଳନର ଅନ୍ତରାଳରେ

(ଏକ)

ଗଞ୍ଜାମ ଜିଲ୍ଲାରେ ଦେଶମିଶ୍ରଣ ଆନ୍ଦୋଳନର ପରିଚାଳନା ଥିଲା ଏକ ବିପଦପୂର୍ଣ୍ଣ କାର୍ଯ୍ୟ। ବିପଦ କେବଳ ଦେଶମିଶ୍ରଣ–ବିରୋଧୀ, ଭିନ୍ନ ଭାଷାଭାଷୀ ଚାକିରୀଜୀବୀ ଓ ସେମାନଙ୍କର ପରିବାର ପକ୍ଷରୁ ଆସୁ ନ ଥିଲା। ବିପଦର ପ୍ରଧାନ ଉତ୍ସ ଥିଲା ଖୋଦ୍ ଦେଶମିଶ୍ରଣ ଆନ୍ଦୋଳନର ଅଭ୍ୟନ୍ତରରେ। ଏହି ବିପଦର ସତର୍କ ଘଣ୍ଟି ବିଶ୍ୱନାଥଙ୍କର ଓକିଲାତି ଜୀବନର ଆରମ୍ଭର ପହିଲି ପ୍ରତ୍ୟୁଷରୁ ବାଜି ସାରିଥିଲା। ଗଞ୍ଜାମ ଉତ୍କଳ ସମିତିର ଯେଉଁ ସ୍ୱତନ୍ତ୍ର ବୈଠକରେ ବିଶ୍ୱନାଥ ମିଶ୍ର ଓ ହରିହର ପଣ୍ଡା ଓକିଲଦ୍ୱୟ ଓଡ଼ିଆ ଭାଷାରେ ଆଇନ ବ୍ୟବସାୟର ସମସ୍ତ ଦଲିଲ ଦସ୍ତାବିଜ୍ ଓ ଅର୍ଜି ଆଦି ପ୍ରସ୍ତୁତ କରିବାକୁ ଓ କୋର୍ଟ କଚେରୀରେ ଓଡ଼ିଆ ଭାଷାକୁ ବ୍ୟବହାର କରିବାକୁ ଅନ୍ୟ ଓଡ଼ିଆ ଓକିଲମାନଙ୍କୁ ଅନୁରୋଧ କରି ପ୍ରସ୍ତାବ ଗ୍ରହଣ କରିଥିଲେ, ସେହି ସ୍ୱତନ୍ତ୍ର ବୈଠକରେ ଗଞ୍ଜାମ ଜିଲ୍ଲାର ଓଡ଼ିଆ ଛାତ୍ରମାନଙ୍କ ପାଇଁ ଏକ ଛାତ୍ରବୃତ୍ତି ଫଣ୍ଡ ସୃଷ୍ଟି କରିବାର ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସଭାରେ ସେକାଳର 'ପ୍ରଜାବନ୍ଧୁ'ର ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଓ ଦେଶସେବୀ ସ୍ୱର୍ଗୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ପ୍ରଧାନ ଉଦ୍ୟୋଗୀର ଭୂମିକା ଗ୍ରହଣ କରିଥିଲେ।

ସେ କାଳର ଇଂରାଜି ସାପ୍ତାହିକ 'Star of Utkal' ରେ ତା ୧୩। ୧। ୧୯୦୬ ରେ ପ୍ରକାଶିତ ସମ୍ବାଦର ଗୋଟିଏ ଉଦ୍ଧୃତି ଆଗରୁ ପ୍ରକାଶ କରାଯାଇଛି। ସେହି ଉଦ୍ଧୃତିରେ ଉକ୍ତ ଓକିଲ ବିଶ୍ୱନାଥ ମିଶ୍ର ଓ ହରିହର ପଣ୍ଡାଙ୍କୁ ସାଧୁବାଦ ଦିଆଯାଇଥିଲା ଓ ସେମାନଙ୍କର ସ୍ୱାର୍ଥତ୍ୟାଗ ଯୋଗୁଁ ସେମାନେ ଯେ କ୍ଷତିର ସମ୍ମୁଖୀନ ହୋଇଛନ୍ତି, ତାହା ସୂଚାଇ ଦିଆ ଯାଇଥିଲା।

ତେବେ ଉକ୍ତ ସମ୍ବାଦର ଆଉ ଗୋଟିଏ ଉଦ୍ଧୃତି ହେଉଛି, "ଆମ୍ଭେମାନେ ଶୁଣିବାକୁ ପାଉଛୁଁ ଏହି ବୈଠକରେ ମାତ୍ର ଆଠ ଜଣ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। 'ପ୍ରଜାବନ୍ଧୁ' ଏହି ବୈଠକକୁ ଗଞ୍ଜାମ ଉତ୍କଳ ସମାଜର ବିଶେଷ ବୈଠକ ଆଖ୍ୟା ଦେଇଛନ୍ତି। ଏହି ବୈଠକରେ କ'ଣ ଖଲିକୋଟ ରାଜା ସାହେବ ସଭାପତି ହେବାକୁ

Digitized by srujanika@gmail.com

ଅସ୍ୱୀକାର କରିବାରୁ ମଞ୍ଜୁଷାର ରାଜାଙ୍କୁ ସଭାପତି ପଦ ଯଗ୍ର ଯାଇଥିଲା ? ଆମ୍ଭମାନଙ୍କୁ କ'ଣ ଧରି ନେବାକୁ ହେବ ଯେ ଏହି ଆଠ ଜଣିଆ ବୈଠକ ହେଉଛି ସାରା ଗଞ୍ଜାମ ପ୍ରତିନିଧି ସ୍ଥାନୀୟ ବୈଠକ ? ବାବୁ ବିଶ୍ୱନାଥ ମିଶ୍ର ଓ ହରିହର ପଣ୍ଡା, ଆଉ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଦେଶ ପାଇଁ କଠିନ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି; କିନ୍ତୁ ସେମାନେ ଗଞ୍ଜାମ ଉତ୍କଳ ସମାଜ ନାମରେ କିଛି କରିବାକୁ ପ୍ରସ୍ତାବ କଲାବେଳେ ଏହି ସମାଜର ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କର ଖଲିକୋଟ ଓ ଧରାକୋଟ ରାଜାମାନଙ୍କର ମତାମତ, ପରାମର୍ଶ ଗ୍ରହଣ କରିବା ଉଚିତ। ସେମାନେ ଶିକ୍ଷା ଓ ଆଲୋକପ୍ରାପ୍ତ ବ୍ୟକ୍ତିମାନଙ୍କର ସାହାଯ୍ୟ ବ୍ୟତିରେକେ କି ପ୍ରକାରେ ଗୋଟିଏ ଛାତ୍ରବୃତ୍ତି ଫଣ୍ଡ ଗଠନରେ ସକ୍ଷମ ହୋଇ ପାରିବେ ? କୌଣସି ଗୋଟିଏ କାର୍ଯ୍ୟରେ କେବଳ ପ୍ରସ୍ତାବ ପାଶ୍ କରିଦେଲେ ତ ସଫଳତା ମିଳିଯାଏ ନାହିଁ। ଗଞ୍ଜାମର ଶିକ୍ଷିତ ଓଡ଼ିଆଙ୍କ ସଂଖ୍ୟା ହେଉଛି ମୁଷ୍ଟିମେୟ। ଏପର୍ଯ୍ୟନ୍ତ ଅବିବେକୀ କାର୍ଯ୍ୟ ଓ କଥା ଯୋଗୁଁ ସେମାନେ ଶକ୍ତିଶାଳୀ ସଂଖ୍ୟାଧିକ୍ୟ ଓଡ଼ିଆଙ୍କର ସହାନୁଭୂତି ହରାଇ ସାରିଛନ୍ତି। ଏବେ ସେମାନେ ଯଦି ଆପଣା ଅଭ୍ୟନ୍ତରର ଈର୍ଷା ଯୋଗୁଁ ଆତ୍ମକଳହରେ ବିଭିନ୍ନ ଦଳଭୁକ୍ତ ହୋଇଯାଆନ୍ତି ତେବେ ସେମାନେ ଦେଶର ସର୍ବନାଶର କାରଣ ହେବେ। ଏହି କାରଣରୁ ସେମାନଙ୍କୁ ଏକତା ରକ୍ଷା ପାଇଁ କଠୋର ପରିଶ୍ରମ କରିବାକୁ ହେବ ଓ ଆପଣା ଆପଣା ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହେବ।

ଆମ୍ଭେମାନେ ଆଶା କରୁ ଯେ ଯେଉଁ ସଦିଚ୍ଛା ସହିତ ଆମେ ଏହି ଉପଦେଶ ଦେଉଛୁ, ସେମାନେ ତାହାକୁ ସେହି ଭାବରେ ଗ୍ରହଣ କରିବେ।"

– ସମ୍ପାଦକ (କ୍ଷୀରୋଦ ଚନ୍ଦ୍ର ରାୟଚୌଧୁରୀ)

ଓଡ଼ିଆ ଛାତ୍ରମାନଙ୍କ ପାଇଁ ଛାତ୍ର ବୃତ୍ତି ଫଣ୍ଡ ଗଢ଼ାଯିବାର ଏକ ନିରୀହ ଓ ଆଦୃତ ପ୍ରସ୍ତାବ ପାଇଁ ଡକାହୋଇଥିବା ବୈଠକରେ ଜମା ଆଠ ଜଣ ଲୋକ ଉପସ୍ଥିତ ଥିଲେ ? ହୁଏତ ଉକ୍ତ ସମ୍ପାଦକଙ୍କର ସମ୍ବାଦଦାତା ଏହି ସମ୍ବାଦ ଅସୂୟା ଓ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ଦେଇ ପାରି ଥାଆନ୍ତି। ତଥାପି ଏହି ବୈଠକରେ ଯେ ବିଶେଷ ଲୋକ ହୋଇ ନ ଥିଲେ, ଏକଥା ଜଣାପଡୁଛି। ଖଲ୍ଲିକୋଟ ରାଜା ସଭାର ସଭାପତି ହେବାକୁ ମନା କରିବାର କାରଣ କ'ଣ ଥିଲା ? ଗଞ୍ଜାମରେ ଆଧୁନିକ ଶିକ୍ଷାଲୋକ ପ୍ରାପ୍ତ ରାଜାଙ୍କ ଭିତରେ ସେତେବେଳେ ଖଲ୍ଲିକୋଟ, ଧରାକୋଟ, ସୁରଙ୍ଗୀ, ଚିକିଟି, ମଞ୍ଜୁଷା ପ୍ରଭୃତି ରାଜାମାନେ ଉଲ୍ଲେଖଯୋଗ୍ୟ। ଏଭଳି ଅବସ୍ଥାରେ ବ୍ରହ୍ମପୁରଠାରୁ ବହୁ ଦୂରରେ ଥିବା ମଞ୍ଜୁଷା (ଯାହା ଏ ଯାଏ ବି ଓଡ଼ିଶା ରାଜ୍ୟରେ ସାମିଲ ହୋଇନାହିଁ)ର

Digitized by srujanika@gmail.com

ରାଜା ଯେ ସଭାପତି ହେଲେ ଏଥିରେ ଟିକିଏ କେଉଁଠି ବ୍ୟତିକ୍ରମ ରହୁଥିବାର ସ୍ପଷ୍ଟ ହୁଏ ।

(ଦୁଇ)

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ୧୯୦୩ ଡିସେମ୍ବରରେ କଟକରେ ଅନୁଷ୍ଠିତ ହେବା ପୂର୍ବରୁ ଏହାର ଉଦ୍ୟୋଗପର୍ବ ହିସାବରେ ଗଞ୍ଜାମର ରମ୍ଭାଠାରେ ଗଞ୍ଜାମ ଜାତୀୟ ସମ୍ମିଳନୀ ୧୯୦୩ ଏପ୍ରିଲ ମାସରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଗଞ୍ଜାମ ଉତ୍କଳ ସମାଜ (ସମିତି) ଗଠିତ ହୋଇଥିଲା । ମଧୁବାବୁ ଓ ଗୋପବନ୍ଧୁଙ୍କର ଉତ୍ସାହର ଉତ୍ସ ଥିଲା ଏହି ରମ୍ଭାର ଗଞ୍ଜାମ ଜାତୀୟ ସମ୍ମିଳନୀ । ଏହି ସମ୍ମିଳନୀରେ ଗଞ୍ଜାମର ବହୁ ଅଞ୍ଚଳରୁ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରିତ ଅତିଥି, ଦର୍ଶକମାନେ ମଧ୍ୟ ଆସିଥିଲେ । ସମ୍ମିଳନୀରେ ମଧୁବାବୁଙ୍କର ମନସ୍ୱୀ ଭୂୟୋଦର୍ଶନ ଓ ଗୋପବନ୍ଧୁ ଦାସଙ୍କର ଜନତାବତ୍ସଳ ଉଦ୍ଦୀପନାମୟ ବାଗ୍ମିତା ସମସ୍ତ ସମ୍ମିଳନୀର ଦର୍ଶକ ଓ ପ୍ରତିନିଧିଙ୍କୁ ଅଶେଷ ପ୍ରେରଣା ଯୋଗାଇଥିଲା । ଏହି ଗଞ୍ଜାମ ଜାତୀୟ ସମ୍ମିଳନୀ ରମ୍ଭାରେ ହେବାର କାରଣ ଥିଲା ଯେ ରମ୍ଭାଠାରେ ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ଦେବ ତାଙ୍କର ଆବାସ ନିର୍ମାଣ କରି ରହିଥିଲେ । ଚିଲିକାର ମନୋରମ ରମ୍ଭା ନାସିର ପ୍ରାନ୍ତରେ ଏହି ସୁରମ୍ୟ ଆବାସ ସେତେବେଳେ ରମ୍ଭା ପ୍ୟାଲେସ ନାମରେ ଖ୍ୟାତ ଥିଲା । ଏହା ମଧ୍ୟ ସ୍ୱାଭାବିକ ଯେ ଉକ୍ତ ଖଲ୍ଲିକୋଟ ରାଜା ରମ୍ଭା ଗଞ୍ଜାମ ଜାତୀୟ ସମ୍ମିଳନୀକୁ ଆତିଥ୍ୟଯତା, ଆୟୋଜନ, ଅଭ୍ୟର୍ଥନା ସମାଜର ସବୁ ଦିଗରୁ ସଫଳ କରିବା ପାଇଁ ସମସ୍ତ ଉଦ୍ୟମ କରିଥିଲେ । ତେଣୁ ଉତ୍କଳ ସମ୍ମିଳନୀର ଉଦ୍ୟୋଗ ପର୍ବରେ ଖଲ୍ଲିକୋଟ ରାଜବଂଶଙ୍କର ଏହି ଉଦ୍ୟମ ସ୍ୱୀକୃତି ପାଇଥିଲା । ଏକଥା ଆକସ୍ମିକ ନୁହେଁ ଯେ ୧୯୦୩ର ଡିସେମ୍ବର ମାସରେ କଟକରେ ଯେଉଁ ଉତ୍କଳ ସମ୍ମିଳନୀ ହୋଇଥିଲା, ତାହାର ସଭାପତି ହୋଇଥିଲେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କର ଶ୍ୟାଳକ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ । ଅବଶ୍ୟ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କର ଆପଣାର ଗୁଣ ଗୌରବ ଯୋଗୁଁ ଓଡ଼ିଆଭାଷୀଙ୍କର ପ୍ରଥମ ଅଖିଳ ଓଡ଼ିଶା ସମ୍ମିଳନୀ ପାଇଁ ସଭାପତି ପଦର ଉପଯୁକ୍ତ ଥିଲେ । ତେବେ ମୟୂରଭଞ୍ଜ ରାଜବଂଶ ଯେହେତୁ ବହୁ କାରଣରୁ ବଙ୍ଗ ଦେଶ ସହିତ ନାନା ସୂତ୍ରରେ ସଂଯୁକ୍ତ ଓ ଯେହେତୁ ସେତେବେଳେ ଓଡ଼ିଶା ଡିଭିଜନ ବଙ୍ଗ ଦେଶ ଭିତରେ ଏକ ଶାସନାଧୀନ ଅଞ୍ଚଳ

Digitized by srujanika@gmail.com

ହିସାବରେ ଥିଲା, ତେଣୁ ଉତ୍କଳ ଦେଶମିଶ୍ରଣ ପ୍ରଶ୍ନ ମୟୂରଭଞ୍ଜର ରାଜବଂଶ ପାଇଁ ସେପରି ଜରୋରୀ ପ୍ରଶ୍ନ ନ ଥିଲା । ଉତ୍କଳ ସମ୍ମିଳନୀର ଇତିହାସରେ ଅଭିଜ୍ଞ ବ୍ୟକ୍ତିମାନଙ୍କର ବିବରଣୀରୁ ଜଣାଯାଏ ଯେ କେନ୍ଦୁଝରର ରାଜା ଯିଏ ଏହି ସମ୍ମିଳନୀର ପ୍ରଥମ ପ୍ରବକ୍ତା ଥିଲେ, ସେ ଏହାର ସଭାପତିତ୍ୱ ପାଇଁ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଡଲଦେବଙ୍କ ନାମ ପ୍ରସ୍ତାବ କରିଥିଲେ ଓ ଏଥିରେ ମଧୁବାବୁ ପ୍ରଭୃତି ଉଦ୍ୟୋକ୍ତାମାନେ ସମ୍ମତି ଦେଇଥିଲେ; କିନ୍ତୁ ଦୁର୍ଭାଗ୍ୟର କଥା ସମ୍ମିଳନୀ ପୂର୍ବରୁ ସାର୍ ସୁଢ଼ଲଦେବଙ୍କ ମୃତ୍ୟୁ ଘଟିଥିଲା । ପୁନଶ୍ଚ ସେତେବେଳେ ଦେଶୀୟ ରାଜାମାନଙ୍କର ପ୍ରଦେଶ ଭିତରେ ସାମିଲର ବିଷୟ ରାଜନୈତିକ ଚିନ୍ତାର ବାହାରେ ଥିଲା । ତେଣୁ ମୟୂରଭଞ୍ଜ ମହାରାଜାଙ୍କୁ ଉତ୍କଳ ସମ୍ମିଳନୀର ଉଦ୍‌ଘାଟନ ଅଧିବେଶନରେ ସଭାପତି କରିବା ଓ ତାଙ୍କୁ ଓଡ଼ିଆଭାଷୀ ମହାରାଜା ବୋଲି ଚିହ୍ନିତ କରିବାର କୌଶଳ ପାଇଁ ମହାରାଜାଙ୍କର ଭଗ୍ନୀପତି ହରିହର ମର୍ଦ୍ଦରାଜଦେବଙ୍କର ଯେ ଉଦ୍ୟମ ଥିଲା ଏକଥା ନିଃସନ୍ଦେହ ।

୧୯୦୫ ସାଲରେ ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନ ଆନୁଷ୍ଠାନିକ ଭାବରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା । ୧୯୦୪ରେ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନର କଟକ ବୈଠକରେ ଧରାକୋଟ ରାଜା ସଭାପତିତ୍ୱ କରିଥିଲେ । ୧୯୦୩ ସମ୍ମିଳନୀରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କର ସଭାପତିତ୍ୱ ଯେ କେବଳ ଏହି ସମ୍ମିଳନୀର ବିଶେଷତ୍ୱ ଥିଲା ସେ କଥା ନୁହେଁ । ସେହି ସମ୍ମିଳନୀର ଅଭ୍ୟର୍ଥନା ସମିତିର ଚେୟାରମ୍ୟାନ ଥିଲେ କେନ୍ଦୁଝରର ମହାରାଜା, କନିକାର ରାଜା ଥିଲେ ମୁଖ୍ୟ ସଂଗଠକ । ସମ୍ମିଳନୀର ପ୍ରଥମ ପ୍ରସ୍ତାବ ଖଲିକୋଟର ରାଜା ହରିହର ମର୍ଦ୍ଦରାଜ ଆଗତ କରିଥିଲେ ଓ ଦ୍ୱିତୀୟ ପ୍ରସ୍ତାବ ଆଗତ କରିଥିଲେ ଶ୍ରୀ ବିକ୍ରମ ଦେବ ବର୍ମା ।(ସେତେବେଳେ ସେ ଜୟପୁରର ମହାରାଜା ହୋଇ ନଥିଲେ) ଏଭଳି ଭାବରେ ଉତ୍କଳ ସମ୍ମିଳନୀରେ ଆନୁଷ୍ଠାନିକ ଉଦ୍‌ଘାଟନ ଦିନଠାରୁ ସେହି ସମ୍ମିଳନୀରେ ଓଡ଼ିଶା ଗଡ଼ଜାତ ଓ ଗଞ୍ଜାମର ଚିରସ୍ଥାୟୀ ପକ୍‌କି ମହାଲର ଜମିଦାର ରାଜବଂଶମାନେ ବିଶେଷତଃ ଶେଷୋକ୍ତ ରାଜବଂଶ ଏଥିରେ ଭାଗ ନେଇ ଆସୁଥିଲେ ।

ଏଥିରୁ ପ୍ରମାଣିତ ହେଉଛି ଯେ ଉତ୍କଳ ସମ୍ମିଳନୀର ସଂଗଠନ ଓ ଦେଶମିଶ୍ରଣ ଆନ୍ଦୋଳନ ବିଷୟରେ ଓଡ଼ିଶାର ଗଡ଼ଜାତ ଓ ମୋଗଲବନ୍ଦୀର ଆଉ ଗଞ୍ଜାମ, କୋରାପୁଟର ପକ୍‌କିମହାଲ ସମସ୍ଥାନର ରାଜବଂଶୀୟମାନଙ୍କୁ ସର୍ବଦା ସଂଯୁକ୍ତ କରା ଯାଇଥିଲା । ଯଦିଚ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଗଞ୍ଜାମ ଜିଲ୍ଲାରେ ତେଲୁଗୁ

Digitized by srujanika@gmail.com

ପ୍ରଚଳନ ଓ ଉତ୍ତର ଓଡ଼ିଶାରେ ବଙ୍ଗଳା ଭାଷାର ପ୍ରାଦୁର୍ଭାବ ବିଷୟରେ ଓଡ଼ିଶାରେ ଅସନ୍ତୋଷ ପ୍ରବଳ ହୋଇଥିଲା ଓ ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ପରେ ତାହାର ବିକଟ ପରିଣାମରେ ବିଚଳିତ ହୋଇ ସେକାଳର ଭାରତ ସଚୀବ ସାର ଷ୍ଟାଫୋର୍ଡ଼ ନର୍ଥକୋର୍ଟ ଓଡ଼ିଶାକୁ ବଙ୍ଗଳାରୁ ବାହାର କରିବାର ପ୍ରସ୍ତାବ ଦେଇଥିଲେ ଓ ସେହି ମର୍ମରେ ଭାରତର ଏକାଉଣ୍ଟାଣ୍ଟ ଜେନେରାଲ ଜହନ୍‌ସନ୍ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ମତ ଦେଇଥିଲେ (କାରଣ ଥିଲା ଓଡ଼ିଶାର ଘଟଣା ବିଷୟରେ ସଠିକ ଖବର ବଙ୍ଗଳା ସାମିଲ ଓଡ଼ିଶାରୁ ମିଳୁ ନ ଥିଲା। ତେଣୁ ନଅଙ୍କ ଦୁର୍ଭିକ୍ଷର ବିଭୀଷିକା ଅବସ୍ଥା ଅସମ୍ଭାଳ ହେବାଯାଏ ସରକାର ଜାଣି ପାରି ନ ଥିଲେ। ସରକାରୀ କର୍ମଚାରୀମାନେ ଅଧିକାଂଶ ଅଣଓଡ଼ିଆ (ବଙ୍ଗାଳୀ) ହୋଇଥିବାରୁ ସେମାନଙ୍କର ଜନସାଧାରଣଙ୍କ ସହିତ ବିଶେଷ ସମ୍ପର୍କ ନ ଥିଲା) ଓ ଯଦିଚ ଏହାଛଡ଼ା ଆଦିନେତା ବିଚିତ୍ରାନନ୍ଦ ଦାସ (କମିଶନର ରେଭେନ୍‌ସା ସାହେବଙ୍କର ସିରସ୍ତାଦାର) ଓ ରାଜା ବୈକୁଣ୍ଠନାଥ ଦେ ଦୁଇ ଲକ୍ଷ ଓଡ଼ିଆଭାଷୀଙ୍କ ଦସ୍ତଖତରେ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଏକ ଦରଖାସ୍ତ ବଙ୍ଗଳାର ଛୋଟଲାଟ ସାର୍ ରିଚାର୍ଡ଼ ଟେମ୍ପଲଙ୍କ ଜରିଆରେ ଭାରତ ସଚୀବଙ୍କ ପାଖକୁ ପଠାଇଥିଲେ। ତଥାପି ଉତ୍କଳ ସମ୍ମିଳନୀର ପହିଲି ଉଦ୍‌ଘାଟନରେ ଏହି ବ୍ୟକ୍ତିମାନଙ୍କର କାର୍ଯ୍ୟର ପ୍ରେରଣା ଅପେକ୍ଷା ରାଜବଂଶୀୟମାନଙ୍କର ସମର୍ଥନକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଗୁଡ଼ିକ ୧୯୦୩ଠାରୁ ୧୯୧୪ ପର୍ଯ୍ୟନ୍ତ ସମ୍ମିଳନୀର ବିଭିନ୍ନ ଅଧିବେଶନରୁ ସ୍ପଷ୍ଟ ହୁଏ। ମିଷ୍ଟର ମଧୁସୂଦନ ଦାସ (ମଧୁବାବୁ) ଓଡ଼ିଆ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ଥିଲେ। ୧୮୮୨ ଉତ୍କଳ ସଭାର ସଂଗଠନ ପରଠାରୁ ସେ ଧାରାବାହିକ ରୂପେ ବଙ୍ଗଳାର ଛୋଟଲାଟ ଗଣ ଯଥା ସାର୍ ଷ୍ଟୁଆର୍ଟ ବେଲି, ସାର୍ ଚାର୍ଲସ ଏଲିଅଟ, ସାର ରିଭର୍ସ ଥମ୍ପସନ ପ୍ରଭୃତିଙ୍କ ପାଖରେ ଓଡ଼ିଆଭାଷୀଙ୍କର ନ୍ୟାଯ୍ୟଦାବୀ ଆଗତ କରିବାରେ ଲାଗିଥିଲେ। ଏଥିରେ କୌଣସି ଫଳ ଫଳିବାର ତାଙ୍କୁ ଜଣା ପଡ଼ି ନଥିଲା। ସେତେବେଳେ ଓଡ଼ିଶା ଡିଭିଜନର କମିସନ କୁକ୍ ମଧ୍ୟ ଓଡ଼ିଆଭାଷୀ ଅଞ୍ଚଳର ସମ୍ମିଶ୍ରଣ ପାଇଁ ସୁପାରିସ ପଠାଇ ସାରିଥାଆନ୍ତି। ବୋଝ ଉପରେ ନଳିତା ବିଡ଼ା ପରି ସମ୍ବଲପୁର ଜିଲ୍ଲା (ଯାହା ମଧ୍ୟ ପ୍ରଦେଶରେ ଥିଲା)ରେ ହିନ୍ଦୀ ଭାଷା ଚପେଇବାର ଉଦ୍ୟମ ହେଲା। ତେଣୁ ୧୮୯୭ରେ ମିଷ୍ଟର ଦାସ (ମଧୁବାବୁ) ବିଲାତ ଯାଇଁ ଭାରତ ସଚୀବ ଲର୍ଡ଼ ଜର୍ଜ ହାମିଲଟନଙ୍କ ସହିତ ସାକ୍ଷାତ କଲେ (ସେପେଟେମ୍ବର ୨୦ ତାରିଖ ୧୮୯୭)। ଲର୍ଡ଼ ମହୋଦୟ ଖୁବ୍ ସହାନୁଭୂତି ଦେଖେଇଲେ; କିନ୍ତୁ ମଧୁବାବୁଙ୍କୁ ବଡ଼ଲାଟଙ୍କ ସଙ୍ଗେ ଦେଖା କରିବାକୁ ବାଗେଇ ଦେଲେ। ୧୯୦୦ ସାଲ ଗ୍ରୀଷ୍ମ କାଳରେ ମଧୁବାବୁ

Digitized by srujanika@gmail.com

ବଡ଼ଲାଟ ଲର୍ଡ଼ କର୍ଜନଙ୍କ ସଙ୍ଗେ ସାକ୍ଷାତ କଲେ। ଲର୍ଡ଼ କର୍ଜନ ଜଣେ ଖୁବ୍ ଦଣ୍ଡାମାର ଲୋକ ଥିଲେ। ତାଙ୍କରି ହୁକୁମରେ ଭାରତର ଘରୋଇ ସଚୀବ ସାର୍ ହର୍ବଟ ରିସଲେ ଏକ ଯୋଜନା ପ୍ରସ୍ତୁତ କଲେ। ସେଥିରେ କେବଳ ନାରସେନାପେଟା ତାଲୁକ ବାଦ ସମସ୍ତ ଗଞ୍ଜାମ ଜିଲ୍ଲା ଓ ସମୁଦାୟ ବିଶାଖାପାଟଣା ଏଜେନ୍‌ସିକୁ ଉତ୍ତର ଓଡ଼ିଶା ସହିତ ମିଶ୍ରଣର ପ୍ରସ୍ତାବ ଥିଲା। ୧୯୦୩ରେ ଉତ୍କଳ ସମ୍ମିଳନୀରେ ରିସଲେ ପ୍ରସ୍ତାବ ପାଇଁ ଉକ୍ତ ମହାଶୟଙ୍କୁ ଭୂୟସୀ ଧନ୍ୟବାଦ ଦିଆଯାଇଥିଲା। ଦୁର୍ଭାଗ୍ୟର କଥା ଲର୍ଡ଼ କର୍ଜନଙ୍କର କାର୍ଯ୍ୟକାଳ ଶେଷ ହୋଇଗଲା ଓ ତାଙ୍କ ପରେ ମାନ୍ଦ୍ରାଜର ଗଭର୍ଣ୍ଣର ଲର୍ଡ଼ ଆମ୍ପଟହିଲ୍ ବଡ଼ଲାଟ ପଦରେ ଅସ୍ଥାୟୀ ଭାବରେ କାର୍ଯ୍ୟ ଚଳାଉଥିଲେ। ଏହି ଲର୍ଡ଼ ମହାଶୟ ମାନ୍ଦ୍ରାଜର ଲାଟ୍ ପଦରୁ ସିଧାସଳଖ ଆସିଥିଲେ। ତାଙ୍କ ଉପରେ ଓଡ଼ିଶା ଦେଶମିଶ୍ରଣ ବିରୋଧୀ ମାନ୍ଦ୍ରାଜୀ ରାଜନୀତିବାଲାଙ୍କର ପ୍ରଭାବ ଯୋଗୁଁ ରିସଲେ ପ୍ରସ୍ତାବ କାହିଁ ଅତଳରେ ଲୁଚିଗଲା।

(ତିନି)

ଲକ୍ଷ ଲକ୍ଷ ଓଡ଼ିଆଭାଷୀମାନଙ୍କର ଶିକ୍ଷା, ତାଲିମ୍, ସଂସ୍କୃତି,ଭାଷା ଓ ଜୀବିକା ଉପରେ ଏଭଳି ଜୁଆଖେଳ ଚାଲିଥିବାବେଳେ ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀ ଯାହା ଟିକିଏ ସକ୍ରିୟ ଥିଲା। ଆଗରୁ କୁହାଯାଇଛି, ରାଜବଂଶୀୟମାନେ ସିପାହୀ ସମର ୧୮୫୭ ପୂର୍ବର ରାଜବଂଶୀୟମାନଙ୍କର ପରାକ୍ରମ ହରାଇ ସାରିଥିଲେ। ତେଣୁ ସେମାନେ ଆପଣାର ରାଜ୍ୟ ଅଥବା ଜମିଦାରୀ ଖାସ୍ ହୋଇଯିବା ଭୟରେ ବିଲାତ ଶାସନକୁ କରଯୋଡ଼ି ରହିଥିଲେ। ଦେଶମିଶ୍ରଣ ବିଲାତ ସରକାରଙ୍କର ଶୁଭଦୃଷ୍ଟିରେ ପଡ଼ିବ କି ନାହିଁ ଏ ବିଷୟରେ ସେମାନଙ୍କର ବୈଜ୍ଞାନିକ ବିଶ୍ଳେଷଣ ମଧ୍ୟ ନ ଥିଲା। ସେମାନେ ପହିଲେ ମନେକରୁଥିଲେ ଯେ ଓଡ଼ିଆ ଭାଷାକୁ ସ୍କୁଲ କଲେଜ ଓ କଚେରୀ ବାଚେରୀରେ ପ୍ରଚଳନ କରିବା ପାଇଁ ପ୍ରଶାସନ ଯେଉଁ ନିଷ୍ପତ୍ତି ନେଇଥିଲା, ତାହା ବୋଧହୁଏ ଓଡ଼ିଆଭାଷୀଙ୍କର ଆବେଦନ ନିବେଦନର ଫଳ। ସେମାନେ ବୁଝି ନ ଥିଲେ ଯେ ବିଲାତର ଆର୍ଥିକ ସ୍ୱାର୍ଥ ଦୃଷ୍ଟିରୁ ଅର୍ଥାତ୍ ଖଜଣା ଟିକସ ଅସୁଲ, ପ୍ରଶାସନ, ବ୍ୟବସାୟ ବଜାର ପ୍ରଭୃତି ଦୃଷ୍ଟିରୁ ବିଲାତି ପ୍ରଶାସନ ମଧ୍ୟ ଓଡ଼ିଆମାନଙ୍କୁ କିଛି କିଛି ସୁବିଧା ସୁଯୋଗ ଦେବାକୁ ଚାହେଁ। ଯେତେବେଳେ ଆନ୍ଦୋଳନ ଆବେଦନ ନିବେଦନ ସ୍ତରରୁ ସଙ୍ଗଠନ ସ୍ତରକୁ ଆସିଗଲା, ସେତେବେଳେ ସେମାନେ ଲକ୍ଷ୍ୟ କଲେ ଯେ ସେମାନଙ୍କର ଆଭିଜାତ୍ୟ ଯୋଗୁଁ ସେମାନେ ସଂଗଠନର ଟିକିନିଖି କାର୍ଯ୍ୟରେ ସକ୍ରିୟ ଭାଗ ନେଇପାରିବା ସମ୍ଭବ ନୁହେଁ; କିନ୍ତୁ ସଙ୍ଗେ ସଙ୍ଗେ ସେମାନଙ୍କର ହୃଦବୋଧ

Digitized by srujanika@gmail.com

ହୋଇଗଲା ଯେ, ଏହି ସଂଗଠନ ଫଳରେ ଏକ ନିର୍ଦ୍ଦିଷ୍ଟ ମଧ୍ୟବିତ୍ତ ଶ୍ରେଣୀ ଓଡ଼ିଆ ଆନ୍ଦୋଳନ ଭିତରେ ନେତୃତ୍ୱ ନେବାକୁ ବାହାରି ଆସିବେ। ଏହି ଆନ୍ଦୋଳନ ଫଳରେ ବିଲାତ ପ୍ରଶାସନର ବିଶେଷ କୌଣସି ଅସୁବିଧା ନ ଥିବାରୁ ବଙ୍ଗ କିଛି ପରିମାଣରେ ପ୍ରଶାସନର ସ୍ୱାର୍ଥ ଥିବାରୁ ସେପରି ଆନ୍ଦୋଳନକୁ ବିଲାତ ପ୍ରଶାସନ ସଂକୁଚିତ କରିପାରେ; କିନ୍ତୁ ବିରୋଧ କରିବ ନାହିଁ। ତେଣୁ ସମ୍ଭବତଃ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନଚେତ୍ ଅତି ନିକୁଛରେ ଏକ ସମାହିତ 'ସଂଯୁକ୍ତ ଓଡ଼ିଆ ସବ୍-ପ୍ରଭିନ୍ସ' ଗଠିତ ହୋଇଯିବ ଓ ଏଥିର ନେତୃତ୍ୱ ସେହି ମଧବିତ୍ତମାନଙ୍କ ହାତରେ ପଡ଼ିଯିବ।

ତେଣୁ ଏକ ପକ୍ଷରେ ଏହି ସବ୍-ପ୍ରଭିନ୍ସ ବା ସ୍ୱତନ୍ତ୍ର ପ୍ରଦେଶ (ଯେଉଁଟା ସମ୍ଭବ) ଭିତରେ ଆପଣାର ସ୍ଥାନ ନିରୂପଣ ପାଇଁ ଏହି ରାଜ ବଂଶୀୟମାନଙ୍କ ଭିତରେ ଉଚ୍ଚାଭିଳାଷ ଜନ୍ମିଲା। ସେମାନେ ମଧବିତ୍ତମାନଙ୍କର ଶିକ୍ଷାକୁ ଓ ଏପରିକି ଆପଣା ଆପଣା ଜମିଦାରୀରେ ଶିକ୍ଷା ବ୍ୟବସ୍ଥାକୁ ପ୍ରସାରିତ କରି ବେଶି ସଂଖ୍ୟାରେ ମଧବିତ୍ତଙ୍କୁ ଶିକ୍ଷିତ କରାଇବା ଅପେକ୍ଷା ଆପଣା କର୍ତ୍ତୃତ୍ୱର ପ୍ରତିଦ୍ୱନ୍ଦିତାକୁ ପ୍ରଧାନ ବୋଲି ମନେ କରିଥିଲେ।

ଫଳରେ ଗଞ୍ଜାମର ଜମିଦାରୀଗୁଡ଼ିକରେ ଓଡ଼ିଆ କର୍ମଚାରୀ ନିଯୁକ୍ତି, ପ୍ରାଥମିକ ଓ ମାଧମିକ ସ୍କୁଲମାନଙ୍କର ପ୍ରସାର ଇତ୍ୟାଦି ଓ ଶିକ୍ଷା କ୍ଷେତ୍ରରେ ଶିକ୍ଷାବୃତ୍ତି ଦାନ ପ୍ରଭୃତି କାର୍ଯ୍ୟରେ ଗଞ୍ଜାମର ଉଚ୍ଚାଭିଳାଷୀ ଜମିଦାରମାନେ ବିଶେଷ ମନୋନିବେଶ କରି ନ ଥିଲେ। କେବଳ ମଧମ ଧରଣର ଓ ଛୋଟ ଛୋଟ ଜମିଦାରୀ ଯଥା ବଡ଼ଖେମୁଣ୍ଡି, ସାନଖେମୁଣ୍ଡି, ଧରାକୋଟ, ସେରଗଡ଼, ବରଗଡ଼ ଇତ୍ୟାଦି ଜମିଦାରୀମାନଙ୍କର ଜମିଦାରମାନେ ଓଡ଼ିଆ କର୍ମଚାରୀ, ଓଡ଼ିଆ ଶିକ୍ଷା ପ୍ରସାର ଓ ଶିକ୍ଷକ ନିଯୁକ୍ତି ଓ ଛାତ୍ରବୃତ୍ତି ଫଣ୍ଡ ପାଇଁ ପ୍ରସ୍ତୁତ ଥିଲେ; କିନ୍ତୁ ଅନ୍ୟମାନେ ଏଥିପ୍ରତି ଉଦାସୀନ ରହିଲେ।

ଅବଶ୍ୟ ଏହି ପରିସ୍ଥିତି ଆଲୋଚନା କଲାବେଳେ କେତେଗୁଡ଼ିଏ ଦୃଷ୍ଟାନ୍ତ ଆଖିରେ ପଡ଼େ। ଯେଉଁଥିରୁ ମନେହେବ ଯେ ଗଞ୍ଜାମର ଉଚ୍ଚାଭିଳାଷୀ ବଡ଼ ବଡ଼ ରାଜାମାନେ ଓଡ଼ିଆ ଶିକ୍ଷା ପ୍ରସାର ଦିଗରେ କାର୍ପଣ୍ୟ କରି ନାହାନ୍ତି। ଉଦାହରଣ ସ୍ୱରୂପ ଖଲିକୋଟର ରାଜା ହରିହର ମର୍ଦ୍ଦରାଜଙ୍କର ସହଧର୍ମିଣୀ ବ୍ରହ୍ମପୁର ଖଲିକୋଟ କଲେଜର ସ୍ଥାପନା ପାଇଁ ଏକ ଲକ୍ଷ ଟଙ୍କାର ଗୋଟିଏ ଟ୍ରଷ୍ଟ ଗଠନ କରିଥିଲେ। ଏହାଛଡ଼ା ଖଲିକୋଟର ରାଜସ୍ଥଳୀ ଖଲିକୋଟଠାରେ ଗୋଟିଏ ମାଇନର ସ୍କୁଲ, ଗୋଟିଏ ସଂସ୍କୃତ ଟୋଲ ଓ ଗୋଟିଏ ପ୍ରାଥମିକ ବାଳିକା ବିଦ୍ୟାଳୟ ନିର୍ମାଣ

Digitized by srujanika@gmail.com

କରିଥିଲେ। ଗଞ୍ଜାମ ଜିଲ୍ଲାର ଅପର ପ୍ରାନ୍ତରେ ପାରଳାଖେମୁଣ୍ଡିର ରାଜା ଗୌରଚନ୍ଦ୍ର ଗଜପତିଙ୍କର ଶାସନକାଳରେ ସେଠାରେ ଥିବା ହାଇସ୍କୁଲଟି ଗୋଟିଏ ଦ୍ୱିତୀୟ ଗ୍ରେଡ୍ କଲେଜରେ ୧୮୯୫ ମସିହାରେ ପରିଣତ ହୋଇଥିଲା। କିନ୍ତୁ ଏହିସବୁ ଦୃଷ୍ଟାନ୍ତ କେବଳ ବ୍ୟତିକ୍ରମ । ବଙ୍ଗ ୧୯୦୬ ପୂର୍ବର କାଳିମାଛାୟାଘନ ଗଞ୍ଜାମରେ ଶିକ୍ଷା ପ୍ରସାରର ନମୁନା ଦେଖାଯାଉ। ୧୯୦୯ରେ ଖଲିକୋଟର ରାଜା ହରିହର ମର୍ଦ୍ଦରାଜ ଅକାଳରେ ମୃତ୍ୟୁ ମୁଖରେ ପଡ଼ିଥିଲେ। ସେତିକି ବେଳେ ଖଲିକୋଟର ଦୁର୍ଦ୍ଦଶା ଯାହାଥିଲା ସେ କଥା ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦ ପ୍ରସଙ୍ଗକ୍ରମେ ଏଭଳି ବର୍ଣ୍ଣନା କରିଛନ୍ତି :

"ଖଲିକୋଟର ରାଜା ଦେଶମିଶ୍ରଣ ଆନ୍ଦୋଳନର ପ୍ରଧାନ ପୃଷ୍ଠପୋଷକ। ଖଲିକୋଟ କଲେଜ ସ୍ଥାପୟିତା ହରିହରଙ୍କର ଅକାଳ ବିୟୋଗ ୧୯୦୯ରେ ଘଟିଯିବା ପରେ ରାଜ୍ୟର ସମସ୍ତ ଉନ୍ନତି ମାର୍ଗ ଅବରୁଦ୍ଧ ହୋଇ ପଡ଼ିଲା। ମାଇନର ସ୍କୁଲ, ସଂସ୍କୃତ ଟୋଲ, ବାଳିକା ବିଦ୍ୟାଳୟ ସବୁରେ ଚାବି ପଡ଼ିଗଲା । ଖଲିକୋଟରେ ସବୁ ବଡ଼ ବଡ଼ ରାଜକର୍ମଚାରୀ ଅଣଓଡ଼ିଆ। ତାଙ୍କର ପ୍ରଭାବକୁ ଡରି ମୁଷ୍ଟିମେୟ ଶିକ୍ଷିତ ଓଡ଼ିଆମାନେ ଚୁପ୍ ହୋଇ ରହିଲେ।

× × ×

ଅସ୍‌ୱ୍ୟାଲଡ଼ ଡେଡ୍‌ସ୍‌ୱାର୍ଥ ନାମକ ସାହେବ ରାଜ୍ୟର ମ୍ୟାନେଜର ଥିଲେ। ସେ ଅଣଓଡ଼ିଆଙ୍କ ପ୍ରଭାବରେ ପଡ଼ି ଓଡ଼ିଆଙ୍କ ଦୁର୍ଦ୍ଦଶା ବୁଝୁ ନ ଥିଲେ।"

(ରାଜା ମର୍ଦ୍ଦରାଜ ହେବେ ନାଁ ପଶୁରାଜ ହେବେ ?)

'ସମାଜ' ଗୋପବନ୍ଧୁ ବାର୍ଷିକ ଶ୍ରାଦ୍ଧ ସଂଖ୍ୟା ୧୯୬୧ ଜୁନ୍ ୨୨ ତାରିଖ।

ପାରଳାଖେମୁଣ୍ଡି ଶିକ୍ଷାର ଦୁର୍ଦ୍ଦଶାକୁ ଲକ୍ଷ୍ୟ କରି 'ଉତ୍କଳ ଭ୍ରମଣ'ରେ ଫକୀରମୋହନ ସେନାପତି ଲେଖିଥିଲେ –

"ଓଡ଼ିଆ ଦକ୍ଷିଣ ସୀମା ପାରଳାଖିମିଡ଼ି
ଧନେ, ମାନେ କିଏ ଅଛି ତାଙ୍କୁ ବଢ଼ି
କବିତ୍ୱ ଗୌରବ ସ୍ଥାନ ନ ଦେଖେ ସେପରି
ଗାଉଥିଲେ ବସି ଗୀତ ଯହିଁ ଗୌରହରି
ଧନ୍ୟ ହେ ସେକେଣ୍ଡ ପ୍ରିନ୍‌ସ ଧନ୍ୟ ତୁମ ନାମ
ବଂଶ ଅନୁରୂପ ଏକ କରିଅଛ କାମ।

× × ×

Digitized by srujanika@gmail.com

ଟେଲର ତ ଦେଇଥିଲା ଉଡ଼ିଆ ଉଡ଼ାଇ
ଗୌରଚନ୍ଦ୍ର ଗଜପତି ଦେଲେ ଯେ ରଖାଇ।"

× × ×

ଆଉ ଠାଏ ଫକୀରମୋହନ ଲେଖିଛନ୍ତି –

"ଗଞ୍ଜାମ ଜିଲ୍ଲାରେ ଢ଼େର'ଛନ୍ତି ଜମିଦାର
ଘରୁପାଣି ଖିଆ ହାତେ ସବୁ କାରବାର
ବେଳେ ହେଲେ ନ କରନ୍ତି ବିଘ୍ନର ମନରେ
ଜନ୍ମିଛନ୍ତି ରହିଛନ୍ତି ଓଡ଼ିଆ କୁଳରେ।"
"ଧରାକୋଟ ରାଜା ଜଣେ ଭାରି Learned
କରନ୍ତି ସେ ବରଷକୁ ତିନିଶ ଟଙ୍କା Paid
ଦିଅନ୍ତି ସ୍କୁଲ ପିଲା କଲେଜ ଦରମା
ସେଥିରୁ ଯାଆନ୍ତି ଖାଇ ଅଧେ ପୁଣି କମ୍ମା
ଏତିକି ହେଲା କି ରାଜା ଡୋନେସନ ଯାକ
ଏ ତ ତୁମ୍ଭ ବଡ଼ ଗୋଟେ ରାତିର ଖୋରାକ।"
(କମ୍ମା–ତେଲୁଗୁ ବ୍ରାହ୍ମଣ ଭଦ୍ରବ୍ୟକ୍ତି)

ଫକୀରମୋହନ ଉତ୍କଳ ଭ୍ରମଣ ଲେଖିଲା ବେଳେ ବାରିଷ୍ଟର ବିଶ୍ୱନାଥ ମିଶ୍ର ବାରିଷ୍ଟରୀ ପଢ଼ି ଆସିସାରିଥିଲେ, ଅର୍ଥାତ୍ ତାହା ଥିଲା ୧୯୧୨ ମସିହାର ପରବର୍ତ୍ତୀ କାଳର କଥା।

ଯଥା –

"ଉଏଲ ମିଷ୍ଟର ବି.ଏନ୍. ମିଶ୍ରା ଗୁଡ୍‌ବାଇ, ଗୁଡ୍‌ବାଇ
ଭଲା ଆଦର୍ଶଟା ଏକା ଦେଲ ତ ଦେଖାଇ

× × ×

ଶୁଣା ଶୁଣି ତୁମେ ପ୍ଲିଡ୍ କର ହାଇକୋଟେ
ହେବ ବାରିଷ୍ଟର ପରି ବାରିଷ୍ଟର ଗୋଟେ।"

ତେଣୁ ୧୯୧୨ ମସିହା ବେଳର ଏହି ବର୍ଣ୍ଣନା ପଢ଼ିଲେ ୧୯୦୬ ମସିହାର ଛାତ୍ରବୃତ୍ତି ଫଣ୍ଡ ପାଇଁ ଓ ଗଞ୍ଜାମର ଜମିଦାରୀଗୁଡ଼ିକ ଭିତରେ ଓଡ଼ିଆ ସିରସ୍ତା, ଦଲିଲ, ଦସ୍ତାବିଜ ତିଆରି ପାଇଁ ବିଶ୍ୱନାଥ ମିଶ୍ର ଓ ନୀଳମଣି ବିଦ୍ୟାରତ୍ନ କିଭଳି ପ୍ରଚଣ୍ଡ

Digitized by srujanika@gmail.com

ବାଧାବିଘ୍ନର ସାମନା କରିଥିବେ, ତାହା ଅନୁମାନ କରାଯାଇପାରେ। ଅବଶ୍ୟ ପରବର୍ତ୍ତୀ କାଳରେ ପାରଳାର ନବୀନ ରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜା ୧୯୧୩ରେ ସେଠାର ଗାଦିରେ ବସିଲା ପରେ ଓ କୋର୍ଟ ଅଫ୍ ୱାର୍ଡ଼ସର ଅବସାନ ପରେ ଖୋଦ୍ ପାରଳାଖେମୁଣ୍ଡି ସହରରେ ଓ ଭାରତର ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶିକ୍ଷା,ସାହିତ୍ୟ, ସଂସ୍କୃତି, ବୈଷୟିକ ଜ୍ଞାନର ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ବହୁ ଛାତ୍ରବୃତ୍ତି ଦାନ କରିଛନ୍ତି। ପାରଳାଖେମୁଣ୍ଡି ମହାରାଜା କଲେଜକୁ ଫାଷ୍ଟ ଗ୍ରେଡ୍ କଲେଜ, ସଂସ୍କୃତ କଲେଜ, ବୈଷୟିକ ସ୍କୁଲ, ବାଳିକା ହାଇସ୍କୁଲ ଓ ସର୍ବୋପରି ଜାତି, ଧର୍ମ, ଭାଷା ନିର୍ବିଶେଷରେ ଅକାତରେ ଯୋଗ୍ୟତାନୁକ୍ରମରେ ଛାତ୍ରବୃତ୍ତି ଦାନ ସେହି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର କୀର୍ତ୍ତି ଥିଲା। ତେବେ ସେସବୁ ୧୯୧୩ର ପରବର୍ତ୍ତୀ କାଳର ଘଟଣା। ୧୯୦୬ ବେଳର ଗଞ୍ଜାମର ଓଡ଼ିଆ ଶିକ୍ଷାର ଅନ୍ଧକାର ଭିତରେ ଆଲୋକ ରେଖା ପ୍ରଥମେ ଯଥାର୍ଥଭାବରେ ବିଶ୍ୱନାଥ ଓ ତାଙ୍କ ସହକର୍ମୀ ନୀଳମଣି ବିଦ୍ୟାରତ୍ନ, ଶଶିଭୂଷଣ ରଥ ଇତ୍ୟାଦି ହିଁ ଆଣିଥିଲେ। ଗଞ୍ଜାମ ଜିଲ୍ଲାର ସେ କାଳର ଯୁବକ ଓ ଆଜିର ବିର୍ଷିୟାନ୍ ଯିଏ ବଞ୍ଚିଛନ୍ତି ସେମାନେ ଆଜି ବି ଏଇ କୃତିତ୍ୱକୁ କୃତଜ୍ଞତାର ସହିତ ସ୍ମରଣ କରନ୍ତି।

(ଘରି)

ଦେଶମିଶ୍ରଣ ଆନ୍ଦୋଳନ ଭିତରେ ଧୀରେ ଧୀରେ ପ୍ରତିଦ୍ୱନ୍ଦିତାର ମୁଣ୍ଡ ଟେକି ଥିଲା। ଏହି ପ୍ରତିଦ୍ୱନ୍ଦିତାର କାରଣ ହେଲା ଏହା ଯେ ଧୀରେ ଧୀରେ ହୃଦ୍‌ବୋଧ ହେବାକୁ ଲାଗିଲା; ବୋଧ ହୁଏ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇଯିବ; ମଝିରେ ବଙ୍ଗଭଙ୍ଗ ସମସ୍ୟା ଓଡ଼ିଶାର ଦେଶମିଶ୍ରଣ ବିଷୟରେ ଟିକିଏ ଅକଡ଼ିଆ ସୃଷ୍ଟି କରିଥିଲା। ତେଣୁ ୧୯୦୭ ରେ ମଧୁବାବୁ ଦ୍ୱିତୀୟ ଥର ବିଲାତ ଗଲେ। ଭାରତ ସଚୀବ ଲର୍ଡ଼ ମର୍ଲେଙ୍କ ସହିତ ତାଙ୍କର ସାକ୍ଷାତ ହେଲା। ରୟେଲ ଓୟେଲବି କମିସନ ଆଗରେ ମଧ ଓଡ଼ିଶା ପକ୍ଷରୁ ସେ ଯୁକ୍ତି କରିଥିଲେ। ୧୯୧୧ରେ ବିଲାତର ନୂତନ ରାଜଚକ୍ରବର୍ତ୍ତୀଙ୍କ ଦରବାର ପରେ ପରେ ୧୯୧୨ରେ ବିହାର ଓ ଓଡ଼ିଶା ବଙ୍ଗଳାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇଗଲା। ସମ୍ବଲପୁର ଓଡ଼ିଶା ଡିଭିଜନ ସଙ୍ଗେ ମିଶିଲା; କିନ୍ତୁ ଦକ୍ଷିଣ ଓଡ଼ିଶାର ପ୍ରଶ୍ନ ସମାଧାନ ହେଲା ନାହିଁ। ୧୯୧୩ ମସିହାରେ ଲର୍ଡ଼ ହାର୍ଡ଼ିଞ୍ଜ କଟକକୁ ଆସିଥିଲେ ଓ ଦେଶମିଶ୍ରଣ ପ୍ରଶ୍ନ ସମ୍ବନ୍ଧରେ ଆଲୋଚନା କରିଥିଲେ।

Digitized by srujanika@gmail.com

ଏସବୁ ତ ପରବର୍ତ୍ତୀ କାଳର ଘଟଣା । ଲକ୍ଷ୍ୟ କରିବାର କଥା ଓଡ଼ିଶାର ଦେଶମିଶ୍ରଣ ଆଶା ଯେତେ ପ୍ରବଳ ହେଲା, ସେତିକି ଭବିଷ୍ୟତ ପ୍ରଦେଶରେ ଶାସନର ପଦବୀ ଲାଭର ଆଶା ଆକାଙ୍‌କ୍ଷା ଲୁକକାୟିତଭାବରେ ପ୍ରବଳ ହେବାରେ ଲାଗିଲା । ଉପରଲିଖିତ 'ଷ୍ଟାର ଅଫ୍ ଉତ୍କଳ' ପତ୍ରିକାରେ ଯେଉଁ ଆକ୍ଷେପ କରାଯାଇଛି ଯେ ଅବିବେକୀ କଥା ଓ କାର୍ଯ୍ୟ ଯୋଗୁଁ ମୁଷ୍ଟିମେୟ ଶିକ୍ଷିତ ଓଡ଼ିଆ ବିପୁଳ ସଂଖ୍ୟକ ଲୋକଙ୍କର ସହାନୁଭୂତି ହରାଇ ସାରିଛନ୍ତି । ଏହାର ତାତ୍ପର୍ଯ୍ୟ ଯାହା ବା ହେଉ ଏଥିରୁ ସ୍ପଷ୍ଟ ହେଉଥିଲା ଯେ ଗଞ୍ଜାମ ଜିଲ୍ଲାରେ ଯାହା କରାଯିବ ତାହା ଖଲିକୋଟ ଓ ଧରାକୋଟ ରାଜାଙ୍କ ସହିତ ପରାମର୍ଶ ଓ ମତ ଅନୁସାରେ କରାଯିବ, ଧରାକୋଟ ରାଜାଙ୍କର ଛାତ୍ରବୃତ୍ତି ପାଇଁ ଦିଆପଣର ବର୍ଣ୍ଣନା ତ ଉପରେ ଫକୀରମୋହନ ସେନାପତିଙ୍କର ଉତ୍କଳ ଭ୍ରମଣରେ ପ୍ରକାଶ ପାଇଛି । ଅର୍ଥାତ୍ ବର୍ଷକୁ ତିନି ଶତ ଟଙ୍କା, ତାହା ମଧ ବାଟମାରଣା ହୋଇଯାଏ ।

"ଦିଅନ୍ତୁ ସ୍କୁଲ ପିଲାଏ କଲେଜ ଦରମା
ସେଥିରୁ ଯାଅନ୍ତି ଖାଇ ଅଧେ ପୁଣି କମ୍ପା ।"

ଆଉ ଖଲିକୋଟର ରାଜା ହରିହର ମର୍ଦ୍ଦରାଜଙ୍କର ମୃତ୍ୟୁ ୧୯୦୯ରେ ହେବା ପୂର୍ବରୁ ବିପୁଳ ଜମିଦାରୀ ଖରିଦ ପାଇଁ ତାଙ୍କର ସମସ୍ତ ରାଜ୍ୟର ରାଜସ୍ୱକୁ ସେ ବନ୍ଧା ପକାଇଥିଲେ ଓ ସେଥିପାଇଁ ବନ୍ଧକ ରଖିଥିବା ମହାଜନ ସେଠାରେ ଜଣେ ସାହେବ ମ୍ୟାନେଜର ଓ ଅନ୍ୟାନ୍ୟ କର୍ମଚାରୀ ରଖି ରାଜାଙ୍କର ପରିବାର ଖର୍ଚ୍ଚ, ସରକାରୀ ସିସ୍ତ ଇତ୍ୟାଦିର ଦାୟିତ୍ୱ ନେଇ ବାକୀ ଆୟରୁ ଆପଣାର କରଜ ଟଙ୍କା ଶୁଝିବାର ବ୍ୟବସ୍ଥା କରିଥିଲେ । ଏହି କାରଣରୁ ଖଲିକୋଟ, ଆଠଗଡ଼ ଓ ବିରୁଳି ଏହି ତିନୋଟି ଜମିଦାରୀରେ ମୃତ୍ୟୁବେଳକୁ ହରିହର ମର୍ଦ୍ଦରାଜଙ୍କର କୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ଅଧିକାର ନ ଥିଲା ।

ତେଣୁ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଜମିଦାରୀରେ ଓଡ଼ିଆ କର୍ମଚାରୀ ମୁତୟନ ଓ ବିଭିନ୍ନ ସ୍କୁଲ ସ୍ଥାପନ କରି ଶିକ୍ଷକ ନିଯୁକ୍ତି ପାଇଁ ବିଶ୍ୱନାଥ ଯେଉଁ ଉଦ୍ୟମ କରିବାକୁ ସଙ୍କଳ୍ପ କରିଥିଲେ, ତାହା ତାଙ୍କର ଆଶାନୁରୂପ ହେଲାନାହିଁ । ୧୯୦୮ ବେଳକୁ ସତ୍ୟବାଦୀ ବନ ବିଦ୍ୟାଳୟ ଆରମ୍ଭ ହୋଇଯିବାରେ ସେଠାରୁ କିଛି କିଛି ତାଲିମପ୍ରାପ୍ତ ଶିକ୍ଷକ ଗଞ୍ଜାମ ଜିଲ୍ଲାକୁ ଆଣିବା ପାଇଁ ସେ ଦାସେ ଆପଣଙ୍କୁ ଅନୁରୋଧ କରି ଚିଠି ଲେଖିଥିଲେ; କିନ୍ତୁ ସ୍କୁଲ ଆରମ୍ଭ ହେଉ ହେଉ ତାଲିମପ୍ରାପ୍ତ ଶିକ୍ଷକ ମିଳିବା ଅସମ୍ଭବ ଥିଲା । ତେଣୁ ବିଶ୍ୱନାଥ ମିଶ୍ରେ ବାଧ ହୋଇ ପୁରୀ ଜିଲ୍ଲାରୁ ଅନେକ ଶିକ୍ଷିତ

Digitized by srujanika@gmail.com

ଯୁବକଙ୍କୁ ଆସିକାକୁ ନେଇ ସେମାନଙ୍କୁ କିଛିଦିନ ଲେଖାଏଁ ଘରେ ରଖି ଗଞ୍ଜାମର ବିଭିନ୍ନ ଘାଟି ଜାଗାରେ ଆନ୍ଦୋଳନ ଚଳାଇବାର ତାଲିମ ଦେଉଥିଲେ । ଏହି ସଂଗଠନର ପ୍ରଭାବର ଅକାଟ୍ୟ ପ୍ରମାଣ ହେଉଛି ପ୍ରତିବର୍ଷର ଶେଷବେଳକୁ ଅର୍ଥାତ୍ ଡ଼ିସେମ୍ବର ୨୯-୩୦ ର ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ପ୍ରତିନିଧି ଭିତରୁ ପ୍ରାୟ ଅର୍ଦ୍ଧେକ ଯାଏ ଏକା ଗଞ୍ଜାମରୁ ହିଁ ଯାଉଥିଲେ ଓ ସମ୍ମିଳନୀର ପ୍ରତ୍ୟେକ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ଏହାଛଡ଼ା ଗଞ୍ଜାମ ଜିଲ୍ଲାରେ ବିଶେଷକରି ବ୍ରହ୍ମପୁର ଓ ଆସିକାଠାରେ ଓଡ଼ିଆ ଭାଷାର ବହୁ ସାମୟିକ ପତ୍ର ପତ୍ରିକା ମଧ ପ୍ରକାଶ ପାଇବାକୁ ଲାଗିଲା ।

ଗଞ୍ଜାମରେ ଦେଶମିଶ୍ରଣ ଆନ୍ଦୋଳନର ପ୍ରସାର ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ହିସାବରେ ଏଭଳି ସ୍କୁଲ ସ୍ଥାପନା, ଛାତ୍ରବୃତ୍ତି ଫଣ୍ଡ ଓ ପତ୍ର ପତ୍ରିକା ସଂପାଦନ ହେବା ଯଥେଷ୍ଟ ଥିଲା; କିନ୍ତୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନ ହେଲେ ଏଭଳି କାର୍ଯ୍ୟର ଏକନିଷ୍ଠ ଓ ସର୍ବାଙ୍ଗୀନ ଉନ୍ନତି ହେବା ସମ୍ଭବ ନ ଥିଲା । ଓଡ଼ିଶାର ବିଚ୍ଛିନ୍ନ ଅଞ୍ଚଳ ଏକ ଶାସନାଧୀନରେ ରହୁ, ଏହା ହିଁ ଥିଲା ୧୯୦୩, ୧୯୦୪, ୧୯୦୫ର ଉତ୍କଳ ସମ୍ମିଳନୀର ଅଧିବେଶନମାନଙ୍କର ଦାବୀ । ସେହି ଦାବୀ ସହିତ ଅବଶ୍ୟ ଓଡ଼ିଆଭାଷୀ ଅଞ୍ଚଳର ଓଡ଼ିଆସ୍କୁଲ, ଓଡ଼ିଆ କଚେରୀ ଭାଷା ଇତ୍ୟାଦି ବିଷୟରେ ପ୍ରସ୍ତାବମାନ ପାଶ୍ ହେଉଥିଲା । ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ଯେ ପ୍ରତି ବର୍ଷ ଠିକ୍ ବର୍ଷର ଶେଷ ଦିନ ଓ ନୂତନ ବର୍ଷର ଆରମ୍ଭରେ ବସୁଥିଲା, ଏହାର ମଧ୍ୟ ଏକ ତାତ୍ପର୍ଯ୍ୟ ଥିଲା । ସେହି ସମ୍ମିଳନୀର ପ୍ରସ୍ତାବ ସବୁ ବର୍ଷ ସାରା ପ୍ରାକୃତିକ ଓଡ଼ିଶାର ବିଭିନ୍ନ ସଭା ସମିତିରେ ପାଶ୍ କରାଇ ସେ ସବୁ ଜନପ୍ରିୟ କରିବା ଥିଲା ଏହି ସମ୍ମିଳନୀର ସମୟ ନିର୍ଘଣ୍ଟର ଉଦ୍ଦେଶ୍ୟ ।

ତଥାପି ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ଉଚିତ, ଏହାରି କଳ୍ପନା ସେତେବେଳେ ଉତ୍କଳ ସମ୍ମିଳନୀ ମଣ୍ଡପରେ ରୂପରେଖ ପାଇ ନ ଥିଲା । ସ୍ମରଣୀୟ ଯେ ୧୯୦୪ରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳ ସେତେବେଳର ବଙ୍ଗଳା (ବଙ୍ଗ,ବିହାର, ଓଡ଼ିଶା, ଆସାମ ଇତ୍ୟାଦିର ସମ୍ମିଶ୍ରଣର ପ୍ରଦେଶ) ସଙ୍ଗେ ରହିବ କି ମଧ୍ୟପ୍ରଦେଶ ସଙ୍ଗେ ସମ୍ବଲପୁର, ଓଡ଼ିଶା ଡିଭିଜନ ଓ ଗଞ୍ଜାମ କୋରାପୁଟ ଇତ୍ୟାଦି ଓଡ଼ିଆଭାଷୀ ଅଞ୍ଚଳ ମିଶିବ, ଏଥିପାଇଁ ଏକ ପକ୍ଷରେ ମଧୁବାବୁ ଓ ଅନ୍ୟ ପଟେ ଗୋପବନ୍ଧୁ ଦାସଙ୍କ ଭିତରେ ମତ ବିରୋଧ ଦେଖା ଦେଇଥିଲା । ଆଗରୁ କୁହାଯାଇଛି ବାରିଷ୍ଟର ବିଶ୍ୱନାଥଙ୍କର ଏକତା ପ୍ରସ୍ତାବ ଓ ଗଞ୍ଜାମର ପ୍ରତିନିଧିମାନଙ୍କର ସୁଦୃଢ଼ ସମର୍ଥନ

Digitized by srujanika@gmail.com

ଫଳରେ ଏହି ବିଷୟର ନିଷ୍ପତ୍ତି ଘୁଞ୍ଚାଇ ଦିଆ ଯାଇଥିଲା। ଏହା ପରେ ପରେ ବଙ୍ଗ ଭଙ୍ଗ ଆନ୍ଦୋଳନର ପ୍ରତିକ୍ରିୟାରେ ମଧୁବାବୁ ମଧ ବଙ୍ଗଳା ସହିତ ଓଡ଼ିଆଭାଷୀ ଅଞ୍ଚଳକୁ ଯୋଡ଼ିବାର ମତ ପରିବର୍ତ୍ତନ କରିବାକୁ ବାଧ ହୋଇଥିଲେ।

୧୯୦୭ରେ ମଧୁବାବୁ ଦ୍ୱିତୀୟବାର ଇଂଲଣ୍ଡ ଯାଇ ସେଠାରେ ତତ୍‌କାଳିନ ଭାରତ ସେକ୍ରେଟେରୀ ଲର୍ଡ଼ ମୋରଲେଙ୍କ ସହିତ ଓ ରୟେଲ ଓୟେଲବି କମିସନ ସହିତ ସାକ୍ଷାତ କରିଥିଲେ। ଏହା ପରେ ୧୯୧୩ରେ ବଡ଼ଲାଟ୍ ଲର୍ଡ଼ ହାଡ଼ିଞ୍ଜ କଟକ ଆସିଥିଲେ ଓ ଓଡ଼ିଆଭାଷୀଙ୍କର ଏକୀକରଣ ପ୍ରଶ୍ନ ବିଷୟରେ ଆଲୋଚନା କରିଥିଲେ। ଏଭଳି ପରସ୍ଥିତିରୁ ଦେଖା ଯାଉଥିଲା ଯେ ଓଡ଼ିଶାର ଦାବୀ ବିଷୟରେ ବିଲାତ ସରକାରୀ ମହଲ ଯଥେଷ୍ଟ ପରିମାଣରେ ଅବହିତ ହୋଇସାରିଥିଲେ। ତଥାପି ମଣ୍ଟାଗ୍ୟୁ ଚେମସ୍ ଫୋର୍ଡ଼ ରିଫର୍ମ ୧୯୧୯ରେ ଆସିବା ପର୍ଯ୍ୟନ୍ତ ବିଲାତ ସରକାର ଏହି ବିଷୟରେ କୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ନଥିଲେ। ଏଭଳି ପରିସ୍ଥିତିରେ ସ୍ଥାନୀୟ କ୍ଷେତ୍ରରେ ସାମାନ୍ୟ ପ୍ରସ୍ତାବ ପାଶ୍ ଛଡ଼ା ଅନ୍ୟ କୌଣସି ପ୍ରକାର ଆନ୍ଦୋଳନର ଅବକାଶ ନ ଥିଲା। ଏଭଳି ଅଚଳ ଅବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ବିଶ୍ୱନାଥ ନୂତନ ପଥର ସନ୍ଧାନରେ ଚେଷ୍ଟିତ ହେଲେ।

■■■

Digitized by srujanika@gmail.com

ସମୁଦ୍ର ଯାତ୍ରା ବିଚାର

(ଏକ)

ମାନ୍ଦ୍ରାଜରେ ପ୍ଲିଡର ପାଠପଢ଼ା ଓ ପରୀକ୍ଷା ଦେବା କାଳରୁ ବିଶ୍ୱନାଥ ଆଇନର ଉଚ୍ଚତର ପର୍ଯ୍ୟାୟକୁ ଯିବାକୁ ଯେ ମନେ ମନେ ପ୍ରତିଜ୍ଞା କରିଥିଲେ, ଏକଥା ଆଗରୁ କୁହାଯାଇଛି; କିନ୍ତୁ ସେତେବେଳେ ସେ ପ୍ରତିଜ୍ଞା ପୂରଣ ପାଇଁ ତାଙ୍କର ସହାୟ ସମ୍ବଳ କିଛି ନ ଥିଲା। ଆସିକାରେ ଓକିଲାତି କଲାପରେ ଦେଶମିଶ୍ରଣ ଆନ୍ଦୋଳନ ପ୍ରତି ବର୍ଷର ନିର୍ଘଣ୍ଟ-ଦୋରସ୍ତ ସମ୍ମିଳନୀରେ ଯୋଗଦେବା ଓ ଆନ୍ଦୋଳନର କର୍ମକର୍ତ୍ତାଙ୍କର ଆସନ-କଜିଆର କୋଳାହଳ ଭିତରେ ରହିବା ଛଡ଼ା ୧୯୦୭ ପରେ ଆଉ ବିଶେଷ କିଛି କାର୍ଯ୍ୟ ନ ଥିଲା। ୧୯୦୭ ରେ ମଧୁବାବୁ ଦ୍ୱିତୀୟଥର ବିଲାତ ଯାଇ ସେଠାରେ ଦେଶମିଶ୍ରଣ ପାଇଁ ବିଲାତ ରାଜ କର୍ତ୍ତୃପକ୍ଷଙ୍କୁ ଭେଟିବା ଫଳରେ ବିଶ୍ୱନାଥଙ୍କ ପାଇଁ ସେହି କାର୍ଯ୍ୟ ସ୍ପୃହଣୀୟ ମନେହୋଇଥିଲା। ଆସିକାର ଓକିଲାତିରେ ସେକାଳକୁ ଚାହିଁ ସେ ବେଶ୍ ସଫଳ ହୋଇଥିଲେ ସତ; କିନ୍ତୁ ସେ ତ ଧନ ଅର୍ଜନ ପାଇଁ ଓକିଲାତିରେ ପଶି ନ ଥିଲେ।

ଫେବୃୟାରୀ ବାର ତାରିଖ ୧୯୧୨ ମସିହାରେ ସତ୍ୟବାଦୀ ସ୍କୁଲର ପହିଲି ମୂଳ ପତନବେଳେ ସେହି ସ୍କୁଲ ଘରର ହରିହର ଲାଇବ୍ରେରୀର ପୁସ୍ତକ ସମେତ ସବୁ ଅଗ୍ନିକାଣ୍ଡରେ ଧ୍ୱଂସ ହୋଇ ଯାଇଥିଲା। ଗୋଦାବରୀଶ ବାବୁଙ୍କର ଆତ୍ମଜୀବନୀରେ ସେ କହିଛନ୍ତି, "ସେତେବେଳେ ସନ୍ଦେହ କରାଗଲା ଯେ କେହି ଜାଣିଶୁଣି ନିଆଁ ଲଗାଇ ଦେଇଛି। ସେ ଘଟଣା ସ୍କୁଲର ଇତିହାସରେ ଗାର ପଡ଼ିଗଲା। × × × ସେ ଯାହାହେଉ 'ନିଶ' ରଖିବା ଫଳରେ ନୀଳକଣ୍ଠ ବାବୁ ସ୍କୁଲ ଉପରେ ସମାଜର କଟାକ୍ଷ ଆଣି ପକାଇଲେ। × × × ସତ୍ୟବାଦୀ ସ୍କୁଲ ଚାରିପାଖ ବ୍ରାହ୍ମଣ ଶାସନମାନଙ୍କରେ ଧାରଣା ଜନ୍ମିଲା ଯେ ସେହି ସ୍କୁଲ ହିଁ ସବୁ ଅନିଷ୍ଟର ମୂଳ। ସେ ପ୍ରକାର ପରିସ୍ଥିତିରେ ସ୍କୁଲ ଘର ଅକସ୍ମାତ ପୋଡ଼ିଗଲେ ମଧ୍ୟ ନିଆଁ ଲଗାଇ ଦେଇଥିବା ସ୍ୱାଭାବିକ।" ଗୋଦାବରୀଶ ବାବୁ ତାଙ୍କର ସ୍ୱଭାବ ସୁଲଭ ସ୍ୱଚ୍ଛ ଭାଷଣରେ ଏହି କଥାକୁ ଏପରି ମାମୁଲି ଭାଷାରେ ଲେଖିଛନ୍ତି; କିନ୍ତୁ ନୀଳକଣ୍ଠଙ୍କର ଏ ବିଷୟରେ ମତାମତ ଥିଲା ରୋକ୍‌ଠୋକ୍ ଯେ ସ୍କୁଲ ଘରେ ଜାଣିଶୁଣି ଅଗ୍ନି ସଂଯୋଗ କରାଯାଇଥିଲା। ସ୍ୱର୍ଗତଃ

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, "ପରଦିନ ଖରାବେଳକୁ ଘର ପୋଡ଼ି ସମ୍ବାଦ ପାଇ ଗୋପବନ୍ଧୁ ବାରିପଦାରୁ ଆସି ପହଞ୍ଚିଲେ। ଶିକ୍ଷକମାନେ ସମସ୍ତେ ତାଙ୍କ ଗୋଡ଼ ତଳେ ମୁଣ୍ଡିଆ ମାଇଲେ। ସମସ୍ତେ ବିଷର୍ଣ୍ଣ – କିନ୍ତୁ ତାଙ୍କ ମୁଖ ସରସ, ପ୍ରଫୁଲ୍ଲ ଓ ସହାସ୍ୟ ଥିଲା। ସେ ଆମ୍ଭମାନଙ୍କୁ ଉତ୍ସାହ ଦେଇ କହିଲେ, "ଏଥିପାଇଁ ଦୁଃଖ କ'ଣ ? ଭଗବାନଙ୍କର ଇଚ୍ଛା ବୋଧହୁଏ ଏ ବିଦ୍ୟାଳୟ ପାଇଁ କୋଠାଘର ହେବ।" ସେତେବେଳେ ସତ୍ୟବାଦୀ ସ୍କୁଲର ଏହି ବିପଦରେ ଗଞ୍ଜାମ ସବୁଠାରୁ ବିଶେଷ ସାହାଯ୍ୟ କରିଥିଲା। ଏହି ସାହାଯ୍ୟର ମୂଳରେ ଥିଲେ ବିଶ୍ୱନାଥ ମିଶ୍ର। ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, "ବିଶେଷରେ ଗଞ୍ଜାମର ରାଜା ଓ ଜମିଦାରମାନେ ସତ୍ୟବାଦୀ ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଯଥା ଶକ୍ତି ସାହାଯ୍ୟ ଓ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିଲେ।"

ସତ୍ୟବାଦୀ ସ୍କୁଲର ନୂଆ କୋଠାଘର ତିଆରି ଓ ପ୍ରତିଷ୍ଠା ସେହି ୧୯୧୨ ମସିହାର ମଧ୍ୟଭାଗରେ ଶେଷ ହୋଇଗଲା। ଅବଶ୍ୟ ସମୁଦାୟ ସ୍କୁଲର କ୍ଲାସ ଏହି କୋଠାଘରେ ହେବାର ଯୋଜନା ନ ଥିଲା। ସତ୍ୟବାଦୀ ଥିଲା ପ୍ରକୃତ ପକ୍ଷରେ ଏକ ବନ ବିଦ୍ୟାଳୟ। ବକୁଳ, ଛୁରିଅନା, ତମାଳ କୁଞ୍ଜ ଭିତରେ ଚଳିବା ବିଷୟରେ ସତ୍ୟବାଦୀ ବିଦ୍ୟାଳୟ ଏକ ଆଦର୍ଶ ସ୍ଥାନୀୟ ଶିକ୍ଷାୟତନ ଭାବରେ ସାରା ଭାରତରେ ପ୍ରସିଦ୍ଧି ଲାଭ କଲା। ବିଶ୍ୱନାଥଙ୍କର ଉପସ୍ଥିତ ଅଲିଖିତ ଚୁକ୍ତି ଅର୍ଥାତ୍ ସତ୍ୟବାଦୀ ବିଦ୍ୟାଳୟ ପ୍ରତି ତାଙ୍କର ତାତ୍କାଳିକ କର୍ତ୍ତବ୍ୟର ପ୍ରଥମ ଅଧ୍ୟାୟ ଶେଷ ହୋଇଗଲା।

ସେତେବେଳଯାଏ ଗୋପବନ୍ଧୁ ବାରିପଦା ଛାଡ଼ି ପୂରାପୂରି ସତ୍ୟବାଦୀକୁ ଆପଣାର କର୍ମକେନ୍ଦ୍ର କରି ନ ଥାନ୍ତି। ଭବିଷ୍ୟତର ଏପରି ଆପଦ ବିପଦକୁ ଦୃଷ୍ଟିରେ ରଖି ବିଶ୍ୱନାଥ ମନେ ମନେ ସ୍ଥିର କରିଥିଲେ ଉଚ୍ଚତର ଆଇନ ଶିକ୍ଷା ଲାଭ କରିବାର କଳ୍ପନାକୁ ଫଳବତୀ କରିବାକୁ ହେବ ଓ ତାହାର କାଳବିଳମ୍ବ କଲେ ଚଳିବ ନାହିଁ। ଆସିକାର ଓକିଲାତିର କର୍ତ୍ତବ୍ୟ ଶେଷ ହୋଇ ଯାଇଛି। ଜୀବନର କର୍ମକ୍ଷେତ୍ର ବିଶାଳତର କରିବାର କର୍ତ୍ତବ୍ୟର ଅହ୍ୱାନ ଆସିଯାଇଛି। ଓଡ଼ିଶାର ଓ ଭାରତର ବିଶେଷତଃ ଓଡ଼ିଶାର ଯେଉଁ ଅପୂର୍ଣ୍ଣ ବିଶାଳ କାର୍ଯ୍ୟ ରହିଛି, ତାହା ପାଇଁ ଉପଯୁକ୍ତ ହେବାକୁ ହେଲେ ତାଙ୍କୁ ଆସିକାର ସୀମିତ ବାତାବରଣକୁ ଅତିକ୍ରମକରି ବିରାଟ ଦୁନିଆକୁ ଭେଟିବାକୁ ହେବ।

ବିଶ୍ୱନାଥ ଆପଣାର ବାଲ୍ୟକାଳରୁ ଆଚରିତ ପରୀକ୍ଷିତ ପନ୍ଥା ଗ୍ରହଣ କରିବାକୁ ମନସ୍ଥ କଲେ। ସେ ପନ୍ଥା ହେଲା ଆବଶ୍ୟକତାକୁ ଏକ ପୁଣ୍ୟ କର୍ତ୍ତବ୍ୟରେ ପରିଣତ

Digitized by srujanika@gmail.com

କରିବାର ପନ୍ଥା । ଇଂରାଜୀ ପ୍ରବଚନରେ ଯାହା ହେଲା **"Make virtue of a necessity"** । ଆପଣାକୁ ସୁଯୋଗ୍ୟ କରିବାକୁ ହେବ ଓ ସେହି ପ୍ରକ୍ରିୟା ଚାଲିଥିଲାବେଳେ ବିଲାତରେ ଓଡ଼ିଶାର ଦାବୀ ଘେନି ଯଥାସମ୍ଭବ ଉଦ୍ୟମ କରିବାକୁ ହେବ ଓ ମଧୁବାବୁ ପ୍ରଭୃତି ବିଲାତରେ ଯାହା କରିଛନ୍ତି ତାହାର ଯୋଗସୂତ୍ର ଧରି ତାହାକୁ ଆହୁରି ଅଗ୍ରସର କରି ନେବାକୁ ହେବ । ଏହି କାର୍ଯ୍ୟପାଇଁ ଆତ୍ମନିର୍ଭରଶୀଳ ଭାବରେ ବିଲାତରେ ବାରିଷ୍ଟରୀ ପାଶ୍ କରିବାକୁ ହେବ ଓ ଏହି ବାରିଷ୍ଟରୀ ପାଶ୍ କରିବାର ଦେଢ଼ ବର୍ଷ କାଳ ଭିତରେ ଜାତୀୟ କର୍ତ୍ତବ୍ୟର ଯଥାସାଧ୍ୟ ଉଦ୍ୟମରେ ନିୟୋଜିତ ହେବାକୁ ପଡ଼ିବ ।

(ଦୁଇ)

ବିଶ୍ୱନାଥଙ୍କ ପରି ସ୍ୱଚ୍ଛ ସମ୍ବଳ ସୁପାରିଶହୀନ ବ୍ୟକ୍ତି ପାଇଁ ସେକାଳରେ ଏଭଳି କଳ୍ପନା – ଅର୍ଥାତ୍ ବିଲାତରେ ବାରିଷ୍ଟରୀ ପାଶ୍ କରିବା ଥିଲା ଏକ ପ୍ରଚଣ୍ଡ ଦୁଃସାହସ । ପ୍ରଥମ କଥା ଏଥିପାଇଁ ଓଡ଼ିଶା କ୍ଷେତ୍ରରେ କୌଣସି ନଜୀର ନ ଥିଲା । ପାଠ ପଢ଼ିବାକୁ ଦରିଆପାରି ଯିବାରେ ସେ ଥିଲେ ଓଡ଼ିଶାରେ ପ୍ରଥମ । ଏଥି ପୂର୍ବରୁ ଓଡ଼ିଶାରୁ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ବିଦେଶ ଯାଇ ଫେରିଥିଲେ । ସେଥିପାଇଁ ତାଙ୍କୁ ପ୍ରାୟଶ୍ଚିତ କରିବାକୁ ପଡ଼ିଥିଲା । (ନୀଳମଣି ବିଦ୍ୟାରତ୍ନ, ସମୁଦ୍ର ଯାତ୍ରା ବିଚାର) କନିକା ଓ ସୁରଙ୍ଗୀର ରାଜାମାନେ ଦ୍ୱୀପାନ୍ତର ଯାତ୍ରା କରି ସେହି ଯାତ୍ରା ଦୋଷାବହ ମନେ ନ କରି ସେଥିପାଇଁ ପ୍ରାୟଶ୍ଚିତ୍ତ କରି ନ ଥିଲେ । ଶେଷୋକ୍ତ ମହାରାଜା, ରାଜାମାନେ ଦେଶ ପର୍ଯ୍ୟଟନ ବା ଆପଣାର କାର୍ଯ୍ୟ ଉପଲକ୍ଷ୍ୟରେ ବିଦେଶ ଯାଇଥିଲେ । କେହି ବିଦ୍ୟା ଶିକ୍ଷା କରିବାକୁ ଯାଇ ନ ଥିଲେ । ସେମାନେ ଥିଲେ ସମ୍ବଳ ଯୋଗାଡ଼ ପାଇଁ ବେପରବାୟ ମହାରାଜା, ରାଜା । ଆଉ ବିଶ୍ୱନାଥ ଦୀନ ଦରିଦ୍ର ବ୍ରାହ୍ମଣ ସନ୍ତାନ । ମଧୁବାବୁ ଅବଶ୍ୟ ଏଥି ଭିତରେ ଦୁଇ ଥର ବିଲାତ ଯାଇଥିଲେ; କିନ୍ତୁ ମଧୁବାବୁ ହେଉଛନ୍ତି ମଧୁବାବୁ । ଗୋପବନ୍ଧୁଙ୍କ ଭାଷାରେ ଏକଶିଂଘା ଷଣ୍ଢ । ସମାଜ, ସଂସାରର ପରମ୍ପରା ଓ ଧର୍ମର ବନ୍ଧନ ସଙ୍ଗେ ତାଙ୍କର ଯୋଗସୂତ୍ର ନ ଥିଲା କହିଲେ ଚଳେ । ସେ ବାରିଷ୍ଟର ନ ଥିଲେ । ତଥାପି ତାଙ୍କୁ ଲୋକେ ମଧୁ ବାରିଷ୍ଟର ବୋଲି ଡାକୁଥିଲେ । ଏହା ଥିଲା ସମ୍ମାନର ଏକ ପ୍ରତୀକ । ଯେପରି ଡାକ୍ତରୀ ପାଶ୍ ନ କରିଥିବା ଚିକିତ୍ସକ ବା କମ୍ପାଉଣ୍ଡରକୁ ମଧ ଲୋକେ ସମ୍ମାନରେ ଡାକ୍ତର ବୋଲି ଡାକି ଥାଆନ୍ତି, ଏ ଥିଲା ସେପରି ବେଭାର ।

Digitized by srujanika@gmail.com

ଦ୍ୱିତୀୟ କଥା – ତାଙ୍କର ନିଜର ଦାୟିତ୍ୱର ପରିବାର ଓ ତାହାଛଡ଼ା ଗାଁରେ ମୃତଦାର ବାସ୍ତରୀ ବୟସର ବୃଦ୍ଧ ପିତା ଓ ଭାଇ ଭଉଣୀ ଓ ସେମାନଙ୍କ ସହିତ ଏକାନ୍ନବର୍ତ୍ତୀ ପରିବାର ଜୀବନ। ବାରିଷ୍ଟରୀ ପାଠ ସିନା ଦେଢ଼ ବର୍ଷ; କିନ୍ତୁ ଦରିଆ ସେପାରି ସମୁଦ୍ର ପଥରେ ଯିବା ପରେ ଦେଢ଼ ବର୍ଷ ହୁଏତ ଦୁଇ ବର୍ଷ ହୋଇପାରେ, ତିନିବର୍ଷ ହୋଇପାରେ, ତା'ଛଡ଼ା ସେକାଳେ ଧାରଣା ଥିଲା ଏଭଳି ଅବ୍ୟାପାର ଭିତରେ ଯଦି କିଏ ସାଧାରଣିଆ ଅଳ୍ପ ବିତ୍ତ ଲୋକ ପଶିବ, ତାହା ପାଇଁ କେତେ ବିପଦ ଆପଦ ଆଗକୁ ରହିଛି, ତାହା କିଏ କଳନା କରିବ । ଆଜି ଅବଶ୍ୟ ଭାରତରୁ ଜେଟ ବିମାନରେ ଉଡ଼ିଗଲେ ରାତି ୭/୮ଟା ବେଳକୁ ବିଲାତରେ ପହଞ୍ଚି ହେବ; କିନ୍ତୁ ସେ କାଳେ ତ ବିରାଟ ସମୁଦ୍ର ଭିତରେ ଦିନ ନାହିଁ, ରାତି ନାହିଁ ଅନନ୍ତ ଜଳରାଶିର ଭୀଷଣ କ୍ଳାନ୍ତିକର ଅତ୍ୟାଚାର ଭିତରେ ଦେଢ଼ ମାସ ଯିବାକୁ ଓ ଦେଢ଼ମାସ ଫେରିବାକୁ। ଓଡ଼ିଶାରେ ଯେଉଁମାନେ ପିତୃଶ୍ରାଦ୍ଧ ପିଣ୍ଡଦାନ ପାଇଁ ଗୟା ଯାଆନ୍ତି, ତାଙ୍କ ବିଷୟରେ ତ କଥା ଥିଲା ଓ ବାସ୍ତବରେ ତାହା ବି ବହୁ କ୍ଷେତ୍ରରେ ସତ୍ୟ ହେଉଥିଲା। "ଯୋ ଗୟା, ସୋ ଗୟା", ଅର୍ଥାତ୍ ଯିଏ ଗୟା ଗଲା ସେ ଗଲା ବୋଲି ଜାଣ, ସେ ମଲାଗଲା ବୋଲି ଜାଣ। ତେବେ ଯିଏ କଳା ପାଣି ଡେଇଁ କରି ଗଲା, ସେ ଯେ ଆଉ ଭାରତ ମାଟି ପୁଣି ଛୁଇଁବ ଏହାର ପ୍ରତ୍ୟବାୟ କ'ଣ ?

ତୃତୀୟ କଥା ହେଲା ଜାତି କୁଳାଚାର। ଏହା ଥିଲା ଏକ ପ୍ରଚଣ୍ଡ ପ୍ରତିବନ୍ଧକ। ସେତେବେଳକୁ ଭାରତରୁ ବ୍ରାହ୍ମଣ, ସାଧବମାନେ ଯେ ଧର୍ମ ପ୍ରଚାର, ପର୍ଯ୍ୟଟନ, ବ୍ୟବସାୟ ବାଣିଜ୍ୟ ସୂତ୍ରରେ ବିଦେଶ ଯିବାର ଓ ସମୁଦ୍ର ପାର ହେବାର ବିଧି ଥିଲା, ତାହାର ଲେଶ୍ ମାତ୍ର ଚିହ୍ନ ଓଡ଼ିଶାରେ ନ ଥିଲା। ଏହି କାର୍ଯ୍ୟର ଆବଶ୍ୟକତା ପରମ୍ପରାଶ୍ରୟୀ ଶାସନୀ ବ୍ରାହ୍ମଣ ସମାଜ ଓ ଏପରିକି ମୁକ୍ତିମଣ୍ଡପ ପଣ୍ଡିତସଭା ଗ୍ରହଣ କରୁ ନ ଥିଲେ। ପରମ୍ପରା ଭିତରୁ କେଉଁ ବିଧିଗୁଡ଼ିକ ତତ୍କାଳ କ୍ଷେତ୍ରରେ ଅନୁପଯୋଗୀ, ଏ କଥାରେ ଧାରଣା ବା ଏଥିପାଇଁ ଚେତନା ନ ଥିଲା। ତେଣୁ ଦଳେ ଥିଲେ ସଂସ୍କାର ପ୍ରୟାସୀ ବିଦ୍ରୋହୀ ଓ ଅନ୍ୟ ସମସ୍ତେ ଥିଲେ କୁସଂସ୍କାରବଦ୍ଧ ପଙ୍କିଳ ଚିନ୍ତାର ବ୍ୟକ୍ତି। ଏମାନଙ୍କୁ କୁହା ଯାଉଥିଲା ଧର୍ମଧ୍ୱଜୀ। ବିଶେଷତଃ ସେତେବେଳେ ଓଡ଼ିଶାରୁ ଓ ବିଶେଷକରି ପୁରୀ ଶାସନବାଡ଼ରୁ କେହି କଳା ପାଣି ପାରି ହେଉ ନ ଥିଲେ। ସେତେବେଳେ ଜାତୀୟ ମୁକ୍ତି ଆନ୍ଦୋଳନରେ ମଧ୍ୟ ଦ୍ୱୀପାନ୍ତର ଯିବାର ଭାଗ୍ୟ ଭାରତବାସୀ ପାଇଁ ଜୁଟି ନ ଥିଲା। ତେଣୁ କଳା ପାଣି ପାର ହେବାରେ ଦେଶପ୍ରେମର ଗୌରବର ତେଜ ନ ଥିଲା।

Digitized by srujanika@gmail.com

ପାରମ୍ପରିକ ଧର୍ମଧ୍ୱଜୀମାନେ ବିଲାତରେ ରହଣି ଓ ଚଳଣିକୁ ନସ୍ୟାତ୍ କରିବାର କାରଣ ଭିତରେ କେତେକ କାରଣ ଥିଲା ଅଜ୍ଞତା, କେତେକ ଅବଶ୍ୟ ସୁସ୍ପଷ୍ଟ ଆତଙ୍କ ବି ଥିଲା। ଗାନ୍ଧୀଙ୍କର ବିଲାତ ଗମନବେଳେ ସେ ଆମିଷ ଭକ୍ଷଣ ଓ ସ୍ତ୍ରୀ ସଂସର୍ଗ ଉଭୟ ବର୍ଜନ କରିବେ ବୋଲି ଗୁରୁଜନଙ୍କର ପାଦ ଛୁଇଁ ନିୟମ କରି ଯାଇଥିଲେ। ବିଲାତ ସମାଜର ଚାଲିଚଳଣ ଯେ ଭାରତୀୟ ହିନ୍ଦୁ ଜୀବନର ପିତୃସତ୍ତା ଏକାନ୍ନବର୍ତ୍ତୀ ରକ୍ଷଣଶୀଳ ସାମନ୍ତବାଦୀ ସମାଜଠାରୁ ଭିନ୍ନ ଥିଲା, ଏଠାର ରୁଚି, ଶ୍ଳୀଳତା, ଶାଳୀନତା, ଯୌନ ଶୁଦ୍ଧି ଇତ୍ୟାଦିର ମାପକାଠି ବିଲାତର ମାପକାଠି ଅପେକ୍ଷା ଭିନ୍ନ ଥିଲା, (ଏପରି କି ଆଜିର ବିଟାଳ ଯୁଗରେ ମଧ ଭିନ୍ନ ରହିଛି) ଏକଥା ସ୍ୱୀକାର କରିବାକୁ ପଡ଼ିବ। ପ୍ରତ୍ୟେକ କର୍ମ ଉଦ୍ୟମରେ, କିଛି କିଛି ବିରୋଧୀ କ୍ରିୟା ଥାଏ। ବିରୋଧ ବା ଦ୍ୱନ୍ଦ୍ୱ ବିନା ଅଗ୍ରଗତି ଅସମ୍ଭବ। ଯେପରି ଅନ୍ଧାର ନ ଥାଇ ଆଲୋକର କଳ୍ପନା ଅସମ୍ଭବ। କିନ୍ତୁ ଦ୍ୱନ୍ଦ୍ୱବାଦର ଏହି ଦ୍ୱୈତକ୍ରିୟା ବିଷୟରେ ସେବେ କାହିଁକି ଏବେ ମଧ ପରମ୍ପରାର ଅଚଳ ମହାମେରୁମାନେ ନିର୍ବିଚାର। ସେମାନେ ମୋଟେ ବୁଝନ୍ତି ନାହିଁ ଯେ ବିନା କଣ୍ଟାରେ କେବେ ଗୋଲାପ ଫୁଲ ଫୁଟେ ନାହିଁ। ତେବେ କଣ୍ଟା ଅଛି ବୋଲି କେହି ଗୋଲାପ ଫୁଲକୁ ଅସ୍ୱୀକାର କରେ ନାହିଁ। ଅଥବା ହାତ ଗୋଡ଼ରେ ମାଟି ଲାଗିବ ବୋଲି ଫସଲ ଫଳାଇବାକୁ ମନୁଷ୍ୟର ଜୀବିକାରୁ ବାଦ ଦିଆଯାଇ ପାରେ ନାହିଁ। ତେଣୁ ଅନ୍ୟ ଦେଶର ଭିନ୍ନ ଆଚାର ବିଚାର, ରୁଚି ଅରୁଚି ସହିତ ଆମର ବିରୋଧ ଥିବା ଯୋଗୁଁ ସେଠାରୁ କିଛି ଶିକ୍ଷା ନ କରିବା ବା ସେଠାରେ ପ୍ରବେଶ ନ କରିବା ହେଉଛି ଏକ ଅନ୍ଧକୂପ ମନର କ୍ରିୟା। ଦୁର୍ଭାଗ୍ୟର କଥା ଏଭଳି ଅନ୍ଧକୂପ ମନର କ୍ରିୟା ଯୁଗେ ଯୁଗେ ରହି ଆସିଛି। ଏହା ମଧ ଦ୍ୱନ୍ଦ୍ୱବାଦୀ ବିଜ୍ଞାନର ପ୍ରମାଣ।

(ତିନି)

ସତକୁ ସତ ଶେଷୋକ୍ତ କାରଣର ଉତ୍ତରରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ୧୯୧୩ ମସିହାରେ ଖଣ୍ଡିଏ ପୁସ୍ତିକା ଲେଖିଥିଲେ। ତାହାର ନାମ ଥିଲା 'ସମୁଦ୍ର ଯାତ୍ରା ବିଚାର'। ଏ ପୁସ୍ତକର ବର୍ତ୍ତମାନ ସମାଜରେ ଉପଯୋଗିତା କିଛି ନାହିଁ; କିନ୍ତୁ ଇତିହାସର କ୍ରମବିବର୍ତ୍ତନ ଦୃଷ୍ଟିରୁ ଏହି ପୁସ୍ତିକାରେ ଏକ ଇତିହାସ ତାତ୍ତ୍ୱିକମୂଲ୍ୟ ରହିଛି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏହି ପୁସ୍ତିକାଟିରେ ଆପଣାର ଯୁକ୍ତି ବା ମତାମତ ଦେବା ଶ୍ରେୟସ୍କର ମଣି ନାହାନ୍ତି। ସେ ସେକାଳର ପରମ୍ପରା କିପରି ଶାସ୍ତ୍ର ବିଗର୍ହିତ,

Digitized by srujanika@gmail.com

ତାହା ଦର୍ଶାଇବା ପାଇଁ ଆଲାହାବାଦ ମ୍ୟୁର କଲେଜର ସେବକାଳର ସଂସ୍କୃତ ଅଧ୍ୟାପକ ମହାମହୋପାଧ୍ୟାୟ ପଣ୍ଡିତ ଗଙ୍ଗାନାଥ ଝା ଏମ୍.ଏ. ଡ଼ି. ଏଲ ମହୋଦୟଙ୍କର ସଂକଳନରୁ ଶ୍ରୀପାଳ ଚରିତ, ଋକ ବେଦ, ଅଥର୍ବ ବେଦ ଓ ରାଜତରଙ୍ଗିଣୀ, ହରିବଂଶ, ଭାଗବତ, ମାର୍କଣ୍ଡେୟ ପୁରାଣ, ଦଶକୁମାର ଚରିତ, ଅଧ୍ୟାତ୍ମ ରାମାୟଣ, ବୌଦ୍ଧାୟନ, ମହାଭାରତ, ପଦ୍ମପୁରାଣ ବିଭିନ୍ନ ଉଦ୍ଧୃତି ପୁସ୍ତିକାଟିର କଳେବରରେ ଦେଇଛନ୍ତି ଓ ପୁରୀର ସେ କାଳର ଗୋବର୍ଦ୍ଧନ ମଠ ମହନ୍ତ ଶଙ୍କରାଚାର୍ଯ୍ୟ ମଧୁସୂଦନ ତୀର୍ଥ ଗୋସ୍ୱାମୀ ଓ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କର ପଣ୍ଡିତ ସଭାର ମତାମତ ସମୁଦ୍ର ଯାତ୍ରାର ସମର୍ଥକ ଥିବାର ଉଲ୍ଲେଖ କରିଛନ୍ତି।

ବିଦ୍ୟାରତ୍ନଙ୍କର ଏହି ପୁସ୍ତିକା ବିଶ୍ୱନାଥ ମିଶ୍ର ବାରିଷ୍ଟର ବିଶ୍ୱନାଥ ମିଶ୍ର ହୋଇ ବିଲାତରୁ ଫେରିବା ପରେ ଓ କଲିକତାରେ ବାରିଷ୍ଟରି କରିବାପାଇଁ ପ୍ରସ୍ତୁତ ହେଲାବେଳେ ୧୯୧୩ ମସିହାରେ ପ୍ରକାଶିତ ହୋଇଥିଲା; କିନ୍ତୁ ଏଥିରେ ପୁରୀର ମୁକ୍ତିମଣ୍ଡପ ପଣ୍ଡିତ ସଭା ଅଥବା ନୂଆ ସୋମେଶ୍ୱରପୁର ବ୍ରାହ୍ମଣ ସମାଜରେ ଏହି ବିଚାରର କୌଣସି ସୁଫଳ ଫଳି ନ ଥିଲା। ଏହାର କାରଣ ଥିଲା ସୁସ୍ପଷ୍ଟ। ପଣ୍ଡିତ ସଭା ବା ବ୍ରାହ୍ମଣ ସମାଜର ଅଧିକାଂଶ ବ୍ୟକ୍ତି ପ୍ରକୃତରେ ପ୍ରାଚୀନ ଶାସ୍ତ୍ରର ନଜୀର ବା ରୁଲିଂ ଦେଖି ବ୍ୟବସ୍ଥା ଦେବା ଅଭିପ୍ରାୟରେ ନ ଥିଲେ। ସେମାନେ ବିଶ୍ୱନାଥ ମିଶ୍ରଙ୍କ ଠାରୁ ପ୍ରାୟଶ୍ଚିତ୍ତ ଦଣ୍ଡ ଦକ୍ଷିଣା ଲୋଡୁଥିଲେ। ସାମନ୍ତବାଦର ଅବକ୍ଷୟୀ ଅବସ୍ଥାର ଶାସନବାଡ଼ ବ୍ରାହ୍ମଣମାନଙ୍କର ଆର୍ଥିକ ସ୍ଥିତି ଏପରି ନିମ୍ନଗାମୀ ହୋଇ ଯାଇଥିଲା ଯେ ସେମାନଙ୍କ ମନ ମଧ ଦରିଦ୍ର ହୋଇ ଯାଇଥିଲା ଓ ସେହି କାରଣରୁ ଜୋରିମାନା, ଭୋଜି ଜନ୍ତାଳ, ବ୍ରାହ୍ମଣ ଭୋଜନର ଯେକୌଣସି ସୁଯୋଗ ଯୋଗାଡ଼ ପାଇଁ ଆଳ ବାହାର କରିବା ଥିଲା ସେମାନଙ୍କର ଧର୍ମ ଧାରଣାର ଚାବିକାଠି। ଏଭଳି ଅବିବେକୀ ନୀଚତା ଓ ପରମ୍ପରାଶ୍ରୟୀ ଅକଡ଼ବାଜ ଫଳରେ ଶେଷରେ ଶାସନବାଡ଼ର ବ୍ରାହ୍ମଣମାନଙ୍କର ଲୋକାଚାରର ବିବର୍ତ୍ତନ ସମ୍ମତ ବିଚାର ଲୋପ ପାଇଗଲା ଓ ନୂତନ ସଂସ୍କାର ବିଦ୍ରୋହୀ ଭାବରେ ଓ ବିଭ୍ରାଟକାରୀ ଭାବରେ ପ୍ରବେଶ କରିଗଲା। ଉକ୍ତ ସଂସ୍କାରକୁ ଶତ୍ରୁଭାବରେ ଗ୍ରହଣ କରି କରି ଶେଷରେ ରକ୍ଷଣଶୀଳମାନେ ହତାଶଭାବରେ ଆପଣାର କୋହ ଓ ଅଭିମାନ ମନରେ ମାରି ରହିଲେ ଓ କ୍ରମେ ସଂସାରରୁ ବିଦାୟ ହୋଇଗଲେ।

ତେବେ 'ସମୁଦ୍ର ଯାତ୍ରା ବିଚାର'ର ନିବେଦନ ବିଶେଷ ଫଳପ୍ରଦ ହେଲା ନାହିଁ ସତ; କିନ୍ତୁ ବିଶ୍ୱନାଥ ମିଶ୍ରଙ୍କର ଧୈର୍ଯ୍ୟ, ସହିଷ୍ଣୁତା ଓ କ୍ଷମାଶୀଳତାର ହିଁ ଶେଷରେ ଜୟ ହେଲା। ତାହା ବିଶ୍ୱନାଥ ମିଶ୍ରେ ବାରିଷ୍ଟର ବିଶ୍ୱନାଥ ମିଶ୍ରେ ହେବାର

Digitized by srujanika@gmail.com

ବାର ବର୍ଷ ପରେ। ସମାଜ ସଂସ୍କାରର ଏହି ଧାରାକୁ ସେ କାହାକୁ ଶିଖାଇ ନ ଥିଲେ ବା କାହାଠାରୁ ଶିଖିଲେ ତାହା ମଧ୍ୟ ଜଣା ନାହିଁ। ସେତେବେଳେ ଗାନ୍ଧିଜୀ ଓ ତାଙ୍କର ଅହିଂସାର ପ୍ରଚାର ଓ ପ୍ରସାର ତ ଭାରତ ଭୂମିରେ ନ ଥିଲା। ସେତେବେଳେ କିନ୍ତୁ ଶାସନବାତ ଭିତରେ କୁସଂସ୍କାର ବିରୋଧୀ ଆନ୍ଦୋଳନ ଖୁବ୍ ଜୋର୍‌ରେ ଚାଲିଥାଏ। ଏହାର କେନ୍ଦ୍ର ଥାଏ ସତ୍ୟବାଦୀ ସ୍କୁଲ ଓ ଥାଆନ୍ତି ପଣ୍ଡିତ ନୀଳକଣ୍ଠ ଦାସ ଓ ତାଙ୍କର ସହକର୍ମୀ ବୃନ୍ଦ। ସେତେବେଳକୁ ସତ୍ୟବାଦୀ ବିଦ୍ୟାଳୟରେ ଜାତି ଧର୍ମ ନିର୍ବିଶେଷରେ ପଂକ୍ତିଭୋଜନ ବ୍ୟବସ୍ଥା ଆରମ୍ଭ ହୋଇ ଯାଇଯାଏ। ବ୍ରାହ୍ମଣ ପିଲା, କଣ୍ଡରା ପିଲା ଅର୍ଥାତ୍ ସ୍ପୃଶ୍ୟ ଓ ଅସ୍ପୃଶ୍ୟ ଏକାଠି ଲଗାଲଗି ହୋଇ ପତର ପକାଇ ଭୋଜନ କରୁଥାଆନ୍ତି। ଏସବୁ ଥିଲା ରକ୍ଷଣଶୀଳମାନଙ୍କୁ ଅସହ୍ୟ। ଏହି କାରଣରୁ ହିଁ ବୋଧହୁଏ ୧୯୧୨ ରେ ସତ୍ୟବାଦୀର ପୂର୍ବର ମାଇନର ସ୍କୁଲର ଚାଳଘରକୁ କେହି ଅସହିଷ୍ଣୁ ରକ୍ଷଣଶୀଳଙ୍କ ନିର୍ଦ୍ଦେଶରେ ପୋଡ଼ି ଛାରଖାର କରି ଦିଆ ଯାଇଥିଲା। ଏଥିରେ ପଣ୍ଡିତ ନୀଳକଣ୍ଠ ଓ ତାଙ୍କର ସମଧର୍ମୀମାନେ ଆହୁରି ତେଜି ଉଠିଥିଲେ। ଗାଁ ଗାଁରେ ଛାତ୍ରମାନେ ସ୍ଲୋଗାନ ଦେଇ ଅନ୍ଧ କୁସଂସ୍କାର ଦୂର କରିବାକୁ ଡାକରା ଦେଇ ଶୋଭାଯାତ୍ରା କରିଥିଲେ। ସବୁ ବ୍ରାହ୍ମଣ ପିଲାଏ ରାଣ ନିୟମ ପକାଇଲା ପରି ଆର୍ଯ୍ୟ ଲକ୍ଷଣ 'ନିଶ' ରଖି ବାଟ ଚାଲିବା ଆରମ୍ଭ କରିଥିଲେ।

ବିଶ୍ୱନାଥ ବାବୁ ବିଲାତ ଯାଇଥିବା ଅପରାଧରେ ଗ୍ରାମବାସୀଙ୍କଠାରୁ ଯେପରି ପ୍ରଚଣ୍ଡ ଆଘାତ ପାଇଥିଲେ, ତାହା ଓଡ଼ିଶାରେ ଖୁବ୍ ଅଳ୍ପ ବିଲାତଫେରନ୍ତା ବ୍ୟକ୍ତିଙ୍କ ଜୀବନରେ ଘଟିଥିବ; ତଥାପି ସେ ପ୍ରସନ୍ନ ଚିତ୍ତରେ ସହାସ୍ୟ ବଦନରେ ସବୁ ସହି ନେଇ ଯାଇଛନ୍ତି। ତାଙ୍କର ସଂସ୍କାରଶୀଳତାର ବିଶେଷତ୍ୱ ହେଉଛି, ସେ ରକ୍ଷଣଶୀଳ ସମାଜ ପ୍ରତି କଦାପି ନିଷ୍ଠୁର ବ୍ୟବହାର କରି ନାହାନ୍ତି। ସ୍ୱର୍ଗତ ନୀଳକଣ୍ଠ ଦାସଙ୍କ ଭଳି ଶାଣିତ, ଯୁକ୍ତିସିଦ୍ଧ କଠୋର ବ୍ୟଙ୍ଗରେ ସେ ସମାଜର ପଣ୍ଡାମାନଙ୍କୁ କଷାଘାତ କରି ନାହାନ୍ତି। ପଣ୍ଡିତ ନୀଳକଣ୍ଠ ଦାସଙ୍କର ଲେଖା 'ମୋ ନିଶ' ଷୋହଳ ଶାସନ ଭୋଗରେ ତାଙ୍କର ଅଭିକ୍ରିୟା, ତାଙ୍କର ବିଦାରକ ଓ ଶାଣିତ ଭାଷଣ ଓ ପ୍ରବଚନ ଇତ୍ୟାଦିର ସେ ପାଖ ପଶି ନାହାନ୍ତି। ସେ ଯେପରି ଭାବରେ ଏହି ସଂସ୍କାର ଆନ୍ଦୋଳନରେ ଜୟୀ ହୋଇଥିଲେ, ତାହା ଥିଲା ବିନୀତ ସତ୍ୟାଗ୍ରହ। ତାଙ୍କର ଶିକ୍ଷକ ସେ ଥିଲେ ନିଜେ।

ମୁକ୍ତି ମଣ୍ଡପର ପଣ୍ଡିତ ସମାଜର ବାସନ୍ଦ ଭିତରେ ତାଙ୍କର ବହୁ ଆତ୍ମୀୟ, ଝିଆରୀ, ପୁତୁରାଙ୍କ ବିବାହ ହୋଇଛି। ତାଙ୍କୁ ବାସନ୍ଦ କରିଥିବା ଯୋଗୁଁ ତାଙ୍କର ଏକାନ୍ନବର୍ତ୍ତୀ ପରିବାର ବହୁ ଅପମାନର ସମ୍ମୁଖୀନ ହୋଇଛନ୍ତି; କିନ୍ତୁ ସେଥିପାଇଁ

Digitized by srujanika@gmail.com

ବିଲାତରେ ଜାତୀୟ ପୋଷାକ ପରିହିତ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ଭାରତ ସମ୍ରାଟଙ୍କ ସଙ୍ଗେ ସାକ୍ଷାତ୍ ପୂର୍ବମୁହୂର୍ତ୍ତର ଆଲୋକ ଛବି (୧୯୧୨)

Digitized by srujanika@gmail.com

ସେ କାହାରିକୁ ପଦେ ଉଚ୍ଚ ନୀଚ କରି ନ ଥିଲେ। କୌଳିକ ପ୍ରଥାନୁଯାୟୀ ପିଠା, ପିଠୋଉ ଇତ୍ୟାଦି ଘରେ ଘରେ ବାଣ୍ଟିବା ପ୍ରଥା ଯାହା ଶାସନବାଡ଼ ବ୍ରାହ୍ମଣ କୁଳରେ ବାଟଘୋଷ ଦିନ ହୁଏ, ତାହା ମଧ୍ୟ ତାଙ୍କ ଘରକୁ ଫେରସ୍ତ ଆସୁଥାଏ। କେବଳ ତାଙ୍କର ଗ୍ରାମର ସ୍ୱର୍ଗତଃ ରଘୁନାଥ ମିଶ୍ର, ଲକ୍ଷ୍ମଣ ମିଶ୍ର, ଶଙ୍କର ମିଶ୍ର ଓ ବାଇଧର ମିଶ୍ରଙ୍କ ବ୍ୟତୀତ ଅନ୍ୟ କେହି ତାଙ୍କର କୌଣସି ଉତ୍ସବ ବା ଶୁଦ୍ଧିକ୍ରିୟାନୁଷ୍ଠାନରେ ସହଯୋଗ କରୁ ନ ଥାନ୍ତି। ଏଥି ଭିତରେ ୧୯୧୭ ମସିହାରେ କଟକ ଇଦିଗା ପଡ଼ିଆରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ତ୍ରୟୋଦଶ ଅଧିବେଶନରେ ସେ ତାଙ୍କର ସହଧର୍ମିଣୀଙ୍କୁ ଘେନି ସଭା ମଞ୍ଚ ଉପରେ ଆସୀନ ହେବାର ଖବର ତାଙ୍କ ଗାଁରେ ରଟିଯିବା ଫଳରେ ଗ୍ରାମବାସୀମାନଙ୍କର ଈର୍ଷ୍ୟାନଳ ଆହୁରି ପ୍ରଜ୍ୱଳିତ ହୋଇ ଯାଇଥାଏ।

ବୋଧ ହୁଏ ୧୯୨୪ କିମ୍ବା ୨୫ ମସିହାରେ ଗ୍ରାମବାସୀମାନେ ବିଶ୍ୱନାଥ ମିଶ୍ରଙ୍କର ଏହି ନୀରବ ଅବଜ୍ଞା ପାଇଁ ଉଚିତ ବ୍ୟବସ୍ଥା କରିବା ପାଇଁ କଟିବଦ୍ଧ ଥିଲେ। ସେଥର ତାଙ୍କର ବଡ଼ ଭାଇ ଦୟାନିଧି ମିଶ୍ରଙ୍କର ଝିଅ ପୁନୀର ବିବାହ ହେବାର ଥାଏ। ବିବାହ ହେଉଥାଏ ନିରାକାରପୁର ଷ୍ଟେସନ ନିକଟ ଶାସନ କାଶିପୁରର ପ୍ରସିଦ୍ଧ ବ୍ରହ୍ମାଙ୍କ ଘରେ। ସେହି ବ୍ରହ୍ମାଙ୍କ ଘରର ଶ୍ରୀମାନ୍ ଲୋକନାଥ ମହାପାତ୍ର ବର। କାଶିପୁର ବ୍ରହ୍ମାଙ୍କର ଘର ସେତେବେଳେ କୁଳୀନତାରେ ନ ହେଲେ ମଧ୍ୟ ସମ୍ଭଳ ଓ ପରମ୍ପରାରେ ଖୁବ୍ ନାମ ଡାକ ଘର। ବିବାହ ଦିନ ସେହି ବ୍ରହ୍ମାଙ୍କ ଘରର ବହୁ ଆଡ଼ମ୍ବରରେ ବରଯାତ୍ରୀ ଗହଣରେ ପାଲିଙ୍କି ସଜ, ବାଜା, ବାଣ, ଝାଡ଼ ଲାଇଟ, ଛତ୍ରୀ, ତ୍ରାସ ଓ ଅନ୍ୟାନ୍ୟ ଉପକରଣମାନ ଘେନି ପଟୁଆର କରି ବିବାହପାଇଁ ଆସି ସୋମେଶ୍ୱରପୁରରେ ପହଞ୍ଚି ଥିଲେ। ଗ୍ରାମବାସୀମାନେ ଏହି ସୁଯୋଗର ଅପେକ୍ଷାରେ ଥିଲେ। ସେମାନେ ସମସ୍ତେ ମିଶି ଯାଇ ଏହି ବିବାହ ଯାତ୍ରୀମାନଙ୍କ ଉପରେ ଅଚାନକ ଆକ୍ରମଣ ଆରମ୍ଭ କରିଦେଲେ। ସେତେବେଳକୁ ଦିନ ପ୍ରାୟ ଦଶଟା। ବିଶ୍ୱନାଥ ମିଶ୍ରେ ଆଇନଜୀବୀ ବାରିଷ୍ଟର, ଅଥଚ ଏଥିପାଇଁ କୌଣସି ଆଇନ କାନୁନ ବା ଦଣ୍ଡବିଧିର ଆଶ୍ରୟ ନେଲେ ନାହିଁ। ବରଂ ସେ ବର ପକ୍ଷଙ୍କୁ ଅନୁନୟ ବିନୟ ହୋଇ ନିବେଦନ କଲେ, "ଗ୍ରାମବାସୀମାନେ ଯାହା କରିବାର କରି ଯାଆନ୍ତୁ। ଆପଣମାନେ କେହି କିଛି ଗଣ୍ଡଗୋଳ କରନ୍ତୁ ନାହିଁ।" ବର ପକ୍ଷର ବରଯାତ୍ରୀ ! ସେମାନେ ସୁଦ୍ଧା ବିଶ୍ୱନାଥ ବାବୁଙ୍କର ଏହି ଆକୁଳ ନିବେଦନ ଶୁଣି ଥକ୍କା ମାରି ରହିଗଲେ, ଯଦି ଭିତରେ ଭିତରେ କ୍ରୋଧରେ କୁହୁଳୁ ଥାଆନ୍ତି। ଗ୍ରାମବାସୀମାନେ ବର ପକ୍ଷର ଛତ୍ରୀ, ତ୍ରାସ ପ୍ରଭୃତି ଦିଅଁ ଦେଉଳ ଭିତରେ ରଖି କୁଞ୍ଚି କୋଳପ ପକାଇ ଦେଲେ। ସତ୍ୟବାଦୀ

Digitized by srujanika@gmail.com

ଥାନାର ପୋଲିସ ଅଫିସର ଗାଁ ଜମାଦାରଠାରୁ ଏ ଗଣ୍ଡଗୋଳର ସମ୍ବାଦ ପାଇ ଶାନ୍ତି ରକ୍ଷା କରିବା ନିମିତ୍ତ ସୋମେଶ୍ୱରପୁରଠାରେ ଆସି ପହଞ୍ଚିଲେ। ତଦନ୍ତ ପରେ ଦଙ୍ଗା ହାଙ୍ଗାମାକାରୀମାନଙ୍କୁ ଗିରଫ କରିବାର ବ୍ୟବସ୍ଥା କରିବାକୁ ଗଲାବେଳେ ବିଶ୍ୱନାଥ ବାବୁ କହିଲେ, "ଆଜି ମୋ ଝିଆରୀର ବିଭାଘର। ମୁଁ ସେଥିପାଇଁ ସମସ୍ତଙ୍କର ଆଶୀର୍ବାଦ ଭିକ୍ଷା କରେ; କିନ୍ତୁ ଆପଣ ଯଦି ଆଜି ଗ୍ରାମବାସୀମାନଙ୍କ ଭିତରୁ କେତେଜଣଙ୍କୁ ଗିରଫ କରି ନେଇ ଯାଆନ୍ତି, ତେବେ ସେମାନଙ୍କ ଘରେ କାନ୍ଦ ବୋବାଳି ପଡ଼ିଯିବ। ଏଥିରେ ମୋର ଶୁଭ କାର୍ଯ୍ୟରେ ହାନି ଘଟିବ। ମୋ ବିଚାରରେ ଗ୍ରାମବାସୀଙ୍କର ଏଥିରେ କିଛି ଦୋଷ ନାହିଁ। ସେମାନେ ସମାଜର ପରମ୍ପରା ଏବଂ ଗ୍ରାମର କୌଳିକ ପ୍ରଥାର ମର୍ଯ୍ୟାଦା ଅତୁଟ ରଖିବା ନିମନ୍ତେ ଏଭଳି କରିଛନ୍ତି। ମୁଁ ସେମାନଙ୍କର ଆଶୀର୍ବାଦ ଭିକ୍ଷା କରୁଛି।"

ବିଶ୍ୱନାଥ ମିଶ୍ରଙ୍କର ଏଭଳି କଥାରେ ଗ୍ରାମର ମୁଖ୍ୟ ବ୍ୟକ୍ତିମାନେ ବିସ୍ମୟରେ ହତବାକ୍ ହୋଇଗଲେ। କ୍ରୋଧ ଓ ଅଭିମାନକୁ ପଛକୁ ଠେଲି ଦେଇ ଜଣେ କୃତବିଦ୍ୟ ବ୍ୟକ୍ତି ଯେ ଏଭଳି ଭାବରେ ଆଶୀର୍ବାଦ ଭିକ୍ଷା କରିପାରେ, ଏହା ସେମାନେ କଳ୍ପନା କରି ନ ଥିଲେ। ବିଶ୍ୱନାଥ ମିଶ୍ରଙ୍କର ପରିବାର ପ୍ରତି ସେମାନେ ଯେଉଁ ନିର୍ମମ ଓ ହୃଦୟହୀନ ବ୍ୟବହାର କରିଛନ୍ତି, ତାହାର ସ୍ମରଣରେ ସେମାନେ ଆତ୍ମଗ୍ଲାନିରେ ଲଜ୍ଜିତ ହେଲେ। ବିଶ୍ୱନାଥ ବାବୁ ଉକ୍ତ ପୋଲିସ ଅଫିସର (ସେ ଥିଲେ ଧର୍ମରେ ମୁସଲମାନ)ଙ୍କୁ ବିବାହ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ କଲେ । ଦାରୋଗା ଜଣକ କହିଲେ "ଆମେ ସବୁ ମକଦ୍ଦମା ତଦନ୍ତରେ ଆସିଛୁ। ସେଥିରେ ଆପଣ ମୁଦେଇ ପକ୍ଷ, ଆପଣଙ୍କ ଘରେ ଖାଇଲେ ଗ୍ରାମବାସୀମାନେ କ'ଣ ମନେ କରିବେ?" ଏହା ଶୁଣି ବିଶ୍ୱନାଥ ବାବୁ ବିନୀତ ଭାବରେ ଉତ୍ତର ଦେଲେ, "ମୋ ନିମନ୍ତ୍ରଣ ଆପଣ ରକ୍ଷା ନ କରିବେ କାହିଁକି? ଆପଣ ଏ ଗଣ୍ଡଗୋଳରେ ଯେଉଁମାନଙ୍କୁ ଅଭିଯୁକ୍ତ ବୋଲି ଗ୍ରେପ୍ତାର କରିବାକୁ ଚାହାନ୍ତି ସେମାନଙ୍କୁ ତ ମୋର ଭୋଜି ସଭାକୁ ନିମନ୍ତ୍ରଣ କରିଛି। ସେମାନେ ଏ ନିମନ୍ତ୍ରଣ ଗ୍ରହଣ କଲେ ଆପଣଙ୍କର ଆଉ ଆପତ୍ତି କ'ଣ।" ଅଫିସର କହିଲେ, "ଯଦି ସେମାନେ ଆପଣଙ୍କର ନିମନ୍ତ୍ରଣ ଗ୍ରହଣ କରନ୍ତି, ତେବେ ମୁଁ ନ କରିବି କାହିଁକି?" ଏକଥା ଶୁଣି ଗ୍ରାମବାସୀ ଓ ସେଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବରଯାତ୍ରୀ ସମସ୍ତେ ଏକ ସ୍ୱରରେ ହରିବୋଲ ପକାଇଲେ।

ଏହିପରି ଭାବରେ ମୁକ୍ତିମଣ୍ଡପଙ୍କର ବାର ବର୍ଷ ବାସନ୍ଦର ଅବସାନର ଯବନିକା ପଡ଼ିଲା। ନୀଳମଣି ବିଦ୍ୟାରତ୍ନ ମହାଶୟଙ୍କର 'ସମୁଦ୍ର ଯାତ୍ରା ବିଚାର'ର ବିବେକୀ ସମାଧାନ ହୋଇଗଲା।

Digitized by srujanika@gmail.com

(ଚାରି)

ବିଲାତ ଯାତ୍ରାର ତୃତୀୟ ପ୍ରତିବନ୍ଧକର ଉପର ଲିଖିତ ସମାଧାନ ତ ହେବା ପାଇଁ ବାର ବର୍ଷ ବିତିଗଲା । ଅବଶ୍ୟ ସେଥିପାଇଁ ବିଶ୍ୱନାଥ ଯିବାବେଳେ ଚିନ୍ତିତ ନ ଥିଲେ । ଏଭଳି ସାମାଜିକ କଟକଣା ଓ ପ୍ରତିବନ୍ଧକ ତାଙ୍କର ଦେହ ସୁହା ହୋଇ ଯାଇଥିଲା; କିନ୍ତୁ ପ୍ରଥମ ଓ ଦ୍ୱିତୀୟ ବିଶେଷତଃ ଦ୍ୱିତୀୟ ପ୍ରତିବନ୍ଧକ ଥିଲା ତାଙ୍କ ପାଇଁ ଦୁରୂହ, ବାସ୍ତରୀ ବର୍ଷର ବୃଦ୍ଧ ପିତା ଗ୍ରାମରେ ଅଛନ୍ତି । ତାଙ୍କର ଅନୁମତି ଓ ଆଶୀର୍ବାଦ ନେବାକୁ ହେବ । ପରିବାର ବର୍ଗ ଓ ନିଜ ସ୍ତ୍ରୀ ପୁତ୍ର କନ୍ୟାଙ୍କ ପାଇଁ ଅନ୍ତତଃ ଦେଢ଼ ବର୍ଷ ପାଇଁ ଗ୍ରାସାଚ୍ଛାଦନର ବ୍ୟବସ୍ଥା କରିବାକୁ ହେବ । ସେତେବେଳକୁ ତାଙ୍କର ବଡ଼ ପୁଅ ନୀଳକଣ୍ଠଙ୍କର ବୟସ ସାତ ବର୍ଷ । ସେ ଉଚ୍ଚ ପ୍ରାଇମେରୀର ଛାତ୍ର, ତାହା ପରେ ତରା ବୋଲି ଗୋଟିଏ ଝିଅର କାଳ ହୋଇ ଯାଇଥିଲା । ତା'ପରେ ଗୋପାଳ ଦେଢ଼ ବର୍ଷର ଶିଶୁ । ରୋଗିଣୀ ସ୍ତ୍ରୀ ଓ ସେ ପୁଣି ଅନ୍ତଃସତ୍ତ୍ୱା । ଏପରି ପରିସ୍ଥିତିରେ ଦେଶ ଛାଡ଼ି ଯିବା ପାଇଁ କିପରି ଯେ ଅନୁମତି ଓ ଆଶୀର୍ବାଦ ମିଳିବ ?

ବିଶ୍ୱନାଥ ମିଶ୍ରେ ଆପଣା ଗ୍ରାମରେ ପହଞ୍ଚିଲେ । କଥା ଛଳରେ ନନା (ପିତା)ଙ୍କୁ କହିଲେ "ନନା, ମୁଁ ବାରିଷ୍ଟରୀ ପଢ଼ିବା ନିମନ୍ତେ ବିଲାତ ଯିବାକୁ ଇଚ୍ଛା କରିଛି, ମୋତେ ଅନୁମତି ଦେଲେ ମୁଁ ଯାଆନ୍ତି ।" ବାସ୍ତରୀ ବର୍ଷର ବୃଦ୍ଧ ପିତା ଏକଥା ଶୁଣି ପ୍ରଥମେ ସ୍ତବ୍ଧ ହୋଇଗଲେ । ତାଙ୍କର ଆଖି ଛଳଛଳ ହୋଇଗଲା । ବୃଦ୍ଧ କୁଳମଣି ମିଶ୍ର ପ୍ରାଚୀନ ଯୁଗର ଲୋକ ଥିଲେ; କିନ୍ତୁ ସେ ବିଶ୍ୱନାଥଙ୍କ ପାଇଁ ଖୁବ୍ ଉଚ୍ଚାଭିଳାଷ ରଖିଥିଲେ । ତେଣୁ ବିଶ୍ୱନାଥଙ୍କର ବିଲାତ ଯିବା ପ୍ରସ୍ତାବରେ ଆନନ୍ଦାଶ୍ରୁ ତାଙ୍କର ଆଖିରୁ ଝରିବାକୁ ଲାଗିଲା । ତଥାପି ପିତା ତ ! ମାତା ଆଗରୁ ଇହଧାମ ଛାଡ଼ିଛନ୍ତି । ଦୁଇଟି ପୁଅ ଦୀନବନ୍ଧୁ ଓ କୃପାସିନ୍ଧୁ ହଇଜାରେ ଅକାଳରେ ଯାଇଛନ୍ତି । ବିଶ୍ୱନାଥଙ୍କୁ ମୃତ୍ୟୁ ପୂର୍ବରୁ ଛାଡ଼ି ଦେବାକୁ ତାଙ୍କର ମନ ବଳିଲା ନାହିଁ । ସେ କହିଲେ, "ବିଶି, ତୁ ବିଲାତ ଚାଲିଗଲେ ମୁଁ ବଞ୍ଚି ପାରିବି ନାହିଁ । ମୋର ଦମ୍ଭ ଖସି ପଡ଼ିବ । ମୁଁ ମରିଗଲା ପରେ ବରଂ ତୁ ପଢ଼ିବାକୁ ଯିବୁ ଓ ବାରିଷ୍ଟର ହେବୁ । ମୁଁ ତୋତେ ଆଶୀର୍ବାଦ କରୁଛି ।"

ପିତାଙ୍କର ଏହି ବାକ୍ୟରେ ବିଶ୍ୱନାଥ ବିଚଳିତ ହେଲେ ନାହିଁ । ସେ ବିଚଳିତ ହେବାର ବ୍ୟକ୍ତି ନ ଥିଲେ । ପିତାଙ୍କର ଅସମ୍ମତି ଯୋଗୁଁ ତାଙ୍କର ସେଥରର ଆୟୋଜନ ବନ୍ଦ ହେଲା; କିନ୍ତୁ ଏହି ଘଟଣାର ଚାରିମାସ ପରେ ତାଙ୍କର ପିତାଙ୍କର କାଳ ହୋଇଗଲା । ବିଶ୍ୱନାଥ ଆପଣାର ପରିବାରଙ୍କୁ ଘେନି ଗ୍ରାମକୁ ଫେରିଲେ । ଅନ୍ତ୍ୟେଷ୍ଟି କ୍ରିୟାପରେ ପୁଣି ଆସିକାର କାର୍ଯ୍ୟ କ୍ଷେତ୍ରକୁ ବାହୁଡ଼ି ଗଲେ । ବିଲାତରେ ଗ୍ରେସ୍

Digitized by srujanika@gmail.com

ଇନ୍‌ରେ ଯୋଗ ଦେବାର ପ୍ରଥମ ଟର୍ମଟା ଅତୀତ ହୋଇ ଯାଇଥିଲା । ତା'ପରେ ତାଙ୍କୁ ପୁନରାୟ ବିଲାତରୁ ଚିଠି ମିଳିଲା ଲଣ୍ଡନ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ । ୧୯୧୦ ମସିହାର ସେପ୍ଟେମ୍ବର ମାସରେ ସେ ଆସିକାରେ ଆପଣାର ଦୁଇ ପୁତ୍ର ଓ ଅନ୍ତଃସତ୍ତ୍ୱା ସହଧର୍ମିଣୀଙ୍କଠାରୁ ବିଦାୟ ନେଇ ବିଲାତ ଅଭିମୁଖରେ ମାନ୍ଦ୍ରାଜ ବନ୍ଦରରୁ ଜାହାଜ ଧରିଲେ । ଯେଉଁ ଜାହାଜରେ ସେ ଯାଇଥିଲେ, ତାହା ଥିଲା ଏକ କୋଷ୍ଟର ଜାହାଜ । ତାହା ସୁଏଜ କେନାଲ ବାଟେ ନ ଯାଇ ଆଫ୍ରିକାର ଦକ୍ଷିଣ ଉତ୍ତମାଶା ଅନ୍ତରୀପକୁ ପ୍ରଦକ୍ଷିଣ କରି ଯିବାର ଥିଲା । ତେଣୁ ବିଲାତରେ ପହଞ୍ଚିଲାବେଳକୁ ଅକ୍ଟୋବର ମାସର ଦ୍ୱିତୀୟ ସପ୍ତାହ ହୋଇ ଯାଇଥିଲା ।

Digitized by srujanika@gmail.com

"ସନ୍ନ୍ୟାସୀର ସାଧନାରେ ହିଁ ଜାତିର ମୁକ୍ତି"

(ଗୋପବନ୍ଧୁ)

(ଏକ)

ବାରିଷ୍ଟରି ପାଶ୍ କରି ବିଶ୍ୱନାଥ ଭାରତ ମାଟିରେ ପାଦ ଦେଲେ ୧୯୧୨ ମସିହା ଜୁଲାଇ ଆଦ୍ୟରେ। ବିଲାତରୁ ଆସିବାକୁ ତାଙ୍କୁ ପ୍ରାୟ ଏକ ମାସ ସମୟ ଲାଗିଥିଲା। ସେଠାରୁ ଜାହାଜ ଧରିବା ପୂର୍ବରୁ ସେ ଓଡ଼ିଶାକୁ ଖଣ୍ଡିଏ ଚିଠି ଲେଖିଥିଲେ। ସେ ଚିଠିଟି ଗୋପବନ୍ଧୁଙ୍କ ପାଖକୁ। ଗୋପବନ୍ଧୁ ସେତେବେଳେ ପ୍ରାୟ ଅଧିକାଂଶ ସମୟ ସତ୍ୟବାଦୀରେ ରହୁଥିଲେ । ବିଶ୍ୱନାଥ ଚିଠିରେ ଲେଖିଥିଲେ, "ମୁଁ ଏଠାରୁ ଫେରିଲାବେଳେ ପ୍ରଥମେ ସତ୍ୟବାଦୀରେ ଓହ୍ଲାଇବି ଏବଂ ଆପଣମାନଙ୍କ ସଙ୍ଗେ ଭେଟ ହେଲା ପରେ ଯୁଆଡ଼େ ଯିବି।"

ବିଲାତରୁ ଚିଠି। ତାହା ପୁଣି ବିଶ୍ୱନାଥ ଲେଖିଛନ୍ତି ଗୋପବନ୍ଧୁଙ୍କ ପାଖକୁ। ଦୁହେଁ ତ ସତ୍ୟବାଦୀର ସ୍ଥାନୀୟ ଲୋକ। ଚିଠିଟି ସତ୍ୟବାଦୀ ବିଦ୍ୟାଳୟ ଓ ଆଖ ପାଖରେ ବେଶ୍ ଚହଳ ପକାଇଥିଲା। ଗୋପବନ୍ଧୁ ତ ପରିହାସ ଓ ରସିକତାର ଶିରୋମଣି। ସତ୍ୟବାଦୀର କେତେ କେତେଜଣଙ୍କୁ ସେ ପରିହାସ ଛଳରେ କହିଲେ, "ଆରେ ପିଲେ, ଆମ ଭିତରୁ ଜଣେ ବିଲାତରୁ ସାହେବ ପାଲଟି ଆସୁଛନ୍ତି । ଦେଖିବ ସେ କିପରି ପୋଷାକ ପତ୍ର ପିନ୍ଧିଥିବେ। କିପରି ସାହେବୀ ଠାଣିରେ କଥା କହୁଥିବେ ଓ ହସୁଥିବେ ଏବଂ କିପରି ଟେବୁଲ ଉପରେ ଚାମୁଚ କଣ୍ଟାରେ ଖାନା ଖାଇବେ।" ଏହି ଖବର ସତ୍ୟବାଦୀର ଖଣ୍ଡମଣ୍ଡଳରେ ରାଷ୍ଟ୍ର ହୋଇ ଯାଇଥିଲା। ପିଲାଙ୍କ ମନରେ କ'ଣ, ସବୁ ବୟସର ଲୋକଙ୍କ ମନରେ ବେଶ୍ ଉତ୍ସୁକତା ଥାଏ।

ସାଧାରଣ ଲୋକଙ୍କର ଥାଏ କୌତୂହଳ, ବାଳୁତ ସ୍କୁଲ ପିଲାଙ୍କର ଆଗ୍ରହ ବ୍ୟାକୁଳତା; କିନ୍ତୁ ଗୋପବନ୍ଧୁଙ୍କ ଭିତରେ ଥାଏ ବେଶ୍ ଆଶଙ୍କା। ସେତେବେଳକୁ ବଙ୍ଗ ଦେଶରେ ଗୋଟିଏ ଗୋଷ୍ଠୀ ଇଙ୍ଗବଙ୍ଗ ବା ଆଙ୍ଗ୍ଲୋବଙ୍ଗ ଭାବରେ ନିଜକୁ ଜାହିର କରି ଥାଆନ୍ତି। ଦେହର ଚମଡ଼ାଟା ସିନା କଷରା କିମ୍ବା ମାଟିଆ କିମ୍ବା ତମ୍ବାଳିଆ; ଅର୍ଥାତ୍ ଚମର ସିନା ଧଅକଟା ଇଂରାଜ ସାହେବର ସମସରିସା ନ ଥାଏ; କିନ୍ତୁ ଆଚାର, ବ୍ୟବହାର, ଠାଣିମାଣି, ହସ ଚାହାଣି, ବଚନଭଙ୍ଗୀ ସବୁଥିରେ ସେମାନେ

Digitized by srujanika@gmail.com

ସାହେବ ହୋଇଯାଇ ଥାଆନ୍ତି । ଗୋପବନ୍ଧୁଙ୍କର ଅଭିଜ୍ଞତାରେ ଏ କଥା ଥାଏ । ତେଣୁ ତାଙ୍କର ଥିଲା ଏହି ଆଶଙ୍କା । ଯାହା ସେ ପିଲାଙ୍କୁ ପରିହାସରେ କହିଥିଲେ ତାହା ସତ୍ୟ ହୋଇଯିବ କି ?

କଲିକତା, ମାନ୍ଦ୍ରାଜ ଓ ବମ୍ବେ ବିଶେଷତଃ କଲିକତା ଓ ମାନ୍ଦ୍ରାଜ ଭଳି ମେଟ୍ରୋପଲିଟାନ୍ ସହରରେ ସେତେବେଳେ ଧାରଣା ଥିଲା, ଇଂରାଜୀ ଆଚାର ବ୍ୟବହାର, ଭଙ୍ଗୀ ଚାହାଣି ହେଉଛି ସଭ୍ୟତାର ତୁଙ୍ଗ ଶିଖର । ଏବେ ତ ଆମ ଦେଶରେ ମଧ୍ୟବିତ୍ତ ଘରର ପିଲାମାନେ ପାଦରେ ଅତି ନିକୃଷ୍ଟରେ ହଳେ ହଳେ ହାଉଆଇ ଚପଲ ମାଡୁଛନ୍ତି । ସେତେବେଳେ ଓଡ଼ିଶାର ବି.ଏ. ପାଶ୍ କଲା ଗୋପବନ୍ଧୁ ବି.ଏଲ୍. ପାଶ୍ କରିବାକୁ କଲିକତା ଯିବାଯାଏ ଦେହରେ କୁରୁତା ଗଳାଇ ନ ଥିଲେ, ଯୋତା ତ ଦୂରର କଥା । ନୀଳକଣ୍ଠ ଦାସ ସେ ବେଳର ସ୍ମୃତି ଚାରଣରେ ଲେଖିଛନ୍ତି – ଓଡ଼ିଶାର ହାତଗଣତା ତିନି ଜଣ ଏମ.ଏଙ୍କ ଭିତରୁ ଜଣେ ସ୍ୱର୍ଗତଃ ଅଭିରାମ ଭଞ୍ଜ କେନ୍ଦ୍ରାପଡ଼ା ଯାଜପୁରର ୧୯୦୮ ମସିହା ବଢ଼ିବେଳେ କାଦୁଆ ପାଣିରେ ଖାଲି ଗୋଡ଼ରେ ଅନ୍ୟମାନଙ୍କ ସଙ୍ଗରେ ଚାନ୍ଦା ମାଗି ବୁଲୁଥିଲେ । ଏଭଳି ପରିସ୍ଥିତିରେ ଯଦି ବିଲାତରେ ଦେଢ଼ବର୍ଷ ରହିଥିବା ବିଶ୍ୱନାଥ ବିଲାତି ଚାଲିଚଳଣ ପ୍ରତି ସମ୍ମାନ ଦେଖାଇ ଥାଆନ୍ତି ତେବେ ଆଶ୍ଚର୍ଯ୍ୟ ହେବାର ନ ଥିଲା ଓ ଠିକ୍ ସେହି କାରଣରୁ ଶଙ୍କିତ ହେବାର କାରଣ ଥିଲା ।

ବିଲାତତ ଦୂରର କଥା, ଆମରି ଓଡ଼ିଶାରେ ବିଶ୍ୱନାଥଙ୍କର ରେଭେନ୍ସା କଲେଜରେ ପାଠ ପଢ଼ାବେଳେ ବା ତା'ର ଅବ୍ୟବହିତ ପରକାଳରେ ସେହି କଲେଜରେ ଅଧ୍ୟକ୍ଷ ଥିଲେ ହଲୱାର୍ଡ଼ ସାହେବ । ଉକ୍ତ ସାହେବ ଇଂରାଜୀ ଭାଷା ଜ୍ଞାନରେ ବଡ଼ ପ୍ରବୀଣ ଥିଲେ ବୋଲି କୁହାଯାଉଥିଲା । ସେ କାଳରେ ଇଂରାଜୀରେ ପ୍ରବୀଣତା ଥିଲା ସ୍କୁଲର ହେଡ୍‌ମାଷ୍ଟର ଓ କଲେଜର ପ୍ରିନ୍‌ସପାଲଙ୍କର ଶ୍ରେଷ୍ଠତାର ମାପକାଠି । ହଲ୍‌ୱାର୍ଡ଼ ମନେ କରୁଥିଲେ ଇଂରାଜୀ ପରିଚ୍ଛଦ ନ ପିନ୍ଧିଲେ, ଇଂରାଜୀ ଆଚାର ବ୍ୟବହାର ନ ଶିଖିଲେ, ଭଲ ଇଂରାଜୀ ଉଚ୍ଚାରଣ ପଇଟେ ନାହିଁ, ଏପରିକି ଇଂରାଜୀ ଭାଷାର ଜ୍ଞାନ ମଧ୍ୟ ପ୍ରକଟେ ନାହିଁ । ତାଙ୍କ ସମୟରେ ପୁରୀ, ବାଲେଶ୍ୱର, କଟକର ସବୁ ପିଲାଙ୍କର ଏନ୍‌ଟ୍ରାନ୍‌ସ (ମାଟ୍ରିକ୍ୟୁଲେସନ) ପରୀକ୍ଷା କେନ୍ଦ୍ର ଥିଲା ମାତ୍ର ଗୋଟିଏ –ରେଭେନ୍ସା କଲେଜ । ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, "ଦୂର ଦୂରାନ୍ତର ପିଲାମାନେ ମଧ୍ୟ ଏନଟ୍ରାନ୍‌ସ ପରୀକ୍ଷା ଦେବାକୁ ଆସିଲେ । ଅନେକ କଟକରେ ସେଇଦିନ ଜୀବନରେ ପ୍ରଥମେ କୁରୁତା ତିଆରି କରାଇଥିଲେ ଓ ଯୋତା କିଣି ମାଡୁଥିଲେ । ସେ

Digitized by srujanika@gmail.com

ଯୋତା ସେ ବେଳରେ ଟଙ୍କିକିଆ ଯୋତା। ତାକୁ ପିନ୍ଧି ତା' ଦାଉରେ ହୋଇଥିବା ଗୋଇଠି ଆଙ୍ଗୁଠିର ଫୋଟକା ଉପରେ ତାକୁ ପୁଣି ମାଡ଼ି ପରୀକ୍ଷା ଘର ଭିତରକୁ ଯିବା ଆସିବା ଅନେକଙ୍କ ପକ୍ଷରେ ବଡ଼ ଦୁଃସାଧ୍ୟ ଥିବାର ମୋର ମନେ ଅଛି। ସେପରି ଯୋତା କୁରୁତା ନ ଥିଲେ ହଲୱାର୍ଡ଼ ସାହେବ କାହାରିକୁ ପରୀକ୍ଷା ହଲ୍ ଭିତରକୁ ପଶିବାକୁ ଦେଉ ନ ଥିଲେ। ଏପରି କି ଜଣେ ଛାତ୍ର ପରୀକ୍ଷା ନ ଦେଇ ରହି ଯାଇ ଥିବାର ମୁଁ ଜାଣେ..... ।"

(ଦୁଇ)

ବିଶ୍ୱନାଥ ହାଉଡ଼ାରୁ ସାକ୍ଷୀଗୋପାଳ ଆସିଲେ ଏକ ପାସେଞ୍ଜର ଗାଡ଼ିରେ। କାରଣ ପାସେଞ୍ଜର ଗାଡ଼ି ଏବର ରାତି ପାସେଞ୍ଜର ଭଳି କାଳି ଅନ୍ଧାରରୁ ଓଡ଼ିଶା ଭିତର ଦେଇ ଯାଏ। ପୁରୀ ଏକ୍ସପ୍ରେସ ତ ରାତି ଗାଡ଼ି। ତା' ଛଡ଼ା ବନ୍ଧୁବତ୍ସଳ ବିଶ୍ୱନାଥ ତାଙ୍କର ଫେରିବା କଥା ବହୁ ବନ୍ଧୁଙ୍କୁ ଆଗରୁ ଜଣାଇଥିଲେ। ତେଣୁ ହୁଏତ ହୋଇପାରେ କୌଣସି ଷ୍ଟେସନରେ କେହି ତାଙ୍କୁ ଅପେକ୍ଷା କରିବାକୁ ଚାହିଁଥିବେ। ସେପରି ଷ୍ଟେସନରେ ଏକ୍ସପ୍ରେସ ଗାଡ଼ି ନ ରହି ପାରୁଥାଏ। ସତକୁ ସତ ପାସେଞ୍ଜର ଗାଡ଼ି ଜଳେଶ୍ୱରଠାରୁ ଓଡ଼ିଶା ଭିତରେ ପଶିବାଠାରୁ ସାକ୍ଷୀଗୋପାଳ ଷ୍ଟେସନ ଯାଏ ବହୁ ଷ୍ଟେସନ ଲୋକାରଣ୍ୟ। ସେତେବେଳେ ତାଙ୍କର ଯଶ ବା ସୁନାମ ଯେତେ ଥିଲା, ତାଙ୍କର ସାହସର ତାରିଫ୍ ଥିଲା ତାହାଠାରୁ ଅଧିକ।

ଯେଉଁମାନେ ତାଙ୍କର ପ୍ରକୃତ ପରିଚୟ ପାଇ ନ ଥିଲେ ଓ ଯେଉଁମାନେ ତାଙ୍କୁ ପୂର୍ବେ କେବେ ଦେଖି ନ ଥିଲେ ସେମାନଙ୍କ ଆଖିକୁ ସେ ଦିଶିଲେ ନାହିଁ। କାରଣ ସେମାନେ ସେହି ପାସେଞ୍ଜର ଗାଡ଼ିରେ ଜଣେ ପ୍ୟାଣ୍ଟ କୋଟ ଟାଇ ପିନ୍ଧା ସାହେବଙ୍କୁ ଖୋଜୁଥିଲେ; କିନ୍ତୁ ସେ ଗାଡ଼ିରେ ଥିଲେ ଜଣେ ଦେଶୀ ଲୁଗା କୁର୍ତ୍ତା ପିନ୍ଧିଥିବା ଦେଶୀ ଲୋକ। ଯେଉଁମାନେ ତାଙ୍କର ପ୍ରକୃତ ପରିଚୟ ଜାଣନ୍ତି ସେମାନେ କାହିଁକି ମନେ କରିବେ ଯେ କୋର୍ଟକଚେରୀ ଛଡ଼ା ଆଉ କେଉଁଠି ତାଙ୍କୁ ସାହେବୀ ପୋଷାକ ଓ ଗାଉନରେ ଦେଖିବେ ? ତାଙ୍କୁ ସେଦିନ ସେଭଳି ସାଧାରଣିଆ ଦେଶୀ ପୋଷାକରେ ଦେଖି କେତେ ନିର୍ବୋଧ ଓ କେତେ ଅଜାଣିବାରଙ୍କର ରସ ଭଙ୍ଗ ହୋଇଥିବ କିଏ ଜାଣେ ?

ଜଳେଶ୍ୱର, ବାଲେଶ୍ୱର, ଭଦ୍ରଖ, ଯାଜପୁର, ଉତ୍କଳ ସମ୍ମିଳନୀରେ ପରିଚିତ ବହୁ ବନ୍ଧୁଙ୍କ ସହିତ ସାକ୍ଷାତ କରି କରି ମନ୍ଥର ଗତି ପାସେଞ୍ଜର ଗାଡ଼ିରେ ସେ

Digitized by srujanika@gmail.com

କଟକରେ ପହଞ୍ଚିଥିଲେ। କଟକ ଷ୍ଟେସନରେ ମଧୁବାବୁ, ବ୍ରଜସୁନ୍ଦର ଦାସ, ବିଶ୍ୱନାଥ କର ଓ ଆହୁରି ଅନେକ ପ୍ରବୀଣ ଓ ନବୀନ ଓକିଲଙ୍କୁ ସଙ୍ଗରେ ଘେନି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସବୁଠି ସେହିପରି ଗାଡ଼ିରୁ ଓହ୍ଲାଇ ଓହ୍ଲାଇ 'ନମସ୍କାର' 'ନମସ୍କାର' ଓ ହାତ ଯୋଡ଼ା ପ୍ରଣାମର ପାଳି। ସାକ୍ଷୀଗୋପାଳ ଷ୍ଟେସନରେ ଦାସେ ଆପଣେ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖ ତାଙ୍କୁ ପାଛୋଟି ନେଇଥିଲେ। ସତ୍ୟବାଦୀ ସ୍କୁଲର ସବୁ କାର୍ଯ୍ୟ ତ ଏକ ସମ୍ବର୍ଦ୍ଧନା। ପୁଣି ଏତ ଆଉ ଏକ ନୂତନ ଘଟଣା । ସେଇ ସୁଦୂର ବିଲାତରୁ ପ୍ରତ୍ୟାଗତ ଗାଁ ଲୋକ ଗାଁକୁ ଫେରିଛନ୍ତି। ତେଣୁ ଇଯେ ମହୋତ୍ସବ !

ବିଦ୍ୟାଳୟର ପ୍ରଶସ୍ତ ପ୍ରାଙ୍ଗଣରେ ସେଦିନ ଦାସେ ଆପଣେ 'ଜଗଦ୍ଧିତାୟ କୃଷ୍ଣାୟ' ମନ୍ତ୍ରରେ ବିଶ୍ୱନାଥଙ୍କୁ ଅଭିନନ୍ଦିତ କରି କହିଥିଲେ "ଜଗତର ହିତ ପାଇଁ ପ୍ରାଣ ବିସର୍ଜନ କରିବା ହିଁ ଭଗବତ୍‌ପ୍ରାପ୍ତି। ଲୋକ ସେବା ଭଗବତ୍ ସେବାର ନାମାନ୍ତର ମାତ୍ର ।" ବିଶ୍ୱନାଥ ଦାସେ ଆପଣେଙ୍କର ଅଭିନନ୍ଦନ ଓ ପରାମର୍ଶ ଉତ୍ତରରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିଶେଷ କରି ବିଲାତର ଜନସାଧାରଣଙ୍କଠାରୁ କିଭଳି ଜିନିଷ ଶିକ୍ଷଣୀୟ, ତାହା ସେ ସ୍କୁଲର ଛାତ୍ରମାନଙ୍କୁ ବିଶଦ ଭାବରେ ବୁଝାଇଥିଲେ। ବିଲାତର ଲୋକଜୀବନ ଭିତରେ ସାଧୁତା, ସୌଜନ୍ୟ, ବିଶେଷତଃ ପୋଲିସ, ମାଜିଷ୍ଟ୍ରେଟ୍, କର୍ମକର୍ତ୍ତା ଅଧିକାରୀମାନଙ୍କର ସୌହାର୍ଦ୍ଦ୍ୟ ଓ ସାହାଯ୍ୟକାରୀ ମନୋଭାବ। କଲେଜ, ସ୍କୁଲ, ଖେଳ ପଡ଼ିଆ, କସରତ, ସଭା ସମିତି ସବୁଆଡ଼େ ସଂଯତ ଓ ଇଚ୍ଛାକୃତ ସହଜ ଶୃଙ୍ଖଳାଜ୍ଞାନ ଇତ୍ୟାଦି ଛାତ୍ରମାନଙ୍କୁ ବୁଝାଇ ଥିଲେ। ବିଶ୍ୱନାଥ ଏହି ସଭାରେ ଏକଥା ମଧ ଜୋର୍‌ଦେଇ କହିଥିଲେ ବିଲାତର ସାଧାରଣ ଲୋକର ଏହିଭଳି ଶୃଙ୍ଖଳା ଜ୍ଞାନ, ସହଯୋଗୀ ଓ ସହକର୍ମୀ ମନୋଭାବ, ନିୟମାନୁବର୍ତ୍ତିତା ଓ ସମୟ ନଷ୍ଟ କରିବାରେ କୁଣ୍ଠା ଇତ୍ୟାଦି ଗୁଣ ଏକ 'ଐଶୀ ଶକ୍ତି ପ୍ରଦତ୍ତ' ଜିନିଷ ନୁହେଁ। ସାମୂହିକ ଉତ୍‌ପାଦନ ଅର୍ଥାତ୍ କଳ କାରଖାନା ଓ ଯନ୍ତ୍ର ସାହାଯ୍ୟରେ ଉତ୍‌ପାଦନ ଫଳରେ ମନୁଷ୍ୟର ସ୍ୱାର୍ଥ, ଆକାଙ୍‌କ୍ଷା ଓ ଗରଜକୁ ସ୍ୱାଭାବିକ ଭାବରେ ତିଷ୍ଠିବାକୁ ଦେଇନାହିଁ । ଭଗବାନ ଯେ ବିଲାତର ଲୋକ ଚରିତ୍ର ଭାରତର ଲୋକ ଚରିତ୍ର ଅପେକ୍ଷା ଆହୁରି ଉନ୍ନତ କରିଛନ୍ତି ଏକଥା ନୁହେଁ। ବିଲାତର ଜନସାଧାରଣ ଆପଣା ଜୀବନ ଧାରଣପାଇଁ ଯେଉଁ ପେଷା ଗ୍ରହଣ କରିଛନ୍ତି ତାହା କୌଣସି ବ୍ୟକ୍ତିଗତ ଲୋକର ବ୍ୟକ୍ତିଗତ ପରିଶ୍ରମ ନୁହେଁ। ସେହି ପରିଶ୍ରମର ଫଳ କେବଳ ଜଣେ ଲୋକର ଭାଗ୍ୟ ନିୟନ୍ତ୍ରଣ କରୁନାହିଁ, ହଜାର ହଜାର ଲୋକଙ୍କର ଭାଗ୍ୟ ନିଷ୍ପତ୍ତି କରୁଛି। ତେଣୁ ଏକର କାର୍ଯ୍ୟ ଅନ୍ୟ ଜଣକୁ ସାହାଯ୍ୟ କରୁଛି।

Digitized by srujanika@gmail.com

ପ୍ରତ୍ୟେକର କର୍ମ ପ୍ରଚେଷ୍ଟା ଅନ୍ୟକୁ ସାହାଯ୍ୟ କରୁଛି। ଏହି କାରଣରୁ ବିଲାତର ଲୋକ ଚରିତ୍ର ଭିତରେ ଠକାମି କମ୍। ତେଣୁ ମିଥ୍ୟାଚାର ଦରକାର ପଡ଼ି ନାହିଁ। ପରିଶ୍ରମୀ ଲୋକର ପରିଶ୍ରମର ବେଗ ଯୌଥ ପେଷାରେ ଅଳସୁଆକୁ ବି ରଖେଇ ଦେଉନାହିଁ। ତାକୁ ମଧ ବେଗବାନ କରିବାକୁ ବାଧ କରୁଛି।

ବିଲାତର ସାଧାରଣ ଜୀବନ ଓ ସାଧାରଣ ମନୁଷ୍ୟର ମାମୁଲି ଚରିତ୍ର ଓ ଆଚରଣ ବିଷୟରେ ବିଶ୍ୱନାଥଙ୍କର ଏହି ଭାଷଣ ସ୍କୁଲ ପିଲାଙ୍କୁ ଭାରି ଘେନିଥିଲା। ବିଶ୍ୱନାଥ ତାଙ୍କରି ଭାଷଣରେ "ସେମାନେ ଭଲ ଓ ଆମେ ଖରାପ" ଏଭଳି ନିରାଶା ଓ ମନମରା କଥା ନ କହି କେଉଁ କାରଣ ମହଜୁତ ଥିବାରୁ ସେମାନେ ଆମଠାରୁ ନିଃସ୍ୱାର୍ଥପର, ସାଧୁ, ପରିଶ୍ରମୀ, ପରସ୍ପରର ଗୁଣ ପ୍ରତି ଶ୍ରଦ୍ଧାଶୀଳ, ଦୋଷ ତ୍ରୁଟୀ ପ୍ରତି ଅସହିଷ୍ଣୁ ସେହି କଥା କହିଥିଲେ। ତେଣୁ ତାଙ୍କର ଭାଷଣ ସତ୍ୟବାଦୀର ପିଲାମାନଙ୍କ ହୃଦୟରେ ଏକ ନୂତନ ସ୍ପନ୍ଦନର ଜୁଆର ଖେଳାଇ ଦେଇଥିଲା। ସେହି ବିଲାତ ଫେରନ୍ତାର ପ୍ରଥମ ଭାଷଣର ପ୍ରଭାବ ଓଡ଼ିଶାର ଛାତ୍ର ମହଲର ନିବୁଜ ସଂସାର ଭିତରେ ଏକ ଅପୂର୍ବ ଅଦ୍ଭୁତ ଆଲୋକ ଶିଖା ଢାଳି ଦେଇଥିଲା । ସେହି ଭାଷଣରେ ବିଶେଷ ବାଗ୍ମିତା ନ ଥିଲା। (ବିଶ୍ୱନାଥ ତାଙ୍କର ଜୀବନରେ ତ କେବେ ବାଗ୍ମୀ ନ ଥିଲେ) କିନ୍ତୁ ସେହି ବକ୍ତୃତା ଭିତରେ ସଙ୍କେତରେ ବି ହେଉ ଏଭଳି ଏକ ପ୍ରେରଣା ଥିଲା ଯେ ଭାରତର ଲୋକ ଚରିତ୍ର ବିଲାତର ଲୋକ ଚରିତ୍ରର ଉଚ୍ଚ ମାନ ରକ୍ଷାକରିବା ସେତେବେଳେ ସମ୍ଭବ, କେବଳ ଯେତେବେଳେ ଭାରତରେ ସାମୂହିକ ଉତ୍ପାଦନ ଓ ସେହି ସୂତ୍ରରେ ସାମୂହିକ ଉଦ୍ୟମ ଓ ତାହାର ସାମୂହିକ ଫଳଭୋଗ ସମ୍ଭବ ହେବ। ଅବଶ୍ୟ ଏହାଯୋଗୁଁ ବ୍ୟକ୍ତିଗତ ସ୍ତରରେ କୌଣସି ପିଲା ସାଧୁ ସଚ୍ଚରିତ୍ର ହେବା ଯେ ସମ୍ଭବ ନୁହେଁ, ଏକଥା ନୁହେଁ। ନିଶ୍ଚୟ ସମ୍ଭବ; କିନ୍ତୁ ଯୌଥ ଉଦ୍ୟୋଗରେ ବ୍ୟକ୍ତିର ସାଧୁ ସଚ୍ଚରିତ୍ର ହେବାର ସୁଯୋଗ ଏହାଠାରୁ ବହୁ ଗୁଣରେ ଅଧିକ ହେବାକୁ ବାଧ।

ବକୁଳ ଛୁରିଅନା କୁଞ୍ଜର କମନୀୟ ଶୋଭା ଉପରେ ଚାନ୍ଦୁଆଟଣା ନୀଳ ଆକାଶକୁ ହାତ ଠାରି ଦେଖାଇ ବିଶ୍ୱନାଥ କହିଥିଲେ, "ଏହି ସବୁ ଜିନିଷ ନିଶ୍ଚୟ ସୁନ୍ଦର; କିନ୍ତୁ ଏମାନେ ଆହୁରି ସୁନ୍ଦର ହୋଇଛନ୍ତି ତାହାର କାରଣ, ଯାହାର ପୃଷ୍ଠଭୂମି ସେ ହେଉଛି ବ୍ୟକ୍ତିଗତ, ଜଣେ ନୁହେଁ ଏକ ସମଷ୍ଟି, ଏକ ବିରାଟ ପରିକଳ୍ପନାର ସ୍କୁଲ— ଏକ ସାମୂହିକ ଅନୁଷ୍ଠାନ, ଏକ ସାମୂହିକ ଉଦ୍ୟମର ଏକନିଷ୍ଠ ଫଳ। ଯେପରି ଜଣେ ଛାତ୍ର ଆପଣା ଘରେ ରହି ବିଦ୍ୟାଭ୍ୟାସ କରିବା ଓ ଶହ ଶହ ଛାତ୍ର ଦୂର ଦୂରାନ୍ତରରୁ ଆସି ପରସ୍ପରର ପଡ଼ୋଶୀ ଓ ସମାନଧର୍ମୀ ହେବା ଏକାକଥା ନୁହେଁ,

Digitized by srujanika@gmail.com

ସେ ଭିତରେ ପ୍ରଭେଦ ରହିଛି। ଠିକ୍ ସେପରି ଜଣେ ଲୋକ ନିଜେ ନିଜେ ଗୋଟିଏ ଜିନିଷ ତିଆରି କରିବା ଓ ହଜାର ହଜାର ଲୋକ ଏକାଠି ମିଶି ହଜାର ହଜାର ଜିନିଷର ବିଭିନ୍ନ ଭାଗ ତିଆରିକରି ତାହାକୁ ଯୋଡ଼ିବା ଆଦୌ ସମାନ କଥା ନୁହେଁ। ପ୍ରଥମ କାର୍ଯ୍ୟ ହେଉଛି ବ୍ୟକ୍ତିବାଦୀ, ଆତ୍ମସର୍ବସ୍ୱ କାର୍ଯ୍ୟ । ଦ୍ୱିତୀୟଟି ସାମୂହିକ ପରସ୍ପର ସାହାଯ୍ୟ ପ୍ରତ୍ୟାଶା କାର୍ଯ୍ୟ। ଏ ଦୁଇଟା କାର୍ଯ୍ୟ ଭିତରେ ସୁମେରୁ କୁମେରୁର ପ୍ରଭେଦ।

ସତ୍ୟବାଦୀ ସ୍କୁଲର ଛାତ୍ରମାନଙ୍କ ଆଗରେ ବିଶ୍ୱନାଥଙ୍କର ସେହି ଭାଷଣ ସେତେବେଳେ ବା ତାହା ପରେ 'ସତ୍ୟବାଦୀ' ସାହିତ୍ୟ ପତ୍ରିକାରେ ଆଲୋଚିତ ହୋଇଥିଲା ଓ ତାଙ୍କରି ଭାଷଣର ବିଷୟବସ୍ତୁ ଓଡ଼ିଶାର ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା। ଏହି ଭାଷଣର ତାତ୍ପର୍ଯ୍ୟ ଏଭଳି ଉଲ୍ଲେଖଯୋଗ୍ୟ ହୋଇଥିଲା ଯେ ସିଂହଭୂମି, ସରେଇକଳାଠାରୁ ପାରଳାଖେମୁଣ୍ଡି ଓ ମଞ୍ଜୁଷା ଯାଏ ସମସ୍ତ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ର ବିଶ୍ୱନାଥଙ୍କର ଭାଷଣରେ ଉଦ୍‌ବୁଦ୍ଧ ହୋଇଥିଲେ। ଏହି ଉଦ୍‌ବୋଧନର ଫଳଶ୍ରୁତି ସ୍ୱରୂପ ୧୯୧୪ ସାଲରେ ପୁରୀରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ସଙ୍ଗେ ସଙ୍ଗେ ଏକ ଛାତ୍ର ସମ୍ମିଳନୀର ଆୟୋଜନ ହୋଇଥିଲା ଓ ଏକ ସ୍ଥାୟୀ ଛାତ୍ର ସମ୍ମିଳନୀ ଗଢ଼ିବାର ଆବଶ୍ୟକତା ବିଚାର କରିବାପାଇଁ ଏକ କମିଟି ଗଢ଼ା ଯାଇଥିଲା। ଏହାର ଅର୍ଥ ଯେଉଁ ପ୍ରକାର ଚିନ୍ତା ସବୁକାଳେ ଛାତ୍ରମାନଙ୍କର ସଂଗଠନର ବିରୋଧୀ ଓ ଛାତ୍ରମାନଙ୍କର ସମ୍ମିଳନୀକୁ ସେମାନଙ୍କର ରାଜନୀତିରେ ଯୋଗଦାନ ବୋଲି ମନେକରେ ଓ ଛାତ୍ରମାନେ ରାଜନୀତିରୁ ଅସ୍ପୃଶ୍ୟ ରହିବା ଉଚିତ ବୋଲି ଗ୍ରହଣ କରେ, ସେଭଳି ଚିନ୍ତାର ଲୋକ ମଧ୍ୟ ଉକ୍ତ 'ସମ୍ମିଳନୀର ଆବଶ୍ୟକତା ବିଚାର' କମିଟିରେ ଯୋଗ ଦେଇଥିଲେ।

(ତିନି)

ସତ୍ୟବାଦୀ ସ୍କୁଲର ଏହି ସ୍ମରଣୀୟ ସମ୍ବର୍ଦ୍ଧନା ଭିତରେ ଗୋପବନ୍ଧୁ ଲକ୍ଷ୍ୟ କରିଥିଲେ ଯେ ବିଶ୍ୱନାଥଙ୍କର ବିଲାତରେ ଦେଢ଼ବର୍ଷର ରହଣି ତାଙ୍କୁ ବରଂ ଦେଶସେବାର ଗଭୀର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିବାରେ ସାହାଯ୍ୟ କରିଛି। ସେ ବିଲାତରୁ ସାହେବୀ ପୋଷାକ, ଖାନା ଟେବୁଲ ଓ ଆଚାର ବ୍ୟବହାର ଦୋରସ୍ତ କରି ନାହାନ୍ତି; ବରଂ ସେ ବିଲାତରୁ ସେହି ବ୍ରିଟିଶ ଜାତିର ବହୁ ସଦ୍‌ଗୁଣ ଶିକ୍ଷା କରିଛନ୍ତି। ବିଶ୍ୱନାଥଙ୍କ ପରେ ସ୍ୱର୍ଗୀୟ ଭୁବନାନନ୍ଦ ଦାସ ତାଙ୍କର ଇଞ୍ଜିନିଅରିଂ ଶିକ୍ଷା ଶେଷ କରି

Digitized by srujanika@gmail.com

ଆସିଲାପରେ ଗୋପବନ୍ଧୁ ତାଙ୍କର ସମ୍ପାଦିତ ମାସିକା ପତ୍ରିକା 'ସତ୍ୟବାଦୀ'ରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ବିଲାତ ପ୍ରତ୍ୟାଗତ ଶିକ୍ଷିତ ଓଡ଼ିଆ ଯୁବକଙ୍କ ପାଇଁ ଯେଉଁ ଆଦର୍ଶ ଜୀବନ ଶୈଳୀର ସୂଚନା ଦେଇଥିଲେ, ତାହା ସେ ବିଶ୍ୱନାଥଙ୍କ ଆଚରିତ ଜୀବନଶୈଳୀ ଓ ଆଦର୍ଶ ଉପରେ ଆଧାରକରି ହିଁ ରଚନା କରିଥିଲେ। ସତ୍ୟବାଦୀ ସ୍କୁଲ ଛାତ୍ରଙ୍କୁ ବିଶ୍ୱନାଥ ଉପରୋକ୍ତ ବକ୍ତବ୍ୟରେ ବିଲାତର ଜନ ଜୀବନରେ ସାଧୁତା, କର୍ମନିଷ୍ଠତା, ସହଯୋଗୀ ମନୋଭାବର ଯେଉଁ ଉଚ୍ଚ ସାମୂହିକ ଉତ୍ପାଦନ ଦ୍ୱାରା ହିଁ ସାଧିତ ହୋଇପାରେ ବୋଲି ସୂଚନା ଦେଇଥିଲେ, ତାହାକୁ ଲକ୍ଷ୍ୟରେ ରଖି ଗୋପବନ୍ଧୁ ମାସିକ 'ସତ୍ୟବାଦୀ'ରେ ଲେଖିଥିଲେ, "ଦେଶର କାରଖାନାରେ କୌଣସି ଶିଳ୍ପଜାତ ବସ୍ତୁ ତୟାର କରିବା ପୂର୍ବରୁ ଦେଶୀୟ ଲୋକମାନଙ୍କୁ ଆଗେ ଏ ମାର୍ଗରେ ପ୍ରସ୍ତୁତ କରିବା ଆବଶ୍ୟକ। ବିଦେଶାଗତ ଶିକ୍ଷିତମାନଙ୍କୁ ଏହି ଠେଲାଭଙ୍ଗା କାମରେ ନେତୃତ୍ୱ ନେବାକୁ ହେବ। ଆପେ ମାଳି ଆପେ ପୂଜାରୀ ହେବାକୁ ହେବ। ଏହି ଲୋକ ସଂଗଠନ ଲାଗି ଲୋକମାନଙ୍କ ସଙ୍ଗେ ମିଶିବା ପ୍ରୟୋଜନ। ଏ ଦେଶରେ ପ୍ରଥମେ ପ୍ରଥମେ ଯେଉଁମାନେ ବିଦେଶରୁ ଶିକ୍ଷିତହୋଇ ଆସିଲେ, ସେମାନେ ଆପଣାକୁ ସ୍ୱତନ୍ତ୍ର ଓ ଶ୍ରେଷ୍ଠତର ପ୍ରାଣୀ ବୋଲି ମନେକରି ଦେଶବାସୀଙ୍କର ସ୍ନେହ, ଆଦର ହରାଇଲେ। ଆବାଲ୍ୟ ଅଭ୍ୟସ୍ତ ଦେଶୀୟ ଚାଲିଚଳଣ ସବୁ ଦୁଇ ତିନି ବର୍ଷ ମଧ୍ୟରେ ଏକାବେଳକେ ପାଶୋରି ପକାଇବା ନ୍ୟାୟରେ ବୈଦେଶିକ ରୀତିରେ ଅଯଥା ଅନୁକରଣ କରି ସମାଜର ଜନସାଧାରଣଙ୍କର ବିରାଗଭାଜନ ହେଲେ....।"

ଗୋପବନ୍ଧୁଙ୍କର ଏହି ଉଦ୍‌ବୋଧନର ମୂର୍ତ୍ତ ଆଦର୍ଶ ଯେ ବିଶ୍ୱନାଥ ଥିଲେ, ଏକଥାରେ ତାଙ୍କର କୌଣସି ସନ୍ଦେହ ନ ଥିଲା। ସେ ଲକ୍ଷ୍ୟ କରିଥିଲେ ଯେ ବିଶ୍ୱନାଥ ବିଲାତରୁ ଫେରିବା ପରେ ଆସିକାରେ ଥିବା ତାଙ୍କର ସ୍ତ୍ରୀ ଓ ପୁତ୍ର କନ୍ୟାମାନଙ୍କ ପାଖକୁ ସ୍ୱାଭାବିକଭାବରେ ପ୍ରଥମେ ନ ଯାଇ ପ୍ରଥମେ ତାଙ୍କର ଦେଶପ୍ରେମର ଅଲିଖିତ ଚୁକ୍ତିରେ ପୂର୍ବତନ ସ୍ୱାକ୍ଷରକୁ ଦ୍ୱିତୀୟବାର ସ୍ପଷ୍ଟକରିଛନ୍ତି। ସତ୍ୟବାଦୀ ପରେ ବ୍ରହ୍ମପୁର ଓ ବ୍ରହ୍ମପୁରଠାରୁ ଆସିକାରେ ସେ ମାତ୍ର ଗୋଟିଏ ରାତ୍ରି କଟାଇ ସେ ବ୍ରହ୍ମପୁରର ସଂବର୍ଦ୍ଧନା ସଭାରେ ସତ୍ୟବାଦୀରେ ତାଙ୍କର ବକ୍ତବ୍ୟକୁ ଆହୁରି ସ୍ପଷ୍ଟ କରିଛନ୍ତି।

ଗୋପବନ୍ଧୁ ତାଙ୍କର ହେତୁ ହେବା କାଳରୁ ଏପରିକି ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲାବେଳେ ଆପଣାର ଅପରିଣତ ବୟସର ଚିନ୍ତାରେ ଓଡ଼ିଆ ଜାତୀୟ ଜୀବନର ଉନ୍ନତିପାଇଁ ଯେଉଁ ସହଜଜ୍ଞାନ ପ୍ରସ୍ତୁତ ଆଚରଣ ବିଧି ତିଆରି କରିଥିଲେ, ତାହାକୁ ଦେଶପ୍ରେମର ଏକ ଅଲିଖିତ ଚୁକ୍ତିଭାବରେ ଅବିହିତ କରାଯାଇପାରେ। ସେ ହେଉଛି

Digitized by srujanika@gmail.com

୧୯୦୧ ଓ ୧୯୦୨ ମସିହାର କଥା । ନୀଳକଣ୍ଠ ଦାସଙ୍କର ଆତ୍ମଜୀବନୀର ସେହି ମର୍ମସ୍ପର୍ଶୀ ଭାଷା ଓ ବର୍ଣ୍ଣନାରେ ପ୍ରକାଶ ପାଇଛି, କିପରି ସୁଆଣ୍ଡ ଗାଁର ଭାର୍ଗବୀ ତଟରେ ଗୋପବନ୍ଧୁ, ହରିହର (ଆଚାର୍ଯ୍ୟ), ନୀଳକଣ୍ଠ, ଅନନ୍ତ (ପ୍ରଚାରକ ଅନନ୍ତ ମିଶ୍ର) ପ୍ରଭାତର ପ୍ରଥମ ପ୍ରହରରେ ଦେଶପ୍ରେମର ଶପଥ ପାଠ କରିଥିଲେ । ସେତେବେଳେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶର ଚିନ୍ତା ଅଙ୍କୁରି ନ ଥିଲା । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ଗୋଟିଏ ପ୍ରଦେଶରେ ରଖିବାର ଚିନ୍ତା ହିଁ ଥିଲା ଏକମାତ୍ର ଚିନ୍ତା । ସେତେବେଳେ ଭାରତର ସ୍ୱାଧୀନତା ଆନ୍ଦୋଳନ ଥିଲା ଦରଖାସ୍ତ ସର୍ବସ୍ୱ ଗୁହାରି ନିବେଦନ । ସେତେବେଳେ ସତ୍ୟବାଦୀ ବନ ବିଦ୍ୟାଳୟର ମୂର୍ତ୍ତିମାନ ରୂପରେଖ ବି ନ ଥିଲା । ବିଲାତ ସାମ୍ରାଜ୍ୟ ଭିତରୁ ଭାରତର ସ୍ୱାଧୀନତା ଲାଭର ନାମ ଥିଲା ଦାୟିତ୍ୱମୂଳକ ଶାସନ ଓ ସେହି ଶାସନରେ ଦେଶୀ ଲୋକଙ୍କର ଅଧିକରୁ ଅଧିକ ନିଯୁକ୍ତି ଥିଲା ପ୍ରଧାନ ଅନୁଯୋଗ । ଏହି ସମୟର ଅବ୍ୟବହିତ ପରେ ବଙ୍ଗଳା (ଉଭୟ ପୂର୍ବ ଓ ପଶ୍ଚିମ) ମହାରାଷ୍ଟ୍ର ଓ କିଛି ପରିମାଣରେ ପଞ୍ଜାବ ପ୍ରଦେଶମାନଙ୍କରେ ସନ୍ତ୍ରାସବାଦୀ ଆନ୍ଦୋଳନ ଦେଖା ଦେଇଥିଲା । ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା ଭାରତରେ ଅତ୍ୟାଚାରୀ ଓ ଲୁଣ୍ଠନକାରୀ ଗୋରା ବିଲାତି ସିଭିଲିଆନ ଓ ପୋଲିସ କର୍ତ୍ତାଙ୍କୁ ବିପ୍ଳବୀ ଆନ୍ଦୋଳନର ବିଚାରରେ ଦୋଷୀ ସାବ୍ୟସ୍ତ କରିବା ଓ ସେମାନଙ୍କର ପ୍ରାଣଦଣ୍ଡର ରାୟଦେବା । ଏହି ପ୍ରାଣଦଣ୍ଡକୁ ଉକ୍ତ ସନ୍ତ୍ରାସବାଦୀ ବିପ୍ଳବୀମାନେ ସୁନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବକ ଜରିଆରେ କାର୍ଯ୍ୟକାରୀ କରିବାର ବିଧାନ ଥିଲା । ଏହି ବିପ୍ଳବୀମାନଙ୍କର ଚିନ୍ତାଧାରା ଓ ପନ୍ଥା ଯେତେ ଅବାସ୍ତବ ମନେ ହେଉନା କାହିଁକି, ଏମାନଙ୍କ ଭିତରେ ନିବେଦିତ, ଅସୀମ ସାହସିକ, ଆତ୍ମବଳିଦାନ ପାଇଁ ପ୍ରସ୍ତୁତ ଯୁବକ ବ୍ୟକ୍ତିମାନେ ଯୋଗ ଦେଉଥିଲେ ଓ ସେମାନଙ୍କୁ ବହୁ ନିରୀହ କର୍ମନିଯୁକ୍ତ ଦେଶପ୍ରେମିକ ବ୍ୟକ୍ତି ଆପଣାର ରୋଜଗାରର ବହୁଳାଂଶ ବେଳେ ବେଳେ ପ୍ରାୟ ସର୍ବସ୍ୱ ଦେଇ ସାହାଯ୍ୟ କରୁଥିଲେ । ମଧ୍ୟବିତ୍ତ ଶିକ୍ଷକ, ବ୍ୟବସାୟୀ ଓ କର୍ମଚାରୀମାନଙ୍କର ଏଭଳି ଅକାତର ସାହାଯ୍ୟ ଓ ସମ୍ବଳ ଦ୍ୱାରା ହିଁ ଭାରତର ସନ୍ତ୍ରାସବାଦୀ ଆନ୍ଦୋଳନ ପୁଷ୍ଟ ହେଉଥିଲା ।

ସଶସ୍ତ୍ର ହେଉ ବା ନିରସ୍ତ୍ର ହେଉ, ସବୁ ଆନ୍ଦୋଳନର ପ୍ରକୃତି ଭିତରେ ଗୋଟିଏ ଗଭୀର ସାମଞ୍ଜସ୍ୟ ଅଛି । ଓଡ଼ିଶାର ସେହି ସମୟର ରେନାସାଁ ବା ପୁନରୁତ୍ଥାନ ବେଳେ ଯେଉଁ ଆନ୍ଦୋଳନ ହୋଇଥିଲା, ତାହା ନିରସ୍ତ୍ର ଥିଲା ସତ୍ୟ; କିନ୍ତୁ ତାହା ଭିତରେ ଅବିକଳ ସନ୍ତ୍ରାସବାଦୀମାନଙ୍କର ସନ୍ନ୍ୟାସୀ ସାଧନାର ଶୃଙ୍ଖଳା ଥିଲା । ସେତେବେଳେ ଦେଶ ପ୍ରେମର ଆଦର୍ଶ ହୁଏତ ବୈଜ୍ଞାନିକ ନ ଥିଲା; ସମସ୍ତ

Digitized by srujanika@gmail.com

ଓଡ଼ିଆଭାଷୀ ଲୋକେ ଏକ ଶାସନାଧୀନରେ ରହିଲେ ତା'ପରେ କ'ଣ ହେବ ଅଥଚ ଭାରତ ବିଲାତି ଗୋଲାମୀ କବଳରୁ ମୁକ୍ତ ହେବା କେତେଦୂର ଭାରତପାଇଁ ଶ୍ରେୟସ୍କର, ଏ ବିଷୟରେ ମଧ ବହୁ ବୁଦ୍ଧିଜୀବୀଙ୍କର ସନ୍ଦେହ ଥିଲା; କିନ୍ତୁ ଦେଶ ପାଇଁ ସ୍ୱାର୍ଥ ତ୍ୟାଗ କରିବାକୁ ହେବ। "ମାତୃଭାଷା ଓ ମାତୃଭୂମି ଉଭୟେ ଜନନୀ, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଇତ୍ୟାଦି ଉଦାତ୍ତ ବାଣୀର ପ୍ରଭାବ ସେତେବେଳେ ଜୋର୍‌ସୋର୍‌ରେ ଲୋକ ମନକୁ ଆକୃଷ୍ଟ କରୁଥିଲା। ସେଥିପାଇଁ ଓଡ଼ିଶାରେ ମଧ ବହୁ ଯୁବକ ବିଶେଷତଃ ଗୋପବନ୍ଧୁ ଦାସଙ୍କର ଆଦର୍ଶରେ ଦୀକ୍ଷିତ ଯୁବକ ନିଜ ପାଇଁ ଏକ ସାଧନାର ପଥ ବାଛି ନେଇଥିଲେ। ବିଶ୍ୱନାଥ ମିଶ୍ର ଅନ୍ୟାନ୍ୟ ସତ୍ୟବାଦୀ ବନ ବିଦ୍ୟାଳୟର ସାଧକମାନଙ୍କ ଭଳି ଯେ ସତକୁ ସତ ଦୀକ୍ଷା ନେଇଥିଲେ ତାହାର ପ୍ରମାଣ ମିଳୁନାହିଁ; କିନ୍ତୁ ସତ୍ୟବାଦୀ ସ୍କୁଲର ଆରମ୍ଭଠାରୁ ଅବସାନ ଯାଏ ସେ ଯେ ତାହା ପାଇଁ ଏକ ପାଥେୟ ସଂଗ୍ରାହକର ଦାୟିତ୍ୱ ଗ୍ରହଣ କରିଥିଲେ, ଏଥିରେ ତିଳେ ମାତ୍ର ସନ୍ଦେହ ନ ଥିଲା।

ବିଲାତ ଫେରନ୍ତା ବିଶ୍ୱନାଥ ଓଡ଼ିଶାରେ ବିଲାତର ବହୁଳ ପ୍ରଶଂସା କଲେ। ଓଡ଼ିଆ ଛାତ୍ରଙ୍କୁ ବିଲାତର ସାଧନା, ଅଧବସାୟ, ଶୃଙ୍ଖଳା, ସମ୍ଭ୍ରମ ବିଷୟରେ ନାନା କଥା କହିଲେ; କିନ୍ତୁ ତାଙ୍କର ବିଲାତର ଅନୁଭୂତି ଏତେ ଆଶାପ୍ରଦ ନ ଥିଲା। ତାହାର ଫଳାଫଳ ତାଙ୍କର ବିଲାତ ଫେରନ୍ତା ଜୀବନରେ ପ୍ରତିଫଳିତ ହୋଇଥିଲା। ବିଲାତକୁ ଯିବାରେ ତାଙ୍କର ମୋହ ନିଦ୍ରା ଭାଙ୍ଗି ଯାଇଥିଲା। ସେଥିପାଇଁ ପଞ୍ଚଥର ସେ ବିଲାତକୁ ସାର୍ଟିଫିକେଟ ଆଣିବାକୁ ଯାଇ ମାତ୍ର ଦୁଇ ତିନିଟା ମାସରେ ସେଠାରୁ ଫେରି ପଡ଼ିଲେ। ଏଥିପାଇଁ ନୁହେଁ ଯେ ତାଙ୍କର ଫେରିଲାବେଳକୁ ଇଉରୋପରେ ଆସନ୍ନ ମହାଯୁଦ୍ଧ (ପ୍ରଥମ ମହାଯୁଦ୍ଧ ୧୯୧୪ – ୧୯୧୯) ର କାଳିମାଘନ ଘୋଟି ଆସୁଥିଲା। ଏହାର କାରଣ ଥିଲା ଅଲଗା।

(ଚାରି)

ଏ କଥା ଆକସ୍ମିକ ନୁହେଁ ଯେ ବିଲାତରୁ ଫେରିବା ପରେ ବାରିଷ୍ଟର ବିଶ୍ୱନାଥ ମିଶ୍ର ମୋଟେ ବିଲାତି ହେଲେ ନାହିଁ। ସେ ଆହୁରି ବେଶୀ ସ୍ୱଦେଶୀ ହେଲେ। ସେ ପ୍ରାଚୀନ ଉତ୍କଳର ଇତିହାସ ଲେଖିବାପାଇଁ ତତ୍ପର ହେଲେ। ସେ ଭାରତର ଗଭୀର ଅଭ୍ୟନ୍ତରରେ ପ୍ରବେଶ କରିବା ପାଇଁ ଏହି ଦେଶର ପୁରାଣ ଶାସ୍ତ୍ର ଭିତରେ ମଜ୍ଜିଗଲେ। କାରଣ ୧୯୧୦/୧୧ ବେଳେ ବିଲାତର ପରିସ୍ଥିତି ଦେଖି ତାଙ୍କର ବହୁ ଭ୍ରମ ଓ ମୋହ ତୁଟି ଯାଇଥିଲା।

Digitized by srujanika@gmail.com

ସେତେବେଳେ ଆମ ଦେଶର ଲୋକଙ୍କର ଧାରଣା ଥିଲା ଯେ ବିଲାତର ଗୋଲାମୀ ଯୋଗୁଁ ଆମେ ଭାରତୀୟମାନେ ସିନା ଦରିଦ୍ର ରହିଛୁଁ, ଶୋଷିତ ହେଉଛୁଁ; କିନ୍ତୁ ବିଲାତର ଲୋକେ ଶୋଷିତ, ଦରିଦ୍ର ନୁହନ୍ତି। ବିଲାତ ଜାତି ପ୍ରଭୁ ଜାତି। ସେମାନେ ଅର୍ଦ୍ଧ ଧରଣୀରେ ସାମ୍ରାଜ୍ୟ ବିସ୍ତାର କରି ଅର୍ଥାତ୍ ଅର୍ଦ୍ଧେକ ଧରଣୀକୁ ଲୁଣ୍ଠନ କରି ଆପଣା ଦେଶରେ ବେଶ୍ ସୁଖ, ଅଏସ ଓ ସ୍ୱାଧୀନତାରେ ବଢୁଛନ୍ତି। ବିଶ୍ୱନାଥଙ୍କ ବିଲାତ ଯାତ୍ରାର ପ୍ରାୟ ଦଶ ପନ୍ଦର ବର୍ଷ ପୂର୍ବରୁ ବିଲାତରେ 'ଭିକ୍ଟୋରିଆ ଯୁଗ'ର ମଧ୍ୟାହ୍ନ ଥିଲା। ଏହି ଯୁଗ ବିଷୟରେ କବିବର ରାଧାନାଥ ରାୟ ଲେଖିଥିଲେ –

"ଭିକ୍ଟୋରିଆ ଯୁଗ, ଅମରାକ୍ଷରେ।
ଯା ନାମ ଖୋଦିତ କାଳ ବକ୍ଷରେ।"

ଅଥଚ ବିଶ୍ୱନାଥଙ୍କର ବିଲାତ ଯାତ୍ରାବେଳେ ସେହି 'ଭିକ୍ଟୋରିଆ ଯୁଗ'କୁ ଏକ ଭଣ୍ଡ ନାଟକୀୟ ପ୍ରହସନର ଯୁଗ ବୋଲି ଗ୍ରହଣ କରାଯିବା ଆରମ୍ଭ ହୋଇଥିଲା। ଭିକ୍ଟୋରିଆଙ୍କର ଜୀବନକାଳ ଭିତରେ ବିଲାତ ପୃଥିବୀର ନୌବାଣିଜ୍ୟ, ଶିଳ୍ପ, ସାହିତ୍ୟ, ସଂସ୍କୃତି, ରାଷ୍ଟ୍ରନୀତି, ବିଜ୍ଞାନ, ଗବେଷଣା ବିଷୟରେ ଅଗ୍ରଣୀ ଥିଲା ଏକଥା ସତ୍ୟ; କିନ୍ତୁ ଆଲୋକ ଭିତରେ ଅନ୍ଧାର ଛପିଥିଲା ପରି ବିଲାତର ଏହି ବଡ଼ିମା ପଛରେ ଅତି ନୀଚହୀନତା ଛପି ରହିଥିଲା। ବିଶେଷତଃ ବିଲାତି କାଏଦା, ଚାଲିଚଳଣ, ଠାଣି ମାଣି ପ୍ରଭୃତି ଯାହା ବିଲାତି ଉପନିବେଶବାଦୀମାନେ ଆପଣାଇ ଗୋଲାମ ଦେଶମାନଙ୍କରେ ପ୍ରଭୁତ୍ୱ ଜାହିର କରିଥିଲେ, ତାହା ସାରା ସଭ୍ୟ ଇଉରୋପର ଚକ୍ଷୁଶୂଳ ଥିଲା। ଯିଏ ଅନ୍ୟକୁ ଗୋଲାମ କରେ, ତା'ଭିତରେ ପ୍ରଭୁତ୍ୱର ନିଶା ସବାର ହୁଏ। ତେଣୁ ସେ ବି ସେହି ନିଶାର ଗୋଲାମ ହୁଏ। ସିଏ ସବୁବେଳେ ଆପଣାକୁ ବାଦସାହୀ ଆଡ଼ମ୍ବରରେ ରଖିବାର ପାଗଳ ପ୍ରୟାସରେ ମଜ୍ଜି ରହେ, ସେ କେବଳ ନାଟକରେ ମସଗୁଲ ହୁଏ, ତେଣୁ ସେ ଅପ୍ରକୃତିସ୍ଥ ହୁଏ। ବିଲାତରେ ଉପନିବେଶ ଫେରନ୍ତା ଫିରିଙ୍ଗୀ ସାହେବମାନେ ତେଣୁ କାଳକ୍ରମେ ହସବୃଷ୍ଟିର ଖୋରାକ ହେଲେ। କେବଳ ୟୁରୋପ, ଫ୍ରାନ୍ସ, ଆମେରିକା ସେମାନଙ୍କୁ ବିଦ୍ରୂପ କଲାନାହିଁ, ସେମାନଙ୍କୁ ସେମାନଙ୍କର ଖୋଦ୍ ବିଲାତର ଆପଣା ଦେଶର ସାଧାରଣ ଲୋକେ ଥଟ୍ଟା ବିଦ୍ରୂପ କଲେ। ଭିକ୍ଟୋରିଆ ଚାଲିଚଳନ ଓ ଆଦବକାଇଦା ଏକ ଯାତ୍ରା ତାମସାର ବିଷୟବସ୍ତୁ ହୋଇଗଲା। ଅନ୍ୟ ପକ୍ଷରେ ବିଲାତର ଲୁଣ୍ଠନ ଜନିତ ସୁଖସମୃଦ୍ଧି ବିଲାତର ସାଧାରଣ ଲୋକର ଅବସ୍ଥାକୁ ବିଶେଷ ଉନ୍ନତି କଲାନାହିଁ।

'ଭିକ୍ଟୋରିଆ ଯୁଗ'ରେ ଇଂଲଣ୍ଡ କେବଳ ପୃଥିବୀର ବହୁ ଜାତିକୁ ପରାଧୀନ କରି ନ ଥିଲା, ଇଂଲଣ୍ଡ ସବୁ ପ୍ରକାର ସାମାଜିକ, ରାଜନୈତିକ ପରିବର୍ତ୍ତନର କଠୋର

Digitized by srujanika@gmail.com

ଦୁସମନ୍ ଥିଲା। ଫରାସୀ ରାଷ୍ଟ୍ର ବିପ୍ଳବର ହନ୍ତା ଥିଲା, ଇଂଲଣ୍ଡ। ଆମେରିକାର ସ୍ୱାଧୀନତା ସମର ଇଂଲଣ୍ଡ ବିରୁଦ୍ଧରେ ହିଁ ପରିଚାଳିତ ହୋଇଥିଲା। ପରବର୍ତ୍ତୀ କାଳରେ ଆମେରିକାର ଗୃହଯୁଦ୍ଧ ବେଳେ ଇଂଲଣ୍ଡ ହିଁ ନିଗ୍ରୋ ଦାସତ୍ୱର ପକ୍ଷପାତୀମାନଙ୍କର ସମର୍ଥକ ଥିଲା। ମୋଟ ଉପରେ ସମସ୍ତ ପ୍ରକାର ଗୋଲାମୀ ରକ୍ଷଣଶୀଳତାର ଇଂଲଣ୍ଡ ଥିଲା ପଟ୍ଟଭୂମୀ। ତେଣୁ ଠିକ୍ ଯେତେବେଳେ ଇଂଲଣ୍ଡର ସମୃଦ୍ଧି ଓ ବିକାଶ ପଲ୍ଲବିତ, ପୁଷ୍ପିତ ଓ ଫଳବତୀ ହେବାକୁ ଆରମ୍ଭ କଲା, ସେତିକିବେଳେ ହିଁ ତାହାର ବାର୍ଦ୍ଧକ୍ୟ ଓ ଅବସାନ ମଧ୍ୟ ସାଙ୍ଗେ ସାଙ୍ଗେ ଦେଖାଦେଲା। ସମ୍ରାଜ୍ୟବାଦର ଏହି ଅବକ୍ଷୟ, ଅର୍ଥାତ୍ ସମୃଦ୍ଧି ଭିତରେ ହିଁ ଅବସାନର ବୀଜ ଇଂଲଣ୍ଡର ସଭ୍ୟତାକୁ ବିଷାୟିତ କରି ଦେଇଥିଲା।

ବିଶ୍ୱନାଥ ଯଦି ଭାରତର କୌଣସି ଧନୀକ, ରାଜା, ଜମିଦାର ସଂଭ୍ରାନ୍ତ କୁଳରେ ଜନ୍ମିଥାଆନ୍ତେ, ତେବେ ଆପଣାର ଶ୍ରେଣୀକୁ ସାମାଜିକ ବିପ୍ଳବର ତୋଫାନରୁ ବଞ୍ଚାଇବାର ଗରଜ ଯୋଗୁଁ ସେ ହୁଏତ ବିଲାତି ହୋଇ ପାରିଲେ ବି ବିଲାତି ହେବାର ଲାଳସାରେ ଲାଳାୟିତ ହୋଇ ଥାଆନ୍ତେ। ଏପରି ବହୁ ବ୍ରିଟିଶପୋଷା ଭାରତୀୟ ସେତେବେଳେ ବିଲାତି ହେବାର ଅନୁକରଣକୁ ଗ୍ରହଣ କରିଥିଲେ ଓ ବିଲାତରେ ବର୍ଷର କିଛିକାଳ ରହଣିକୁ ବୈକୁଣ୍ଠବାସ ବୋଲି ଗ୍ରହଣ କରିଥିଲେ; କିନ୍ତୁ ବିଶ୍ୱନାଥ ଥିଲେ ଦରିଦ୍ର ଓ ଭାରତରେ ଦରିଦ୍ରତମ ଓଡ଼ିଶାର ପ୍ରତିନିଧି। ତାଙ୍କପାଇଁ ସଂଭ୍ରାନ୍ତ ଶ୍ରେଣୀ ସୁଲଭ ଇଂରେଜ ପ୍ରେମ ନ ଥିଲା। ଅନ୍ୟ ପକ୍ଷରେ ଆମେରିକା, ଫ୍ରାନ୍ସ ପ୍ରଭୃତି ଦେଶର ସାଧାରଣ ବୁଦ୍ଧିଜୀବୀ ଯେଭଳି ବିଲାତ ବିଦ୍ୱେଷୀ ଥିଲେ ସେଭଳି ବିଦ୍ୱେଷ ମଧ୍ୟ ତାଙ୍କଠାରେ ନ ଥିଲା। ଭାରତରୁ ଯେଉଁ ମୁଷ୍ଟିମେୟ ଶିକ୍ଷିତ ବ୍ୟକ୍ତି ସନ୍ତ୍ରାସବାଦୀ ଆନ୍ଦୋଳନ ଫଳରେ, ବିଦ୍ୟାଲାଭ ଛଳରେ ଅଥବା ଅନ୍ୟାନ୍ୟ କାରଣରୁ ଇଂଲଣ୍ଡ ଏବଂ ଇଉରୋପୀୟ ଦେଶ ଯଥା ଫ୍ରାନ୍ସ, ଜର୍ମାନି, ଅଷ୍ଟ୍ରିଆ, ସୁଇଜରଲାଣ୍ଡରେ ପହଞ୍ଚିଥିଲେ; ସେମାନଙ୍କ ଭିତରେ ବିଲାତ ବିରୋଧୀ ଓ ସ୍ୱାଧୀନତାକାମୀ ଚେତନା ପ୍ରବଳ ଥିଲା। ବିଶ୍ୱନାଥ ସେଭଳି ଭାରତୀୟମାନଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ମଧ୍ୟ ପାଇ ନ ଥିଲେ।

ବିଶ୍ୱନାଥଙ୍କର ବିଲାତ ରହଣିବେଳେ ଗୋଟିଏ ଘଟଣା ଘଟିଲା ଯାହା ଇତିହାସରେ 'କାମାଗାଟା ମାରୁ' ବ୍ୟାପାର ନାମରେ ପ୍ରସିଦ୍ଧି ଲାଭ କରିଛି। 'କାମାଗାଟା ମାରୁ' ଏକ ଜାପାନୀ ଜାହାଜର ନାମ। ଏହି ଜାହାଜକୁ ଜଣେ ଶିଖ ପଞ୍ଜାବୀ ବ୍ୟବସାୟୀ ଭଡ଼ା ସୂତ୍ରରେ ନେଇ ଭାରତରୁ ପଶ୍ଚିମ ଗୋଲାର୍ଦ୍ଧର କାନାଡ଼ା,

Digitized by srujanika@gmail.com

ଡୋମିନିଅନ୍‌ର ବ୍ରିଟିଶ କଲମ୍ବିଆକୁ ଯାତ୍ରୀ ଚାଲାଣ କରିବା ବ୍ୟବସ୍ଥା କରିଥିଲେ। ମୂଳରୁ ଏହା ଏକ ବ୍ୟବସାୟୀ କାର୍ଯ୍ୟ ଥିଲା। କିନ୍ତୁ ପରାଧୀନ ଜାତି ବିଶେଷତଃ ଭାରତୀୟମାନଙ୍କର ବ୍ୟବସାୟ ଓ ଜୀବିକା ବି ବିଲାତି ସାମ୍ରାଜ୍ୟବାଦୀମାନଙ୍କ ପାଇଁ ସେକାଳରେ ଦାରୁଣ ବିପଦ ଥିଲା। କାନାଡ଼ାର ବ୍ରିଟିଶ କଲମ୍ବିଆରେ ବସତି କରି ରହିଥିବା ଭାରତୀୟମାନଙ୍କୁ ସେଠାରୁ ବହିଷ୍କାର କରିବା ଓ ସେମାନଙ୍କର ପରିବାର ଇତ୍ୟାଦିକୁ ସେଠାରେ ପ୍ରବେଶ କରିବାକୁ ନ ଦେବା ଥିଲା ବିଲାତ ସାମ୍ରାଜ୍ୟବାଦୀମାନଙ୍କର ଲକ୍ଷ୍ୟ। କିନ୍ତୁ ମହାରାଣୀ ଭିକ୍ଟୋରିଆଙ୍କର ଘୋଷଣା ଅନୁସାରେ ବ୍ରିଟିଶ ସାମ୍ରାଜ୍ୟର ଯେ କୌଣସି ବ୍ୟକ୍ତି ଅବାଧରେ ସମ୍ରାଜ୍ୟ ମଧ୍ୟରେ ବସବାସ ଓ ଆଇନସଙ୍ଗତ ଜୀବିକା ଉପାର୍ଜନ କରିବାର ଅଧିକାର ଥିଲା। ତେବେ ସାମ୍ରାଜ୍ୟବାଦୀମାନଙ୍କର ଲକ୍ଷ୍ୟ ଓ ଘୋଷଣା ଭିତରେ କେବେ କି ସଙ୍ଗତି ଥାଏ? ତେଣୁ ବିଲାତ ସରକାର ଓ କାନାଡ଼ା ସରକାର ଏହି ଘୋଷଣାକୁ ବାତିଲ କରିବାକୁ ବନ୍ଦୋବସ୍ତ କରିଥିଲେ ଯେ ଏକା ମୁଥକେ ଯିଏ ବ୍ରିଟିଶ ଉପନିବେଶରୁ କାନାଡ଼ାକୁ ଆସି ପାରିବ ତାହାକୁ ପ୍ରବେଶାଧିକାର ଦିଆଯିବ। ଅର୍ଥାତ୍ ଭାରତରୁ କେହି କାନାଡ଼ା ଗଲେ ବାଟରେ ଜାହାଜ ନ ବଦଳାଇ ସିଧାସଳଖ କାନାଡ଼ା ଯିବାକୁ ପଡ଼ିବ, ତେବେଯାଇ ଉକ୍ତ ବ୍ୟକ୍ତିକୁ ପ୍ରବେଶାଧିକାର ମିଳିବ। ବିଲାତ ସରକାର ଓ କାନାଡ଼ା ସରକାରଙ୍କର ଏହି ଆଦେଶ ଚୀନ ବା ଜାପାନୀ ଆଗନ୍ତୁକଙ୍କ ପାଇଁ ଲାଗୁ ହେଉ ନ ଥିଲା। ଏହାର ଲକ୍ଷ୍ୟ ଥିଲା ଭାରତୀୟ କଳାଲୋକଙ୍କ ପ୍ରତି। ସେମାନଙ୍କୁ କାନାଡ଼ାର ଗୋରା ଚମଡ଼ା ମାଟିରେ ଓହ୍ଲାଇବାକୁ ନ ଦେବା। ତେବେ ସେ ଯାହାହେଉ ଏଭଳି ଘୋଷଣାକୁ ସ୍ୱୀକାରକରି 'କାମାଗାଟା ମାରୁ' ଜାହାଜରେ ବ୍ରିଟିଶ ଉପନିବେଶ ହଙ୍ଗକଙ୍ଗରୁ ଦଳେ ଶିଖ ଅଭ୍ୟାଗତ ବ୍ରିଟିଶ କଲମ୍ବିଆ ଯାଇଥିଲେ। ସେମାନଙ୍କୁ ସେଠାରେ ଜାହାଜରୁ ଓହ୍ଲାଇ ନ ଦେବା, ଗନ୍ ବୋଟ୍‌ର ଗୋଳାମାଡ଼ରେ ସେମାନଙ୍କୁ ଖଣ୍ଡିଆ ଖାବରା କରିବା, ସେମାନଙ୍କ ପାଇଁ ଉପକୂଳରୁ ଖାଦ୍ୟପଦାର୍ଥ ଏପରିକି ପାନୀୟ ଜଳ ମଧ୍ୟ ବାରଣ କରିଦେବା ଇତ୍ୟାଦି ଫଳରେ ଏହାର ପ୍ରତିକ୍ରିୟାର ବିଷ ସାରା ଭାରତର ଜନମତକୁ ବିକ୍ଷୁବଧ୍ କରିଥିଲା। ବିଲାତର ମଧ୍ୟ ବହୁ ଉଦାରପନ୍ଥୀ ଇଂରେଜ ବ୍ରିଟିଶ ସରକାରଙ୍କର ଓ ତାଙ୍କରି ଇଙ୍ଗିତରେ ପରିଚାଳିତ କାନାଡ଼ା ଉପନିବେଶର ଏଭଳି ବର୍ଣ୍ଣବୈଷମ୍ୟ ବିଦ୍ୱେଷ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହାର ପ୍ରଭାବ ଯେ ବିଶ୍ୱନାଥଙ୍କ ଉପରେ ପଡ଼ିଥିଲା, ତାହା ପରବର୍ତ୍ତୀ କାଳରେ ଭାରତର କେନ୍ଦ୍ର ବ୍ୟବସ୍ଥାପକ ସଭାରେ ତାଙ୍କର ଶ୍ଳେଷ ଓ ବିଦ୍ରୂପଭରା ଭାଷଣମାନଙ୍କରୁ ସ୍ପଷ୍ଟ ହୁଏ।

Digitized by srujanika@gmail.com

ବିଲାତରେ ତାଙ୍କର ଅଭିଜ୍ଞତାରେ ପ୍ରତିଧ୍ୱନିର ପ୍ରଥମ ନମୁନା ହେଲା ତାଙ୍କର ୧୫ ତାରିଖ ମାର୍ଚ୍ଚ ୧୯୨୨ରେ ଭାରତର କେନ୍ଦ୍ର ବ୍ୟବସ୍ଥା ସଭାର ଭାଷଣ। ସେତେବେଳକୁ ବ୍ରିଟିଶ ରାଜ, ଯାହାକୁ ଗର୍ଭିଣୀ ଗାଈ ବାଟ ଛାଡୁଥାଏ ! ନୂଆ ବ୍ୟବସ୍ଥାପକ (ଅର୍ଥାତ୍ M LA Central) ବିଶ୍ୱନାଥ ମିଶ୍ରଙ୍କ ଭାରତର ଫାଇନାନ୍ସ ବିଲ (ବଜେଟ) ଉପରେ ନୂଆଦିଲ୍ଲୀରେ ପ୍ରଥମ ଭାଷଣ। ଆରମ୍ଭ କଲେ "ବାଚସ୍ପତି ମହୋଦୟ, ମୁଁ ଏହି ସଂଶୋଧନ ପ୍ରସ୍ତାବକୁ ସମର୍ଥନ କରିବାକୁ ଛିଡ଼ା ହୋଇଛି। ମୁଁ ଏହି ବ୍ୟବସ୍ଥା ସଭା ପାଇଁ ନୂଆ ଲୋକ। ତେଣୁ ମନରେ ଭାଗେ ସଙ୍କୋଚ ଶଙ୍କା ରହିଛି; କିନ୍ତୁ ଆଉ ଭାଗେ ରହିଛି ଉଚ୍ଚ ଆତ୍ମବିଶ୍ୱାସ। ଜଣେ ନବାଗତ ଭାବରେ ମୋର କୌଣସି ତ୍ରୁଟି ଥିଲେ ମୋତେ ମାର୍ଜନା କରିବେ ବୋଲି ମୁଁ ଆଶା କରେ।"

ଏହି ନବାଗତ ବିଶ୍ୱନାଥ ମିଶ୍ର ସେଦିନ ଲୁଣ ଟିକସକୁ ବିରୋଧ କରି ଯାହା କହିବାର କହିଲେ, ତାଙ୍କର ସମସ୍ତ ଦୈନ୍ୟ ପ୍ରକାଶ କରି କହିଲେ – "ଯାହାର ଶହେ ଅଛି ତାଠାରୁ ପଚ୍ଚଶ ଟଙ୍କା ନେଲେ ତାକୁ ନିଶ୍ଚୟ ବାଧିବ। ଯିଏ ଦୁଇ ଅଣାରେ ଦିନକ ଚଳୁଛି ତାଠାରୁ ଅଣାଏ ନେଲେ ତାକୁ ନିଶ୍ଚୟ ଆହୁରି ବାଧିବ; କିନ୍ତୁ ଯିଏ ଶୂନ୍ୟରେ ଚଳୁଛି ତା' ଉପରୁ ନେଲେ ତାକୁ ବାଧିବ ବା କ'ଣ ?" ଏତିକିରେ ବ୍ୟବସ୍ଥା ସଭାରେ ହସ ବୃଷ୍ଟି ହୋଇଥିଲା।

ଭାରତର ଦାରିଦ୍ର୍ୟ ଓ ଦୈନ୍ୟ କଥା କହୁ କହୁ ବିଶ୍ୱନାଥଙ୍କର ବିଲାତର ଚାଲିଚଳଣ ଆଚାର ବ୍ୟବହାର ସ୍ମରଣକୁ ଆସିଗଲା। ତେଣୁ ଆପଣାର ସ୍ୱରକୁ ଗମ୍ଭୀର କରି ସିଏ କହିଲେ, "ମହାଶୟ, ମୁଁ ତ ଅବଶ୍ୟ କହିବି ଯେ ଯେଉଁ ସାହେବମାନେ ଏ ଭାରତବର୍ଷକୁ ଆସିଛନ୍ତି, ସେମାନେ ଆପଣାକୁ ଭାରତୀୟଭାବରେ ତିଆରି କରିବେ କ'ଣ ସେମାନେ ଭାରତବାସୀକୁ ସାହେବ ବନାଇ ସାରିଲେଣି। (ଠିକ୍ ଠିକ୍ - ତୁମୁଳ ହାସ୍ୟରୋଳ) × × × ସାହେବଙ୍କର ଷ୍ଟାଣ୍ଡାର୍ଡ୍ ଆଉ ଭାରତୀୟଙ୍କ ଷ୍ଟାଣ୍ଡର୍ଡ୍ ଭିତରେ ଆକାଶ ପାତାଳ ପ୍ରଭେଦ। ସେମାନଙ୍କର ଗୋଟାଏ ଦିନରକୁ ଦୁଇ ଟଙ୍କାଠାରୁ ପାଞ୍ଚ ଟଙ୍କା ଯାଏ ଖର୍ଚ୍ଚ; କିନ୍ତୁ ସରକାରଙ୍କର ଏକଥା କ'ଣ ଗୋଚରକୁ ଆସିଛି ଯେ ଜଣେ ଭାରତୀୟ ଦୁଇଟା ତିନିଟା ଟଙ୍କାରେ ସାରା ମାସଯାକ ଚଳେ। ତେଣୁ ସବୁତକ ଦୋଷ ରହିଲା ବ୍ରିଟିଶ ସରକାରଙ୍କ ବୁଝାମଣାରେ।"

ବିଶ୍ୱନାଥଙ୍କର ବିଲାତ ସ୍ମୃତି ଦାଉ ଦାଉ କରି ଜଳି ଉଠିଥିଲା। ସେ କହିଲେ, "ଇଂରେଜ ଲୋକେ ଏପରିକି ଅବସରପ୍ରାପ୍ତ ଲାଟ୍, ଛୋଟ ଲାଟ୍ ଆଉ ବଡ଼ ବଡ଼ ନୌକରମାନେ ବିଲାତକୁ ଗଲେ ପେନି (ଭାରତର ଅଧଲା ପାସଙ୍ଗ) ବସ୍‌ରେ ଯାଆନ୍ତି ବା ପେନି ଟ୍ରାମ୍‌ରେ ଚଢ଼ି ଯାଆନ୍ତି। କିନ୍ତୁ ଏହି ଭାରତକୁ ଆସିଲାକ୍ଷଣି ସେମାନଙ୍କର

Digitized by srujanika@gmail.com

ତିନି ତିନିଟା ଫାଷ୍ଟ କ୍ଲାସ ଟିକଟ ଚାହିଦା। ଭାରତରେ ଜଣେ ଛୋଟ ଲାଟ୍ କୁଆଡ଼େ ଗସ୍ତରେ ବାହାରିଲେ ତାଙ୍କ ପାଇଁ ଗୋଟାଏ ବେଟାଇମ୍ ସ୍ପେଶାଲ ରେଳଗାଡ଼ି ଦରକାର। ଅବଶ୍ୟ ମୁଁ ମାନୁଛି ଇଂରେଜୀ ଲୋକେ ଖୁବ୍ କାମିକା, ଖୁବ୍ ବ୍ୟାବହାରିକ ବୁଦ୍ଧିବାଲା ଲୋକ, ଖୁବ ଭଦ୍ର। ବିଲାତି ଲୋକପରି ବନ୍ଧୁ, ସାଙ୍ଗସାଥୀ, ସହଯୋଗୀ ବା ଦରଦୀ ମିଳିବା କଷ୍ଟ; କିନ୍ତୁ ଦୁର୍ଭାଗ୍ୟର କଥା ଭାରତରେ ଇଂରେଜୀ ଲୋକ ଏକ ସ୍ୱତନ୍ତ୍ର ଜୀବ। ସେ ବିଲାତରେ ପ୍ରଚଳିତ ଇଂରେଜ ଲୋକ ନୁହେଁ କିମ୍ବା ବିଲାତରୁ ଆସିଥିବା ଇଂରେଜ ଲୋକ ନୁହେଁ। ଅବଶ୍ୟ ମୁଁ କହୁନାହିଁ ଯେ ସେ ମନୁଷ୍ୟ ଇତର ଗୋଟାଏ ଜୀବ ଭାବରେ ରୂପାନ୍ତରିତ ହୋଇଯାଏ; କିନ୍ତୁ ମହାଶୟ, ସେ ହେଲେ ହାକିମ। ଆମକୁ ତେଣୁ ଇଂରେଜ ଶବ୍ଦ ଭଣ୍ଡାରକୁ ଅଲଗା ଭାବରେ ବୁଝିବାକୁ ହେବ। ଆମକୁ ଧରି ନେବାକୁ ହେବ ସେ ଇଂରାଜୀ ଲୋକଙ୍କର ଭାରତ ବିଷୟରେ ଅଭିଧାନ ତାଙ୍କର ଦେଶର ପ୍ରଚଳିତ ଅଭିଧାନର ଓଲଟା।

"ମହାଶୟ, ମୁଁ ଆପଣଙ୍କ ଆଗରେ ଗୋଟିଏ ଉଦାହରଣ ରଖୁଛି। ଆପଣମାନେ ସମସ୍ତେ ଜାଣନ୍ତି ମହାଭାଗ ବଡ଼ଲାଟ ସାହେବ ଆପଣଙ୍କୁ କିଛି ଲେଖିଲାବେଳେ ଶେଷରେ ଲେଖନ୍ତି 'ତୁମର ସବୁଠାରୁ ଆଜ୍ଞାଧୀନ ଭୃତ୍ୟ।' ଏହି ବାକ୍ୟାଂଶର ଅର୍ଥ କ'ଣ ? ଆଜ୍ଞାଧୀନ ଭୃତ୍ୟ ? ଆପଣ ଯଦି ସେମାନଙ୍କୁ ଆକୁତି ଅନୁଯୋଗ କରିବେ ଫଳଣା କଥା କରନ୍ତୁ ନାହିଁ, ସେମାନେ ଆପଣଙ୍କ ଇଚ୍ଛା ବିରୁଦ୍ଧରେ ସେହି କାର୍ଯ୍ୟଟିହିଁ କରିବେ। ତେବେ ଏମାନେ କି କିସମର ? ଏହି ମାନ୍ୟବର ସରକାରୀ ମେମ୍ବରମାନେ କି ପ୍ରକାରର ଆଜ୍ଞାଧୀନ ଭୃତ୍ୟ ? ମହାଭାଗ, ବଡ଼ଲାଟ ଏହି ଗୃହର ସବୁ ପ୍ରସ୍ତାବକୁ ନାକଚ କରି ଦେବାର କ୍ଷମତା ରଖିଛନ୍ତି (ନାଁ ନାଁ)। ଯେତେବେଳେ ସିଏ ଇଚ୍ଛା କରିବେ ସେତେବେଳେ ସେ ଭେଟୋ କ୍ଷମତା ପ୍ରୟୋଗ କରି ପାରିବେ। ଏଣେ ସେ ହେଉଛନ୍ତି 'ସବୁଠାରୁ ଆଜ୍ଞାଧୀନ ଭୃତ୍ୟ' (ହାସ୍ୟରୋଳ) ଯଦି ତାଙ୍କର କଥାଟା ବିଲାତରେ ଇଂରାଜ ଅଭିଧାନକୁ ଯେପରି ଭାବରେ ବୁଝନ୍ତି ସେପରି ଭାରତରେ ବୁଝାଯାଉ ବୋଲି ବିଚାରୁ ଥାଆନ୍ତେ ତେବେ ବଡ଼ଲାଟ ମହାଭାଗ ଲେଖନ୍ତେ ମହାମହିମ ସମ୍ରାଟଙ୍କର ଆଜ୍ଞାଧୀନ ଭୃତ୍ୟ; ନଚେତ୍ ଭାରତ ସରକାରଙ୍କର ଆଜ୍ଞାଧୀନ ଭୃତ୍ୟ...।"

ଏତେବେଳକୁ ବାଚସ୍ପତି ଡ଼ାକ ଛାଡ଼ିଲେ 'ଅର୍ଡର, ଅର୍ଡର,' ଆଉ ମନ୍ତବ୍ୟ କଲେ "ଠିକ୍ କେତେବେଳେ ମାନ୍ୟବର ସଭ୍ୟ ବେଗର ଅର୍ଡର ଆଡ଼କୁ ହୁଡ଼ିଗଲେ ତାହା ଜାଣିବା ଟିକିଏ ଦୁଷ୍କର ହୋଇ ପଡ଼ିଲା।"

Digitized by srujanika@gmail.com

ନୂଆ ମେୟର ବିଶ୍ୱନାଥ କହିଲେ ମହାଶୟ, "ମୁଁ କହୁଥିଲି ଏ ସବୁଠାରୁ ଆଜ୍ଞାଧୀନ ଭୃତ୍ୟ ବୋଲି ନିଜକୁ କହିବା କିନ୍ତୁ ସବୁଠାରୁ ଅତ୍ୟାଚାରୀ ପ୍ରଭୁ ଭାବରେ ବ୍ୟବହାର କରିବାର ଢଙ୍ଗ ଭାରତର ଇଂରେଜ ଅଫିସରମାନେ ଛାଡ଼ନ୍ତୁ।"

ପ୍ରଥମ ବ୍ୟବସ୍ଥା ସଭା ବକ୍ତୃତାରେ ବିଶ୍ୱନାଥ ତାଙ୍କର ବିଲାତର ତିକ୍ତ ଅନୁଭୂତି ଏପରି ଭାବରେ ହିଁ ପ୍ରକଟ କରିଥିଲେ।

(ପାଞ୍ଚ)

୧୯୧୨ ଜୁଲାଇ ମାସର ପ୍ରାୟ ସମସ୍ତ କାଳ ବିଲାତ ଫେରନ୍ତା ବାରିଷ୍ଟର ବିଶ୍ୱନାଥଙ୍କର ସମ୍ବର୍ଦ୍ଧନାର କାଳ। ସତ୍ୟବାଦୀ ବନବିଦ୍ୟାଳୟ ପରେ ସ୍ୱଭାବତଃ ସମ୍ବର୍ଦ୍ଧନାର ମଞ୍ଚ ହେଲା ବ୍ରହ୍ମପୁର ଓ ତା' ପରଦିନ ଆସିକା। ଓଡ଼ିଶାର ସେତେବେଳର ସ୍ୱନାମଧନ୍ୟ ସାପ୍ତାହିକ ଉତ୍କଳ ଦୀପିକାର ୨୦/୭/୧୯୧୨ ସଂସ୍କରଣରେ ବ୍ରହ୍ମପୁର ସମ୍ବର୍ଦ୍ଧନା ଓ ଆସିକା ସମ୍ବର୍ଦ୍ଧନା ବିଷୟରେ ବ୍ୟାପକ ଖବର ପ୍ରକାଶ ପାଇଥିଲା। ବିଶେଷତଃ ଗଞ୍ଜାମ ଯେହେତୁ ବିଶ୍ୱନାଥ ମିଶ୍ରଙ୍କର ବିଲାତ ପୂର୍ବ ଓକିଲାତି ଜୀବନର ଓ ସାଧାରଣ ସେବାକାର୍ଯ୍ୟର କର୍ମଭୂମି ଥିଲା, ସେହି ହେତୁରୁ ସେଠାର ସମ୍ବର୍ଦ୍ଧନା ଉଚ୍ଛ୍ୱସିତ ଆଗ୍ରହ ଓ ଉଲ୍ଲାସ ସୃଷ୍ଟି କରିଥିଲା।

ବିଶ୍ୱନାଥ ଥିଲେ ଅଜାତଶତ୍ରୁ। ବିଲାତରୁ ଫେରିଲା ବେଳେ ମଧ୍ୟ ତାଙ୍କର ହାବଭାବ, ବେଶଭୂଷାରେ କୌଣସି ଅହେତୁକ ଅହଂଭାବ ଦେଖିବାକୁ ମିଳି ନ ଥିଲା। ସତ୍ୟବାଦୀରେ ଗୋପବନ୍ଧୁ ପ୍ରମୁଖ ଯେଭଳି ଭାବରେ ତାଙ୍କୁ ଦେଖି ଆଶାୟୀ ହୋଇଥିଲେ, ବ୍ରହ୍ମପୁର ଓ ଆସିକାର ବନ୍ଧୁମାନେ ମଧ୍ୟ ସେହିପରି ପ୍ରୀତ ହୋଇଥିଲେ। ବ୍ରହ୍ମପୁରରେ ତାଙ୍କର ପୂର୍ବର ସ୍ନେହୀ ବନ୍ଧୁ ଓ ଗଞ୍ଜାମ ସହିତ ତାଙ୍କୁ ପରିଚିତ କରାଇଥିବା ଘୁମୁସରର ବାସିନ୍ଦା, ଗଞ୍ଜାମ ଓଡ଼ିଆଙ୍କର ନେତା ନରସିଂହ ଦାସ, ପରବର୍ତ୍ତୀ କାଳରେ ବିଲାତ ଚକ୍ରବର୍ତ୍ତୀ ସମ୍ରାଟଙ୍କଠାରୁ ଉପାଧି ପାଇଥିବା ଏ. ପର୍ଶୁରାମ ପାତ୍ର (ଯାହାକୁ କେହି ଜଣେ କହିଥିଲେ ଅନ୍ଧାରି ଗଞ୍ଜାମ ମୂଳକର ବୀର ନାୟକ Knight of the benighted Ganjam) ପରେ ଜିଲ୍ଲା ଜଜ୍ ଭାବରେ ରିଟାୟାର କରିଥିବା ଗଣେଶ ମହାପାତ୍ର ଓ ଶ୍ରୀ ତାରିଣୀ ଚରଣ ରଥଙ୍କ ଭଳି ସାହିତ୍ୟିକ ଓ ସମାଜସେବୀ ତାଙ୍କୁ ବ୍ରହ୍ମପୁର ରେଳବାଇ ଷ୍ଟେସନରେ ପାଞ୍ଚ ତାରିଖ ଜୁଲାଇ ସନ୍ଧ୍ୟାରେ ସ୍ୱାଗତ କରିଥିଲେ। ତାହାର ପରଦିନ ସକାଳ ସାତଟାବେଳେ ଆସିକାର ଉପକଣ୍ଠରେ ଗାଡ଼ିରୁ ଓହ୍ଲାଇ ପରିଚିତ ବନ୍ଧୁମାନଙ୍କ ଗହଣରେ ଆପଣାର ସ୍ତ୍ରୀ ବାଳକଙ୍କୁ ଦେଖିବା ପାଇଁ ସ୍ୱଗୃହରେ ଉପଗତ ହୋଇଥିଲେ।

Digitized by srujanika@gmail.com

ସେହି ସମୟର ସମ୍ବାଦପତ୍ର ବିବରଣୀରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ବ୍ରହ୍ମପୁର ପରି ଦ୍ୱିଭାଷୀ ସହରରେ ଗଞ୍ଜାମ ଓଡ଼ିଆ ସମାଜର ସମ୍ପାଦକ ତାଙ୍କର ପୂର୍ବର ସହକର୍ମୀ ସୁହୃଦ ହରିହର ପଣ୍ଡାଙ୍କ ନିମନ୍ତ୍ରଣରେ ବ୍ରହ୍ମପୁର ସହରରେ ଯେଉଁ ବନ୍ଧୁମିଳନ ହୋଇଥିଲା, ସେଥିରେ ପ୍ରାୟ ସମସରି ସଂଖ୍ୟାରେ ଓଡ଼ିଆ ଓ ତେଲୁଗୁ ଓକିଲ, ଶିକ୍ଷକ, କର୍ମଚାରୀ ଓ ପ୍ରଧାନ ପ୍ରଧାନ ନାଗରିକମାନେ ଉପସ୍ଥିତ ଥିଲେ। ଅନେକ ସମ୍ବାଦ ପତ୍ରରେ ଏକଥା ମଧ୍ୟ ଉଲ୍ଲେଖ ଅଛି ଯେ ବ୍ରହ୍ମପୁରର ନାଗରିକ ଜୀବନରେ ଓଡ଼ିଆଭାଷୀ ଓ ତେଲୁଗୁଭାଷୀଙ୍କର ଏଭଳି ମିଳନ ସମାରୋହ ବୋଧହୁଏ ଥିଲା ସର୍ବପ୍ରଥମ।

ତେବେ ବିଶ୍ୱନାଥଙ୍କର ବିଲାତ ଫେରନ୍ତା କାଳରେ ଏସବୁ ସ୍ୱତଃସ୍ଫୂର୍ତ୍ତ ସମ୍ବର୍ଦ୍ଧନା ଛଡ଼ା ତାଙ୍କୁ ଏକ ଆନୁଷ୍ଠାନିକ ସମ୍ବର୍ଦ୍ଧନା ଅଗଷ୍ଟ ମାସ ୩ ତାରିଖ ୧୯୧୨ରେ ଦିଆ ଯାଇଥିଲା।

ଏହି ସମ୍ବର୍ଦ୍ଧନାରେ ସଭାପତି ହୋଇଥିଲେ ରେଭେନ୍ସା କଲେଜର ତତ୍କାଳିନ ଅଧ୍ୟକ୍ଷ ମିଷ୍ଟର ଶ। ୧୦/ ୮/୧୯୧୨ ତାରିଖର ଉତ୍କଳ ଦୀପିକାର ସମ୍ବାଦ ସ୍ତମ୍ଭରେ ଉଲ୍ଲେଖ ଅଛି ଯେ, "ଏହି ସଭାରେ ମାନ୍ୟବର ମଧୁସୂଦନ ଦାସ ସି: ଆଇ: ଇ: ଉପସ୍ଥିତ ଥିଲେ। ସଭାଟି ଉତ୍କଳ ଯୁବକ ସମିତି ଆନୁକୂଲ୍ୟରେ କଟକର ଟାଉନହଲରେ ଆହୂତ ହୋଇଥିଲା। ସଭାରେ ଶ୍ରୀ ବ୍ରଜସୁନ୍ଦର ଦାସଙ୍କୁ ସହକାରୀ ସଭାପତି ଭାବରେ ନିର୍ବାଚିତ କରାଯାଇଥିଲା। ଏହାର କାରଣ ବୋଧହୁଏ ଏହି ଯେ ସଭାପତି ବା ଅଧ୍ୟକ୍ଷ ସାହେବ ଯେହେତୁ ଓଡ଼ିଆ ଭାଷା ଜାଣୁ ନ ଥିଲେ, ସେହି ହେତୁରୁ ଶ୍ରୀ ବ୍ରଜସୁନ୍ଦର ଦାସଙ୍କର ସହକାରୀତ୍ୱ ଦରକାର ପଡ଼ିଥିଲା। ଦୀପିକାର ଉଦ୍ଧୃତି ଅନୁସାରେ "ସଭାର ସହକାରୀ ସଭାପତି ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ମିଶ୍ର ମହାଶୟ କିରୂପ ଆପଣା ଯତ୍ନରେ ବିଲାତ ଯାଇ ବାରିଷ୍ଟରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯୁବକ ମଣ୍ଡଳୀର ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇଅଛନ୍ତି ବୁଝାଇ ଦେଲାରୁ ସଭାପତି ମହୋଦୟ ତାଙ୍କର ଦୃଷ୍ଟାନ୍ତ ଅନୁକରଣୀୟ ଥିବାର କହି ତାଙ୍କୁ ଉକ୍ତ ସମିତିର ସଭ୍ୟ ପଦରେ ମନୋନୀତ କରିବାରୁ ସଭାସ୍ଥ ସମସ୍ତେ କରତାଳି ଦ୍ୱାରା ତାହା ଧାର୍ଯ୍ୟ କଲେ ଏବଂ ତାଙ୍କ ଆହ୍ୱାନ ମତେ ମିଶ୍ର ମହୋଦୟ ବିଲାତର ପୋଲିସଠାରୁ ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତଙ୍କ ଶିଷ୍ଟାଚାର, ସୌଜନ୍ୟ, କର୍ମନିଷ୍ଠା ଏବଂ ସହଯୋଗ, ଯୌଥ ଦଳ ହୋଇ କଳଯନ୍ତ୍ରାଦି ବିଦ୍ୟା ଓ ବାଣିଜ୍ୟରେ ଦେଶକୁ ଉନ୍ନତ କରି ସର୍ବସାଧାରଣଙ୍କର ଶିକ୍ଷା ସ୍ଥୂଳ ହୋଇଅଛନ୍ତି ତାହା ବିଶଦ ରୂପେ ବୁଝାଇ ଯୁବକମାନଙ୍କୁ ବିଲାତଯାଇ ଶିକ୍ଷା କରିବା ସକାଶେ ଦୃଢ଼ସଂକଳ୍ପ ହେବା କାରଣ ଅନୁରୋଧ କରିଥିଲେ। ତାଙ୍କ ବକ୍ତବ୍ୟ ଶେଷ ହେଲାରୁ ମାନ୍ୟବର ମଧୁସୂଦନ ଦାସ

Digitized by srujanika@gmail.com

ସି: ଆଇ: ଇ: ମହୋଦୟ ସଭାପତିଙ୍କ ଆହ୍ୱାନ ମତେ ଦୁଇ ଚାରି କଥା କହିବାକୁ ଉଠି ଏକ ଭିକ୍ଷୁକ ବ୍ରାହ୍ମଣ ଶ୍ରେଣୀର ଲୋକ ଭିକ୍ଷା ବିନା ଆପଣାର ଉଦ୍ୟୋଗରେ ବିଲାତ ଯାଇ କେମନ୍ତ ମନୁଷ୍ୟତା ଲାଭ କରିଅଛନ୍ତି, ତାହା ତେଜୟସୀ ବକ୍ତୃତା ଦ୍ୱାରା ବୁଝାଇ ଦେଇ ସଭାପତିଙ୍କି ଧନ୍ୟବାଦ ଦେବାର ପ୍ରସ୍ତାବ କରିବାରୁ କରତାଳି ଦ୍ୱାରା ତାହା ଧାର୍ଯ୍ୟ ହେଲା ପରେ ସଭା ଭଙ୍ଗ ହେଲା ।

ମିଶ୍ର ମହାଶୟ ଯେ ଯୁବକ ସମ୍ପ୍ରଦାୟର ଆଦର୍ଶ ସ୍ଥାନୀୟ ଏହା ବୋଲିବା ଅଧିକ । ଆମ୍ଭେମାନେ ତାହାଙ୍କର ଜାତୀୟ ବେଶ, ସରଳ ଓ ବିନୀତ ସ୍ୱଭାବ ଓ ସ୍ୱଦେଶାନୁରାଗ ଦେଖି ଅତ୍ୟନ୍ତ ପ୍ରୀତି ସହିତ ତାହାଙ୍କୁ ଗ୍ରହଣ କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ କି ସେ ଦୀର୍ଘ ଜୀବନ ଓ ସୌଭାଗ୍ୟ ଲାଭ ପୂର୍ବକ ସାଧାରଣ ସେବା ଦ୍ୱାରା ଓଡ଼ିଶାର ମୁଖୋଜ୍ଜ୍ୱଳ କରାନ୍ତୁ ।"

(ଉତ୍କଳ ଦୀପିକା -୧୦/୮/୧୯୧୨)

ସେତେବେଳେ କଟକରୁ ପ୍ରକାଶିତ ଇଂରାଜୀ ସାପ୍ତାହିକ 'ଷ୍ଟାର ଅଫ୍ ଉତ୍କଳ'ରେ ଏହି ସମ୍ବାଦ ପ୍ରକାଶ ପାଇଥିଲା – ତାହାର ଓଡ଼ିଆ ଅନୁବାଦ ଏହିପରି । "ଗଞ୍ଜାମର ଜଣେ ପ୍ଲିଡର ମିଷ୍ଟର ବିଶ୍ୱନାଥ ମିଶ୍ର, ଯିଏ ବିଲାତରେ ଆଇନ ବିଦ୍ୟା ପଢୁଥିଲେ ଓ ଦୀର୍ଘ ଅବକାଶରେ ଦେଶକୁ ଆସିଥିଲେ, ତାହାଙ୍କୁ ସ୍ଥାନୀୟ ଟାଉନ୍ ହଲ୍‌ରେ ଏକ ସ୍ୱାଗତ ସଂଭାଷଣ ଦିଆ ଯାଇଥିଲା । ଆସନ୍ତା ଅକ୍ଟୋବର ମାସରେ ସେ ପୁଣି ଥରେ ଇଂଲଣ୍ଡ ଅଭିମୁଖେ ଜଳଯାତ୍ରା କରିବେ ।

(ଷ୍ଟାର ଅଫ୍ ଉତ୍କଳ – ୧୪/୮/୧୯୧୨)

ଦ୍ୱିତୀୟବାର ବିଲାତ ଯିବା ଭିତରେ ଜୁଲାଇଠାରୁ ଅକ୍ଟୋବର ଦ୍ୱିତୀୟ ସପ୍ତାହ ବିଶ୍ୱନାଥଙ୍କ ପାଇଁ ତାଙ୍କର ଭାରତର ଆଗାମୀ ଜୀବନର ପ୍ରତିଶ୍ରୁତି ପାଇଁ ପ୍ରସ୍ତୁତି ପର୍ବ ଥିଲା କହିଲେ ଚଳେ । ଧୀରେ ଧୀରେ ଆସିବା ଓ ବ୍ରହ୍ମପୁରରୁ ତାଙ୍କର ବିଷୟ ଆସୟ, ସ୍ଥାବରାସ୍ଥାବର ସମ୍ପତ୍ତିକୁ ଉଠାଇ ନେଇ ହାଇକୋର୍ଟ ଥିବା ଜାଗାରେ ଜୀବିକା ଧନ୍ଦା ପାଇଁ ପ୍ରସ୍ତୁତ ହେବା ତ ଥିଲା ଦାନାପାଣିର କଥା; ତାହାଛଡ଼ା ସେଭଳି ହାଇକୋର୍ଟ ଥିବା ଜାଗା ଅର୍ଥାତ୍ (ନିଶ୍ଚିତ ଭାବରେ) କଲିକତାରେ ରହିଲେ ଯେ ଓଡ଼ିଆ ଦେଶ ମିଶ୍ରଣ ଆନ୍ଦୋଳନ ସହିତ କି ପ୍ରକାର ସହଯୋଗ ରଖିବେ, ଏହା ଥିଲା ପ୍ରଧାନ କଥା । ଜୁଲାଇରୁ ସେପ୍ଟେମ୍ବର ଶେଷ ଅକ୍ଟୋବର ୨ୟ ସପ୍ତାହ ଭିତରେ ତାଙ୍କ କର୍ମାବଳୀର ଯାହା ଖବର ମିଳେ, ସେଥିରେ ସେପ୍ଟେମ୍ବର ୨୨ ତାରିଖ ୧୯୧୨ ରେ ପ୍ରତିବାଦ ସଭାର ବିବରଣୀ ଯଥେଷ୍ଟ ଆଲୋକପାତ କରିଛି । ଏହି ସମ୍ମିଳନୀ ଖାସ ବିଶ୍ୱନାଥଙ୍କ ନେତୃତ୍ୱରେ ଓ ତାଙ୍କର ପ୍ରଗାଢ଼ ଚେଷ୍ଟା ଫଳରେ ହୋଇଥିଲା

Digitized by srujanika@gmail.com

କହିଲେ ଅତ୍ୟୁକ୍ତି ହେବ ନାହିଁ। ସମ୍ମିଳନୀରେ ଚାରି ହଜାର ଲୋକ ଉପସ୍ଥିତଥିଲେ। ଗଞ୍ଜାମର ଓଡ଼ିଆ ଜାଗରଣରେ ଏହି ସମ୍ମିଳନୀର ଉଦ୍ଦୀପନା ଅପୂର୍ବ ଥିଲା।

ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ ସରକାରଙ୍କର ମାନ୍ଦ୍ରାଜ ପ୍ରେସିଡ଼େନ୍‌ସି ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳକୁ ପ୍ରସ୍ତାବିତ ବିହାର ଓଡ଼ିଆ ପ୍ରଦେଶ ସହିତ ସାମିଲ କରିବାର ପ୍ରସ୍ତାବରେ ଅସ୍ୱୀକୃତିର ପ୍ରତିବାଦ। ଏହି ମର୍ମରେ ଭାରତ ସରକାରଙ୍କର ପ୍ରେରିତ ପତ୍ର ଗଞ୍ଜାମର କଲେକ୍ଟରଙ୍କ ଜରିଆରେ ଅଗଷ୍ଟ ଏଗାର ତାରିଖ ୧୯୧୨ରେ ଉତ୍କଳ ସମ୍ମିଳନୀର ସମ୍ପାଦକଙ୍କ ନିକଟକୁ ଜଣାଇ ଦିଆଯାଇଥିଲା। ବ୍ରହ୍ମପୁରର ୧୯୧୨ ସେପ୍ଟେମ୍ବର ୨୨ ତାରିଖ ସଭା ଥିଲା ଉତ୍କଳ ସମ୍ମିଳନୀ ତରଫରୁ ଆନୁଷ୍ଠାନିକଭାବରେ ଆହୂତ ପ୍ରତିବାଦ ସଭା।

ଏହି ସଭାର ବିବରଣୀ ନିମ୍ନମତେ କଟକର ସାପ୍ତାହିକ 'ଉତ୍କଳ ଦୀପିକା'ର ୫/୧୦/୧୯୧୨ ତାରିଖରେ ପ୍ରକାଶ ପାଇଥିଲା।

"ଏହି ସଭାର ସଂକ୍ଷେପ ବିବରଣୀ ଗତ ସପ୍ତାହ ପାଠକମାନଙ୍କୁ ଜଣାଇ ଅଛୁଁ। ଉତ୍କଳ ସମ୍ମିଳନୀର ଯତ୍ନରେ ଏହି ବିରାଟ ସଭା ହୋଇଥିଲା। ସଭାର ନିର୍ଦ୍ଧାରଣମାନ ଆମ୍ଭେମାନେ ସଂକ୍ଷେପରେ ଲେଖିଥିଲୁ – ସମ୍ପ୍ରତି ସମ୍ମିଳନୀର ସୁଯୋଗ୍ୟ ସମ୍ପାଦକଙ୍କ ଅନୁରୋଧ ମତେ ତାହାଙ୍କ ପ୍ରେରିତ ଇଂରାଜୀ ନିର୍ଦ୍ଧାରଣ ଏବଂ ସେ ସମସ୍ତର ଉତ୍କଳାନୁବାଦ ପ୍ରସ୍ତାବକୁ ଅନୁମୋଦନ ପ୍ରଭୃତିଙ୍କ ନାମ ସହ ନିମ୍ନେ ପ୍ରକାଶ କଲୁ।"

Resolutions Passed at an Extra ordinary meeting of Utkal. Union × × × × × on the 22nd instant.

× × × ×

୧ । ଶ୍ରୀମାନ ସଦାଶିବ ବିଦ୍ୟାଭୂଷଣଙ୍କ ପ୍ରସ୍ତାବ ଶ୍ରୀମାନ୍ ବ୍ରଜସୁନ୍ଦର ଦାସଙ୍କ ଅନୁମୋଦନ ଶ୍ରୀମାନ ବିଶ୍ୱନାଥ ମିଶ୍ର ଓ ହରିହର ପଣ୍ଡାଙ୍କ ସମର୍ଥନ ଓ ସର୍ବସମ୍ମତିକ୍ରମେ ନିମ୍ନଲିଖିତ ପ୍ରସ୍ତାବ ଧାର୍ଯ୍ୟ କରାଗଲା –

ରାଜା, ଜମିଦାର, ମହନ୍ତ, ବଣିକ, ଓକିଲ, ରୟତ ପ୍ରଭୃତି ପ୍ରାୟ ଚାରି ସହସ୍ର ଲୋକଙ୍କର ଏହି ସଭା ଶଙ୍କାକରନ୍ତି କି ସନ ୧୯୧୨ ସାଲ ଅଗଷ୍ଟ ତା ୧୧ ରିଖରେ ଗଞ୍ଜାମ ଜିଲ୍ଲା କଲେକ୍ଟର ପ୍ରତି ଲିଖିତ ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳ ସବୁ 'ବିହାର ଓ ଓଡ଼ିଶା' ପ୍ରଦେଶରେ ମିଶାଇବା ବାଞ୍ଛନୀୟ ନୁହେଁ ଓ ଆବଶ୍ୟକୀୟ ନୁହେଁ ବୋଲି ଭାରତ ଗଭର୍ଣ୍ଣମେଣ୍ଟ ଯେଉଁ ସିଦ୍ଧାନ୍ତକରି ଅଛନ୍ତି ସେହି ସିଦ୍ଧାନ୍ତ, ଯେଉଁ ଯେଉଁ କାରଣରୁ ଓଡ଼ିଆ ଜାତିର ସାଧାରଣ ଉନ୍ନତିରେ ବାଧା ଘଟୁଅଛି

Digitized by srujanika@gmail.com

ସେହିସେହି କାରଣ ଭାରତ ଗଭର୍ଣ୍ଣମେଣ୍ଟ ଜାଣିପାରି ନାହାନ୍ତି ଏବଂ ଏହି ନିଷ୍ପତ୍ତି ଜାତୀୟ ଉନ୍ନତିର ସୁବିଧା ସକାଶେ ଗଭର୍ଣ୍ଣମେଣ୍ଟ ଯେଉଁ ପ୍ରକାଶ୍ୟ ନୀତି ଅବଲମ୍ବନ କରିଅଛନ୍ତି ତାହାର ବିରୁଦ୍ଧ ଅଟେ। ଅତଏବ ଏହି ସଭା ଭାରତ ଗଭର୍ଣ୍ଣମେଣ୍ଟଙ୍କର ଏହି ନିଷ୍ପତ୍ତି ଠିକ୍ ହୋଇନାହିଁ ବୋଲି ବିହିତ ସମ୍ମାନ ସହିତ ନିଶ୍ଚୟ କରିଅଛନ୍ତି।

୨ । ଶ୍ରୀମାନ୍ ରାଜାସାହେବ ମଞ୍ଜୁଷାଙ୍କ ପ୍ରସ୍ତାବ, ଶ୍ରୀମାନ୍ ଗୋପବନ୍ଧୁ ଦାସଙ୍କ ଅନୁମୋଦନ, ଶ୍ରୀମାନ୍ ତାରିଣୀ ଚରଣ ରଥ ଓ ଗୋରାଚାନ୍ଦ ପଟ୍ଟନାୟକଙ୍କ ସମର୍ଥନ ଏବଂ ସର୍ବସମ୍ମତିକ୍ରମେ ନିମ୍ନଲିଖିତ ପ୍ରସ୍ତାବଟି ଧାର୍ଯ୍ୟ କରାଗଲା।

ସମଗ୍ର ଓଡ଼ିଆ ଜାତିଙ୍କର ଶ୍ରେୟ ସ୍ୱାର୍ଥ ସେମାନଙ୍କର ହାନିଲାଭ ଜଗିବା ଲାଗି ଓଡ଼ିଶାର ସବୁ ଶ୍ରେଣୀର ଲୋକଙ୍କର ଏହି ଚାରି ସହସ୍ର ଜନତାର ସଭା ବିଚାର କରନ୍ତି ଯେ ବଡ଼ଲାଟ ମହୋଦୟଙ୍କ ବ୍ୟବସ୍ଥାପକ ସଭାରେ ଜଣେ ଓଡ଼ିଆ ବେସରକାରୀ ସଭ୍ୟ ରହନ୍ତୁ। ଏହି ପ୍ରସ୍ତାବର ନକଲ ଟେଲିଗ୍ରାଫ୍ ଯୋଗେ ବଡ଼ଲାଟଙ୍କ ପ୍ରାଇଭେଟ ସେକ୍ରେଟେରୀଙ୍କ ନିକଟକୁ ପଠାଯାଉ।

(ଛଅ)

ଅକ୍ଟୋବର ମାସ ଦ୍ୱିତୀୟ ସପ୍ତାହ ସରିକି ବିଶ୍ୱନାଥ ଦ୍ୱିତୀୟଥର ପାଇଁ ବିଲାତ ଯାଇଥିଲେ। ଏଥରକ ତାଙ୍କର ଗ୍ରେ'ଜ ଇନ୍‌ରେ ଭର୍ତ୍ତି ହୋଇ ବାରିଷ୍ଟରଭାବରେ ତକମା ଓ ଡିପ୍ଲୋମା ପାଇବାର ବେଳ। ବିଲାତକୁ ଯିବା ପାଇଁ ସେତେବେଳେ ଜଳଯାତ୍ରା ହିଁ ଏକମାତ୍ର ନିର୍ଭରଯୋଗ୍ୟ ଥିଲା। ଏଥିରେ ଦେଢ଼ମାସ ସମୟ ଲାଗୁଥିଲା। ସେତେବେଳେ ୧୯୧୩ ମସିହାରେ ଯୁଦ୍ଧପୂର୍ବ ୟୁରୋପରେ ଆସନ୍ନ ଯୁଦ୍ଧର ଉତ୍ତେଜନା ଘୋଟି ଆସିଥାଏ। ଏକପକ୍ଷରେ ବିଲାତ, ଫ୍ରାନ୍‌ସ, ଜାର ଶାସିତ ରୁଷିଆ ଏକ ସାମରିକ ମେଣ୍ଟରେ ଆବଦ୍ଧ ହୋଇ ସାରିଥାଆନ୍ତି। ଅନ୍ୟ ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ ଓ ବଲକାନ ଦେଶର କେତୋଟି କ୍ଷୁଦ୍ର କ୍ଷୁଦ୍ର ରାଷ୍ଟ୍ର ମଧ୍ୟ ଆପଣାକୁ ସାମରିକ ଚୁକ୍ତିରେ ଆବଦ୍ଧ କରିଥାଆନ୍ତି। ୟୁରୋପ ଏକ ବାରୁଦଘରରେ ପରିଣତ ହୋଇସାରିଥାଏ। ସବୁଆଡ଼େ ସାଜ ସାଜ ରବ। ତେଣୁ ଫେରିଲାବେଳେ ମଧ୍ୟ ବିଶ୍ୱନାଥ ସୁଏଜ କେନାଲ ରାସ୍ତାରେ ଜଳପଥରେ ନ ଆସି ଉତ୍ତମାଶା ଅନ୍ତରୀପ ବାଟେ ଆଫ୍ରିକା ମହାଦେଶକୁ ପ୍ରଦକ୍ଷିଣ କରି ଆସିବାକୁ ବାଧ୍ୟ ହୋଇଥିଲେ। ଯିବା ଆସିବା ସମୟ ଅନ୍ୟୂନ ତିନିମାସ ଧରିଲେ ତାଙ୍କର ଦ୍ୱିତୀୟବାର ବିଲାତ ରହଣି ଯେ ଖୁବ୍ ସ୍ୱଳ୍ପ କାଳ ଥିଲା ଏଥିରୁ ନିଶ୍ଚିତ ସନ୍ଧାନ ମିଳେ। କାରଣ ସାପ୍ତାହିକ 'ଉତ୍କଳ ଦୀପିକା'ର ୨୬/୪/୧୯୧୩ ରେ ପ୍ରକାଶିତ ସମ୍ବାଦରୁ ଜଣାପଡ଼େ –

Digitized by srujanika@gmail.com

"ଗଞ୍ଜାମ ଜିଲ୍ଲା ଆସିକା ଓକିଲ ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ ମିଶ୍ର ଦୁଇ ବର୍ଷ କାଳ ବିଲାତରେ ରହି ବାରିଷ୍ଟରୀ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ କଲିକତା ହାଇକୋର୍ଟରେ ବାରିଷ୍ଟରୀ କରୁଅଛନ୍ତି। ଗଞ୍ଜାମରେ ଥିବା ସମୟ ତାହାଙ୍କର ଓକିଲାତି ବ୍ୟବସାୟରେ ସୁନାମ ହୋଇଥିଲା। ମାତ୍ର ଉଚ୍ଚଶିକ୍ଷା ଲାଭ ଏବଂ ଆପଣା ଦେଶର ଦୀନତା ନିବାରଣ କରିବା ନିମନ୍ତେ ସେ ଯେଉଁ ମହତ୍ ଅନୁଷ୍ଠାନ କରିଅଛନ୍ତି ଆଶାକରୁ ଉତ୍କଳର ଅନ୍ୟାନ୍ୟ ଯୁବକବୃନ୍ଦ ତାହାଙ୍କର ଅନୁସରଣ କରିବାକୁ କଦାପି ତ୍ରୁଟିକରିବେ ନାହିଁ। କଲିକତାରେ ଏପର୍ଯ୍ୟନ୍ତ ଓଡ଼ିଆ ବାରିଷ୍ଟର କେହି ନ ଥିଲେ। ସେଥି ନିମନ୍ତେ ପକ୍ଷମାନଙ୍କୁ ନାନାଦି ଅସୁବିଧାରେ ପଡ଼ିବାକୁ ହେଉଥିଲା। ମିଶ୍ର ମହାଶୟ ଉକ୍ତ ଅଭାବ ମୋଚନ ଦ୍ୱାରା ଆମ୍ଭମାନଙ୍କର ତଥା ଦେଶବାସୀଙ୍କର ଧନ୍ୟବାଦାର୍ହ ଅଟନ୍ତି।"

ଏଥିରୁ ସ୍ପଷ୍ଟ ହୁଏ ଯେ ଦ୍ୱିତୀୟବାର ବିଲାତ ଯିବାରେ ଯିବାଆସିବା ତିନି ମାସ ଧରିଲେ ବିଶ୍ୱନାଥ ମିଶ୍ର ମାତ୍ର ଏକ ମାସଠାରୁ ଦେଢ଼ ମାସ ଯାଏ ବିଲାତରେ ରହିବାକୁ ଅବସର ପାଇଥିଲେ।

ଏହି ଅବସର ଭିତରେ ଓଡ଼ିଶାର ଦେଶମିଶ୍ରଣ ପ୍ରଶ୍ନ ହିଁ ତାଙ୍କର ଏକମାତ୍ର ଧେୟ ଥିଲା। ବିଲାତରେ ଯୁଦ୍ଧର ପୂର୍ବ ଅବସ୍ଥା ଭାରତୀୟମାନଙ୍କର ସହଯୋଗ ସ୍ୱଭାବତଃ ବିବେକୀ ଇଂରେଜ ରାଷ୍ଟ୍ରନୀତିଜ୍ଞମାନଙ୍କର ଏକ ପ୍ରଧାନ ଚିନ୍ତାର ବିଷୟ ଥିଲା। ଏଥି ପୂର୍ବରୁ ଲର୍ଡ କର୍ଜନ ଥରେ ମନ୍ତବ୍ୟ କରାଯିବାର ଶୁଣା ଯାଇଥିଲା "ଓଡ଼ିଆ ଲୋକେ ଯଦି ଆନ୍ଦୋଳନକାରୀ ଜାତି ହୋଇଥାଆନ୍ତେ ସେମାନେ ଅତି ଶୀଘ୍ର ସେମାନଙ୍କର ପ୍ରତିବାଦକୁ ସବୁରି କର୍ଣ୍ଣଗୋଚର କରାଇପାରି ଥାଆନ୍ତେ; କିନ୍ତୁ ସେମାନେ ସେ ଢଙ୍ଗର ଲୋକ ନୁହନ୍ତି, ତେଣୁ ସେମାନଙ୍କୁ ନିର୍ବିଚାରରେ ବଳି ଦିଆଯାଇଛି।"

ବିଶ୍ୱନାଥ ଏହି ମାସାଧିକ ବିଲାତ ରହଣି ଅବସରରେ ଓଡ଼ିଆ ଲୋକଙ୍କର ଏହି ସାର୍ଟିଫିକେଟର ସୁଯୋଗ ନେଇଥିଲେ। ତାହାଙ୍କର ଅନୁଯୋଗରେ ସ୍କଟଲାଣ୍ଡର ଡଣ୍ଡି ନିର୍ବାଚନ ମଣ୍ଡଳୀର ବିଲାତ ପାର୍ଲ୍ୟାମେଣ୍ଟ ସଦସ୍ୟ ମିଷ୍ଟର ମ୍ୟାକ୍‌କାଲମ୍ ସ୍କଟ୍ କମନ୍‌ସ ସଭାରେ ଓଡ଼ିଶା ଲୋକଙ୍କର ଦାବୀ ସମର୍ଥନକରି ଯୁକ୍ତି କରିଥିଲେ ଓ ସେତେବେଳେ ଭାରତର ଉପ-ସଚୀବ (ପରେ ସଚୀବ) ମଣ୍ଟାଗ୍ୟୁ ସାହେବ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ ଓ ଯୁଦ୍ଧ ଆରମ୍ଭ ପରେପରେ ଭାରତ ପରିଦର୍ଶନ ବେଳେ ମିଷ୍ଟର ଦାସଙ୍କର ଓଡ଼ିଶା ବିଷୟକ ଦରଖାସ୍ତରେ ଓଡ଼ିଶାପାଇଁ ଏକ ଉପ-ପ୍ରଦେଶ ବା ସବ୍-ପ୍ରଭିନ୍‌ସ କରିବାର ପ୍ରସ୍ତାବ ଦେଇଥିଲେ। ୧୯୧୯ରେ ଯେଉଁ ଭାରତ ଶାସନ ଆଇନ ପ୍ରବର୍ତ୍ତିତ ହେବ, ଯାହାର ଅନ୍ୟ ନାମ ଥିଲା ମଣ୍ଟଫୋର୍ଡ଼ ରିଫର୍ମସ୍

Digitized by srujanika@gmail.com

ସେଥି ସଙ୍ଗେ ସଙ୍ଗେ ଏକ ଓଡ଼ିଶା ପ୍ରଦେଶ ଗଠନ ହେଉ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ସଂକ୍ରାନ୍ତରେ କଟକରେ ଉତ୍କଳ ସମ୍ମିଳନୀର ଏକ ବିଶେଷ ଅଧିବେଶନ ମଧୁବାବୁଙ୍କର ସଭାପତିତ୍ୱରେ ଆହୂତହୋଇ ଏହି ଆନ୍ଦୋଳନକୁ ବ୍ୟାପକ କରାଯାଇଥିଲା ।

ଏହି ସନ୍କ୍ରାନ୍ତରେ ୧୯୨୦ ଅକ୍ଟୋବର ମାସ ୧୮ ତାରିଖରେ ଦୈନିକ ଆଶାକୁ ବିଶ୍ୱନାଥ ଗୋଟିଏ ପତ୍ରରେ କେତେକ ସୂଚନା ଦେଇଥିବା ଉଲ୍ଲେଖଯୋଗ୍ୟ । ବିଶ୍ୱନାଥ ସେହି ପତ୍ରରେ ଅନ୍ୟାନ୍ୟ ପ୍ରସଙ୍ଗ ସଙ୍ଗେ ସଙ୍ଗେ ପ୍ରକାଶ କରିଥିଲେ ଯେ "ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ମିଶ୍ରଣ କରିବାର ଆନ୍ଦୋଳନ ସଂକ୍ରାନ୍ତରେ ମୋର କାର୍ଯ୍ୟ ବିଶେଷ କୌଣସି ଉଲ୍ଲେଖର ଆବଶ୍ୟକତା ରଖେନାହିଁ । କେବଳ ଆମରି ଦେଶରେ ନୁହେଁ, ବରଂ ମୁଁ ଯେତେବେଳେ ଇଂଲଣ୍ଡରେ ଥିଲି ସେଠାରେ ମଧ ମୁଁ ଏହି ଆନ୍ଦୋଳନ ଚଳାଇ ରଖିଥିଲି ଓ ଦାୟିତ୍ୱପୂର୍ଣ ଦେଶଭକ୍ତ ରାଜନୀତିଜ୍ଞମାନଙ୍କଠାରୁ ସହାନୁଭୂତିପୂର୍ଣ୍ଣ ସମର୍ଥନ ଲାଭ କରିଥିଲି । ମୋର ଉଦ୍ୟମ ଫଳରେ ମିଷ୍ଟର ମ୍ୟାକ୍‌କାଲମ୍ ସ୍କଟ୍, ଏମ୍.ପି.କମନ୍ସ ସଭାରେ ଓଡ଼ିଆମାନଙ୍କର ଦାବୀ ସପକ୍ଷରେ ଯୁକ୍ତି କରିଥିଲେ ଓ ସେତେବେଳର ବିଲାତର ଭାରତ-ଉପ-ସଚୀବ ମଣ୍ଟାଗ୍ୟୁ ଓଡ଼ିଆମାନଙ୍କ ପାଇଁ ଗୋଟିଏ ପ୍ରଦେଶ ଗଠନର ଉପଯୋଗିତା ବିଷୟରେ ପୂରାପୂରି ନିଶ୍ଚିତ ଧାରଣା ଗ୍ରହଣ କରିଥିଲେ ।"

ଏତିକିବେଳେ କୌଣସି ଉଲ୍ଲେଖରୁ ସୂଚନାମିଳେ ଯେ ବାରିଷ୍ଟର ବିଶ୍ୱନାଥ ସେତେବେଳେ ଗାଦିନସୀନ ଥିବା ବିଲାତର ଚକ୍ରବର୍ତ୍ତୀ ସମ୍ରାଟ ପଞ୍ଚମ ଜର୍ଜଙ୍କ ସହିତ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ହୁଏତ ଏକ ମାମୁଲି ସାକ୍ଷାତ । ସାଧାରଣତଃ ଯେଉଁମାନେ ବାରିଷ୍ଟରି ପରୀକ୍ଷାରେ ସେକାଳରେ ଉତ୍ତୀର୍ଣ୍ଣ ହେଉଥିଲେ, ସେମାନଙ୍କ ଭିତରୁ କେତେକଙ୍କୁ ଓ ବିଶେଷତଃ ଯେଉଁମାନେ 'କିଙ୍ଗସ୍ କାଉନ୍‌ସେଲ' ହେବାର ସୁପାରିଶ ଥାଏ, ସେମାନଙ୍କୁ ବିଲାତର ରାଜା ଭେଟିବାର ଏକ ଆନୁଷ୍ଠାନିକ କର୍ମସୂଚୀ ରହୁଥିଲା । ଏବେ ମଧ ସୀମିତ ପରିସ୍ଥିତିରେ ତାହା ରହିଛି । ଏଥିରେ କେବଳ କରମର୍ଦ୍ଦନ ଓ ସ୍ୱାଭାବିକ ପରିଚିତି ଛଡ଼ା ଅନ୍ୟ କିଛି କଥାଭାଷାର ସୂଚନା ନ ଥାଏ; କିନ୍ତୁ ବିଶ୍ୱନାଥଙ୍କ କ୍ଷେତ୍ରରେ ଏହାର ସାମାନ୍ୟ ବ୍ୟତିକ୍ରମ ହୋଇଥିଲା । ବିଲାତର କେତେଜଣ ପ୍ରିଭିକାଉନ୍‌ସିଲରଙ୍କର ଅନୁରୋଧ କ୍ରମେ ପଞ୍ଚମ ଜର୍ଜ ବିଶ୍ୱନାଥଙ୍କୁ ସେହି ଆନୁଷ୍ଠାନିକ ଭେଟ ପରେ ସ୍ୱତନ୍ତ୍ରଭାବରେ କିଛି ସମୟ ଭେଟିବା ପାଇଁ ଅବସର ଦେଇଥିଲେ । ସେହି ଭେଟ ଅବସରରେ ବିଶ୍ୱନାଥ ମିଶ୍ର ଓଡ଼ିଶାର ଦେଶମିଶ୍ରଣ ପ୍ରଶ୍ନ ତାଙ୍କରି ନିକଟରେ ସ୍ୱଳ୍ପ ସମୟ ଭିତରେ ପେଶ୍ କରିଥିଲେ ।

Digitized by srujanika@gmail.com

(ସାତ)

ଆସ୍କାର ପ୍ଲିଡର ବୃତ୍ତିର ଜୀବନ ଆରମ୍ଭରେ ଯୁବକ ପ୍ଲିଡର ବିଶ୍ୱନାଥ ମିଶ୍ର ଓ ଆସ୍କାର ଓକିଲ ହରିହର ପଣ୍ଡା କୋର୍ଟ କଚେରୀରେ ଓଡ଼ିଆ ଭାଷାରେ କୋର୍ଟର ବାଦନା ଜବାବ ସୁଆଲ କରିବାକୁ ସଂକଳ୍ପ କରିଥିଲେ। କେବଳ ସେତିକି ନୁହେଁ, ସେଥିପାଇଁ ବିଶ୍ୱନାଥଙ୍କ ଉଦ୍ୟମରେ ଗଞ୍ଜାମ ଜିଲ୍ଲାରେ ଏଥିପାଇଁ ଏକ ଆନ୍ଦୋଳନ ମଧ୍ୟ ଚାଲୁ ରହିଥିଲା। ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଉତ୍କଳ ସମ୍ମିଳନୀ ସଂକ୍ରାନ୍ତ ସଭା, ବୈଠକ ଓ ସମ୍ମିଳନୀରେ ଏଥିପାଇଁ ପ୍ରସ୍ତାବମାନ ଗୃହୀତ ହେଇଥିଲା; କିନ୍ତୁ ବିଶ୍ୱନାଥ ତାଙ୍କର ଏହି ଆନ୍ଦୋଳନର ସୁଫଳ ଲାଭକରିବା ପୂର୍ବରୁ ଆସିକାରୁ ଓକିଲାତି ଉଠାଇନେଇ କଲିକତା ନଗରୀରେ ବାରିଷ୍ଟରୀ ପାଇଁ ଚାଲିଯିବା ପରେ ମାନ୍ଦ୍ରାଜର ଲାଟ ଗଞ୍ଜାମ ଜିଲ୍ଲାର ଘୁମୁସର ବିଭାଗର ସମସ୍ତ କଚେରୀରେ ତେଲୁଗୁ ଭାଷା ପରିବର୍ତ୍ତେ ଓଡ଼ିଆ ଭାଷା ଚଳିବାର ଆଦେଶ ଦେଇଥିଲେ। ଉତ୍କଳ ଦୀପିକା ସାପ୍ତାହିକ ମାର୍ଚ୍ଚ ୨୨ ତାରିଖ ୧୯୧୩ ମସିହାରେ ମଦନମୋହନ ମିଶ୍ର ଧରାକୋଟଙ୍କ ୧୬/୩/୧୯୧୩ ତାରିଖ ଅଙ୍କିତ ଗୋଟିଏ ପ୍ରେରିତ ପତ୍ରରେ ଉଲ୍ଲେଖ ଅଛି ଯେ ଏହି ସଂକ୍ରାନ୍ତରେ ମାନ୍ଦ୍ରାଜର ଲାଟ ସାହେବଙ୍କୁ ଧନ୍ୟବାଦ ଦେବା ଅଭିପ୍ରାୟରେ ଧରାକୋଟ ରାଜଭବନରେ ଗୋଟିଏ ଶତାଧିକ ଭଦ୍ରବ୍ୟକ୍ତିଙ୍କର ସଭା ହୋଇଥିଲା। ଉକ୍ତ ସଭାରେ ଧରାକୋଟର ରାଜା ସାହେବ ସଭାପତି ହୋଇଥିଲେ। ଉକ୍ତ ସଭାରେ ବିଶ୍ୱନାଥ ମିଶ୍ର ବାରିଷ୍ଟରଙ୍କର ପ୍ରସ୍ତାବ ଓ ହରିହର ପଣ୍ଡାଙ୍କର ଅନୁମୋଦନ କ୍ରମେ ମାନ୍ଦ୍ରାଜର ଲାଟଙ୍କୁ ଓ ଗଞ୍ଜାମର କଲେକ୍ଟରଙ୍କୁ ଗଞ୍ଜାମ ଓଡ଼ିଆ ସମାଜ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ସଭାପତି ଧରାକୋଟ ରାଜାଙ୍କ ତରଫରୁ ମାର୍ଚ୍ଚ ମାସ ୧୫ ତାରିଖ ଦିନକୁ ଗଞ୍ଜାମର ଓଡ଼ିଆମାନଙ୍କର ଏକ ପର୍ବ ଦିନ ଭାବରେ ପାଳନ କରିବାର ପ୍ରସ୍ତାବ ମଧ୍ୟ ଉକ୍ତ ସଭାରେ ଗୃହୀତ ହୋଇଥିଲା।

Digitized by srujanika@gmail.com

ସମ୍ମିଳନୀର ସ୍ୱର୍ଣ୍ଣ ସେତୁ

(ଏକ)

କଲିକତା ସହରରେ ବିଶ୍ୱନାଥ ମିଶ୍ରଙ୍କର ସାଧନା କ୍ଷେତ୍ର ସ୍ଥାପନା ଏକ ବିଚିତ୍ର ବିରୋଧାଭାସ। ତେବେ ତାଙ୍କର ଜୀବନର ଛନ୍ଦ ସହିତ ଏହାର ସାମଞ୍ଜସ୍ୟ ବେଶ୍ ଥିଲା। ପୁରୀର ଶାସନୀ ବ୍ରାହ୍ମଣର ଦାରିଦ୍ର୍ୟ ସତ୍ତ୍ୱେ ଆଭିଜାତ୍ୟ, ତା' ପରେ ମାନ୍ଦ୍ରାଜ ପ୍ରଦେଶର ଆସିକାଠାରେ ଓକିଲାତି, ସେଠୁଁ ବିଲାତରେ ବାରିଷ୍ଟରୀ ପାଠ ଓ ଶେଷରେ ଓଡ଼ିଶା ବାହାରେ ମହାନଗରୀର ପ୍ରଚଣ୍ଡ ପ୍ରତିଯୋଗିତାରେ ଛିଡ଼ା ହେବା ଏସବୁ କେବଳ ତାଙ୍କ ପରି ଲୋକଙ୍କ ପାଇଁ ସମ୍ଭବ ଥିଲା।

ଏପଟେ କଟକରେ ଶ୍ରୀ ଗୋକୁଳାନନ୍ଦ ଚୌଧୁରୀଙ୍କ ଭଳି ଜଣେ ଦୁଇଜଣଙ୍କୁ ଛାଡ଼ି ଦେଲେ ସେପରି ନାମଜାଦା ଓଡ଼ିଆ ଓକିଲ କେହି ନ ଥିଲେ। ମିଷ୍ଟର ଦାସ (ମଧୁବାବୁ) କଲିକତାରୁ ଆପଣାର ବୃତ୍ତିଗତ ସମ୍ପର୍କ କେତେକାଳରୁ ଛିଣ୍ଡାଇ ସାରିଥିଲେ। କଟକରେ ସେତେବେଳକୁ ସେ ସ୍ୱନାମଧନ୍ୟ, ବିଚକ୍ଷଣ, ଧୁରନ୍ଧର ଆଇନଜୀବୀ, ଦେଶପ୍ରେମିକଭାବରେ ଓ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଓ ନେତାଭାବରେ ସେ ଓଡ଼ିଶାର ସର୍ବମାନ୍ୟ। ବହୁ ପୂର୍ବରୁ ପରିସ୍ଥିତି ତାଙ୍କୁ ସବୁବେଳେ ଅଗ୍ରଗାମୀ ସ୍ଥାନରେ ଛିଡ଼ାକରାଇ ଆସିଥିଲା। ବିଶ୍ୱନାଥ କଟକରେ ଓକିଲାତି କରିଥିଲେ ତାହା ହୋଇଥାନ୍ତା ସ୍ୱାଭାବିକ, ସହଜ ଓ ଅନାୟାସ; କିନ୍ତୁ ସେ କଟକ ଛାଡ଼ି କଲିକତାକୁ ଆପଣାର କର୍ମଯୋଗର ସାଧନା କ୍ଷେତ୍ରର ହେଡ୍‌କ୍ୱାଟର କରି ବାଛିଥିଲେ।

କାହିଁକି ? ଲୌକିକ କାରଣ ଅବଶ୍ୟ ଥିଲା। ସେ ବାରିଷ୍ଟର ଓ ତାଙ୍କର ଜୀବିକାର କେନ୍ଦ୍ର ହାଇକୋର୍ଟ। ସେତେବେଳକୁ ବିହାର ଓଡ଼ିଶା ପ୍ରଦେଶ ଗଠିତ ହୋଇ ସାରିଥିଲା। ତେଣୁ କଲିକତା ଓଡ଼ିଶାର ରାଜଧାନୀ ସହର ଭାବରେ ନ ଥିଲା; କିନ୍ତୁ ସେତେବେଳ ଯାଏ ପାଟଣା ହାଇକୋର୍ଟର ସ୍ଥାପନା ହୋଇ ନ ଥିଲା। ତେଣୁ ବିହାର ଓଡ଼ିଶାର ସର୍ବୋଚ୍ଚ ନ୍ୟାୟାଳୟର ଆସ୍ଥାନ ଥିଲା କଲିକତା ହାଇକୋର୍ଟ। ତେବେ ଏହି ଲୌକିକ ଓ ସ୍ୱାଭାବିକ କାରଣକୁ ଛାଡ଼ିଦେଲେ କଲିକତାକୁ କର୍ମଭୂମି କରିବାର ଆହୁରି ବହୁ ଦୁସ୍ତର ଅସୁବିଧା ରହିଥିଲା। ବିଶ୍ୱନାଥ ଯେ ଏକଥା ନ ଜାଣିଥିଲେ, ସେ କଥା ନୁହେଁ।

Digitized by srujanika@gmail.com

ପ୍ରଥମ ଅସୁବିଧା ତ ବୃତ୍ତିଗତ । କଲିକତାରେ ବାରିଷ୍ଟର ଗୋଷ୍ଠୀଙ୍କ ଭିତରେ ଅନେକ ଇଂରେଜ ଲୋକ ସେତେବେଳେ ଥାଆନ୍ତି । ସେତେବେଳେ ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ସବୁଥିରେ ଇଂରେଜ ବଣିକ ଗୋଷ୍ଠୀର ଦାପଟ । ତେଣୁ ସବୁଠାରୁ ବଡ଼ ବଡ଼ ମକଦ୍ଦମା ସେହିମାନଙ୍କ ମୁହଁରୁ ବର୍ତ୍ତିବା ସହଜ ନୁହେଁ । ଏମାନଙ୍କ ଛଡ଼ା ସେଠାରେ ବିହାରୀ ଆଡ଼ଭୋକେଟ୍‌ଙ୍କ ସଂଖ୍ୟା ମଧ୍ୟ କମ୍ ନ ଥିଲା । କଲିକତା ହାଇକୋର୍ଟରେ ସେତେବେଳେ ମିଷ୍ଟର ନର୍ଟନ ଓ ମିଷ୍ଟର ହାସାନ ଇମାମ୍ (ବିହାର) ନାମଡ଼ାକ ଆଇନଜୀବୀ । ସେମାନେ ଥରେ ହାଇକୋର୍ଟରେ ଛିଡ଼ା ହେଲେ ଦିନକୁ ଏକ ହଜାର ଟଙ୍କା ଫିସ୍ ନେଉଥିଲେ । ଏକଥା ନିଜେ ବିଶ୍ୱନାଥ କେନ୍ଦ୍ର ଆସେମ୍ବ୍ଲିରେ ତାଙ୍କର ତତ୍କାଳୀନ ଭାରତୀୟ ଦଣ୍ଡବିଧି ଆଇନର ୨୫୬ ଦଫାର ସଂଶୋଧନ ପ୍ରସ୍ତାବରେ ପ୍ରସଙ୍ଗକ୍ରମେ ଫେବୃଆରୀ ୧୨ ତାରିଖ ୧୯୨୩ ରେ ଉଲ୍ଲେଖ କରିଥିଲେ ।

ତା'ପରେ ତ ସେଠାରେ ଥିଲେ ବଙ୍ଗୀୟ ବାରିଷ୍ଟର ଗୋଷ୍ଠୀ । ଏମାନେ ଅଧିକାଂଶ ଇଂରେଜଙ୍କଠାରୁ ଆହୁରି ଇଂରେଜ । ଏମାନଙ୍କ ଚାଲିଚଳଣ ଆଦବକାଏଦା ଖାଣ୍ଟି ବିଲାତରୁ ଆମଦାନୀ । ଏଭଳି ବାରିଷ୍ଟରମାନଙ୍କ ଆଗରେ ମଫସଲି ଓଡ଼ିଆ ବାରିଷ୍ଟର ପାସଙ୍ଗରେ କାହିଁ ବା ପଡ଼ିବେ ? ଓଡ଼ିଶାରୁ ଯାହା କିଛି ମକଦ୍ଦମା କଲିକତା ହାଇକୋର୍ଟକୁ ଅପିଲ ସୂତ୍ରରେ ଯାଉଥିଲା, ସେଥିରେ ଓଡ଼ିଶାର ତଳ କୋର୍ଟରେ ଅଧିକାଂଶ ସ୍ଥଳେ ବଙ୍ଗୀୟ ଓକିଲ ନିଯୁକ୍ତ ରହୁଥିଲେ । ତେଣୁ ସେମାନେ ଆପଣାର ପ୍ରିୟ ବା ପରିଚିତ କଲିକତା ଓକିଲଙ୍କୁ ସେହି ଅପିଲ କେସ୍ ସବୁ ଦେବା ସ୍ୱାଭାବିକ । ତେଣୁ ସେ ସୂତ୍ରରେ ବିଶ୍ୱନାଥ ମଧ୍ୟ ବାଦପଡ଼ିଯିବା ପ୍ରାୟ ନିଶ୍ଚିତ ଥିଲା ।

ଦ୍ୱିତୀୟ ଅସୁବିଧା ଥିଲା ଆହୁରି କଠୋର । ସେତେବେଳର କଲିକତା ଥିଲା ଓଡ଼ିଶାର ଲୋକଙ୍କ ପାଇଁ ଏକ ଅଜ୍ଞାତବାସ । ଏକ ପକ୍ଷରେ ସେଠାରେ ଯେତେ ଓଡ଼ିଆ ବିଭିନ୍ନ କର୍ମ ଧନ୍ଦାରେ ରହୁଥିଲେ, ସେମାନଙ୍କର ସଂଖ୍ୟା ଓଡ଼ିଶାର ଯେକୌଣସି ସହରର ଲୋକ ସଂଖ୍ୟାଠାରୁ ତିନି ଚାରିଗୁଣ ଅଧିକ ଥିଲା । କଲିକତା ଓ ତାହାର ଉପକଣ୍ଠର ଶିଳ୍ପାଞ୍ଚଳରେ କୁଲି, ମଜୁରିଆ, ପୂଝାରୀ, ରୋଷେୟା, କାରିଗର, ମିସ୍ତ୍ରୀଭାବରେ ସେତେବେଳେ ଲକ୍ଷ ଲକ୍ଷ ଓଡ଼ିଆ କାମ କରୁଥିଲେ । କଲିକତା ସହରର ପାଣି ପାଇପ, ନର୍ଦ୍ଦମା, ଚଟକଳ, ଲୁଗାକଳ, କାରଖାନା ପ୍ରଭୃତିରେ କାମ କରିବାର ଏହି ଓଡ଼ିଆ ଶ୍ରମିକମାନେ କଲିକତା ସହରର ଆଲୋକ, ଜଳ ଯୋଗାଣ, ପରିଚ୍ଛନ୍ନତାର ଦାୟିତ୍ୱରେ ଥିଲେ ମଧ୍ୟ ନିଜେ ଅତ୍ୟନ୍ତ ଶୋଚନୀୟ ପଶୁ ଜୀବନଯାପନ କରୁଥିଲେ । ଏମାନଙ୍କ ସହିତ ଶିକ୍ଷିତ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କର ଯୋଗାଯୋଗ ଅସମ୍ଭବ

Digitized by srujanika@gmail.com

ଥିଲା କହିଲେ ଚଳେ। ଏକଥା ସ୍ମରଣୀୟ ଯେ ପଣ୍ଡିତ ଗୋପବନ୍ଧୁ ଦାସ ଏହି ଓଡ଼ିଆ ଶ୍ରମିକମାନଙ୍କର କୌଣସି ସମସ୍ୟାର ସମ୍ମିଳନୀରେ ୧୯୨୮ ମସିହାରେ ଶେଷ ଥର ପାଇଁ କଲିକତା ଯାଇ ସେଠାରୁ ଜ୍ୱରାତିସାର ରୋଗ ଧରି ଆସି ସତ୍ୟବାଦୀରେ ଶେଷ ନିଶ୍ୱାସ ଛାଡ଼ିଥିଲେ।

ଆଜି ୧୯୭୭/୭୮ ରେ କଲିକତାରେ ଓଡ଼ିଆ ଶ୍ରମିକଙ୍କର ବାସସ୍ଥଳୀ ଓ ରହଣସହଣର ଅବସ୍ଥା ଯାହା ରହିଛି, ସେଥିରୁ ସେତେବେଳର ୧୯୧୩ ର ପରିସ୍ଥିତି ଅନୁମାନ କରିବା କଷ୍ଟକର ନୁହେଁ। ଏହି କାରଣରୁ କର୍ମ-କୋଳାହଳମୟ କଲିକତାରେ ଓଡ଼ିଆ ଶ୍ରମିକ ସେତେବେଳେ ଆପଣାର ପରିଚୟ ଦେବାକୁ ଶଙ୍କା ବୋଧ କରୁଥିଲା। ଏକ ପକ୍ଷରେ ଓଡ଼ିଆ ଭାଷା ଥିଲା କଲିକତାର ସମ୍ଭ୍ରାନ୍ତ ନାଗରିକ ପାଇଁ ଏକପ୍ରକାର ନିଷିଦ୍ଧ ପଦାର୍ଥ। ତାହାର କାରଣ ତ ଜଣାଶୁଣା। କଲିକତାର ଓଡ଼ିଆ ଶ୍ରମିକ ଓଡ଼ିଆ ଭାଷାରେ କଥାଭାଷାକଲେ କାଳେ ନିପଟ ମଫସଲିଆ ଭାବରେ ଗଣ୍ୟ ହେବ ଓ ସବୁପ୍ରକାର ଠକାମି ଓ ଶଠତାର ଶିକାର ହେବ, ସେଥିପାଇଁ ଆପଣା ଆପଣା ଭିତରେ ମଧ ଜନସମାଜ ସାମନାରେ ଓଡ଼ିଆ ଭାଷା କହୁ ନ ଥିଲା। ଏହାଛଡ଼ା ଓଡ଼ିଆ ଶ୍ରମିକର ବେଶଭୂଷା ଓ ଚାଲିଚଳଣରେ ସାମନ୍ତବାଦ ତଡ଼ିତ ନିଘୋଡ଼ ଓଡ଼ିଶା ମଫସଲର ସ୍ପଷ୍ଟ ଛାପ ଥିବାରୁ ସେ ଆପଣାକୁ ଓଡ଼ିଆ ବୋଲି ପରିଚୟଦେଇ ଆପଣାର ଜନ୍ମଭୂମି ପ୍ରତି ହୀନତା ଓ ତାଚ୍ଛଲ୍ୟ ବଢ଼ାଇବାକୁ ଚାହୁଁ ନ ଥିଲା। କଲିକତାରେ ସେତେବେଳେ ଯେଉଁ କିଛି ମୁଷ୍ଟିମେୟ ମଧବିତ୍ତ ବ୍ୟବସାୟୀ, ଶିକ୍ଷିତ ଲୋକ ଘଟଣା କ୍ରମରେ ବା ଆପଣାର ଦୁଃସାହସିକ ପ୍ରଚେଷ୍ଟା ବଳରେ ତିଷ୍ଠି ଯାଇଥିଲେ, ଅଥବା ଯେଉଁମାନେ ଓଡ଼ିଆ କୁଲିଙ୍କର ଠିକାଦାର ବା ସର୍ଦ୍ଦାର ଭାବରେ କଲିକତାରେ ଆପଣାର ଦପ୍ତର ଜମାଇଥିଲେ, ସେମାନଙ୍କୁ ଓଡ଼ିଶାବାସୀମାନେ ହିଁ ଓଡ଼ିଶାବାସୀ ବୋଲି ଜାଣୁଥିଲେ। ବଙ୍ଗବାସୀଙ୍କ ପାଇଁ ସେମାନେ ଥିଲେ ବଙ୍ଗବାସୀ। ବିଶ୍ୱନାଥ ଯେହେତୁ ଥିଲେ ଓଡ଼ିଆ ଗର୍ବିତ ଆଭିଜାତ୍ୟଶୀଳ ବ୍ୟକ୍ତି ସେଥିପାଇଁ କଲିକତାର ବାତାବରଣକୁ ସଂଶୋଧନ କରି ଓଡ଼ିଆମାନଙ୍କୁ ଏକାଠି ନ କଲେ ସେମାନଙ୍କ ସ୍ୱାଭିମାନ ଫେରାଇ ନ ଆଣିଲେ ସେଠାରେ ଆପଣାର ଆଇନଜୀବୀ ଜୀବନ କଟାଇବା ଅସମ୍ଭବ ଥିଲା।

(ଦୁଇ)

ପୁଣି ସେହି ଚମତ୍କାର ଘଟଣା ଘଟିଲା। ବିଶ୍ୱନାଥ ଆପଣାର ସ୍ୱୟଂ ନିର୍ବାଚିତ ଅସୁବିଧାକୁ ଦୂର କରିବା ବାଟରେ ହିଁ କଲିକତାରେ ପ୍ରତିଷ୍ଠା ଲାଭକରିଥିଲେ।

Digitized by srujanika@gmail.com

ପାଠପଢ଼ା ବେଳେ, ଶିକ୍ଷକତା କାଳରେ, ଆସିକାର ଓକିଲାତି ଜୀବନରେ ଯେପରି ଆବଶ୍ୟକ କାର୍ଯ୍ୟକୁ ସେ ଏକ ପୁଣ୍ୟ କୃତ୍ୟରେ ପରିଣତ କରିଥିଲେ ସେପରି କଲିକତାରେ ମଧ୍ୟ ସେ ଆପଣାର ଆବଶ୍ୟକତା ଭିତରୁ ଦେଶପ୍ରେମର କୃତିତ୍ୱ ହାସଲ କଲେ। ଠିକ୍ ପୂର୍ବ ପରି ପ୍ରଥମେ ବହୁବଜାର ଷ୍ଟ୍ରୀଟର ୨୭୫ ଘରରେ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ଭିତରେ ଆପଣାର ଆଡ଼ମ୍ବରହୀନ ଜୀବିକାର୍ଜନ ଆରମ୍ଭକରି ତା'ପରେ ୧୯୪୫ ଧର୍ମତାଲା ଷ୍ଟ୍ରୀଟରେ ୧୯୧୩ ର ଶେଷ ବେଳକୁ ଆପଣାର ପ୍ରତିଷ୍ଠିତ ଆସ୍ଥାନ ସୃଷ୍ଟି କରିନେଲେ। ଆପେ ସହାୟଶୂନ୍ୟଭାବରେ କଲିକତାରେ ପଦାର୍ପଣକରି ସେ ଲକ୍ଷ ଲକ୍ଷ ଉତ୍କଳବାସୀଙ୍କର ସହାୟର କାରଣ ହେଲେ। କଲିକତା ଗଲାବେଳେ ସେ ପ୍ରାୟ ସମ୍ବଳଶୂନ୍ୟ ଥିଲେ କହିଲେ ଚଳେ। ସେଠାରେ ଅଳ୍ପ କାଳ ମଧ୍ୟରେ ତାଙ୍କରି ଦ୍ୱାରା ଶହ ଶହ ଓଡ଼ିଶାରୁ ଆଗତ ଭଦ୍ରବ୍ୟକ୍ତି, ସମ୍ଭ୍ରାନ୍ତ, ବୁଦ୍ଧିଜୀବୀ, ଛାତ୍ର, ଶ୍ରମିକ ଚାକିରୀ ପ୍ରାର୍ଥୀ, ଦର୍ଶନେଚ୍ଛୁଙ୍କର ମିଳନ ପୀଠ ହୋଇଗଲା। ତାଙ୍କର ବାସସ୍ଥାନ ହେଲା କଲିକତା ପ୍ରବାସୀ ଓଡ଼ିଆଙ୍କର କେନ୍ଦ୍ରଭୂମି।

ଓଡ଼ିଶାର ଉତ୍କଳ ଦୀପିକାରେ ୯/୭/୧୩ ସଂଖ୍ୟାରେ ଗୋଟିଏ ଉଲ୍ଲେଖରୁ ଜଣାପଡ଼େ ସେ ବାରିଷ୍ଟରୀ କରିବାର ପ୍ରାଥମିକ କାଳରେ ବିଶ୍ୱନାଥ କଲିକତା ହାଇକୋର୍ଟରେ ଗୋଟିଏ ଦଣ୍ଡବିଧି ଆଇନର ୩୦୭ ଓ ୩୨୪ ଧାରା (ହତ୍ୟା ଓ ଗୁରୁତର ପୀଡ଼ା)ର ମାମଲା ଲଢ଼ିଥିଲେ। ଅଭିଯୁକ୍ତଙ୍କର ନାମ ଯୋଗେନ ଘୋଷ। ଅଭିଯୁକ୍ତଙ୍କର ଅପିଲକୁ ସେ ବିନା ଫିସ୍‌ରେ ଲଢ଼ିଥିଲେ। ଏଥିରେ ଅଭିଯୁକ୍ତଙ୍କର ଅପିଲ ମଞ୍ଜୁର ହୋଇଥିଲା। ଉତ୍କଳ ଦୀପିକାର ବିବରଣୀ ଥିଲା, "ତେତେବେଳେ ମିସଲରେ ଉପସ୍ଥିତ ବାରିଷ୍ଟରମାନଙ୍କ ମଧ୍ୟରୁ ବିନା ଫିସ୍‌ରେ ଲଢ଼ିବା ପାଇଁ ବିଶ୍ୱନାଥ କୋର୍ଟ ସମକ୍ଷରେ ସମ୍ମତ ହେଲେ। ଦୁଇ ଦିନ ମିସଲ୍‌ର ଉପସ୍ଥିତ ରହି ବିଚକ୍ଷଣ ଓ ନିଃସ୍ୱାର୍ଥଭାବେ ମାମଲା ପରିଚାଳନା କଲେ। ଜୁରିମାନେ ବହୁକ୍ଷଣ ବିବେଚନାକରି ଅଭିଯୋଗରେ ଆସାମୀ ଦୋଷୀ ନ ଥିବା ଜଣାଇଲେ।" ସେକାଳର ସମ୍ବାଦ ପରିବେଷଣର ପଦ୍ଧତି ଅନୁଯାୟୀ ଦୀପିକା ଏହି ବିବରଣୀ ପରେ ଟିପ୍‌ପଣୀ ଦେଇଛନ୍ତି, "ବିଶ୍ୱନାଥ ମିଶ୍ର ମହାଶୟଙ୍କୁ ଏଥି ନିମିତ୍ତ ଆମ୍ଭେମାନେ ମଙ୍ଗଳବାଦ ପ୍ରଦାନ କରୁଅଛୁ। ଉତ୍ତରୋତ୍ତର ତାହାଙ୍କ ସୁଖ୍ୟାତି ଓ ତଦ୍ଦ୍ୱାରା ଗୌରବ କାମ କରୁଁ।" ଉପସଂହାରରେ 'ଦୀପିକା' ଆଶା କରିଛନ୍ତି ଯେ ଜିଲ୍ଲା ଜର୍ଜକୋର୍ଟରେ ଓକିଲ, ମୁକ୍ତାରମାନେ ବିନା ଫିସ୍‌ରେ ଗରିବ ଆସାମୀଙ୍କର ପକ୍ଷ ସମର୍ଥନ କରିବାକୁ ଅଗ୍ରସର ହେବାକୁ ଦେଖିଲେ ଆମ୍ଭେମାନେ ଆନନ୍ଦିତ ହେବୁଁ। ଏହାଦ୍ୱାରା ଓକିଲଙ୍କ ସୁଖ୍ୟାତି ବଢ଼ିବ ଏବଂ ତଦ୍ଦ୍ୱାରା ଅଧେକାର୍ଯ୍ୟ ସୁଗମ ହେବ।

Digitized by srujanika@gmail.com

ଲକ୍ଷ୍ୟ କରିବାର କଥା, ୩୫ ବର୍ଷ ବୟସର କଲିକତା ପାଇଁ ଅଚିହ୍ନା ଅଶୁଣା ବିଶ୍ୱନାଥ ମିଶ୍ରଙ୍କର ବାରିଷ୍ଟରୀ ଜୀବନ ଆରମ୍ଭ ହୋଇଥିଲା। ୧୯୧୩ ଏପ୍ରିଲ ମାସରେ ଏହି ସଂକ୍ରାନ୍ତରେ ୨୬।୪।୧୯୧୩ ରେ 'ଉତ୍କଳ ଦୀପିକା'ର ଟିପ୍‌ପଣୀରୁ ତାଙ୍କର ବାରିଷ୍ଟରୀ ଆରମ୍ଭ କାଳ ଜଣାପଡ଼େ । ସେଥିରେ ଥିଲା ଗଞ୍ଜାମ ଜିଲ୍ଲା ଆସିକା ଓକିଲ ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ ମିଶ୍ର ଦୁଇବର୍ଷ କାଳ ବିଲାତରେ ରହି ବାରିଷ୍ଟରୀ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ କଲିକତା ହାଇକୋର୍ଟରେ ବାରିଷ୍ଟରୀ କରୁଅଛନ୍ତି। ଗଞ୍ଜାମରେ ଥିବା ସମୟ ତାହାଙ୍କ ଓକିଲାତି ବ୍ୟବସାୟରେ ସୁନାମ ହୋଇଥିଲା; ମାତ୍ର ଉଚ୍ଚ ଶିକ୍ଷାଲାଭ ଓ ଆପଣା ଦେଶରେ ଦୀନତା ନିବାରଣକରିବା ନିମନ୍ତେ ସେ ଯେଉଁ ମହତ୍ ଅନୁଷ୍ଠାନ କରିଅଛନ୍ତି; ଆଶା କରୁ ଉତ୍କଳର ଅନ୍ୟାନ୍ୟ ଯୁବକବୃନ୍ଦ ତାହାଙ୍କୁ ଅନୁସରଣ କରିବାକୁ କଦାପି ତ୍ରୁଟି କରିବେ ନାହିଁ। କଲିକତାରେ ଏ ପର୍ଯ୍ୟନ୍ତ ଓଡ଼ିଆ ବାରିଷ୍ଟର କେହି ନ ଥିଲେ। ସେଥିନିମନ୍ତେ ପକ୍ଷମାନଙ୍କୁ ନାନାଦି ଅସୁବିଧାରେ ପଡ଼ିବାକୁ ହେଉଥିଲା। ମିଶ୍ର ମହାଶୟ ଉକ୍ତ ଅଭାବ ମୋଚନ କରିବା ଦ୍ୱାରା ଆମ୍ଭମାନଙ୍କର ତଥା ଦେଶବାସୀଙ୍କର ଧନ୍ୟବାଦାର୍ହ ଅଟନ୍ତି।

(ତିନି)

କଲିକତା ହେଲା ଜୀବିକାର୍ଜ୍ଜନର ମୁଖ୍ୟ ଦପ୍ତର ସତ; କିନ୍ତୁ ବିଶ୍ୱନାଥଙ୍କର କର୍ମଭୂମି ଥିଲା ଓଡ଼ିଶା, ବିଶେଷତଃ ଓଡ଼ିଶାରୁ ବିଚ୍ଛିନ୍ନ ସେ କାଳର ଗଞ୍ଜାମ ଏଜେନ୍‌ସି ଓ ଭାଇଜାଗ୍ ଏଜେନ୍‌ସି। କଲିକତାରେ ରହଣି ମାତ୍ରେ ସେ କଲିକତାରେ ଓଡ଼ିଆ ଆନ୍ଦୋଳନର ପ୍ରତିଷ୍ଠା ପାଇଁ ଲାଗି ପଡ଼ିଲେ ଓ ସେହି ଆନ୍ଦୋଳନକୁ ଉପାନ୍ତ ଅଞ୍ଚଳ ସମେତ ସମସ୍ତ ଓଡ଼ିଶା ସହିତ ସଂଯୁକ୍ତ କରିଦେଲେ। ଏପ୍ରିଲ ମାସରେ କଲିକତାରେ ଅପଣାର ଆସ୍ଥାନ ପ୍ରତିଷ୍ଠା କରୁ ନ କରୁଣୁ ୨୦/୯/୧୯୧୩ ରେ ଓଡ଼ିଶାର ଶିକ୍ଷିତ ମହଲ ଉତ୍କଳ ଦୀପିକାରୁ ସମ୍ବାଦ ପାଇଲେ ଯେ ବ୍ରହ୍ମପୁରର ଦେଶମିଶ୍ରଣ ବିରାଟ ସଭାରେ 'ଗତ ପୂର୍ବ ସୁନିଆ ଦିନ' ଗଞ୍ଜାମ ଜିଲ୍ଲାର ନାନା ସ୍ଥାନର ସହସ୍ରାଧିକ ପ୍ରତିନିଧି ଏକତ୍ରିତ ହୋଇଥିଲେ। ପୁରୀ, କଟକ ଓ କଲିକତାର ବାବୁ ଗୋପବନ୍ଧୁ ଦାସ, ବ୍ରଜ ସୁନ୍ଦର ଦାସ, ବାବୁ ଶଶିଭୂଷଣ ରାୟ, ବାରିଷ୍ଟର ଶ୍ରୀଯୁକ୍ତ ବି.ଏନ୍. ମିଶ୍ର ପ୍ରଭୃତି ସମାଗତ ହୋଇଥିଲେ। ସମ୍ବାଦରୁ ପ୍ରକାଶ "ପାରଳାଖେମୁଣ୍ଡିର ମହନ୍ତ ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ ସଭାପତି ମନୋନୀତ ହୋଇ ଆସନ ଗ୍ରହଣ କଲାରୁ ତାହାଙ୍କ ଆଦେଶମତେ କାର୍ଯ୍ୟାରମ୍ଭ ହେଲା ଏବଂ ବାବୁ ଗୋପବନ୍ଧୁ ଦାସ ଅଭ୍ୟର୍ଥନା

Digitized by srujanika@gmail.com

ସୂଚକ ବକ୍ତୃତା କଲା ପରେ ନିମ୍ନଲିଖିତ ପ୍ରସ୍ତାବ ଧାର୍ଯ୍ୟ ହେଲା ଯଥାଃ ବିଚ୍ଛିନ୍ନ ଉତ୍କଳଭାଷୀ ସ୍ଥାନମାନଙ୍କୁ ଏକ ଶାସନାଧୀନରେ ଆଣିବା ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ ବାରମ୍ବାର ପ୍ରାର୍ଥନା କରାଯାଇଥିଲେ ହେଁ ଅଦ୍ୟାପି ଉତ୍କଳ ପ୍ରଦେଶ ଖଣ୍ଡବିଖଣ୍ଡିତ ହୋଇ ରହିଥିବାରୁ ସକଳ ଶ୍ରେଣୀ ସକଳ ସମ୍ପ୍ରଦାୟ ଉତ୍କଳଭାଷୀ ବ୍ୟକ୍ତିଙ୍କର ଏହି ସଭା ଗଭୀର ଦୁଃଖ ଓ ନିରାଶା ପ୍ରକାଶ କରୁଅଛନ୍ତି ଏବଂ ଏହି ସଭା ଗଞ୍ଜାମ ଓ ଅନ୍ୟାନ୍ୟ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନରେ ମିଶ୍ରଣ କରିବା ନିମନ୍ତେ ଅତ୍ୟନ୍ତ ବିନୀତ ଅଥଚ ଦୃଢ଼ଭାବରେ ଏକାନ୍ତ ଆନ୍ତରିକ ଇଚ୍ଛା ପ୍ରକାଶ କରୁଅଛନ୍ତି।" ଏହି ପ୍ରସ୍ତାବର ସମର୍ଥକ ଥିଲେ ବାରିଷ୍ଟର ଶ୍ରୀଯୁକ୍ତ ବି.ଏନ୍. ମିଶ୍ର।

ଏହାରି ଉପରେ ଟିପ୍ପଣୀ ଛଳରେ 'ଉତ୍କଳ ଦୀପିକା' ଲେଖିଥିଲେ "ବୋଲିବା ବାହୁଲ୍ୟ, ଏହି ସଭାର ନିର୍ଦ୍ଧାରଣ ସମସ୍ତ ଉତ୍କଳର ମନୋନୀତ ଏବଂ ଏହା ଆମ୍ଭେମାନେ ପୁନଃ ପୁନଃ ପ୍ରକାଶ କରିଅଛୁଁ। ଦୂରତା ଓ ଅସୁବିଧା ବଶତଃ ଓଡ଼ିଶା ଲୋକେ (ସେତେବେଳେ ଗଞ୍ଜାମ ଥିଲା ମାନ୍ଦ୍ରାଜରେ, ଲେଖକ) ଅଧିକ ପରିମାଣରେ ସଭାରେ ଉପସ୍ଥିତ ହୋଇ ପାରି ନ ଥିଲେ ହେଁ ଉତ୍କଳ ସମ୍ମିଳନୀ ପକ୍ଷରୁ ପୁରୀବାସୀଗଣ ସେଦିନ ଏକ ଅଧିବେଶନକରି 'ତାର ସମ୍ବାଦ' ଦ୍ୱାରା ଦେଶମିଶ୍ରଣ ଇଚ୍ଛା ଏହି ସଭାକୁ ଜଣାଇ ଦେଇଥିଲେ।"

'ଦୀପିକା'ଙ୍କର ଅବଶୋଷ ଥିଲା ଯେ ଓଡ଼ିଶାର ଦୂରଦୁରାନ୍ତ ବ୍ୟାପୀ ଉପାନ୍ତ ଅଞ୍ଚଳର ପ୍ରତିନିଧି ଗଞ୍ଜାମର ଏହି ସଭାରେ ଉପସ୍ଥିତ ହୋଇ ପାରି ନ ଥିଲେ। ଏମାନଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବା ଓ ସମ୍ମିଳନୀର ବାର୍ତ୍ତା ସେମାନଙ୍କର ନିକଟରେ ପହଞ୍ଚାଇବା ଏକ କଠିନ କାର୍ଯ୍ୟ ଥିଲା। ପରବର୍ତ୍ତୀ କାଳରେ ପ୍ରଚାରକ ଅନନ୍ତ ମିଶ୍ରେ ଏହି କାର୍ଯ୍ୟ କରୁଥିଲେ ଓ ଉତ୍ତର ଓଡ଼ିଶାର ଉପାନ୍ତ ଅଞ୍ଚଳ ଯଥା ସିଂହଭୂମି, ଷଢ଼େଇକଳା, ଖରସୁଆଁ, ମେଦିନୀପୁର, ଚନ୍ଦ୍ରପୁର, ଖଡ଼ିଆଳ, ଫୁଲଝରରେ ଦେଶମିଶ୍ରଣର ମନ୍ତ୍ର ରଣଭେରୀ ବଜାଇଥିଲେ। ସେ କାଳ ଥିଲା ସତ୍ୟବାଦୀ ସ୍କୁଲର ଅବସାନ ବେଳର ୧୯୧୮ ପରର ଘଟଣା। ବାରିଷ୍ଟର ବିଶ୍ୱନାଥ ମିଶ୍ରେ ଭାରତୀୟ ପ୍ରଥମ ବ୍ୟବସ୍ଥା ସଭାର ସଭ୍ୟ ହେବା ପୂର୍ବର ସେ ଘଟଣା; କିନ୍ତୁ ୧୯୧୩ଠାରୁ ୧୯୧୮ ପର୍ଯ୍ୟନ୍ତ ଏହି ସଂଯୋଗ ସଂହତି ରକ୍ଷା କାର୍ଯ୍ୟରେ ଓଡ଼ିଶାର କୌଣସି କର୍ମୀ ବାହାରି ନ ଥିଲେ। କଲିକତାରେ ବିଶ୍ୱନାଥଙ୍କର ରହଣି ଏହି ଅଭାବ ପୂରଣ କରିଥିଲା। କାରଣ କଲିକତା ଥିଲା ବିଚ୍ଛିନ୍ନାଞ୍ଚଳର ଯାବତୀୟ ଶିକ୍ଷିତ ଓ ସମ୍ଭ୍ରାନ୍ତମାନଙ୍କର ଏକ ପ୍ରଧାନ ଆତଯାତର ସ୍ଥାନ। ତେଣୁ ସେହି ସୂତ୍ରରେ କଲିକତାରେ ସେ ହୋଇଥିଲେ ସମ୍ମିଳନୀର ସ୍ୱର୍ଣ୍ଣସେତୁ।

Digitized by srujanika@gmail.com

(ଚାରି)

କଳିକତାରେ ତାଙ୍କର ଦପ୍ତରର ଅବସ୍ଥିତି ଯୋଗୁଁ କେବଳ ନୁହେଁ ଆପଣାର ଅଦମ୍ୟ ସ୍ୱାର୍ଥତ୍ୟାଗ ଓ ପରିଶ୍ରମ ଯୋଗୁଁ ହିଁ ବିଶ୍ୱନାଥ ସମ୍ମିଳନୀର କେନ୍ଦ୍ରସ୍ଥଳ ହୋଇଥିଲେ। ଉଦାହରଣ ସ୍ୱରୂପ ୧୯୧୩ ସାଲ ସେପ୍ଟେମ୍ବର ମାସରେ ଗଞ୍ଜାମର ସଭାରେ ଯୋଗ ଦେଇ ଓ ତା'ପରେ ବ୍ରହ୍ମପୁର, ଆସିକା, ରସୁଲକୋଣ୍ଡା (ଭଞ୍ଜନଗର) ଇତ୍ୟାଦିରେ ଆପଣାର ଗସ୍ତ ଶେଷ କରି ୨୪ ତାରିଖ ଅକ୍ଟୋବର ୧୯୧୩ରେ ଖରସୁଆଁରେ ପହଞ୍ଚିଥିଲେ। ଆଜିର କାଳରେ ଏଭଳି ଭ୍ରମଣର କୌଣସି ବିଚିତ୍ରତା ନ ଥାନ୍ତା, ନାହିଁ। କିନ୍ତୁ ସେ କାଳରେ ଗଞ୍ଜାମରୁ ସମ୍ବଲପୁର, ବାମଣ୍ଡା ଇତ୍ୟାଦିରେ ଗସ୍ତ ଶେଷ କରି ୨୪ ତାରିଖ ଅକ୍ଟୋବରରେ ଖରସୁଆଁରେ ପହଞ୍ଚିବା ଏକ ତୁଙ୍ଗ ଗିରି ଲଙ୍ଘନ ପରି ଆୟାସକର କାର୍ଯ୍ୟ ଥିଲା। ସେତେବେଳେ ଉତ୍କଳ ସମ୍ମିଳନୀର ପ୍ରଥିତ ନେତା ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଖରସୁଆଁର ସିରସ୍ତାଦାର ଥିଲେ। ଏହି ଆଚାର୍ଯ୍ୟ ବଂଶ ପରବର୍ତ୍ତୀ କାଳରେ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଶାସନରେ ବଂଶାନୁକ୍ରମେ ଆପଣାର କୃତିତ୍ୱର ପରାକାଷ୍ଠା ଦେଖାଇ ଆସିଛନ୍ତି।

ଉକ୍ତ ସ୍ୱନାମଧନ୍ୟ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କର ଉତ୍କଳ ଦୀପିକାରେ ୮/୧୧/ ୧୯୧୩ରେ ପ୍ରକାଶିତ ଗୋଟିଏ ପତ୍ରରୁ ବିଶ୍ୱନାଥଙ୍କର ଏହି ୧୯୧୩ର ସେପ୍ଟେମ୍ବରଠାରୁ ନଭେମ୍ବର ଯାଏ କାର୍ଯ୍ୟକଳାପର ସୂଚନା ମିଳେ।

"ଖରସୁଆଁର ସିରସ୍ତାଦାର ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଲେଖିଅଛନ୍ତି କି ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ବାରିଷ୍ଟର ପୂଜା ଛୁଟି ସୁଯୋଗ ପାଇ ସ୍ୱଦେଶପ୍ରେମ ଉଦ୍ଦୀପନାର୍ଥେ ସମ୍ବଲପୁର, ବାମଣ୍ଡା, ପାଟଣା, ସୋନପୁର ଗଡ଼ମାନ ଭ୍ରମଣାନନ୍ତର ଗତ ୨୪ ତାରିଖ ଖରସୁଆଁକୁ ଶୁଭାଗମନ କରିଥିଲେ। ଖରସୁଆଁ ଧିପତି ପୂର୍ବରୁ ସମ୍ବାଦପାଇ ଆମଦା ଷ୍ଟେସନଠାରୁ ପାଛୋଟି ଆଣିବାର ବନ୍ଦୋବସ୍ତ କରିଥିଲେ। ମିଶ୍ର ମହାଶୟ ଏଠାକୁ ଶୁଭାଗମନ କରନ୍ତେ ଏକ ସଭାରେ ତାଙ୍କର ଉପଯୁକ୍ତ ଅଭ୍ୟର୍ଥନା ହେଲା ଓ ସେ ତହିଁର ଉତ୍ତରରେ କୃତଜ୍ଞତା ସ୍ୱୀକାରପୂର୍ବକ ମୂଲ୍ୟବାନ ସଦୁପଦେଶ ଦେଇ ସନ୍ଧ୍ୟା ସମୟ ବୃଦ୍ଧିମାନ ଗୁଣଗ୍ରାହୀ ନବୀନ ରାଜାଙ୍କ ସହିତ ଆଳାପକରି ସିରସ୍ତାଦାର ପଣ୍ଡିତ ମହାଶୟଙ୍କ ସଙ୍ଗେ ଆରଦିନ ୨୫ ତାରିଖ ଷଢ଼େଇକଳା ରାଜଧାନୀରେ ଉପସ୍ଥିତ ହେଲେ। ସେଠାରେ ମଧ ତାଙ୍କର ଅଭ୍ୟର୍ଥନା ସଭା ହୋଇଥିଲା ଏବଂ ସ୍ୱୟଂ ସୁଯୋଗ୍ୟ ଯୁବରାଜ ଉପସ୍ଥିତ ଥାଇ ବିଧିମତେ ସତ୍କାର କରିଥିଲେ। ତହିଁ ଉତ୍ତାରେ ବାରିଷ୍ଟର ମହାଶୟ ମାତୃଭାଷା ଉନ୍ନତି ସକାଶେ ଯେଉଁ ଉତ୍ସାହପୂର୍ଣ୍ଣ ବକ୍ତୃତା ପ୍ରଦାନ

Digitized by srujanika@gmail.com

କରିଥିଲେ, ତାହା ସଭ୍ୟମଣ୍ଡଳୀ ମନକୁ ଭାରି ଘେନିଥିଲା। ସିଂହଭୂମି ଜିଲ୍ଲା ଭିତରେ ଷଢ଼େଇକଳାରେ ମାତୃଭାଷା ଉତ୍କଳ ଭାଷା ଅଧିକତର ଆଦୃତ ଏବଂ ସେଠା ରାଜା ଓ ଯୁବରାଜ ସ୍ୱୟଂ କବି ଅଟନ୍ତି। ରାଜାଙ୍କ ସହିତ ସଦାଳାପ ଦ୍ୱାରା ଗୌରବାନ୍ୱିତ ହୋଇ ମିଶ୍ର ମହାଶ୍ରୟ ସେହି ରାତ୍ର ରେଲ ଯୋଗେ କଲିକତା ଯାତ୍ରା କଲେ। ତାହାଙ୍କର ଏହି ଦେଶ ସେବା ଅନୁକରଣୀୟ ଏବଂ ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ।"

ସାରା ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଭିତରେ ଏହି ପରିକ୍ରମା ପରେ ବିଶ୍ୱନାଥ ତାଙ୍କର ମୂଲ୍ୟବାନ ଅଭିଜ୍ଞତାକୁ କାର୍ଯ୍ୟାନ୍ୱିତ କରିବା ପାଇଁ ବଦ୍ଧପରିକର ହେଲେ। ଏଥିପାଇଁ ତାଙ୍କର ଲକ୍ଷ୍ୟ ହେଲା ଏକ ଶକ୍ତିଶାଳୀ ଓଡ଼ିଆ ଛାତ୍ର ସଂଗଠନ, ଯାହା ମାଧମରେ ଦେଶମିଶ୍ରଣ ଆନ୍ଦୋଳନକୁ ଓଡ଼ିଆ ଡିଭିଜନ ଓ ବିଶେଷ କରି ସେକାଳର ବିଚ୍ଛିନ୍ନାଞ୍ଚଳରେ ବ୍ୟାପ୍ତ କରାଯାଇ ପାରିବ। ତାଙ୍କର ଦ୍ୱିତୀୟ ଲକ୍ଷ୍ୟ ହେଲା ଓଡ଼ିଶା ଗଡ଼ଜାତର ରାଜା ମହାରାଜାମାନେ, ଯେଉଁମାନେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ବିଷୟରେ କେବଳ ସହାନୁଭୂତିଶୀଳ, କିନ୍ତୁ ବିଶେଷ ଉଦ୍ୟମୀହେବା ଯାହାଙ୍କ ପକ୍ଷରେ ରାଜନୈତିକ କାରଣରୁ ସମ୍ଭବ ନୁହେଁ, ସେମାନଙ୍କୁ ସାଂସ୍କୃତିକ, ଶିକ୍ଷାଗତ କାର୍ଯ୍ୟରେ ବିନିଯୋଗ କରିବା। ଶେଷୋକ୍ତ ଲକ୍ଷ୍ୟର ଏକ ମୂଳ କଥା ହେଲା କଲିକତାରେ ଓଡ଼ିଆ ଭାଷାରେ ଏମ.ଏ. କ୍ଲାସ ଖୋଲିବା, ରେଭେନ୍ସା କଲେଜରେ ସେ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇ ନ ଥିବା ଓକିଲାତି ଶିକ୍ଷାର ପ୍ରବର୍ତ୍ତନ କରିବା, ରେଭେନ୍‌ସା କଲେଜ ବିଜ୍ଞାନ ବିଭାଗ, ଲାଇବ୍ରେରୀ ଇତ୍ୟାଦିର ପ୍ରବର୍ତ୍ତନ ଓ ଆବଶ୍ୟକ ସ୍ଥଳେ ପରିବର୍ଦ୍ଧନ।

ଏହି ଲକ୍ଷ୍ୟ ସାଧନ ପାଇଁ ଆଉ କାଳ ବିଳମ୍ବ ନ ଥିଲା। ୨୭/୧୨/୧୯୧୩ 'ଉତ୍କଳ ଦୀପିକା'ରେ ପ୍ରକାଶ ପାଇଲା "କଲିକତାର ଏକ ତାର ସମ୍ବାଦରୁ ପ୍ରକାଶ ଯେ, ଗତ ଗୁରୁବାର ବାରିଷ୍ଟର ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ତାହାଙ୍କ ନିଜ ଭବନରେ ଓଡ଼ିଶା ଛାତ୍ରମାନଙ୍କ ନିମନ୍ତେ ଗୋଟିଏ ସନ୍ଧ୍ୟାମିଳନ କରାଇଥିଲେ। ଅଧିକାଂଶ ଛାତ୍ର ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ସୋନପୁର ମହାରାଜା ଓ ରାଜକୁମାର, ବାମଡ଼ା ରାଜା ବାହାଦୂର ଓ ଯୁବରାଜ, ଚିକିଟିର ଓ କନିକାର ରାଜା, ମିସ୍ ଦାସ୍ (ଶ୍ରୀମତୀ ଶୈଳବାଳା ଦାସ, ମଧୁବାବୁଙ୍କର ପାଳିତା କନ୍ୟା), ଲୋଚନ ପ୍ରସାଦ ପାଣ୍ଡେ, ଭାରତ ମିତ୍ର, ସମ୍ପାଦକ, ପଦ୍ମଲୋଚନ ମହାନ୍ତି, ଚନ୍ଦ୍ର ଚାଟୁର୍ଯ୍ୟ ଓ ହରିଶ୍ଚନ୍ଦ୍ର ଦତ୍ତ, ଏମ୍.ଏ.ପ୍ରଭୃତି ଯୋଗ ଦେଇଥିଲେ। ବାମଡ଼ା ରାଜା ସାହେବ ପ୍ରଭୃତି ଉପସ୍ଥିତ ଛାତ୍ରମାନଙ୍କୁ ନାନାଦି ସାରଗର୍ଭ ଉପଦେଶ ଦେବା ପର ସାମାନ୍ୟ ଜଳଯୋଗ ପରେ ସଭାଭଙ୍ଗ ହେଲା।"

Digitized by srujanika@gmail.com

ଅନ୍ୟ ଏକ 'ତାର ସମ୍ବାଦ'ରୁ ପ୍ରକାଶ ଯେ ସେଠା ଓଡ଼ିଆ ଛାତ୍ରମାନଙ୍କର ଗୋଟିଏ ସଭାରେ ନିର୍ଦ୍ଧାରିତ ହୋଇଅଛି –ଯେ "ଚଳିତ ଡ଼ିସେମ୍ବର ମାସ ୩୧ ତାରିଖ ପୁରୀରେ ଓଡ଼ିଆ ଛାତ୍ରମାନଙ୍କ ଗୋଟିଏ ବିଶେଷ ଅଧିବେଶନ ହେବ। ଉକ୍ତ ଅଧିବେଶନରେ ଛାତ୍ରମାନଙ୍କୁ ଯୋଗଦାନ କରିବା ନିମନ୍ତେ ସଭା ପକ୍ଷରୁ ଅନୁରୋଧ କରା ହୋଇଅଛି।"

(ଉତ୍କଳ ଦୀପିକା ୨୭/୧୨/୧୯୧୩)

ସଂଧ ମିଳନରେ ଛାତ୍ରେତର ଯେଉଁ ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିଗଣ ଯୋଗ ଦେଇଥିଲେ ସେମାନଙ୍କର ନିମନ୍ତ୍ରଣ ଓ ଯୋଗଦାନର ଉଦ୍ଦେଶ୍ୟ ମଧ ଅତି ଶୀଘ୍ର ଉତ୍କଳ ଦୀପିକାରେ ପ୍ରକାଶିତ ଖବର ଜରିଆରେ ସ୍ପଷ୍ଟ ହୁଏ :– "କଳିକତାସ୍ଥ ଓଡ଼ିଶା ଇଉନିୟନ (ଉତ୍କଳ ସମିତି)ର ଏକ ଅଧିବେଶନ ଗତ ୫ ତାରିଖରେ ହୋଇଥିଲା। ଶ୍ରୀଯୁକ୍ତ ବି.ଏନ୍.ମିଶ୍ର ବାରିଷ୍ଟର ସଭାପତି ଆସନ ଗ୍ରହଣ କରିଥିଲେ ଏବଂ ଅନେକ ସଭ୍ୟ ଉପସ୍ଥିତ ଥିଲେ। ଓଡ଼ିଶାରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ ଏବଂ ତାହା ହେବାଯାଏ ଉତ୍କଳ ଛାତ୍ରମାନେ ପାଟନା ବିଶ୍ୱବିଦ୍ୟାଳୟର ଏମ.ଏ. ଶ୍ରେଣୀ ଏବଂ ଆଇନ ଶ୍ରେଣୀ ସମସ୍ତେ ପଢ଼ିବା କାରଣ ଯେତେଟା ଛାତ୍ର ବୃତ୍ତି ଲୋଡ଼ା ହେବ ସେତେଟା ଯୋଗାଇବା କାରଣ ମାନ୍ୟବର କନିକା ରାଜା ଏବଂ ମାନ୍ୟବର ଏମ୍.ଏସ୍. ଦାସ, ସି.ଆଇ.ଇ. ବିଶେଷଭାବେ ଜଣାଇଥିବା ହେତୁ ସେମାନଙ୍କୁ ଧନ୍ୟବାଦ ଦେବା ଅନ୍ତତଃ ବି.ଏସ୍.ସି ଶ୍ରେଣୀ ରେଭେନ୍ସା କଲେଜରେ ଫିଟାଇବା ଏବଂ ଏମ.ଏ. ଓ ବି.ଏଲ୍. ଶ୍ରେଣୀମାନ ରେଭେନ୍ସା କଲେଜରେ ଶୀଘ୍ର ଫିଟାଇବା ପ୍ରସ୍ତାବମାନ ସର୍ବସମ୍ମତିରେ ଧାର୍ଯ୍ୟ ହୋଇଅଛି।"

(୧୧/୪/୧୯୧୪ ଉତ୍କଳ ଦୀପିକା)

ଏହି ସମ୍ବାଦ ସହିତ ଟିପ୍‌ପଣୀ କରି ଉତ୍କଳ ଦୀପିକା କହିଥିଲେ "ସଭାର ଏହି କାର୍ଯ୍ୟ ଦେଖି ଆମ୍ଭେମାନେ ପ୍ରୀତ ହୋଇଅଛୁ ଇତ୍ୟାଦି।"

ଏକଥା ଆକସ୍ମିକ ନୁହେଁ ଯେ ଏହି ଆନ୍ଦୋଳନ ଫଳରେ ବା ପରେ ପରେ ରେଭେନ୍ସା କଲେଜର ବି.ଏସ୍.ସି. ଶ୍ରେଣୀର ମହାରାଜା ଲାବରେଟରୀ ବା ପରୀକ୍ଷାଗାର ମୟୂରଭଞ୍ଜ ମହାରାଜାଙ୍କର ଦାନ ଦ୍ୱାରା ସମ୍ଭବ ହୋଇଥିଲା ଓ କନିକାଙ୍କର ଦାନ ଦ୍ୱାରା ହିଁ କନିକା ଲାଇବ୍ରେରୀର ସ୍ଥାପନା ସମ୍ଭବ ହୋଇଥିଲା। ଏହି କଥାକୁ ସ୍ମରଣ କରି ହିଁ ଆଲୋଚନା ପ୍ରସଙ୍ଗରେ ୧/୧୧/୧୯୧୯ରେ 'ସମାଜ'ର ସଂବାଦ ଓ ସଂକେତ ସ୍ତମ୍ଭରେ ଗୋପବନ୍ଧୁ ଲେଖିଥିଲେ, "ଗଡ଼ଜାତ ରାଜାଙ୍କ ଦାନରେ ରେଭେନ୍ସା କଲେଜର ମୂଳପିଣ୍ଡ ସ୍ଥାପନ। ଗଡ଼ଜାତ ରାଜାଙ୍କ ସାହାଯ୍ୟରେ କଟକର

Digitized by srujanika@gmail.com

ଡ଼ାକ୍ତରୀ ସ୍କୁଲ ଆରମ୍ଭ। କଟକରେ ଇଂଜିନିଅରିଂ ସ୍କୁଲ ଲାଗି ଗଡ଼ଜାତ ରାଜାଙ୍କ ଦାନ ଏପର୍ଯ୍ୟନ୍ତ ସରକାରଙ୍କଠାରେ ଜମା ରହିଛି।" ଶେଷରେ ସୋନପୁର ମହାରାଜାଙ୍କର ସାହାଯ୍ୟ ଯୋଗୁଁ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାର ଏମ୍.ଏ.କ୍ଲାସ ଖୋଲିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩/୪୪ରେ ସ୍ଥାପନ ହୋଇ କାର୍ଯ୍ୟ କରିବା ପର୍ଯ୍ୟନ୍ତ କଲିକତାର ଓଡ଼ିଆ ଏମ୍.ଏ.କ୍ଲାସ ଭାରତରେ ଓଡ଼ିଆ ଭାଷାର ଏକମାତ୍ର ସ୍ନାତକୋତ୍ତର ଡ଼ିଗ୍ରୀ ଶିକ୍ଷା ହିସାବରେ ତିଷ୍ଠି ଥିଲା। ଏହି ଏମ୍.ଏ.କ୍ଲାସର ଅଧ୍ୟାପନ ଓ ଗବେଷଣାରୁ ଓଡ଼ିଶାର ବହୁ କୃତବିଦ୍ୟ ବିଦ୍ୱାନ ବାହାରିଛନ୍ତି; କିନ୍ତୁ ସବୁଠାରୁ ପ୍ରଧାନ କଥା ହେଲା ଏହି ଓଡ଼ିଆ ଏମ୍.ଏ. କ୍ଲାସର ପଠନ ସିଲାବସ୍ ଯୋଗୁଁ ଓଡ଼ିଶାର ଓ ଉପାନ୍ତ ଓଡ଼ିଶାର ଓଡ଼ିଆଭାଷୀମାନେ କଲିକତା ବିଶ୍ୱବିଦ୍ୟାଳୟ ସହିତ ସମ୍ପର୍କ ସୂତ୍ରରେ ବହୁକାଳ ଯାଏ ଏକତ୍ରିତ ହୋଇଛନ୍ତି। ବିହାର ଓ ବଙ୍ଗଳାର ସାହିତ୍ୟିକ ମହଲରେ ଓଡ଼ିଆ ଭାଷାର ଓ ସାହିତ୍ୟର ଯଥାର୍ଥ ମହିମା ଓ ମର୍ଯ୍ୟାଦା ପ୍ରକଟିତ ହୋଇଛି। ଏପରିକି ରବୀନ୍ଦ୍ର ନାଥଙ୍କର ଶାନ୍ତି ନିକେତନରେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣା ପାଇଁ ବିଶିଷ୍ଟ ଆସନ ପ୍ରତିଷ୍ଠିତ ହୋଇଛି।

(ପାଞ୍ଚ)

୧୯୧୩ ସାଲରେ ଯେତେବେଳେ ବିଶ୍ୱନାଥ ଓଡ଼ିଶାର ଉଚ୍ଚ ଶିକ୍ଷା ପାଇଁ ସ୍ୱପ୍ନ ଦେଖିଥିଲେ, ସେତେବେଳଠାରୁ ଏବର ଅବସ୍ଥା ବହୁତ ବଦଳି ଯାଇଛି। ସେତେବେଳେ ଓଡ଼ିଶାର ଲୋକଙ୍କୁ ଭାରତରେ ନୂଆ ନୂଆ ଅଙ୍କୁରିତ ହେଉଥିବା ବିଭିନ୍ନ କାର୍ଯ୍ୟ ଓ ଜୀବିକାରେ ଭର୍ତ୍ତିକରିବା ଥିଲା ତାଙ୍କର ଲକ୍ଷ୍ୟ। ୧୯୨୨ ସାଲରେ ପ୍ରଥମ କେନ୍ଦ୍ର ବ୍ୟବସ୍ଥାପକ ସଭା ବା ଲେଜିସ୍‌ଲେଟିଭ ଆସେମ୍ଲିରେ ସଦସ୍ୟ ଥିବାବେଳେ ଓ ୧୯୩୧ ସାଲରେ ତୃତୀୟ କେନ୍ଦ୍ର ଲେଜିସ୍‌ଲେଟିଭ ଆସେମ୍ଲି ବା ବଡ଼ଲାଟ ସଭାର ସଦସ୍ୟ ଥିଲାବେଳେ ଓ ସେହି ପଦରେ ନିଯୁକ୍ତ ଥାଇ ମୃତ୍ୟୁବରଣ ପର୍ଯ୍ୟନ୍ତ ସେ ତାଙ୍କର ସମସ୍ତ ଶକ୍ତି ଓ ବାଗ୍ମିତାକୁ ପ୍ରଥମେ ଦେଶମିଶ୍ରଣ ଓ ଦ୍ୱିତୀୟରେ ଓଡ଼ିଆମାନଙ୍କର ତାଲିମ ଓ ନିଯୁକ୍ତି ପାଇଁ ନିବେଦିତ କରି ଦେଇଥିଲେ। ଏଥିପାଇଁ ସେ ଏପରି ତନ୍ମୟ ରହୁଥିଲେ ଯେ ଉକ୍ତ ବଡ଼ଲାଟ ସଭାରେ ଭାଷଣବେଳେ ପ୍ରତ୍ୟେକ ପ୍ରସଙ୍ଗ ଭିତରେ ତାଙ୍କର ଏହି ଦୁଇଟି ଜପାମାଳିକୁ ସେ ଆକଟି କରି ଧରି ରଖିଥିଲେ।

ଆଜି ପୂର୍ବ ଅବସ୍ଥା ନାହିଁ। ଓଡ଼ିଶା ପରି ଅନୁନ୍ନତ ଅଞ୍ଚଳରେ ବି ଆଜି ହଜାର ହଜାର ସାଧାରଣ ଓ ବୈଷୟିକ ଶିକ୍ଷାରେ ଶିକ୍ଷିତ ବ୍ୟକ୍ତି, ଯୁବକ ଯୁବତୀ ବେକାର ବସି ରହିଛନ୍ତି। ବିଶ୍ୱନାଥଙ୍କ ସମୟରେ ଓଡ଼ିଶାରେ ଶିକ୍ଷିତ ଓ ତାଲିମପ୍ରାପ୍ତଙ୍କର ଅଭାବ

Digitized by srujanika@gmail.com

ଥିଲା ଏକ କାରଣ ଓ ଏକ ପ୍ରକାର ବାହାନା; କିନ୍ତୁ ଆଜି ଏପରି କାରଣ ବା ବାହାନା କରିବାର ଉପାୟ ନାହିଁ। ପୂର୍ବର କାରଣ ବା ବାହାନା ପାଇଁ ଶିକ୍ଷା ଓ ତାଲିମର ବିସ୍ତାର ଥିଲା ପ୍ରଧାନ ମହୌଷଧି। ଏବେ ପ୍ରଶାସନିକ ଚିନ୍ତା ହେଉଛି ଶିକ୍ଷାର ସଙ୍କୋଚନ ଓ କାର୍ଯ୍ୟତଃ ତାଲିମପ୍ରାପ୍ତ ଓ ଶିକ୍ଷିତକୁ କାମ ଯୋଗାଇବାର ଅର୍ଥନୀତି ତିଆରି କରିବା ପରିବର୍ତ୍ତେ ଏବେ ତାଲିମ ଓ ଶିକ୍ଷାକୁ ସଙ୍କୋଚନ କରି ବର୍ଷକୁ ବର୍ଷ ଶିକ୍ଷିତ ଓ ତାଲିମପ୍ରାପ୍ତଙ୍କ ସଂଖ୍ୟାକୁ କମାଇବା ପାଇଁ ଯୋଜନାବଦ୍ଧ ଉଦ୍ୟମ ଚାଲିଛି।

ତଥାପି ଏହି ନୂତନ ପରିସ୍ଥିତି ସତ୍ତ୍ୱେ ବିଶ୍ୱନାଥଙ୍କ କାଳର ସମସ୍ୟା ବଦଳି ନାହିଁ। ଏବେ ବି ଓଡ଼ିଶାର ଶିଳ୍ପ ଉନ୍ନତି ଲକ୍ଷ ଲକ୍ଷ କାରିଗର, ଯନ୍ତ୍ରୀ, ମିସ୍ତ୍ରୀଙ୍କର ଅପେକ୍ଷାରେ ଚାହିଁ ରହିଛି। ଏବେ ବି ଗାଁ ଗହଳର ଲକ୍ଷ ଲକ୍ଷ ବ୍ୟାଧି ପୀଡ଼ିତ, ଅସହାୟ ମଲୁ ସାମାନ୍ୟ ଚିକିତ୍ସାପାଇଁ ଅନାଇ ବସିଛନ୍ତି। ବିଶ୍ୱନାଥ ମିଶ୍ର ସେ ବେଳର ଶିକ୍ଷା ଓ ତାଲିମ ପ୍ରତି ବ୍ୟାକୁଳତା ଓ ଆଗ୍ରହ ଏବେ ବି ଏ ଜାତିର ମନରେ ରେଖାପାତ କରି ରହିଛି।

ସର୍ବୋପରି କଟକ ରେଭେନ୍‌ସା କଲେଜରେ ବି.ଏଲ୍. କ୍ଲାସ ଖୋଲିବା ପାଇଁ ବିଶ୍ୱନାଥ ଯେଉଁ ଅଦମ୍ୟ ଚେଷ୍ଟା ଚଳାଇଥିଲେ ତାହା ଏଠାରେ ସ୍ମରଣୀୟ। ଉପରେ ବର୍ଣ୍ଣିତ ଉତ୍କଳ ସମିତିର ପ୍ରସ୍ତାବ ପରେ ସେ ଏଥିପାଇଁ ସେ କାଳର ପ୍ରବର୍ତ୍ତିତ ପନ୍ଥା ଅନୁସାରେ ପ୍ରାଣପଣ ଆନ୍ଦୋଳନ ଚଳାଇଥିଲେ। ୧୧/୪/୧୯୧୪ ର ଉପର ଲିଖିତ ପ୍ରସ୍ତାବ ପରେ ଆନ୍ଦୋଳନର ଶେଷ ପରିଣତିରେ ରେଭେନ୍‌ସା କଲେଜରେ ବି.ଏଲ୍. କ୍ଲାସ ପ୍ରତିଷ୍ଠିତ ହୋଇଥିଲା; କିନ୍ତୁ ଏଥିପାଇଁ ବିଶ୍ୱନାଥଙ୍କର ଉଦ୍ୟମ ଯେ କେତେଦୂର ଦାୟୀ ତାହାର ଗୋଟିଏ ନମୁନା 'ଉତ୍କଳ ଦୀପିକା'ରେ ପ୍ରକାଶିତ ୪/୧୧/୧୯୧୬ରେ ତାଙ୍କର 'ପ୍ରେରିତ ପତ୍ର'ରୁ ଜଣାପଡ଼େ :-

କଟକରେ ବି.ଏଲ.କ୍ଲାସ

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ଶ୍ରୀମାନ୍ ମହୋଦୟ,

ପାଠକମାନଙ୍କ ମଧ୍ୟରୁ ଅନେକେ ଅବଗତ ଥିବେ ଯେ ବିହାର ଓଡ଼ିଶା ବିଭାଗର ନୂତନ ବିଶ୍ୱବିଦ୍ୟାଳୟ ବିଷୟକ ବିଲ୍ ବର୍ତ୍ତମାନ ଭାରତ ବ୍ୟବସ୍ଥାପକ ସଭାରେ ଆଗତ ହୋଇଅଛି। ଯେପରି ଚଞ୍ଚଳ ଗତିରେ ତହିଁର ଆଲୋଚନା ଚଳୁଅଛି ତହିଁରୁ ଜଣାଯାଏ ଖୁବ୍ ସମ୍ଭବ ଆସନ୍ତା ବର୍ଷ ଅର୍ଥାତ ସନ ୧୯୧୭ ମସିହାରୁ ନୂତନ ବିଶ୍ୱବିଦ୍ୟାଳୟର

Digitized by srujanika@gmail.com

କାର୍ଯ୍ୟ ଅରମ୍ଭ ହେବ। ଆହୁରି ମଧ୍ୟ ପାଠକମାନେ ବିସ୍ମରଣ ହୋଇ ନଥିବେ ଯେ ଏହି କଟକ ନଗରସ୍ଥ ରେଭେନ୍‌ସା କଲେଜରେ ଓଡ଼ିଶାର ଛାତ୍ରମାନଙ୍କ ସୁବିଧା ନିମିତ୍ତ ଆଇନ ଶ୍ରେଣୀ କରାଯିବା ସମ୍ବନ୍ଧେ ଅନେକ ଦିନରୁ ଓଡ଼ିଆମାନେ ଆପତ୍ତିକରି ଆସୁଅଛନ୍ତି ଏବଂ ସମ୍ବାଦ ପତ୍ର ସମୂହରେ ମଧ୍ୟ ତହିଁର ସାମୟିକ ଆଲୋଚନା ହୋଇ ଆସୁଅଛି।

କୌଣସି ନୂତନ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ହେଲେ "ତହିଁର ପ୍ରୟୋଜନୀୟତା ଉପସ୍ଥିତ ହୋଇଅଛି କି ନା ? ଏବଂ କରାଗଲେ ତାହା କେତେଦୂର ଉପଯୋଗୀ ହେବ" ବିଚକ୍ଷଣ କର୍ମକର୍ତ୍ତାଙ୍କୁ ସେ ସମ୍ବନ୍ଧେ ଅନେକ ଚିନ୍ତା କରିବାକୁ ପଡ଼େ। ପ୍ରସ୍ତାବିତ ଆଇନ ଶ୍ରେଣୀ କରାଗଲେ ବ୍ୟୟ ଅନୁପାତରେ ଛାତ୍ର ସଂଖ୍ୟା ହେବ କି ନା ? କର୍ତ୍ତୃପକ୍ଷଙ୍କ ମନରେ ଏ ପ୍ରଶ୍ନ ଉଦୟ ହେବା ଯେପରି ସ୍ୱାଭାବିକ, ଈଦୃଶ ପ୍ରଶ୍ନର ସମାଧାନ କଳ୍ପେ ସାଧମତେ ସାହାଯ୍ୟ କରିବାକୁ ତତ୍ପର ହେବା ଦେଶବାସୀଙ୍କ ପକ୍ଷେ ସେହିପରି ଏକାନ୍ତ କର୍ତ୍ତବ୍ୟ ବୋଲି ବୋଧହୁଏ ପାଠକମାନେ ଅସ୍ୱୀକାର କରିବେ ନାହିଁ।

ପ୍ରକୃତ ପକ୍ଷେ କହିବାକୁ ଗଲେ କଟକ ରେଭେନ୍‌ସା କଲେଜର ଛାତ୍ରସଂଖ୍ୟା ଅନ୍ୟାନ୍ୟ ପ୍ରାଦେଶିକ କଲେଜ ତୁଳନାରେ କୌଣସି ଅଂଶରେ ଊଣା ନୁହେଁ, ପୁଣି ପ୍ରାକୃତିକ ଉତ୍କଳର ଗଞ୍ଜାମ ଅଞ୍ଚଳରୁ କେବଳ ଓଡ଼ିଆ ଛାତ୍ର ନୁହଁନ୍ତି ଅନେକାନେକ ତେଲିଙ୍ଗୀ ଛାତ୍ର ଆସି ଯୋଗ ଦେବେ ବୋଲି ଆଶା କରିବା କୌଣସି ମତେ ଅସଙ୍ଗତ ନୁହେଁ। ଗଞ୍ଜାମର ଦୁଇଟି ଛାତ୍ର କଲିକତା କଲେଜରେ ଆଇନ ଶିକ୍ଷା କରି ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ସେ ଅଞ୍ଚଳର ତଥା ରାଜନୈତିକ ଉତ୍କଳର ଅପେକ୍ଷାକୃତ ମଧ୍ୟବିତ୍ତ କେତେ ଛାତ୍ର ଯେ ନିଜ ନିଜର ଅର୍ଥାଭାବ ହେତୁ କଲିକତା ଯାଇ ଶିକ୍ଷା କରିବାକୁ ସାହସ କରୁ ନାହାନ୍ତି ତହିଁର ଇୟତ୍ତା ନାହିଁ। କଟକରେ ଆଇନ ଶ୍ରେଣୀ ହେଲେ ବ୍ୟୟସ୍ୱଳ୍ପତା ହେତୁ ଏହିପରି ରାଜନୈତିକ ଓଡ଼ିଶା ଛଡ଼ା ପ୍ରାକୃତିକ ଓଡ଼ିଶାର ଗଞ୍ଜାମ, ମେଦିନୀପୁର ପ୍ରଭୃତି ଅଞ୍ଚଳରୁ ଅନେକାନେକ ଛାତ୍ର ଆସି ଉକ୍ତ ଶ୍ରେଣୀର ବର୍ତ୍ତମାନ ଅଭାବ ପୂରଣ କରିବେ ଓ ନୂତନ ନୂତନ ଉପାଧିଧାରୀ ଛାତ୍ରମାନଙ୍କ ଦ୍ୱାରା ଶ୍ରେଣୀର ସୌଷ୍ଠବ କ୍ରମେ ବୃଦ୍ଧି ହେବ ବୋଲି ଆମ୍ଭମାନଙ୍କର ଦୃଢ଼ ଧାରଣା।

ମହାମାନ୍ୟ ସରକାର ବାହାଦୁର ଓଡ଼ିଆଙ୍କର ଏହି ନ୍ୟାୟସଙ୍ଗତ ଆପତ୍ତି ସମ୍ବନ୍ଧେ ଯେ ନିତାନ୍ତ ଉଦାସୀନ ଏହା ଆମ୍ଭେମାନେ କହି ନ ପାରୁ; ତଥାପି କୌଣସି ମହତ୍ କାର୍ଯ୍ୟରେ 'ସାମୟିକ ଆଲୋଚନା ମାତ୍ର' ଯଥେଷ୍ଟ ବୋଲି ଦେଶବାସୀ

Digitized by srujanika@gmail.com

ବିବେଚନା କଲେ ତହିଁରୁ ସୁଫଳର ଆଶା କରିବା ବିଡ଼ମ୍ବନା ମାତ୍ର । ଯେହେତୁ ଦୃଢ଼ତା ହିଁ ପ୍ରତ୍ୟେକ ସତ୍‌କାର୍ଯ୍ୟର ଶୁଭ ଫଳଦାତା ।

ଉପସ୍ଥିତ ବିଶ୍ୱବିଦ୍ୟାଳୟର ସ୍ଥାପନ କାର୍ଯ୍ୟ ସମାଧାନ ହୋଇଗଲେ ଏହି ସମୟରେ ଆମ୍ଭମାନଙ୍କର ଦୃଢ଼ ଚେଷ୍ଟା ଅଭାବରୁ କଟକରେ ଆଇନ ଶ୍ରେଣୀ ଖୋଲିବା ପରବର୍ତ୍ତୀ ବ ୮/ ୧୦ ବର୍ଷ ମଧ୍ୟରେ ତାହା ହୋଇପାରିବା ଏକ ପ୍ରକାର ଅସମ୍ଭବ ହୋଇ ପଡ଼ିବାର ବିଚିତ୍ର ନୁହେଁ। ଏଥକୁ ଉତ୍କଳବାସୀ ଏକ ମନ ଏକ ପ୍ରାଣରେ ଚେଷ୍ଟା କରୁଥିବା ପରି ଜଣା ପଡୁନାହିଁ ।

ଉତ୍କଳ ସମ୍ମିଳନୀର ଚଳିତ ବର୍ଷ ବାଲେଶ୍ୱର ଅଧିବେଶନରେ ଏହା ଗୋଟିଏ ପ୍ରଧାନତମ ଆଲୋଚ୍ୟ ବିଷୟ ହେବା ଉଚିତ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ କରି ଉତ୍କଳର ଏହି ମହା ଅଭାବ ପୂରଣ ପକ୍ଷେ କାର୍ଯ୍ୟ କରିବା ନିମିତ୍ତ ଦେଶର ପ୍ରଧାନ ପ୍ରଧାନ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ପ୍ରତିନିଧି (Deputation) ସ୍ୱରୂପ ପଠାଇବା ଉଚିତ । ଆଶା କରୁଁ, ଉତ୍କଳ ସମ୍ମିଳନୀର କାର୍ଯ୍ୟ ନିର୍ବାହିକା ସଭାର ସଭାପତି ଓ ସମ୍ପାଦକମାନେ ଏ ସମ୍ବନ୍ଧେ ଥରେ ଚିନ୍ତା କରି କର୍ତ୍ତବ୍ୟ ସ୍ଥିର କରିବେ ।

ବଶମ୍ବଦ
ବିଶ୍ୱନାଥ ମିଶ୍ର
ସଭାପତି, ଉତ୍କଳ ସମିତି
କଲିକତା

(ଛଅ)

ପ୍ରକୃତ ପକ୍ଷେ, କଲିକତାରେ ବିଶ୍ୱନାଥ ମିଶ୍ରଙ୍କର ଅବସ୍ଥାନ ଦିନଠାରୁ ଉତ୍କଳ ସମ୍ମିଳନୀର ପ୍ରତ୍ୟେକ ଅଧିବେଶନରେ କେବଳ ଦେଶମିଶ୍ରଣର ଆନୁସଙ୍ଗିକ ସମସ୍ୟା ନୁହେଁ, ଶିକ୍ଷା ଓ ତାଲିମ ବ୍ୟବସ୍ଥା ବିଷୟରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହେବାରେ ଲାଗିଲା । କୋର୍ଟ କଚେରୀରେ ଓଡ଼ିଆ ଭାଷା, କଟକରେ ଇନ୍‌ଜିନିଅରିଂ ସ୍କୁଲ ଇତ୍ୟାଦି ୧୯୧୩ ମସିହା ୨୯/୩୦ ଡିସେମ୍ବରର ଉତ୍କଳ ସମ୍ମିଳନୀର ମଧୁବାବୁଙ୍କ ସଭାପତିତ୍ୱରେ ପୁରୀଠାରେ ଅନୁଷ୍ଠିତ ନବମ ଅଧିବେଶନରେ ଗୃହୀତ ହୋଇଥିଲା । ଏହି ସମସ୍ତ ଶିକ୍ଷାଗତ ଓ ତାଲିମଗତ ପ୍ରସ୍ତାବ ଓ କୋର୍ଟ କଚେରୀରେ ଓଡ଼ିଆ ଭାଷାର ପ୍ରଚଳନର ପ୍ରସ୍ତାବର ପ୍ରଧାନ ପ୍ରବକ୍ତା ଥିଲେ କଲିକତାରେ ଉତ୍କଳ ସମିତିର ସଭାପତିଭାବରେ ବାରିଷ୍ଟର ବିଶ୍ୱନାଥ ମିଶ୍ର । ପୁରୀ ଅଧିବେଶନ ବିଷୟରେ ‘ଉତ୍କଳ

Digitized by srujanika@gmail.com

ଦୀପିକା'ରେ ପ୍ରକାଶିତ ସମ୍ବାଦର ବିବରଣୀ ଅନୁସାରେ ନବମ ଅଧିବେଶନର ନିର୍ଦ୍ଧାରଣମାନଙ୍କ ଭିତରେ ସପ୍ତମ ନିର୍ଦ୍ଧାରଣ "ଓଡ଼ିଶାରେ ଗୋଟିଏ ଇଂଜିନିୟରିଂ ସ୍କୁଲର ଅଭାବ" ପୂରଣ ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ ଅନୁଯୋଗ ଓ ନବମ ନିର୍ଦ୍ଧାରଣ "ସିଂହଭୂମି ଜିଲ୍ଲାରେ ଓଡ଼ିଆ କଚେରୀ ଭାଷା ନ ହେବାର ଅସୁବିଧା ନିବାରଣ" ପ୍ରସ୍ତାବକୁ ବିଶ୍ୱନାଥ ହିଁ ଚିଠା କରିଥିଲେ। ସପ୍ତମ ନିର୍ଦ୍ଧାରଣ ପ୍ରସ୍ତାବଟି ରାୟ ବାହାଦୂର ସୁଦାମ ଚରଣ ନାୟକ ଓ ନବମ ନିର୍ଦ୍ଧାରଣ ପ୍ରସ୍ତାବଟି ସୁରଙ୍ଗୀର ରାଜା ପ୍ରସ୍ତାବ କରିଥିଲେ ଓ ଉଭୟ ପ୍ରସ୍ତାବକୁ ବିଶ୍ୱନାଥ ମିଶ୍ର ସମର୍ଥନ କରିଥିଲେ ଓ ଉଭୟ ପ୍ରସ୍ତାବ ଉପରେ ଏକ ଏକ ଯୁକ୍ତିଶାଣିତ ବକ୍ତୃତା ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ସମ୍ମିଳନୀ ମଣ୍ଡପରେ ସତ୍ୟବାଦୀ ବନ ବିଦ୍ୟାଳୟର ଅଙ୍ଗୀକୃତ ସାହାଯ୍ୟ ଦାନର ଉଦ୍ୟୋକ୍ତା ଥିଲେ ବି.ଏନ୍. ମିଶ୍ର ଓ ଏହିଠାରେ, ସମ୍ବାଦପତ୍ର ବିବରଣୀ ଅନୁସାରେ, ତାଙ୍କରି ପାଞ୍ଚ ଶତ ଟଙ୍କା ଦାନ ସମେତ ତିନି ହଜାର ଟଙ୍କା ଦାନ ଏବଂ ଚୌଦ ଶହ ଟଙ୍କା ଅର୍ଥ ସାହାଯ୍ୟ ଦାନର ପ୍ରତିଶ୍ରୁତି ମିଳିଥିଲା।

କଲିକତାର ପୂର୍ବୋକ୍ତ ସାଂଧ ମିଳନର ଛାତ୍ର ସଭାର ପ୍ରସ୍ତାବ ଅନୁସାରେ ୧୯୧୩ ଡିସେମ୍ବର ୩୧ ତାରିଖରେ ପ୍ରାକୃତିକ ଓଡ଼ିଶାର ଦୁଇ ଶତ ଛାତ୍ରଙ୍କର ଏକ ସଭା ପୁରୀଠାରେ ସମ୍ମିଳନୀ ମଣ୍ଡପରେ ବସିଥିଲା। ଓଡ଼ିଶାର ଛାତ୍ର ଜାଗରଣର ଏହାହିଁ ପ୍ରଥମ ସଂଗଠିତ ସୂଚନା। ସେତେବେଳେ ରକ୍ଷଣଶୀଳ ମତ ଅନୁସାରେ ଛାତ୍ରମାନେ ରାଜନୈତିକ ବା ସାମୂହିକ କାର୍ଯ୍ୟ ସହିତ ସଂପୃକ୍ତ କୌଣସି ଅନୁଷ୍ଠାନ ଗଢ଼ିବେ ନାହିଁ ବୋଲି ଏକ ପ୍ରକାର ବିଚାର ରାଜତ୍ୱ କରୁଥିଲା। ଏଥି ପୂର୍ବରୁ ସୀମିତ କାର୍ଯ୍ୟପାଇଁ ଯଥା ବନ୍ୟା ଦୁର୍ବିପାକରେ ରିଲିଫ୍ ବା ରୋଗ ବ୍ୟାଧି ବିରୁଦ୍ଧରେ ସେବା ଅଥବା ସାହିତ୍ୟ ସଂସ୍କୃତିର ବିକାଶ ପାଇଁ ଛାତ୍ରମାନଙ୍କର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡିତ ସଂଗଠନର ପରମ୍ପରା ଥିଲା। ସମସ୍ତ ପ୍ରାକୃତିକ ଓଡ଼ିଶାର ଓ ବିଶେଷକରି ଚାରିଗୋଟି ପ୍ରଦେଶରେ ବିଭାଜିତ ଓଡ଼ିଆ ଛାତ୍ରମାନେ ଏକତ୍ର ସମ୍ମିଳନୀ କରି ଦେଶମିଶ୍ରଣ ଲକ୍ଷ୍ୟରେ ଉଦ୍ୟମ କରିବାର ସେ କାଳକୁ ଚାହିଁଲେ, ଏହି ଅତ୍ୟନ୍ତ ଅଗ୍ରଗାମୀ ପନ୍ଥା ପ୍ରତି ପରମ୍ପରାଶ୍ରୟୀ ଚିନ୍ତା ବିଚାର ଭିତରେ ଆଶଙ୍କା ଦେଖାଯାଇଥିଲା। ବହୁ ଆଲୋଚନା ପରେ ବାରଜଣ ଭଦ୍ରବ୍ୟକ୍ତିଙ୍କୁ ଘେନି ଗୋଟିଏ କମିଟି ଗଠନ କରା ଯାଇଥିଲା। ଏହି କମିଟି ଆବଶ୍ୟକ ମନେ କଲେ, ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କୁ ସାମିଲ କରି ନେଇ ପାରିବେ ବୋଲି କମିଟିଙ୍କୁ କ୍ଷମତା ଦିଆ ଯାଇଥିଲା। କମିଟିର କାର୍ଯ୍ୟ ଥିଲା ନିଖିଳ ଉତ୍କଳ ଛାତ୍ର ସମ୍ମିଳନୀ ପ୍ରତିବର୍ଷ ଅଧିବେଶନ ହେବା ଶ୍ରେୟ କି ନୁହେଁ, ଯଦି ଏପରି ସମ୍ମିଳନୀ ବସେ, ତେବେ ତାହାର କର୍ମପନ୍ଥା କ'ଣ ହେବ।

Digitized by srujanika@gmail.com

ସେତେବେଳେ ବ୍ରହ୍ମପୁରରୁ ପ୍ରକାଶିତ ହେଉଥିବା 'ସାପ୍ତାହିକ ଆଶା'ର ସମ୍ବାଦ ଅନୁସାରେ ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ଏହି କମିଟିକୁ ନିର୍ବାଚିତ ହୋଇଥିଲେ। ମାନ୍ୟବର ରାୟବାହାଦୂର ସୁଦାମ ଚନ୍ଦ୍ର ନାଏକ, ବାବୁ ନିତ୍ୟାନନ୍ଦ ପଟ୍ଟନାୟକ, ମିଷ୍ଟର ବି. ଏନ୍. ମିଶ୍ର, ବାର୍-ଏଟ୍-ଲ, ବାବୁ ଗୋରାଚାନ୍ଦ ପଟ୍ଟନାୟକ ଓକିଲ, ବାବୁ ଗୋପବନ୍ଧୁ ଦାସ ବି.ଏଲ୍., ବାବୁ ହରିହର ପଣ୍ଡା ବି.ଏ., ବାବୁ ଲୋକନାଥ ମିଶ୍ର ବି.ଏ., ବାବୁ ମଦନମୋହନ ପଟ୍ଟନାୟକ ବି.ଏ., ବାବୁ ଉଦୟନାଥ ପଟ୍ଟନାୟକ, ବାବୁ ଚନ୍ଦ୍ରଶେଖର ପଟ୍ଟନାୟକ, ବାବୁ ଚିନ୍ତାମଣି ଆଚାର୍ଯ୍ୟ ଓ ବାବୁ ଶ୍ରୀନିବାସ ପାଢ଼ି ବି.ଏ।

(ସାତ)

ପ୍ରତ୍ୟକ୍ଷ ଭାବରେ ନ ହେଲେ ମଧ ପରୋକ୍ଷ ଭାବରେ ୧୯୧୩ ର ଉତ୍କଳ ସମ୍ମିଳନୀ ମଣ୍ଡପର ସାହିତ୍ୟାନୁରାଗ ଓ ଶିକ୍ଷାବ୍ରତିତା ଓ ସେଥି ସକାଶେ ଦାନର ଅୟମାରମ୍ଭ ଓଡ଼ିଶାରେ ଏକ ନୂତନ ଯୁଗର ସୂତ୍ରପାତ କରିଥିଲା। ଏହାରି ଫଳରେ ସତ୍ୟବାଦୀ ବନ ବିଦ୍ୟାଳୟକୁ ଓଡ଼ିଶାର ସବୁଆଡୁ ଦାନର ଧାରାସ୍ରୋତ ଛୁଟିଥିଲା। ଅବଶ୍ୟ ଏହି ଦାନର କର୍ତ୍ତାମାନଙ୍କର ମହତ୍ୱ କ୍ଷୁର୍ଣ୍ଣ କରି ଦେଖିବାର ନୁହେଁ; କିନ୍ତୁ ଏକଥା ଅବିସମ୍ବାଦ୍ୟ ଯେ ୧୯୧୩ ରେ ପାରଳା ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କର ସତ୍ୟବାଦୀ ସ୍କୁଲକୁ ଓ ଉତ୍କଳ ସାହିତ୍ୟ ସମାଜଙ୍କର ଅଯାଚିତ ଦାନ ଏହି ସମ୍ମିଳନୀ ମଣ୍ଡପର ଦାନ ଦ୍ୱାରା ପ୍ରଭାବିତ ହୋଇଥିଲା। ୧୯୦୯ ରେ ଖଲିକୋଟର ପୂର୍ବତନ ରାଜା ହରିହର ମର୍ଦ୍ଦରାଜଙ୍କର ଅକାଳ ମୃତ୍ୟୁ ପରେ ମାନ୍ଦ୍ରାଜ ସରକାର ଖଲିକୋଟରେ ପ୍ରତିଷ୍ଠିତ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଯେଭଳି ବିମାତାର ମନୋଭାବ ଦେଖାଇ ଥିଲେ, ତାହାର ନିରାକରଣ ହୋଇ ୧୯୧୫ ରେ ସେଠାରେ ଉକ୍ତ ଅନୁଷ୍ଠାନଗୁଡ଼ିକୁ ପୁନର୍ଜ୍ଜୀବିତ କରାଯାଇ ପାରିଥିଲା। ମୋଟ ଉପରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଓ ପୁଣ୍ୟ ପ୍ରଭାବରେ ଓ ସତ୍ୟବାଦୀ ବନ ବିଦ୍ୟାଳୟର ସୌରଭରେ ସେତେବେଳେ ଯେ ଓଡ଼ିଶାରେ ଏକ ସାଂସ୍କୃତିକ ନବ ଜାଗରଣର ଜୁଆର ଛୁଟିଥିଲା, ଗୋଟିଏ ଆଦର୍ଶ ଅନ୍ୟକୁ ପ୍ରଭାବିତ କରିବାର ବହୁ ପରିମାଣ ଯୋଗୁଁ ଏକ ଗୁଣାତ୍ମକ ପରିବର୍ତ୍ତନ ସୃଷ୍ଟି କରିଥିଲା। ବିଶ୍ୱନାଥ ମିଶ୍ରଙ୍କର ଏହି କାର୍ଯ୍ୟରେ ଯେ ଉଲ୍ଲେଖଯୋଗ୍ୟ ଭୂମିକା ଥିଲା, ଏକଥା ନିଃସନ୍ଦେହ।

ଅନ୍ୟପଟେ ଛାତ୍ର ସମ୍ମିଳନୀ ମାଧ୍ୟମରେ ଦେଶମିଶ୍ରଣ ପ୍ରଶ୍ନକୁ ଛାତ୍ରମାନଙ୍କର ସ୍ତରକୁ ନେଇ ଯିବାର କଳ୍ପନା ଭିତରେ କେତେକ ସଂଘର୍ଷ ଉପୁଜି ଥିଲା। ୧୯୧୩

Digitized by srujanika@gmail.com

ମସିହାର ଛାତ୍ର ସମ୍ମିଳନୀ ସଂକ୍ରାନ୍ତରେ ଯେଉଁ ଭଦ୍ରବ୍ୟକ୍ତିମାନେ ଆଲୋଚନା ଓ ବିଚାର କରି ସେମାନଙ୍କ ସୁଚିନ୍ତିତ ନିର୍ଦ୍ଧାରଣ ଦେବେ ବୋଲି ପ୍ରସ୍ତାବ ନିଆ ଯାଇଥିଲା, ସେମାନେ ସେଥିରେ ବେଶି ଦୂର ଅଗ୍ରସର ହୋଇ ପାରି ନ ଥିଲେ। ଏହାର ପ୍ରଧାନ କାରଣ ଥିଲା ଏହି ଯେ ଉକ୍ତ କମିଟି ଭିତରେ ବିଭିନ୍ନ ସ୍ତରର ରକ୍ଷଣଶୀଳତା ବିରାଜମାନ କରୁଥିଲା। ୧୯୧୪ ମସିହାର ପାରଳାଖେମୁଣ୍ଡି ଅଧିବେଶନରେ ପୁରୀର ଅଧିବେଶନ ପରି ଛାତ୍ର ସମ୍ମିଳନୀ ହୋଇ ପାରି ନ ଥିଲା। ସେତେବେଳକୁ ଯେଉଁମାନେ ଉଦୀୟମାନ ଛାତ୍ର ଭାବରେ ଜାଗ୍ରତ ହୋଇଥିଲେ ସେମାନେ ଦେଶମିଶ୍ରଣକୁ ସାଧାରଣ ଚାଷୀ, ରୟତ ଓ ଶ୍ରମଜୀବୀ ମଧ୍ୟକୁ ଆଣିବା ପାଇଁ ଓ ଏକ ନୂତନ ଅଗ୍ରଗାମୀ ଓ ପ୍ରଗତିମୁଖୀ ବାତାବରଣ ସୃଷ୍ଟିକରିବା ପାଇଁ ବ୍ୟାକୁଳ ଥିଲେ। ଅନ୍ୟ ପକ୍ଷରେ ରକ୍ଷଣଶୀଳମାନେ ଏହାର ବିରୋଧ କରୁଥିଲେ। ତେଣୁ ଓଡ଼ିଶାରେ ଛାତ୍ର ସମ୍ମିଳନୀର ଧାରା ଉତ୍କଳ ସମ୍ମିଳନୀର ଧାରା ସହିତ ସାମିଲ ନ ହୋଇ ସମାନ୍ତରଭାବରେ ଚାଲିଥିଲା।

୧୯୧୭ ମସିହାରେ କଟକର ଇଦିଗା ପଡ଼ିଆରେ ଉତ୍କଳ ସମ୍ମିଳନୀର ଅଧିବେଶନକୁ ଦେଶପ୍ରେମୀ ଛାତ୍ରମାନଙ୍କ ଭିତରୁ ଅଧିକାଂଶ ବଏକଟ କରିଥିଲେ, ଏପରିକି ସେହି ସମ୍ମିଳନୀର ପରିଚାଳନା ପାଇଁ କଟକ ସହରରୁ ଛାତ୍ର ସ୍ୱେଚ୍ଛାସେବକ ମିଳିବା ଅସମ୍ଭବ ହୋଇ ପଡ଼ିଥିଲା। ପଣ୍ଡିତ ନୀଳକଣ୍ଠ ଦାସ ଆପଣାର ସ୍ମରଣରୁ ତାଙ୍କର ଆତ୍ମଜୀବନୀରେ ଉଦ୍ଧୃତ କରିଛନ୍ତି ଯେ ସେତେବେଳେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଓ ଶିକ୍ଷକମାନେ କଣ୍ଟିଲୋରେ ନୀଳମାଧବଙ୍କ ଆସ୍ଥାନକୁ ଶିକ୍ଷା-ଭ୍ରମଣ ଉଦ୍ଦେଶ୍ୟରେ ଯାଇ ଫେରିବା ବାଟରେ ଜଟଣୀ ଷ୍ଟେସନଠାରେ ପଣ୍ଡିତ ଗୋପବନ୍ଧୁଙ୍କୁ ଭେଟିଥିଲେ। ସେଠାରେ ଦାସେ ଆପଣେ ଓ ଶ୍ରୀ ବ୍ରଜସୁନ୍ଦର ଦାସ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ଶିକ୍ଷା-ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିବା ଛାତ୍ରମାନଙ୍କୁ କଟକ ଯାଇ ସମ୍ମିଳନୀର ସ୍ୱେଚ୍ଛାସେବକ ଓ ପରିଚାଳନା ଭାର ସମ୍ଭାଳିବା ପାଇଁ ଆହ୍ୱାନ କରିଥିଲେ।

ପଣ୍ଡିତ ନୀଳକଣ୍ଠଙ୍କର ବିବରଣୀରୁ ଜଣାପଡ଼େ ଯେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶଙ୍କର ଗହଣରେ ସତ୍ୟବାଦୀର ବଛା ବଛା ଷାଠିଏ ଜଣ ଛାତ୍ର ସ୍ୱେଚ୍ଛାସେବକ ଜଟଣୀରୁ କଟକ ଷ୍ଟେସନରେ ପହଞ୍ଚି ଦେଖିଲେ ଯେ ସେଠାରେ ମଧୁବାବୁ ଓ ଅନ୍ୟାନ୍ୟ ଉଦ୍ୟୋକ୍ତାମାନେ ସେମାନଙ୍କୁ ଘୋଡ଼ାଗାଡ଼ି ଯାନ ଘେନି ପାଛୋଟି ନେବାକୁ ଆସିଛନ୍ତି। ସେମାନଙ୍କୁ ଦେଖି ମଧୁବାବୁ ଉତ୍ସାହ ଗଦ୍‌ଗଦ ସ୍ୱରରେ

Digitized by srujanika@gmail.com

କହିଥିଲେ – "ଆସ ନାଳନ୍ଦାର ଗୁରୁ, ଅନ୍ତେବାସୀମାନେ ଏବେ ମଙ୍ଗରାଜ ଆଉ ମଙ୍ଗ ମୋଡ଼ିପାରିବ ନାହିଁ।" ଏହି ଘଟଣା ଓ ତାହାପରେ ସମ୍ମିଳନୀର ଅନ୍ୟାନ୍ୟ ଆନୁସଙ୍ଗିତ ଘଟଣାବଳୀରୁ ସ୍ପଷ୍ଟ ଯେ କଟକ ସହର ଛାତ୍ରମାନଙ୍କର ସମ୍ମିଳନୀ ସହିତ ଅସହଯୋଗ ମଧୁବାବୁଙ୍କୁ ମଧ ବିବ୍ରତ କରି ଦେଇଥିଲା। ମଧୁବାବୁଙ୍କ ପରି ସ୍ୱାଭିମାନୀ ଆଭିଜାତ୍ୟ ଗର୍ବିତ ଦାମ୍ଭିକ ବ୍ୟକ୍ତି ଏଭଳିଭାବରେ ସମ୍ମିଳନୀ ଦିନ ପୁଣି ସ୍ୱେଚ୍ଛାସେବକ ଦଳଙ୍କୁ ପାଛୋଟି ଆଣିବାକୁ ରେଲଷ୍ଟେସନକୁ ଅନ୍ୟ ସମସ୍ତ ଅଭ୍ୟର୍ଥନା କାର୍ଯ୍ୟ ଛାଡ଼ି ଯିବା ବୋଧହୁଏ ସେହି ମଧୁବାବୁଙ୍କ ଜୀବନର ଏକ ବିରଳ ଘଟଣା।

(ଆଠ)

୧୯୧୬ରେ ଇଦିଗା ପଡ଼ିଆର ଉତ୍କଳ ସମ୍ମିଳନୀ ଥିଲା ତ୍ରୟୋଦଶ ଅଧିବେଶନ। ସେତେବେଳକୁ ୟୁରୋପୀୟ ଯୁଦ୍ଧର ତୃତୀୟ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତୀତ ହୋଇ ଯାଇଥାଏ। ୧୯୧୪/୧୫ ଓ ୧୯୧୫/୧୬ ର ସନ୍ଧିକ୍ଷଣରେ ପାରଳାଖେମୁଣ୍ଡି ଓ ବାଲେଶ୍ୱରରେ ଯେଉଁ ଦୁଇଟି ଅଧିବେଶନ ବସିଥିଲା ତାହାର ଆଗ୍ରହ ଓ ଉତ୍ସାହ ଥିଲା; କିନ୍ତୁ ସେଥିରେ ଉତ୍ତେଜନାର ଉତ୍ତାପ ନ ଥିଲା। ପୁରୀ ସମ୍ମିଳନୀ ସହିତ ଉତ୍କଳ ପେଣ୍ଡାଲରେ ୧୯୧୩ ବର୍ଷର ଶେଷ ଦିନ ଯେଉଁ ଛାତ୍ର ସମ୍ମିଳନୀ ବସିଥିଲା, ତାହା ଥିଲା କେବଳ ଉଦ୍ୟୋଗ ପର୍ବ। ଏଥିରେ ଛାତ୍ରମାନଙ୍କର ଭୂମିକା କିଛି ନ ଥିଲା। ୧୯୧୪ ଡିସେମ୍ବର ୨୬ ତାରିଖରେ ପାରଳାଖେମୁଣ୍ଡି ଅଧିବେଶନରେ ବିଶେଷ ଲୋକ ସମାଗମ ହୋଇ ନ ଥିଲା। ଅବଶ୍ୟ ବହୁ ଦର୍ଶକଙ୍କ ମତରେ "ତାଙ୍କର (ପାରଳା ଗଜପତି ମହାରାଜା) ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ପାରଳା ଅଧିବେଶନ ଉତ୍କଳ ସମ୍ମିଳନୀର ସର୍ବୋତ୍କୃଷ୍ଟ ସୁସଂଗଠିତ ଓ ଆଡ଼ମ୍ବର ପୂର୍ଣ୍ଣ ଅଧିବେଶନ ରୂପେ ବିବେଚିତ ହୋଇଥିଲା।" (ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ, କୃଷ୍ଣଚନ୍ଦ୍ର ଗଜପତିଙ୍କର ସ୍ୱନକ୍ଷତ୍ର ସ୍ମାରକ ଗ୍ରନ୍ଥ ପୃ ୧୪)। "ଏହି ସମ୍ମିଳନୀର ପବିତ୍ର ଦେଶାତ୍ମବୋଧ ବାତାବରଣରେ ମୁଗ୍ଧ ହୋଇ" ଦେଶସେବକ ସ୍ୱର୍ଗତ ଗୋବିନ୍ଦ ରଥ (ବାଙ୍କି) ଯେଉଁ ସଙ୍ଗୀତମୟ କବିତା ରଚନା କରିଥିଲେ ସେଥିରୁ କେତେକ ପଂକ୍ତି ଉକ୍ତ ଲେଖକ ଉଦ୍ଧାରକରି ପାରଳା ସମ୍ମିଳନୀକୁ ଖୁବ୍ ଉଚ୍ଚ ସମ୍ମାନ ଦେଇଛନ୍ତି।

ସ୍ୱର୍ଗୀୟ ଗୋବିନ୍ଦ ରଥଙ୍କର କବିତାରୁ ଜଣାପଡ଼େ "ସଭାପତି ହୋଇଲେ ବିକ୍ରମ ନୃପତି, ସୁସଭ୍ୟ ସୌମ୍ୟ ସେ ମୁରତି.... ରାଜନ ଜମିଦାର ଓକିଲ ବାରିଷ୍ଟର, ବସିଲେ ଲାଗି କତି କତି।"

Digitized by srujanika@gmail.com

ଏଥିରୁ ଜଣାପଡ଼େ ବାରିଷ୍ଟର ବିଶ୍ୱନାଥ ମିଶ୍ର ମଧ ଏହି ସଭା ମଣ୍ଡପରେ ଆସୀନ ଥିଲେ।

ଗଭୀର ଶୋକଭାର, ହେବାକୁ ପରିହାର
ବି: ବାରିଷ୍ଟର ପ୍ରସ୍ତାବିତ ସେ
ଗଦାଧର, ମହନ୍ତ ରାମାନୁଜ ଦାସ
ଅନୁମୋଦନ କଲେ ଭାଷ୍ୟ
ଟିକାଲିର ନରେଶ, ଚନ୍ଦ୍ରଶେଖର ଦାସ
ଦ୍ୱାରା ହୋଇଲା ସମର୍ଥିତ ସେ ।”

ଏ ସମସ୍ତ ପ୍ରମାଣ ସତ୍ତ୍ୱେ ଉତ୍କଳ ସମ୍ମିଳନୀର ଶିରୋନାମାରେ ୨-୧-୧୯୧୫ ରେ 'ଗଡ଼ଜାତ ବାସିନୀ' ଲେଖିଥିଲେ "ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡି ସୁବୃହତ୍ ରାଜଧାନୀରେ ବୃହତ୍ ଆୟୋଜନରେ ସମାହିତ ହୋଇ ଯାଇଅଛି।.... ଏଥର ସମ୍ମିଳନୀରେ ମଧୁପୁର ରାଜା, ଟିକାଲିର ରାଜା, ଯୁବରାଜ, ମଞ୍ଜୁଷାର ରାଜା ଓ ତରଳାର ରାଜକୁମାରମାନେ ଯୋଗଦେଇଥିଲେ। ଓଡ଼ିଶାର ସମୁଦାୟ ଅଞ୍ଚଳର ପ୍ରତିନିଧି ଓ ସ୍ଥାନୀୟ ଦର୍ଶକଙ୍କ ସହିତ ପ୍ରାୟ ଦୁଇ ଶହ ଲୋକ ସମ୍ମିଳନୀରେ ସମବେତ ହୋଇଥିଲେ। ଏହି ସଭାରେ ବିକ୍ରମ ଦେବଙ୍କୁ ସଭାପତି ଆସନ ଗ୍ରହଣ କରିବାକୁ ପ୍ରସ୍ତାବ କରିଥିଲେ ମଧୁପୁର ରାଜା ନାରାୟଣ ଚନ୍ଦ୍ର ଧୀର ନରେନ୍ଦ୍ର ଓ ସମର୍ଥନ କରିଥିଲେ ଶ୍ରୀ ବ୍ରଜସୁନ୍ଦର ଦାସ ବି.ଏ.।

ଏହି ସଭାରେ ମାନ୍ୟବର ଏମ୍.ଏସ୍. ଦାସ, ସି.ଆଇ.ଇ ଇମ୍ପିରିଆଲ କାଉନସିଲର ମେମ୍ବର ଯୋଗଦେଇଥିଲେ। ସେ ଇଂରାଜୀରେ ଏକ ଦୀର୍ଘ ଭାଷଣ ଦେଇଥିଲେ। ତାଙ୍କର ଭାଷଣ ପ୍ରସଙ୍ଗରେ ସେ ଅନ୍ୟ କଥା ସହିତ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଶ୍ରୀ ବିକ୍ରମ ଦେବଙ୍କର ଉଲ୍ଲେଖଯୋଗ୍ୟ ଭୂମିକା ବିଷୟ ଉଲ୍ଲେଖ କରିଥିଲେ ଓ କୃଷ୍ଣଚନ୍ଦ୍ର ଗଜପତି ଦେବ ମହାରାଜାଙ୍କର ପିତୃବ୍ୟ ପଦ୍ମନାଭ ନାରାୟଣ ଦେବଙ୍କର କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏହାଛଡ଼ା ସେ ଉଲ୍ଲେଖ କରିଥିଲେ ଯେ ମାନ୍ଦ୍ରାଜ ସରକାରଙ୍କର ଚିଫ୍ ସେକ୍ରେଟାରୀ ସାର୍ ମରେ ହାମିକଙ୍କର ରିପୋର୍ଟ ଅନୁସାରେ ଗଞ୍ଜାମ ଓଡ଼ିଆମାନଙ୍କର ମିଶ୍ରଣ ଉଦ୍ୟମ ଆଦୌ ଅସଲ କଥା ନୁହେଁ। ସେହି ରିପୋର୍ଟ ଅନୁସାରେ ମିଷ୍ଟର ମଧୁସୂଦନ ଦାସ କଟକ ବାପ୍‌ଟିଷ୍ଟ ମିସନ ସୋସାଇଟିମାନଙ୍କ ସହିତ ଗଞ୍ଜାମ ଜିଲ୍ଲା ବାପ୍‌ଟିଷ୍ଟ ମିସନକୁ ଏକତ୍ରିତ କରିବା ଅଭିଳାଷରେ ଗଞ୍ଜାମ ମିଶ୍ରଣ ଆରମ୍ଭ କରିଛନ୍ତି। ସେ ଗଞ୍ଜାମ

Digitized by srujanika@gmail.com

ଜନସାଧାରଣଙ୍କୁ ନିବେଦନ କରିଥିଲେ ଯେହେତୁ ପଦ୍ମଲାଭ ନାରାୟଣ ଦେବଙ୍କ ସମୟଠାରୁ ଗଞ୍ଜାମ ସାରା ଓଡ଼ିଶାର ଦେଶମିଶ୍ରଣ ଆନ୍ଦୋଳନର ଅଗ୍ରଣୀ ଭୂମିକା ଗ୍ରହଣକରି ଆସିଛି, ତେଣୁ ସେମାନେ ଉକ୍ତ ଚିଫ୍ ସେକ୍ରେଟାରୀଙ୍କର ମିଥ୍ୟା ରିପୋର୍ଟର ଠିକଣା ଜବାବ ଦେବେ। ଶେଷରେ ମଧୁବାବୁ ପାରଳାଖେମୁଣ୍ଡିର ଯୁବକ ରାଜାଙ୍କର ଏହି ସମ୍ମିଳନୀ ସଂଗଠନରେ ଉଦ୍ୟୋଗ ଓ ଉତ୍ସାହ ପ୍ରଶଂସାକରି ତାଙ୍କର ଏକ ଦୀର୍ଘ ଦେଶପ୍ରେମିକ ଜୀବନ କାମନା କରିଥିଲେ।

ଉଲ୍ଲେଖଯୋଗ୍ୟ ଏହି ଯେ ପାରଳାଖେମୁଣ୍ଡି ସଭାରେ ଜନ ସମାବେଶ ଖୁବ୍ ଉଚ୍ଚ ଧରଣର ନ ଥିଲା। ଏହି ସଭାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଉପସ୍ଥିତିର କୌଣସି ସମ୍ବାଦ 'ଗଡ଼ଜାତବାସିନୀ', 'ଉତ୍କଳ ଦୀପିକା' ଇତ୍ୟାଦିରେ ନାହିଁ। ଦଶମ ଅର୍ଥାତ୍ ପାରଳା ସମ୍ମିଳନୀର ବିବରଣୀ ଉତ୍କଳ ସମ୍ମିଳନୀ ତରଫରୁ ଏକ ପୁସ୍ତିକାକାରରେ ବାହାରି ଥିଲା। ସେଥିରେ ଗୋପବନ୍ଧୁଙ୍କର ନାମୋଲ୍ଲେଖ ନାହିଁ। ଏଥିରୁ ଅନୁମାନ ହୁଏ ପାରଳାଖେମୁଣ୍ଡି ସମ୍ମିଳନୀ ଅନ୍ୟ ସବୁଙ୍କଠାରୁ ସଫଳ ହୋଇଥିଲେ ମଧ ତାହା ଆଶାନୁରୂପ ପ୍ରତିନିଧିମୂଳକ ନ ଥିଲା। ଏଥିରେ ରାଜାରାଜୁଡ଼ାମାନଙ୍କର ସଂଖ୍ୟା ଯଥେଷ୍ଟ ଥିଲେ ମଧ ସାଧାରଣ ମଧ୍ୟବିତ୍ତ ଓ ଛାତ୍ର ଆଖିଦୃଶିଆ ପରିମାଣରେ ଯୋଗ ଦେଇ ନ ଥିଲେ।

ଅନ୍ୟ ପକ୍ଷରେ ଆୟୋଜନ ଓ ଆଡ଼ମ୍ବରରେ କଟକ ଇଦିଗାର ତ୍ରୟୋଦଶ ସମ୍ମିଳନୀ ସାମାନ୍ୟ ଥିଲା ସତ; କିନ୍ତୁ ଏହା ବହୁଦିଗରୁ ଥିଲା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଓଡ଼ିଶାର ମହାନ୍ କଥାଶିଳ୍ପୀ ଫକୀରମୋହନ ସେନାପତି ସଭାପତିତ୍ୱ କରିଥିଲେ। ପଶ୍ଚିମ ଓଡ଼ିଶାର ସାହିତ୍ୟ ରବି କବିବର ଗଙ୍ଗାଧର ମେହେର ଏହି ସମ୍ମିଳନୀରେ ଥିଲେ ସମ୍ମାନିତ ଅତିଥି। ଓଡ଼ିଶାର ବିଭିନ୍ନ ଅଞ୍ଚଳ ଓ ଉପାନ୍ତ ଓଡ଼ିଶାରୁ ଶତ ଶତ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେବାକୁ ଆସିଥିଲେ। ଯେଭଳି ମନେହୁଏ ଏହି ସମ୍ମିଳନୀରେ ହିଁ ଗୋପବନ୍ଧୁ ଦାସଙ୍କର କ୍ରିୟାତ୍ମକ ଭାବରେ ଉତ୍କଳ ସମ୍ମିଳନୀର ଆନ୍ଦୋଳନରେ ପୁନଃପ୍ରବେଶ ହୋଇଥିଲା। କାରଣ ଏହି ସମ୍ମିଳନୀ ଆରମ୍ଭ ହେବା ମାତ୍ରେ ଉପସ୍ଥିତ ଜନତାଙ୍କଠାରୁ ଦାବି ଉଠିଥିଲା ଗୋପବନ୍ଧୁଙ୍କର ଭାଷଣ ପାଇଁ। ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ – "ମିଃ ଦାସ ଗୋପବନ୍ଧୁଙ୍କ କାନ୍ଧରେ ହାତ ପକାଇ ତାଙ୍କୁ ଆଣି ବକ୍ତୃତା ମଞ୍ଚରେ ଠିଆ କରାଇ କହିଲେ 'ଗୋପବନ୍ଧୁ ଆଉ ଗୋପୀ ହୋଇ ରହି ନପାରେ, ଏ ସଂପର୍କରେ ମୋର କହିବାର ନ ଥିଲା। କାରଣ ଲୋକ ପ୍ରାଣରେ ମୋ ଗୋପବନ୍ଧୁ ସ୍ଥାନ ପାଇଛି। ସଭାପତିଙ୍କ ଅନୁମତି ହେଉ, ସଭାପତି ମହାଶୟ ଭକ୍ତି ବିନମ୍ର ସ୍ମିତ

Digitized by srujanika@gmail.com

ବଦନରେ ଗୋପବନ୍ଧୁଙ୍କୁ କେବଳ ଚାହିଁ ଦେଇ ଅନୁମତି ଦିଅନ୍ତେ ଜଳଦ- ଗମ୍ଭୀର ସ୍ୱରରେ ଗୋପବନ୍ଧୁ ଉତ୍କଳର ବିଚ୍ଛିନ୍ନ ଅଞ୍ଚଳ ସିଂହଭୂମି, ମେଦିନୀପୁରର ଦୁରବସ୍ଥା ବର୍ଣ୍ଣନା କରି ଯେଉଁ ବକ୍ତୃତା କରିଥିଲେ ତାହା ଜନତାକୁ କନ୍ଦାଇ ଦେଲା। ଟିକେଟ ବଣ୍ଟା ଓ ପ୍ରବେଶ ତାହା ବହିର୍ଗମନ ବନ୍ଦକରି ଆମ୍ଭେମାନେ ନିବିଷ୍ଟ ମନରେ ଶୁଣିଲୁ। ବ୍ରିଟିଶ ସରକାରଙ୍କର ଅଯୌକ୍ତିକ ଉତ୍କଳ ବିଚ୍ଛେଦର ତୀବ୍ର ଓ ନିର୍ଭୀକ ସମାଲୋଚନା ଗୋପବନ୍ଧୁଙ୍କୁ ଅତି ଉଚ୍ଚକୋଟୀର ବକ୍ତା ଓ କର୍ମବୀର ବୋଲି ଲୋକଙ୍କ ମନରେ ଧାରଣା ଜନ୍ମାଇ ଦେଲା।"

(ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ ଖଣ୍ଡ ପୃ ୭୯ ଷ୍ଠା)

ବିଶ୍ୱନାଥ ମିଶ୍ରଙ୍କର ଏହି ସମ୍ମିଳନୀରେ ଯୋଗଦାନ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ସେପର୍ଯ୍ୟନ୍ତ ଓଡ଼ିଶାର ସଭା ସମିତିରେ ମହିଳାମାନଙ୍କର ଦେଖଣାହାରୀ ଭାବରେ ସୁଦ୍ଧା ପ୍ରବେଶ ଥିଲା ଏକପ୍ରକାର ଅଭାବନୀୟ ବିଷୟ। ଅଥଚ ଏହି ଦିନ କଟକର ସେହି ସମ୍ମିଳନୀ ମଣ୍ଡପରେ ପ୍ରଥମ କରି ବିଶ୍ୱନାଥ ମିଶ୍ର ଆପଣାର ସହଧର୍ମିଣୀଙ୍କ ସହ ଉପବେଶନ କରିଥିଲେ। ଆଜି ମହିଳାମାନଙ୍କର ପ୍ରଗତିର ମାପକାଠିରୁ ତାହା ଏକ ନଗଣ୍ୟ ଘଟଣା ମନେହୋଇପାରେ; କିନ୍ତୁ ସେକାଳେ ତାହା ଥିଲା ଏକ କ୍ଷୁଦ୍ର ସାମାଜିକ ଓ କୌଳିକ ବିପ୍ଳବ।

(ନଅ)

କଟକ ୧୩ ଶ ଉତ୍କଳ ସମ୍ମିଳନୀ ସଂକ୍ରାନ୍ତରେ ସେତେବେଳର ସଂଘର୍ଷର ତତ୍କାଳୀନ ବିଷୟବସ୍ତୁ କ'ଣ ଥିଲା ତାହା ବର୍ତ୍ତମାନ ବିସ୍ମୃତି ଗର୍ଭରେ ବିଲୀନ। ନୀଳକଣ୍ଠ ଦାସଙ୍କର ଜୀବନୀ ବିବରଣୀରୁ ଜଣାଯାଏ "ଯେଉଁମାନେ ଆଗରୁ ସ୍ୱେଚ୍ଛାସେବକ ହୋଇଥିଲେ, ସେମାନେ ଦର୍ଶକ ଟିକେଟ ଘେନି ଆସି ସମ୍ମିଳନୀରେ ବସି ଥାଆନ୍ତି; ମାତ୍ର ଆମ୍ଭମାନଙ୍କ ଶାନ୍ତି ଶୃଙ୍ଖଳା ରକ୍ଷା ଯୋଜନା ଦେଖିବା ପରେ ସେମାନଙ୍କ ଆଡୁ ଆଉ କୌଣସି ପ୍ରକାର ଗୋଳମାଳ ହୋଇ ନ ଥିଲା।" ଏହି ସମ୍ମିଳନୀରେ ଯେ କଟକ ରେଭେନ୍ସା କଲେଜର ଶହ ଶହ ଛାତ୍ର ଓ ହାଇସ୍କୁଲମାନଙ୍କର ବାଳକ ବାଳିକା ଯୋଗ ଦେଇଥିଲେ, ସେକଥା ସେକାଳରେ ରେଭେନ୍ସା କଲେଜରେ ସ୍ନାତକ ଶ୍ରେଣୀରେ ପଢୁଥିବା ଏବେ ଅବସରପ୍ରାପ୍ତ ଶିକ୍ଷା ବିଭାଗର ଯୁଗ୍ମ ଡାଇରେକ୍ଟର ହରିହର ମିଶ୍ରଙ୍କର ଗୋଟିଏ ଲେଖାରେ ପ୍ରକାଶ ପାଇଛି। ଉକ୍ତ ସମ୍ମିଳନୀର ଉତ୍ସାହ ଓ ଉଦ୍ଦୀପନା କଥା ସେ ମର୍ମସ୍ପର୍ଶୀ ଭାଷାରେ ଉକ୍ତ ଲେଖାରେ ବର୍ଣ୍ଣନା କରିଛନ୍ତି।

Digitized by srujanika@gmail.com

ପ୍ରକୃତ ପକ୍ଷେ ଏହି ମନୋମାଳିନ୍ୟ ଥିଲା ଦୃଷ୍ଟିକୋଣର ପାର୍ଥକ୍ୟ। ମଧୁବାବୁ ନିଜେ ସ୍ୱଦେଶୀ ଭକ୍ତ ଥିଲେ ଓ ଓଡ଼ିଶାରେ ଗୋପବନ୍ଧୁଙ୍କ ସଙ୍ଗେ ସ୍ୱଦେଶୀ ଚିନ୍ତା ଓ ବ୍ୟବହାରର ଏକ ଶକ୍ତିମାନ୍ ପ୍ରବର୍ତ୍ତକ ଥିଲେ। ୧୯୦୪ ସାଲଠାରୁ ସମ୍ମିଳନୀର ପ୍ରଚାର ଆରମ୍ଭରୁ ଅର୍ଥାତ୍ ବଙ୍ଗଳାର ସ୍ୱଦେଶୀ ଆନ୍ଦୋଳନର ଦୁଇ ବର୍ଷ ବା ତହିଁରୁ ଅଧିକ ପୂର୍ବରୁ ମଧୁବାବୁ ଓଡ଼ିଶାର ଶିକ୍ଷିତ, ମଧ୍ୟବିତ, ବୃତ୍ତିଧାରୀ, ଚାକିରୀଜୀବୀ ଓ ଛାତ୍ରଙ୍କ ଭିତରେ ସ୍ୱଦେଶୀର ମୂର୍ତ୍ତିମନ୍ତ ଅବତାର ଭାବରେ ଛିଡ଼ା ହେଇଥିଲେ। ତାଙ୍କର କର୍ମପନ୍ଥାରେ ଥିଲା ଛାତ୍ରମାନେ କେବଳ ସ୍ୱଦେଶୀ ବ୍ୟବହାର କରିବେ, ଦେଶମିଶ୍ରଣର ସ୍ୱପ୍ନ ଦେଖିବେ, ମାତୃଭାଷାର ଉନ୍ନତି ପାଇଁ ଶିକ୍ଷାୟତନରେ ସଚେଷ୍ଟ ହେବେ; କିନ୍ତୁ ଛାତ୍ର ଥିଲା ଯାଏ କୌଣସି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ନାହିଁ।

ଗୋପବନ୍ଧୁଙ୍କର ଚିନ୍ତାଧାରା ଓ ଆଭିମୁଖ୍ୟ ୧୯୨୧ ର ଅସହଯୋଗ ଆନ୍ଦୋଳନ ପରେ ମଧୁବାବୁଙ୍କର ଆଭିମୁଖ୍ୟଠାରୁ ଭିନ୍ନ ପଥ ଧରିନେଲା ସତ୍ୟ; କିନ୍ତୁ ଛାତ୍ରମାନଙ୍କୁ ଗଠନମୂଳକ କାର୍ଯ୍ୟ କରିବା ଛଡ଼ା ଓ ଛୁଟି ସମୟରେ ସେମାନଙ୍କର ଗ୍ରାମବାସୀଙ୍କର ଦୁଃଖ ଦୁର୍ଦ୍ଦଶା ଅପନୋଦନ କରିବା ଛଡ଼ା ଅନ୍ୟ କୌଣସି କର୍ମପନ୍ଥା ଗ୍ରହଣ କରିବାକୁ ପସନ୍ଦ କରୁ ନ ଥିଲେ। ମହାତ୍ମାଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନରେ ମଧ ଏହି ଆଭିମୁଖ୍ୟ ଥିଲା। ସେ କଦାପି ଛାତ୍ରମାନଙ୍କୁ ଛାତ୍ରଭାବରେ ରହି ଆନ୍ଦୋଳନ କରିବାକୁ କହି ନ ଥିଲେ। ଯଦି ଦେଶସେବା କରିବାକୁ ଚାହଁ ତେବେ ସ୍କୁଲ କଲେଜ ବର୍ଜନ କର। ଏହାହିଁ ଥିଲା ଗାନ୍ଧୀଜୀଙ୍କର ଡାକରା।

ତେବେ କୌଣସି ସାମୟିକ ଅଭାବ ଓ ଖଣ୍ଡିତ ଅସୁବିଧା ପାଇଁ ଛାତ୍ରମାନେ ବି କିଛି କରିବା ଉଚିତ ନୁହେଁ ? ବନ୍ୟା ବିତ୍‌ପାତ, ଆକସ୍ମିତ ମହାମାରୀ, ତୋଫାନ, ଅଗ୍ନିକାଣ୍ଡ ଇତ୍ୟାଦି ପାଇଁ ଶିକ୍ଷାୟତନର ନିର୍ଦ୍ଦିଷ୍ଟ ଅଧକ୍ଷଙ୍କର ଅନୁମତି ବିନା କ'ଣ କିଛି କରାଯାଇ ପାରିବ ନାହିଁ? ଯଦି ଅଧକ୍ଷ ଅନୁମତି ନ ଦିଅନ୍ତି, ତେବେ କ'ଣ ସେହି ମୁହୂର୍ତ୍ତରେ ଶିକ୍ଷାୟତନକୁ ମୂର୍ଚ୍ଛି ଦେବାକୁ ପଡ଼ିବ ? ପୁଣି ଯେତେବେଳେ ଅଧିକାଂଶ ଶିକ୍ଷାୟତନ ବିଦେଶୀ ଶାସନର ଆଇନ ଓ ଶୃଙ୍ଖଳାରେ ବନ୍ଦୀ ସେତେବେଳେ ସେଥିରୁ ସାମୟିକ ବିପଦ ପାଇଁ ବାହାରି ଆସିବାର ଆଉ କିଛି ବାଟ ଅଛି କି ନାହିଁ? ଛାତ୍ର ଅବସ୍ଥାର ଉଦାମ ଚିନ୍ତା ଭିତରେ ବିଶେଷତଃ ପରାଧୀନ ଦେଶର ରାଜନୈତିକ ଓ ଅର୍ଥନୈତିକ ବନ୍ଧନ ଭିତରେ ବର୍ଷୀୟାନମାନଙ୍କ ସହିତ ତେଣୁ ଦୃଷ୍ଟିକୋଣର ସଂଘର୍ଷ ଅନିବାର୍ଯ୍ୟ। ତାହାହିଁ ଏହି ଘଟଣାରେ ସ୍ପଷ୍ଟ ହୋଇଥିଲା।

୧୯୧୭ ମସିହା ବେଳକୁ ଆଜିର ଓଡ଼ିଶାର ବର୍ଷୀୟାନ ନେତାମାନଙ୍କ ଭିତରୁ କେତେକ ନେତା ୧୭/୧୮ ବର୍ଷର ଯୁବକ କଲେଜ ଛାତ୍ର ଥିଲେ। ଯେଉଁମାନେ

Digitized by srujanika@gmail.com

ସ୍ୱର୍ଗତଃ ହୋଇ ଗଲେଣି ସେମାନେ ମଧ ୨୦/୨୧ ବର୍ଷ ବୟସରୁ ବେଶି ବୟସର ନ ଥିଲେ। ସେ ବେଳର ଉତ୍କଳ ସମ୍ମିଳନୀ ବିଷୟରେ ଏପରି ଜଣେ ବର୍ଷୀୟାନ ନେତାଙ୍କର ନିମ୍ନଲିଖିତ ଉଦ୍ଧୃତିରୁ ସେ ବେଳର ଛାତ୍ରସମାଜର ଚେତନ ଅଂଶ ଉତ୍କଳ ସମ୍ମିଳନୀକୁ କେଉଁ ଦୃଷ୍ଟିରୁ ଦେଖୁଥିଲା ତାହା ଅନୁଭବ କରିହେବ :

"୧୯୦୫ ରେ ଯେତେବେଳେ ସମ୍ପ୍ରଦାୟ ହିସାବରେ ବଙ୍ଗ ପ୍ରଦେଶ ଦୁଇ ଭାଗରେ ବିଭକ୍ତ ହେଲା ସେତେବେଳେ ଇଂରେଜଙ୍କ ବିରୋଧରେ ଏକ ଭାରତୀୟ ଜାତୀୟତାର ପ୍ରବାହ ଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବହିଥିଲା। × × × ସେତେବେଳେ ଭାରତମନ୍ତ୍ରୀ ରିଜଲି ସାହେବ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବାର ଯୌକ୍ତିକତା ସ୍ୱୀକାର କରି ସାରିଥିଲେ। ଏଣୁ ସରକାରଙ୍କଠାରେ ଆବେଦନ କରିବାପାଇଁ ବାକୀ କିଛି ନ ଥିଲା। କିନ୍ତୁ ବଙ୍ଗ ପ୍ରଦେଶରେ ଯେପରି ଏକ ପ୍ରବଳ ଆନ୍ଦୋଳନ କଂଗ୍ରେସ ପ୍ରସ୍ତାବ ପଛରେ ଛିଡ଼ାହୋଇ ଗଭର୍ଣ୍ଣର ଜେନେରାଲ ଲର୍ଡ଼ କର୍ଜନଙ୍କ ଭେଦ ନୀତିକୁ ବ୍ୟର୍ଥ କରିଦେଲା, ସେପରି ଏକ ପ୍ରବଳ ଆନ୍ଦୋଳନ ଓଡ଼ିଶା ଦରକାର କରୁଥିଲା। ତତ୍କାଳୀନ ଭାରତମନ୍ତ୍ରୀଙ୍କ ପ୍ରତିଶ୍ରୁତି ରକ୍ଷାପାଇଁ ପ୍ରରୋଚନା ଦେବା ପାଇଁ। କିନ୍ତୁ ତାହା ନ ହୋଇ ସେତେବେଳର ଓଡ଼ିଶାର ନେତାମାନେ ଉତ୍କଳ ସମ୍ମିଳନୀ ଉପରେ ଜୋର ଦେଲେ। ଯେଉଁମାନେ ଆଗେ ବଣ ଜଙ୍ଗଲ ଭିତରେ ବାଟ କାଟି ଯାଇଛନ୍ତି, ସେମାନଙ୍କ ପ୍ରତି ଆମର ପ୍ରଭୂତ ସମ୍ମାନ ଅଛି। ସେମାନେ ସେତେବେଳେ ଦେଶ ପକ୍ଷରେ ଯାହା ଭଲ ବୁଝିଥିଲେ, ତାହାହିଁ କରିଥିଲେ। ହୁଏତ ସେତେବେଳେ ତାହାହିଁ ଦରକାର ଥିଲା। ମାତ୍ର ଆଜି ଇତିହାସର କ୍ରମବିକାଶ ଆଲୋଚନା କରିବାରୁ ଆମର ମନେହେଉଛି ଯେ, ସେତେବେଳର ନେତାମାନଙ୍କ ନୀତି ଯୋଗୁ ଓଡ଼ିଶାର ରାଜନୈତିକ ଜୀବନ ସଂକୀର୍ଣ୍ଣ ହୋଇ ଗଲା ଓ ସେଥିରୁ ଆଜି ସୁଦ୍ଧା ଓଡ଼ିଶା ପୂର୍ଣ୍ଣଭାବେ ମୁକ୍ତି ଲାଭ କରି ପାରିନାହିଁ।"

(ହରେକୃଷ୍ଣ ମହତାବ, ଓଡ଼ିଶା ଇତିହାସ
୨ୟ ଖଣ୍ଡ– ୧୯୬୪ ସଂ, ପୃ ୪୯୯ଷ୍ଠା)

ଏହା କେବଳ ଇତିହାସ ଲେଖକଙ୍କର ସମୀକ୍ଷା ବା ସିଂହାବଲୋକନ ନୁହେଁ। ବଙ୍ଗଭଙ୍ଗ ଆନ୍ଦୋଳନ ୧୯୦୫ ରୁ ୧୯୧୫ ପର୍ଯ୍ୟନ୍ତ ଭାରତରେ ଯେଉଁ ଉଗ୍ର ବୈରାଗ୍ୟବାଦର ତୋଫାନ ବୁହାଇଥିଲା ତାହା ୧୯୧୬/୧୭ ସାଲ ବେଳକୁ ଓଡ଼ିଶାର ଯୁବ ପ୍ରାଣକୁ ଅସ୍ଥିର କରିଥିବା ବିଚିତ୍ର ନୁହେଁ। ସେହି ସମୟରେ, ପୂର୍ବରୁ ଓ ପରେ ବହୁ ସଂଖ୍ୟାର ସେ କାଳର 'ବନ୍ଦେ ମାତରମ୍' ଆନ୍ଦୋଳନର ବିପ୍ଳବୀ ନିର୍ବାସିତ ବା

Digitized by srujanika@gmail.com

ଅଜ୍ଞାତବାସୀ ଭାବରେ ଓଡ଼ିଶାରେ ଆଶ୍ରୟ ନେଇଥିଲେ। ସେକାଳର ବହୁ କୃତବିଦ୍ୟ ସ୍କୁଲ ଓ କଲେଜ ଛାତ୍ର ଏମାନଙ୍କର ସଂସ୍ପର୍ଶରେ ଆସିଥିଲେ ଓ ଆତ୍ମବଳି ଦାନର ପ୍ରାଥମିକ ଦୀକ୍ଷା ଗ୍ରହଣ କରିଥିଲେ। ସେମାନଙ୍କ ସମକ୍ଷରେ ବଙ୍ଗଭଙ୍ଗ ଆନ୍ଦୋଳନର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଉଦ୍ଭାସିତ ହୋଇଥିଲା। ସେତେବଳେ ଗାନ୍ଧୀଜୀଙ୍କର ଅହିଂସା ଅସହଯୋଗ ଓ ସତ୍ୟାଗ୍ରହର ପ୍ରୟୋଗ ଭାରତ ଭୂମିକୁ ସ୍ପର୍ଶ କରି ନ ଥିଲା। ଖୁଦିରାମଙ୍କର ଫାଶୀ ଦିନ ଓଡ଼ିଶାର କେତେକ ସ୍କୁଲ କଲେଜରେ ଛାତ୍ରମାନେ ଉପବାସ କରିଥିଲେ ବୋଲି ସ୍ୱର୍ଗୀୟ ଗୋଦାବରୀଶ ମିଶ୍ର ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି।

ବିଶେଷତଃ ୧୯୧୬ ମସିହାରେ ସାରା ଭାରତରେ 'ବାଘା ଯତୀନ' ବୋଲି ପରିଚିତ ଜ୍ୟୋତୀନ୍ଦ୍ର ମୁର୍ଖାଜୀ ନାମକ ତେଜିୟାନ ଯୁବକ ଓ ତାଙ୍କର ଛଅଜଣ ସହଯୋଦ୍ଧା ଶତାଧିକ ସଶସ୍ତ୍ର ପୋଲିସ ସମେତ ବାଲେଶ୍ୱର କଲେକ୍ଟର ଓ କଲିକତା ପୋଲିସ କମିଶନର ସଙ୍ଗେ ଯୁଦ୍ଧ କରିଥିଲେ ଓ ଶେଷରେ ପ୍ରାୟ ସମସ୍ତେ ନିହତ ହୋଇଥିଲେ। ଏହି ଘଟଣାର ସ୍ମୃତି ଆଜି ପର୍ଯ୍ୟନ୍ତ ବାଲେଶ୍ୱର ଓ ତା'ର ଆଖ ପାଖ ଅଞ୍ଚଳରେ ଅତୁଟ ରହିଛି। ଉକ୍ତ ସଂଗ୍ରାମ ଦିବସ ଏବେ ବି ଏକ ସ୍ମରଣୀୟ ପର୍ବଭାବରେ ପାଳିତ ହେଉଛି। ୧୯୧୬-୧୭ ମସିହାରେ ଏହି ଘଟଣାର ପ୍ରଭାବ ଓଡ଼ିଶାର ତରୁଣ ପ୍ରାଣରେ କିଭଳି ଉନ୍ମାଦନା ଆଣିଥିବ ତାହା ଅନୁମାନ କରିହୁଏ।

(ଦଶ)

ଉତ୍କଳ ସମ୍ମିଳନୀର ଚାଳକଗୋଷ୍ଠୀ ଓ ସେ କାଳର ଯୁବ ସମାଜ ଭିତରେ ଆଭିମୁଖ୍ୟର ଏହି ଗଭୀର ବ୍ୟବଧାନ ଭିତରେ ବିଶ୍ୱନାଥ ମିଶ୍ର ଆପଣାକୁ ଏକ ସେତୁ ଭଳି ତିଆରି କରିବାକୁ ଚେଷ୍ଟା କରିଥିଲେ। ଏଥିପାଇଁ ତାଙ୍କରି ଉଦ୍ୟମରେ ଓଡ଼ିଶାରେ ଏକାଧିକ ଛାତ୍ର ସମ୍ମିଳନୀ ହୋଇଥିଲା। ଏହି ସମ୍ମିଳନୀମାନଙ୍କରେ ସେ କାଳର ଛାତ୍ର ନେତାମାନେ, ଯେଉଁମାନେ ପରବର୍ତ୍ତୀ କାଳରେ ଓଡ଼ିଶାର ସ୍ୱନାମଧନ୍ୟ ନେତୃମଣ୍ଡଳୀ ହେଲେ ଯଥା ଯଦୁମଣି ମଙ୍ଗରାଜ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ପ୍ରଭୃତି ଯୋଗ ଦେଉଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଡ଼ଭୋକେଟ ସ୍ୱର୍ଗୀୟ ଚିନ୍ତାମଣି ଆଚାର୍ଯ୍ୟ ମଧ ଛାତ୍ର ସମ୍ମିଳନୀ ଉଦ୍ୟମରେ ବିଶ୍ୱନାଥ ମିଶ୍ରଙ୍କ ସହିତ ସହଯୋଗ କରିଥିଲେ।

ଏହି ସମ୍ମିଳନୀର ଉଦ୍ଦେଶ୍ୟ ଥିଲା, ଯେପରି ଆଗରୁ କୁହାଯାଇଛି, ଦେଶମିଶ୍ରଣ ଆନ୍ଦୋଳନ ସହିତ ଛାତ୍ରମାନଙ୍କୁ ଘନିଷ୍ଠଭାବରେ ଜଡ଼ିତ କରିବା। ଘନିଷ୍ଠଭାବରେ

Digitized by srujanika@gmail.com

ଛଡ଼ିତ ହେବାରେ ଓଡ଼ିଶାର ଚେତନ ଛାତ୍ର ସମାଜ ଯେ ପ୍ରସ୍ତୁତ ଥିଲେ, ଏହା ନିଃସନ୍ଦେହ। କିନ୍ତୁ ଦେଶମିଶ୍ରଣ ଆନ୍ଦୋଳନ ଉତ୍କଳ ସମ୍ମିଳନୀର ଆବେଦନ ନିବେଦନ ପର୍ଯ୍ୟାୟରୁ ଏକ ସକ୍ରିୟ କର୍ମପନ୍ଥାର ପର୍ଯ୍ୟାୟକୁ ଯେ ଅଗ୍ରସର ହେବ ଏଥିରେ ଛାତ୍ରମାନଙ୍କର ଆଶା ନ ଥିଲା। ତେଣୁ ଉତ୍କଳ ସମ୍ମିଳନୀର କର୍ମପନ୍ଥା ଉପରେ ଛାତ୍ରମାନଙ୍କର ଆସ୍ଥା ନ ଥିଲା।

ଓଡ଼ିଶାର ସେ ବେଳର ମଧ୍ୟବିତ୍ତ ଜନତାର ପରିସ୍ଥିତି ଥିଲା ଜଟିଳ ଓ ଦୟନୀୟ। ଏକ ପକ୍ଷରେ ଓଡ଼ିଶାରେ, ବିଶେଷତଃ ସେ ବେଳର ରାଜନୈତିକ ଓଡ଼ିଶା ଡିଭିଜନ୍‌ରେ ଇଂରେଜି ଶିକ୍ଷା ଓ ତାଲିମ୍‌ରେ ଅଗ୍ରସର ବଙ୍ଗବାସୀଙ୍କର ପ୍ରଭାବ ଓ ବେଳେବେଳେ ପ୍ରାଦୁର୍ଭାବ ଉତ୍କଟ ଥିଲା। ତେଣୁ ଓଡ଼ିଶାର ନବଜାଗ୍ରତ ମଧ୍ୟବିତ୍ତର ଆପଣା ମାଟିରେ ବଙ୍ଗବାସୀ ଚାକିରିଜୀବୀ ଇତ୍ୟାଦି ମଧ୍ୟବିତ୍ତଙ୍କର ବ୍ୟବହାର ଅସହ୍ୟ ହେଉଥିଲା। ଅନ୍ୟପକ୍ଷରେ ଓଡ଼ିଶାର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ମଧ୍ୟବିତ୍ତମାନେ ସେହି ବଙ୍ଗବାସୀଙ୍କର ମାଧ୍ୟମରେ ଆପଣାର ବୁର୍ଜୋୟା ଶିକ୍ଷା, ବିଜ୍ଞାନ ଓ ଆଲୋକ ପାଉଥିଲେ ଓ ସେହି କାରଣରୁ ସେମାନଙ୍କର ଆଦର୍ଶ ଅନୁକରଣ କରୁଥିଲେ। ତେଣୁ ବ୍ୟକ୍ତିଗତ ବଙ୍ଗବାସୀ ପ୍ରତି ଘୃଣା କିନ୍ତୁ ବଙ୍ଗବାସୀ ଆଚାର ବ୍ୟବହାର ଓ ଆଦବକାଏଦା ପ୍ରତି ସମ୍ମାନ, ଏହି ଦୁଇ କଥା ଭିତରେ ଓଡ଼ିଶାର ମଧ୍ୟବିତ୍ତ ସନ୍ତୁଳି ହେଉଥିଲା। ଇଂରେଜ ବଣିକ ସଭ୍ୟତାର ପ୍ରସାର ସଙ୍ଗେ ସଙ୍ଗେ ସେହି ସଭ୍ୟତାର ସେବାକାରୀ ଓ ମାଧ୍ୟମଭାବରେ ବଙ୍ଗଳାର ଶିକ୍ଷିତ ଉଚ୍ଚବିତ୍ତ ଓ ମଧ୍ୟବିତ୍ତମାନେ ଯେତେବେଳେ ପ୍ରସ୍ଫୁଟିତ ହେଉଥିଲେ ସେତେବେଳେ ଓଡ଼ିଶାର ମଧ୍ୟବିତ୍ତର ସ୍ୱପ୍ନ ଥିଲା ଠିକ୍ ସେପରି ଭାବରେ ପ୍ରସ୍ଫୁଟିତ ହେବା। କିନ୍ତୁ ୧୯୦୫ ର ବଙ୍ଗଭଙ୍ଗ ଆନ୍ଦୋଳନ ବେଳକୁ ବଙ୍ଗାଳି ମଧ୍ୟବିତ୍ତର ମହାଫିସ୍ ଭୂମିକାର ଅବସାନ ଘଟିଗଲା, କାରଣ ଇଂରେଜ ବଣିକ ସଭ୍ୟତା ପୂରାପୂରି ସାମ୍ରାଜ୍ୟବାଦୀ ପରାଙ୍ଗପୁଷ୍ଟ ଅବକ୍ଷୟ ଅବସ୍ଥାରେ ପ୍ରବେଶ କରି ଯାଇଥିଲା। ଅଥଚ ଓଡ଼ିଶାର ଅଙ୍କୁରିତ ମଧ୍ୟବିତ୍ତର ସ୍ୱପ୍ନ ସଫଳ ହେବାକୁ ବାକୀ ରହିଗଲା। ତାହା କେବଳ ସ୍ୱପ୍ନରେ ହିଁ ରହିଗଲା।

ବଙ୍ଗଭଙ୍ଗ ଆନ୍ଦୋଳନ ଥିଲା ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ବଙ୍ଗଳା ମଧ୍ୟବିତ୍ତର ପ୍ରଥମ ପ୍ରତିରୋଧ। ଏହି ପ୍ରତିରୋଧ ସାରା ଭାରତକୁ ଚହଲାଇ ଦେଇଥିଲା। କାରଣ ଏହା ଥିଲା ବିଲାତ ସାମ୍ରାଜ୍ୟବାଦର ସାମ୍ରାଜ୍ୟବାଦୀ ଶୋଷଣ, ଶାସନ ବିରୁଦ୍ଧରେ ସଂଗ୍ରାମ। ବଙ୍ଗଳାର ମଧ୍ୟବିତ୍ତ ଶ୍ରେଣୀର ସଂଖ୍ୟା ସେତେବେଳକୁ ସାମାନ୍ୟ ନ ଥିଲା। ଭାରତରେ ବିଲାତ ସାମ୍ରାଜ୍ୟକୁ ଚଳାଇବା ପାଇଁ ଏହାର ତାକତ ଥିଲା ଅସୀମ। ମେଟ୍ରୋପଲିଟାନ କଲିକତାକୁ କେନ୍ଦ୍ର କରି ବିଲାତ ପୁଞ୍ଜିବାଦ-

Digitized by srujanika@gmail.com

ସାମ୍ରାଜ୍ୟବାଦ ଆପଣାକୁ ଜାହିର କରିଥିଲା । ତେଣୁ ବଙ୍ଗଭଙ୍ଗ ଆନ୍ଦୋଳନରେ ବଙ୍ଗଳା ମଧ୍ୟବିତ୍ତର ପ୍ରତିବାଦ ଶକ୍ତିରେ ବ୍ରିଟିଶ ସାମ୍ରାଜ୍ୟବାଦ ବାଧହୋଇ ଆପୋଷ କରିଥିଲା । ଅଂଶିକଭାବରେ ବଙ୍ଗଭଙ୍ଗ ଆନ୍ଦୋଳନରେ ବଙ୍ଗଳା ମଧ୍ୟବିତ୍ତର ବିଜୟ ହେଲା । ସୁରମା ଉପତ୍ୟକା ଛଡ଼ା ଅନ୍ୟାନ୍ୟ ବଙ୍ଗଭାଷୀ ଅଞ୍ଚଳର ପୁନଃମିଶ୍ରଣ ହେଲା ଓ ଏହାରି ଭାରସାମ୍ୟ ରକ୍ଷାକରିବା ଛଳରେ ୧୯୧୨ରେ ବିହାର ଓ ପ୍ରାକୃତିକ ଓଡ଼ିଶାର ସମ୍ବଲପୁର ଜିଲ୍ଲା ସମେତ ଓଡ଼ିଶା ଡ଼ିଭିଜନ ଏକାଠି ହୋଇ ବିହାର ଓ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା ।

ଓଡ଼ିଶା ମଧ୍ୟବିତ୍ତର ଅଙ୍କୁରିତ ଅବସ୍ଥାରେ ବଙ୍ଗଭଙ୍ଗ ପରି ଆନ୍ଦୋଳନ କରିବାରେ, ତାହାର ସାମର୍ଥ୍ୟ ନ ଥିଲା । ତେଣୁ ଐତିହାସିକ ମହତାବଙ୍କର ଉପରୋକ୍ତ ଟିପ୍ପଣୀରେ କଳ୍ପନା କରାଯାଇଥିବା ଆଶାର ବି କୌଣସି ଭିତ୍ତିଭୂମି ନ ଥିଲା । ଓଡ଼ିଶାର ମଧ୍ୟବିତ୍ତ ଆପଣାର ଦୁର୍ବଳ ଅବସ୍ଥା ଦୃଷ୍ଟିରୁ ଆନ୍ଦୋଳନ ପରିଚାଳନା ପାଇଁ ଅସ୍ତମୁଖୀ ସାମନ୍ତ ଶ୍ରେଣୀ ଉପରେ ଭରସା କରି ରହିଲା । ସେତେବେଳେ ମଧ୍ୟ ଭାରତର ଜାତୀୟ କଂଗ୍ରେସର ଆନ୍ଦୋଳନ ଆବେଦନ ନିବେଦନ ପର୍ଯ୍ୟାୟରେ ସୀମିତ ଥିଲା । ତେଣୁ ସପ୍ତମ ଏଡ଼ୱାର୍ଡ଼, ପଞ୍ଚମ ଜର୍ଜଙ୍କର ଦୀର୍ଘଜୀବନଠାରୁ ବଡ଼ ଲାଟ, ଲାଟ ଇତ୍ୟାଦି ଇଂରେଜ ଶାସନ ଅଧିକାରୀଙ୍କର ଶୁଭକାମନା ପ୍ରସ୍ତାବମାନ କଂଗ୍ରେସ ଭଳି ଓ କଂଗ୍ରେସଠାରୁ ଆହୁରି ପ୍ରତ୍ୟକ୍ଷଭାବରେ ଉତ୍କଳ ସମ୍ମିଳନୀ ମଞ୍ଚରେ ଗୃହୀତ ହେଉଥିଲା । କାରଣ ଆଗରୁ କୁହାଯାଇଛି ଯେ ଓଡ଼ିଶାର ସାମନ୍ତଶ୍ରେଣୀ ବ୍ରିଟିଶ ଅଧିକାର ସମୟର ସାମନ୍ତ ଶ୍ରେଣୀ ହୋଇ ନ ଥିଲା । ଏହି ଶ୍ରେଣୀ ବିଲାତି ରାଜସଭାର ବାହୁବଳରେ ପ୍ରତିଷ୍ଠିତ ଥିଲା ଓ ସେହି ପ୍ରତିଷ୍ଠାପାଇଁ ଏହା ପୂରାପୂରି ବ୍ରିଟିଶ ସାମ୍ରାଜ୍ୟବାଦ ଉପରେ ନିର୍ଭର କରୁଥିଲା । ତେଣୁ ଏହି ଶ୍ରେଣୀ ସହିତ ସହଯୋଗକରି ଓଡ଼ିଶାର ଜାତୀୟ ସ୍ୱାର୍ଥ ସାଧନ କରିବାକୁ ହେଲେ ଅନୁଯୋଗ ଓ ଅଭିଯୋଗ ଛଡ଼ା ଆଉ କେତେଦୂର ଯାଇ ହୁଅନ୍ତା ?

ପ୍ରତ୍ୟେକ ସାମନ୍ତବାଦ ପୀଡ଼ିତ ସାମ୍ରାଜ୍ୟବାଦର ଉପନିବେଶ ପରାଧୀନ ଦେଶର ସମସ୍ୟା ହେଉଛି ପ୍ରଧାନତଃ ଚାଷର ସମସ୍ୟା । କାରଣ ସାମନ୍ତବାଦୀ ସମାଜରେ ଚାଷୀ ହିଁ ବିପୁଳ ସଂଖ୍ୟାଧିକ୍ୟ ଓ ଚାଷ ହିଁ ସେହି ସମାଜର ଅର୍ଥନୀତିକ ଉତ୍ପାଦନର ପ୍ରଧାନ ଅବଲମ୍ବନ । ଓଡ଼ିଶାର ଜାତୀୟତାର ଦୃଢ଼ ମୂଳ ସେହି ଓଡ଼ିଶାର ଚାଷୀ କୁଳର ଶକ୍ତି ଉପରେ ନିର୍ଭର କରୁଥିଲା । ଜଗବନ୍ଧୁ ବିଦ୍ୟାଧର, ସୁରେନ୍ଦ୍ର ସାଏ, ଚକ୍ର ବିଶୋଇ ଇତ୍ୟାଦି ସେତେବେଳର ଚାଷୀ ନେତାମାନେ ଯେଉଁ ଆନ୍ଦୋଳନ କରିଥିଲେ ତାହାର ଶକ୍ତି ଥିଲା ଓଡ଼ିଆ ଚାଷୀ ପାଇକର, ଆଦିବାସୀ, ସୁଖବାସୀ ଓ

Digitized by srujanika@gmail.com

କ୍ଷେତ ମୂଲିଆର ଆନ୍ଦୋଳନ। ସେହି ଆନ୍ଦୋଳନର ନେତୃତ୍ୱର ତାକତ ଅଭାବରୁ ଓ ସେତେବେଳେ ପ୍ରତିକୂଳ ପରିସ୍ଥିତି ତାଡ଼ନାରୁ ତାହା ପରାସ୍ତ ହୋଇ ଯାଇଥିଲା। ତା'ପରେ ବ୍ରିଟିଶ ଶୋଷଣ ଓ ମାନ୍ଧାତା ଯୁଗର ଜମିଜମା ବ୍ୟବସ୍ଥାର ଶୋଷଣ ଫଳରେ ଓଡ଼ିଶାର ଏହି ମହାମେରୁଦଣ୍ଡ ବାରମ୍ବାର ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ, ମହାମାରୀ କବଳିତ ହେବାକୁ ଲାଗିଥିଲା। ଭାରତର ଜାତୀୟ ଆନ୍ଦୋଳନର ପ୍ରାଣସ୍ପନ୍ଦନ ପାଇଁ ଚାଷୀର ସଂଗ୍ରାମ ଯେତେ ଅପରିହାର୍ଯ୍ୟ ଥିଲା, ଓଡ଼ିଶାର ଜାତୀୟ ଆନ୍ଦୋଳନ ପାଇଁ ଓଡ଼ିଶା ଚାଷୀର ସଂଗ୍ରାମ ତତୋଧିକ ଅପରିହାର୍ଯ୍ୟ ଥିଲା। ତେଣୁ ସେହି ଚାଷୀ କୁଳକୁ ସଙ୍ଗରେ ନ ନେଲେ ଓ ତାହାକୁ ଆନ୍ଦୋଳିତ ନ କଲେ 'ଜାତି ପ୍ରାଣ ସିନ୍ଧୁର ତରଙ୍ଗ' ଦୁର୍ବଳ ହେବାକୁ ବାଧ। 'ଉତ୍କଳ ସମ୍ମିଳନୀ'ର ୧୯୧୯ ମସିହାର ଚତୁର୍ଦ୍ଦଶ ଅଧିବେଶନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସଭାପତି ଅଭିଭାଷଣରେ ପ୍ରଥମକରି ଆନୁଷ୍ଠାନିକ ଭାବରେ ଉତ୍କଳର ଦୁଃଖ ଦୁର୍ଦ୍ଦଶା ଓ ଚାଷୀକୁଳର ଅବସ୍ଥା ସମ୍ମିଳନୀର ମଣ୍ଡପରେ ଧ୍ୱନିତ ହୋଇଥିଲା। ଏଥି ପୂର୍ବରୁ ପଣ୍ଡିତ ଗୋପବନ୍ଧୁ ହିଁ ଉତ୍କଳ ସମ୍ମିଳନୀ ମଣ୍ଡପରେ ଯାହା କିଛି ଓଡ଼ିଶାର ଚାଷୀକୂଳ ବିଷୟ ଚର୍ଚ୍ଚା କରୁଥିଲେ। ତେବେ ଉତ୍କଳ ସମ୍ମିଳନୀ କୌଣସି କାଳରେ ସେମାନଙ୍କର ସମସ୍ୟା ସମାଧାନର ମଞ୍ଚ ହୋଇ ପାରି ନ ଥିଲା। କେବଳ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ସ୍କୁଲ, କଲେଜ, କଚେରୀ ବାଚେରୀର ଭାଷା ଓ ସୀମିତ ଧରଣର ଓଡ଼ିଆ ମାଧ୍ୟମରେ ଶିକ୍ଷା ପ୍ରସାର, ଓଡ଼ିଆଙ୍କର ଚାକିରିବାକିରିରେ ପ୍ରବେଶ ଓ ସର୍ବୋପରି ସରକାରୀ କର୍ତ୍ତାଙ୍କ ନିକଟରେ ଆବେଦନ, ଡେପୁଟେସନରେ ଯିବା ଏତିକି ମାତ୍ର ଥିଲା ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ। ଏଥିରୁ ଅଗ୍ରସର ହେବାପାଇଁ ଉତ୍କଳ ସମ୍ମିଳନୀର ସାମର୍ଥ୍ୟ ନ ଥିଲା। ସ୍ୱାଭାବିକଭାବରେ ଉତ୍କଳ ସମ୍ମିଳନୀର କୌଣସି ଅଧିବେଶନରେ ଚାଷୀ ସମସ୍ୟା, ଋଣଭାର, ଜମାବୃଦ୍ଧି, ବନ୍ଦୋବସ୍ତ, ଫସଲ ହାନି, ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ବିଷୟରେ କାର୍ଯ୍ୟପନ୍ଥା ତ ଦୂରେ ଥାଉ ପ୍ରସ୍ତାବଟିଏ ମଧ ଗୃହୀତ ହୋଇ ନ ଥିଲା। ଗୃହୀତ ହେବା ଯେପରି ଏକ ଅଲଙ୍ଘନୀୟ ଅପରାଧ ଥିଲା।

(ଏଗାର)

ଦୁନିଆର ବିଭିନ୍ନ ଦେଶରେ ଜନଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ କେତେକ ସଦିଚ୍ଛାସମ୍ପନ୍ନ ଲୋକ ସାଧାରଣତଃ ବାହାରି ଥାଆନ୍ତି। ଏମାନେ ଉଦାର, ବିବେକବାନ ଓ ଯୁକ୍ତିସିଦ୍ଧ ବ୍ୟକ୍ତି। ଏମାନେ ମନେକରନ୍ତି ଶାସକମାନଙ୍କ ନିକଟରେ ଦେଶର ଦୁଃଖ ଦୂର କରିବାର କୌଣସି ଗୋଟିଏ ଯୁକ୍ତିଯୁକ୍ତ ଯୋଜନା ପେସ୍‌କଲେ ସେମାନେ ତାହା

Digitized by srujanika@gmail.com

ଗ୍ରହଣ କରିବେ। କେବଳ ଅକାଟ୍ୟ ଯୁକ୍ତିରେ ସେମାନଙ୍କୁ ଅନୁପ୍ରାଣିତ କରିପାରିଲେ ହେଲା। ୟୁରୋପରେ କାର୍ଲ ମାର୍କସଙ୍କର ବୈଜ୍ଞାନିକ ବିଶ୍ଳେଷଣରୁ ସମାଜବାଦର ଦର୍ଶନ ବାହାରିବା ପୂର୍ବରୁ ସେଣ୍ଟ ସାଇମନ, ଫୁରିଆର ପ୍ରଭୃତି କେତେକ କଳ୍ପନାବିଳାସୀ ସମାଜବାଦୀମାନଙ୍କର ଆବିର୍ଭାବ ଘଟିଥିଲା। ବୈଜ୍ଞାନିକ ସମାଜବାଦ ପୂର୍ବରୁ ଏମାନେ ଥିଲେ ଆଦ୍ୟ ସୂରୀ। ଏମାନଙ୍କୁ ମାର୍କସଙ୍କର ସହକର୍ମୀ ଏଙ୍ଗଲସ୍ କାଳ୍ପନିକ ସମାଜବାଦୀ ବୋଲି ନାମ ଦେଇଥିଲେ। ଏମାନଙ୍କ ଭିତରୁ ଜଣେ ବିଲାତର ରାଜ ସମ୍ରାଟଙ୍କୁ ପୁଞ୍ଜିବାଦ ବିରୁଦ୍ଧରେ ଏକ ଜନମଙ୍ଗଳ ରାଷ୍ଟ୍ର ଗଢ଼ିବାପାଇଁ ଗୋଟିଏ ସୁଚିନ୍ତିତ ଯୋଜନା ଦେଇଥିଲେ। ତାଙ୍କ ମନରେ ପ୍ରତ୍ୟୟ ଥିଲା ଯେ ଥରେ ଯଦି ବିଲାତ ଚକ୍ରବର୍ତ୍ତୀ ତାଙ୍କର ଯୋଜନାଟି ପଢ଼ି ନିଅନ୍ତି, ତେବେ ସେ ତାଙ୍କର ଯୋଜନାକୁ ସାଙ୍ଗେ ସାଙ୍ଗେ କାର୍ଯ୍ୟକାରୀ କରିବାକୁ ଅଗ୍ରସର ହୋଇଯିବେ। ଫ୍ରାନ୍ସର ବିବେକବାନ୍ ସମାଜବାଦୀ ଫୁରିଅର ଖବରକାଗଜରେ ଆପଣାର କଳ୍ପିତ ଆଦର୍ଶ ସମାଜର ଖସଡ଼ା ବିଜ୍ଞାପନ ଜରିଆରେ ଘୋଷଣା କରିଥିଲେ। ଉକ୍ତ ବିଜ୍ଞାପନରେ ସେ ମଧ୍ୟ ଘୋଷଣା କରିଥିଲେ ଯେ ପ୍ରତିଦିନ ସକାଳ ୧୦ଟାଠାରୁ ଦିନ ୨ଟା ପର୍ଯ୍ୟନ୍ତ ସେ ଆପଣାର ବାସଭବନରେ ଅପେକ୍ଷାକରି ରହିବେ। ଯଦି କୌଣସି ମତିମାନ ବଦାନ୍ୟ ବ୍ୟକ୍ତି ତାହାଙ୍କୁ ଏକଲକ୍ଷ ଫ୍ରାଙ୍କ ସାହାଯ୍ୟ ଆକାରରେ ଦେବେ ସେ ତାଙ୍କର ଖସଡ଼ାର ଗୋଟିଏ ଆଦର୍ଶ ସମାଜ ସ୍ଥାପନ କରି ସଂସାରକୁ ଦେଖାଇ ଦେବେ। ଦୁର୍ଭାଗ୍ୟର କଥା ଉକ୍ତ ମନୀଷୀ ଫୁରିଅର ଛଅବର୍ଷ କାଳ ଏପରି ଅପେକ୍ଷାରେ ରହିଲେ। କିନ୍ତୁ କୌଣସି ମତିମାନ ବଦାନ୍ୟ ବ୍ୟକ୍ତି ତାଙ୍କର ଏହି ଅନୁରୋଧକୁ ଘେନା କରି ନ ଥିଲେ।

ଦେଶ ମିଶ୍ରଣ ଆନ୍ଦୋଳନ ଭିତରେ ଉପରଲିଖିତ ମନୀଷୀଙ୍କ ଭଳି କେତେକ ଉଦାର, ଯୁକ୍ତିଶୀଳ, ବିବେକବାନ୍ ବ୍ୟକ୍ତି ଥିଲେ। ବିଶ୍ୱନାଥ ଥିଲେ ସେମାନଙ୍କ ଭିତରୁ ଜଣେ। ସମସ୍ୱାର୍ଥସମ୍ପନ୍ନ ବ୍ୟକ୍ତି ଭିତରେ ଆଳାପ ଆଲୋଚନା ଓ ବିଚାରରେ କୌଣସି ସାରସ୍ୱତ୍ତ୍ୱ ବାହାରିବାରେ ସେମାନେ ନିଶ୍ଚିତ ଥିଲେ। କିନ୍ତୁ ସେମାନେ ପ୍ରାଥମିକ ଅବସ୍ଥାରେ ଜାଣି ନ ଥିଲେ ଯେ ଭିନ୍ନସ୍ୱାର୍ଥର ଶ୍ରେଣୀ ବା ବ୍ୟକ୍ତି ପାଇଁ ପ୍ରବର୍ତ୍ତନା, ଯୁକ୍ତି, ସାରକଥାର କୌଣସି ଅର୍ଥ ନାହିଁ।

ପରବର୍ତ୍ତୀ କାଳରେ କେନ୍ଦ୍ର ବ୍ୟବସ୍ଥାପକ ସଭାର ବିତର୍କରେ ଥରେ ବିଶ୍ୱନାଥ ମିଶ୍ର ସରକାର ପକ୍ଷକୁ ଇଙ୍ଗିତ କରି କହିଥିଲେ "ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ?" ଭାରତର ବ୍ରିଟିଶରାଜ ପ୍ରତି ପ୍ରଯୁଜ୍ୟ ବାରିଷ୍ଟର ବିଶ୍ୱନାଥଙ୍କର ଏହି ଉକ୍ତି ସବୁ ବିଷୟରେ ସର୍ବତୋଭାବରେ ଉପଯୁକ୍ତ। ପୃଥିବୀରେ ଖୁବ୍ କମ୍ ବ୍ୟକ୍ତି

Digitized by srujanika@gmail.com

କୌଣସି ସୁଚିନ୍ତିତ ଯୁକ୍ତିର ସାରବତ୍ତା ବୁଝି କାର୍ଯ୍ୟ କରନ୍ତି ବରଂ ସେ ଆପଣାର ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟେକ ଯୁକ୍ତିକୁ ପରୀକ୍ଷା କରନ୍ତି। ଏହି ଯୁକ୍ତି ତାଙ୍କର ସ୍ୱାର୍ଥର ଅନୁକୂଳ କି ନୁହେଁ ? ବ୍ୟକ୍ତି ବିଷୟରେ ଯାହା ସତ୍ୟ କୌଣସି ଅର୍ଥନୈତିକ ସ୍ୱାର୍ଥର ଶ୍ରେଣୀ ପକ୍ଷରେ ତାହା ଆହୁରି ସତ୍ୟ। କୌଣସି ସଦିଚ୍ଛାସମ୍ପନ୍ନ ବ୍ୟକ୍ତିକୁ ହୁଏତ ବୁଝେଇ ମଣେଇ ବଶ କରାଯାଇ ପାରେ; କିନ୍ତୁ ପୁଞ୍ଜିବାଦ, ସାମ୍ରାଜ୍ୟବାଦର ଅର୍ଥନୀତି ଦ୍ୱାରା ଯେଉଁ ଶ୍ରେଣୀ ଶାସନ ଦଣ୍ଡ ଧରିଛି ତାହାକୁ ଯୁକ୍ତି ବଳରେ ପ୍ରଭାବିତ କରିବା ଅସମ୍ଭବ। ଯଦି ସେହି ଶ୍ରେଣୀର ଜନୈକ ବ୍ୟକ୍ତି ପ୍ରଭାବିତ ହୋଇଯାଏ ତେବେ ଉକ୍ତ ଶ୍ରେଣୀ ତାହାକୁ ତାହାର ନେତୃତ୍ୱ ପଦବୀ ବା ଆସନ ଥିଲେ ସେଥିରୁ ହଟାଇ ଦିଏ। ତେଣୁ ସ୍ୱାର୍ଥର ଅନ୍ଧପୁଟୁଳି ଆଖିରେ ବନ୍ଧାଥିବା ଶ୍ରେଣୀ ପାଇଁ କୌଣସି ଯୁକ୍ତିଯୁକ୍ତ କଥା ଖଟେନାହିଁ । ସେ କେବଳ ଚେଇଁ ଶୋଇ ରହିଥାଏ। ସେ ଜ୍ଞାନ ପାପୀ। ତାକୁ କିଏ ଉଠାଇବ ?

ଦୁର୍ଭାଗ୍ୟର କଥା ମୂଳରୁ ସଦିଚ୍ଛାସମ୍ପନ୍ନ ବ୍ୟକ୍ତି ଏ କଥା ବୁଝି ପାରି ନ ଥାଏ। ବିଶ୍ୱନାଥ ଏକଥା କେବଳ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ ହେଲା ପରେ ସରକାରୀ ପକ୍ଷ ସହିତ ବିତର୍କ ବେଳେ ଆପଣାର ଅସ୍ଥି ମଜ୍ଜାରେ ଅନୁଭବ କରିଥିଲେ। ଏହି ଅନୁଭବର ଶିକ୍ଷା ଅନୁସାରେ କାର୍ଯ୍ୟ କରିବାକୁ ମହାକାଳ ତାଙ୍କୁ ସମୟ ଦେଇ ନ ଥିଲା। କେନ୍ଦ୍ର ଆସେମ୍ବ୍ଲିର ସଭ୍ୟଭାବରେ ଆପଣାର ନିର୍ଦ୍ଧାରିତ କର୍ତ୍ତବ୍ୟ ପାଳନ କରିବା ଅବସ୍ଥାରେ ସେ ଅକାଳରେ ଟଳି ପଡ଼ିଥିଲେ।

୧୯୧୩ ରେ ପୁରୀର ଉତ୍କଳ ସମ୍ମିଳନୀର ଅଧିବେଶନ ଠାରୁ ୧୯୧୭ ପର୍ଯ୍ୟନ୍ତ ବିଶ୍ୱନାଥ ଏକପ୍ରକାରରେ ଉତ୍କଳ ସମ୍ମିଳନୀ ଭିତରେ ଥିବା ପ୍ରବୀଣ ଚାଳକ ଓ ଦେଶମିଶ୍ରଣ ପାଇଁ ବ୍ୟାକୁଳ ଥିବା ଉପାନ୍ତ ଅଞ୍ଚଳର ଜନତା ଭିତରେ ସମ୍ପର୍କ ସ୍ଥାପନ କରିବା ପାଇଁ ଆପଣାର ସମସ୍ତ ଶକ୍ତି ନିୟୋଗ କରିଥିଲେ। ବିଶେଷତଃ ପ୍ରବୀଣ ଚାଳକଙ୍କର ଅବାସ୍ତବ ଉଦ୍ୟମ ଓ ନବୀନ ଛାତ୍ର ସମାଜର ଅବାସ୍ତବ ଆଶା ଭିତରେ ଥିବା ବ୍ୟବଧାନକୁ ଯୋଗସୂତ୍ରରେ ଗୁନ୍ଥିବା ପାଇଁ ଆପଣାର ଜୀବିକାକୁ ମଧ୍ୟ ଜଳାଞ୍ଜଳି ଦେଇଥିଲେ। କଲିକତାରେ ବାରିଷ୍ଟରୀ ପ୍ରାକ୍‌ଟିସ କରିବା କେବଳ ନାମକୁ ମାତ୍ର ହୋଇ ରହିଗଲା। ୬/୭ ବର୍ଷ ସମୟ ମଧ୍ୟରେ ବିଶ୍ୱନାଥ ବାରମ୍ବାର ଆପଣର ଜୀବିକା କ୍ଷେତ୍ର ଛାଡ଼ି ବିଭିନ୍ନ କାର୍ଯ୍ୟ ନିବନ୍ଧନରେ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଗଞ୍ଜାମ ଓଡ଼ିଆ ସମାଜ ଛାତ୍ର ସମ୍ମିଳନୀ, ମଣ୍ଟଫୋର୍ଡ୍ ରିଫର୍ମସ୍ ଇତ୍ୟାଦିରେ ଆପଣାକୁ ହଜାଇ ଦେଇଥିଲେ। ସେହି ସମୟରେ ଓଡ଼ିଶାରୁ ପ୍ରକାଶିତ 'ଉତ୍କଳଦୀପିକା' ଓ ବ୍ରହ୍ମପୁରର 'ଆଶା' ସାପ୍ତାହିକମାନଙ୍କର ୧୯୧୩ଠାରୁ ୧୯୨୧ ପର୍ଯ୍ୟନ୍ତ ବିଶ୍ୱନାଥଙ୍କର କଲିକତାରେ ବାରିଷ୍ଟରୀ ରହଣି କାଳରେ ପ୍ରାୟ ପ୍ରତି ମାସରେ ତାଙ୍କର ଅଦମ୍ୟ

Digitized by srujanika@gmail.com

କର୍ମପ୍ରଚେଷ୍ଟା ଓ ଉଦ୍ୟମର ପରିଚୟ ମିଳୁଥିଲା। ଏହା କେବଳ କଲିକତାରେ ସୀମାବଦ୍ଧ ତ ଆଦୌ ନ ଥିଲା। ସ୍ୱାଭାବିକଭାବରେ ତାଙ୍କର ପହିଲି କର୍ମସ୍ଥଳୀ ଗଞ୍ଜାମ ଓଡ଼ିଆ ଜିଲ୍ଲା ଓ କଟକ ସହର ଛଡ଼ା ଓଡ଼ିଶାର ବିଭିନ୍ନ ସ୍ଥାନରେ ବ୍ୟାପ୍ତ ରହିଥିଲା। ଏଭଳି ଦିନ ଓ ମାସ ପଞ୍ଜି ପ୍ରତି ଦୃଷ୍ଟି ଦେବାର ଆଜି ଆଉ ଅବକାଶ ନାହିଁ। ତେବେ କେତୋଟି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣା ଏଠାରେ ଉଲ୍ଲେଖ କରାଯାଇପାରେ।

୧ – "ଗତ ରବିବାର ରାତ୍ରରେ ମାନ୍ୟବର ବାବୁ ବ୍ରଜସୁନ୍ଦର ଦାସ ଓ ମାନ୍ୟବର ବାବୁ ଗୋପବନ୍ଧୁ ଦାସଙ୍କୁ ଅଭ୍ୟର୍ଥନା କରିବା କାରଣ ମିଷ୍ଟର ବି.ଏନ୍. ମିଶ୍ରଙ୍କର ଭୋଜି ସଭା" (ସ୍ଥାନ ବୋଧହୁଏ କଟକ, ଲେଖକ) (ଉତ୍କଳ ଦୀପିକା, ୨୪/୬/୧୯୧୬)।

ବିହାର ଓଡ଼ିଶା କାଉନସିଲକୁ ନବ ନିର୍ବାଚିତ ଏହି ଦୁଇଜଣ ପ୍ରତିନିଧିଙ୍କର ସମ୍ବର୍ଦ୍ଧନା ପାଇଁ ଏହି ଭୋଜି ସଭା ହୋଇଥିଲା।

୨– "କଲିକତାରେ ଇଉନିଭରସିଟି କୋରଭୁକ୍ତ ଓଡ଼ିଆ ଛାତ୍ରମାନଙ୍କର ସଭା ଗତ ୨୭ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଓଡ଼ିଶା ୟୁନିଅନର ପ୍ରେସିଡ଼େଣ୍ଟ ବି.ଏନ୍.ମିଶ୍ରଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। କଲିକତାରୁ ଅନେକ ଓଡ଼ିଆ ଛାତ୍ର ଓ କେତେକ ଉତ୍କଳୀୟ ଓ ବଙ୍ଗୀୟ ବିଶିଷ୍ଟ ଭଦ୍ରଲୋକ ମଧ୍ୟ ଆମନ୍ତ୍ରିତ ହୋଇଥିଲେ। ବକ୍ତା ଥିଲେ ବାରିଷ୍ଟର ମିଶ୍ର ଓ ବାରିଷ୍ଟର ଜେ ଏନ୍. ବାନାର୍ଜି। ସେମାନେ କହିଥିଲେ ଆମ୍ଭେମାନେ ଯଦି ସାହସୀ, ବଳବାନ, ନ୍ୟାୟପରାୟଣ ଓ ସତ୍ୟନିଷ୍ଠ ହେଉ, ତାହାହେଲେ ସ୍ୱାୟତ୍ତ ଶାସନ ଆପେ ଆପେ ଆସିବ। ମାଗିବା ଦ୍ୱାରା କେହି କେବେ ହିଁ ତାହାର ଅଭିଷ୍ଟପ୍ରାପ୍ତ ହୋଇ ନାହିଁ।" (ଉତ୍କଳ ଦୀପିକା ୧୫/୧୨/୧୯୧୭)

୩ – ୨୨/୯/୧୯୧୭ ଉତ୍କଳ ଦୀପିକାର ସମ୍ପାଦକଙ୍କୁ ପତ୍ରରେ ବାରିଷ୍ଟର ବିଶ୍ୱନାଥ ଲେଖିଥିଲେ, "ପ୍ରତ୍ୟେକ ପ୍ରଦେଶ ଓ ସଂଖ୍ୟା ଗୋଷ୍ଠୀ କି ପ୍ରକାର ସଂସ୍କାରର ଅଭିଳାଷୀ ତାହା ଜଣାଇବା ପାଇଁ ତିଆରି ହେଉଛି। ଓଡ଼ିଶା ସମସ୍ୟା ସମ୍ବନ୍ଧରେ କ'ଣ ହେବ? × × × ଓଡ଼ିଶାର 'ଷ୍ଟାର୍ ଅଫ୍ ଉତ୍କଳ' ସମ୍ବାଦପତ୍ର ଓଡ଼ିଶାର କେତେକ ଦୁର୍ଭାଗ୍ୟ କଥା ପ୍ରକାଶ କରିବାରୁ ତାହାକୁ ତ ମୁଖ ବନ୍ଦ କରି ଦିଆଗଲା। ଦୟାକରି ଆପଣଙ୍କର ସମ୍ମାନିତ ପାଠକବର୍ଗଙ୍କୁ କୋଟି ଓଡ଼ିଆଭାଷୀଙ୍କର ସ୍ୱାର୍ଥ ଉଦ୍ଦେଶ୍ୟରେ ଆପଣାର କର୍ତ୍ତବ୍ୟରେ ଅଗ୍ରସର ହେବାକୁ ଜଣାଇବେ କି?" ଏହା ଭାରତ ସଚୀବ ମଣ୍ଟାଗ୍ୟୁଙ୍କ ଭାରତ ଗସ୍ତ ସଂକ୍ରାନ୍ତରେ ଲେଖା ଯାଇଥିଲା।

Digitized by srujanika@gmail.com

୪– "ଉତ୍କଳର ବ୍ୟାସକବି ଫକୀରମୋହନ ସେନାପତି ସରସ୍ୱତୀଙ୍କର ବିୟୋଗରେ ଶୋକ ପ୍ରକାଶ କରି କଲିକତା ନଂ ୬୬ ପ୍ରେମଚାନ୍ଦ ବରାଳ ଷ୍ଟ୍ରିଟ୍‌ରେ ସଭା ହୋଇଥିଲା। ସ୍ଥାନୀୟ ସ୍ଥାୟୀ ଓ ଅସ୍ଥାୟୀ ଅଧିବାସୀ ଅନେକ ଓଡ଼ିଆ ଉପସ୍ଥିତ ଥିଲେ। ଛାତ୍ରମାନଙ୍କ ଭିତରୁ ଅନେକ ଓ ସମ୍ବଲପୁର ନିବାସୀ ଶ୍ରୀଯୁକ୍ତ ଦାଶରଥି ମିଶ୍ର ଯୋଗ ଦେଇଥିଲେ। ମି: ବି. ଏନ୍. ମିଶ୍ର ବାରିଷ୍ଟର ସଭାପତିଭାବରେ ନିର୍ବାଚିତ ହେଲା ପରେ ଆସନ ଗ୍ରହଣ କରି ମୃତ ମହାତ୍ମାଙ୍କର କାର୍ଯ୍ୟକଳାପ ଓ ସ୍ୱଦେଶ ପ୍ରେମ ସମ୍ବନ୍ଧେ ସୁନ୍ଦର ସାରଗର୍ଭକ ଅଥଚ ସଂକ୍ଷିପ୍ତ ଗୋଟିଏ ବକ୍ତୃତା ଦେଇଥିଲେ।"

"ଫକୀରମୋହନଙ୍କର ସ୍ମୃତି ରକ୍ଷା ନିମନ୍ତେ ଡଃ ପଦ୍ମଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଏକ କମିଟି ଗଠନ କରାଯାଇଅଛି। ବାରିଷ୍ଟର ବି.ଏନ୍. ମିଶ୍ର ଏଥିରେ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି।" (ଉତ୍କଳ ଦୀପିକା ୨୦/୭/୧୯୧୮)

୫– ଚଳିତ ମାସ (ଡ଼ିସେମ୍ବର) ୧୧ ତାରିଖ ମଙ୍ଗଳବାର ଅପରାହ୍ନରେ ଆଜି ରାଜା ସର୍କସ ପେଣ୍ଡାଲରେ କଲିକତା ନଗରୀର ବିଭିନ୍ନ ବିଭାଗରେ ଅଧ୍ୟୟନ କରୁଥିବା ପ୍ରାୟ ଦୁଇ ଶତ ଓଡ଼ିଆ ଛାତ୍ର ସମବେତ ହୋଇଥିଲେ। ଉତ୍କଳଭାଷୀ ପ୍ରଦେଶ ଖଣ୍ଡମାନଙ୍କର ସମ୍ମିଶ୍ରଣ ଲାଗି ଭାରତ ସଚୀବ ମଣ୍ଟେଗ୍ର୍ୟୁ ସାହେବଙ୍କ ନିକଟରେ ଆବେଦନ କରିବାକୁ ଆଗମନ କରିଥିବା ଉତ୍କଳ ପ୍ରତିନିଧିମାନଙ୍କ ସାକ୍ଷାତଲାଭ ଏ ସମବେତ ଛାତ୍ରଙ୍କ ଉଦେଶ୍ୟ ଥିଲା। ପ୍ରତିନିଧିମାନଙ୍କ ମଧ୍ୟରୁ ମାନ୍ୟବର କନିକା ରାଜା, ମାନ୍ୟବର ଗୋପବନ୍ଧୁ ଦାସ, ଶ୍ରୀଯୁକ୍ତ ସୁଦାମ ଚରଣ ନାୟକ, ରାୟବାହାଦୂର, ଶ୍ରୀଯୁକ୍ତ ହରିହର ପଣ୍ଡା ଏବଂ ବହୁ ରାଜା ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଛାତ୍ରମାନଙ୍କ ତରଫରୁ ବାରିଷ୍ଟର ବିଶ୍ୱନାଥ ମିଶ୍ର ଓ ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ବି.ଏ. ପ୍ରତିନିଧିମାନଙ୍କ ପ୍ରତି କଲିକତାବାସୀ ଓଡ଼ିଆ ଛାତ୍ରମାନଙ୍କର ଯଥାବିଧି ସମ୍ମାନ ଜ୍ଞାପନ ଓ ପ୍ରତିନିଧିମାନେ ଯେଉଁ ଉଦ୍ଦେଶ୍ୟରେ ଆଗମନ କରିଥିଲେ ତାହା ସଫଳୀଭୂତ ହେବାପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ। (ଉତ୍କଳ ଦୀପିକା ୨୨/୧୨/୧୯୧୭)

୬– ୧୯୧୭ ମସିହା ଡିସେମ୍ବର ୧୬ ତାରିଖରେ କଲିକତାର ଓଡ଼ିଆମାନଙ୍କର ବିରାଟ ସଭାରେ ମିଃ ବିଶ୍ୱନାଥ ମିଶ୍ର ବାରିଷ୍ଟର, ଶ୍ରୀଯୁକ୍ତ ହରିହର ପଣ୍ଡା, ଡ଼ଃ ପଦ୍ମଲୋଚନ ମହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ଗହଣରେ ଗୋପବନ୍ଧୁ ଦାସ ଭାଷଣ ପ୍ରଦାନ କରିଥିଲେ। (ଉତ୍କଳ ଦୀପିକା ୨୨/୧୨/୧୯୧୭)

Digitized by srujanika@gmail.com

ସଂଘର୍ଷ ଓ ସଙ୍କଟ

(ଏକ)

ଓଡ଼ିଶା ଦେଶମିଶ୍ରଣ ଆନ୍ଦୋଳନର ପ୍ରବୀଣ ଓ ନବୀନଙ୍କ ଭିତରେ ଥିବା ସଙ୍କଟର ଏକ ଚରମ ମୁହୂର୍ତ୍ତ ହେଲା ଚକ୍ରଧରପୁରର ଉତ୍କଳ ସମ୍ମିଳନୀ। ଏ ପର୍ଯ୍ୟନ୍ତ ବାରିଷ୍ଟର ବିଶ୍ୱନାଥ ଓ ତାଙ୍କ ଭଳି ଉଦାରମତାବଲମ୍ବୀମାନେ ବିଶେଷତଃ ସେ ନିଜେ ପ୍ରବୀଣ ଓ ନବୀନଙ୍କ ଭିତରେ ଯେଉଁ ସେତୁ ନିର୍ମାଣ କରିବାପାଇଁ ଉଦ୍ୟମ କରି ଆସିଥିଲେ, ସେହି ଉଦ୍ୟମର ଶେଷ ଯବନିକା ଏହି ଚକ୍ରଧରପୁର ସମ୍ମିଳନୀରେ ପଡ଼ିଗଲା। ସେହି ସମ୍ମିଳନୀ ପରଠାରୁ ଉତ୍କଳ ସମ୍ମିଳନୀର ଏକକ ଓ ଏକାଗ୍ର ନେତୃତ୍ୱର ଅବସାନ ଘଟିଲା। ଏଣିକି ଓଡ଼ିଶା ଦେଶମିଶ୍ରଣ ପ୍ରଶ୍ନ ଉତ୍କଳ ସମ୍ମିଳିନୀର ନେତୃତ୍ୱ ମଣ୍ଡପ ହାତରୁ ମୁକୁଳି ବ୍ୟକ୍ତିଗତ ଭାବରେ ଓ ଗୋଷ୍ଠୀଗତ ଭାବରେ ବିଭିନ୍ନ ଓଡ଼ିଆ ଭାଷା ଓ ଜାତି ପ୍ରେମୀ ବ୍ୟକ୍ତି ଓ ଗୋଷ୍ଠୀଙ୍କର ଧ୍ୟେୟ ହୋଇଗଲା।

ଏକଥା ଜଣାଶୁଣା ଯେ ଉତ୍କଳର ଦେଶମିଶ୍ରଣ ପ୍ରଶ୍ନ ଓଡ଼ିଶାର ଉଦାରଚେତା ରାଜା ମହାରାଜା ଓ ଶିକ୍ଷାଲୋକପ୍ରାପ୍ତ ଅଥବା ଶିକ୍ଷାଲୋକ ଅଭିଳାଷୀ ମଧ୍ୟବିତ୍ତ ଓ ସେମାନଙ୍କର ପ୍ରତିନିଧି ଦେଶପ୍ରେମୀଙ୍କ ଭିତରେ ସୀମିତ ଥିଲା। ଏମାନଙ୍କ ଛଡ଼ା ଓଡ଼ିଆ ଓ ଓଡ଼ିଶା ଦେଶପ୍ରେମୀ ବୋଲି କହିଲେ ଯେଉଁ ପ୍ରାୟ ସେତେବେଳର ଦେଢ଼ କୋଟି ଓଡ଼ିଆ ରହି ଯାଇଥିଲେ ସେମାନଙ୍କ ଭିତରେ ଆନ୍ଦୋଳନର ଧାରା ପ୍ରବେଶ କରି ନ ଥିଲା। ବଙ୍ଗ ବିଲାତ ବିରୋଧୀ ଯେତେ ଆନ୍ଦୋଳନ ଉତ୍କଳ ସମ୍ମିଳନୀ ପୂର୍ବରୁ ଓଡ଼ିଶା ମାଟିରେ ଜାଗ୍ରତ ହୋଇଥିଲା ଓ ମଞ୍ଚସ୍ଥ ସଂଗ୍ରାମରେ ବିଲାତ ଶାସନର ମୁକାବିଲା କରିଥିଲା ସେହି ଆନ୍ଦୋଳନର ନେତୃତ୍ୱ ଧ୍ୱଂସ ପାଇ ଯାଇଥିଲା ଓ ଆନ୍ଦୋଳନର ସିପାହୀଭୁକ୍ତ ଓଡ଼ିଶାର ପାଇକ, ସୁଖବାସୀ, ଆଦିବାସୀ, ଚାଷୀ, ମୂଲିଆ, ଜନତା, ବ୍ରିଟିଶ ଶୋଷଣର କବଳରେ ଆପଣାର ପ୍ରାଣ ଧାରଣର ସଂଗ୍ରାମର ବ୍ୟକ୍ତିଗତଭାବରେ ବ୍ୟାପୃତ ରହିଗଲେ। ସେମାନଙ୍କ ପାଇଁ ଓଡ଼ିଆ ଜାତୀୟତାର ଯଦି କୌଣସି ସଂଜ୍ଞା ଥିଲା ତାହା ଥିଲା ଦେଶମିଶ୍ରଣ ଆନ୍ଦୋଳନର ସଂଜ୍ଞାଠାରୁ ବହୁଭାବରେ ପୃଥକ୍।

Digitized by srujanika@gmail.com

ଉତ୍କଳ ସମ୍ମିଳନୀର ପ୍ରବୀଣ ଓ ନବୀନଙ୍କ ଭିତରେ ଯେଉଁ ସଂଘର୍ଷ ଦେଖା ଦେଇଥିଲା ତାହା କେବଳ ଆନ୍ଦୋଳନର ପ୍ରଣାଳୀଜନିତ ସଂଘର୍ଷ ନ ଥିଲା, ସେ ସଂଘର୍ଷ ଥିଲା ଆହୁରି ମୌଳିକ। ଅବଶ୍ୟ ବୈଜ୍ଞାନିକ ସମାଜ ତାତ୍ତ୍ୱିକ କାରଣର ସୁସ୍ପଷ୍ଟ ଚେତନା ଅଭାବରୁ ନବୀନମାନେ ବିଶେଷତଃ ଛାତ୍ର ଓ ଯୁବକମାନେ ଆନ୍ଦୋଳନକୁ ଆହୁରି ଉଗ୍ର ଓ ତେଜସ୍ୱୀ କରିବାକୁ ଲୋଡୁଥିଲେ। ବଙ୍ଗ ଭଙ୍ଗ ଆନ୍ଦୋଳନର ପ୍ରବୃତ୍ତି ହିଁ ସେମାନଙ୍କର ଆଦର୍ଶ ଥିଲା। କିନ୍ତୁ ଆନ୍ଦୋଳନକୁ ଉଗ୍ର ଓ ତେଜସ୍ୱୀ କରିବାକୁ ହେଲେ ସେଥିପାଇଁ ନୂତନ ଶକ୍ତି ଆନ୍ଦୋଳନ ଭିତରେ ପ୍ରବେଶ କରିବା ଦରକାର। ସେହି ଶକ୍ତି ହେଉଛନ୍ତି ଅର୍ଥନୈତିକଭାବରେ ଶୋଷିତ, ପ୍ରାୟ ନିରକ୍ଷର; କିନ୍ତୁ ବହୁ ଅନୁଭୂତିର କଷାଘାତରେ ଜର୍ଜରିତ ଓଡ଼ିଶାର କୃଷିଜୀବୀ ଜନତା। ସେମାନେ ମୁଖରେ କେବଳ ମାତୃଭାଷା ଓଡ଼ିଆ କହୁଥିଲେ; କିନ୍ତୁ ଓଡ଼ିଆ ଭୂମିର ସୁଖ ସମୃଦ୍ଧିରେ ସେମାନଙ୍କର କିଭଳି ଭୂମିକା ହେବ, ତାହା ଜାଣିବାର ଅବସର ପାଇ ନ ଥିଲେ। ବର୍ଷ ୧୮୬୬ଠାରୁ ଥରକୁ ଥର ଦୁର୍ଭିକ୍ଷ, ବନ୍ୟା, ମରୁଡ଼ି, ମହାମାରୀ ବିପତ୍ତିର କରାଳ ଆକ୍ରମଣରେ ସେମାନେ ତଳିତଳାନ୍ତ ହୋଇ ଯାଇଥିଲେ ଓ ଶେଷରେ ନିଶ୍ଚିହ୍ନ ହେବାର ପର୍ଯ୍ୟାୟରେ ପହଞ୍ଚି ଯାଇଥିଲେ। ଦେଶମିଶ୍ରଣ ଆନ୍ଦୋଳନର ମଧ୍ୟବିତ୍ତ ଓ ସଂସ୍କାରପନ୍ଥୀ ସାମନ୍ତ ଶ୍ରେଣୀ ପାଇଁ ପ୍ରଧାନ ପ୍ରତିବନ୍ଧକ ବିଲାତି ସରକାର ନ ଥିଲା, ଥିଲା ପଡ଼ୋସୀ ମଧ୍ୟବିତ୍ତ ଓ ସାମନ୍ତଶ୍ରେଣୀ। କିନ୍ତୁ ଏହି କୃଷିଜୀବୀ ଜନତାପାଇଁ ଦେଶମିଶ୍ରଣ ଆନ୍ଦୋଳନର ପ୍ରଧାନ ଲକ୍ଷ୍ୟ ଥିଲା ଓଡ଼ିଶାର ପୁରାତନ ଭୂମି ବ୍ୟବସ୍ଥାର ଉଚ୍ଛେଦ ଓ ଗଡ଼ଜାତର ସ୍ୱେଚ୍ଛାଚାରୀ ଶାସନର ଅବସାନ। ଏ କଥା ଆକସ୍ମିକ ନୁହେଁ ଯେ ୧୯୩୬ ଏପ୍ରିଲ ପହିଲାପରେ ଓଡ଼ିଶାରେ ଯେଉଁ ନିର୍ବାଚନ ହେଲା ଓ ତାହା ପରେ ଯେଉଁ ୧୯୩୫ ମସିହା ଭାରତ ଶାସନ ଆଇନର ବିଧି ଅନୁସାରେ ସ୍ୱାୟତ୍ତ ଶାସିତ ଓଡ଼ିଶା ପ୍ରଦେଶର ମନ୍ତ୍ରିମଣ୍ଡଳ ଶାସନ ଭାର ଗ୍ରହଣକଲା ତାହା ଆଗରେ ଏହି ଭୂମି ବ୍ୟବସ୍ଥା ର ସଂସ୍କାର ଓ ଗଡ଼ଜାତ ପ୍ରଜାର ଅଭ୍ୟୁତ୍‌ଥାନ ଏକ ପ୍ରଧାନ ସମସ୍ୟା ଓ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଭାବରେ ଦେଖା ଦେଇଥିଲା।

୧୯୧୯ ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଉତ୍କଳ ସମ୍ମିଳନୀର ସଭାପତି ଅଭିଭାଷଣରେ ପ୍ରଥମ କରି ଦେଶମିଶ୍ରଣ ଆନ୍ଦୋଳନ ଭିତରେ ଓଡ଼ିଶାର ଦରିଦ୍ର ଜନତାର ସମସ୍ୟା ଆତ୍ମପ୍ରକାଶ କରିଥିଲା। ଏଥି ପୂର୍ବରୁ ବାରିଷ୍ଟର ବିଶ୍ୱନାଥ କଲିକତାରେ ଯେଉଁ କୃଷିଜୀବୀ କୁଳର ବ୍ୟକ୍ତିମାନଙ୍କୁ ଓଡ଼ିଆ ଶ୍ରମିକ ଭାବରେ ଭେଟିଥିଲେ ଓ ଯେଉଁ ଶିକ୍ଷିତ ମଧ୍ୟବିତ୍ତ ଛାତ୍ରମାନଙ୍କ ସହିତ ସହଯୋଗ ରଖି କାର୍ଯ୍ୟ କରୁଥିଲେ ସେହି ସମସ୍ତଙ୍କ ଭିତରେ ସେ ଆସନ୍ନ ଝଡ଼ର ସନ୍ଧାନ ପାଇ ସାରିଥିଲେ।

Digitized by srujanika@gmail.com

୧୯୧୯ ଥିଲା ପ୍ରଥମ ମହାଯୁଦ୍ଧର ଅନ୍ତଃକାଳ। ଯୁଦ୍ଧର ପରବର୍ତ୍ତୀ ଅବସ୍ଥାରେ ଭାରତରେ ଯେଉଁ ଆଶାଭଙ୍ଗର ସୂଚନା ମିଳିଥିଲା ଓ ସାରା ଦେଶ ଭିତରେ ସ୍ୱାଧୀନତାର ଆକାଙ୍କ୍ଷା ଯେ ପ୍ରବଳ ହୋଇଥିଲା ତାହାର ପ୍ରତିକ୍ରିୟା ମଧ ଓଡ଼ିଶା ଉପରେ ପଡ଼ିଥିଲା। ଏକଥା ଆକସ୍ମିକ ନୁହେଁ ଯେ ୧୯୨୦/୨୧ର ବର୍ଷାରମ୍ଭରେ ଚକ୍ରଧରପୁର ସମ୍ମିଳନୀ ଠିକ୍ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନ ପରେ ହିଁ ବସିଥିଲା।

(ଦୁଇ)

ବ୍ରହ୍ମପୁରର 'ଆଶା' ପତ୍ରିକାର ଅଷ୍ଟମ ଭାଗ ୧୬ଶ ସଂଖ୍ୟାରେ ୧୦/୧/୧୯୨୧ ସୋମବାର ଦିନ ଉତ୍କଳ ସମ୍ମିଳନୀର ଏକ ଐତିହାସିକ ସମ୍ମିଳନୀର ଖବର ପ୍ରକାଶିତ ହୋଇଥିଲା। ଏଥିରେ ଉଲ୍ଲେଖ ରହିଛି "ଉତ୍କଳ ସମ୍ମିଳନୀର ଷୋଡ଼ଶ ଅଧିବେଶନ ସିଂହଭୂମ ଜିଲ୍ଲା ଚକ୍ରଧରପୁରଠାରେ ବିଗତ ଡିସେମ୍ବର ୩୦/୩୧ ଓ ଜାନୁୟାରୀ ୧ ତାରିଖରେ ହୋଇଯାଇଅଛି। ସହର ମଧରେ ଏକ ପ୍ରଶସ୍ତ ପଡ଼ିଆରେ ଏକ ପ୍ରକାଣ୍ଡ ମଣ୍ଡପ ନିର୍ମିତ ହୋଇଥିଲା। ପ୍ରଥମ ଦିନ ପ୍ରାୟ ଦୁଇ ହଜାର ଲୋକ ଉପସ୍ଥିତ ଥିଲେ। ପ୍ରାୟ ୨୦୦ ବ୍ୟକ୍ତି ପ୍ରତିନିଧି ଭାବରେ ଯୋଗ ଦେଇଥିଲେ।

ଗଞ୍ଜାମ ଜିଲ୍ଲାର ପ୍ରତିନିଧି ଭାବରେ ଶ୍ରୀ ଶ୍ରୀବତ୍ସ ପଣ୍ଡା, ଶ୍ରୀ ହରିହର ପଣ୍ଡା ଶ୍ରୀ ରାଜଗୋପାଳ ଆଚାରୀ, ଶ୍ରୀ ରାମକୃଷ୍ଣ ମିଶ୍ର, ଶ୍ରୀ ଜଗନ୍ନାଥ ପାଣିଗ୍ରାହୀ ଓ ତାଙ୍କ ଭାଇ ଶ୍ରୀ ନନ୍ଦ କିଶୋର ଖାଡ଼ଙ୍ଗା, ଶ୍ରୀ ଗୋପୀନାଥ ନାଥ, ଶ୍ରୀ ଅନନ୍ତ ଆଚାର୍ଯ୍ୟ, ଶ୍ରୀବଲ୍ଲଭ ନାରାୟଣ ପାଟଯୋଶୀ, ଶ୍ରୀ ନରସିଂହ ପାଣିଗ୍ରାହୀ, କବିରାଜ କାମାକ୍ଷା ପ୍ରସାଦ ଶର୍ମା ଓ ବାରିଷ୍ଟର ବି.ଏନ୍.ମିଶ୍ର ଯୋଗ ଦେଇଥିଲେ।

× × × ×

ପ୍ରଥମ ଦିନ ରାତ୍ର ୯ଟାଠାରୁ ପ୍ରାୟ ୧୧ ଟା ପର୍ଯ୍ୟନ୍ତ ବିଷୟ ନିର୍ବାଚନ ସଭାର ବୈଠକ ହୋଇଥିଲା। ସମ୍ମିଳନୀକୁ ଭାରତ ଜାତୀୟ ସଭାର ଅଙ୍ଗୀଭୂତ କରିବା ପ୍ରସଙ୍ଗରେ ଘୋର ବାଦବିବାଦ ଚାଲିଥିଲା ଏବଂ ଏକାଧିକ ସଂଶୋଧନ ପ୍ରସ୍ତାବ ଆଗତ ହୋଇଥିଲା। ପ୍ରସ୍ତାବ ବିରୁଦ୍ଧରେ ବାବୁ ବ୍ରଜସୁନ୍ଦର ଦାସ, ବାରିଷ୍ଟର ବି.ଏନ୍. ମିଶ୍ର, ବାବୁ ବିଚିତ୍ରାନନ୍ଦ ଦାସ ଏବଂ ବାବୁ ବିଶ୍ୱନାଥ କର ବିଶେଷ ଚିହ୍ନା ପଡ଼ିଥିଲେ।"

ସମ୍ମିଳନୀକୁ ଭାରତ ଜାତୀୟ ସଭା ଅର୍ଥାତ୍ କଂଗ୍ରେସର ଅଙ୍ଗୀଭୂତ କରିବାର ଅର୍ଥ ହେଲା ବ୍ରିଟିଶ ସରକାରଙ୍କ ସହିତ ଅସହଯୋଗ ଓ ଭାରତର ସ୍ୱାଧୀନତା ପ୍ରାପ୍ତି

Digitized by srujanika@gmail.com

ପାଇଁ ଜାତୀୟ ଆକାଙ୍‌କ୍ଷାକୁ ପଥଭ୍ରଷ୍ଟ କାରିବାକୁ ବ୍ରିଟିଶ ସରକାର ଯେତେ ପ୍ରକାର ଲୋକଦେଖାଣିଆ ଅଳୀକ ରିଫର୍ମ ଇତ୍ୟାଦି କରିବାକୁ ଯୋଜନା କରୁଥିଲେ ତାହାର ସିଧାସଳଖ ବିରୋଧ। ଏ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ଏପରିକି ଭାରତର ଜାତୀୟ କଂଗ୍ରେସ ବିଲାତ ସରକାର ବିଷୟରେ ଯେଉଁ ମନୋବୃତ୍ତି ଗ୍ରହଣ କରିଥିଲେ ଏହା ଥିଲା ତାହାର ପୂରାପୂରି ପରିବର୍ତ୍ତନ। ଏଭଳି ପରିସ୍ଥିତିରେ ଉତ୍କଳ ସମ୍ମିଳନୀରେ ଯେ ଏକ ଧର୍ମ ସଂକଟ ଆସିଥିଲା ଏଥିରେ କୌଣସି ସନ୍ଦେହ ନାହିଁ।

ଓଡ଼ିଶାର ମଧ୍ୟବିତ୍ତଙ୍କ ଭିତରେ ଥିବା ଦେଶପ୍ରେମୀ ଚେତନା ଏହା ଫଳରେ ଦୁଇ ଭାଗ ହୋଇଗଲା। ଗୋଟିଏ ଭାଗ ଉତ୍କଳ ସମ୍ମିଳନୀର ପାରମ୍ପରିକ ଆବେଦନ, ନିବେଦନ ଓ ସେହି ପର୍ଯ୍ୟାୟର ଆନ୍ଦୋଳନରେ ଦେଶମିଶ୍ରଣ କାର୍ଯ୍ୟକୁ ଫଳବତୀ କରିବାକୁ ପ୍ରସ୍ତୁତ ହେଲା। ଅନ୍ୟ ଭାଗଟି ବିଲାତ ସରକାରଙ୍କ ସହିତ ଅସହଯୋଗ କରି ସେମାନଙ୍କର ପ୍ରତାରଣାକୁ ଜନସାଧାରଣଙ୍କ ସମକ୍ଷରେ ଉପସ୍ଥାପିତ କରିବା ଓ ସେହି ସୂତ୍ରରେ ବହୁ ପୂର୍ବରୁ ଭାରତ ସଚୀବ ରିସଲେ ସାହେବ ଓଡ଼ିଆ ଅଞ୍ଚଳ ମିଶ୍ରଣ ବିଷୟରେ ଯେଉଁ ମତାମତ ଦେଇଥିଲେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବଦ୍ଧ ପରିକର ହେବା। ପ୍ରଥମ ଭାଗର କାର୍ଯ୍ୟ ହେଲା ବିଲାତ ସରକାରଙ୍କର ପ୍ରତ୍ୟେକ ଉଦ୍ୟମ ପ୍ରତି ସତର୍କ ଦୃଷ୍ଟି ରଖି ସେଥିପ୍ରତି ଜନମତକୁ ଜାଗ୍ରତ କରିବା ଓ ଦ୍ୱିତୀୟ ଭାଗର କାର୍ଯ୍ୟ ହେଲା ବିଲାତ ସରକାରଙ୍କର ସମସ୍ତ ପ୍ରକାର ଉଦ୍ୟମକୁ ଦେଶ ପ୍ରତି ପ୍ରତାରଣା ବୋଲି ଗ୍ରହଣ କରିନେଇ ତାହାର ଆନ୍ଦୋଳନାତ୍ମକ ଦିଗକୁ ବିରୋଧ କରିବା। କିନ୍ତୁ ଉଭୟ ବିରୋଧର କର୍ମପନ୍ଥା ଓ ଲକ୍ଷ୍ୟ ଯେ ଅଲଗା ଅଲଗା ଥିଲା ଏଥିରେ ଆଉ ସନ୍ଦେହ ରହିଲା ନାହିଁ। ପ୍ରଥମ ବିରୋଧ ବ୍ରିଟିଶ ସରକାରଙ୍କର ଉତ୍ତମ ବିବେକ ଓ ସଦିଚ୍ଛା ଉପରେ ନିର୍ଭରଶୀଳ ରହିଲା। ତେଣୁ ସହଯୋଗ ହେଲା ଏହି ବିରୋଧର ମୂଳମନ୍ତ୍ର। ଦ୍ୱିତୀୟ ବିରୋଧ ଅବଶ୍ୟ ଉତ୍ତମ ବିବେକ ଓ ସଦିଚ୍ଛା ଉପରେ ନିର୍ଭରଶୀଳ ଥିଲା; କିନ୍ତୁ ଏହି ବିରୋଧ ଅସହଯୋଗ ଓ ଆନ୍ଦୋଳନର ଶକ୍ତି ବଳରେ ଏହି ଉତ୍ତମ ବିବେକ ଓ ସଦିଚ୍ଛାକୁ ଜଗ୍ରତ କରିବାକୁ ଲୋଡ଼ୁ ଥିଲା।

ଉତ୍କଳ ସମ୍ମିଳନୀକୁ ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ କରିଦେବା ପ୍ରସ୍ତାବ ତାହାର ଚକ୍ରଧରପୁର ସମ୍ମିଳନୀରେ ଗୃହୀତ ହୋଇଯିବା ପରେ ଆନୁଷ୍ଠାନିକ ଭାବରେ ସମ୍ମିଳନୀ କଂଗ୍ରେସର କାର୍ଯ୍ୟପନ୍ଥା ଗ୍ରହଣ କରିଯିବାର କଥା। ସେହି ପନ୍ଥା ଥିଲା ପଞ୍ଚବିଧ ବର୍ଜନ; ଯଥା ସରକାରଙ୍କ ସହିତ ଅହିଂସା ଅସହଯୋଗ, ସ୍କୁଲ କଲେଜ କାଉନ୍‌ସିଲ, ବିଚାରାଳୟ ବର୍ଜନ ଓ ମାଦକ ଦ୍ରବ୍ୟ ବର୍ଜନ। ଗୋପବନ୍ଧୁ ଏହି ପଥର ପଥିକ ହେଲେ। ତାଙ୍କର ସହକର୍ମୀମାନଙ୍କ ଭିତରୁ ବହୁଳାଂଶ ମଧ୍ୟ ଓ ସତ୍ୟବାଦୀ ଗୋଷ୍ଠୀର ଦେଶପ୍ରେମୀମାନେ ଏହି ପନ୍ଥାର ଅଶ୍ରୟ ନେଲେ। ସାରା ଭାରତରେ

Digitized by srujanika@gmail.com

ଅସହଯୋଗ ଆନ୍ଦୋଳନର ପ୍ରବଳ ତୋଫାନ ବହିବାକୁ ଆରମ୍ଭ କଲା । ତେଣୁ ଉତ୍କଳ ସମ୍ମିଳନୀର ନିଜସ୍ୱ କାର୍ଯ୍ୟକ୍ରମ ଏହି ତୋଫାନର ତୋଡ଼ରେ ବିପର୍ଯ୍ୟସ୍ତ ହୋଇଗଲା ।

(ତିନି)

ଅସହଯୋଗ ଆନ୍ଦୋଳନର ବ୍ୟାପକତାର ପୃଷ୍ଠଭୂମି ଏଠାରେ ବିଚାର୍ଯ୍ୟ । କାରଣ ଏହି ଆନ୍ଦୋଳନ ଥିଲା ଭାରତୀୟ ଜନସାଧାରଣଙ୍କ ଭିତରେ କୁହୁଳୁଥିବା ଅସନ୍ତୋଷର ବହିଃପ୍ରକାଶ ମାତ୍ର । ଲକ୍ଷ୍ୟ କରିବାର କଥା ମଣ୍ଟାଗ୍ୟୁ-ଚେମ୍‌ସ୍ ଫୋର୍ଡ଼ ରିଫର୍ମସ୍ ବା ଭାରତ ଶାସନ ଆଇନ ୧୯୧୯ ର ପ୍ରବର୍ତ୍ତନ ପୂର୍ବରୁ ଭାରତୀୟମାନଙ୍କର ସ୍ୱାୟତ୍ତଶାସନ ଦାବୀ ପ୍ରବଳ ହୋଇଉଠିଥିଲା । ୧୯୧୭ର ସ୍ୱାୟତ୍ତ ଶାସନ ଆନ୍ଦୋଳନ, ବିହାରର ଚମ୍ପାରଣ ସତ୍ୟାଗ୍ରହରେ ଇଉରୋପୀୟ ନୀଳ ଚାଷୀମାନଙ୍କ ଦୌରାତ୍ମ୍ୟ ବିରୁଦ୍ଧରେ କୃଷକ ସତ୍ୟାଗ୍ରହ, ସାରା ଭାରତର ବିଭିନ୍ନ ଅଞ୍ଚଳରେ ସଂନ୍ତ୍ରାସବାଦୀ 'ବିପ୍ଲବ' ଓ 'ଷଡ଼ଯନ୍ତ୍ର'ରେ ବ୍ରିଟିଶ ଶାସନ ବେଶ୍ ଆତଙ୍କିତ ହୋଇ ଯାଇଥିଲା । "ଏ ସବୁ ଉପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ରୁଷିଆ ବିପ୍ଳବ । ମଣ୍ଟାଗ୍ୟୁ ଓ ଚେମ୍‌ସଫୋର୍ଡ଼ଙ୍କ ଭାଷାରେ ଏହି ବିପ୍ଲବ 'ଭାରତୀୟ ରାଜନୀତିକ ଅଭିଳାଷକୁ ପ୍ରେରଣା ଦେଲା ।' ଆମେରିକାର ରାଷ୍ଟ୍ରପତି ଉଡ୍ର ଉଇଲସନ ମଧ୍ୟ ଜାତିମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ଘୋଷଣା କରିଥିଲେ । ଏହିସବୁ 'ସ୍ୱାୟତ୍ତ ଶାସନ' ଦାବୀକୁ ନୂତନ ଶକ୍ତି ଯୋଗାଇଲା ।"

(ସ୍ୱାଧୀନତା ସଂଗ୍ରାମରେ କେନ୍ଦ୍ର ବ୍ୟବସ୍ଥାପକ ସଭାର ଭୂମିକା, ମନୋରଞ୍ଜନ ଝା, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଓଡ଼ିଆ ଅନୁବାଦ ୩୬- ୩୭ ପୃଷ୍ଠା)

ସ୍ମରଣ କରାଯାଇ ପାରେ ୨୨/୭/୧୯୧୭ରେ ଉତ୍କଳ ଦୀପିକାର ସମ୍ପାଦକଙ୍କୁ ଗୋଟିଏ ପତ୍ର ଲେଖି ବାରିଷ୍ଟର ବିଶ୍ୱନାଥ ମଣ୍ଟାଗ୍ୟୁ ସାହେବଙ୍କର ଭାରତ ଆଗମନର ତାତ୍ପର୍ଯ୍ୟ ବିଷୟ ସୂଚାଇଥିଲେ । ୧୯୧୭ ନଭେମ୍ବର ମାସରେ ଉକ୍ତ ମଣ୍ଟାଗ୍ୟୁ ସାହେବ ଭାରତରେ ଆସି ପହଞ୍ଚିଥିଲେ । ନାନା ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କ ସହିତ ପରାମର୍ଶ ପରେ ସେ ଓ ଭାରତର ତତ୍କାଳୀନ ବଡ଼ଲାଟ ଚେମସ୍ ଫୋର୍ଡ ଏକ ମିଳିତ ରିପୋର୍ଟ ପ୍ରସ୍ତୁତ କଲେ । ଏହା ୧୯୧୮ ଜୁଲାଇ ମାସରେ ପ୍ରକାଶ ପାଇଥିଲା । ଏହି ରିପୋର୍ଟର ନିରୂପିତ ବିଧି ଅନୁଯାୟୀ ପ୍ରସ୍ତୁତ ସୁପାରିଶର ବିଚାର ପରେ ୧୯୧୯ ଡିସେମ୍ବର ୨୩ ତାରିଖରେ ଭାରତ ଶାସନ ଆଇନ ୧୯୧୯ ପ୍ରବର୍ତ୍ତନ ହୋଇଥିଲା ।

Digitized by srujanika@gmail.com

ଏହି ୧୯୧୯ ସଂସ୍କାର ଆଇନରେ ପ୍ରଦେଶମାନଙ୍କୁ କିଛି କିଛି କ୍ଷମତା ହସ୍ତାନ୍ତର କରା ଯାଇଥିଲା; କିନ୍ତୁ ସେଥିରେ ମଧ ଦୁଇ ଭାଗ କରି ଗୋଟିକୁ 'ହସ୍ତାନ୍ତରିତ' ଓ ଅନ୍ୟଟି 'ସଂରକ୍ଷିତ' କରି ରଖା ଯାଇଥିଲା। ପ୍ରଦେଶମାନଙ୍କୁ ଯେଉଁ ନଗଣ୍ୟ କ୍ଷମତା ଦିଆ ଯାଇଥିଲା ତାହା ତୁଳନାରେ କେନ୍ଦ୍ର ହାତରେ ଦେଶରକ୍ଷା, ବୈଦେଶିକ ସମ୍ପର୍କ, ବାଣିଜ୍ୟ ଶୁଳ୍କ, ରେଳବାଇ, ଡାକ ଓ ତାର, ଆୟକର ଇତ୍ୟାଦି ରହିଥିଲା। ପୁଣି ଉପରଲିଖିତମତେ ପ୍ରାଦେଶିକ ହସ୍ତାନ୍ତରିତ କ୍ଷମତା ଭିତରୁ ସଂରକ୍ଷିତ ଭାବରେ ପୋଲିସ, ଅର୍ଥ (କର, ଶୁଳକ) ଓ ବିଚାର ବିଭାଗ ଇତ୍ୟାଦି ରହିଥିଲା। ୧୯୨୧ ମସିହାରେ ବିହାର ଓଡ଼ିଶାର ପ୍ରାଦେଶିକ ବିଧାନ ପରିଷଦକୁ ନିର୍ବାଚିତ ମିଷ୍ଟର ମଧୁସୂଦନ ଦାସ ଏହି ବିଧାନ ସୂତ୍ରରେ ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ଭାବରେ ପ୍ରାଦେଶିକ ଲାଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ।

କେନ୍ଦ୍ରରେ ବଡ଼ଲାଟଙ୍କର ଶାସନ ପରିଷଦ କାର୍ଯ୍ୟତଃ ତିନିଜଣ ଭାରତୀୟଙ୍କ ସମେତ ଛଅଜଣ ସାଧାରଣ ସଭ୍ୟଙ୍କୁ ଘେନି ଗଠିତ ହେବାର ଯୋଜନା ଥିଲା। ଏହି ପରିଷଦ ବଡ଼ଲାଟ ବା ଭାଇସରାୟ ଇନ୍ କାଉନ୍‌ସିଲ ଭାରତ ସଚିବଙ୍କ ଜରିଆରେ ବିଲାତ ପାର୍ଲିଆମେଣ୍ଟ ନିକଟରେ ଦାୟୀ ରହିବାର ବ୍ୟବସ୍ଥା ରଖା ଯାଇଥିଲା। ତେଣୁ ତାଙ୍କର ଦାୟିତ୍ୱ ଭାରତୀୟ ଜନସାଧାରଣ ବା ସେମାନଙ୍କର ବ୍ୟବସ୍ଥାପକ ସଭା ନିକଟରେ କିଛି ନ ଥିଲା। ୧୯୨୨ ମସିହା ମାର୍ଚ୍ଚ ୧୪ ତାରିଖରେ ବାରିଷ୍ଟର ବିଶ୍ୱନାଥ ମିଶ୍ର ଯେତେବେଳେ ଭାରତ ବ୍ୟବସ୍ଥା ସଭାରେ ଶପଥ ଗ୍ରହଣକରି ଆସୀନ ହେଲେ, ସେତେବେଳେ ସେହି ସଭା ଅର୍ଥାତ୍ ଲୋଅର୍ ଚେମ୍ବରର ସଭ୍ୟ ସଂଖ୍ୟା ଥିଲା ୧୪୫। ଏଥିଭିତରୁ ୧୦୪ ଜଣ ଥିଲେ ନିର୍ବାଚିତ; ଅବଶିଷ୍ଟ ସଭ୍ୟମାନଙ୍କ ଭିତରୁ ୨୬ ଜଣ ଥିଲେ ମନୋନୀତ ସରକାରୀ ଅଫିସର ଓ ୧୫ ଜଣ ଥିଲେ ମନେନୀତ ବେସରକାରୀ ସଭ୍ୟ। ଏମାନଙ୍କ ଭିତରେ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଜରିଆରେ ଜମିଦାର ଓ ଭାରତୀୟ ବଣିକ ଗୋଷ୍ଠୀଙ୍କ ଭଳି ବିଶେଷ ସ୍ୱାର୍ଥସମ୍ପନ୍ନ ଗୋଷ୍ଠୀର ପ୍ରତିନିଧିତ୍ୱ ପାଇଁ ବ୍ୟବସ୍ଥା ଥିଲା। ବିଧାନ ସଭାର କାର୍ଯ୍ୟ କାଳ ଥିଲା ତିନି ବର୍ଷ।

(ଚାରି)

ଭାରତର ଶାସନ ସଂସ୍କାର ପାଇଁ ମଣ୍ଟାଗ୍ୟୁଙ୍କର ୧୯୧୭ ଅଗଷ୍ଟ ୨୦ ତାରିଖ ଘୋଷଣା ପ୍ରତି ଭାରତୀୟ ଜାତୀୟବାଦୀ ମତ ଅନୁକୂଳ ଥିଲା। କଂଗ୍ରେସର କଲିକତା ଅଧିବେଶନରେ ୧୯୧୭ ମସିହାରେ ଏହି ସଂସ୍କାର ଆଇନର ଉଦ୍ଦେଶ୍ୟରେ 'କୃତଜ୍ଞତା

Digitized by srujanika@gmail.com

ସୂଚକ ସନ୍ତୋଷ' ପ୍ରକାଶ କରି ପ୍ରସ୍ତାବ ଗୃହୀତ ହୋଇଥିଲା। କିନ୍ତୁ ସଂସ୍କାରର ମୂର୍ତ୍ତିମନ୍ତ ଆଇନ ପ୍ରକାଶପାଇବା ପରେ କଂଗ୍ରେସ ଓ ଏପରିକି ମହମ୍ମଦ ଆଲି ଜିନ୍ନାଙ୍କ ନେତୃତ୍ୱରେ ମୁସଲମାନ ଲିଗ୍ ଏହାକୁ 'ନୈରାଶ୍ୟଜନକ ଓ ଅସନ୍ତୋଷଜନକ' ବୋଲି ଘୋଷଣା କଲେ।

ତେବେ ଏଭଳି ଅସନ୍ତୋଷ ଓ ନୈରାଶ୍ୟ ସତ୍ୱେ ଭାରତର ଜନମତ ଏହି କୁଣ୍ଠିତ ସଂସ୍କାର ପ୍ରତି ଯେତେ ବିରୋଧ ପ୍ରକଟିତ କରି ନ ଥାନ୍ତା ତାହାଠାରୁ ଆହୁରି ତୁମୁଳ ବିରୋଧ ଦେଖାଦେଲା। ଏହାର ସଦ୍ୟ କାରଣ ହେଲା ରାଓଲାଟ ଆକ୍ଟ ଓ ଏହି ବିରୋଧ ବହ୍ନିରେ ଘୃତାହୁତି ହେଲା ଅପ୍ରେଲ ୧୩ ତାରିଖ ଅର୍ଥାତ୍ ମହାବିଷୁବ ସଂକ୍ରାନ୍ତି ଦିନ ଜାଲିଆନାଓ୍ୱାଲାବାଗ୍ ହତ୍ୟାକାଣ୍ଡ। ଏହି ଶେଷ ଘଟଣା ଥିଲା ରାଓଲାଟ୍ ଆକ୍ଟର ବିଷାକ୍ତ ଓ ରକ୍ତାକ୍ତ ପରିଣତି। ଏଣିକି କ୍ରୋଧାନ୍ୱିତ ଓ ବିକ୍ଷୁବ୍ଧ ଭାରତୀୟ ଜନମତ ସମସ୍ତ ସଂସ୍କାର ଆଇନକୁ ପ୍ରତ୍ୟାଖ୍ୟାନ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା।

ତଥାପି କଂଗ୍ରେସ ନେତୃବୃନ୍ଦ ଓ ଗାନ୍ଧିଜୀଙ୍କର ବ୍ରିଟିଶ ଲୋକଙ୍କର ସ୍ୱ-ଅଭିପ୍ରାୟ ଉପରେ ବିଶ୍ୱାସ ରହିଥିଲା। କଂଗ୍ରେସର ଅମୃତସର ଅଧିବେଶନର ପ୍ରସ୍ତାବରେ ଉଲ୍ଲିଖିତ ଥିଲା, "ସଂସ୍କାର ପାଇଁ ମଣ୍ଟାଗ୍ୟୁ ସାହେବ ଯେଉଁ ପରିଶ୍ରମ କରିଛନ୍ତି, ସେଥିପାଇଁ ତାହାଙ୍କୁ ଧନ୍ୟବାଦ। ବିଲାତ ଲୋକେ ପୂର୍ଣ୍ଣ ଦାୟିତ୍ୱମୂଳକ ଶାସନ ଯଥାଶୀଘ୍ର ପ୍ରତିଷ୍ଠା ପାଇଁ ସେମାନେ ଯେତେଦୂର ସମ୍ଭବ ସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବେ।" ଏକ ପକ୍ଷରେ ଗାନ୍ଧିଜୀ ବ୍ରିଟିଶ ସରକାରକୁ ଏକ 'ସଇତାନ୍ ସରକାର' ବୋଲି ଆଖ୍ୟା ଦେଇଥିଲେ। ଅନ୍ୟ ପକ୍ଷରେ ୧୯୧୯ ଡିସେମ୍ବର ୩୧ ତାରିଖରେ ତାଙ୍କରି ସମ୍ପାଦିତ 'ୟୁଙ୍ଗ-ଇଣ୍ଡିଆ'ରେ ସେ ଲେଖିଥିଲେ "ଘୋଷଣାନାମା ସହିତ ସଂସ୍କାର ଆଇନକୁ ମିଳାଇ ଦେଖିଲେ ମନେହୁଏ ବିଲାତର ଜନସାଧାରଣଙ୍କର ଭାରତ ପ୍ରତି ସୁବିଚାର କରିବା ପାଇଁ ଆନ୍ତରିକତା ରହିଛି। ସେ ଦୃଷ୍ଟିରୁ ଏଥିରେ ସନ୍ଦେହ କରିବା ଉଚିତ ନୁହେଁ। .... ତେଣୁ ଆମର କର୍ତ୍ତବ୍ୟ ହେଉଛି ସଂସ୍କାରକୁ ତୀବ୍ର ସମାଲୋଚନା ନ କରି ଏହାକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଧୀରସ୍ଥିରଭାବରେ କାର୍ଯ୍ୟ କରିବା ଓ ପୂର୍ଣ୍ଣ ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠାର ସମୟକୁ ଦ୍ରୁତତର କରିବା।"

କିନ୍ତୁ ଦେଶର ପରିସ୍ଥିତି ଓ ସେହି ପରିସ୍ଥିତିର ଅନୁସାରୀ ବିକ୍ଷୁବ୍ଧ ଜନତା ସେତେବେଳକୁ ଆନ୍ଦୋଳନ ଓ ମୁକାବିଲାର ଚେତନା ପାଇଁ କୃତ ନିଶ୍ଚୟ ହୋଇ ସାରିଥିଲା। ୧୯୧୯ ଜାନୁୟାରୀ ମାସରେ ବମ୍ବେର ଏକ ଲକ୍ଷ ଶିଳ୍ପ ଶ୍ରମିକ ପ୍ରତିବାଦ

Digitized by srujanika@gmail.com

ଧର୍ମଘଟରେ ବ୍ରିଟିଶ ଅତ୍ୟାଚାରର ଜବାବ ଦେଲେ। ୧୯୧୯ ଅପ୍ରେଲ ଛଅ ତାରିଖ ଦିନ ସାରା ଭାରତରେ ହରତାଳ ପାଇଁ ଗାନ୍ଧିଜୀଙ୍କର ଡାକରା ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ଏହାଛଡ଼ା ଏତିକିବେଳେ ସିଭରସ୍ ଚୁକ୍ତିରେ ପ୍ରତିଫଳିତ ହୋଇଥିବା ତୁର୍କୀ ପ୍ରତି ବ୍ରିଟିଶ ମନୋଭାବ ମୁସଲମାନଙ୍କ ଭିତରେ ଗଭୀର ହତାଶା ସୃଷ୍ଟି କରିଥିଲା। ଖିଲାପତ୍ ଆନ୍ଦୋଳନ ଆରମ୍ଭ ହୋଇ ଯାଇଥିଲା; ଏପରିକି ସରକାରୀ ଇତିହାସ ଲେଖକ ସ୍ୱୀକାର କରିଥିଲେ "ହିନ୍ଦୁ ଓ ମୁସଲମାନଙ୍କ ଭିତରେ ଅଭୂତପୂର୍ବ ଭ୍ରାତୃଭାବ ଜାଗରିତ ହୋଇଥିଲା।" ସେତେବେଳେ ଭାରତୀୟମାନଙ୍କ ଭିତରେ ବିକ୍ଷୋଭର ତିନୋଟି ଉପାଦାନର ମିଳନ ଘଟିଥିଲା। ଏକ, ରାଜନୀତିକ ଚେତନଶୀଳ ଭାରତୀୟଙ୍କ ଭିତରେ ଅସ୍ଥିରତା, ଅଗ୍ରଗାମୀ ମୁସଲମାନମାନଙ୍କ ଭିତରେ ଉଦ୍‌ବେଗ ଓ ସାଧାରଣ ଲୋକଙ୍କର ଦାରିଦ୍ର୍ୟ। ପରିସ୍ଥିତ ଏଭଳି ଉତ୍ତେଜନାପୂର୍ଣ୍ଣ ଥିଲା ଯେ ଯେତେବେଳେ ୧୯୨୦ ସେପ୍ଟେମ୍ବର ମାସରେ କଂଗ୍ରେସର କଲିକତା ବିଶେଷ ଅଧିବେଶନରେ କଂଗ୍ରେସ ସଭାପତି ଲାଲା ଲାଜପତ୍ ରାୟ ଘୋଷଣା କଲେ, "ଆମେ ଯେ ବର୍ତ୍ତମାନ ବୈପ୍ଳବିକ ସମୟ ଭିତରେ ଗତି କରୁଛୁଁ, ଏକଥା ଅସ୍ୱୀକାର କରି ଲାଭ ନାହିଁ।" ତେଣୁ କଲିକତା କଂଗ୍ରେସ ନିଷ୍ପତ୍ତି ନେଲା "ଯେ ପର୍ଯ୍ୟନ୍ତ ଉକ୍ତ ଅନ୍ୟାୟ (ପଞ୍ଜାବ ଓ ଖିଲାପତ୍)ର ପ୍ରତିକାର କରା ନ ଯାଇଛି ଓ ସ୍ୱରାଜ୍ୟ ପ୍ରତିଷ୍ଠିତ ନ ହୋଇଛି, ଗାନ୍ଧିଜୀଙ୍କର ଉଦ୍‌ଘାଟିତ (ଆନୁଷ୍ଠାନିକ ଭାବରେ ୧୯୨୦ ଅଗଷ୍ଟ ପହିଲା ଦିନ) ପ୍ରଗତିଶୀଳ, ଅହିଂସ ଅସହଯୋଗ ନୀତି ଅନୁମୋଦନ କରିବା ଓ ଅନୁସରଣ କରିବା ଛଡ଼ା ଭାରତର ଜନସାଧାରଣଙ୍କର ଅନ୍ୟ ପନ୍ଥା ନାହିଁ।"

ଦେଶରେ ବ୍ୟାପକ ଅସହଯୋଗ ଆନ୍ଦୋଳନ ପାଇଁ ଏହା କ୍ଷେତ୍ର ପ୍ରସ୍ତୁତ କଲା ଓ ଏହା ସହିତ ଆରମ୍ଭ ହେଲା ସଂସ୍କାର ତଥା ନୂତନ ବ୍ୟବସ୍ଥାପକ ସଭାମାନଙ୍କ ପାଇଁ ଆସନ୍ନ ନିର୍ବାଚନ ବର୍ଜନ।

(ପାଞ୍ଚ)

୧୯୧୯ ଅସହଯୋଗର ଘୋଷଣା ଆରମ୍ଭ ପୂର୍ବରୁ ଭାରତବର୍ଷରେ ନରମ ପନ୍ଥୀ, ଚରମ ପନ୍ଥୀ, ଉଦାର ପନ୍ଥୀ, ନୈତିକ ପନ୍ଥୀ ଇତ୍ୟାଦି ବିଭିନ୍ନ ମତବାଦ ଭିତରେ ବିଶେଷ ସୀମାରେଖା ନ ଥିଲା। ଅବଶ୍ୟ ସେତେବେଳେ ବା ତା' ପୂର୍ବରୁ ଓଡ଼ିଶାରେ ଏଭଳି ବିଭିନ୍ନ ମତାବଲମ୍ବୀଙ୍କର ନାମ ଗନ୍ଧ ନ ଥିଲା; କାରଣ ଓଡ଼ିଶାର ସମସ୍ତ ନିମ୍ନ ମଧ୍ୟବିତ୍ତ ଆନ୍ଦୋଳନ ପୂରାପୂରି ଓଡ଼ିଶାର ଦେଶମିଶ୍ରଣ ପ୍ରଶ୍ନ ଭିତରେ

Digitized by srujanika@gmail.com

ହିଁ ଆପଣାକୁ ନିମଜ୍ଜିତ ରଖିଥିଲା । ସାମନ୍ତ ରାଜା, ରାଜୁଡ଼ା ଓ ଗଡ଼ଜାତର ନରପତିମାନଙ୍କର ବ୍ରିଟିଶ ଶାସନର ବିରୋଧ କରିବାର କୌଣସି ଗରଜ ନ ଥିଲା । (ସେମାନେ ଆଉ ୧୮୫୭ ପୂର୍ବର ରାଜାରାଜୁଡ଼ା ନ ଥିଲେ) କିନ୍ତୁ ଯେଉଁ ଗାଁ ଓ ସହରର ନିମ୍ନ ମଧ୍ୟବିତ୍ତ ନାନା ଅଭାବ, ଅତ୍ୟାଚାର ଓ ପ୍ରାକୃତିକ ବିପର୍ଯ୍ୟୟର ବିଶେଷତଃ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷର ଶିକାର ହେଉଥିଲେ ସେମାନେ ମଧ୍ୟ ସେପର୍ଯ୍ୟନ୍ତ ବ୍ରିଟିଶ ଶାସନ ସେମାନଙ୍କର ଦୁର୍ଦ୍ଦଶାର କାରଣ ବୋଲି ମନେ କରି ନ ଥିଲେ । ତେଣୁ ବ୍ରିଟିଶ ବିରୋଧୀ ଚିନ୍ତା ବା ଭାବନା ଓଡ଼ିଶାରେ ଅତି କ୍ଷୀଣ ଥିଲା । ତଥାପି ଭାରତର ରାଜନୈତିକ ପରିବର୍ତ୍ତନ କିଛି ପରିମାଣରେ ଓଡ଼ିଶାର ଚାକିରୀ-ଆଶାୟୀ ନିମ୍ନ ମଧ୍ୟବିତ୍ତଙ୍କ ମନରେ ରେଖାପାତ କରୁଥିଲା । ଭାରତ କ୍ଷେତ୍ରରେ ୧୯୧୬ ର ଲକ୍ଷ୍ନୌ ଅଧିବେଶନରେ ନରମପନ୍ଥୀ ଓ ଚରମପନ୍ଥୀମାନେ ଭାରତର ନୂତନ ଶାସନ ସଂସ୍କାର ବିଷୟରେ ଏକମତ ହୋଇଥିଲେ । ତେଣୁ ସାମୟିକଭାବରେ ନରମପନ୍ଥୀ ଓ ଚରମପନ୍ଥୀଙ୍କ ଭିତରେ ଥିବା ତୁମୁଳ ମତ ବିରୋଧ ଦୂର ହୋଇଯାଇଥିଲା । କିନ୍ତୁ ଘଟଣା ସ୍ରୋତର ଦ୍ରୁତ ଅଗ୍ରଗତି ଫଳରେ ଏହି ବିରୋଧ ପୁଣି ମୁଣ୍ଡ ଟେକି ଉଠିଥିଲା, ମଣ୍ଟାଗ୍ୟୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର ୧୯୧୮ ଜୁଲାଇ ମାସରେ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଚରମପନ୍ଥୀମାନଙ୍କର ନେତ୍ରୀ ଶ୍ରୀମତୀ ଆନିବେସାନ୍ତ ଏହାକୁ ନିନ୍ଦା କରି ଘୋଷଣା କଲେ "ଏଭଳି ସଂସ୍କାର ଇଂଲଣ୍ଡ ପକ୍ଷରେ ଦାନକରିବା ଓ ଭାରତ ପକ୍ଷରେ ଗ୍ରହଣକରିବା ଉଭୟ ଅପମାନଜନକ ।" ତିଳକ ମହାରାଜଙ୍କ ସମେତ ସମସ୍ତ ଚରମପନ୍ଥୀ ମନ୍ଦ୍ର ନାଦରେ ଘୋଷଣା କଲେ "ଏହା ଗ୍ରହଣଯୋଗ୍ୟ ନୁହେଁ, ଆଦୌ ନୁହେଁ ।"

ଏଥିରେ ନରମପନ୍ଥୀମାନେ ଆତଙ୍କିତ ହୋଇ ପଡ଼ିଥିଲେ । ସେମାନଙ୍କର ଆଗରୁ ହୃଦ୍‌ବୋଧ ହୋଇଥିଲା ଯେ ତତ୍କାଳିକ ପରିସ୍ଥିତି ତୁଳନାରେ ସଂସ୍କାର ପ୍ରସ୍ତାବ ଥିଲା ଏକ ବାସ୍ତବ ଅଗ୍ରଗତି; ତେଣୁ ସେମାନେ ମନେ କରୁଥିଲେ ଏହି ପରିସ୍ଥିତି ଦୃଷ୍ଟେ ସଂସ୍କାର ପ୍ରସ୍ତାବକୁ ତୀବ୍ର ସମାଲୋଚନା କରିବା ପରିବର୍ତ୍ତେ ସେଥିରେ ନିହିତ ସତ୍ ଉଦ୍ଦେଶ୍ୟ ପ୍ରତି ଆନ୍ତରିକ ପ୍ରଶଂସା ହେବା ଆବଶ୍ୟକ । ସେମାନେ ଆହୁରି ମଧ୍ୟ ଅନୁଭବ କରୁଥିଲେ ଯେ ଭାରତରେ ପରିକଳ୍ପନାର ବିରୋଧ ଇଂଲଣ୍ଡରେ ଭାରତ ବିରୋଧୀମାନଙ୍କର ହାତମୁଠା ଟାଣ କରିବ, ତେଣୁ ଏଭଳି ବିରୋଧ ଭାରତର ସ୍ୱାର୍ଥ ଦୃଷ୍ଟିରୁ ଅନୁକୂଳ ନୁହେଁ ।

ଚକ୍ରଧରପୁରରେ ଉତ୍କଳ ସମ୍ମିଳନୀରେ ଯେଉଁ ଦୁଇଟି ଗୋଷ୍ଠୀ ପରସ୍ପର ମୁଖାମୁଖି ହୋଇଥିଲେ ସେମାନେ ଆପଣାକୁ ପ୍ରକାଶ୍ୟଭାବରେ ଚରମପନ୍ଥୀ ଓ

Digitized by srujanika@gmail.com

ନରମପନ୍ଥୀ ଭାବରେ ନାମିତ କରି ନ ଥିଲେ ସତ୍ୟ; କିନ୍ତୁ ସେ କାଳର ଭାରତୀୟ ଓ ଓଡ଼ିଶାର ପରିସ୍ଥିତିରେ ସେମାନେ ସେହି ସମ୍ମିଳନୀ ପୂର୍ବରୁ ଆପଣା ଆପଣାର ଆଭିମୁଖ୍ୟ ସ୍ଥିର କରି ସାରିଥିଲେ। ସେମାନେ ଅବଶ୍ୟ ସାରା ଭାରତର ରାଜନୀତି ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଖୁବ୍ କମ୍ ଆସୁଥିଲେ; କିନ୍ତୁ ଭାରତୀୟ ଚିନ୍ତାଧାରାର ଘାତପ୍ରତିଘାତର ପ୍ରଭାବରୁ ମୁକ୍ତ ରହନ୍ତେ କିପରି? ୧୯୧୬ ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସ ବିହାର ଓଡ଼ିଶା କାଉନ୍‌ସିଲକୁ ନିର୍ବାଚିତ ହୋଇଗଲା ପରେ ସେହି ବର୍ଷ ହିଁ ଲକ୍ଷ୍ନୌ କଂଗ୍ରେସ୍ ଅଧିବେଶନରେ ଯୋଗ ଦେଇଥିଲେ। ପୂର୍ବରେ ଉଲ୍ଲେଖକରାଯାଇଛି ଯେ ଲକ୍ଷ୍ନୌ କଂଗ୍ରେସ ଅଧିବେଶନ ଥିଲା ଏକ ଏକତାର ଅଧିବେଶନ। ଏଠାରେ କଂଗ୍ରେସ, ମୁସଲିମ ଲିଗ୍ ଉଭୟ ଶାସନ ସଂସ୍କାର ବିଷୟରେ ଆପଣାର ବହୁ ବିତର୍କିତ ମତକୁ ସ୍ପଷ୍ଟ କରିଥିଲେ ଓ ତାହା ନରମପନ୍ଥୀମାନଙ୍କର ମଧ ଗ୍ରହଣୀୟ ହୋଇଥିଲା। ଗୋପବନ୍ଧୁ ଦାସଙ୍କ ଉପରେ ଏହି ଏକତାର ପ୍ରଭାବ ଅବଶ୍ୟ ପଡ଼ିଥିବ।

କିନ୍ତୁ ଘଟଣାର ଘଟସୂତ୍ରରେ ଶାସନ ସଂସ୍କାରର ପ୍ରକାଶ ପରେ ବିଭିନ୍ନ ପ୍ରତିକ୍ରିୟାର ପରିଣତ ହେଲା ଏହି ଯେ ଯେତେବେଳେ କଂଗ୍ରେସର ବିଶେଷ ଅଧିବେଶନ ସଂସ୍କାରର ବିଚାର କରିବା ପାଇଁ ୧୯୧୮ ଅଗଷ୍ଟ ମାସରେ ବମ୍ବେଠାରେ ବସିଲା ନରମପନ୍ଥୀମାନେ ଏହାକୁ ବର୍ଜନକଲେ ଓ ଅଳ୍ପ ଦିନ ପରେ ୧୯୧୮ ନଭେମ୍ବର ମାସରେ ସେହି ବମ୍ବେଠାରେ ଏକ ସ୍ୱତନ୍ତ୍ର ସର୍ବଭାରତୀୟ ସମ୍ମିଳନୀରେ ଏକତ୍ରିତ ହେଲେ। ନିମନ୍ତ୍ରିତ ହୋଇ ହେଉ ବା ଅନ୍ୟ କୌଣସି କାର୍ଯ୍ୟ ନିବନ୍ଧନରେ ବିଶ୍ୱନାଥ ମିଶ୍ରେ ଉକ୍ତ ସମୟରେ ବମ୍ବେରେ ଉପସ୍ଥିତ ଥିଲେ ଓ ଏହି ଅଲ୍‌ଇଣ୍ଡିଆ କନ୍‌ଫରେନ୍‌ସରେ ଯୋଗ ଦେଇଥିଲେ। ସେ ଏଥିରେ ପ୍ରତିନିଧି ପାହ୍ୟା ପାଇ ଯୋଗ ଦେଇ ନ ଥିଲେ, କାରଣ ଏହା କେବଳ ନରମପନ୍ଥୀ କଂଗ୍ରେସପ୍ରେମୀ, ଜାତୀୟତାବାଦୀମାନଙ୍କର ସମ୍ମିଳନୀ ଥିଲା। ବିଶ୍ୱନାଥ ମିଶ୍ରେ କଂଗ୍ରେସର ଆନୁଷ୍ଠାନିକ ସଭ୍ୟ ନ ଥିବାରୁ କଂଗ୍ରେସର ନରମପନ୍ଥୀମାନଙ୍କର ଆହୂତ ଏହି ସଭାରେ ନିମନ୍ତ୍ରିତ ଅତିଥି ବା ପରିଦର୍ଶକ ଭାବରେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ନରମପନ୍ଥୀମାନେ ଖୋଲାଖୋଲି ଭାବରେ ଘୋଷଣା କରିଥିଲେ "ଆମେ ଉଦାରପନ୍ଥୀ ଦଳ, ବିବର୍ତ୍ତନର ବନ୍ଧୁ ଓ ବିପ୍ଳବର ବିରୋଧୀ।" ସେମାନଙ୍କର ନୀତି ଘୋଷଣା ଥିଲା, "ଯେତେବେଳେ ସମ୍ଭବ ସହଯୋଗ କର, ଯେତେବେଳେ ଆବଶ୍ୟକ ସମାଲୋଚନା କର।" ସେମାନେ ବିଶ୍ୱାସ କରୁଥିଲେ "ରାଜନୀତିରେ ସାମ୍ବିଧାନିକ ବିକାଶ ପାଇଁ ସିଧାସଳଖ ରାସ୍ତା ନାହିଁ।"

Digitized by srujanika@gmail.com



ବିଶ୍ୱନାଥ ଓ ତାଙ୍କର ସହଧର୍ମିଣୀ କମଳା ଦେବୀ

୧୯୧୮ ର ଏହି ସର୍ବଭାରତୀୟ ସମ୍ମିଳନୀର ପ୍ରଭାବ ବିଶ୍ୱନାଥଙ୍କ ମନରେ ଗଭୀର ରେଖାପାତ କରିଥିଲା। କିନ୍ତୁ ନିଖିଳ ଭାରତୀୟ ରାଜନୀତିର ସ୍ରୋତରେ ପ୍ରବେଶ କରିବା ତାଙ୍କ ପାଇଁ ଦୁରୂହ ଥିଲା। ପ୍ରଥମ କଥା ଓଡ଼ିଶା ଓ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ଥିଲା ତାଙ୍କ ଲକ୍ଷ୍ୟର ଧ୍ରୁବ ତାରା। ଏହାକୁ ହାସଲ କରିବା ପାଇଁ ତାଙ୍କର ଆୟୁଧ ଥିଲା ଉତ୍କଳ ସମ୍ମିଳନୀ ଓ ତାହାରି ସଂଗଠନ ଭିତରେ ତାଙ୍କର ବିଭିନ୍ନ ଶ୍ରେଣୀର ସ୍ୱାର୍ଥର ସଂଘାତ ଓ ସେଥି ସଙ୍ଗେ ସଙ୍ଗେ ସେହି ଶ୍ରେଣୀମାନଙ୍କର ପରସ୍ପର ସମ୍ପର୍କ ବିଷୟରେ ସେ ବିଶେଷ ସଚେତନ ଥିଲେ। ତେଣୁ ସର୍ବଭାରତୀୟ କ୍ଷେତ୍ରରେ କଂଗ୍ରେସୀ ନରମପନ୍ଥୀମାନେ ଯେଉଁ ଚିନ୍ତା ଓ ବିଶ୍ୱାସକୁ ଆପଣାର ଦୃଢ଼ ପ୍ରତୀୟ ବୋଲି ଗ୍ରହଣ କରିଥିଲେ, ଓଡ଼ିଶା କ୍ଷେତ୍ରରେ ବିଶ୍ୱନାଥ ମଧ୍ୟ ସେହି ଚିନ୍ତା ଓ ବିଶ୍ୱାସକୁ ମୂଳ କରି ଧରିଥିଲେ।

(ଛଅ)

ଚକ୍ରଧରପୁର ସମ୍ମିଳନୀରେ ୧୯୨୦ର ଶେଷ ଓ ୧୯୨୧ ର ପ୍ରାରମ୍ଭରେ ବିଶ୍ୱନାଥ ପ୍ରଥମକରି ଆପଣାର ସ୍ୱପ୍ନ ଓଡ଼ିଶାର ଦେଶମିଶ୍ରଣ ପାଇଁ ଚାଲିଥିବା ଆନ୍ଦୋଳନ ରାସ୍ତାରେ ଏକ ବିଷମ ଗୋଲକଧନ୍ଦାର ସମ୍ମୁଖୀନ ହୋଇଥିଲେ । ଉତ୍କଳ ସମ୍ମିଳନୀ ପ୍ରସ୍ତାବତଃ କଂଗ୍ରେସ ସଙ୍ଗେ ମିଶି ଯାଇଥିଲା। ତେଣୁ ସମ୍ମିଳନୀ ତରଫରୁ କୌଣସି ନରମପନ୍ଥୀ ପଦକ୍ଷେପ ଆଉ ସମ୍ଭବ ନ ଥିଲା। ୧୯୨୦ ସାଲ

Digitized by srujanika@gmail.com

ଫେବୃୟାରୀରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଓଡ଼ିଶାରେ ପ୍ରଥମ ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହୋଇଥିଲା । କଂଗ୍ରେସ ନିୟମାବଳୀରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ସେହି ସମୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଏଣୁ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟି ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥିଲା । ଏତିକିବେଳେ ସିଂହଭୂମି ଜିଲ୍ଲା ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟି ଭିତରେ ରହିବ କି ବିହାର ପ୍ରାଦେଶିକ କଂଗ୍ରେସ କମିଟିରେ ସାମିଲ ରହିବ, ଏଥିପାଇଁ ଏକ ବିବାଦ ଉପୁଜିଥିଲା । କିନ୍ତୁ କଂଗ୍ରେସ ମେମ୍ବରଙ୍କର ଭୋଟର ନିଷ୍ପତ୍ତି ଅନୁସାରେ ଦେଖାଗଲା ଯେ ଅଧିକାଂଶ କଂଗ୍ରେସ ପ୍ରାଥମିକ ସଭ୍ୟ ସିଂହଭୂମିକୁ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟି ଅଧୀନରେ ରଖିବାର ପକ୍ଷପାତୀ ଥିଲେ । ତେଣୁ ଚୂଡ଼ାନ୍ତ ଭାବରେ ନ ହେଲେ ମଧ୍ୟ ଆନୁଷ୍ଠାନିକଭାବରେ ସିଂହଭୂମ କଂଗ୍ରେସର ତାଲିକାରେ ଓଡ଼ିଶାରେ ରହିଲା । ଠିକ୍ ସେହି ପ୍ରକାରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ମଧ୍ୟ ଆନ୍ଧ୍ରରେ ସାମିଲ ନ ହୋଇ ଓଡ଼ିଶା କଂଗ୍ରେସ ସହିତ ସାମିଲ ହୋଇଥିଲା । ଅବଶ୍ୟ ଏହି ପ୍ରକାର ନିଷ୍ପତ୍ତି ଯେ କଂଗ୍ରେସର ଉଚ୍ଚ କର୍ତ୍ତୃପକ୍ଷ ସର୍ବତୋଭାବରେ ମାନି ନେଇଥିଲେ ତାହା କହିବା ଭୁଲ୍ ହେବ । କାରଣ ନାଗପୁର କଂଗ୍ରେସ ପରେ ମଧ୍ୟ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବିହାର, ଆନ୍ଧ୍ର ଓ ବଙ୍ଗଳା କଂଗ୍ରେସର ସମାନ୍ତରାଳ କମିଟି ଚାଲୁ ରହିଥିଲା ଓ ବିବାଦର କୌଣସି ଚୂଡ଼ାନ୍ତ ସମାଧାନ ହୋଇ ନ ଥିଲା ।

ଘଟଣା ସ୍ରୋତ ପ୍ରଚଣ୍ଡ ଗତିରେ ଚାଲିଲା । ପ୍ରାଦେଶିକ କଂଗ୍ରେସ କମିଟି ବିଶ୍ୱନାଥଙ୍କୁ ଗଞ୍ଜାମ ଜିଲ୍ଲା ତରଫରୁ ପ୍ରାଦେଶିକ କଂଗ୍ରେସ କମିଟିରେ ଯୋଗ ଦେବାକୁ ନିମନ୍ତ୍ରଣ କଲେ । ସେତେବେଳ ଯାଏ ବିଶ୍ୱନାଥ କଲିକତାରେ ଆପଣାର ଜୀବିକାର୍ଜ୍ଜନ ଛାଡ଼ି ନ ଥାନ୍ତି । ଉତ୍କଳ ସମ୍ମିଳନୀରେ ଯୋଗଦେଲାବେଳେ ସେ ପ୍ରାୟତଃ ଆନୁଷ୍ଠାନିକ ଭାବରେ ଗଞ୍ଜାମ ଜିଲ୍ଲାର ପ୍ରତିନିଧିଭାବରେ ଯୋଗ ଦେଉଥିଲେ । ସେହି ସୂତ୍ରରେ ତାଙ୍କ ପ୍ରତି ଏହାହିଁ ଥିଲା ସ୍ୱାଭାବିକ ନିମନ୍ତ୍ରଣ । ଏହି ନିମନ୍ତ୍ରଣ ରକ୍ଷାକରିବା ନ କରିବା ତାଙ୍କର ହାତ କଥା ନ ଥିଲା । ସେ କାଳର ପରିସ୍ଥିତିକୁ ଚାହିଁଲେ ତାଙ୍କ ପାଇଁ କଂଗ୍ରେସରେ ଯୋଗଦେବା ଥିଲା ତାଙ୍କର ସମସ୍ତ ଅତୀତର ଘଟଣା ସ୍ରୋତରେ ଓଲଟ ପାଲଟ ।

ଗଞ୍ଜାମ ଜିଲ୍ଲା କଂଗ୍ରେସରେ ଯୋଗ ଦେବା ଥିଲା ଏକ କଠିନ କାର୍ଯ୍ୟ । ଏକେ ତ ଅସହଯୋଗ ଆନ୍ଦୋଳନର ଧକ୍କା ଦ୍ୱାର ଦେଶରେ; ତାହାକୁ ସଂଗଠିତ କରିବାକୁ ପଡ଼ିବ । ବିଶ୍ୱନାଥ ଜୀବନ କ୍ଷେତ୍ରରେ ଜଣେ ନୀତିବାନ୍ ବିଶ୍ୱସ୍ତ କର୍ମୀଭାବରେ ପୂଜିତ ହେଉଥିଲେ । ଏହାର କାରଣ ସେ ଯାହା ଦାୟିତ୍ୱ ଗ୍ରହଣ କରୁଥିଲେ, ତାହାକୁ ପୂରଣ

Digitized by srujanika@gmail.com

କରିବା ଥିଲା ତାଙ୍କର ସ୍ୱାଭାବିକ ଗୁଣ। କୌଣସି ପ୍ରକାରେ ଦାୟିତ୍ୱ ଏଡ଼ାଇ ପଦବୀ ସମ୍ଭାଳି ବସିବାର ଲୋକ ସେ ନ ଥିଲେ। ଅସହଯୋଗ ଆନ୍ଦୋଳନ ସଂଗଠନ ସଙ୍ଗେ ସଙ୍ଗେ ଦେଶମିଶ୍ରଣ ପ୍ରଶ୍ନକୁ ଜଡ଼ିତ କଲେ ଉତ୍କଳ ଓ ଆନ୍ଧ୍ର ପ୍ରାଦେଶିକ କଂଗ୍ରେସ କମିଟି ଭିତରେ ଆନୁଷ୍ଠାନିକ ବିବାଦ ମୁଣ୍ଡ ଟେକିବ ଏହି ଆଶଙ୍କା ସ୍ପଷ୍ଟଭାବରେ ଦେଖାଗଲା। କିନ୍ତୁ ସେ ତ କୌଣସି ମତେ ଦେଶମିଶ୍ରଣ ପ୍ରଶ୍ନକୁ ବାଦ ଦେଇ ପାରି ନ ଥାନ୍ତେ। ତେଣୁ ଏକା କଂଗ୍ରେସ ଭିତରେ ଉଭୟ ଉତ୍କଳ ଓ ଆନ୍ଧ୍ରବାସୀ ରହି ଆପୋଷ ଝଗଡ଼ା କରିବା ଅପେକ୍ଷା କଂଗ୍ରେସ ବାହାରେ ରହି ଦେଶମିଶ୍ରଣ ପାଇଁ କାର୍ଯ୍ୟକରିବା ତାଙ୍କ ପକ୍ଷେ ଶ୍ରେୟସ୍କର ବୋଲି ସେ ମନେକରିଥିଲେ।

ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିରେ ଯୋଗ ଦେବା ଓ ସେଥିରେ ସଭାପତି ହେବା ନ ହେବା ପ୍ରଶ୍ନ ପାଇଁ ବିଶ୍ୱନାଥ ସେତେବେଳେ ବିଷମ ଦୋଘାଇ ଭିତରେ ପଡ଼ିଥିଲେ। ଅବଶ୍ୟ କଲିକତାରୁ ବାରିଷ୍ଟରୀ ଛାଡ଼ି ବାହାରି ଆସିବାରେ ତାଙ୍କର ବିଶେଷ କୌଣସି ଦ୍ୱିଧା ନ ଥିଲା। ଏଥିପୂର୍ବରୁ ସେ ଜୀବନ ସ୍ରୋତର ପ୍ରବାହ ଭିତରେ ବହୁବାର ପ୍ରତିଷ୍ଠିତ ବାସଭୂମି ଓ କର୍ମଭୂମିକୁ ଛାଡ଼ିଥିଲେ। କିନ୍ତୁ ପ୍ରଶ୍ନ ଥିଲା, ଗଞ୍ଜାମ ଜିଲ୍ଲାରେ କଂଗ୍ରେସ କମିଟିର ପରିଚାଳନାରେ ତାଙ୍କର ଦେଶମିଶ୍ରଣ କାର୍ଯ୍ୟ ଅବ୍ୟାହତ ରହି ପାରିବ କି ନାହିଁ, ଏଥିପାଇଁ ସେ ନିଶ୍ଚିତ ହୋଇପାରି ନ ଥିଲେ।

ଏତିକିବେଳେ ୧୯୧୯ ଭାରତ ଶାସନ ଆଇନ ଅନୁସାରେ ସବୁ ପ୍ରାଦେଶିକ ବିଧାନ ପରିଷଦ ଓ ଭାରତୀୟ ବ୍ୟବସ୍ଥା ସଭାର ଦୁଇଟି ଗୃହ ପାଇଁ ନିର୍ବାଚନ ଡାକରା ଆସିଲା। ୧୯୨୦ ନଭେମ୍ବର ମାସରେ ଏହି ନିର୍ବାଚନକୁ କଂଗ୍ରେସ ଦଳ ଆନୁଷ୍ଠାନିକ ଭାବରେ ବର୍ଜନ କଲା। ପୃଥକ୍ ରାଜନୈତିକ ନୀତି ଓ କାର୍ଯ୍ୟକ୍ରମ ଭିତ୍ତିରେ ନିର୍ବାଚନର ପ୍ରଶ୍ନ ନ ଥିଲା। ଗୋଟିଏ ମାତ୍ର ପ୍ରଶ୍ନ ଥିଲା ବର୍ଜନ ନଚେତ୍ ସହଯୋଗ। ତେଣୁ କେବଳ ନରମପନ୍ଥୀମାନେ ହିଁ ଏହି ନିର୍ବାଚନରେ ପ୍ରାର୍ଥୀ ହେଲେ। ବିଶ୍ୱନାଥଙ୍କର ବିହାର ଓଡ଼ିଶା ପ୍ରଦେଶ ସହିତ ଭାବଗତ ଓ ଆନୁଷ୍ଠାନିକ ସମ୍ପର୍କ ନ ଥିଲା। ତେଣୁ ସେ ପାଟଣାର ପ୍ରାଦେଶିକ ବିଧାନ ପରିଷଦ ପାଇଁ ପ୍ରାର୍ଥୀ ହେବାକୁ ଲୋଭୁ ନ ଥିଲେ। ଗଞ୍ଜାମ ଜିଲ୍ଲାରୁ ମାନ୍ଦ୍ରାଜର ବିଧାନ ପରିଷଦର ପ୍ରାର୍ଥୀ ହେବା ପାଇଁ ତାଙ୍କର ଉତ୍କଳ ସମ୍ମିଳନୀର ବହୁ ପୂର୍ବତନ ସହଯୋଗୀ ତାଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ। କିନ୍ତୁ ସେତେବେଳର ଅନିଶ୍ଚିତ ଅବସ୍ଥାରେ ସେ ନରମପନ୍ଥୀଭାବରେ ଆପଣାକୁ ପୂରାପୂରି ସମର୍ପଣ କରିଦେବାରେ ଓ କଂଗ୍ରେସର କାଉନ୍‌ସିଲ ବର୍ଜନକୁ ଅସ୍ୱୀକାର କରିବା ଲାଗି ପ୍ରସ୍ତୁତ ନ ଥିଲେ। ଉଲ୍ଲେଖଯୋଗ୍ୟ ଏହି ଯେ ଏହି ନିର୍ବାଚନରେ ପ୍ରାଦେଶିକ ବିଧାନ ପରିଷଦ ପାଇଁ ପଣ୍ଡିତ ଗୋପବନ୍ଧୁ ପ୍ରାର୍ଥୀ ହେଲେ ନାହିଁ। କିନ୍ତୁ

Digitized by srujanika@gmail.com

ମିଷ୍ଟର ଦାସ (ମଧୁବାବୁ) ବିହାର ଓଡ଼ିଶା ପ୍ରାଦେଶିକ ବିଧାନ ପରିଷଦ ପାଇଁ ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିଲେ ଓ ୧୯୨୧ ରେ ବିହାର ଓଡ଼ିଶାର ସ୍ୱାୟତ୍ତ୍ ଶାସନ ମନ୍ତ୍ରୀ ଭାବରେ ଲାଟଙ୍କଦ୍ୱାରା ମନୋନୀତ ହୋଇଗଲେ।

(ସାତ)

୧୯୨୧ ସାଲ ମାର୍ଚ୍ଚ ମାସରେ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସି ବ୍ରହ୍ମପୁରରେ ପହଞ୍ଚିଥିଲେ। ସେତେବେଳେ ଭାରତରେ ସେ ସତ୍ୟାଗ୍ରହ ଓ ଅହିଂସ ଅସହଯୋଗର ବାର୍ତ୍ତାବହ। କଲିକତା ଓ ନାଗପୁର କଂଗ୍ରେସର ପ୍ରବଳ ତୋଫାନରେ ସାରା ଦେଶର ଜନତା ଉଦ୍‌ବେଳିତ। ଅତୀତର ସବୁ କ୍ଷୁଦ୍ର କ୍ଷୁଦ୍ର ଆଞ୍ଚଳିକ ଓ ପ୍ରାଦେଶିକ କାର୍ଯ୍ୟକ୍ରମ ସ୍ୱରାଜ୍ୟ ପ୍ରାପ୍ତିର ଉନ୍‌ମାଦନାର ପ୍ରଚଣ୍ଡ ଆବେଗର ତୋଡ଼ରେ କାହିଁ ତୃଣଖଣ୍ଡ ପରି ଭାସି ଯାଉଥାଏ। ଉତ୍କଳ ସମ୍ମିଳନୀ କାର୍ଯ୍ୟତଃ ଓ ଆନୁଷ୍ଠାନିକଭାବେ କଂଗ୍ରେସ ଭିତରେ ନିମଜ୍ଜିତ ହୋଇ ଯାଇଥାଏ। ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ ଭିତରେ ଯେଉଁ ରାଜା, ମହାରାଜା ଓ ମଧ୍ୟବିତ୍ତ ପଦବୀଧାରୀ ନରମପନ୍ଥୀମାନେ ଆପଣାକୁ ସାମିଲ କରିଥିଲେ ସେମାନେ ସେତେବେଳେ ଦିଗହରା ଅବସ୍ଥାରେ ପଡ଼ିଥାନ୍ତି।

ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନ ପରେ ୧୯୨୧ ରୁ ମଧୁବାବୁ ଆନୁଷ୍ଠାନିକଭାବରେ ତାହାର ନେତୃତ୍ୱ ପ୍ରାୟ ଛାଡ଼ି ଦେଇଥିଲେ। ଉତ୍ତର ଓଡ଼ିଶାରେ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଉତ୍କଳ ସମ୍ମିଳନୀର ଜଣେ ପ୍ରଧାନ ନେତା ଓ ମଧୁସୂଦନ ଦାସଙ୍କ ଓଡ଼ିଶା ନେତୃତ୍ୱର ଉତ୍ତରାଧିକାରୀ ବୋଲି ଆପଣାକୁ ବିବେଚନା କରୁଥାଆନ୍ତି। ଗଞ୍ଜାମ ଜିଲ୍ଲାରେ ପାରଳାଖେମୁଣ୍ଡି ଅଧିବେଶନ ପରଠାରୁ ପାରଳାର ନବ ଅଭିଷିକ୍ତ ଯୁବକ ରାଜା କୃଷ୍ଣଚନ୍ଦ୍ର ଗଜପତି (ପରେ ମହାରାଜା) ଜଣେ ଉଦୀୟମାନ ଓଡ଼ିଆ ନେତା ଭାବରେ ନିଜକୁ ପ୍ରତିଷ୍ଠିତ କରିବାରେ ଲାଗିଥାଆନ୍ତି। ସ୍ମରଣ ଥାଇପାରେ ଯେ ଓଡ଼ିଶାର ଦେଶମିଶ୍ରଣ ପାଇଁ ଭାରତ ସଚିବ ମଣ୍ଟାଗ୍ୟୁ ସାହେବଙ୍କର ଭାରତ ଗସ୍ତବେଳେ ଓଡ଼ିଶାର ପ୍ରତିନିଧିଦଳ କଲିକତାରେ ତାଙ୍କ ସହିତ ସାକ୍ଷାତ କରିଥିଲେ। ଏହି ସାକ୍ଷାତକାରୀଙ୍କ ଭିତରେ ଥିଲେ ମଧୁବାବୁ ଓ କନିକାର ରାଜା ସାହେବ। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ପ୍ରଶ୍ନ ଉପରେ ମଣ୍ଟାଗ୍ୟୁ ସାହେବ ଓଡ଼ିଶା ପାଇଁ ଏକ ଉପ-ପ୍ରଦେଶର ସୀମା ସରହଦ ବିଷୟରେ ୧୯୧୯ ର ଶାସନ ସଂସ୍କାର ଆଇନର ପ୍ରବର୍ତ୍ତନ ପରେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ସାକ୍ଷାତର ସୂତ୍ର ଘେନି କଟକରେ ଗୋଟିଏ ବିଶେଷ ସମ୍ମିଳନୀରେ ୧୯୧୯ ଶାସନ

Digitized by srujanika@gmail.com

ସଂସ୍କାର ଆଇନର ପ୍ରବର୍ତ୍ତନ ସଙ୍ଗେ ସଙ୍ଗେ ଓଡ଼ିଶା ପାଇଁ ଏହି ପ୍ରସ୍ତାବିତ ଉପ-ପ୍ରଦେଶ ଗଠନ ପାଇଁ ଦାବି କରାଯାଇଥିଲା।

ଏଣେ ମହାତ୍ମାଗାନ୍ଧୀ ଓ କଂଗ୍ରେସର ଅସହଯୋଗ, ବର୍ଜନ ଓ ଆତ୍ମବଳିଦାନର ସଂଗ୍ରାମ। ସେପଟେ ଓଡ଼ିଶାର ଅସମାହିତ ଦେଶମିଶ୍ରଣ ପ୍ରଶ୍ନ ଯାହାର ଭାଗ୍ୟ ସେତେବେଳେ ବ୍ରିଟିଶ ରାଜାଙ୍କର ସଦିଚ୍ଛା ଉପରେ ନିର୍ଭରଶୀଳ। ଉତ୍କଳ ସମ୍ମିଳନୀରେ ଯେଉଁମାନେ ଅହିଂସା ଅସହଯୋଗ ଆନ୍ଦୋଳନର ବିରୋଧୀ, ସେମାନେ ପୁଣି ବିଭିନ୍ନ କିସମର ଲୋକ। କେତେକ ସଚ୍ଚୋଟଭାବରେ ଅନୁଭବ କରୁଥିଲେ ଯେ ଏହି ଆନ୍ଦୋଳନର ଭଉଁରୀ ଭିତରେ ଓଡ଼ିଶାର ଦେଶମିଶ୍ରଣ ପ୍ରଶ୍ନ କାହିଁ ବିଲୀନ ହୋଇଯିବ। କେତେକ ଶ୍ରେଣୀଗତ ଭାବରେ ବ୍ରିଟିଶରାଜ ବିରୋଧୀ ଆନ୍ଦୋଳନର ଶତ୍ରୁ ଥିଲେ। ସେମାନେ ତାଙ୍କର ବିଭବ, ପ୍ରତିପତ୍ତି ଓ ପଦବୀ ବ୍ରିଟିଶରାଜର ଅନୁକମ୍ପାରୁ ଲାଭ କରିଥିଲେ। ସେମାନେ ଗଣତାନ୍ତ୍ରିକ ଭାରତରେ ଆପଣାର ନ୍ୟସ୍ତସ୍ୱାର୍ଥ ସ୍ଥିତି ଯେ ନିଶ୍ଚିତ ଭାବରେ ହାରି ବସିବେ ଏ ବିଷୟରେ ସନ୍ଦେହ ରଖି ନ ଥିଲେ। ଶ୍ରେଣୀଗତଭାବରେ ଯେଉଁମାନେ ଯେତେ ନିବିଡ଼ ଥିଲେ, ସେମାନେ ସେତିକି ସ୍ୱରାଜ୍ୟ ଆନ୍ଦୋଳନର ବିରୋଧୀ ଥିଲେ। ବରଂ ସେମାନଙ୍କ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ଯାହା କିଛି ସ୍ୱାଭାବିକ ପ୍ରଜା ଆନ୍ଦୋଳନ ଜାଗ୍ରତ ହେଉଥିଲା, ତାହାକୁ ସେମାନେ ସ୍ୱରାଜ୍ୟ ଆନ୍ଦୋଳନର ଏକ ଶାଖା ବୋଲି ବିଚାର କରୁଥିଲେ ଓ ସେଥି ସଙ୍ଗେ ସଙ୍ଗେ ସେହି ସବୁ ପ୍ରଜା ଆନ୍ଦୋଳନକୁ ବ୍ରିଟିଶରାଜର ଦମନ ଦଣ୍ଡଦ୍ୱାରା ଧ୍ୱଂସ କରିବାର ମସୁଧା କରୁଥିଲେ। ଆଉ କେତେକ ଥିଲେ ତଟସ୍ଥ ମଧ୍ୟବିତ୍ତ, ଯେଉଁମାନେ ଦେଶମିଶ୍ରଣ ଚାହୁଁଥିଲେ; କିନ୍ତୁ ସେଥିପାଇଁ ସ୍ୱାର୍ଥତ୍ୟାଗ ପାଇଁ ପ୍ରସ୍ତୁତ ନ ଥିଲେ ଓ ତେଣୁ ନୀରବଦ୍ରଷ୍ଟା ଭାବରେ ରହିଯିବାକୁ ଶ୍ରେୟ ମନେ କରୁଥିଲେ।

ଏହି ତିନି କିସମର ଦେଶମିଶ୍ରଣ ବ୍ରତୀମାନଙ୍କ ଭିତରେ ଶେଷ ଦଳ ଅର୍ଥାତ୍ ନୀରବଦ୍ରଷ୍ଟାମାନଙ୍କର ଭୂମିକା ଥିଲା, ସଚରାଚର ସବୁ ଆନ୍ଦୋଳନର ଦେଖଣାହାରୀଙ୍କ ଭଳି ନଗଣ୍ୟ; କିନ୍ତୁ ପ୍ରଥମ କିସମ ଓ ଦ୍ୱିତୀୟ କିସମର ଦେଶମିଶ୍ରଣ ବ୍ରତୀମାନଙ୍କ ଭିତରେ ଏକ ତୁମୁଳ ବ୍ୟବଧାନ ଦେଖାଦେଲା, ଯାହା ଥିଲା ସ୍ୱାଭାବିକ। ବିଶେଷତଃ ପୂର୍ବରୁ ଉଲ୍ଲିଖିତ କନିକା ରାଜା ସାହେବ ଯେତେବେଳେ ଆପଣାର ଦେଶମିଶ୍ରଣ ନେତୃତ୍ୱର ପ୍ରତିପତ୍ତି ଓ ସମ୍ମାନକୁ ଆପଣାର ଶୋଷଣ ଓ ଅତ୍ୟାଚାର ଜାହିର ରଖିବାକୁ ବ୍ୟବହାର କରି ବସିଲେ, ସେତେବେଳେ ଉତ୍କଳ ସମ୍ମିଳନୀର ବହୁ ଦେଶପ୍ରେମୀ ଓଡ଼ିଶାବତ୍ସଳ ବ୍ୟକ୍ତି ତାହାର ବିରୋଧ କଲେ। ଏପରିକି 'ବନ୍ଦୀର ଆତ୍ମକଥା'ରେ ଗୋପବନ୍ଧୁ ସ୍ପଷ୍ଟ ଭାଷାରେ ଲେଖିଲେ –

Digitized by srujanika@gmail.com

"ଥାଅ ଗୋ ସାଳନ୍ଦି ଦୁଃଖିନୀ କନିକା
ବଞ୍ଚିଥିଲେ ହେବ ଆଉଥରେ ଦେଖା
ଏଠା ମହାଶୟ ବଡ଼ ପରଚଣ୍ଡ
ତାଙ୍କ ଯୋଗୁଁ ମୋର ଆଦ୍ୟ କାରାଦଣ୍ଡ ।"

(ଆଠ)

କନିକାର ପ୍ରଜା ବିଦ୍ରୋହରେ ବିଶ୍ୱନାଥଙ୍କର କୌଣସି ସମ୍ପର୍କ ନ ଥିଲା। କିନ୍ତୁ ବ୍ୟକ୍ତିଗତ କାରଣରୁ ସେ କନିକା ରାଜାଙ୍କର ଚକ୍ଷୁଶୂଳ ହୋଇଥିଲେ। ଓଡ଼ିଶାରେ ଆଳି ଓ କନିକା ଦୁଇ ଜମିଦାରୀର ରାଜା ଦୁହେଁ ଦୁଇ ଭାଇ। ଏମାନଙ୍କ ଭିତରେ ସାତପୁରୁଷି ପ୍ରତିଦ୍ୱନ୍ଦ୍ୱିତା ଚାଲି ଆସିଛି। ଆପଣାର ଆଇନଜୀବୀ ବୃତ୍ତି ଅନୁରୋଧରେ ବିଶ୍ୱନାଥ ମିଶ୍ରେ ଆଳି ରାଜାଙ୍କର ଓକିଲ ଥିଲେ। ଓକିଲ ହେବା ନ୍ୟାୟରୁ ତାଙ୍କର ସୁଖ ଦୁଃଖ ମାଲିମକଦ୍ଦମା ବିଷୟରେ ସେ ସମ୍ପୃକ୍ତ ଥିଲେ। ଅନ୍ୟପକ୍ଷରେ ଦେଶମିଶ୍ରଣ ଆନ୍ଦୋଳନରେ ଆଳି ରାଜାଙ୍କର କୌଣସି ସ୍ପୃହା ନ ଥିଲା। କନିକା ରାଜା ଥିଲେ ସେହି ଆନ୍ଦୋଳନ ଜରିଆରେ ଜଣେ କ୍ଷମତାଶାଳୀ ଜମିଦାର। ୧୯୨୦ ସାଲ ଦୁର୍ଭିକ୍ଷରେ ବାଲେଶ୍ୱର ଜିଲ୍ଲାରେ ଧାନଚାଉଳ କିଣିନେଇ ତାହାକୁ ଚଢ଼ା ଦରରେ ବିକିବାଠାରୁ ଆରମ୍ଭକରି ମନମୁଖୀ ବନ୍ଦୋବସ୍ତ ଚଳାଇ ୬୪ ପ୍ରକାର କର ଆଦାୟ ଇତ୍ୟାଦି ଅବାଧରେ ଚଳାଇ ରଖିବା ଥିଲା କନିକା ରାଜାଙ୍କର ଶାସନର କୁକୀର୍ତ୍ତି।

ଦେଶମିଶ୍ରଣ ଆନ୍ଦୋଳନରେ ଆପଣାର ଅଖଣ୍ଡ ପ୍ରତିପତ୍ତି ବଳରେ କନିକାର ରାଜା ଏଥିପୂର୍ବରୁ ଇମ୍ପିରିଏଲ କାଉନ୍‌ସିଲର ସଭ୍ୟ ଥିଲେ। (ଯେଉଁ ଇମ୍ପିରିଏଲ କାଉନ୍‌ସିଲ ୧୯୧୯ ଶାସନ ସଂସ୍କାର ଅନୁସାରେ ଦୁଇ ଭାଗରେ ବିଭକ୍ତ ହୋଇ କେନ୍ଦ୍ର ବ୍ୟବସ୍ଥାପକ ସଭା ଓ ରାଷ୍ଟ୍ର ପରିଷଦ ବା କାଉନସିଲ ଅଫ୍ ଷ୍ଟେଟର ରୂପ ଗ୍ରହଣ କରିଥିଲା।) ସେହି ପ୍ରତିପତ୍ତି ବଳରେ ସେ ଆପଣା ଜମିଦାରୀକୁ ଏକ ସ୍ୱ-ଶାସିତ ଗଡ଼ଜାତ ଭାବରେ ଦେଖିବାକୁ ଲାଗିଲେ। ପ୍ରଜାମାନଙ୍କ ଉପରେ ତାଙ୍କର ଶୋଷଣ ନମୁନାରେ ଗୋଟିଏ ଉଦାହରଣ ହେଉଛି ସେଠାର ପ୍ରଜାମାନଙ୍କୁ ୬୦ ପ୍ରକାରର ବିଭିନ୍ନ ଶୁଳ୍କ (ଟିକସ) ଦେବାକୁ ପଡୁଥିଲା। ଅସହଯୋଗ ଆନ୍ଦୋଳନର ମଧ୍ୟାହ୍ନବେଳେ ୧୯୨୨ ବେଳକୁ ଏହି ଅତ୍ୟାଚାର ଏତେ ପ୍ରବଳହେଲା ଯେ ବିଲାତ ରାଜସରକାର ଏଥିରେ କନିକା ରାଜାଙ୍କ ତରଫରୁ ହସ୍ତକ୍ଷେପ କରିଥିଲେ । କଟକରୁ ସଶସ୍ତ୍ର ପୋଲିସ ପଠାହେଲେ। କନିକାର ଛମୁକା ଇଲାକାରେ ପୋଲିସ ଅତ୍ୟାଚାର ଏକ ଉତ୍କଟ ବିଭୀଷିକା ସୃଷ୍ଟି କଲା। ବହୁ ଘରଦ୍ୱାର ଲୁଣ୍ଠିତ ହେଲା। ଶତାଧିକ

Digitized by srujanika@gmail.com

ଲୋକ ବନ୍ଦୀ ହେଲେ। ପୋଲିସ ଗୁଳିରେ ଦୁଇ ଜଣ ପ୍ରଜା ନିହତ ହେଲେ। କନିକାରେ କ୍ୟାମ୍ପ କୋର୍ଟ ବିଚାରାଳୟରେ ଅନମିତ ପ୍ରଜାଙ୍କୁ ସାଙ୍ଗେ ସାଙ୍ଗେ ସଜା ଦେଇ ହାତ କଡ଼ି ରସି ବନ୍ଧାଇ ପାଞ୍ଚମୁକା ଇଲାକାରେ ବୁଲାଇ ବୁଲାଇ କଟକକୁ ରମାନା କରାଯାଉଥିଲା। ସେହି ସମୟରେ ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା ଯେ ସେ କନିକା ପ୍ରଜା ଆନ୍ଦୋଳନର ସମର୍ଥକ। କନିକା ପ୍ରଜା ଆନ୍ଦୋଳନରେ ରାଜାଙ୍କର ଅତ୍ୟାଚାର କାହାଣୀ ଯେ ଦେଶମିଶ୍ରଣ ନେତୃବୃନ୍ଦଙ୍କର ଘୋର ଲଜ୍ଜା ଓ କଳଙ୍କର କାରଣ ହୋଇଥିଲା, ଏକଥା ଉଲ୍ଲେଖକରିବା ବାହୁଲ୍ୟ। କନିକାର ପ୍ରଜା ଆନ୍ଦୋଳନ ଯେଉଁ ସ୍ତରକୁ ଯାଇଥିଲା, ଓଡ଼ିଶାର ଅନ୍ୟ ଜମିଦାରୀ ଓ ଗଞ୍ଜାମର ପକ୍କି ମହଲ ଜମିଦାରୀମାନଙ୍କରେ ସେପରି ସ୍ତରକୁ ଯାଇ ନ ଥିଲା। ତେବେ ପରବର୍ତ୍ତୀ କାଳରେ ଖଲ୍ଲିକୋଟ ରାଜାଙ୍କର ଅତ୍ୟାଚାର ମଧ ସେହି ଭଳି ଶୋଷଣ ଓ ଜୁଲୁମପୂର୍ଣ୍ଣ ଥିଲା। ଏହିସବୁ କାରଣ ଯୋଗୁଁ ଦେଶମିଶ୍ରଣ ଆନ୍ଦୋଳନର ଏହି ପ୍ରକାର ନେତୃତ୍ୱ ପ୍ରତି ମଧ୍ୟବିତ୍ତ ସାଧାରଣଙ୍କର ସ୍ପୃହା ନଷ୍ଟ ହୋଇ ଯାଇଥିଲା। ଏଭଳି ପରିସ୍ଥିତି ୧୯୨୦ ରୁ ଆରମ୍ଭ ହୋଇ ୧୯୨୨ ପର୍ଯ୍ୟନ୍ତ ଚାଲୁ ରହିଲା। ବିଶ୍ୱନାଥ ମିଶ୍ର ଏଭଳି ଅବସ୍ଥାରେ କର୍ତ୍ତବ୍ୟ ଅବଧାରଣକରିବା ପାଇଁ ଅତ୍ୟନ୍ତ ବିବ୍ରତ ହୋଇ ପଡ଼ିଲେ।

(ନଅ)

ମାର୍ଚ୍ଚ ୧୯୨୧ ସାଲର ସେହି ସଙ୍ଗୀନ ସମୟରେ ମହାତ୍ମାଗାନ୍ଧୀଙ୍କ ସହିତ ବିଶ୍ୱନାଥଙ୍କର ଦେଖା ହେଲା। ବିଶ୍ୱନାଥଙ୍କର ବନ୍ଧୁ ଓ ଦରଦୀ ମଧୁସୂଦନ ପାଣିଗ୍ରାହୀଙ୍କର ବାସଭବନରେ ଗାନ୍ଧିଜୀ ବ୍ରହ୍ମପୁର ଗସ୍ତବେଳେ ଅତିଥି ଥିଲେ। ୧୯୨୧ ଜାନୁଆରୀରେ ଉତ୍କଳ ସମ୍ମିଳନୀର କଂଗ୍ରେସ ସହିତ ମିଶ୍ରଣ ପରେ ଉତ୍କଳ ସମ୍ମିଳନୀର ସଭ୍ୟ ଓ ସମର୍ଥକମାନଙ୍କର ପନ୍ଥା କ'ଣ ହେବ, ଏହା ହିଁ ଥିଲା ସାକ୍ଷାତର ପ୍ରଧାନ ଉଦ୍ଦେଶ୍ୟ।

ଗାନ୍ଧିଜୀ ସେତେବେଳେ ଥିଲେ କରିତ୍‌କର୍ମା ଓ ଆତ୍ମପ୍ରତ୍ୟୟଶୀଳ ଜନନାୟକ। ବ୍ରହ୍ମପୁର ସଭାରେ ସେ ଘୋଷଣା କରିଥିଲେ ଯେ ତାଙ୍କର କାର୍ଯ୍ୟକ୍ରମ ପୂର୍ଣ୍ଣପ୍ରାଣରେ ପାଳିତ ହେଲେ ଏକ ବର୍ଷ ଭିତରେ ଭାରତରେ ସ୍ୱରାଜ୍ୟ ପ୍ରତିଷ୍ଠିତ ହେବ। ସ୍ୱରାଜ୍ୟ ପ୍ରତିଷ୍ଠିତ ହେବା ପାଇଁ ଆଗରେ ଥିବା ବିଭିନ୍ନ ପର୍ଯ୍ୟାୟ ବିଷୟରେ ସେତେବେଳେ କୌଣସି ସନ୍ଦେହର ପ୍ରଶ୍ନ ନ ଥିଲା। ଭାରତୀୟ ଜନତାର ଉନ୍ମାଦନା ଥିଲା ପ୍ରଖର

Digitized by srujanika@gmail.com

ଭାବରେ ତେଜିୟାନ। ବିଶ୍ୱନାଥ ଓ ତାଙ୍କର ସମଚିନ୍ତକ ସହକର୍ମୀମାନଙ୍କୁ ଗାନ୍ଧିଜୀ ପରାମର୍ଶ ଦେଲେ ଯେ ତାଙ୍କର ଆନ୍ଦୋଳନରେ ସବୁ ଜାତି, ସବୁ ଭାଷା, ସବୁ ଧର୍ମ ଓ ସବୁ ପ୍ରକାର ଭାରତୀୟ ନରନାରୀ ଯୋଗ ଦେବାରେ ବାଧା ନାହିଁ। ଏଥିରେ ସତ୍ୟାଗ୍ରହ କରି ଜେଲ ଯିବା ବାଧ୍ୟତାମୂଳକ ନୁହେଁ; କିନ୍ତୁ ବର୍ଜନ ଆନ୍ଦୋଳନର ପ୍ରତ୍ୟେକ ଦଫାକୁ ମାନିବା ହେଉଛି ଦରକାର। ଅସହଯୋଗ ଆନ୍ଦୋଳନର ପଞ୍ଚବିଧି ସୂତ୍ରକୁ ବୟାନ କରି ସେ ପ୍ରତ୍ୟେକ ବ୍ୟକ୍ତିକୁ (୧) ସରକାରୀ ଶିକ୍ଷାନୁଷ୍ଠାନ (୨) ସରକାରୀ ବିଚାରାଳୟ (୩) ବିଦେଶୀ ବସ୍ତ୍ର (୪) ମାଦକ ଦ୍ରବ୍ୟ (୫) ସରକାରୀ ଉପାଧି ବର୍ଜନ କରିବାକୁ ଅନୁରୋଧ କରିଥିଲେ। ସେ ପରାମର୍ଶ ଦେଲେ ଯେ "ପ୍ରତ୍ୟେକ ଦେଶମିଶ୍ରଣ ଅଭିଳାଷୀ ଓଡ଼ିଆ ଗୋଟିଏ ବର୍ଷ ତାଙ୍କରି ଅସହଯୋଗର ନିର୍ଦ୍ଦିଷ୍ଟ ବର୍ଜନ ନୀତି ଗ୍ରହଣ କରନ୍ତୁ।" ତା' ବାହାରେ ସେମାନେ ଭାଷା ପ୍ରଚାର ଓ ପ୍ରସାର ପାଇଁ ଲାଗିପଡ଼ନ୍ତୁ ସେଥିରେ ତାଙ୍କର ଆପତ୍ତି ନାହିଁ । କିନ୍ତୁ ଭାଷା ପ୍ରଚାର ଓ ପ୍ରସାର ଯେପରି ବିଭିନ୍ନ ଭାଷାଭାଷୀଙ୍କ ଭିତରେ ବିଭେଦ ଓ ସଂଘର୍ଷର କାରଣ ନ ହୁଏ।

ଗାନ୍ଧିଜୀଙ୍କର ସୂତ୍ର ଅନୁସାରେ ବିଶ୍ୱନାଥଙ୍କୁ ବେଶି କିଛି ବର୍ଜନ କରିବାକୁ ପଡ଼ି ନଥାନ୍ତା, ଅବଶ୍ୟ ସେ ତାଙ୍କର ଜୀବିକା ସରକାରୀ ବିଚାରାଳୟ ଛାଡ଼ିବାକୁ ବାଧ ହୋଇ ଥାଆନ୍ତେ। ତାହା ତ ସେ ଏକ ପ୍ରକାରେ ଛାଡ଼ିଥିଲେ କହିଲେ ଚଳେ। ତେବେ ସେହି ବୃତ୍ତି ଛାଡ଼ିଲା ପରେ ସେ ଆପଣାର ଜୀବିକା ନିର୍ବାହ ପାଇଁ କ'ଣ କରି ପାରିବେ ଓ କେତେ ଦିନ ବୃତ୍ତି ଛାଡ଼ି ଚଳିପାରିବେ ଏହାହିଁ ତାଙ୍କର ବିଚାରର ବିଷୟ ଥିଲା। ଗାନ୍ଧିଜୀ ତାଙ୍କୁ ଉପଦେଶ ଦେଇଥିଲେ ଯେ ହାତରେ ଯେଉଁ ମକଦ୍ଦମା ଅଛି, ଯାହା ଫଳରେ ତାଙ୍କର ମହୋକିଲର ଜେଲ ପ୍ରାଣଦଣ୍ଡ ହୋଇଯାଇପାରେ ସେପରି ମକଦ୍ଦମାକୁ ପୂରାକରିବା ଅବଶ୍ୟ ତାଙ୍କର କର୍ତ୍ତବ୍ୟ। ତେବେ ନୂଆ ମକଦ୍ଦମା ଏକ ବର୍ଷ ପାଇଁ ଗ୍ରହଣକରିବା ଉଚିତ ନୁହେଁ।

ଗାନ୍ଧିଜୀଙ୍କର ଉପଦେଶ ବିଶ୍ୱନାଥଙ୍କର ଯୁକ୍ତିନିଷ୍ଠ ମନକୁ ମାନି ନ ଥିଲା। ସାରା ଭାରତର ସବୁ ଶ୍ରେଣୀର ଲୋକ ହିନ୍ଦୁ, ମୁସଲମାନ ଜାତି ବର୍ଣ୍ଣ ନିର୍ବିଶେଷରେ ଯୁବକ, ବୃଦ୍ଧ, ବନିତା ଗାନ୍ଧିଜୀଙ୍କର ଉପଦେଶ ପାଳନକରି ଗୋଟିଏ ବର୍ଷ ଯାଏ ବର୍ଜନ ଅସହଯୋଗ ଆନ୍ଦୋଳନ ଚଳାଇ ରଖିବେ; ଏଭଳି ଚିନ୍ତା ଏକାନ୍ତ ଅବାସ୍ତବ ଥିଲା। ତଥାପି ସେ ଅନ୍ୟ ଲକ୍ଷ ଲକ୍ଷ ଦେଶପ୍ରେମୀଙ୍କ ଭଳି ଏକଥା ନିଶ୍ଚିତ ଭାବରେ ମନେ କରିଥିଲେ ଯେ ସାମୂହିକଭାବରେ ହଜାର ହଜାର ପୁରପଲ୍ଲୀ ଓ ଜନପଦର ଲୋକେ ସରକାରୀ ବିଚାରାଳୟ ଓ ସରକାରୀ ଚାକିରୀ ଛାଡ଼ିଦେଲେ, ସରକାରୀ

Digitized by srujanika@gmail.com

ଶିକ୍ଷାନୁଷ୍ଠାନ ଏକ ସମୟରେ ବର୍ଜନ କଲେ ଓ ବିଦେଶୀ ବସ୍ତ୍ର ଓ ମାଦକ ଦ୍ରବ୍ୟ ତ୍ୟାଗ କରିବା ପାଇଁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭକଲେ। ସାମୟିକଭାବରେ ହେଲେ ବି ତାହାର ପ୍ରଭାବ ସାରା ଦେଶରେ ନିମଜ୍ଜିତ ଶୋଷିତ ଜନସାଧାରଣଙ୍କ ଉପରେ ପଡ଼ିବ ଓ ଭାରତର ଦୁର୍ଦ୍ଦଶା ସାରା ପୃଥିବୀର ଜନମତ ଆକର୍ଷଣ କରିବ। ଠିକ୍ ଏହି କାରଣରୁ ହିଁ ଭାରତର ଲକ୍ଷ ଲକ୍ଷ ଲୋକ ଗାନ୍ଧିଜୀଙ୍କର ଡାକରାରେ ବର୍ଜନ, ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଯଦିଚ ସେମାନେ ଏହି ଆନ୍ଦୋଳନରେ ସ୍ୱରାଜ୍ୟ ପ୍ରାପ୍ତି ଲକ୍ଷ୍ୟ ପୂରଣ ହୋଇ ପାରିବ ଏ ବିଷୟରେ ସନ୍ଦିହାନ ଥିଲେ।

ବିଶ୍ୱନାଥ କଲିକତାରୁ କ୍ରମେ ଆପଣାର ଓକିଲାତିର ସାଜ ସରଞ୍ଜାମ, ବହିପତ୍ର ଉଠାଇ ଆଣିଲେ। କଟକର କାଠଯୋଡ଼ି କୂଳରେ ପୁରୀ ଘାଟଠାରେ ଗୋଟିଏ ପ୍ରଶସ୍ତ ଜାଗାରେ ସେ ଆଗରୁ ଖଣ୍ଡିଏ ବାସଗୃହ କରିବାପାଇଁ ବନ୍ଦୋବସ୍ତ କରିଥିଲେ। ଏହି ସ୍ଥାନରେ ହିଁ ତାଙ୍କର ନୂତନ କର୍ମକ୍ଷେତ୍ରର କେନ୍ଦ୍ର ସେ ଗଢ଼ିଲେ। ଏବେ ଏହି ବାସ ସ୍ଥାନଟି କଟକରେ ଭାରତୀ କୋଠା ନାମରେ ପ୍ରସିଦ୍ଧ।

୧୯୨୧ ମସିହା ପୂର୍ବରୁ ଯେତେବେଳେ ଦିଗ୍‌ବଳୟରେ ଅସହଯୋଗ ଆନ୍ଦୋଳନ ଚିହ୍ନର ସୂଚନା ନ ଥିଲା, ସେତେବେଳେ ମଧ୍ୟ ସେ କଲିକତାରୁ ଆପଣାର ଆସ୍ଥାନ କଟକକୁ ଉଠାଇ ଆଣିବାକୁ ଚିନ୍ତା କରୁଥିଲେ। କାରଣ ପାଟଣାରେ ହାଇକୋର୍ଟ ବସିଲା ପରେ କଲିକତାରେ ଆପଣାର ବୃତ୍ତି ଚଳାଇବା ପାଇଁ କୌଣସି ଅବକାଶ ନ ଥିଲା। ପାଟଣାରେ ରହି ଆଇନ ବ୍ୟବସାୟରେ ବ୍ୟାପୃତ ରହିଲେ ସେଠାରୁ ଓଡ଼ିଶା ଓ ଗଞ୍ଜାମ ଅଞ୍ଚଳ ସହିତ ଯୋଗସୂତ୍ର ରଖିବା ଅସମ୍ଭବ ଥିଲା। ତେଣୁ କାର୍ଯ୍ୟତଃ କଟକହିଁ ତାଙ୍କର ବୃତ୍ତିପାଇଁ ମୁଖ୍ୟ କର୍ମସ୍ଥଳୀ ହୋଇ ଥାଆନ୍ତା। ଯୋଗକୁ ଅସହଯୋଗ ଆନ୍ଦୋଳନର ବିଲାତ ବିଚାରାଳୟ ବର୍ଜନର ଅନୁଜ୍ଞା ପ୍ରତି ସମ୍ମାନରଖି ତାଙ୍କୁ କଲିକତାରୁ ବୃତ୍ତି ଉଠାଇ ନେଇ କଟକରେ ଅବସ୍ଥାନ କରିବାକୁ ହେଲା । ୧୯୨୧ ମାର୍ଚ୍ଚଠାରୁ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର ଯାଏ ସେ କୌଣସି ବିଲାତି କୋର୍ଟ କଚେରୀ ସହିତ ସମ୍ପର୍କ ରଖି ନ ଥିଲେ। ଏହାହିଁ ଥିଲା ଅସହଯୋଗ ପ୍ରତି ତାଙ୍କର ନିଷ୍ଠାପର ପ୍ରତିଶ୍ରୁତି।

Digitized by srujanika@gmail.com

ପ୍ରଥମ କେନ୍ଦ୍ର ବ୍ୟବସ୍ଥା ସଭା

(ଏକ)

ଭାରତରେ ଅସହଯୋଗର ନବଜାଗରଣ ତୁମୁଳ ଜୁଆର ପରି ଉତ୍ତଙ୍ଗ ହେଲା ବେଳକୁ ହଠାତ୍ ସେଥିରେ ଭଟ୍ଟା ପଡ଼ିଗଲା । ସଂଯୁକ୍ତ ପ୍ରଦେଶ (ଏବର ଉତ୍ତର ପ୍ରଦେଶ)ର ଗୋଟିଏ ଗାଁରେ ଉତ୍ୟକ୍ତ ଜନତା ଗୋଟିଏ ପୋଲିସ ଥାନା ପୋଡ଼ିଦେଲେ । ଏଥିରେ କେତେଜଣ ସିପାହୀ ଭସ୍ମୀଭୂତ ହୋଇଗଲେ । ୧୯୨୨ ଫେବୃଆରୀ ମାସ ୫ ତାରିଖରେ ଏହି ଘଟଣା ଘଟିଲା । ସେତେବେଳେ କଂଗ୍ରେସର ପ୍ରଧାନ ପ୍ରଧାନ ନେତୃବର୍ଗ ଓ ହଜାର ହଜାର ସତ୍ୟାଗ୍ରହୀ ଜେଲରେ ବନ୍ଦୀ । ଏକମାତ୍ର ଗାନ୍ଧିଜୀ ଜେଲ ବାହାରେ ଥାଆନ୍ତି ।

ଏହି ଘଟଣା ଘଟିବାର ଚାରିଦିନ ପରେ ଭାରତ ସଚୀବଙ୍କୁ ଭାଇସରାୟ ତାରଯୋଗେ ଜଣାଇଥିଲେ– "ସହରମାନଙ୍କରେ ତଳଶ୍ରେଣୀର ଲୋକେ ଅସହଯୋଗ ଆନ୍ଦୋଳନରେ ଖୁବ୍ ପ୍ରଭାବିତ ହୋଇଛନ୍ତି । ମଫସଲରେ ଚାଷୀମାନଙ୍କ ଭିତରେ ବି ଆନ୍ଦୋଳନ ସଂକ୍ରମିତ ହୋଇଗଲାଣି । ମୁସଲମାନଙ୍କ ଭିତରୁ ଅଧିକାଂଶ ତିକ୍ତ, କ୍ଷୁବ୍ଧ ଓ କ୍ରୋଧାନ୍ୱିତ । ପରିସ୍ଥିତି ଅତ୍ୟନ୍ତ ସଂକଟପୂର୍ଣ୍ଣ..... ଇତ୍ୟାଦି ।" ଭାରତ ସରକାରଙ୍କର ପରିସ୍ଥିତିର ଏଭଳି ମୂଲ୍ୟାଙ୍କନ ବେଳେ ହଠାତ୍ ବିନାମେଘେ ବଜ୍ରପାତ ଭଳି ଅସହଯୋଗ ଉପରେ ରାହୁଦଶା ପଡ଼ିଗଲା । ଚୌରିଚୌରା ଘଟଣାରେ ଜନତା ହିଂସା ପ୍ରଣୋଦିତ ହେବାରୁ ଗାନ୍ଧି ଅତ୍ୟନ୍ତ ଦୁଃଖିତ ହୋଇପଡ଼ିଲେ । ସେ ତୁରନ୍ତ ଫେବୃଆରୀ ୧୨ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକ ଡାକିଲେ । କମିଟି ସାମୂହିକ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଲେ । କଂଗ୍ରେସ ସଭ୍ୟମାନେ ଗିରଫ ହେବା ପାଇଁ କରୁଥିବା କାର୍ଯ୍ୟ ଓ କେବଳ ସରକାରୀ ଘୋଷଣା ଅମାନ୍ୟ କରୁଥିବା ଶୋଭାଯାତ୍ରା ଓ ସଭା ସମିତିରୁ ବିରତ ହେବା ପାଇଁ କମିଟି ନିର୍ଦ୍ଦେଶ ଦେଲେ । ନିଖିଳ ଭାରତ କଂଗ୍ରେସ କମିଟି ଫେବୃୟାରୀ ୨୪ ତାରିଖ ଦିନ ଦିଲ୍ଲୀରେ ବସି ଏହି ପ୍ରସ୍ତାବଗୁଡ଼ିକ ଅନୁମୋଦନ କଲେ । ହଠାତ୍ ସାରା ଦେଶର ଜନତା ଏହି ଘୋଷଣା ଶୁଣି ସ୍ତବ୍ଧ ହୋଇଗଲେ । ଭାରତ ସରକାର ଯିଏ ସେତେବେଳେ ଅସହଯୋଗର ଆଘାତରେ ପ୍ରମାଦ ଗଣୁଥିଲେ, ଏହି ସୁଯୋଗରେ ମାର୍ଚ୍ଚ ୧୦ ତାରିଖରେ ଗାନ୍ଧିଜୀଙ୍କୁ ଗିରଫ କଲେ ।

Digitized by srujanika@gmail.com

ଭାରତର ସହସ୍ର ସହସ୍ର ଦେଶପ୍ରେମୀ, ଯେଉଁମାନେ ଆପଣାର ଦୈନନ୍ଦିନ ଜୀବିକା, ପାଠପଢ଼ା, ବ୍ୟବସାୟ ଇତ୍ୟାଦି ତ୍ୟାଗକରି ସରକାର ଓ ରାଷ୍ଟ୍ର ସହିତ ଅସହଯୋଗ ନାମକ ଏକ ସଂସାର-ବାହାର ଏକ୍ସପେରିମେଣ୍ଟରେ ଯୋଗ ଦେଇଥିଲେ, ସେମାନେ ଅନ୍ତତଃ ଆଶା କରିଥିଲେ ଅସହଯୋଗ ଫଳରେ ଗୋଟାଏ ପରିବର୍ତ୍ତନ ଘଟିବ। ଘଟଣାର ଏଭଳି ନାଟକୀୟ ପରିଣତିରେ ସେମାନେ ଏକାବେଳକେ ହତଜ୍ଞାନ ହୋଇଗଲେ। ବିଶ୍ୱନାଥ ମିଶ୍ରଙ୍କର ମଧ ଠିକ୍ ସେହି ଅବସ୍ଥା ହେଲା। ବ୍ୟକ୍ତିଗତ ଭାବରେ ସେ ଥିଲେ ଏକ ସ୍ୱଳ୍ପବିତ୍ତ ପରିବାରର ଲୋକ। ବୃତ୍ତିଜୀବୀ ହିସାବରେ ଯାହା ମାମୁଲି ଅର୍ଜିବାର କଥା ତାହା ଅପେକ୍ଷା ତାଙ୍କର ସାଧାରଣ ସେବା ଜୀବନ ଯୋଗୁଁ ଖର୍ଚ୍ଚ ଆହୁରି ବହୁତ ଥିଲା। ସେତେବେଳକୁ ତାଙ୍କର ପାଞ୍ଚଗୋଟି ପୁତ୍ର ସନ୍ତାନ ଓ ଯୋଡ଼ିଏ କନ୍ୟା। ବଡ଼ ଭାଇ ଏକପ୍ରକାର ତାଙ୍କରି ଉପରେ ନିର୍ଭରଶୀଳ। ବଡ଼ ଭାଇଙ୍କର ପୁଅ (ପୁରୀର ବୟୋବୃଦ୍ଧ ଡାକ୍ତର ମହାଦେବ ମିଶ୍ର) ଓ ସାନଭାଇ ଦାମୋଦରଙ୍କର ଶିକ୍ଷା ଓ ପାଳନ ଭାର ତାଙ୍କରି ଉପରେ। ପ୍ରତ୍ୟକ୍ଷଭାବରେ ଏମାନେ ସମସ୍ତେ କିଶୋର ବୟସ ଟପି ନ ଥାନ୍ତି ଓ ଏ ସମସ୍ତଙ୍କ ସହିତ ଘରର ମହିଳା ଗଣ। ତେଣୁ ଅସହଯୋଗର ପର୍ଯ୍ୟାୟ ଶୀଘ୍ର ସରିବା ଉପରେ ହିଁ ତାଙ୍କର ଭବିଷ୍ୟତ କର୍ମପନ୍ଥା ନିର୍ଭର କରୁଥିଲା।

ଅସହଯୋଗର ପରିସମାପ୍ତି ଯେଉଁଭଳି ଭାବରେ ଘଟିଲା ତାହା ଯେତେ ଶୋଚନୀୟ ଓ ଦୁଃଖଦାୟକ ହେଉ ନା କାହିଁକି ବିଶ୍ୱନାଥଙ୍କ ପାଇଁ ତାହା ଏକ କ୍ଷୀଣ ଜୀବନ ରେଖା ପରି କାର୍ଯ୍ୟ କଲା। ଗାନ୍ଧିଜୀଙ୍କର ନିର୍ଦ୍ଦେଶ ପ୍ରତି ଅଙ୍ଗୀକୃତହୋଇ ସେ ବିଲାତ ପ୍ରତିଷ୍ଠିତ ବିଚାରାଳୟ ଛାଡ଼ି ଦେଇଥିଲେ। ବର୍ତ୍ତମାନ ଜୀବିକା ପାଇଁ ତାହାର ଦ୍ୱାର ମାଡ଼ିବାକୁ ହେବ। ଏହା ଥିଲା ତାଙ୍କର ଅବଶୋଷ। କାରଣ ଜାତୀୟ କାର୍ଯ୍ୟରେ ଆପଣାକୁ ନିୟୋଜିତ କରିବାପରେ ସେ ଓକିଲାତି ପ୍ରତି ଆଉ ସ୍ପୃହା ରଖି ନ ଥିଲେ। ଏବେ ତାଙ୍କ ଆଗରେ ସମସ୍ୟା ହେଲା ଓଡ଼ିଆ ଭାଷୀ ଲୋକଙ୍କର ଦେଶମିଶ୍ରଣ ପାଇଁ ତାଙ୍କର କର୍ତ୍ତବ୍ୟ ଓ ଜୀବିକା ଏକା ସାଙ୍ଗରେ ତୁଲାଇବେ କିପରି ?

(ଦୁଇ)

ହଠାତ୍ ଅନ୍ଧକାର ଭିତରେ ଏକ ଆଲୋକ ରେଖା ଦେଖାଦେଲା। ୧୯୨୦ ମସିହା ନଭେମ୍ବର ମାସର ନିର୍ବାଚନବେଳେ କେନ୍ଦ୍ର ବ୍ୟବସ୍ଥା ସଭାକୁ ଓଡ଼ିଶାରୁ ଦୁଇ ଜଣ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ସେମାନଙ୍କ ଭିତରୁ ଜଣେ ହେଉଛନ୍ତି ସ୍ୱର୍ଗତ

Digitized by srujanika@gmail.com

ବ୍ରଜସୁନ୍ଦର ଦାସ, ଦ୍ୱିତୀୟ ଜଣକ ସ୍ୱର୍ଗତ ନିମାଇଁ ଚରଣ ମିତ୍ର। ଏଥିମଧ୍ୟରୁ ନିମାଇଁ ଚରଣ ମିତ୍ର ଉକ୍ତ ସଭ୍ୟ ପଦ ତ୍ୟାଗ କଲେ। ଏହି ଶୂନ୍ୟସ୍ଥାନ ପୂରଣ ପାଇଁ ବାରିଷ୍ଟର ବିଶ୍ୱନାଥ ମିଶ୍ର ଜଣେ ପ୍ରାର୍ଥୀ ହେବାର ସୁଯୋଗ ଲାଭକଲେ । ତାଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଆଉ ଦୁଇ ଜଣ ମଧ୍ୟ ପ୍ରାର୍ଥୀ ଥିଲେ। ୧୮/୨/୧୯୨୨ ର ଉତ୍କଳ ଦୀପିକାର ଗୋଟିଏ ସମ୍ବାଦରୁ ଜଣାପଡ଼େ ଏହି ପ୍ରତିଦ୍ୱନ୍ଦ୍ୱିତାରେ ବିଶ୍ୱନାଥ ମିଶ୍ରଙ୍କର ପ୍ରାର୍ଥୀତ୍ୱକୁ ସମର୍ଥନକରି ଦୀପିକା ଲେଖିଥିଲେ : ମି : ବି.ଏନ୍. ମିଶ୍ର ସର୍ବସାଧାରଣ କ୍ଷେତ୍ରରେ ଅନେକ କାର୍ଯ୍ୟ କରିଥିବାର ଆମ୍ଭେମାନେ ବିଦିତ ଅଛୁ । ମାତ୍ର ଶେଷୋକ୍ତ ଭଦ୍ର ମହୋଦୟମାନେ ସାଧାରଣ କ୍ଷେତ୍ରରେ କିଛି କରିବାର ଜଣାନାହିଁ। ଏତେ ବଡ଼ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ପ୍ରାର୍ଥୀମାନଙ୍କ ମଧ୍ୟରୁ ବାରିଷ୍ଟର ବି.ଏନ୍. ମିଶ୍ର ଉପଯୁକ୍ତ ବୋଲି ଆମ୍ଭମାନଙ୍କର ବିଶ୍ୱାସ। ଭୋଟଦାତାମାନେ ଭୋଟ ଦେବାରେ ଯୋଗ୍ୟ ବ୍ୟକ୍ତିଙ୍କୁ ବାଛିନେବା ଉଚିତ ନୁହେଁ କି ?

(ଉତ୍କଳ ଦୀପିକା ସଂ ୭ ଖ୍ୟା-ଖ ୫୭ ଶନିବାର ୧୮/୨/୧୯୨୨)

ଏହାର ଠିକ୍ ଏକ ମାସ ପରେ ୧୮/୩/୧୯୨୨ରେ ସେହି ଉତ୍କଳ ଦୀପିକାରେ ବିଶ୍ୱନାଥ ମିଶ୍ରଙ୍କର କୃତଜ୍ଞତା ସୂଚକ ବିବୃତି ପ୍ରକାଶ ପାଇଲା। ୧୩/୩/୧୯୨୨ର ଦୈନିକ ଆଶା ସଂ ୨୪ ଖ୍ୟା ଭା ୧୦ ଗରେ ପ୍ରକାଶିତ ଖବର ଅନୁସାରେ "ବାରିଷ୍ଟର ମିଃ ବିଶ୍ୱନାଥ ମିଶ୍ର ଭାରତ ବ୍ୟବସ୍ଥାସଭାକୁ ନିର୍ବାଚିତ ହୋଇଥିବା ଯୋଗୁଁ ତାଙ୍କର ଅଭ୍ୟର୍ଥନା। କାରଣ ବ୍ରହ୍ମପୁରରେ ଦୁଇଗୋଟି ସାନ୍ଧ୍ୟ ମିଳନର ଆୟୋଜନ ହୋଇଥିଲା । ଗଲା ଶୁକ୍ରବାର ଦିନ ପାଟ ବେପାରୀ ଓ ମ୍ୟୁନିସପାଲ୍ କାଉନ୍‌ସିଲର ମିଃ ନାଲାଶିବାୟ ଏବଂ ରବିବାର ଦିନ ପ୍ଲିଡର ବାବୁ ମଧୁସୂଦନ ପାଣିଗ୍ରାହୀ ମିଶ୍ରଙ୍କ ପାଇଁ ଅଭ୍ୟର୍ଥନାର ଆୟୋଜନ କରିଥିଲେ।" ଉକ୍ତ ସମ୍ବାଦ ସଙ୍ଗେ ସଙ୍ଗେ ସମ୍ପାଦକୀୟ ଟିପ୍‌ପଣୀରେ 'ଆଶା' ସମ୍ପାଦକ ସ୍ୱର୍ଗତଃ ଶଶିଭୂଷଣ ରଥ ଲେଖିଥିଲେ "ରାୟ ବାହାଦୂର ନିମାଇଁ ଚରଣ ମିତ୍ରଙ୍କ ସ୍ଥାନରେ ଭାରତ ବ୍ୟବସ୍ଥା ସଭାକୁ ବାରିଷ୍ଟର ଶ୍ରୀମାନ ବିଶ୍ୱନାଥ ମିଶ୍ର ନିର୍ବାଚିତ ହୋଇଅଛନ୍ତି। ବାରିଷ୍ଟର ମିଶ୍ର ଜଣେ ପାରିବାର ଲୋକ। ସେ ଓଡ଼ିଶାର ପ୍ରଥମ ବାରିଷ୍ଟର। ଜାତି ନିବନ୍ଧନ ଅତିକ୍ରମକରି ସେ ବିଲାତ ଯାଇଥିଲେ। ଏହା ତାଙ୍କର ନୈତିକ ସାହସର ପ୍ରଧାନ ପରିଚୟ। ସେ ଜଣେ ମିଷ୍ଟାଳାପୀ ଓ ସଙ୍ଗପ୍ରିୟ ଲୋକ। ତାଙ୍କର ଏହି ନିର୍ବାଚନରେ ଓଡ଼ିଆ ମାତ୍ରେ ପରିତୃପ୍ତ ହେବେ ବୋଲି ମନେ କରୁଁ ଏବଂ ଆଶା କରୁଁ ବ୍ୟବସ୍ଥାସଭାର କାର୍ଯ୍ୟରେ ସେ ଦେଶପ୍ରୀତିର ପରିଚୟ ଦେବେ।"

Digitized by srujanika@gmail.com

(ତିନି)

୧୯୨୨ ସାଲ ମାର୍ଚ୍ଚ ପନ୍ଦର ତାରିଖ ବୁଧବାର ଦିନ ବିଶ୍ୱନାଥ ମିଶ୍ର ଓଡ଼ିଆ ଡିଭିଜନର ମୁସଲମାନ-ଇତର ନିର୍ବାଚନ ମଣ୍ଡଳିରୁ ସଭ୍ୟରୂପେ ଶପଥ ଗ୍ରହଣ କରିଥିଲେ। ଏହି ବ୍ୟବସ୍ଥା ସଭା ଥିଲା ମଣ୍ଟଫୋର୍ଡ଼ ଶାସନ ସଂସ୍କାର ଅନୁସାରେ ପ୍ରଥମ କେନ୍ଦ୍ର ବ୍ୟବସ୍ଥା ସଭା। ଏହାହିଁ ଆଧୁନିକ ଭାରତୀୟ ଲୋକସଭାର ଜନନୀ ଥିଲା। ସେହି ଶାସନ ସଂସ୍କାର ଦିନଠାରୁ ହିଁ ଭାରତର କେନ୍ଦ୍ରରେ ଦୁଇଟି ସଭା ବିଭିନ୍ନ ନାମରେ ପ୍ରତିଷ୍ଠିତ ହୋଇ ଆସିଛି। ସେତେବେଳେ ତଳ ସଭାର ଇଂରାଜୀ ନାମ ଥିଲା 'ସେଣ୍ଟ୍ରାଲ ଲେଜିସ୍‌ଲେଟିଭ ଆସେମ୍ବ୍ଲି' ଓ ଉପର ସଭାର ନାମ ଥିଲା 'କାଉନ୍‌ସିଲ ଅଫ୍ ଷ୍ଟେଟସ୍' (ବର୍ତ୍ତମାନ ନାମ ଲୋକସଭା ଓ ରାଜ୍ୟସଭା)। ୧୯୨୦ ନଭେମ୍ବର ମାସରେ ଏହି ସଭାର ପ୍ରଥମ ନିର୍ବାଚନ ହୋଇଥିଲା। ଆଇନ ଅନୁସାରେ ଏହି ସଭାର ଆୟୁଷ ଥିଲା ତିନିବର୍ଷ। ତେଣୁ ବିଶ୍ୱନାଥ ଏହି ସଭାରେ ସଦସ୍ୟ ହେବା ପରେ ତାଙ୍କୁ ମାତ୍ର ଦୁଇ ବର୍ଷରୁ ଅଳ୍ପକାଳ ଏଥିରେ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା।

ଶାସନ ସଂସ୍କାରର ନିୟମାବଳୀ ଅନୁସାରେ ଏହି ସଭା ପାଇଁ ନିର୍ବାଚିତ ପ୍ରତିନିଧିର ଭୋଟର ଥିଲେ କେବଳ ପୁରୁଷ। ସ୍ତ୍ରୀ ଲୋକଙ୍କର ଭୋଟ ଅଧିକାର ନ ଥିଲା। ପୁଣି ନିର୍ବାଚକମାନଙ୍କର ଶିକ୍ଷା ଓ ସମ୍ବଳ ହିଁ ଭୋଟର ହେବାର ଯୋଗ୍ୟତାର ପରିମାପ ଥିଲା। ଏହି ଭୋଟ ଏପରି ସୀମିତ ଥିଲା ଯେ ସେତେବେଳେ ସାରା ଭାରତରୁ ମାତ୍ର ୬୨ ଲକ୍ଷ ଲୋକ ଭୋଟର ତାଲିକାଭୁକ୍ତ ହୋଇଥିଲେ। ବ୍ରିଟିଶ ଭାରତର ସମୁଦାୟ ଲୋକ ସଂଖ୍ୟାର ଏମାନେ ଥିଲେ ଶତକଡ଼ା ୨୨/୩। ପୁଣି ଏହି ସାଧାରଣ ନିର୍ବାଚନବେଳେ ଅସହଯୋଗ ଆନ୍ଦୋଳନର ନିର୍ବାଚନ ବର୍ଜନର ପ୍ରଭାବ ମଧ୍ୟ ବିଶେଷଭାବରେ ପଡ଼ିଥିଲା। ଏହାର ଫଳସ୍ୱରୂପ ଏପରିକି ସରକାରୀ ହିସାବ ଅନୁସାରେ ବିଧାନ ସଭା ପାଇଁ ଯେଉଁମାନେ ଭୋଟ ଦେଇଥିଲେ ସେମାନଙ୍କର ସଂଖ୍ୟା ସମୁଦାୟ ନିର୍ବାଚକଙ୍କ ସଂଖ୍ୟାର ଶତକଡ଼ା ୨୦ ରୁ ବେଶି ନ ଥିଲା। ବିଶ୍ୱନାଥ ଅବଶ୍ୟ ଉପ ନିର୍ବାଚନରେ ଠିଆ ହୋଇଥିଲେ; ସେଥିରେ ସେ କେତେଜଣଙ୍କର ଭୋଟ ବଳରେ ପ୍ରତିଦ୍ୱନ୍ଦ୍ୱିତା ଫଳରେ ବିଜୟୀ ହୋଇଥିବେ, ତାହା ଏଥିରୁ ଅନୁମାନ କରା ଯାଇପାରେ।

ତେଣୁ ଏଭଳି ବ୍ୟବସ୍ଥାପକ ସଭା କୌଣସି ଦିଗରୁ ଏକ ଶକ୍ତିଶାଳୀ ସଭା ନ ଥିଲା। ଏଣୁ ଏହାକୁ ଉଦାରପନ୍ଥୀ ବ୍ୟବସ୍ଥାପକ ସଭା ବା ମାନ୍ଧାଦଳିଆ ସଭା ବୋଲି କହିଲେ ଚଳେ। ତେଣୁ ଏଥିରେ ଯେଉଁ ଆଲୋଚନା ବା ବିତର୍କ ହେଉଥିଲା ସେଥିରେ

Digitized by srujanika@gmail.com

ବିଶେଷ ଉତ୍ତାପ ବା ଉତ୍ତେଜନା ନ ଥିବାର କଥା। ତଥାପି ଏଥିରେ ଉତ୍ତେଜନା ନ ଥିଲା ବୋଲି କହି ହେବନାହିଁ। ଏହି ଉତ୍ତେଜନାର ପ୍ରଧାନ କାରଣ ଥିଲା ପରିଷଦ କକ୍ଷର ବାହାରେ ଚାଲିଥିବା ଗଣ ଆନ୍ଦୋଳନ, ଦମନ ଆଇନ ଓ ତାହାର ପ୍ରତିକ୍ରିୟା ଓ ତାହା ଫଳରେ ବିକ୍ଷୁବ୍ଧ ଜନମତ। ପରିଷଦ ଓ ବ୍ୟବସ୍ଥାପକ ସଭା (ଉଭୟ ଉପର ଓ ତଳ) ସଦସ୍ୟମାନେ ସଚେତନ ଥିଲେ ଯେ ସେମାନେ ଅତ୍ୟନ୍ତ ସୀମିତ ସଂଖ୍ୟାର ଭୋଟରଙ୍କର ପ୍ରତିନିଧି ହେଲେ ମଧ୍ୟ ଲୋକ ପ୍ରତିନିଧି। ସେମାନେ ତାଙ୍କର ନିର୍ବାଚନ ମଣ୍ଡଳିର ମତାମତକୁ ଆପଣାର କର୍ତ୍ତବ୍ୟ ପାଳନରେ ପ୍ରତିଫଳିତ କରିବାକୁ ବାଧ୍ୟ। ତେଣୁ ସେମାନଙ୍କର ସ୍ଥିତି ଅତ୍ୟନ୍ତ କଠିନ ଥିଲା। ଏକ ପକ୍ଷରେ ସେମାନଙ୍କୁ ଦେଖାଇବାକୁ ହେବ ସେମାନେ ବ୍ରିଟିଶ ସରକାରଙ୍କର ସମର୍ଥକ, ବୋଲକରା ନୁହନ୍ତି; ସେମାନେ ଲୋକ ପ୍ରତିନିଧି। ଅନ୍ୟ ପକ୍ଷରେ ସେମାନେ ଶାସନ ସଂସ୍କାରକୁ କାର୍ଯ୍ୟକାରୀ କରିବାକୁ ଚାହାନ୍ତି; ସେମାନେ ପ୍ରମାଣ କରିବାକୁ ଚାହାନ୍ତି ଯେ ଶାସନ ସଂସ୍କାର ଯେତେ ତ୍ରୁଟିପୂର୍ଣ୍ଣ ହେଲେ ମଧ୍ୟ ତାହାକୁ ଧରି ଅଗ୍ରଗତି କରାଯାଇପାରେ। ଶେଷୋକ୍ତ କଥା ପ୍ରମାଣ ନ କରି ପାରିଲେ କଂଗ୍ରେସ ବର୍ଜନ ଆନ୍ଦୋଳନରେ ମାତି ଥିବାବେଳେ ଏମାନେ ସହଯୋଗ କରିବାର ଯଥାର୍ଥତା ଆଉ କେଉଁଠି ରହିଲା ? ବ୍ୟବସ୍ଥାପକ ସଭାରେ ଯେଉଁ କେତେଜଣ କଂଗ୍ରେସ-ଇତର ଜାତୀୟବାଦୀ କାଁ-ଭାଁ ନିର୍ବାଚିତ ହୋଇ ଆସିଥିଲେ ସେମାନଙ୍କର ବକ୍ତବ୍ୟ ଥିଲା ଯେ ଶାସନ ସଂସ୍କାର ଆଇନ ଏକ ପ୍ରବଞ୍ଚନା। ସେମାନଙ୍କର ଏହି ଯୁକ୍ତିକୁ ଖଣ୍ଡନ କରିବାପାଇଁ ସରକାରଙ୍କୁ ମଧ୍ୟ କିଛି ନା କିଛି ମାନି ନେବାକୁ ପଡୁଥିଲା। ତେଣୁ ଶାସନର ସ୍ୱାର୍ଥରେ ବିଶେଷ ଆଞ୍ଚ ନ ଆଣି ଯେତେଦୂର ସମ୍ଭବ ସେମାନଙ୍କର ମତାମତକୁ ସରକାର ସମ୍ମାନ ଦେବାକୁ ବାଧ୍ୟ ହେଉଥିଲେ।

(ଚାରି)

ବ୍ୟବସ୍ଥାପକ ସଭା ପୁରୁଣା ହେଲେ ତାହାର ଗୋଟିଏ ପରମ୍ପରା ସୃଷ୍ଟି ହୋଇଥାଏ। ତା'ର ନିୟମ କାନୁନ ସେହି ପରମ୍ପରାକୁ ଆଶ୍ରୟ କରି ଚାଲିଥାଏ। ଭାରତର ଏହି ପ୍ରଥମ ବ୍ୟବସ୍ଥାପକ ସଭାର ପରମ୍ପରା ବୋଲି କିଛି ନ ଥିଲା। ବିଲାତ ପାର୍ଲିଆମେଣ୍ଟର ଏହା ଥିଲା ଏକ ହାସ୍ୟାସ୍ପଦ ବିରୂପ। ତଥାପି ତାହାରି ପରଂପରାକୁ ଧରି ଏଥର ସଭ୍ୟମାନେ ଅଗ୍ରସର ହେବାକୁ ଚେଷ୍ଟା କରୁଥିଲେ। କିନ୍ତୁ କେତେଦୂର ବା ଅଗ୍ରସର ହେବେ ? ପଦେ ପଦେ ଯେ ବାଧା ! ଆଇନରେ ବ୍ୟବସ୍ଥା ଥିଲା ପ୍ରଥମ

Digitized by srujanika@gmail.com

ଚାରି ବର୍ଷ ପାଇଁ ବ୍ୟବସ୍ଥାପକ ସଭାର ଅଧ୍ୟକ୍ଷ ବଡ଼ଲାଟଙ୍କ ଦ୍ୱାରା ନିଯୁକ୍ତ ହେବେ – କେବଳ ଉପାଧ୍ୟକ୍ଷ ବ୍ୟବସ୍ଥାପକ ସଭା ଦ୍ୱାରା ନିର୍ବାଚିତ ହୋଇପାରିବେ। ତେଣୁ ଏହିଠାରେ ହିଁ ପରମ୍ପରା ପ୍ରଥମେ କାଟ ଖାଇ ଯାଇଥିଲା। ବିଧାନସଭାର ଅଧ୍ୟକ୍ଷ ଯଦି ବଡ଼ଲାଟଙ୍କ ନିଯୁକ୍ତ ଅଫିସର ହୁଅନ୍ତି ଓ ତାଙ୍କର ଅନୁପସ୍ଥିତିରେ ଅଧ୍ୟକ୍ଷତା ତୁଲେଇବା ପାଇଁ ଯେଉଁ ଉପାଧ୍ୟକ୍ଷ ରହନ୍ତି (ଯିଏ ପୁଣି ଅଧ୍ୟକ୍ଷଙ୍କ ଅଧସ୍ତନ) ସେ ଯଦି ପୁଣି ୧୪୫ ଜଣ ସଦସ୍ୟ ବିଶିଷ୍ଟ ସଭାରେ ଏକଚାଳିଶ ଜଣ ସରକାରୀ ଅଫିସର ବା ସରକାରଙ୍କ ମନୋନୀତ ବ୍ୟକ୍ତିମାନଙ୍କର ଭୋଟ ଉପରେ ଆପଣାର ଆସ୍ଥାନ ରକ୍ଷାପାଇଁ ନିର୍ଭର କରନ୍ତି, ତେବେ ଅଧ୍ୟକ୍ଷ ବା ଉପାଧ୍ୟକ୍ଷଙ୍କର ସ୍ୱାଧୀନତା କାହିଁ ଯେ ସେମାନେ ବ୍ୟବସ୍ଥାପକମାନଙ୍କର ସ୍ୱାଧୀନ ମତ ପ୍ରକାଶର ଅଧିକାର ରକ୍ଷା କରିବେ ବା ସରକାରୀ ନିୟନ୍ତ୍ରଣ ଓ ପ୍ରଶାସନର ଅଙ୍କୁଶ ହାତରୁ ବ୍ୟବସ୍ଥାପକ ସଭାର ସମ୍ମାନ ଓ ସ୍ୱାଧୀନତା ଅକ୍ଷୁଣ୍ଣ ରଖିବେ। ତେଣୁ ଏହି ବ୍ୟବସ୍ଥାପକ ସଭାରେ ଏକ ସୁସ୍ଥ ପରମ୍ପରା ତିଆରି କରିବା ବିଡ଼ମ୍ବନା ପରି ବୋଧ ହେଉଥିଲା। ତଥାପି ଏହି ସମସ୍ତ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ପ୍ରଥମ ଭାରତୀୟ ବ୍ୟବସ୍ଥାପକ ସଭା କେତେଗୁଡ଼ିଏ ସୁସ୍ଥ ପରମ୍ପରାର ମୂଳଦୁଆ ପକାଇ ଥିଲା ଓ ବାରମ୍ବାର ବଡ଼ଲାଟଙ୍କ ଦ୍ୱାରା ନିଯୁକ୍ତ ବିଦେଶୀ ସିଭିଲିଆନ ଓ ଦେଶୀ ହାକିମମାନଙ୍କୁ ବିବ୍ରତ କରିଥିଲା। ବାରମ୍ବାର ବଡ଼ଲାଟଙ୍କୁ ବ୍ୟବସ୍ଥା ସଭାର ମତାମତକୁ ଲଂଘନକରି ପ୍ରମାଣ ପତ୍ର ଦେବାକୁ ବାଧ କରିଥିଲା ଓ ଯାହାଫଳରେ ସାରା ସଂସାରକୁ ପ୍ରମାଣ କରି ଦେଖେଇ ଦେଇଥିଲା ଯେ ଭାରତୀୟମାନଙ୍କର ନ୍ୟାୟପୂର୍ଣ୍ଣ ଦାବୀର ଅଗ୍ରଗତିକୁ ରୋକିବାକୁ ଯାଇ ସୀମିତ କ୍ଷମତାସମ୍ପନ୍ନ ବ୍ୟବସ୍ଥାପକ ସଭାର ମତାମତ ଉପରେ ମଧ ବ୍ରିଟିଶ ସରକାରଙ୍କର ଭରସା ରହୁନାହିଁ; ସେଥିପାଇଁ ବଡଲାଟଙ୍କର ମେରିରାୟ ପ୍ରମାଣପତ୍ରର ବାରମ୍ବାର ଆବଶ୍ୟକତା ପଡୁଛି।

ରାଷ୍ଟ୍ର ପରିଷଦର ବା କାଉନ୍‌ସିଲ ଅଫ୍ ଷ୍ଟେଟ୍‌ସର ଅଧ୍ୟକ୍ଷ ଥିଲେ ଖୋଦ୍ ବଡ଼ଲାଟ। କେତେକ ନିର୍ଦ୍ଦିଷ୍ଟ ପରିସର ଭିତରେ ଭାରତୀୟ ବ୍ୟବସ୍ଥାପକ ସଭା ଭାରତରେ ରହୁଥିବା ସବୁ ଲୋକ, ବିଚାରାଳୟ, ସ୍ଥାନ ଓ ବସ୍ତୁ ପାଇଁ ଆଇନ ପ୍ରଣୟନ କରିବାର ଅଧିକାର ପାଇଥିଲେ। ସର୍ତ୍ତାବଳୀ ଥିଲା ଯେ ଭାରତର ସରକାରୀ ଋଣ ଓ ରାଜସ୍ୱ, ଭାରତୀୟ ବ୍ରିଟିଶ ପ୍ରଜାମାନଙ୍କ ଭିତରୁ କୌଣସି ଗୋଷ୍ଠୀର ଧର୍ମ, କୁଳାଚାର, ପରମ୍ପରା, ସେନା, ନୌ ଓ ଆକାଶ ବାହିନୀର କୌଣସି ଅଂଶର ଶୃଙ୍ଖଳା ବା ରକ୍ଷଣାବେକ୍ଷଣ ଓ ବୈଦେଶିକ ରାଜା ବା ରାଜ୍ୟମାନଙ୍କ ସହିତ ସରକାରଙ୍କ ସମ୍ପର୍କ ସମ୍ବନ୍ଧୀୟ କୌଣସି ପ୍ରସ୍ତାବ ବଡ଼ଲାଟଙ୍କ ଅନୁମତି ବିନା ବ୍ୟବସ୍ଥାପକ ସଭାରେ ଆଗତ କରାଯାଇ ପାରିବ ନାହିଁ। ସୈନ୍ୟ ବିଭାଗର କୌଣସି ଖର୍ଚ୍ଚ ଦାବୀ ଉପରେ

Digitized by srujanika@gmail.com

ବ୍ୟବସ୍ଥାସଭା ପାଟି ଫିଟେଇବାର ଅଧିକାର ନ ଥିଲା । ଏହାଛଡ଼ା ବଡ଼ଲାଟ କୌଣସି ପାସ୍ ହୋଇଥିବା ଆଇନକୁ ନାକଚ କରି ପାରିବେ, ପ୍ରମାଣପତ୍ର ଦ୍ୱାରା କାଟ ଖାଇଥିବା ଖର୍ଚ୍ଚକୁ ପୁନରୁଦ୍ଧାର କରି ପାରିବେ, କୌଣସି ଆଇନର ଢଙ୍ଗଢାଙ୍ଗ ଅଡୁଆ ଲାଗିଲେ ସେ ତାକୁ ଆପଣା ମର୍ଜି ମୁତାବକ ସଜାଡ଼ି ପାରିବେ । କୌଣସି ସରକାରୀ ଆଇନକୁ ସଂଶୋଧନ ଦ୍ୱାରା ବିକଳ ହେବାର ଜାଣିଲେ ସେ ମୂଳ ଆଇନକୁ ରଖିଦେଇ ପାରିବେ । ଇତ୍ୟାଦି... ।

ମୋଟ ଉପରେ ଆଜିର ସାବାଳକ ନାରୀପୁରୁଷ ନିର୍ବିଶେଷର ଭୋଟ ପ୍ରଥା ଓ ସବୁ ବିଷୟ ଆଲୋଚନା ପାଇଁ ପାର୍ଲିମେଣ୍ଟର ନିରଙ୍କୁଶ କ୍ଷମତା ଇତ୍ୟାଦିକୁ ତୁଳନା କଲେ ସେକାଳର ବ୍ୟବସ୍ଥାପକ ସଭା ଥିଲା ବିଲାତ ସରକାରଙ୍କର ବ୍ୟବସ୍ଥାପକ ସଭା ନାମରେ ଏକ ଖେଳନା । ତଥାପି ତାହାକୁ ଭାରତୀୟ ଜନତାର ପ୍ରତିନିଧିମାନେ ଗ୍ରହଣ କରି ନେଇ ତାହାରି ଉପରେ କେତେଗୁଡ଼ିଏ ତାତ୍ପର୍ଯ୍ୟପୂର୍ଣ୍ଣ ପରମ୍ପରା ସୃଷ୍ଟି କରିଥିଲେ ଓ ସେହି ସୀମିତ କ୍ଷମତା ବ୍ୟବହାରରେ ସେମାନେ ଅଧିକାଂଶ ମାନ୍ଦାଦଳିଆ ହେଲେ ମଧ ସରକାରୀ ପକ୍ଷ ମନରେ ଚମକ ସୃଷ୍ଟି କରିଥିଲେ ।

୧୯୧୯ ଅର୍ଥାତ୍ ପ୍ରଥମ ମହାଯୁଦ୍ଧ ପରଠାରୁ ସାମ୍ରାଜ୍ୟବାଦର ଅବକ୍ଷୟୀ ଅବସ୍ଥା ଓ ନିମ୍ନଗତି ଯେତେବେଳେ ସାରା ବିଶ୍ୱରେ ଦେଖାଗଲା ସେତିକିବେଳେ ପୃଥିବୀର ବିଭିନ୍ନ ପରାଧୀନ ଦେଶରେ ଜନଗଣଙ୍କ ଭିତରେ ଶୋଷଣ ଓ ସାମ୍ରାଜ୍ୟବାଦ ବିରୁଦ୍ଧରେ ମୁକ୍ତି ସଂଗ୍ରାମ ଉଦ୍ଦୀପ୍ତ ହୋଇଉଠିଲା । ତାହାର ପ୍ରତ୍ୟକ୍ଷ ପ୍ରଭାବ ଯେ ସେତେବେଳେ ଭାରତ ଉପରେ ପଡ଼ିଥିଲା ଓ ତେଣୁ ତାହାର ସ୍ପନ୍ଦନ ମଧ ଗୋଟିକ ପରେ ଗୋଟିଏ ବ୍ରିଟିଶ ସରକାର ଗଢ଼ା କୁଣ୍ଢେଇ ଖେଳ ବ୍ୟବସ୍ଥାପକ ସଭା ଉପରେ ପଡ଼ିଥିଲା ଏଥିରେ ସନ୍ଦେହ ନାହିଁ ।

(ପାଞ୍ଚ)

ବିଶ୍ୱନାଥଙ୍କର ବ୍ୟବସ୍ଥାପକ ସଭାରେ ପ୍ରବେଶର ଏକ ବର୍ଷ ଆଗରୁ ଓ ୧୯୨୧ ମସିହା ଫେବୃୟାରୀ ମାସରେ ବମ୍ବେର ଯମୁନାଦାସ ଦ୍ୱାରକାଦାସଙ୍କର ପଞ୍ଜାବର ଅତ୍ୟାଚାରର ପ୍ରତିକାର ବିଷୟରେ ଏକ ପ୍ରସ୍ତାବ ଯଥେଷ୍ଟ ପରିମାଣରେ ଉତ୍ତେଜନା ସୃଷ୍ଟି କରିସାରିଥିଲା । ଏହି ପ୍ରସ୍ତାବରେ କ୍ଷମତାର ଅପବ୍ୟବହାର କରିଥିବା ଅଫିସରମାନଙ୍କୁ ଠିକଣା ପ୍ରତିଷେଧକ ହେଲାଭଳି ଶାସ୍ତିବିଧାନ, ମୃତ ଓ ଆହତ ବ୍ୟକ୍ତିମାନଙ୍କର ପୋଷ୍ୟ ପରିବାରଙ୍କୁ କ୍ଷତିପୂରଣ ଇତ୍ୟାଦିର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଥିଲା । ସରକାରଙ୍କର ସ୍ୱରାଷ୍ଟ୍ର ବିଭାଗ ସଭ୍ୟ ସାର ଉଇଲିୟମ ଭିନସେଣ୍ଟଙ୍କର ଜବାବ

Digitized by srujanika@gmail.com

ହେଲା ଯେ ସେ ପ୍ରସ୍ତାବର ଅନ୍ୟ ସବୁ ବିଷୟ ସମ୍ପର୍କରେ ସହାନୁଭୂତିଶୀଳ; କିନ୍ତୁ କ୍ଷମତା ଅପବ୍ୟବହାରକାରୀ ଅଫିସରଙ୍କ ଦଣ୍ଡବିଧାନ ବିଷୟରେ ନାରାଜ। ଫଳରେ ପ୍ରସ୍ତାବରୁ ଏହି ଅଫିସରମାନଙ୍କ ସଂକ୍ରାନ୍ତ ବିଷୟଟିକୁ ପ୍ରତ୍ୟାହାର କରି ନେଇଥିଲେ ଓ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ଅସହଯୋଗ ଆନ୍ଦୋଳନରେ ସରକାରଙ୍କର ଦମନ ଆଇନ, ଯଥେଚ୍ଛାଚାର, ଆଗ୍ନେୟାସ୍ତ୍ର ବ୍ୟବହାରରେ କଟକଣା, ଗୁଳିକାଣ୍ଡ ପରେ ସରକାରୀ ଅନୁସନ୍ଧାନ ଇତ୍ୟାଦି ବିଷୟରେ ଘମାଘୋଟ ଆଲୋଚନା, ବିତର୍କରେ ଏହି ୧୯୨୧ ବର୍ଷଟି କଟିଥିଲା। ବିଶ୍ୱନାଥ ମିଶ୍ରେ ଯେତେବେଳେ ବିଧାନସଭାରେ ଆସନ ଗ୍ରହଣ କଲେ ସେତେବେଳେ ବିଶିଷ୍ଟ ଉଦାରପନ୍ଥୀ ପି.ଏସ୍.ଶିବସ୍ୱାମୀ ଆୟାରଙ୍କର ସୈନ୍ୟବାହିନୀର ସଂସ୍କାର, ଚାକିରୀ ବାକିରୀ, ଭାରତର ସୀମା ବାହାରେ ଭାରତୀୟ ସୈନ୍ୟବାହିନୀଙ୍କର ନିୟୋଗ ଓ ମୁତୟନ ବିଷୟରେ କଟକଣା, ଭାରତୀୟ ସୈନ୍ୟବାହିନୀ ଅଫିସର ତାଲିମ ସଂଖ୍ୟା ବୃଦ୍ଧି ଇତ୍ୟାଦି ବିଷୟରେ ପନ୍ଦରଟି ପ୍ରସ୍ତାବ ଘୋର ବିବାଦପୂର୍ଣ୍ଣ ବିତର୍କ ଭିତରେ ନିଷ୍ପତ୍ତି ହୋଇଥିଲା। ମନୋନୀତ ଶ୍ରମିକ ପ୍ରତିନିଧି ଶ୍ରୀ ଏନ୍.ଏମ୍. ଯୋଷୀ ସରକାରୀ ଅଫିସରମାନଙ୍କ ଗସ୍ତରେ ଜବରଦସ୍ତି ସେବା ଅର୍ଥାତ୍ ବେଠି, ରସଦ, ମାଗଣ ଇତ୍ୟାଦି ବନ୍ଦ କରିବାକୁ ପ୍ରସ୍ତାବ ଆଣିଥିଲେ। ଯୋଷୀଙ୍କ ଉଦ୍ୟମ ଫଳରେ କେତେକ ଶ୍ରମ ଆଇନ ବ୍ୟବସ୍ଥାପକ ସଭାରେ ନୂତନ କରି ପ୍ରବର୍ତ୍ତିତ ହୋଇଥିଲା ଓ କେତେକ ସାବକ ଆଇନରେ ମୌଳିକ ପରିବର୍ତ୍ତନ ଓ ସଂଶୋଧନ କରାଯାଇଥିଲା। ଭାରତୀୟ ଫାକ୍ଟରିଜ୍ ଆକ୍ଟର ସଂଶୋଧନରେ କାରଖାନା କାମ ସମୟ ୬୦ ଘଣ୍ଟାକୁ ନିର୍ଦ୍ଦିଷ୍ଟ କରାଯାଇଥିଲା। ଶ୍ରମିକ କ୍ଷତିପୂରଣ ଆଇନର ବ୍ୟବସ୍ଥା ହୋଇଥିଲା ଓ ଭାରତୀୟ ଖଣି ଶ୍ରମିକ ଆଇନର ପ୍ରବର୍ତ୍ତନ ହୋଇଥିଲା।

(ଛଅ)

ଭାରତୀୟ ବ୍ୟବସ୍ଥାପକ ସଭାରେ ବିଶ୍ୱନାଥଙ୍କର ପ୍ରବେଶ ବେଳେ ପ୍ରକୃତ ପକ୍ଷରେ କହିବାକୁ ଗଲେ ପ୍ରବେଶର ପାଞ୍ଚ ଦିନ ପରେ ୨୦ ମାର୍ଚ୍ଚ ୧୯୨୨ ରେ ଭାରତୀୟ ଅର୍ଥ ବିଲ୍ ବା ବଜେଟ୍ ଉପରେ ତାଙ୍କର ଭାଷଣର ପାଳି ପଡ଼ିଥିଲା। ସେହି ଭାଷଣରେ ବିଲାତି ସଭ୍ୟତା ଓ ବିଲାତି ସାହେବୀ ମନୋବୃତ୍ତି ସମ୍ବନ୍ଧରେ ତାଙ୍କର ଧାରଣା ବିଷୟରେ ସେ ବିଲାତର ଅନୁଭୂତି ଓ ଭାରତରେ ଇଂରେଜମାନଙ୍କର ଆଚାର ବ୍ୟବହାରରୁ ଯାହା ଲକ୍ଷ୍ୟ କରିଥିଲେ ତାହାର ଟିପ୍ପଣୀ ଏଥି ପୂର୍ବରୁ ପ୍ରକାଶ

Digitized by srujanika@gmail.com

କରାଯାଇଛି। ଏହି ଭାଷଣରେ ତାଙ୍କର ଆଘାତର ଲକ୍ଷ୍ୟ ବସ୍ତୁ ଥିଲା ଭାରତର ଅର୍ଥମନ୍ତ୍ରୀଙ୍କର ଲୁଣ ଟିକସର ଦୁଇ ଗୁଣ ବୃଦ୍ଧି। ଅର୍ଥମନ୍ତ୍ରୀଙ୍କର ବଜେଟ ଭାଷଣକୁ ଉଲ୍ଲେଖ କରି ସେ କହିଥିଲେ "ମାନ୍ୟବର ଅର୍ଥମନ୍ତ୍ରୀ କହିଛନ୍ତି ମହଣକୁ ଏକ ଟଙ୍କା ଚାରି ଅଣାରୁ ଦୁଇ ଟଙ୍କା ଆଠ ଅଣା କରିଦେଲେ ତାହା ଗରିବ ଭାରତୀୟମାନଙ୍କୁ ସେତେ ବେଶି ବାଧିବ ନାହିଁ।" ସେ କହିଛନ୍ତି ମୁଣ୍ଡ ପିଛା ମାତ୍ର ତିନି ଅଣା ଅଧିକା ପଡ଼ିବ। ପ୍ରତ୍ୟେକ ପରିବାରରେ ଚାରି ଜଣ ଲେଖାଁଏ ବ୍ୟକ୍ତି ଧରିନେଲେ ଗୋଟିଏ ପରିବାରକୁ ମୋଟେ ବାରଅଣା ଦେବାକୁ ପଡ଼ିବ; କିନ୍ତୁ ପ୍ରତ୍ୟେକ ଲୋକ ତାଙ୍କର ଜୀବଜନ୍ତୁଙ୍କୁ ଛାଡ଼ିଦେଲେ ୬ ସେର ଯାଏ ଲୁଣ ଖର୍ଚ୍ଚ କରନ୍ତି। ଏକଥା ଅର୍ଥମନ୍ତ୍ରୀ ମହୋଦୟଙ୍କ, ଏକାବେଳେ ଗୋଚରରେ ନାହିଁ। ଏହାଛଡ଼ା ମାଛକୁ ଶୁଖୁଆ କରିବାରେ ମଧ୍ୟ କେତେକ ପରିମାଣ ଲୁଣ ଖର୍ଚ୍ଚ ହୁଏ।

ଭାରତବାସୀଙ୍କର ଉତ୍କଟ ଦାରିଦ୍ର୍ୟ କଥା ଉଲ୍ଲେଖ କରି ସେ ଏହି ଅର୍ଥମନ୍ତ୍ରୀଙ୍କ କଳ୍ପିତ ପରିବାର ପିଛା ଅଧିକ ବାର ଅଣା ଖର୍ଚ୍ଚ ଯେ କେଡ଼େ ନିର୍ଘାତ ବୋଝ ତାହା ଦର୍ଶାଇଥିଲେ ଓ ତାହା ଫଳରେ ଦରିଦ୍ର ଭାରତୀୟ ଭାତ ଓ ଲୁଣ ବା ମାଣ୍ଡିଆ ଓ ଲୁଣ ଖାଦ୍ୟରୁ ଲୁଣର ଅର୍ଦ୍ଧେକ ଗଲେ ତା'ର ସ୍ୱାସ୍ଥ୍ୟ ଓ ପରମାୟୁର କି ପ୍ରକାର ହାନି ହେବ ଦର୍ଶାଇ ଥିଲେ।

ଖର୍ଚ୍ଚ କାଟ ଓ ରାଜସ୍ୱ ବୃଦ୍ଧି ବିଷୟରେ ଗୃହରେ ଯାହା ସବୁ ପ୍ରସ୍ତାବ ଦିଆଯାଇଛି, ସେ ବିଷୟରେ ସେ କୌଣସି ଦ୍ୱିରୁକ୍ତି ନ କରି ସିଧା ସଳଖ ଭାରତରେ ବିଲାତି ଅଫିସର, ଗଭର୍ଣ୍ଣର, ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ଇତ୍ୟାଦିମାନଙ୍କର ଥାଟ ପୋଷାକ, ଆଡ଼ମ୍ବର, ଉଚ୍ଚ ଶ୍ରେଣୀ ରେଳଡ଼ବାରେ ଯାତ୍ରା, ଜଣକ ପାଇଁ ଡବଲ ଡବଲ ରେଳଡ଼ବାରେ ସ୍ଥାନ ସଂରକ୍ଷଣ, ସ୍ପେଶିଆଲ ରେଳଗାଡ଼ି ଇତ୍ୟାଦି ବିଷୟରେ ଉଲ୍ଲେଖକରି ସେ ଯେତେବେଳେ ଭାରତୀୟ ଇଂରାଜୀ କାଏଦାରେ ସବୁଠାରୁ ଦାସାନୁଦାସକୁ ବଡ଼ଲାଟ ସୁଦ୍ଧା ଲେଖିଲାବେଳେ ଲେଖନ୍ତି, ତୁମ୍ଭର ଏକାନ୍ତ ଅନୁଗତ ଭୃତ୍ୟକୁ ଆମେ ଅଭିଧାନର ଯେଉଁ ଅର୍ଥରେ ବୁଝୁ ସେହି ଅର୍ଥରେ ଅନୁଗତ ଭୃତ୍ୟ ? ବିଶ୍ୱନାଥ ଦର୍ଶାଇଥିଲେ ଯେ ଅନୁଗତ ଭୃତ୍ୟ ଆଜ୍ଞା ପାଳନ କରେ, କିନ୍ତୁ ଭାରତୀୟ ସରକାରୀ ଅଭିଧାନ ଅନୁସାରେ ଅନୁଗତ ଭୃତ୍ୟ ଆମର ଅନୁରୋଧକୁ ଗୋଡ଼ରେ ଫିଙ୍ଗିଦିଏ, ଆମର ପ୍ରସ୍ତାବକୁ ନାକଚ କରିବାକୁ ଭେଟୋ ପ୍ରୟୋଗ କରେ।

ବିଶ୍ୱନାଥ ମିଶ୍ରଙ୍କର ଭାଷଣର ଏହି ପର୍ଯ୍ୟାୟରେ ଅଧ୍ୟକ୍ଷଙ୍କଠାରୁ ତାଗିଦ୍ ଆସିଲା, ଅର୍ଡ଼ର, ଅର୍ଡ଼ର, ମାନ୍ୟବର ମେମ୍ବର କେତେବେଳେ ଯେ ଶୃଙ୍ଖଳାର ବାଡ଼

Digitized by srujanika@gmail.com

ଡେଇଁ ଚାଲିଗଲେ ତାହା ଜାଣି ହେଲା ନାହିଁ; କିନ୍ତୁ ସେ ନିଶ୍ଚିତଭାବରେ ସୀମା ଲଙ୍ଘନ କରି ସାରିଛନ୍ତି।"

ବିଶ୍ୱନାଥ ଆପଣାର ବକ୍ତବ୍ୟକୁ ସୁସ୍ପଷ୍ଟ କରି କହିଥିଲେ, "ମହାଶୟ, ମୁଁ ବର୍ତ୍ତମାନ ଭାରତରେ ଥିବା ଇଂରେଜମାନଙ୍କ ବିଷୟରେ କହୁଛି। ମୋର ମତରେ ସେମାନେ ହୁଏତ 'ଆପଣଙ୍କର ଅତୀବ ଅନୁଗତ ସେବକ' ନ ଲେଖି 'ଅତୀବ ଅତ୍ୟାଚାରୀ ପ୍ରଭୁ' ବୋଲି ଲେଖନ୍ତୁ, ନଚେତ୍ 'ଅତୀବ ଅନୁଗତ ସେବକ' ଭଳି ଆଚରଣ ଦର୍ଶାନ୍ତୁ।

ଭାରତ ସରକାରୀ ଖର୍ଚ୍ଚପ୍ରତି ଇଙ୍ଗିତ କରି ବାରିଷ୍ଟର ମିଶ୍ର କହିଥିଲେ, "ବର୍ତ୍ତମାନ ଆମ ଭିତରେ ଆମ ବିଷୟରେ ଭିଡ଼ା ଓଟରା ଲାଗିଛି। ମୁଁ ସରକାରୀ ସଭ୍ୟମାନଙ୍କର ସଦିଚ୍ଛା ଅଛି ବୋଲି ସ୍ୱୀକାର କରୁଛି। କିନ୍ତୁ ସେମାନେ ସେଭଳି ଚଳଣିରେ ଚଳିବା ଶିଖି ଆସିଛନ୍ତି, ସେପରି ଭାବନାରେ ବୁଡ଼ି ରହିଛନ୍ତି। ଭାରତର ପ୍ରଶାସନିକ ସଙ୍ଗଠନରେ ଖର୍ଚ୍ଚ ବାହୁଲ୍ୟର କାରଣ ତାହାହିଁ। ସେଦିନ ଜଣେ ମାନ୍ୟବର ସରକାରୀ ସଭ୍ୟ କହିଲେ ଆମେ ତ ଆଇନର ଶାସନ ବ୍ୟବସ୍ଥା ଧରି ଚଳିବୁ (ତେଣୁ ଖର୍ଚ୍ଚ ତ ନିଶ୍ଚୟ ହେବ।) କିନ୍ତୁ ମହାଶୟ, ଏସବୁ ଆଇନର ଶାସନ ବ୍ୟବସ୍ଥା ତ ମନୁଷ୍ୟ ଗଢ଼ିଛି। ସେ ସବୁ ଆଜି ପାସ୍ ହୋଇଛି, କାଲିକି ତାହା ସଂଶୋଧିତ ହୋଇପାରେ। କିନ୍ତୁ ଏହାର ଊର୍ଦ୍ଧ୍ୱରେ ଆଉ ଏକ ଆଇନ ଅଛି। ଉଚ୍ଚ ଆଇନ, ଉଚ୍ଚ ନ୍ୟାୟ, ସାମ୍ୟ ଓ ଉତ୍ତମ ବିବେକର ଆଇନ। ସେଇ ଆଇନର ନାମରେ ମୁଁ ଏହି ଆସେମ୍ବ୍ଲିକୁ ନିବେଦନ କରୁଛି ଯେ ନ୍ୟାୟ ବିଧାନ କରାଯାଉ।"

ଏତେବେଳକୁ ପୁଣି ପାଟିତୁଣ୍ଡ ହେଲା "ଲୁଣ ଲୁଣ ଲୁଣ ଲୁଣ ବିଷୟରେ କହ।"

ଏହାପରେ ବିଶ୍ୱନାଥ ଓଡ଼ିଶାର ଲୁଣ ପୋଖ୍ତାନ ଓ ସେ ବିଷୟରେ ଐତିହାସିକ ଷ୍ଟାର୍ଲିଙ୍କର ହିସାବ ଓ ଏହି ସଂକ୍ରାନ୍ତରେ ଓଡ଼ିଶାର ତତ୍କାଳୀନ ହିସାବରେ ଅନ୍ୟୂନ ଏକ କୋଟି ଟଙ୍କାର ରାଜସ୍ୱହାନି, ଏହି ଓଡ଼ିଶାର ଲୁଣ ବିହାର ଓଡ଼ିଶା କାଉନ୍‌ସିଲର ପ୍ରସ୍ତାବ ଇତ୍ୟାଦି ବିଷୟ ଉଲ୍ଲେଖ କରିଥିଲେ ଓ ଗରିବର ଅତ୍ୟାବଶ୍ୟକ ଖାଦ୍ୟ ଜିନିଷ ଉପରେ ଟିକସ ବୃଦ୍ଧି ନ କରି ଜାତୀୟ ଆୟ ବୃଦ୍ଧି ଓ ସରକାରୀ ଖର୍ଚ୍ଚ କାଟ୍ ଦ୍ୱାରା ନିଅଣ୍ଟ ଭରଣା ପାଇଁ ଅନୁରୋଧ କରିଥିଲେ ଓ ଲୁଣ ଟିକସ ବୃଦ୍ଧି ବିରୁଦ୍ଧରେ ହୋଇଥିବା ସଂଶୋଧନଟିକୁ ସମର୍ଥନ କରିଥିଲେ।

Digitized by srujanika@gmail.com

(ସାତ)

ଲବଣ କର ବୃଦ୍ଧି ବିରୁଦ୍ଧରେ ବିଶ୍ୱନାଥଙ୍କର ଭାଷଣ ଓଡ଼ିଶାର 'ଉତ୍କଳ ଦୀପିକା'ରେ ସମ୍ପୂର୍ଣ୍ଣଭାବରେ ଓ ବ୍ରହ୍ମପୁରର 'ଆଶା'ରେ ଅଂଶିକଭାବରେ ପ୍ରକାଶିତ ହୋଇଥିଲା । ତେବେ ଓଡ଼ିଆଭାଷୀ ଲୋକଙ୍କର ଆଗ୍ରହ ବିଶ୍ୱନାଥ ମିଶ୍ରଙ୍କର ଫେବୃୟାରୀ ୨୮ ତାରିଖର ପ୍ରଶ୍ନ ଓ ତହିଁର ଉତ୍ତର ପ୍ରସଙ୍ଗରେ ବିଶେଷ ଭାବରେ ନିବଦ୍ଧ ଥିଲା । ଏହି ପ୍ରଶ୍ନ ୧/୪/୧୯୨୨ ରେ 'ଉତ୍କଳ ଦୀପିକା' ଖ ୧୩ ଣ ସଂଖ୍ୟା ୫୬ ଶନିବାରରେ ପ୍ରକାଶ ପାଇଥିଲା ।

"ଗତ ୨୦-୨-୨୦ ତାରିଖରେ ମାନ୍ୟବର ସଚ୍ଚିଦାନନ୍ଦ ସିନ୍‌ହା ବଡ଼ଲାଟଙ୍କ ମନ୍ତ୍ରଣାସଭାରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଏକତ୍ର କରିବା କାରଣ ଯେଉଁ ପ୍ରସ୍ତାବ ଆଗତ କରିଥିଲେ ସେଥିରେ ମାନ୍ୟବର ହୋମ୍‌ମେମ୍ବର ବିଭିନ୍ନ ଗଭର୍ଣ୍ଣମେଣ୍ଟମାନଙ୍କ ମତ ଚାହିଁବେ ବୋଲି ଯେଉଁ ନିଶ୍ଚିତ ଜବାବ ଦେଇଥିଲେ ସେହି ସମ୍ପର୍କରେ ମିଃ ବି.ଏନ୍.ମିଶ୍ର, ଏମ୍.ଏଲ.ଏ. ଆସେମ୍ବ୍ଲିରେ ସରକାରଙ୍କୁ ପଚାରିଛନ୍ତି ।

(କ) ଉକ୍ତ ଏକତ୍ରୀକରଣ ସମ୍ପର୍କୀଭୂତ ଅନ୍ୟାନ୍ୟ ସରକାରମାନଙ୍କର ମତାମତ ପାଇ ଅଛନ୍ତି ତ ?

(ଖ) ଯଦି, ତାହା ହୋଇ ଥାଏ, ତେବେ ସରକାର ଅନୁଗ୍ରହ କରି ଉକ୍ତ ମତାମତ ଏଠାରେ ଉପସ୍ଥାପିତ କରିବେ କି ?

(ଗ) ଯଦି ତାହା ହୋଇ ନ ଥାଏ ତେବେ ସେହି ସରକାରମାନଙ୍କଠାରୁ କିମ୍ବା ଯେଉଁ ସରକାରମାନେ ଆଜିଯାଏ କୌଣସି ମତାମତ ଦେଇ ନାହାନ୍ତି କେବଳ ସେମାନଙ୍କଠାରୁ ଏ ସମ୍ବନ୍ଧରେ ରିପୋର୍ଟ ମାଗି ପଠାଇବେ କି ?"

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଉକ୍ତ ସମ୍ବାଦପତ୍ରରେ ପ୍ରକାଶିତ ହୋଇ ନଥିଲା । କିନ୍ତୁ କେନ୍ଦ୍ର ବ୍ୟବସ୍ଥାପକ ସଭାର ତାତ୍କାଳୀକ ବିବରଣୀ ଅନୁସାରେ ମାନ୍ୟବର ଘରୋଇ ବିଭାଗ ସଚୀବ ସାର ଉଇଲିୟମ୍ ଭିନ୍‌ସେଣ୍ଟ ଜବାବ ଦେଇଥିଲେ । (କ) ଓ (ଖ) ଏହି ମାସ ଭିତରେ ସ୍ଥାନୀୟ ସରକାରମାନଙ୍କ ଭିତରୁ ସର୍ବଶେଷ ଉତ୍ତର ମିଳିଯାଇଛି । ଏହି ସ୍ଥାନୀୟ ସରକାରମାନେ ଯେତେ ବିଷୟ ଲେଖିଛନ୍ତି ତାହା ପୋଥିଏ ବିଷୟ ହେବ । ପୁଣି ଏହି ବିଷୟ ସୂଚନା ସମ୍ପୂର୍ଣ୍ଣ ହୋଇନାହିଁ । କାରଣ ଗୋଟିଏ ସ୍ଥାନୀୟ ସରକାର ଏହି ବିଷୟରେ ଆହୁରି ଅନୁସନ୍ଧାନ ଚଳେଇଛନ୍ତି । ଭାରତ ସରକାର ଯେତେଶୀଘ୍ର ସମ୍ଭବହେବ ସେତେ ଶୀଘ୍ର ଏହି ପ୍ରସ୍ତାବଗୁଡ଼ିକ ବିଷୟରେ କାର୍ଯ୍ୟାନୁଷ୍ଠାନ

Digitized by srujanika@gmail.com

ଆରମ୍ଭ କରିବେ। ବର୍ତ୍ତମାନ ପ୍ରସ୍ତାବଗୁଡ଼ିକ ସଭାର ମେଜ ଉପରେ ଥୋଇବାର ପ୍ରସ୍ତାବ ନାହିଁ। (ଗ) ସେ ପ୍ରଶ୍ନ ଉଠୁ ନାହିଁ।

ପୁଣି ଉଭୟ ବ୍ରହ୍ମପୁରର 'ଆଶା' ଓ କଟକର 'ଉତ୍କଳ ଦୀପିକା' ସମ୍ବାଦପତ୍ରମାନଙ୍କରେ ଯଥାକ୍ରମେ ୩/୭/୧୯୨୨ (୮ ଭାଗ ୪୨ ସଂଖ୍ୟା ଆଶା) ଓ ୮/୭/୧୯୨୨(ଖ୨୭ଣ୍ଡ ୫୭ ଭାଗ ଉତ୍କଳ ଦୀପକା)ରେ 'ଉତ୍କଳ ଦେଶମିଶ୍ରଣ ପ୍ରସଙ୍ଗ' ଶିରୋନାମାରେ ପ୍ରକାଶିତ ହୋଇଥିଲା।

'ଭାରତ ବ୍ୟବସ୍ଥା ସଭା'ର ଆଗାମୀ ବୈଠକରେ ଆଲୋଚିତ ହେବ। କାରଣ ବାରିଷ୍ଟର ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ଏମ.ଏଲ୍.ଏ. ନିମ୍ନ ମର୍ମରେ ପ୍ରସ୍ତାବ ପଠାଇଛନ୍ତି।" (ଆଶା)

"ଆମ୍ଭମାନଙ୍କର ବାରିଷ୍ଟର ମିଃ ମିଶ୍ର ମହୋଦୟ ଆସନ୍ତା ଲେଜିସ୍ଲେଟିଭ ଆସେମ୍ବ୍ଲିରେ ଓଡ଼ିଆ ଏକୀକରଣ ପ୍ରସ୍ତାବ ଆଗତ କରିବେ × × × ଦେଶମିଶ୍ରଣ ପ୍ରସ୍ତାବଟି ଏହି" (ଉତ୍କଳ ଦୀପିକା) –

"ବର୍ତ୍ତମାନ ବିହାର-ଓଡ଼ିଶା, ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗ ଏପରି ଚାରୋଟି ପ୍ରାଦେଶିକ ସରକାରଙ୍କ ଦ୍ୱାରା ଶାସିତ ଓ ରାଜନୈତିକ ଓଡ଼ିଶା ସହିତ ଭୌଗୋଳିକ ଓ ଐତିହାସିକ ଉଭୟ ପ୍ରକାରେ ସଂଲଗ୍ନ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଏକତ୍ର କରି ଏକ ଶାସନାଧୀନରେ ଆଣି ଆବଶ୍ୟକ ମତେ ଗଭର୍ଣ୍ଣର ବା ଡେପୁଟି ଗଭର୍ଣ୍ଣରଙ୍କ ହେପାଦସ୍ତରେ ରଖିବା ପାଇଁ ସଭାଧିଷ୍ଠିତ ଭାରତ ସଚୀବ ଓ ପ୍ରବଳ ପ୍ରତାପୀ ସମ୍ରାଟଙ୍କର ମଞ୍ଜୁର ଯଥାଶୀଘ୍ର ଆଣିବା ପାଇଁ ଏହି ବ୍ୟବସ୍ଥା ସଭା ସଭାଧିଷ୍ଠିତ ଗଭର୍ଣ୍ଣର ଜେନେରାଲଙ୍କୁ ସୁପାରିଶ କରୁଅଛନ୍ତି।"

ଏହି ପ୍ରସ୍ତାବ ଉପରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ କୌଣସି ଆଲୋଚନା ହୋଇଥିଲା କି ନାହିଁ ତାହାର କୌଣସି ବିବରଣୀ ଜଣା ପଡ଼ି ନାହିଁ। ତେବେ ଏହି ପ୍ରସ୍ତାବଟିକୁ ପ୍ରକାଶ କରି ବ୍ରହ୍ମପୁରର 'ଆଶା' ଟିପ୍ପଣୀ କରିଥିଲେ, "ଭାରତ ସଂସ୍କାର ଆଇନର ଦେଶମିଶ୍ରଣ ସଂକ୍ରାନ୍ତ ବ୍ୟବସ୍ଥା ପ୍ରଣାଳୀ ଦେଖିଥିଲେ ବାରିଷ୍ଟର ମିଶ୍ରେ ଉପରୋକ୍ତ ଭାବରେ ଜଟିଳ କରି ଶବ୍ଦ ବିଧାନ କରି ନ ଥାନ୍ତେ।"

(ଆଠ)

ବାରିଷ୍ଟର ବିଶ୍ୱନାଥ ମିଶ୍ର କେନ୍ଦ୍ର ବ୍ୟବସ୍ଥାପକ ସଭାରେ ପ୍ରବେଶ କରିବା ପୂର୍ବରୁ ସେହି ସଭାରେ ଯେଉଁ କେତେଗୁଡ଼ିଏ ଗୁରୁତର ବିଷୟର ଆଲୋଚନା ଓ

Digitized by srujanika@gmail.com

ବିତର୍କ ଚାଲିଥିଲା, ସେହି ସମସ୍ତ କାର୍ଯ୍ୟକ୍ରମରେ ପୂରାପୂରିଭାବରେ ସେ ବେସରକାରୀ ସଂସ୍କାରପନ୍ଥୀମାନଙ୍କ ସହିତ ସମ୍ପୂର୍ଣ୍ଣ ସହଯୋଗ ରଖି କାର୍ଯ୍ୟ କରୁଥିଲେ। କେବଳ କେତେକ ଦଣ୍ଡବିଧି ଆଇନ ସଂକ୍ରାନ୍ତ ବିଲ୍‌ରେ ସେ ତାଙ୍କର ସ୍ୱାଧୀନ ମତ ବ୍ୟକ୍ତ କରିଥିଲେ; କେତେକଟିରେ ସେ ସଂଶୋଧନ ପ୍ରସ୍ତାବ ଆଣିଥିଲେ। ଏଥିଭିତରୁ କେତେଗୁଡ଼ିଏ ନାକଚ ହୋଇଥିଲା ଓ କେତୋଟି ମଧ୍ୟ ଗୃହୀତ ହୋଇଥିଲା ।

ଆଜି ପରିପ୍ରେକ୍ଷୀରେ ସେଇ ଆଇନ ସଂକ୍ରାନ୍ତ ବିଲ୍‌ଗୁଡ଼ିକ ରାଜନୈତିକ କାରଣରୁ ନ ହୋଇପାରେ, ବ୍ୟକ୍ତିଗତ ନାଗରିକ ଜୀବନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏଥିଭିତରୁ ଭାରତୀୟ ଦଣ୍ଡବିଧି ଆଇନର ୧୪୫ ଓ ୧୪୬ ଦଫାରେ ତାଙ୍କର ବିଚାର ବିତର୍କ ଏବେ ବି ଆଇନର ବିଧାନ ହୋଇ ରହିଛି। ତାଙ୍କ ପରେ ଭାରତୀୟ ଦଣ୍ଡବିଧି ଆଇନର ବିଭିନ୍ନ ଦଫାରେ ସଂଶୋଧନ ହେବାରେ ଲାଗିଛି। ଏପରିକି ଗତ ୧୯୭୦ ମସିହାରେ ଏହାର ବହୁ ବ୍ୟାବହାରିକ ସଂଶୋଧନ ହୋଇଯାଇଛି; କିନ୍ତୁ ୧୯୨୩ ଜାନୁୟାରୀ ଓ ଫେବୃଆରୀ ମାସରେ ବାରିଷ୍ଟର ବିଶ୍ୱନାଥଙ୍କର ଯେଉଁ ସଂଶୋଧନଗୁଡ଼ିକ ପାସ୍ ହୋଇଥିଲା, ସେଗୁଡ଼ିକର କୌଣସି ପରିବର୍ତ୍ତନ ହୋଇ ନାହିଁ। ସେଗୁଡ଼ିକ ଏବେ ବି ବଳବତ୍ତର ରହିଛି।

ସେତେବେଳେ ଦଣ୍ଡବିଧି ଆଇନର ୧୪୫ ଦଫାରେ ସାତୋଟି ଦଫା ଓ ଦୁଇଟି Proviso (ସର୍ତ୍ତ) ରହିଥିଲା। ବିଶ୍ୱନାଥ ତାଙ୍କର ଭାଷଣରେ ଉଲ୍ଲେଖ କରିଥିଲେ, "ଯଦି ମୋର ଏହି ସଂଶୋଧନ ପ୍ରସ୍ତାବ ଗୃହୀତ ହୁଏ, ତେବେ ଉକ୍ତ ୧୪୫ ଧାରାରେ ନଅଗୋଟି ଦଫା ରହିବ।" ୧୪୫ ଧାରାରେ ବ୍ୟବସ୍ଥା ଅଛି "ଯଦ୍ୟପି କୌଣସି ଜିଲ୍ଲା ମାଜିଷ୍ଟ୍ରେଟ, ସବ୍‌ଡ଼ିଭିଜନାଲ ମାଜିଷ୍ଟ୍ରେଟ୍ ବା ଅନ୍ୟ କୌଣସି ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କର ପୋଲିସ ରିପୋର୍ଟ ଫଳରେ ହୃଦ୍‌ବୋଧହୁଏ ଯେକୌଣସି ବିବାଦ ଫଳରେ ଶାନ୍ତିଭଙ୍ଗର ଆଶଙ୍କା ଅଛି, ତେବେ ସେ କେତେଗୁଡ଼ିଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେ ବିବାଦର ପକ୍ଷମାନଙ୍କୁ ଡାକରା କରିବେ ଯେ ସେମାନଙ୍କର ଅଧିକାର ବିଷୟରେ ପ୍ରମାଣ ଦିଅନ୍ତୁ। ଯାହା କୌଣସି ଯଥାର୍ଥ ସିଭିଲ କୋର୍ଟର ନିଷ୍ପତ୍ତି ଦ୍ୱାରା ସାବ୍ୟସ୍ତ ହୋଇଥିବ। ଏଭଳି ସମ୍ପତ୍ତି ଅଧିକାର ଦେଖାନ୍ତୁ। ଏଇଠାରେ ଆପଣ ଦେଖିବେ ଦଫା (୪) ରେ ଦୁଇଗୋଟି ସର୍ତ୍ତ ରହିଛି। ପ୍ରଥମ ସର୍ତ୍ତ ହେଲା – ଯଦି ମାଜିଷ୍ଟ୍ରେଟ୍‌ଙ୍କୁ ବୋଧଗମ୍ୟ ହୁଏ ଯେ ତାଙ୍କ ଆଦେଶର ଦୁଇ ମାସ ଭିତରେ (ପୂର୍ବରୁ) କୌଣସି ପକ୍ଷ ବଳଜୋର ଜବରଦସ୍ତି ଭାବରେ ଓ ଅଯଥାତ ଭାବରେ ତାହାର ଅକ୍ତିଆରରୁ ବେଦଖଲ ହୋଇଥାଏ। ତେବେ ଉକ୍ତ ପକ୍ଷ ଉକ୍ତ ଆଦେଶର ତାରିଖ ଦିନ ଦଖଲରେ ଥିଲା ବୋଲି ଗ୍ରହଣ କରିବେ।"

Digitized by srujanika@gmail.com

ବିଶ୍ୱନାଥ ଉଲ୍ଲେଖ କରିଥିଲେ "ମୋର ସଂଶୋଧନ ହେଲା ଏହି ସର୍ତ୍ତ ସଂକ୍ରାନ୍ତରେ। × × × ମାନ୍ୟବର ସଭ୍ୟମାନଙ୍କ ଭିତରେ କେତେକ ହୁଏତ ତାଙ୍କର ନିବାସସ୍ଥାନ ଛାଡ଼ି ଏଠାରେ ବ୍ୟବସ୍ଥାପକ ସଭାରେ ଯୋଗଦେବାକୁ ଆସିଛନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଏଠାରେ ଜାନୁଆରୀ ମାସରୁ ଆରମ୍ଭ କରି ମାର୍ଚ୍ଚ ମାସ ଶେଷ ଯାଏ ରହିବେ। ମନେକରନ୍ତୁ ମୁଁ ଏଠାକୁ ଆସିବା ପରେ ପରେ କେହି ମୋର ପାଖ ପଡ଼ୋଶୀ ଖଳ ଲୋକ ମୋର ଜମି ଉପରେ ଅନଧିକାର ଦଖଲ କରେ ଓ ମନେକରନ୍ତୁ ମୋର ଭୃତ୍ୟ ଏହାର ପ୍ରତିବାଦ କରିବାକୁ ଅସମର୍ଥ ହୁଏ, ଅଥବା ଏପରି ପ୍ରମାଣ ଦେବାକୁ ଅସମର୍ଥ ହୁଏ; ତେବେ ମୋର ଘରକୁ ଫେରିଲାବେଳେ ମୁଁ ଦେଖିବି ଯେ ମୋର ଜମି ଉପରେ ଜବରଦଖଲ ହୋଇ ଯାଇଛି।" × ×

"ମୋର ପଏଣ୍ଟ ହେଲା ମାଜିଷ୍ଟ୍ରେଟ୍ ପ୍ରାଥମିକ ଆଦେଶ ତିନି ମାସ ପରେ ଜାରିକଲେ। ସେତେବେଳକୁ ସାକ୍ଷ୍ୟ ପ୍ରମାଣ ନେଲେ ଦେଖାଯିବ ଜବରଦଖଲକାରୀ ତିନିମାସ ଆଗରୁ ଦଖଲକାର। × × × ଏବେ ଏହି ବିଲ୍ ଅନୁସାରେ ବ୍ୟବସ୍ଥାପକ ସଭା ବ୍ୟବସ୍ଥା ଦେଉଛନ୍ତି ଯେ ସେମାନେ ଦୁଇ ମାସର ସେପଟକୁ ଟପିବେ ନାହିଁ। ସେମାନେ ଦେଖୁଛନ୍ତି ଯଦି ଜଣେ ବ୍ୟକ୍ତି ମାଜିଷ୍ଟ୍ରେଟ୍‌ଙ୍କ ପ୍ରାଥମିକ ଆଦେଶର ଦୁଇ ମାସ ପୂର୍ବରୁ ବେଦଖଲ ହୋଇ ଯାଇଥାଏ ତେବେ ତାକୁ ଦେବାନି ଅଦାଲତର ଆଶ୍ରୟ ନେବାକୁ ପଡ଼ିବ ଓ ମାଜିଷ୍ଟ୍ରେଟ୍ ଯେଉଁ ଲୋକ ତାଙ୍କର ଆଦେଶର ଦୁଇ ମାସ ପୂର୍ବରୁ ଅଧିକାରରେ ଥିଲା ତାହାକୁ ହିଁ ଅଧିକାର ଦେଇଦେବେ। ବାସ୍ତବିକ ଏଭଳି ବ୍ୟବସ୍ଥା ହେଲେ ଯେଉଁ ଲୋକ ବେଦଖଲରେ ପଡ଼ିଛି, ତାହା ପ୍ରତି ଅନ୍ୟାୟ ହେବ ଓ ଜୁଲୁମବାଜ ଅତ୍ୟାଚାରୀ ପ୍ରତି ସୁହାଇଲା ଭଳି କାର୍ଯ୍ୟ ହେବ।"

ଆଲ୍‌ହାବାଦ ଲ-ଜର୍ଣ୍ଣାଲର ଗୋଟିଏ ନିର୍ଦ୍ଦିଷ୍ଟ ମକଦ୍ଦମା ଉଲ୍ଲେଖ କରି ବିଶ୍ୱନାଥ ତାଙ୍କର ଯୁକ୍ତିର ସାରବତ୍ତା ସାବ୍ୟସ୍ତ କରିବା ଛଳରେ କହିଥିଲେ "ଗୋଟିଏ ଘଟଣା : ଦୁଇ ଜଣ ଜମିଦାର, ଗୋଟିଏ ପକ୍ଷ ପ୍ରାୟ ସବୁବେଳେ ଅନୁପସ୍ଥିତ ଥାଏ। ଅନ୍ୟପକ୍ଷ ଉକ୍ତ ଅନୁପସ୍ଥିତ ଜମିଦାରର ଇଲାକାରୁ ଖଜଣାଆଦାୟ କରିବାକୁ ଉଦ୍ୟମ କରେ। ଗୋଳମାଳ ହୁଏ। ଜଣେ ମାଜିଷ୍ଟ୍ରେଟ ଉକ୍ତ ସ୍ଥଳରେ ପହଞ୍ଚି ସେମାନେ ଗୋଳମାଳ ନ କରିବାକୁ ଏକ ମାମୁଲି ଆଦେଶ ଦେଇ ଦିଅନ୍ତି। କିଛି କାଳ ସବୁ ତୁନତାନ ରହିଯାଏ। ତା'ପରେ ଚାଲେ ତୁମୁଳ ହାଙ୍ଗାମା, ମାରପିଟ୍। ଏଭଳି ଚାରିମାସ କଟିଗଲା ପରେ ମାଜିଷ୍ଟ୍ରେଟ୍ ଲିଖିତଭାବରେ ଏକ ଆଦେଶନାମା ଜାରି କରନ୍ତି। ସେତେବେଳକୁ ଚାରି ମାସ ବିତି ଯାଇଥାଏ। ତେଣୁ ମାଜିଷ୍ଟ୍ରେଟଙ୍କ ପାଖରେ ବିପକ୍ଷ

Digitized by srujanika@gmail.com

ପାର୍ଟି ଆଡୁ ପ୍ରତିବାଦ ହୁଏ ଯେ ସେ ଚାରିମାସ ହେଲା ଉକ୍ତ ଇଲାକାର ଦଖଲରେ ଅଛି। ଫଳରେ ଆଇନ ଅନୁସାରେ ମାଜିଷ୍ଟ୍ରେଟଙ୍କର ଚାରିମାସ ହେଲା ଦଖଲ ରଖିଥିବା ବ୍ୟକ୍ତିର ଦଖଲ ଛଡ଼ାଇ ନେବାର ଅଧିକାର ନାହିଁ।" × × × ×

"ପ୍ରକୃତରେ ଏହି କାରଣରୁ ଏହି ପ୍ରକାରେ ଆଇନର ଲେଖା ହେବା ଫଳରେ ଜୋର ଜବରାଣ ଓ ଅନଧିକାର ଦଖଲକୁ ମଞ୍ଜୁର କରାଯାଉଛି। ଜୋର ଜବରାଣକାରୀ କୌଣସିମତେ ଅପରପକ୍ଷକୁ ଦୁଇ ମାସରୁ ଅଧିକ ଅଟକାଇ ଦେଇ ପାରିଲେ ଓ ତା' ପରେ ପ୍ରାଥମିକ ଆଦେଶର ତାରିଖ ପଡ଼ିଲେ ମାଜିଷ୍ଟ୍ରେଟ ପ୍ରକୃତ ପକ୍ଷକୁ ତା'ର ଅଧିକାର ଦେବାରେ ଅସମର୍ଥ ହେଉଛନ୍ତି। ସେଥିପାଇଁ ମୋର ସଂଶୋଧନର ଭାଷା ହେଲା ଏହି ଆଦେଶ ଦେବାର ଦୁଇ ମାସ ପୂର୍ବରୁ ନ ହୋଇ 'ଏ ବିଷୟରେ କୋଣସି ରିପୋର୍ଟ ବା ଖବରର ଦୁଇ ମାସ' ହେଉ।

× × ×

ତେଣୁ ମୁଁ ସଂଶୋଧନ ଆଣୁଛି ଯେ "୨୭ ଦଫାର ୧ ଉପଦଫାର ଶେଷରେ ପ୍ରଥମ ସର୍ତ୍ତରେ 'ଏପରି ଆଦେଶ' ସ୍ଥାନରେ 'ଏପରି ରିପୋର୍ଟ ବା ବିବରଣୀ' ରଖାଯାଉ।

ଏହି ସଂଶୋଧନଟି ବ୍ୟବସ୍ଥା ସଭାରେ ଗୃହୀତ ହୋଇଥିଲା।

(ନଅ)

କେନ୍ଦ୍ର ବ୍ୟବସ୍ଥାପକ ସଭାରେ ୧୪୫ ଦଫା ଭାରତୀୟ ଦଣ୍ଡବିଧି ଆଇନରେ ସେତେବେଳର ୨୬ ଉପଦଫାରେ ଯେଉଁ ସର୍ତ୍ତ ଥିଲା ସେଥିରେ ପୂର୍ବେ କେବଳ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଉକ୍ତ ୧୪୫ ଧାରାରେ ଆଟାଚ୍‌ମେଣ୍ଟ ଉଠାଇ ନେବାର କ୍ଷମତା ଦିଆ ଯାଇଥିଲା। କିନ୍ତୁ ୧୯୨୩ ଜାନୁଆରୀ ୨୬ ତାରିଖରେ ବିଶ୍ୱନାଥ ମିଶ୍ରେ ଯେଉଁ ସଂଶୋଧନ ପ୍ରସ୍ତାବ ଆଣିଥିଲେ ସେଥିରେ କେବଳ ଜିଲ୍ଲା ମାଜିଷ୍ଟ୍ରେଟ ନୁହନ୍ତି, ପୂର୍ବ ଆଦେଶ ଉଠାଇ ଦେବାର ଅଧିକାର ପାଇବାର ବ୍ୟବସ୍ଥା ମଧ୍ୟ ସାମିଲ ହେଲା। ଏହି ସଂଶୋଧନ କେନ୍ଦ୍ର ବ୍ୟବସ୍ଥାସଭାରେ ଗୃହୀତ ହୋଇଥିଲା ଓ ଏବଯାଏ ତାହା ଆଇନ ଭାବରେ ବଳବତ୍ତର ହୋଇ ରହିଛି।

୧୯୨୩ ର ଫେବୃଆରୀ ତିନି ତାରିଖରେ ବାରିଷ୍ଟର ବିଶ୍ୱନାଥ ମିଶ୍ର, ଏମ୍.ଏଲ୍.ଏ. (ସେଣ୍ଟ୍ରାଲ) ସେତେବେଳର ଗୁରୁତ୍ୱପୂର୍ଣ୍ଣ Worksmen Compensation Bill ର ଆଲୋଚନା ହେବାର ପର୍ଯ୍ୟାୟରେ ଗୋଟିଏ ସଂଶୋଧନ ପ୍ରସ୍ତାବ

Digitized by srujanika@gmail.com

ଆଣିଥିଲେ। ମୂଳ ଚିଠା ବିଲ୍‌ରେ କୌଣସି ଶ୍ରମିକର ଶିଳ୍ପ ସଂକ୍ରାନ୍ତୀୟ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ତାହାର କ୍ଷତିପୂରଣ ପାଇବା ପାଇଁ ଯେଉଁମାନେ ହକ୍‌ଦାର ବୋଲି ଉଲ୍ଲେଖ ରହିଥିଲା, ତାହା ସହିତ ବାରିଷ୍ଟର ମହାଶୟ ଦଫା ୨ (୧) ର ଉପଦଫା (ଘ) ରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଯୋଗ କରିଥିଲେ। ସଂଶୋଧନଟି ହେଲା, "ଏବଂ ଏପରି ଆତ୍ମୀୟମାନେ ଯେଉଁମାନେ ନିବିଡ଼ ଭାବରେ ଉକ୍ତ ଶ୍ରମିକର ଜୀବନ ସହିତ ସମ୍ପୃକ୍ତ ବା ଯେଉଁମାନେ ଆଇନ ବା କୁଳାଚାର ଅନୁସାରେ କ୍ଷତିପୂରଣ ପାଇଁ ହକ୍‌ଦାର।" ଏହି ସଂଶୋଧନ ପ୍ରସ୍ତାବଟି ଯୁକ୍ତିଯୁକ୍ତ ହେଲେ ମଧ୍ୟ ସରକାରୀ ପକ୍ଷ ଏହାର ତୀବ୍ର ବିରୋଧ କରିଥିଲେ। ସେମାନଙ୍କର ଯୁକ୍ତି ଥିଲା ଯେ ଏହା ଫଳରେ କ୍ଷତିପୂରଣ ପାଇଁ ହକ୍‌ଦାର ଲୋକଙ୍କର ସଂଖ୍ୟା ବୃଦ୍ଧି ପାଇବ। ତେଣୁ ଏଥିରେ ବହୁ ଅନର୍ଥ, କନ୍ଦଳ ଓ ମାଲିମକଦ୍ଦମା ସୃଷ୍ଟି ହେବ ଓ କ୍ଷତିପୂରଣର ପରିମାଣ ବହୁଧା ଭାଗବଣ୍ଟୁଆରା ହୋଇଯିବ। କିନ୍ତୁ ବିଶ୍ୱନାଥ ମିଶ୍ର ଭାରତୀୟ ପରିବାରର ଗଠନ କ୍ରିୟାକୁ ଆଲୋଚନା ପ୍ରସଙ୍ଗରେ ଦର୍ଶାଇ ଏହି ସଂଶୋଧନ ପାଇଁ ଦୃଢ଼ ଯୁକ୍ତି ବାଢ଼ିଥିଲେ। ତେଣୁ ବହୁ ଆଲୋଚନା ପରେ ଏହି ସଂଶୋଧନ ପ୍ରସ୍ତାବଟି ଗୃହୀତ ହୋଇଥିଲା।

ଭାରତୀୟ ଦଣ୍ଡବିଧି ଆଇନର ୫୨୬ ଦଫା ଓ ଭାରତୀୟ ପିଙ୍ଗଳ କୋର୍ଡ଼ର ୩୬୬ ଦଫାର ତିନି ଉପଦଫା ଉପରେ ବାରିଷ୍ଟର ବିଶ୍ୱନାଥ ମିଶ୍ର ଉକ୍ତ ଫେବୃଆରୀ ୧୯୨୩ ର ସମସ୍ତ ଶେଷ ଦୁଇ ସପ୍ତାହରେ ତାତ୍କାଳିକ ଅବସ୍ଥା ଦୃଷ୍ଟିରୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ। ଏହା ଭିତରେ କେତେଗୁଡ଼ିଏ ମାମୁଲି ସଂଶୋଧନ ଗୃହୀତ ହୋଇଥିଲା; କିନ୍ତୁ ମୂଳ ସଂଶୋଧନ ପ୍ରସ୍ତାବଗୁଡ଼ିକ ବିଷୟରେ ସଭାସଦ୍ ସଦସ୍ୟମାନଙ୍କ ବିଶେଷ ଆଗ୍ରହ ଅଭାବରୁ ଗୃହୀତ ହୋଇ ପାରି ନ ଥିଲା।

ସେହି ୧୯୨୩ ମସିହାର ଜାନୁଆରୀ ୨୯ ତାରିଖରେ ଭାରତର ଖାଦାନ ବିଲ୍‌ର ଜଏଣ୍ଟ କମିଟି ରିପୋର୍ଟର ଆଲୋଚନା ପ୍ରସଙ୍ଗରେ ବାରିଷ୍ଟର ବିଶ୍ୱନାଥ ମିଶ୍ର କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରସ୍ତାବ ଦେଇଥିଲେ। ମୂଳ ବିଲ୍ ୨୩ ନମ୍ବର ଦଫାର 'ବି' ଉପଦଫାରେ ଉଲ୍ଲିଖିତ ଥିଲା – "କୌଣସି ବ୍ୟକ୍ତିକୁ କୌଣସି ଖାଦାନରେ (ଏ) ସପ୍ତାହରେ ଛଅ ଦିନରୁ ବେଶି କାଳ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ। (ବି) ଯଦି ସେ ମାଟି ଉପରେ କାମ କରୁଥାଏ ତେବେ ତାକୁ ହସ୍ତାକରେ ଷାଠିଏ ଘଣ୍ଟାରୁ ବେଶି ସମୟ କାମ କରିବାକୁ ଦିଆଯିବ ନାହିଁ। (ସି) ସେ ଯଦି ମାଟି ତଳେ କାମ କରୁଥାଏ ତେବେ ହପ୍ତାକରେ ଚଉବନ ଘଣ୍ଟାରୁ ବେଶି କରିବାକୁ ଦିଆଯିବ ନାହିଁ।"

Digitized by srujanika@gmail.com

ବିଶ୍ୱନାଥ ମିଶ୍ରେ ଆପଣାର ସଂଶୋଧନ ପ୍ରସ୍ତାବ ଆଗତ କରି କହିଥିଲେ "ମୋର ସଂଶୋଧନ ଦଫା 'ବି' ଓ 'ସି' ପ୍ରତି ପ୍ରଯୁଜ୍ୟ। ପ୍ରଥମୋକ୍ତ ଦଫାଟିରେ କୁହାଯାଇଛି ଯେ କୌଣସି ବ୍ୟକ୍ତିକୁ ହପ୍ତାକରେ ଛଅ ଦିନରୁ ବେଶି କାମ କରିବାକୁ ଦିଆଯିବ ନାହିଁ, ଏହାର ଅର୍ଥ ହେଲା ଜଣେ ଶ୍ରମିକକୁ ସପ୍ତାହରେ ଷାଠିଏ ଘଣ୍ଟା କାମ କରିବାକୁ ହେବ। (ସେତେବେଳେ ଦିନକୁ ଆଠ ଘଣ୍ଟା ପରିଶ୍ରମ ଆଇନ ଆହୁରି ଚାଲୁ ହୋଇ ନ ଥିଲା) ଏହାର ଅର୍ଥ ହେଲା ସେ ବ୍ୟକ୍ତି ଦିନକୁ ଦଶ ଘଣ୍ଟା ପରିଶ୍ରମ କରିବ। ମୁଁ ମନେ କରୁଛି ଦଶ ଘଣ୍ଟାର ଲଗାତର ପରିଶ୍ରମ ହେଉଛି ଅତ୍ୟନ୍ତ ସ୍ୱାସ୍ଥ୍ୟହାନିକର। ଏହି ଆଇନର ଉଦ୍ଦେଶ୍ୟ ହେଲା ଶ୍ରମିକର ନିରାପତ୍ତା ଓ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା। ଶ୍ରମିକମାନେ ସାଧାରଣତଃ ସକାଳ ସାତଟାବେଳେ କାମକୁ ଯାଆନ୍ତି, ବାରଟାବେଳେ ଫେରନ୍ତି। ଆପଣାର ରୋଷେଇବାସ ଓ ସ୍ନାନ ଭୋଜନ ପ୍ରକ୍ରିୟା ସାରି ସେମାନେ ପୁଣି ତିନିଟାବେଳେ କାମକୁ ଯାଆନ୍ତି ଓ ଛଅଟା ବେଳେ ଘରକୁ ଫେରନ୍ତି। ଏହା ହେଲା ଜଣେ ମାମୁଲି ଶ୍ରମିକର କାର୍ଯ୍ୟ ନିର୍ଘଣ୍ଟ। ଏ କାମ ବାହାରର କାମ, ଖୋଲା ପଡ଼ିଆର କାମ। ବର୍ତ୍ତମାନ ସ୍ଥଳରେ ଯଦି ଆଜିର ଅବସ୍ଥାକୁ ଚାଲୁ ରହିବାକୁ ଦିଆଯାଏ, ତେବେ ଏହି ଖାଦାନ ଶ୍ରମିକମାନଙ୍କୁ ଦିନକୁ ଦଶ ଘଣ୍ଟା କାମ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ଧରାଯାଉ ଯଦି ସେମାନେ ବଡ଼ିସକାଳୁ ସାତଟା ବେଳକୁ କାମକୁ ଯାଆନ୍ତି ଓ ପାଞ୍ଚଟା ବେଳେ କାମରୁ ଫେରନ୍ତି ଓ ସେମାନଙ୍କୁ ଟିକିଏ ମାତ୍ର ଫୁରୁସତ ନ ମିଳେ ତେବେ ସେମାନେ କାମ କରିବେ କିପରି? ଯଦି ଦୁଇ ଘଣ୍ଟା ଫୁରୁସତ୍ ମିଳେ, ସ୍ନାନ ଆହାର କ୍ରିୟା ସାରିବା ପାଇଁ, ତେବେ ତ ସକାଳ ସାତରୁ ସନ୍ଧ୍ୟା ସାତ ଯାଏ ବାର ଘଣ୍ଟା ଯାଏ ସେମାନଙ୍କୁ କାମରେ ନିଯୁକ୍ତ ରହିବାକୁ ପଡ଼ିବ।

× × ×

ମୁଁ ଏଠାରେ ମାନ୍ୟବର ସଦସ୍ୟମାନଙ୍କୁ ଦର୍ଶାଇବାକୁ ଚାହେଁ ଯେ ଆମେ ୧୧ଟା ବେଳେ ଏଠାରେ କାର୍ଯ୍ୟକ୍ରମ ସୁରୁ କଲୁ। ଦୁଇଟା ବେଳକୁ ଆମର ମଧ୍ୟାହ୍ନଭୋଜନ ପାଇଁ ଗଲୁଁ ; ଅର୍ଥାତ୍ ତିନି ଘଣ୍ଟା ଅକାୟିକ ପରିଶ୍ରମ ପରେ ଆମେ ଘଣ୍ଟାଏ ବିଶ୍ରାମ ପାଇଲୁ। ମୁଁ ଭାବୁଛି ମାନ୍ୟବର ସଦସ୍ୟମାନେ ଗରିବ, କଠୋର ପରିଶ୍ରମୀ ଶ୍ରମିକମାନଙ୍କ ପ୍ରତି ଟିକିଏ ସହାନୁଭୂତି ପ୍ରଦର୍ଶନ କରିବେ। ଯଦି ଘଣ୍ଟାଏ ବିଶ୍ରାମ ଲାଭ କରିବା ପାଇଁ ଆମର ଦୁଇ ଘଣ୍ଟା ବା ତିନି ଘଣ୍ଟା ପରିଶ୍ରମ ଯଥେଷ୍ଟ ତେବେ ଆପଣମାନେ କ'ଣ ମନେକରୁ ନାହାନ୍ତି ଯେ ଯେଉଁମାନେ ଖଣିର ଗାତ

Digitized by srujanika@gmail.com

ଭିତରେ କାମ କରୁଛନ୍ତି, ସେହି ଶ୍ରମିକମାନଙ୍କ ପାଇଁ ଆମର ସହାନୁଭୂତି ରହିବା ଉଚିତ। ମୁଁ ଶୁଣିଛି ଏଭଳି ଖଣିର ଗହ୍ୱର, କେଉଁ କେଉଁ ଜାଗାରେ ପାଞ୍ଚ ହଜାର ଫୁଟ ଗଭୀର କେଉଁଠାରେ ବା ଦୁଇ ହଜାର ଫୁଟ ଓ ଶ୍ରମିକମାନଙ୍କୁ ଏଭଳି ଗଭୀର ଗହ୍ୱର ତଳେ କାମ କରିବାକୁ ହେଉଛି। ଯେଉଁଠି କି ମୁକ୍ତ ବାୟୁ ନାହିଁ, ଅସହ୍ୟ ଗରମ, ଘୋର ସ୍ୱାସ୍ଥ୍ୟହାନିକର ଅବସ୍ଥା। ଏମାନେ କ'ଣ ମନୁଷ୍ୟ ହିସାବରେ ଆମଠାରୁ କୌଣସି ପ୍ରକାର କରୁଣାର ହକ୍‌ଦାର ନୁହନ୍ତି ଏବଂ ଆପଣମାନେ କ'ଣ ମନେକରୁଛନ୍ତି ଯେ ସେମାନଙ୍କୁ ଦଶ ଘଣ୍ଟା କରି କାମ କରିବାକୁ ଧାର୍ଯ୍ୟ କରାଗଲେ ସେମାନେ ଯନ୍ତ୍ରଣା ଭୋଗ କରିବେ ନାହିଁ? ବିଶେଷତଃ ଏଭଳି ମାନବତା ହାନିକର ଅବସ୍ଥାରେ? ଉପଦଫା 'ସି' ରେ ବ୍ୟବସ୍ଥା ରହିଛି ଯେ ସେମାନେ ମାଟି ତଳେ ମାତ୍ର ଚଉବନ ଘଣ୍ଟା କାମ କରିବେ; ଏହାର ଅର୍ଥ ହେଲା ମାଟି ତଳେ କାମ କରୁଥିବା ଶ୍ରମିକ ଦିନକୁ ନଅ ଘଣ୍ଟା କରି କାମ କରିବ। ମାଟି ଉପରେ ଦଶଘଣ୍ଟା ଓ ମାଟି ତଳେ ନଅ ଘଣ୍ଟା କାମ କ'ଣ ଶ୍ରମିକର ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ନୁହେଁ? ବୋଧହୁଏ ମୋର ମାନ୍ୟବର ବନ୍ଧୁ ମିଷ୍ଟର ଇନେସ କହିବେ ଆମକୁ ତ ସାଧାରଣ ଆନ୍ତର୍ଜାତିକ ଶ୍ରମିକ ସମ୍ମିଳନୀର ଷ୍ଟାଣ୍ଡାର୍ଡ ମାନି ଚଳିବାକୁ ହେବ। ସେମାନେ ତ ଦଶଘଣ୍ଟା କାମ ପ୍ରଥା ଗ୍ରହଣକରି ନେଇଛନ୍ତି; କିନ୍ତୁ ମୁଁ ନିବେଦନ କରି କହୁଛି ଏହି ଦଶଘଣ୍ଟା କାମ, ଏଭଳି କିସମର କାମ, ଯେତେବେଳେ ପାଗ ହେଉଛି ବଡ଼ ବଇରୀ, ଖରା ଦିନରେ ଅସମ୍ଭାଳ ଖରା, ସେତେବେଳେ ଦିନକୁ ଦଶ ଘଣ୍ଟା ବା ନଅ ଘଣ୍ଟା କାମ କରିବା ଅତ୍ୟନ୍ତ କ୍ଲେଶକର। ମୁଁ ତ ମନେ କରୁଛି ଯେ ପ୍ରକୃତ କାମିକା ଲୋକ ପାଇଁ ପାଞ୍ଚ ବା ଛଅ ଘଣ୍ଟା କାମ ହେଲେ ତାହା କ୍ଳାନ୍ତିକର ହେବ। ଆପଣମାନେ ଯଦି ସେମାନଙ୍କୁ ଦଶଟା ଯାଏ ସେଠାରେ ରହିବାକୁ ଚାହାନ୍ତି ହୁଏତ ସେମାନେ କାମ ନ କରି ଏପଟ ସେପଟ ହୋଇ ଆଳସ୍ୟରେ ସମୟ କଟେଇ ରହିବେ। କଠିନ ପରିଶ୍ରମ ନେବାକୁ ହେଲେ ସେମାନଙ୍କୁ ବିଶ୍ରାମ ଦେବାକୁ ହେବ। ଯଦି ସେମାନଙ୍କୁ କିଛି ସମୟ ପାଇଁ କାମ ଦିଆଯାଏ, ସେମାନେ ଅଧିକ ଫୁର୍ତ୍ତିରେ ଓ ତେଜରେ କାମ କରିବେ ଆଉ କୋଡ଼ିଏ ଘଣ୍ଟା ପନ୍ଦର ଘଣ୍ଟା କାମ କରିବା ଅପେକ୍ଷା ଆଠ ଘଣ୍ଟା ଛଅ ଘଣ୍ଟାରେ ବେଶି କାମ ଦେଇ ପାରିବେ। ଖଣି ମାଲିକମାନେ ଏଭଳି ଶ୍ରମିକମାନଙ୍କୁ ଅତିରେକ ବେଶି ଘଣ୍ଟା କାମରେ ଖଟାଇବା ସେମାନଙ୍କ ପ୍ରତି ଆଦୌ ଲାଭଜନକ ନୁହେଁ। କାରଣ ଆମକୁ ମନେରଖିବାକୁ ପଡ଼ିବ ସେ ଶ୍ରମିକମାନେ ଯେତେହେଲେ ତ ମନୁଷ୍ୟ ଓ କୌଣସି ମନୁଷ୍ୟ ଲଗାତର ସାତ ଆଠ ଘଣ୍ଟାରୁ ବେଶି କଠିନ ପରିଶ୍ରମ କରି ପାରିବ ନାହିଁ। କେହି କହି ପାରନ୍ତି, ଏଭଳି ବେଶି ଘଣ୍ଟା ପରିଶ୍ରମ କଲେ ଶ୍ରମିକମାନଙ୍କୁ

Digitized by srujanika@gmail.com

ବେଶି ହାଜିରି ପଇସା ମିଳିବ। କିନ୍ତୁ ଏଭଳି ଧାରଣା ମଧ୍ୟ ଭୁଲ୍। ଖାଦାନର ଶ୍ରମିକ ସାଧାରଣତଃ ଠିକାରେ କାମ କରେ। ଧରନ୍ତୁ କୁଲି ସର୍ଦ୍ଦାରର କର୍ତ୍ତୃତ୍ୱ ତଳେ ୧୦/୧୨ ଜଣ କୁଲି ଅଛନ୍ତି। ସେହି ସର୍ଦ୍ଦାର ଏକ ନିର୍ଦ୍ଦିଷ୍ଟ ମଜୁରୀ ହାରରେ ଶ୍ରମିକ ଯୋଗାଇବା ପାଇଁ ଠିକା ନିଏ। ତେଣୁ ଯାହା କିଛି ବଳକା ପଇସା ବଳେ ତାହା କୁଲି ସର୍ଦ୍ଦାରର ହାତ ପେଠ ହୁଏ। ଖଣି ମାଲିକ ବା ତାହାର ଏଜେଣ୍ଟଙ୍କ ସଙ୍ଗେ ପ୍ରକୃତ କୁଲିର କୌଣସି ଦେଖା ଦର୍ଶନ ମିଳେ ନାହିଁ। ସେମାନେ ସେମାନଙ୍କର ଅଧିକା ଘଣ୍ଟା ପରିଶ୍ରମରେ ଅଧିକା ମଜୁରୀ ପାଆନ୍ତି ନାହିଁ। ଯାହା କିଛି ଲାଭ ହୁଏ ତାହା କୁଲି ସର୍ଦ୍ଦାରର। ତେଣୁ ମୁଁ ଏଠାରେ ବିନମ୍ର ଭାବରେ ଉଲ୍ଲେଖ କରୁଛି ଯେ ଶ୍ରମିକମାନଙ୍କର କଠିନ ପରିଶ୍ରମ ସେମାନଙ୍କ ପାଇଁ ଲାଭଦାୟକ ନୁହେଁ।

"କୁହାଯାଇ ପାରେ ଯେ ଫାକ୍ଟରୀ ଆଇନରେ ତ ଦଶ ଘଣ୍ଟା କାମର ବ୍ୟବସ୍ଥା ଅଛି, ତେବେ ଖାଦାନ ବେଳକୁ ଏତେ ଆପତ୍ତି କାହିଁକି ? ମୁଁ ଏ ସଭାକୁ ନମ୍ରତାର ସହିତ ଜଣାଉଛି ଯେ ଫାକ୍ଟରୀର ଅବସ୍ଥା, ଖାଦାନର ଅବସ୍ଥା ସଙ୍ଗେ କଦାପି ତୁଳନୀୟ ହୋଇ ନ ପାରେ। ଫାକ୍ଟରୀ ଭିତରେ ଶ୍ରମିକର ଆରାମ ଖାଦାନ ଶ୍ରମିକ ଅପେକ୍ଷା ନିଶ୍ଚିତ ଭାବରେ ଅଧିକ। ଫାକ୍ଟରୀ ଭିତରେ ଶ୍ରମିକର କୋଠାଘର ଛାତ ତଳେ କିମ୍ବା ମୁକ୍ତବାୟୁ ପ୍ରସାରିତ ମଇଦାନରେ କାମ କରିବାର ସୁଯୋଗ ରହିଛି; କିନ୍ତୁ ଖାଦାନ ଶ୍ରମିକର କାମ ହେଉଛି ଅତ୍ୟନ୍ତ କ୍ଲାନ୍ତିକର, ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ମାଟି ଉପରେ ଦଶ ଘଣ୍ଟା ପରିଶ୍ରମ ହେଉଛି ସମସ୍ତ ବଳବପୁ ନିଗାଡ଼ି ଦେବା ଭଳି ପରିଶ୍ରମ। ମାଟି ତଳେ ନଅଘଣ୍ଟା ପରିଶ୍ରମ କଥା ତ କୁହା ନ ଯାଏ। ଅର୍ଥାତ୍ ହପ୍ତାରେ ୫୪ ଘଣ୍ଟା କାମ ଏକାବେଳକେ ଚିନ୍ତାର ଅଗମ୍ୟ, ତେବେ ଯଦି ଆମେ ଏଭଳି ବ୍ୟବସ୍ଥା କରିବାର ଥାଆନ୍ତା ଯେ ଯେଉଁମାନେ ୪/୫ ଘଣ୍ଟା ମାଟି ତଳେ କାମ କରିବେ ସେମାନେ ବାକି ୪/୫ ଘଣ୍ଟାପାଇଁ ମାଟି ଉପରକୁ ଆସିବେ ଓ ମାଟି ଉପରବାଲା ମାଟି ତଳକୁ ଯିବେ। ଏଭଳି ଯଦି ଚକ୍ରାକାର ଘୂର୍ଣ୍ଣନ ଥାଆନ୍ତା ତେବେ ସେ ଗୋଟାଏ କଥା ହୁଅନ୍ତା।

× × ×

ତେଣୁ ମୁଁ ମୋର ସଂଶୋଧନ ପ୍ରସ୍ତାବ ଆଗତ କରୁଛି ଯେ ଉପଦଫା 'ବି'ରେ ୬୦ ଘଣ୍ଟା ସ୍ଥଳେ ୪୮ ଘଣ୍ଟା କରାଯାଉ ଓ ଉପଦଫା 'ସି' ରେ ୫୪ ଘଣ୍ଟା ସ୍ଥାନରେ ୪୨ ଘଣ୍ଟା କରାଯାଉ।"

ଏହି ସମୁଦାୟ ବକ୍ତୃତାର ବହୁଳାଂଶ ଭିତରେ ଏକ ନିର୍ଦ୍ଦିଷ୍ଟ ମନୋଭାବ ନିହିତ ଥିଲା। ପ୍ରଥମ କଥା ଏ ମନୋଭାବ ବିପ୍ଳବୀର ତାଚ୍ଛଲ୍ୟ ମନୋଭାବ କିମ୍ବା ସଂଗ୍ରାମୀ

Digitized by srujanika@gmail.com

ଚେତନା ନୁହେଁ। ବିଶ୍ୱନାଥ ସେ କାଟର ଲୋକ ନ ଥିଲେ; କିନ୍ତୁ ଦ୍ୱିତୀୟ କଥା, ଏଥିରେ ଥିଲା ବିପ୍ଳବୀ ଚିନ୍ତାର ପ୍ରାଥମିକ ଅଙ୍କୁର, ଏକ ଗଭୀର ମାନବତାବୋଧ, ମମତ୍ୱବୋଧ ଓ ସହାନୁଭୂତି। ଏହା ମଧ୍ୟ ଖଟିଖିଆ ଶ୍ରେଣୀର ଜୀବନଧାରା ବିଷୟରେ ସଚେତନତାର ପ୍ରମାଣ ଦେଉଥିଲା। ତୃତୀୟ କଥା, ଏହା ସ୍ପଷ୍ଟ ଭାବରେ ଆଜିର ପୃଥିବୀରେ ଖାଦାନ ଶ୍ରମିକର ସଂଗ୍ରାମ ଫଳଶ୍ରୁତି ସ୍ୱରୂପ ମିଳିଥିବା ହପ୍ତାକେ ଚାଳିଶି ଘଣ୍ଟା (ସୋଭିଏଟ୍ ରୁଷିଆ, ଜର୍ମାନୀ, ଉଭୟ ପଶ୍ଚିମ ଓ ପୂର୍ବ) ହପ୍ତାକେ ବୟାଳିଶ ଘଣ୍ଟା (ବିଲାତ, ଫ୍ରାନ୍ସ, ଇତାଲି) ପରିଶ୍ରମ ହାସଲ ପାଇଁ ଭବିଷ୍ୟତ ବାଣୀ କରିଥିଲା। ଯେଉଁମାନଙ୍କୁ ପ୍ରବର୍ତ୍ତାଇ ଏହି ସଂଶୋଧନକୁ ପାସ୍ କରି ନେବାକୁ ବାରିଷ୍ଟର ବିଶ୍ୱନାଥ ବାରମ୍ବାର ପାର୍ଲାମେଣ୍ଟାରୀ ରୀତି, ପଦ୍ଧତିକୁ ହୁଡ଼ି ବାଚସ୍ପତିକୁ ସମ୍ବୋଧନ ନ କରି, ସଭାସଦ୍ ସଦସ୍ୟମାନଙ୍କୁ ସିଧାସଳଖ ସମ୍ବୋଧନ କରୁଥିଲେ, ସେମାନେ ପ୍ରବର୍ତ୍ତନାରେ ପଡ଼ିବାର ପାତ୍ର ନ ଥିଲେ। କାରଣ ସେମାନେ ଥିଲେ ଆପଣାର ଶ୍ରେଣୀ ସ୍ୱାର୍ଥରେ ଅନ୍ଧ। ସେମାନେ ଗୋରା ଖାଦାନ ମାଲିକ ବା ଖାଦାନ ମାଲିକ ଗୋରା କମ୍ପାନୀମାନଙ୍କର ଉଚ୍ଚ ପାହ୍ୟା କର୍ମକର୍ତ୍ତା ବା ଏଜେଣ୍ଟ ଇତ୍ୟାଦି।

ତେଣୁ ବିଶ୍ୱନାଥଙ୍କର ସଂଶୋଧନ ପ୍ରସ୍ତାବ ଦୁଇଟି କାଟ ଖାଇ ଯିବା ବିଚିତ୍ର ନ ଥିଲା। କାଟ ଖାଇଗଲା।

ବିଶ୍ୱନାଥ ମିଶ୍ର ଥିଲେ ସଂସ୍କାରପନ୍ଥୀ, ସେ ବିପ୍ଳବୀ ଚେତନାର ଅଗ୍ରଦୂତ ନ ଥିଲେ; କିନ୍ତୁ ସେ ବାସ୍ତବବାଦୀ ଥିଲେ। ଖାଦାନ ଆଇନରେ ଖାଦାନ ମାଟି ତଳେ କିଶୋରମାନଙ୍କର କାମ କରିବାର ସେ ବିରୋଧ କରିଥିଲେ; କିନ୍ତୁ ମାଟି ଉପରେ କିଶୋରମାନଙ୍କୁ କାମ କରିବାର ଅନୁମତି ଦେବା ପାଇଁ ସେ ସଂଶୋଧନ ପ୍ରସ୍ତାବ ଆଣିଥିଲେ। କାରଣ ସେ ଜାଣିଥିଲେ ଯେ ପ୍ରତ୍ୟେକ ଗରିବ ଶ୍ରମିକ ପରିବାର ପାଇଁ ଅ-ସାବାଳକ କିଶୋରର ମଜୁରୀ ମଧ୍ୟ ପ୍ରାଣଧାରଣ ପାଇଁ ଦରକାର; କିନ୍ତୁ ତାଙ୍କର ଏଭଳି ଏକ ସଂଶୋଧନ ପ୍ରସ୍ତାବ ମଧ୍ୟ କାଟ ଖାଇ ଯାଇଥିଲା।

(ଦଶ)

୨୧ ତାରିଖ ମାର୍ଚ୍ଚ ୧୯୨୩ ମସିହାରେ ଭାରତ ସରକାରଙ୍କର ଘରୋଇ ବିଭାଗ ମନ୍ତ୍ରୀ ଗୋଟିଏ ବିଲ୍ ଆଗତ କରିଥିଲେ। ଏହି ବିଲ୍‌ଟିର ନାମ ଥିଲା 'ମାଲ୍‌ଖୋରଡ଼ା ଓ ଗଉନ୍ତିଆ ଗ୍ରାମୀଣ ଆଇନ ବିଲ୍'। ଆଜି ଏ ବିଲ୍‌ଟିର ତାତ୍ପର୍ଯ୍ୟ ବା ଗୁରୁତ୍ୱ ବିଶେଷ କିଛି ନାହିଁ। କିନ୍ତୁ ସେହି କାଳରେ ଓଡ଼ିଶାର ଦେଶମିଶ୍ରଣ ଅନ୍ଦୋଳନର

Digitized by srujanika@gmail.com

ନୀତିଗତ ପ୍ରଶ୍ନ ଉପରେ ଏହି ବିଲ୍‌ର ଐତିହାସିକ ତାତ୍ପର୍ଯ୍ୟ ଥିଲା, ବଙ୍ଗ ଏକ ଗମ୍ଭୀର ବିପଦର ସୂଚନା ଏହି ବିଲ୍‌ର ପ୍ରବର୍ତ୍ତନରୁ ମିଳୁଥିଲା। ଏହି ବିଲ୍‌କୁ ନୀତି ଦୃଷ୍ଟିରୁ ଓଡ଼ିଶାର ଉଭୟ ସଭ୍ୟ ବିଶ୍ୱନାଥ ମିଶ୍ର, ବାରିଷ୍ଟର ଓ ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବିରୋଧ କରିଥିଲେ। କିନ୍ତୁ ବିଲ୍‌ଟି ଗୃହୀତ ହୋଇଯାଇଥିଲା। ତଥାପି ଏହି ବିଲ୍‌ଟିକୁ ପାସ କରାଇ ନେବାରେ ଭାରତ ସରକାରଙ୍କର ଘରୋଇ ବିଭାଗ ମେମ୍ବରଙ୍କର ନିଦାରୁଣ ତତ୍ପରତା ଓ ଅନ୍ୟାନ୍ୟ ଓଡ଼ିଆ ଇତର ସଦସ୍ୟମାନଙ୍କର ହୃଦୟହୀନତା ପ୍ରମାଣ କରିଥିଲା ଯେ ଭାରତରେ ଜନଗଣଙ୍କର ଏକତାର ସିଂହଦ୍ୱାର ସେ ପର୍ଯ୍ୟନ୍ତ ବହୁଦୂରରେ। ଏହାକୁ ଲକ୍ଷ୍ୟ କରି ଶ୍ରୀ ବ୍ରଜସୁନ୍ଦର ଦାସ କହିଥିଲେ "ମୁଁ ସଭାସଦ୍ ମାନ୍ୟବର ସଦସ୍ୟମାନଙ୍କୁ ନିବେଦନ କରୁଛି ଯେ ସେମାନେ ଏକ ଦଳିତ ଓ ଅବହେଳିତ ଜାତିର ଜନତାର ଆବେଗପୂର୍ଣ୍ଣ ଅଭିଳାଷ ପ୍ରତି ଅସମ୍ମାନ କରନ୍ତୁ ନାହିଁ।" କିନ୍ତୁ ତାଙ୍କର ଏ ନିବେଦନ ନିଷ୍ଫଳ ହୋଇଥିଲା।

ଏହି ବିଲ୍ ସଂକ୍ରାନ୍ତରେ ବିଶ୍ୱନାଥ ମିଶ୍ରଙ୍କର ପ୍ରାଣସ୍ପର୍ଶୀ ଓଜସ୍ୱିନୀ ଭାଷଣର କିଛି ଅଂଶ ଏଠାରେ ପ୍ରକାଶ କଲେ ଏହି ବିଲ୍‌ର ମାରାତ୍ମକ ପରିଣତି ବୁଝିବା କଷ୍ଟକର ହେବନାହିଁ।

ବିଶ୍ୱନାଥ ଆପଣାର ଭାଷଣ ଆରମ୍ଭ କରି କହିଥିଲେ "ମହାଶୟ, ମୁଁ ଏହି ବିଲ୍‌ର ବିଚାରକୁ ବିରୋଧ କରିବାପାଇଁ ବିନମ୍ରଭାବରେ ଆପଣଙ୍କର ଅନୁମତି ଭିକ୍ଷା କରୁଛି। ଯଦିଚ 'ମୋର ମନୋଭାବ ହେଉଛି ସରକାରଙ୍କର ଜଣେ ବନ୍ଧୁଭାବାପନ୍ନ ସମାଲୋଚକର ମନୋଭାବ।' ଏହି ବିଲ୍‌ର ପ୍ରାରମ୍ଭରେ ଯେଉଁ କେତୋଟି ଘୋଷଣାର ଅବତାରଣା କରାଯାଇଛି ସେହିଗୁଡ଼ିକ ପ୍ରତି ମୁଁ ମାନ୍ୟବର ସଦସ୍ୟମାନଙ୍କର ମନୋଯୋଗ ଆକର୍ଷଣ କରିବି। ଏଗୁଡ଼ିକ ହେଲା ଭାରତ ସରକାରଙ୍କର ୧୯୦୫ର ଘୋଷଣା, ତାହାପରେ ୧୯୧୨ର ଘୋଷଣା ଓ ତାହାପରେ ୧୯୨୩ ର ଘୋଷଣା।

ମାନ୍ୟବର ସଦସ୍ୟମାନଙ୍କ ଗୋଚରକୁ ଆସି ପାରିବ ଯେ ଓଡ଼ିଶା ଦେଶ ଏହି ଅଂଶକୁ ଗୋଟିଏ ଶାସନାଧୀନରୁ ଆଉ ଏକ ଶାସନାଧୀନକୁ ଫୁଟବଲ୍‌କୁ ଗୋଡ଼ରେ ମାରିଲା ପରି ମାରି ପଠାଇ ଦିଆଯାଇଛି। ସେମାନଙ୍କୁ ଆହୁରି ସ୍ୱଚ୍ଛ ବର୍ଣ୍ଣନା ଦେଲେ ସେମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସମ୍ବଲପୁର ଜିଲ୍ଲାର ଏହି ଅଂଶ ୧୮୬୦ ପୂର୍ବରୁ ଓଡ଼ିଶା କମିଶନରଙ୍କର ଅଧୀନସ୍ଥ ଅଞ୍ଚଳର ଗୋଟିଏ ଅଂଶ ଥିଲା। ତା'ପରେ ଏହାକୁ ନାଗପୁର ଡିଭିଜନକୁ ହସ୍ତାନ୍ତରିତ କରାଗଲା ଓ ତା'ପରେ ଏହା କେତେକାଳ ଛୋଟନାଗପୁର ଡିଭିଜନର ଶାସନ ଅଧିକାର ତଳେ ତିଷ୍ଠି ଥିଲା।

Digitized by srujanika@gmail.com

ତାହାପରେ ଏହା ଗଲା କେନ୍ଦ୍ରପ୍ରଦେଶର ଅଧିକାର ତଳକୁ। ୧୯୦୫ ବେଳକୁ ଏହା ବଙ୍ଗଳାକୁ ଫେରି ଆସିଲା ଓ ତା'ପରେ ଆସିଲା ବିହାର–ଓଡ଼ିଶା ପ୍ରଦେଶର ଶାସନ ଅଧିକାର ହାତକୁ। ଏଥିରୁ ମାନ୍ୟବର ସଭ୍ୟମାନେ ବୁଝି ପାରିବେ ଯେ ଓଡ଼ିଶା ଦେଶ ଓ କେନ୍ଦ୍ର ପ୍ରଦେଶର ମଝିରେ ଥିବା ସୀମାନ୍ତ ଅଞ୍ଚଳର ବାସିନ୍ଦାମାନଙ୍କୁ ଅତ୍ୟନ୍ତ ହେଳାରେ ଉଡ଼େଇ ଦିଆଯାଇଛି। ଅବଶ୍ୟ ଏମାନେ ଗୋଟିଏ ରକମର ପଶ୍ଚାଦ୍‌ପଦ ଜନତା, ମୁଁ ଏକଥା ମଧ ଉଲ୍ଲେଖକରୁଛି ଯେ ସଂସ୍କାର ସ୍କିମ୍‌ର କୌଣସି ଛାତ୍ର ବି ଏହି ଅଞ୍ଚଳ ପ୍ରତି ପ୍ରସାରିତ ହୋଇନାହିଁ ଓ ଏହି ଅଞ୍ଚଳର ଜନଗଣ କେନ୍ଦ୍ର ପ୍ରଦେଶ ସରକାରରେ ଅଥବା କାଉନ୍‌ସିଲ ଅଫ୍ ଷ୍ଟେଟରେ କୌଣସିଟିରେ ପ୍ରତିନିଧି ପଠାଇ ନାହାନ୍ତି। ତେବେ ବି ଏହି ଘଟଣା ନିରାଟ ବାସ୍ତବ ଯେ ବିଚାର ବିଭାଗୀୟ ପ୍ରଶାସନ ବା ଦେଓ୍ୱାନି ପ୍ରଶାସନ ସଂକ୍ରାନ୍ତରେ ଏହି ଅଞ୍ଚଳ ସବୁକାଳେ ସମ୍ବଲପୁର ଜିଲ୍ଲା ସହିତ ରହି ଆସିଛି, ଯେତେବେଳେ ଏହି ଅଞ୍ଚଳ ବଙ୍ଗଳା ସହିତ ସାମିଲ ଥିଲା କିମ୍ବା ବର୍ତ୍ତମାନ ଯେତେବେଳେ ଏହା ବିହାର-ଓଡ଼ିଶା ପ୍ରଦେଶ ସହିତ ସାମିଲ ରହିଛି।

ଯେଉଁ ମକଦ୍ଦମା କଥା ଏଠାରେ ଉଲ୍ଲେଖ କରାଯାଇଛି, ତାହା ମୁଁ କଲିକତା ହାଇକୋର୍ଟରେ ଆଇନ ଜୀବିକାରେ ପ୍ରାକଟିସ୍ କଲାବେଳେ ସେହି ହାଇକୋର୍ଟରେ ଥିଲା। ତାହାପରେ ଯେତେବେଳେ ପାଟଣାଠାରେ ଏକ ଅଲଗା ହାଇକୋର୍ଟ ବସିଲା, ସେତେବେଳେ ଏହି କେଶ୍‌କୁ ସେଠାକୁ ପଠାଇ ଦିଆଗଲା। ତା'ପରେ 'କୌଣସି କାରଣରୁ କେଶ୍‌ଟି ତଳିଆ କୋର୍ଟକୁ ପଠାଇ ଦିଆଗଲା। ତା'ପରେ ଏହାର ବିଚାର ହେଲା, ଯଥାକ୍ରମେ ସମ୍ବଲପୁର ଓ ମାନଭୂମ ଜିଲ୍ଲାରେ ଏବଂ ତା'ପରେ ଏହା ଆଉ ଥରେ ହାଇକୋର୍ଟକୁ ଗଲା ଇତ୍ୟାଦି। ତେଣୁ ଏହି ଲୋକମାନେ ମୋଟ ଉପରେ ଦେଖିଲେ ଗତ ବହୁବର୍ଷ ଧରି ପାଟଣା ହାଇକୋର୍ଟ ଓ କଲିକତା ହାଇକୋର୍ଟକୁ ଆପଣାର ମାଲିମକଦ୍ଦମା ସଂକ୍ରାନ୍ତ ବିଚାରାଳୟ ବୋଲି ଧରି ଆସିଛନ୍ତି। ତେଣୁ ଆଜି ଏହି ବିଲ୍ ପାସ୍ ହୁଏ ଯେଉଁଥିରେ ଉଲ୍ଲେଖ ରହିଛି "ଯେ ଏହି ବିଲ୍ ସମ୍ବଲପୁର ଜିଲ୍ଲାର କେତେକ ଅଞ୍ଚଳରେ ପ୍ରଚଳିତ ଆଇନଗୁଡ଼ିକୁ କାଏମ ରଖିବା ପାଇଁ ଘୋଷଣା ଓ ଅତୀତରେ ଏହି ଅଞ୍ଚଳଗୁଡ଼ିକ କାଉନ୍‌ସିଲ ଷ୍ଟେଟର ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ର ପ୍ରଦେଶ ସରକାର ଦ୍ୱାରା ଶାସିତ ଅଞ୍ଚଳ ଭିତରେ ସାମିଲ ନ ଥିବାରୁ ଏହି ଅଞ୍ଚଳର ଅତୀତ ପ୍ରଶାସନକୁ ଦୃଷ୍ଟିକୁ ଆଣିବା ଅନାବଶ୍ୟକ ବୋଲି ବ୍ୟବସ୍ଥା ଗ୍ରହଣ"। ତେବେ ଅବସ୍ଥା ଏଇୟା ହେବ ଯେ ଏଠାର ମାଲିମକଦ୍ଦମାରେ ଜଡ଼ିତ ଲୋକେ ଓ ସେମାନଙ୍କ ସବୁ ବକେୟା ପଡ଼ିଥିବା ମକଦ୍ଦମାଗୁଡ଼ିକ କେନ୍ଦ୍ର ପ୍ରଦେଶର ପ୍ରଶାସନ ହାତକୁ ହସ୍ତାନ୍ତରିତ ହେବ, କାରଣ ଏଥିରେ ତିନି ଦଫା କହୁଛି "ଯେ ଉକ୍ତ ଅଞ୍ଚଳଗୁଡ଼ିକୁ

Digitized by srujanika@gmail.com

କେନ୍ଦ୍ରପ୍ରଦେଶ କୋର୍ଟ କଚେରୀ ଆକ୍ଟ ୧୯୧୭ ର ଏକ ଅଂଶ ଭାବରେ ଗ୍ରହଣ କରାଯିବ; କାରଣ ଏହି ଆକ୍ଟର ପରିସୀମା ସେହି ଅଞ୍ଚଳ ଭିତରକୁ ପ୍ରସାରିତ।” ତେଣୁ ଫଳ ହେବ ଆଉ ଥରେ କେନ୍ଦ୍ର ପ୍ରଦେଶକୁ ଯିବା ଓ ନାଗପୁରର ଜୁଡ଼ିସିଆଲ କମିଶନଙ୍କର କର୍ତ୍ତୃତ୍ୱାଧୀନ ହେବା।

ମୋର ଦ୍ୱିତୀୟ ଆପତ୍ତି ହେଉଛି : ମାନ୍ୟବର ଘରୋଇ ସଭ୍ୟଙ୍କର ଏବେ ବି ସ୍ମରଣ ଥିବ ଯେ ଓଡ଼ିଆଭାଷୀ ଇଲାକାଗୁଡ଼ିକର ସମ୍ମିଶ୍ରଣ ବିଷୟରେ ମୋର କେତେଗୁଡ଼ିଏ ପ୍ରଶ୍ନର ଉତ୍ତରରେ ସେ ଉତ୍ତର ଦେବାକୁ ଆଜ୍ଞା ହୋଇଥିଲେ ଯେ ଉକ୍ତ ବିଷୟ ଭାରତ ସରକାରଙ୍କର ବିଚାରାଧୀନ ଅଛି ଓ ଏକଥା ମଧ୍ୟ ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ୧୯୨୦ର ରିଫର୍ମ ସ୍କିମ୍ ଏହି ଗୃହରେ ଆଗତ ହେବା ପୂର୍ବରୁ ଏହିଠାରେ ଏକ ପ୍ରସ୍ତାବ ଆଗତ ହୋଇଥିଲା ଓ ଭାରତ ସରକାର ଉକ୍ତ ବିଷୟ ବିଚାର କରିବାକୁ ଅଙ୍ଗୀକାର କରିଥିଲେ। ଏଥିଭିତରେ ସରକାର ସ୍ଥାନୀୟ ପ୍ରଶାସନମାନଙ୍କଠାରୁ ସେମାନଙ୍କର ମତାମତ ଗ୍ରହଣକରି ସାରିଲେଣି ଓ ବିଷୟଟି କେବଳ ସରକାରଙ୍କର ବିଚାରର ଶେଷ କାରୁକାମର ଅପେକ୍ଷାରେ ରହିଛି; ଯାହାହେଲେ ଓଡ଼ିଆମାନଙ୍କର ଅଭିଳାଷ ଯେ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକ ଏକ ସମ୍ମିଳିତ ପ୍ରଶାସନ ତଳେ ରହୁ; ତାହା ଫଳବତୀ ହୋଇପାରିବ। ଏହା ଯଦି ପରିସ୍ଥିତି ହୁଏ ତେବେ ଏ ବିଲ୍ ବର୍ତ୍ତମାନ ବନ୍ଦ ରହିଲେ କୌଣସି ଅସୁବିଧା ନାହିଁ। ଯଦି ଭାରତ ସରକାର ବିଷୟଟିକୁ ସାହାଯ୍ୟକାରୀ ଢଙ୍ଗରେ ବିଚାର କରନ୍ତି ଓ ସବୁ ଓଡ଼ିଆଭାଷୀ ଇଲାକାଗୁଡ଼ିକ ଗୋଟିଏ ଶାସନାଧୀନରେ ଏକତ୍ରିତ ହୁଅନ୍ତି, ତେବେ ଏହି ମାଲଖରଡ଼ା ଜାଗିର ଓ ଗଉନ୍ତିଆ ଗାଁଗୁଡ଼ିକର ଲୋକେ ପୁଣି ଓଡ଼ିଶା ପ୍ରଦେଶର ବିଚାର ବିଭାଗୀୟ ପ୍ରଶାସନ ଭିତରକୁ ଆସିବେ। ତେଣୁ ସେପରି ସ୍ଥଳେ ଏହି ବିଲ୍‌ର ବିଚାର ଏହି ବିଷୟର ସମସ୍ୟା ନିଷ୍ପତ୍ତି ହେବାଯାଏ ସ୍ଥଗିତ ରଖାଯିବା ଉଚିତ। ମୁଁ ତ ମନେକରୁଛି ଯେ ଯେତେବେଳେ ସ୍ଥାନୀୟ ପ୍ରଶାସନମାନଙ୍କୁ ସେମାନଙ୍କର ମତାମତ ଦେବାପାଇଁ କୁହାଯାଇ ସାରିଲାଣି ଓ ବିହାର-ଓଡ଼ିଶାର ସ୍ଥାନୀୟ କାଉନ୍‌ସିଲ ଭାରତ ଶାସନ ଆଇନର ବ୍ୟବସ୍ଥା ମୁତାବକ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଇଲାକା ହସ୍ତାନ୍ତର ହେଲେ ଯେଉଁ ଆବଶ୍ୟକୀୟ ମତାମତ ଦେବାର କଥା, ତାହା ଦେଇ ସାରିଲାଣି; ସେତେବେଳେ ଏହି ବିଲ୍‌ର ବିଚାରକୁ କିଛି କାଳ ମୁଲତବି ରଖିଲେ କୌଣସି ଅସୁବିଧା ଉପୁଜିବ ନାହିଁ। ଏତିକି

Digitized by srujanika@gmail.com

ମନ୍ତବ୍ୟ କରି ମୁଁ ଏହି ପ୍ରସ୍ତାବକୁ ବିରୋଧ କରୁଛି।" (କେନ୍ଦ୍ର ବ୍ୟବସ୍ଥାପକ ସଭା ବିତର୍କାବଳି :- ୩ୟ ଖଣ୍ଡ – ୬୨ ନମ୍ବର ପୃ ୨୮୪୮ଷା)

(ଏଗାର)

ବିଶ୍ୱନାଥ ମିଶ୍ରଙ୍କ ଯୁକ୍ତିଶାଣିତ ବିରୋଧ ସତ୍ତ୍ୱେ ଓ ବ୍ରଜସୁନ୍ଦରଙ୍କର କଟାଳ କଟାକ୍ଷ ସତ୍ତ୍ୱେ ଏହି ସାମାନ୍ୟ ବିଲ୍‌ଟି ପ୍ରତ୍ୟାହୃତ ହେଲା ନାହିଁ, ଏହା ପାସ୍ ହୋଇଗଲା। ସରକାର ପକ୍ଷ ତ ଆପତ୍ତି କଲେ, ତାହା ହୁଏତ ଅହେତୁକ ଭାବରେ ପକ୍ଷପାତ ଦୋଷଯୁକ୍ତ ଆପତ୍ତି। କିନ୍ତୁ କେନ୍ଦ୍ର ପ୍ରଦେଶ (ଏବର ମଧ୍ୟ ପ୍ରଦେଶର)ର ହରିସିଂହ ଗୌର ଏହି ବିଲ ପାସ ପାଇଁ ପ୍ରାଣପଣେ ଲାଗି ପଡ଼ିଥିଲେ। ବିତର୍କର ଶେଷ ସ୍ତରରେ ମିଷ୍ଟର ବି.ଏନ. ମିଶ୍ର (ବିଶ୍ୱନାଥ ମିଶ୍ର) କହିଥିଲେ –

"ମହାଶୟ, ମାନ୍ୟବର ଘରୋଇ ମନ୍ତ୍ରୀ କହିବା ହୋଇଛନ୍ତି ଯେ କେନ୍ଦ୍ର ପ୍ରଦେଶର ଆଇନଗୁଡ଼ିକ ସମ୍ବଲପୁର ଜିଲ୍ଲାରେ ଚଳୁଛି। ମୁଁ ମାନୁଛି, ସାରା ସମ୍ବଲପୁର ଜିଲ୍ଲାରେ କେନ୍ଦ୍ର ପ୍ରଦେଶ ରାଜସ୍ୱ ଆଇନ ଚଳୁଥିଲା ଓ ସାରା ଜିଲ୍ଲାଟି ଏବେ କେନ୍ଦ୍ର ପ୍ରଦେଶକୁ ହସ୍ତାନ୍ତରିତ କରାଯାଇଛି। ଏ ବିଷୟରେ କାହାରି କୌଣସି ଦ୍ୱିମତ ନାହିଁ। ହେଲେ ହେଁ, ଚାରି ହଜାର ବର୍ଗ ମାଇଲ ଅଞ୍ଚଳକୁ କାଢ଼ିନେଇ ଅନ୍ୟ ପ୍ରଦେଶରେ ସାମିଲ କଲା ପରେ ଏଭଳି ୨୦/୩୦ ଖଣ୍ଡ ଗାଁକୁ ଅଲଗା ରଖିବାରେ କି ମଙ୍ଗଳ ହେବ। ପ୍ରାୟ ପଚାଶ ବର୍ଗ ମାଇଲ ଅଞ୍ଚଳକୁ ବିଚ୍ଛିନ୍ନ କରି ରଖିବାରେ କି ଶ୍ରେୟ ?" ଏତିକି କହିବାର ଘରୋଇ ସଭ୍ୟ ସାର୍ ମାଲକମ୍ ହେଇଲି ଉତ୍ତର କରିଥିଲେ, "ତେବେ ବୋଧହୁଏ ସବୁଠାରୁ ବଢ଼ିଆ କଥା ହେବ ଯଦି ଆମେ ସମ୍ବଲପୁରକୁ ବାହାର କରି ନେଇ ତାହାକୁ ପୁଣି କେନ୍ଦ୍ର ପ୍ରଦେଶରେ ସାମିଲ କରିଦେଉଁ।"

ଏଭଳି ମନୋଭାବ ପୂରାପୂରି ଏକ ଧମକାଣ। ସେତେବେଳର ପରିସ୍ଥିତିରେ ଏକମାତ୍ର ବ୍ରଜସୁନ୍ଦର ଦାସଙ୍କର ସମର୍ଥନରେ ବିଶ୍ୱନାଥ ଏହି ସାମାନ୍ୟତମ ବିଲ୍‌ର ବିରୋଧ ଉଚିତ ମନେକରି ନ ଥିଲେ। ବିରୋଧ କରିଥିଲେ ଓ ବିରୋଧରେ ଭୋଟ ଦେଇଥିଲେ ମଧ୍ୟ ବିଲ୍‌ଟି ଗୃହୀତ ହୋଇଯାଇ ଥାଆନ୍ତା।

ତେବେ ବ୍ୟବସ୍ଥାପକ ସଭାର ଏହିସବୁ 'ନେପଥ୍ୟ କୋଳାହଳ' ଛଡ଼ା ମୂଳ କଥା ଥିଲା ଭାରତର ଭବିଷ୍ୟତ ଶାସନର ରୂପରେଖ ଓ ବର୍ତ୍ତମାନ ଶାସନର ପରିଚାଳନା ପାଇଁ ସରକାରୀ ନୀତିକୁ କାର୍ଯ୍ୟକାରୀ କରିବାର ପ୍ରଚେଷ୍ଟା। ଏହି ଉଭୟ ବିଷୟରେ ଭାରତ ସରକାର ଏହି ପ୍ରଥମ ବ୍ୟବସ୍ଥାପକ ସଭାଠାରୁ ଆଶାତୀତ

Digitized by srujanika@gmail.com

ବିରୋଧର ସମ୍ମୁଖୀନ ହୋଇଥିଲେ। ଏହି ବିରୋଧୀ ଭୂମିକାରେ ନୂତନ ହେଲେ ହେଁ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ଅବଦାନ ଯଥେଷ୍ଟ ଥିଲା। କିନ୍ତୁ ଦୁର୍ଭାଗ୍ୟର କଥା କେବଳ ବ୍ୟବସ୍ଥାପକ ସଭାର ବିବରଣୀର ସଂଗ୍ରହାଳୟରେ ତାଙ୍କର ଓ ତାଙ୍କ ପରି ଆହୁରି କିଛି ଦେଶପ୍ରେମୀଙ୍କର କୃତିତ୍ୱ ଏବେ ବି ପଡ଼ି ରହିଛି। ତାହା ପ୍ରତି ସାରା ଜାତିର ଦୃଷ୍ଟି ଏ ପର୍ଯ୍ୟନ୍ତ ପଡ଼ି ନ ଥିଲା। ଅସହଯୋଗ ଓ ବର୍ଜନର ବାୟୁମଣ୍ଡଳ ଭିତରେ ଏହି ବ୍ୟବସ୍ଥାପକ ସଭା ନିସ୍ତରଙ୍ଗ ଓ ସମାହିତ ରହିବ ବୋଲି ଆଶା କରାଯାଇଥିଲା। କାରଣ, ଆଗରୁ କୁହାଯାଇଛି, ଏହାର ସଦସ୍ୟମାନେ ଉଭୟ ସରକାରୀ ଓ ସରକାର ମନୋନୀତ। ଏପରିକି ବେସରକାରୀ ନିର୍ବାଚିତ ସଦସ୍ୟମାନେ ଆପଣାର ସୀମିତ ନିର୍ବାଚନ ମଣ୍ଡଳି ଓ ଆନ୍ଦୋଳନ ଓ ଦମନ ନୀତି ଫଳରେ ଦେଶର ବିକ୍ଷୁବ୍ଧ ପରିସ୍ଥିତି ଇତ୍ୟାଦି ଇତ୍ୟାଦି ବିଭିନ୍ନ ପ୍ରତିକୂଳ ପରିସ୍ଥିତି ବିଷୟରେ ବିଶେଷ ସତର୍କ ଥିଲେ।

ବିଶ୍ୱନାଥଙ୍କର ଉପନିର୍ବାଚନରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ପ୍ରବେଶ ପୂର୍ବରୁ ୧୯୨୧ ଫେବୃୟାରୀ ୧୪ ତାରିଖରେ ବିଖ୍ୟାତ ବାଗ୍ମୀ ଶ୍ରୀନିବାସ ଶାସ୍ତ୍ରୀ କାଉନ୍‌ସିଲ ଅଫ୍ ଷ୍ଟେଟ୍ ବା ରାଷ୍ଟ୍ର ପରିଷଦ ସଭ୍ୟ ଭାବରେ ପରିଷଦରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବରେ ସେ ସରକାରଙ୍କର ଦମନମୂଳକ ଆଇନଗୁଡ଼ିକ ଯାଞ୍ଚ କରି ଦେଖିବା, ଆବଶ୍ୟକ ସ୍ଥଳେ ସେଗୁଡ଼ିକ ରଦ୍ଦ କରିବା ବା ସଂଶୋଧନ କରିବା ପାଇଁ ସୁପାରିଶ କରାଯାଇଥିଲା। ଏହି ପ୍ରସ୍ତାବ ଉପରେ ବହୁ ବାଦାନୁବାଦ ହୋଇ ଶେଷରେ ଏହା ଗୃହୀତ ହୋଇଥିଲା। ସେତେବେଳେ ବିଖ୍ୟାତ ତେଜ୍ ବାହାଦୁର ସାପ୍ରୁ ଭାରତ ସରକାରଙ୍କର ଆଇନ ସଭ୍ୟ ଥିଲେ। ୧୯୨୨ ମସିହାରେ କେତେକ ଦମନମୂଳକ ଆଇନ ରଦ୍ଦ କରାଯିବାରେ ଏହି ପ୍ରସ୍ତାବ ସହାୟକ ହୋଇଥିଲା। ଯଥା : ୧୯୧୦ ର ସମ୍ବାଦପତ୍ର (କଟକଣା) ଆଇନ୍, ୧୯୦୮ର ସମ୍ବାଦପତ୍ର ଅପରାଧ ପ୍ରୋତ୍ସାହନ ଆଇନ, ୧୯୦୮ ର ଭାରତୀୟ ଫୌଜଦାରୀ ଆଇନ ଓ ସଂଶୋଧନ ଆଇନ।

୧୯୨୨ ଜାନୁଆରୀ ମାସରେ ବିଶ୍ୱନାଥଙ୍କର କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଯୋଗଦାନର ଅଳ୍ପ କାଳ ପୂର୍ବରୁ ମୁନସୀ ଈଶ୍ୱର ଶରଣଙ୍କର 'ଦେଶରେ ଆରମ୍ଭ ହୋଇଥିବା ଦମନମୂଳକ ନୀତିର ତୁରନ୍ତ ପରିହାର' ବିଷୟକ ପ୍ରସ୍ତାବ ଯଥେଷ୍ଟ ପରିମାଣରେ ଚହଳ ପକାଇ ସାରିଥିଲା। ୧୯୨୧ ମସିହା ମାର୍ଚ୍ଚ ୨୮ ତାରିଖରେ ଲର୍ଡ ଇଶରଙ୍କର ଅଧ୍ୟକ୍ଷତାରେ ଯେଉଁ ଇଶର କମିଟି ଭାରତର ସୈନ୍ୟବାହିନୀର

Digitized by srujanika@gmail.com

ଗଢ଼ଣ, ଶକ୍ତି, ସଂଖ୍ୟା ଓ ପରିସର ବିଷୟରେ ସୁପାରିଶ କରିଥିଲେ ତାହାର ସୁପାରିଶ ବିରୁଦ୍ଧରେ ଶିବସ୍ୱାମୀ ଆୟାର ବିଧାନ ସଭାରେ ପନ୍ଦରଟି ପ୍ରସ୍ତବ ଆଗତ କରିଥିଲେ। ଏହି ପ୍ରସ୍ତାବଗୁଡ଼ିକ ଭିତରେ ଭାରତର ସୈନ୍ୟବାହିନୀ ଭାରତ ବାହାରେ ନିଯୁକ୍ତ କରିବାର ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏଭଳି ନିଯୁକ୍ତିପାଇଁ କେବଳ ଦୁର୍ଗ ରକ୍ଷାପାଇଁ ବଡ଼ଲାଟ ସମ୍ମତିଦେଲେ। ସେହି ଦୁର୍ଗରକ୍ଷା ବାବଦ ଖର୍ଚ୍ଚ ଭାରତ ରାଜକୋଷ ବହନ କରିବ ନାହିଁ। ଭାରତୀୟମାନଙ୍କର ଭାରତୀୟ ପଦାତିକ, ନୌ ଓ ଆକାଶ ବାହିନୀ ତଥା ସାହାଯ୍ୟକାରୀ ଓ ସହାୟକ ସେନା ଭାବରେ ନିଯୁକ୍ତିରୁ ସବୁ କଟକଣା ଉଠାଇ ନେବାକୁ ଦାବି କରାଯାଇଥିଲା ଓ ଶେଷ ପ୍ରସ୍ତାବରେ ସୁପାରିଶ କରାଯାଇଥିଲା ଯେ ସାମ୍ପ୍ରତିକ କାଳ ପାଇଁ ପ୍ରତି ବର୍ଷ ସାମରିକ ବାହିନୀରେ ପଦସ୍ଥ କର୍ମରେ ନିଯୁକ୍ତ ଅଫିସରଙ୍କ ସଂଖ୍ୟାରେ ଅନ୍ୟୂନ ଶତକଡ଼ା ପଚିଶ ଭାରତୀୟମାନଙ୍କୁ ନିଆଯାଉ।

ଆୟାରଙ୍କର ପ୍ରସ୍ତାବ ଭିତରୁ ଅଧିକାଂଶ ଏହି ପ୍ରଥମ ବ୍ୟବସ୍ଥାପକ ସଭାରେ ଗୃହୀତ ହୋଇଥିଲା। ଏହାର ପ୍ରଭାବ ଯେ କେବଳ ସରକାରଙ୍କର ସୈନ୍ୟ ଶ୍ରେଣୀଭୁକ୍ତ ନୀତି ଉପରେ ପଡ଼ିଥିଲା ଓ ତାହା ଫଳରେ ଡେରାଡୁନରେ ଏକ ରାଜକୀୟ ସାମରିକ କଲେଜର ପ୍ରତିଷ୍ଠାପାଇଁ ମଞ୍ଜୁରୀ ଓ ୧୯୨୩ର ଘୋଷଣାରେ ସୈନ୍ୟବାହିନୀର ଆଠଗୋଟି ଇଉନିଟ୍ ଗଠିତ ହୋଇଥିଲା ସେତିକି ନୁହେଁ, ସମସ୍ତ ବ୍ୟବସ୍ଥାପକ ସଭାରେ ବିଭିନ୍ନ ବିତର୍କରେ ଏହି ଘଟଣାର ପରିଣତି ବହୁ ପରିମାଣରେ ବିଭିନ୍ନ ସଦସ୍ୟଙ୍କର ଦୃଢ଼ତା ଓ ସାହସିକ ସମାଲୋଚନା ପାଇଁ ଦ୍ୱାର ଉନ୍ମୁକ୍ତ କରିଥିଲା। ବିଶ୍ୱନାଥଙ୍କର ଏହି ସମୟର ବିତର୍କ ଓ ଭାଷଣ ଭିତରେ ସୈନ୍ୟବାହିନୀର ବିଭିନ୍ନ ଦିଗ ବିଷୟରେ ଆଲୋକପାତ ଏହି ପରିପ୍ରେକ୍ଷୀରେ ବିଚାର କରିବାର କଥା।

ବିଶେଷ କରି ୧୯୨୨ ସେପ୍ଟେମ୍ବର ମାସରେ ଏକ ଗୁରୁତର ବିଷୟରେ ସରକାର ଓ ବ୍ୟବସ୍ଥାପକ ସଭା ଭିତରେ ତୀବ୍ର ମତଭେଦ ଦେଖାଯାଇଥିଲା। ବିଷୟଟି ହେଉଛି ଦେଶୀୟ ରାଜ୍ୟର ରାଜନ୍ୟବର୍ଗଙ୍କର ରକ୍ଷାକବଚ ଆଇନ। ଉକ୍ତ ଆଇନରେ ରାଜନ୍ୟବର୍ଗ ବା ଶାସକମାନଙ୍କ ବିରୁଦ୍ଧରେ ଦ୍ୱେଷ ସୃଷ୍ଟିକଲା ଭଳି ବା ସେମାନଙ୍କୁ ଅପମାନ ଦେଲା ଭଳି ଅଥବା ସେମାନଙ୍କର ବିରୁଦ୍ଧରେ ରାଜଦ୍ରୋହ ଡେଚାଇଲା ଭଳି କୌଣସି ପୁସ୍ତିକା, ପତ୍ରପତ୍ରିକା ପ୍ରସାରର ନିଷେଧ କରାଯାଇଥିଲା। ଏଇ ଆଇନ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହୋଇଥିଲା। ଏହି ପ୍ରତିରୋଧର ପ୍ରଧାନ ପ୍ରବକ୍ତା ମୁନସି ଈଶ୍ୱର ଶରଣଙ୍କର ସହିତ ବିଶ୍ୱନାଥ ଏକ ପ୍ରଧାନ ସହାୟକ ଭାବରେ ଏହାର ବିରୋଧ ସଙ୍ଗଠିତ କରିଥିଲେ। ସରକାରଙ୍କର ଉକ୍ତ ଆଇନ ବ୍ୟବସ୍ଥାପକ ସଭାରେ

Digitized by srujanika@gmail.com

ଆଗତ ପାଇଁ ସଭା ଅନୁମତି ନ ନେବାକୁ ଯେଉଁ ଭାଷଣମାନ ଦିଆଯାଇଥିଲା, ତାହା ଭିତରେ ବିଶ୍ୱନାଥଙ୍କ ଭାଷଣ, ଯୁକ୍ତି ଓ ଯଥାର୍ଥତା ଦୃଷ୍ଟିରୁ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା ଓ ତାହାଙ୍କୁ ସେଥରର ବ୍ୟବସ୍ଥା ସଭାରେ ଜଣେ ଅଗ୍ରଣୀ ପାର୍ଲିମେଣ୍ଟରିଆନ ଭାବରେ ପ୍ରତିଷ୍ଠିତ କରିଥିଲା ।

ଅବଶ୍ୟ ବ୍ୟବସ୍ଥାପକ ସଭାରେ ଉକ୍ତ ଆଇନ ଗୃହୀତ ନ ହୋଇପାରିବା ଫଳରେ ଆଇନଟି ବାତିଲ ହୋଇଗଲା ନାହିଁ । କାରଣ ସରକାର ଉକ୍ତ ଆଇନଟିକୁ ପାସ କରାଇ ନେବାକୁ ବଦ୍ଧପରିକର ଥିଲେ । ଆପଣାର ଭାରତୀୟ ଶାସନର ବିଶ୍ୱସ୍ତ ସହାୟକ ଓ ବ୍ରିଟିଶ ଶାସନର ସମର୍ଥନର ମୂଳ ସ୍ତମ୍ଭକୁ ରକ୍ଷା ନ କରି ସରକାର ରହନ୍ତେ ବା କିପରି ? ଫଳରେ ଉକ୍ତ ଆଇନକୁ ବଡ଼ଲାଟ ପ୍ରମାଣପତ୍ର ଦେଲେ ଅର୍ଥାତ୍ ତାଙ୍କର ସାର୍ଟିଫିକେଟ୍ କ୍ଷମତା ପ୍ରୟୋଗ କଲେ ଓ ତାହାପରେ ଆଇନଟି ରାଷ୍ଟ୍ର ପରିଷଦ (କାଉନ୍‌ସିଲ ଅଫ୍ ଷ୍ଟେଟ)ରେ ଗୃହୀତ ହେଲା । ଫଳତଃ ତାହା ବଡ଼ଲାଟଙ୍କର ସ୍ୱୀକୃତି ଲାଭ କରିଥିଲା ଓ ଆଇନରେ ପରିଣତ ହୋଇଥିଲା ।

(ବାର)

ଏହି ଘଟଣାର ପ୍ରତିକ୍ରିୟା ବ୍ୟବସ୍ଥା ସଭାର ଭାରତୀୟ ଦେଶପ୍ରେମୀଙ୍କର ଅଭିମାନ ପ୍ରତ୍ୟେକ ସଦସ୍ୟଙ୍କ ଉପରେ ପଡ଼ିଥିଲା । ଏହାର ପରିଣତି ସ୍ୱରୂପ ୧୯୨୩-୨୪ ମସିହାର ବିଭେଦ ଆଉ ଏକ ବିରାଟ ସାମ୍ବିଧାନିକ ସଂକଟର ସମ୍ମୁଖୀନ ହେଲା । ୧୯୨୩ ମସିହା ବଜେଟରେ ନିଅଣ୍ଟ ପୂରଣ ପାଇଁ ସରକାର ଲବଣ ଶୁଳ୍କ ଦୁଇ ଗୁଣ ବଢ଼ାଇ ଦେବା ପାଇଁ ଆପଣାର ପୂର୍ବ ପ୍ରସ୍ତାବ ଅନୁସାରେ ବଜେଟରେ ତାହାର ବ୍ୟବସ୍ଥା ରଖିଲେ । ସିନ୍ଧୁ ଅଞ୍ଚଳର ଏସ୍.ସି.ସାହାଣୀ, ଢାକାର ମୌଲବୀ ଆବୁଲ କାଶିମ୍, ସାଲେମ୍‌ର ଏସ୍. ମୁଦାଲିଅର ଓ ବିଶେଷ ଉଲ୍ଲେଖଯୋଗ୍ୟଭାବରେ ବିଶ୍ୱନାଥ ମିଶ୍ର ଏହି ବଜେଟର ପ୍ରବଳ ବିରୋଧ କରିଥିଲେ । ତାଙ୍କର ବିରୋଧ ଭାଷଣ ବେଳେବେଳେ ସେହି ବ୍ୟବସ୍ଥାପକ ସଭାର ନରମପନ୍ଥୀ ଓ ଉଦାରପନ୍ଥୀ ବିରୋଧର ସୀମା ଲଙ୍ଘନ କରି ଭାରତର ଜେଲ୍‌ଖାନାରେ ସଢୁଥିବା ସତ୍ୟାଗ୍ରହୀମାନଙ୍କର ଚିନ୍ତାଧାରା ଅନୁକୂଳ ହେଉଥିବାର ମଧ୍ୟ ଲକ୍ଷ୍ୟ କରାଯାଇଥିଲା । ସରକାରୀ ବେଞ୍ଚ ଏ ବିଷୟ ବେଶ୍ ଗୁରୁତର ଭାବରେ ଲକ୍ଷ୍ୟ କରିଥିଲେ ।

ଭାଷଣ ପ୍ରସଙ୍ଗରେ ବିଶ୍ୱନାଥ କହିଥିଲେ "ମହାଶୟ, ଗତବର୍ଷ ଟିକସକୁ ପ୍ରବଳ ଭାବରେ ବିରୋଧ କରିବାର ଅପ୍ରୀତିକର କର୍ତ୍ତବ୍ୟ ମୋତେ ହିଁ କରିବାକୁ

Digitized by srujanika@gmail.com

ପଡ଼ିଥିଲା । ତଥାପି ମୁଁ ଏବେ ବି ଭାବୁଛି କିଛି ହେଲେ ପରିବର୍ତ୍ତନ ହୋଇନାହିଁ, ଆଉ ଆମରି ଗରିବ ଲୋକଙ୍କ ଉପରେ କାହିଁକି ଏ ଟିକସ ଭାର ଲଦନ ହେବାକୁ ଯାଉଛି ସେ ବିଷୟରେ କୌଣସି ଯୁକ୍ତି ବି ଶୁଣିବାକୁ ମିଳୁନାହିଁ । ଅବଶ୍ୟ କେତେକ କହିବାର ଶୁଣା ଯାଉଛି ଏହି ଗରିବମାନେ ସିଗାରେଟ୍ ଖାଉଛନ୍ତି । ଠିକ୍ ସେପରି ତ ଧନୀଲୋକେ ମୋଟର ଗାଡ଼ି ପେଟ୍ରୋଲ ଖର୍ଚ୍ଚରେ ପଇସା ଢାଳୁଛନ୍ତି । ତେବେ ବି ଏଭଳି ବିନର୍ବ୍ୟୟ ହେଉଛି ବୋଲି ଧରିନେଲେ, ଏହାକୁ ଉପଲକ୍ଷ୍ୟ କରି କ'ଣ ଟିକସ ବୋଝକୁ ଦୁଇଗୁଣା ତିନି ଗୁଣା କରାଯିବା ଉଚିତ ? ଆଉ ତାହା ନିଶ୍ଚିତଭାବରେ ଗରିବଙ୍କ ଉପରେ ଲଦି ଦେବା ଉଚିତ ? ଗୋଟିଏ କଥା କହି ରଖୁଛି । ଯେଉଁ ସରକାର କୋଟି କୋଟି ଟଙ୍କାର କାରବାର କରୁଛନ୍ତି, ସେଭଳି ସରକାର କପର୍ଦ୍ଦକହୀନ ଗରିବ ପାଖକୁ ଯିବା ନିତାନ୍ତ ଅସୁନ୍ଦର । ଯଦି ତୁମର ଅଭାବ ପଡ଼ିଛି, ତୁମର ଯଦି ବ୍ୟବସାୟ ଫେଲ୍ ମାରିବାକୁ ବସିଛି, ତେବେ ତୁମେ ବ୍ୟାଙ୍କବାଲାଙ୍କ ପାଖକୁ ଯାଅ । ନଚେତ୍ କୌଣସି ସମ୍ମାନନୀୟ ବନ୍ଧୁଙ୍କୁ ଯାଇ ସାହାଯ୍ୟ ପ୍ରାର୍ଥନାକର । ସେମାନଙ୍କୁ କହ ସେମାନେ ତୁମର ଏହି ଅସୁବିଧାର ସମାଧାନ କରିବାକୁ ଆଗଭର ହୁଅନ୍ତୁ । ମହାଶୟ, କିନ୍ତୁ ତାହା ନ କରି ଯଦି ତୁମେ ତୁମର ଚୌକିଦାର ବା ମେହେନ୍ତରର ଦ୍ୱାରସ୍ଥ ହୋଇ ତାକୁ ମାଗ 'ମୋତେ କିଛି ଦିଅ' ତେବେ ଏହାର ଫଳ କ'ଣ ହେବ ? ମୁଁ ଭାବୁଛି ଏହା ଆପଣଙ୍କର ନିଜର ସମ୍ମାନଜ୍ଞାନର ପ୍ରତିକୂଳ ହେବ । ତା'ଛଡ଼ା ଏହି ଗରିବମାନେ କ'ଣ ଭାବିବେ ? ସେମାନେ ମନେକରିବେ ସରକାରଟା ଦେବାଳିଆ ହୋଇ ଗଲାଣି । ଏହି ସରକାରର କଡ଼ାକର ଇଜ୍ଜତ ନାହିଁ । ସେମାନେ ଆମକୁ ଅଧଲାଏ ପାହୁଲାଏ ବି ମାଗିଲେଣି ? ଏଭଳି ମାଗଣର କି ବା ମୂଲ୍ୟ ? ଏହା ଲୋକଙ୍କ ଭିତରେ ଆମ ସମ୍ବନ୍ଧରେ ଏକ ନୀଚ ଧାରଣା ସୃଷ୍ଟି କରିବ । ସେମାନେ ଭାବିବେ ସରକାର ତ କିଛି ଲୋକଙ୍କ ପାଇଁ କରୁନାହାନ୍ତି । ଆଉ ମାନ୍ୟବର ସଦସ୍ୟ ଏଇଠି ବସି ଖାଲି ଆମ ପାଇଁ ଟିକସ୍ ସଜାଡ଼ୁଛନ୍ତି । ନିଃସନ୍ଦେହରେ ଏହାହିଁ ହେବ ଲୋକଙ୍କର ମନୋଭାବ । ଏହି କଥା କହି, ମହାଶୟ, ମୁଁ ଲବଣ ଟିକସକୁ ବିରୋଧ କରୁଛି ।"

ସରକାରଙ୍କର ପ୍ରଶାସନ ବ୍ୟବସ୍ଥା ଓ ସୈନ୍ୟବାହିନୀର ଅଯଥା ଖର୍ଚ୍ଚ ପ୍ରତି କଟାକ୍ଷ କରି ସେ କହିଥିଲେ– "ମହାଶୟ, ମୁଁ ଜାଣୁଛି, ସଭା ଗୃହର ଏପଟର ସଦସ୍ୟମାନଙ୍କର ସାଧୁବାଦ ବା ଅଭିଶାପ ଟ୍ରେଜେରୀ ବେଞ୍ଚର ସଦସ୍ୟମାନଙ୍କୁ ଟିଳେ ହେଲେ ଟଳାଇ ପାରିବନାହିଁ । ସେମାନେ ତାଙ୍କର ପଦବୀ ଅନୁସାରେ ଆପଣାର କର୍ତ୍ତବ୍ୟ କରିବାରେ ଲାଗିଛନ୍ତି । ତେଣୁ ସେମାନେ ଯେମିତି ସରକାରଙ୍କର ଡିଉଟି କରୁଛନ୍ତି ଠିକ୍ ସେପରି ଆମକୁ ମଧ୍ୟ ଯେଉଁ ଲୋକମାନଙ୍କର ଆମେ ପ୍ରତିନିଧିତ୍ୱ

Digitized by srujanika@gmail.com

କରୁଛୁ ସେମାନଙ୍କର ନ୍ୟସ୍ତ ଡିଉଟି କରିବାକୁ ପଡ଼ିବ। ଆପଣ ଯଦି ସମୁଦାୟ ବଜେଟ୍‌ଟିକୁ ଥରେ ଆଖି ବୁଲେଇ ଆଣିବେ ତେବେ ଦେଖିବାକୁ ପାଇବେ ଯେ ଏହି ବଜେଟଟି କେବଳ ସରକାରୀ ପ୍ରଶାସନକୁ ଚଳେଇବା ଉଦ୍ଦେଶ୍ୟରେ ତିଆରି ହୋଇଛି।

ମହାଶୟ, ଯେତେବେଳେ ଟିକସଦାତା ତା'ର ଝାଳବୁହା ଧନ ଟିକସ ଆକାରରେ ଦେଉଛି, ସେତେବେଳେ ସେ ତ କିଛିଟା ହେଲେ ସୁଖସୁବିଧା ପାଇବାର ଆଶା ରଖିବ। କିନ୍ତୁ ଏହି ବଜେଟ୍ ଟିକସଦାତା ପାଇଁ କି ଉପକାର କରିବାର ବ୍ୟବସ୍ଥା କରିଛି ? ମହାଶୟ, ଟିକସଦାତା ଯଦି କୌଣସି ଉପକାର ପାଇବାର କଥା ତେବେ ସେ ଶିଳ୍ପ, କାରଖାନା ଓ ଚାଷବାସର ଉନ୍ନତି କିମ୍ବା ଜଳସେଚନ ଇତ୍ୟାଦି ଏହି ଧରଣର କାର୍ଯ୍ୟ ବା ପ୍ରକଳ୍ପରୁ ପାଇପାରନ୍ତି। ଏ ଭଳି କାର୍ଯ୍ୟ ବା ପ୍ରକଳ୍ପରୁ ହିଁ ଲୋକେ ଆପଣାର ଅଭିଳାଷ ମୁତାବକ ଉପକାର ପାଇଥାଆନ୍ତି।

"ମହାଶୟ, ମୁଁ ନିତାନ୍ତ ଦୁଃଖିତ ଯେ ବର୍ତ୍ତମାନ ଯେପରି ବିତର୍କର ସ୍ରୋତ ଚାଲିଛି ତାହାରି ଅନୁକୂଳରେ ମୁଁ ପହଁରିବାକୁ ଅକ୍ଷମ। କାରଣ ମୁଁ ଖର୍ଚ୍ଚକାଟ ବିଷୟରେ କହିବି। ବିଶେଷତଃ କେତେକ ଦିଗରେ ଖର୍ଚ୍ଚ କମାଇବାର ପରିସ୍ଥିତି ରହିଛି। ମୁଁ ତ କହିବି ଯେ ଯାହାକୁ କହନ୍ତି ଜାତିଗଠନ ଡିପାର୍ଟମେଣ୍ଟ ସେଥିପାଇଁ ଅତ୍ୟନ୍ତ ନିକୁଛିଆ ବ୍ୟବସ୍ଥା କରାଯାଇଛି। ଭାରତ ଏକ ଚାଷବାସର ଦେଶ। ଏକଥା ଜଣାଶୁଣା ଯେ ଭାରତ ସରକାରଙ୍କର ରାଜସ୍ୱର ବହୁଳାଂଶ ପ୍ରାୟ ଏକତିରିଶ କୋଟି ଟଙ୍କା ଜମିରୁ ଆଦାୟ ହୁଏ। ହେଲେ ହେଁ, ଆମେ ଚାଷବାସର ଉନ୍ନତି ଲାଗି କ'ଣ ଖର୍ଚ୍ଚ କରୁଥାଉଁ ? ବଜେଟ୍‌ର ୩୨ ନମ୍ବର ଦାବିରେ ମୁଁ ଯାହା ପ୍ରତ୍ୟକ୍ଷ ଦେଖୁଛି ଯେ ଚାଷବାସ ଉନ୍ନତିପାଇଁ ଅତି ଅଳ୍ପ ପାଣ୍ଠି ବ୍ୟବସ୍ଥା କରାଯାଇଛି। ଚାଷବାସର ଉନ୍ନତିପାଇଁ ସରକାରୀ ପକ୍ଷର ସାହେବମାନେ ସାତ ଲକ୍ଷ ଟଙ୍କା ପ୍ରସ୍ତାବକରି ମାଗିଛନ୍ତି, ଆଉ ଶିଳ୍ପ ପାଇଁ ମୋଟେ ୪୪୦୦୦ ଟଙ୍କା।"

"ମହାଶୟ, ଭାରତୀୟ ଶିଳ୍ପ କାରଖାନାର ଦୟନୀୟ ଅବସ୍ଥା ବିଷୟ ସର୍ବବାଦୀସମ୍ମତ। ମୁଁ କେବଳ ଆପଣଙ୍କୁ କହିବି, ମହାଶୟ, ଟିକିଏ ଆପଣଙ୍କର ମେଜ ଉପରେ ଥିବା ଜିନିଷପତ୍ରଗୁଡ଼ିକୁ ପରୀକ୍ଷା କରନ୍ତୁ। ସ୍ୟାହି ବୋତଲ, କଲମ, ଲେଖିବା କାଗଜ, ବ୍ଲଟିଂ ପେପର, ସବୁ ଜିନିଷ ବିଦେଶରେ ତିଆରି । ଏଥିରୁ କୌଣସି ଗୋଟିଏ ଜିନିଷ ଭାରତରେ ତିଆରି ବୋଲି କେହି କହିପାରିବ ? ଭାରତ ଭଳି ଏକ ବିଶାଳ ଦେଶ କ'ଣ ଏହି ଜିନିଷଗୁଡ଼ିକ ବ୍ୟବସ୍ଥା କରିପାରିବ ନାହିଁ। ଯାହାକୁ ବିଦେଶୀ

Digitized by srujanika@gmail.com

ଦେଶମାନଙ୍କରେ ମଧ୍ୟ ବିକ୍ରୟ କରିବାରେ ବି ସମର୍ଥ ହେବ? ମୁଁ ବି ମାନ୍ୟବର ସଦସ୍ୟମାନଙ୍କୁ ପଚାରୁଛି ସେମାନେ ଟିକିଏ ଆପଣା ଆପଣା ପରିଧାନ ଉପରେ ଦୃଷ୍ଟି ପକାନ୍ତୁ। ତାଙ୍କର ପରିହିତ କପଡ଼ା କେଉଁ ଦେଶୀୟ ଜିନିଷ? ସବୁ ବିଦେଶୀ। ଯେଉଁ ସୂତାରେ ସେମାନଙ୍କର କପଡ଼ା ସିଲେଇ ହୋଇଛି ସେହି ସୂତା ସୁଦ୍ଧା ବିଦେଶୀ। ଯେଉଁ ଛୁଞ୍ଚରେ ସିଲେଇ ହୋଇଛି ସେ ଛୁଞ୍ଚ ବି ବିଦେଶୀ । ଭାରତରେ କିଛି ତିଆରି ହୋଇନାହିଁ। (କେହି ଜଣକର କଣ୍ଠସ୍ୱର, ତୁମ କଥା କ'ଣ?) ମୁଁ ବି ଆପଣଙ୍କ ଭିତରୁ ଜଣେ। ମୁଁ ବାହାରର ଲୋକ ନୁହେଁ। ମୁଁ ଭାରତୀୟ ଶିଳ୍ପ କାରଖାନାର ଦୁଃସ୍ଥ ଅବସ୍ଥାକୁ ଦର୍ଶାଇବାକୁ ହିଁ ଏକଥା କହୁଛି। ମୁଁ ମନେକରୁଛି ଯେ ଭାରତର ଶିଳ୍ପ, କାରଖାନାର ଉନ୍ନତି ପାଇଁ ଯେତେ ଖର୍ଚ୍ଚକଲେ ବି ତାହା ଏହି ଗୃହର କୌଣସି ସଦସ୍ୟ ଆପତ୍ତି କରିବେ ନାହିଁ ଓ ସେପରି ଖର୍ଚ୍ଚ ମଧ୍ୟ ଅକାରଣରେ ଖର୍ଚ୍ଚ ହେବନାହିଁ।"

"ଚାଷ କଥା ବିଚାର କରନ୍ତୁ। ଏହାପାଇଁ ମଧ୍ୟ ଖୁବ୍ ଅଳ୍ପ ପରିମାଣ ଅର୍ଥ ବଜେଟରେ ବ୍ୟବସ୍ଥା କରାଯାଇଛି। ମୁଁ ଗୋଟିଏ ଇୟର ବୁକ୍‌ରୁ ଦେଖିବାକୁ ପାଇଛି ଯେ ଆୟର୍ଲ୍ୟାଣ୍ଡ ଭଳି ଦେଶ (ଯାହାର ଆୟତନ କଥା ସମସ୍ତଙ୍କର ଗୋଚରରେ ଅଛି) ଯେ ୧୯୧୬-୧୭ରେ ଆୟର୍ଲ୍ୟାଣ୍ଡର ବୋର୍ଡ ଅଫ୍ ଏଗ୍ରିକଲଚାର ୭୬,୧୧୭ ପାଉଣ୍ଡ ଖର୍ଚ୍ଚ ଦାବି କରିଥିଲେ। ଏଥିରୁ ପ୍ରମାଣ ମିଳୁଛି ଯେ ସବୁ ପ୍ରକାର ଚାଷବାସ ସଂକ୍ରାନ୍ତୀୟ ଶିକ୍ଷା ବିଷୟରେ ସେମାନେ ବୈଜ୍ଞାନିକ ଗବେଷଣା ଚଳେଇଛନ୍ତି ଓ ଚାଷବାସ, ଫଳ ଚାଷ, ମହୁ ଚାଷ, ଲହୁଣୀ ଉତ୍ପାଦନ ଇତ୍ୟାଦି ମଧ୍ୟ ସେମାନଙ୍କର କାର୍ଯ୍ୟପନ୍ଥାର ଅନ୍ତର୍ଭୁକ୍ତ।

× × ×

ମହାଶୟ, ମୋର ଏହାହିଁ ନିବେଦନ। ଭାରତର ଶିଳ୍ପରେ ଖର୍ଚ୍ଚ କରିବା ପାଇଁ ୪୪୦୦୦ ଟଙ୍କାର ଖର୍ଚ୍ଚ ଦାବି କେବଳ ପ୍ରହସନ ଛଡ଼ା ଆଉ କିଛି ନୁହେଁ। କେତେକ ସଦସ୍ୟ କହିପାରନ୍ତି ଏ ସବୁ ତ ପ୍ରାଦେଶିକ ବିଷୟ। କିନ୍ତୁ ମହାଶୟ, ଆମ୍ଭେମାନେ ସମସ୍ତେ ପ୍ରାଦେଶିକ ଅର୍ଥ ବ୍ୟବସ୍ଥା ବିଷୟରେ ଭଲ ଭାବରେ ଅବିହିତ। ସେଠାର ମନ୍ତ୍ରୀମାନେ, ପ୍ରତ୍ୟେକ ପ୍ରଦେଶରେ କଣ୍ଠ ଫଟେଇ ଟଙ୍କା ପାଇଁ ଡାକି ଡାକି ଥକୁଛନ୍ତି। ଆମେ ପ୍ରାଦେଶିକ ସ୍ତରରୁ ଖଜଣା ନେଉଛୁ। ଆମେ ସେମାନଙ୍କର ଆୟକର ତକ ନେଇ ଯାଉଛୁ। ଆହୁରି ବହୁବାଟରେ କେନ୍ଦ୍ର ସରକାର ପ୍ରଦେଶର ସମସ୍ତ ସମ୍ବଳକୁ ଟାଣିବାରେ ଲାଗିଛି। ସେମାନେ ସମ୍ବଳହୀନ। ସେମାନଙ୍କର ବିଭିନ୍ନ ଡ଼ିପାର୍ଟମେଣ୍ଟମାନଙ୍କରେ ଅନାହାର। ତେଣୁ ମୋର ନିବେଦନ ଭାରତୀୟ ଶିଳ୍ପ ଓ କୃଷି ପାଇଁ ଅଧିକ ସମ୍ବଳ ବ୍ୟବସ୍ଥା କରାଯିବା ଉଚିତ।"

Digitized by srujanika@gmail.com

"ମହାଶୟ, ଅନ୍ୟ ସଦସ୍ୟଗଣ ବିଶେଷତଃ ରେଳବାଇ ଓ ମିଲିଟାରୀ ସମ୍ବନ୍ଧରେ ଯେଉଁ ବିଷୟ ଉତଥାପନ କରିଛନ୍ତି, ସେହି ବିଷୟ ପୁନରୁକ୍ତି କରିବାକୁ ମୁଁ ଇଚ୍ଛା କରୁନାହିଁ। ନିର୍ଜଳାଭାବରେ କହିଲେ, ରେଳବାଇର କାମଚଳା ଖର୍ଚ୍ଚ ବର୍ଷକୁ ବର୍ଷ ଅପ୍ରତିହତ ଭାବରେ ବୃଦ୍ଧିପାଇବାରେ ଲାଗିଛି। (୧୯୧୩-୧୪ ମସିହା ବଜେଟ୍‌ରେ ରେଳବାଇର ଖର୍ଚ୍ଚ ଥିଲା ୪୯.୨୬ କୋଟି ଟଙ୍କା। ୧୯୨୨-୨୩ର ଅଟକଳରେ ଏହା ୯୪.୭୨ କୋଟି ଟଙ୍କାକୁ ଧାପ ଦେଇଛି। ଏଭଳି ବୃଦ୍ଧି ଯେ ଆଦୌ ବିଚାରଯୋଗ୍ୟ ନୁହେଁ ଏହା ମୋର ମତ। ମାନ୍ୟବର ସଦସ୍ୟମାନେ ଦେଖିବାକୁ ପାଇବେ ଯେ ସମାନ ସମାନ ଅଙ୍କ ବ୍ୟବହାର କରାଯାଇଛି ୪ ଓ ୯; କିନ୍ତୁ ଏହି କେତୁଟା ବର୍ଷରେ ଏହି ୪ ଓ ୯ ଓଲଟି ଯାଇଛି । ୪ ଜାଗାରେ ୯ ଓ ୯ ଜାଗାରେ ୪ ହୋଇଯାଇଛି। ତେବେ ୪୯ ଓ ୯୪ ଏହି ଦୁଇ ସଂଖ୍ୟାର କୋଟି ସଂଖ୍ୟା କେଡ଼େ ବିଶାଳ ଭାବରେ ଫରକ। କେତେକ ପ୍ରଶ୍ନର ଉତ୍ତରରେ ଯେଉଁ ତଥ୍ୟ ଦିଆଯାଇଛି, ସେଥିରୁ ଜଣାପଡୁଛି ରେଳବାଇର ଲୋକ ନିଯୁକ୍ତି ବିପୁଳ ପରିମାଣରେ ବଢ଼ିଛି। ଗୋଟା ଗୋଟା ଲାଇନରେ ଶତକଡ଼ା ୩୦ ରୁ ୪୦ ପର୍ଯ୍ୟନ୍ତ ବଢ଼ାଇବାର କି ସବଳ ଯୁକ୍ତି ଅଛି ତାହା ମୁଁ ବୁଝିବାରେ ଅକ୍ଷମ। ଆଗରୁ ଲାଇନର ମୋଟ ଲମ୍ବ ପରିମାଣ ଯାହା ଥିଲା, ତାହା ରହିଛି। ଷ୍ଟେସନର ସଂଖ୍ୟା ବି ପୂର୍ବବତ୍ ରହିଛି। ତେବେ ଏଭଳି ଅସମ୍ଭବ ବୃଦ୍ଧିର କାରଣ ବୋଧହୁଏ ଯୁଦ୍ଧ ଫେରନ୍ତା ଲୋକମାନଙ୍କୁ ନିଯୁକ୍ତି ଦେବା ଅଭିପ୍ରାୟରୁ ଘଟିଛି। କୋଇଲା ଓ ଅନ୍ୟାନ୍ୟ ଉପକରଣର ବୃଦ୍ଧି ମୂଲ୍ୟଯୋଗୁଁ ଯାହା ଖର୍ଚ୍ଚ ବୃଦ୍ଧି ଘଟିଛି, ତାହା ଗ୍ରହଣୀୟଯୋଗ୍ୟ; କିନ୍ତୁ ରେଳବାଇର ଲୋକ ନିଯୁକ୍ତି ତ ଆଦୌ ଗ୍ରହଣଯୋଗ୍ୟ ହୋଇ ନ ପାରେ।"

"ତା'ପରେ ମିଲିଟାରୀ। ଆମ୍ଭେମାନେ ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ନାଁ ଶାନ୍ତି ପରିସ୍ଥିତିରେ ଅଛୁଁ ଏକଥା ଆମକୁ ଜଣାପଡୁ ନାହିଁ। ଅବଶ୍ୟ ଯୁଦ୍ଧ ସମୟରେ ବା ଏକ ଜରୁରୀକାଳିନ ପରିସ୍ଥିତିରେ ସାମରିକ ଖର୍ଚ୍ଚପାଇଁ ଦାବି ଯେକୌଣସି ଉପାୟରେ ହିଁ ତୁଲେଇବାକୁ ପଡ଼ିବ। କିନ୍ତୁ ଯୁଦ୍ଧ ୧୯୧୮ ମସିହାଠାରୁ ଶେଷ ହୋଇ ଯାଇଛି। ପାଞ୍ଚ ବର୍ଷ ବିତିଗଲାଣି। ତଥାପି ଆମେ ଯୁଦ୍ଧ ଅବସ୍ଥାରେ ହିଁ ରହିଛୁଁ। ମୁଁ ଜାଣି ପାରୁନାହିଁ ଏ କଥା କାହିଁକି ଚାଲିଛି। ମହାଶୟ, ୱାଜିରିସ୍ଥାନ ଓ ମହାସୁଦ ଅଞ୍ଚଳ ବିଷୟ ଆଲୋଚନା କଲେ ଜଣାପଡ଼ିବ ଏବଂ ଏହା ସମସ୍ତେ ସ୍ୱୀକାର କରୁଛନ୍ତି ଯେ ସେ ଅଞ୍ଚଳ ଆଦୌ କୌଣସି ପ୍ରକାର ଉତ୍ପାଦକ ଅଞ୍ଚଳ ନୁହେଁ। ତାହାଛଡ଼ା ମାନ୍ୟବର ମିଷ୍ଟର ବ୍ରେ କହିଛନ୍ତି ଯେ ଉକ୍ତ ଅଞ୍ଚଳକୁ ଦଖଲକରି ରଖିବାର କୌଣସି ଅଭିପ୍ରାୟ ସରକାରଙ୍କର ନାହିଁ। ଯଦି କଥା ସେଇୟା ତେବେ ଏହା ପିଛା ଏତେ ଅର୍ଥ ବିନର୍ବ୍ୟୟ

Digitized by srujanika@gmail.com

ଆମ୍ଭେମାନେ କାହିଁକି କରୁଛୁ? କୁହାଯାଉଛି ଏଇଟା ହେଉଛି ଟାଙ୍ଗର ପାହାଡ଼ିଆ ଅଞ୍ଚଳ। ତେଣୁ ଆମର ଅର୍ଥ ଏକ ଅତଳ ଗହ୍ୱର ଭିତରକୁ ଯାଉଛି। ତୁମେ ଏଥିରେ ଯେତେ ଅର୍ଥ ଢାଳିଲେ ବି ଫଳ କିଛି ହେବନାହିଁ। ଏଥିପୂର୍ବରୁ ଏହି ଅଞ୍ଚଳରେ ଆମର ଏପରି ବିପୁଳ ସଂଖ୍ୟାରେ ସୈନ୍ୟ ମୁତୟନ ହେଉ ନ ଥିଲେ ଓ ସେଇ ପ୍ରଦେଶର ଲୋକେ ବହୁକାଳଯାଏ ସେମାନଙ୍କର ବ୍ୟବସ୍ଥା ଚଳାଉଥିଲେ। ଏହି ଲୋକଙ୍କ କଥା ମୋର ବନ୍ଧୁ ଅବଦୁଲ୍ ରହିମ ତୁମୁଳଭାବରେ ଓକିଲାତି କରିଛନ୍ତି। ଏବେ ତିନି ଚାରି ବର୍ଷ ହେଲା ଏହି ଅଞ୍ଚଳରେ ଆମରି ସୈନ୍ୟମାନେ ଭରି ଯାଇଛନ୍ତି। କାରଣ ସ୍ୱରୂପ କୁହାଯାଉଛି ଯେ ସୀମାନ୍ତ ଉପଜାତୀୟ ଲୋକେ ସେ ଅଞ୍ଚଳକୁ ଆସି ଚଢ଼ାଉ କରୁଛନ୍ତି, ଡକାୟତି କରୁଛନ୍ତି ଇତ୍ୟାଦି। ଆମର ସାହସୀ ସୈନ୍ୟମାନଙ୍କୁ ସେଠାରେ କ'ଣ ଡକାୟତମାନଙ୍କୁ ଗିରଫ କରିବା ପାଇଁ ରଖାଯାଉଛି? ଏ କାର୍ଯ୍ୟ ତ ଚୌକିଦାର ବା ପୋଲିସଙ୍କର କାର୍ଯ୍ୟ; ସୈନ୍ୟଙ୍କର କାର୍ଯ୍ୟ ହେଲା ଲଢ଼େଇ କରିବା। ଏହି ଉପଜାତୀୟ ଲୋକେ କ'ଣ ଆମ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛନ୍ତି? ସେମାନେ ତ ଏଭଳି ଯୁଦ୍ଧ କରୁନାହାନ୍ତି, ତେବେ ଆମର ସାହସୀ ସୈନ୍ୟମାନଙ୍କୁ କ'ଣ ଡକାୟତ ଓ ଚଢ଼ାଉକାରୀମାନଙ୍କୁ ଧରପଗଡ଼ କରିବା ଉଦ୍ଦେଶ୍ୟରେ ମୁତୟନ କରାଯାଇଛି। ଖବରକାଗଜମାନଙ୍କରୁ ପଢ଼ିବାକୁ ମିଳୁଛି ଯେ କଲିକତାର ପ୍ରଶସ୍ତ ରାଜପଥରେ ଏପରିକି ଲଣ୍ଡନର ରାଜପଥରେ ମଧ୍ୟ ଡକାୟତି ହେଉଛି। କିନ୍ତୁ ସେଠାରେ ତ ଡକାୟତଙ୍କୁ ଧରପଗଡ଼ କରିବା ଉଦ୍ଦେଶ୍ୟରେ ସୈନ୍ୟ ରଖାଯାଇନାହିଁ। ମୋର ବିଶ୍ୱାସ, ସେଠାର ଲୋକମାନେ ଏହି ପରିସ୍ଥିତିକୁ ନିଜେ ମୁକାବିଲା କରିପାରନ୍ତେ। କେବଳ ସରକାରଙ୍କର ଅସ୍ତ୍ର ଆଇନ ହିଁ ସେହି ଲୋକମାନଙ୍କର ସବୁପ୍ରକାର ବିପଦର କାରଣ ହୋଇଛି। ଯଦି ସେମାନଙ୍କୁ ଅସ୍ତ୍ର ଆଇନର ପ୍ରଚଳିତ କଟକଣାରୁ ମୁକ୍ତ କରି ଦିଆଯାଆନ୍ତା, ସେମାନେ ଆପଣାକୁ ଡକାୟତି ବିରୁଦ୍ଧରେ ରକ୍ଷାକରିବାରେ ବେଶ୍ ସମର୍ଥ ହୁଅନ୍ତେ। ଯଦି ରାତି ଅଧରେ ଡକାୟତ ଆସେ ଓ ମୋତେ ଗୁଳିକରି ମୋର ସମ୍ପତ୍ତି ବାଡ଼ି ଘେନିଯାଏ ତେବେ ସୈନ୍ୟମାନେ କି କାର୍ଯ୍ୟରେ ଲାଗିବେ? ସୈନ୍ୟମାନେ ସେଭଳି ପରିସ୍ଥିତିରେ କିପରି ବା ଉପଯୋଗୀ ହେବେ? ମହାଶୟ ପ୍ରକୃତରେ ଯଦି ଆମକୁ ଅସ୍ତ୍ର ଆଇନର କଟକଣାରୁ ମୁକ୍ତ କରାଯାଏ, ତେବେ ଆମେ ଭାରତୀୟମାନେ ଆମର ନିଜର ଅସ୍ତ୍ର ଦ୍ୱାରା ନିଜକୁ ରକ୍ଷା କରିପାରିବୁ। ଆମର ସୈନ୍ୟମାନେ ଆମକୁ ରକ୍ଷା କରିବାର କୌଣସି ଆବଶ୍ୟକତା ରହିବ ନାହିଁ ଓ ଏଥିପାଇଁ ଏତେଗୁଡ଼ାଏ ଅର୍ଥ ବ୍ୟୟର କୌଣସି ଆବଶ୍ୟକତା ରହିବ ନାହିଁ। ଏ ବିଷୟରେ ମୁଁ ଏ ସଭାର ସମୟ ଆଉ ଖର୍ଚ୍ଚ କରିବାକୁ ଚାହେଁନାହିଁ।"

Digitized by srujanika@gmail.com

୧୯୨୩ ମାର୍ଚ୍ଚ ମାସ ପନ୍ଦର ତାରିଖରେ ବ୍ୟବସ୍ଥାପକ ସଭାର ବଜେଟର ଖର୍ଚ୍ଚ କାଟ ପାଇଁ ଦେଇଥିବା ସଂଶୋଧନ ପ୍ରସ୍ତାବ ଏକ ଉଲ୍ଲେଖନୀୟ ଚିତ୍ତାକର୍ଷକ ପ୍ରସ୍ତାବ ଥିଲା। ଯେତେଦୂର ମନେହୁଏ ସମସ୍ତ ବିରୋଧୀ ପକ୍ଷ ଏହି ପ୍ରସ୍ତାବ ଆଗତ କରିବା ପାଇଁ ବିଶ୍ୱନାଥ ମିଶ୍ରଙ୍କ ଉପରେ ଦାୟିତ୍ୱ ଦେଇଥିଲେ। ସେତେବେଳେ ବଡ଼ଲାଟଙ୍କର ପ୍ରଶାସନିକ କ୍ଷମତା ଏକାବେଳେକେ ନିରଙ୍କୁଶ। ତାଙ୍କରି ଦରବାରୀ ଓ ପରିବାରଙ୍କର ଗସ୍ତ ଖର୍ଚ୍ଚ ଉପରେ ଏପରି କାଟ ପ୍ରସ୍ତାବ ଆଣିବା ବଜେଟର ଇତିହାସରେ କେବଳ ସର୍ବପ୍ରଥମ ନୁହେଁ, ଏକ ଅଭାବନୀୟ ଘଟଣା।

ବିଶ୍ୱନାଥ ଏହି କାଟ ପ୍ରସ୍ତାବରେ କହିଥିଲେ; "ମହାଶୟ, ମୁଁ ପ୍ରସ୍ତାବ କରିବା ପାଇଁ ଆପଣଙ୍କର ଅନୁମତି ଭିକ୍ଷା କରୁଛି ଯେ 'ବଡ଼ଲାଟଙ୍କର ଦରବାର ଓ ପରିବାର ପରିଜନଙ୍କର' ଗସ୍ତ ଖର୍ଚ୍ଚ ବାବଦର ଖର୍ଚ୍ଚ ବ୍ୟବସ୍ଥାକୁ ୨୦,୦୦୦ ଟଙ୍କାକୁ କମେଇ ଦିଆଯାଉ। ଆମକୁ ଗତ ବର୍ଷର ବଜେଟ୍‌ରୁ ଦେଖିବାକୁ ମିଳୁଛି ଯେ ଏହି ବାବଦରେ ଗତ ବର୍ଷ ତିନି ଲକ୍ଷ ପଞ୍ଚଷଠି ହଜାର ଟଙ୍କା ରଖାଯାଇଥିଲା। ଦେଖିବାକୁ ମିଳୁଛି ଯାହା ପ୍ରକୃତରେ ଦାବି କରାଗଲା, ତାହା ସଂଶୋଧିତ ପ୍ରସ୍ତାବ ଆକାରରେ ହେଲା ଚାରିଲକ୍ଷ ବୟାଅଶି ହଜାର ଟଙ୍କା। ଏଥରକ ଆମକୁ ଚାରି ଲକ୍ଷ ଛବିଶ ହଜାର ଟଙ୍କାର ଖର୍ଚ୍ଚ ଦାବିକୁ ମଞ୍ଜୁର କରିବାକୁ କୁହାଯାଉଛି। ଆମେ ଏବେ କହିପାରିବୁ ନାହିଁ; ପୁଣି ସଂଶୋଧିତ ସପ୍ଲିମେଣ୍ଟାରୀ ବଜେଟରେ ଆମକୁ ଏହି ଚାରି ଲକ୍ଷ ଛବିଶ ହଜାର ବାଦ୍ ପୁଣି ସତୁରୀ ହଜାର ଯାଏ ଟଙ୍କା ମଞ୍ଜୁର କରିବାକୁ ଭୋଟଦେବାକୁ କୁହାଯିବ କି ନାହିଁ। ତଥାପି ଏହି ଖର୍ଚ୍ଚର ଦାବି ପରିମାଣକୁ ଯଦିବା ଚୂଡ଼ାନ୍ତ ବୋଲି ଧରି ନିଆଯାଏ, ତେବେ ବି ଏହି ଖର୍ଚ୍ଚ ଅତିରେକ ଭଳି ମନେହେଉଛି। ମୁଁ ଗତ ବର୍ଷ ବଜେଟରେ ଏହି ସଂକ୍ରାନ୍ତରେ ମୋର ମନ୍ତବ୍ୟକୁ ଏଠାରେ ପୁନରୁକ୍ତି କରିବାକୁ ଇଚ୍ଛା କରୁନାହିଁ। ମୁଁ ମଧ ଏକଥା କହୁନାହିଁ ଯେ ଏଭଳି ଖର୍ଚ୍ଚକୁ ମହାମାନ୍ୟ ବଡ଼ଲାଟ ଅବାନ୍ତର ବୋଲି ମନେ କରୁଛନ୍ତି ନା ନାହିଁ। ମୁଁ କେବଳ ସଭା ଗୃହ ସମକ୍ଷରେ ଏହି ପ୍ରଶ୍ନ ରଖୁଛି। ମହାମାନ୍ୟଙ୍କର ଏହି ଗସ୍ତ ଫଳରେ କି ଉଦ୍ଦେଶ୍ୟ ସାଧିତ ହେଉଛି ? ପୁରାକାଳରେ ଆମ ଦେଶର ଶାସକମାନେ, ରାଜା ମହାରାଜାମାନେ ଅନ୍ଧାରି ବିଜେ କରୁଥିଲେ ଓ ଲୋକମାନଙ୍କର ଆପତ୍ତି ଅଭିଯୋଗ ଓ ଅଭାବ ଅସୁବିଧା ଶୁଣୁଥିଲେ ବୋଲି ଆମ୍ଭେମାନେ ଜାଣୁ।" (ମାନ୍ୟବର ମାଲକମ୍ ହେଲି 'ଆପଣ କିପରି ଜାଣିଲେ ଯେ ବଡ଼ଲାଟ ଏହା କରୁନାହାନ୍ତି।')

ବିଶ୍ୱନାଥ ମିଶ୍ର : "ଏହା ଯଦି ପ୍ରକୃତରେ ଉଦ୍ଦେଶ୍ୟ ହୋଇଥାଏ ତେବେ ଲୋକମାନଙ୍କର ଆପତ୍ତି ଓ ଅସୁବିଧାର ନିରାକରଣ ପାଇଁ ଚାଳିଶ ଲକ୍ଷ ଟଙ୍କା ଖର୍ଚ୍ଚ

Digitized by srujanika@gmail.com

କରାଯାଇପାରେ। ଆମେ ଦେଖୁଛୁ ଯେ ମହାମାନ୍ୟଙ୍କର ଗସ୍ତ ହୁଏତ ସର୍ବସାଧାରଣ ନଚେତ୍ ଘରୋଇ ଗସ୍ତ। ଯଦି ଗସ୍ତଟା ଘରୋଇ ହୋଇଥାଏ, ତେବେ ଇସ୍ତାହାରରେ ନୋଟିସ ବାହାରେ ମହାମାନ୍ୟ ଅମୁକ ଜାଗାରେ ଅମୁକ ତାରିଖରେ ପହଞ୍ଚିବେ ଇତ୍ୟାଦି। ଗସ୍ତ ସର୍ବସାଧାରଣଙ୍କ ପାଇଁ ହେଉ ବା ଘରୋଇ କାରଣରୁ ହେଉ,ସର୍ବ ସାଧାରଣ ଜାଣିପାରନ୍ତି କେଉଁଠି କେଉଁ ନିର୍ଦ୍ଦିଷ୍ଟ ସମୟରେ ମହାମାନ୍ୟ ଅବସ୍ଥାନ କରୁଛନ୍ତି। ମହାମାନ୍ୟ ଯେଉଁଠି ବି ଥାଆନ୍ତୁ ତାଙ୍କ ସହିତ ଦେଖାସାକ୍ଷାତ ପାଇଁ ଅନୁମତି ମାଗିବାର ଥିଲେ ପ୍ରାଇଭେଟ ସେକ୍ରେଟାରୀଙ୍କୁ କିମ୍ୱା ସେ ମଫସଲରେ ଥିଲେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଜରିଆରେ ଦରଖାସ୍ତ ଦେବାକୁ ପଡ଼େ। ତେବେ କେଉଁମାନଙ୍କୁ ମହାମାନ୍ୟଙ୍କ ସଙ୍ଗେ ଦେଖାକରିବାକୁ ଅନୁମତି ମିଳେ? ଆପଣ ଯଦି ସାକ୍ଷାତକାରୀମାନଙ୍କର ତାଲିକା ପରୀକ୍ଷାକରି ଦେଖିବେ ସେମାନେ ହେଲେ ରାୟ ବାହାଦୁର, ରାୟ ସାହେବ, ଖାନ୍ ବାହାଦୁର, ଖାନ୍ ସାହେବ ଇତ୍ୟାଦି ପର୍ଯ୍ୟାୟର ଲୋକେ।"

(ମାନ୍ୟବର ମାଲକମ୍ ହେଲି – ଏଥିରେ ଆପଣ ମହାତ୍ମାଗାନ୍ଧୀଙ୍କୁ ମଧ ଯୋଗ କରିଦେଇ ପାରନ୍ତି।)

ମିଷ୍ଟର ବି.ଏନ. ମିଶ୍ର – ମୁଁ ଯେତେଦୂର ଖବରକାଗଜରୁ ଦେଖିଛି ମହାତ୍ମାଗାନ୍ଧୀ ଥରେ ମାତ୍ର ବଡ଼ଲାଟଙ୍କୁ ଦେଖା କରିବାକୁ ଯାଇଥିଲେ।

ତେବେ ଏହି ଅନ୍ୟ ସମସ୍ତ ବ୍ୟକ୍ତି ହେଉଛନ୍ତି ସାଧାରଣତଃ ଅଧା ସରକାରୀ ଲୋକ ଅଥବା ଅଧା ସରକାରୀ ଅଫିସର ଶ୍ରେଣୀର; ଏହି ସବୁ ରାୟ ବାହାଦୁର, ଖାନ ବାହାଦୁର ଓ ଅଫିସରମାନେ। ଏହାଛଡ଼ା ମୁଁ ଜାଣେନାହିଁ, (ମୋର ମାନ୍ୟବର ସଦସ୍ୟ ବନ୍ଧୁମାନେ ଅବା ଜାଣିଥିବେ) ଯେ ମହାମାନ୍ୟ ବଡ଼ଲାଟ କେବେ ଛଦ୍ମବେଶରେ କୌଣସି ସ୍ଥାନ ପରିଦର୍ଶନ କରିଛନ୍ତି ଅଥବା ସାଧାରଣ ଲୋକଙ୍କଠାରୁ ତାଙ୍କର ପ୍ରଶାସନ ସଂକ୍ରାନ୍ତରେ କୌଣସି ଆପତ୍ତି ଅଭିଯୋଗ ଶୁଣିଛନ୍ତି ଅଥବା ତାଙ୍କର ଅଧସ୍ତନ କର୍ମଚାରୀମାନଙ୍କର ଉତ୍ପୀଡ଼ନ ବିଷୟରେ କୌଣସି ତଥ୍ୟ ବୁଝିଛନ୍ତି। ବରଂ ଯାହା କିଛି ଖବରକାଗଜରୁ ପ୍ରକାଶ ପାଏ, ସେଥିରେ ମହାମାନ୍ୟ ବଡ଼ଲାଟ ତାଙ୍କର ଏଭଳି ଗସ୍ତ ଭିତରେ କେବେ କେଉଁଠି ଗୋଟାଏ ବଲ୍ ନୃତ୍ୟ, ବା ସେଭଳି କୌଣସି ପ୍ରୋଗ୍ରାମରେ ଯୋଗ ଦେଇଥାଆନ୍ତି କିମ୍ୱା କୌଣସି ସ୍ଥାନରେ ଦରବାର କରିଥାଆନ୍ତି। ଏହାଛଡ଼ା ଆଉ କୌଣସି ଖବର ଦେଖିବାକୁ ମିଳେନାହିଁ। ଆମ୍ଭେମାନେ ଦେଖୁଛୁ ଦିଲ୍ଲୀକୁ ରାଜଧାନୀ ସ୍ଥାନାନ୍ତରିତ ହେବା ପରେ ନିୟମିତଭାବରେ ମହାମାନ୍ୟ ବଡ଼ଲାଟ ପ୍ରତି ବର୍ଷ ଖ୍ରୀଷ୍ଟମାସ୍‌ବେଳେ କଲିକତାକୁ ରହଣି ପାଇଁ ଯାଇଥାଆନ୍ତି।

Digitized by srujanika@gmail.com

ଅବଶ୍ୟ କଲିକତାରେ ଆମୋଦ ଓ ଚିତ୍ତବିନୋଦନ ପାଇଁ ଯେଭଳି ସୁବିଧା ଅଛି, ତାହା ଅନ୍ୟ କୌଣସି ସ୍ଥାନରେ ନାହିଁ। ତେବେ ବାସ୍ତବରେ ଯଦି ପ୍ରଜାସାଧାରଣ କିପରି ଚଳୁଛନ୍ତି ଓ ପ୍ରଶାସନ କିଭଳି ଚାଲୁଛି ଏକଥାର ପ୍ରତ୍ୟକ୍ଷ ଅନୁଭୂତି ଗ୍ରହଣ କରିବା ଏହି ଗସ୍ତକର୍ମର ଉଦ୍ଦେଶ୍ୟ ଥାଏ, ତେବେ ମହାମାନ୍ୟଙ୍କର ଧ୍ୟାନ ତ ଅନ୍ୟ ଦିଗକୁ ହେବା ଉଚିତ। କଲିକତା ଓ ବର୍ମା ଦିଗକୁ ହେବାର କୌଣସି କାରଣ ମୁଁ ତ ଦେଖି ପାରୁନାହିଁ। ବରଂ ଅନ୍ୟ ପଶ୍ଚାଦ୍‌ପଦ ଅଞ୍ଚଳଆଡ଼କୁ ଧ୍ୟାନ ଗଲେ ଭଲ ହୁଅନ୍ତା। କୌଣସି ସ୍ଥାନରୁ ଯଦି କୌଣସି ଆପତ୍ତି ଅଭିଯୋଗ ମହାମାନ୍ୟ ବଡ଼ଲାଟଙ୍କ ନିକଟରେ ପେଶ୍ ହୁଏ, ସେହି ଆପତ୍ତି ଇତ୍ୟାଦି ସମ୍ପୃକ୍ତ ଡିପାର୍ଟମେଣ୍ଟମାନଙ୍କର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରିତ ହୋଇଥାଏ। ଏହା ହେଉଛି ଏଭଳି ଅଭିଯୋଗ ଆପତ୍ତିକୁ ବୁଝିବାର ଧାରା। ଏହା ସ୍ଥାନୀୟ ସରକାରମାନଙ୍କୁ ପଠାଯାଏ। ସେମାନେ ତାହା ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟ କଲେକ୍ଟରଙ୍କ ପାଖକୁ ପଠାଇ ଦିଅନ୍ତି। ସେଠୁଁ ତାହା ପାହାଚ ପାହାଚ ହୋଇ ସବ୍‌ଇନସ୍‌ପେକ୍ଟର ପୋଲିସ ଓ ତାହାର ନିମ୍ନକୁ ଯାଇଥାଏ।

ସଭାପତି : "ମାନ୍ୟବର ସଦସ୍ୟ ଗସ୍ତ ଖର୍ଚ୍ଚ ବିଷୟରେ ଆଲୋଚନା କରିବାବେଳେ ସମୁଦାୟ ପ୍ରଶାସନ ବିଷୟରେ ଆଲୋଚନାରେ ପ୍ରବୃତ୍ତ ହୋଇ ପାରିବେ ନାହିଁ।"

ମିଷ୍ଟର ବି:ଏନ: ମିଶ୍ର – "ମୋର ଉଦ୍ଦେଶ୍ୟ ହେଉଛି ଯେ ମହାମାନ୍ୟଙ୍କର ଗସ୍ତ ପ୍ରୋଗ୍ରାମରେ ସାଧାରଣ ଲୋକଙ୍କର ଦୁର୍ଭୋଗ ବିଷୟରେ କୌଣସି ବିଚାର କରାଯାଏ ନାହିଁ। ଏହି ଗସ୍ତ କର୍ମ ଯେଉଁ ପ୍ରଦେଶମାନଙ୍କ ପାଇଁ ଉଦ୍ଦିଷ୍ଟ ହୁଏ, ସେଠାର କରଦାତାମାନେ ଏଥିରୁ କୌଣସି ଉପକାର ପାଆନ୍ତି ନାହିଁ। ବାକି ଏହି ଗସ୍ତକର୍ମର ଅଧିକାଂଶ ଭାଗ ବଡ଼ ବଡ଼ ରାଜ୍ୟମାନଙ୍କୁ ପରିଦର୍ଶନ କରିବାରେ ବ୍ୟୟିତ ହୋଇଥାଏ।" ('ପ୍ରସ୍ତାବ ଉଠେଇ ନିଅ' ବୋଲି ଚିତ୍କାର ଉଠିଲା)

ଆଚ୍ଛା ହେଉ, ପ୍ରସ୍ତାବ ଉଠେଇ ନେବାରେ ମୋର କୌଣସି ଦୁଃଖ ନାହିଁ। ଆପଣମାନେ ଯଦି ଏଇ କଥାକୁ ଏକ ଛୋଟ କଥା ବୋଲି ମନେକରନ୍ତି, କରନ୍ତୁ। ଏଣେ ଗରିବ ଲୋକଙ୍କର ଆହାର ଲୁଣ ଉପରେ ଟିକସ ଦୁଇ ଗୁଣ କରାଯାଉଛି; ଅଥଚ ଏହି ଗସ୍ତ କର୍ମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଯଦି ଏହାହିଁ ଉଦ୍ଦେଶ୍ୟ ହୁଏ, ହେଉ। ମୁଁ ମୋର ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର କରି ନେଉଛି।"

ଉପଯୁକ୍ତ ସଂଶୋଧନ ପ୍ରସ୍ତାବର ବିତର୍କ ପାଇଁ ଯେଉଁ ମାନେ ବିଶ୍ୱନାଥ ମିଶ୍ରଙ୍କୁ ଉତ୍ସାହ ଦେଇଥିଲେ, ସେମାନେ ତାଙ୍କର ବକ୍ତୃତା ବେଳେ ଓ ପରେ ତାଙ୍କୁ ସମର୍ଥନ ନ କରି ନୀରବ ରହିଲେ। ମହାମାନ୍ୟ ବଡ଼ଲାଟଙ୍କର ଗସ୍ତଖର୍ଚ୍ଚ ଉପରେ ସେହି

Digitized by srujanika@gmail.com

ସମୟରେ ଆଲୋଚନା ଥିଲା ଏକ ଅସୀମ ସାହସିକ ପ୍ରୟାସ। ବ୍ୟବସ୍ଥାପକ ସଭାର ସଦସ୍ୟମାନେ ଏକପକ୍ଷରେ ପୁଅ ମୁଣ୍ଡକୁ ଓ ଅନ୍ୟପକ୍ଷରେ ତେଲଘଡ଼ିକୁ ଲୋଭ କରୁଥିଲେ। ଆପଣାର ଲୋକ ପ୍ରତିନିଧିତ୍ୱ ବଜାୟ ରଖିବାର ପରାହତ ବିବେକ ଓ ଅନ୍ୟ ପକ୍ଷରେ ସରକାରୀ ସୁପାରିଶ୍‌ର ସ୍ନିଗ୍ଧ ଛାୟା ତଳେ ନିରାପଦ ରହିବାର ଲାଳସା, ଏହି ଦୁଇଟି (ପରସ୍ପର) ବିରୋଧୀ ଚିନ୍ତା ସେମାନଙ୍କୁ ଆକ୍ରାନ୍ତ କରି ରଖିଥିଲା। ତେଣୁ ବିଶ୍ୱନାଥ ମିଶ୍ରଙ୍କର ବିଲାତି ଉପନିବେଶିକ ଶୋଷଣ ଓ ଭାରତୀୟ ଅର୍ଥନୀତି ଉପରେ ମନମୁଖୀ ବ୍ୟଭିଚାର ପ୍ରତି ତୀକ୍ଷ୍ଣ କଟାକ୍ଷ ସେମାନଙ୍କୁ ଭୟଭୀତ କରିଥିଲା। ସରଳ ବିଶ୍ୱନାଥ ମିଶ୍ର ତେଣୁ ସେଥର ଆପଣାର ନ୍ୟାୟନିଷ୍ଠ ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର କରିବାକୁ ବାଧ ହୋଇଥିଲେ।

ହେଲେ ହେଁ ମୋଟ ବଜେଟ ବକ୍ତୃତାବେଳେ କେତେକ ସଭ୍ୟଙ୍କର ପ୍ରତିରୋଧ ଖୁବ୍ ତୀବ୍ର ହୋଇଥିଲା। ଉଦାହରଣ ସ୍ୱରୂପ ଜି.ଏଲ. ଭାର୍ଗଭ ବହୁସଭ୍ୟଙ୍କର ମନୋଭାବ ପ୍ରକାଶ କରି କହିଥିଲେ :

"ଯେ ପର୍ଯ୍ୟନ୍ତ ବର୍ତ୍ତମାନର ଶାସନ ବ୍ୟବସ୍ଥା ରହିଛି, ଦେଶକୁ ପୂର୍ଣ୍ଣ ଦାୟିତ୍ୱ–ମୂଳକ ଶାସନ ଦିଆ ଯାଇନାହିଁ ଓ ସରକାରୀ କର୍ମର ପୂରାପୂରି ଭାରତୀୟକରଣ ହୋଇନାହିଁ, ଭାରତ ଶାସନରେ ବର୍ତ୍ତମାନ ଭଳି ଅତ୍ୟଧିକ ଖର୍ଚ୍ଚ ହେଉଥିବ। ଆମ ସମ୍ବଳର ପ୍ରାୟ ଅଧାଅଧି କେବଳ ସାମରିକ ଖର୍ଚ୍ଚରେ ଚାଲି ଯାଉଛି। ବେସାମରିକ ଖର୍ଚ୍ଚ କ୍ଷେତ୍ରରେ ମଧ୍ୟ, ଅଣଭାରତୀୟମାନଙ୍କର ତଥାକଥିତ ଅପରିହାର୍ଯ୍ୟତା ହେତୁ କର୍ମଚାରୀମାନଙ୍କୁ ବହୁତ ମୋଟା ଦରମା ଦିଆଯାଉଛି। ଏହାସତ୍ତ୍ୱେ ବ୍ୟବସ୍ଥାପକ ସଭାର ଇଚ୍ଛା ବିରୁଦ୍ଧରେ ସରକାରୀ ନିଯୁକ୍ତି (ଉଚ୍ଚପଦ) ବିଷୟରେ ରାଜକୀୟ ଆୟୋଗ [Royal Commission on (Superior) Servics] ଭାରତ ଉପରେ ଲଦି ଦିଆଯାଇଛି।"

ବଜେଟର ସେହି ବର୍ଷ (୧୯୨୩-୨୪) ଖର୍ଚ୍ଚ ଦାବିର ବିରୋଧ ଯୋଗୁଁ ଲବଣ ଶୁଳ୍କକୁ ଦ୍ୱିଗୁଣ କରିବାର ପ୍ରସ୍ତାବ ବହୁ ଭୋଟରେ ଅଗ୍ରାହ୍ୟ ହୋଇଯାଇଥିଲା। ପରିଷଦରେ ମଧ୍ୟ ଏହା ଯେତେବେଳେ ବଡ଼ଲାଟଙ୍କ ସୁପାରିଶ ଆକାରରେ ପୁନଃସ୍ଥାପିତ ହେଲା, ସେତେବେଳେ ଶ୍ରୀନିବାସ ଶାସ୍ତ୍ରୀ ଓ ଅନ୍ୟ ସଭ୍ୟମାନେ ପ୍ରସ୍ତାବର ସମାଲୋଚନା କରିଥିଲେ। ତଥାପି ବଡ଼ଲାଟଙ୍କ ସୁପାରିଶ ପରିଷଦରେ ଗୃହୀତ ହେଲା।

ବ୍ୟବସ୍ଥାପକ ସଭା ଆପଣାର ବିରୋଧ ନିଷ୍ପତ୍ତିରେ ଦୃଢ଼ ଓ ଅଟଳ ରହିଲା ଓ ଏହାକୁ ପୁନର୍ବାର ପ୍ରତ୍ୟାଖ୍ୟାନ କରିଦେଲା। ବଡ଼ଲାଟ ଦ୍ୱିତୀୟ ଥର ପାଇଁ ପ୍ରମାଣ

Digitized by srujanika@gmail.com

ପତ୍ର ବା ସାର୍ଟିଫିକେଟ କ୍ଷମତା ପ୍ରୟୋଗ କଲେ ଓ ବ୍ୟବସ୍ଥାପକ ସଭାର ବିରୋଧ ସତ୍ତ୍ୱେ ଲବଣ ଶୁଳକ୍ ଧାର୍ଯ୍ୟ ଆଇନସମ୍ମତ ହୋଇଯାଇଥିଲା।

ତଥାପି ଏହି ବ୍ୟବସ୍ଥାପକ ସଭାର ପ୍ରତିରୋଧ ବିଫଳ ହୋଇ ନ ଥିଲା। ୧୯୨୧ ରୁ ୧୯୨୩ ଭିତରେ ସରକାରୀ ବଜେଟ୍‌ର ଖର୍ଚ୍ଚ ଆଡ୍ଡୁ ଏହି ସଭା ୧.୨୯ କୋଟି ଟଙ୍କା ହ୍ରାସ କରିବାରେ ସମର୍ଥ ହୋଇଥିଲା।

(ତେର)

ପ୍ରଥମ ବ୍ୟବସ୍ଥାପକ ସଭା ଥିଲା ଆଗାମୀ ଘଟଣାବଳି ବିଷୟରେ ସରକାରୀ ମତିଗତିର ପୂର୍ବ ସୂଚକ। ୧୯୧୯ ଭାରତ ଶାସନ ଆଇନ ବିଲାତ ପାର୍ଲିଆମେଣ୍ଟରେ ପାସ୍ ହେବା ପରେ ଓ ତାହା ବିଲାତର ରାଜଚକ୍ରବର୍ତ୍ତୀଙ୍କର ସ୍ୱୀକୃତି ପାଇବାର ଘୋଷଣା ପ୍ରକାଶିତ ହେବାପରେ ବିହାରର ସ୍ୱନାମଧନ୍ୟ ସଚ୍ଚିଦାନନ୍ଦ ସିନ୍‌ହାଙ୍କ ଦ୍ୱାରା ଆଗତ ଓ ଅନ୍ୟ ଉଦାରପନ୍ଥୀ ସଭ୍ୟମାନଙ୍କ ଦ୍ୱାରା ଉତ୍ସାହ ସହକାରେ ସମର୍ଥିତ ଏକ ପ୍ରସ୍ତାବରେ ରାଜଚକ୍ରବର୍ତ୍ତୀ ସମ୍ରାଟଙ୍କ ପ୍ରତି 'କର୍ତ୍ତବ୍ୟନିଷ୍ଠ ଅଭିବାଦନ' ଓ 'ବିଶ୍ୱସ୍ତ ଅନୁରକ୍ତି' ଜ୍ଞାପନ କରାଯାଇଥିଲା। ପ୍ରସ୍ତାବରେ ଉଲ୍ଲେଖ ଥିଲା "ଆମ ସମ୍ରାଟଙ୍କ ଶାସନ ମାଧମରେ ହିଁ ଭାରତ ତା'ର ରାଜନୀତିକ ମୁକ୍ତିଲାଭ କରିବ।"

ସେତେବେଳେ ପ୍ରତ୍ୟେକ ଶାସନ ସଂସ୍କାର ସୋପାନର ବ୍ୟବଧାନ ଥିଲା (ବିଲାତ ସରକାରଙ୍କର ମର୍ଜି ଅନୁସାରେ) ଦଶବର୍ଷ ଅର୍ଥାତ୍ ସରକାର ଗ୍ରହଣ କରି ନେଇଥିଲେ। ଗୋଟିଏ ସଂସ୍କାର ପ୍ରବର୍ତ୍ତନ କଲା ପରେ ତାହାକୁ କାର୍ଯ୍ୟକାରୀ କରି ପରୀକ୍ଷା କରିବାକୁ ଦଶବର୍ଷ ସମୟ ଦେବାକୁ ପଡ଼ିବ। ଏହି ମନୋଭାବକୁ ଲକ୍ଷ୍ୟ କରି ସୁରେନ୍ଦ୍ରନାଥ ବାନାର୍ଜି ସେତେବେଳେ କହିଥିଲେ, "ଶେଷ ନିଷ୍ପତ୍ତିର ସମୟ ଶୀଘ୍ର ଆସିବ। ଏହା ଦଶ ବର୍ଷରେ ଆସିପାରେ; କିନ୍ତୁ ଗୋଟିଏ ଜାତିର ଜୀବନ କାଳରେ ଦଶବର୍ଷ କିମ୍ବା ତା'ଠାରୁ କମ୍ କେତେ ବା ସମୟ ? ଯେତେବେଳେ ଏହା ଆସିବ ଏବଂ ସାରା ଭାରତ ଓ ସାରା ସଭ୍ୟ ଦୁନିଆ ଆଗରେ ବିଚାର ନିଷ୍ପତ୍ତି ଘୋଷଣା କରାଯିବ; ମୋର ବିଶ୍ୱାସ ସେତେବେଳେ ଆମ ସମ୍ବନ୍ଧରେ କୁହାଯିବ ନାହିଁ ଯେ ଆମକୁ ପରୀକ୍ଷା କରି ଦେଖାଗଲା; କିନ୍ତୁ ଆମେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଲୁ ନାହିଁ।"

ଶ୍ରୀ ସୁରେନ୍ଦ୍ର ନାଥ ବାନାର୍ଜିଙ୍କର ଏହି ଉଲ୍ଲେଖରୁ ମନେହେବ ଯେ ସେ ବିଲାତର ସମ୍ରାଟ ସରକାରଙ୍କର ପରୀକ୍ଷା କଥା ଚିନ୍ତା କରୁଥିଲେ। କିନ୍ତୁ ପରୀକ୍ଷା ଆଉ ଗୋଟିଏ

Digitized by srujanika@gmail.com

ଦିଗରୁ ଆସିଲା। ସେ ପରୀକ୍ଷା ଆସିଲା ଭାରତର କୋଟି କୋଟି ନିପୀଡ଼ିତ ଜନତା ତରଫରୁ। ବାନାର୍ଜୀଙ୍କ ପରି ଉଦାରପନ୍ଥୀମାନେ ଦଶ ବର୍ଷ ପରେ ଆସୁଥିବା ପରୀକ୍ଷାପାଇଁ ସାହସ ବାନ୍ଧିଥିଲେ। ସେମାନେ ତେଣୁ ଦମ୍ଭର ସହିତ ଘୋଷଣା କରିଥିଲେ, ଶାସନ ସଂସ୍କାର ସମୀକ୍ଷା ପାଇଁ ସେମାନେ ଦଶବର୍ଷ ଅପେକ୍ଷା କରି ପାରିବେ। କିନ୍ତୁ ଭାରତର ପରିସ୍ଥିତି ଶୀଘ୍ର ବଦଳିଗଲା। ବ୍ୟବସ୍ଥାପକ ସଭାର ପ୍ରକୋଷ୍ଠ ବାହାରେ, ଭାରତର ପୁରପଲ୍ଲୀ, କଚେରୀ ସବୁଠାରେ ତୁମୁଳ ସଂଗ୍ରାମ ଏହି ପରୀକ୍ଷା ମାଗିଲା। ଉଦାରପନ୍ଥୀମାନେ ଆପଣାର ବିଶ୍ୱାସ ବଦଳାଇଦେଲେ। ଏହି ନୂତନ ପରୀକ୍ଷାପାଇଁ ସେମାନଙ୍କର ଆଭିମୁଖ୍ୟ ହେଲା ସେମାନେ ବ୍ୟବସ୍ଥାପକ ସଭା ମାଧ୍ୟମରେ ଏହି ସଂଗ୍ରାମକୁ ସାହାଯ୍ୟ କରିପାରିବେ। ସେମାନେ ଏ ବିଷୟରେ ବି ସଚେତନ ହୋଇ ଯାଇଥିଲେ ଯେ ସେମାନଙ୍କର ପରୀକ୍ଷାର ସମୟ ଦଶ ବର୍ଷରୁ ଅଳ୍ପକାଳ ଭିତରେ ଆସି ଯାଇପାରେ। ତେଣୁ ପ୍ରଥମ ବ୍ୟବସ୍ଥାପକ ସଭାର ପହିଲି ବର୍ଷରେ ସେମାନେ ପରବର୍ତ୍ତୀ ଶାସନ ସଂସ୍କାର ପ୍ରଶ୍ନ ଉତ୍‌ଥାପନ କଲେ।

୧୯୨୧ ମସିହା ସେପ୍ଟେମ୍ବର ମାସ ୨୩ ତାରିଖ ଦିନ କେ.ଏନ୍.ମଜୁମଦାରଙ୍କର ପ୍ରସ୍ତାବ ବିତର୍କ ଓ ବାଦାନୁବାଦ ପରେ କେତେକ ସଂଶୋଧନ ସହ ପାସ୍ ହେଲା। ଏଥିରେ ଭାରତ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା ଯେ ବ୍ୟବସ୍ଥାପକ ସଭାର ମତ ଭାରତ ହାସଲ କରିଥିବା ପ୍ରଗତି ଦୃଷ୍ଟିରୁ ୧୯୨୯ ମସିହା ପୂର୍ବରୁ ଶାସନ ବିଧାନର ପୁନଃନିରୀକ୍ଷଣ ଆବଶ୍ୟକ; ଏକଥା ଭାରତ ସରକାର ଭାରତ ସଚିବଙ୍କୁ ଜଣାଇଦେବେ।

ଉଦାରପନ୍ଥୀମାନେ ବୋଧହୁଏ ମନେକରୁଥିଲେ ଯେ ବ୍ୟବସ୍ଥାପକ ସଭା ପ୍ରକୋଷ୍ଠରେ ସେମାନଙ୍କର କାର୍ଯ୍ୟଦ୍ୱାରା ଇଂରେଜ ଜାତି ଓ ବିଶେଷତଃ ଇଂରେଜ ଉଦାରପନ୍ଥୀଙ୍କ ମନରେ ପ୍ରତ୍ୟୟ ଜନ୍ମାଇ ଦେଇପାରିବେ ଯେ ଭାରତ ପୂର୍ଣ୍ଣ ସ୍ୱାୟତ୍ତଶାସନ ପାଇଁ ଯୋଗ୍ୟ। କିନ୍ତୁ ବିଲାତ ସରକାର ସେମାନଙ୍କର ଏହି ବିଶ୍ୱାସକୁ ଏକ ମଧୁର ଭ୍ରାନ୍ତି ବୋଲି ଘୋଷଣା କଲେ। ୧୯୨୨ ଅଗଷ୍ଟ ଦୁଇ ତାରିଖରେ ବିଲାତର ପ୍ରଧାନମନ୍ତ୍ରୀ ଲର୍ଡ଼ ଜର୍ଜ ଉଦ୍ଧତ, ଦୃଢ ଓ ତାଚ୍ଛଲ୍ୟପୂର୍ଣ୍ଣ ଭାଷାରେ ଘୋଷଣାକଲେ –

"... ମୁଁ ଏହା କହିଦେବା ଉଚିତ ମନେକରୁଛି ଯେ ସରକାରୀ କର୍ମ ପାଇଁ ଭାରତୀୟମାନଙ୍କର ଅନୁରକ୍ତି ଲାଭ ପାଇଁ ଓ ସେଥିରେ ଭାରତୀୟମାନଙ୍କୁ ମୃତୟନ କରିବା ପାଇଁ ଉଦ୍ୟମର ସଫଳତା ବ୍ୟବସ୍ଥାପକ ସଭାରେ ଭାରତୀୟମାନେ

Digitized by srujanika@gmail.com

ଦେଉଥିବା ଭାଷଣର ଉତ୍କର୍ଷ ଉପରେ ନିର୍ଭର କରୁନାହିଁ (ଯଦିଚ ମୁଁ ତିଳେ ହେଲେ ଏହି ଯୋଗ୍ୟତାକୁ ଘୃଣାବ୍ୟଞ୍ଜକ ଦୃଷ୍ଟିରେ ଦେଖୁନାହିଁ) ବରଂ ଏହା ନିର୍ଭର କରୁଛି ବେସାମରିକ ତଥା ଅନ୍ୟାନ୍ୟ ସରକାରୀ କର୍ମରେ ନିଯୁକ୍ତ ଥିବା ଭାରତୀୟମାନଙ୍କର ଅତି ସାଧାରଣ କାର୍ଯ୍ୟସବୁ ସମ୍ପାଦନ କରିବାର ଦକ୍ଷତା ଉପରେ। ମୁଁ ଭାବୁଛି ଭାରତୀୟମାନେ ଆପେ ଏହା ଭଲଭାବରେ ଉପଲବ୍ଧି କରିପାରିଲେ ହିଁ ପ୍ରକୃତ ଉନ୍ନତି ସାଧିତ ହେବ।"

ଏହାର ମୋଟାମୋଟି ଅର୍ଥ ଅତି ପରିଷ୍କାର। ଭାରତ ଲୋକଙ୍କର ବକ୍ତୃତା ନୁହେଁ, ସେମାନଙ୍କର କାର୍ଯ୍ୟରେ ସେମାନେ କେତେ ଦାୟିତ୍ୱପୂର୍ଣ୍ଣ ତାହା ସେମାନଙ୍କୁ ପ୍ରମାଣ କରିବାକୁ ହେବ। ଏଠାରେ ଦାୟିତ୍ୱପୂର୍ଣ୍ଣ ଅର୍ଥ ହେଲା ସେମାନେ କେତେ ପରିମାଣରେ ପ୍ରଭୁଭକ୍ତି ସହ ଭାରତରେ ବିଲାତ ପ୍ରଶାସନ ବ୍ୟବସ୍ଥାକୁ ଚଳାଇ ପାରିବେ ତାହା ହିଁ ପରୀକ୍ଷାର ବିଷୟ। ତେଣୁ ପ୍ରଧାନମନ୍ତ୍ରୀ ଭାଷଣ ପ୍ରସଙ୍ଗରେ କହି ଚାଲିଲେ "ବ୍ୟବସ୍ଥାପକ ବା ପ୍ରଶାସନିକ ଭାବରେ ସେମାନଙ୍କର ସଫଳତା ଯାହାହେଉ ନାଁ କାହିଁକି, ସେମାନେ ଯେ କେବେହେଲେ ଭାରତର ଶାସନ କ୍ଷେତ୍ରରେ ବ୍ରିଟିଶ ଅଫିସରଙ୍କର ପରାମର୍ଶ ଓ ସାହାଯ୍ୟ ବାଦ ଦେଇ ଚଳିପାରିବେ ଏଭଳି ସମୟ ମୁଁ କଳ୍ପନା କରି ପାରୁନାହିଁ।

ଏହାର ଅର୍ଥ ହେଲା ଭାରତର ପ୍ରଶାସନରେ ଶତକଡ଼ା ଶହେ ଭାରତୀୟ ନିଯୁକ୍ତି ଏକ ଅସମ୍ଭବ, ଅସାର ପ୍ରଳାପ। ପ୍ରଧାନମନ୍ତ୍ରୀ ଆହୁରି ଉଦ୍ଧତଭାବରେ କହି ଚାଲିଲେ "ସେମାନେ–ଗୋରାମାନେ–ସମୁଦାୟ ଶାସନ ବ୍ୟବସ୍ଥାର ଇସ୍ପାତ ଫ୍ରେମ। .... ଗୋଟିଏ କଥା ସ୍ପଷ୍ଟ ହୋଇଯିବା ଦରକାର। ବିଲାତ କୌଣସି ପରିସ୍ଥିତିରେ ଭାରତ ପ୍ରତି ତା'ର ଦାୟିତ୍ୱ ତ୍ୟାଗ କରିପାରିବ ନାହିଁ।" ଅର୍ଥାତ୍ ଭାରତର ସମ୍ପୂର୍ଣ୍ଣ ସ୍ୱାୟତ୍ତଶାସନ କସ୍ମିନକାଳେ ସମ୍ଭବ ନୁହେଁ। କାରଣ ଭାରତୀୟମାନେ କେବେ ଆପଣାକୁ ଶାସନ କରିପାରିବେ ନାହିଁ।

ବିଲାତ ପ୍ରଧାନମନ୍ତ୍ରୀଙ୍କ ଏହି ଦମ୍ଭୋକ୍ତି ଓ ତାଚ୍ଛଲ୍ୟ ଉଦାରପନ୍ଥୀ ଓ ନରମପନ୍ଥୀମାନଙ୍କୁ କ୍ରୋଧ ଓ ଅପମାନରେ ଜର୍ଜରିତ କରିଥିଲା । କିନ୍ତୁ ସେମାନଙ୍କର କ୍ରୋଧ ଥିଲା ନିଷ୍ଫଳ, ଅପମାନ ଥିଲା ନିଷ୍କର୍ମା। କାରଣ ସେମାନଙ୍କର ପ୍ରତିବାଦର ଏକମାତ୍ର ଅସ୍ତ୍ର ଥିଲା, ବ୍ୟବସ୍ଥା ସଭାରେ ଭାଷଣ। ଏହାକୁ ଯେହେତୁ ପ୍ରଧାନମନ୍ତ୍ରୀ 'ଘୃଣା ବ୍ୟଞ୍ଜନ ଦୃଷ୍ଟି'ରେ (?) ଦେଖୁ ନ ଥିଲେ ତେଣୁ ସେମାନେ ଆଉ କ'ଣ ବା କରିପାରନ୍ତେ ? ପ୍ରଧାନମନ୍ତ୍ରୀଙ୍କର ଭାଷଣର ଅନୁସରଣରେ ୧୯୨୨ ନଭେମ୍ବର ଦୁଇ

Digitized by srujanika@gmail.com

ତାରିଖରେ ଭାରତ ସଚିବ ଭାରତୀୟ ବ୍ୟବସ୍ଥାପକ ସଭାକୁ ଉତ୍ତରଦେଇ ଜଣାଇଲେ "ଯେ ୧୯୧୯ ଶାସନ ବିଧାନ କାର୍ଯ୍ୟକାରୀ ଜନିତ ଅଭିଜ୍ଞତା ଏତେ ସ୍ୱଳ୍ପ ଯେ ଏହାର ଅଧିକ ପରିବର୍ତ୍ତନ ପାଇଁ ଉପଯୁକ୍ତ ସମୟ ଆସିଛି ବୋଲି ଧାରଣା କରିବାର କୌଣସି ଯଥାର୍ଥତା ନାହିଁ।"

ମୋଟ ଉପରେ ବ୍ରିଟିଶ ଅଧିକାରୀମାନଙ୍କର ଉପରଲିଖିତ ଘୋଷଣା ଭାରତୀୟ ଉଦାରପନ୍ଥୀ ଓ ନରମପନ୍ଥୀ ଚିନ୍ତା ଓ ବିଶ୍ୱାସ ଉପରେ ମାରାତ୍ମକ ଆଘାତ କରିଥିଲା। ସେମାନେ ୧୯୨୩ ମସିହାର ବଜେଟ ଅଧିବେଶନ ପରେ ନିଶ୍ଚିତ ହୋଇ ଯାଇଥିଲେ ଏହା ବ୍ୟବସ୍ଥାପକ ସଭାର ଶେଷ ଅଧିବେଶନ। ଏହା ପରେ ଆଉ ଏକ ନିର୍ବାଚନ ଆସନ୍ନ। ଇତି ମଧ୍ୟରେ ଅସହଯୋଗୀମାନେ ତାଙ୍କର ନୀତିର ପୁନର୍ବିଚାର କରି ସାରିଥିଲେ। ଅର୍ଥାତ୍ ପରିଷ୍କାର ଜଣାପଡ଼ି ସାରିଥିଲା ଯେ ଉଦାରପନ୍ଥୀମାନେ ପରବର୍ତ୍ତୀ ନିର୍ବାଚନରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ। ଏଥିପାଇଁ ସେମାନେ ବ୍ୟବସ୍ଥାପକ ସଭାରେ ଆପଣାର କରାମତି ଦେଖାଇବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲେ। ଜେଲ ଫେରନ୍ତା ଖାଣ୍ଟି ଅସହଯୋଗୀମାନଙ୍କ ନୀତି ଓ କର୍ମପନ୍ଥା ବିରୁଦ୍ଧରେ ସେମାନେ ମଧ୍ୟ ଆପଣାର ବ୍ୟବସ୍ଥାପକ ସଭା କକ୍ଷର ଅସହଯୋଗକୁ ସମକକ୍ଷ କରିବାକୁ ଶେଷ ଉଦ୍ୟମ କରିଥିଲେ। ରୟେଲ କମିଶନ ପରେ ସୁପିରିଅର ସର୍ଭିସରେ ଖର୍ଚ୍ଚଦାବୀକୁ ସେମାନେ ଏହି କାରଣରୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ୧୯୨୩ ରେ ଲବଣ ଶୁଳ୍କ ବୃଦ୍ଧିର ବିରୋଧ କରିଥିଲେ।

ତଥାପି ଉଦାରପନ୍ଥୀଙ୍କର ଓ ଉଦାରପନ୍ଥୀ ନୀତିର ଅସ୍ତ କାଳ ଯେ ଉପସ୍ଥିତ ହୋଇ ସାରିଥିଲା ଏକଥା ଦେଶବାସୀ ଅନୁଭବ କରିପାରୁଥିଲେ। ଅସହଯୋଗ ଯଜ୍ଞରୁ ଜନ୍ମ ସ୍ୱରାଜ୍ୟ ଦଳ ଭାରତୀୟ ବ୍ୟବସ୍ଥାପକ ସଭାକୁ ଦଖଲ କରିବାକୁ ପ୍ରସ୍ତୁତ ହେଉଥିଲା। ୧୯୨୩ ମସିହା ନଭେମ୍ବର ନିର୍ବାଚନରେ ଭାରତରୁ ଉଦାରପନ୍ଥୀମାନେ ପୂରାପୂରି ନିଶ୍ଚିହ୍ନ ହୋଇ ନ ଥିଲେ ସତ; କିନ୍ତୁ ସେମାନଙ୍କର ବିଲୟ ଅବସ୍ଥା ଆରମ୍ଭ ହୋଇ ଯାଇଥିଲା।

Digitized by srujanika@gmail.com

ପ୍ରତିକୂଳ ସ୍ରୋତରେ ନାବିକ

(ଏକ)

ଅସହଯୋଗ ଆନ୍ଦୋଳନର ପ୍ରତ୍ୟାହାର ପରେ ଦେଶରେ ଯେଉଁ ଶୂନ୍ୟତା ଦେଖାଦେଲା, ସ୍ୱାଭାବିକଭାବରେ ତାହାର ସ୍ଥାନ ପୂରଣ କରିବା ପାଇଁ ଅସହଯୋଗୀମାନଙ୍କ ଭିତରୁ ଦଳେ ସ୍ୱରାଜ୍ୟ ଦଳ ଗଠନକରି ଆସେମ୍ବ୍ଲି ଭିତରେ ପ୍ରବେଶ କରିବାକୁ ନିଷ୍ପତ୍ତି କଲେ। ଏହି 'ବ୍ୟବସ୍ଥାପକ ସଭା ଭିତରେ ଅସହଯୋଗ'ର ନୂତନ ପ୍ରବକ୍ତା ଥିଲେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ। କଂଗ୍ରେସ ଦୁଇଟି ଅଧିବେଶନ ୧୯୨୨ ଡିସେମ୍ବର ଗୟା କଂଗ୍ରେସ ଓ ୧୯୨୩ ସେପ୍ଟେମ୍ବର ଦିଲ୍ଲୀର ସ୍ୱତନ୍ତ୍ର କଂଗ୍ରେସରେ ବହୁ ବାଦବିବାଦ ଓ ବିତର୍କ ପରେ କଂଗ୍ରେସ ବ୍ୟବସ୍ଥାପକ ସଭାରେ ପ୍ରବେଶ କରିବାକୁ ଇଚ୍ଛୁକ କଂଗ୍ରେସ ଲୋକଙ୍କୁ ସ୍ୱରାଜ୍ୟଦଳ ଟିକେଟରେ ଛିଡ଼ା ହେବାକୁ ଓ ଭୋଟ ଦେବାକୁ ଅନୁମତି ଦେଇଥିଲା। ସେହି ଅନୁମତି ଅନୁସାରେ ଓଡ଼ିଶାରୁ ସ୍ୱରାଜ୍ୟ ଦଳର ପ୍ରାର୍ଥୀ ହିସାବରେ ମିଷ୍ଟର ବି.ଦାସ (ଭୁବନାନନ୍ଦ ଦାସ) ଓ ପଣ୍ଡିତ ନୀଳକଣ୍ଠ ଦାସ ପ୍ରାର୍ଥୀ ମନୋନୀତ ହୋଇଥିଲେ। ଏହି ନିର୍ବାଚନରେ ବିଶ୍ୱନାଥ ମିଶ୍ର ସ୍ୱାଧୀନ ଭାବରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ ବୋଲି ଗୋଟିଏ ରିପୋର୍ଟରୁ ପ୍ରକାଶ। ବିଶ୍ୱନାଥ ମିଶ୍ରଙ୍କର ମୃତ୍ୟୁ ପରେ ବ୍ୟବସ୍ଥାପକ ସଭାରେ ଶୋକ ପ୍ରକାଶ ପ୍ରସଙ୍ଗରେ ବମ୍ବେର ଉତ୍ତର ଡ଼ିଭିଜନର ଅଣମୁସଲମାନ ଗ୍ରାମୀଣ ନିର୍ବାଚନ ମଣ୍ଡଳିର ସଦସ୍ୟ ମିଷ୍ଟର ଏନ୍. ଏନ୍. ଆଙ୍କଲେସରିଆ କହିଥିଲେ "ସେ ଜଣେ ବାରିଷ୍ଟର ଥିଲେ ଓ ସେ ଯେ ଆପଣାର ସଂପ୍ରଦାୟ ଓ ପ୍ରଦେଶ ଭିତରେ ଉଚ୍ଚ ସମ୍ମାନର ଅଧିକାରୀ ଥିଲେ। ଏଥିରେ ପ୍ରମାଣ ହେଉଛି ସେ ପ୍ରଥମ ବ୍ୟବସ୍ଥାପକ ସଭାର ଜଣେ ନିର୍ବାଚିତ ସଦସ୍ୟ ଥିଲେ ଓ ଦ୍ୱିତୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ପଦ ପାଇଁ ଜଣେ ସ୍ୱରାଜ୍ୟ ପାର୍ଥୀଙ୍କଠାରୁ ଗୋଟିଏ ଭୋଟରେ ହାରି ଯାଇଥିଲେ।" ଦ୍ୱିତୀୟ ବ୍ୟବସ୍ଥାପକ ସଭାରେ ନିର୍ବାଚନରେ ବିଶ୍ୱନାଥ ଯେ ପ୍ରତିଯୋଗିତା କରିଥିଲେ ଓ ଗୋଟିଏ ଭୋଟରେ ପରାସ୍ତ ହୋଇଥିଲେ ତାହା ଏହି ଗୋଟିଏ ମନ୍ତବ୍ୟରୁ ସୂଚିତ ହୁଏ। ଅବଶ୍ୟ ଏଥିରେ ଅବଶୋଷର କାରଣ ନ ଥିଲା। ତେଣୁ ଏହି ନିର୍ବାଚନରେ ଯଦି ବାରିଷ୍ଟର ବିଶ୍ୱନାଥ ପ୍ରାର୍ଥୀ ହୋଇ ହାରିଥିଲେ, ତେବେ ସେ ଭାରତର ବହୁ ବିଶିଷ୍ଟ ଉଦାରପନ୍ଥୀମାନଙ୍କ ଗହଣରେ ତାଲିକାଭୁକ୍ତ ହୋଇଥିଲେ। ବଙ୍ଗଳାର ସୁରେନ୍ଦ୍ର ନାଥ ବାନାର୍ଜୀ, ବମ୍ବେର

Digitized by srujanika@gmail.com

ଏସ୍.ଏମ୍. ପରଞ୍ଜପେ, ମାନ୍ଦ୍ରାଜର ଶେଷଗିରି ଆୟାର ଓ ଯୁକ୍ତପ୍ରଦେଶ (ଏବର ଉତ୍ତର ପ୍ରଦେଶ) ର ସି.ଓ୍ୱାଇ. ଚିନ୍ତାମଣିଙ୍କ ଭଳି ତୁଙ୍ଗ ନରମପନ୍ଥୀ ମହାରଥୀମାନେ ଏହି ନିର୍ବାଚନରେ ଟଳି ପଡ଼ିଥିଲେ।

ଯେଉଁ ଇସ୍ତାହାର ନେଇ ସ୍ୱରାଜ ଦଳ ନିର୍ବାଚନରେ ପ୍ରବେଶ କରିଥିଲେ; ସେଥିରେ ବିଶ୍ୱନାଥ ମିଶ୍ରେ ସମ୍ମତ ହୋଇଥିଲେ ତାଙ୍କୁ ସ୍ୱରାଜ ଦଳ ଟିକେଟ ମିଳିବାରେ କୌଣସି ଅସୁବିଧା ଉପୁଜି ନ ଥାନ୍ତା। ଏକଥା ଜଣାଶୁଣା ଯେ ନିର୍ବାଚନରେ ଯେନ ତେନ ପ୍ରକାରେଣ ବିଜୟୀ ହେବାର ଲାଳସା, ଯାହା ଆଜିର ଭାରତରେ ବହୁ ଦୁର୍ନୀତି, ଭ୍ରଷ୍ଟାଚାର, ଦଳବଦଳ ଇତ୍ୟାଦିର କାରଣ ହେଉଛି, ସେ କାଳର ଭାରତରେ ବି ତାହାର ଚିହ୍ନ ବର୍ଣ୍ଣ ନ ଥିଲା କହିଲେ ଭୁଲ୍ ହେବ। ସ୍ୱରାଜ ଦଳରୁ ନିର୍ବାଚିତ କେତେକ ସଦସ୍ୟ ପରବର୍ତ୍ତୀ କାଳରେ ସ୍ୱରାଜ ଦଳର ଆସେମ୍ବ୍ଲି ବର୍ଜନ ଓ ଅସହଯୋଗ ଓ ଭିତରୁ ସଂସ୍କାର ବ୍ୟବସ୍ଥାକୁ ମାରଣା କରିବା ନୀତିର ବିରୋଧ କରିଥିଲେ। ବିଶ୍ୱନାଥ ମିଶ୍ର ମୂଳରୁ ଯେଉଁ କାରଣରୁ ସ୍ୱରାଜ ଦଳର ଇସ୍ତାହାରକୁ ଅବାସ୍ତବ ମନେ କରୁଥିଲେ, ସେହି ଦ୍ୱିତୀୟ ବ୍ୟବସ୍ଥାପକ ସଭାର ପ୍ରଚଳିତ କାଳରେ ସେହି କାରଣଗୁଡ଼ିକ କାର୍ଯ୍ୟକାରୀ ହେଲା। ତେଣୁ ସ୍ୱରାଜ ଦଳ ଭିତରେ ବିଭେଦ ସୃଷ୍ଟି ହେଲା ଓ କେବଳ ପଣ୍ଡିତ ମାଲବ୍ୟ ଓ ମିଷ୍ଟର ଜିନ୍ନାଙ୍କ ନେତୃତ୍ୱରେ ଗଠିତ ଜାତୀୟବାଦୀ ଦଳ ଓ ସ୍ୱାଧୀନଦଳ ଯେ ସ୍ୱରାଜ ଦଳର 'ଭିତର ମାରଣ' ନୀତିରେ ଏକମତ ନ ହେଲେ ତାହା ନୁହେଁ। ଖୋଦ୍ ସ୍ୱରାଜ ଦଳ ଭିତରୁ ମଧ୍ୟ ବହୁ ସଦସ୍ୟ ଆପଣାକୁ 'ଗଠନ ମୂଳକ ସହଯୋଗୀ' ଦଳ ଆଖ୍ୟା ଦେଇ ସ୍ୱରାଜ ଦଳରୁ ଅଲଗା ହୋଇଯାଇଥିଲେ। ସର୍ବଭାରତୀୟ ରାଜନୀତିର ସେତେବେଳର ଘନଘଟା ସେହି ସମୟର ଇତିହାସ ହିଁ ପ୍ରମାଣ କରିଛି। ସେତିକିବେଳେ ଆନ୍ଦୋଳନ ସ୍ଥଗିତ ରହିବା ଫଳରେ ସାମ୍ପ୍ରଦାୟିକ ଓ ଗୋଷ୍ଠୀଗତ ସ୍ୱାର୍ଥର କଳହ ହିଁ ଏକ ପ୍ରଧାନ ଘଟଣା ଭାବରେ ଦେଖାଦେଲା ଓ ତାହାର ପରିଣତି ଫଳରେ ତୃତୀୟ ବ୍ୟବସ୍ଥାପକ ସଭା ନିର୍ବାଚନରେ ସ୍ୱରାଜ ଦଳ କଂଗ୍ରେସ ଦଳ ଭାବରେ ନାମିତ ହୋଇ ମଧ୍ୟ ଦ୍ୱିତୀୟ ବ୍ୟବସ୍ଥାପକ ସଭାଠାରୁ କମ୍ ସଂଖ୍ୟକ ଆସନ ଲାଭ କରିଥିଲା।

(ଦୁଇ)

ବ୍ୟବସ୍ଥାପକ ସଭାରେ ଆପଣାର କାର୍ଯ୍ୟକାଳ ଶେଷ କରି ବିଶ୍ୱନାଥ ପାଟଣାରେ ବାରିଷ୍ଟରି ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଥିଲେ। ସେତେବେଳକୁ

Digitized by srujanika@gmail.com

ପାଟଣା ହାଇକୋର୍ଟରେ ମୁଷ୍ଟିମେୟ ଓଡ଼ିଆ ଓକିଲ ପାଟଣାରେ ରହି ବାରିଷ୍ଟରୀ କରୁଥିଲେ। ସେଠାରେ କେବଳ ଓଡ଼ିଶାର ମାଲିମକଦ୍ଦମାର ପ୍ରଶ୍ନ ନ ଥିଲା, ସାରା ହାଇକୋର୍ଟର ବିଭିନ୍ନ ମକଦ୍ଦମାରେ ପ୍ରବେଶ କରିବାର ଅବକାଶ ଥିଲା। ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା, ସାର୍ ହାସାନ ଇମାମ୍ ପ୍ରଭୃତି ବଡ଼ ବଡ଼ ଆଇନଜୀବୀମାନେ ବିଶ୍ୱନାଥଙ୍କର ଅମାୟିକ ସ୍ୱଭାବ ଓ କର୍ତ୍ତବ୍ୟନିଷ୍ଠାରେ ମୁଗ୍ଧ ହୋଇଥିଲେ ଓ ତାହାଙ୍କୁ ସହକର୍ମୀ ଭାବରେ ଆପଣାର ଜୀବିକାରେ ଗ୍ରହଣ କରିବାପାଇଁ ପ୍ରସ୍ତୁତ ଥିଲେ।

କିନ୍ତୁ ରବୀନ୍ଦ୍ରନାଥଙ୍କ ଭାଷାରେ –

"ବନ୍ଧୁ ସେଇ ଧାବମାନ କାଳ
ଜଡ଼ାଇ ଧରିଲା ମୋତେ
ଫେଇ ତା'ର ଜାଲ।"

ଓଡ଼ିଶାର ସୀମା ସ୍ଥିର କରିବା ପାଇଁ ଓ ଉପାନ୍ତ ଅଞ୍ଚଳର ଓଡ଼ିଆଭାଷୀମାନଙ୍କର ଦେଶମିଶ୍ରଣ ପ୍ରତି କି ପ୍ରକାର ଆଗ୍ରହ ଅଛି, ସେହି କଥା ଅନୁସନ୍ଧାନ କରିବାକୁ ୧୯୨୪ ମସିହାରେ ଭାରତ ସରକାର ଫିଲିପ୍-ଡଫ୍ କମିଟି ନାମକ ଏକ କମିଟି ପ୍ରତିଷ୍ଠା କରିଥିଲେ। ଏହି କମିଟିରେ ମିଷ୍ଟର ସି.ଏଲ.ଫିଲିପ୍ ଓ ମିଷ୍ଟର ଏ.ସି.ଡ଼ଫ୍ ମେମ୍ବର ଥିଲେ। ସେତେବେଳେ ମିଷ୍ଟର ଫିଲିପ୍ ଓଡ଼ିଶା ଦେଶୀୟ ରାଜ୍ୟମାନଙ୍କରେ ପଲିଟିକାଲ ଏଜେଣ୍ଟ ଥିଲେ ଓ ମିଷ୍ଟର ଡଫ୍ ବିଶାଖାପାଟଣା ଜିଲ୍ଲାର କଲେକ୍ଟର ଥିଲେ। ଏମାନଙ୍କ ସହିତ ଉପାନ୍ତ ଅଞ୍ଚଳ ଗସ୍ତକରି ଓଡ଼ିଆଭାଷୀ ଅଞ୍ଚଳର ଜନମତ ମିଶ୍ରଣ ପକ୍ଷପାତୀ କି ନୁହେଁ, ଏହା ନିର୍ଦ୍ଧାରଣ କରିବାର ଦାୟିତ୍ୱ ବିଶ୍ୱନାଥ ମିଶ୍ରଙ୍କ ଉପରେ ନ୍ୟସ୍ତ ହୋଇଥିଲା। ଏହି କମିଟିର ସୁପାରିଶ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ବିଷୟରେ ଏକ ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲା। କମିଟିର ଏହି ମତାମତରେ ବିଶ୍ୱନାଥଙ୍କର ଅଦମ୍ୟ ନିଷ୍ଠା ଓ ପ୍ରଗାଢ଼ ଅଧ୍ୟବସାୟର କମ୍ ପ୍ରଭାବ ନ ଥିଲା।

କମିଶନ ରିପୋର୍ଟରୁ ନିମ୍ନଲିଖିତ ଉଦ୍ଧୃତିଟି ଉଲ୍ଲେଖଯୋଗ୍ୟ – "ଆମ୍ଭମାନଙ୍କର ତଦନ୍ତରୁ ଏହା ଜଣାପଡ଼ିଛି ଯେ ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳର ଶିକ୍ଷିତ ଓଡ଼ିଆଙ୍କ ଭିତରେ ଏକ ଦୀର୍ଘକାଳବ୍ୟାପୀ ଗଭୀର ଅଭିଳାଷ ନିଷ୍ଠାପରଭାବରେ ରହି ଆସିଛି। ଏହି ଅଭିଳାଷ ହେଉଛି ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ଗୋଟିଏ ଶାସନାଧୀନରେ ଓଡ଼ିଶା ସହିତ ସମ୍ମିଶ୍ରଣ। ଏକଥା ଅବିସମ୍ବାଦିତ ସତ୍ୟ ଯେ ଓଡ଼ିଆ

Digitized by srujanika@gmail.com

ରୟତମାନେ ଯେଉଁଠାରେ ଏହି ବିଷୟର (ମିଶ୍ରଣ ବିଷୟ) ଖବର ପାଇଛନ୍ତି, ସେମାନେ ପୂରାପୂରି ଭାବରେ ମିଶ୍ରଣର ପକ୍ଷପାତୀ ରହିଛନ୍ତି।"

(ଫିଲିପସ୍-ଡଫ୍ କମିଶନ ରିପୋର୍ଟ)

କମିଟିଙ୍କର ଏହି ସୁପାରିସ ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କିଛି ଉତ୍ସାହର ଜୁଆର ଫୁଲି ଉଠିଥିଲା। କିନ୍ତୁ ପରେ ତାହା ଭଟ୍ଟା ପଡ଼ିଗଲା। ୧୯୨୬ ମସିହା ନଭେମ୍ବର ମାସରେ ତୃତୀୟ ବ୍ୟବସ୍ଥାପକ ସଭାର ନିର୍ବାଚନବେଳକୁ ଭାରତରେ ରାଜନୀତିକ ସଙ୍ଘର୍ଷ ଓ ଘନଘଟା ଯୋଗୁଁ ଓଡ଼ିଶାର ଦାବି ବିଷୟରେ ଭାରତ ବାହାରେ କୌଣସି ଉତ୍ସାହ ଉନ୍ମାଦନା ଦେଖାଯାଇ ନ ଥିଲା। ଉପରେ ଉଲ୍ଲେଖ କରାଯାଇଛି ଯେ ଏହି ନିର୍ବାଚନରେ ସ୍ୱରାଜ ଦଳ ଭାରତୀୟ କଂଗ୍ରେସର ସମସ୍ତ ମର୍ଯ୍ୟାଦା ଓ ଆଶୀର୍ବାଦ ଘେନି ଓ ଆପଣାଁକୁ କଂଗ୍ରେସ ଦଳ ବୋଲି ନାମିତକରି ମଧ୍ୟ ନିର୍ବାଚନରେ ଭଲ ଫଳ ଲାଭ କରି ନ ଥିଲା। ତେବେ ଗୃହରେ ସବୁ ୧୦୪ ଟି ନିର୍ବାଚିତ ଆସନ ଭିତରୁ ୪୦ଟି ଆସନ ଦଖଲ କରି ସର୍ବବୃହତ୍ ଦଳର ସମ୍ମାନ ପାଇଥିଲା।

କେବଳ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ନୁହେଁ, ସମୁଦାୟ ଦୃଷ୍ଟିରୁ ବିଚାର କଲେ ସାରା ଭାରତର ପ୍ରଦେଶମାନଙ୍କରେ ମଧ୍ୟ କଂଗ୍ରେସର ସଫଳତା ମିଶ୍ରିତ ଧରଣର ଥିଲା। ମାନ୍ଦ୍ରାଜରେ ଏହି ଦଳ ଅଧାଅଧି ସ୍ଥାନ ଲାଭକଲା, ବିହାର ଓ ଓଡ଼ିଶାରେ ବିଧାନ ପରିଷଦରେ ଆପଣାର ସ୍ଥିତି ବଜାୟ ରଖିଲା। କିନ୍ତୁ ବଙ୍ଗଳା ଓ ବମ୍ବେରେ ଆଂଶିକ ପରାଜୟ ଓ ମଧ୍ୟପ୍ରଦେଶ, ଯୁକ୍ତ ପ୍ରଦେଶ ଓ ପଞ୍ଜାବରେ ବିପୁଳ ପରାଜୟ ଏପରିକି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସବୁଠାରୁ ଶୋଚନୀୟ ଘଟଣା ହେଲା ଏହି ଯେ ପ୍ରାୟ ଅଧିକାଂଶ କେନ୍ଦ୍ର ଓ ପ୍ରାଦେଶିକ ନିର୍ବାଚନରେ ବିଚ୍ଛିନ୍ନତାକାମୀ ମୁସଲମାନ ନେତାମାନେ ଏକତାକାମୀ ମୁସଲମାନ ପ୍ରତିନିଧିମାନଙ୍କୁ ପରାସ୍ତକରି ସେମାନଙ୍କର ସ୍ଥାନ ଦାଖଲ କରିଗଲେ।

ଅସହଯୋଗର ପ୍ରତ୍ୟକ୍ଷ ସଂଗ୍ରାମ ପରେ କଂଗ୍ରେସର ଏକମାତ୍ର କାର୍ଯ୍ୟକ୍ରମ ଥିଲା ବିଧାନସଭା। ପ୍ରଥମ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଭାରତର ସ୍ୱାୟତ୍ତ ଶାସନ ପାଇଁ ଉଦାରପନ୍ଥୀମାନେ ଯେଉଁ ପ୍ରସ୍ତାବ ଦେଇଥିଲେ ଓ ୧୯୨୯ ଯାଏ ଦଶବର୍ଷ କାଳ ଅପେକ୍ଷା ନ କରି ଭାରତର ଶାସନତାନ୍ତ୍ରିକ ସମସ୍ୟାର ତୁରନ୍ତ ବିଚାର ଚାହିଁଥିଲେ, ତାହାକୁ ବିଲାତର ପ୍ରଧାନ ମନ୍ତ୍ରୀ ତୁଚ୍ଛତାଚ୍ଛଲ୍ୟରେ ଉଡ଼ାଇ ଦେଇଥିଲେ। ଏହାପରେ ମୁଡ଼ିମ୍ୟାନ କମିଟି ରିପୋର୍ଟର ସଂଶୋଧନ ଓ ସାଇମନ କମିଶନ୍ ସଙ୍ଗଠନର ନିଷ୍ପତ୍ତି ଅର୍ଥାତ୍ ଗୋଟିଏ ପରେ ଗୋଟିଏ ବିଭେଦକାରୀ ଅସ୍ତ୍ର ବିଲାତରୁ ଭାରତକୁ ପ୍ରେରିତ ହେବାରେ ଲାଗିଥିଲା।

Digitized by srujanika@gmail.com

ବିଶେଷତଃ ସାଇମନ କମିସନଙ୍କର ନିଯୁକ୍ତି ଥିଲା ବିଲାତ ସରକାରଙ୍କର ମତରେ ଏକ ପ୍ରଚଣ୍ଡ ଶାସନତାନ୍ତ୍ରିକ ଷଡ଼ଯନ୍ତ୍ର। ୧୯୨୭ ମଧ୍ୟଭାଗବେଳକୁ ଭାରତର ରାଜନୈତିକ ରୂପ ବୃଦ୍ଧି ସଙ୍ଗେ ସଙ୍ଗେ ଏଠାରେ ଶ୍ରମିକ, କୃଷକ ଶ୍ରେଣୀଗତ ଆନ୍ଦୋଳନ ମୁଣ୍ଡ ଟେକିଲା। ସୁଭାଷ ଚନ୍ଦ୍ର ବୋଷ ଲେଖିଛନ୍ତି "ଏହି ନୂତନ ଚେତନାର ବିକାଶରେ ସବୁଠାରୁ ବେଶୀ ଅବଦାନ ଥିଲା ଯୁବକମାନଙ୍କର। ଶ୍ରମିକ ଓ କୃଷକ ଦଳର ନେତୃତ୍ୱରେ ପରିଚାଳିତ ଶ୍ରମିକ ଓ କୃଷକମାନଙ୍କର ଉଗ୍ର ଆନ୍ଦୋଳନ ସହିତ ଏହାର ସମ୍ପର୍କ ଥିଲା। ସେତେବେଳେ ଖଡ଼ଗପୁରଠାରେ ତତ୍କାଳୀନ ବଙ୍ଗଳା-ନାଗପୁର ରେଲବାଇ ଶ୍ରମିକମାନଙ୍କର ଧର୍ମଘଟ ଥିଲା ଶ୍ରମିକ ସଂଗ୍ରାମ ଝଡ଼ର ଆସନ୍ନ ସୂଚନା।"

ଏତିକିବେଳେ ଏହି ରାଜନୈତିକି ସନ୍ଧିକ୍ଷଣର ଅବସ୍ଥାରେ ବିଲାତ ସରକାର ସାଇମନ କମିଶନର ନାମ ଘୋଷଣା କଲେ। ୧୯୧୯ ଠାରୁ ୧୯୨୯ ଯାଏ ମଣ୍ଟଫୋର୍ଡ଼ ଶାସନତାନ୍ତ୍ରିକ ବ୍ୟବସ୍ଥାର କୌଣସି ପରିବର୍ତ୍ତନ ହେବ ନାହିଁ, ପ୍ରଥମ ବ୍ୟବସ୍ଥାପକ ସଭାରେ ଓ ତା'ପରେ ବାରମ୍ବାର ବିଲାତର ଅଧିଷ୍ଠିତ ସରକାର ଓ ତାଙ୍କର ବୋଲକରା ଭାରତ ସରକାର ଘୋଷଣା କରୁଥିଲେ। କିନ୍ତୁ ଦୁଇ ବର୍ଷ ପୂର୍ବରୁ ସେମାନେ ଏହି କମିଶନର ନିଯୁକ୍ତି ଘୋଷଣାକଲେ। ଏହାର କାରଣ ହେଲା ଇଂଲଣ୍ଡରେ କ୍ଷମତାରେ ଥିବା ଟୋରି ଦଳର ଆଶଙ୍କା ହେଲା ୧୯୨୯ ରେ ବିଲାତର ସାଧାରଣ ନିର୍ବାଚନରେ ଶ୍ରମିକ ଦଳର ନେତାମାନେ କ୍ଷମତାକୁ ଆସି ଯାଇ ପାରନ୍ତି; ଶ୍ରମିକ ଦଳର ନେତାମନେ ଅତୀତରେ ଭାରତୀୟ ଜାତୀୟବାଦୀ ଶକ୍ତି ପ୍ରତି ଅନୁକୂଳ ମନୋଭାବ ପୋଷଣକରି ଆସିଥିବାରୁ ଟୋରି ଦଳ ଶ୍ରମିକ ଦଳକୁ କମିଶନ ନିଯୁକ୍ତ କରିବାର ସୁଯୋଗରୁ ବଞ୍ଚିତ କରିବାକୁ ଏହି ପନ୍ଥା ଗ୍ରହଣ କରିଥିଲେ।

ଖୁବ୍ ଚତୁରତା ସହିତ ଯୋଜନାବଦ୍ଧଭାବରେ ଏହି କମିଶନ ନିଯୁକ୍ତ କରାଗଲା। ପହିଲେ ୧୯୨୭ ନଭେମ୍ବର ପାଞ୍ଚ ତାରିଖରେ ଭାରତର ଭାଇସରାୟ (ବଡ଼ଲାଟ) ଗାନ୍ଧିଜୀଙ୍କୁ ତାଙ୍କ ସହିତ ସାକ୍ଷାତ କରିବାକୁ ନିମନ୍ତ୍ରଣ କଲେ। ସାମୟିକ ରାଜନୀତିରୁ ଅବସର ନେଇଥିବା ଗାନ୍ଧିଜୀ ଭାଇସରାୟଙ୍କର ଏହି ନିମନ୍ତ୍ରଣ ରକ୍ଷା କଲେ। ଭାଇସରାୟ ତାଙ୍କୁ କମିଶନ ନିଯୁକ୍ତି ସଂକ୍ରାନ୍ତ ଭାରତ ସଚିବଙ୍କର ଘୋଷଣାକୁ ଯାହା ସିଏ ବିଲାତ ପାର୍ଲିଆମେଣ୍ଟ ନଭେମ୍ବର ୮ ତାରିଖରେ ପେଶ୍ କରିବାର ଥିଲା, ତାହାକୁ ପଢ଼ିବାକୁ ଦେଇଥିଲେ। ଗାନ୍ଧିଜୀ ଏଭଳି କାରବାରରେ ବିଶେଷ ଖୁସି ହୋଇ ନ ଥିଲେ ! ତେବେ ତାଙ୍କର ସନ୍ତୋଷ ବା ପ୍ରଶଂସା ତ ବ୍ରିଟିଶ ସରକାରଙ୍କର ଦରକାର ନ ଥିଲା !

Digitized by srujanika@gmail.com

ନଭେମ୍ବର ୮ ତାରିଖରେ ଉଭୟ ଲଣ୍ଡନ ଓ ନୂଆଦିଲ୍ଲୀରେ ଆନୁଷ୍ଠାନିକଭାବରେ ବିଧିବଦ୍ଧ ଆୟୋଗ (ଇଣ୍ଡିଆନ ଷ୍ଟାଚ୍ୟୁଟାରି କମିଶନ) ନିଯୁକ୍ତି ଘୋଷଣା କରାଗଲା। ଉକ୍ତ ଆୟୋଗ (କମିଶନ) ରେ ସାତ ଜଣ ସଭ୍ୟ ରହିଥିଲେ ଓ ଜାଠ ଦଳର ଘରୋଇ ମନ୍ତ୍ରୀ ସାର୍ ଜନ୍ ସାଇମନ ଏହାର ଅଧ୍ୟକ୍ଷ ହୋଇଥିଲେ। ଏଥିପାଇଁ ଏହି କମିଶନକୁ ସାଇମନ କମିଶନ ନାମ ଦିଆଯାଇଥିଲା।

କମିଶନକୁ ଯେଉଁ କାର୍ଯ୍ୟସୂଚୀ ଦିଆ ଯାଇଥିଲା ତାହା ଦେଖି ଭାରତୀୟ ଦେଶପ୍ରେମୀମାନଙ୍କର ହାଡ଼ ଜଳିଲା। ବ୍ରିଟିଶ ଭାରତରେ ଶିକ୍ଷାର ଅଭିବୃଦ୍ଧି, ପ୍ରତିନିଧି ମୂଳକ ଅନୁଷ୍ଠାନର ବିକାଶକୁ ମାପି ତଉଲି ଦେଖି ବିଲାତ ଶାସିତ ଭାରତରେ ଦାୟିତ୍ୱପୂର୍ଣ୍ଣ ଶାସନ ନୀତି ପ୍ରତିଷ୍ଠା ଚଳିବ କି ନାହିଁ, ଚଳିଲେ କେତେଦୂର ଯାଏ ଚଳିବ, ଏବେ ଯାହା ଚାଲିଛି ତାହାକୁ ବଢ଼େଇବାକୁ ହେବ ନା ଯେମିତି ସେମିତି ରଖାଯିବ ନା ପଛେଇବାକୁ ହେବ ଇତ୍ୟାଦି। ପ୍ରାଦେଶିକ ବିଧାନସଭାମାନଙ୍କରେ ଦୋକେନିଆ ସଭାଗୃହ ରହିବ କି ନ ରହିବ, ତାହାର ତଦନ୍ତ ଓ ସୁପାରିଶ ପାଇଁ ମଧ୍ୟ କାର୍ଯ୍ୟସୂଚୀର ନିର୍ଦ୍ଦେଶ ରହିଲା।

(ତିନି)

ଏହି ଘୋଷଣା ଭାରତୀୟ ନିସ୍ତରଙ୍ଗ ରାଜନୈତିକ ସମୁଦ୍ର ଭିତରେ ବିସ୍‌ଫୋରଣ ସୃଷ୍ଟିକଲା। ଉଦାରପନ୍ଥୀ ନେତା ଟି.ବି. ସାପ୍ରୁ ଏଥିରେ କୌଣସି ଭାରତୀୟ ସଭ୍ୟ ନ ଥିବାରୁ ଏହି କମିଶନ ପ୍ରତି ବିରକ୍ତି ପ୍ରକାଶ କଲେ। ଏଥିରୁ ସୂଚୀତ ହେଲା ବ୍ରିଟିଶ ସରକାରଙ୍କର ଭାରତୀୟମାନଙ୍କ ବିଚାର ବୁଦ୍ଧି ଉପରେ ଆସ୍ଥା ନାହିଁ। ଏହା ହେଲା ଉଦାରପନ୍ଥୀମାନଙ୍କ ପାଇଁ ଏକ ପ୍ରଚଣ୍ଡ ଅପମାନ। ତେଣୁ ସେମାନେ ଏହି କମିଶନକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଲେ। ଡିସେମ୍ବର ମାସରେ ବମ୍ବେଠାରେ ହୋଇଥିବା ନ୍ୟାସନାଲ ଲିବରାଲ ଫେଡ଼େରେସନର ଦଶମ ଅଧିବେଶନରେ ସାପ୍ରୁ ବିକ୍ଷୁବ୍ଧ ସ୍ୱରରେ ଘୋଷଣା କଲେ, "ଆଘାତ ପାଇଲେ ସାମାନ୍ୟ କୀଟ ମଧ୍ୟ ଫାଇଁ କରି ଉଠେ, ଆମେ ତ ମନୁଷ୍ୟ !"

କେବଳ କଂଗ୍ରେସକୁ ଛାଡ଼ିଦେଲେ ଅନ୍ୟସବୁ ରାଜନୈତିକ ଦଳର ନେତାମାନଙ୍କ ଦସ୍ତଖତରେ କମିସନକୁ ବର୍ଜନ କରିବା ନିଷ୍ପତ୍ତି ଘୋଷଣାକରି ଏକ ଇସ୍ତାହାର ପ୍ରକାଶ ପାଇଲା।

Digitized by srujanika@gmail.com

କଂଗ୍ରେସ ତ ଏମାନଙ୍କଠାରୁ ଆହୁରି ଧାପେ ଆଗକୁ ଯିବାର କଥା। କାରଣ କଂଗ୍ରେସ ହେଉଛି ସଂଗ୍ରାମୀ ଅସହଯୋଗୀମାନଙ୍କର ଦଳ। ପୁଣି ସେତେବେଳକୁ ବେଲଜିୟମ ରାଜଧାନୀ ବ୍ରସ୍‌ଲେସ୍‌ରୁ 'ପରାଧୀନ ଜାତିମାନଙ୍କର ସମ୍ମେଳନ'ରେ ଯୋଗଦେଇ ଜବାହରଲାଲ ନେହେରୁ ଭାରତ ଫେରିଥାଆନ୍ତି। ଇଉରୋପରୁ ଫେରିବା ପୂର୍ବରୁ ସେ ଓ ତାଙ୍କର ପିତା ମୋତିଲାଲ ନେହେରୁ ସୋଭିଏଟ୍ ରୁଷ ଭ୍ରମଣରେ ମଧ ଯାଇଥିଲେ ଓ ସେଠା ସରକାରଙ୍କର ସାଫଲ୍ୟରେ ଗଭୀରଭାବରେ ପ୍ରଭାବିତ ହୋଇଥିଲେ। ଭାରତରେ ସେତେବେଳେ ଉଗ୍ରବାଦୀ ରାଜନୈତିକ ଚିନ୍ତା ଯୁବକ, ଶ୍ରମିକ ଓ କୃଷକମାନଙ୍କର ଆନ୍ଦୋଳନ ଓ ସଙ୍ଗଠନ ଜରିଆରେ ବୃଦ୍ଧି ପାଇଥିଲା।

ଡିସେମ୍ବର ମାସରେ ମାନ୍ଦ୍ରାଜରେ ଡାକ୍ତର ଆନସାରିଙ୍କର ସଭାପତିତ୍ୱରେ କଂଗ୍ରେସର ବାର୍ଷିକ ଅଧିବେଶନରେ ଭାରତୀୟ ଜନସାଧାରଣଙ୍କ ଲକ୍ଷ୍ୟ 'ପୂର୍ଣ୍ଣ ଜାତୀୟ ସ୍ୱାଧୀନତା' ବୋଲି ଗୃହୀତ ହେଲା। ଏହା କଂଗ୍ରେସର ପୂର୍ବ ପ୍ରସ୍ତାବମାନଙ୍କଠାରୁ ଯଥା : 'ଔପନିବେଶିକ ସ୍ୱାୟତ୍ତ ଶାସନ' ବା 'ଦାୟିତ୍ୱମୂଳକ ଶାସନ' ବା ଏକ ଅନିର୍ଦ୍ଦିଷ୍ଟ ଅନିରୂପିତ 'ସ୍ୱରାଜ' ଲକ୍ଷ୍ୟଠାରୁ ନିଶ୍ଚିତ ଭାବରେ ଭିନ୍ନ ଥିଲା। ତେଣୁ କଂଗ୍ରେସ ସାଇମନ କମିସନକୁ ସ୍ୱାଗତ କରିବା ତ ଦୂରର କଥା, ସମସ୍ତ ପ୍ରକାର କମିସନକୁ ବର୍ଜନ କରିବାକୁ ସ୍ଥିର କଲେ। ଏହି ଅଧିବେଶନରେ ଗାନ୍ଧିଜୀ ଉପସ୍ଥିତ ଥିଲେ ହୁଏତ ତାଙ୍କର ସଂଯମକାରୀ ପ୍ରଭାବ ପଡ଼ିଥାଆନ୍ତା। କିନ୍ତୁ ସେ ବି ଉପସ୍ଥିତ ନ ଥିଲେ। ପ୍ରସ୍ତାବ ଗୃହୀତ ହେଲା ଯେ ସାଇମନ କମିସନ ଭାରତରେ ପାଦ ଦେବା ମାତ୍ରେ ସାରା ଭାରତରେ ଗଣ ବିକ୍ଷୋଭରେ ତାଙ୍କୁ ବର୍ଜନ କରାଯିବ। ୧୯୨୭ ଡିସେମ୍ବର ଶେଷ ଆଡ଼କୁ ମହମ୍ମଦ ଆଲି ଜିନ୍ନାଙ୍କ ସଭାପତିତ୍ୱରେ ବସିଥିବା ମୁସଲିମ୍ ଲିଗ୍‌ର ପ୍ରଧାନ ଗୋଷ୍ଠୀ କଲିକତାରେ ବସି ସାଇମନ କମିସନକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ସଭାପତି ଅଭିଭାଷଣରେ ଜିନ୍ନା କହିଥିଲେ "ଜାଲିଓ୍ୱାନାଓ୍ୱାଲବାଗ୍ ହେଉଛି ନିର୍ବିଚାର ଶାରୀରିକ ହତ୍ୟା। ସାଇମନ କମିସନ ହେଉଛି ଆମ ଆତ୍ମାର ସମୂହ ହତ୍ୟା।"

ଏଭଳି ପରିସ୍ଥିତିରେ କେବଳ ଉତ୍କଟ ସାମ୍ପ୍ରଦାୟିକ ମୁସଲମାନ ଲିଗ୍ ଗୋଷ୍ଠୀ, କେତେକ ରାଜଭକ୍ତ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ବାକି ସମସ୍ତ ଭାରତବାସୀଙ୍କର ସ୍ଲୋଗାନ ଥିଲା 'ଗୋ ବ୍ୟାକ୍, ସାଇମନ' 'ସାଇମନ, ଫେରିଯାଅ'।

Digitized by srujanika@gmail.com

(ଚାରି)

ଏଣେ ବିଲାତ ସରକାର ତାଙ୍କର ଦସ୍ତୁରୀ ନୀତିରେ ବ୍ୟସ୍ତ ରହିଲେ। ୧୯୨୫ରୁ ଭାରତ ସଚିବ ଲର୍ଡ଼ ବାରକେନ୍ ହେଡ୍ ଏହି ଦିଗରେ କାମ କରୁଥିଲେ। ଏହା ପୂର୍ବରୁ ମଧ୍ୟ 'ମର୍ଲେମିଣ୍ଟୋ ଶାସନ ସଂସ୍କାର' ଓ 'ମେଣ୍ଟଫୋର୍ଡ଼ ଶାସନ ସଂସ୍କାର' ବେଳେ ଏହି ଖେଳ ଚାଲିଥିଲା। ଶ୍ରମିକ ସରକାର ଗାଦିକୁ ଆସିବାର ସମ୍ଭାବନା ଥିବାରୁ ୧୯୨୭ ଗ୍ରୀଷ୍ମ କାଳ ପୂର୍ବରୁ ଆୟୋଗ ନିଯୁକ୍ତି ଲାଗି ୧୯୨୫ ରୁ ମସୁଧା ସରିଥିଲା। ସେତେବେଳେ ମଧ୍ୟ କେତେକ ସ୍ୱରାଜପନ୍ଥୀ ଜାତୀୟବାଦୀଙ୍କୁ ପ୍ରଲୋଭନ ଦେଖାଇ ସ୍ୱରାଜ ଦଳରେ ବିଭେଦ ସୃଷ୍ଟିକରିବାର ଚେଷ୍ଟା ହୋଇଥିଲା। ଏହି ଚେଷ୍ଟା ମଧ୍ୟ ଆଂଶିକ ଭାବରେ ସଫଳ ହୋଇଥିଲା। ଯେହେତୁ ଏହି ସମୟରେ ହିଁ ସ୍ୱରାଜ୍ୟ ଦଳରୁ କିଛି ବାହାରିଆସି ଜୟକରଙ୍କ ନେତୃତ୍ୱରେ 'ଗଠନ ମୂଳକ ସହଯୋଗୀ' ଦଳ ଗଠନ କରିଥିଲେ। ସ୍ମରଣ କରାଯାଇ ପାରେ ଯେ ୧୯୨୫ ଡିସେମ୍ବର ମାସ ୧୦ ତାରିଖରେ ଲର୍ଡ଼ ବାରକେନ୍ ହେଡ୍ ଭାରତର ଭାଇସ୍‌ରାୟଙ୍କୁ ଚିଠି ଲେଖି ସ୍ପଷ୍ଟ ଭାବରେ ସାମ୍ରାଜ୍ୟବାଦୀ ବିଲାତର କାରସାଦି ପ୍ରକାଶ କରିଦେଇଥିଲେ – "ମୋର ସ୍ପଷ୍ଟ ମତ, ମୌଳିକ ବିଚାର ବୁଦ୍ଧି ଦୃଷ୍ଟିରୁ ୧୯୨୭ ଗ୍ରୀଷ୍ମ ଯିବା ପୂର୍ବରୁ ଆୟୋଗ ନିଯୁକ୍ତ କରିବା ଆମ ପକ୍ଷରେ ଏକାନ୍ତ ଆବଶ୍ୟକ।.... ରାଜନୈତିକ ଦର କଷାକଷିରେ ଏହାକୁ ହାତର ପାଞ୍ଚ କରିବା ପାଇଁ ବା ସ୍ୱରାଜ ଦଳକୁ ପୁଣି ଖଣ୍ଡ ଖଣ୍ଡ କରିଦେବା ପାଇଁ ତୁମେ ଯଦି କୌଣସି ସୁଯୋଗ ଦେଖ, ତାହାହେଲେ ସେ ବିଷୟରେ ମୋତେ ତୁରନ୍ତ ଜଣାଇବ।"

୧୯୨୮ ଜାନୁଆରୀ ୧୯ ତାରିଖ ଦିନ ସାଇମନ କମିସନଙ୍କୁ ବିଦାୟ ଦେବାର ଅବ୍ୟବହିତ ପୂର୍ବରୁ ସେହି ଭାରତ ସଚିବ ନବନିଯୁକ୍ତ ଭାଇସ୍‌ରାୟ ଲର୍ଡ଼ ଇରଉଇନଙ୍କୁ ଘରୋଇଭାବରେ ଲେଖିଥିଲେ, "ବର୍ଜନମୂଳକ ମନୋଭାବକୁ ଭାଙ୍ଗିବା ପାଇଁ ଆମେ ବର୍ଜନ-ବିରୋଧୀ ମୁସଲମାନ, ଅନୁନ୍ନତ ଗୋଷ୍ଠୀ, ବ୍ୟବସାୟୀ ଶ୍ରେଣୀ ଓ ଅନ୍ୟ ବହୁଲୋକଙ୍କ ଉପରେ ସବୁବେଳେ ନିର୍ଭର କରିଆସିଛୁ। ଆପଣ ଓ ସାଇମନ ବିଚାର କରି ଦେଖିବେ, ଏହି ଦିଗରେ କାର୍ଯ୍ୟକରି ବିରୋଧର ପ୍ରାଚୀର ଭିତରେ ଭେଦ ସୃଷ୍ଟି କରିବା ପାଇଁ ଉଦ୍ୟମ କରିବା, (ଏପରିକି ଭାରତ ଦର୍ଶନ କାଳରେ) ବାଞ୍ଛନୀୟ କି ନୁହେଁ।"

୧୯୨୮ ମସିହା ଫେବୃଆରୀ ୩ ତାରିଖରେ ସାଇମନ ପ୍ରଥମଥର ଭାରତରେ ପଦାର୍ପଣ କଲେ। ବମ୍ୱେରେ ସେଦିନ ସମ୍ପୂର୍ଣ୍ଣ ହରତାଳ। ପ୍ରଚଣ୍ଡ ବିକ୍ଷୋଭ। ସବୁଆଡ଼େ

Digitized by srujanika@gmail.com

ମାଳ ମାଳ କଳା ପତାକା ଉଡୁଛି । "ସାଇମନ ଫେରିଯାଅ" ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଛି । ଲର୍ଡ଼ ବାରକେନ ହେଡ୍ ଏଥିରେ ନିରାଶ ହେଲେ । କିନ୍ତୁ ଏହି କଟ୍ଟର ସାମ୍ରାଜ୍ୟବାଦୀ ହଟିବାର ପାତ୍ର ନ ଥିଲେ । ସେ ଭାଇସରାୟଙ୍କୁ ୧୯୨୮ ଫେବୃଆରୀ ମଧ୍ୟଭାଗରେ ଲେଖିଲେ "....ବର୍ତ୍ତମାନ ଆମର ନୀତି ପରିଷ୍କାର । ବିରାଟ ହିନ୍ଦୁ ଜନସାଧାରଣଙ୍କଠାରେ ଭୀତି ସଞ୍ଚାର କରିବାକୁ ହେବ ଯେ ସାଇମନ କମିସନ ସହିତ ହିନ୍ଦୁମାନେ ସହଯୋଗ ନ କଲେ କମିସନ ମୁସଲମାନଙ୍କ ଦ୍ୱାରା ପ୍ରଭାବିତ ହୋଇଯିବ ଓ ହିନ୍ଦୁମାନଙ୍କ ସ୍ୱାର୍ଥ ବିରୋଧୀ ଏକ ରିପୋର୍ଟ ଦେଇପାରନ୍ତି । ଏହା ଫଳରେ ମୁସଲମାନଙ୍କଠାରୁ ଆମେ ଦୃଢ଼ ସମର୍ଥନ ପାଇବା ଓ ଜିନ୍ନା ଏକୁଟିଆ ପଡ଼ିଯିବେ ।" ଭାରତ ସଚିବଙ୍କର ଏହି ଆଶା ଯେ ଅରଣ୍ୟରୋଦନ ନ ଥିଲା ପରବର୍ତ୍ତୀ ଇତିହାସ ତାହା ପ୍ରମାଣ କରିଦେଲା ।

ପରବର୍ତ୍ତୀ କାଳରେ, ଏହି ସଂକ୍ରାନ୍ତରେ ଚତୁର୍ଥ ବ୍ୟବସ୍ଥାପକ ସଭାରେ ସଦସ୍ୟ ବିଶ୍ୱନାଥ ମିଶ୍ରଙ୍କର (ମିଷ୍ଟର ଅବଦୁଲ ହାରୁନ୍‌ଙ୍କ ତରଫରୁ) ପଚରାଯାଇଥିବା ପ୍ରଶ୍ନ ବେଶ୍ କୌତୁହଳ ପୂର୍ଣ୍ଣ । ନିଶ୍ଚିତଭାବରେ ସେତେବେଳେ ଅର୍ଥାତ୍ ସେପ୍ଟେମ୍ବର ୨୪ ତାରିଖ ୧୯୩୧ ମସିହାରେ ଲର୍ଡ଼ ବାରକାନ ହେର୍ଡ଼ଙ୍କର ଘରୋଇ ଚିଠି କଥା କୌଣସି ଭାରତୀୟଙ୍କର ଗୋଚରରେ ନ ଥିଲା । ତଥାପି ଭାରତରେ ବିଲାତର କାର୍ଯ୍ୟକଳାପକୁ ଲକ୍ଷ୍ୟରେ ରଖି ଏହି ପ୍ରଶ୍ନଟି ପଚରା ଯାଇଥିଲା । ଯଥା –

ମିଷ୍ଟର ବି.ଏନ୍.ମିଶ୍ର "(କ) ସରକାର ଏକଥା ଜାଣନ୍ତି କି ମଇ ମାସ ୧୪ ତାରିଖ ୧୮୫୯ ରେ ବମ୍ବେର ଲାଟ ଲର୍ଡ଼ ଏଲଫିନଷ୍ଟୋନ ଆପଣାର ଗୋଟିଏ ଅନୁଲିପିରେ ଉଲ୍ଲେଖ କରିଥିଲେ ଯେ ଡିଭାଇଡ୍ ଏଟ୍ ଇମ୍ପେର ଅର୍ଥାତ୍ 'ଭାଗ ଭାଗ କରି ଶାସନ ଚଳାଅ' ହେଉଛି ପୁରୁଣା ରୋମାନ୍ ବଚନ ଓ ତାହାହିଁ ଆମର ଧ୍ରୁବ ବାଣୀ ହୋଇ ରହିବ ?"

(ଖ) ସରକାର କ'ଣ କହିବାକୁ ପ୍ରସ୍ତୁତ କି ଯେ ଏହି ଦେଶର ପ୍ରଶାସନ ପରିଚାଳନାରେ ସେମାନେ ଏହି ବଚନକୁ ଅନୁସରଣ କରୁନାହାନ୍ତି ?

(ଗ) ସରକାର ଏକଥା କ'ଣ ଜାଣନ୍ତି କି ଯେ ଏହା ସର୍ବସାଧାରଣରେ ଭାରତର ଖବର କାଗଜ ମାଧ୍ୟମରେ ଓ ବକ୍ତୃତା ମଞ୍ଚମାନଙ୍କରେ ଘୋଷିତ ହୋଇଛି ଯେ ଭାରତର ପ୍ରଶାସନ 'ଭାଗ ଭାଗ କରି ଶାସନ ଚଳାଅ'ର ଆଧାରିତ ନୀତି ଉପରେ ଚାଲିଛି ?"

× × × ×

Digitized by srujanika@gmail.com

ଏହି ପ୍ରଶ୍ନଗୁଡ଼ିକ ଉତ୍ତରରେ ଭାରତର ଘରୋଇମନ୍ତ୍ରୀ ସାର୍ ଜେମସ୍ କ୍ରେରାର ଅତି ଦୃଢ଼ତାର ସହିତ 'ଭାଗ ଭାଗ କରି ଶାସନ ଚଳାଅ' ଭାରତ ସରକାରଙ୍କର ନୀତି ନୁହେଁ ବୋଲି ଅସ୍ୱୀକାର କରିଥିଲେ ଓ ଏଭଳି ଲର୍ଡ଼ ଏଲଫିନ୍‌ଷ୍ଟୋନଙ୍କର କୌଣସି ଅନୁଲିପି ସେ ସନ୍ଧାନକରି ପାଇ ନାହାନ୍ତି ବୋଲି କହିଥିଲେ।

ସେତେବେଳେ ବାରକେନ୍ ହେର୍ଡ଼ଙ୍କର ଏହି ସବୁ ଘରୋଇ ଚିଠି, ଯାହା ଭାରତରୁ ବିଲାତି ଶାସନର ଅପସାରଣ ଓ କ୍ଷମତା ହସ୍ତାନ୍ତର ବହୁ ପରବର୍ତ୍ତୀ କାଳରେ ମିଳିଲା ତାହାର ଉଲ୍ଲେଖବସ୍ତୁ ଜାଣିଥିଲେ ବିଶ୍ୱନାଥଙ୍କର ଉପର ବର୍ଣ୍ଣିତ ପ୍ରଶ୍ନ ଓ ତାହାର ଉତ୍ତରର ବିରୋଧାଭାସ ଜଣା ପଡ଼ି ଥାଆନ୍ତା। ତେବେ ବି ଏହି ପ୍ରଶ୍ନ ଯେ ସେ କାଳର ରାଜନୀତି ଦୃଷ୍ଟିରୁ ଏକ ସନ୍ଧାନୀ ଓ ବିଚକ୍ଷଣ ପ୍ରଶ୍ନ ଥିଲା ଏଥିରେ ସନ୍ଦେହ ନାହିଁ।

(ପାଞ୍ଚ)

ସାଇମନ କମିସନଙ୍କ ବିଷୟରେ ତୃତୀୟ ବ୍ୟବସ୍ଥାପକ ସଭାରେ ଆଲୋଚନାବେଳେ ଭାରତ ସଚିବଙ୍କର ଅଭିଳାଷ ଚରିତାର୍ଥ ହେଲା ଭଳି ପରିସ୍ଥିତି ଉପୁଜିଥିଲା। ଶେଷରେ ଭୋଟ ନେବା ଫଳରେ ବର୍ଜନ ସପକ୍ଷରେ ୬୮ ଓ ବିପକ୍ଷରେ ୬୨ ଭୋଟରେ ଲାଲା ଲଜପତ୍ ରାୟଙ୍କ ବର୍ଜନ ପ୍ରସ୍ତାବ ଗୃହୀତ ହୋଇଯାଇଥିଲା। ଏଥିପୂର୍ବରୁ ମାତ୍ର ଥରୁଟିଏ ଛାଡ଼ିଦେଲେ ଗୃହ ଭିତରେ ଏତେ ସଦସ୍ୟ କେବେ ଭୋଟରେ ଭାଗ ନେଇ ନ ଥିଲେ। ଏହାପରେ ମଧ୍ୟ ସାଇମନ କମିସନଙ୍କ ପାଇଁ ଖର୍ଚ୍ଚ ବ୍ୟବସ୍ଥା ବାବଦରେ ଅର୍ଥମନ୍ତ୍ରୀଙ୍କର ଖର୍ଚ୍ଚ ଦାବି ୬୬ ବିପକ୍ଷ ଓ ୫୯ ସପକ୍ଷର ହୋଇ କାଟ ଖାଇ ଯାଇଥିଲା। ମନେହେଲା ଯେପରି ସାର୍ ଜୁଲଫିକର ଆଲି ଖାଁଙ୍କ ନେତୃତ୍ୱରେ ଥୋକେ ମୁସଲମାନ ଓ ରାଓ ବାହାଦୁର ଏମ୍.ସି. ରାଜାଙ୍କର ନେତୃତ୍ୱରେ ଅନୁନ୍ନତ ଶ୍ରେଣୀର ଥୋକେ ଲୋକଙ୍କ ଛଡ଼ା ସାଇମନ କମିସନଙ୍କୁ ନିଖିଳ ଭାରତ କ୍ଷେତ୍ରରେ ସ୍ୱାଗତ କରିବା ତ ଦୂରର କଥା, ସହଯୋଗ କରିବାକୁ କେହି ମିଳିଲେ ନାହିଁ।

ଏହାଛଡ଼ା ଆଉ ଏକ ବିଦାରକ ଓ ଶୋଚନୀୟ ଘଟଣା ସାଇମନ କମିସନଙ୍କର ଭାରତ ଗସ୍ତର ନିବନ୍ଧନରେ ଘଟିଗଲା। ଯାହା ଭାରତୀୟ ଦେଶପ୍ରେମୀ ମହଲରେ ଗଭୀର ତିକ୍ତତାର କାରଣ ହେଲା। ୧୯୨୮ ମସିହା ଫେବୃଆରୀ ମାସରେ ସାଇମନ କମିସନ ଭାରତ ଛାଡ଼ି ଫେରି ଯାଇଥିଲେ। ସେମାନେ ପୁଣି ଅକ୍ଟୋବର ମାସରେ ଭାରତକୁ ଆସିଲେ। ଏହା ପ୍ରତିବାଦ ବହ୍ନିରେ ଆହୁତି ପରି କାର୍ଯ୍ୟ କଲା।

Digitized by srujanika@gmail.com

ସାଇମନଙ୍କ ବିରୁଦ୍ଧରେ ବିକ୍ଷୋଭରେ ପୋଲିସ ବିକ୍ଷୋଭକାରୀଙ୍କୁ ନିର୍ମମ ଭାବରେ ଲାଠିମାଡ଼ ଓ ବେତ୍ରାଘାତରେ ଦମନ କରିବାରେ ଲାଗିଗଲେ। ଅକ୍ଟୋବର ମାସ ୩୦ ତାରିଖରେ ଲାହୋରଠାରେ କମିସନଙ୍କର ଗସ୍ତ ପ୍ରତିବାଦରେ କଳାପତାକା ବିକ୍ଷୋଭ ପ୍ରଦର୍ଶନ ଉପରେ ପୋଲିସର ପ୍ରବଳ ଲାଠି ଚ଼ାଳନାରେ ବହୁ ଲୋକ ଆହତ ହେଲେ। ବିଶେଷତଃ ଲାଲା ଲଜପତ୍ ରାୟଙ୍କର ଛାତିରେ ମାଡ଼ ଫଳରେ ସେ ଗୁରୁତରଭାବରେ ଆଘାତ ପାଇଲେ। ସେହି ଆଘାତରେ ୧୭ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା। ଗାନ୍ଧିଜୀ ସେଥିପାଇଁ ସାଇମନ କମିସନଙ୍କର ଭାରତ ଗସ୍ତକୁ 'ରକ୍ତ ଅନୁରଞ୍ଜିତ ଅଗ୍ରଗତି' ବୋଲି ବର୍ଣ୍ଣନା କରିଥିଲେ।

ଭାରତର ଜାତୀୟ ଜୀବନରେ ଲାଲା ଲଜପତ ରାୟଙ୍କ ସ୍ଥାନ ଖୁବ୍ ଉଚ୍ଚରେ ଥିଲା। ସେ ଥିଲେ ପଞ୍ଜାବ-କେଶରୀ। ସେ ମହାତ୍ମାଗାନ୍ଧୀଙ୍କର ଭାରତୀୟ ରାଜନୀତିରେ ପ୍ରବେଶର ବହୁ ପୂର୍ବରୁ ଭାରତର ଉଗ୍ରବାଦୀ ଆନ୍ଦୋଳନର ଅଗ୍ରଦୂତ ଥିଲେ। ୧୯୨୦ ମସିହାରେ କଂଗ୍ରେସର ବିଶେଷ ଅଧିବେଶନରେ ସଭାପତିଭାବରେ (ଯାହା ପରେ ହିଁ ଉତ୍କଳ ସମ୍ମିଳନୀ ଚକ୍ରଧରପୁରଠାରେ କଂଗ୍ରେସ ସହିତ ସାମିଲ ହୋଇ ଯାଇଥିଲା) ସେ ଘୋଷଣା କରିଥିଲେ "ଆମ୍ଭେମାନେ ଯେ ବର୍ତ୍ତମାନ ଏକ ବୈପ୍ଲବିକ ସମୟ ଭିତରେ ଗତି କରୁଛୁ, ତାହା ଆଉ ଅସ୍ୱୀକାର କରି ଲାଭ ନାହିଁ।

ତେବେ କଂଗ୍ରେସର ଅସହଯୋଗ ପ୍ରତ୍ୟାହାର ପରେ ଲାଲାଜୀ ୧୯୨୬ ମସିହାରେ ଦ୍ୱିତୀୟ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଯୋଗ ଦେଇଥିଲେ ଓ ସେଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ସାଧାରଣ ସ୍ୱରାଜ୍ୟପନ୍ଥୀଙ୍କଠାରୁ ବହୁ ବିଷୟରେ ଅଗ୍ରଗାମୀ ଚିନ୍ତାର ଲୋକ ଥିଲେ; କିନ୍ତୁ ପଞ୍ଜାବର ସଂଖ୍ୟାଲଘୁ ସଂପ୍ରଦାୟର ପ୍ରତିନିଧି ଥିବା ଯୋଗୁଁ ବହୁ କ୍ଷେତ୍ରରେ ଆନୁଷ୍ଠାନିକ କଂଗ୍ରେସ ପ୍ରସ୍ତାବ ସହିତ ଏକମତ ହେଉ ନ ଥିଲେ। ବିଶେଷତଃ ପରିଷଦ ଭିତରେ ରହି ସରକାରୀ କଳକୁ ଅଚଳ କରିବାର ନୀତିରେ ସେ ପୋଷକ ନ ଥିଲେ। ଏଥିପୂର୍ବରୁ ୧୯୨୫ ମସିହା ଅପ୍ରେଲ ମାସରେ ଲାଲାଜୀ ପୂର୍ନସଙ୍ଗଠିତ ହିନ୍ଦୁମହାସଭାର କଲିକତା ଅଧିବେଶନରେ ସଭାପତିତ୍ୱ କରିଥିଲେ ଓ ଓଡ଼ିଶାର ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସହକାରୀ ସଭାପତି ଭାବରେ ନିର୍ବାଚିତ କରାଇଥିଲେ। ସେ କାଳରେ କଂଗ୍ରେସର ସଭ୍ୟ ଥାଇ ହିନ୍ଦୁମାନେ ହିନ୍ଦୁ ମହାସଭାରେ ଓ ମୁସଲମାନମାନେ ମୁସଲମାନ ଲିଗରେ ସଭ୍ୟ ହେବାରେ କୌଣସି ବାରଣ ନ ଥିଲା। ଲୋକସେବକ ମଣ୍ଡଳ ନାମକ ଜନସେବା ଅନୁଷ୍ଠାନରେ ଲାଲାଜୀ ଅଧକ୍ଷ ଥାଇ ପଣ୍ଡିତ ଗୋପବନ୍ଧୁଙ୍କୁ ସେଥିରେ ମଧ୍ୟ ସହକାରୀ ସଭାପତି କରାଇଥିଲେ। ଦୁର୍ଭାଗ୍ୟର କଥା ପଣ୍ଡିତ ଗୋପବନ୍ଧୁଙ୍କର ଅକାଳରେ ମୃତ୍ୟୁ ହୋଇଗଲା

Digitized by srujanika@gmail.com

(୧୯୨୮)। ତାହା ପରେ ପରେ ଉପର କଥିତମତେ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ଲାଲାଜୀ ମଧ ଶୋଚନୀୟ ଘଟଣାରେ ମୃତ୍ୟୁ କବଳରେ ପଡ଼ିଲେ। ଗୋପବନ୍ଧୁଙ୍କ ମୃତ୍ୟୁ ବେଳକୁ ସତ୍ୟବାଦୀ ସ୍କୁଲର ପୁରାଣ ପ୍ରତିଷ୍ଠା ଅନ୍ତହୋଇ ଯାଇଥିଲା। କେବଳ 'ସମାଜ' ଖବର କାଗଜ ହିଁ ଏକ ଜାତୀୟ ସମ୍ପତ୍ତି ଭାବରେ ଥିଲା। ଗୋପବନ୍ଧୁ ତାହାକୁ ଲୋକସେବକ ମଣ୍ଡଳ ହାତରେ ଲାଲାଜୀଙ୍କର ତତ୍ତ୍ୱାବଧାନରେ ଉଇଲ କରି ଦେଇଯାଇଥିଲେ।

'ସମାଜ' ଅନୁଷ୍ଠାନ ଏବେବି ଲୋକସେବକ ମଣ୍ଡଳ ଗୋଷ୍ଠୀରେ ରହିଛି ଓ ସେହି ସୂତ୍ରରେ ଗୋପବନ୍ଧୁଙ୍କର ଦେହାନ୍ତ ଦିନଠାରୁ ଶ୍ରୀଯୁକ୍ତ ରାଧାନାଥ ରଥ ଓ କ୍ରମାନ୍ୱୟରେ ବହୁ ଓଡ଼ିଶାବାସୀ କୃତବିଦ୍ୟମାନେ ଲୋକସେବକ ମଣ୍ଡଳର ସଭ୍ୟ ହୋଇ ସମାଜର କାର୍ଯ୍ୟକର୍ତ୍ତା ଦାୟିତ୍ୱ ବହନ କରି ଆସିଛନ୍ତି।

ସାଇମନ କମିସନ ବିଶେଷ ବିକ୍ଷୋଭରେ ଲାଲାଜୀଙ୍କ ଆଘାତ ଅବସ୍ଥା ଓ ଶେଷରେ ତାଙ୍କର ମୃତ୍ୟୁ ଓଡ଼ିଶାରେ ସତ୍ୟବାଦୀ ମହଲରେ ଓ ଗୋପବନ୍ଧୁଙ୍କର ଦରଦୀ ବନ୍ଧୁଙ୍କ ପରିଧି ଭିତରେ ବ୍ୟକ୍ତିଗତ ଶୋକ ଓ କ୍ଷୋଭର ସଞ୍ଚାର କରିଥିଲା ଓ କରିବାର କଥା। ଏହି କାରଣରୁ ସାରା ଭାରତ କ୍ଷେତ୍ରରେ ସାଇମନ କମିସନ କେବଳ ରାଜନୈତିକ କାରଣରୁ ନୁହେଁ ଏକ ହତ୍ୟାପ୍ରଗରୀ, ଅପବିତ୍ର ବିଭୀଷିକାଭାବରେ ଦେଖା ଦେଇଥିଲା।

(ଛଅ)

ଏହି ପ୍ରକାରର କୁଖ୍ୟାତ ସର୍ବଜନ ବର୍ଜିତ ସାଇମନ କମିସନ! ସେହି କମିଶନ ପାଟଣାରେ ଯେତେବେଳେ ସାକ୍ଷ୍ୟ ନେବାପାଇଁ ପହଞ୍ଚିଲା ସେତେବେଳେ ତାହାରି ସାମନାରେ ଓଡ଼ିଆ ନେତାମାନେ ଶ୍ରୀ ବ୍ରଜସୁନ୍ଦର ଦାସଙ୍କର ନେତୃତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପାଇଁ ସାକ୍ଷ୍ୟ ଦେଇଥିଲେ। ସାରା ପାଟନା ସହରରେ ଯେତେବେଳେ 'ସାଇମନ ଫେରିଯାଅ' ପ୍ରାଚୀରପତ୍ର ଲେଖା ଯାଇଥିଲା ସେତେବେଳେ ସରକାରୀ ଲାଟ ଭବନରେ ସାଇମନଙ୍କୁ ସ୍ୱାଗତକରି କେତେକ ଓଡ଼ିଆ ନେତା ଓ ଯୁବକ କର୍ମୀ ଅଭ୍ୟର୍ଥନା-ତୋରଣ ସ୍ଥାପନ କରିଥିଲେ। ଏହାହିଁ ଥିଲା ବିଡ଼ମ୍ବନା, ଇତିହାସର ବିରୋଧାଭାଷ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଲ୍ଲେଖ ଅନୁସାରେ, "ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶର ଦାବୀ ବୋଧହୁଏ ସାଇମନ କମିସନ ଆଗରେ ପ୍ରଥମ କରି

Digitized by srujanika@gmail.com

୧୯୨୭-୨୮ରେ ପେଶ୍ କରା ଯାଇଥିଲା। ଯେତେବେଳେ କମିଶନ ପାଟନାରେ ପହଞ୍ଚିଲେ ସେତେବେଳେ ତାହାଙ୍କୁ ସ୍ୱାଗତ ସୂଚକ ଓଡ଼ିଆ ଶୋଭାଯାତ୍ରା ଖବର କାଗଜମାନଙ୍କରେ ଶୀର୍ଷସ୍ଥାନରେ ବାହାରି ପଡ଼ିଥିଲା। କାରଣ ସେତେବେଳେ ସାଇମନ କମିସନଙ୍କୁ ସବୁଆଡ଼େ ବଏକଟ କରାଯାଇଥିଲା । ପାଟଣାର ଓଡ଼ିଆମାନେ କମିସନଙ୍କୁ ସ୍ୱାଗତ କରିବା ଯୋଗୁଁ ସେତେବେଳେ ଯେଉଁ ଓଡ଼ିଆଲୋକେ କଂଗ୍ରେସରେ ଥିଲେ, ସେମାନେ ତୀବ୍ର ସମାଲୋଚନାର ଶିକାର ହୋଇଥିଲେ। ୧୯୨୮ର କଲିକତା କଂଗ୍ରେସ ଅଧିବେଶନରେ ସଭାପତି ପଣ୍ଡିତ ମୋତିଲାଲ ନେହେରୁ ଓଡ଼ିଆମାନଙ୍କ ବିରୁଦ୍ଧରେ କିଛି ଖରାପ ମନ୍ତବ୍ୟ କରିବାରୁ ଓଡ଼ିଶାର ଏ.ଆଇ.ସି.ସି (ନି.ଭା.କଂ.କ) ସଭ୍ୟମାନେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ସଭାଛାଡ଼ି ବାହାରି ଯାଇଥିଲେ। ପରେ ପଣ୍ଡିତ ମୋତିଲାଲ ଏଥିପାଇଁ ଦୁଃଖ ପ୍ରକାଶ କରିବାରୁ ଓଡ଼ିଶା ସଭ୍ୟମାନେ ପୁଣି ସଭାଗୃହକୁ ଫେରିଥିଲେ। ସାଇମନ କମିସନ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ହେବାର ସୁପାରିଶ କରିଥିଲେ।

(କୃଷ୍ଣଚନ୍ଦ୍ର ରାଜପତିଙ୍କର ୭୮ଶ ସ୍ୱନକ୍ଷତ୍ର ସ୍ମାରକୀ ଗ୍ରନ୍ଥ ଙପୃ -୧୮)

ମନେ ହୋଇପାରେ ଏହି ଓଡ଼ିଆ ନେତାମାନେ ଯଥା-ବ୍ରଜସୁନ୍ଦର ଦାସ, ବିଶ୍ୱନାଥ ମିଶ୍ର ଇତ୍ୟାଦି ଏତେ ସଂକୀର୍ଣ୍ଣ ଆଞ୍ଚଳିକତାରେ ମଜି ଯାଇଥିଲେ ଯେ ସେମାନେ ଭାରତର ସ୍ୱାଧୀନତା ପାଇଁ ଚାଲିଥିବା ସାରା ଭାରତର ପ୍ରତିବାଦରେ ଯୋଗ ତ ନ ଦେଲେ ନାହିଁ, କିନ୍ତୁ ସାଇମନଙ୍କୁ ସ୍ୱାଗତ କଲେ। କିନ୍ତୁ ବହୁ ସମୟରେ ଏହି ବିରୋଧାଭାଷର ଅନ୍ୟ ଦିଗଟି ପ୍ରଚ୍ଛନ୍ନ ରହି ଆସିଛି। ବ୍ୟକ୍ତିଗତଭାବରେ ବ୍ରଜ ସୁନ୍ଦର ଓ ବିଶ୍ୱନାଥ ଗୋପବନ୍ଧୁଙ୍କର ଅନ୍ତରଙ୍ଗ ଓ ଦରଦୀ ଥିଲେ। ସେହି ଗୋପବନ୍ଧୁ ବର୍ଷେ ତଳେ ଦେହତ୍ୟାଗ କରିଛନ୍ତି। ତାଙ୍କ ଅନୁଷ୍ଠାନର ମୁଖ୍ୟ ଲାଲାଜୀ ସାଇମନ ବର୍ଜନ ବିକ୍ଷୋଭରେ ଅଂଶ ନେଇ ପୋଲିସ ଲାଠିଘାତରେ ଆହତହୋଇ ମୃତ୍ୟୁବରଣ କରିଛନ୍ତି। ତଥାପି ଏହି ନେତାମାନେ ପାଟଣାଠାରେ ବର୍ଜିତ ସାଇମନ କମିସନଙ୍କୁ ଆଲିଙ୍ଗନ କଲେ କିପରି ?

(ସାତ)

ପୂର୍ବେ ଉଲ୍ଲିଖିତ ହୋଇଛି ୧୯୨୫ ଜୁଲାଇ ୭ ତାରିଖରେ ଭାରତ ସଚିବ ବାରକେନ୍ ହେଡ୍ ଭାରତୀୟମାନଙ୍କୁ ଆହ୍ୱାନ କରିଥିଲେ "ଭାରତୀୟ ମୁଖ୍ୟ ଗୋଷ୍ଠୀମାନଙ୍କର ଗ୍ରହଣୀୟ ହେଲାଭଳି" ଏକ ସଂବିଧାନ ପ୍ରସ୍ତୁତ କର। ଏପରିକି

Digitized by srujanika@gmail.com

ସାଇମନ କମିସନ ନିଯୁକ୍ତି ଘୋଷଣା ବେଳେ ଭାରତୀୟଙ୍କ ଭିତରୁ କାହାରିକୁ ଉକ୍ତ କମିସନରେ ସ୍ଥାନ ଦେଇ ନ ଥିବାର ସମାଲୋଚନାରେ ଉକ୍ତ ମହାଶୟ କହିଥିଲେ, "ଭାରତରେ ଗଭୀର ସାଂପ୍ରଦାୟିକ ବିଭେଦ ହେତୁ କମିଶନର ଭାରତୀୟ ସଭ୍ୟମାନେ ହିନ୍ଦୁ ହୋଇଥିଲେ ଗୋଟିଏ ହିନ୍ଦୁ ରିପୋର୍ଟ ଓ ମୁସଲମାନ ହୋଇଥିଲେ ଏକ ମୁସଲମାନ ରିପୋର୍ଟ ବା ସେହିଭଳି କିଛି ଦେଇଥାଆନ୍ତେ। ସମସ୍ତ ଭାରତବାସୀଙ୍କୁ ଗ୍ରହଣଯୋଗ୍ୟ ହେଲା ଭଳି ଗୋଟିଏ ରିପୋର୍ଟ ଭାରତୀୟମାନଙ୍କଦ୍ୱାରା ଗଠିତ କମିସନକୁ ମିଳିବାର କୌଣସି ଆଶା ନାହିଁ।"

ଏହି ବିଦ୍ରୂପପୂର୍ଣ୍ଣ ମନ୍ତବ୍ୟକୁ ପ୍ରତ୍ୟୁତର କରିବା ପାଇଁ ଭାରତୀୟମାନେ ଏକ ସର୍ବସମ୍ମତ ସଂବିଧାନ ପ୍ରଣୟନ କରିବାକୁ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ। ଏଥିପାଇଁ ୧୯୨୮ ଫେବୃୟାରୀ ମାସରେ ଦିଲ୍ଲୀରେ ସର୍ବଦଳୀୟ ସମ୍ମିଳନୀ ବସି ପଣ୍ଡିତ ମୋତିଲାଲ ନେହେରୁଙ୍କର ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଉପରେ ସମ୍ବିଧାନର ଚିଠା ପ୍ରସ୍ତୁତ କରିବାର ଦାୟିତ୍ୱ ଦିଆଯାଇଥିଲା। କମିଟିରେ ଉଦାରପନ୍ଥୀ ସମ୍ବିଧାନବିତ୍ ସାର୍ ତେଜ୍ ବାହାଦୂର ସାପ୍ରୁ ଜଣେ ସଭ୍ୟ ଥିଲେ। ୧୯୨୮ମସିହା ଅଗଷ୍ଟ ମାସରେ ଏହି ଚିଠା ରିପୋର୍ଟ ପ୍ରକାଶିତ ହେଲା ଓ ଏଥି ବିଷୟରେ ବିଧିବଦ୍ଧ ଆଲୋଚନା ଚାଲିଲା। ରିପୋର୍ଟର ବିଷୟବସ୍ତୁ ଓ ସାଇମନ ରିପୋର୍ଟ ସହିତ ତାହାର ପ୍ରଭେଦ, ବିଭିନ୍ନ ସାଂପ୍ରଦାୟିକ ପ୍ରଶ୍ନର ସମାଧାନରେ ରିପୋର୍ଟରେ ଗୃହୀତ ହୋଇଥିବା ପରବର୍ତ୍ତୀ ସଂଶୋଧନ ଇତ୍ୟାଦି ଯାବତୀୟ ବିଷୟ ଏଠାରେ ପ୍ରାସଙ୍ଗିକ ନୁହେଁ। କିନ୍ତୁ ଏଠାରେ ସବୁଠାରୁ ଉଲ୍ଲେଖଯୋଗ୍ୟଭାବରେ ପ୍ରାସଙ୍ଗିକ ଯେ **ନେହେରୁ କମିଟି ସିନ୍ଧୁ ଅଞ୍ଚଳର ଆର୍ଥିକ ସ୍ଥିତିର ଆବଶ୍ୟକୀୟ ଅନୁସନ୍ଧାନ ପରେ ଏହାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ପାଇଁ ସୁପାରିଶ କଲା। ଅଥଚ ବହୁକାଳ ଧରି ଆନ୍ଦୋଳନ କରୁଥିବା ଓ ଅନ୍ୟାୟ ଭାବରେ ବିଭିନ୍ନ ପ୍ରଦେଶରେ ବିଖଣ୍ଡିତ ହୋଇ ପଡ଼ିଥିବା ଓଡ଼ିଶାର ଅଞ୍ଚଳଗୁଡ଼ିକୁ ଏକାଠି କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଢ଼ିବାର ଦାବୀ ବିଷୟରେ ଆପଣା ସୁପାରିସରେ ମୋଟେ ବିନ୍ଦୁ ବିସର୍ଗ ଆଲୋଚନା କରି ନ ଥିଲା।**

ନେହେରୁ କମିଟିରେ କି ସାପ ବେଙ୍ଗ ସୁପାରିସ ପ୍ରସ୍ତାବ ଥିଲା ତାହା ଏସବୁ କେବଳ ଇତିହାସର ନିର୍ଜୀବ ପୃଷ୍ଠା; କିନ୍ତୁ ଉକ୍ତ କମିଟି ଭାରତର ଏକ ଅଙ୍ଗ ଓଡ଼ିଶା ଓ ଏକ ପ୍ରାଚୀନ ଭାଷା ଓଡ଼ିଆଭାଷାର ଚାରିଖଣ୍ଡ ହୋଇ ଚାରି ପ୍ରଦେଶରେ ବଣ୍ଟା ହୋଇଥିବା ଦୁର୍ଦ୍ଦଶା କଥା ଯେ ବିସ୍ମରଣ ହୋଇଗଲା, ଏହି କଥାଟି ଓଡ଼ିଆଭାଷୀ ଲୋକଙ୍କ ବୁକୁରେ ତିନିଗାର ହୋଇ ରହିଛି। ତେଣୁ ୧୯୨୯ରେ ସାଇମନ କମିସନ ଆଗରେ ଗୁହାରି କରିବା ଯେତେ ଦୟନୀୟ ହେଲେ ମଧ ସଂଖ୍ୟାଲଘୁ ଓ ଅଛବ

Digitized by srujanika@gmail.com

ଜାତିମାନଙ୍କର ମନୋଭାବ ପରି ଓଡ଼ିଆ ମନୋଭାବ ଯେ ବିଦ୍ରୋହୀ ହୋଇ ଥିଲା, ଏଥିରେ ସନ୍ଦେହ କ'ଣ ଅଛି ?

ସାଇମନ କମିସନ ପ୍ରଦେଶ ଗଠନ କାର୍ଯ୍ୟ ପାଇଁ ଏକ ସବ୍‌କମିଟି ଗଠନ କରିଥିଲେ। ସେହି ସବ୍‌କମିଟିର ଅଧକ୍ଷ (ଚେୟାରମ୍ୟାନ) ଥିଲେ ମେଜର ଆଟ୍‌ଲି। ପରବର୍ତ୍ତୀ କାଳରେ ଏହି ମେଜର ଆଟ୍‌ଲି ଯୁଦ୍ଧ କାଳର ବିଲାତରେ ଚର୍ଚ୍ଚିଲ ମିଳିତ ମନ୍ତ୍ରିମଣ୍ଡଳରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲେ ଓ ଯୁଦ୍ଧ ପର ନିର୍ବାଚନରେ ବିଲାତର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାଙ୍କ ଅମଳରେହିଁ ଭାରତର କ୍ଷମତା ହସ୍ତାନ୍ତର କାର୍ଯ୍ୟ ସଂପାଦିତ ହୋଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବିଷୟରେ ଏହି ଆଟ୍‌ଲି ସବ୍ କମିଟି ଓଡ଼ିଶାର ଉପାନ୍ତ ଅଞ୍ଚଳ ସବୁ ଗସ୍ତ କରିଥିଲେ ଓ ବହୁ ସ୍ଥାନରେ ସ୍ଥାନୀୟ ଓଡ଼ିଆଭାଷୀମାନଙ୍କଠାରୁ ଓ ଓଡ଼ିଆ ମିଶ୍ରଣ-ବିରୋଧୀମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ। ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ଥିବା ଓଡ଼ିଆଭାଷୀମାନଙ୍କ ପ୍ରତିନିଧି (ଡ଼େଲିଗେଟ୍) ମାନଙ୍କ ସହିତ ଆଟ୍‌ଲି ସବ୍‌କମିଟିର ବିଶାଖାପାଟଣାଠାରେ ସାକ୍ଷାତ ହୋଇଥିଲା। ଏହି ପ୍ରତିନିଧି ମଣ୍ଡଳୀର ମୁଖ୍ୟ ହିସାବରେ ଥିଲେ ଜୟପୁର ସମସ୍ଥାନ (ଜମିଦାରୀ)ର ଭବିଷ୍ୟତ ରାଜା ବିକ୍ରମ ଦେବ ବର୍ମା। ପ୍ରତିନିଧିମାନଙ୍କ ଭିତରେ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ଅନ୍ୟତମ।

ବରଂ ସେ କେବଳ ପ୍ରତିନିଧି ମଣ୍ଡଳୀରେ ସାମିଲ ନ ଥିଲେ, ସେଥିରେ ସ୍ମାରକପତ୍ର ପ୍ରସ୍ତୁତି କରିବା ଓ ସବ୍‌କମିଟି ଆଗରେ ଓଡ଼ିଆମାନଙ୍କର ଦୃଷ୍ଟିକୋଣ ପେଶ୍ କରିବା କାର୍ଯ୍ୟରେ ବିଶେଷ ଅଧବସାୟ ସହିତ କାର୍ଯ୍ୟ କରିଥିଲେ। ସବ୍‌କମିଟି ଆଗରେ ସାକ୍ଷ୍ୟଦାନ ପରେ ଯେତେବେଳେ ଜଣାପଡ଼ିଲା ଯେ ସାଇମନ କମିସନ ଓ ତାଙ୍କ ଦ୍ୱାରା ନିଯୁକ୍ତ ଆଟ୍‌ଲି ସବ୍‌କମିଟି ସମସ୍ତ ଓଡ଼ିଆଭାଷୀ ଉପାନ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରଦେଶରେ ସାମିଲ କରିବା ପାଇଁ ସୁପାରିସ କରି ନାହିଁ, ସେତେବେଳେ ମାନ୍ଦ୍ରାଜର ଓଡ଼ିଆ ଜନମତକୁ ସଂଗଠିତ ଓ ପରିଚାଳିତ କରିବା ପାଇଁ ସେ କାଳର 'ହିନ୍ଦୁ' ଓ 'ମାନ୍ଦ୍ରାଜ ମେଲ' ଇତ୍ୟାଦି ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିର ଇଂରାଜୀ କାଗଜମାନଙ୍କରେ କେତେଗୁଡ଼ିଏ ଉଲ୍ଲେଖଯୋଗ୍ୟ ପ୍ରବନ୍ଧ ପ୍ରକାଶିତ ହୋଇଥିଲା। ଏଥିଭିତରୁ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ଇଂରାଜୀ ସାପ୍ତାହିକ ଓ ଦୈନିକ କାଗଜରେ କେତୋଟି ଲେଖା ପ୍ରକାଶ ପାଇଥିଲା।

ଇଂରାଜୀ ପ୍ରବନ୍ଧଟିର ଶିରୋନାମାର ଓଡ଼ିଆ ଅନୁବାଦ ହେଉଛି –

"ମାନ୍ଦ୍ରାଜ ଓଡ଼ିଆମାନେ ଓ ସାଇମନ କମିସନ"–

Digitized by srujanika@gmail.com

ପ୍ରବନ୍ଧଟିରେ ଉଲ୍ଲେଖ ଥିଲା, "ସାଇମନ କମିସନଙ୍କ ରିପୋର୍ଟରେ ଓଡ଼ିଶା ପାଇଁ ଏକ ସୀମା କମିସନ ନିଯୁକ୍ତିର ସୁପାରିସ କରାଯାଇଛି । ଆଉ ଓଡ଼ିଆଙ୍କ ପ୍ରତି କେତେଗୁଡ଼ିଏ ସହାନୁଭୂତିଶୀଳ ମଧୁର କଥା କୁହାଯାଇଛି । ଏଥିରେ ଆମର କେତେକ ବଂଧୁ ଏକାବେଳେକେ ଆତ୍ମହରା ହୋଇ ପଡ଼ିଛନ୍ତି । ପାଠକମାନେ ହୃଦୟଙ୍ଗମ କରିବା କଥା ଯେ ଭାରତର ଭାଷାଭିତ୍ତିକ ପ୍ରଦେଶମାନଙ୍କ ଭିତ୍ତିରେ ଭାରତ ରାଷ୍ଟ୍ରସଂଘ ଗଠନ ଭଳି ଏକ ବିଶାଳତର ସମସ୍ୟାଠାରୁ ଓଡ଼ିଆମାନଙ୍କର ସମସ୍ୟା ପୂରାପୂରି ସ୍ୱତନ୍ତ୍ର । ଉଲ୍ଲିଖିତ ଲକ୍ଷ୍ୟ ଖୁବ୍ ବାଞ୍ଛନୀୟ ହେଲେ ମଧ ନଗଦ ନାରାୟଣରେ କାର୍ଯ୍ୟାନ୍ୱିତ ହେବା ଅବସ୍ଥାରେ ନାହିଁ । ପ୍ରଥମ କଥା ମାଲାୟାଲାମ୍ ଭଳି ଭାଷାଭାଷୀଙ୍କର ସମସ୍ୟା ବିଗ୍ଭରକୁ ନିଆଯାଉ । ସେମାନେ ଏକ ପ୍ରଦେଶ ଗଠନ ପାଇଁ ଲାଳାୟିତ ନ ହୋଇ ପାରନ୍ତି, ଯେ ପର୍ଯ୍ୟନ୍ତ ସେମାନଙ୍କର ଦେଶୀୟ ରାଜ୍ୟ ଯଥା କୋଚିନ୍ ଓ ତ୍ରାଭାଙ୍କୋର ମିଶ୍ରଣ ନ ହୋଇଛି ଓ ସେମାନେ ରାଷ୍ଟ୍ରସଂଘରେ ସାମିଲ ହେବା ପ୍ରଶ୍ନର ସମାଧାନ ନ ହୋଇଛି । ତା'ପରେ ଆସାମବାସୀଙ୍କ କଥା ଧରାଯାଉ । ଆସାମର ସୁର୍ମା ଉପତ୍ୟକାରେ ବଙ୍ଗଳାଭାଷୀ ଜନସାଧାରଣଙ୍କର ମିଶ୍ରଣ ପରେ ଆସାମ ଗୋଟିଏ ପ୍ରଦେଶ ଭାବରେ ଛିଡ଼ା ହେବାରେ ସମର୍ଥ ହୋଇ ନପାରେ । ଆଉ, ସିନ୍ଧୁ ତ ଚିରକାଳ ରାଷ୍ଟ୍ରସଂଘୀୟ ସରକାର ଦ୍ୱାରା ଢ଼ୋକ ପିଇ ଦଣ୍ଡେ ବଞ୍ଚି ରହିଲେହିଁ ରହିଯିବ । ଓଡ଼ିଶା ତାହାର ଦେଢ଼ କୋଟି ଜନସଂଖ୍ୟା ଧରି ଏଭଳି ଏକ କମିସନ ବସି ନିଷ୍ପତ୍ତି କଲାଯାଏ, ପୁଣି ସାଧାରଣ ପ୍ରଶ୍ନଗୁଡ଼ିକ ସମାଧାନ କଲାଯାଏ, ଅପେକ୍ଷା କରି ପାରିବ ନାହିଁ । ଏହାଛଡ଼ା ଭାରତରେ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଭାରତ ଓ ଇଂଲଣ୍ଡ ମଧରେ ମୌଳିକ ରାଜନୈତିକ ସଂପର୍କ ବିଷୟ ନିଷ୍ପତ୍ତି ନ ହେବାଯାଏ ଏଭଳି ଏକ କମିସନକୁ ମଧ ସ୍ୱାଗତ କରିବେ ନାହିଁ । ତେଣୁ ଏକ ସୀମା କମିସନ ଗଠନର ପ୍ରସ୍ତାବ-ସୁପାରିସ ବର୍ତ୍ତମାନର ଅବସ୍ଥା ଓ ପରିସ୍ଥିତି ଦୃଷ୍ଟେ ଅବାନ୍ତର ଓ ବର୍ଜନୀୟ ।"

ପ୍ରବନ୍ଧଟିରେ ଏକ ଉପ-ଶିରୋନାମା ଥିଲା 'ଏବେ ବି ସୁପାରିସ' ଓ ସେହି ଶିରୋନାମାର ଭାଷ୍ୟ ହିସାବରେ କୁହା ଯାଇଥିଲା "ଆମ୍ଭେମାନେ ସୁପାରିସର ସ୍ତରକୁ ବହୁଦିନୁ ପାରହୋଇ ଗଲୁଣି । ୧୯୦୨ରୁ ୧୯୦୫ ଯାଏ ଯେତେ ସରକାରୀ ନଥି ଦଲିଲପତ୍ର ବାହାରିଛି ସେ ସବୁ ପାଠ କରୁଥିବା ଲୋକ ସହଜରେ ଜାଣି ପାରିବେ ଯେ ଲର୍ଡ଼ କର୍ଜନଙ୍କ ସରକାର ତାଙ୍କର ସୁପାରିସ କଲେ । ୧୯୧୧ରେ ସମ୍ରାଟଙ୍କର ଗାଦିନସୀନ ବେଳର ଚିଠିପତ୍ର ଦିଆନିଆର ଧୂମଧାମରେ ଜଣାପଡ଼ିଲା ଯେ ଓଡ଼ିଶା ପ୍ରତି ଖୁବ୍ ଅନ୍ୟାୟ କରାଯାଇଛି । କିନ୍ତୁ ଫଳ ହେଲା ସବୁତକ ଅତୁଆତତୁଆ ପରିସ୍ଥିତି ଆହୁରି ସଂଘାତିକ ଭାବରେ ଅତୁଆତତୁଆ ହୋଇଗଲା । ଉଦାହରଣ, ବର୍ତ୍ତମାନର

Digitized by srujanika@gmail.com

ରାଜନୈତିକ ଓଡ଼ିଆ ଡ଼ିଭିଜନକୁ ଏକ ନବ-ପ୍ରତିଷ୍ଠିତ ବିହାର ଓ ଓଡ଼ିଶା ପ୍ରଦେଶ ସହିତ ସଂଯୁକ୍ତ କରି ଦିଆଯାଇଥିଲା ।

ତା' ପରେ ଆସିଲା ମଣ୍ଟଫୋର୍ଡ଼ ରିପୋର୍ଟ, ଏହି ରିପୋର୍ଟରେ ଏକ ବିଶେଷ ସୁପାରିସ କରାଗଲା । ଶାସନ ସଂସ୍କାର ଫଳରେ ଗଠିତ ସରକାରଙ୍କୁ ଓଡ଼ିଶା ଓ ବିହାର ବିଷୟରେ ଏକ ଜରୋରି ଓ ତୁରନ୍ତ ନିଷ୍ପତ୍ତି ଗ୍ରହଣକରି ଯଥାସମ୍ଭବ ଶୀଘ୍ର ତାହାକୁ କାର୍ଯ୍ୟାନ୍ୱିତ କରିବାକୁ ସୁପାରିସ କରାଯାଇଥିଲା । ଲୋକମାନଙ୍କ ତରଫରୁ ଆପତ୍ତି ଆନ୍ଦୋଳନ ଲଗାତରଭାବରେ ଚାଲୁ ରହିଥିଲା । ଜୋର୍‌ଦାର ନଛୋଡ଼ବନ୍ଧା ସମସ୍ତ ଓଡ଼ିଆଭାଷୀ ଅଞ୍ଚଳବ୍ୟାପୀ ଆନ୍ଦୋଳନର ଅବିରାମ ଗତି ଅବ୍ୟାହତ ରହିଲା । ଏହି ବିଷୟରେ ଜନମତ ଏତେ ଶକ୍ତିଶାଳୀ ଓ ଅବାରିତ ହେଲା ଯେ ସରକାର ଏକ ପୁଂଖାନୁପୁଂଖ ତଦନ୍ତ ପାଇଁ ଫିଲିପ୍-ଡ଼ଫ୍ କମିସନ ଗଢ଼ିବାକୁ ବାଧ୍ୟ ହେଲେ । ଏହାଛଡ଼ା ଓଡ଼ିଶା ସରକାର ମଧ୍ୟ ଆହୁରି ପ୍ରମାଣ ସଂଗ୍ରହ କରିବା ପାଇଁ ଜଣେ ସ୍ୱତନ୍ତ୍ର ଅଫିସର ନିଯୁକ୍ତ କରିଥିଲେ । ସାଇମନ କମିସନ ଆପଣା ଭିତରୁ ଗୋଟିଏ ସବ୍ କମିଟି ନିଯୁକ୍ତ କରି ତାହାଙ୍କ ଉପରେ ଟିକିନିଖି ପ୍ରସ୍ତାବ ଦେବାର ଦାୟିତ୍ୱ ନ୍ୟସ୍ତକଲେ । ଏତେ କାର୍ଯ୍ୟ ପରେ ପୁଣି ଏକ ସଦ୍ୟ ତଦନ୍ତର ପ୍ରୟୋଜନ ବା କ'ଣ ଅଛି ? ଓ ଏହି ପ୍ରଶ୍ନକୁ ସର୍ବଭାରତୀୟ ସ୍ତରରେ ଭାଷାଭିତ୍ତିକ ପ୍ରଦେଶ ଗଠନର ସର୍ବସାଧାରଣ ଦାବୀ ସହିତ ଯୋଡ଼ିବାର ପ୍ରାୟୋଜନ ବା କ'ଣ ରହିଛି ? ଏଥିରୁ ଜଣାପଡୁଛି ଏକ ସଦ୍ୟ ତଦନ୍ତ ଆଳରେ ଜନମତକୁ ପ୍ରବଞ୍ଚିତ କରିବା ପାଇଁ ଉଦ୍ୟମ କରାଯାଉଛି ।"

ପ୍ରବନ୍ଧର ଶେଷ ଉପ-ଶିରୋନାମା 'ତଦନ୍ତ ପ୍ରସଙ୍ଗରେ' ତଳେ ଉଲ୍ଲେଖ କରାଯାଇଛି । "ସାଇମନ କମିସନଙ୍କ ଦ୍ୱାରା ଗଠିତ ସବ୍-କମିଟି ପ୍ରଶ୍ନଟିକୁ ନ୍ୟାୟସଙ୍ଗତରୂପେ ନାଁ ସୁଚାରୁରୂପେ ବିଚାର କରିବାରେ ସମର୍ଥ ହୋଇଛନ୍ତି ? ବିଶେଷତଃ ମାନ୍ଦ୍ରାଜ ପ୍ରେସିଡ଼େନ୍‌ସି ଓଡ଼ିଆଭାଷୀମାନଙ୍କ ବିଷୟରେ ସେମାନଙ୍କର ସୁପାରିସଗୁଡ଼ିକ ପ୍ରମାଦପୂର୍ଣ୍ଣ । ଭାଇଜାଗ୍ ଏଜେନ୍‌ସି ଓ ଗଞ୍ଜାମର ସୋମପେଣ୍ଟ, ପାରଳାଖେମୁଣ୍ଡି, ଟେକାଲି ତାଲୁକାଗୁଡ଼ିକ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ କାହିଁକି ବିଚ୍ୟୁତ ହେବ ସେଥିର କୌଣସି କାରଣ ଦର୍ଶା ଯାଇନାହିଁ । ଶ୍ରୀମାନ୍ ବିଶ୍ୱନାଥ ଦାସ ମହାଶୟ ମାନ୍ଦ୍ରାଜ ବିଧାନ ପରିଷଦରେ ପ୍ରଶ୍ନ କରିଥିବା କେତୋଟି ବିଷୟ ଉପରେ ସରକାରୀ ଉତ୍ତରରେ ମାନ୍ଦ୍ରାଜ ସରକାର ସ୍ୱୀକାର କରିଛନ୍ତି ଯେ କମିସନ ଭାଇଜାଗ୍ ଏଜେନ୍‌ସିର ଓଡ଼ିଆଭାଷୀଙ୍କର ସଂଖ୍ୟା ବିଷୟରେ କୌଣସି ତଥ୍ୟ ମାଗି ନ ଥିଲେ । ତେଣୁ ମାନ୍ଦ୍ରାଜ ସରକାର ଯେଉଁଗୁଡ଼ିକ ତଥ୍ୟ ଓ ସଂଖ୍ୟା ତାଙ୍କୁ କମିସନ ମାଗିଥିଲେ

Digitized by srujanika@gmail.com

ସେହିଗୁଡ଼ିକ ହିଁ ଯୋଗାଇଛନ୍ତି । ଏସବୁ ଘଟଣା ନିଃସନ୍ଦେହରେ ପ୍ରମାଣ କରୁଛି ଯେ ଭାଇଜାଗ୍ ଏଜେନ୍‌ସିକୁ ନୂତନ ଓଡ଼ିଶା ପ୍ରଦେଶରେ ସାମିଲ କରିବାର ଆବଶ୍ୟକତା ଆଦୌ ଉକ୍ତ ସବ୍-କମିଟି ବିଗ୍ଚରକୁ ନେଇ ନାହାନ୍ତି । 'ଇଷ୍ଟକୋଷ୍ଟ' ନାମକ ପତ୍ରିକାରେ ଓ ମାଡ୍ରାଜର ଇଂରାଜୀ ଦୈନିକମାନଙ୍କରେ ମୋର ପ୍ରବନ୍ଧରେ ମୁଁ ସ୍ପଷ୍ଟଭାବରେ ଦର୍ଶାଇ ଦେଇଥିଲି ଯେ ସବୁ ସରକାରୀ ରିପୋର୍ଟ ଅନୁସାରେ ଭାଇଜାଗ୍ ଏଜେନ୍‌ସି ହୋଉଛି ବିପୁଳ ସଂଖ୍ୟାଧିକଭାବରେ ଓଡ଼ିଆ । ଏହି ସତ୍ୟକୁ ସରକାର ତାଙ୍କର ସବୁ ରିପୋର୍ଟ ଓ ପ୍ରକାଶିତ ସନ୍ଦର୍ଭମାନଙ୍କରେ ସ୍ୱୀକାର କରି ଆସିଛନ୍ତି । ଏଜେନ୍‌ସିର ଜନ ସଂଖ୍ୟାର ମେଜରିଟି ବହୁଳାଂଶ ଓଡ଼ିଆ; ଓଡ଼ିଆ ହେଉଛି ସେଠାରେ କଚେରୀ ଭାଷା । ବିଲାତ ସରକାର ଏଜେନ୍‌ସି ଦଖଲ କଲାଦିନୁ ଓଡ଼ିଆକୁ ହିଁ କନ୍ଧମାନଙ୍କ ଭିତରେ ଶିକ୍ଷାର ମାଧ୍ୟମ ଭାବରେ ରଖାଯାଇଛି । ଏହାଛଡ଼ା ପାର୍ଶ୍ୱବର୍ତ୍ତୀ ଓଡ଼ିଆ ଅଞ୍ଚଳ ଭିତରେ ହିଁ କନ୍ଧମାନଙ୍କର ଜ୍ଞାତିକୁଟୁମ୍ବ ଓ ବୈବାହିକ ସଂପର୍କ ରହିଆସିଛି । ଏହା ଓଡ଼ିଶାର ଦେଶୀୟ ରାଜ୍ୟ ଓ ବିଲାତି ଭାରତ ଅଞ୍ଚଳରେ ପରିବ୍ୟାପ୍ତ । ମୁଁ ମିଷ୍ଟର ମ୍ୟାକ୍‌ଫରସନ ଓ ଅନ୍ୟାନ୍ୟ ସ୍ୱତନ୍ତ୍ରଭାବରେ ନିଯୁକ୍ତ ଅଫିସରମାନଙ୍କର ରିପୋର୍ଟରୁ ଉଦ୍ଧୃତି ଦେଇଛି ଯେ ସେମାନେ ସେମାନଙ୍କର ତଦନ୍ତରୁ ଜାଣି ପାରିଛନ୍ତି ଯେ ଗତ ଶତାବ୍ଦୀର ଶେଷ ପଚ୍ଚଶବର୍ଷ ପର୍ଯ୍ୟାୟରେ ମଧ୍ୟ ଓଡ଼ିଆମାନେ ଆଜି ଭଳି କନ୍ଧମାନଙ୍କ ଭିତରେ ଆପଣାର ଅତି ନିକଟ ସଂପର୍କ ସ୍ଥାପନ କରିଥିଲେ । ଏହି ପ୍ରସ୍ତାବର ସାମରିକ ବିଶେଷଜ୍ଞଙ୍କର ଉଦ୍ଧୃତି ମୁଁ ଉଦ୍ଧାର କରି ଉକ୍ତ ପ୍ରବନ୍ଧରେ ସନ୍ନିବିଷ୍ଟ କରିଥିଲି ।

× × × ×

ବାରିଷ୍ଟର ବିଶ୍ୱନାଥ ମିଶ୍ର ଓ ତାଙ୍କର ସହକର୍ମୀ ବନ୍ଧୁମାନଙ୍କର ଏଭଳି ଆନ୍ଦୋଳନ ଫଳରେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ସୀମା ସଂକ୍ରାନ୍ତ ପ୍ରଶ୍ନ ଏକ ସର୍ବମୋଟ ସୀମା କମିସନ ହାତରେ ନ୍ୟସ୍ତ ହେବାର ନିଷ୍ପତ୍ତି ବାତିଲ ହୋଇଯାଇଥିଲା । ଏହାପରେ ପ୍ରଥମ ଗୋଲଟେବୁଲ ବୈଠକରେ ପାରଳାର ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କର ପ୍ରତ୍ୟକ୍ଷ ଅନୁଯୋଗ ଓ ଭାଷଣ ଫଳରେ ଯେତେବେଳେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ସରକାରୀ ଶ୍ୱେତପତ୍ର ପ୍ରକାଶିତ ହେଲା, ସେତେବେଳେ ଏହି ପ୍ରସ୍ତାବିତ ସ୍ୱତନ୍ତ୍ର ପ୍ରଦେଶ ପାଇଁ ସ୍ୱତନ୍ତ୍ରଭାବରେ ଏକ ସୀମା ନିର୍ଦ୍ଧାରଣ କମିଟି ଗଠନ ହୋଇଥିଲା । ଏହାର ନାମ ଥିଲା ଓ'ଡ଼ନେଲ କମିଟି । ଏହି କମିଟିରେ ସାର୍ ସାମୁଏଲ ଓ'ଡ଼ନେଲ ଚେଆରମ୍ୟାନ ଓ ସର୍ବଶ୍ରୀଯୁକ୍ତ ଫୁକୁନ ଓ ମେହେଟା ସଦସ୍ୟ ରହିଥିଲେ । ଦୁର୍ଭାଗ୍ୟର କଥା ସଦସ୍ୟ ଦ୍ୱୟ ଜୟପୁର ଓ ପାରଳାଖେମଣ୍ଡି ପ୍ରସ୍ତାବିତ ଓଡ଼ିଶା

Digitized by srujanika@gmail.com

ପ୍ରଦେଶରେ ମିଶିବା ସପକ୍ଷରେ ମତ ଦେଲେ ମଧ ସାର୍ ଓ'ଡ଼ନେଲ ଭିନ୍ନ ମତ ପୋଷଣ କରିଥିଲେ। ଏହି ଜଟିଳ ପରିସ୍ଥିତିର ସମାଧାନ ବେଳକୁ ବାରିଷ୍ଟର ବିଶ୍ୱନାଥ ମିଶ୍ର ଚତୁର୍ଥ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ଭାବରେ ନିର୍ବାଚିତ ହୋଇସାରିଥିଲେ।

ଓ'ଡ଼ନେଲଙ୍କର ବିରୋଧୀ ମତାମତ ପାଇଁ ସେ କେଉଁ କାରଣଗୁଡ଼ିକ ଉପରେ ନିର୍ଭର କରୁଥିଲେ ଓ କେଉଁମାନଙ୍କର ପ୍ରଚ୍ଛନ୍ନ ହାତ ତାଙ୍କର ଭିନ୍ନମତପାଇଁ ଦାୟୀ ତାହା ଏ ପର୍ଯ୍ୟନ୍ତ ଅନୁମାନ ଭିତରେ ହିଁ ରହି ଯାଇଛି। ସେ କାଳର 'ବିଭେଦ କର ଓ ଶାସନ ଚଳାଅ' ନୀତିର ଅଭ୍ୟାସଗତ ପ୍ରୟୋଗ ଆଂଶିକଭାବରେ ଓ ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆ ମିଶ୍ରଣ ବିରୋଧୀ ଲବିର ପ୍ରଭାବ ମଧ ଅନ୍ୟଭାବରେ ତାଙ୍କୁ ପ୍ରଭାବିତ କରିଥିଲା। କିନ୍ତୁ ଏହି ଭିନ୍ନ ମତ ପୋଷଣକୁ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳର ଲୋକେ ଏକ ସ୍ୱରରେ ପ୍ରତିବାଦ କରି ନ ଥିଲେ। ଏପରିକି କେତେକ ବ୍ୟକ୍ତି ପାରଳାଖେମୁଣ୍ଡିର ବହୁଳାଂଶ ଓ ଜୟପୁର ସମସ୍ଥାନ ଓଡ଼ିଶାରୁ ପୃଥକ ରହିବାରେ ନାନା ଛଳନାର ପସନ୍ଦ କରୁଥିଲେ।

ଏଭଳି ଆନ୍ତର୍ଘାତୀ ବିରୋଧ ବିରୁଦ୍ଧରେ ଯେଉଁମାନେ ଦୃଢ଼ଭାବରେ ସଂଗ୍ରାମ କରିଥିଲେ ସେମାନଙ୍କ ଭିତରେ ବିଶ୍ୱନାଥ ମିଶ୍ରଙ୍କର ଭୂମିକା ଥିଲା ପ୍ରଧାନ ଓ ଗୁରୁତ୍ୱପୂର୍ଣ୍ଣ। କାରଣ ବିଶ୍ୱନାଥ ଥିଲେ ଓଡ଼ିଆଭାଷୀ ଅଞ୍ଚଳ ମିଶ୍ରଣରେ ଗଞ୍ଜାମର ପ୍ରବକ୍ତା। ତେଣୁ ଗଞ୍ଜାମ, କୋରାପୁଟର ମିଶ୍ରଣ ଅମିଶ୍ରଣ ବିଷୟରେ ତାଙ୍କର କାର୍ଯ୍ୟ ଓ କଥା ବାସ୍ତବପକ୍ଷରେ ଥିଲା ଅତ୍ୟନ୍ତ ମୂଲ୍ୟବାନ।

Digitized by srujanika@gmail.com

ଜାତୀୟ ଜୀବନ ସ୍ରୋତର ଘାତ-ପ୍ରତିଘାତ

(ଏକ)

୧୯୨୭ ଠାରୁ ୧୯୨୯ ଶେଷଯାଏ ତୃତୀୟ କେନ୍ଦ୍ର ବ୍ୟବସ୍ଥାପକ ସଭା ଥିଲା ତୁମୁଳ ତୋଫାନର କ୍ଷେତ୍ର। ବିଧାନ ସଭା ବାହାରେ ଓ ଭିତରେ ବହୁ ଖଣ୍ଡ ସଂଗ୍ରାମରେ ଭାରତର ଜାତୀୟ ପ୍ରାଣ ସ୍ରୋତ ଉଦ୍‌ବେଳିତ ହେଉଥିଲା।

ଏହି ସମୟକୁ ଭାରତ ଜାତୀୟତାର ଇତିହାସର ସଂଗ୍ରାମର ସମ୍ଵତ୍ସର ବୋଲି କୁହାଯାଏ। ୧୯୨୬ ମାର୍ଚ୍ଚ ୮ ତାରିଖରେ ସ୍ୱରାଜ ଦଳଙ୍କର ବ୍ୟବସ୍ଥାପକ ସଭା କକ୍ଷତ୍ୟାଗ, ୧୯୨୬ ଫେବୃଆରୀ ମାସରେ 'ଗଠନମୂଳକ ସହଯୋଗୀମାନଙ୍କର ଜୟକରଙ୍କ ନେତୃତ୍ୱରେ ନୂତନ ଦଳ ଗଠନ ପରି ସେହି ମୋତିଲାଲ ନେହେରୁଙ୍କ ପରିଚାଳିତ ଦଳ ଭିତରେ 'ସାବରମତି ରାଜିନାମା' ଓ ପରେ ଉକ୍ତ ରାଜିନାମାର କ୍ଷଣସ୍ଥାୟୀ ଜୀବନ ପରେ ମୃତ୍ୟୁ। ପଣ୍ଡିତ ମଦନମୋହନ ମାଲବ୍ୟ ଓ (ପରେ) ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ହିନ୍ଦୁ ମହାସଭା ସମେତ କେତେକ ସଦସ୍ୟଙ୍କୁ ଘେନି ସ୍ୱାଧୀନ ଦଳ ଗଠନ ଇତ୍ୟାଦି ଥିଲା ୧୯୨୬ ମସିହାର ବ୍ୟବସ୍ଥାପକ ସଭାର ଇତିହାସ। ବିଶ୍ୱନାଥ ମିଶ୍ର ଯେ ଏହି ବ୍ୟବସ୍ଥାପକ ସଭାରେ ପ୍ରବେଶକରି ପାରିଲେ ନାହିଁ, ଉପରୋକ୍ତ ରାଜନୈତିକ ଅସ୍ଥିରତାହିଁ ଏଥିରେ ଏକ ପ୍ରଧାନ କାରଣ ଥିଲା। ଏହାଛଡ଼ା ଭାରତରେ ଅସହଯୋଗ ଆନ୍ଦୋଳନ ୧୯୨୨ରେ ପରିସମାପ୍ତି ଘଟିଲା। ତୁର୍କୀରେ କେମାଲ ପାଶାଙ୍କ ଅଭ୍ୟୁଦୟ ଫଳରେ ଖିଲାପତ୍ ଆନ୍ଦୋଳନର କୌଣସି ଅର୍ଥ ରହିଲା ନାହିଁ। ତେଣୁ ହିନ୍ଦୁ ମୁସଲମାନଙ୍କ ଭିତରେ କୌଣସି ମୈତ୍ରୀର ସେତୁ ଆଉ ରହିଲା ନାହିଁ। ଭାରତବର୍ଷରେ ସାଂପ୍ରଦାୟିକ କଳହ ମୁଣ୍ଡ ଟେକିଉଠିଲା। ଏହାର ଚରମ ପରିଣତି ସ୍ୱରୂପ କଲିକତାରେ ୧୯୨୬ ମେ-ଜୁଲାଇ ମାସରେ ଏକ ଭୟାନକ ହିନ୍ଦୁ ମୁସଲମାନ ଦଙ୍ଗା ଦେଖା ଦେଇଥିଲା।

୧୯୨୬ ନଭେମ୍ବର ମାସରେ ତୃତୀୟ କେନ୍ଦ୍ର ବ୍ୟବସ୍ଥାପକ ସଭାର ନିର୍ବାଚନ ଏହିଭଳି ତିକ୍ତ, ରୁକ୍ଷ ଓ ବିଭେଦସଂକୁଳ ବାତାବରଣ ଭିତରେ ଅନୁଷ୍ଠିତ ହୋଇଥିଲା। ପୂର୍ବୋକ୍ତ ମତେ ସ୍ୱରାଜ ଦଳ ବିଧାନସଭାରେ କଂଗ୍ରେସ ନାମ ଧରି ପ୍ରବେଶ କରିଥିଲେ। ୧୯୨୭ ଜାନୁଆରୀଠାରୁ ୧୯୩୦ ବଜେଟ ଅଧିବେଶନ ଯାଏ ଏହି

Digitized by srujanika@gmail.com

ତୃତୀୟ ସଭା ଗ୍ଭଲିଥିଲା । ଏହି ସଭାର ଆୟୁଷ ଅନ୍ୟ ପୂର୍ବବର୍ତ୍ତୀ ସଭାମାନଙ୍କର ଆୟୁଷଠାରୁ ଏକବର୍ଷ ବଢ଼ି ଯାଇଥିଲା । କାରଣ ୧୯୨୯ର ମଧ ଭାଗରେ ତତ୍‌କାଳୀନ ଭାଇସରାୟ ଲର୍ଡ଼ ଇରଉଇନ୍ ମେ' ମାସରେ ଘୋଷଣା କରିଥିଲେ ଯେ, ସାଇମନ କମିସନ ରିପୋର୍ଟ ପ୍ରସ୍ତୁତ ହୋଇ ନ ଥିବାରୁ ୧୯୨୯ ଶରତ ଋତୁରେ ହେବାକୁଥିବା ଭାରତୀୟ ନିର୍ବାଚନ ସ୍ଥଗିତ ରଖାଗଲା । ଇତି ମଧ୍ୟରେ ୧୯୨୯ ଡ଼ିସେମ୍ବର ୩୧ ତାରିଖରେ ଲାହୋର କଂଗ୍ରେସ ଭାରତର ପୂର୍ଣ୍ଣ ସ୍ୱାଧୀନତା କଂଗ୍ରେସର ଲକ୍ଷ୍ୟ ବୋଲି ଘୋଷଣା କଲା । ତେଣୁ ୧୯୩୦ ମସିହାରେ ପ୍ରାରମ୍ଭରୁ ଭାରତରେ ଏକ ଉତ୍ତେଜନାପୂର୍ଣ୍ଣ ପ୍ରତୀକ୍ଷା ଦେଖା ଦେଇଥିଲା । ପୂର୍ଣ୍ଣ ସ୍ୱରାଜ ଲାଭ ପାଇଁ ଗାନ୍ଧିଜୀ କି ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରିବେ ସେଥିପାଇଁ ସାରା ଭାରତରେ ଉତ୍କଣ୍ଠା ଜାଗି ରହିଥିଲା । ଜବାହରଲାଲ ନେହେରୁ ଏହି ସମୟକୁ ଲକ୍ଷ୍ୟ କରି ଲେଖିଥିଲେ "ଚକ ଘୂରିବାକୁ ପ୍ରସ୍ତୁତ, ତଥାପି ଆମେ ଜାଣିନାହୁଁ କିପରି ଓ କେତେବେଳେ ଆମକୁ ଆରମ୍ଭ କରିବାକୁ ହେବ ।"

ଲାହୋର କଂଗ୍ରେସ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସ୍ୱରୂପ ନୂତନ କଂଗ୍ରେସ କାର୍ଯ୍ୟକାରୀ କମିଟି ସର୍ବପ୍ରଥମେ ସରକାରୀ କଳ ସହିତ ସହଯୋଗକୁ ପ୍ରତ୍ୟାହାର କରିବାର ପ୍ରଥମ ପର୍ଯ୍ୟାୟ ରୂପେ ବିଧାନ ପରିଷଦ ବର୍ଜନକୁ ଘୋଷଣା କଲେ ଓ ବ୍ୟବସ୍ଥାପକ ସଭାମାନଙ୍କ ପାଇଁ ହେବାକୁ ଯାଉଥିବା ନିର୍ବାଚନରେ ଭାଗ ନ ନେବା ପାଇଁ କମିଟି ଭୋଟରମାନଙ୍କୁ ଆହ୍ୱାନ କଲେ । ତେଣୁ ୧୯୩୦ ଜାନୁଆରୀ ୨୦ ତାରିଖରେ ଏହି ତୃତୀୟ ବ୍ୟବସ୍ଥାପକ ସଭାର ୬ଷ୍ଠ ଅଧିବେଶନରେ ଉକ୍ତ ସଭାର ସତେଇଶ ଜଣ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ଫଳରେ ବ୍ୟବସ୍ଥାପକ ସଭାର ସର୍ବମୋଟ ୪୦ ଜଣ ସଦସ୍ୟଙ୍କ ଭିତରୁ ବାକି ତେର ଜଣ ଇସ୍ତଫା ଦେଇ ନ ଥିଲେ । ଏହି ତେର ଜଣଙ୍କ ଭିତରେ ଓଡ଼ିଶାର ଦୁଇଜଣ ବ୍ୟବସ୍ଥାପକ ପଣ୍ଡିତ ନୀଳକଣ୍ଠ ଦାସ ଓ ଶ୍ରୀଯୁକ୍ତ ବି.ଦାସ ଥିଲେ ଅନ୍ୟତମ ।

କଂଗ୍ରେସର ନିର୍ଦ୍ଦେଶ ଥିଲା ଯେ ବିଧାନ ପରିଷଦମାନଙ୍କର (ଉଭୟ କେନ୍ଦ୍ର ଓ ପ୍ରଦେଶ) ଯେଉଁ ସଦସ୍ୟମାନେ ଇସ୍ତଫା ଦେଇ ନାହାନ୍ତି, ସେମାନଙ୍କୁ ଇସ୍ତଫା ଦେବା ପାଇଁ ତାଲିକାଭୁକ୍ତ ଭୋଟରମାନେ ନିବେଦନ କରନ୍ତୁ । ଏହି ନିବେଦନ ଫଳରେ ପଣ୍ଡିତ ନୀଳକଣ୍ଠ ଦାସ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ପଦରୁ ଇସ୍ତଫା ଦେଇ ଲବଣ ସତ୍ୟାଗ୍ରହ ପାଇଁ ଆପଣାକୁ ପ୍ରସ୍ତୁତ କରିବାକୁ ବାହାରି ଆସିଲେ, ଉତ୍କଳ ଦୀପିକାରେ ପ୍ରକାଶିତ ସମ୍ବାଦ ଅନୁସାରେ "୩୧।୫।୧୯୩୦ ମସିହାରେ

Digitized by srujanika@gmail.com

ବାରିଷ୍ଟର ବିଶ୍ୱନାଥ ମିଶ୍ର ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ଥାନରେ ବଡ଼ଲାଟ ସଭାର ସଭ୍ୟ ରୂପେ ଉପ-ନିର୍ବାଚନରେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଅଛନ୍ତି।"

(ଦୁଇ)

ତୃତୀୟ ବ୍ୟବସ୍ଥାପକ ସଭାର ସେତେବେଳକୁ ପ୍ରାୟ ଶେଷ ପର୍ଯ୍ୟାୟ। ବଜେଟ ଅଧିବେଶନ ପ୍ରାୟ ସରି ଆସିଥାଏ। ପୂର୍ବ ନିଷ୍ପତ୍ତି ଅନୁସାରେ ୧୯୩୦ ସାଲର ସେପ୍ଟେମ୍ବର ମାସରେ ଚତୁର୍ଥ ବ୍ୟବସ୍ଥାପକ ସଭାର ଯବନିକା ନଇଁ ଆସୁଥିଲା। ତଥାପି ସେହି ସମୟ ଥିଲା ଭାରତର ଇତିହାସରେ ଏକ ଘଟଣାବହୁଳ କାଳ। ବ୍ୟବସ୍ଥାପକ ସଭା ଗୃହରୁ କଂଗ୍ରେସ ବା ସ୍ୱରାଜ୍ୟଦଳର ବହୁଳାଂଶ ବାହାରି ଯାଇଥିଲେ। ଯେଉଁମାନେ ଇସ୍ତଫା ନ ଦେଇ ରହି ଯାଇଥିଲେ ସେହି ସ୍ୱରାଜପନ୍ଥୀମାନେ ବୃହତ୍ତମଦଳର ମର୍ଯ୍ୟାଦା ହରାଇ ପଛ ବେଞ୍ଚରେ ଆସନ ଗ୍ରହଣ କରିଥିଲେ। ମଦନ ମୋହନ ମାଳବ୍ୟଙ୍କ ନେତୃତ୍ୱରେ ପରିଚ୍ଳିତ ଜାତୀୟବାଦୀଦଳ ସେତେବେଳେ ଥିଲେ ମୁଖ୍ୟ ବିରୋଧୀ ଦଳ।

ତେବେ ବିଶ୍ୱନାଥ ମିଶ୍ରେ ନିର୍ବାଚିତ ହେଲାବେଳକୁ ଭାରତର ଆକାଶ ଘନଘଟାଚ୍ଛନ୍ନ ହୋଇ ଯାଇଥିଲା। ପ୍ରଥମ କଥା, ବ୍ୟବସ୍ଥାପକ ସଭାର ସୁଯୋଗ୍ୟ ସଭାପତି ବିଠଲଭାଇ ପଟେଲଙ୍କର ଇସ୍ତଫା। ବିଠଲଭାଇ ପଟେଲ ସଭାର ସଭାପତି ଥିବା ଦୃଷ୍ଟିରୁ ଲାହୋର କଂଗ୍ରେସର ଆଦେଶମାନି ଏକ ରାଜନୈତିକ ଦଳର ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ ପ୍ରଥମେ ଉଚିତ ମନେ କରି ନ ଥିଲେ। ତେବେ ବ୍ୟବସ୍ଥାପକ ସଭା ଗୃହରେ ପୋଲିସ ଜଗୁଆଳ ରଖିବା ପ୍ରଶ୍ନ ଉପରେ ତାଙ୍କ ସହିତ ବଡ଼ଲାଟଙ୍କର ସଂଘର୍ଷ ଏକ ଗୁରୁତର ସାମ୍ବିଧାନିକ ସଙ୍କଟ ସୃଷ୍ଟି କଲା। ୧୯୨୯ ଅପ୍ରେଲ ୮ ତାରିଖରେ ଶ୍ରମିକମାନଙ୍କର ଟ୍ରେଡ୍ ୟୁନିଅନ ଅଧିକାର ବିରୁଦ୍ଧରେ ଯେଉଁ 'କଳାକାନୁନ' ଆଗତ ହୋଇଥିଲା ତାହା ବେସରକାରୀ ସଭ୍ୟମାନଙ୍କର ପ୍ରବଳ ବିରୋଧ ସତ୍ତ୍ୱେ ଗୃହୀତ ହୋଇ ଯାଇଥିଲା।

ଗୃହୀତ ହେବାର ଘୋଷଣା ସଙ୍ଗେ ସଙ୍ଗେ ଦର୍ଶକ ମଞ୍ଚରୁ ଦୁଇଟି ବୋମା ପଡ଼ିଥିଲା ଓ ସରକାରୀ ସଭ୍ୟମାନେ ବସିଥିବା ଆସନ ଭିତରେ ବୋମା ଦୁଇଟିର ବିସ୍ଫୋରଣ ଘଟିଥିଲା। (ଏହି ବୋମା ଘଟଣା ପରେ ବିଖ୍ୟାତ ସହିଦ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତଙ୍କୁ ପୋଲିସ ଗିରଫ କରିଥିଲେ। ପରେ ପରେ ଆଉ ବହୁ ବିପ୍ଳବୀ ଗିରଫ ହୋଇଥିଲେ। ଏମାନଙ୍କ ବିରୁଦ୍ଧରେ ଯେଉଁ ମାମଲା ଦାଏର

Digitized by srujanika@gmail.com

ହୋଇଥିଲା ତାହା ଲାହୋର ଷଡ଼ଯନ୍ତ୍ର ମାମଲା ନାମରେ ଭାରତର ସ୍ୱାଧୀନତା ଇତିହାସରେ ସୁବିଦିତ । ଏହି ମାମଲାର ରାୟରେ ବିପ୍ଳବୀ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତ ଓ ଆଉ ଜଣେ ବିପ୍ଳବୀ ଫାସି ପାଇଥିଲେ ।) ଏହି ବିଷୟରେ ଅନୁସନ୍ଧାନ କରିବାକୁ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ସଭ୍ୟଙ୍କର ଅଧକ୍ଷତାରେ ସଭାର ଏକ କମିଟି ସଭାପତି ବିଠଲଭାଇ ପଟେଲ ନିଯୁକ୍ତ କରିଥିଲେ ।

ହଠାତ୍ ୧୯୩୦ ଜାନୁଆରୀ ୨୦ ତାରିଖ ଦିନ ସଭାପତି ଦେଖିଲେ, କେତେକ ପୋଷାକ ପିନ୍ଧା ପୋଲିସ ଦର୍ଶକ ମଞ୍ଚରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବସିଛନ୍ତି । ସେ ଦର୍ଶକ ମଞ୍ଚକୁ ଖାଲି କରିବାକୁ ଆଦେଶ ଦେଲେ । ଅନିଚ୍ଛା ସତ୍ତ୍ୱେ ପୋଲିସ ସେଠାରୁ ହଟି ଗଲେ । ଏଥିପାଇଁ ସଭାପତିଙ୍କ ସହିତ ଭାଇସରାୟଙ୍କର ତୁମୁଳ ବାଦାନୁବାଦ ଲାଗିଲା । ଶେଷରେ ସଭାପତିଙ୍କର ନିଷ୍ପତ୍ତି କାଏମ ରହିଲା । ସରକାରଙ୍କର ଜଣେ ବରିଷ୍ଠ ଅଫିସର ବ୍ୟବସ୍ଥାପକ ସଭାର ସୁରକ୍ଷା ପାଇଁ ସଭାପତିଙ୍କ ଅଧୀନରେ ମୁତୟନ ହେଲେ ଓ ସେ ସଭାପତିଙ୍କ ନିକଟରେ ଦାୟୀ ରହିଲେ । ସଭାଗୃହ ବାହାରେ ପୋଲିସକୁ ଦିଆଯାଉଥିବା ଆଦେଶ ଦିଲ୍ଲୀର ସରକାରୀ ପ୍ରଶାସନ ସଭାପତିଙ୍କ ଅନୁମୋଦନ ଓ ମଞ୍ଜୁରି ଅନୁସାରେ ହିଁ ଦେଇପାରିବେ ।

ସଂଘର୍ଷ ଚାଲୁ ରହିଲା । ଏଣେ ଭାଇସ୍‌ରାୟ ଭାରତରେ ବ୍ରିଟିଶ ରାଜାଙ୍କ ଲକ୍ଷ୍ୟ ବିଷୟରେ ଆପଣାର ବିବୃତି ଦେବାରେ ଲାଗିଥିଲେ । ରେଳବାଇ ବଜେଟ୍ ମଧ୍ୟ ଏକ ଶକ୍ତିଶାଳୀ ବିରୋଧୀ ଦଳର ଅଭାବ ଯୋଗୁଁ କିଛିତ ଆଲୋଚନା ପରେ ଗୃହୀତ ହୋଇ ଯାଇଥିଲା । କିନ୍ତୁ ଜାନୁଆରୀ ୨୬ ତାରିଖରେ ଭାରତର ପ୍ରଥମ 'ସ୍ୱାଧୀନତା ଶପଥ' ଦିବସ ପାଳିତ ହୋଇଥିଲା । ଦେଶ ସାରା ପ୍ରଚଣ୍ଡ ଉନ୍ମାଦନା । ଗାନ୍ଧିଜୀ କି ସଂଗ୍ରାମର ଡାକରା ଦେବେ ସେଥିପାଇଁ ପ୍ରବଳ ଆଗ୍ରହ ।

ଜାନୁଆରୀ ୩୦ ତାରିଖରେ ଗାନ୍ଧିଜୀ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ଏଗାରଟି ସର୍ତ୍ତ ଉପସ୍ଥାପିତକରି ତାହାକୁ ପୂରଣ କରିବାକୁ ଭାଇସ୍‌ରାୟଙ୍କୁ ଆହ୍ୱାନ କଲେ । ଏଥିରେ କଂଗ୍ରେସ ସଭାପତି ଓ ବହୁ ତୁଙ୍ଗ କଂଗ୍ରେସ ନେତା ଆଶଙ୍କା ପ୍ରକାଶ କଲେ ଓ ଅସନ୍ତୁଷ୍ଟ ହେଲେ ଯେ ଗାନ୍ଧିଜୀ ପୂର୍ଣ୍ଣ ସ୍ୱାଧୀନତା ଦାବୀକୁ କୋହଳ କରି ଦେଉଛନ୍ତି । କିନ୍ତୁ ଗାନ୍ଧିଜୀଙ୍କର ଆହ୍ୱାନକୁ ବଡ଼ଲାଟ ଗ୍ରହଣ କଲେ ନାହିଁ । ତେଣୁ ମାର୍ଚ୍ଚ ମାସ ଦୁଇ ତାରିଖରେ ଭାଇସ୍‌ରାୟଙ୍କୁ ନୋଟିସ ଦେଇ ଲବଣ ସତ୍ୟାଗ୍ରହ ପାଇଁ 'ଦାଣ୍ଡିଯାତ୍ରା' ଆରମ୍ଭ କଲେ । ମାର୍ଚ୍ଚ ମାସ ୭ ତାରିଖ ଦିନ ସରକାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଗିରଫ କଲେ । ମାର୍ଚ୍ଚ ୧୦ ତାରିଖରେ ପଣ୍ଡିତ ମାଲବ୍ୟ ପଟେଲଙ୍କର ଗିରଫଦାରୀ

Digitized by srujanika@gmail.com

ଉପରେ ମୁଲତବୀ ପ୍ରସ୍ତାବ ଆଣିଲେ। ସ୍ୱରାଜ ଦଳର ଅନୁପସ୍ଥିତି, ସ୍ୱାଧୀନ ସଭ୍ୟମାନଙ୍କର ନିରପେକ୍ଷତା ଓ ମୁସଲମାନ ସଭ୍ୟଙ୍କ ବିରୋଧ ଯୋଗୁଁ ମୁଲତବୀ ପ୍ରସ୍ତାବ କାଟ ଖାଇଗଲା। ମାର୍ଚ୍ଚ ମାସ ୧୩ ତାରିଖରେ ଭାରତ ସରକାର କପାସୂତୀ କପଡ଼ା ଶିଳ୍ପ ବିଷୟରେ ଗୋଟିଏ ବିଲ୍‌ରେ ଭାରତକୁ ଆମଦାନି ହେଉଥିବା ତୁଳା ଲୁଗା ଉପରେ ଅନ୍ୟାନ୍ୟ ବିଦେଶୀ ତୁଳା କପଡ଼ାଠାରୁ ବିଲାତକୁ ଶତକଡ଼ା ୫ ଭାଗ ଶୁଳ୍କ ରିହାତି ଦେବାର ପ୍ରସ୍ତାବ ଦେଲେ। ମାଲବ୍ୟ, କୁଞ୍ଜରୁ, ବି: ଦାସ, ଘନଶ୍ୟାମ ଦାସ ବିରଳା, ଜୟକର, ନିଯୋଗୀ ଇତ୍ୟାଦି ବହୁ ସଦସ୍ୟ ଏହାର ବିରୋଧ କରିଥିଲେ। ଏହା ଥିଲା ବିଲାତ ସାମ୍ରାଜ୍ୟବାଦୀଙ୍କର ଅଗ୍ରାଧିକାର ପାଇଁ ଉଦ୍ଧତ ଦାବୀ। କିନ୍ତୁ ଏହି ବିଲ ପାସ ହୋଇଗଲା। ସଭାପତି ବ୍ୟବସ୍ଥାପକ ସଭାର ଅଧିବେଶନ ମୁଲତବୀ କରିଦେଲେ ଓ ଦୁଇ ଦିନ ପରେ ଅପ୍ରେଲ ଦୁଇ ତାରିଖରେ ମାଲବ୍ୟ ସଦସ୍ୟ ପଦରୁ ଇସ୍ତଫା ଦେଲେ।

ଅପ୍ରେଲ ୫ ତାରିଖରେ ମହାତ୍ମାଗାନ୍ଧୀ ଦାଣ୍ଡିରେ ଆନୁଷ୍ଠାନିକ ଭାବରେ ସମୁଦ୍ର ବେଳା ଭୂମିରୁ ମୁଠାଏ ଲୁଣ ଗୋଟାଇ ଧରିଲେ। ଦେଶ ସାରା 'ଲବଣ ସତ୍ୟାଗ୍ରହ' ଆନ୍ଦୋଳନ ଆରମ୍ଭ ହୋଇଗଲା। ଅପ୍ରେଲ ୧୮ ତାରିଖଦିନ ବଙ୍ଗଳାର ବିପ୍ଳବୀ ସୂର୍ଯ୍ୟ ସେନ (ଡ଼ାକନାମ ମାଷ୍ଟରଜୀ)ଙ୍କ ନେତୃତ୍ୱରେ ଦଳେ ଅସୀମ ସାହସିକ ତେଜିୟାନ ଯୁବକ ଚଟ୍ଟଗ୍ରାମର ଅସ୍ତ୍ରାଗାର ଉପରେ ଚଢ଼ାଉ କଲେ ଓ ପ୍ରାୟ ୨୪ ଘଣ୍ଟା ଯାଏ ସଶସ୍ତ୍ର ଫୌଜ ସହିତ ସଂଘର୍ଷ ଚଳାଇ ରଖିଲେ। ଅପ୍ରେଲ ୨୩ ତାରିଖ ଦିନ ସୀମାନ୍ତ ଗାନ୍ଧୀ ଅବଦୁଲ ଗଫର ଖାଁଙ୍କ ଗିରଫ ବିରୁଦ୍ଧରେ ପ୍ରତିବାଦ ସଭାର ଜନତା ଉପରକୁ ଗୁଳି ଚଳାଇବା ପାଇଁ ୩୯ତମ ଘରୱାଲି ରାଇଫଲ୍‌ର ଦୁଇ ପ୍ଲାଟୁନ ସୈନ୍ୟ ଅସ୍ୱୀକାର କରି ସରକାରଙ୍କୁ ବିଚଳିତ କରି ଦେଇଥିଲେ।

ଭାରତ ସରକାରଙ୍କର ବୁଦ୍ଧିବଣା ହେଲା ଭଳି ଅବସ୍ଥା ହୋଇଗଲା। ଅପ୍ରେଲ ୧୮ ତାରିଖ ଦିନ ଜବାହାରଲାଲ ନେହେରୁ ଗିରଫ ହେଲେ ଓ ଅପ୍ରେଲ ୨୩ ତାରିଖରେ ବ୍ୟବସ୍ଥାପକ ସଭାର ଅନୁପସ୍ଥିତିରେ ବଙ୍ଗଳା ଅର୍ଡିନାନ୍‌ସ ଜାରି ହୋଇଗଲା। ଆନ୍ଦୋଳନକୁ ଦମନ କରିବାକୁ ଏହି ଅର୍ଡିନାନ୍‌ସରେ ଶାସନ ବିଭାଗକୁ ଓ ମାଜିଷ୍ଟ୍ରେଟମାନଙ୍କୁ ଅଖଣ୍ଡ କ୍ଷମତା ଦିଆଗଲା।

ମେ ମାସ ୫ ତାରିଖରେ ଗାନ୍ଧିଜୀଙ୍କୁ ଗିରଫ କରାଗଲା। ସରକାର ତାଙ୍କର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ଯେତିକି ଦୃଢ଼ କରିବାରେ ଲାଗିଲେ ଭାରତରେ ଜନ ଆନ୍ଦୋଳନ ସେତିକି କ୍ଷିପ୍ର ଗତିରେ ଅଗ୍ରସର ହେଲା। ଯଦିଚ ଗାନ୍ଧିଜୀଙ୍କର ପୂର୍ବ

Digitized by srujanika@gmail.com

ନିର୍ଦ୍ଦେଶ ମତେ ଓ ସୀମିତ ପରିସର ଦୃଷ୍ଟିରୁ ଏଥିରେ ବ୍ୟକ୍ତିଗତ ବା ସାମୂହିକ ଭାବରେ ସତ୍ୟାଗ୍ରହ ଛଡ଼ା ଅନ୍ୟ କୌଣସି ପ୍ରକାର ଗଣ ସହଯୋଗ ଆନ୍ଦୋଳନର ଅବକାଶ ନ ଥିଲା। ଏହିଭଳି ପରିସ୍ଥିତିର ପ୍ରତିକ୍ରିୟା ଫଳରେ ଅପ୍ରେଲ ୨୫ ତାରିଖରେ ବିଠଲଭାଇ ପଟେଲ ବିଧାନ ସଭାର ସଭାପତି ଓ ସଦସ୍ୟ ଉଭୟ ପଦରୁ ଇସ୍ତଫା ଦେଇଥିଲେ।

(ତିନି)

ଜୁଲାଇ ମାସ ୭ ତାରିଖରେ ଯେତେବେଳେ ବିଧାନ ସଭାର ଗ୍ରୀଷ୍ମ ଅଧିବେଶନ ଆରମ୍ଭ ହେଲା, ସେତେବେଳେ ଉପରଲିଖିତ ଗତ ମାସଗୁଡ଼ିକରେ ଘଟିଯାଇଥିବା ନାଟକୀୟ ରାଜନୈତିକ ଘଟଣାର ପ୍ରଭାବ ପରିଲିକ୍ଷିତ ହେଲା। ଦେଶରେ ଚାଲିଥିବା ଆଇନ ଅମାନ୍ୟ ଆନ୍ଦୋଳନ ଓ ସରକାରଙ୍କର ସେଥିପ୍ରତି ମତିଗତିର ପରିପ୍ରେକ୍ଷୀରେ ସଦସ୍ୟମାନେ ଆପଣା ଅପାଣାର ସ୍ଥିତି ସ୍ଥିର କରି ନେଇଥିଲେ। ଅଧିକନ୍ତୁ ବହୁ ଅପେକ୍ଷା ଓ ଆଶାର ଲକ୍ଷ୍ୟବସ୍ତୁ ସାଇମନ କମିସନ ରିପୋର୍ଟ ଜୁନ ମାସରେ ପ୍ରକାଶିତ ହେଲା ଓ ତାହା ଭାରତୀୟ ଦେଶପ୍ରେମୀମାନଙ୍କର ସାଧାରଣ ନିରାଶାର କାରଣ ହେଲା। ଏତିକି ବେଳେ ଓଡ଼ିଶାର କବି ବାଞ୍ଛାନିଧି ମହାନ୍ତି ସଙ୍ଗୀତ ଲେଖିଥିଲେ।

"ସାଇମନ ରିପୋର୍ଟ ଲେଖା
ସରିଗଲା, ହେଲା ପଦାରେ ବିକା"

ସାଇମନ କମିସନ ରିପୋର୍ଟରେ କିଛି ସୁଫଳ ଥିବାର ଆଶା ଅବଶ୍ୟ ନ ଥିଲା। କିନ୍ତୁ ତାହାକୁ ଭାରତୀୟ ଜନ ଆନ୍ଦୋଳନ ପ୍ରତି ବ୍ରିଟିଶ ସରକାରଙ୍କର ଖାତିରର ମାପକାଠି ଭାବରେ ସାରା ଭାରତ ଅନାଇ ରହିଥିଲା।

ଜୁଲାଇ ୯ ତାରିଖ ୧୯୩୦ରେ ପ୍ରାୟ ସାତ ବର୍ଷ ପରେ ବାରିଷ୍ଟର ବିଶ୍ୱନାଥ ସ୍ୱାଧୀନ ସଦସ୍ୟ ବେଞ୍ଚରୁ ଭାରତର ଭାଇସ୍‌ରାୟ ଲର୍ଡ଼ ଇରଉଇନଙ୍କ ଭାଷଣ ଶୁଣିଥିଲେ। ଏହା ଥିଲା ବଡ଼ଲାଟଙ୍କର ସମ୍ମିଳିତ ବିଧାନସଭା ଅର୍ଥାତ୍ ବ୍ୟବସ୍ଥାପକ ସଭା + ରାଷ୍ଟ୍ର ପରିଷଦର ସଦସ୍ୟମାନଙ୍କ ଆଗରେ ଭାଷଣ। ତାଙ୍କ ଭାଷଣର ସାରବସ୍ତୁ ହେଲା "ଯେ ପର୍ଯ୍ୟନ୍ତ ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଥିବ, ଆମର ସମସ୍ତ ଶକ୍ତି ଖଟାଇ ଆମେ ତାହାର ପ୍ରତିରୋଧ କରିବୁ," ଅକ୍ଟୋବର ମାସ ଶେଷରେ ଗୋଲଟେବୁଲ ବୈଠକ ବସିବ। ସାଇମନ ରିପୋର୍ଟ କେବଳ ଗୋଟିଏ ଦଲିଲ।

Digitized by srujanika@gmail.com

ବୈଠକରେ ଏହି ଦଲିଲ ଓ ଅନ୍ୟ ଦଲିଲ ଓ ମତାମତ ପେଶ୍ ହେଲା ପରେ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ହେବାର ହେବ।

ଏହା ପରଦିନ କେନ୍ଦ୍ର ସରକାରଙ୍କର ଅର୍ଥ ବିଭାଗ ମେମ୍ବର ବ୍ୟବସ୍ଥାପକ ସଭାରେ ସପ୍ଲିମେଣ୍ଟାରୀ ଖର୍ଚ୍ଚ ଦାବି ଉପସ୍ଥାପିତ କଲେ। ଗୋଲଟେବୁଲ୍ ବୈଠକ ଖର୍ଚ୍ଚ ପାଇଁ ଏହି ଦାବିରେ ବ୍ୟବସ୍ଥା ରଖା ଯାଇଥିଲା। ଆଶା କରାଯାଉଥିଲା ଭାଇସ୍‌ରାୟଙ୍କର ପାକକୈଇବାର ଢ଼ଙ୍ଗ ଓ ତତ୍‌କାଳୀନ ବିଧାନ ସଭାର ଗଠନ ଦୃଷ୍ଟିରୁ ଏହି ଖର୍ଚ୍ଚ ଦାବୀ ବୋଧହୁଏ ପାସ୍ ହୋଇଯିବ; କିନ୍ତୁ ଏହି ଖର୍ଚ୍ଚ ଦାବୀ ଉପରେ ଏକ ଶହେଟଙ୍କାର ସାଙ୍କେତିକ କାଟ ପ୍ରସ୍ତାବ ଆଗତ ହେଲା ଓ ତାହାରି ଉପରେ ଆଲୋଚନା ଚାଲିଲା।

ଏହି ଆଲୋଚନାରେ ମିଆଁ ମହମ୍ମଦ ଶାହାନ୍‌ୱାଜ, ମିଷ୍ଟର ଜିନ୍ନା, ସି.ପି ରାମସ୍ୱାମୀ ଆୟାର, ଏମ୍.କେ. ଆଚାର୍ଯ୍ୟ, ଉତ୍ତର ମାନ୍ଦ୍ରାଜର ସଭ୍ୟ ଅବଦୁଲ ଲତିଫ ପ୍ରଭୃତି ଭାଷଣ ଦେଇଥିଲେ। ସେମାନଙ୍କର ଭାଷଣର ସାରବସ୍ତୁ ଥିଲା ପ୍ରାୟ ଏକ ରକମର! ସେମାନେ କଂଗ୍ରେସ ଆରମ୍ଭ କରିଥିବା ଆଇନ ଅମାନ୍ୟ ଆନ୍ଦୋଳନକୁ ସମର୍ଥନ କରୁ ନ ଥିଲେ; କିନ୍ତୁ ସେମାନେ ସ୍ପଷ୍ଟଭାବରେ ସ୍ୱୀକାର କରିଥିଲେ ଗାନ୍ଧିଜୀ ଓ ତାଙ୍କଭଳି କଂଗ୍ରେସ ନେତାମାନେ ଗୋଲଟେବୁଲ ବୈଠକରେ ଯୋଗ ନ ଦେଲେ ଏହି ବୈଠକ ନିଷ୍ପତ୍ତିର କୌଣସି ମୂଲ୍ୟ ରହିବ ନାହିଁ। କେବଳ ଏମ୍.ଏ.ଜିନ୍ନାଙ୍କ ମତ ଥିଲା ଯେ ଗୋଲଟେବୁଲ ବୈଠକରେ ଯୋଗ ଦେବାରେ କୌଣସି କ୍ଷତି ତ ନାହିଁ, ବରଂ ଏଥିରେ ଯୋଗ ଦେଇ ବିଶ୍ୱବାସୀ ଓ ଦେଶବାସୀଙ୍କ ସମକ୍ଷରେ ଆପଣାର ବକ୍ତବ୍ୟ ରଖିବାର କିଞ୍ଚିତ ମାତ୍ର ଲାଭହେବ।

ଏନ୍.ଜି.ରଙ୍ଗା ସାଇମନ ରିପୋର୍ଟକୁ ଏକ ବିପଜ୍ଜନକ ଓ ଅନିଷ୍ଟକର ରିପୋର୍ଟ ବୋଲି ଘୋଷଣା କରିଥିଲେ। କେ.ସି.ନିୟୋଗୀ, ଜୟକର ମଧ୍ୟ ଠିକ୍ ଏହି ମତ ପୋଷଣ କରିଥିଲେ। ସନ୍ମୁଖମ୍ ଚେଟି ଓ ଶରଦିନ୍ଦୁ ମୁଖାର୍ଜି ଆଇନ ଅମାନ୍ୟ ଆନ୍ଦୋଳନରେ ପ୍ରାଦେଶିକ ସରକାରଙ୍କର ଅତ୍ୟଧିକ ଦମନର ପ୍ରତିବାଦ କରିଥିଲେ ଓ ଏଥିପାଇଁ ପ୍ରାଦେଶିକ ସରକାରଙ୍କୁ ଦାୟୀ ନ କରି ଭାରତ ସରକାରଙ୍କୁ ଦାୟୀ କରିଥିଲେ।

ଏହି ପରିପ୍ରେକ୍ଷୀରେ ବି.ଏନ୍ ମିଶ୍ରଙ୍କର ଭାଷଣ ଥିଲା ଅତ୍ୟନ୍ତ ସତର୍କତାପୂର୍ଣ୍ଣ। ଏକେତ ସାଇମନ କମିସନଙ୍କର ରିପୋର୍ଟରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ଧୂଆଁଳିଆ ସୁପାରିଶ ରହିଥିଲା। ତାଙ୍କ ପାଇଁ ସେହି ଦୃଷ୍ଟିରୁ ଏହି ରିପୋର୍ଟ

Digitized by srujanika@gmail.com

ସ୍ୱାଗତଯୋଗ୍ୟ ଥିଲା। ତଥାପି ଯେଉଁ ଓଡ଼ିଆଭାଷୀ ସରଳ ବ୍ୟକ୍ତିମାନେ ଏହି ରିପୋର୍ଟରେ ଓଡ଼ିଶାକୁ ଦିଆ ଯାଇଥିବା ପ୍ରତିଶ୍ରୁତିରେ ଆପଣାକୁ କୃତାର୍ଥ ମଣୁଥିଲେ ସେମାନଙ୍କର ମୋହନିଦ୍ରା ଭାଙ୍ଗିବା ମଧ ପ୍ରୟୋଜନ ଥିଲା। ସମସ୍ତ ବ୍ୟବସ୍ଥାପକ ସଭାର ବିରୋଧୀ ପକ୍ଷ ସରକାରୀ ଖର୍ଚ୍ଚ ଦାବିକୁ ଦୁର୍ବଳଭାବରେ ବିରୋଧ କରିଥିବାର ସେ ଲକ୍ଷ୍ୟ କରିଥିଲେ। ସେହି ଦୃଷ୍ଟିରୁ ତାଙ୍କର ଭାଷଣରେ ସେ ଅତ୍ୟନ୍ତ ସତର୍କତା ଓ ସଂଯମ ଅବଲମ୍ବନ କରିଥିଲେ। 'ମିଷ୍ଟର ବି.ଏନ୍. ମିଶ୍ର (ଓଡ଼ିଶା ଡ଼ିଭିଜନ୍-ଅଣମୁସଲମାନ) ଯେହେତୁ ଏହା ଗୋଲଟେବୁଲ ବୈଠକର ଖର୍ଚ୍ଚ ପାଇଁ ଦାବି ସେହି ହେତୁରୁ ଏହି ସଭାଗୃହ ଜାଣିବା ପାଇଁ ହକ୍‌ଦାର, ଏହି ଗୋଲଟେବୁଲ ବୈଠକରେ କେବଳ ବ୍ରିଟିଶ ଭାରତର ପ୍ରତିନିଧିମାନେ ଯୋଗଦେବେ ନା ନାହିଁ। ଆମ୍ଭେମାନେ ଖବର କାଗଜରୁ ଦେଖୁଛୁଁ ଯେ ଏହି ବୈଠକରେ ଭାରତୀୟ ଦେଶୀୟ ରାଜ୍ୟର ଶାସକ ଓ ପ୍ରଜାମାନଙ୍କ ଭିତରୁ ବାରଜଣ ସଭ୍ୟ ଯୋଗଦେଇଛନ୍ତି।' × × ×

ଏହି ସମସ୍ୟା ଉତ୍‌ଥାପନ କରି ମିଷ୍ଟର ମିଶ୍ର ଦର୍ଶାଇଥିଲେ ଯେ ଗଡ଼ଜାତ ଦେଶୀୟ ରାଜ୍ୟର ରାଜା ଓ ପ୍ରଜାମାନଙ୍କୁ ବିଲାତ ସରକାର ଏକ ସ୍ୱତନ୍ତ୍ର ଗୋଷ୍ଠୀରେ ରଖିଥିବା ଦୃଷ୍ଟିରୁ ଓ ରାଜାମାନଙ୍କର ସୁରକ୍ଷା ବିଲ୍ ବ୍ୟବସ୍ଥାପକ ସଭାରେ ପେଶ୍ ହେଲାବେଳେ ଏହି କଥା ସରକାରୀ ପକ୍ଷ ବାରମ୍ବାର ଚେତାଇଥିବା କାରଣରୁ ଏବେ ଅଗ୍ରନକ ଏହିମାନଙ୍କୁ ଭାରତର ଭବିଷ୍ୟତ ଶାସନ ବିଧାନ ସଂକ୍ରାନ୍ତରେ ବିଗ୍ଚର କରିବାର ଅଧିକାର ଦେବା ନିତାନ୍ତ ଅସଙ୍ଗତ। ତାଙ୍କର ଆଶଙ୍କା ଯେ ଭାରତୀୟ ଜନତାଙ୍କର ଆଶା ଆକାଙ୍‌କ୍ଷାକୁ ନିଷ୍ଫଳ କରିବାପାଇଁ ଏହା ଏକ ଅଭିନବ କୌଶଳ।

× × ×

ତା'ପରେ ସେ ସାଇମନ କମିସନ ସଂକ୍ରାନ୍ତରେ କହିଲେ 'ମହାଶୟ, ବହୁ ନିନ୍ଦିତ ସାଇମନ କମିସନର ସଦସ୍ୟମାନଙ୍କ ବିଷୟରେ ଯାହା ବି କୁହାଯାଉ ନା କାହିଁକି, ଏ ପର୍ଯ୍ୟନ୍ତ ସେମାନେ ଯାହା କରି ପାରି ନାହାନ୍ତି ଆମେ ସେହି ବିଷୟହିଁ ଦର୍ଶାଇଛୁ। କିନ୍ତୁ ସେମାନେ ଯାହା କରିଛନ୍ତି ସେ କଥା ଦର୍ଶାଇ ନାହୁଁ। ଟ୍ରେଜେରୀ ବେଞ୍ଚର ମାନ୍ୟବର ସଦସ୍ୟମାନେ ସେମାନଙ୍କ ସୁପାରିସକୁ କାର୍ଯ୍ୟାନ୍ୱିତ କରିବାରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଓଡ଼ିଆଭାଷୀ ଲୋକମାନଙ୍କ ସଂକ୍ରାନ୍ତରେ ସେମାନଙ୍କର ସୁପାରିସ ପ୍ରସଙ୍ଗ ମୁଁ ଏଠାରେ ଉଲ୍ଲେଖ କରିବାକୁ ଗ୍ଚହେଁ। ସେମାନଙ୍କର ରିପୋର୍ଟରେ ଦ୍ୱିତୀୟ ଖଣ୍ଡର ୩୨୧ ପୃଷ୍ଠାରେ ସେମାନେ ଉଲ୍ଲେଖ କରିଛନ୍ତି ଯେ ପ୍ରାଦେଶିକ ଇଲାକାରେ କୌଣସି ପୁନର୍ବଣ୍ଟନ ଉଚିତ କି ନୁହେଁ, ତାହା ଅତି ଶୀଘ୍ର

Digitized by srujanika@gmail.com

ବିଗ୍ଧରକୁ ନେବା ଉଚିତ। ଏହି ସଂକ୍ରାନ୍ତରେ ସେମାନେ ସିନ୍ଧୁ ଓ ଓଡ଼ିଆଭାଷୀ ଜନସାଧାରଣଙ୍କର ବିଷୟ ପ୍ରଥମେ ବିଗ୍ଧରକୁ ନେବାପାଇଁ ସୁପାରିସ କରିଛନ୍ତି। ମୋର ଏଠାରେ ଏତିକି ନିବେଦନ, ଏଥିରୁ ଯାହା ବା ଫଳ ମିଳୁ ଆମେ ସମସ୍ତେ ଆଶା କରୁଛୁଁ ଯେ ଗୋଲଟେବୁଲ ବୈଠକର ଆଲୋଚନାରୁ କୌଣସି ସୁନାଡ଼ିମ୍ବ ବାହାରିବ ତାହା ଡୋମିନିଅନ୍ ଷ୍ଟାଟସ୍ ହେଉ ବା ପ୍ରାଦେଶିକ ସ୍ୱାୟତ୍ତ ଶାସନ ହେଉ ଏହା ଓଡ଼ିଆଭାଷୀଲୋକଙ୍କ ପାଇଁ କୌଣସି ଉପଯୋଗିତାରେ ଲାଗିବ ନାହିଁ। ଆମ୍ଭେମାନେ ଘରୋଟି ପ୍ରଦେଶରେ ବର୍ତ୍ତମାନ ମାଇନରିଟି ବା ସଂଖ୍ୟାଲଘୁଙ୍କ ବିଷୟରେ ଖୁବ୍ ତତ୍ପର ଥିବାର ଦାବି କରୁଛେ। ଆମେ ଓଡ଼ିଆମାନେ ଏବେ ଘରୋଟି ପ୍ରଦେଶରେ ସଂଖ୍ୟାଲଘୁ। ଏତେ ଘୋଷଣା ସତ୍ତ୍ୱେ ଆମପାଇଁ ଏପର୍ଯ୍ୟନ୍ତ କ'ଣ କରା ଯାଇଛି?"

"ମହାଶୟ ୧୯୦୩ରେ ଲର୍ଡ୍ କର୍ଜନଙ୍କ ସରକାର ଘୋଷଣାନାମା ବାହାର କଲେ ଯେ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକ ଗୋଟିଏ ପ୍ରଦେଶର ଶାସନାଧୀନ ହୋଇ ରହିବ।"

"୧୯୧୭ରେ ମଣ୍ଟାଗ୍ୟୁ ଚେମସ୍‌ଫୋର୍ଡ଼ ରିପୋର୍ଟରେ ଆମକୁ ସେଇଭଳି କିଛି ଘୋଷଣା ଶୁଣିବାକୁ ମିଳିଲା। ସେମାନେ ପ୍ରତିଶ୍ରୁତି ଦେଲେ ଯେ ଅଳ୍ପଦିନ ଭିତରେ ଏକ ନୂଆ ପ୍ରଦେଶ ଗଠିତ ହେବ।"

"ଏବେ ସାଇମନ କମିସନ କହିଲେ ଏହି ପ୍ରଦେଶ ଅବିଳମ୍ବେ ଗଠିତ ହେବା ଉଚିତ।"

"ଆମେ ଭାରତୀୟମାନେ, ଇଂରେଜ ଶବ୍ଦ ଓ ପ୍ରକାଶଭଙ୍ଗୀ ବିଷୟରେ ବେଶି ଅଭ୍ୟସ୍ତ ନୋହୁଁ। ବିଲାତଲୋକଙ୍କ ଭାଷାରେ ଅଳ୍ପଦିନ ପରେ ମାନେ କେତେ ବର୍ଷପରେ? କୋଡ଼ିଏ, ତିରିଶ ନା ଶହେ ବର୍ଷ? ଆମ୍ଭେମାନେ ଏତେକ ବିଶ୍ୱାସକରିବାକୁ ଶିଖିଛୁଁ ଯେ ଅବିଳମ୍ବେ ଅର୍ଥ ଅବିଳମ୍ବେ, ଶହେ ବର୍ଷ ପରେ ନୁହେଁ। ଟ୍ରେଜେରୀ (ସରକାରୀ) ବେଞ୍ଚରେ ବସିଥିବା ସଦସ୍ୟମାନେ ଏହି ବିଷୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ନାହାନ୍ତି। ସେମାନେ ଅବିଳମ୍ବେ ଏକ ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ଏପର୍ଯ୍ୟନ୍ତ ଏଠାରେ କୌଣସି ପ୍ରସ୍ତାବ ଆଣିନାହାନ୍ତି। ତେଣୁ ମୋ ମତରେ ସ୍ଥାନୀୟ ସରକାରଗୁଡ଼ିକ ଓ କେନ୍ଦ୍ର ସରକାରଙ୍କର ଶାସନତନ୍ତ୍ରରେ ଯେତେ ଯାହା ସଂଶୋଧନ ହେଉ ତାହା ଆମର ଓଡ଼ିଆଲୋକଙ୍କର କୌଣସି ଉପକାରରେ ଆସିବ ନାହିଁ।"

Digitized by srujanika@gmail.com

(ବ୍ୟବସ୍ଥାପକ ସଭାର ବିତର୍କାବଳି, ୧୦ ଜୁଲାଇ, ୧୯୩୦ ୪ର୍ଥ ଖଣ୍ଡ ତିନି ନମ୍ବର, ସ୍ଥାନ ସିମଲା)

ଖର୍ଚ୍ଚ ଦାବୀର କାଟ ପ୍ରସ୍ତାବ ଉପରେ ତିନିଦିନ ବ୍ୟାପି ଆଲୋଚନା ଚାଲିଲା। ସରକାର ମନେ କରିଥିଲେ ବିରୋଧ ଅତ୍ୟନ୍ତ ମାନ୍ଦା ଓ ଅତ୍ୟନ୍ତ ଦୁର୍ବଳ, ତେଣୁ କାଟ ପ୍ରସ୍ତାବ କାଟ ଖାଇଯିବ। କିନ୍ତୁ ସରକାରଙ୍କର ଅପ୍ରତ୍ୟାଶିତଭାବରେ କାଟ ପ୍ରସ୍ତାବ ସପକ୍ଷରେ ୬୦ ଓ ବିପକ୍ଷରେ ୪୮ ଭୋଟରେ ତାହା ଗୃହୀତ ହୋଇଗଲା।

ଜୁଲାଇ ୧୪ ତାରିଖ ସୋମବାର ଓ ୧୫ ତାରିଖ ମଙ୍ଗଳବାର ଦିନ ବି.ଏନ୍. ମିଶ୍ରଙ୍କର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶ୍ନ ଥିଲା। ପ୍ରଥମଟି ଥିଲା ଲବଣ ଆଇନ ଯୋଗୁଁ ଜନ ଅସନ୍ତୋଷ ଓ ତତ୍ ସଂକ୍ରାନ୍ତରେ ଲବଣ ଆଇନ ଅମାନ୍ୟ ମକଦ୍ଦମା ବିଷୟରେ; ୧୪ ଜୁଲାଇରେ ଅହିଂସ ସତ୍ୟାଗ୍ରହୀମାନଙ୍କ ଉପରେ ପୋଲିସ ପ୍ରହାର ବିଷୟରେ ମଧ୍ୟ ପ୍ରଶ୍ନ ହୋଇ ଥିଲା ଓ ଏହି ପ୍ରହାରର ପ୍ରତିବାଦରେ ବ୍ୟବସ୍ଥାପକ ସଭାରୁ ଇସ୍ତଫା ଦେଇଥିବା ଉଭୟ କେନ୍ଦ୍ର ବ୍ୟବସ୍ଥାପକ ସଭା ଓ ପ୍ରାଦେଶିକ ବିଧାନ ସଭାର ସଦସ୍ୟମାନଙ୍କର ସଂଖ୍ୟା ପଚରା ଯାଇଥିଲା।

ବାରିଷ୍ଟର ମିଶ୍ରଙ୍କର ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତରରେ ସରକାରଙ୍କ ଘରୋଇ ସଭ୍ୟ ମାନ୍ୟବର ଏଇଚ୍.ଜି.ହେଗ୍ ଅହିଂସ ସତ୍ୟାଗ୍ରହୀଙ୍କ ଉପରେ ପୋଲିସଙ୍କ ପ୍ରହାର ସଂକ୍ରାନ୍ତ ଜନ ଅସନ୍ତୋଷ ଓ ରୋଷ ବିଷୟରେ ବଡ଼ଲାଟଙ୍କ ୯ ଜୁଲାଇର ଉଭୟ ସଭାଗୃହ ମିଳିତ ଅଧିବେଶନରେ ବକ୍ତୃତା ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଆହୁରି ମଧ୍ୟ ଜଣାଇଥିଲେ ଯେ ସେପର୍ଯ୍ୟନ୍ତ ଆଠଜଣ ସଦସ୍ୟ କେନ୍ଦ୍ର ବ୍ୟବସ୍ଥାପକ ସଭାରୁ ଇସ୍ତଫା ଦେଇଛନ୍ତି। ସେମାନେ ଇସ୍ତଫାର କାରଣ ଇସ୍ତଫା ପତ୍ରରେ ଦେଇ ନାହାନ୍ତି; କିନ୍ତୁ ମାନ୍ୟବର ହେଗ୍ ମନେକରନ୍ତି ତାହା ପୋଲିସ ପ୍ରହାରର ପ୍ରତିବାଦରେ ହୋଇଥିବ। ପ୍ରାଦେଶିକ ବିଧାନ ସଭାମାନଙ୍କରୁ ଏହି ସଂକ୍ରାନ୍ତରେ କେତେଜଣ ଇସ୍ତଫା ଦେଇଛନ୍ତି ତାହାର ପୂରା ତାଲିକା ସେପର୍ଯ୍ୟନ୍ତ ପ୍ରଦେଶମାନଙ୍କର ଶାସନ ଦପ୍ତରରୁ ଯୋଗାଇ ଦିଆଯାଇ ନ ଥିଲା ବୋଲି ଉକ୍ତ ମାନ୍ୟବର ହେଗ୍ ସାହେବ ଜଣାଇଥିଲେ।

(ଉକ୍ତ ରିପୋର୍ଟ ପୃ ୨୩୩ ସ୍ଥା)

ଜୁଲାଇ ୧୭ ତାରିଖରେ ଏମ୍.କେ.ଆଚାର୍ଯ୍ୟ ଏକ ପ୍ରସ୍ତାବ ଆଗତ କଲେ। ଏଥିରେ ଉଲ୍ଲେଖ ଥିଲା ଯେ ବ୍ରିଟିଶ ସାମ୍ରାଜ୍ୟର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ନିଜର ଶାସନ ବିଧାନ ପ୍ରଣୟନ କରିବାକୁ ଭାରତର ଅଧିକାରକୁ ଇଂଲଣ୍ଡ ସ୍ୱୀକାର କରୁ ଓ ଭାରତ ସରକାର ଗାନ୍ଧିଜୀ ଓ ହିଂସାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇ ନ ଥିବା

Digitized by srujanika@gmail.com

ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରି ଦିଅନ୍ତୁ। ଏହି ପ୍ରସ୍ତାବ ପରେ ଘମାଘୋଟ ଆଲୋଚନା ହୋଇଥିଲା। କିନ୍ତୁ ଏହା ଏକ ସୁପାରିସ ଭାବରେ ସରକାରଙ୍କୁ ପେଶ ହେବାକୁ ଥିବାରୁ ଏହି ପ୍ରସ୍ତାବ ଉପରେ କୌଣସି ଭୋଟ ନିଆଯାଇ ନ ଥିଲା।

ଏଭଳି ପରିସ୍ଥିତି ଭିତରେ ସିମିଲାଠାରେ ଏକବର୍ଷ ପରିବର୍ଦ୍ଧିତ ଆୟୁଷର ତୃତୀୟ ବିଧାନ ସଭାର ଯବନିକା ପଡ଼ିଗଲା।

(ଚାରି)

ଭାଇସ୍‌ରାୟଙ୍କର ପୂର୍ବ ଘୋଷଣା ମୁତାବକ ୧୯୩୦ ସେପ୍‌ଟେମ୍ବର ମାସରେ ଚତୁର୍ଥ ବିଧାନ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନର କାର୍ଯ୍ୟସୂଚୀ ଅନୁସାରେ ନିର୍ବାଚନ ବର୍ଜନ କରିଥିଲା। ବହୁ ସ୍ୱେଚ୍ଛାସେବିକାଙ୍କ ସମେତ କଂଗ୍ରେସ ସ୍ୱେଚ୍ଛାସେବକମାନେ ବହୁ ସ୍ଥାନରେ ନିର୍ବାଚନ କେନ୍ଦ୍ର ଆଗରେ ସତ୍ୟାଗ୍ରହ କରିଥିଲେ। ବହୁ ସଭ୍ୟ ନିର୍ବିବାଦରେ ନିର୍ବାଚିତ ହୋଇଥିଲେ ଓ ଆସନଗୁଡ଼ିକ ଯଥାରୀତି ପୂରଣ ହୋଇଗଲା। ଏହି ନିର୍ବାଚନରେ ବାରିଷ୍ଟର ବିଶ୍ୱନାଥ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ।

କିନ୍ତୁ ଜୁଲାଇମାସ ବେଳୁ ଆଇନ ଅମାନ୍ୟ ଆନ୍ଦୋଳନର, ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ଯାଇଥିଲା। ଏହାର ବିଲାତି ବର୍ଜନ, ଖଜଣା ବନ୍ଦ ଆନ୍ଦୋଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସରକାର ମଧ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ଦୀର୍ଘକାଳ ସଂଘର୍ଷପାଇଁ ପ୍ରସ୍ତୁତ ହୋଇ ଯାଇଥିଲେ। ପୂର୍ବ ଦିଗରେ ବଙ୍ଗଳା ଓ ଉତ୍ତରପଶ୍ଚିମରେ ସୀମାନ୍ତ ପ୍ରଦେଶ ଥିଲା ସରକାରଙ୍କର ପ୍ରଧାନ ଉଦ୍‌ବେଗର କାରଣ। ଶେଷୋକ୍ତ ପ୍ରଦେଶରେ ପ୍ରାୟ ପାଞ୍ଚମାସରୁ ଉର୍ଦ୍ଧ୍ୱ କାଳ ପାଇଁ ସାମରିକ ଆଇନ ଜାରି ରହିଥିଲା। ଗୁଜୁରାଟ ଓ ଯୁକ୍ତ ପ୍ରଦେଶରେ ଖଜଣା ବନ୍ଦ ଆନ୍ଦୋଳନ ମଧ୍ୟ ସରକାରଙ୍କର ପ୍ରବଳ ଆକ୍ରମଣର ଶରବ୍ୟ ହୋଇଥିଲା।

ଏହିଭଳି ବାତାବରଣ ଭିତରେ ୧୯୩୧ ଜାନୁୟାରୀ ୧୪ ତାରିଖରେ ଦିଲ୍ଲୀରେ ଚତୁର୍ଥ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ରେଳବାଇ ବଜେଟ ଓ ସାଧାରଣ ବଜେଟ ଉପରେ ସାଧାରଣ ଆଲୋଚନା ବ୍ୟତୀତ ଅନେକ ବିଲ୍ ସଭାରେ ଗୃହୀତ ହୋଇଯାଇଥିଲା। କାରଣ ବିରୋଧ ଥିଲା ନାମକୁ ମାତ୍ର। ତଥାପି ସରକାରଙ୍କର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ସଦସ୍ୟମାନେ ଉପେକ୍ଷା କରି ପାରି ନ ଥିଲେ। ତେଣୁ ଏହି ଅଧିବେଶନର ବିଭିନ୍ନ ସମୟରେ ସେହି ଦମନର

Digitized by srujanika@gmail.com

ପ୍ରତିବାଦ ତୀବ୍ର ଓ ବେଳେ ବେଳେ ଉତପ୍ତ ହୋଇ ଉଠୁଥିଲା। ତେବେ ୧୯୩୧ ଜାନୁଆରୀ ୨୬ ତାରିଖରେ ସରକାର କଂଗ୍ରେସର କେତେକ ବିଶିଷ୍ଟ ନେତାଙ୍କ ସମେତ ଗାନ୍ଧିଜୀଙ୍କୁ ଖଲାସ କରି ଦେଇଥିଲେ।

ଜାନୁଆରୀ ୨୯ ତାରିଖରେ ପଞ୍ଜାବର ଶେଖ୍ ସାଦିକ ହାସାନଙ୍କର ପ୍ରସ୍ତାବରେ ଗାନ୍ଧିଜୀଙ୍କର ଖଲାସ ଘଟଣାକୁ ଏକ ଆଶାଜନକ ପରିସ୍ଥିତି ବୋଲି ଉଲ୍ଲେଖ କରି ବାକୀ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିବା ପାଇଁ ଅନୁରୋଧ କରାଯାଇଥିଲା।

ଏହି ପ୍ରସ୍ତାବକୁ ବହୁ ସଦସ୍ୟ ସମର୍ଥନ କରିଥିଲେ। ପ୍ରସ୍ତାବ ଉପରେ ଏକ ସଂଶୋଧନ ଆଣି ବଙ୍ଗଳାର ଅମରନାଥ ଦତ୍ତ ସମସ୍ତ ଅର୍ଡ଼ିନାନ୍‌ସ ଓ ଦମନମୂଳକ ଆଇନର ପ୍ରତ୍ୟାହାର ଦାବି କରିଥିଲେ। ହରି ସିଂ ଗୌରଙ୍କର ପ୍ରସ୍ତାବ ଅନୁସାରେ ଏହି ମୂଳ ପ୍ରସ୍ତାବ ଓ ସଂଶୋଧନ ଉପରେ କୌଣସି ଭୋଟ ନିଆ ନ ଯିବା ପାଇଁ ସ୍ଥିର ହୋଇଥିଲା। ଏଥିରେ ଗୃହର ନେତା ସାର ଜର୍ଜ ରେନି ଆପତ୍ତି କରି ନ ଥିଲେ। ଏହି ପ୍ରସ୍ତାବର ପରିଣତି ଫଳରେ ମାର୍ଚ୍ଚ ୫ ତାରିଖରେ 'ଗାନ୍ଧି-ଇରଉଇନ ଚୁକ୍ତି ସଂପାଦିତ ହୋଇଥିଲା।"

ଏଥରକ କଂଗ୍ରେସ ବା ସ୍ୱରାଜ ଦଳର ଅନୁପସ୍ଥିତି, ପଣ୍ଡିତ ମାଲବ୍ୟ ଦଳଙ୍କର ସଂଖ୍ୟାହ୍ରାସ ଓ ଦେଶର ସାଧାରଣ ପରିସ୍ଥିତି ଯୋଗୁଁ ଏକ ଦସ୍ତୁରମତ ବିରୋଧୀ ଦଳର ଆବଶ୍ୟକତା ଅନୁଭୂତ ହୋଇଥିଲା। ବଜେଟ ପୂର୍ବରୁ ଏପରି ଏକ ଦଳ ଗଠିତ ହୋଇଥିଲା। ବ୍ରହ୍ମପୁରର 'ଆଶା'ର ୨୬।୧।୩୧ ସମ୍ବାଦରେ 'ବଡ଼ଲାଟ ସଭାରେ ଜାତୀୟ ଦଳ' ଶିରୋନାମାରେ ପ୍ରକାଶିତ ହୋଇଥିଲା । 'ବଡ଼ଲାଟ ସଭା ଆରମ୍ଭ ଆଗରୁ ଯେଉଁ ଜାତୀୟ ଦଳ ଗଢ଼ାଯିବାର ପ୍ରସ୍ତାବ ଚାଲିଥିଲା, ତାହା କାର୍ଯ୍ୟରେ ପରିଣତ ହୋଇଛି। ଏହି ଜାତୀୟ ଦଳ ସରକାରୀ ବଜେଟ ବେଳେ ବାଧା ଦେବେ। ଏହି ଦଳରେ ଏ ପର୍ଯ୍ୟନ୍ତ ୪୦ ଜଣ ମେମ୍ବର ହୋଇଛନ୍ତି। ଓଡ଼ିଶାରୁ ବାରିଷ୍ଟର ବିଶ୍ୱନାଥ ମିଶ୍ର ଓ ଭୁବନାନନ୍ଦ ଦାସ ଅନ୍ତର୍ଭୁକ୍ତ।

(ପାଞ୍ଚ)

ବ୍ୟବସ୍ଥାପକ ସଭାର ବିତର୍କ ଗ୍ରନ୍ଥାବଳୀର ତୃତୀୟ ସାତ ନମ୍ବରରେ ୧୯୩୦ ମେ ୨୦ ତାରିଖରେ ବିଶ୍ୱନାଥ ମିଶ୍ରଙ୍କର ଭାରତୀୟ ଅର୍ଥ ବିଲ ଉପରେ ଭାଷଣରେ ସେ ପ୍ରଥମେ ଗାନ୍ଧୀ-ଇରଉଇନ୍ ଚୁକ୍ତି ବିଷୟ ଉଲ୍ଲେଖକରି ବହୁ କାଳ ଧରି ସରକାରଙ୍କର ଅତ୍ୟଧିକ ଖର୍ଚ୍ଚକୁ କମେଇବା ଉପରେ ଜୋର ଦେଇଥିଲେ। ତାଙ୍କର

Digitized by srujanika@gmail.com

ଲକ୍ଷ୍ୟ ବସ୍ତୁ ଥିଲା ଉଭୟ ସାମରିକ ଖର୍ଚ୍ଚ ଓ ପ୍ରଶାସନିକ ଖର୍ଚ୍ଚ। ଏହି ସଂକ୍ରାନ୍ତରେ ସରକାରଙ୍କର ରିଟ୍ରେଞ୍ଚମେଣ୍ଟ କମିଟି ନିଯୁକ୍ତିର ପ୍ରତିଶ୍ରୁତି ପ୍ରତି ତର୍ଜନୀ ନିକ୍ଷେପ କରି ସେ ଏହାକୁ ସରକାରଙ୍କର ଅନ୍ୟ ସବୁ ପ୍ରତିଶ୍ରୁତି ଭଳି ଏକ ଧୂଆଁ ବାଣ ବୋଲି ଆଖ୍ୟା ଦେଇ ଥିଲେ। ସେ କହିଥିଲେ ଲର୍ଡ୍ ଇରଉଇନ୍ ମହାତ୍ମାଗାନ୍ଧୀଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରି ଯେଉଁ ଉଦାହରଣ ଦେଖାଇଛନ୍ତି ସରକାରୀ ପକ୍ଷ ସେହି ଉଦାହରଣ ଅନୁକରଣ କରନ୍ତୁ ଓ ମୋଟ ବ୍ୟୟ ୧୩୦ କୋଟି ଟଙ୍କାରୁ ପ୍ରାୟ ୫୨ କୋଟି ଟଙ୍କା ଯେ କେବଳ ସାମରିକ ଖର୍ଚ୍ଚ ବ୍ୟୟରେ ଯାଉଛି ତାହାକୁ କମ୍ କରନ୍ତୁ।

ସେ ପଚ୍ଚାରିଥିଲେ "ଆମେ ଯୁଦ୍ଧ କାଳରେ ଅଛୁଁ ନା ଶାନ୍ତିକାଳରେ ଅଛୁଁ? ସେପଟର ମାନ୍ୟବର ସଭ୍ୟମାନେ କହି ପାରନ୍ତି ଯେ ଏବେ ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁଁ ଏକ ଅଶାନ୍ତିକର ପରିସ୍ଥିତି ଉପୁଜିଛି କିନ୍ତୁ ଏଭଳି ପରିସ୍ଥିତି କ'ଣ ବର୍ଷ ବର୍ଷ ହେଲା ଲାଗି ରହିଥିଲା? ଯଦି ଆମେ ଶାନ୍ତି ସମୟରେ ଏତେ ଗୁଡ଼ିଏ ଅର୍ଥବ୍ୟୟ କରିବାରେ ଲାଗିବା ତେବେ ଆଫଗାନିସ୍ଥାନ କିମ୍ବା ରୁଷିଆ ବା କୌଣସି ବିଦେଶୀ ଶତ୍ରୁ ଆମକୁ ଆକ୍ରମଣ କଲେ ଆମେ କ'ଣ କରିବା? ସେଭଳି ପରିସ୍ଥିତିରେ ଆମର ସାମରିକ ବଜେଟ କେଉଁଠି ଯାଇ ପହଞ୍ଚିବ? ତେବେ କ'ଣ ସରକାର ଭାରତକୁ ବନ୍ଧା ପକେଇ ବିକ୍ରି କରି ଏହି ଟଙ୍କା ଯୋଗାଡ଼ କରିବେ? ତେଣୁ ମୁଁ ନିବେଦନ କରୁଛି ଏଭଳି ସାମରିକ ବ୍ୟୟରୁ ଦଶକୋଟି ଅଥବା ଅତି ନିକୃଷ୍ଟରେ ପାଞ୍ଚକୋଟି ଟଙ୍କା କାଟି ଦିଅନ୍ତୁ। ଏଠୁ ସେଠୁ କେତେ ଲକ୍ଷ କାଟ କରି ଦେଲେ ତାହା କୋଉଥିକି ପାଇବ? ତାହା ଯଦି ସେମାନେ କରନ୍ତି ତେବେ ଏହି ଗୃହ ସେମାନଙ୍କର ଖର୍ଚ୍ଚ ଦାବୀ ସପକ୍ଷରେ ଭୋଟ ଦେବାକୁ ରାଜି ହେବ।"

ଯେପରି ମନେ ହୁଏ ଏହି ସାରା ଚତୁର୍ଥ ବ୍ୟବସ୍ଥାପକ ସଭା ଥିଲା ବିଶ୍ୱନାଥ ମିଶ୍ରଙ୍କ ପାଇଁ ଓଡ଼ିଶାର ମିଶ୍ରଣ, ଓଡ଼ିଶାର ସୀମା କମିସନ ଦାବୀର ବିତର୍କ ମଞ୍ଚ। ତାଙ୍କର ପ୍ରତ୍ୟେକ ଭାଷଣ, ବିତର୍କରେ ସେହି ବିଷୟ ପ୍ରତି ସେ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ। ଏପରିକି ସେ ବକ୍ତୃତା ଦେବା ପାଇଁ ଛିଡ଼ା ହେଲେ ସଦସ୍ୟମାନେ ଓଡ଼ିଶା ମିଶ୍ରଣ ବିଷୟରେ କିଛି ବାକ୍ୟବାଣ ପାଇଁ ପ୍ରସ୍ତୁତ ହେଉଥିଲେ। ଉଦାହରଣ ସ୍ୱରୂପ ଏହି ଅର୍ଥବିଲ ଆଲୋଚନାରେ ରିଟ୍ରେଞ୍ଚମେଣ୍ଟ କମିଟିର ପ୍ରତିଶ୍ରୁତି ସରକାରୀ ପକ୍ଷ ରକ୍ଷା ନ କରି ଥିବାର ଉପଲକ୍ଷ୍ୟ ଦେଇ ବିଶ୍ୱନାଥ ମିଶ୍ରେ କହିଥିଲେ ସରକାର ଏଭଳି ଏକ କମିଟି ପାଇଁ ହେଲେ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଓଡ଼ିଶାର ସୀମା କମିସନ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ତ ଦୂରର କଥା ଉଲ୍ଲେଖର ବିନ୍ଦୁ ବିସର୍ଗ ମଧ୍ୟ ସରକାରଠାରୁ ମିଳି ନାହିଁ।

Digitized by srujanika@gmail.com

ଏହି ଠାରେ ବିଶ୍ୱନାଥ ମିଶ୍ର ଓଡ଼ିଶାର ପ୍ରାଚୀନ ଇତିହାସ ଓ ଗୌରବମଣ୍ଡିତ ଐତିହ୍ୟ ବିଷୟରେ କହିଥିଲେ । ସ୍ପଷ୍ଟଭାବରେ କହିଲେ, ଅର୍ଥବିଲକୁ ବିରୋଧ କରିବାର ଭାଷଣରେ ଓଡ଼ିଶାର ଇତିହାସ ଓ ଐତିହ୍ୟ ବର୍ଣ୍ଣନା କରିବାର ଅବକାଶ ନ ଥିଲା । ତଥାପି ବିଚକ୍ଷଣ ଚତୁରତା ସହିତ ସେ ଅବତାରଣା କରିଥିଲେ । "ବୋଧହୁଏ ଅନେକ ସଦସ୍ୟ ଜାଣନ୍ତି ନାହିଁ ଓଡ଼ିଶା ବୋଇଲେ କ'ଣ ? କାହାକୁ ବୁଝାଏ ? ଅନେକ ଲୋକ ଓଡ଼ିଶାକୁ ଜଗନ୍ନାଥଙ୍କ ସହିତ ଚିହ୍ନା କରାନ୍ତି । ମୁଁ ସେମାନଙ୍କୁ କହି ଦେବାକୁ ଚାହେଁ ଯେ ଯାହା ଏବେ ରାଜନୈତିକଭାବରେ ଓଡ଼ିଶା ବୋଲାଉଛି ତାହା ପ୍ରକୃତ ଓଡ଼ିଶା ନୁହେଁ । ଓଡ଼ିଶା ମହାଭାରତ ଯୁଗରେ ବୋଧହୁଏ ଓଡ୍ର ଦେଶ ନାମରେ ବିଦିତ ଥିଲା । ତା'ପରେ ଅଶୋକଙ୍କ ସମୟକୁ ଆସିଲେ ଏହାର ନାମ ହେଲା କଳିଙ୍ଗ । ସେତେବେଳେ ଘୋରତର ଯୁଦ୍ଧ ଧଉଳିଠାରେ ହୋଇଥିଲା । ଧଉଳି ଭୁବନେଶ୍ୱର ନିକଟ । ତା'ପରେ ଆମ୍ଭେମାନେ ମୁସଲମାନଙ୍କର ଅମଳକୁ ଆସିବା । ମୁଁ ଏଠାରେ ପ୍ରମାଣସିଦ୍ଧ ଦଲିଲରୁ ହିଁ ଉଦ୍ଧୃତ କରୁଛି ଯାହା ହଣ୍ଟର, ଟୟନବି, ଷ୍ଟାରଲିଂ ଓ ଆବଦୁଲ ଫାଜଲଙ୍କର ରେକର୍ଡ଼ରେ ଲିପିବଦ୍ଧ ହୋଇଛି ।"

"ଆମ୍ଭେମାନେ ପୁରୀର ଜିଲ୍ଲା ଗେଜେଟିଅରର ୨୮ ପୃଷ୍ଠା ଓଲଟାଇଲେ ଦେଖିବାକୁ ପାଇବା ଯେ ୧୨୪୫ ସାଲରେ ଓଡ଼ିଆମାନେ ବଙ୍ଗଳାର ରାଜଧାନୀ ଗୌଡ଼କୁ ଘେରାଉ କରିଥିଲେ ଓ ଆଉଧ (Oudh) ରୁ ସୈନ୍ୟସାମନ୍ତ ଅସିଲା ପରେ ଯାଇ ଏହି ଘେରାଉକୁ ଉଠାଇ ନେଇଥିଲେ । ସେତେବେଳେ ଓଡ଼ିଶା ବଙ୍ଗଳାର ଗୌଡଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ମୋଟା ମୋଟି ଭାବେ ବିସ୍ତୃତ ଥିଲା । ମୁଁ ଏହା ସେହି ଗେଜେଟିଅରର ସରକାରୀ ରେକର୍ଡ଼ରୁ ୨୯ ପୃଷ୍ଠାରୁ ଉଦ୍ଧୃତ କରୁଛି । ସେଥିରୁ ଆମେ ପାଇବା ଯେ ୧୪୩୫ ସାଲରେ ଓଡ଼ିଶାର ସୀମା ଗଙ୍ଗାଠାରୁ ପେନ୍ନାର ଯାଏ ଅର୍ଥାତ୍ ନେଲୋର ନିକଟବର୍ତ୍ତୀ ଉଦୟଗିରି ଯାଏ ବିସ୍ତୃତ ଥିଲା । ୧୪୫୭ରେ ଓଡ଼ିଆ ରାଜାମାନେ ବାହମନି ସୁଲତାନଙ୍କର ଇଲାକା ଉପରେ ଚଢ଼ାଉ କରିଥିଲେ । ବସ୍ତୁତଃ ଓଡ଼ିଶା ହେଉଛି ସେହି ଅଞ୍ଚଳ ଯାହାର ସୀମା ହୁଗୁଳିଠାରୁ ଗୋଦାବରୀ ଯାଏ ବିସ୍ତୃତ ଥିଲା । ପରବର୍ତ୍ତୀ କାଳରେ, ମାନ୍ୟବର ସଦସ୍ୟମାନେ ବୋଧହୁଏ ଅବହିତ ଥିଲେ, ଯେ ତତ୍କାଳୀନ ବଙ୍ଗ ନବାବ ଇଷ୍ଟଣ୍ଡିଆ କଂପାନିକୁ ଚିରସ୍ଥାୟୀ ବନ୍ଦୋବସ୍ତର ସନନ୍ଦ ଦେଇଥିଲେ । ସେହି ସନନ୍ଦରେ ବିହାର, ଓଡ଼ିଶା ଓ ଛୋଟନାଗପୁରର ଉଲ୍ଲେଖ ଅଛି । କିନ୍ତୁ ସେହି ଉଲ୍ଲେଖର ଓଡ଼ିଶା ପ୍ରକୃତ ଓଡ଼ିଶା ନୁହେଁ । ତାହା କେବଳ ମେଦିନୀପୁର । ୧୭୯୩ରେ ଓଡ଼ିଶା ବ୍ରିଟିଶଙ୍କ ଦ୍ୱାରା ଆହୁରି ଅଧିକୃତ ହୋଇ ନ ଥିଲା । ୧୮୦୩ ଯାଏ ଓଡ଼ିଶା ସ୍ୱାଧୀନ ଥିଲା ଓ ସେହି ସାଲଠାରୁ ମାନ୍ଦ୍ରାଜ ପଟ୍ଟୁ, ମଧ୍ୟପ୍ରଦେଶ ପଟ୍ଟୁ ଓ ବଙ୍ଗଳା ପଟ୍ଟୁ ଓଡ଼ିଶାକୁ ଖଣ୍ଡ ଖଣ୍ଡ କରି ଦଖଲ

Digitized by srujanika@gmail.com

କରାଯାଇଥିଲା । ବର୍ତ୍ତମାନର ଓଡ଼ିଶା ହେଉଛି ଏକ ବିଶାଳ ଦେଶ । ଏହା ଚାରିଗୋଟି ଶାସନ ଅଧୀନରେ ରହିଛି । ଏହାର ଗୋଟିଏ ଅଂଶ ମାନ୍ଦ୍ରାଜରେ ଅଛି, ଆଉ ଏକ ଅଂଶ ଅଛି ବଙ୍ଗ ଦେଶରେ, ଏକ ଅଂଶ ଅଛି କେନ୍ଦ୍ର ପ୍ରଦେଶରେ ଓ ଆଉ ଅଂଶ ଏକ ଅଛି ବିହାର ଓ ଓଡ଼ିଶାରେ ।

"ଏହି ସମସ୍ୟାଟା ବି ନୂଆ ନୁହେଁ । ଏହା ଆମର ବହୁ ପ୍ରବୀଣ ଲୋକଙ୍କଠାରୁ ମଧ୍ୟ ପୁରାତନ । ବୋଧହୁଏ, ଆମ ଭିତରେ ଅନେକ ବୟସ୍କ ଲୋକଙ୍କଠାରୁ ମଧ୍ୟ ବୟସ୍କ (ହସବୃଷ୍ଟି) । ମୁଁ ବର୍ତ୍ତମାନ ଯୁଗକୁ ବର୍ତ୍ତମାନ ଆସୁଛି । ଲର୍ଡ଼ କର୍ଜନଙ୍କ ସମୟରେ ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ କରିବାର ଓ ପୁନର୍ବଣ୍ଟନ କରିବାର ଗୋଟିଏ ପ୍ରସ୍ତାବ ଆସିଥିଲା । ତାହା ପରେ ତତ୍‌କାଳୀନ ଭାରତ ସଚିବ ମିଷ୍ଟର ମଣ୍ଟାଗ୍ୟୁ ଆସିଥିଲେ; ସେତେବେଳେ ଏକ ତଦନ୍ତ ହେଲା, ଆଉ ମଣ୍ଟାଗ୍ୟୁଚେମସ୍‌ଫୋର୍ଡ଼ ରିପୋର୍ଟରେ ମଧ୍ୟ ତାହା ଲିଖିତ ରହିଛି । ସେହି ରିପୋର୍ଟରେ ଓଡ଼ିଶା ପାଇଁ ଏକ ଉପ-ପ୍ରଦେଶ ଲାଗି ସୁପାରିଶ ଥିଲା । କିନ୍ତୁ ତାହାକୁ ମଧ୍ୟ ପରେ ଭାରତ ସରକାର କାର୍ଯ୍ୟକାରୀ କଲେ ନାହିଁ । ସାଇମନ ରିପୋର୍ଟରେ ଓଡ଼ିଶାପ୍ରତି ନ୍ୟାୟ ବିଚ୍ଚର କରାଯିବାର ଅଙ୍ଗିକାର ଦିଆଗଲା । ତାଙ୍କର ରିପୋର୍ଟର ୨୧ ପାରାରେ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପୁନର୍ବଣ୍ଟନ ହେବାକୁ ସୁପାରିସ କରାଗଲା । ତେବେ ବି ଭାରତ ସରକାର ଏ ଯାଏ ଅନେକାନେକ କମିଟି ବସେଇବାରେ ଲାଗିଛନ୍ତି ଅଥଚ ଗୋଟିଏ ସୀମା କମିସନ ବସାଇ ପାରିଲେ ନାହିଁ । ଏବେ ସେ ଦିନ ବର୍ମାର ସଦସ୍ୟ କହୁଥିଲେ କିପରି ବର୍ମାର ପୃଥକୀରଣ ପାଇଁ ଖୁବ୍ ତନାଘନାରେ କାମ ଚ୍ଚଲିଛି । ଅଥମ ଆମେ ଗତ ବହୁ ବର୍ଷ ଧରି ବୋବାଳି ଛାଡ଼ି ଆସିଲୁଣି । ଆମର ଦାବୀର ଯର୍ଥାଥତା ସେମାନେ ମାନୁଛନ୍ତି ଓ ଆମପ୍ରତି ନ୍ୟାୟ କରିବେ ବୋଲି କହୁଛନ୍ତି ଅଥଚ ଏପର୍ଯ୍ୟନ୍ତ କିଛି ହେଲାନାହିଁ । ଏହି ପ୍ରଶ୍ନକୁ ଆମର ପ୍ରାଦେଶିକ ସରକାର ବି ଖୁବ୍ ଜୋର୍‌ରେ ଉତ୍‌ଥାପନ କରୁଛନ୍ତି । ବିହାର ଓ ଓଡ଼ିଶାର ସର୍ବସାଧାରଣଙ୍କ ଭିତରୁ ଆପରି ଚ୍ଚଲିଛି । ଅନେକ ମିଟିଂ ମଧ୍ୟ ଏ ସଂକ୍ରାନ୍ତରେ ହୋଇଗଲାଣି । ତେଣୁ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ନିବେଦନ କରୁଛି ଯେ ସେମାନେ ଓଡ଼ିଶାର ପୃଥକୀକରଣ ପାଇଁ ଏକ ସୀମା କମିସନ ନିଯୁକ୍ତ କରନ୍ତୁ ।

(ଛଅ)

ଲକ୍ଷ୍ୟଣୀୟ ଯେ ଭାଷଣର ବିଷୟବସ୍ତୁ ଥିଲା ପୂରାପୂରି ଅବାନ୍ତର । କିନ୍ତୁ ସରକାରଙ୍କର ପ୍ରତିଶ୍ରୁତି ଭଙ୍ଗ ଓ ଗୋଟିଏ ନିର୍ଜ୍ଜୀବ ଭାଷାଭାଷୀ ଜନତା ପ୍ରତି ଭାରତ

Digitized by srujanika@gmail.com

ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ବିଶ୍ୱନାଥ ଏହି ଭାଷଣରେ ସଭାସଦ୍ ସଦସ୍ୟମାନଙ୍କର ସହାନୁଭୂତି ଆକର୍ଷଣ କରି ପାରିଥିଲେ। ତାଙ୍କର ଏହି ଭାଷଣ ପ୍ରତି ସଭାର ମନୋଯୋଗର ଆଉ ଏକ କାରଣ ଥିଲା ଏହି ଯେ ସେ 'ପ୍ରାଚୀନ ଉତ୍କଳର ଇତିହାସ' ନାମକ ଏକ ପ୍ରମାଣିକ ଗ୍ରନ୍ଥ ଲେଖିସାରିଛନ୍ତି। ତେଣୁ ସେହି ଗ୍ରନ୍ଥ ପ୍ରଣେତାଙ୍କର ବିଶେଷଜ୍ଞାନ ବିଷୟ ଜାଣିବାକୁ କୌତୂହଳ ହେବା ସ୍ୱଭାବିକ। ଏହି କାରଣରୁ ବୋଧହୁଏ ଯେତେବେଳେ ସେ ଓଡ଼ିଶାର ଇତିହାସ ଅବତାରଣା କରିବା ପୂର୍ବରୁ ସେ ଯେତେବେଳେ 'ମୋର ନିଜ ନିର୍ବାଚନ ମଣ୍ଡଳି ବିଷୟରେ କହିବେ' ବୋଲି ଆରମ୍ଭ କଲେ ସେତେବେଳେ ଇଂରାଜୀରେ 'ହିଅର' 'ହିଅର' ବୋଲି ସମ୍ମତି ସୂଚକ ଧ୍ୱନି ଶୁଣା ଯାଇଥିଲା। ସୀମା କମିସନ ନିଯୁକ୍ତି ନ ହେବାରେ ଆପଣାର ଆପତ୍ତି ପରେ ସେ ସାମରିକ ବଜେଟ ପାଇଁ କେତେ ମିନିଟ ସମୟ ନେବାକୁ ଅନୁରୋଧ କରିଥିଲେ। କିନ୍ତୁ ସେ ସାମରିକ ବଜେଟ ଉପରେ ନ କହି ପ୍ରାଚୀନ ଓଡ଼ିଶାର ସୈନ୍ୟସଜ୍ଜା ଓ ଆୟୋଜନ, ସଂଗଠନ, ଗ୍ରାସାଚ୍ଛାଦନ ବିଷୟରେ ଭାଷଣ ଆରମ୍ଭ କରିଥିଲେ। ସମସ୍ତ ସଭ୍ୟ ବିମୁଗ୍ଧ ଭାବରେ ଏକ ପୁରାଣଜାତିର ଆତ୍ମରକ୍ଷା ବ୍ୟବସ୍ଥାର ବିଚକ୍ଷଣ ସଂଗଠନ ବିଷୟରେ ଶୁଣିବାକୁ ଆଗ୍ରହ କରିଥିଲେ।

ବିଶ୍ୱନାଥ କହିଥିଲେ "ଏଠାରେ ଉଲ୍ଲେଖକରିବା ସମୀଚୀନ ହେବ ଯେ ଯେଉଁ ଓଡ଼ିଶା ଆଜି ଶୋଚନୀୟ ଭାବରେ ଅବହେଳିତ ତାହାର ଏକ ନାହିଁ ନଥିବା ଓ ଆଦର୍ଶସ୍ଥାନୀୟ ମିଲିସିଆ (ରକ୍ଷୀ ବାହିନୀ) ଥିଲା। ମୁଁ ଭାବୁଛି ସମସ୍ତ ଭାରତ ଓଡ଼ିଶାର ଏହି ରକ୍ଷୀ ବାହିନୀର ସଂଗଠନରୁ କିଛି ଶିକ୍ଷା କରିବା ଉଚିତ। ଇତିହାସ କହେ – ମୁଁ ଏହା ମୋର କଳ୍ପନାରୁ କହୁନାହିଁ। ଯେତେବେଳେ ରାଜ ଚକ୍ରବର୍ତ୍ତୀ ଅଶୋକ କଳିଙ୍ଗ ଜୟ କଲେ ସେତେବେଳେ ସେ ଓଡ଼ିଆମାନଙ୍କଠାରୁ ପ୍ରଚଣ୍ଡ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ। ଏହି ପ୍ରତିରୋଧ ଏଭଳି ଭୀଷଣ ହୋଇଥିଲା ଯେ ପ୍ରାୟ ଦେଢ଼ ଲକ୍ଷ ସୈନ୍ୟ ବନ୍ଦୀ ହୋଇଥିଲେ। ଏକ ଲକ୍ଷ ସୈନ୍ୟ ଯୁଦ୍ଧ ଭୂମିରେ ନିହତ ହୋଇଥିଲେ ଓ ଏହି ଏକ ଲକ୍ଷର ଅନେକ ଗୁଣ ଲୋକ ମୃତ୍ୟୁ ମୁଖରେ ପଡ଼ିଥିଲେ। ଆକବର ଯେତେବେଳେ ବଙ୍ଗଳାର ଆଫଗାନମାନଙ୍କୁ ଦମନ କରି ବଶ୍ୟତାରେ ଆଣିବାକୁ ବାହାରିଥିଲେ ଯେତେବେଳେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଓ ପରିପୂର୍ଣ୍ଣ ରକ୍ଷୀ ବାହିନୀ ଥିଲା। ଏକଥା ମୁଁ ସେମାନଙ୍କର ନିଜ ରେକର୍ଡ଼ରୁ ଯାହାର ନାମ ହେଲା ଆବଦୁଲ ଫାଜଲଙ୍କର ଆକବରନାମା ତାହାର ୨ୟ ଖଣ୍ଡର ପୃ ୩୯୫ ଷାରୁ ଉଦ୍ଧୃତ କରୁଛି।

Digitized by srujanika@gmail.com

"ମହାଶୟ, ସେତେବେଳେ ଓଡ଼ିଶାର ବହୁ ଶାସକ ନରପତି ଥିଲେ। ସେମାନେ ପୂରାପୂରି ସ୍ୱାଧୀନ ଥିଲେ। ବିଲାତ କେବଳ ଓଡ଼ିଶାକୁ ଅଧିକାର କରିଥିଲା। କିନ୍ତୁ ଓଡ଼ିଆ କେବେହେଲେ ପରାଜିତ ହୋଇ ନଥିଲା। ଓଡ଼ିଆ ଆପଣାର ସ୍ୱାଧୀନତାକୁ ବହୁକାଳ ଯାଏ ବଜାୟ ରଖିଥିଲା; କିନ୍ତୁ ସେତେବେଳେ ଓଡ଼ିଶାର ଲୋକେ ବିଲାତି ଶାସନ ବ୍ୟବସ୍ଥାକୁ ପସନ୍ଦ କରିଥିଲେ ଓ ତାଙ୍କର ଅଭିଜ୍ଞତାରୁ ସେହି ଶାସନ ମରହଟ୍ଟା ଶାସକମାନଙ୍କର ଶାସନଠାରୁ ଉନ୍ନତ ଧରଣର ଥିଲା। କାରଣ ମରହଟ୍ଟାମାନେ ରାହାଜାନି ଓ ଲୁଟତରାଜ କରୁ ଥିଲେ। ଲୋକମାନଙ୍କର ବିଷୟ ଆସୟର ସୁରକ୍ଷା ନ ଥିଲା କି କୌଣସି ଦମ୍ଭିଲା ଶାସନ ବି ନଥିଲା। ବାସ୍ତବ ପକ୍ଷେ ଜଗନ୍ନାଥଙ୍କ ପଣ୍ଡାମାନେ ବ୍ରିଟିଶ ପ୍ରଶାସନର ଆଗମନକୁ ସ୍ୱାଗତ କରିଥିଲେ; କିନ୍ତୁ ସେହି ଉନ୍ନତ ଶାସନ ଆଜିର ବ୍ରିଟିଶ ଶାସକମାନଙ୍କର ପୂର୍ବପୁରୁଷ ଅମଳର ଶାସନ। ସେଭଳି ଶାସନ ଏବେ ଆଉ ନାହିଁ; ତାହାର ବହୁ ପରିମାଣରେ ଅବନତି ଘଟିଅଛି। ଏହା ବର୍ତ୍ତମାନର ଓଡ଼ିଶାକୁ ଓ ଭାରତର ପ୍ରତ୍ୟେକ ଅଂଶକୁ ସବୁଠାରୁ ଜଘନ୍ୟ କ୍ଷତିରେ ନିକ୍ଷେପ କରିଦେଇଛି।"

ସାର୍ ହିଉଗକ୍‌କ – (ବମ୍ବେ-ଇଉରୋପିଆନ) "ଏହି ସବୁ ସାମରିକ କାର୍ଯ୍ୟପାଇଁ ଅର୍ଥ ଯୋଗାଉଥିଲା କିଏ?"

ବି.ଏନ୍.ମିଶ୍ର – "ଓଡ଼ିଶାରେ ସେମାନଙ୍କର ସେତେବେଳର ସୈନ୍ୟବାହିନୀରେ ଭର୍ତ୍ତିହେବାର ଧରଣ ଭିନ୍ନ ପ୍ରକାର ଥିଲା। ସେତେବେଳେ କୌଣସି ଦରମା ପାଉଥିବା ଅଫିସର ନ ଥିଲେ, ସେମାନେ ଥିଲେ ସରଦାର ବା ଦଳପତି; ଯେଉଁମାନେ ସୈନ୍ୟବାହିନୀକୁ ଆଦେଶ ଦେଉଥିଲେ। ମୋର ନିଜ ଗୋସେଇଁ ଜେଜେବାପା ସେ କାଳର ଜଣେ ବାହିନୀପତି ସେନାଧକ୍ଷ ଥିଲେ (ହର୍ଷଧ୍ୱନି)। ଏହାଛଡ଼ା ସେ ବି ଥିଲେ ରାଜଗୁରୁ ଅର୍ଥାତ୍ ପୁରୋହିତ। ତେବେ ବି ସେ ଦେଶପାଇଁ ଲଢ଼େଇ କରୁଥିଲେ। ସେମାନଙ୍କୁ ଅବଶ୍ୟ ଜାଗିରି ଜମି ଦିଆଯାଉଥିଲା, ତାହା ସେମାନଙ୍କ ପାଇଁ ଯଥେଷ୍ଟ ହେଉଥିଲା। ମୁଁ କେବଳ ଏହି ଗୃହକୁ ଏତିକି ବୁଝାଇବାକୁ ଲୋଡୁଛି କିପରି ବ୍ରିଟିଶମାନେ ଭୁଲ ପନ୍ଥାରେ ଜାଣିଶୁଣି ଜନସାଧାରଣଙ୍କର ଲଢୁଆ ମନୋଭାବ ନଷ୍ଟ କରିଦେଇଛନ୍ତି ଓ ଯେଉଁ ପଦ୍ଧତି ବର୍ତ୍ତମାନ ଚାଲୁରହିଛି ସେହି ପଦ୍ଧତିକୁ ଚାଲୁ ରଖିବାରେ ଦାୟୀ ହୋଇଛନ୍ତି।"

ଓଡ଼ିଶା ଲୋକଙ୍କର ସାମରିକ ତାକତ ବିଷୟରେ ବର୍ଣ୍ଣନାକରି ମିଷ୍ଟର ଟୟନବି ତାଙ୍କ ବହି ୧୨ ପୃଷ୍ଠାରେ ଲେଖିଛନ୍ତି "ଏକଥା ସ୍ପଷ୍ଟ ଯେ ଏଭଳି ଗୋଟିଏ ସ୍ଥାନୀୟ

Digitized by srujanika@gmail.com

ଜାଗିରଭୋଗୀ ରକ୍ଷୀବାହିନୀ ବ୍ରିଟିଶ ସରକାରଙ୍କ ପାଇଁ ଶକ୍ତିର ଦୁର୍ଗ ଭଳି ହୋଇଥାଆନ୍ତା। ମୂଳରୁ ଯଦି ସରକାର ଏମାନଙ୍କ ପ୍ରତି ଉଦାର ଓ ନମନଶୀଳ ରୀତି ପଦ୍ଧତି ପ୍ରଦର୍ଶନ କରିଥାଆନ୍ତେ ତେବେ ଏମାନେ ଏକ ଶକ୍ତିର ଦୁର୍ଗ ତୋରଣରେ ପରିଣତ ହୋଇଥାଆନ୍ତେ। କିନ୍ତୁ ଏକ ଭାଗ୍ୟହୀନ, ଅଦୂରଦୃଷ୍ଟି ନୀତି ଯୋଗୁଁ ମେଜର ଫ୍ଲେଚର ଖୋରଧା ଜମିଦାରୀର ବାଜ୍ୟାପ୍ତି ପରେ ଏମାନଙ୍କର ଜାଗିର ଜମିକୁ ମଧ୍ୟ ମାପଚୁପ କରି ସେଥିରେ ଖଜଣା ବସାଇବାକୁ ବାହାରିଥିଲେ। କେବଳ ସେତିକି ନୁହେଁ। ଏହିମାନଙ୍କୁ ସବୁଠାରୁ କଦର୍ଯ୍ୟ, ଜବରଦସ୍ତି ଓ ଅତ୍ୟାଚାରର ଶିକାର ହେବାକୁ ପଡ଼ିଥିଲା। ବର୍ତ୍ତମାନର ସରକାର ପୂରାପୂରି ଆମରି ପ୍ରଦେଶରୁ ଜନତାର ସାମରିକ ତାକତକୁ ଶେଷ କରି ଦେଇଛନ୍ତି। କାରଣ ସରକାର ଏହି ଦେଶରେ ତାଙ୍କର ଲୋକ ସବୁ ଶ୍ରେଣୀର ଇଂରେଜଙ୍କୁ ଭର୍ତ୍ତି କରିବାରେ ଲାଗିଛନ୍ତି। ଛଳନା ହେଲା ଆଇନଶୃଙ୍ଖଳା ରକ୍ଷା। ଏଠାରେ ସୈନ୍ୟ ବାହିନୀରେ ଯେ କେହି ଟମ୍, ଡ଼ିକ୍, ହ୍ୟାରି ଭର୍ତ୍ତି ହେବାରେ କିଛି ବାଛବିଚାର ନାହିଁ। କାରଣ ଇଂରେଜମାନଙ୍କ ଲାଗି ଅନ୍ନସଂସ୍ଥାନ କରିବାକୁ ହେବ। ଇଂରେଜ ସରକାର କେବଳ ଯେ ଓଡ଼ିଶା ଲୋକଙ୍କର ଲଢ଼ିବା ଶକ୍ତିକୁ ମାରି ଦେଇଛନ୍ତି ତାହା ନୁହେଁ, ଭାରତର ପ୍ରତ୍ୟେକ ଭାଗର ଲୋକଙ୍କର ସାମରିକ ଶକ୍ତିକୁ ମଧ୍ୟ ମାରି ଦେଇଛନ୍ତି। ଯେଉଁ ଭାରତୀୟମାନେ ସରକାରଙ୍କ ଲାଗି ଆରକଟ ଅବରୋଧରେ ଲଢ଼େଇ କରିଥିଲେ ସେମାନଙ୍କର ମଧ୍ୟ ସାମରିକ ଶକ୍ତି ନଷ୍ଟ କରି ଦେଇଛନ୍ତି।

"କେବଳ ଭାରତୀୟମାନେ, ସେମାନେ ମୋପଲା (Moplas) ହୁଅନ୍ତୁ ବା ଆଉ କେହି ହୁଅନ୍ତୁ ଯେଉଁଠି ବିଲାତ ସରକାର ଭାରତର ନୂତନ ଅଞ୍ଚଳକୁ ଜୟ କରିଥିଲେ ସେମାନେ ଏହି ଦେଶର ଲୋକଙ୍କ ବଳରେ ହିଁ ଜୟ କରିଥିଲେ। ଏସବୁ ସତ୍ତ୍ୱେ ସରକାର ଏହି ଦେଶର ଲୋକଙ୍କୁ ହୀନ ଚକ୍ଷୁରେ ଦେଖୁଛନ୍ତି। ସରକାର କହୁଛନ୍ତି ଯେ ଭାରତୀୟମାନଙ୍କର ଗୋଟିଏ ରେଜିମେଣ୍ଟକୁ ନେତୃତ୍ୱ ଦେବାଭଳି ଶକ୍ତି ବା ଯୋଗ୍ୟତା ନାହିଁ, ଏପରିକି ଆମର ଗୋଟିଏ ବନ୍ଧୁକ ଉଠେଇବାରେ ଯୋଗ୍ୟତା ବା ତାକତ ବି ନାହିଁ। ଅଥଚ ଏଇଟା ହେଉଛି ସୁବିଦିତ ଯେ ବ୍ୟକ୍ତି ହିସାବରେ ତୁଳନା କଲେ ଗୋଟିଏ ବ୍ରିଟିଶ ସୈନ୍ୟ ତା'ର ଭାରତୀୟ ସୈନିକ ଭାଇ ସହିତ ସମକକ୍ଷ ନୁହେଁ। କୌଣସି ଗୁଣରେ ମଧ୍ୟ ନୁହେଁ। ଯଦି ଚ ଗୋରା ସୈନ୍ୟକୁ ଗରିବ ଭାରତୀୟ ସୈନ୍ୟ ତୁଳନାରେ ଅଧିକ ବେତନ ଦିଆ ଯାଇଥାଏ। ଇଂରେଜ ସୈନ୍ୟର ଖରାରେ ଛିଡ଼ାହୋଇ ରହିବାରେ ଧୈର୍ଯ୍ୟ ନାହିଁ। ତଥାପି ସେ ହେଲା ବୀର; କିନ୍ତୁ

Digitized by srujanika@gmail.com

ଭାରତୀୟ ସୈନ୍ୟ ସେ ଯେତେ ବଳିଷ୍ଠ ହେଉ, ଯେତେ ସୁଶୃଙ୍ଖଳ ହେଉ, ଯେତେ ପାରଦର୍ଶୀ ହେଉ ତା' ପାଇଁ କୌଣସି ପ୍ରଶଂସା ମିଳେ ନାହିଁ।

"ମହାଶୟ, ମନେ ରଖିବାର ଅଛି ଯେ ବ୍ରିଟିଶ ସୈନ୍ୟ ଆମର ରାଜକୋଷରୁ ଭାରତୀୟ ସୈନ୍ୟ ଅପେକ୍ଷା ଦଶଗୁଣ ଏପରିକି କୋଡ଼ିଏ ଗୁଣ ଯାଏ ଅର୍ଥ ଅଧିକା ନିଏ; ଆଉ ସେହି ଅର୍ଥତକ ସବୁ ଇଂଲଣ୍ଡକୁ ଯାଏ। ତଥାପି ମହାଶୟ ଏତେ କାରସାଦି ସତ୍ତ୍ୱେ ବି ସରକାର ଆମ ଦେଶର ସାମରିକ ତେଜକୁ ପୂରାପୂରି ଧ୍ୱଂସ କରିବାରେ ସମର୍ଥ ହୋଇପାରି ନାହାନ୍ତି। ଆମେ ଏବେ ବି ଏକ ଶକ୍ତିଶାଳୀ ଓ ସାହସୀ ମନୁଷ୍ୟ ଗୋଷ୍ଠୀ ଭାବରେ ତିଷ୍ଠିଛୁ। ଓଡ଼ିଶାରେ ଏବେ ବି ଏପରି ସନ୍ତାନ ଜୀବିତ ଅଛନ୍ତି, ଯେଉଁମାନେ ଦେଶର ପ୍ରତିରକ୍ଷାକୁ ଯେକୌଣସି ସମୟରେ ବି ସମ୍ଭାଳି ପାରିବେ। ମୋର ବନ୍ଧୁ ସେ ଦିନ କହିଲାପରି, ଭାରତକୁ ଯଦି ସେନାବାହିନୀ ଉପରେ ପୂରା ନିୟନ୍ତ୍ରଣ ଦିଆଯାଏ ତେବେ ଏହି ଦେଶ ଆପଣାକୁ ନିଶ୍ଚିତଭାବରେ ସୁରକ୍ଷିତ ରଖିବାରେ ସକ୍ଷମ ହେବ। ସେଭଳି ଅବସ୍ଥାରେ ଆମେ ଏହି ଦେଶର ସୁରକ୍ଷା ପାଇଁ ଗୋଟିଏ ବି ବିଲାତି ସୈନ୍ୟକୁ ଲୋଡ଼ିବୁ ନାହିଁ; ଆମକୁ ଗୋଟିଏ ବିଲାତ ସୈନ୍ୟ ପାଇଁ ଅଧଲାଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, ମୁଁ ଏହି ସଭାଗୃହକୁ ଏହି ଦୃଢ଼ ପ୍ରତ୍ୟୟ ଦେଇପାରିବି ଯେ ପାଞ୍ଚ ଦଶ ବର୍ଷ ଭିତରେ ଆମେ ଏପରି ଏକ ସୁସଂଗଠିତ ଓ ସୁ-ଶୃଙ୍ଖଳ ବାହିନୀ ତିଆରି କରିବାରେ ସକ୍ଷମ ହେବୁ, ଯାହା ପୃଥିବୀର ଯେକୌଣସି ଜାତିର ବିସ୍ମୟର ବସ୍ତୁ ହେବ। ବ୍ରିଟିଶ ସରକାର ତାଙ୍କ ସମସ୍ତ ମେସିନ ଗନ୍ ଆମ ବିରୁଦ୍ଧରେ ପ୍ରସ୍ତୁତକରି ରଖନ୍ତୁ ଚିନ୍ତାନାହିଁ, ସେମାନଙ୍କର ସମସ୍ତ ଉଡ଼ାଜାହାଜକୁ ଆମରି ମଥା ଉପରେ ଢ଼ାଙ୍କୁଣୀ କରି ରଖନ୍ତୁ ଚିନ୍ତା ନାହିଁ, ଆମ୍ଭେମାନେ ତିଳେ ମାତ୍ର ଭୟଭୀତ ହେବୁ ନାହିଁ। ଆମରି ଲୋକେ ସେମାନଙ୍କର କର୍ତ୍ତବ୍ୟ ବିଷୟରେ ପୂରାପୂରି ଏକନିଷ୍ଠ ରହିବେ; କିନ୍ତୁ ସରକାର ଆମକୁ ବଦନାମକରି ସେହି ବଦନାମ ଉପରେ ହିଁ ବଞ୍ଚିଛନ୍ତି। ଏହାହିଁ ଦୁର୍ଦ୍ଦଶା.........।"

ଜଣେ ମାନ୍ୟବର ସଦସ୍ୟ – "ମୁଁ ମନେକରେ, ମାନ୍ୟବର ସଦସ୍ୟ ଦରଭଙ୍ଗା ମହାରାଜାଙ୍କ ଉପରେ କୌଣସି କଟୁ ମନ୍ତବ୍ୟ ଦେଇ ପାରିବେ ନାହିଁ।"

ମିଷ୍ଟର ବି.ଏନ୍. ମିଶ୍ର – "ମୁଁ ତାଙ୍କ ଉପରେ କୌଣସି କଟୁ ମନ୍ତବ୍ୟ ଦେଉନାହିଁ। ମୋର କହିବାର କଥା, ତାଙ୍କ ବୟସ ଓ ଅଭିଜ୍ଞତା ଦୃଷ୍ଟିରୁ ସେ ମୋ ପ୍ରଦେଶର ପ୍ରତିନିଧି ହେବା ପାଇଁ ପୂରାପୂରି ଅଯୋଗ୍ୟ, ଏକଥା ଯଦି ଆମେ ସରକାରୀ ସଭ୍ୟମାନଙ୍କୁ କହି ଆମରି ଆପତ୍ତି ଜଣାଇବୁ, ସେମାନେ ତାଙ୍କର ଉତ୍ତରକୁ ସଜାଡ଼ି ରଖିଛନ୍ତି।"

Digitized by srujanika@gmail.com

'ଓ, ଏଇଟା ହେଉଛି ମହାମହିମ ସମ୍ରାଟ ସରକାରଙ୍କର ଇଚ୍ଛା ଓ ଖୁସି, ସେ ଯାହାକୁ ବାଛିବେ।' କିନ୍ତୁ "ମହାଶୟ, ବିଲାତରେ ଥିବା ମହାମହିମ ସରକାର ମହାରାଜା ଦରଭଙ୍ଗାଙ୍କର ବୟସ ବା ଯୋଗ୍ୟତା ବିଷୟରେ କିଛି ହେଲେ ଜାଣନ୍ତି ନାହିଁ। ସେମାନେ ସର୍ବଜ୍ଞ ପଣ୍ଡିତ ନୁହନ୍ତି। ସେମାନେ ଯୋଗୀ ସାଧୁ ନୁହନ୍ତି। ସେମାନେ ଆଗତ ଭବିଷ୍ୟତ ବିଷୟରେ ପ୍ରବକ୍ତା ଶକ୍ତିସଂପନ୍ନ ନୁହନ୍ତି। ସେମାନେ ଏତିକିମାତ୍ର ଦେଖୁଛନ୍ତି ଯେ ଏପରି ଲୋକ ବଛା ହେବା ଦରକାର, ଯିଏ ବୈଠକ ସମ୍ମିଳନୀରେ ଆପଣାର ନିଯୁକ୍ତକାରୀ ପ୍ରଭୁମାନେ ଯାହା କହିଥିବେ ସେତକ କହିବାକୁ ହଁ ଭରିବ। କିଏ କହିପାରିବ କେଉଁ କାରଣରୁ ଯୁବକ ଦରଭଙ୍ଗା ମହାରାଜଙ୍କୁ ଗୋଲଟେବୁଲ ବୈଠକ ପାଇଁ ପଠାଯାଇଛି। ସିଏ ଭୋଟର ଆଇନ ଅନୁଯାୟୀ କୌଣସି କାଉନ୍‌ସିଲରେ ବସିବା ପାଇଁ ଯୋଗ୍ୟତା ଅର୍ଜନ କରି ନାହାନ୍ତି, ଅଥଚ ତାଙ୍କଠାରୁ ଆଶା କରାଯାଉଛି ଯେ ଏହି ବ୍ୟବସ୍ଥାପକ ସଭା ବା ରାଷ୍ଟ୍ର ପରିଷଦ ଓ ଏପରିକି ଏକ ସଂଘୀୟ ସଂଗଠନ ବିଷୟରେ ଗୋଟିଏ ସଂବିଧାନ ପ୍ରଣୟନ କରିବାରେ ଭାଗନେଇ ପାରିବେ।"

"ଅସଲ କଥା ହେଲା, ସରକାର ଜଣେ ନିରାପଦ ଲୋକ ଚାହାନ୍ତି, ଯିଏ ସରକାର ଯାହା କହିବେ ତାହାକୁ ହଁରେ ହଁ ଭରି କହିବ। ଯିଏ ଖଣତିକୁ ଖଣତିଟାଏ ବୋଲି କହିବ ସେପରି ଲୋକ ସରକାରଙ୍କର ଦରକାର ନାହିଁ।

"ମହାଶୟ, ଓଡ଼ିଶାର ତିରିଶଟା କାନ୍ତାର ଦେଶୀୟ ରାଜ୍ୟ ଅଛି। ମୁଁ ଆଶା କରୁଛି, ଗୋଲଟେବୁଲ ବୈଠକର ଆସନ୍ତା ଅଧିବେଶନରେ ସେମାନେ ଓଡ଼ିଶାରୁ ଏପରି ପ୍ରତିନିଧି ନେବେ, ଉଭୟ ବ୍ରିଟିଶ ଓଡ଼ିଶା ଓ ଓଡ଼ିଶା ଦେଶୀୟ ରାଜ୍ୟରୁ ଯାହା କି ଓଡ଼ିଶା ଲୋକଙ୍କର ସନ୍ତୋଷଭାଜନ ହେବ।"

(ବ୍ୟବସ୍ଥାପକ ସଭା ବିତର୍କାବଳି – ଶୁକ୍ରବାର– ତା. ୨୦-୩-୧୯୩୧, ତୃତୀୟ ଖଣ୍ଡ ୭ ନମ୍ବର)

(ସାତ)

ଗାନ୍ଧି-ଇରଉଇନ ସନ୍ଧି ସତ୍ତ୍ୱେ ଯେତେବେଳେ ଭଗତ ସିଂ ଓ ଅନ୍ୟ ଦୁଇଜଣ ବିପ୍ଲବୀଙ୍କୁ ଅତ୍ୟନ୍ତ ସନ୍ଦେହଜନକ ପରିବେଶ ଭିତରେ ଫାଶୀ ଦିଆଗଲା, ତାହାର ପରଦିନ ମାର୍ଚ୍ଚ ୨୪ ତାରିଖରେ ବ୍ୟବସ୍ଥାପକ ସଭାର ଶାନ୍ତ ବାତାବରଣ ବିକ୍ଷୁବ୍‌ଧ ହୋଇ ପଡ଼ିଥିଲା। ତତ୍‌କାଳୀନ ବିରୋଧୀଦଳ ସେତେବେଳେ ହେଲେ ଜାତୀୟବାଦୀ

Digitized by srujanika@gmail.com

ଦଳ। ଏଥିରେ ଓଡ଼ିଶାର ବାରିଷ୍ଟର ବି.ଏନ୍. ମିଶ୍ର ଓ ମିଷ୍ଟର ବି. ଦାସ ମଧ୍ୟ ସାମିଲ ଥିଲେ। ତତ୍‌କାଳୀନ ବିରୋଧୀଦଳ ନେତା ଦେଓ୍ୱାନ ବାହାଦୂର ଟି.ରଙ୍ଗାଚ୍ଚରିଆ ଏଭଳି 'ଗୋପନ ରାତ୍ରି ପ୍ରଭାତ'ରେ ଫାଶୀ କାର୍ଯ୍ୟ ଭାରତୀୟ ଜାତୀୟ ଆକାଙ୍‌କ୍ଷା ପ୍ରତି ଅପମାନ ଓ ଅପରାଧ ବୋଲି ଘୋଷଣା କରିଥିଲେ। ସେତେବେଳେ ଗୃହର ନେତାଥିଲେ ସାର୍ ଜର୍ଜ ରେନି। ସ୍ୱରାଷ୍ଟ୍ର ସଭ୍ୟଙ୍କର ପ୍ରତ୍ୟୁତ୍ତର ଥିଲା ଯେ ସରକାରଙ୍କର ହୃଦ୍‌ବୋଧ ହୋଇଛି ଯେ ଏ ବିଷୟରେ ଉଚିତ ବିଚ୍ଚର ଓ ନ୍ୟାୟସଂଗତ ଦଣ୍ଡାଦେଶ ହୋଇଛି। ତେଣୁ ସରକାର ହସ୍ତକ୍ଷେପ କରିନାହାନ୍ତି।

ରଙ୍ଗାଚ୍ଚରିଆ ସରକାରଙ୍କୁ କହିଥିଲେ, ସେ ଓ ତାଙ୍କ ଜାତୀୟବାଦୀ ଦଳ ସରକାରଙ୍କ ଏହି କାର୍ଯ୍ୟ ବିରୁଦ୍ଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି ଓ ତେଣୁ ସଭାକକ୍ଷ ତ୍ୟାଗ କରି ଚ୍ଚଲିଯିବେ। ଗୃହନେତା ସାର୍ ଜର୍ଜ ରେନି ଜାତୀୟବାଦୀମାନଙ୍କୁ ଲକ୍ଷ୍ୟ କରି କହିଥିଲେ, ସେମାନଙ୍କର ସଭା କକ୍ଷ ତ୍ୟାଗର ଅର୍ଥ ହେବ ସେମାନେ ସେମାନଙ୍କ ନିର୍ବାଚନ ମଣ୍ଡଳି ପ୍ରତି ଆପଣା ଆପଣାର ଦାୟିତ୍ୱ ପାଳନ କରୁ ନାହାନ୍ତି, ଜାତୀୟବାଦୀ ଦଳର ବହୁ ସଭ୍ୟ ଏହାର ପ୍ରତ୍ୟୁତ୍ତର ଦେଇ କହିଥିଲେ, ସେମାନେ ସେମାନଙ୍କର ଦାୟିତ୍ୱପାଇଁ ପୂର୍ଣ୍ଣ ସଚେତନ। ଏମାନଙ୍କ ଭିତରେ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ପ୍ରତ୍ୟୁତ୍ତର, ବିଶେଷ ଦୃଷ୍ଟି ଆକର୍ଷଣ କଲାଭଳି ମର୍ମସ୍ପର୍ଶୀ ଥିଲା।

ସେ କହିଥିଲେ, "ମହାଶୟ, ଭାରତର ଏହି ତିନିଜଣ ମହାନ୍ ଦେଶପ୍ରେମୀ ଯୁବକଙ୍କର ଫାଶୀଦଣ୍ଡ ଭାରତର ସ୍ୱାଧୀନତା ଆନ୍ଦୋଳନ ପାଇଁ କେବଳ ଅପମାନ ନୁହେଁ ଏହା ସମସ୍ତ ବ୍ରିଟିଶ ଶାସନ ପାଇଁ ଏକ କଳଙ୍କର ଟିକା। ଏଭଳି ପରିସ୍ଥିତିରେ ଏହି ସଭାରେ ବିତର୍କ ଓ ଆଲୋଚନାରେ ଭାଗ ନେବାର କୌଣସି ମୂଲ୍ୟ ନାହିଁ। ଆଜି, ଆମ୍ଭମାନଙ୍କର ନିର୍ବାଚନମଣ୍ଡଳିର ଜନସାଧାରଣଙ୍କ ସମେତ ସମସ୍ତ ଭାରତବର୍ଷ ଶୋକରେ, କ୍ରୋଧରେ, ଅପମାନରେ ଜର୍ଜରିତ। ତେଣୁ ଏଭଳି ପରିସ୍ଥିତିରେ କୌଣସି ବିତର୍କରେ ଭାଗ ନେବା ଅବସ୍ଥାରେ ଆମ୍ଭେମାନେ ନାହୁଁ।" ତା'ପରେ ସମୁଦାୟ ଜାତୀୟବାଦୀ ଦଳ ଆପଣା ଅପଣାର ଆସନ ଶୂନ୍ୟକରି ସଭାକକ୍ଷ ଛାଡ଼ି ବାହାରି ଯାଇଥିଲେ।

ଏଥିପୂର୍ବରୁ ୨୩ ତାରିଖ ମାର୍ଚ୍ଚ ଓ ୩୦ ତାରିଖ ମାର୍ଚ୍ଚରେ ବାରିଷ୍ଟର ବି.ଏନ୍. ମିଶ୍ରଙ୍କର ଉତ୍‌ଥାପିତ ଦୁଇଟି ପ୍ରଶ୍ନମାଳା ବିଶେଷ ଉଲ୍ଲେଖଯୋଗ୍ୟ ହୋଇଥିଲା। ମାର୍ଚ୍ଚ ୨୩ ତାରିଖରେ ମିଷ୍ଟର ମିଶ୍ର ରାମକ୍ରିଷ୍ଣ ଝା'ଙ୍କ ତରଫରୁ ସିଭିଲ୍ ଜଷ୍ଟିସ କମିଟିର ୭୨ ପୃଷ୍ଠାରେ ଗୋଟିଏ ସୁପାରିସ ସମ୍ବନ୍ଧରେ ସରକାର କି କାର୍ଯ୍ୟାନୁଷ୍ଠାନ କରିଛନ୍ତି,

Digitized by srujanika@gmail.com

ତାହା ହିଁ ପ୍ରଶ୍ନ କରିଥିଲେ। ସିଭିଲ ଜଷ୍ଟିସ କମିଟିର ସୁପାରିଶଗୁଡ଼ିକରେ ବିଘ୍ନର ବିଭାଗୀୟ ପ୍ରଶାସନ, ପଦ୍ଧତି ଇତ୍ୟାଦି ବିଷୟରେ, କୋର୍ଟ କଚେରୀର ପ୍ରଚଳିତ ରୀତି ବିଷୟରେ ଅନେକଗୁଡ଼ିଏ ପ୍ରକ୍ରିୟାର ସଂଶୋଧନ ପ୍ରସ୍ତାବ ପେଶ୍ କରା ଯାଇଥିଲା। ଏଥି ଭିତରୁ କେତେଗୁଡ଼ିଏ ପାଟଣା ସମେତ ଅନ୍ୟାନ୍ୟ ହାଇକୋର୍ଟ ଓ ସେମାନଙ୍କର ଅଧସ୍ତନ ଜଜ୍‌କୋର୍ଟ ଓ ମୁନସଫ ଅଦାଲତର କାର୍ଯ୍ୟପଦ୍ଧତି ସଂକ୍ରାନ୍ତରେ ଉଦ୍ଦିଷ୍ଟ ଥିଲା। ଏହି ବିଷୟରେ ସରକାରୀ ପକ୍ଷରୁ ଜବାବ ଥିଲା ଯେ ଉକ୍ତ କମିଟିର ଯାହା କିଛି ସୁପାରିସ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବା କଥା; ତାହା ୧୯୩୦ ଜାନୁଆରୀ ୨୦ ତାରିଖ ପୂର୍ବରୁ ହୋଇସାରିଛି। ଅନ୍ୟଗୁଡ଼ିକ କାର୍ଯ୍ୟକାରୀ କରିବାର ଆବଶ୍ୟକତା ସରକାର ଅନୁଭବ କରୁନାହାନ୍ତି। ପାଟଣା ଓ ଅନ୍ୟାନ୍ୟ ହାଇକୋର୍ଟ ଓ ସେମାନଙ୍କର ଅଧସ୍ତନ ଅଦାଲତ କୋର୍ଟ କଚେରୀମାନେ ସୁପାରିସଗୁଡ଼ିକରୁ କେଉଁଗୁଡ଼ିକ କାର୍ଯ୍ୟକାରୀ କରିଛନ୍ତି ତାହାର ରିପୋର୍ଟ ମିଳିନାହିଁ, ମିଳିଲେ ମାନ୍ୟବର ସଦସ୍ୟଙ୍କୁ ଜଣାଇ ଦିଆଯିବ।

ମାର୍ଚ୍ଚ ୩୦ ତାରିଖ ୧୯୩୦ ର ପ୍ରଶ୍ନାବଳି ଭବିଷ୍ୟତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂକ୍ରାନ୍ତରେ ଥିଲା ଗୁରୁତ୍ୱପୂର୍ଣ୍ଣ। ଏଥିରେ ସେ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା କେନାଲ ଓ ଓଡ଼ିଶା ଡ଼ିଭିଜନର କେନାଲମାନଙ୍କର ନିର୍ମାଣରେ ସମୟ, ସେମାନଙ୍କ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ସେହି ଅର୍ଥର ଋଣ ବାବଦରେ ବାର୍ଷିକ ସୁଧର ପରିମାଣ ଓ ସେହି କେନାଲଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ବାବଦରେ ୧୯୨୫ଠାରୁ ୧୯୩୦ ଭିତରେ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣର ହିସାବ ମାଗିଥିଲେ। ଏହାର ଉତ୍ତରରେ ସରକାରୀ ପକ୍ଷରୁ କେବଳ ଏତିକି ମାତ୍ର ଜବାବ ଆସିଥିଲା ଯେ ଋଷିକୁଲ୍ୟା କେନାଲ ୧୮୯୧ରେ ଓ ଓଡ଼ିଶା କେନାଲ ସବୁ ୧୮୮୫ରେ ସଂପୂର୍ଣ୍ଣ ହୋଇଥିଲା। ଖର୍ଚ୍ଚ, ଅର୍ଥବ୍ୟୟ, ସୁଧ, ରକ୍ଷାଣ ରକ୍ଷଣା ମରାମତି ବିଷୟରେ ଗୃହର ଲାଇବ୍ରେରୀରେ ଥିବା ଏକାଉଣ୍ଟ ନମ୍ବର ୩୩ ଓ ୩୬ କ(ରାଜସ୍ୱ ଓ ଅର୍ଥ ଏକାଉଣ୍ଟ)ର ପୋଥିକୁ ସଦସ୍ୟଙ୍କୁ ପଢ଼ିବାକୁ କୁହାଯାଇଥିଲା।

ତେବେ ଆଶାର କଥା ଏହାର ବର୍ଷକ ପରେ ୧୯୩୨ ସାଲର ସେପ୍ଟେମ୍ବର ୨୧ ତାରିଖରେ ସିମଲା ଅଧିବେଶନରେ ମିଷ୍ଟର ବି.ଏନ୍.ମିଶ୍ରଙ୍କର ପ୍ରଶ୍ନର କେତେଗୁଡ଼ିଏ ତଥ୍ୟପୂର୍ଣ୍ଣ ଉତ୍ତର ଦିଆ ଯାଇଥିଲା। ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଫଳରେ ଭାରତରେ ବିଲାତି କମ୍ପାନୀମାନଙ୍କର ଋଣ ନାମରେ ଲୁଣ୍ଠନ ପ୍ରକ୍ରିୟା ପ୍ରକାଶିତ ହେବା ଫଳରେ ଏହାର ପ୍ରତ୍ୟକ୍ଷ ଉତ୍ତର ଦେବାକୁ ସରକାର ସବୁବେଳେ କୁଣ୍ଠିତ ହେଉଥିଲେ।

Digitized by srujanika@gmail.com

ମିଷ୍ଟର ବି.ଏନ୍. ମିଶ୍ର ପଚ୍ଚରିଥିଲେ –

(କ) (ଖ) ଓଡ଼ିଶା କେନାଲ (ମହାନଦୀ କେନାଲ) ସିଷ୍ଟମ୍ ନିର୍ମାଣ କରିଥିବା କମ୍ପାନୀର ନାମ ଓ ତାରିଖ; କେବେ ନିର୍ମାଣ କାର୍ଯ୍ୟ ଆରମ୍ଭ ଓ ଶେଷ ହୋଇଥିଲା।

(ଗ) ଉକ୍ତ କମ୍ପାନୀ ସର୍ବମୋଟ କେତେ ଟଙ୍କା ଅର୍ଥ ବ୍ୟୟ କରିଥିଲେ।

(ଘ) କେଉଁ କାରଣରୁ ସରକାର ଉପରୋକ୍ତ କେନାଲ ସିଷ୍ଟମକୁ ଉକ୍ତ କମ୍ପାନୀଙ୍କଠାରୁ ଖର୍ଦ୍ଦି କରି ନେଇଥିଲେ।

(ଙ) ଏହି କେନାଲରେ ମୋଟ କେତେ ଅର୍ଥ ବ୍ୟୟ ହୋଇଥିଲା ଓ ସେହି ଅର୍ଥର ମୋଟ ସୁଧ ଏପର୍ଯ୍ୟନ୍ତ କେତେ ହେଲାଣି।

(ଚ) ଜନସାଧାରଣ କ'ଣ ଏପରି କେନାଲ ନିର୍ମାଣ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ?

(ଛ) ଏହାକୁ ଏକ ସୁରକ୍ଷିତ ବ୍ୟବସ୍ଥା ଭାବରେ ରଖିବାର କାରଣ କ'ଣ ?

ଏହି ପ୍ରଶ୍ନର (କ) (ଖ) (ଗ) (ଘ) ବିଷୟରେ ସାର୍ ଫ୍ରାଙ୍କ୍ ନୟେସ୍ 'ମାନ୍ୟବର ସଦସ୍ୟ'ଙ୍କୁ 'ଭାରତର ଜଳସେଚନ' ୧୯୧୮-୨୧ର ତ୍ରିବାର୍ଷିକ ସମୀକ୍ଷା ପୁସ୍ତକର ୫୧-୫୪ ପୃଷ୍ଠା ଓ ୨୦୮ ପୃଷ୍ଠା ଅଧ୍ୟୟନ କରିବାକୁ ସୂଚନା ଦେଇଥିଲେ।

(ଙ) ପ୍ରଶ୍ନର ଉତ୍ତରରେ ସରକରୀ ଦଳ ସଦସ୍ୟ କହିଥିଲେ ଯେ ଉକ୍ତ ପ୍ରକଳ୍ପରେ ସର୍ବ ମୋଟ ୨,୬୦,୨୭,୦୦୦ (ଦୁଇକୋଟି ଷାଠିଏ ଲକ୍ଷ ସତେଇଶ ହଜାର) ଟଙ୍କା ଖର୍ଚ୍ଚ ହୋଇଥିଲା। ୧୯୩୦-୩୧ରେ ଏହାର ସୁଧର ହାର ଥିଲା ଶତକଡ଼ା ୩.୩୨୫। ୧୯୧୬-୧୭ ମସିହାର ଶେଷ ପର୍ଯ୍ୟନ୍ତ ଶତକଡ଼ା ୬.୧୧ ହିସାବରେ ତାହା ପରଠାରୁ ଧାର୍ଯ୍ୟ କରାହୋଇଥିଲା।

(ଚ) ଲୋକେ ଏଭଳି କେନାଲ ଦରକାର କରୁଥିଲେ କି ନାହିଁ ଏ ବିଷୟରେ କୌଣସି ତଥ୍ୟ ମୋ ନିକଟରେ ନଥିବାରୁ ମୁଁ ଦୁଃଖ ପ୍ରକାଶ କରୁଛି।

(ଛ) ପ୍ରକଳ୍ପଟି ଏକ ସୁରକ୍ଷିତ ଜିନିଷଭାବରେ ଶ୍ରେଣୀଭୁକ୍ତ ହୋଇନାହିଁ ସତ କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ମୂଲ୍ୟବାନ ବୋଲି ପ୍ରଶ୍ନର ପୂର୍ବୋକ୍ତ ଉତ୍ତରରେ ଦର୍ଶାଇଯାଇଥିବା ସମୀକ୍ଷାର ୫୪ ପୃଷ୍ଠାରେ ବର୍ଣ୍ଣିତ ହୋଇଅଛି।

୧୯୩୧ର ପୁନର୍ବାର ଆଉ ଏକ ପ୍ରଶ୍ନର ଉତ୍ତରରେ ଉକ୍ତ ସରକାରୀ ସଭ୍ୟ ପ୍ରକାଶ କରିଥିଲେ – "ଋଷିକୁଲ୍ୟା କେନାଲ ସିଷ୍ଟମ୍ ୧୯୦୧ରେ ଓ ଗଞ୍ଜାମ

Digitized by srujanika@gmail.com

ଗୋପାଳପୁର କେନାଲ ୧୮୯୩ରେ ସଂପୂର୍ଣ୍ଣ ହୋଇଥିଲା। ୧୯୩୦।୩୧ ବେଳକୁ ଋଷିକୁଲ୍ୟାର ମୋଟାମୋଟି ଆନୁମାନିକ ସଂପତ୍ତିମୂଲ୍ୟ ୫୪,୦୦,୭୩୧ ଓ ଗଞ୍ଜାମ-ଗୋପାଳପୁରର ୧,୫୫,୪୯୩ ଟଙ୍କା ଥିଲା। ୧୯୩୦-୩୧ରେ ଏହାର ସୁଧର ହାର ଥିଲା ଶତକଡ଼ା ୩.୩୨୫୨ (୧୯୧୬-୧୭ ପର୍ଯ୍ୟନ୍ତ) ଓ ଶତକଡ଼ା ୫.୪୪ (ସେହିଦିନଠାରୁ ୧୯୩୦-୩୧ ପର୍ଯ୍ୟନ୍ତ)

ଏହି କେନାଲର ଉଦ୍ଦେଶ୍ୟ ଥିଲା ଚିଲିକା ହ୍ରଦ ଚତୁର୍ଦ୍ଦିଗର ଅଞ୍ଚଳ ସହିତ ଗୋପାଳପୁରର ଜଳପଥ ରାସ୍ତାକୁ ସଂପୂର୍ଣ୍ଣ କରିବା, କାରଣ ସେତେବେଳେ ଗୋପାଳପୁର ଗଞ୍ଜାମ ଜିଲ୍ଲାର ବନ୍ଦର ଥିଲା।

ଏହାଛଡ଼ା ଆଭ୍ୟନ୍ତରୀଣ ଜଳପଥ ଯୋଗାଯୋଗ ଦ୍ୱାରା କଲିକତା ସହିତ ଏହି ଅଞ୍ଚଳକୁ ସଂଯୁକ୍ତ କରିବାର ଭବିଷ୍ୟତ ସମ୍ଭାବନାକୁ ଦୃଷ୍ଟି ଆଗରେ ରଖି ଏହି କେନାଲ ତିଆରି କରାଯାଇଥିଲା।

ଶେଷୋକ୍ତ କଥାର ତାତ୍ପର୍ଯ୍ୟ (ଯାହା ପାଇଁ ଏ ପ୍ରଶ୍ନ ପଚରା ଯାଇଥିଲା) ହେଲା ପୂର୍ବ ଉପକୂଳରେ କୌଣସି ନୌ-ଜାହାଜ ଆକ୍ରମଣ ହେଲେ ଗୋପାଳପୁରକୁ ଗୋଟିଏ ଘାଟିଜାଗା ରୂପେ ତିଆରି କରିବାର କଳ୍ପନାରେ ଏଭଳି ଏକ କେନାଲ ଖୋଳିବାର ଯୋଜନା କରାଯାଇଥିଲା। ଏହାର ମଜୁରା ପ୍ରଦେଶର ଟିକସଦାତାଙ୍କର ମୁଣ୍ଡ ଉପରେ ଲଦି ଦିଆଯାଇଥିଲା। ହୁଏତ ପରବର୍ତ୍ତୀ କାଳରେ ଏହାର ସାମରିକ ଗୁରୁତ୍ୱ ନଥିବାରୁ ଏହି କେନାଲଟି ପରିତ୍ୟକ୍ତ ହୋଇଥିଲା।

(ଆଠ)

୧୯୩୧ ମସିହାରେ ଜାତୀୟ ଜୀବନର ଘାତ ପ୍ରତିଘାତ ଭିତରେ ଆଶା ଓ ନିରାଶା, ଆଲୋକ ଓ ଅନ୍ଧକାର ପଟ ପରିବର୍ତ୍ତନ ବାରମ୍ବାର ଚାଲିଥିଲା। ବ୍ୟବସ୍ଥାପକ ସଭାର କକ୍ଷ ଭିତରେ ଓ ବାହାରେ ଚାଲିଥିବା ଜାତୀୟ ଆନ୍ଦୋଳନର ଜୁଆର ଓ ଭଟ୍ଟା, ଆନ୍ଦୋଳନ ଓ ଦମନର ସ୍ପଷ୍ଟ ପ୍ରଭାବ ପଡୁଥିଲା। ୧୯୩୧ ଜାନୁଆରି ୧୯ ତାରିଖରେ ପ୍ରଥମ ଗୋଲଟେବୁଲ ବୈଠକର ଶେଷଠାରୁ ୧୯୩୧ ସେପ୍ଟେମ୍ବର ୬ ତାରିଖରେ ଦ୍ୱିତୀୟ ଗୋଲଟେବୁଲ ଆରମ୍ଭ ଯାଏ ଭାରତର ଭବିଷ୍ୟତ ଶାସନତାନ୍ତ୍ରିକ ବ୍ୟବସ୍ଥା ବିଷୟରେ ବାଦାନୁବାଦ, ପ୍ରସ୍ତାବ, ପ୍ରତି-ପ୍ରସ୍ତାବ, ଏକତା ଓ ବିଚ୍ଛେଦ ସାରା ଭାରତର ସଂହତି ଓ ବିଭିନ୍ନ ସଂପ୍ରଦାୟର ବିଶେଷ ଅଧିକାର ଇତ୍ୟାଦିର ଘମାଘୋଟ ଲଢ଼େଇ ଭିତରେ ବ୍ୟବସ୍ଥାପକ ସଭା ଭିତରେ ଓ ବାହାରେ ତୁମୂଳ ଝଡ଼ତୋଫାନ ବହିବାରେ ଲାଗିଥିଲା। ସାମୟିକଭାବରେ ତୋଫାନର ଅନ୍ତ

Digitized by srujanika@gmail.com

ହୋଇଗଲେ ପୁନର୍ବାର ଆନ୍ଦୋଳନର ବେଗ ତୁହାକୁ ତୁହା ତୋଫାନର ଗତି ବୃଦ୍ଧିକରିବାରେ ଲାଗିଥିଲା ।

ଦ୍ୱିତୀୟ ଗୋଲଟେବୁଲ ବୈଠକରେ କଂଗ୍ରେସ ତରଫରୁ ଗାନ୍ଧିଜୀ ଯୋଗ ଦେବାପାଇଁ ନିମନ୍ତ୍ରିତ ହୋଇ ବିଲାତ ଯାଇଥିଲେ। ଅନ୍ୟ ପ୍ରତିନିଧିମାନଙ୍କୁ ପୁଣି ବ୍ରିଟିଶ ସରକାର ମନୋନୀତ କଲେ। ଏଥି ମଧ୍ୟରେ ବିଲାତର ଶ୍ରମିକ ସରକାରଙ୍କର ପତନ ହୋଇ ଯାଇଥିଲା ଓ ତାଙ୍କରି ସ୍ଥାନରେ ଏକ 'ଜାତୀୟ ସରକାର' ନାମକ କିଛି ଶ୍ରମିକ ଓ କିଛି ଜାଠଦଳର ପାର୍ଲିମେଣ୍ଟ ସଭ୍ୟଙ୍କୁ ନେଇ ପୂର୍ବତନ ଶ୍ରମିକ ଦଳର ପ୍ରଧାନମନ୍ତ୍ରୀ ରାମସେ ମ୍ୟାକ୍‌ଡ଼ୋନାଲଡ଼୍‌ଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଗଠିତ ସରକାର ବିଲାତରେ ଅଧିଷ୍ଠିତ ହୋଇ ସାରିଥିଲେ। ଏହି ସରକାରରେ ପ୍ରଧାନତଃ ଜାଠ ଦଳର ପ୍ରାଧାନ୍ୟ ଥିଲା। ଭାରତ-ସଚିବ ଭାବରେ ଜାଠ ଦଳର ଜଣେ ସଭ୍ୟ ସାର୍ ସାମୁଏଲ ହୋର ଏହି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ତାଙ୍କରି ନିର୍ଦ୍ଦେଶ ଅନୁସାରେ ଗୋଲଟେବୁଲ ବୈଠକରେ ପ୍ରତିନିଧିମାନଙ୍କୁ ଜାଠଦଳର ଆଭିମୁଖ୍ୟ ଅନୁସାରେ ମନୋନୀତ କରା ଯାଇଥିଲା। ଫଳରେ ମହମ୍ମଦଅଲି ଜିନ୍ନା ମୁସଲମାନଙ୍କର ପ୍ରତିନିଧି ଭାବରେ ଗୋଲଟେବୁଲ ବୈଠକରେ ଯୋଗ ଦେଲେ। ମହାତ୍ମାଗାନ୍ଧୀଙ୍କର ପ୍ରସ୍ତାବ ଥିଲା ଯେ ମୁସଲମାନମାନଙ୍କର ଭିନ୍ନ ମତର ପ୍ରତିନିଧି ଭାବରେ ଜାତୀୟବାଦୀ ମୁସଲମାନମାନଙ୍କ ଭିତରୁ ଡାକ୍ତର ଆନସାରୀଙ୍କୁ ସରକାର ଗୋଲଟେବୁଲ ବୈଠକକୁ ଡାକନ୍ତୁ। କିନ୍ତୁ ସରକାର ଗାନ୍ଧିଜୀଙ୍କର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ।

ଗୋଲଟେବୁଲ ବୈଠକର ପ୍ରତିନିଧି ମନୋନୟନ ସଂକ୍ରାନ୍ତରେ ବିଲାତ ସରକାରଙ୍କର ମନୋଭାବ ବିରୁଦ୍ଧରେ ବ୍ୟବସ୍ଥାପକ ସଭାରେ ପ୍ରତିକ୍ରିୟା ଦେଖା ଯାଇଥିଲା। ଏହି ବିଷୟରେ ସିମିଳାଠାରେ ଭାରତ ସରକାରଙ୍କର ଅତିରିକ୍ତ ଖର୍ଚ୍ଚ ଦାବୀକୁ ପ୍ରତୀକ ବିରୋଧ କରି ମିଷ୍ଟର ବି.ଦାସ ଓ ବାରିଷ୍ଟର ବି.ଏନ୍. ମିଶ୍ରେ ଦୁଇଗୋଟି ପ୍ରତୀକ କାଟ ପ୍ରସ୍ତାବ ଆଣିଥିଲେ; ବି.ଦାସଙ୍କର କାଟ ପ୍ରସ୍ତାବରେ ଗୋଲଟେବୁଲ ବୈଠକରେ ଓଡ଼ିଆଭାଷୀ ଅଞ୍ଚଳର କୌଣସି ପ୍ରତିନିଧିଙ୍କର ମନୋନୟନ ନ ଥିବାର ସମାଲୋଚନା କରା ଯାଇଥିଲା ଓ ବାରିଷ୍ଟର ବି.ଏନ୍.ମିଶ୍ର ଏହିକାଟ ପ୍ରସ୍ତାବକୁ ଦୃଢ଼ ଭାବରେ ସମର୍ଥନ କରି ଆପଣାର ଯୁକ୍ତି ଉପସ୍ଥାପିତ କରିଥିଲେ। ଦ୍ୱିତୀୟ କାଟ ପ୍ରସ୍ତାବଟିକୁ ବାରିଷ୍ଟର ମିଶ୍ର ଜାତୀୟବାଦୀ ମୁସଲମାନଙ୍କ ଭିତରୁ ଜଣେ ପ୍ରତିନିଧି ନେବା ପାଇଁ ଯୁକ୍ତି କରିବା ପାଇଁ ଓ ଆପଣାର ପ୍ରତିବାଦ ଜଣାଇବା ପାଇଁ ଆଣିଥିଲେ। ସିମଲା ଅଧିବେଶନର ଏହି କାଟ ପ୍ରସ୍ତାବଗୁଡ଼ିକ ଥିଲା

Digitized by srujanika@gmail.com

କେବଳ ସାଙ୍କେତିକ ପ୍ରତିବାଦ । କିନ୍ତୁ ଏଥିରେ ଯେଉଁ ଯୁକ୍ତିଗୁଡ଼ିକ ବିଶ୍ୱନାଥ ମିଶ୍ର ଉପସ୍ଥାପିତ କରିଥିଲେ ତାହାର କିଛି ସ୍ଥାୟୀ ଗୁରୁତ୍ୱ ରହିଛି ।

ସେପ୍ଟେମ୍ବର ୨୯ ତାରିଖରେ ମିଷ୍ଟର ବି. ଦାସଙ୍କର କାଟ ପ୍ରସ୍ତାବକୁ ସମର୍ଥନ କରି ବିଶ୍ୱନାଥ ମିଶ୍ରେ କହିଥିଲେ, "ପ୍ରଥମ ଗୋଲଟେବୁଲ ବୈଠକକୁ ବ୍ରିଟିଶ ଭାରତୀୟ ପ୍ରତିନିଧି ଭାବରେ ଯିବାର ପ୍ରତନିଧି ସଂଖ୍ୟା ଥିଲା ୫୨ । ପ୍ରଦେଶ ଓ୍ୱାରି ହିସାବ କଲେ, ଭାରତର ଆଠୋଟି ପ୍ରଧାନ ପ୍ରଦେଶ ରହିଛି । ସେହି ହିସାବରେ ବିହାର ଓ ଓଡ଼ିଶା ପ୍ରଦେଶକୁ ଅନ୍ତତଃ ଆଠଗୋଟି ସ୍ଥାନ ମିଳିବା ଉଚିତ । ତେଣୁ ଓଡ଼ିଶାର ଭାଗ ଚାରୋଟି ଅର୍ଥାତ୍ ଅର୍ଦ୍ଧେକ ହୋଇଥାଆନ୍ତା । କିନ୍ତୁ ଓଡ଼ିଶାକୁ ଗୋଟିଏ ମଧ୍ୟ ପ୍ରତିନିଧି ପଠାଇବାର ସୁଯୋଗ ମିଳିଲା ନାହିଁ । ଏଥିରୁ ମନେ ହୁଏ ଏହା ଗୃହର ନେତା ଓ ସରକାରୀ ପକ୍ଷ ଓଡ଼ିଶାକୁ ପୂରାପୂରି ହେଳାରେ ଉଡ଼େଇ ଦେଇଛନ୍ତି । ଠିକଣା ଭାବରେ ବିଚାର କଲେ ପାରଳାଖେମୁଣ୍ଡିର ରାଜା ଜମିଦାର ବା ଭୂମ୍ୟଧିକାରୀମାନଙ୍କର ପ୍ରତିନିଧି ଭାବରେ ଯାଇଥିଲେ । ସେ ଓଡ଼ିଶା ଡ଼ିଭିଜନର ପ୍ରତିନିଧିତ୍ୱ କରୁ ନ ଥିଲେ । ଏଥରକ ପୁଣି ଗୋଲଟେବୁଲ ବୈଠକକୁ ଅଧିକା ୧୬ଜଣ ପ୍ରତିନିଧି ଯାଇଛନ୍ତି । ତେଣୁ ଅନୁପାତ ଦୃଷ୍ଟିରୁ ଓଡ଼ିଶାର ଭାଗ ୪ ଜଣରୁ ବେଶି ପଡ଼ିବ । ଏଥରକ ପୁଣି ପାରଳାରାଜା ମଧ୍ୟ ଗୋଲଟେବୁଲ ବୈଠକରେ ନାହାନ୍ତି । ତେଣୁ ଏଥରକ ଓଡ଼ିଶା ପାଇଁ କହିବାକୁ ଆମର କେହି ଜଣେ ହେଲେ ପ୍ରତିନିଧି ନାହାନ୍ତି ।"

× × ×

"ମହାଶୟ, ମୁଁ ମନେ କରୁଛି ଯେ ବର୍ତ୍ତମାନର ଗୋଲଟେବୁଲ ବୈଠକରେ ଓଡ଼ିଶା ପ୍ରତିନିଧିତ୍ୱ କରିବା ଉଚିତ । କାରଣ ଏବେ ଓଡ଼ିଶା ପାଇଁ ଏକ ସୀମା କମିସନ ଗଢ଼ାଯାଇଛି ଓ ଓଡ଼ିଶା ପାଇଁ ଏକ ନୂଆ ପ୍ରଦେଶ ଗଢ଼ିବାର ପ୍ରସ୍ତାବ ବିଚାରାଧୀନ ଅଛି । ଗତ ସିମଲା ଅଧିବେଶନ ବେଳେ ମୁଁ ଏହି ସଭାରେ ଦର୍ଶାଇଥିଲି ଯେ ଓଡ଼ିଆମାନଙ୍କର ବହୁ ପୁରାତନ ଏକ ପ୍ରଶ୍ନର ସମାଧାନ ହେବାର ଅଛି । ଏହା ତିରିଶବର୍ଷ ହେଲା ଅସମାହିତ ରହି ଆସିଛି । ତେଣୁ ମୁଁ ସରକାରଙ୍କୁ ନିଷ୍ଠାପରଭାବରେ ନିବେଦନ କରୁଛି ଯେ ସେମାନେ ତାଙ୍କର ଏହି ଭୁଲ ସଂଶୋଧନ କରନ୍ତୁ । (ଜଣେ ସଭ୍ୟ : ତୁମେ କାହିଁକି କାହାକୁ ପଠାଇବ ସେହି ନାଁର ସୂଚନା ଦେଉନାହିଁ) । ମୁଁ ଭାବୁଛି ସରକାର ଯାହାକୁ ଉପଯୁକ୍ତ ମନେକରୁଛନ୍ତି ତାଙ୍କୁ ପଠାନ୍ତୁ । ବର୍ତ୍ତମାନ ମଧ୍ୟ ସମୟ ଅଛି, ଏତିକି କହି ମୁଁ ଏହି କାଟ ପ୍ରସ୍ତାବକୁ ସମର୍ଥନ କରୁଛି ।"

Digitized by srujanika@gmail.com

ଏହି କାଟ ପ୍ରସ୍ତାବର ବିରୋଧକରି ସାର୍ ଜର୍ଜ ରେନି ଯାହା କହିଥିଲେ ତାହାର ସାରାଂଶ ହେଲା ଯେ ସେ ବିହାର–ଓଡ଼ିଶା ପ୍ରଦେଶରୁ ବ୍ୟବସ୍ଥାପକ ସଭାକୁ ଆସିଛନ୍ତି। ତେଣୁ ସ୍ୱାଭାବିକଭାବରେ ସେ ଓଡ଼ିଆ ପ୍ରତିନିଧିତ୍ୱକୁ ବିରୋଧ କରିବା ଅସଙ୍ଗତ। କିନ୍ତୁ ତାଙ୍କ ମତରେ ଓଡ଼ିଶା ପାଇଁ ଏକ ସୀମା କମିଟି ବସିଛି ଓ ସେହି ସୀମା କମିଟିର ନିର୍ଦ୍ଧାରଣ ନ ବାହାରିବା ଯାଏ ଗୋଲଟେବୁଲ ବୈଠକ ଓଡ଼ିଶା ପ୍ରଶ୍ନ ନେଇ କୌଣସି ଆଲୋଚନା କରିବା ଆଦୌ ସମ୍ଭବ ନୁହେଁ। ତାଙ୍କର ସନ୍ଦେହ ନାହିଁ ଯେ ଏହି କାରଣରୁ ପାରଳାର ରାଜା ଏଥରକ ଗୋଲଟେବୁଲ ବୈଠକକୁ ନ ଯାଇ ଉକ୍ତ ସୀମା କମିଟି କାର୍ଯ୍ୟରେ ସହଯୋଗ କଲେ ଅଧିକ ଉପଯୋଗୀ କାର୍ଯ୍ୟ ହେବ ବୋଲି ମନେ କରୁଛନ୍ତି। ତେଣୁ ଓଡ଼ିଶାର ସ୍ୱତନ୍ତ୍ର ଦୃଷ୍ଟିକୋଣ ପାଇଁ ଏବେ ଲଣ୍ଡନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନୁହେଁ ବରଂ ସୀମା କମିଟିର କାର୍ଯ୍ୟ ଯାହା ଭାରତରେ ହେଉଛି, ତାହାହିଁ ଗୁରୁତ୍ୱପୂର୍ଣ୍ଣ। ସୀମା କମିଟିର ନିର୍ଦ୍ଧାରଣ ପ୍ରକାଶିତ ହୋଇଗଲା ପରେ ଯେତେବେଳେ ଲଣ୍ଡନ ସମ୍ମିଳନୀ ତାହାକୁ ବିଗ୍ଭରକୁ ନେବେ ସେତେବେଳେ ଓଡ଼ିଆ ପ୍ରତିନିଧିଙ୍କର ସେଠାକୁ ଯିବା ଗୁରୁତ୍ୱପୂର୍ଣ୍ଣ ହେବ। ତେଣୁ ଓଡ଼ିଶାର ମୁଖ୍ୟ ବ୍ୟକ୍ତିମାନେ ସୀମା କମିଟିର ସାଫଲ୍ୟ ଉପରେ ବର୍ତ୍ତମାନ ମୁଖ୍ୟ ଗୁରୁତ୍ୱ ଦେବା ଉଚିତ।

ଅକ୍ଟୋବର ତିନି ତାରିଖରେ ସେହି ସିମଲା ଅଧିବେଶନରେ ବାରିଷ୍ଟର ବିଶ୍ୱନାଥ ମିଶ୍ର ଜାତୀୟବାଦୀ ମୁସଲମାନଙ୍କ ତରଫରୁ ଜଣେ ପ୍ରତିନିଧି ଗୋଲଟେବୁଲ ବୈଠକରେ ଯୋଗଦେବାର ଦାବୀକରି କାଟ ପ୍ରସ୍ତାବ ଆଣିଥିଲେ। ସେ କହିଥିଲେ, "ମହାଶୟ, ୨,୬୩,୦୦୦ ଟଙ୍କାରୁ ବଳକା ହେଉ ନ ଥିବା ଅର୍ଥ ପାଇଁ ଖର୍ଚ୍ଚ ଦାବୀ ଉପରେ ମୁଁ କାଟ ପ୍ରସ୍ତାବ ଆଣି ପ୍ରସ୍ତାବ କରୁଛି ଯେ ଏହି ଅର୍ଥରୁ ଶହେ ଟଙ୍କା କାଟି ଦିଆଯାଉ।"

ସେ ସ୍ପଷ୍ଟ କରିଥିଲେ ଯେ ଏହି ପ୍ରସ୍ତାବ ସେ ଆପଣାର ପାର୍ଟିର ନିର୍ଦ୍ଦେଶ ଅନୁସାରେ କରି ନାହାନ୍ତି। ସେ ଏହା କରୁଛନ୍ତି କାରଣ 'ଜାତୀୟବାଦୀ ମୁସଲମାନ ମାନେ ଏହି ସଭାରେ ଆଦୌ ପ୍ରତିନିଧିତ୍ୱ କରୁନାହାନ୍ତି। "ହିନ୍ଦୁ ସଂସ୍କୃତିର ପ୍ରଧାନଗୁଣ ହେଲା ଯେ ଯେଉଁମାନେ ଅନୁପସ୍ଥିତ ସେମାନଙ୍କର ସ୍ୱାର୍ଥରକ୍ଷା କରିବା ହିନ୍ଦୁର କର୍ତ୍ତବ୍ୟ" (ହର୍ଷଧ୍ୱନି)। ଏହାପରେ ବିଶ୍ୱନାଥ ମହାଭାରତରେ ମହାରଥୀ ବ୍ରହ୍ମରଥୀ ଭୀଷ୍ମଙ୍କର ପ୍ରସଙ୍ଗ ଉତ୍‌ଥାପନ କରି କିପରି ପ୍ରତ୍ୟେକ ହିନ୍ଦୁମାନେ ପିତୃପୁରୁଷଙ୍କ ପିଣ୍ଡ ଦେଲାବେଳେ ଭୀଷ୍ମଙ୍କ ପାଇଁ ପିଣ୍ଡ ବାଢ଼ନ୍ତି ତାହାର ତାତ୍ପର୍ଯ୍ୟ ବୁଝାଇଥିଲେ।

ସେ କହିଥିଲେ, "ମହାଶୟ, ଆପଣ ବୋଧହୁଏ ଖବରକାଗଜରୁ ଦେଖୁଥିବେ ଯେ ଡକ୍ଟର ଆନସାରିଙ୍କ ଅନୁପସ୍ଥିତି ଯୋଗୁଁ ଗୋଲଟେବୁଲ ବୈଠକର

Digitized by srujanika@gmail.com

ଅଗ୍ରଗତି ହେବାରେ ବାଧା ପଡୁଛି। ଡକ୍ଟର ଆନସାରି ଏହି ଗୃହର ଅତ୍ୟନ୍ତ ସୁବିଦିତ ବ୍ୟକ୍ତି। ମୁଁ ଏହା ଅବଶ୍ୟ କହୁନାହିଁ ଯେ ଅନ୍ୟ ସଭ୍ୟ ସେଠାରେ ନାହାନ୍ତି। ତଥାପି ମୁଁ ସରକାରୀ ବେଞ୍ଚର ସଭ୍ୟମାନଙ୍କୁ ଅନୁଯୋଗ କରୁଛି ସେମାନେ ଏହି ବିଷୟଟିକୁ ଏକ ପାର୍ଟି ପ୍ରଶ୍ନ ଭାବରେ ନ ଦେଖି, ଏକ ସରକାରୀ ପ୍ରଶ୍ନଭାବରେ ମଧ ନ ଦେଖି, ଏକ ଜାତୀୟ ପ୍ରଶ୍ନ ଭାବରେ ଦେଖନ୍ତୁ। ମୁଁ ଏହି ଗୃହର ମୁସଲମାନ ବନ୍ଧୁମାନଙ୍କୁ ଅନୁରୋଧ କରୁଛି, ସେମାନେ ଏହି ବିଷୟଟିକୁ ଏକ ପାର୍ଟି ପ୍ରଶ୍ନ ଭାବରେ ନ ଦେଖି, ଏକ ଜାତୀୟ ପ୍ରଶ୍ନ ଭାବରେ ଦେଖନ୍ତୁ। ମୁଁ ଏହି ଗୃହର ମୁସଲମାନ ବନ୍ଧୁମାନଙ୍କୁ ଅନୁରୋଧ କରୁଛି ସେମାନେ ମୋର ଏହି ପ୍ରସ୍ତାବଙ୍କୁ ବିରୋଧ ନ କରନ୍ତୁ। ମୁଁ ସରକାରୀ ପକ୍ଷକୁ ନିବେଦନ କରୁଛି ସେମାନେ ଏହି ପ୍ରଶ୍ନକୁ ଗୃହର ମୁକ୍ତ ଭୋଟକୁ ଛାଡ଼ି ଦିଅନ୍ତୁ। ସେମାନେ ନିଜେ ଭୋଟ ଦେବାରୁ କ୍ଷାନ୍ତ ରହନ୍ତୁ ଓ ବିଭିନ୍ନ ପାର୍ଟିର ବ୍ୟକ୍ତିମାନେ ଆପଣାର ବିବେକ ଅନୁସାରେ ଭୋଟ ଦିଅନ୍ତୁ, ତାହାହେଲେ ଏହି ଗୃହ ମୋର ଏହି ପ୍ରସ୍ତାବ ସହିତ ଏକମତ ହେବ।"

ବିଶ୍ୱନାଥଙ୍କର ଏହି କାଟ ପ୍ରସ୍ତାବକୁ ବିରୋଧ କରି ରୋହିଲାଖଣ୍ଡ ଓ କୁମାଉଁ (Kumaun) ଡ଼ିଭିଜନ (ସେତେବେଳର ଯୁକ୍ତପ୍ରଦେଶ, ଏବର ଉତ୍ତର ପ୍ରଦେଶ) ମୁସଲମାନ ଗ୍ରାମୀଣ ନିର୍ବାଚନ ମଣ୍ଡଳିର ସଦସ୍ୟ ସାର୍ ମହମ୍ମଦ ୟାକୁବ ଦର୍ଶାଇଥିଲେ ଯେ ଏହି କାଟ ପ୍ରସ୍ତାବରେ ବିଶ୍ୱନାଥ ମିଶ୍ରେ ମୁସଲମାନଙ୍କ ପ୍ରତି ନ୍ୟାୟବିଗ୍ଭର କରି ନାହାନ୍ତି, କାରଣ ସେ ଦାବୀ କରିଥିଲେ ଯେ ସେ ଓ ଗୃହର ଅନ୍ୟ ସମସ୍ତ ମୁସଲମାନ ସଦସ୍ୟ ଭାରତର ଯେ କୌଣସି ମୁସଲମାନଙ୍କଠାରୁ କୌଣସି ଗୁଣେ କମ୍ ଜାତୀୟବାଦୀ ନୁହନ୍ତି। ସେ କହିଥିଲେ ଯେ ତତ୍କାଳୀନ ପ୍ରତିନିଧି, ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ଯାଇଥିବା ମହମ୍ମଦ ଆଲି ଜିନ୍ନାଙ୍କଠାରୁ ବଳି ଜାତୀୟବାଦୀ ମୁସଲମାନ ଭାରତରେ ଆଉ କିଏ ଅଛି ? ବାରିଷ୍ଟର ବିଶ୍ୱନାଥ ମିଶ୍ର ଏହାର ଉତ୍ତରରେ ଡକ୍ଟର ଆନସାରିଙ୍କର ଗୋଲଟେବୁଲ ବୈଠକରେ ଯୋଗ ଦେବାର ଆବଶ୍ୟକତା, ଜାତୀୟବାଦୀ ମୁସଲମାନ ଓ ସାଂପ୍ରଦାୟିକ ସ୍ୱାର୍ଥରକ୍ଷା ପାଇଁ ବ୍ୟାକୁଳ ମୁସଲମାନଙ୍କ ଭିତରେ ପ୍ରଭେଦ ବୁଝାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ସଭାପତିଙ୍କର ନିର୍ଦ୍ଦେଶ କ୍ରମେ ତାଙ୍କୁ ଆଉ ବକ୍ତୃତା ଦେବାର ସୁଯୋଗ ନ ଥିବାରୁ ବାଧ ହୋଇ ସେ କାଟ ପ୍ରସ୍ତାବଟିକୁ ପ୍ରତ୍ୟାହାର କରି ନେଇଥିଲେ।

(ନଅ)

୧୯୩୧ ସାଲରେ କେନ୍ଦ୍ର ବ୍ୟବସ୍ଥାପକ ସଭାର ବର୍ଷଶେଷ ବେଳର ସିମଲା

Digitized by srujanika@gmail.com

ଅଧିବେଶନ ବେଳକୁ ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନ ଗାନ୍ଧି-ଇରଉଇନ ଚୁକ୍ତି ଯୋଗୁଁ ସ୍ଥଗିତ ରହିଥିଲା। କିନ୍ତୁ ଅନ୍ୟପକ୍ଷରେ ଭାରତ ସରକାର ଦମନମୂଳକ ଆଇନ ସବୁକୁ ପ୍ରସ୍ତୁତ କରିବାରେ ଲାଗିଥିଲେ। ଉଦାହରଣ ସ୍ୱରୂପ ସେପ୍ଟେମ୍ବର ମାସର ଶେଷ ବେଳକୁ ଭାରତୀୟ ପ୍ରେସ (ଜରୁରି କ୍ଷମତା) ବିଲ୍‌କୁ ବ୍ୟବସ୍ଥାପକ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ପେସ୍ କରିଥିଲେ। ଏହି ବିଲ୍ ସମ୍ପର୍କରେ ବିଶ୍ୱନାଥ ମିଶ୍ରେ କହିବାକୁ ଯାଇ ପ୍ରଶ୍ନ କରିଥିଲେ; "କୁହାଯାଇଛି ଏହି ବିଲ୍‌ର ଉଦ୍ଦେଶ୍ୟ ହେଲା, ଖବରକାଗଜମାନେ ନରହତ୍ୟା ପାଇଁ ପ୍ରରୋଚନା ଦେବାକୁ ନିଷେଧ କରିବାପାଇଁ ଏ ବିଲ୍ ଅଣାଯାଇଛି। ପ୍ରଶ୍ନ ଉଠୁଛି ଦେଶର ବହୁସଂଖ୍ୟକ ଲୋକ ସରକାରୀ ବେଞ୍ଚରେ ବସିଥିବା ସଭ୍ୟମାନଙ୍କର ବିରୋଧୀ କାହିଁକି ? ଆମେ ଏପଟ ବେଞ୍ଚରେ ବସିଥିବା ସଦସ୍ୟମାନେ କହି କହି ଥକି ଗଲୁଣି, କାହିଁକି ଏହି ଗୃହର ସମୟ ଏଭଳି ବିନାକାରଣରେ ଅପବ୍ୟୟ କରାଯାଉଛି। ପ୍ରକୃତ ପକ୍ଷରେ ଆମେ ଦେଖୁଛୁ ଯେ ମାନ୍ୟବର ସ୍ୱରାଷ୍ଟ୍ର ବିଭାଗର ଅଧିକାରୀ ସଭ୍ୟ ଆମ ଦେଶରେ ଏକ ଗୋଲାମ ରିଓ୍ୱାଜ ଚାଲୁ ରଖିବାକୁ ଚାହାନ୍ତି।"

ବିଶ୍ୱନାଥ କହିବାରେ ଲାଗିଲେ; "ମୁଁ ଭାବୁଛି, ଏହି ଗୃହର ସଦସ୍ୟମାନେ ଆମରି ଭାରତର ମାଜିଷ୍ଟ୍ରେଟ ଗୋଷ୍ଠୀଙ୍କର ମନୋଭାବ ବିଷୟରେ ଅଭିଜ୍ଞ। ମୁଁ ଭାରତର କୋର୍ଟ କଚେରୀରେ ଚଉଠ ଶତାବ୍ଦୀ ଯାଏ (ପଚିଶବର୍ଷ ଯାଏ) ଆଇନ ବ୍ୟବସାୟ କରିଛି। ମୁଁ ଏଠାରେ ଗୋଟିଏ ମାଜିଷ୍ଟ୍ରେଟଙ୍କର ଉଦାହରଣ ଦେବି। ତାହା ହେଲେ ମୋର ପଏଣ୍ଟ ଟା ସ୍ପଷ୍ଟ ହୋଇ ଯିବ। ୧୯୦୪ କିମ୍ବା ୧୯୦୫ ସାଲର ବର୍ଷର ପହିଲା ଭାଗର ସମୟ ହେବ। ମୁଁ ଜଣେ ମାଜିଷ୍ଟ୍ରେଟଙ୍କ ଇଜଲାସରେ ହାଜର ହୋଇଥିଲି। ଉକ୍ତ ମାଜିଷ୍ଟ୍ରେଟଙ୍କର କାର୍ଯ୍ୟକାଳ ସେତେବେଳକୁ ଦଶବର୍ଷ ଯାଏ ହେବ। ମୁଁ ପ୍ରଥମ ମକଦ୍ଦମାରେ ଲଢ଼ିଲା ବେଳେ ଉକ୍ତ ମାଜିଷ୍ଟ୍ରେଟ ମୋର ମହକିଲକୁ ଦୋଷମୁକ୍ତ କରି ଖଲାସ କରିଦେଲେ। ତା'ପରେ ସେ ମୋତେ ଖୁବ୍ ପ୍ରଶଂସା କଲେ। ସେ କହିଲେ ମୋର ଦଶ ବର୍ଷ ମାଜିଷ୍ଟ୍ରେଟ କାର୍ଯ୍ୟକାଳ ଭିତରେ ମୁଁ ଜଣେ ଲୋକକୁ ବେକସୁର ଖଲାସ କରି ନାହିଁ। ବିଶେଷତଃ ଯଦି ସେ କୌଣସି ପୋଲିସ କେଶରେ ଅଭିଯୁକ୍ତ ହୋଇଥାଏ, ତେବେ ତ କୌଣସି ମତେ ନୁହେଁ। ଏପରିକି ଅଣପୋଲିସ ମକଦ୍ଦମାରେ ଯଦି ଅଭିଯୋଗକାରୀ ପାଖରେ ଗୋଟିଏ ଡାକ୍ତର ମାଇନା ସାର୍ଟିଫିକେଟ ଥାଏ ତେବେ ବି ସେହି ମାଜିଷ୍ଟ୍ରେଟ ଅଭିଯୁକ୍ତକୁ ସଜା ଦେଇଥାଆନ୍ତି। ସେହି ମକଦ୍ଦମାରେ ଅଭିଯୋଗକାରୀ ସାଙ୍ଗରେ ଗୋଟିଏ ଡାକ୍ତରମାଇନା ସାର୍ଟିଫିକେଟ ଆଣିଥିଲେ; ତାହା ସତ୍ତ୍ୱେ ସେ ଅଭିଯୁକ୍ତକୁ ଖଲାସ କରି ଦେଇଥିଲେ। ଏହାହିଁ ହେଲା

Digitized by srujanika@gmail.com

ମାଜିଷ୍ଟ୍ରେଟମାନଙ୍କର ମନୋଭାବ। ସେମାନେ ସେମାନଙ୍କର ଉପର ଅଫିସର ଯଥା ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଠାରୁ ଆଦେଶ ନେଇ ହିଁ ଆପଣାର ବିଗ୍ଚର ନିଷ୍ପତ୍ତି କରିଥାଆନ୍ତି।"

ଏହାପରେ ମିଷ୍ଟର ମିଶ୍ର ଭାରତ ବିଗ୍ଚର ବିଭାଗର ଏପରି ଦାସ ମନୋବୃତ୍ତି ବିଷୟରେ ଗଭୀର କ୍ଷୋଭ ପ୍ରକାଶ କରି କହିଲେ "ସରକାର ହାଇକୋର୍ଟଙ୍କ ହାତରେ ମଧ ସିଧାସଳଖ ବିଗ୍ଚର ଭାର ଛାଡ଼ିବାକୁ ଭୟ କରୁଛନ୍ତି; କାହିଁକି ? କାରଣ ହାଇକୋର୍ଟ ତାଙ୍କର ବିପକ୍ଷରେ ରାୟ ଦେବେ। ତାଙ୍କ ପାଖରେ ସରକାରୀ ହୁକୁମଜାରି ଚଳିବ ନାହିଁ।"

ଏହିଠାରେ ମିଷ୍ଟର ରାମପ୍ରସାଦ ନାରାୟଣ ସାହି ପଗ୍ଚରିଥିଲେ "ମହାଶୟ ଜାଣିବାପାଇଁ ମୁଁ ଏକ ପଏଣ୍ଟ ପଗ୍ଚରୁଛି। ମାନ୍ୟବର ସଦସ୍ୟଙ୍କୁ ପଗ୍ଚରିପାରେ କି ଯେଉଁ ମାଜିଷ୍ଟ୍ରେଟଙ୍କ କଥା ଏଥିପୂର୍ବରୁ ସେ କହୁଥିଲେ, ଉକ୍ତ ମାଜିଷ୍ଟ୍ରେଟ ତାଙ୍କୁ ତାଙ୍କର କଥିତମତେ କହିଲାବେଳେ ହୋସରେ ଥିଲେ କି ?

ମିଷ୍ଟର ବି.ଏନ୍.ମିଶ୍ର – "ମୋତେ ସେ ନିଜେ କହିଥିଲେ, ବୋଧହୁଏ ସେ ନିଶା ଖାଇ ନ ଥିଲେ।"

(ବ୍ୟବସ୍ଥାସଭା ବିତର୍କାବଳି ପୃ ୧୪୨୬ ଶୁକ୍ରବାର) ୨ ଅକ୍ଟୋବର ୧୯୩୧ ସିମଳା)

(ଦଶ)

ବ୍ୟବସ୍ଥାପକ ସଭାର ୧୯ ତାରିଖ ନଭେମ୍ବର, ୧୯୩୧ ଭାରତୀୟ ଅର୍ଥ (ସପ୍ଲିମେଣ୍ଟାରୀ ଓ ବୃଦ୍ଧି) ବିଲ୍ ଉପରେ ଭାଷଣ ଦେଇ ବିଶ୍ୱନାଥ ଭାରତର ପ୍ରଶାସନରେ ଉଚ୍ଚ ଅଫିସର ଓ ତଳିଆ କର୍ମଗ୍ଚରୀମାନଙ୍କର ବେତନ ହାରର ତାରତମ୍ୟ ବିଷୟରେ ସରକାରୀ ପକ୍ଷଙ୍କୁ ବିଦ୍ରୂପରେ ଜର୍ଜର କରିଥିଲେ। ସେ ଆରମ୍ଭ କରିଥିଲେ – "ମହାଶୟ, ମୋତେ ଏତେ ବିଳମ୍ବରେ କହିବାକୁ ସୁଯୋଗ ଦେଇଥିବାରୁ ମୁଁ ଆପଣଙ୍କୁ ଦୋଷୁ ନାହିଁ (ହସବୃଷ୍ଟି)। (ସାର୍ ମହମ୍ମଦ ୟାକୁବ, କାରଣ ଆପଣ ନୂଆକରି ଦାଢ଼ି ରଖିଛନ୍ତି) ତେବେ ମୁଁ ଖର୍ଚ୍ଚ କାଟ ବିଷୟରେ ଓ ଆୟକର ବିଭାଗର କାରସାଦି ବିଷୟରେ କିଛି କହିବା ପୂର୍ବରୁ ମାନ୍ୟବର ଅର୍ଥମନ୍ତ୍ରୀଙ୍କଠାରୁ କେତୋଟି ତଥ୍ୟ ସଂଗ୍ରହ କରିବି। ସେ ମୋର ଏଭଳି କାର୍ଯ୍ୟକୁ ଅଶାଳୀନ ବୋଲି ମନେ ନ କରନ୍ତୁ ,ଏତିକି ଆଶା ରଖୁଛି।"

Digitized by srujanika@gmail.com

ତା'ପରେ ମିଷ୍ଟର ବି.ଏନ୍.ମିଶ୍ର କହିଲେ, "ମୁଁ ପଚାରୁଛି ସାରା ପୃଥିବୀ ପୃଷ୍ଠରେ ଏପରି କୌଣସି ଦେଶ ଅଛି କି; ଧରନ୍ତୁ ଜର୍ମାନୀ, ଆମେରିକା ବା କାନାଡ଼ା ଅଥବା ଫ୍ରାନ୍ସ ଯେଉଁଠି ଭାରତ ତୁଳନାରେ ଏପରି ଚଢ଼ା ଖର୍ଚ୍ଚରେ ଶାସନ କାର୍ଯ୍ୟ ଚଳେ ? ଏଠାର ବଡ଼ ବଡ଼ ପାହ୍ୟା ସର୍ଭିସରେ ଯାହା ବେତନ ଦିଆଯାଏ, ଅନୁପାତ ଦୃଷ୍ଟିରୁ ସେପରି ବେତନ ପୃଥିବୀରେ ଆଉ କାହିଁ ଅଛି କି ?"

× × ×

"ମୁଁ କହିବାକୁ ଆପଣଙ୍କର ଅନୁମତି ଭିକ୍ଷା କରୁଛି ଯେ ଆମେରିକାରେ ଜଣେ ଅଳ୍ପିକିଆ ଦରମାବାଲା କିରାଣୀ ଯାହା ପାଏ ତାହା ଟଙ୍କା ଆକାରରେ ହେବ ୩୧୨୫ଟଙ୍କା। ସେଠାର ସବୁଠାରୁ ଉଚ୍ଚ ବେତନଧାରୀ ପ୍ରଶାସନିକ ବା ବିଗ୍ଭର ବିଭାଗୀୟ ଅଫିସରର ଦରମା ଟଙ୍କା ଆକାରରେ ହିସାବ କଲେ ହେବ, ୨୭,୪୦୦ ଅର୍ଥାତ୍ ୯ ଗୁଣ। ଏହା ଆମେରିକାର ଚଳଣି। ତେବେ ଅର୍ଥମନ୍ତ୍ରୀ କହନ୍ତୁ ତ ଦେଖି ଆମେରିକାର ଶାସନ କ'ଣ ଖରାପ ଶାସନ ?"

ଏହାପରେ ବାରିଷ୍ଟର ବିଶ୍ୱନାଥ ଜର୍ମାନିର ଉଦାହରଣ ଦେଇ ସେଠାରେ ସର୍ବନିମ୍ନ ଦରମା ପ୍ରାୟ ୧୧୧୦ ଟଙ୍କା ସହିତ ସର୍ବୋଚ୍ଚ ଦରମା ପ୍ରାୟ ୧୪,୯୬୦ ଅର୍ଥାତ୍ ୧:୧୨ ବୋଲି ଦର୍ଶାଇଥିଲେ। ମିଷ୍ଟର ମିଶ୍ର କହିଥିଲେ, "ହୁଏତ ମୋର ସରକାରୀ ବେଞ୍ଚର ବନ୍ଧୁମାନେ ଏହି ଦେଶଗୁଡ଼ିକ ଉତ୍ତମରୂପେ ଶାସିତ ହେଉନାହାନ୍ତି ବୋଲି ମନେକରୁଥିବେ। ତେବେ ମୁଁ ସେମାନଙ୍କ ଆଗରେ କାନାଡ଼ାର ଉଦାହରଣ ରଖୁଛି।. ଏହାତ ଖୋଦ୍ ବିଲାତର ଶାସନ। ସେଠାରୁ ବି ଆମର ମହାମହିମ ଭାଇସରାୟ ଆସିଛନ୍ତି। ମୁଁ ମନେ କରୁଛି, ଉକ୍ତ ମହାମହିମ ନିଶ୍ଚୟ ସାର୍ଟିଫିକେଟ ଦେବେ ଯେ କାନାଡ଼ା ଅତି ଉତ୍ତମଭାବରେ ଶାସିତ ଦେଶ ଭିତରୁ ଅନ୍ୟତମ। ତେବେ ସେଠାରେ କି ରୀତିପଦ୍ଧତି ଚଳୁଛି, ଦେଖାଯାଉ। ସେଠାରେ ଗୋଟିଏ କିରାନିର ଦରମା ହେଉଛି ପ୍ରାୟ ୧୬୫୦ ଟଙ୍କା ଓ ସବୁଠାରୁ ଉଚ୍ଚପଦସ୍ଥ ଅଫିସର ଦରମା ୧୭,୪୦୦ ଟଙ୍କା। ଏଠାରେ ବି ଅନୁପାତ ହେଲା ୧:୧୨। ଅବଶ୍ୟ ଏମାନଙ୍କ ତୁଳନାରେ ଜାପାନ ହେଉଛି ଦରିଦ୍ରତର ଦେଶ। ତଥାପି ସେଠାରେ ବି ଏହି ଅନୁପାତ ୬୫୦ : ୮୮୦୦= ପ୍ରାୟ ୧ : ୧୩। ଏସବୁକୁ ଛାଡ଼ି ମୁଁ ମାନ୍ୟବର ଅର୍ଥମନ୍ତ୍ରୀଙ୍କ ନିଜ ଦେଶ ବା ପିତୃଭୂମିର ଦୃଷ୍ଟାନ୍ତ ଦେଉଛି। ସଂଯୁକ୍ତ ରାଜତନ୍ତ୍ର। ସେଠାରେ ସର୍ବନିମ୍ନ ବେତନଭୋଗୀ କିରାନିଠାରୁ ସର୍ବୋଚ୍ଚ ବେତନଭୋଗୀ ଅଧିକାରୀ ପ୍ରଧାନମନ୍ତ୍ରୀ ଅଥବା ଭାରତ ସଚିବ ପ୍ରଭୃତିଙ୍କର ଯେଉଁମାନେ ବର୍ତ୍ତମାନ ଭାରତର ଭାଗ୍ୟ ନିଷ୍ପତ୍ତି

Digitized by srujanika@gmail.com

କରିବାପାଇଁ ଲାଗି ପଡ଼ିଛନ୍ତି – ବେତନର ଅନୁପାତ କ'ଣ ? ସେଠାରେ ନିମ୍ନତମ କିରାନିର ବାର୍ଷିକଦରମା ହେଲା ୧୨୬୬ ଟଙ୍କା ଓ ସର୍ବୋଚ୍ଚ ପ୍ରଶାସନିକ ଚାକିରୀଆର ବାର୍ଷିକଦରମା ହେଲା ହାରାହାରି ପ୍ରାୟ ୪୦,୦୦୦ ଟଙ୍କା ଅର୍ଥାତ୍ ଏଠାରେ ଅନୁପାତ ହେଲା ୧ : ୩୨। ତେବେ ମହାଶୟ ମୁଁ ଭାରତକୁ ଆସୁଛି (ହର୍ଷଧ୍ୱନି ହିଅର୍, ହିଅର୍) ଏଠାରେ ଅନୁପାତ କ'ଣ ? ଯେଉଠି ମୁଣ୍ଡପିଛା ଆୟ ପୃଥିବୀର ସବୁ ଦେଶଠାରୁ କମ୍ ଅର୍ଥାତ୍ ମାତ୍ର ବାର୍ଷିକ ୭୪ଟଙ୍କା ଅର୍ଥାତ୍ ମାସକୁ ମାତ୍ର ଛଅ ଟଙ୍କା ? ଏଠାରେ ଜଣେ କିରାନି ମାସକୁ ୩୦ ଟଙ୍କା ଅର୍ଥାତ୍ ବର୍ଷକୁ ୩୬୦ ଟଙ୍କା ପାଏ। ଏହାଠାରୁ କମ୍ ପାଉଥିବା କିରାନି ଓ ତଳିଆ କର୍ମଚାରି ତ ଅଛନ୍ତି। ଏଠାରେ ପ୍ରାଇମେରୀସ୍କୁଲ ଶିକ୍ଷକ ମାସକୁ ପାଞ୍ଚଟଙ୍କାରୁ ସାତଟଙ୍କା ଯାଏ ପାଏ। ସେପରି ସ୍ଥଳେ ଏକ ଉଚ୍ଚପାହ୍ୟା ପ୍ରଶାସନିକ ପୋଷ୍ଟର ବାର୍ଷିକ ବେତନ କେତେ ? ଟ ୪୮,୦୦୦ ଙ୍କାରୁ କମ୍ ନୁହେଁ। ଏଠାରେ ମୁଁ ଏକଜିକ୍ୟୁଟିଭ କାଉନସିଲର ଗଭର୍ଣ୍ଣର ଇତ୍ୟାଦିଙ୍କର ବେତନ କଥା ଉଠାଉନାହିଁ। ସେମାନଙ୍କ କଥା ଛାଡ଼ନ୍ତୁ। ତଥାପି ଏହି ସ୍ୱଳ୍ପ ବେତନ ଓ ଉଚ୍ଚ ବେତନ ଭିତରେ ଅନୁପାତ ହେଉଛି ୧ : ୧୩୩। (ଏକ ଅନୁପାତ ଏକଶହ ତେତିଶ)

ସେଥିପାଇଁ ଖର୍ଚ୍ଚ କାଟର ନୀତି ବା ପଲିସି ବିଷୟ ଉତ୍‌ଥାପନ କରି ମିଷ୍ଟର ବି.ଏନ୍ ମିଶ୍ର କହିଥିଲେ, "ଯଦି ଛଟେଇ କରିବାକୁ ଚାହଁ ତେବେ ବଡ଼ବଡ଼ିଆଙ୍କୁ କାଟ ଛାଣ୍ଟ କଲେ କିଛି ମାଲ ମିଳିବ। ତାହା ନ କରି ଛୋଟଛୋଟଙ୍କର ଦରମା କାଟିଲେ ସେମାନଙ୍କୁ ତ ବାଧିବ ଫଳରେ କିଛି ବଳକା ଅର୍ଥ ମିଳିବ ନାହିଁ।"

ସେ କହିଥିଲେ, "ଯିଏ ୬୦୦୦ ଟଙ୍କା ପାଉଛି ତାହାର ୬୦୦ ଟଙ୍କା କାଟିଲେ ତାକୁ ବିଶେଷ ବାଧିବ ନାହିଁ । କିନ୍ତୁ ତିରିଶ ଟଙ୍କା କିରାନିର ଦରମାରୁ ତିନି ଟଙ୍କା କାଟିଦେଲେ ସଂସାର ତାକୁ ଅନ୍ଧାର ଦେଖାଯିବ। ତା'ଛଡ଼ା ଯିଏ ୬୦୦୦ ଟଙ୍କା ପାଉଛି ସେ କ'ଣ ୬୦ ଟଙ୍କା ପାଉଥିବା ଲୋକଠାରୁ ଦଶଗୁଣ ଉତ୍ତମ ଓ ବିରାଟ ? ଯଦି ସରକାରୀ ପକ୍ଷ ବିଲାତର ପ୍ରଶାସନିକ ପଦ୍ଧତି ପାଇଁ ଚାଲି ଥାଆନ୍ତି – ଚାଲିବାର ତ କଥା। କାରଣ ସବୁ ବିଷୟରେ ଆମେ ଇଂଲଣ୍ଡକୁ ଆମର ଆଦର୍ଶକରି ଧରିଛୁଁ। ତେବେ କିରାନିଟିଏ ଯଦି ତିରିଶ ଟଙ୍କା ବେତନ ପାଉଛି ତାହାହେଲେ ବଡ଼ ପାହ୍ୟା ଅଫିସର ବିଲାତର ରିଓ୍ୱାଜ ଅନୁସାରେ ୩୦ × ୩୨ = ୯୬୦ ଟଙ୍କା ପାଉ, ବାକୀତକ ୩୦ × ୪୦ = ୧୨୦୦ ଟଙ୍କା ପାଉ, ବାକୀତକ ଟଙ୍କା ତା'ର କାଟିଦେବା ଉଚିତ। ଏହା ସାଧୁତାପୂର୍ଣ୍ଣ, ନ୍ୟାୟସଙ୍ଗତ ସମଦର୍ଶୀ ବିଧାନ ହେବ।"

Digitized by srujanika@gmail.com

ଏହାପରେ ବିଶ୍ୱନାଥ ଭାରତରେ ତତ୍‌କାଳୀନ ପ୍ରଚଳିତ ଆୟକର ଧାର୍ଯ୍ୟ ଓ ଆଦାୟ ବ୍ୟବସ୍ଥାର କଠୋର ସମାଲୋଚନା କରି ଏଥିରେ ଥିବା ଅନ୍ୟାୟ, ପ୍ରବଞ୍ଚନା ଓ ଶଠତାକୁ ମୁଖାଖୋଲି ଦେଖାଇଥିଲେ।

(ବ୍ୟବସ୍ଥାସଭାର ବିତର୍କାବଳି ଖ ୭ ଣ ନଂ ୧୨ ନଭେମ୍ବର ୧୯ ତାରିଖ ୧୯୩୧)

(ଏଗାର)

ଚତୁର୍ଥ ବ୍ୟବସ୍ଥାପକ ସଭାର ପ୍ରଥମ ବର୍ଷ (୧୯୩୧) ଅବଶ୍ୟ ଘଟଣା ବହୁଳ ଥିଲା ଓ ବିଚିତ୍ର ଥିଲା। କିନ୍ତୁ ଜାତୀୟବାଦୀ ଭାରତ ଓ ଶାସନକାରୀ ବ୍ରିଟିଶ ସରକାର ଭିତରେ ଏକ ଛକାପଞ୍ଝାର ଲୁଚକାଳି ଖେଳ। କଂଗ୍ରେସର ନେତୃତ୍ୱର ଓ ଗାନ୍ଧିଜୀଙ୍କର ପାରମ୍ପରିକ କୌଶଳ ଅନୁସାରେ ସଂଗ୍ରାମୀ ଓ ସଂଗ୍ରାମବିରତି ଦ୍ୱାରା ରୁଦ୍ଧ ଓ ଦ୍ୱାର ମୁକୁଳା ଉଭୟ ଚାଲିଥିଲା। ଉଭୟପକ୍ଷ ସଂଗ୍ରାମକୁ ଚରମପର୍ଯ୍ୟାୟକୁ ନେବାକୁ ପ୍ରସ୍ତୁତ ନ ଥିଲେ। କେବଳ ମିଳାମିଶା ପାଇଁ ଆପଣା ପକ୍ଷର ତାକତକୁ ଭାରସାମ୍ୟରେ ରଖିବାଲାଗି ସଂଗ୍ରାମ ଓ ଦମନକୁ ବ୍ୟବହାର କରୁଥିଲେ।

ବ୍ୟବସ୍ଥାପକ ସଭା ବାହାର ବାତାବରଣ ଅବଶ୍ୟମ୍ଭାବୀଭାବରେ ସଭାଗୃହ ଅଭ୍ୟନ୍ତରକୁ ସଂକ୍ରମିତ ହେଉଥିଲା। ୧୯୩୦ ଜୁଲାଇ ମାସରୁ ଚାଲୁ ରହିଥିବା ଆଇନ ଅମାନ୍ୟ ଓ ଖଜଣାବନ୍ଦ ଆନ୍ଦୋଳନ ଭାରତର କୌଣସି କୌଣସି ସ୍ଥାନରେ ଯଥା ବଙ୍ଗଦେଶ ଓ ଉତ୍ତରପଶ୍ଚିମ ସୀମାନ୍ତରରେ ଅତି ପ୍ରଚଣ୍ଡ ଆକାର ଧାରଣ କରିଥିଲା। ଗୁଜୁରାଟ ଓ ଯୁକ୍ତ ପ୍ରଦେଶରେ ଏହାଥିଲା ମଧ୍ୟମ ଧରଣର। ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଏହା ଅପେକ୍ଷାକୃତ ନିମ୍ନ ସ୍ତରରେ ଥିଲା।

୧୯୩୧ ଜାନୁଆରୀରେ ବ୍ୟବସ୍ଥାପକ ସଭାର ଆଲୋଚନା କଂଗ୍ରେସ ଓ ସରକାର ଭିତରେ ଏକ ମିଳାମିଶା ପାଇଁ ବିତର୍କ ସୂତ୍ରରେ ବାତାବରଣ ସୃଷ୍ଟିକରିବାକୁ ଆରମ୍ଭ କଲେ। ଏହି ବିତର୍କର ସମୟକାଳ ମଧ୍ୟ ବେଶ୍ ଉଦ୍ଦେଶ୍ୟପୂର୍ଣ୍ଣଭାବରେ ସ୍ଥିର ହୋଇଥିଲା। ୧୯୩୧ ଜାନୁଆରୀ ୧୯ ତାରିଖରେ ପ୍ରଥମ ଗୋଲଟେବୁଲ ବୈଠକ ଶେଷ ହେବା ବେଳକୁ ବ୍ୟବସ୍ଥାପକ ସଭାର ଏ ପ୍ରକାର ବିତର୍କ ଖୁବ୍ ଆକସ୍ମିକ ନ ଥିଲା। ତାପରେ ୧୯୩୧ ସାଲର ଜାନୁଆରୀ ମାସର ଶେଷ ବେଳକୁ ଗାନ୍ଧିଜୀ ଓ କେତେକ ବିଶିଷ୍ଟ କଂଗ୍ରେସ ନେତାଙ୍କୁ ଖଲାସ କରି ଦିଆଗଲା। ତାହାପରେ ଗାନ୍ଧିଜୀ ଓ ଭାଇସରାୟ ଲର୍ଡ଼ ଇରଉଇନଙ୍କ ଭିତରେ ଆଲୋଚନା ହୋଇ ସମସ୍ତ ସତ୍ୟାଗ୍ରହୀ ବନ୍ଦୀ ଖଲାସ ହୋଇଗଲେ ଓ ଗାନ୍ଧିଜୀ ଦ୍ୱିତୀୟ ଗୋଲଟେବୁଲ ବୈଠକକୁ ଯିବାକୁ

Digitized by srujanika@gmail.com

ପ୍ରସ୍ତୁତ ହେଲେ। ଦୁର୍ଭାଗ୍ୟର କଥା ଏହି ଚୁକ୍ତିରେ ଭଗତ ସିଂ ଓ ତାଙ୍କର କମ୍‌ରେଡ଼ମାନଙ୍କର ଫାସି ମକୁବ, ମୁକ୍ତି ଓ ଅନ୍ୟାନ୍ୟ ତଥାକଥିତ ଇତିହାସର ଏକମାତ୍ର ପରୀକ୍ଷିତ ସଶସ୍ତ୍ର ବିପ୍ଳବରେ ବିଶ୍ୱାସ କରୁଥିବା ବିପ୍ଳବୀମାନଙ୍କୁ ଗାନ୍ଧି-ଇରଉଇନ ଚୁକ୍ତିରେ ସ୍ମରଣ କରାଗଲା ନାହିଁ। ତେଣୁ ମାର୍ଚ୍ଚ ମାସ ୧୪ ତାରିଖରେ ଅର୍ଥାତ୍ ଚୁକ୍ତି ସ୍ୱାକ୍ଷରର ନଅଦିନ ପରେ ଭଗତ ସିଂ ଓ ତାଙ୍କର ଦୁଇଜଣ ସାଥୀ ଫାଶି ପାଇଲେ। ସାରା ଭାରତରେ ଯେପରି ଏକ ଗଭୀର ଶୋକର କାଳିମା ଘୋଟିଗଲା।

୧୯୩୧ର ମାର୍ଚ୍ଚ ପରେ ଭାରତରେ 'ସବିନୟ' ଆଇନ ଅମାନ୍ୟର ପର୍ବ ଶେଷ ହେଲା। ତାହା ପରେ ଭାରତ ସରକାର ୧୯୩୨ ଜାନୁଆରୀ ୪ ତାରିଖରେ ଗାନ୍ଧିଜୀଙ୍କ ସମେତ ଗୋଟି ଗୋଟି କରି କଂଗ୍ରେସ ନେତାମାନଙ୍କୁ ଗିରଫକଲେ। ଗାନ୍ଧି ଦ୍ୱିତୀୟ ଗୋଲଟେବୁଲ ବୈଠକରୁ ନିରାଶ ହୋଇ ଫେରି ଥାଆନ୍ତି। ଏତେବେଳେ ବ୍ରିଟିଶ ସରକାର ଆଉ ବ୍ୟବସ୍ଥାପକ ସଭାରେ ବିଲ ପାସ କରିବାର ତର ସହିଲେ ନାହିଁ। ବ୍ୟବସ୍ଥାପକ ସଭା ସରକାରଙ୍କୁ କୌଣସି ମତେ ସୁବିଧାରେ ବାଟ ଛାଡ଼ିଦେବନାହିଁ ଭାବି ସରକାର ଅର୍ଡ଼ିନାନ୍‌ସ ବଳରେ ଶାସନ ଚଳାଇବାରେ ଲାଗିଲେ। ସେତେବେଳକୁ ଲର୍ଡ଼ ଇରଉଇନ ବଡ଼ଲାଟ ପଦରୁ ଯାଇ ଜଣେ ଚଣ୍ଡ ଭାଇସରାୟ ଲର୍ଡ଼ ଉଇଲିଙ୍ଗଡ଼ନ୍ ତାଙ୍କ ସ୍ଥାନ ଦଖଲ କରିଥିଲେ।

ତେଣୁ ୧୯୩୧ ମସିହାର ଶେଷ ଓ ୧୯୩୨ ଆରମ୍ଭରେ ଭାରତ ସରକାରଙ୍କର ଦମନନୀତି ବିରୁଦ୍ଧରେ ବ୍ୟବସ୍ଥାପକ ସଭା ପୁଣି ସୋଚ୍ଚାର ହେବାକୁ ବାଧ ହେଲା । ସେତେବେଳକୁ ଆମେରିକାର ଉଦାରପନ୍ଥୀ ପତ୍ରିକା 'ଦି ନେସନ' ଭାରତରେ ବ୍ରିଟିଶ ଦମନ ଲୀଳାକୁ 'ଯୁଦ୍ଧ' ଆଖ୍ୟା ଦେଇ ସାରିଥିଲା।

ତେଣୁ ୧୯୩୧ ମସିହାର ଖ୍ରୀଷ୍ଟମାସ (ବଡ଼ଦିନ) ପୂର୍ବର ବିଧାନ ସଭା ଏକ ଆଶଙ୍କାକୁଳ ଅବସ୍ଥାରେ ଶେଷ ହୋଇଥିଲା। ଏତେବେଳେ ଭାରତରେ ହିନ୍ଦୁ-ମୁସଲମାନ ଓ ଉଚ୍ଚବର୍ଣ୍ଣ -ହରିଜନ ଭିତରେ ବିଭେଦର ସୁବିଧା ଦେଖି ବ୍ରିଟିଶ ସରକାର ଭାରତର ଜାତୀୟ ଆନ୍ଦୋଳନକୁ ପୂରାପୂରି ଖତମ କରିବା ପାଇଁ ପୂରା ଦମ୍‌ରେ ଆକ୍ରମଣ ଆରମ୍ଭ କରି ଦେଇଥିଲା। ମତବାଦ ଓ ସଂଗ୍ରାମର କୌଶଳରେ ଯେତେ ମତଭେଦ ହେଉ ନା କାହିଁକି ଭାରତର ମୁକ୍ତିକାମୀ ସମସ୍ତ ଦେଶପ୍ରେମୀଙ୍କ ପାଇଁ ୧୯୩୧ର ଶେଷ ମାସ ଥିଲା ଘୋର ପରୀକ୍ଷାର କାଳ। ଏହାରି ପରେ ୧୯୩୨ରେ ବ୍ୟବସ୍ଥାପକ ସଭା ପାଇଁ ଏହି ସମୟ ଥିଲା ଅଶନି ସଙ୍କେତ।

■■■

Digitized by srujanika@gmail.com

ମିଷ୍ଟର ଓଡ଼ିଶା

(ଏକ)

ପଣ୍ଡିତ ନୀଳମଣି ବିଦ୍ୟାରନ୍ ୧୯୧୩ ମସିହାରେ ବିଶ୍ୱନାଥଙ୍କର ସମୁଦ୍ର ଯାତ୍ରା ଉପଲକ୍ଷ୍ୟରେ ସ୍ୱତନ୍ତ୍ରଭାବରେ ଗୋଟିଏ ପୁସ୍ତକ ଲେଖିଥିଲେ। ଏହାର ନାମ ଥିଲା 'ସମୁଦ୍ର ଯାତ୍ରା ବିଗ୍ଭର।' ଏ ପୁସ୍ତକଟିକୁ ସେ ଯଥାର୍ଥଭାବରେ ବିଲାତରୁ ବାରିଷ୍ଟରୀ ପାସ୍ କରି ଫେରିଥିବା ବିଶ୍ୱନାଥ ମିଶ୍ରଙ୍କ ନାମରେ ଉତ୍ସର୍ଗ କରିଥିଲେ। ଉକ୍ତ ଉତ୍ସର୍ଗ ପତ୍ରରେ ବିଦ୍ୟାରନେ୍ ବିଶ୍ୱନାଥଙ୍କର ବିଭିନ୍ନ କୃତିତ୍ୱର ପ୍ରଶସ୍ତି ଭିତରେ 'ଅନୁନ୍ନତ ଗଞ୍ଜାମର ଶିକ୍ଷା ବୃଦ୍ଧି ଉଦ୍ଦେଶ୍ୟରେ ଛାତ୍ରବୃତ୍ତି ଫଣ୍ଡ ସ୍ଥାପନ ଓ ଫଣ୍ଡର ପରିପୃଷ୍ଟି'ରେ ବିଶ୍ୱନାଥଙ୍କ ଉଦ୍ୟମ ଉଲ୍ଲେଖ କରିଥିଲେ। ଅବଶ୍ୟ ଏହି ଉଲ୍ଲେଖର କୃତିତ୍ୱରେ ସ୍ୱୟଂ ବିଦ୍ୟାରନେ୍ ମଧ ଭାଗୀଥିଲେ। ତେଣୁ ତାଙ୍କୁ ବିଦ୍ୟାରନ୍ ଉପାଧି ଦିଆଯାଇଥିଲା। କିଏ କେଉଁ ସଭାରେ ତାହାଙ୍କୁ ଉପାଧି ଦେଇଥିଲେ ଏ ବିଷୟରେ ନାନା ଅନୁମାନ କରାଯାଏ।

ବିଦ୍ୟାରନେ୍ ଆପଣାର କୌଳିକ ସଂଜ୍ଞା 'ମିଶ୍ର' ଛାଡ଼ି ଏହି ଉପାଧିକୁ ଆପଣାର ସଂଜ୍ଞା ରୂପେ ଆଦରି ନେଇଥିଲେ। କିନ୍ତୁ ତାଙ୍କର କୃତିତ୍ୱର ଅନ୍ୟତମ ଭାଗୁଆଳିଙ୍କୁ ଅର୍ଥାତ୍ ବାରିଷ୍ଟର ବିଶ୍ୱନାଥଙ୍କୁ ସେ ମଧ କୃତିତ୍ୱର ଅଧିକାରୀ ଭାବରେ 'ଉତ୍କଳରନ୍' ନାମରେ ଭୂଷିତ କରିବା ଅଭିପ୍ରାୟରେ ଗୋଟିଏ ପଣ୍ଡିତ ସଭା ଆହ୍ୱାନ କରିଥିଲେ। ଏହି ସଭା ଗଞ୍ଜାମ ଜିଲ୍ଲାର ଚିକିଟିପେଣ୍ଠରେ ୧୯୧୪ ବା ୧୫ ସାଲରେ ଅନୁଷ୍ଠିତ ହୋଇଥିଲା। ଏହି ପଣ୍ଡିତ ସଭାରେ ବିଦ୍ୟାରନେ୍ ବିଶ୍ୱନାଥଙ୍କୁ 'ଉତ୍କଳରନ୍' ଉପାଧିରେ ବିଭୂଷିତ କରିବାର ପ୍ରସ୍ତାବ କରିଥିଲେ ଓ ଉକ୍ତ ପ୍ରସ୍ତାବ ପରମ ଉତ୍ସାହ ଓ ଉଲ୍ଲାସରେ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ପ୍ରସ୍ତାବ ପାସ ହେବା ପୂର୍ବରୁ ବିଶ୍ୱନାଥ ଏହାର ବିରୋଧ କରିଥିଲେ। କାରଣ ତାଙ୍କ ମତ ଥିଲା ଯେକୌଣସି ବ୍ୟକ୍ତିର ଜୀବନ କାଳ ଭିତରେ ତାହାକୁ ଏପରି ପଦବୀରେ ଭୂଷିତ କରିବା ଅଯଥାର୍ଥ। ଏହା ଫଳରେ ଉକ୍ତ ବ୍ୟକ୍ତିଙ୍କର ଆତ୍ମଶ୍ଳାଘା ଓ ତଜ୍ଜନିତ ଅବନତି ଘଟିବା ସ୍ୱାଭାବିକ।

ଏହାର ବହୁ ବର୍ଷ ପରେ ହଜାରିବାଗ ଜେଲରୁ ସଦ୍ୟମୁକ୍ତ ଗୋପବନ୍ଧୁ କଟକରେ ରାଜନୈତିକ ସମ୍ମିଳନୀରେ ସିଧାସଳଖ ଯୋଗ ଦେଲାବେଳେ ସମ୍ମିଳନୀର

Digitized by srujanika@gmail.com

ସଭାପତି ଆଚାର୍ଯ୍ୟ ପି.ସି. ରାୟ ତାଙ୍କୁ ଅଚାନକଭାବରେ 'ଉତ୍କଳମଣି' ବୋଲି ସମ୍ବୋଦନ କରି ଶ୍ରଦ୍ଧାରେ ଆଲିଙ୍ଗନ କରିଥିଲେ। କାରାମୁକ୍ତି ଓ ସମ୍ମିଳନୀ ପରିବେଶର ସଂଯୋଗ ଯୋଗୁଁ ଏହି ଉପାଧିଟି ଏପରି ଚୁମ୍ବକୀୟ ହୋଇଯାଇଥିଲା ଯେ ଏବେ ନିର୍ବିବାଦରେ ଉକ୍ତ ଉପାଧି ଗୋପବନ୍ଧୁଙ୍କୁ ଚିହ୍ନାଇବାରେ ଏକ ଉପାଦାନ ହୋଇଯାଇଛି।

ସ୍ୱଭାବ ନମ୍ର ବିଶ୍ୱନାଥଙ୍କର ଦେହାନ୍ତ ପରେ ଅତୀତରେ ତାଙ୍କ ଉପରେ ବୋଝଭଳି ଲଦନ ହୋଇଥିବେ 'ଉତ୍କଳରନ୍' ଉପାଧି କଥା ଦେଶବାସୀ ଭୁଲି ଯାଇଥିଲେ। ତେବେ ଚିକିଟିପେଣ୍ଠର ପଣ୍ଡିତ ସଭାର ସେହି ସର୍ବସମ୍ମତ ପ୍ରସ୍ତାବର ବହୁ ବର୍ଷ ପରେ ବିଶେଷତଃ ଦେଶମିଶ୍ରଣ ପ୍ରସଙ୍ଗରେ ବଡ଼ଲାଟ ସଭାରେ ତାଙ୍କର ଉତ୍କଳପ୍ରାଣତାକୁ ଲକ୍ଷ୍ୟ କରି ବହୁ ଓଡ଼ିଶା ବାହାର ସହକର୍ମୀ ସାଥୀ ତାହାଙ୍କୁ ପରିହାସ ଛଳରେ 'ମିଷ୍ଟର ଓଡ଼ିଶା' ବୋଲି ସମ୍ବୋଧନ କରୁଥିଲେ।

ତାଙ୍କର ମୃତ୍ୟୁର ବହୁବର୍ଷ ପରେ ଆଜି ତାଙ୍କ ମଥାରେ କେଉଁ ପଦବୀ ଶୋଭନୀୟ ହୋଇଥାଆନ୍ତା ତାହା ବିଚାର କରିବା ବାଲୁତପଣ। ବୋଧହୁଏ ବର୍ତ୍ତମାନର ବହୁ ଓଡ଼ିଶାବାସୀ ଏକମତ ହେବେ ଯେ 'ଉତ୍କଳରନ୍' ଭଳି ସାମନ୍ତ ସୁଲଭ ଉପାଧି ଅପେକ୍ଷା 'ମିଷ୍ଟର ଓଡ଼ିଶା' ହିଁ ବିଶ୍ୱନାଥଙ୍କୁ ଭଲ ମାନିଥା'ନ୍ତା ଓ ଏବେ ବି ତାଙ୍କୁ 'ମିଷ୍ଟର ଓଡ଼ିଶା' କହିବା ଯଥାର୍ଥ ହେବ।

କି କାରଣରୁ ବିଶ୍ୱନାଥଙ୍କୁ ସହକର୍ମୀମାନେ ପରିହାସରେ ବି ହେଉ 'ମିଷ୍ଟର ଓଡ଼ିଶା' ବୋଲି ସମ୍ବୋଧନ କରୁଥିଲେ ? କାରଣ ପ୍ରସଙ୍ଗକ୍ରମେ ହେଉ ବା ଅପ୍ରାସଙ୍ଗିକ ଭାବରେ ହେଉ, ସେ କେନ୍ଦ୍ର ବ୍ୟବସ୍ଥାପକ ସଭାର ପ୍ରତ୍ୟେକ ଭାଷଣ ବା ବିତର୍କରେ ଓଡ଼ିଶାକୁ ଆପଣାର ଆଲୋଚନାର କେନ୍ଦ୍ରବିନ୍ଦୁ କରି ଧରିଥିଲେ। ତାଙ୍କର ତିନିବାର ବ୍ୟବସ୍ଥାପକ ସଭାର ସଦସ୍ୟତା ଭିତରେ ପ୍ରତ୍ୟେକ ଯୁକ୍ତିତର୍କ, ଭାଷଣ ଏପରିକି ପ୍ରଶ୍ନାବଳୀ ପ୍ରାୟତଃ ଓଡ଼ିଶାର ସମସ୍ୟା ଭିତରେ ପର୍ଯ୍ୟବେଶିତ ରହୁଥିଲା। କୌଣସି ବକ୍ତୃତାରେ ସେ ଯଦି ଓଡ଼ିଶା ସହିତ ସଂପୃକ୍ତ ନ ଥିବା କୌଣସି ପ୍ରସଙ୍ଗ ଉତ୍‌ଥାପନ କରିବାର ବ୍ୟତିକ୍ରମ ଦେଖାଉଥିଲେ, ସେତେବେଳେ ବ୍ୟବସ୍ଥାପକ ସଭା ସଦସ୍ୟ ମହଲରୁ ଧ୍ୱନି ଉଠୁଥିଲା 'ଓଡ଼ିଶା, ଓଡ଼ିଶା, ଓଡ଼ିଶା' ବିଷୟରେ କହ।

ସାଥୀ ସଦସ୍ୟମାନଙ୍କର ଏଭଳି ପରିହାସର କାରଣ ପଛରେ ଏକ ଗଭୀର ସତ୍ୟ ନିହିତ ଥିଲା। ସେହି ସତ୍ୟ ହେଉଛି ବିଲାତ ଶାସନର ଆରମ୍ଭ ଦିନଠାରୁ ବିଶ୍ୱନାଥଙ୍କର ଜୀବନ କାଳର ଅନ୍ତଯାଏ ଓ ତାହାରି ପରେ ମଧ୍ୟ ଓଡ଼ିଶା ଥିଲା ଭାରତର ଓଡ଼ିଶା-ଇତର ଅଧିବାସୀଙ୍କ ପାଇଁ ଏକ ଅଜ୍ଞାତ ଅନ୍ଧାରି ମୁଲକ। ଏହି

Digitized by srujanika@gmail.com

ଭୂମିରେ ଯେ ସାହିତ୍ୟ, କଳା, ସ୍ଥାପତ୍ୟ, ନୌ-ବାଣିଜ୍ୟ, ବୟନଶିଳ୍ପ ଓ ସାମରିକ ଶକ୍ତି ଇତ୍ୟାଦି ଦିନେ ସାରା ବିଶ୍ୱରେ ବିଖ୍ୟାତ ଥିଲା ଏକଥା ବିଶ୍ୱାସ କରିବାକୁ ଭାରତବାସୀଙ୍କ ଭିତରୁ ଅଧିକାଂଶ ପ୍ରସ୍ତୁତ ନ ଥିଲେ। ଏପରିକି ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ପରେ, ଆହୁରି ମଧ ଭାରତର ସମ୍ବିଧାନରେ ଓଡ଼ିଆଭାଷା ଏକ ସ୍ୱତନ୍ତ୍ର ଭାଷାଭାବରେ ସ୍ୱୀକୃତି ପାଇବା ପରେ ମଧ ଓଡ଼ିଆ ଭାଷା ଯେ ଏକ ଡ଼ାଇଲେକ୍ଟ, ଓଡ଼ିଆମାନଙ୍କର ଯେ ଏକ ସ୍ୱତନ୍ତ୍ର ଲିପି ନାହିଁ, ଏକଥା ମଧ ବହୁ ଓଡ଼ିଶା ବାହାର ବିଦ୍ୱାନ ଧାରଣା କରି ଆସିଥିଲେ। ବହୁ ଓଡ଼ିଆଙ୍କର ଏବେ ବି ଅନୁଭୂତି ଥିବ ଯେ ସରକାରୀ ଦଶଟଙ୍କିଆ ଓ ଶହେ ଟଙ୍କିଆ ନୋଟରେ ଓଡ଼ିଆ ଅକ୍ଷରରେ ଦଶଟଙ୍କା ଓ ଶହେଟଙ୍କା ଲେଖା ହୋଇଥିବାର ବହୁ ପଣ୍ଡିତମନା ଭାରତୀୟ ଏବେ ବି ଜାଣନ୍ତି ନାହିଁ।

ତେଣୁ ଓଡ଼ିଶାଠାରୁ ବହୁ ଦୂର ଦିଲ୍ଲୀ ଓ ସିମିଳାର ବ୍ୟବସ୍ଥାପକ ସଭାରେ ଯେ ଜଣେ ସଦସ୍ୟ, ଏକକ ସଦସ୍ୟ, ସବୁ ପ୍ରସଙ୍ଗରେ ଓଡ଼ିଶାର ଉଦାହରଣ, ନଜୀର, ବର୍ଣ୍ଣନା ଓ ପ୍ରଶଂସା କରୁଥିଲା, ଏହା ସ୍ୱାଭାବିକ ଭାବରେ ବିଶେଷତଃ ସେହି କାଳରେ ଅଧିକାଂଶ ସଦସ୍ୟଙ୍କର କୌତୂହଳ ସୃଷ୍ଟି କରୁଥିଲା। ଏହି କୌତୂହଳ ହୁଏତ ଥିଲା ତାଚ୍ଛଲ୍ୟପୂର୍ଣ୍ଣ କିମ୍ବା ସହାନୁଭୂତିସିକ୍ତ ତଥାପି ଏହି କୌତୂହଳର ଫଳଶ୍ରୁତିସ୍ୱରୂପ ବିଶ୍ୱନାଥ ମିଶ୍ରଙ୍କର ଉପାଧି ବାରିଷ୍ଟର ବା ଅନ୍ୟ କିଛି ନ ହୋଇ ବ୍ୟବସ୍ଥାପକ ସଭା ଭିତରେ ହୋଇଥିଲା 'ମିଷ୍ଟର ଓଡ଼ିଶା।'

(ଦୁଇ)

ଲକ୍ଷ୍ୟ କରିବାର କଥା, ୧୯୩୧ ମସିହାର ଶେଷ ଓ ୧୯୩୨ ମସିହା ଆରମ୍ଭରେ ଲର୍ଡ଼ ଉଇଲିଂଡ଼ନଙ୍କ ଶାସନରେ ଭାରତ କଂଗ୍ରେସ ସଂଗଠନ ଓ କଂଗ୍ରେସ ଆନ୍ଦୋଳନ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲାଗିଲାବେଳେ 'ମିଷ୍ଟର ଓଡ଼ିଶା' ବିଶ୍ୱନାଥ ମିଶ୍ର ଓଡ଼ିଶାରେ ଲବଣ ପୋଖାନର କ୍ରମ ଅବନତି ବିଷୟରେ ପ୍ରଶ୍ନାବଳୀ ବାଣରେ ସରକାରଙ୍କୁ ବ୍ୟବସ୍ଥାପକ ସଭାଗୃହରେ ଆକ୍ରମଣ କରୁଥିଲେ।

ପୁଣି ଗାନ୍ଧିଜୀ ଜେଲରେ ଥିଲାବେଳେ ୧୯୩୨ ମସିହା ଅଗଷ୍ଟ ୧୬ ତାରିଖରେ ବିଲାତର ପ୍ରଧାନମନ୍ତ୍ରୀ ମ୍ୟାକ୍‌ଡ଼ୋନାଲ୍‌ଡ଼ ସାଂପ୍ରଦାୟିକ ନିଷ୍ପତ୍ତି ବା କମ୍ୟୁନାଲ ଆୱାର୍ଡ଼ ଘୋଷଣା କଲେ। ଏହି ନିଷ୍ପତ୍ତି ଅନୁସାରେ ନିର୍ଦ୍ଧାରିତ ହୋଇଥିଲା

Digitized by srujanika@gmail.com

ଯେ ପ୍ରାଦେଶିକ ବିଧାନ ପରିଷଦମାନଙ୍କରେ ପ୍ରତିନିଧିତ୍ୱ ପାଇଁ (ମୁସଲମାନମାନେ ତ ଆଗରୁ ପାଇ ସାରିଥିଲେ) ଅନୁନ୍ନତ ଶ୍ରେଣୀଙ୍କୁ ମଧ୍ୟ ପୃଥକ ନିର୍ବାଚନ ମଣ୍ଡଳୀ ସୁବିଧା ମିଳିବ। ଏହାରି ପ୍ରତିବାଦରେ ଗାନ୍ଧିଜୀ ସେପ୍ଟେମ୍ବର ମାସ ୨୦ ତାରିଖରୁ ଆଜୀବନ ଅନଶନ ଆରମ୍ଭ କଲେ। ସେ ବଡ଼ଲାଟଙ୍କ ନିକଟକୁ ଲେଖି ଜଣାଇ ଦେଇଥିଲେ, ଭୋଟ ଅଧିକାର ବ୍ୟାପକ ହେଉ ବା ସୀମିତ ହେଉ ସାଧାରଣ ଭୋଟାଧିକାର ବ୍ୟବସ୍ଥାନୁସାରେ ଅଛୁଆ ଶ୍ରେଣୀର ପ୍ରତିନିଧି ସାଧାରଣ ନିର୍ବାଚନ ମଣ୍ଡଳୀ ଦ୍ୱାରା ନିର୍ବାଚିତ ହେବା ଉଚିତ। ପୃଥକ୍ ନିର୍ବାଚନ ମଣ୍ଡଳୀ ରଦ୍ଦ ହେବା ଉଚିତ।

ବିଶ୍ୱନାଥ ମିଶ୍ର ଯେହେତୁ ଆଭିମୁଖ୍ୟ ଓ ସଂସ୍କାର ବଶରୁ ଥିଲେ ରକ୍ଷଣଶୀଳ ହିନ୍ଦୁ, ସେହି କାରଣରୁ ଏହି 'ସାଂପ୍ରଦାୟିକ ନିଷ୍ପତ୍ତି' ନାମକ ନିର୍ଦ୍ଧାରଣ ବିଷୟରେ ତାଙ୍କର ନୀରବ ରହିବା ସ୍ୱାଭାବିକ ହୋଇଥାଆନ୍ତା। କିନ୍ତୁ ତାହା ହେଲା ନାହିଁ। କାରଣ ନୁହେଁ ଯେ ବିଶ୍ୱନାଥ ଅଛୁଆମାନଙ୍କୁ ଉଚ୍ଚବର୍ଣ୍ଣ ହିନ୍ଦୁମାନଙ୍କ ସହିତ ସମାନ ବୋଲି ମନେ କରୁଥିଲେ। କାରଣ ଏହା ଯେ ବିଶ୍ୱନାଥ ଥିଲେ 'ମିଷ୍ଟର ଓଡ଼ିଶା'। ଓଡ଼ିଶାର ଲୋକସଂଖ୍ୟା ଭିତରେ ଅଛୁଆ ଜାତି ଅର୍ଥାତ୍ ହରିଜନଙ୍କ ସଂଖ୍ୟା ଏକ ତୃତୀୟାଂଶ ଥିବାରୁ ସେମାନଙ୍କୁ ଅନ୍ୟାନ୍ୟ ଓଡ଼ିଶାବାସୀଙ୍କଠାରୁ ପୃଥକଭାବରେ ଦେଖିବା ତାଙ୍କର ସଂସ୍କାରଦୁଷ୍ଟ ଧାରଣା ସତ୍ତ୍ୱେ ମଧ୍ୟ ଅସମ୍ଭବ ଥିଲା।

୧୯୩୨ ନଭେମ୍ବର ୧୭ ତାରିଖଠାରୁ ଡ଼ିସେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଗୋଲଟେବୁଲ ବୈଠକର ଏକ ଛୋଟ ଅଧିବେଶନ ବସିଥିଲା। ଏହି ବୈଠକ ଶେଷରେ ବିଭିନ୍ନ ସବ୍‌କମିଟିମାନଙ୍କର ସୁପାରିସ, ରିପୋର୍ଟ ଓ ଅନ୍ୟାନ୍ୟ ଦଲିଲଗୁଡ଼ିକୁ ଭିତ୍ତିକରି ବ୍ରିଟିଶ ସରକାର ଭାରତରେ ସାମ୍ବିଧାନିକ ସଂସ୍କାର ପାଇଁ ତାଙ୍କର ପରିକଳ୍ପନା ପ୍ରସ୍ତୁତ କଲେ ଓ ୧୯୩୩ ମସିହା ମାର୍ଚ୍ଚ ୧୭ ତାରିଖରେ ଏହାକୁ ଏକ ଶ୍ୱେତପତ୍ର ଆକାରରେ ପ୍ରକାଶ କଲେ।

ଭାରତର କଂଗ୍ରେସ ସମେତ ଉଦାରପନ୍ଥୀ ଦଳ ଓ ମୁସଲମାନ ସମ୍ମିଳନୀ ଏହି ପରିକଳ୍ପନାକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଅଗ୍ରାହ୍ୟ କଲେ। ମାର୍ଚ୍ଚ ମାସର ଶେଷ ବେଳକୁ ଭାରତୀୟ କେନ୍ଦ୍ର ବ୍ୟବସ୍ଥାପକ ସଭାର ବିତର୍କ ବେଳେ ସାର୍ ଅବଦୁର ରହିମ ପ୍ରସ୍ତାବ ଦେଇଥିଲେ "ଏହି ସଭା ସପାରିଷଦ ବଡ଼ଲାଟଙ୍କୁ ଅନୁରୋଧ କରିଛି, ସେ ବ୍ରିଟିଶ ସରକାରଙ୍କୁ ଜଣାନ୍ତୁ, ଏହି ସଭା ମତରେ କେନ୍ଦ୍ର ଓ ପ୍ରାଦେଶିକ ଶାସନ କ୍ଷେତ୍ରରେ ଲୋକ ପ୍ରତିନିଧିମାନଙ୍କୁ ଅଧିକ ଦାୟିତ୍ୱ ଓ କାର୍ଯ୍ୟ କରିବାର ସ୍ୱାଧୀନତା

Digitized by srujanika@gmail.com

ଦେବା ଦିଗରେ ଭାରତୀୟ ସାମ୍ବିଧାନିକ ସଂସ୍କାର ପାଇଁ ବ୍ରିଟିଶ ସରକାରଙ୍କର ପ୍ରସ୍ତାବର ସବିଶେଷ ସଂଶୋଧନ କରା ନ ଗଲେ ଦେଶରେ ଶାନ୍ତି, ସନ୍ତୋଷ ଓ ପ୍ରଗତି ହାସଲ କରିବା ସମ୍ଭବ ହେବ ନାହିଁ।"

ଏହି ଶ୍ୱେତପତ୍ର ଉପରେ ବ୍ୟବସ୍ଥାପକ ସଭାର ଦଳମତ ନିର୍ବିଶେଷରେ ବହୁ ସଭ୍ୟ ଆପଣା ଆପଣାର ଦୃଷ୍ଟିକୋଣରୁ ତୁମୂଳ ଆପତ୍ତି ଅଭିଯୋଗ ପେଶ୍ କରିଥିଲେ। ଏଠାରେ ଲକ୍ଷ୍ୟଣୀୟ ଯେ ବିଶ୍ୱନାଥ ମିଶ୍ର ମଧ୍ୟ ଏହି ଶ୍ୱେତପତ୍ରକୁ ତୀବ୍ର ଭାବରେ ସମାଲୋଚନା କରିଥିଲେ। 'ଶ୍ୱେତପତ୍ର' ର ରକ୍ଷାକବଚ ଯାହା ଭାରତରେ ସାଂପ୍ରଦାୟିକ ବିଭେଦକୁ ଆହୁରି ଉତ୍କଟତର କରିବ, ସେଥିପ୍ରତି ସେ ତାଙ୍କର ଭାଷଣରେ ଉଲ୍ଲେଖ କରି ନ ଥିଲେ। କାରଣ ସାଂପ୍ରଦାୟିକ ବିଭେଦ ସେତେବେଳେ ବା କସ୍ମିନ କାଳେ ଓଡ଼ିଶା ଅଞ୍ଚଳର ମୁଖ୍ୟ ସମସ୍ୟା ନ ଥିଲା। ଓଡ଼ିଶାର ମୁଖ୍ୟ ସମସ୍ୟା ଥିଲା ଏହାର ଅର୍ଦ୍ଧେକ ଅଞ୍ଚଳର ଦେଶୀୟ ରାଜ୍ୟ। ତେଣୁ ଗୋଲଟେବୁଲ ବୈଠକର ସଭ୍ୟ ନିଯୁକ୍ତିର ଆଲୋଚନା ବେଳେ ସେ ଯେପରି ଦାବୀ କରିଥିଲେ ଯେ ଦେଶୀୟରାଜ୍ୟ ରାଜାମାନଙ୍କର ବା ସେମାନଙ୍କର ପ୍ରତିନିଧିଙ୍କର ଗୋଲଟେବୁଲ ବୈଠକରେ ଗରିଷ୍ଠତାକୁ ରୋକିବାକୁ ହେବ, ଠିକ୍ ସେପରି ସେ 'ଶ୍ୱେତପତ୍ର'ର ସମାଲୋଚନାରେ ଦାବୀ କରିଥିଲେ ଯେ ଦେଶୀୟ ରାଜ୍ୟମାନଙ୍କୁ ଭାରତୀୟ ରାଷ୍ଟ୍ରସଂଘରେ ସାମିଲକରି ରକ୍ଷା କବଚ ଆଢୁଆଳରେ ଭାରତର ଅଗ୍ରଗତିକୁ ପ୍ରତିରୋଧ କରିବାର ଉଦ୍ୟମ ପରିହାର କରାଯାଉ। ବାସ୍ତବପକ୍ଷରେ ଏହାହିଁ ଥିଲା ଓଡ଼ିଶାର ସମସ୍ୟା। ଏହି ସମସ୍ୟାର ସମାଧାନ କେବଳ ବ୍ରିଟିଶ ସରକାରଙ୍କଠାରୁ କ୍ଷମତା ହସ୍ତାନ୍ତର ଓ ରାଜନୈତିକ ଅଧିକାର ଲାଭ ପରେ ଦେଶୀୟ ରାଜ୍ୟ ମିଶ୍ରଣ ହେବାରେହିଁ ସମ୍ଭବ ହୋଇ ପାରିଛି। କିନ୍ତୁ ସେତେବେଳେ ବିଶ୍ୱନାଥ ମିଶ୍ର ଏହି ସମସ୍ୟାକୁ ଆପଣାର ଦୂରଦୃଷ୍ଟିରୁ ଦେଖି ପାରିଥିଲେ। ସେଥିପାଇଁ ମଧ ପରିହାସରେ ନୁହେଁ, ନିଷ୍ପାପରଭାବରେ ଆପଣାର 'ମିଷ୍ଟର ଓଡ଼ିଶା' ଉପାଧିକୁ ସାବ୍ୟସ୍ତ କରିଥିଲେ।

(ତିନି)

ବ୍ୟବସ୍ଥାପକ ସଭାର ଅଜସ୍ର ଭାଷଣ ଓ ବିତର୍କ ଭିତରେ ୧୯୩୦-୩୩ ମସିହା କାଳରେ ବିଶ୍ୱନାଥଙ୍କର କେତୋଟି ଉଲ୍ଲେଖଯୋଗ୍ୟ ଭାଷଣରେ ତାଙ୍କର ଓଡ଼ିଶା-ପ୍ରାଣତା ଦିବାଲୋକ ପରି ସ୍ପଷ୍ଟ ହୋଇ ଉଠିଥିଲା। ମାର୍ଚ୍ଚ ତିନି ତାରିଖ ୧୯୩୨ରେ ରେଳବାଇ ବଜେଟର ଦାବି ତାଲିକା ଉପରେ ବିଶ୍ୱନାଥଙ୍କର ବକ୍ତୃତା

Digitized by srujanika@gmail.com

ଏହି ଓଡ଼ିଶା–ପ୍ରାଣତାର ଏକ କୌତୁକପୂର୍ଣ୍ଣ ପ୍ରମାଣ। ବିଶ୍ୱନାଥ ଏହି ଭାଷଣରେ କହିଥିଲେ, "ମହାଶୟ, ମୁଁ ମୋର ମାନ୍ୟବର ବନ୍ଧୁ ଅନ୍‌ୱାର-ଉଲ୍ ଅମିନଙ୍କ ପ୍ରସ୍ତାବର ସମର୍ଥନ ପାଇଁ ଦୃଢ଼ଭାବରେ ଦଣ୍ଡାୟମାନ ହୋଇଛି। ମୋର ଗଭୀର ସନ୍ଦେହ, ରେଳବାଇ ବୋର୍ଡ୍ ଏକ ବୋର୍ଡ୍ ଭାବରେ କେବେ କାର୍ଯ୍ୟକାରୀ ହୋଇଛି କି ? ମୋର ଆହୁରି ସନ୍ଦେହ ଏହି ସଭାର ଅଭିପ୍ରାୟ ବା ଦେଶର ଆବଶ୍ୟକତା ସହିତ ଏହାର କାର୍ଯ୍ୟପଦ୍ଧତିର କିଛି ସଂପର୍କ ଅଛି କି ? ନା ଏହା ମନଇଚ୍ଛା କାମ କରି ଚାଲିଛି ?" ମହାଶୟ, ମୋତେ ଏ ପ୍ରସଙ୍ଗରେ ଓଡ଼ିଆରେ ଆମର ଏକ ପ୍ରଚଳିତ ପହଳି ମନେପଡୁଛି–

"ଚେଇଁ ଶୋଇଥିବ ଯିଏ,
ତାକୁ ଉଠାଇବ କିଏ .... ?

ଏହି ରେଳବାଇ ବୋର୍ଡ୍ ସମ୍ବନ୍ଧରେ କହିଲାବେଳେ ବିଶ୍ୱନାଥ କେଉଁ ଉଦାହରଣକୁ ଏହାର ମନମୁଖୀ କାର୍ଯ୍ୟଭାବରେ ଉପସ୍ଥାପିତ କରିଥିଲେ ? ସେ କହିଥିଲେ "ଏହି ସଭା ଗୃହରେ ହେଉଟି ସେଦିନ ମୁଁ ପଚାରିଥିଲି ବି.ଏନ୍.ଆର୍ ରେଳବାଇରେ ଓଡ଼ିଆମାନଙ୍କର ଶତକଡ଼ା ଅନୁପାତ କେତେ ? ମୋର ମାନ୍ୟବର ବନ୍ଧୁ ରେଳବାଇ ମେମ୍ବର ସାର ଆଲାନ୍ ପାରସନ୍‌ସ କି ଉତ୍ତର ଦେଲେ ଜାଣନ୍ତି ? ସେ କହିଲେ ଏଭଳି ପ୍ରଶ୍ନ ଏକ ସାଂପ୍ରଦାୟିକ ପ୍ରଶ୍ନ। ତେଣୁ ଏହା ଉତ୍ତରଯୋଗ୍ୟ ନୁହେଁ। ମହାଶୟ, ଏଠାରେ କ'ଣ ମୋତେ ସାଂପ୍ରଦାୟିକ ଓ ସଂପ୍ରଦାୟ ଶବ୍ଦମାନଙ୍କ ବାଖ୍ୟା କରିବାକୁ ଶିକ୍ଷକତା କରିବାକୁ ପଡ଼ିବ ? ଯଦି ସେ ଓଡ଼ିଆମାନଙ୍କୁ ଏକ 'ସଂପ୍ରଦାୟ' ବୋଲି ମନେକରୁ ଥାନ୍ତି, ତେବେ ସଂପ୍ରଦାୟ ଶବ୍ଦ ବୁଝିବାରେ ତାଙ୍କର ଭୁଲ ହୋଇଛି। ଆମେ ଏହି ସଭାର ଚଟାଣରେ ନାନା ସଂପ୍ରଦାୟ ଯଥା ମୁସଲମାନ ସଂପ୍ରଦାୟ, ଶିଖ ସଂପ୍ରଦାୟ ଇତ୍ୟାଦି ବିଷୟରେ ଅନେକ ଉତ୍ତର ଶୁଣିଛୁ। କିନ୍ତୁ ଓଡ଼ିଆ ବୋଲି କହିଲେ ମୋ ବିଚାରରେ ଓଡ଼ିଶାର ସବୁ ଲୋକ ହିନ୍ଦୁ, ମୁସଲମାନ, ବ୍ରାହ୍ମଣ, ଅବ୍ରାହ୍ମଣ, ଖ୍ରୀଷ୍ଟିଆନ , ଜୈନ ସମସ୍ତଙ୍କୁ ଧରି ନିଆଯାଏ। ଯେଉଁଭଳିଭାବରେ 'ଓଡ଼ିଆ' କଥାଟି ବୁଝାଯାଏ ସେପରିଭାବରେ ଏହାର ଚିରାଚରିତ ଅର୍ଥରେ ମୁଁ ପ୍ରଶ୍ନଟିକୁ ପଚାରିଥିଲି। ଯଦି ଓଡ଼ିଆ ବୋଲି କହିଲେ ସମସ୍ତ କଥା ହୃଦୟଙ୍ଗମ ନ ହେଉଛି ତେବେ ମୁଁ 'ଓଡ଼ିଶାନ୍' ବୋଲି (ଓଡ଼ିଶୀ ବା ଓଡ଼ିଶାବାସୀ) ଶବ୍ଦଟିଏ ନୂଆ ତିଆରି କରୁଛି। 'ଓଡ଼ିଶାନ୍' କହିଲେ ସମସ୍ତ ଓଡ଼ିଶାବାସୀ। ଠିକ୍ ଯେପରି 'ବଙ୍ଗାଳି' କହିଲେ ବଙ୍ଗଳାର ଯାବତୀୟ ବାସିନ୍ଦା ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ, ଖ୍ରୀଷ୍ଟିଆନ, ଇତ୍ୟାଦି।"

Digitized by srujanika@gmail.com

(ଏତିକିବେଳେ ମିଷ୍ଟର ଲାଲଗ୍ଚନ୍ଦ ନାଭାଲଗ୍ଚନ୍ଦ (ଜୈନିକ ସଦସ୍ୟ) କହିଥିଲେ "ଆମର ଯେମିତି ଅଛି, ସିନ୍ଧି।) ବିଶ୍ୱନାଥ କହି ଲାଗିଲେ "ମୁଁ ଆଶ୍ୱସ୍ତ ଯେ ଆପଣମାନଙ୍କର ମଧ୍ୟ ଏପରି ଏକ ଶବ୍ଦ ଅଛି। ମୁଁ ମୋର ଏହି ଓଡ଼ିଆ ପର୍ଯ୍ୟାୟରେ ଓଡ଼ିଶାର ଅଧିବାସୀ ଡ଼ୋମିସାଇଲଡ଼ ବଙ୍ଗାଳୀ ମଧ୍ୟ ଆସିଯିବେ।" ଏତିକିବେଳେ ସଭାପତି ମାନ୍ୟବର ସାର୍ ଇବ୍ରାହିମ୍ ରହିମତୁଲ୍ଲା ବିତର୍କରେ ହସ୍ତକ୍ଷେପକରି କହିବା ହେଲେ "ମୁଁ ଆଶାକରୁଛି ଯେ ମାନ୍ୟବର ସଭ୍ୟ ଏକଥା ଖିଆଲ ରଖିଛନ୍ତି ଯେ ତାଙ୍କର ବିତର୍କ ବିଷୟବସ୍ତୁ ହେଉଛି କମ୍ପାନୀ ପରିଗ୍ଚଳିତ ରେଳବାଇ ଉପରେ ରେଳବା୍ଇ ବୋର୍ଡ଼ର ତଦାରଖ ଓ ନିୟନ୍ତ୍ରଣରେ ଖିଲାପ।" ବିଶ୍ୱନାଥ ମିଶ୍ର ତାଙ୍କର ଭାଷଣ ଦେବାରେ ଲାଗିକହିଲେ "ମୁଁ କେବଳ ଦର୍ଶାଇବାକୁ ଗ୍ଚହେଁ ଯେ ଏହି ରେଳବାଇ ବୋର୍ଡ଼ ବି.ଏନ୍ ଆର୍. କମ୍ପାନୀ ଉପରେ କି ପ୍ରକାର ନିୟନ୍ତ୍ରଣ ରଖିଛନ୍ତି। ଏବେ ସେଦିନ ଆମେ ମୁସଲମାନ ସଂପ୍ରଦାୟଙ୍କର ରେଳବାଇ ବୋର୍ଡ଼ ବିଷୟ ନାନା ସମାଲୋଚନା ଏହି ସଭା ଗୃହରେ ଶୁଣିବାକୁ ପାଇଛୁ। ମୁଁ ସେମାନଙ୍କୁ ଜଣାଇ ଦେବାକୁ ଗ୍ଚହେଁ ରେଳବାଇ ବୋର୍ଡ଼ ଅଥବା ସେମାନଙ୍କର ଏଜେଣ୍ଟମାନଙ୍କର ମନରେ କି ଧାରଣା ରହିଛି। ଦିନକର ମୋର ରେଳବାଇର ଜଣେ ଏଜେଣ୍ଟଙ୍କ ସହିତ ଦେଖା ହେଲା, ମୁଁ ତାଙ୍କୁ ପଗ୍ଚରିଥିଲି – "ଆପଣ ଆପଣଙ୍କ ଲାଇନରେ ଓଡ଼ିଆଙ୍କୁ ନିଯୁକ୍ତ କରୁନାହାନ୍ତି କାହିଁକି ? ସେହି ଲାଇନ୍ ତ ଓଡ଼ିଶା ଭିତରେ ସବୁ ଦିଗକୁ ଗ୍ଚହିଁଲେ ପ୍ରାୟ ଆଠଶହ ମାଇଲ ଯାଇଛି। ଗୋଟେ ପଟେ ଖଡ଼ଗପୁରରୁ ଝାରସୁଗୁଡ଼ା ଓ ସମ୍ବଲପୁର ଅନ୍ୟପଟେ ଖଡ଼ଗପୁରରୁ ନଉପଡ଼ା ଓ ତା'ପରେ ବିଜୟନଗରମ୍ ଠାରୁ ପାର୍ବତୀପୁର ଠାରୁ ସାଲୁରୁ, ଟିଟିଲାଗଡ଼ !..........

"ମହାଶୟ ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ସେ ମହାଶୟ ତାଙ୍କର ରେଳବାଇ ଗ୍ଚକିରିରେ ଶତକଡ଼ା ଏକ ଓଡ଼ିଆ ଥିବାର ମଧ୍ୟ ଦର୍ଶାଇ ପାରିଲେ ନାହିଁ। ମୋତେ କୁହାଗଲା ତାଙ୍କର ଗ୍ଚକିରି ପାଇଁ ଓଡ଼ିଆ ଲୋକ ମିଳୁ ନାହାନ୍ତି। ରେଳବାଇର ବିଭିନ୍ନ ଡ଼ିପାର୍ଟମେଣ୍ଟରେ ପ୍ରତିବର୍ଷ ହଜାର ହଜାର ନିଯୁକ୍ତି ପାଉଛନ୍ତି, ଟ୍ରାନ୍ସପୋର୍ଟ, ଟ୍ରାଫିକ୍, ଅଡ଼ିଟ୍ ଇତ୍ୟାଦି ଇତ୍ୟାଦି। ସେମାନଙ୍କୁ ବହୁ ସଂଖ୍ୟାରେ ଅଂଗ୍ଲୋ-ଇଣ୍ଡିଆନ, ଇଉରୋପିଆନ୍ ମିଳି ଯାଉଛନ୍ତି ଓ ସେହି ଗ୍ଚକିରିଆମାନେ ପେନ୍ସନ ନେଲେ ସେମାନଙ୍କର ପୁଅ, ନାତିମାନେ ସେମାନଙ୍କ ଜାଗାରେ ମୁକରିର ହୋଇ ଯାଉଛନ୍ତି, କିନ୍ତୁ ଏଭଳି ଲୋକଙ୍କ ଛଡ଼ା ଆଉ କାହାର ସେଠାରେ ସ୍ଥାନ ନାହିଁ।"

"ମୁଁ ତାହାଙ୍କୁ କହିଲି, ଆପଣ ମୁସଲମାନ୍ ସମ୍ରାଟମାନଙ୍କ ଭଳି ଚଳନ୍ତୁ। ସେମାନେ ଯେପରି ଦାନ, ଇନାମ, ଜାଗିରୀ ଦେଇ ତାଙ୍କର ରାଜକାର୍ଯ୍ୟର

Digitized by srujanika@gmail.com

ସେବାକାରୀମାନଙ୍କୁ ପୁରୁଷାନୁକ୍ରମିକ କରି ଦେଇଥିଲେ, ରେଳବାଇରେ ସେପରି ବ୍ୟବସ୍ଥା ରଖି ଦିଅନ୍ତୁ। ନିହାତି ବଢ଼ିଆ କାମ ହେବ!"

"ମହାଶୟ, ଉପରଠାରୁ ତଳ ଯାଏ ସେହି ରେଳବାଇରେ ଗଣିବା ଭଳି ଓଡ଼ିଆ ଚାକିରୀରେ ନାହାନ୍ତି। ଏହା ଘଟିଛି, କାରଣ ରେଲବାଇରେ ପ୍ରିୟାପ୍ରୀତି ତୋଷଣ ଧୂମ୍ ଚାଲିଛି ଓ ରେଳବାଇ ବୋର୍ଡ଼ ଏହି କମ୍ପାନୀମାନଙ୍କ ଉପରେ କୌଣସି ତଦାରଖ ରଖୁନାହିଁ। × × × ମହାଶୟ ଓଡ଼ିଶା ପ୍ରଦେଶ ବର୍ତ୍ତମାନ ଜନ୍ମହେବା ଉପରେ ରହିଛି। ଏହା ବର୍ତ୍ତମାନ ସୀମା ନିର୍ଦ୍ଧାରଣ କମିସନର ଗର୍ଭରେ। କମିସନ ବର୍ତ୍ତମାନ ପ୍ରସବ ବେଦନାରେ ଅଥୟ ହେଉଛି। ଆମ୍ଭମାନଙ୍କର ସମସ୍ତଙ୍କର ଆଶା ଯେ ଅଚିରେ ଏହା ଗୋଟିଏ ଶିଶୁ ପ୍ରଦେଶକୁ ଜନ୍ମ ଦେବ।

"ମହାଶୟ, ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକ ବିରାଟ। ବିସ୍ତୃତ ଅଞ୍ଚଳ, ବିଲାସପୁରଠାରୁ ପାରଳାଖେମୁଣ୍ଡି, ଖଡ଼ଗପୁରରୁ ଝାରସୁଗୁଡ଼ା ଆମର ପ୍ରାୟ ଆଠଟାରୁ ଅଧିକ ଶାଖା ଲାଇନ ରହିବ। ଅଥଚ ଏହି ଅଞ୍ଚଳରେ ଚାଲୁ ରହିଥିବା ବି.ଏନ୍.ଆର୍ କମ୍ପାନୀର ଚାକିରୀରେ ଶତକଡ଼ା ଜଣେ ବି ଓଡ଼ିଆ ନାହାନ୍ତି; ଅନ୍ୟ ଅଞ୍ଚଳ ଲୋକେ ଶତକଡ଼ା କୋଡ଼ିଏ ବି ସନ୍ତୁଷ୍ଟ ନୁହନ୍ତି, କିନ୍ତୁ ଓଡ଼ିଆ ଶତକଡ଼ା ପାଞ୍ଚ ରହିଲେ ବି ମୁଁ ଖୁସି ହୁଅନ୍ତି।"

ଏତେବେଳେ ସଭାଗୃହରେ ବିଶ୍ୱନାଥଙ୍କୁ ସମ୍ବୋଧନକରି ଧ୍ୱନି ଶୁଣାଗଲା 'ସାବ୍‌ବାସ୍ ମିଷ୍ଟର ଓଡ଼ିଶା।'

ମିଷ୍ଟର ଗୋସ୍ୱାମୀ ଏମ୍.ଆର୍, ପୁରୀ (କେନ୍ଦ୍ର ପ୍ରଦେଶ ଜମିଦାର) ଏକ ପଏଣ୍ଟ ଅଫ୍ ଅର୍ଡ଼ର ଉଠାଇ କହିଲେ, ମହାଶୟ, ମାନ୍ୟବର ସଭ୍ୟ ରେଳବାଇରେ ଓଡ଼ିଆ ସଂଖ୍ୟା ବିଷୟରେ ଭାଷଣ ଦେବାରେ ଲାଗିଛନ୍ତି, ଏହା ଏହି ଆଲୋଚନା ପାଇଁ ପ୍ରାସଙ୍ଗିକ ନୁହେଁ। ମିଷ୍ଟର ଗୟାପ୍ରସାଦ ସିଂହ (ମୁଜାଫରପୁର -କମ୍-ଚଂପାରନ୍-ଅଣମୁସଲମାନ) କହିଲେ, "ମହାଶୟ ସେ ଦର୍ଶାଇବାକୁ ଚାହାନ୍ତି ଯେ ରେଳବାଇ ବୋର୍ଡ଼ର ତଦାରଖ ଠିକ୍‌ଭାବରେ କାର୍ଯ୍ୟ କରୁ ନ ଥିବାରୁ ଓଡ଼ିଆ ନିଯୁକ୍ତି ଏପରି ଶୋଚନୀୟ ହୋଇରହିଛି।"

ସଭାପତି – "ଏହି ଆସନ ଏ କଥା ମନେକରୁଛି ଯେ ବୋଧହୁଏ ମାନ୍ୟବର ସଭ୍ୟଙ୍କର ଆପତ୍ତି ଏହି ଯେ କମ୍ପାନୀ ପରିଚାଳିତ ରେଳବାଇମାନଙ୍କରେ ଓଡ଼ିଆ ନିଯୁକ୍ତିର ଅଭାବ ରେଳବାଇ ବୋର୍ଡ଼ର ତଦାରଖ ଅଭାବଯୋଗୁଁ ଘଟିଛି।

ବିଶ୍ୱନାଥ ଏହା ପରେ ରେଳବାଇ ଯାଇଥିବା ଅଞ୍ଚଳର ଲୋକମାନଙ୍କର ଭାଷା ସହିତ ରେଳବାଇ ଚାକିରିରେ ଓଡ଼ିଆ ଅଭାବ ଥିବାର ଅସଂଗତି, ଓଡ଼ିଆ-ଇତର

Digitized by srujanika@gmail.com

ଅଞ୍ଚଳ ଲୋକଙ୍କୁ ଓଡ଼ିଶା ଭିତରେ ଯାଇଥିବା ରେଳବାଇରେ ନିଯୁକ୍ତି କଲେ ଛୁଟି ଇତ୍ୟାଦିରେ ପାସ୍ ଓ ଭଡ଼ା ବାବଦ ଅଧିକା ଖର୍ଚ୍ଚ ଇତ୍ୟାଦି ଇତ୍ୟାଦି ବିଷୟ ଉତ୍ଥାପନ କରିଥିଲେ। ଶେଷରେ ସେ କହିଲେ ଯେ ଏହି ରେଲବାଇ ପାସ୍, ଛୁଟି ଇତ୍ୟାଦିରେ ଓଡ଼ିଶା ତାହାର ଲୋକଙ୍କୁ ଅଧିକ ସୁବିଧା ଦିଆଯାଇଥିବାରୁ ସେ ଗୋଟିଏ କାଟ ପ୍ରସ୍ତାବ ଆଗତ କରିବାକୁ ନୋଟିସ ଦେଇଛନ୍ତି, (ତୁମୁଳ ହର୍ଷଧ୍ୱନି)। ଏତିକିବେଳେ ସଭାଗୃହ ଚଟାଣରୁ ପୁଣି ଚିତ୍କାର ଧ୍ୱନି ଶୁଣାଗଲା, "ସାଧୁ, ସାଧୁ ମିଷ୍ଟର ଓଡ଼ିଶା।"

ସଭାପତି ହସ୍ତକ୍ଷେପ କରି କହିଲେ, "ମୁଁ ମାନ୍ୟବର ସଭ୍ୟଙ୍କୁ ଯଥେଷ୍ଟ ସୁଯୋଗ ଦେଇ ସାରିଛି; କିନ୍ତୁ ସେହି ଗୋଟିଏ ବିଷୟ ଯାହା ସେ ତାଙ୍କର ଭାଷଣରେ ଉତ୍ଥାପନ କଲେ ତାହାକୁ ବାରମ୍ବାର ଦୋହରାଇବା ପାଇଁ ମୁଁ ତାଙ୍କୁ ଅନୁମତି ଦେଇପାରିବି ନାହିଁ।"

ବିଶ୍ୱନାଥ କହିଲେ "ମହାଶୟ ମୁଁ କେବଳ ଏତିକି ସୂଚାଇ ଦେବାକୁ ଚାହେଁ ଯେ ଏହି ରେଲବାଇ ବୋର୍ଡ଼କୁ ଭାଙ୍ଗି ଦିଆଯାଉ; ଏହା ଜାଗାରେ ବିଭିନ୍ନ ପ୍ରଦେଶରୁ ପ୍ରତିନିଧିମାନଙ୍କୁ ନେଇ ଏକ କମିଟି ଗଢ଼ାଯାଉ, ଯେଉଁ କମିଟି ବିଭିନ୍ନ ପ୍ରଦେଶର ଅଭାବ ଅସୁବିଧା ବିଚାର କରି ଦେଖିବ, ସେ ଅଭାବ ସଂପ୍ରଦାୟ ବା ପ୍ରଦେଶ ଯେଉଁ କ୍ଷେତ୍ରରେ ହୋଇଥାଉ; ତାହାର ଦୂରୀକରଣ ପାଇଁ ଯତ୍ନବାନ ହେବ।

(ଚାରି)

ଇଂରାଜୀରେ ଗୋଟିଏ କଥା ଅଛି "Desperate diseases need desperate remedies" ଅର୍ଥାତ୍ ହତାଶିଆ ରୋଗ ପାଇଁ ହତାଶିଆ ଔଷଧ। ରୋଗ ଯେତିକି ମାରାତ୍ମକ ତାହାର ଔଷଧ ସେତିକି ମାରାତ୍ମକ ହେବା ଦରକାର। କ୍ୟାନ୍ସର ରୋଗପାଇଁ ଆନାସିନ୍ ବଟିକା କାମ ଦିଏ ନାହିଁ। ଏଭଳି ଯୁକ୍ତି ଅନୁକ୍ରମରେ ଓଡ଼ିଶା ପ୍ରତି ଯେଉଁ ମହାମେରୁସମ ଅନ୍ୟାୟ କରାଯାଇଥିଲା ତାହାକୁ ଦର୍ଶାଇବାକୁ ଓଲଟା ଦିଗରେ ନାନା ଉଦ୍ଭଟ ଜିନିଷ ଅବତାରଣା ପ୍ରାସଙ୍ଗିକ ନ ହେଲେ ବି ପାର୍ଲିଆମେଣ୍ଟାରୀ କାଏଦା ଦୃଷ୍ଟିରୁ ଅସନ୍ତର୍ପଣ ହେଲେ ବି ତାହା କରିବା ଦରକାର ପଡ଼ିଥାଏ। ରେଳବାଇ ବୋର୍ଡ଼ର ଆଲୋଚନାରେ ବି.ଏନ୍ .ଆର୍ ରେ ଓଡ଼ିଆ ନିଯୁକ୍ତିର ଅବତାରଣା ଓ ତାହାରି ଉପରେ ଭାଷଣ ନିଶ୍ଚୟ ଆଜି ପ୍ରାସଙ୍ଗିକ ହୋଇ ନ ଥାନ୍ତା; କିନ୍ତୁ ସେତେବେଳେ ଓଡ଼ିଶା ବିଷୟରେ ପାର୍ଲିଆମେଣ୍ଟରେ କିଛି କହିବା 'ଲଙ୍କାରେ ହରି ଶବ୍ଦ' ପରି ଅମୂଳକ ଥିଲା। ବିଶ୍ୱନାଥ ତାହା କରି ତାଙ୍କର ମିଷ୍ଟର ଓଡ଼ିଆ ପଦବୀକୁ ସାର୍ଥକ କରିଥିଲେ।

Digitized by srujanika@gmail.com

ମନେହୁଏ, ଏତିକିବେଳେ ବାରିଷ୍ଟର ବିଶ୍ୱନାଥ ତାଙ୍କର ସମସ୍ତ ବାଗ୍ମିତା ଓ ଉଦ୍ଦିପନାକୁ ଅନ୍ତିମ ମୁହୂର୍ତ୍ତର ଦୀପ ଶିଖାର ଉଦ୍ଭାସିତ ତେଜ ଭଳି ଓଡ଼ିଆ ଓ ଓଡ଼ିଶା ପାଇଁ ଅକାତରରେ ଉତ୍ସର୍ଗ କରିଦେବାରେ ଲାଗିଥିଲେ। ୧୯୩୩ ସେପ୍ଟେମ୍ବରରେ ତାଙ୍କ ମୃତ୍ୟୁର ଦୁଇବର୍ଷ ପୂର୍ବରୁ ତାଙ୍କୁ ଯେଉଁ ହୃଦରୋଗ ଆକ୍ରମଣ କରିଥିଲା ଓ ଯାହା ଶେଷରେ ତାଙ୍କର ମୃତ୍ୟୁର କାରଣ ହେଲା, ସେଥିରେ ସେ ବୋଧହୁଏ ଆସନ୍ନ ଜୀବନାବସାନର ଇଙ୍ଗିତ ପାଇସାରିଥିଲେ। ତେଣୁ ଆୟୁଷର ଶେଷ ଦୁଇବର୍ଷ ପାର୍ଲିଆମେଣ୍ଟାରୀ ସୀମାକୁ ଅତିକ୍ରମକରି ସେ ଓଡ଼ିଶାର ନାମ ଓ ତାହାର ଦାବୀ ଉପସ୍ଥାପିତ କରିଥିଲେ। ଏହାର ଏକ ଦୀପ୍ତ ଉଦାହରଣ ହେଉଛି ୧୯୩୨ ମସିହାର ସାଧାରଣ ବଜେଟରେ ବଜେଟ ଦାବୀ ତାଲିକାକୁ କଟାକ୍ଷକରି ସେ ଯେଉଁ ବକ୍ତୃତା ଦେଇଥିଲେ; ସେହି ଉଭଟ ବକ୍ତୃତା।

୧୯୩୨ ସାଲରେ ଭାରତ ସରକାରଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା। ଏତେବେଳେ ନାନା ଦାବୀ ଆଳରେ ଚଉକସିଆ ଟିକସ ଆଦାୟ କରିବା ଥିଲା ତତ୍‌କାଳୀନ ବ୍ରିଟିଶରାଜର ଅଭିପ୍ରାୟ। ୧୯୩୧-୩୨ର ଆର୍ଥିକ ବର୍ଷର ପ୍ରଥମ ପାଞ୍ଚ ମାସରେ ସରକାରଙ୍କର ରାଜସ୍ୱ ଆୟ ବଜେଟ ଅଟକଳଠାରୁ ବହୁତ କମ୍ ହୋଇଥିଲା। ନିଃସନ୍ଦେହରେ ଆଇନ ଅମାନ୍ୟ ଆନ୍ଦୋଳନର ଫଳଶ୍ରୁତି ସ୍ୱରୂପ ସଂଗଠିତ ଖଜଣା ବନ୍ଦ ଆନ୍ଦୋଳନ ଓ ବିଦେଶୀ ବର୍ଜନ ଏହି ନିଅଣ୍ଟର କାରଣ ଥିଲା। ୧୯୩୧ର ଏପ୍ରିଲଠାରୁ ସେପ୍ଟେମ୍ବର ପରେ ସରକାର ଅନୁଭବ କଲେ ଯେ ୧୯୩୧ ଡ଼ିସେମ୍ବର ବେଳକୁ ନିଅଣ୍ଟର ପରିମାଣ ଉଣେଇଶ କୋଟିରୁ ଅଧିକ ହୋଇପାରେ (ସେ ବେଳର ଉଣେଇଶ କୋଟିର ନିଅଣ୍ଟ ଏବେ ଉଣେଇଶ ଶହ।

ଏତିକିବେଳେ ପୃଥିବୀ ସାରା ମାନ୍ଦା ଅର୍ଥନୈତିକ ରାବଣଛାୟାରେ ପୁଞ୍ଜିବାଦୀ ଦୁନିଆ ଛାନିଆ ହୋଇଯାଇଥିଲା। ଏହି ଦୃଷ୍ଟିରୁ ୧୯୩୧ ମସିହାର ନଭେମ୍ବର ୪ଠାରୁ ୨୦ ତାରିଖ ଯାଏ ଜରୁରୀକାଳିନ ଅର୍ଥ ବିଲ୍ ସରକାର ବିଧାନ ସଭାର ଦିଲ୍ଲୀଠାରେ ବିଶେଷ ଅଧିବେଶନରେ ଆଗତ କଲେ। ସରକାର ଏହି ଅର୍ଥ ବିଲକୁ ଅଠର ମାସ ଅର୍ଥାତ୍ ସାରା ୧୯୩୨ର କ୍ୟାଲେଣ୍ଡର ବର୍ଷ ଓ ୧୯୩୩ର ମାର୍ଚ୍ଚ ମାସ ଶେଷ ସୁଦ୍ଧା ବଳବତ୍ତର କରିବାକୁ ଚାହୁଁଥିଲେ, ଯେପରିକି ୧୯୩୩ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧୯୩୩-୩୪ ଆର୍ଥିକ ବର୍ଷର ବଜେଟ ବେଳକୁ ସରକାର ପାଞ୍ଚକୋଟି ବଳକା ଅର୍ଥ ସଂଗ୍ରହ କରି ହାତପାଣ୍ଠିଭାବରେ ରଖି ସାରିଥିବେ।

Digitized by srujanika@gmail.com

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୩୨ ନଭେମ୍ବର ମାସରେ ଭାରତର ବ୍ରିଟିଶ ସରକାରଙ୍କର ଅର୍ଥ ମେମ୍ବର ଯେଉଁ ଫାଇନାନ୍ସ ବିଲ୍ ଆଗତ କରିଥିଲେ, ସେଥିରୁ ଚାରିଗୋଟି ଟିକସ ପ୍ରସ୍ତାବ ବ୍ୟବସ୍ଥାପକ ସଭା ଅଗ୍ରାହ୍ୟ କରି ଚାରିକୋଟି ଟଙ୍କା କାଟ କରି ଦେଇଥିଲେ; କିନ୍ତୁ ନଛୋଡ଼ବନ୍ଧା ସରକାରୀ ପକ୍ଷ ଓ ବଡ଼ଲାଟଙ୍କର ସ୍ୱତନ୍ତ୍ର ଭିଟୋ କ୍ଷମତା (ପ୍ରମାଣପତ୍ର) ବଳରେ ଏହି ଟିକସ ବ୍ୟବସ୍ଥାକୁ ବଡ଼ଲାଟ କାଏମ ରଖିଲେ ।

ତେଣୁ ୧୯୩୨ର ବଜେଟ୍ ଥିଲା ଏକ ଦ୍ୱିତୀୟ ଦଫା ସଂଗ୍ରାମ । ବଡ଼ଲାଟଙ୍କର ଭିଟୋ କ୍ଷମତା ଥିବାଯାଏ ତ ଆଉ କିଛି ଉପାୟ ନାହିଁ । ତେବେ ଯେତେଦୂର ସମ୍ଭବ ଜନମତ ସୃଷ୍ଟିକରି ଅର୍ଥ ଦାବୀକୁ ବିଳମ୍ବିତ କରିବାକୁ ହେବ । ସରକାରଙ୍କର ଉତ୍ତର 'ପଶ୍ଚିମ ସୀମାନ୍ତ ରକ୍ଷା' ପାଇଁ ଥିଲା ଖର୍ଚ୍ଚ ଦାବୀ । ଏଥିରେ ସିଧାସଳଖ ତ ବିରୋଧ ହେବାର କଥା । ଖାନ୍ ଅବଦୁଲ ଗଫୁର ଖାଁଙ୍କର କାରାବାସ, ଖଜଣାବନ୍ଦ ଆନ୍ଦୋଳନ, ସୀମାନ୍ତରେ ଜରୋରୀ ଅବସ୍ଥା, ଏସବୁ ବିଷୟରେ ଅନ୍ୟାନ୍ୟ ସଦସ୍ୟମାନେ କଠୋର ସମାଲୋଚନା କଲେ । କିନ୍ତୁ ମିଷ୍ଟର ଓଡ଼ିଶା ଅର୍ଥାତ୍ ବାରିଷ୍ଟର ବିଶ୍ୱନାଥ ଏହି ଖର୍ଚ୍ଚ ଦାବୀ ବିରୋଧକରି ଏକ ବିଚିତ୍ର ଯୁକ୍ତି ଉପସ୍ଥାପନା କଲେ । ଉତ୍ତର ପଶ୍ଚିମ ସୀମାକୁ ଅଧିକା ସରକାରୀ ଅନୁଦାନ ସାହାଯ୍ୟ ଦିଆଯିବାର ଯୁକ୍ତି କ'ଣ ? ବିଶ୍ୱନାଥ ମିଶ୍ରେ କହିଲେ, "ମୁଁ ଏହା ପ୍ରତି କୌଣସି ବିରୋଧୀ ମନୋଭାବ ନେଇ ବିଚାର କରୁନାହିଁ, ମୁଁ ଏଭଳି ଅନୁଦାନର ଉଦ୍ଦେଶ୍ୟ ବୁଝିପାରୁନାହିଁ । କୁହାଯାଉଛି ଏହି ପ୍ରଦେଶ ବିଦେଶୀ ଆକ୍ରମଣ ପ୍ରତିରୋଧରେ ଭାରତର ସୀମାନ୍ତ ରକ୍ଷା କରୁଛି । ଆମର ଭାରତୀୟ ଭୋଜନ ସଭାରେ କେହି ଜଣେ ଆପଣା ପାଇଁ ସିଧାସଳଖ ନମାଗି ପ୍ରତିବେଶୀ ପତ୍ରରେ ଦେବାପାଇଁ ମାଗେ, ତାହାହେଲେ ଫଳରେ ତାକୁ ମଧ ମିଳିଯିବ । ଠିକ୍ ସେହି ଢ଼ଙ୍ଗରେ ମୁଁ ଏହି ପ୍ରସଙ୍ଗ ଉତ୍ଥାପନ କରୁଛି ।"

"ମହାଶୟ ଆମର ସ୍ମୃତି ବଡ଼ ଦଗାଦିଆ । ସ୍ମୃତି ହେଉଛି ଆମର ପରମତମ ଶତ୍ରୁ । ଏକଥା ବୋଧହୁଏ ସମସ୍ତଙ୍କୁ ଜଣା ନ ଥିବ ମୋର ଓଡ଼ିଶା ପ୍ରଦେଶ ହେଉଛି ମଧ ପୂର୍ବ ସୀମାନ୍ତ ପ୍ରଦେଶ । ଖ୍ରୀଷ୍ଟଙ୍କ ଜନ୍ମର ଦୁଇଶହ ବର୍ଷ ପୂର୍ବେ ରାଜା ଖାରବେଳ ଓ ରାଜା ରକ୍ତବାହୁ ଭାରତକୁ ଏକ ବୈଦେଶିକ ସାମୁଦ୍ରିକ ଆକ୍ରମଣ ହାତରୁ ରକ୍ଷା କରିଥିଲେ ।"

"ମହାଶୟ, ମୁଁ ଦାବୀ କରିପାରେ, ଆହୁରି ଅଧିକ ଦୃଢ଼ତାର ସହିତ ଦାବୀ କରିପାରେ, ଯେ ଯଦି କୌଣସି ଏକ ସୀମାନ୍ତ ପ୍ରଦେଶ ଅଛି ଯାହା ଭାରତକୁ କେବେ ମାରାତ୍ମକ ଆକ୍ରମଣରୁ ରକ୍ଷା କରିଥିଲା ତାହା ହେଉଛି ମୋର ପ୍ରଦେଶ ଓଡ଼ିଶା (ଏ

Digitized by srujanika@gmail.com

ବକ୍ତୃତା ବେଳକୁ ବ୍ରିଟିଶ ଭାରତର ମାନଚିତ୍ରରେ ଓଡ଼ିଶା ପ୍ରଦେଶର ଜନ୍ମ ହୋଇନାହିଁ। ଓଡ଼ିଶା ବୋଲି ଗୋଟିଏ ଖଣ୍ଡିତ ଡ଼ିଭିଜନ୍ ବିହାର ସହିତ ସାମିଲ୍ ହୋଇ ରହିଥାଏ)। ମୋର ମାନ୍ୟବର ବନ୍ଧୁ ମହମ୍ମଦ ୟାମିନ ଖାଁ ଉତ୍ତର ପଶ୍ଚିମ ସୀମାନ୍ତକୁ ଭାରତର ରକ୍ଷୀ ଦେବଦୂତ ବୋଲି କହିଛନ୍ତି; କିନ୍ତୁ ଏକଥା ଐତିହାସିକ ସତ୍ୟ ଯେ ଭାରତରେ ଯେତେ ବିଦେଶୀ ଆକ୍ରମଣ ସଫଳ ହୋଇ ଆସିଛି, ବିଶେଷତଃ ମୁସଲମାନ ଆକ୍ରମଣଗୁଡ଼ିକ ସେଗୁଡ଼ିକ ସବୁ ଏହି ବାଟରେ ହିଁ ହୋଇଛି। କିନ୍ତୁ ମୋର ପ୍ରଦେଶ ସମସ୍ତ ସାମୁଦ୍ରିକ ଆକ୍ରମଣ ବିରୁଦ୍ଧରେ ଏକ ଅଟଳ ପ୍ରାଚୀର ପରି ଛିଡ଼ା ହୋଇ ଆସିଛି। ଏପରିକି ଏବେ ନିକଟରେ ଜର୍ମାନୀ ଯୁଦ୍ଧବେଳେ ଜର୍ମାନ୍ ଯୁଦ୍ଧ ଜାହଜ ଏମଡ଼େନ ମାଦ୍ରାଜ ବନ୍ଦର ଉପରେ ଗୋଳାବୃଷ୍ଟି କରିଥିଲା କିନ୍ତୁ ଏହା ପୁରୀ ପାଖରେ ପହଞ୍ଚିଲା ବେଳକୁ ତାହାର ଗତିରୋଧ ହୋଇଗଲା। ଅବଶ୍ୟ ଅନ୍ଧବିଶ୍ୱାସୀ ଲୋକେ ବିଶ୍ୱାସ କଲେ ଯେ ଜଗନ୍ନାଥ ମହାପ୍ରଭୁ ଏହାକୁ ବନ୍ଦ କରାଇ ଦେଲେ, କାରଣ ଜଗନ୍ନାଥ ତ କୌଣସି ପ୍ରଦେଶ ବା ଗୋଷ୍ଠୀର ନାଥ ନୁହନ୍ତ; ସେତ ବିଶ୍ୱବ୍ରହ୍ମାଣ୍ଡ ବା ଜଗତର ନାଥ। ଏଭଳି ବିଶ୍ୱାସ ଅନ୍ଧବିଶ୍ୱାସ ହୋଇପାରେ। କିନ୍ତୁ ଏକଥା ତ ସତ୍ୟ ଯେ ଏହି ଯୁଦ୍ଧ ଜାହାଜର ଅଗ୍ରଗତି ପୁରୀ ସମୁଦ୍ର କୂଳରେ ପ୍ରତିରୁଦ୍ଧ ହୋଇଥିଲା। ତେଣୁ ମୁଁ କହୁଛି ଓଡ଼ିଶା ଏକ ସୀମାନ୍ତ ପ୍ରଦେଶ ଏହା ମଧ୍ୟ ପୂର୍ବ ସୀମାନ୍ତ ପ୍ରଦେଶ।”

ଏହାପରେ ମିଷ୍ଟର ଓଡ଼ିଶାଙ୍କର ପ୍ରଗଲ୍‌ଭତା ମହୋଦଧିର ଫେନଚୂଡ଼ ଜୁଆର ପରି ସୀମାହୀନ ହୋଇଉଠିଲା। ଜୁଆରରେ ବହୁ ଦୂରଦୂରାନ୍ତର ଅନାବଶ୍ୟକ ଉପାଦାନ ଆସି ପହଞ୍ଚିଲା ଭଳି ହଠାତ୍ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ପାଇଁ ଅନୁଦାନ ଲାଗି ଖର୍ଚ୍ଚ ଦାବୀ ମୂଳରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ ପହଞ୍ଚିଗଲା। ସମସ୍ତ ବ୍ୟବସ୍ଥାପକ ସଭାକୁ ଆଚମ୍ଭିତ କରି ସେ କହିବାରେ ଲାଗିଲେ “ଏହି ପ୍ରଦେଶ ଆଜି ସାରା ଭାରତରୁ ‘ସଂରକ୍ଷଣ’ ପାଇବା ଉପରେ ନିର୍ଭର କରୁଛି। କିନ୍ତୁ ଏହାକୁ ମିଳିଛି କ’ଣ ? ମହାଶୟ, ସରକାର ଆମର ଧନ୍ୟବାଦର ଅର୍ହ କାରଣ ସେମାନେ ଗୋଟିଏ ପ୍ରଦେଶ ଗଢ଼ିବା ପାଇଁ ଗୋଟିଏ କମିଟି ନିଯୁକ୍ତ କରିଛନ୍ତି। କିନ୍ତୁ ମହାଶୟ, ସେମାନେ ଏହା ଅତ୍ୟନ୍ତ ଦ୍ୱିଧା କଣ୍ଟକିତ ଅବସ୍ଥାରେ ହିଁ କରିଛନ୍ତି। ‘ଯଦି ଗୋଟିଏ ଓଡ଼ିଶା ପ୍ରଦେଶ ଗଢାଯାଏ ତେବେ ତାଙ୍କର ସୀମା ସରହଦ କ’ଣ ହେବ ଓ ଏହାର ଫଳାଫଳ ଅନ୍ୟ ପ୍ରଦେଶମାନଙ୍କ ଉପରେ କିପରି ଭାବରେ ପଡ଼ିବ ?’ ମହାଶୟ, ଟିକିଏ ଏହି ଜାତି ପ୍ରତି ଦୃଷ୍ଟିନିବଦ୍ଧ କରନ୍ତୁ। ଯଦି ତିରିଶବର୍ଷ କାଳର ସଂଗ୍ରାମ ପରେ ବି ସରକାର ଗୋଟିଏ ପ୍ରଦେଶ ଗଠନ ବିଷୟରେ କୃତନିଶ୍ଚୟ ହୋଇ ନ ପାରିଲେ ଓ ଯଦ୍ୟପି ବା ‘ଯଦି’ରେ ରହିଗଲେ ତେବେ ଏହାର ସୀମା ସରହଦ ନିର୍ଦ୍ଧାରଣ

Digitized by srujanika@gmail.com

କରିବାରେ କି ଶ୍ରେୟ ? ଏଭଳି କାଣ୍ଡ କାରଖାନା କ'ଣ ବିହାର-ଓଡ଼ିଶା ପ୍ରଦେଶ ବା ସିନ୍ଧୁପ୍ରଦେଶ କ୍ଷେତ୍ରରେ ଘଟିଛି । ଏହି ମନୋଭାବ ହେଉଛି ବୈମାତ୍ରେୟ ମନୋଭାବ । ଏଥିରୁ ଜଣାପଡୁଛି ଯେ ସରକାର କେବଳ ଲୋକ ଦେଖାଣିଆକୁ ଏପରି ଗୋଟିଏ କମିଟି ଘୋର ଅନିଚ୍ଛା ସତ୍ତ୍ୱେ ଗଢ଼ିଛନ୍ତି ।"

"ମହାଶୟ, ସରକାର ଯଦି ଏପରି ପ୍ରଦେଶ ଗଠନ ବିଷୟରେ କୃତ ନିଶ୍ଚୟ ନୁହନ୍ତି, ତେବେ ସେମାନେ କି କାରଣରୁ ୬୦୦୦ ମାଇଲ ଦୂରରୁ ଜଣେ ଚେଆରମ୍ୟାନ (ଓ' ଡ଼ନେଲେ-ଲେଖକ) ଓ ଆସାମରୁ ଜଣେ ଭଦ୍ରବ୍ୟକ୍ତି (ଫକନ୍-ଲେ) ଓ ବମ୍ବେରୁ ଜଣେ କୋଟିପତି (ମେହେଟ୍ଟା-ଲେ)ଙ୍କୁ ଆଣି ଏକତ୍ର କରିଛନ୍ତି, ଯଦି ସରକାର ଗୋଟିଏ ପ୍ରଦେଶ ଗଢ଼ିବାକୁ ଗ୍ୱହାନ୍ତି, ତେବେ ତାହାକୁ ଉତ୍ତମ ବିଗ୍ୱରରେ ଗଢ଼ିବା ଉଚିତ୍ । ଏପରି ଯଦି ତଦି କରି ଗଢ଼ିବା ଉଚିତ ନୁହେଁ ।

ଏତେବେଳେ ସଭାପତିଙ୍କର ରୁଳିଂ ଆଉ ସମ୍ଭାଳି ରହିପାରିଲା ନାହିଁ । ସେ ହୁକୁମ ଦେଲେ "ଅର୍ଡ଼ର, ଅର୍ଡ଼ର । ମାନ୍ୟବର ସଭ୍ୟ ବର୍ତ୍ତମାନ ବୈଦେଶିକ ଓ ରାଜନୈତିକ ଡିପାର୍ଟମେଣ୍ଟର ଖର୍ଚ୍ଚ ଦାବୀ ଉପରେ କହିବାର କଥା । କିନ୍ତୁ ସେ ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ଭାଷଣଦେବା ଦ୍ୱାରା ଅର୍ଡ଼ର ଭିତରେ ପଡୁନାହାନ୍ତି ।"

ମିଷ୍ଟର ବି.ଏନ୍.ମିଶ୍ର କହିଲେ ମହାଶୟ, "ମୁଁ ବର୍ତ୍ତମାନ ମଧ୍ୟ ପୂର୍ବ ସୀମାନ୍ତ ଅଞ୍ଚଳର ପ୍ରସଙ୍ଗ ବିଷୟରେ କହୁଛି । ଏହା ପ୍ରତି ସରକାରଙ୍କର ନଜର ପଡ଼ିବା ଉଚିତ । ଏହି ସଭାକୁ କହିଲା ବେଳେ ମହାମହିମ ଭାଇସରାୟ ସେ ଦିନ ବୟାନ କରିଥିଲେ 'ଆମ ଆଗରେ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶକୁ ଏକ ସବ୍‌ଭେନ୍‌ସନ ଦେବାର ପ୍ରସ୍ତାବ ରହିଛି । ଏଭଳି ସବ୍‌ଭେନ୍‌ସନର ଉପଯୋଗିତା ଓ ତାହାର ସମ୍ଭାବ୍ୟ ପରିମାଣ ମୋର ସରକାରଙ୍କର ଅନୁସନ୍ଧାନାଧୀନ ଅଛି । ଆମର ଅଭିଳାଷ ଯେ ବିଷୟଟିର ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ବ୍ୟବସ୍ଥାସଭାର ମତାମତ ନେବା ଠିକ୍ ହେବ ।"

"ମହାଶୟ, ମୁଁ ସରକାରଙ୍କର ମତିଗତି ବିଷୟରେ ପଦେ କହି ରଖେ । ମହାମହିମ ବଡ଼ଲାଟ ଓଡ଼ିଶା ବିଷୟରେ ପଦେ ମାତ୍ର ଶବ୍ଦ ଉଚ୍ଚାରଣ କଲେ ନାହିଁ । ବୈଦେଶିକ ଓ ରାଜନୈତିକ ଡିପାର୍ଟମେଣ୍ଟ ଓଡ଼ିଶା ସମସ୍ୟା ପ୍ରତି ଯାହା ଦୃଷ୍ଟି ଦେବାର କଥା ସେଭଳି ଦୃଷ୍ଟି ଟିକିଏ ମାତ୍ର ଦେଇ ନାହାନ୍ତି । ମୁଁ ଭାବୁଛି ଯେତେବେଳେ ମୋର ପାଳି ପଡ଼ିବ ସେତେବେଳେ ସେ କଥା ମୁଁ ଉତ୍‌ଥାପନ କରିବି । ତଥାପି ମୁଁ କହୁଛି ଯେ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ପ୍ରତି ଏତେ ଧ୍ୟାନ ଦେଲା ବେଳେ ସେମାନେ ମଧ୍ୟ ପୂର୍ବ ସୀମାନ୍ତ ପ୍ରଦେଶ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନାହାନ୍ତି .....।"

Digitized by srujanika@gmail.com

(ପାଞ୍ଚ)

ବଜେଟ ଅଭିଭାଷଣରେ ବିଶ୍ୱନାଥଙ୍କର ଦୃଷ୍ଟିକୋଣ ପୂର୍ବରୁ ଫେବୃୟାରୀ ୨୪ ତାରିଖ ୧୯୩୨ରେ ବାଉଁଶ ଓ କାଗଜ ଶିଳ୍ପ (ସଂରକ୍ଷଣ) ବିଲରେ ମଧ ତାଙ୍କର ଶାଣିତ ଅକାଟ୍ୟ ଯୁକ୍ତି ପଛରେ ଓଡ଼ିଶାରେ କାଗଜ ଶିଳ୍ପ ଓ ଓଡ଼ିଶାର ଶିଳ୍ପ ଉପଯୋଗୀ କଞ୍ଚାମାଲ ଯଥା ବାଉଁଶର ଖର୍ଦ୍ଦି ବିକ୍ରୀ ବିଷୟ ପ୍ରଧାନ କେନ୍ଦ୍ର ବିନ୍ଦୁ ଥିଲା। ସେତେବେଳେ ଭାରତର କାଗଜଶିଳ୍ପ ଅତ୍ୟନ୍ତ କ୍ଷୁଦ୍ର ଓ ସୀମିତ ଥିଲା ଓ ଏହା ପୂରାପୂରି ଇଉରୋପୀୟ ମାଲିକାନା ଭିତରେ ଆବଦ୍ଧ ଥିଲା। ସେହିମାନଙ୍କୁ ରକ୍ଷା କରିବାପାଇଁ ଭାରତ ସରକାର କାଗଜଶିଳ୍ପର ସଂରକ୍ଷଣ ନାମରେ ଭାରତୀୟ ଦରିଦ୍ର ଜନତାର ଟିକସ ପଇସାର ବିନିମୟରେ ସେମାନଙ୍କୁ ସାହାଯ୍ୟ କରି ଆସିଥିଲେ। ୧୯୨୫ ମସିହାରେ ଏପରି ଏକ ଆଇନ ପାସ ହୋଇଥିଲା। ତାହାକୁ ସରକାର ସାତବର୍ଷ ମିଆଦ ପରେ ଅର୍ଥାତ୍ ୧୯୩୨ରେ ଆହୁରି ସାତବର୍ଷ ପାଇଁ ବଢ଼ାଇବାକୁ ଇଚ୍ଛା ପ୍ରକାଶ କରୁଥିଲେ।

ବିଶ୍ୱନାଥ ତାଙ୍କର ଭାଷଣରେ ପ୍ରଶ୍ନ କରିଥିଲେ ଏହି ସାତବର୍ଷର ସଂରକ୍ଷଣ ବିଲ୍ ଫଳରେ ଦେଶର କି ଉପକାର ହୋଇଛି ? ସେ କହିଥିଲେ ବର୍ଗ ଭାରତୀୟ ଟାରିଫ୍ ବୋର୍ଡ଼ର ରିପୋର୍ଟ ଅନୁସାରେ ବର୍ଷକୁ ବର୍ଷ ଭାରତୀୟ ବାଉଁଶକୁ ବ୍ୟବହାରରେ ନ ଲଗାଇ ବିଦେଶୀ ୟୁରୋପୀୟ ପୁଞ୍ଜିପତି କାଗଜକଳ ମାଲିକଗୋଷ୍ଠୀ ବିଦେଶୀ ପଲପଦା କାଗଜମଣ୍ଡ ଉପରେ ଅଧିକରୁ ଅଧିକ ନିର୍ଭର କରିବାରେ ଲାଗିଛନ୍ତି।

ବିଶ୍ୱନାଥ ଆହୁରି ମଧ ଦର୍ଶାଇଥିଲେ ଯେ ଭାରତୀୟ କଞ୍ଚାମାଲ ବ୍ୟବହାର କରିବା ପରିବର୍ତ୍ତେ ଏହି ବିଦେଶୀ ୟୁରୋପିୟାନ୍ କାଗଜକଳ ମାଲିକମାନେ ବିଦେଶୀ କାଗଜମଣ୍ଡ ଉପରେ ଶୁଳ୍କ କମ୍ କରିବା ପାଇଁ ସରକାରଙ୍କ ଉପରେ ଚାପ ଦେଉଛନ୍ତି, ଯାହା ଫଳରେ ସେମାନେ ଦୋହରି ଶୋଷଣ ଓ ଦୋହରି ଲାଭର ଯୋଗାଡ଼ରେ ଅଛନ୍ତି। ଏହା ଭାରତରେ କାଗଜ ଶିଳ୍ପର ଅଭିବୃଦ୍ଧିରେ ସାହାଯ୍ୟ ନ କରି ମୁଷ୍ଟିମେୟ ପୁଞ୍ଜିପତିଙ୍କର ଅହେତୁକ ଶୋଷଣ ମୁନାଫାର ବୃଦ୍ଧିରେ ହିଁ ସାହାଯ୍ୟ କରୁଛି।

ବିଶ୍ୱନାଥ ଆହୁରି ମଧ ଦର୍ଶାଇଥିଲେ ଯେ ଯେଉଁ କାଗଜକଳମାନେ ଆପଣାର ଅଂଶଧନ ବାବଦରେ ଶତକଡ଼ା ୪୫ ଯାଏ ଲାଭାଂଶ ଦେଇ ପାରୁଛନ୍ତି ଅଥଚ ସେମାନେ ବିଦେଶୀ ପ୍ରତିଯୋଗିତାର ସମକକ୍ଷ ହେବାପାଇଁ ଶତକଡ଼ା ୪୦ ଯାଏ ସଂରକ୍ଷଣ ଚାହୁଁଛନ୍ତି। ସେମାନେ ସିଧା ସଳଖ ଭାରତ ସରକାରଙ୍କୁ କହୁଛନ୍ତି "ଲାଭାଂଶ

Digitized by srujanika@gmail.com

ତ ଆମର, ତା' ଛଡ଼ା ଭାରତର ଗରୀବ ଟିକସଦାତାଙ୍କର ପେଟର ଦାନା ଓ ପିଠିର କନାକୁ କାଟି ଆମକୁ ଆହୁରି ରିହାତି ଦିଆଯାଉ।"

ବିଶ୍ୱନାଥ ଦୃଢ଼ ଭାବରେ ଦାବୀ କରିଥିଲେ ଯେ ୧୯୨୫ରେ ବିଲ୍‌ରେ ବିଦେଶୀ କାଗଜକଳ ମାଲିକମାନଙ୍କ ଉପରେ ଏହି ଆଦେଶ ଥିଲା ଯେ ସେମାନେ ଭାରତୀୟ ଲୋକଙ୍କୁ କାଗଜ ଶିଳ୍ପରେ ତାଲିମ ଦେବେ। ଏହା ମଧ୍ୟ ଟାରିଫ ବୋର୍ଡ଼ର ନିଷ୍ପତ୍ତି ଥିଲା। ତେଣୁ ସେ କାଗଜ ଶିଳ୍ପର ସଂରକ୍ଷଣ ବ୍ୟବସ୍ଥାକୁ ଆଉ ସାତବର୍ଷ ବୃଦ୍ଧି କରିବାର ତୀବ୍ର ବିରୋଧ କରିଥିଲେ।

(ଛଅ)

୧୯୩୨ ମସିହା ଥିଲା ସ୍ୱତନ୍ତ୍ର ପ୍ରଦେଶର ସୀମା ନିର୍ଦ୍ଧାରଣର ଅନ୍ତିମ କାଳ। ଅଗଷ୍ଟ ସେପ୍ଟେମ୍ବର ମାସରେ କେନ୍ଦ୍ର ଆସେମ୍ବ୍ଲିର ଶରତକାଳୀନ ଅଧିବେଶନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ଅଧିବେଶନରେ ଓଡ଼ିଶାର ଭବିଷ୍ୟତ ପ୍ରଦେଶ ଗଠନବେଳେ କେନ୍ଦ୍ର ସରକାରଙ୍କ ତରଫରୁ ସାହାଯ୍ୟ ପରିମାଣର ନିର୍ଦ୍ଧାରଣକୁ ସହଜ କରିବାପାଇଁ ବିଶ୍ୱନାଥ ଓଡ଼ିଶା ଉପରେ ଥିବା ଋଣ ବୋଝ ଯଥା ମହାନଦୀ ଓ ଋଷିକୁଲ୍ୟା କେନାଲର ଋଣ, ଓଡ଼ିଶାର ଅନୁନ୍ନତ ଏଜେନ୍‌ସି ଅଞ୍ଚଳ ଯଥା ଅନୁଗୋଳ ସହିତ ପ୍ରସ୍ତାବିତ ଗଞ୍ଜାମ ଓ ଭାଇଜାଗ ଏଜେନ୍‌ସିର ମିଶ୍ରଣ ଜନିତ କ୍ଷୟକ୍ଷତି ଓ ତାହାର ଭରଣା ପାଇଁ କେନ୍ଦ୍ରର ସାହାଯ୍ୟ ଇଙ୍ଗିତରେ ନଦୀ ଇତ୍ୟାଦି ଅଜସ୍ର ପ୍ରାସଙ୍ଗିକ ଓ ଉଦ୍ଦେଶ୍ୟପୂର୍ଣ୍ଣ ପ୍ରଶ୍ନାବଳୀ ଉତ୍‌ଥାପନ କରିଥିଲେ।

ଏହି ବର୍ଷର ୨୯ ନଭେମ୍ବରଠାରୁ ୧୫ ଡ଼ିସେମ୍ବର ଭିତରେ ତାଙ୍କର ତିନିଗୋଟି ସିରିଜ୍‌ର ପ୍ରଶ୍ନମାଳାରେ ସେ ଓଡ଼ିଶା କମିଟିର ରିପୋର୍ଟ ବିଷୟରେ, ତୃତୀୟ ଗୋଲଟେବୁଲ ବୈଠକରେ ଉକ୍ତ କମିଟି ରିପୋର୍ଟର ଉପସ୍ଥାପନ ବିଷୟରେ ଓ ଉକ୍ତ ରିପୋର୍ଟ ଉପରେ ଭାରତ ସରକାରଙ୍କର ମନ୍ତବ୍ୟ ବିଷୟରେ ନାନା ତଥ୍ୟାନୁସନ୍ଧିତ୍ସୁ ସମସ୍ୟା ଉତ୍‌ଥାପନ କରିଥିଲେ।

୨୭।୮।୧୯୩୨ ର 'ଉତ୍କଳଦୀପିକା'ରେ ଗୋଟିଏ ସମ୍ବାଦ ପ୍ରକାଶ ପାଇଥିଲା। ଏଥିରେ ଥିଲା "ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନଙ୍କୁ ନେଇ ବଡ଼ଲାଟଙ୍କ ନିକଟକୁ ଗୋଟିଏ ଡେପୁଟେସନ ଶୀଘ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ସଂପର୍କରେ ଦାବୀ କରିବା ପାଇଁ ପଠାଯିବା ନିମନ୍ତେ ସ୍ଥିର ହୋଇଥିଲା। ଏହି ଡେପୁଟେସନରେ ବାରଜଣ ପ୍ରତିନିଧି ନିର୍ବାଚିତ ହୋଇଥିଲେ। ଏମାନଙ୍କ ଭିତରେ ମିଷ୍ଟର ଆର୍.ଏନ୍. ମିଶ୍ର, ଲିଙ୍ଗରାଜ ପାଣିଗ୍ରାହୀ, ମଧୁପୁର ରାଜା, ପାରଳାଖେମୁଣ୍ଡି ରାଜା, ମିଷ୍ଟର ବି.ଦାସ, ମିଷ୍ଟର

Digitized by srujanika@gmail.com

ଏମ୍.ଏସ୍ ପାଣିଗ୍ରାହୀ, ବି.ଏନ୍.ମିଶ୍ର (ବାରିଷ୍ଟର), ମିଷ୍ଟର ଜି.ବି ଦତ୍ତ, ମିଷ୍ଟର ଏସ୍.ଏମ୍.ଗନ୍ତାୟତ, ମିଷ୍ଟର ଜେ.ଏନ୍. ଆଗ୍ରେର୍ଯ୍ୟ, ମିଷ୍ଟର ଲକ୍ଷ୍ମୀନାରାୟଣ ସାହୁ ଓ ମିଷ୍ଟର ଜି.ସି. ସାମନ୍ତରାୟ ଅନ୍ତର୍ଭୁକ୍ତ ଥିଲେ।

୧୭।୯।୧୯୩୨ରେ ଏହି ଡ଼େପୁଟେସନ ବଡ଼ଲାଟଙ୍କୁ ସାକ୍ଷାତ କରିଥିଲେ। ଏହାର ଅବ୍ୟବହିତ ପରେ ୨୨।୯।୧୯୩୨ରେ ସିମଲା ଅଧିବେଶନରେ ବିଶ୍ୱନାଥ ମିଶ୍ରଙ୍କର ଓଡ଼ିଶା ପ୍ରଦେଶର ସୀମା ସଂକ୍ରାନ୍ତରେ ବହୁ ଜିଜ୍ଞାସାପୂର୍ଣ୍ଣ ପ୍ରଶ୍ନ ପଚରା ଯାଇଥିଲା। ଓଡ଼ିଶା ପ୍ରଦେଶର ସୀମା ବିଷୟରେ ଭାରତ ସରକାର ଏବେ ବି ବିଗ୍ଭର କରୁଛନ୍ତି ଓ ଏ ସ୍ତରରେ କୌଣସି ବିବୃତ୍ତି ଦେବାର ସମୟ ଆସିନାହିଁ ବୋଲି ସରକାରଙ୍କ ତରଫରୁ ଉତ୍ତର ଆସିଥିଲା। ଏହି ପ୍ରଶ୍ନ ପଗ୍ଭରି ବିହାରର ସଦସ୍ୟ ଗୟାପ୍ରସାଦ ସିଂହ ସପ୍ଲିମେଣ୍ଟାରୀ (ଅତିରିକ୍ତ) ପ୍ରଶ୍ନ ପଗ୍ଭରି ବିହାର ଓଡ଼ିଶା ବ୍ୟବସ୍ଥାପକ କାଉନ୍‌ସିଲ ନିକଟରେ ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରି ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାପାଇଁ ସୁପାରିସ ବିଷୟ ଦର୍ଶାଇ ଥିଲେ। ଏହି ପ୍ରଶ୍ନୋତ୍ତର ବେଳେ ସାର୍ ହରି ସିଂହ ଗୌର ସାଇମନ କମିସନଙ୍କ ଦ୍ୱାରା ଓଡ଼ିଶା ପ୍ରଦେଶ ଏକ ନିଅଣ୍ଟିଆ ପ୍ରଦେଶ ହେବାର ଆଶଙ୍କା କଥା ଉତ୍‌ଥାପନ କରିଥିଲେ ଓ ମିଷ୍ଟର ବି:ଦାସ ଉକ୍ତ ସନ୍ଦେହ ମୋଚନ କରିବାପାଇଁ ଆହୁରି କେତୋଟି ପ୍ରଶ୍ନ ପଗ୍ଭରି ହରି ସିଂହ ଗୌରଙ୍କର ଅସୂୟାସୂଚକ ଇଙ୍ଗିତକୁ ହଟାଇ ଦେଇଥିଲେ।

୨୯।୧୦।୧୯୩୨ 'ଉକ୍ଳଳ ଦୀପିକା'ରେ ପ୍ରକାଶିତ ସମ୍ବାଦ ଅନୁସାରେ ସିମଲା ବୈଠକରେ ବି.ଏନ୍ ମିଶ୍ରଙ୍କର ଓଡ଼ିଶା ପ୍ରଦେଶ ଗଠନ ବିଷୟକ ପ୍ରଶ୍ନର ଉତ୍ତର ସନ୍ତୋଷଜନକ ହୋଇ ନଥିଲା। ଯେତେଦୂର ଜଣାଯାଏ ଦୀପିକାର ସାମ୍ବାଦିକ ଏହି ଖବରଟିକୁ ବିଶ୍ୱନାଥ ମିଶ୍ରଙ୍କ ସହିତ ସାକ୍ଷାତ୍ ପରେ ପ୍ରକାଶ କରିଥିଲେ। 'ଦୀପିକା'ରେ ପ୍ରକାଶିତ ସମ୍ବାଦ ଶେଷରେ ଥିଲା "ଯେହେତୁ ଗଞ୍ଜାମ, ବିଶାଖାପାଟଣା ଏଜେନ୍‌ସି ପାଇଁ ସରକାର ଅତୀତରେ ଦଶଲକ୍ଷ ଟଙ୍କା ଦେଇଛନ୍ତି ଓ ସେହି ଦଶଲକ୍ଷ ଟଙ୍କା ମାନ୍ଦ୍ରାଜ ସରକାର ପରେ ଛାଡ଼ ପାଇଛନ୍ତି। ତେବେ ଗଞ୍ଜାମ ଓ ଜୟପୁର ଏଜେନ୍‌ସି ଗଠନ ବେଳେ ଓଡ଼ିଶା ମଧ୍ୟ ଅନୁରୂପ ରିହାତି ପାଇବା ଉଦ୍ଦେଶ୍ୟ ରଖି ଏହି ପ୍ରଶ୍ନ ପଚରା ଯାଇଥିଲା।" ଶେଷରେ 'ଦୀପିକା' ର ସମ୍ବାଦ ଉପସଂହାର କରିଥିଲା। "ଯାହାହେଉ କେନାଲ ଋଣର ସୁଧ ଓ ଅନୁନ୍ନତ ଏଜେନ୍‌ସି ଅଞ୍ଚଳର ଉନ୍ନତି ପାଇଁ ଭାରତ ଗଭର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ନୂତନ ଓଡ଼ିଶା ପ୍ରଦେଶ ଗଠନ ପକ୍ଷରେ ଦୁଇଟି ଗୁରୁତର ଅର୍ଥ ସମସ୍ୟା। ଉପଯୁକ୍ତ ସମୟରେ ଏହା ଭାରତ ସରକାରଙ୍କ କାନକୁ ଯାଇଅଛି ଓ ନୂତନ ପ୍ରଦେଶ ଗଠନ ବେଳେ ଘର ତିଆରି ପାଇଁ ସାହାଯ୍ୟ କଥାଟିର ମଧ୍ୟ ଆଲୋଚନା ହୋଇଅଛି।"

Digitized by srujanika@gmail.com

Sitting (Left to right) : 1. Mr. R.N. Misra, 2. Mr. L. Panigrahi, 3. Raja of Madhupur,
4. Raja of Parala Khemundi, 5. Mr. B. Das, 6. Mr. M.S. Panigrahi, 7. Mr. B.N. Misra (Barrister).
Standing (Left to Right) : 1. Mr. G.B. Dutta, 2. Mr. S.S. Gantayat, 3. Mr. J.N. Acharya,
4. Mr. L.N. Sahoo, 5. Mr. G.C. Samantaray. Oriya Deputation - Simla Date 17.9.1932

Digitized by srujanika@gmail.com

(ସାତ)

୧୯୩୨ ମସିହାରେ ବ୍ୟବସ୍ଥାପକ ସଭା ଅଭ୍ୟନ୍ତରର ଘଟଣା ଭିତରେ ଅଟୋୱା ଚୁକ୍ତିର ଆଲୋଚନା ଏକ ପ୍ରଧାନ ସ୍ମରଣୀୟ ବିଷୟ। ୧୯୩୧ ମସିହାର ଅର୍ଥ ବିଲର ଟ୍ୟାକ୍ସ ବ୍ୟବସ୍ଥା ପରେ ଏହା ଭାରତର ଜାତୀୟତା ଉପରେ ଏକ ଗୁରୁତର ଧକ୍କା ଦେଇଥିଲା। ୧୯୩୨ ମସିହା ଆଦ୍ୟଭାଗରେ ବିଲାତ ସାଧାରଣତଃ ଶତକଡ଼ା ୧୦ ହାରରେ ବାଣିଜ୍ୟ ଶୁଳ୍କ ବସାଇବା ନୀତି ଗ୍ରହଣକଲା। ୧୯୩୨ ମସିହା ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବିଲାତ ଆପଣାର ସ୍ୱାୟତ୍ତଶାସିତ ଉପନିବେଶ ଯଥା କ୍ୟାନାଡ଼ା, ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ ଓ ଭାରତକୁ ନୂତନ ବାଣିଜ୍ୟ ଶୁଳ୍କର ଅବ୍ୟାହତି ଦେଇଥିଲା। ସେହି ତାରିଖ ଭିତରେ ବିଲାତ ସହିତ କୌଣସି ବାଣିଜ୍ୟ ଚୁକ୍ତି ନ ହୋଇଥିଲେ, ତାହା ପରଠାରୁ ସେହିସବୁ ଦେଶରୁ ଆସୁଥିବା ପଣ୍ୟଦ୍ରବ୍ୟ ଉପରେ ନୂତନ ବାଣିଜ୍ୟ ଶୁଳ୍କ ବସିବ ବୋଲି ବ୍ୟବସ୍ଥା କାଏମ କରାଯାଇଥିଲା।

ଏହି ପରିସ୍ଥିତିରେ ୧୯୩୨ ଜୁଲାଇ ମାସରେ କ୍ୟାନାଡ଼ା ଉପନିବେଶର ଅଟୋୱାଠାରେ ସାମାଜିକ ଅର୍ଥନୈତିକ ସମ୍ମିଳନୀ ବସିଲା। କେନ୍ଦ୍ର ଆସେମ୍ବ୍ଲିର ବିନା ପରାମର୍ଶରେ ଭାରତ ସରକାର ଅଟୋୱା ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବା ଲାଗି ସାର୍ ଅତୁଲ୍ ଚାଟର୍ଜୀଙ୍କର ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିଯୁକ୍ତକଲେ। ଏହି ପ୍ରତିନିଧି ଦଳରେ କେନ୍ଦ୍ର ଆସେମ୍ବ୍ଲିର ଦୁଇଜଣ ସଦସ୍ୟ ସମ୍ମୁଖମ୍ ଚେଟି ଓ ଅବଦୁଲ ହାରୁନ୍ ସଭ୍ୟ ରହିଲେ।

ସମ୍ମିଳନୀର ପରିଣତିରେ ବିଲାତ ଓ ଭାରତ ଭିତରେ ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେଲା। ରାଜିନାମାରେ ବ୍ୟବସ୍ଥା ରହିଲା ବିଲାତ ପକ୍ଷରୁ ଭାରତୀୟ ଜିନିଷକୁ ପ୍ରଚଳିତ ଶତକଡ଼ା ୧୦ ହାର ବାଣିଜ୍ୟ ଶୁଳ୍କର ଛାଡ଼ ଅବ୍ୟାହତ ରହିବ ଓ ତତ୍ ସଙ୍ଗେ ସଙ୍ଗେ ସାମ୍ରାଜ୍ୟ ବାହାରର କେତେକ ଜିନିଷ ଉପରେ ଶୁଳ୍କ ବଢ଼ାଇ ଭାରତୀୟ ଜିନିଷକୁ ଅଗ୍ରାଧିକାର ଦିଆଯିବ। ବିନିମୟରେ ଭାରତ ପକ୍ଷରୁ କେତେକ ଶ୍ରେଣୀର ବିଲାତ ଜିନିଷକୁ ଶତକଡ଼ା ୧୦ ଓ କେତେକ ଶ୍ରେଣୀର ମୋଟର ଯାନକୁ ଶତକଡ଼ା ୭.୫ ହାର ଅଗ୍ରାଧିକାର ଦିଆଯିବ। ଅଟୋୱା ରାଜିନାମା ଶେଷରେ ଏକ ଅନୁପୂରକ ରାଜିନାମା ସ୍ୱାକ୍ଷରିତ ହେଲା। ଏଥିରେ ବ୍ୟବସ୍ଥା ରହିଲା, ଭାରତୀୟ ବଜାରରେ ବ୍ରିଟିଶ ଦସ୍ତା କଲେଇ ଇସ୍ପାତକୁ ଅଗ୍ରାଧିକାର ଦିଆଯିବ ଓ ଭାରତୀୟ ଇସ୍ପାତକୁ ବିଲାତ ବଜାରରେ ଅନୁରୂପ ସୁବିଧା ଦିଆଯିବ।

Digitized by srujanika@gmail.com

ଏହି ରାଜିନାମା ବିରୁଦ୍ଧରେ ଭାରତରେ ବ୍ୟାପକ ବିରୋଧ ଦେଖାଦେଲା। କାରଣ ଏହି ରାଜିନାମାରେ ଭାରତ ଓ ବିଲାତ ଭିତରେ ପ୍ରାୟ ସର୍ତ୍ତର ଭାରସାମ୍ୟ ଥିଲାପରି ଦେଖାଯାଉଥିଲେ ମଧ ବିଲାତର ଉନ୍ନତ ଧରଣ ରପ୍ତାନି ତୁଳନାରେ ଭାରତର ରପ୍ତାନିର ତାରତମ୍ୟ ଥିବାରୁ ଏହା ଫଳରେ ଭାରତର କୌଣସି ଉପକାର ହେବାର ସମ୍ଭାବନା ନ ଥିଲା। ଭାରତର ଗୁହା, ଝୋଟ ଇତ୍ୟାଦି ଜିନିଷର ଅଗ୍ରାଧିକାର ସବୁକାଳେ ଅବ୍ୟାହତ ରହିଥିଲା, ଏବେ ବି ରହିଛି। ତେଣୁ ଏହିସବୁ ପାରମ୍ପରିକ ରପ୍ତାନି ପଣ୍ୟ ପାଇଁ ବିଲାତ ଭାରତକୁ ଅଗ୍ରାଧିକାର ଦେବାର କୌଣସି ପ୍ରଶ୍ନ ନଥିଲା। ଅଧିକନ୍ତୁ କେତେକ ପଣ୍ୟକ୍ଷେତ୍ରରେ କେତେକ ବଜାର ଭାରତର ଏକଘଟିଆ, ତେଣୁ ଅଗ୍ରାଧିକାର ନିରର୍ଥକ। କିନ୍ତୁ ଭାରତ ବଜାରରେ ବିଲାତ ଜିନିଷର ଅଗ୍ରାଧିକାର ଫଳରେ ସାମ୍ରାଜ୍ୟ ବାହାର ବୈଦେଶିକ ବାଣିଜ୍ୟରେ ଗୁରୁତର ପ୍ରତିବନ୍ଧକ ଆଶଙ୍କା ଦେଖାଗଲା। ଅଣସାମ୍ରାଜିକ ବୈଦେଶିକ ରାଜ୍ୟମାନେ ଭାରତର ରପ୍ତାନି ଜିନିଷ ଉପରେ ଅନୁରୂପ ଶୁଳ୍କ ବସାଇବାର ଆଶଙ୍କା ତ ହେଲା, ତାହା ଛଡ଼ା ଭାରତ ସେହି ଦେଶମାନଙ୍କରୁ ଆଣୁଥିବା ସେମାନଙ୍କର ପାରମ୍ପରିକ ପଣ୍ୟଦ୍ରବ୍ୟ କ୍ଷେତ୍ରରେ କ୍ଷତିରେ ପଡ଼ିଲା । ତେଣୁ ଭାରତର ଜାତୀୟବାଦୀ ଖବରକାଗଜ ଓ ଜାତୀୟ ବଣିକ ଶ୍ରେଣୀର ଜନମତ ଅଟୋଓ୍ୱା ଚୁକ୍ତି ବିରୁଦ୍ଧରେ ପ୍ରବଳ ହେଲା।

ଏହି ପୃଷ୍ଠଭୂମିରେ ବାଣିଜ୍ୟ ସଭ୍ୟ ସାର୍ ଜୋସେଫ ଭୋର ନଭେମ୍ବର ୭ ତାରିଖରେ ବ୍ୟବସ୍ଥାପକ ସଭାରେ ଏକ ପ୍ରସ୍ତାବ ଆଗତକରି ସୁପାରିସ କଲେ "ଏହି ସଭା ୧୯୩୨ ଅଗଷ୍ଟ ୨୦ ତାରିଖରେ ଅଟୋଓ୍ୱା ଠାରେ ଭାରତ ଓ ବିଲାତ ସରକାରଙ୍କ ଭିତରେ ହୋଇଥିବା ବାଣିଜ୍ୟ ରାଜିନାମାକୁ ସ୍ୱୀକାର କରୁଛି ଓ ସପାରିଷଦ ବଡ଼ଲାଟଙ୍କୁ ସୁପାରିସ କରୁଛି ଯେ ଯଥାସମ୍ଭବ ଶୀଘ୍ର ଏହି ରାଜିନାମାକୁ କାର୍ଯ୍ୟକାରୀ କରିବାପାଇଁ ଆବଶ୍ୟକୀୟ ଆଇନ ପ୍ରଣୟନ ପାଇଁ ଭାରତ ବ୍ୟବସ୍ଥାପକ ସଭାରେ ଆବଶ୍ୟକୀୟ ପ୍ରସ୍ତାବ ଆଗତ କରନ୍ତୁ।"

ଏକଥା ଜଣାଶୁଣା ଯେ ତତ୍‌କାଳିନ କେନ୍ଦ୍ର ବ୍ୟବସ୍ଥାପକ ସଭା ଜାତୀୟବାଦ ଦୃଷ୍ଟିରୁ ବଳିଷ୍ଠ ନଥିଲା। ତେଣୁ ସାର୍ ଜୋସେଫ ଭୋରଙ୍କର ପ୍ରସ୍ତାବ ଉପରେ କେତେକ ବାକ୍ୟବାଣ ହେଲା ସତ୍ୟ କିନ୍ତୁ ଶେଷରେ ସେହି ସରକାରୀ ପ୍ରସ୍ତାବ ଗୃହୀତ ହୋଇଥିଲା।

ଅଟୋଓ୍ୱା ଚୁକ୍ତିକୁ ବିରୋଧ କରି ଓ ଏହାକୁ ଏକ ସବ୍‌କମିଟିକୁ ସମୀକ୍ଷା ସୁପାରିସ ପାଇଁ ପଠାଇବାର ସୁପାରିସ୍ କରି ବିଶ୍ୱନାଥ ମିଶ୍ର ନଭେମ୍ବର ୭ ଠାରୁ ୨୮ ତାରିଖ ଭିତରେ ବ୍ୟବସ୍ଥାପକ ସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ଭାଷଣ ଦେଇଥିଲେ।

Digitized by srujanika@gmail.com

ଜାତୀୟବାଦୀ ଭାରତୀୟଙ୍କର ଅଟୋୱା ଚୁକ୍ତି ବିଷୟରେ ଯାହା ଯାହା ଆପତ୍ତି ଓ ବିରୋଧ ଥିଲା ତାଙ୍କର ଭାଷଣରେ ସେ ସମସ୍ତ ଦୃଢ଼ଭାବରେ ଅଥଚ ତାଙ୍କରି ସ୍ୱଭାବ ସୁଲଭ ନମ୍ରତା ସହିତ ପ୍ରକାଶ କରିଥିଲେ। ତାଙ୍କର ପ୍ରକାଶ ଭିତରେ ଥିଲା ଯେ ବ୍ୟବସ୍ଥାପକ ସଭା ବିନା ଅନୁମୋଦନ ବା ସମର୍ଥନରେ ଜେନିଭା ସମ୍ମିଳନୀ ହେଉ, ଲିଗ୍ ଅଫ୍ ନେସନ୍‌ସ ହେଉ ଅଥବା ଅଟୋୱାଚୁକ୍ତି ହେଉ ସବୁଠାରେ ଯେଉଁମାନେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନେ ଭାରତ ସରକାରଙ୍କର ପ୍ରତିନିଧି ହୋଇପାରନ୍ତି; କିନ୍ତୁ ଭାରତ ଜନସାଧାରଣଙ୍କର ପ୍ରତିନିଧି ନୁହନ୍ତି। ଅନ୍ୟପକ୍ଷରେ ସେମାନେ ବିଲାତ ସରକାରଙ୍କର ଇଙ୍ଗିତରେ ଚାଳିତ ପ୍ରତିନିଧି। କାରଣ ବିଲାତ ସରକାର ଭାରତ ସରକାରଙ୍କୁ ଯେପରି ନିର୍ଦ୍ଦେଶ ଦିଅନ୍ତି ସେପରିଭାବରେ ସେମାନେ ଭାରତରୁ ପ୍ରତିନିଧି ବାଛିଥାଆନ୍ତି।

ଜାତୀୟବାଦୀ ଆପତ୍ତି ଭିତରେ ଗୋଟିଏ ସ୍ୱତନ୍ତ୍ର ଆପତ୍ତି ଥିଲା ସ୍ୱୟଂ ବିଶ୍ୱନାଥ ମିଶ୍ରଙ୍କର ବର୍ଗ ମିଷ୍ଟର ଓଡ଼ିଶାଙ୍କର। ସେ କହିଥିଲେ ଏ ଅଟୋୱାଚୁକ୍ତିକୁ ଅନୁମୋଦନ କରିବା ଏତେ ଜରୋରି ପଡ଼ିଗଲା ଯେ ତାହାକୁ ଚଟାପଟ ସଭା ଗୃହରେ ପେସ୍ କରିଦିଆଗଲା; କିନ୍ତୁ ଅନ୍ୟାନ୍ୟ ଅନେକ ବିଷୟ ଅଛି ଯାହାକି ବର୍ଷ ବର୍ଷ ବ୍ୟାପୀ ନିଷ୍ପତ୍ତି ଅପେକ୍ଷାରେ ରହିଛି; ଅଥଚ ସମାଧାନ ହୋଇ ନାହିଁ, ଯେପରି କି କେନ୍ଦ୍ର ଦାୟିତ୍ୱର ପରିସୀମା। ଏହି ପ୍ରଶ୍ନ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇପାରି ନାହିଁ। ଅନ୍ୟ ବିଷୟ ଯଥା ନୂଆ ଓଡ଼ିଶା ପ୍ରଦେଶର ଗଠନ ଯାହାପାଇଁ ଆମେ ଓଡ଼ିଶା ଲୋକେ ତିରିଶ ଚାଳିଶ ବର୍ଷ ହେଲା ଆନ୍ଦୋଳନ କରିଆସୁଛୁ, ତାହାକୁ ବି ବିଚାରକୁ ନିଆଯାଇ ନାହିଁ ଓ ସେଥିର ଗୋଟାଏ ନିଷ୍ପତ୍ତି ହୋଇ ନାହିଁ।

ଜାତୀୟବାଦୀ ଆପତ୍ତି ଥିଲା ତରବରରେ ଏହି ଚୁକ୍ତିକୁ ସମର୍ଥନ କରାଇ ନେବାର କାର୍ଯ୍ୟ ବିରୁଦ୍ଧରେ। ତାହାଛଡ଼ା ଆପତ୍ତି ଥିଲା ଯେ ଭାରତ ଏକ କୃଷିଜାତ ଦ୍ରବ୍ୟ ପ୍ରଧାନ ଦେଶ ହୋଇଥିବାରୁ ଏହାର ବର୍ହିରପ୍ତାନି ବାଣିଜ୍ୟ ବିଲାତ ସାଙ୍ଗେ ସୀମାବଦ୍ଧ ନୁହେଁ। ତେଣୁ ଅନ୍ୟ ଦେଶ ସହିତ ରପ୍ତାନି ବାଣିଜ୍ୟ ବିନିମୟର କଟକଣା ଯୋଗୁଁ ବ୍ୟାହତ ହେବ। ଏପରିକି ଭାରତର ଅନେକ କୃଷିଜାତ ପଣ୍ୟଦ୍ରବ୍ୟ ବିଲାତଠାରୁ ଆହୁରି ବହୁଳ ପରିମାଣରେ ବିଲାତ ଇତର ଦେଶମାନଙ୍କୁ ରପ୍ତାନି ହୁଏ। ବିଶ୍ୱନାଥ ଏହି ଆପତ୍ତିଗୁଡ଼ିକ ଦୃଢଯୁକ୍ତି ସହକାରେ ଉପସ୍ଥାପିତ କରିଥିଲେ।

ବିଶ୍ୱନାଥ କହିଥିଲେ ଯେ ଭାରତର କଞ୍ଚାମାଲକୁ ବିଲାତ ଖର୍ଦ୍ଦି କରି ନେଇ ତାହାକୁ ତିଆରି ପଦାର୍ଥରେ ପରିଣତ କରି ୧୦।୧୨ ଏପରିକି ୪୦।୫୦ ଗୁଣ ଦାମ୍‌ରେ ଭାରତକୁ ବିକ୍ରିୟ କରୁଛି। ଭାରତ ଏପରି ପରିସ୍ଥିତିର ପରିବର୍ତ୍ତନ ପାଇଁ

Digitized by srujanika@gmail.com

ବ୍ୟାକୁଳ। ଅର୍ଥାତ୍ ଭାରତ ଚ୍ୱହେଁ ଶିଳ୍ପୋନ୍ନତି। ଏହା ବିଲାତ କରାଇଦେବ ନାହିଁ। ଭାରତ ଶିଳ୍ପର ଉନ୍ନତି ହେଲେ ବିଲାତର ଶିଳ୍ପ ଜିନିଷରେ ବଜାର ବୁଡ଼ିଯିବ। କିନ୍ତୁ ଭାରତରେ ଆଜି ତୃମୂଳ ଜନ ଆନ୍ଦୋଳନ ଚ୍ୱଲିଛି। ଏହି ଆନ୍ଦୋଳନର ଲକ୍ଷ୍ୟ ଭାରତ ତା'ର ଭାଗ୍ୟବିଧାତା ହେବ। ଏଥିପାଇଁ ଗୋଲଟେବୁଲ ବୈଠକରେ ନୂତନ ଏକ ଭାରତ ସମ୍ବିଧାନ ଗଢ଼ିବାର ଉଦ୍ୟମ ଚ୍ୱଲିଛି। ଭାରତ ପ୍ରକୃତରେ ଆପଣାର ଅଧିକାର ପାଇଲା ପରେ ଅଟୋଓ୍ୱାଚୁକ୍ତି ପରି ଚୁକ୍ତି ତାହା ପକ୍ଷରେ ସାହାଯ୍ୟକାରୀ ହେବ କି ନାହିଁ ସ୍ଥିର କରିବ। ତା' ପୂର୍ବରୁ ନୁହେଁ; ବର୍ତ୍ତମାନ ପରିସ୍ଥିତିରେ ତ ମୋଟେ ନୁହେଁ।

ବିଶ୍ୱନାଥ ମିଶ୍ର ଓ ଅନ୍ୟାନ୍ୟ ବିରୋଧୀ ଦଳର ସଦସ୍ୟମାନଙ୍କର କଟାଳ ଯୋଗୁଁ ଅଟୋଓ୍ୱାଚୁକ୍ତି ବିରୋଧ ବିଲ ଏକ ସିଲେକ୍ଟ କମିଟିକୁ ପଠାଯାଇଥିଲା। ଉକ୍ତ ସିଲେକ୍ଟ କମିଟିରେ ମତର ମେଳ ହେଲା ନାହିଁ। ତେଣୁ ବ୍ୟବସ୍ଥା ସଭାରେ ଦୁଇଟି ରିପୋର୍ଟ ଦୁଇଟି ମତ ତରଫରୁ ପେସ୍ କରାଯାଇଥିଲା ଓ ଶେଷରେ ୧୯୩୨ ଡ଼ିସେମ୍ବର ୧୫ ତାରିଖରେ ବ୍ୟବସ୍ଥାପକ ସଭାରେ ଏହି ଅଟୋଓ୍ୱାଚୁକ୍ତି ଗୃହୀତ ହୋଇଗଲା। ଏହିପରି ଭାବରେ ଅଟୋଓ୍ୱା ରାଜିନାମାକୁ ଭାରତ ଉପରେ ଲଦି ଦିଆଗଲା।

୧୯୩୨ ମସିହାର ବଡ଼ଦିନ ଛୁଟି ବେଳକୁ ବଡ଼ଲାଟ ସଭାର ବୈଠକ ଶେଷ ହେଲା। ଏହି ସଭା ଥିଲା, ବିଶେଷତଃ ଏହି ୧୯୩୨ ସାଲ ଥିଲା, ବିଶ୍ୱନାଥ ମିଶ୍ରଙ୍କ ପାଇଁ ଏକ ବିରାଟ ପରୀକ୍ଷାର ବର୍ଷ; କର୍ମୋଦ୍ୟମର ବର୍ଷ ଓ କୃତିତ୍ୱର ବର୍ଷ। ଏହି ବର୍ଷ ତାଙ୍କର ଉଦ୍ୟମ ଫଳରେ ଓଡ଼ିଶାର ଲୁଣ ପୋକ୍ତାନ ବିଷୟରେ ଏକ ଅନୁସନ୍ଧାନ କମିଟି ଗଢ଼ିବାକୁ ଭାରତ ସରକାର ସ୍ଥିର କରିଥିଲେ ଓ ସେହି କମିଟି ପରବର୍ତ୍ତୀ ବର୍ଷ ୧୯୩୩, ୨୨ ଅଗଷ୍ଟ ଦିନ ବ୍ୟବସ୍ଥାପକ ସଭାର ସଭାପତି ସମ୍ମୁଖମ୍ ଚେଟିଙ୍କ ଦ୍ୱାରା ସଭାଗୃହରେ ଘୋଷିତ ହୋଇଥିଲା। ଏହି କମିଟିରେ ଥିଲେ (୧) ଇ. ଷ୍ଟାଡ଼୍ଡ଼ (୨) ଲାଲଚ୍ୱନ୍ଦ ନଭଲଚ୍ୱନ୍ଦ ଓ ମିଷ୍ଟର ବି.ଏନ୍ ମିଶ୍ର।

ଦୁର୍ଭାଗ୍ୟର କଥା ବିଶ୍ୱନାଥ ଏହି କମିଟିରେ ତାଙ୍କର ସ୍ୱଭାବସୁଲଭ କର୍ମପ୍ରେରଣାର ପରାକାଷ୍ଠା ଦେଖାଇ ଓଡ଼ିଶାର ଏହି ପରମ୍ପରାଗତ ଶିଳ୍ପକୁ ପୁନଃପ୍ରତିଷ୍ଠା କରିବା ପୂର୍ବରୁ ତାଙ୍କର ଜୀବନାବସାନ ଘଟିଗଲା। କେବଳ ମୃତ୍ୟୁ ପୂର୍ବରୁ ୭ ତାରିଖ ଫେବୃଆରୀ ୧୯୩୩ରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଅର୍ଥ ବିଭାଗର ଶାସନ ସଭ୍ୟ (ସଚିବ) ସାର୍ ଜର୍ଜ ସୁଷ୍ଟରଙ୍କଠାରୁ ଯେଉଁ ଉତ୍ତର ହାସଲ କରିଥିଲେ ଯେଉଁଥିରେ ତାହାହିଁ ବର୍ତ୍ତମାନ ତାଙ୍କର 'ଲୁଣ' ବିଷୟରେ କର୍ମୋଦ୍ୟମର ଏକ ସ୍ମାରକ ଚିହ୍ନ ହିସାବରେ ରହିଛି।

Digitized by srujanika@gmail.com

କେନ୍ଦ୍ର ବ୍ୟବସ୍ଥାପକ ସଭାର ପୃ ୩୧୫୫ଷା ୧୯୩୩ ବର୍ଷ ଫେବୃଆରୀ ସାତ ତାରିଖର ବିବରଣୀରେ ଅଛି : ମାନ୍ୟବର ସାର୍ ଜର୍ଜ ସୁଷ୍ଟର (ଅର୍ଥ ବିଭାଗର ଶାସନ ଅଧିକାରୀ, Finance Member)

ମହାଶୟ, ଗତ ଡ଼ିସେମ୍ବର ୧୯୩୨ରେ ମାନ୍ୟବର ସଦସ୍ୟ ମିଷ୍ଟର ବିଶ୍ୱନାଥ ମିଶ୍ରଙ୍କର ୧୬୧୭ ନମ୍ବର ତାରକା ଚିହ୍ନିତ ପ୍ରଶ୍ନର ଉତ୍ତରରେ ଦିଆ ଯାଇଥିବା ପ୍ରତିଶ୍ରୁତି ଅନୁସାରେ ମୁଁ ନିମ୍ନଲିଖିତ ତଥ୍ୟର ନିର୍ଘଣ୍ଟ ଆସେମ୍ବ୍ଲିର ଟେବୁଲ୍ ଉପରେ ଉପସ୍ଥାପନା କରୁଛି ।"

ଗଞ୍ଜାମ ଜିଲ୍ଲାର ହୁମା, ସୁମାଣ୍ଡି ଓ ନଉପଡ଼ାରେ ଲୁଣ ତିଆରିର ହିସାବ ଏହା ପରେ ୧୯୨୩ଠାରୁ ୧୯୩୨ ଯାଏ ଦଶବର୍ଷର ଲୁଣ ଉତ୍ପାଦନରେ ଗ୍ଚାର୍ଟ ଏହି ତିନୋଟି ଲବଣ ପେଣ୍ଟରେ ଅଲଗା ଅଲଗା ଭାବରେ ଦର୍ଶା ଯାଇଥିଲା । ସେ ସବୁ ଆଜିର ପରିସ୍ଥିତିରେ ପ୍ରାସଙ୍ଗିକ ନ ହୋଇପାରେ; କିନ୍ତୁ ଆଜି ଯେ ଓଡ଼ିଶା ସାରା ସମୁଦ୍ର କୂଳରେ ଲୁଣ ଆମଦାନି ପାଇଁ ବେଳାଭୂମି ଯୋଜନା ଗ୍ଚଳିଛି, ଏବେ ବି ଯେ ଅସ୍ତରଙ୍ଗ, ଧାମରା, ମରିଚପୁର ପ୍ରଭୃତି ସ୍ଥାନରେ ଲବଣ ଓ ସେଥିରୁ ଉପୁଜାତ ରାସାୟନିକ ଦ୍ରବ୍ୟର ପ୍ରସ୍ତୁତି ପାଇଁ ତନାଘନା ଗ୍ଚଳିଛି । ଓଡ଼ିଶା ପ୍ଲାନିଂ କମିଟିରେ ମଧ ଏଥିପାଇଁ ଅନ୍ତତଃ ବାଚନିକ ଆଗ୍ରହ ମିଳୁଛି (ହୁମା, ସୁମାଣ୍ଡି, ସୋନପୁର ଇତ୍ୟାଦିରେ ଲୁଣ ଆମଦାନି ତ ପୂର୍ବଠାରୁ ଅଧିକ ହେଉଛି) ଏହା ଯୋଗୁଁ ଏହି ବହୁ ନିର୍ଜିତ ଓ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ସତ୍ୟାଗ୍ରହର ପ୍ରତୀକ 'ଲବଣ' ସେ ବିଷୟରେ ଗଭୀର ଦୂରଦୃଷ୍ଟି ଘେନି ବାରିଷ୍ଟର ବିଶ୍ୱନାଥ ଦେଖିଥିଲେ ।

ଓଡ଼ିଶାର ଦୁର୍ଭାଗ୍ୟ ଯେ ସେ ତ ଅକାଳରେ ଗ୍ଚଲିଥିଲେ । କିନ୍ତୁ ତାଙ୍କର ମହାପ୍ରୟାଣ ସହିତ ଏ ବିଷୟରେ ଥିବା ଯୋଜନା, ଗବେଷଣା ଇତ୍ୟାଦି ମଧ କେଉଁ ଆଡ଼େ ଲୀନ ହୋଇଗଲା । ରାଧାନାଥଙ୍କର ସେହି ସ୍ମରଣୀୟ ବାଣୀ ଏଠାରେ ମନେ ପଡ଼େ :

"ବଡ଼ କ୍ରୂର କାଳ ବଡ଼ ଅବିଶ୍ୱାସୀ
ହାବୋଡ଼ି ଯିବ (ଗଲା) ସେ ଆଚମ୍ବିତେ ଆସି ।"

Digitized by srujanika@gmail.com



ପିତୃସତ୍ତା ଏକାନ୍ନବର୍ତ୍ତୀ ପରିବାରରେ ବିଶ୍ୱନାଥ

Digitized by srujanika@gmail.com

ଜୀବନ ଯଜ୍ଞର ପୂର୍ଣ୍ଣାହୂତି

(ଏକ)

୧୯୩୨ ମସିହାର ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ବଡ଼ଦିନ ଛୁଟି ଆରମ୍ଭରେ ବିଶ୍ୱନାଥ ମିଶ୍ରେ ଦିଲ୍ଲୀର ବ୍ୟବସ୍ଥାପକ ସଭାର କାର୍ଯ୍ୟ ଶେଷକରି ତାଙ୍କର ତତ୍କାଳୀନ ସ୍ଥାୟୀ ବାସଭବନ କଟକର 'ଭାରତୀ କୋଠା'କୁ ଫେରି ଆସିଥିଲେ। ସେହିବର୍ଷ କେନ୍ଦ୍ର ଆସେମ୍ବ୍ଲି ବିତର୍କର ବିବରଣୀର ଅଷ୍ଟମଖଣ୍ଡ (୨୦ ନଭେମ୍ବରରୁ ୧୫ ଡିସେମ୍ବର) ଭିତରେ ତାଙ୍କର ଅଟୋଓ୍ୱା ବାଣିଜ୍ୟ ଚୁକ୍ତି ସଂକ୍ରାନ୍ତ ଭାଷଣ ପରେ ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ ବିଲ୍‌ର ଆଲୋଚନା ଦେଖିବାକୁ ମିଳେ। ଏହି ଆଲୋଚନାଟି ଥିଲା ବଙ୍ଗଳା ସନ୍ତ୍ରାସବାଦୀ ହିଂସାକାଣ୍ଡ ଦମନ (ସପ୍ଲିମେଣ୍ଟାରୀ) ବିଲ୍। କାର୍ଯ୍ୟତଃ ଏହି ବିଲ୍ ବଙ୍ଗଳାର ସନ୍ତ୍ରାସବାଦର ଅଭିଯୁକ୍ତ ରାଜବନ୍ଦୀମାନଙ୍କ ସଂକ୍ରାନ୍ତରେ ଥିବାରୁ 'ମିଷ୍ଟର ଓଡ଼ିଶା'ଙ୍କର ଏ ବିଷୟରେ କୌଣସି ପ୍ରଶ୍ନ ଉତ୍ଥାପନ କରିବା କଥା ସରକାରୀ ପକ୍ଷ ଆଶା କରି ନ ଥିଲେ। ଏହି ବିଲ୍‌ର ଯଥାର୍ଥତା ବା ଅଯଥାର୍ଥତା ଉପରେ ବିଶ୍ୱନାଥ କିଛି କହିବେ ବୋଲି ଚିନ୍ତା କରି ନ ଥିଲେ। କିନ୍ତୁ ଏଥିରେ ସଂପୃକ୍ତ ବନ୍ଦୀଙ୍କର ଆଇନଗତ ଅଧିକାରକୁ ସାଧାରଣ ବନ୍ଦୀର ଆଇନଗତ ଅଧିକାରଠାରୁ ଅଧିକ ସଂକୁଚିତ କରାଯାଇଥିବାରୁ ତାହା ବିଶ୍ୱନାଥଙ୍କର ଆଇନସିଦ୍ଧ ବିବେକ ଉପରେ ଆଘାତ କରିଥିଲା। ତେଣୁ ସେ ଏହି ବ୍ୟବସ୍ଥାକୁ ବିରୋଧ କରିଥିଲେ। ଏହି ବିଲ୍ ଆଲୋଚନା ପ୍ରସଙ୍ଗରେ ବିଶ୍ୱନାଥଙ୍କର ଗୋଟିଏ ଆପତ୍ତି ଥିଲା। ତାହା ଏକ ଗୁରୁତର ଆପତ୍ତି। ଯେଉଁ ଲୋକ ଫାଶି ବା ଯାବଜ୍ଜୀବନ କାରାବାସ ଭୋଗ ପାଇଁ ସଜା ପାଇଛି, ସେପରି ଲୋକଙ୍କୁ ମାମୁଲି ଦୁଇମାସ ଅପିଲ ସମୟ ପରିବର୍ତ୍ତେ ଏକମାସ ସମୟ ଦେବାରେ ତାଙ୍କର ବିରୋଧ ଥିଲା। ସେ କହିଥିଲେ "କୌଣସି ଲୋକ ହୁଏତ ସେ ଜଣେ କଲେଜ ଛାତ୍ର – ମୁଣ୍ଡରେ ତ ସନ୍ତ୍ରାସବାଦୀ ବୋଲି ଛାପ ମାରିନାହିଁ, ତାହାକୁ ସନ୍ତ୍ରାସବାଦୀ ବୋଲି ପୋଲିସ ଗିରଫ କରି ପ୍ରମାଣ ଇତ୍ୟାଦି ଯୋଗାଡ଼ଯନ୍ତ କରି ସଜା ଦିଆଇ ଦେଲା। ତେବେ ତା'ର ପରିବାରବର୍ଗ ଏକମାସ ଭିତରେ ଯଦି ଏହି ଖବରର ସୁରାକ ପାଇ ଅପିଲକରି ନ ପାରନ୍ତି ତେବେ ସେ ପିଲାର ସର୍ବନାଶ ହୋଇଯିବ।" ତେଣୁ ବିଶ୍ୱନାଥଙ୍କର ବକ୍ତବ୍ୟ ଥିଲା ଯେ ଏହି ଆଇନ ବଳରେ କୌଣସି ଲୋକ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ଅର୍ଥାତ୍

Digitized by srujanika@gmail.com

ତା'ର ଚରମ ପ୍ରତିକାର କରିବା ପୂର୍ବରୁ ତାହାକୁ ଏକ 'ଆଇନ ବାହାର' ଲୋକ ବା Outlaw ବୋଲି କହିବା ପ୍ରାକୃତିକ ନ୍ୟାୟ ଦୃଷ୍ଟିରୁ ଗର୍ହିତ।

ବିଶ୍ୱନାଥ ଆହୁରି ମଧ ଦର୍ଶାଇଥିଲେ ଯେ ଲିମିଟେସନ ଆକ୍ଟ ଅନୁସାରେ କୌଣସି ଦଣ୍ଡିତ ବ୍ୟକ୍ତି ତଳ କୋର୍ଟର ଦଲିଲପତ୍ର ସଂଗ୍ରହ କରିବାକୁ ଯେଉଁ ସମୟ ନିଏ, ତାହାକୁ ନିର୍ଦ୍ଧାରିତ ଦୁଇମାସ ଅପିଲ କାଳ ଭିତରେ ଗଣ୍ୟ କରାଯାଏ ନାହିଁ; କିନ୍ତୁ ଏହି ଏକ ମାସ ଭିତରେ ତାକୁ ସମସ୍ତ ଦଲିଲ ସଂଗ୍ରହକରି ପ୍ରସ୍ତୁତ କରିବା ପାଇଁ ଆଶା କରିବା ହେଉଛି ଦଣ୍ଡିତ ଅପିଲପ୍ରାର୍ଥୀ ପାଇଁ ଗୁରୁତର ଅନ୍ୟାୟ।

ଭାରତର ତତ୍‌କାଳୀନ ପୋଲିସର ତଥାକଥିତ ସନ୍ତ୍ରାସବାଦ-ବିରୋଧୀ କ୍ରିୟାକାଣ୍ଡର ଗୋଟିଏ ଉଦାହରଣ ଦେଇ ବିଶ୍ୱନାଥ ଉଲ୍ଲେଖ କରିଥିଲେ "ପ୍ରାୟ ୧୦।୧୨ ବର୍ଷ ତଳେ ମାନ୍ଦ୍ରାଜର ଜଣେ ପୋଲିସ କନଷ୍ଟେବଲର ତାହାର ଉପରିସ୍ଥ ପୋଲିସ ଇନସ୍‌ପେକ୍ଟର ସହିତ ମନୋମାଳିନ୍ୟ ହେଲା ଓ ଶେଷରେ ଝଗଡ଼ା ହେଲା। ଘଟଣା ହେଉଛି ଉକ୍ତ କନଷ୍ଟେବଲର ଗୋଟିଏ ସୁନ୍ଦରୀ ସ୍ତ୍ରୀ ଥିଲେ ଓ ପୋଲିସ ଇନ୍‌ପେକ୍ଟର ତାଙ୍କ ଉପରେ ଖରାପ ନଜର ପକାଇଥିଲେ। ବିଚରା ପୋଲିସ କନଷ୍ଟେବଲ ତାହାର ସବୁ ଉପରିସ୍ଥ ଅଧିକାରୀଙ୍କ ପାଖରେ ତାହାକୁ ଏଭଳି ପରିସ୍ଥିତିରୁ ରକ୍ଷା କରିବାକୁ ଫେରାଦ ହେଲା। ତା'ର କଥା ଶୁଣାଗଲା ନାହିଁ; ତେଣୁ ସେ ନିଶ୍ଚିତ ହେଲା ଯେ ବ୍ରିଟିଶ ସରକାର ଅମଳରେ ସତ୍ୟ ନ୍ୟାୟ ବୋଲି କିଛି ନାହିଁ। ତହୁଁ ସେ ଜଣେ ନାମଜାଦା ସନ୍ତ୍ରାସବାଦୀ ହୋଇଗଲା।"

ବିଶ୍ୱନାଥ ଦାବୀ କରିଥିଲେ ଯେ ଏପରି ମୁଷ୍ଟିମେୟ ଯୁବକ ଯେ ପ୍ରବଳ ପ୍ରତାପୀ ବ୍ରିଟିଶରାଜ ବିରୁଦ୍ଧରେ ସନ୍ତ୍ରାସବାଦୀ ହେଉଛନ୍ତି ଏହାର କାରଣ ଓ ପ୍ରତିଷେଧକ ବ୍ୟବସ୍ଥା ଚିନ୍ତା ନ କରି ଆପଣାର ଅଧସ୍ତନ ଅଫିସରମାନଙ୍କ ଉପରେ ନିର୍ଭରକରି ସରକାର ଯେଛାତା ଲୋକଙ୍କୁ ସନ୍ତ୍ରାସବାଦୀ ବୋଲି ଛାପା ମାରିଦେଉଛନ୍ତି; ଏହାଠାରୁ ବଳି ବିଡ଼ମ୍ବନା କ'ଣ ହୋଇପାରେ।

ବିଶ୍ୱନାଥ ମିଶ୍ରଙ୍କର ଏହି ସହଜ ସରଳ ଯୁକ୍ତିର କୌଣସି ଫଳ ଫଳି ନ ଥିଲା ଓ ଆଇନଟି ବିନା ସଂଶୋଧନରେ ପାସ ହୋଇ ଯାଇଥିଲା।

(ଦୁଇ)

୧୯୩୩ ମସିହାର ଆରମ୍ଭରେ ବିଲାତର ତୃତୀୟ ଗୋଲଟେବୁଲ ବୈଠକର ଶ୍ୱେତପତ୍ର ଉପରେ ଜଏଣ୍ଟ ସିଲେକ୍ଟ କମିଟି ବସିଲା। ସେତେବେଳେକୁ ଓ'ଡ଼ନେଲ

Digitized by srujanika@gmail.com

କମିଟିର ରିପୋର୍ଟରେ ଚେଆରମ୍ୟାନ ଓ'ଡ଼ନେଲ ସାହେବ ପାରଳାଖେମୁଣ୍ଡି ଓ ଜୟପୁର ଏଜେନ୍‌ସିକୁ ଓଡ଼ିଶାରେ ସାମିଲ ହେବାକୁ ନାସ୍ତି କରି ଦେଇଥିଲେ। କମିଟିର ଅନ୍ୟ ଦୁଇଜଣ ସଦସ୍ୟ ଫୁକନ ଓ ମେହଟାଙ୍କ ବିରୋଧ ସତ୍ତ୍ୱେ ଓ'ଡ଼ନେଲ ତାଙ୍କର ନିର୍ଦ୍ଧାରଣରେ ଅଟଳ ରହିଥିଲେ। ଓ'ଡ଼ନେଲ କମିଟିର ଜଣେ ସଂପୃକ୍ତ ସଦସ୍ୟ ହିସାବରେ ପାରଳାଖେମୁଣ୍ଡିର ମହାରାଜା ସେତେବେଳେ ପାରଳାଖେମୁଣ୍ଡି ଓ ଜୟପୁରକୁ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶ ସଙ୍ଗରେ ମିଶାଇବାର ଉଦ୍ୟମରେ ବ୍ୟର୍ଥ ହୋଇଥାଆନ୍ତି। ସେତିକି ବେଳ ଥିଲା ଓଡ଼ିଆ ଆନ୍ଦୋଳନର ଇତିହାସରେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ।

୧୯୩୨ ସାଲର ଅଗଷ୍ଟ ମାସରେ ଏହି ସଂକ୍ରାନ୍ତରେ ବ୍ରହ୍ମପୁରଠାରେ ଯେଉଁ ସମ୍ମିଳନୀ ବସିଥିଲା ସେଥିରେ ପୂର୍ବକଥିତ ଓଡ଼ିଆ ଡେପୁଟେସନ ସଂଗଠିତ ହୋଇଥିଲା। (ଏହି ଡେପୁଟେସନ୍‌ର ସଭ୍ୟମାନଙ୍କର ଚିତ୍ର ଅନ୍ୟତ୍ର ସନ୍ନିବିଷ୍ଟ ହୋଇଛି) ଏଥିରେ ପାରଳାଖେମୁଣ୍ଡି ରାଜା ନେତୃତ୍ୱ ନେଇଥିଲେ। ଡେପୁଟେସନ ବଡ଼ଲାଟଙ୍କ ନିକଟରେ ଆପଣାର ଦାବୀ ଯୁକ୍ତିଯୁକ୍ତଭାବରେ ଉପସ୍ଥାପିତ କରିଥିଲେ ଓ ବଡ଼ଲାଟ ସେହି ଦାବୀ ବିଷୟରେ ଭାରତ ସଚିବଙ୍କ ନିକଟକୁ ତାଙ୍କର ରିପୋର୍ଟ ପଠାଇ ଥିଲେ। କିନ୍ତୁ ସେ ଦାବୀ ପରେ ମଧ୍ୟ ଭାରତ ସରକାରଙ୍କଠାରୁ ପୂର୍ବବର୍ଣ୍ଣିତ ମତେ ବ୍ୟବସ୍ଥାପକ ସଭାର ବି.ଏନ୍.ମିଶ୍ରଙ୍କର ପ୍ରଶ୍ନର ଉତ୍ତର ଆକାରରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ତେଣୁ ବି.ଏନ୍.ମିଶ୍ରଙ୍କ ମନରେ ଏହା ଦୃଢ଼ ହୋଇଥିଲା ଯେ ଡେ଼ପୁଟେସନ ପ୍ରତି ସରକାରୀ ପ୍ରତିଶ୍ରୁତି ପାଳିତ ହୋଇନାହିଁ।

୧୯୩୩ ସାଲରେ ଫେବୃଆରୀ ୧୩ ତାରିଖରେ ଏହି ସଂକ୍ରାନ୍ତରେ କଟକଠାରେ ଉତ୍କଳ ସମ୍ମିଳନୀର ଆଉ ଏକ ଅଧିବେଶନ ବସିଥିଲା। ଏଥିରେ ମିଃ ବି.ଦାସ. ସଭାପତିତ୍ୱ କରିଥିଲେ। ସେତେବେଳେ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଅନୁଯୋଗ କ୍ରମେ ପାରଳାଖେମୁଣ୍ଡି ମହାରାଜା ଆଉ ଥରେ ବିଲାତ ଯିବା ପାଇଁ ପ୍ରସ୍ତୁତ ହେଲେ। ମହାରାଜାଙ୍କ ସଙ୍ଗରେ ଖଲ୍ଲିକୋଟର ରାଜା ଓ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ମଧ୍ୟ ବିଲାତ ଯାଇଥିଲେ।

ଏହି ଭଦ୍ରବ୍ୟକ୍ତିମାନେ ଭାରତ ଛାଡ଼ି ଯିବା ପୂର୍ବରୁ ଦିଲ୍ଲୀଠାରେ ୧୯୩୩ ମାର୍ଚ୍ଚ ୯ ତାରିଖଦିନ ଦିଲ୍ଲୀ ଓ ଉତ୍ତର ଭାରତର ପ୍ରବାସୀ ଓଡ଼ିଆମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁରର ସାପ୍ତାହିକ 'ଆଶା'ରେ ୧୩।୩।୧୯୩୩ ତାରିଖରେ ଏହି ସଭାର ବିବରଣୀ ନିମ୍ନଲିଖିତ ମତେ ପ୍ରକାଶିତ ହୋଇଥିଲା "ଏ ମାସ ୯ ତାରିଖ ଦିନ ଦିଲ୍ଲୀ ଓ ଉତ୍ତର ଭାରତର ପ୍ରବାସୀ ଓଡ଼ିଆମାନେ ଦିଲ୍ଲୀ ଫିରୋଜ ସାହା

Digitized by srujanika@gmail.com

ରୋଡ଼, ୧୩ ବି ଭବନରେ ଗୋଟିଏ ସଭା କରିଥିଲେ। ବାରିଷ୍ଟର ବିଶ୍ୱନାଥ ମିଶ୍ର ସଭାପତି ହୋଇଥିଲେ। ସଭାରେ ଖଲ୍ଲିକୋଟର ରାଜାସାହେବ, ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ, ଶ୍ରୀଯୁକ୍ତ ଓ ଶ୍ରୀମତୀ ନାୟକ ଓ ବାରିଷ୍ଟର ମିଶ୍ରଙ୍କ ସହଧର୍ମିଣୀଙ୍କର ଉପସ୍ଥିତି ଉଲ୍ଲେଖଯୋଗ୍ୟ।”

“ମେଦିନୀପୁର, ସିଂହଭୂମ, ଗଞ୍ଜାମ ଓ ମଧ୍ୟପ୍ରଦେଶର ଓଡ଼ିଆ ଭାଷୀ ଅଞ୍ଚଳମାନ ଓ’ଡନେଲ କମିଟି ସୁପାରିସ କରି ନ ଥିବାରେ ସଭା କମିଟି ସିଦ୍ଧାନ୍ତକୁ ନାପସନ୍ଦ କରିଥିଲେ। ପାରଳାଖେମୁଣ୍ଡି, ଟିକାଲି, ମଞ୍ଜୁଷା, ତରଳା, ବୁଢ଼ାରସିଙ୍ଘ ଓ ଜଳନ୍ତର ଓଡ଼ିଶାରେ ମିଶିବା ଆବଶ୍ୟକ ବୋଲି ଦାବୀ କରାଯାଇଥିଲା।

ବ୍ରହ୍ମପୁର, ଛତ୍ରପୁର ଏବଂ ପାରଳାଖେମୁଣ୍ଡି ନ ମିଶିଲେ ଓଡ଼ିଶା ପ୍ରଦେଶ ଓଡ଼ିଆଙ୍କ ପକ୍ଷେ ଗ୍ରହଣୀୟ ହେବ ନାହିଁ ବୋଲି ଧାର୍ଯ୍ୟ ହୋଇଥିଲା।”

ଏହାପରେ ସେହି ସାପ୍ତାହିକ ‘ଆଶା’ରେ ୨୪।୪।୧୯୩୩ରେ ବାରିଷ୍ଟର ବି.ଏନ୍.ମିଶ୍ର, ଏମ୍.ଏଲ୍.ଏଙ୍କର ଗୋଟିଏ ସଂପାଦକଙ୍କୁ ପତ୍ର ପ୍ରକାଶିତ ହୋଇଥିଲା। ଏହି ପତ୍ରଟି ସେ କାଳର ଘଟଣାବଳୀ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। ପତ୍ରଟିରେ ଉଲ୍ଲେଖ ଥିଲା ‘ବର୍ତ୍ତମାନ ଶୁଣାଯାଉଛି ଓଡ଼ିଶା ଲୋକଙ୍କ ତରଫରୁ ଯେଉଁମାନେ ବିଲାତ ଯାଇ ଦେଶମିଶ୍ରଣ ସମ୍ବନ୍ଧରେ ସାକ୍ଷୀ ଦେବେ ବୋଲି କେତେକ ସ୍ଥାନରୁ ପ୍ରସ୍ତାବ ହୋଇଛି, ସେମାନେ ସ୍ୱତନ୍ତ୍ର ପ୍ରଦେଶର ସୀମାଛଡ଼ା ଭବିଷ୍ୟତରେ ଏହି ପ୍ରଦେଶରେ ନିଜ ଦଳର କିପରି ସ୍ୱାର୍ଥରକ୍ଷା ହେବ ଏଥିପାଇଁ ଯତ୍ନ କରିବେ। ଏହା କେତେଦୂର ସତ୍ୟ ଜଣା ନ ଥିଲେ ମଧ୍ୟ, ପ୍ରକୃତରେ ଏହା ଯଦି ହୋଇଥାଏ; ତେବେ ତାହା ଦେଶ ପକ୍ଷରେ କଲ୍ୟାଣକର ନୁହେଁ। ସୀମା ପାଇଁ ଆନ୍ଦୋଳନ କରିବା ନିମନ୍ତେ ପ୍ରତିନିଧି ବୋଲି ଯେଉଁ ଘୋଷଣା ହେଉଛି ତାହାର ସୁବିଧା ନେଇ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଚେଷ୍ଟା କରିବା ଶୋଭନୀୟ ନୁହେଁ। ଓଡ଼ିଶା ପ୍ରଦେଶ ଗଠନ ଓ ସୀମା ନିର୍ଦ୍ଧାରଣ ପାଇଁ ବର୍ତ୍ତମାନ ଆନ୍ଦୋଳନ ଚାଲିଛି। ସେଥିପାଇଁ କେବଳ ପ୍ରତିନିଧିମାନେ କାର୍ଯ୍ୟ କରନ୍ତୁ। ନିଜ ସ୍ୱାର୍ଥରକ୍ଷା ପାଇଁ କାମ କରିବା ନୀଚତାର ପରିଚାୟକ ହେବ । ଆଶା କରେ, ପ୍ରତିନିଧିମାନେ ଏଥିପ୍ରତି ବିଶେଷ ଦୃଷ୍ଟି ଦେବେ।”

(ତିନି)

ଏହାର ଠିକ୍ ଅବ୍ୟବହିତ ପୂର୍ବରୁ ୪।୩।୧୯୩୩ ଓ ୧୮।୩।୧୯୩୩ରେ ‘ଉତ୍କଳ ଦୀପିକା’ରେ ଦୁଇଟି ସଂବାଦ ପ୍ରକାଶିତ ହୋଇଥିଲା। ସଂବାଦଗୁଡ଼ିକ ଥିଲା

Digitized by srujanika@gmail.com

ଅବିକଳ ଏହି ପରି : –

(୧) ବଡ଼ଲାଟଙ୍କ ସଙ୍ଗେ ମିଶ୍ରଙ୍କ ସାକ୍ଷାତ

ଓଡ଼ିଶାର ସୀମା ସଂବନ୍ଧରେ ଭାରତ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ବାରିଷ୍ଟର ବିଶ୍ୱନାଥ ମିଶ୍ର ଗତ ସପ୍ତାହରେ ବଡ଼ଲାଟଙ୍କ ସହ ସାକ୍ଷାତ କରିଥିଲେ। ଓଡ଼ିଆଙ୍କ ଦ୍ୱାରା ବାରମ୍ବାର ଦାବୀ କରାଯାଇଥିବା ଅଞ୍ଚଳଗୁଡ଼ିକ ଓଡ଼ିଶା ସହିତ ନ ମିଶାଇଲେ କି କ୍ଷତି ହେବ ତାହା ସେ ବଡ଼ଲାଟଙ୍କୁ ବୁଝାଇଥିବାର ଶୁଣାଯାଏ।

(୨) ଉତ୍କଳ ପ୍ରଦେଶର ସୀମା

ବାରିଷ୍ଟର ବିଶ୍ୱନାଥ ମିଶ୍ର ବଡ଼ଲାଟଙ୍କୁ ସାକ୍ଷାତ କରିବାପରେ ଓଡ଼ିଆଙ୍କ ଦ୍ୱାରା ଦାବୀ ହୋଇଥିବା ସୀମା ନିର୍ଦ୍ଧାରଣ ପାଇଁ ବ୍ରିଟିଶ ସରକାର ନିମ୍ନଲିଖିତ ମତେ ନୂତନ ଓଡ଼ିଶା ପ୍ରଦେଶର ସୀମା ନିର୍ଣ୍ଣୟ କରି ପ୍ରକାଶ କରିଛନ୍ତି।

କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର; ଅନୁଗୋଳ, ମଧ୍ୟପ୍ରଦେଶରୁ ଖଡ଼ିଆଳ, ପଦ୍ମପୁର, ମାନ୍ଦ୍ରାଜର ଗଞ୍ଜାମ ମଧ୍ୟରୁ ଗଞ୍ଜାମ ମାଳ, ଘୁମୁସର ତାଲୁକା, ଆସିକା ତାଲୁକା, ଛତ୍ରପୁର ତାଲୁକା, କୋଦଳା ତାଲୁକା, ଇଚ୍ଛାପୁର ତାଲୁକା ଏବଂ ବ୍ରହ୍ମପୁର ତାଲୁକା ଓ ବ୍ରହ୍ମପୁର ସହର। ପାରଳାଖେମୁଣ୍ଡି, ଜଳନ୍ତର ମାଳ ଏବଂ ଜୟପୁର ମାନ୍ଦ୍ରାଜ ସହିତ ରହିବ।

ପୁଣି ୮।୪।୧୯୩୩ରେ ଦୀପିକାରେ ବିଶ୍ୱନାଥ ମିଶ୍ରଙ୍କର ଏକ ପ୍ରଶ୍ନ ଓ ସରକାରୀ ଜବାବ, ଦିଲ୍ଲୀ ୨।୪।୩୩ ତାରିଖ ଡେଟଲାଇନରେ ପ୍ରକାଶ ପାଇଥିଲା। ଏଥିରେ ବିଶ୍ୱନାଥ ମିଶ୍ର ପ୍ରଶ୍ନ କରିଥିଲେ। "ଓଡ଼ିଶା ଗଡ଼ଜାତ ପାଇଁ ଯେ ନୂଆ ଏଜେଣ୍ଟ ଜେନେରାଲ ରହୁଛନ୍ତି ତାଙ୍କର ଅଫିସ ଓଡ଼ିଶାରେ ହେବ କି ?"

ଭାରତ ସରକାରଙ୍କର ବୈଦେଶିକ ବିଭାଗର ଶାସନ ସଚିବ ମେଟ୍‌କାଫ ସାହେବ ଜବାବ ଦେଲେ "ବର୍ତ୍ତମାନ ପାଇଁ ଏଜେଣ୍ଟ ଜେନେରାଲଙ୍କ ଅଫିସ ରାଞ୍ଚିଠାରେ ରହିବ। ରାଞ୍ଚି ବଡ଼ ସୁବିଧା ଜାଗା ଏବଂ କେନ୍ଦ୍ରସ୍ଥାନୀୟ। ଏଠାରେ ମଧ୍ୟ ଅଫିସ ଇତ୍ୟାଦି ପାଇଁ ଘରର ସୁବିଧା ଅଛି। ଗୁଡ଼ାଏ ପଇସା ଅନର୍ଥକ ଖର୍ଚ୍ଚ କରି କୌଣସି ନୂଆ ଜାଗାରେ ଅଫିସ କରିବା ସରକାରଙ୍କର ଉଦ୍ଦେଶ୍ୟ ନୁହେଁ।"

ମିଃ ମିଶ୍ର ପଚାରିଥିଲେ "ସ୍ୱତନ୍ତ୍ର ଏଜେଣ୍ଟ ଜେନେରାଲ ନ ରଖି ଓଡ଼ିଶା ଗଡ଼ଜାତମାନଙ୍କ ପାଇଁ ଓଡ଼ିଶା ଲାଟଙ୍କୁ ଭାର ଦିଆଯିବାର ପ୍ରସ୍ତାବ ଅଛି କି ?

ସରକାରୀ ଜବାବ ମିଳିଲା "ନାଁ, ତାହା ନାହିଁ।"

(ଉତ୍କଳ ଦୀପିକା ୮।୪।୧୯୩୩ ସଂ ୮୧୪ ଭାଗ ୬୮)

Digitized by srujanika@gmail.com

ଏହି ସିରିଜର ଶେଷଥର ପାଇଁ ପ୍ରଶ୍ନ ବୋଧହୁଏ ଥିଲା ଅଗଷ୍ଟ ୨୨।୧୯୩୩ରେ (ସ୍ମରଣ ଥାଉ ବିଶ୍ୱନାଥ ମିଶ୍ର ସେପ୍ଟେମ୍ବର ୧୯ ତାରିଖ ୧୯୩୩ରେ ପ୍ରାଣତ୍ୟାଗ କରିଥିଲେ) ପ୍ରଶ୍ନ ଓ ତାହାର ଉତ୍ତରଗୁଡ଼ିକ ବିଶେଷ ତାତ୍ପର୍ଯ୍ୟ ପୂର୍ଣ୍ଣ। କେନ୍ଦ୍ର ବ୍ୟବସ୍ଥାପକ ସଭାର ବିତର୍କାବଳୀ ପଞ୍ଚମ ଖଣ୍ଡ ନଂ ୧ ପୃ ୭ ଷ୍ଠାରେ ଉଲ୍ଲିଖିତ ଅଛି –

ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରେ କେତେଗୁଡ଼ିଏ ଅଞ୍ଚଳର ଅଣ ସାମିଲ ହେବା ଫଳରେ ଓଡ଼ିଆଙ୍କ ଭିତରେ ଅସନ୍ତୋଷ।

ମିଷ୍ଟର ବି.ଏନ୍.ମିଶ୍ର –

(କ) ସରକାର ଅବହିତ ଅଛନ୍ତି କି ଯେ ନିମ୍ନଲିଖିତ ଅଞ୍ଚଳଗୁଡ଼ିକ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରେ ସାମିଲ ହେଉ ନ ଥିବାରୁ ଓଡ଼ିଆମାନଙ୍କ ଭିତରେ ଗଭୀର ଅସନ୍ତୋଷ ଦେଖା ଦେଇଛି ?

(୧) ସିଂହଭୂମି ଜିଲ୍ଲା (ବିହାର ଓ ଓଡ଼ିଶା)।

(୨) ମେଦିନୀପୁରର ଦକ୍ଷିଣ ଭାଗ (ବଙ୍ଗଳାର ହିଜିଲି ଜିଲ୍ଲା)

(୩) ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି, ତରଳା, ମଞ୍ଜୁଷା, ଟେକ୍‌କାଲି ଇତ୍ୟାଦି।

(୪) କେନ୍ଦ୍ର ପ୍ରଦେଶର ଫୁଲଝର

(ଖ) ଓଡ଼ିଆମାନଙ୍କର ଅସନ୍ତୋଷ ପ୍ରକାଶ କରି ଯେଉଁ ବହୁ ସଂଖ୍ୟକ ସଭା ହୋଇଛି ତାହାର ସଂଖ୍ୟା ସରକାର ଜଣାଇବେ କି ?

(ଗ) ସରକାର ଏ ବିଷୟରେ ଅବହିତ କି ଯେ ଓଡ଼ିଆଙ୍କ ଭିତରେ ଏକ ପ୍ରଭାବଶାଳୀ ଅଂଶ ମନେକରନ୍ତି ଯେ ଓଡ଼ିଆମାନେ ଯେଉଁ ଅଞ୍ଚଳକୁ ନ୍ୟାୟୋଚିତ ଭାବରେ ଦାବୀ କରୁଛନ୍ତି ସେଗୁଡ଼ିକ ସାମିଲ ନ ହେଲେ ସେମାନେ ପ୍ରଦେଶକୁ ଗ୍ରହଣ କରିବେ ନାହିଁ ? ସରକାରଙ୍କ ତରଫରୁ ମାନ୍ୟବର ସାର ଜୋସେଫ ଭୋରଙ୍କର ଉତ୍ତର–(କ) ଓ (ଖ) ୧୯୩୩ର ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭାରତ ସରକାର ୮୭ଗୋଟି ଦରଖାସ୍ତ ପାଇଛନ୍ତି। ଏହି ଦରଖାସ୍ତରେ ମାନ୍ୟବର ସଦସ୍ୟ ସୂଚନା ଦେଇଥିବା ଅଞ୍ଚଳମାନ ବା ସେଥି ଭିତରୁ କେତେକାଂଶ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରେ ସାମିଲ ନ ହେବାରୁ ପ୍ରତିବାଦ କରାଯାଇଛି। ଏହି ଦରଖାସ୍ତଗୁଡ଼ିକ ଭିତରୁ ସବୁଗୁଡ଼ିକ ସଭାମାନଙ୍କରେ ଗୃହୀତ ପ୍ରସ୍ତାବମାନଙ୍କରୁ ଜନ୍ମି ନାହିଁ। ଏଥି ଭିତରେ କେତେଗୁଡ଼ିଏ ବ୍ୟକ୍ତି ବିଶେଷଙ୍କଠାରୁ ଓ କେତେଗୁଡ଼ିଏ ମଧ୍ୟ ସ୍ଥାନୀୟ ସଙ୍ଗଠନ ଓ

Digitized by srujanika@gmail.com

ଅନୁଷ୍ଠାନମାନଙ୍କଠାରୁ ଆସିଛି। ୮୭ ଗୋଟି ଦରଖାସ୍ତ ଭିତରୁ ୮୦ଟି ଗଞ୍ଜାମ ଅଞ୍ଚଳ ବିଷୟରେ ପ୍ରତିବାଦ ସୂତ୍ରରେ ଆସିଛି।

(ଘ) ସରକାର ଜାଣନ୍ତି ନାହିଁ ଯେ ଓଡ଼ିଆମାନଙ୍କ ଭିତରେ କୌଣସି ପ୍ରଭାବଶାଳୀ ଅଂଶ ଏଭଳି ମନୋଭାବ ପୋଷଣ କରୁଛନ୍ତି।

ଉପରଲିଖିତ ଘଟଣାବଳୀ କେବଳ ସ୍ରୋତ ମୁଖରେ ତୃଣ ଖଣ୍ଡ ପରି ସେ ସମୟରେ ବି.ଏନ୍ ମିଶ୍ରଙ୍କର ମାନସିକ ଉଦ୍‌ବେଗର ଲକ୍ଷଣକୁ ସୂଚନା ଦେଉଛି। ଅର୍ଥାତ୍ ୧୯୩୩ ମସିହାର ଆରମ୍ଭ କାଳରୁ ସେପ୍ଟେମ୍ବର ମାସରେ ତାଙ୍କର ଜୀବନାବସାନ ପର୍ଯ୍ୟନ୍ତ ବିଶ୍ୱନାଥଙ୍କର ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ସୀମା ସମ୍ବନ୍ଧରେ ଉଦ୍‌ବେଗ ହିଁ ଏକାଗ୍ର ମାନସିକ ଅବସ୍ଥା ଥିଲା।

୧୯୩୩ର ଏପ୍ରିଲ ମାସରେ ଜୟପୁରଠାରେ ଏକ ଶେଷ ସମ୍ମିଳନୀରେ ଭାଇଜାଗ ଏଜେନ୍‌ସି ଭିତରୁ ଜୟପୁର ଓ ଅବିଚ୍ଛେଦ୍ୟ ଜୟପୁର ଜମିଦାରୀର ସମସ୍ତ ଅଞ୍ଚଳ ଓଡ଼ିଶା ପ୍ରଦେଶରେ ସାମିଲ କରିବାର ଦାବୀ ଉପସ୍ଥାପିତ ହୋଇଥିଲା। ଲକ୍ଷ୍ୟ କରିବାର କଥା ଯେ ଏଥିପୂର୍ବରୁ ଭାଇଜାଗ୍ ଏଜେନ୍‌ସି ବିଷୟ କୌଣସି ସଭାରେ ଆଲୋଚିତ ହୋଇ ନଥିଲା। ଏହାର କାରଣ ବୋଧହୁଏ ଥିଲା ଏହି ଯେ ଗଞ୍ଜାମମାଳ ସହିତ ସଂପୃକ୍ତ ଅଞ୍ଚଳ ଛଡ଼ା ଜୟପୁର ସମସ୍ଥାନ, ପାରଳାଖେମୁଣ୍ଡି, ଗୁଣୁପୁର ଇତ୍ୟାଦି ନ ମିଶିଲେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ ବିଚ୍ଛିନ୍ନ ହୋଇଯିବାର ଆଶଙ୍କା ଥିଲା। ତେଣୁ ଜୟପୁର ସମସ୍ଥାନ ବିଷୟରେ ମୂଳରୁ କୌଣସି ପ୍ରସ୍ତାବ ଆସି ନ ଥିଲା।

ଜୟପୁର ସମ୍ମିଳନୀ ପରେ ତୃତୀୟ ଥର ପାଇଁ ପାରଳାଖେମୁଣ୍ଡି ରାଜାଙ୍କର ବିଲାତ ଯିବା ଆବଶ୍ୟକ ହୋଇଥିଲା। ମିଷ୍ଟର ଦାସଙ୍କୁ ଏମ୍.ଏସ୍ ମୁଲତାନ ନାମକ ଜାହାଜରୁ ୨।୫।୩୩ରେ ସେ ବିଲାତ ଅଭିମୁଖରେ ଯିବା ବେଳେ ଗୋଟିଏ ପତ୍ରରୁ ଜଣାଯାଏ ଯେ ସେ ୧୯୩୩ ମସିହା ମଇ ମାସର ଆରମ୍ଭରେ ବିଲାତ ଅଭିମୁଖରେ ରମାନା ହୋଇଥିଲେ।

କୃଷ୍ଣଚନ୍ଦ୍ର ଗଜପତିଙ୍କର ୭୮ତମ ସ୍ୱନକ୍ଷତ୍ର (୧୯୬୯) ଉପଲକ୍ଷେ ସଂପାଦିତ ସ୍ମରଣିକାର ୪୦ ପୃଷ୍ଠାରେ ପଣ୍ଡିତ ଯୁଗଳ କିଶୋର ପାଣିଗ୍ରାହୀ ଲେଖିଛନ୍ତି "ମହାରାଜା ବିଲାତରେ ଥାଇ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ କରୁଥିଲାବେଳେ ଓଡ଼ିଶାର ଦଳେ ସେକ୍ରେଟେରୀ ଅଫ ଷ୍ଟେଟକୁ କେବଲ୍‌ମାନ ପଠାଉ ଥାଆନ୍ତି ଯେ ପାରଳା ଓ ଜୟପୁର ବିନା ଓଡ଼ିଶାବାସୀ ସ୍ୱତନ୍ତ୍ର ପ୍ରଦେଶ ଗ୍ରହଣ କରିବେ। ଜୟପୁର ମହାରାଜା (ସ୍ୱର୍ଗତଃ ବିକ୍ରମ ଦେବ) କୋରାପୁଟକୁ ଓଡ଼ିଶାରେ ମିଶାଇବାକୁ ଗ୍ଭହାନ୍ତି ନାହିଁ ବୋଲି ମଧ୍ୟ

Digitized by srujanika@gmail.com

ମିଥ୍ୟାରେ କେବଲ୍ (ସାମୁଦ୍ରିକ ତାର) ମାନ ହେଉଥାଏ। × × × ଓଡ଼ିଶାର ଜଣେ ବିଶିଷ୍ଟ ଜମିଦାର, ଏତିକିବେଳେ ପାରଳା ମହାରାଜାଙ୍କୁ ବିଲାତରେ କହିଲେ 'ପାରଳା ଓ ଜୟପୁର' ନ ମିଶିଲେ କ'ଣ ହେଲା ? ପ୍ରଦେଶ ତ ପାଇଲେ, ପରେ ଯତ୍ନ କରି ସେ ସବୁ ଫେରି ପାଇବା; ବର୍ତ୍ତମାନ ବିଲାତରୁ ଫେରି ଯାଆନ୍ତୁ।

ଉତ୍କଳ ସମ୍ମିଳନୀର ଅଭ୍ୟନ୍ତରରେ ଭବିଷ୍ୟତ ପ୍ରଦେଶ ଗଠନ ହେଲେ ଯେଉଁ କ୍ଷମତା ଲଢ଼େଇ ହେବାର ଆଶଙ୍କା ଥିଲା ପ୍ରଦେଶ ଗଠନ ପୂର୍ବରୁ ତାହାର ଅଶନି ସଙ୍କେତ ଦେଖି ବହୁ ଦେଶପ୍ରେମୀ ବିଚଳିତ ହୋଇଥିଲେ। ଏମାନଙ୍କ ମଧ୍ୟରେ 'ମିଷ୍ଟର ଓଡ଼ିଶା' ବି.ଏନ୍. ମିଶ୍ରଙ୍କର ମାନସିକ ଉଦ୍‌ବେଗ ସହଜରେ ଅନୁମାନ କରିହୁଏ।

(ଘରି)

ଏଣେ ଉତ୍କଳ କୁଳବୃଦ୍ଧ ମଧୁସୂଦନ ରାଜନୀତି କ୍ଷେତ୍ରରୁ ଅସ୍ତମିତପ୍ରାୟ; ପଣ୍ଡିତ ଗୋପବନ୍ଧୁ ଦାସ ଇହମାଧରୁ ୧୯୨୮ ମସିହାରୁ ବିଦାୟ ନେଇ ସାରିଥା'ନ୍ତି। ଦେଶ ମିଶ୍ରଣ ଭିତରେ ସୀମା ନିର୍ଦ୍ଧାରଣ ସମସ୍ୟା ଆଶଙ୍କାର ସୂତା ଖିଅରେ ଝୁଲୁଥାଏ। ପାରଳାଖେମୁଣ୍ଡି ଓ ଜୟପୁର ଓଡ଼ିଶାରେ ମିଶିଲେ ଗଞ୍ଜାମର ଓ ସେତେବେଳର ରାଜନୈତିକ ଓଡ଼ିଶାର ଉଚ୍ଚାଭିଳାଷୀ କେତେଜଣ ଜମିଦାର ଆପଣାର ଆକାଙ୍‌କ୍ଷିତ ପଦବୀ ଲୋଭରୁ ତଳକୁ ଓହରିଯିବା ଭୟରେ ପାରଳାଖେମୁଣ୍ଡି ଓ ଜୟପୁରକୁ ଓଡ଼ିଶାରେ ମିଶ୍ରଣ କରିବାର ବିରୋଧ କରିବାରେ କୃତସଂକଳ୍ପ ଥାଆନ୍ତି। ଏଥିପାଇଁ ଉଭୟ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ତୁମୂଳ ବାଦବିବାଦ ଚାଲିଥାଏ।

ସେପଟେ ପୁନା ଚୁକ୍ତି ପରଠାରୁ ମହାତ୍ମାଗାନ୍ଧୀ ଆପଣାର ପ୍ରତ୍ୟକ୍ଷ ରାଜନୀତି ଛଡ଼ା ହରିଜନ ଆନ୍ଦୋଳନ ପାଇଁ କୃତନିଶ୍ଚୟ। ବିହାରର ସର୍ବମାନ୍ୟ ନେତା ବାବୁ ରାଜେନ୍ଦ୍ର ପ୍ରସାଦଙ୍କୁ କଂଗ୍ରେସର ସଭାପତି କରିବାର ସମସ୍ତ ମସୁଧା ସଂପୂର୍ଣ୍ଣ ନିଶ୍ଚିତ ହୋଇଯାଇଥାଏ। ରାଜେନ୍ଦ୍ର ପ୍ରସାଦଙ୍କର ନେତୃତ୍ୱରେ କଂଗ୍ରେସ ପରିଚାଳିତ ହେଲେ ଓଡ଼ିଶା ପକ୍ଷରେ ଯେତେ ନ୍ୟାୟ ଥାଉ ନା କାହିଁକି ସିଂହଭୂମି ଓଡ଼ିଶାରେ ମିଶିବାର କୌଣସି ଆଶା ଦେଖାଯାଉ ନ ଥାଏ, କାରଣ ସିଂହଭୂମି ଓ ରାଜନୈତିକ ଓଡ଼ିଶା ଭିତରେ ସମସ୍ତ ପୂର୍ବ ଓଡ଼ିଶା ଗଡ଼ଜାତ ବିଶେଷତଃ ସରେଇକଳା, ଖରସୁଆଁ ବିଦ୍ୟମାନ। ତେଣୁ ସିଂହଭୂମି ପ୍ରସ୍ତାବିତ ଓଡ଼ିଶା ପ୍ରଦେଶଠାରୁ ବିଚ୍ଛିନ୍ନ ରହିଯିବା ଏକପ୍ରକାର ଭୌଗୋଳିକ ଭାବରେ ସ୍ୱତଃସିଦ୍ଧ ହୋଇଥାଏ। ପୂର୍ବ ରାଜନ୍ୟବର୍ଗଙ୍କର ଏଜେନ୍‌ସିର ପ୍ରଧାନ ଦପ୍ତରକୁ ବ୍ରିଟିଶ ସରକାର ରାଜନୈତିକ ଅଭିସନ୍ଧି ଘେନି ରାଞ୍ଚିଠାରେ ରଖିବାର

Digitized by srujanika@gmail.com

ନିଷତ୍ତି ନେଇଥାଆନ୍ତି ଯଦିଚ ଏଥିପୂର୍ବରୁ ଏହା ସମ୍ବଲପୁରଠାରେ ଅବସ୍ଥାପିତ ଥିଲା (ବିଶ୍ୱନାଥଙ୍କ ଏ ବିଷୟରେ ଉପରଲିଖିତ ପ୍ରଶ୍ନ ଓ ଜବାବରୁ ଏହା ସ୍ପଷ୍ଟ)। ତେଣୁ ଖଡ଼ିଆଳ, ପଦ୍ମପୁର ଇତ୍ୟାଦି ଜମିଦାରୀ ମିଶ୍ରଣ ବିଷୟରେ ବି ଗୁରୁତର ସନ୍ଦେହ।

ଏଭଳି ପରିସ୍ଥିତିରେ ବିଶ୍ୱନାଥ ଏକାବେଳକେ ପ୍ରାୟ ନିଃସଙ୍ଗ। ଗଞ୍ଜାମରେ ଏକପଟରେ ଖଲ୍ଲିକୋଟ ସେପଟେ ପାରଳାଖେମଣ୍ଡିର ରାଜା, କଟକ ଓ ଉତ୍ତର ଓଡ଼ିଶାରେ ଏପଟେ କନିକା ରାଜା ଓ ସେପଟେ ପାରଳା ମହାରାଜାଙ୍କର ସମର୍ଥକ ବୁଦ୍ଧିଜୀବୀ, ଆଇନଜୀବୀ ଓ ସାଧାରଣସେବୀ। ବିଶ୍ୱନାଥ ଯେହେତୁ ପ୍ରଧାନତଃ ଗଞ୍ଜାମର ନେତା ଥିଲେ, ତେଣୁ ଗଞ୍ଜାମର ବିଭକ୍ତ ରାଜନୀତିରେ ସେ କୌଣସି ପକ୍ଷ ଗ୍ରହଣକରିବା ସମ୍ଭବ ନୁହେଁ। ଖବରକାଗଜରେ ଉଭୟ ପକ୍ଷଙ୍କୁ ନିଷ୍ଫଳ ଅନୁରୋଧ କରିବା ଛଡ଼ା ତାଙ୍କର ଗତ୍ୟନ୍ତର ନଥିଲା। କାରଣ ତାଙ୍କ ଆଗକୁ ପଛକୁ ଆଉ କେହି ନ ଥିଲେ। ଉତ୍କଳ ସମ୍ମିଳନୀର ଯାହା କିଛି ସଂଗଠନ ଥିଲା ତାହା ମଧ୍ୟ ବ୍ୟକ୍ତିବିଶେଷଙ୍କର ସଂଘର୍ଷ ଯୋଗୁଁ ଏକ ଲଢ଼େଇ କ୍ଷେତ୍ରରେ ପରିଣତ ହୋଇଥିଲା।

ବହୁ ଘଟଣାର ଘାତ ପ୍ରତିଘାତ ହିଁ ଇତିହାସ। ୧୯୩୩ ମସିହା ମାର୍ଚ୍ଚ ୧୭ ତାରିଖର ଭାରତର ସାମ୍ବିଧାନିକ ସଂସ୍କାର ଘୋଷଣାପତ୍ର, ମାର୍ଚ୍ଚ ମାସର ଶେଷ ସପ୍ତାହରେ ଏହି ଶ୍ୱେତପତ୍ର ଉପରେ ସାର୍ ଅବଦୁର ରହିମଙ୍କର ସଂଶୋଧନ ନିର୍ବିବାଦରେ ଗୃହୀତ ହେବା ଅର୍ଥାତ୍ ଶ୍ୱେତପତ୍ର ବ୍ୟବସ୍ଥାସଭା ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ଥିଲା ୧୯୩୩ର ବଜେଟ ଅଧିବେଶନର ଉଲ୍ଲେଖନୀୟ ଘଟଣା।

ତା'ପରେ ଅପ୍ରେଲ ୩୦ ତାରିଖରେ ଗାନ୍ଧିଜୀଙ୍କର ଜେଲ ଭିତରୁ 'ଚିତ୍ତଶୁଦ୍ଧି' ଉଦ୍ଦେଶ୍ୟରେ 'ଅପ୍ରତିହତ ଅପରିହାର୍ଯ୍ୟ ଅନଶନ'ର ଘୋଷଣା ଓ ମେ ମାସରେ ତାଙ୍କର ଅନଶନ ଆରମ୍ଭ ମାତ୍ରେ ତାଙ୍କର କାରାମୁକ୍ତି।

ଏହାପରେ ୧୯୩୩ ଶରତକାଳୀନ ଅଧିବେଶନ ବେଳକୁ ଅଗଷ୍ଟ ପହିଲା ଦିନ ପୁନର୍ବାର ଗିରଫ ହୋଇ ମାହାତ୍ମାଗାନ୍ଧୀ ଜେଲ ଭିତରୁ ଅଗଷ୍ଟ ୧୭ ତାରିଖରେ ଅନଶନ ଆରମ୍ଭ କରିଥିଲେ। ଅଗଷ୍ଟ ୨୩ ତାରିଖ ବେଳକୁ ତାଙ୍କର ଅନଶନ ପରିସ୍ଥିତି ମାରାତ୍ମକ ଅବସ୍ଥା ଧାରଣ କଲା ଓ ଅଗଷ୍ଟ ୨୩ ତାରିଖରେ ତାଙ୍କୁ ଜେଲରେ ଦିଆଯାଉଥିବା ସୁବିଧା ସୁଯୋଗର ସ୍ୱଚ୍ଛତା ବିଷୟରେ ବ୍ୟବସ୍ଥାପକ ସଭାରେ ଏକ ମୁଲତବୀ ପ୍ରସ୍ତାବ ଆଲୋଚିତ ହୋଇଥିଲା। ଏଠାରେ ଲକ୍ଷ୍ୟଣୀୟ ଯେ ଅଗଷ୍ଟ ୨୨ ତାରିଖରେ ମିଷ୍ଟର ବି.ଏନ୍. ମିଶ୍ର ଠିକ୍ ମୁଲତବି ପ୍ରସ୍ତାବର ଅବ୍ୟବହିତ ପୂର୍ବରୁ ତାରକା ଚିହ୍ନିତ ପ୍ରଶ୍ନଗୁଡ଼ିକର ଜବାବ ଗ୍ରହଁଥିଲେ। ଏଥିରେ ବଙ୍ଗଳାର ରେଗୁଲେସନ ବନ୍ଦୀ, ଅର୍ଡ଼ିନାନ୍ସ ବନ୍ଦୀ, ଅନ୍ୟାନ୍ୟ ରାଜନୈତିକ ବନ୍ଦୀ ଓ ସେମାନଙ୍କର

Digitized by srujanika@gmail.com

ଜେଲଖାନାରେ ଥିବା ଅସୁବିଧା, ପରିବାର ଭତ୍ତା ସଂକ୍ରାନ୍ତରେ କେତେଗୁଡ଼ିଏ ଉତ୍ତର ସରକାର ଦେବାପାଇଁ ବାଧ ହୋଇଥିଲେ। ଏହି ହିସାବରୁ ଜଣାଯାଏ ଯେ ସତ୍ୟାଗ୍ରହୀ ବନ୍ଦୀଙ୍କ ଛଡ଼ା ରେଗୁଲେସନ ବନ୍ଦୀ ୩୬ ଜଣ ଓ ବଙ୍ଗଳା ଅର୍ଡ଼ିନାନ୍‌ସ ବନ୍ଦୀ ୪୩୯ ଜଣ ଥିବାର ସରକାର ସ୍ୱୀକାର କରିଥିଲେ। ଗାନ୍ଧିଜୀଙ୍କର ଅନଶନର କାରଣ ଥିଲା ମୁଖ୍ୟତଃ ଏହି ବନ୍ଦୀ ମୁକ୍ତି। ପୂର୍ବୋକ୍ତ ମୁଲତବି ପ୍ରସ୍ତାବ ଆଲୋଚନା ଶେଷ ହୋଇ ଭୋଟ ଗ୍ରହଣ ପୂର୍ବରୁ ସରକାର ଗାନ୍ଧିଜୀଙ୍କୁ ବିନା ସର୍ତ୍ତରେ ଖଲାସ କରିଦେଇଥିଲେ ଓ ଗାନ୍ଧିଜୀ ତାଙ୍କର ଅନଶନ ଭଙ୍ଗ କରିଥିଲେ।

ଭାରତର ରାଜନୈତିକ ପରିପ୍ରେକ୍ଷୀରେ ଓଡ଼ିଶାର ଦେଶମିଶ୍ରଣ ସୀମା ସମସ୍ୟା ଓ ବିଭେଦ ବାତାବରଣ ବିଶ୍ୱନାଥଙ୍କୁ ଯେ ଅତ୍ୟନ୍ତ ବିବ୍ରତ ଓ ଚିନ୍ତିତ କରିଥିଲା ଏହାର ତୁରନ୍ତ ଏକ ଦାରୁଣ ପରିଣାମ ହେଲା। ସେପ୍ଟେମ୍ବର ମାସ ୧୩ ତାରିଖରେ ସେ ବ୍ୟବସ୍ଥାପକ ସଭାରେ ଭାରତୀୟ ମିଲିଟାରୀ ଏକାଡ଼େମୀ ଉପରେ ତାଙ୍କର ବେସରକାରୀ ପ୍ରସ୍ତାବ ଆଗତ କଲାବେଳେ ଗଭୀର ହୃଦ୍‌ଯନ୍ତ୍ରଣା ଅନୁଭବ କରୁଥିଲେ। କିନ୍ତୁ ସେ ବୋଧହୁଏ ଆପଣାର ଦୂରଦୃଷ୍ଟିରୁ ଲକ୍ଷ୍ୟ କରିପାରିଥିଲେ ଯେ ଅଚିରେ ଭାରତ ସରକାର ଏକ ଅର୍ଡ଼ିନାନ୍‌ସ ଜାରି କରିବେ; ଯାହାଫଳରେ ଭାରତୀୟ ସାମରିକ ଅଫିସରମାନଙ୍କୁ ଗୋରା ଅଫିସରମାନଙ୍କଠାରୁ ଅଲଗା ଏକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ କରାଯିବ। ସେମାନଙ୍କୁ ବ୍ରିଟିଶ ସୈନ୍ୟମାନଙ୍କୁ ଆଦେଶ ଦେବାର ଅଧିକାରରୁ ବଞ୍ଚିତ କରାଯିବ ଓ ସେହି କାରଣରୁ ଏକେତ ସେମାନେ ଭାରତୀୟ ଜାତୀୟ ଆନ୍ଦୋଳନ ପ୍ରତି ସେମାନଙ୍କର ସ୍ୱାଭାବିକ ଦରଦ ପ୍ରକାଶ କରିପାରିବେ ନାହିଁ ଓ ଦ୍ୱିତୀୟରେ ସେମାନେ ଯେତେ ସିନିୟର ହେଲେ ମଧ୍ୟ ଗୋରା ଅଫିସରମାନଙ୍କଠାରୁ ଉପରକୁ ପଦୋନ୍ନତି ପାଇବେ ନାହିଁ। ଏପରି ଏକ ଅର୍ଡ଼ିନାନ୍‌ସ ଆସିବାର ଭବିଷ୍ୟତବାଣୀ ଭଳି ଆଶଙ୍କାକୁ ରୂପ ଦେବାପାଇଁ ବିଶ୍ୱନାଥ ଆପଣାର ଶୋଚନୀୟ ହୃଦ୍‌ପୀଡ଼ା ସତ୍ତ୍ୱେ ଆପଣା ସ୍ଥାନରେ ଛିଡ଼ା ହୋଇ ରହି ତାଙ୍କର ବେସରକାରୀ ପ୍ରସ୍ତାବ ପେଶ୍ କରିଥିଲେ। ଉଲ୍ଲେଖ୍ୟଯୋଗ୍ୟ ତାଙ୍କର ଆଶଙ୍କା ପରେ ସତ୍ୟ ବୋଲି ଜଣାପଡ଼ିଲା; ୧୯୩୪ ମସିହା ଜୁଲାଇ – ଅଗଷ୍ଟରେ ଭାରତ ସରକାର ଏକ ବିଲ୍ ବ୍ୟବସ୍ଥାପକ ସଭାରେ ଆଗତକରି ମିଷ୍ଟର ବି.ଦାସଙ୍କର ବିରୋଧ ସତ୍ତ୍ୱେ ପାସ କରାଇ ନେଇଥିଲେ।

ସେତେବେଳେ ଅବଶ୍ୟ; ଅର୍ଥାତ୍ ତା'ର ଦଶମାସ ପୂର୍ବରୁ ବିଶ୍ୱନାଥ ଆଉ ଇହଧାମରେ ନଥିଲେ।

Digitized by srujanika@gmail.com

(ପାଞ୍ଚ)

ବିଶ୍ୱନାଥଙ୍କର ଦେହାନ୍ତର ପରବର୍ତ୍ତୀ ଦିନ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ତାଙ୍କ ମୃତ୍ୟୁରେ ଶୋକ ପ୍ରସ୍ତାବ ଉପରେ ଭାଷଣଦେଇ ଜଣେ ସହକର୍ମୀ ମିଷ୍ଟର ଜଗନ୍ନାଥ ଅଗ୍ରୱାଲା (ଜଳନ୍ଧର, ଅଣମୁସଲମାନ) ମର୍ମସ୍ପର୍ଶୀ ଭାଷାରେ କହିଥିଲେ।

"ସଭା ଗୃହରେ ଏହି ଅଂଶର ସଭ୍ୟମାନଙ୍କ ତରଫରୁ ମୁଁ ମୋର ଗଭୀର ଶୋକ ପ୍ରକାଶ କରୁଛି। ଅତୀବ ଶୋଚନୀୟ କଥା ଯେ ମିଷ୍ଟର ମିଶ୍ରଙ୍କୁ ବେସରକାରୀ ପ୍ରସ୍ତାବ ଦିନ ଏହି ସଭାରେ ଡେରାଡୁନ ସାମରିକ ଏକାଡେ଼ମୀ ଉପରେ ତାଙ୍କର ପ୍ରସ୍ତାବ ପେଶ୍ କରିବା ଏବେ ବି ସ୍ପଷ୍ଟ ସ୍ମରଣ କରୁଛୁଁ। ସେତେବେଳେ ସେ ପ୍ରଚଣ୍ଡ ରକ୍ତଚାପର ପୀଡ଼ାରେ ଅଥୟ ହେଉଥିଲେ। ସେଦିନ ଆମ୍ଭମାନଙ୍କର ଯେ ବେଦନାଦାୟକ ଅନୁଭୂତି ହୋଇଥିଲା ତାହା ଆମର ସମସ୍ତଙ୍କର ମନେଅଛି। ବହୁ କଷ୍ଟରେ ଓ କେବଳ କର୍ତ୍ତବ୍ୟର ଅନୁରୋଧରେ ସେ ଆପଣାର କରଣୀୟ ନିର୍ଦ୍ଧାରିତ ଉଦ୍ଦେଶ୍ୟରୁ ବିରତ ହୋଇ ନ ଥିଲେ; ଯେକୌଣସି ମତେ ଆପଣାର କର୍ତ୍ତବ୍ୟ ସଂପାଦନ କରିଥିଲେ। ସେତେବେଳେ ଆମ୍ଭେମାନେ ଅନୁଭବ କରିଥିଲୁଁ ଯେ ତାଙ୍କର ସ୍ୱାସ୍ଥ୍ୟରେ କୌଣସି ଗୁରୁତର ହାନି ଘଟିଛି। ତଥାପି ସେ କର୍ତ୍ତବ୍ୟରେ ଅଟଳ ରହିଥିଲେ। ଗତକାଲି ବହୁ ବିଳମ୍ବରେ ଆମକୁ ଖବର ମିଳିଲା ଯେ ସେ ଚାଲିଗଲେ। ତାଙ୍କର ଜୀବନର ଏହି ଶେଷ ଘଟଣା ଏତିକି ହିଁ ପ୍ରମାଣକଲା ଯାହା ଆମେ ତାଙ୍କର ସଂସ୍ପର୍ଶରେ ଆସିଥିବା ବିଗତ ବର୍ଷମାନଙ୍କରେ ଉପଲବ୍ଧ କରିଆସିଛୁ। ତାହା ଏହି ଯେ ଆପଣାର ଆରାମ ଓ ସୁବିଧା ଅପେକ୍ଷା ସେ ସବୁବେଳେ ଆପଣାର କର୍ତ୍ତବ୍ୟକୁ ଉଚ୍ଚସ୍ଥାନ ଦେଉଥିଲେ। ଏହି ଗୃହର ମାନ୍ୟବର ଦଳପତି ଯଥାର୍ଥରେ କହିଛନ୍ତି, ଯେ ସେ ତାଙ୍କର ଅଧ୍ୟବସାୟର ଫଳଶ୍ରୁତି ପ୍ରତିଷ୍ଠା ଦେଖିବାକୁ ଜୀବନରେ ରହିଲେ ନାହିଁ।"

"ଆମେ ସମସ୍ତେ ଜାଣୁ, ସେ ଥିଲେ ଜଣେ ଦୟାର୍ଦ୍ର ଓ ଅହଂକାରଶୂନ୍ୟ ମୂର୍ତ୍ତି; ଯିଏ ଜୀବନରେ ବହୁ ମିତ୍ର ସୃଷ୍ଟି କରିଥିଲେ ବୋଧହୁଏ ଗୋଟିଏ ବୋଲି ଶତ୍ରୁ ସୃଷ୍ଟି କରିନାହାନ୍ତି। ଏ ଘରେ କିମ୍ବା ବାହାରେ ଏପରି କେହି ନାହିଁ ଯିଏ କି କହିବ ଯେ ମିଷ୍ଟର ମିଶ୍ର କାହାରି ବିରୋଧରେ କୌଣସି କୁଭାଷା ପ୍ରୟୋଗ କରିଛନ୍ତି ବା କାହାରି କୌଣସିପ୍ରକାର ହାନି ଘଟାଇଛନ୍ତି। ତାଙ୍କର ଅଭାବ ଆମ ସମସ୍ତଙ୍କୁ ଘାରିବ। ମହାଶୟ, ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ତାଙ୍କର ପରିବାରବର୍ଗଙ୍କୁ ଜ୍ଞାପନ କରିଦେବେ ଯେ ଆମେ ତାଙ୍କର ମୃତ୍ୟୁରେ ଗଭୀର ସମବେଦନା ପ୍ରକାଶକରୁଛୁ ଓ ଏଭଳି ଅବସ୍ଥାରେ ତାଙ୍କର ମର୍ମାନ୍ତିକ ବିୟୋଗରେ ଆମର ଦୁଃଖ ଓ ଅବଶୋଷ

Digitized by srujanika@gmail.com

ଜଣାଉଛୁଁ।” ଏଠାରେ ଲକ୍ଷ୍ୟଣୀୟ ଏହିଯେ ବିଶ୍ୱନାଥ ତାଙ୍କର ଦାରୁଣ ରକ୍ତଚାପ ପୀଡ଼ା କଥା ଏଥିପୂର୍ବରୁ ପ୍ରଘଟ କରି ନ ଥିଲେ। ତାଙ୍କର ମୃତ୍ୟୁ ସମ୍ବାଦ ଘୋଷଣା କରି କଲିକତାର ଷ୍ଟେଟସ୍‌ମ୍ୟାନ କାଗଜ ଆପଣାର ସେପ୍ଟେମ୍ବର ୨୧ ତାରିଖ ୧୯୩୩ ଡାକ ସଂସ୍କରଣରେ ତାଙ୍କର ସିମଳାର ସ୍ୱତନ୍ତ୍ର ପ୍ରତିନିଧିଙ୍କର ୧୯ ତାରିଖର ବାର୍ତ୍ତା ପରିବେଷଣ କରିଥିଲେ। ଏଥିରୁ ହିଁ ପ୍ରଥମେ ଅର୍ଥାତ୍ ମୃତ୍ୟୁ ପରେ ଜଣା ପଡ଼ିଥିଲା ଯେ ପୂର୍ବର ଦୁଇ ତିନି ବର୍ଷରୁ ‘ଯେଉଁ ବ୍ୟାଧି ତାଙ୍କର ମୃତ୍ୟୁର କାରଣ ହେଲା’ ତାହାରି ଯୋଗୁଁ ସେ କୋର୍ଟକୁ ଯିବା ବନ୍ଦ କରି ଦେଇଥିଲେ।’ ଷ୍ଟେଟସ୍‌ମ୍ୟାନ୍‌ଙ୍କର ଏହି ସ୍ୱତନ୍ତ୍ର ପ୍ରତିନିଧିଙ୍କ ବାର୍ତ୍ତା ଅନୁସାରେ “ବାରିଷ୍ଟରଭାବରେ ସେ କ୍ରମାନ୍ୱୟରେ କଲିକତା, ପାଟଣା ଓ କଟକରେ ଓକିଲାତି କରିଥିଲେ। ତାଙ୍କର ଘର ହେଉଛି କଟକରେ ଯେଉଁ ସ୍ଥାନରେ ସେ ତାଙ୍କର ବିଧବା ପତ୍ନୀ, ପାଞ୍ଚପୁତ୍ର ଓ ଚାରି ଝିଅଙ୍କୁ ଛାଡ଼ି ଚାଲିଗଲେ। × × ×ପହିଲି ପ୍ରଥମ ସେ ଜଣେ ହାସ୍ୟରସିକ ବକ୍ତା ଥିଲେ। କିନ୍ତୁ ମୃତ୍ୟୁ ପୂର୍ବରୁ ମାରାତ୍ମକ ରୋଗ ତାଙ୍କୁ ପଦେ ପଦେ ଲାଗି ରହିଥିଲା।”

ସେତେବେଳେ ବ୍ରିଟିଶ ଶାସନର ବିପଜ୍ଜନକ ପ୍ରବକ୍ତା ଷ୍ଟେଟସମ୍ୟାନ୍ ଖବରକାଗଜଙ୍କର ସ୍ୱତନ୍ତ୍ର ପ୍ରତିନିଧିଙ୍କ ପକ୍ଷରେ ଏ କଥା ରିପୋର୍ଟ କରିବା ସ୍ୱାଭାବିକ ଯେ ରାଜନୈତିକ କାରଣରୁ ନୁହେଁ, ସ୍ୱାସ୍ଥ୍ୟହାନି କାରଣରୁ ବାରିଷ୍ଟର ମିଷ୍ଟର ମିଶ୍ର କୋର୍ଟକଚେରୀ ଛାଡ଼ି ଦେଇଥିଲେ। ତେବେ କଲିକତାର ଚରମପନ୍ଥୀ ଜାତୀୟବାଦୀ ଖବର କାଗଜ ‘ଏଡ଼୍‌ଭାନସ’ ବି ତ ମୃତ୍ୟୁ ସମ୍ବାଦକୁ ୟୁନାଇଟେଡ୍ ପ୍ରେସର ସମ୍ବାଦଦାତାଙ୍କର ୧୯୩୩ ସେପ୍ଟେମ୍ବର ୨୧ ତାରିଖ ବାର୍ତ୍ତାକୁ ପ୍ରକାଶ କରିଥିଲେ। ସେଥିରେ ଥିଲା “ଗତ କେତେଦିନ ହେଲା ମିଷ୍ଟର ମିଶ୍ର ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। କିନ୍ତୁ ତାଙ୍କର ଅନ୍ତିମକାଳ ଯେ ଏତେ ଶୀଘ୍ର ଆସିଯିବ ଏହା କେହି ଆଶଙ୍କା କରି ନ ଥିଲେ । ଏପରିକି ଗତକାଲି ସେ କେନ୍ଦ୍ର ବ୍ୟବସ୍ଥା ସଭାରେ ଯୋଗ ଦେଇଥିଲେ ଓ ଆଜି ସକାଳେ କେତେଜଣ ବନ୍ଧୁଙ୍କ ସହିତ ସାକ୍ଷାତ କରିଥିଲେ।”

ତାଙ୍କର ଶୋକ ପ୍ରସ୍ତାବକାରୀ କେନ୍ଦ୍ର ବ୍ୟବସ୍ଥାସଭାର ସେହି ଆନୁଷ୍ଠାନିକ ଅଧିବେଶନର ଗୋଟିଏ ଦିନ କେବଳ ଗୋଟିଏ ଚିରାଚରିତ ମାମୁଲି ଶୋକସଭା ନ ଥିଲା। ଏଥିରେ ତାଙ୍କର ସହକର୍ମୀମାନେ ଯେଉଁ ଭାଷାରେ ତାଙ୍କର ନୀରବ, କର୍ମନିଷ୍ଠ, ଆତ୍ମବିଲୟୀ ଜୀବନଯାତ୍ରାର ସମୀକ୍ଷା କରିଥିଲେ ତାହା ପ୍ରତ୍ୟେକ ବ୍ୟକ୍ତିର ପ୍ରଣିଧାନର ବସ୍ତୁ। ଉଦାହରଣ ସ୍ୱରୂପ, ବମ୍ବେ ଉତ୍ତର ଡିଭିଜନ୍ ଅଣମୁସଲମାନ ଗ୍ରାମୀଣ ବ୍ୟବସ୍ଥାପକ ନିର୍ବାଚନମଣ୍ଡଳୀର ସଦସ୍ୟ ମିଷ୍ଟର ଏନ୍.ଏନ୍.ଅଙ୍କଲେସରିଆ ଶ୍ରଦ୍ଧାଞ୍ଜଳିରେ ବ୍ୟକ୍ତ କରିଥିଲେ, “ସଭାପତି ମହାଶୟ, ଅତୀବ ବିଦାରକ କଥା ଏହି ଯେ ଅଧିବେଶନର ତରଙ୍ଗବିହୀନ ବାତାବରଣ ଅନ୍ତିମ ବେଳାରେ ଏକ

Digitized by srujanika@gmail.com

ଶୋଚନୀୟ ବିଦାୟ ଏହାର ସମସ୍ତ ଶାନ୍ତ ପରିବେଶରେ କାଳିମାଘନର ପ୍ରଲେପ ବୋଳି ଦେଲା। ଆମ ସମସ୍ତଙ୍କ ପାଇଁ ମୃତ୍ୟୁ ଦିନେ ନା ଦିନେ ଆସିବ। ଆସିବ ନିଶ୍ଚୟ। କିନ୍ତୁ ମିଷ୍ଟର ମିଶ୍ରଙ୍କର ମୃତ୍ୟୁ ଏକ ଯନ୍ତ୍ରଣାଦାୟକ ଅବସ୍ଥାରେ ତାଙ୍କର ଗୃହ ଓ ପରିବାରଠାରୁ ବହୁଦୂରରେ ଘଟିଥିଲା। ଏହି ଗୃହର ବହୁ ସଦସ୍ୟ ଯେଉଁମାନେ ମିଷ୍ଟର ମିଶ୍ରଙ୍କୁ ଭଲ ଭାବରେ ଜାଣନ୍ତି ନାହିଁ, ସେମାନଙ୍କ ପାଇଁ ମିଷ୍ଟର ମିଶ୍ର ଜଣେ ଅବୋଧଗମ୍ୟ ବ୍ୟକ୍ତିତ୍ୱ ଭଳି ମନେହୋଇ ପାରନ୍ତି। କିନ୍ତୁ ଯେଉଁମାନେ ମିଷ୍ଟର ମିଶ୍ରଙ୍କୁ ଅତ୍ୟନ୍ତ ଘନିଷ୍ଠ ଭାବରେ ଜାଣନ୍ତି, ଯାହାଙ୍କ ଭିତରେ ମୁଁ ଜଣେ ବୋଲି ଦାବି କରି ପାରେ, ସେ ଜାଣନ୍ତି ମିଷ୍ଟର ମିଶ୍ର ମସ୍ତିଷ୍କ ଓ ହୃଦୟର ମହାନ ଗୁଣାବଳିରେ ଭରପୂର ଥିଲେ। ସେ ଜଣେ ବିରାଟ ବାଗ୍ମୀ କିମ୍ବା ରାଜନୀତିକ ବ୍ୟକ୍ତି ନ ଥିଲେ। କିନ୍ତୁ ଯାହା ହେଉଛି ବିରାଟ ରାଜନୈତିକ ନେତା ବା ବିରାଟ ବାଗ୍ମୀ ଅପେକ୍ଷା ବହୁଗୁଣେ ଶ୍ରେୟସ୍କର ସେ ତାହାହିଁ ଥିଲେ। ସେ ଥିଲେ ଜଣେ ସର୍ବତୋଭାବରେ ମଣିଷ। ବାଳୁତ ସୁଲଭ ସରଳ ହୃଦୟ। ସବୁବେଳେ ପ୍ରଶାନ୍ତ ହସ ହସ ଓ କାହାରି ଉପରେ ସାମାନ୍ୟ ବିରକ୍ତିର ଲେଶମାତ୍ର ସେ ପ୍ରକାଶକରୁ ନ ଥିଲେ ?

"ମହାଶୟ, ଇଂରେଜ ଭାଷା ଉପରେ ତାଙ୍କର ପୂରା ଦଖଲ ନ ଥିବା ଯୋଗୁଁ କେତେକ ମିଷ୍ଟର ମିଶ୍ରଙ୍କ ବିଷୟରେ ଭ୍ରମ ଧାରଣା ପୋଷଣକରିପାରି ଥାଆନ୍ତି। କିନ୍ତୁ ଅନ୍ୟ ପକ୍ଷରେ ହିନ୍ଦୁ ଦର୍ଶନ ଓ ହିନ୍ଦୁ ଧର୍ମ ଉପରେ ତାଙ୍କର ଅସାଧାରଣ ବ୍ୟୁତ୍ପତି ଥିଲା। ଅନେକଙ୍କୁ ଏ ସୂଚନା ଜଣାନଥିବ ଯେ ସେ ମୃତ୍ୟୁ ସମୟରେ ପୃଥିବୀର ବିଭିନ୍ନ ଧର୍ମ ଉପରେ ଏକ ତୁଳନାତ୍ମକ ଇତିହାସ ଲେଖାରେ ବ୍ୟାପୃତ ଥିଲେ। ସେ ଜଣେ ବାରିଷ୍ଟର ଥିଲେ; ସେ ଯେ ତାଙ୍କର ଭାଷାଭାଷୀ ଓ ପ୍ରଦେଶରେ ଜଣେ ବହୁ ମାନନୀୟ ବ୍ୟକ୍ତି ଥିଲେ ଏହାର ପ୍ରମାଣ ହେଉଛି ସେ ପ୍ରଥମ କେନ୍ଦ୍ର ବ୍ୟବସ୍ଥାପକ ସଭାର ଜଣେ ନିର୍ବାଚିତ ସଦସ୍ୟ ଥିଲେ ଓ କେବଳ ମାତ୍ର ଗୋଟିଏ ଭୋଟରେ ଜଣେ ସ୍ୱରାଜ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ନିକଟରେ ଦ୍ୱିତୀୟ କେନ୍ଦ୍ର ବ୍ୟବସ୍ଥାପକ ସଭା ଭୋଟରେ ହାରି ଯାଇଥିଲେ। ମହାଶୟ, ଧାର୍ମିକ ବିଶ୍ୱର ବିଷୟରେ ସେ ଅବଶ୍ୟ ରକ୍ଷଣଶୀଳ ଥିଲେ, କିନ୍ତୁ ତାଙ୍କର ଚିନ୍ତାଧାରା ଉଚ୍ଚକୋଟିର ପ୍ରଗତିଶୀଳତାରେ ପୂର୍ଣ୍ଣଥିଲା। ତାଙ୍କର କୁଳପାଟକ ଓ ଭାଷାଭାଷୀଙ୍କ ଭିତରେ ସେ ପ୍ରଥମକରି କଳାପାଣି ପାର ହୋଇ ଯିବା ପାଇଁ ଦୃଢ଼ ସାହସ କରିଥିଲେ। ଏତିକି କହିବା ପରେ ଆଜିର ଏହି ବେଦନାକୁଳ ସମୟରେ ମୋର ବେଶି କିଛି କହିବାପାଇଁ ଭାଷା ନାହିଁ। କେବଳ ଏତିକି ନିବେଦନ କରୁଛି; ମୋର ସେହି ବିଦାୟୀ ସହକର୍ମୀଙ୍କ ପାଇଁ ମୋର ସମ୍ମାନର ଅଭିବାଦନ ଜଣାଉଛି ଓ ତାଙ୍କର ଶୋକସନ୍ତପ୍ତ ପରିବାରଙ୍କୁ ଆମରି ସମବେଦନା ଓ ଶୋକୋଚ୍ଛ୍ୱାସ ଜଣାଇ ଦେବାକୁ ଆପଣଙ୍କୁ ଅନୁରୋଧ କରୁଛି।"

Digitized by srujanika@gmail.com

ପୃଥିବୀର ବିଭିନ୍ନ ଧର୍ମଧାରଣା ଉପରେ ଏକ ତୁଳନାତ୍ମକ ଇତିହାସ ସମ୍ବନ୍ଧରେ ଯେଉଁ ଏକ ଲେଖା ବିଶ୍ୱନାଥ ଲେଖିଥିବାର ମିଷ୍ଟର ଆଙ୍କଲେସରିଆଙ୍କର ଏହି ଘନିଷ୍ଠ ଭାଷଣରୁ ସ୍ପଷ୍ଟ ହେଉଛି, ତାହାର କୌଣସି ଚିହ୍ନବର୍ଣ୍ଣ ଆଉ ନାହିଁ। ଓଡ଼ିଶାର ଓ ଭାରତର ଦୁର୍ଭାଗ୍ୟ ଏହି ଯେ ଆମରି ଦେଶରେ ଏ ଭଳି ଲେଖା ଓ ପ୍ରବନ୍ଧର ମୂଲ୍ୟାଙ୍କନ କରିବା ତ ଦୂରର କଥା, ଏହାର ଭବିଷ୍ୟତ ଉପଯୋଗିତା ମଧ୍ୟ ବିଶେଷକରି ଶିକ୍ଷିତବର୍ଗଙ୍କ ଭିତରୁ ଅଧିକାଂଶ ବୁଝନ୍ତି ନାହିଁ। ବିଶ୍ୱନାଥଙ୍କ ପୂର୍ବରୁ ଓ ତାଙ୍କ ପରେ ବହୁ ମନସ୍ୱୀ, ଚିନ୍ତାନାୟକ ଓ ଜନନାୟକଙ୍କର ଚିନ୍ତାର କୃତି ବର୍ତ୍ତମାନ ଆମରି ଜାତିର ବିଦ୍ୟାଭଣ୍ଡାରରେ ନାହିଁ। ବରଂ ସାମନ୍ତବାଦର ମଧ୍ୟଯୁଗରେ ଓଡ଼ିଶାରେ ଯେଉଁ ବିଦ୍ୱାନ, କବି, ସାହିତ୍ୟିକ, ଦାର୍ଶନିକ ଓ ଆଳଙ୍କାରିକମାନେ ଭାରତୀୟ ସାହିତ୍ୟର ମୁଖ ଉଜ୍ଜ୍ୱଳ କରିଗଲେ ସେମାନଙ୍କର ଅଧିକାଂଶ କୃତି ଓଡ଼ିଆ-ବାହାରର ବହୁ ଦୂରଦ୍ରଷ୍ଟା ଗବେଷକଙ୍କର ଗବେଷଣା ଫଳରେ ଲୋକଲୋଚନକୁ କିଞ୍ଚିତ ପରିମାଣରେ ଆସି ପାରିଛି। ଯାହା ଅପ୍ରକାଶିତ ରହିଯାଇଛି, ପ୍ରକାଶିତ ତୁଳନାରେ ସେ ସବୁ ଅପରିମେୟ, ବିରାଟ। ଏତିକି ମାତ୍ର ସାନ୍ତ୍ୱନା, ବିଶ୍ୱନାଥଙ୍କର ସେହି କୃତି ଏହି ବିରାଟତା ଭିତରେ ହିଁ ଲୁଚି ଯାଇଛି।

କେବଳ 'ବିଭିନ୍ନ ଧର୍ମର ତୁଳନାତ୍ମକ ବିଚାର' ପୁସ୍ତକ ବିଷୟରେ ନୁହେଁ; କଲିକତା 'ଷ୍ଟେଟସ୍‌ମ୍ୟାନ'ଙ୍କର ଅନ୍ତିମ ତର୍ପଣରେ ପ୍ରକାଶ ପାଇଥିଲା "ମିଷ୍ଟର ମିଶ୍ର ଗ୍ରେଜ୍-ଇନ୍-ର ଜଣେ ବାରିଷ୍ଟର ଥିଲେ ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ସୃଷ୍ଟି ପାଇଁ ଚାଲିଥିବା ଆନ୍ଦୋଳନର ଜଣେ ଅଗ୍ରଦୂତ ଥିଲେ। ଆପଣାର ପହିଲି ଜୀବନ କାଳରେ ଇଂଲଣ୍ଡରେ ସେ ବିଲାତର ବ୍ରିଟିଶ ମିଉଜିୟମ (ସଂଗ୍ରହାଳୟ) ରେ ଓଡ଼ିଆ ଜନଗଣଙ୍କର ଇତିହାସ, ସେମାନଙ୍କର ଅଧୁନାତନ ଅଞ୍ଚଳ ଇତ୍ୟାଦି ବିଷୟ ଅଧ୍ୟୟନରେ ବହୁ ସମୟ ନିୟୋଜିତ କରିଥିଲେ। ତାହାଙ୍କର ଏହି ବହୁକାଳବ୍ୟାପୀ ସାଧନା ତାଙ୍କର ଏକ ପୁସ୍ତକ A short History of Ancient Utkal (ପ୍ରାଚୀନ ଉତ୍କଳର ସଂକ୍ଷିପ୍ତ ଇତିହାସ)ରେ ସନ୍ନିବିଷ୍ଟ କରିଥିଲେ। ଏହାକୁ ଅତି ଶୀଘ୍ର ପ୍ରକାଶ କରିବା ପାଇଁ ସେ ଆଶା କରିଥିଲେ।"

ବ୍ୟବସ୍ଥାପକ ସଭାର ସେହି ଶୋକ ପ୍ରସ୍ତାବ ଅଧିବେଶନରେ ଏହି ତଥ୍ୟଟି ମଧ୍ୟ ପ୍ରକାଶ ପାଇଥିଲା। ଏହାକୁ ଉତ୍‌ଥାପନ କରିଥିଲେ ଏକଦା ମୋତିଲାଲ ନେହେରୁଙ୍କର ସ୍ୱରାଜ ଦଳର ତୁଙ୍ଗନେତା ଅଭିଜ୍ଞ ବ୍ୟବସ୍ଥାପକ ବାଗ୍ମୀବୀର ରୋହିଲାଖଣ୍ଡ ଓ କୁମାୟୁନ ଡିଭିଜନର ଅଣମୁସଲମାନ ଗ୍ରାମୀଣ ନିର୍ବାଚନ ମଣ୍ଡଳୀର ସଦସ୍ୟ ସି.ଏସ୍. ରଙ୍ଗାଆୟାର। ଗଭୀର ଶୋକପୂର୍ଣ୍ଣ ବାଷ୍ପାକୁଳ କଣ୍ଠରେ ସେ ଆରମ୍ଭ

Digitized by srujanika@gmail.com

କଲେ "ମହାଶୟ, ମୁଁ ଓ ମୋର ପାର୍ଟିକୁ ମୁଁ ବର୍ତ୍ତମାନ ଏଠାରେ ଗୃହର ମାନ୍ୟବର ଦଳପତି ଓ ସ୍ୱାଧୀନ ପାର୍ଟିର ଦଳପତିଙ୍କର ସମସ୍ତ ବେଦନା ସହିତ ସାମିଲ କରୁଛି । ଏକ ସପ୍ତାହ ତଳେ ମିଷ୍ଟର ମିଶ୍ର ମୋର ସେସିଲ ହୋଟେଲରେ ଥିବା ପ୍ରକୋଷ୍ଠକୁ ତାଙ୍କର ନୂତନ ପ୍ରସ୍ତକର ପାଣ୍ଡୁଲିପି ଘେନି ଆସିଥିଲେ । ସେ ମୋତେ ତାହାକୁ ପରୀକ୍ଷା କରି ପ୍ରକାଶଯୋଗ୍ୟ କରିଦେବା ଲାଗି ଅନୁରୋଧ କରିବାକୁ ଆସିଥିଲେ । ମୁଁ ସେତେବେଳେ ତିଳେ ମାତ୍ର ଧାରଣା କରିନଥିଲି ଯେ ତାହାର ଏକ ସପ୍ତାହ ପରେ ମୋତେ ଏଇ ସଭାର ଚଟାଣ ଉପରେ ଏପରି ଜଣେ ସତ୍ୟସାଧକ, ଉତ୍ତମ ଲୋକର ମହାପ୍ରୟାଣ ବିଷୟରେ ମୋର ମନୋଭାବ ପ୍ରକାଶ କରିବାକୁ ପଡ଼ିବ । କିମ୍ବା ମୋତେ ଗତକାଲି ଯାହା ମୁଁ କଲି ତାହା ଅର୍ଥାତ୍ ମୂଷଳଧାରା ବର୍ଷା ତଳେ ତାଙ୍କରି ଚିତାଗ୍ନି ସମ୍ମୁଖରେ ଛିଡ଼ା ହେବାକୁ ପଡ଼ିବ ।

"ସେ ଏପରି ଜଣେ ବରେଣ୍ୟ ବ୍ୟକ୍ତି, ସିଏ ଯାହାର ସଂପର୍କରେ ଆସିଛନ୍ତି ତାହାକୁ ମୁଗ୍ଧ କରିଛନ୍ତି । ତାଙ୍କର ସୌଜନ୍ୟ, ଉତ୍ତାପହୀନ ହାବଭାବ, ଆଉ ସର୍ବୋପରି ତାଙ୍କର ହାସ୍ୟରସିକତାର ଅସରନ୍ତି ଭଣ୍ଡାର ତାଙ୍କୁ ରାଜନୀତିର କଠୋର କର୍କଶ କ୍ଷେତ୍ରରେ ଏକ ଶ୍ରେଷ୍ଠତମ ବନ୍ଧୁଭାବରେ ପ୍ରତିଭାତ କରିଥିଲା । ବିଶେଷତଃ ରାଜନୀତି କ୍ଷେତ୍ରରେ ଯେଉଁଠି ବନ୍ଧୁଙ୍କ ସଂଖ୍ୟା ବିରଳ × × × × ।"

କେବଳ ହିନ୍ଦୁ ସମ୍ପ୍ରଦାୟର ସଦସ୍ୟମାନଙ୍କର ଶୋକୋଚ୍ଛ୍ୱାସ ଯେ ତାଙ୍କର ମୃତ୍ୟୁ ପରର 'ଭଲ-ମନ୍ଦ ବାଣୀ'ର ସାକ୍ଷୀ ତାହା ନୁହେଁ, ତାଙ୍କ ପରି ସଂସ୍କାରନିଷ୍ଠ ଓ କେତେକ କ୍ଷେତ୍ରରେ ରକ୍ଷଣଶୀଳ ହିନ୍ଦୁଙ୍କ ପ୍ରତି ମୁସଲମାନ, ଇଉରୋପିଆନ ଖ୍ରୀଷ୍ଟିଆନ୍ ସଦସ୍ୟମାନଙ୍କର ଯେଉଁ ମନୋଭାବ ଥିଲା ତାହା ମଧ୍ୟ ଲକ୍ଷ୍ୟଣୀୟ । ଉଦାହରଣ ସ୍ୱରୂପ ନବାବ ମେଜର ମାଲିକ (ଉତ୍ତର ପଞ୍ଜାବ ମୁସଲମାନ ନିର୍ବାଚନ ମଣ୍ଡଳୀ) କହିଥିଲେ, "ମହାଶୟ, ମୁଁ ମୋର ପାର୍ଟି ତରଫରୁ ଓ ମୋର ନିଜ ତରଫରୁ ପୂର୍ବବର୍ତ୍ତୀ ବକ୍ତାମାନଙ୍କର ବକ୍ତବ୍ୟ ସହିତ ଆପଣାକୁ ସମ୍ବନ୍ଧ କରୁଛି ।" ମୋର ସେଦିନ କାଲିପରି ମନେ ଅଛି; ଯେଉଁଦିନ ମୁଁ ପ୍ରଥମେ ଏହି ସଭାଗୃହରେ ପ୍ରବେଶ କଲି । ମିଷ୍ଟର ମିଶ୍ର ତାଙ୍କର ଓଡ଼ିଶାର ପୃଥକ୍ ପ୍ରଦେଶ ଗଠନ ଯୋଜନାରେ ତାଙ୍କୁ ସାହାଯ୍ୟ କରିବାକୁ ମୋତେ ଅନୁରୋଧ କରିଥିଲେ ଓ ମୁଁ ତାଙ୍କୁ ସ୍ୱୀକୃତି ଦେଇଥିଲି । ତାଙ୍କର ଧୀର ଓ ଆଡ଼ମ୍ବରଶୂନ୍ୟ ସ୍ୱଭାବ ଥିଲା; ତାଙ୍କର ମସ୍ତିଷ୍କ ଓ ହୃଦୟର ଗୁଣରାଜି ମହାନ୍ ଥିଲା । ତା'ପରେ ମହାଶୟ, ଏବେ ସେ ଦିନ ଭାରତୀୟ ସୈନ୍ୟ ବାହିନୀର ଭାରତୀୟକରଣ ବିଷୟରେ ତାଙ୍କର ବକ୍ତୃତା ଶେଷରେ ଗୃହରୁ ବାହାରି ଆସିଲାବେଳେ ମୋତେ କହିଥିଲେ ଯେ ତାଙ୍କର ସେ ଦିନର ଗୁରୁତର ପୀଡ଼ା ଯୋଗୁଁ ସେ ତାଙ୍କର ବକ୍ତୃତାକୁ ଆଶାନୁରୂପ କରିପାରି ନ ଥିଲେ । ଅତ୍ୟନ୍ତ ଦୁର୍ଭାଗ୍ୟର କଥା, ଯେ ସେ ତାଙ୍କର

Digitized by srujanika@gmail.com

ପ୍ରିୟତମ ଯୋଜନା ଫଳବତୀ ହେବାର ସ୍ୱଚକ୍ଷୁରେ ଦେଖିପାରିଲେ ନାହିଁ ଓ ନୂତନ ବ୍ୟବସ୍ଥାରେ ଆପଣାର ଭାଗ ନେବାରୁ ବଞ୍ଚିତ ହୋଇଗଲେ।

ମହାଶୟ, ଆମ୍ଭେମାନେ ସମସ୍ତେ ଜଣେ ବିଶ୍ୱସ୍ତ ବନ୍ଧୁଙ୍କର ବିୟୋଗରେ ପ୍ରକୃତରେ କାତର ହୋଇପଡ଼ୁଛୁଁ। ସେ ଜଣେ କର୍କଶ ପ୍ରସ୍ତର ପିହିତ ରତ୍ନ ଥିଲେ। × × ×

ବ୍ୟବସ୍ଥାପକ ସଭାର ଇଉରୋପିଆନ ଦଳର ନେତା ସାର୍ ଲେସଲି ହଡସନଙ୍କର ଅବଶୋଷ ଥିଲା ଏହି ଯେ ମିଷ୍ଟର ମିଶ୍ରଙ୍କର ଜୀବନବ୍ୟାପୀ ସାଧନା 'ଉତ୍କଳ ଦେଶ ମିଶ୍ରଣର' ଫଳ ଫଳିଲା ବେଳକୁ କାଳ ତାଙ୍କୁ ସମୟ ଦେଲା ନାହିଁ। ସେ ମଧ ମନ୍ତବ୍ୟ କରିଥିଲେ ଯେ ତାଙ୍କର ଅମାୟିକ ଉଦାର ହାବଭାବରେ ସେ ସାରାଗୃହରେ ସଦସ୍ୟମାନଙ୍କର ମନକୁ ଜୟ କରିଥିଲେ। ତାଙ୍କୁ ଆମେ ସମସ୍ତେ ହରାଇ ସବୁବେଳେ ଖୋଜିବୁ। ବମ୍ବେ ସହରର ପାର୍ସି ସଭ୍ୟ ବିଖ୍ୟାତ୍ ଉଦାରନୀତିକ ନେତା ସାର୍ କଓ୍ୱାସଜି ଜାହାଙ୍ଗୀରଙ୍କର ବକ୍ତବ୍ୟ ଥିଲା "ସଭାପତି ମହୋଦୟ, ମୋ ତରଫରୁ ଓ ମୋର ପାର୍ଟି ତରଫରୁ ମୁଁ ଗୃହର ଦଳପତିଙ୍କର ସମସ୍ତ ଭାଷଣର ପ୍ରତିଧ୍ୱନି କରୁଛି। ମିଷ୍ଟର ମିଶ୍ର ଏହି ସଭା ଗୃହର ଏପରି ଏକ ସଦସ୍ୟ ଥିଲେ ଯିଏ ଆପଣାର ନୀରବ, ଆଡ଼ମ୍ବରହୀନ ସ୍ୱଭାବରେ ସମସ୍ତଙ୍କୁ କିଣି ନେଇଥିଲେ। ଆମ ଭିତରେ ତାଙ୍କର ଜଣେ କେହି ବିରୋଧୀ ନଥିଲେ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଥିଲା ତାଙ୍କ ଜୀବନର ଶ୍ରେଷ୍ଠତମ ବ୍ରତ ତାହା ସଂପୂର୍ଣ୍ଣ ହୋଇଛି। କିନ୍ତୁ ସେ ତାଙ୍କ ପ୍ରଦେଶରେ ଜଣେ ଗଭର୍ଣ୍ଣର-ଇନ କାଉନ୍‌ସିଲଙ୍କର ଅଧିଷ୍ଠାନ ମରଚକ୍ଷୁରେ ଦେଖି ପାରିଲେ ନାହିଁ, ଏତିକି ଅବଶୋଷ ରହିଗଲା। ମୁଁ ଜାଣିଛି ମିଷ୍ଟର ମିଶ୍ର ତାଙ୍କର ଗୋଟିଏ ଇତିହାସ ଲେଖିଥିଲେ ଯାହାକୁ ଭବିଷ୍ୟତରେ ଆମ୍ଭମାନଙ୍କର ଅଧ୍ୟୟନ କରିବାର ସୁଯୋଗ ମିଳିବ। ମିଷ୍ଟର ମିଶ୍ର ତାଙ୍କର ପ୍ରଦେଶଗତ ପ୍ରାଣ ଥିଲେ ଓ ତାଙ୍କର ନିର୍ବାଚନ ମଣ୍ଡଳୀର ସୁଖ ଦୁଃଖ ଅତି ବିଶ୍ୱସ୍ତଭାବରେ ଏଠାରେ ଉପସ୍ଥାପିତ କରୁଥିଲେ। କୌଣସି ଗୋଟିଏ ଘଟଣାର ବକ୍ତୃତାରେ ସେ କେବେ ଓଡ଼ିଶାକୁ ଓ ଓଡ଼ିଶାର ସମସ୍ୟାକୁ ଭୁଲିଥିବାର ମୁଁ ଜାଣେ ନାହିଁ। ଆମ୍ଭେମାନେ ଅତ୍ୟନ୍ତ ମର୍ମାହତ ଯେ ତାଙ୍କର ଅନ୍ତ୍ୟେଷ୍ଟିରେ ଆମ୍ଭେମାନେ କାଲି ଉପସ୍ଥିତ ରହିପାରିଲୁ ନାହିଁ। ଆମେ ଠିକ୍ ସମୟରେ ଖବର ପାଇଥିଲେ ନିଶ୍ଚିତ ଭାବରେ ସେଥିରେ ଯୋଗଦେଇଥାଆନ୍ତୁ। ମୁଁ ଆପଣଙ୍କୁ ଅନୁଯୋଗ କରୁଛି ଯେ ଆପଣ ତାଙ୍କର ଶୋକାଭିଭୂତ ପରିବାରବର୍ଗଙ୍କୁ ଆମର ଗଭୀର ସମବେଦନା ଜଣାଇ ଦେବେ।

ବିହାର ଓଡ଼ିଶା ପ୍ରଦେଶର ଜଣେ ପ୍ରତିନିଧି ହିସାବରେ ବିହାର ଓଡ଼ିଶାର ଜମିଦାର ମଣ୍ଡଳୀର ସଦସ୍ୟ ମିଷ୍ଟର ଭୂପତ ସିଂହ ତାଙ୍କର ପୂର୍ବବର୍ତ୍ତୀ ବକ୍ତାମାନଙ୍କର

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳିରେ ଆପଣାକୁ ସଂଯୁକ୍ତ କରି କହିଥିଲେ "ମହାଶୟ, ମିଷ୍ଟର ମିଶ୍ର ଓଡ଼ିଶାର ଏକ ବହୁ ସମ୍ମାନିତ ବ୍ରାହ୍ମଣ ପରିବାରର ସନ୍ତାନ ଥିଲେ। ଓଡ଼ିଶାର ଜନସାଧାରଣ ତାଙ୍କ ନିକଟରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ତାଙ୍କର ଅଦମ୍ୟ ନିଷ୍ଠା ଓ ପ୍ରାଣପାତ ଅଧ୍ୟବସାୟ ପାଇଁ ଚିରଦିନ ଋଣୀ ରହିବେ। ସେ ଜଣେ ମହାନ୍ ଆତ୍ମା ଥିଲେ। ଏକ ବ୍ରାହ୍ମଣ ଭଳି ବ୍ରାହ୍ମଣ ଥିଲେ। ସରଳ ଜୀବନ ଓ ଉଚ୍ଚ ଚିନ୍ତାର ସେ ପ୍ରତୀକ ଥିଲେ। ମୁଁ ଗଭୀର ଭାବରେ ମର୍ମାହତ ଯେ ଓଡ଼ିଶାର ପ୍ରାଚୀନ ଇତିହାସ ଓ ପ୍ରାଚୀନ ସଂସ୍କୃତି ଉପରେ ତାଙ୍କର ସ୍ୱରଚିତ ପୁସ୍ତକ ଯାହା ସେ ପ୍ରାୟ ପ୍ରଣୟନ କରି ସାରିଥିଲେ ତାହାର ପ୍ରକାଶ ଦେଖିପାରିଲେ ନାହିଁ। ଏହା ଥିଲା ତାଙ୍କ ଜୀବନର ତୁଙ୍ଗ ଅଭିଳାଷ। ସେ ଓଡ଼ିଆ ଭାଷାରେ ଜଣେ ଧୂରିଣ ପଣ୍ଡିତ ଥିଲେ।"

ବିଶ୍ୱନାଥଙ୍କ ଘନିଷ୍ଠତମ ସହକର୍ମୀ ଓ ଉତ୍କଳ ଦେଶମିଶ୍ରଣର ଜଣେ ନିଷ୍ଠାପର ସମର୍ଥକ ମିଷ୍ଟର ଗୟାପ୍ରାସଦ ସିଂହ ଶୋକବିହ୍ୱଳ ମର୍ମସ୍ପର୍ଶୀ ଭାଷାରେ କହିଥିଲେ "ମହାଶୟ, ଅନ୍ୟାନ୍ୟ ବକ୍ତାମାନେ ମୋ ପୂର୍ବରୁ ମିଷ୍ଟର ମିଶ୍ରଙ୍କ ସମ୍ବନ୍ଧରେ ଯାହାସବୁ କହିଗଲେ ସେଥି ସହିତ ମୁଁ ସଂପୂର୍ଣ୍ଣ ଏକମତ। ମୋର ସ୍ପଷ୍ଟ ସ୍ମରଣ ଅଛି ଯେତେବେଳେ ମିଷ୍ଟର ମିଶ୍ର ରକ୍ତଚାପର ବେଦନାରେ ଅଥୟ ହେଉଥାନ୍ତି ମୁଁ ତାଙ୍କୁ ବାରମ୍ବାର ଅନୁରୋଧ କରିଥିଲି ସିମଲା ଛାଡ଼ି ଦକ୍ଷିଣର ସମଶୀତଳ ଅଞ୍ଚଳକୁ ବାହାରିଯିବାକୁ। ଏପରିକି ମୁଁ ମୋର ବନ୍ଧୁ ଡାକ୍ତର ଜଲାଲଙ୍କୁ ମଧ୍ୟ ଅନୁରୋଧ କରିଥିଲି ଯେ ସେ ମିଷ୍ଟର ମିଶ୍ରଙ୍କୁ କହନ୍ତୁ ଯେପରି ମିଷ୍ଟର ମିଶ୍ର ସିମଲା ଛାଡ଼ି ବାହାରିଯିବେ। କିନ୍ତୁ କର୍ତ୍ତବ୍ୟ ପ୍ରତି ଏକାନ୍ତ ନିଷ୍ଠା ତାଙ୍କର ଏତେ ପ୍ରବଳ ଥିଲା ଯେ କହିବାକୁ ଗଲେ ସେ ଆପଣାର କର୍ମସ୍ଥଳରେ ହିଁ ଟଳି ପଡ଼ିଲେ।

ମହାଶୟ, ମିଷ୍ଟର ମିଶ୍ର ଏକ ସ୍ନେହୀ ବ୍ୟକ୍ତି ଓ ବନ୍ଧୁବତ୍ସଳ ଥିଲେ। ପ୍ରତ୍ୟେକ ବୈଠକରେ ଯୋଗ ଦେବାରେ ସେ ଥିଲେ ଅତ୍ୟନ୍ତ କର୍ତ୍ତବ୍ୟବ୍ରତୀ। ଏହି ଶିକ୍ଷା ତାଙ୍କଠାରୁ ଆମ ଭିତରେ ଅନେକେ ଗ୍ରହଣ କରିବା ଉଚିତ।"

ବିହାରର ତ୍ରିହୁତ ଡିଭିଜନ ମୁସଲମାନମଣ୍ଡଳୀର ସଦସ୍ୟ ମୌଲବି ମହମ୍ମଦ ଶାଫି ଦାଉଦ ଦୁଃଖପ୍ରକାଶ କରିଥିଲେ ଯେ ମିଷ୍ଟର ମିଶ୍ରଙ୍କର ଶେଷ ଦର୍ଶନରୁ ସେ ବଞ୍ଚିତ ହୋଇଗଲେ। ତାଙ୍କର ଖରାପ ସ୍ୱାସ୍ଥ୍ୟ ସତ୍ତ୍ୱେ ମଧ୍ୟ ସେ ଯଦି ଠିକ୍ ସମୟରେ ସମ୍ବାଦ ପାଇଥାନ୍ତେ ତେବେ ସେ ନିଶ୍ଚୟ ମିଷ୍ଟର ମିଶ୍ରଙ୍କର ଶେଷକୃତ୍ୟ ଦେଖିବାର ସୌଭାଗ୍ୟ ତ୍ୟାଗ କରିନଥାନ୍ତେ। ଓଡ଼ିଶାର ଯେଉଁ କ୍ଷତି ଘଟିଲା ତାହା ଅପୂରଣୀୟ। ଓଡ଼ିଶା ଲୋକଙ୍କର ମିଷ୍ଟର ମିଶ୍ରଙ୍କ ଉପରେ ଯେଉଁ ଗଭୀର ଆସ୍ଥା ଓ ବିଶ୍ୱାସ ଥିଲା ତାହା ଯେ କୌଣସି ଦେଶପ୍ରେମୀକୁ ଉଦ୍‌ବୁଦ୍ଧ କରିବ।

Digitized by srujanika@gmail.com

ଗୃହର ନେତା ମାନ୍ୟବର ସାର୍ ଜୋସେଫ ଭୋର ଅଧିବେଶନର ଆରମ୍ଭ ଭାଷଣରେ କହିଥିଲେ "ମହାଶୟ, ମୃତ୍ୟୁ ଅତ୍ୟନ୍ତ ଦାରୁଣ। ଆକସ୍ମିକତାରେ ଆଉଜଣେ ସଭାସଦ୍ ସଦସ୍ୟଙ୍କୁ ଟାଣି ନେଇଯାଇଛି। ମିଷ୍ଟର ମିଶ୍ର, ମୋର ଧାରଣା ପ୍ରଥମ ବ୍ୟବସ୍ଥାପକ ସଭାର ଓ ତୃତୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ଥିଲେ। ଓଡ଼ିଶାର ଦାବୀ ବିଷୟରେ ତାଙ୍କର ଐକାନ୍ତିକ ବାଗ୍ମିତା କଥା ମୁଁ ବ୍ୟକ୍ତିଗତଭାବରେ କଦାପି ବିସ୍ମୃତ ହେବି ନାହିଁ। ଦୁଃଖର କଥା, ତାଙ୍କର ଅଭିଳାଷ ସଂପୂର୍ଣ୍ଣ ହେବା ମୁହୂର୍ତ୍ତରେ ସେ ଆମ୍ଭମାନଙ୍କଠାରୁ ବିଦାୟ ନେଇଗଲେ। ଯିଏ କାଲିପର୍ଯ୍ୟନ୍ତ ଆମ ସାଙ୍ଗରେ ଥିଲେ, ତାଙ୍କ ବିଷୟରେ ଆଉ ବେଶୀ କିଛି କହିବା ମୋ ପକ୍ଷର ଅନାବଶ୍ୟକ। ମୋର କେବଳ ଏତିକି କହିବାର କଥା ତାଙ୍କର ଧୀର ଓ ଅନାଡ଼ମ୍ବର ଉପସ୍ଥିତି ସମସ୍ତଙ୍କର ପ୍ରୀତି ଓ ଶ୍ରଦ୍ଧାର ଅଧିକାରୀ ହୋଇଥିଲା। ମୁଁ ଆପଣଙ୍କୁ ଅନୁରୋଧ କରିବି ଯେ ତାଙ୍କର ପରିବାର ସ୍ୱଜନଙ୍କୁ ଆପଣ ମୋର ଗଭୀର ଶୋକାନୁଭୂତି ଓ ସମବେଦନା ଜଣାଇ ଦେବେ।"

ସଦସ୍ୟମାନଙ୍କର ଶୋକାନୁଭୂତି ଓ ଶ୍ରଦ୍ଧାଞ୍ଜଳିର ଶେଷରେ ସଭାପତି ମାନ୍ୟବର ସାର୍ ସମ୍ମୁଖମ୍ ଚେଟ୍ଟି କହିଥିଲେ "ଆମରି ବିଗତ ସହକର୍ମୀ ମିଷ୍ଟର ବି.ଏନ୍.ମିଶ୍ରଙ୍କର ସ୍ମୃତି ପ୍ରତି ଯେଉଁ ଶ୍ରଦ୍ଧାଞ୍ଜଳି ଏଠାରେ ଅର୍ପିତ ହେଲା ସେଥିରେ ମୁଁ ଏହି ଆସନାଧ୍ୟକ୍ଷଙ୍କର ଗଭୀର ସମ୍ମତି ଜଣାଇବାକୁ ଚାହେଁ। ମିଷ୍ଟର ମିଶ୍ର ଏହି ସଭାଗୃହର ସବୁ ଅଂଶର ସଦସ୍ୟଙ୍କର ସ୍ନେହଭାଜନ ହୋଇପାରିଥିଲେ। ଏହି ସଭାରେ ତାଙ୍କର ନିୟମିତ ଉପସ୍ଥିତି ତାଙ୍କର କର୍ତ୍ତବ୍ୟନିଷ୍ଠାର ଯଥେଷ୍ଟ ପ୍ରମାଣ ଦେଇଛି। ତାଙ୍କର ଏହି କର୍ତ୍ତବ୍ୟ ନିଷ୍ଠା ଆମ ସମସ୍ତଙ୍କ ପାଇଁ ଏକ ଆଦର୍ଶ ହେଉ। ବିଷାଦମୟ ଅବସରରେ ତାଙ୍କର ଶୋକାପ୍ଳୁତ ପରିବାରର ବ୍ୟକ୍ତିମାନଙ୍କୁ ଆମର ଗଭୀର ବିଚ୍ଛେଦର ବେଦନା ଓ ସହାନୁଭୂତି ଜ୍ଞାପନକରିବା ମୋର ଅବଶ୍ୟ କର୍ତ୍ତବ୍ୟ ହେବ।"

Digitized by srujanika@gmail.com

କେନ୍ଦ୍ର ବ୍ୟବସ୍ଥାପକଙ୍କ ଗହଣରେ ବିଶ୍ୱନାଥ ମିଶ୍ର ୧୭ ମାର୍ଚ୍ଚ ୧୯୩୨

Digitized by srujanika@gmail.com

ବେଳା ସମ୍ମୁଖରେ

(ଏକ)

ସେପ୍ଟେମ୍ବର ଊଣାଇଶ ତାରିଖ, ୧୯୩୩। ଓଡ଼ିଶାଠାରୁ ବହୁଦୂରରେ ହିମାଳୟର କଟିଦେଶରେ ଅବସ୍ଥିତ ସିମଲା। ସେଠାରେ ହିନ୍ଦୁ ହୋଟେଲର ସାମୟିକ ଆବାସିକ ଓଡ଼ିଶାର ମିଷ୍ଟର ବିଶ୍ୱନାଥ ମିଶ୍ର। ସେହିଠାରେ ଶରତର ହିମ ପ୍ରଭାତରେ ତାଙ୍କର ମୃତ୍ୟୁ। ବର୍ଷଣମୁଖର ଅପରାହ୍ନରେ ସେଠାକାର ବ୍ରାହ୍ମଣ ପଣ୍ଡିତମାନେ ତାଙ୍କର ଶବଶିବିକା ବହନ କରିନେଲେ। ସବୁ ଧର୍ମର, ସବୁ ଭାଷାର ହିନ୍ଦୁ, ବୌଦ୍ଧ,ଶିଖ, ମୁସଲମାନ, ଖ୍ରୀଷ୍ଟିଆନ ସେଇ ଅଶ୍ରୁଳ ଶରତ, ଅପରାହ୍ନରେ ହିନ୍ଦୁ ହୋଟେଲଠାରୁ ଘରିମାଇଲ ଦୂର ସଞ୍ଜୋଲି ଶ୍ମଶାନରେ ତାଙ୍କର ଚିତାଗ୍ନି ପାଖରେ ଦଣ୍ଡାୟମାନ ରହିଲେ। ଏମାନେ ଥିଲେ ପ୍ରାୟ ସମସ୍ତେ ତାଙ୍କର ସହକର୍ମୀ, ସଦସ୍ୟ କୁମାର ଗୁପ୍ତେଶ୍ୱର ପ୍ରସାଦ, ଭାଇ ପରମାନନ୍ଦ ରାୟବାହାଦୂର, ବି.ଦତ୍ତ, ମିଷ୍ଟର ସି.ଏସ୍. ରଙ୍ଗାଆୟାର, ମିଷ୍ଟର ତାରକ ପାଉଲ, ମିଷ୍ଟର ଅବଦୁଲ ମାଟିନ ଚୌଧୁରୀ ଓ ଡକ୍ଟର ଜିଆଉଦ୍ଦିନ। ବହୁ ସଦସ୍ୟ ଏହି ସମ୍ବାଦ ପାଇଲା ବେଳକୁ ତାଙ୍କର ମରଦେହ ଭସ୍ମୀଭୂତ ହୋଇ ସାରିଥିଲା।

ସେତେବେଳକୁ ୧୯୩୩ ସାଲର ସିମଲା ଅଧିବେଶନ ଶେଷପ୍ରାୟ। ବିଶ୍ୱନାଥ କଟକ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଥିଲେ। ସେଦିନ ସେ ବ୍ୟବସ୍ଥାପକ ସଭାକୁ ଯାଇ ନ ଥା'ନ୍ତେ। ରକ୍ତଚାପର କ୍ଲେଶରୁ ରକ୍ଷାପାଇବା ପାଇଁ ସେ ପୁରୀର ଶୀତଳ ନାରୀକେଳ ଛାୟାଘନ ଆପଣାର ଜନ୍ମମାଟି ସମସରପୁରକୁ ଫେରିବାର ଉପକ୍ରମ କରୁଥିଲେ। ଆଗରେ ଦୁର୍ଗାପୂଜା ଦଶହରା। ସେ ଦିନ ମହାଳୟା ଅମାବାସ୍ୟା, ପିତୃପକ୍ଷର ତର୍ପଣ ପାଇଁ ସାମୟିକ ଶ୍ମଶ୍ରୁବନ୍ତ ହେବାର ଦରକାର ନ ଥାଏ। କାରଣ ଏଥି ପୂର୍ବରୁ ସେ ଚିରକାଳ ଶ୍ମଶ୍ରୁବନ୍ତ ହୋଇ ସାରିଥିଲେ।

ସ୍ନାନଘରରେ ତାଙ୍କର ଯେ ହଠାତ୍ କାହିଁକି ଷ୍ଟ୍ରୋକ୍ ହେଲା ବା ବେରାମ ଉକୁଟ ହେଲା ଏକଥା ମଧ୍ୟ ଏପର୍ଯ୍ୟନ୍ତ ଅଗୋଚର। ତେବେ ଏହି ବେମାରି କ'ଣ କେବଳ ଶାରୀରିକ ଥିଲା ? ତାଙ୍କର ମୃତ୍ୟୁ ପୂର୍ବରୁ ଏବଂ ପରେ ବହୁ ଶ୍ରୁତ ଓ ବିଶ୍ରୁତ ବ୍ୟକ୍ତି ଏଭଳି ସ୍ନାନାଗାର ଭିତରେ ପ୍ରବେଶକରି ଆଉ ଜୀବନ ଧରି ଫେରି ନାହାନ୍ତି।

Digitized by srujanika@gmail.com

ଭାରତର ଜଣେ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ସୁଦୂର ତାସକେନ୍ଦ ସହରରେ ଏକ ଭାତୃଘାତୀ ଯୁଦ୍ଧର ସମାଧାନ ପାଇଁ ଶାନ୍ତି ପ୍ରସ୍ତାବ ସ୍ୱାକ୍ଷରକରି କେତେ ଘଣ୍ଟା ଭିତରେ ଟଳି ପଡ଼ିଥିଲେ। ମନୁଷ୍ୟର ହେତୁ ହେଲା କାଳରୁ ଇତିହାସରେ ଏପରି ଭୂରି ଭୂରି ନଜୀର ରହିଛି।

ହିନ୍ଦୁ ହୋଟେଲର ପରିବେଶ ପିତୃପକ୍ଷର ବିଶ୍ୱଦେବା, ତିଳତର୍ପଣ ଓ ଗାୟତ୍ରୀ ପାଇଁ ଅନୁକୂଳ ନ ଥିଲା। ତେଣୁ ସେ ସ୍ନାନଘରରେ ହିଁ ଆପଣାର ଆସନ ଓ ଆହ୍ନିକ ଶେଷ କରୁଥିଲେ। ନୈଷ୍ଠିକ ବ୍ରାହ୍ମଣର ସେବକାଳରେ ତାହାହିଁ ରୀତି ଥିଲା। ବ୍ୟବସ୍ଥାପକ ସଭାରେ ତାଙ୍କର ସହକର୍ମୀ ଜଣେ ଶୋକବିହ୍ୱଳ ସ୍ୱରରେ ଶ୍ରଦ୍ଧାଞ୍ଜଳି ଦେଲାବେଳେ କହିଥିଲେ "ସେ ଜଣେ ବ୍ରାହ୍ମଣ ଥିଲେ। ବ୍ରାହ୍ମଣ ପରି ବ୍ରାହ୍ମଣ ଥିଲେ।" ସ୍ନାନ ଘରେ ତାଙ୍କର ତର୍ପଣ ଇତ୍ୟାଦି କିପରି ଶେଷ ହୋଇଥିଲା, ଜଣା ନାହିଁ, ସାକ୍ଷୀ କେହି ନାହିଁ।

ବିଛଣାରୁ ଉଠିଲା ପରେ ତାଙ୍କୁ ଦୃଶ୍ୟ ହୋଇଥିବ ଓଡ଼ିଶା। ସେ ଓଡ଼ିଶା କ'ଣ ତାଙ୍କର ଏତେ ଦିନର ଅଧ୍ୟବସାୟର ବାଞ୍ଛିତ ଓଡ଼ିଶା! ସେଠାରେ କଟକ ସହରରେ ସେତେବେଳକୁ ତୁମୂଳ ବାଦବିବାଦ। ଦଳେ ଡାକଫୁକାର କରି ଘୋଷଣା କରୁଛନ୍ତି ପାରଳା ମିଳୁ ନ ମିଳୁ, ଜୟପୁର ଆସୁ ନ ଆସୁ ସ୍ୱତନ୍ତ୍ର ପ୍ରଦେଶ ଆସୁ। ଆଉ ଦଳେ ସମସ୍ୱରରେ ଧ୍ୱନି ତୋଳୁଛନ୍ତି ଯଦି ପାରଳା ଓ ଜୟପୁର ସମସ୍ଥାନ ନ ମିଳେ ତେବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଲୋଡ଼ାନାହିଁ। ଏହି ଅନ୍ଧାରୀ ଗହଳ ଭିତରେ ଦେଶ ମିଶ୍ରଣ ବା ଓଡ଼ିଶା ପ୍ରଦେଶ ଗଠନ ଆଉ ମୂଳ କଥା ନୁହେଁ। ଯାହା ଆସୁଛି; ତାହା ଗୋଟାପଣେ ଆସୁ ବା ଖଣ୍ଡିତଭାବରେ ଆସୁ ସେଥିରେ ଆମେ ଯେପରି ମିଶିଯାଉ। ଆଉ ସମସ୍ତଙ୍କୁ ଗଧିଆ ଖାଉ। ଆମେ ଯଦି ଏହି ନୂତନ ପ୍ରଦେଶରେ ସାମିଲ ହୋଇଯାଉ ତେବେ କିରାନୀ ହେବ ସେକ୍ରେଟାରୀ, ଜିଲ୍ଲାବୋର୍ଡ଼ ଚେଆରମ୍ୟାନ ହେବେ ମନ୍ତ୍ରୀ। ପାଟଣାର ଦପ୍ତର ପରି କଟକ ସହରରେ ଦପ୍ତର ବସିବ। ଜଜ୍‌କୋର୍ଟ ହେବ ହାଇକୋର୍ଟ, କଲେଜ ହେବ ବିଶ୍ୱବିଦ୍ୟାଳୟ। ସେଥିରେ ଆପଣାର ସ୍ଥାନ ବାଛିବା ପାଇଁ ପ୍ରଚଣ୍ଡ ଟଣାଟଣି। କବିବର ରାଧାନାଥଙ୍କର ଦରବାର କାବ୍ୟର ସଭାମଞ୍ଚ :

ସଭାମଞ୍ଚେ କିଆଁ ଏତେ ଲୋକ ଠିଆ ?
ଲାଗିଅଛି ପରା ଆସନ କଜିଆ !

Digitized by srujanika@gmail.com

(ଦୁଇ)

ସେଣେ ଗଣ ଆନ୍ଦୋଳନ ଶିଥିଳ ପ୍ରାୟ । ଜେଲଖାନାର ରାଜବନ୍ଦୀମାନେ ମୁକ୍ତିର ଦିନ ଗଣୁଛନ୍ତି । ଗାନ୍ଧିଜୀ ଅଗଷ୍ଟ ମାସ ଶେଷରେ ଜେଲଖାନାରୁ ମୁକୁଳି ପୂରାପୂରି ହରିଜନ କାର୍ଯ୍ୟରେ ଲାଗିବାପାଇଁ ଭାରତବର୍ଷ ବ୍ୟାପୀ ହରିଜନ ଗସ୍ତ ଆରମ୍ଭ କରିବାର ମସୁଧା କରୁଥାଆନ୍ତି । କଂଗ୍ରେସର ସଭାପତି କଳସ ଢ଼ାଳିବ ବାବୁ ରାଜେନ୍ଦ୍ରଙ୍କର ମଥାରେ ।

୧୯୩୪ ମସିହାର ଜୁଲାଇ ବେଳକୁ ଚତୁର୍ଥ ବ୍ୟବସ୍ଥାପକସଭାର ଆୟୁଷ ସରିଯିବ । ତା'ପରେ ବିଶ୍ୱନାଥଙ୍କର କର୍ମପନ୍ଥା କ'ଣ ହେବ ? ଯେଉଁ ପରିସ୍ଥିତି ଯୋଗୁଁ ସେ ତୃତୀୟ ଓ ଚତୁର୍ଥ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ ସେ ପରିସ୍ଥିତି ନାହିଁ । ଗଣ ଆନ୍ଦୋଳନ ଶିଥିଳ ହୋଇ ଆସିଲେ ସାମ୍ବିଧାନିକ ପନ୍ଥା ଅନୁସୃତ ହୁଏ । ଏହା ହିଁ କଂଗ୍ରେସୀ ରିଓ୍ୱାଜ । ତେଣୁ ଜେଲ ଫେରନ୍ତା ବୀର ସତ୍ୟାଗ୍ରହୀମାନେ ତୁମୂଳ ବିକ୍ରମରେ ବ୍ୟବସ୍ଥାପକ ସଭାରେ ପ୍ରବେଶ କରିବା ନିଶ୍ଚିତ । ତେଣୁ କେନ୍ଦ୍ର ନିଷିଦ୍ଧ; ପ୍ରଦେଶ ଭବିଷ୍ୟତର ଗର୍ଭରେ । ଯଦିବା ଆସେ ! କେତେକାଳ ପରେ ଓ କିପରି ଆସିବ ତାହା ବି କଳ୍ପନାର କଥା ।

ତଥାପି ବ୍ୟବସ୍ଥାପକ ସଭା ତ ସର୍ବମୋକ୍ଷ ଦାତା ନୁହେଁ । ଆନ୍ଦୋଳନ ତ ରହିଛି । ତେବେ କାହାପାଇଁ ଆନ୍ଦୋଳନ ? ସେଥିରେ ସାଥୀ କେଉଁମାନେ ? ଦେଶ ମିଶ୍ରଣ ସରିଲାପରେ ଯାହା ଅବଶିଷ୍ଟ ରହିଲା ତାହା ପାଇଁ ଆନ୍ଦୋଳନର ଜୁଆର ଉଠିବା ସମ୍ଭବ କି ? ମଧୁବାବୁ ତ ପ୍ରାୟ ଅସ୍ତମିତ । ଗୋପବନ୍ଧୁ ତ ଯାଇଛନ୍ତି । ସମସ୍ତ ଓଡ଼ିଆକୁ ଏକତ୍ର କରିବାପାଇଁ ଏ ଦୁଇଜଣ ଥିଲେ, ଚିନ୍ତା ନ ଥିଲା । ରାଜା ରାଜୁଡ଼ାଙ୍କର ଆସନ କଳିଆକୁ ତୁଚ୍ଛ କରି ଓଡ଼ିଶାର ସ୍ୱାଭିମାନ ପାଇଁ ଲଢ଼େଇ କରାଯାଇ ପାରନ୍ତା । କିନ୍ତୁ ଏମାନେ ନ ଥିଲେ, ଦ୍ୱିଧାବିଭକ୍ତ ଦେଶମିଶ୍ରଣବ୍ରତୀ ଆନ୍ଦୋଳନକୁ ଏକତାବଦ୍ଧ କରି ହେବ କି ?

ଆକସ୍ମିକ ମୃତ୍ୟୁ ପୂର୍ବରୁ ଲାଲବାହାଦୂର ବେତାର ଟେଲିଫୋନ ଯୋଗେ ଦିଲ୍ଲୀକୁ ପ୍ରଶ୍ନ କରିଥିଲେ ପାକିସ୍ତାନ ସହିତ ଶାନ୍ତିଚୁକ୍ତିର ପ୍ରତିକ୍ରିୟା କ'ଣ ? ଉତ୍ତର ଆସିଥିଲା, ଆପଣ ଆଗ ଶୀଘ୍ର ଆସନ୍ତୁ । ବିଶ୍ୱନାଥ କିନ୍ତୁ କାହାକୁ କିପରି ପ୍ରଶ୍ନ କରିବେ । ଏବେ କ'ଣ କରିବାକୁ ହେବ ? ଶୀଘ୍ର କଟକ କିମ୍ବା ନୂଆ ସମସରପୂରକୁ ଫେରିଲେ ଏହି ରକ୍ତଚାପ ପୀଡ଼ିତ ମୁଣ୍ଡଟିକୁ ତ କୌଣସିଠାରେ ଥୋଇ ଦେଇ ଫେରି ପାରିବେ ନାହିଁ । 'ଯେଣେ ଇଚ୍ଛା ତେଣେ ଯା, ଏ କର୍ମ ଘେନି ବୁଲୁଥା' ।

Digitized by srujanika@gmail.com

ବର୍ଙ୍ଗ ସିମଲା ଥିଲା, ଭଲ ଥିଲା । ଏ ତ ସରିଥିଲା । ଏଠାରେ ଉଷ୍ଣମ ଘରର ଘରାଗଛ ପରି ବଢ଼ି କୁଢ଼ି ନେତା ହୋଇଥିବା କେତେ ରଥୀ, ମହାରଥୀ । ଏମାନେ ଆସନ୍ତା ବର୍ଷେ ପରେ କାଗଜ ଖିଲାଣ ପରି କାହିଁ ମାଟିରେ ମିଳେଇଯିବେ ? ସମ୍ମୁଖମ୍ ଚେଟି, ରାମସ୍ୱାମୀ ମୁଦାଲିଅର, ହରି ସିଂହ ଗୌର, ହୁଏତ ଜଣେ ଦୁଇଜଣ ଯୋଗାଡ଼ଯନ୍ତ୍ର କରି ଚଳି ପଶି କଂଗ୍ରେସର ଛତ୍ର ଛାୟାର ଆଶ୍ରା ନେଇପାରନ୍ତି । ରାଜନୀତିର ଗୟାରାମ ଆୟାରାମ, ଏମାନେ ମୁଷ୍ଟିମେୟ, ବାକୀ ସମସ୍ତଙ୍କ ପାଇଁ ? ଇତିହାସର ଖତକୁଢ଼ ।

(ତିନି)

ସନାତନ ବୈଦିକ ବ୍ରାହ୍ମଣ ବିଶ୍ୱନାଥ । ଯଜ୍ଞୋପବୀତ ଉପରେ ତାଙ୍କର ଗଭୀର ସ୍ୱାଭିମାନ । ବିଲାତରେ ସୁଦ୍ଧା ଭାରତୀୟ ବେଶରେ ରାଜା ପଞ୍ଚମଜର୍ଜଙ୍କୁ ସାକ୍ଷାତ କରିବାର ପରମ୍ପରା ସିଏ ପକାଇଥିଲେ । ତା'ପରେ ଆସିଲେ ତୁଙ୍ଗର ତୁଙ୍ଗିମା ମହାତ୍ମାଗାନ୍ଧୀ; ଦ୍ୱିତୀୟ ଗୋଲଟେବୁଲ ବୈଠକ ବେଳେ କୌପିନଧାରୀ ଗାନ୍ଧିଜୀ ପଞ୍ଚମଜର୍ଜଙ୍କର କରମର୍ଦ୍ଦନ କରିଥିଲେ । ସେହି ସ୍ୱାଭିମାନ ! ସେହି ପରମ୍ପରା ।

ତାଙ୍କର ଦୀକ୍ଷାଗୁରୁ ରାମକୃଷ୍ଣ ପରହଂସଙ୍କର ଉପଦେଶ ଥିଲା "ପ୍ରବାହିତ ହୁଅ । ଯିଏ ଯେଉଁଠି ଅଛ, ପ୍ରବାହିତ ହୁଅ । ସେହି ଗୋଟିଏ ମହାସାଗର ମୁଖରେ ପ୍ରବାହିତ ହୁଅ । ସମସ୍ତେ ଶେଷରେ ସେଇଠି ବିଲୀନ ହେବା । ଗତି ପଥରେ ଯିଏ ବି ଆସୁ, ତାହାକୁ ଏକାକାର କରି ପ୍ରବାହିତ ହୁଅ ।" ଏହି ବାକ୍ୟ କେବଳ ସନାତନ ଧର୍ମୀ ପାଇଁ ସତ୍ୟ ନ ଥିଲା । ଥିଲା ସବୁ ଧର୍ମ ପାଇଁ, ସେହି ସତ୍ୟକୁ ସେ ଆପଣାର ଜୀବନରେ ପାରୁପର୍ଯ୍ୟନ୍ତ ପାଳନ କରି ଆସୁଛନ୍ତି । ସେ ପ୍ରବାହିତ ହୋଇଛନ୍ତି । ଉଚ୍ଚ ନୀଚ, ବ୍ରାହ୍ମଣ ଚଣ୍ଡାଳର ଭେଦ ରଖି ନାହାନ୍ତି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନର ପ୍ରଭେଦ ମାନି ନାହାନ୍ତି । ସେହି ପ୍ରବାହର ଧାରା ଏବେ କ'ଣ ଅଟକି ଯିବ ?

"ଆପଣାକୁ ଜଳବାହୀ ନୌକା ସମ ଜ୍ଞାନ କର ।" ଏହା ଥିଲା ସେହି ଗୁରୁବାକ୍ୟ । ଯେପରି ଜଳରେ ନୌକା ବହିଯାଏ ଠିକ୍ ସେପରି ଏ ସଂସାରରେ ବହିଯାଅ । ଜଳ ଛଡ଼ା ନୌକାର ଅର୍ଥ ନାହିଁ । ଏ ସମାଜ ସଂସାର ଛଡ଼ା ମନୁଷ୍ୟର ଅର୍ଥ ନାହିଁ, "ତେଣୁ ଗାର୍ହସ୍ଥ୍ୟ ଗ୍ରହଣ କର । ଏଥିରେ ଲଜ୍ଜିତ ହେବାର କିଛି ନାହିଁ ।" ହେଲେ ନୌକା ଯଦି ଆପଣା ଭିତରେ ଜଳର କିଛି ଅଂଶ ଗ୍ରହଣ କରିନିଏ ତେବେ ନୌକାର କର୍ତ୍ତବ୍ୟ ସରିଯିବ, ନୌକା ବୁଡ଼ିଯିବ । ତେଣୁ ଆପଣା ଭିତରକୁ ସଂସାରକୁ

Digitized by srujanika@gmail.com

ପ୍ରବେଶ କରିବାକୁ ଦିଅନାହିଁ। ତେବେ ତୁମର କର୍ତ୍ତବ୍ୟ ସରିଯିବ, ତୁମେ ବୁଡ଼ି ଯିବ।

ପ୍ରବାହ ସମ ଆପଣାର ପୁତ୍ର କନ୍ୟାମାନଙ୍କୁ ସେ ଅଗ୍ରସର କରିବାକୁ ଦେଇଥିଲେ। ଯିଏ ଯେତେ ବାଟ ଗଲା, ଯାଉ କେଉଁଠି କିନ୍ତୁ ଥକି ରହ ନାହିଁ। ପରିବାର, ଆତ୍ମୀୟ ସ୍ୱଜନ ସଭିଙ୍କ ପାଇଁ ଥିଲା ସେହି ଗୋଟିଏ ପଦ୍ଧତି। ବଡ଼ ଭାଇଙ୍କ ପୁଅ ମହଦେବ ମିଶ୍ର ଡ଼ାକ୍ତର ହେଲେ, ତାଙ୍କର ହାତ ଯଶ ଥିଲା। ସେ ପ୍ରବାହିତ ହୁଅନ୍ତୁ। ଆପଣାର ଜ୍ୟେଷ୍ଠ ପୁତ୍ର ନୀଳକଣ୍ଠ ରେଳବାଇରେ ଟିକଟ ତଦାରଖକାରୀ ହେଲେ। ଯେତେ ପାଠ ପଢ଼ିଲେ, ଯାହା ବିଦ୍ୟା ହାସଲ କଲେ, ସେଥିପାଇଁ ସେ କୌଣସି ଉଚ୍ଚାଭିଳାଷ ରଖି ନ ଥିଲେ। ଏବେ ଯୁବକ ଗୋପାଳ ଆଉ କିଶୋର ବୟସର ତିନୋଟି ପୁତ୍ର-ବୀର, ରାଜ, ପ୍ରତାପ-ବଡ଼ ଝିଅ ସତୀ ବିବାହିତା। ଝିଆରୀମାନେ ସମସ୍ତେ ଯେଝା ସଂସାର କରିଗଲେ। ବାକୀ ଯେଉଁମାନେ ରହିଗଲେ? କିଶୋର, ବାଳକ?

ଟିକିଏ ଦୁର୍ବଳତା ଆସିଥିବ ଏମାନଙ୍କୁ ସଂସାରରେ ପ୍ରାୟ ଅନାଥ କରି ଛାଡ଼ି ଯାଉଛି, କ'ଣ କରିବି? ଏମାନେ କ'ଣ ଆପଣା ପଥରେ ପ୍ରବାହିତ ହୋଇପାରିବେ ନାହିଁ? ଏମାନଙ୍କୁ ସାହାଯ୍ୟ କରିବାକୁ ମୋର ବା କି ସାମର୍ଥ୍ୟ ପଛକୁ ବଳି ପଡ଼ିବ, ଯାହା ଘେନି ମୁଁ ଏମାନଙ୍କର ସହାୟ ହେବି? ଓକିଲାତି, ବାରିଷ୍ଟରୀ?

ମନେପଡ଼ିଲା, ଗୁରୁଭାଇ ସ୍ୱାମୀ ବିବେକାନନ୍ଦ କହିଥିଲେ, "ମନୁଷ୍ୟର ମହାନ୍ ସତ୍ତାର ବିରାଟତାକୁ ଦେଖି ବିସ୍ମିତ ହୁଅ ନାହିଁ। ଆପଣାକୁ କ୍ଷୁଦ୍ର ମନେ କର ନାହିଁ। ମନେ ରଖ ତୁମେ ଏକ ଅନନ୍ତ ମହାସାଗର। ତୁମେ ସେହି ମହାସାଗରର ସତ୍ତା। ତୁମ ଭିତରେ ବୁଦ୍ଧ, ଯୀଶୁ, ମହମ୍ମଦ ତରଙ୍ଗ ମାତ୍ର।"

ଥରେ ସେହି ମହାସାଗରରୁ ଉତ୍‌ଥିତ ହେଲା ପରେ ଆଉ ଥରେ ତାହାରି ଭିତରକୁ ବୁଡ଼ିବାକୁ ଯିବା କ'ଣ ଠିକ୍ ହେବ। (ଓହୋଃ ରକ୍ତଚାପର ଅସହ୍ୟ ଯନ୍ତ୍ରଣା) ତେଣୁ ଓକିଲାତି ପାଇଁ ପୁଣି ପଛକୁ ଚାହିଁବା ଅସମ୍ଭବ।

(ଚାରି)

ସହଧର୍ମିଣୀ କମଳା। ହଁ, କମଳା। ହିନ୍ଦୁ ନାରୀର ପତି ପରମଗୁରୁ। ପତି ଧର୍ମ, ଅର୍ଥ,କାମ, ମୋକ୍ଷ। ପତି ବିନା ଅନ୍ୟ ଗତି ନାହିଁ। ହିନ୍ଦୁ ବ୍ରାହ୍ମଣ ସମାଜର ସେଇଠି ସ୍ଥିତି.... ସହକର୍ମୀମାନଙ୍କର ସମସ୍ତ ବିଦ୍ରୂପ ସତ୍ତ୍ୱେ ତେଣୁ ସେ ବାଲ୍ୟ ବିବାହ ନିରୋଧ ଆଇନର ବିରୋଧୀ ଥିଲେ। ବିଧବା ସ୍ତ୍ରୀକୁ ସମ୍ପତ୍ତିର ଅଧିକାର ଦେବାର

Digitized by srujanika@gmail.com

ବିରୋଧୀ ଥିଲେ। ସ୍ତ୍ରୀ ସ୍ୱାଧୀନତା ଚାହିଁ ଥିଲେ ସତ; କିନ୍ତୁ ସ୍ତ୍ରୀକୁ ସ୍ୱାମୀର ଅର୍ଦ୍ଧାଂଶ ହିସାବରେ। ସ୍ୱାମୀର କାଳ ହୋଇ ଗଲେ ସ୍ତ୍ରୀ ରହିବ ତା'ର ଅବଶିଷ୍ଟାଂଶର ଅବଶେଷ। ସ୍ତ୍ରୀର ବୈଧବ୍ୟ ବ୍ରତ ଭିତରେ ସ୍ୱାମୀର ଅମରତ୍ୱ। ଏହାହିଁ ସନାତନୀ ପରିକଳ୍ପନା ବୋଲି ତାଙ୍କର ବିଶ୍ୱାସ ଥିଲା।

କମଳାଙ୍କ ପିଢ଼ିର ସ୍ତ୍ରୀଙ୍କ ପାଇଁ ଏକଥା ଚଳିଯିବ। କିନ୍ତୁ ପଛରେ ଆସୁଛି ଏକ ବୁଭୁକ୍ଷୁ ପିଢ଼ି Hungry generation। ସ୍ତ୍ରୀ ଯେ ସ୍ୱାମୀର ସହଧର୍ମିଣୀ। ସ୍ୱାମୀର ନୀତି, ମତ, ଚିନ୍ତାର ସହଯୋଗୀ ଏକଥା ସିନା ଏବେ ସମ୍ଭବ; କାରଣ ନାରୀ ହିନ୍ଦୁ ବିଗ୍ରହରେ ଏକ ସହଯୋଗୀ। କିଏ କହିଥିଲାଟି The beauty of a Hindu's life is that love follows marriage. (ହିନ୍ଦୁ ଜୀବନର ସେହି ଶୋଭା-ବିବାହ ପରେ ପ୍ରେମ) ବିବାହ ପରସ୍ପରର ସାନିଧ ପରେ, ପରସ୍ପରକୁ ଚିହ୍ନିଲା ପରେ, ସେମାନେ ପରସ୍ପର ସହିତ ପରିପୂରକ ହେବାକୁ ପ୍ରସ୍ତୁତ ହୁଅନ୍ତି। କିନ୍ତୁ ଏ କଥାତ ହିନ୍ଦୁ ଧର୍ମର ବେଡା ଜାଲରେ ଛନ୍ଦି ହୋଇଥିବା ଗାନ୍ଧିଜୀ ବି ରଖିପାରିଲେ ନାହିଁ। ବାରମ୍ବାର କସ୍ତୁରବାଙ୍କ ଉପରେ ଆପଣାର ଶାସନଦଣ୍ଡ ଜାହିର ରଖିଲେ। ତେବେ କମଳା?

କମଳା ସହିଯିବେ। ଦୀକ୍ଷା ଓ ସଂସାରର ଅଚ୍ଛେଦ୍ୟ ବିଧାନ ଯୋଗୁଁ। କିନ୍ତୁ ତାପରେ? ତାପରେ କିପରି ଜୀବନ କଟିବ? ସେ ବେଳର ହଜାରିବାଗ ଜେଲର ରାଜବନ୍ଦୀ ଗୋପବନ୍ଧୁ ଯେଉଁ ଦୁଇଟିକୁ ସବୁଠାରୁ ବଡ଼ ପାପ-ଅପରାଧ ବୋଲି କହିଥିଲେ 'ପର ଧନରେ ଲୋଭ' ଆଉ 'ପର ନାରୀର ସ୍ପର୍ଶ' ଏହାହିଁ ଥିଲା ସାତ୍ତ୍ୱିକ ଗାର୍ହସ୍ଥ ବ୍ରାହ୍ମଣର ନିଷ୍ଠା।

ବିଲାତରେ ସେତ ପ୍ରତ୍ୟକ୍ଷଦର୍ଶୀ। ସେଠାରେ ନାରୀ ପୁରୁଷର ଅନୁରୂପକ ନୁହେଁ... ପ୍ରତିଯୋଗୀ। ଅର୍ଦ୍ଧାଙ୍ଗ ନୁହେଁ ସଂପୂର୍ଣ୍ଣ। ସେହି ଅନୁକ୍ରମରେ ସେମାନଙ୍କର ଧର୍ମସଂସ୍କାର ବିବାହ। ତେଣୁ କେତେକ ସର୍ତ୍ତରେ ଏକ ଚୁକ୍ତି; ତାହା ପ୍ରଜାପତି ବିଧାତାର ଅନୁଶାସନରେ ବନ୍ଧା ନୁହେଁ। ଯେପରି ନିରାମିଷାଶୀର ଘରେ ବାଳୁତ ପିଲା ଆମିଷ ପାଇଁ କ୍ରନ୍ଦନ କରେ ନାହିଁ କାରଣ ସେ ଜାଣେ ନାହିଁ ଆମିଷଟା ଖାଦ୍ୟ ବୋଲି। ଠିକ୍ ସେପରି ଉଚ୍ଚବର୍ଣ୍ଣ ଘରରେ ସ୍ତ୍ରୀ ବିବାହ ବିଚ୍ଛେଦ ପାଇଁ ବ୍ୟାକୁଳ ହୁଏ ନାହିଁ। କାରଣ ସେ ଜାଣେ ନାହିଁ ବିବାହ ପରେ ମୃତ୍ୟୁ ଛଡ଼ା ବିଚ୍ଛେଦର ଅବକାଶ ଅଛି ବୋଲି। ନାରୀ ପାଇଁ ତ ନିଷିଦ୍ଧ; ପୁରୁଷ ପାଇଁ ମଧ। ସେଥିପାଇଁ ଭାରତର ବହୁ ଜନନାୟକ ବିପତ୍ନୀକ-ଗୋପବନ୍ଧୁ, ଜବାହାରଲାଲ, ଗାନ୍ଧିଜୀ, ଶହଶହ ଅଜସ୍ର। ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା – ଯଦି ସ୍ତ୍ରୀ ସନ୍ତାନ ଦେଇ ଯାଇଛି ସେହି ଯଥେଷ୍ଟ। ତା'ପରେ ଅକାଳରେ ବି ବାନପ୍ରସ୍ଥ।

Digitized by srujanika@gmail.com

ସଂସାରରେ ରମଣୀୟ ଦୃଶ୍ୟ ଅନେକ। ବହୁ ବିଚିତ୍ର ଶୋଭାମୟ ଧରଣୀ। ଏଠାରେ ପ୍ରକୃତି, ନଦୀ, ପର୍ବତ, ଚିଲିକା..... ଛବିଳ ସଂସାର। ଲୋଭ ହୁଏ। ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ। "ମରିତେ ଚାଇନା ଆମି ସୁନ୍ଦର ଭୁବନେ, ମାନୁଷେର ମାଝେ ଶୁନ୍ଧୁ ବାଞ୍ଚିବାରେ ଚାଇ' (ରବୀନ୍ଦ୍ର ନାଥ)। ତଥାପି ତ ମନୁଷ୍ୟ ଏ ସଂସାର ଛାଡ଼େ। ନୂତନ ଆକର୍ଷଣ ଯୋଗୁଁ ଜଣେ ମଣିଷ ଆପଣାର ସାମାଜିକ ବିବାହ ବନ୍ଧନ ଛିନ୍ନ କରିବା ଯେପରି ଗର୍ହିତ ଏ ସେପରି ଗର୍ହିତ। ପୃଥିବୀର ବିଭିନ୍ନ ଧର୍ମର ଦର୍ଶନର ତୁଳନାତ୍ମକ ବିଚାରରେ ଏହାହିଁ ଥିଲା ତାଙ୍କର ନିଷ୍ପତ୍ତି। ଏହାଥିଲା ସବୁ ଧର୍ମମତର ଏକୀଭୂତ ସାରସ୍ୱତ୍ୱ। "ପ୍ରବାହିତ ହୁଅ। ବଦ୍ଧ ଜଳାଶୟ ହୁଅ ନାହିଁ। ଅନ୍ୟକୁ ପ୍ରବାହିତ ହେବାକୁ ଦିଅ। ସମସ୍ତେ ଏକ ମହାସାଗର ମୁଖରେ ଯିବା। ସେଥିପାଇଁ ନିଶ୍ଚିନ୍ତ ରହ।"

କିନ୍ତୁ; ଏ କଥା ହେବ ନାହିଁ। ଏହାର ସଙ୍କେତ ସୁସ୍ପଷ୍ଟ। ସାଂପ୍ରଦାୟିକ ସମସ୍ୟା, ହରିଜନ, ନାରୀର ସମାନ ଅଧିକାର, ସ୍ୱାର୍ଥର ଦାବୀ, କର୍ମନିଯୁକ୍ତି; ଆସୁଛି ଏକ ନୂତନ ମୂଲ୍ୟାଙ୍କନ Transvaluation of values. ଅତୀତର ସମସ୍ତ ମୂଲ୍ୟକୁ ଆଉଥରେ ନୂତନ ପରିବେଶରେ ତଉଲିବାର ସମୟ ଆସୁଛି। ତାକୁ ରୋକିବାର ସାଧ ନାହିଁ ତେଣୁ –

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ....

ତଥାପି ସଂସାରର ବନ୍ଧନ ଅତ୍ୟନ୍ତ ଟାଣ। ତାହା କ'ଣ ଛିଣ୍ଡି ଯିବ ? ଏତେ ବଡ଼ ବ୍ରହ୍ମଦର୍ଶୀ ବ୍ରାହ୍ମଧର୍ମର ପ୍ରବକ୍ତା ଭକ୍ତକବି ମଧୁ ରାଓ ଯିଏ ଗାଇ ପାରିଲେ –

ସେ ଅମୃତମୟ ବାଣୀର ଶ୍ରବଣେ
ନାଚଇ ଗଗନେ ତାରା
ଭବନେ ଭୁବନେ ବହଇ ଆନନ୍ଦେ
ଜୀବନେ ଜାହ୍ନବୀ ଧାରା ।

× × × ×

କାହିଁ ଯାଉଛୁ ତୁ କି ଶବଦ ପଛାତେ
ବୁଲୁଛୁରେ ହୋଇ ବାଇ
ଅଶବ୍ଦ ଶବଦ ମୁଁ ତୋ ପ୍ରାଣେ ଅଛି
ଶୁଣ ଶୁଣ ସଦାଧ୍ୟାୟୀ।

Digitized by srujanika@gmail.com

ସେ ପୁଣି କହି ପାରିଲେ "ବ୍ରାହ୍ମ ଧର୍ମ ମତରେ ହେଲେ ବି ନୀଚ ଜାତିର ଲୋକ ବ୍ରାହ୍ମଣକନ୍ୟାର ପାଣିଗ୍ରହଣ କରିବା ମହାପାପ, କୁଷ୍ଠବ୍ୟାଧି ଘୋଟିଯିବ।"

ସଂସାରର ବନ୍ଧନ ଛିଣ୍ଡିବାର ଥିଲେ ଛିଣ୍ଡୁ। ଆଗତ ପିଢ଼ି ଯାହା ଉଚିତ ଭାବିବ ତାହା କରିବ।

(ପାଞ୍ଚ)

ଆଜି ମହାଳୟା। ମନେ ପଡୁଛି ଦ୍ୱିତୀୟ ଗୋଲଟେବୁଲ ବୈଠକ ବେଳର କଥା। ମହାତ୍ମାଗାନ୍ଧୀ ବିଲାତରେ ଜିଗର ଲଗାଇ ଥାଆନ୍ତି ଜାତୀୟବାଦୀ ମୁସଲମାନଙ୍କ ଭିତରୁ ପ୍ରତିନିଧି ହିସାବରେ ଡ଼କ୍ଟର ଆନସାରି ଗୋଲଟେବୁଲକୁ ଆସନ୍ତୁ। ବ୍ରିଟିଶ ସରକାର ନଛୋଡ଼ବନ୍ଧା। ତାଙ୍କୁ ବହପ ଯୋଗାଇଥାଆନ୍ତି ମହମ୍ମଦ ଆଲି ଜିନ୍ନା। ଭାରତୀୟ ମୁସଲମାନ ଲିଗ୍‌ର ସଭ୍ୟ ଜାତୀୟବାଦରେ କୌଣସି ମୁସଲମାନଠାରୁ ନ୍ୟୁନ ନୁହେଁ। ତେଣୁ ଡକ୍ଟର ଆନ୍‌ସାରିଙ୍କର ବୈଠକରେ ସଭ୍ୟଭାବରେ ଯୋଗଦାନ କେବଳ ଅନାବଶ୍ୟକ ନୁହେଁ, ଅନ୍ୟାୟ ଓ ଗର୍ହିତ।

କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଏ ପ୍ରସଙ୍ଗ ଉତ୍‌ଥାପନ କରିବାକୁ ମୁସଲମାନମାନଙ୍କ ଭିତରୁ କେହି ଭରସିଲେ ନାହିଁ। ସେଠାରେ ଡକ୍ଟର ଆନସାରୀଙ୍କର ସମର୍ଥକ, ସମଚିନ୍ତକ ମୁସଲମାନ ଜଣେ ବି ନ ଥିଲେ।

ମିଷ୍ଟର ବି.ଏନ୍.ମିଶ୍ର ବେସରକାରୀ ପ୍ରସ୍ତାବ ଆଗତ କଲେ। "ଜାତୀୟବାଦୀ ମୁସଲମାନଙ୍କ ପ୍ରତିନିଧି ସ୍ୱରୂପ ଡକ୍ଟର ଆନସାରିଙ୍କୁ ଗୋଲଟେବୁଲକୁ ନିମନ୍ତ୍ରଣ କରାଯାଉ, ତାହା ନହେଲେ ବୈଠକର ଆଲୋଚନା ବିଘ୍ନିତ ହେବ।" ବିଶ୍ୱନାଥ ମିଶ୍ର ସେତେବେଳେ ଜାତୀୟବାଦୀ ଦଳର ସଭ୍ୟଭାବରେ ବ୍ୟବସ୍ଥାପକ ସଭାରେ ବସୁ ଥାଆନ୍ତି। ସଦସ୍ୟମାନେ ଟିକିଏ କୁତୁହଳି। ମିଷ୍ଟର ଓଡ଼ିଶା ନୈଷ୍ଠିକ ହିନ୍ଦୁ ହୋଇ କିପରି ଏପରି ପ୍ରସ୍ତାବ ଆଣିଲେ?

ମହାଳୟା ଶ୍ରାଦ୍ଧର ରୀତି ପଦ୍ଧତିକୁ ଉପଲକ୍ଷ୍ୟ ଦେଇ ବିଶ୍ୱନାଥ ସେଦିନ କହିଥିଲେ ହିନ୍ଦୁର ଶ୍ରାଦ୍ଧରେ ଆପଣାପର ଭେଦ ନ ଥାଏ। ଏପରିକି ଯେଉଁ ବ୍ୟକ୍ତି ନିଃସନ୍ତାନ ଯାହାର ଶ୍ରାଦ୍ଧ ପାଇଁ କୁଳଗୋତ୍ରର କେହି ନାହିଁ, ତାହାକୁ ମଧ୍ୟ ପିଣ୍ଡ ବାଢ଼ିବା ହେଉଛି ଉଦାର ହିନ୍ଦୁ ଧର୍ମ ରୀତି। ସେଥିପାଇଁ ମହାଳୟା ଶ୍ରାଦ୍ଧରେ ପ୍ରତ୍ୟେକ ହିନ୍ଦୁ ପ୍ରତିଜ୍ଞାଦୃଢ଼ ବ୍ରହ୍ମଚାରୀ ମହାରଥୀ ଭୀଷ୍ମଙ୍କ ପାଇଁ ମଧ୍ୟ ଶ୍ରାଦ୍ଧ ବାଢ଼େ। ସେହି ଦୃଷ୍ଟିରୁ ହିନ୍ଦୁ ଭାବରେ ମୋର ଡକ୍ଟର ଆନସାରିଙ୍କ ପାଇଁ କହିବାରେ ଧାର୍ମିକ ନଜୀର

Digitized by srujanika@gmail.com

ରହିଛି । ସଭାରେ ସେତେବେଳେ କେବଳ ମୁସଲମାନ ବିଭାଗ ଛଡ଼ା ଅନ୍ୟ ସବୁ ଆଡ଼ୁ ତୁମୂଳ ସାଧୁବାଦ ଉଠିଥିଲା ।

'ସୋମପା ପିତରଃ ତୃପ୍ୟନ୍ତାମ୍' ତର୍ପଣ ଶେଷ ହେଲା । ମହାରଥୀ ଭୀଷ୍ମଙ୍କ ଶରଶଯ୍ୟାରେ ସୂର୍ଯ୍ୟଙ୍କର ଉତ୍ତରାୟଣ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ଇଚ୍ଛାମୃତ୍ୟୁ । ସୂର୍ଯ୍ୟଙ୍କର ଏଥର ଦକ୍ଷିଣାୟନ ହେବାକୁ ଆଉ ତିନୋଟି ଦିନ ବାକୀ, ସେପ୍ଟେମ୍ବର ୨୨ ତାରିଖ ତେଣୁ ତାହାପୂର୍ବରୁ ମୃତ୍ୟୁକୁ ଆବାହନ କରିବା ପାଇଁ ଏହାହିଁ ପ୍ରକୃଷ୍ଟ ସମୟ । ଯନ୍ତ୍ରଣାକାତର ବିଶ୍ୱନାଥ ଆସନ ଛାଡ଼ି ଉଠିଲେ । "ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋ ନମଃ".... ହଠାତ୍ ଛିଡ଼ା ହେବାମାତ୍ରେ ଟଳି ପଡ଼ିଲେ ।

ବିଳମ୍ବ ଦେଖି କେହି– ଶୁଣାଶୁଣିରେ ତାଙ୍କର ସେକ୍ରେଟାରି ସ୍ନାନଘରର ଦୁଆର ଭିତରୁ ବନ୍ଦ ଥିବାରୁ ଦେଖି ସନ୍ଦେହରେ ତାହାକୁ ଖୋଲିବାକୁ ଚେଷ୍ଟା କରିଥିଲେ । କିପରି ଖୋଲା ହେଲା ସେ କଥା ବଡ଼ କଥା ନୁହେଁ । ଡାକ୍ତର ବି ଡକା ହୋଇ ଆସିଥିଲେ ।

କିନ୍ତୁ ସେତେବେଳକୁ 'ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ' ବେଳା ସ୍ପର୍ଶ କରି ବିଲୀନ ହୋଇ ଯାଇଥିଲେ ।

ସଂଜୋଲି ଶ୍ମଶାନ ଘାଟରେ ସେଦିନ ରଣାଙ୍ଗନରେ ଖସି ପଡ଼ିଥିବା ସେନାପତି ପରି ତାଙ୍କର ଶେଷ କ୍ରିୟା କରାଗଲା । ନିରାଡ଼ମ୍ବର ନିଃଶବ୍ଦ । 'ନ ବାଜିଲା କାହିଁ ବିଷାଦ ବାଜଣା, ନ ଗାଇଲେ କେହି ବିଷାଦ ଗୀତ ।' ଚିରଦିନ ଗର୍ବଉଦ୍ଧତ ମଉଳିକୁ କାଠର ଭାଡ଼ି ଉପରେ ଲମ୍ବିତକରି ଦିଆଗଲା । କରୁଣ ଯୁଦ୍ଧ କ୍ଷେତ୍ରର ସେନାନୀଙ୍କ ପରି । ଆକାଶରୁ ମେଘ କଦର୍ଥନା ହୋଇ କାନ୍ଦୁଥିଲା । ପ୍ରବଳ ବାରିପାତରେ ଛିଡ଼ା ହୋଇଥିଲେ ସହକର୍ମୀଗଣ । ସେହି ପ୍ରଚଣ୍ଡ ବାରିପାତରେ ମଧ ତାଙ୍କର ମରଦେହ ଭସ୍ମୀଭୂତ ହୋଇ ଯାଇଥିଲା । ଭୀଷ୍ମଙ୍କର ଶରଶଯ୍ୟା ଚତୁର୍ଦ୍ଦିଗରେ କୌରବ, ପାଣ୍ଡବ, କଳିଙ୍ଗ, ପାଂଚାଳ, ଚୋଳ, ଗୁର୍ଜର, ଗାନ୍ଧାର ନିର୍ବିଶେଷରେ ସମସ୍ତ ରଥୀ ମହାରଥୀ ଉପସ୍ଥିତ ରହିଲା ପରି ତାଙ୍କୁ ବେଢ଼ି ରହିଥିଲେ ବିଭିନ୍ନ ପାର୍ଟି,ଭାଷାର ଧର୍ମ ଲୋକେ ।

"ପୂର୍ବ ପଶ୍ଚିମ ଆଣେ ତବ ସିଂହାସନ ପାଶେ ପ୍ରେମହାର ହୟା ଗାଥା" ।

(ଛଅ)

ବି.ଏନ୍.ମିଶ୍ରଙ୍କର ମୃତ୍ୟୁ ସମ୍ବାଦର ପ୍ରଥମ ସୂଚନା ଓଡ଼ିଶାରେ ପହଞ୍ଚିଥିଲା ଷ୍ଟେଟସ୍‌ମ୍ୟାନ, ଆଡ଼ଭାନ୍‌ସ ଓ ବହ୍ମପୁରର ନିଉ ଓଡ଼ିଶା ଖବର କାଗଜ

Digitized by srujanika@gmail.com

ମାରଫତ୍‌ରେ । ସେତେବେଳେ ଭାରତର ଦୁଇ ଗୋଟି ସମ୍ବାଦ ସଂସ୍ଥା କାର୍ଯ୍ୟ କରୁଥିଲା । ପ୍ରଥମ ଆସୋସିଏଟେଡ୍ ପ୍ରେସ ଯାହା ସେତେବେଳେ ସରକାରୀ ଖବରର ପ୍ରତିଧ୍ୱନି କରୁଥିଲା । (ଏହି ସମ୍ବାଦ ସଂସ୍ଥା ପରବର୍ତ୍ତୀ କାଳରେ ରୟଟର ଓ ପ୍ରେସ ଟ୍ରଷ୍ଟ ଅଫ ଇଣ୍ଡିଆ – ପି.ଟି.ଆଇ ସଙ୍ଗେ ମିଶି ଯାଇଛି) ଅନ୍ୟଟି ଥିଲା ଜାତୀୟବାଦୀ ସଂବାଦ ସଂସ୍ଥା ୟୁନାଇଟେଡ୍ ପ୍ରେସ । ଆସୋସିଏଟେଡ୍ ପ୍ରେସର ସମ୍ବାଦ ପ୍ରତ୍ୟକ୍ଷଭାବରେ ଭାରତର ସରକାରୀ ସୂତ୍ରରୁ ମିଳୁଥିଲା । ନିଉ ଓଡ଼ିଶା ସେହି ସଂସ୍ଥାର ଟେଲିଗ୍ରାମ ଖବର ପରିବେଷଣ କରିଥିଲେ । 'ଆଡ୍‌ଭାନ୍‌ସ' ପତ୍ରିକାର ଖବର ଥିଲା ୟୁନାଇଟେଡ୍ ପ୍ରେସର । ଷ୍ଟେଟ୍‌ସମ୍ୟାନଙ୍କର ଖବର ତାଙ୍କର ସିମଳାସ୍ଥିତ ସ୍ୱତନ୍ତ୍ର ସମ୍ବାଦଦାତା ଦେଇଥିଲେ । (ସେ କାଳରେ ଏଭଳି ଷ୍ଟେଟସ୍‌ମ୍ୟାନ ସମ୍ବାଦଦାତାମାନେ ହୁଏତ ଉଚ୍ଚ ସରକାରୀ ଅଫିସର ଥିଲେ, ନଚେତ ଏପରି ପ୍ରଭାବଶାଳୀ ବ୍ୟକ୍ତି ହେଉଥିଲେ ଯାହାଙ୍କର ଦିନ ରାତି ଯେକୌଣସି ସମୟରେ ପ୍ରବଳ ପ୍ରତାପ ଗୋରା ନୌକରସାହୀ ସାହେବମାନଙ୍କ ନିକଟକୁ ଅବାରିତ ପ୍ରବେଶ ଥିଲା) ।

ଆସୋସିଏଟେନ୍ ପ୍ରେସର ସମ୍ବାଦର ଶିରୋନାମା ଥିଲା 'ଓଡ଼ିଶାର ଏମ୍.ଏଲ.ଏ ଙ୍କର ହଠାତ୍ ମୃତ୍ୟୁ' । ଏଥିରେ ଲେଖାଥିଲା "ମିଷ୍ଟର ମିଶ୍ର ତା' ପୂର୍ବଦିନ ବ୍ୟବସ୍ଥାପକ ସଭାରେ ଯୋଗ ଦେଇଥିଲେ ଓ ଖୁବ୍ କର୍ମଦକ୍ଷ ଥିଲେ କିନ୍ତୁ ହଠାତ୍ ହିନ୍ଦୁ ହୋଟେଲରେ ହୃତପିଣ୍ଡ କ୍ରିୟାର ଲୋପ ଯୋଗୁଁ ମରିଗଲେ । ଆଜି ସନ୍ଧ୍ୟାରେ ତାଙ୍କର ଶବଦାହ ପାଇଁ ଆୟୋଜନ କରାଯାଉଛି ।"

ୟୁନାଇଟେଡ୍ ପ୍ରେସର ସମ୍ବାଦର ଶିରୋନାମା ଥିଲା "ଓଡ଼ିଶାର ଦାରୁଣ କ୍ଷତି; ଏମ.ଏଲ.ଏଙ୍କର ଆକସ୍ମିକ ଜୀବନାବସାନ" । ଏଥିରେ ଲେଖାଥିଲା "ଗତ କେତେଦିନ ହେଲା ସେ ରକ୍ତଚାପରେ ପୀଡ଼ିତ ଥିଲେ; କିନ୍ତୁ ତାଙ୍କର ଅନ୍ତିମକାଳ ଯେ ଏତେ ସନ୍ନିକଟ ତାହା କାହାରି ଆଶଙ୍କାରେ ନଥିଲା । ଏପରିକି ଗତକାଲି ସେ ବ୍ୟବସ୍ଥାପକ ସଭାରେ ଯୋଗ ଦେଇଥିଲେ ଓ ଆଜି ସକାଳେ କେତେକ ବନ୍ଧୁଙ୍କୁ ଭେଟିଥିଲେ । ସ୍ନାନ କଲାବେଳେ ସେ ହଠାତ୍ ସଂଜ୍ଞାଶୂନ୍ୟ ହୋଇଗଲେ ଓ କୌଣସି ଡାକ୍ତରି ସାହାଯ୍ୟ ନେବା ପୂର୍ବରୁ ତାଙ୍କର ଜୀବନ ଦୀପ ଲିଭିଗଲା ।"

ଷ୍ଟେଟସ୍‌ମ୍ୟାନଙ୍କର ସିମଳା ପ୍ରତିନିଧିଙ୍କର ସମ୍ବାଦ ଶିରୋନାମା ଥିଲା "ଓଡ଼ିଶା ଆନ୍ଦୋଳନର ଅଗ୍ରଜାୟୀ ମିଷ୍ଟର ବି.ଏନ୍.ମିଶ୍ର ମୃତ ।" ଏଥିରେ ଲେଖାଥିଲା ମିଷ୍ଟର ମିଶ୍ର ହିନ୍ଦୁ ହୋଟେଲରେ ହୃତପିଣ୍ଡ କ୍ରିୟା ଲୋପ ଫଳରେ ମରିଗଲେ ।

ବ୍ୟବସ୍ଥାପକ ସଭାର ଗତକାଲି ଅଧିବେଶନରେ ସେ ତାଙ୍କର ଆସନାଧିଷ୍ଠିତ ଥିଲେ ।

Digitized by srujanika@gmail.com

ସେତେବେଳେ କଟକରୁ ପ୍ରକାଶିତ ହେଉଥିବା ସାପ୍ତାହିକ 'ସମାଜ' କଟକ, ସମ୍ବାଦ ପରିବେଷଣ କରି ବିଶ୍ୱନାଥ ମିଶ୍ରଙ୍କର ମୃତ୍ୟୁ ଖବର ପ୍ରଘର କରିଥିଲା। ଏହାଛଡ଼ା ବ୍ରହ୍ମପୁରର ଉତ୍କଳାଶ୍ରମଠାରେ ଶ୍ରୀଯୁକ୍ତ ଗଣେଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨୨ ତାରିଖ ସେପ୍ଟେମ୍ବର ଶୋକ ସଭାର ସମ୍ବାଦ ଓ ଜୟପୁରରେ ଶ୍ରୀଯୁକ୍ତ ହରିହର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨୪ ତାରିଖ ସେପ୍ଟେମ୍ବରର ଗୋଟିଏ ଶୋକ ସଭାର ସମ୍ବାଦ ପ୍ରକାଶ କରିଥିଲେ। ପ୍ରାକୃତିକ ଓ ରାଜନୈତିକ ଓଡ଼ିଶାର ଅନ୍ୟ ସ୍ଥାନରେ କୌଣସି ଶୋକ ସଭା ସମ୍ବାଦ ପ୍ରଘରିତ ହୋଇଥିବାର କୌଣସି ପ୍ରମାଣ ନାହିଁ। ତେବେ ଖୋଦ୍ କଟକ ସହରରେ ଶୋକ ସଭାଟିଏ ପାଳିତ ହୋଇଥିଲା କି ନାହିଁ ତାହାର ବି କୌଣସି ସମ୍ବାଦ କଟକରୁ ପ୍ରକାଶିତ ଉକ୍ତ ସାପ୍ତାହିକ 'ସମାଜ'ର ସଂଖ୍ୟା ଖୋଜିଲେ ମିଳୁନାହିଁ।

ଏଥିରେ ସେତେବେଳେ ଆଶ୍ଚର୍ଯ୍ୟ ହେବାକୁ ବୋଧହୁଏ ଖୁବ୍ ବେଶି କେହି ନଥିଲେ। ଏବେ ବି ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ। ଶୁଣାଯାଏ ଉତ୍କଳମଣି ଗୋପବନ୍ଧୁଙ୍କର ମୃତ୍ୟୁ ପରେ ତାଙ୍କ ପାଇଁ ଗୋଟିଏ ଶୋକସଭା ମଧ୍ୟ କଟକରେ ହେବାପାଇଁ ବହୁ ଆପତ୍ତି ଉଠିଥିଲା। ଶେଷରେ ଏପରି ସଭାଟିଏ ହୋଇଥିଲା କି ନାହିଁ ସନ୍ଦେହଜନକ।

ଏହାର କାରଣ ବୋଧହୁଏ ଏହି ଯେ ଓଡ଼ିଶାରେ ଜଣେ ସାଧାରଣସେବୀର ଦେହାନ୍ତ ପରେ ତାହାର ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଏତେ ଲୋକ ପ୍ରସ୍ତୁତ ଥାଆନ୍ତି ଯେ ଓଡ଼ିଶାର ସାଧାରଣ ଜୀବନର ବିଶେଷ କୌଣସି ହାନି ହୁଏ ନାହିଁ। ତେଣୁ 'ଅପୂରଣୀୟ କ୍ଷତି' ଇତ୍ୟାଦି ଲେଖିବାର କୌଣସି ଆବଶ୍ୟକତା ପଡ଼େ ନାହିଁ। ସେହି କାରଣରୁ ଓଡ଼ିଶାର ମଧ୍ୟବିତ୍ତ ଆନ୍ଦୋଳନ ଭିତରେ ଯେଉଁମାନେ ପ୍ରାଣତ୍ୟାଗ କରିଛନ୍ତି ସେମାନଙ୍କର ସ୍ମୃତି ଈର୍ଷାକୁଟିଳ ସାମନ୍ତବାଦୀ-କାଏଦା ଜର୍ଜରିତ ମଧ୍ୟବିତ୍ତର ଗୋଚରରେ ନଥାଏ। ଏହାହିଁ ଅର୍ଦ୍ଧ ସାମନ୍ତବାଦୀ ଓ ଅର୍ଦ୍ଧ ଉପନିବେଶିକ ମଧ୍ୟବିତ୍ତର ପ୍ରକୃତି। ସଂଗ୍ରାମରେ ସେ କେବଳ ଦ୍ୱିଧାଗ୍ରସ୍ତ ନଥାଏ। ସଂଗ୍ରାମୀର ମୃତ୍ୟୁର ତା'ର ଜୀବନ ଓ ଜୀବନର ସମୀକ୍ଷା ମଧ୍ୟ ତା' ପାଇଁ ଦରକାର ନଥାଏ। ଆନ୍ଦୋଳନରେ ପଛଘୁଞ୍ଚା ଦେଇ ରହିବା ଓ ଆନ୍ଦୋଳନର ଫଳ ଲାଭ ହେଲେ ସେଥିପାଇଁ ଲାଳାୟିତ କୋଳାହଳ କରିବା ମଧ୍ୟବିତ୍ତ ଶ୍ରେଣୀର – ବିଶେଷତଃ ଓଡ଼ିଶା ମଧ୍ୟବିତ୍ତର ଚରିତ୍ର ଓ ଧର୍ମ।

Digitized by srujanika@gmail.com

(ସାତ)

ତେବେ ଏଥିପାଇଁ କୌଣସି ବ୍ୟକ୍ତିଗତ ମଧ୍ୟବିତ୍ତକୁ ଦୋଷ ଦେବା ନିରର୍ଥକ, ଠିକ ଯେପରି ଭସ୍ମକାରୀ ବୋଲି ଅଗ୍ନିକୁ ଦୋଷଦେବା ନିରର୍ଥକ। ଅଗ୍ନି ପକ୍ଷରେ ଭସ୍ମ କରିବା ହେଲା ତା'ର ପ୍ରାକୃତିକ ଅବଧାରିତ ଧର୍ମ। ସମାଜ କ୍ଷେତ୍ରରେ, ଓଡ଼ିଶା ପରି ଅବହେଳିତ ଅଞ୍ଚଳରେ ଲାଳିତ ମଧ୍ୟବିତ୍ତ ଶଙ୍କିତ, ଦ୍ୱିଧାଗ୍ରସ୍ତ ଓ ଦୁଃସାହସ–କାତର ହେବା ସ୍ୱଭାବିକ। ଯେଉଁ ଜାତି ଦିନେ ଜାଭା ସୁମାତ୍ରାରେ ବାଣିଜ୍ୟ ପାଇଁ ଉନ୍ମୁକ୍ତ ମହାସାଗରରେ ବାନା ଉଡ଼ାଇଥିଲା ତାହାକୁ ଏକ ଭୌଗୋଳିକ ଅଞ୍ଚଳରୁ ଅନ୍ୟଠାକୁ ବଦଳି କଲେ ସେ କାବୁସ୍ଥ! ସରକାରୀ ଅର୍ଥକାରୀ ଶିକ୍ଷା ପାଇଁ ପାଗଳ ହୋଇ ଯେନତେନ ପ୍ରକାରେଣ ଡ଼ିଗ୍ରୀ ଯୋଗାଡ଼ କଲାପରେ ସେକାଳେ ତାହାକୁ ଖଣ୍ଡେ ଚାକିରି ମିଳି ଯାଉଥିଲା। ସେ ଥିଲା ତାହାର ସ୍ୱର୍ଗ। ଭାରତର ଅଗ୍ରଗାମୀ ଅଞ୍ଚଳ ଭଳି ତାହା ପାଖରେ ସାମୂହିକ ସଂଗ୍ରାମର ବିରାଟ ଧକ୍କା,ଯୁଦ୍ଧ, ବେକାରୀ ସ୍ପର୍ଶ କରି ନ ଥିଲା। ଯେଉଁଠି ଶୋଷଣ ଯେତେ ପ୍ରବଳ, ଅତ୍ୟାଚ୍ଚର ଯେତେ ଭୟଙ୍କର ସେହିଠାରେ ପ୍ରତିରୋଧ ସେତିକି ଅପ୍ରତିହତ। ଓଡ଼ିଶାର ଶୋଷଣକୁ ମଧ୍ୟବିତ୍ତ ଶ୍ରେଣୀ ଏ ପର୍ଯ୍ୟନ୍ତ ଗରୀବ ନିରକ୍ଷର ଗ୍ରାମୀଣ କ୍ଷେତ ମଜଦୂର ଉପରେ ଲଦି ଦେଇ ନିଶ୍ଚିନ୍ତ ଥିଲା। ତେଣୁ ଏହା ଥିଲା କୋମଳ, ଏହାର ପ୍ରତିରୋଧ ଥିଲା ଦୁର୍ବଳ। ବିଂଶ ଶତାବ୍ଦୀର ଶେଷ ଚଉଠରେ ଏହି ପ୍ରତିରୋଧର ସଚେତନତା ଅବଶ୍ୟ ବୃଦ୍ଧି ପାଇଛି କିନ୍ତୁ ତାହାପାଇଁ ସଠିକ ଦିଗ୍‌ଦର୍ଶନ ନାହିଁ। ଏହାହିଁ ତାହାର ଦୁର୍ଭାଗ୍ୟ।

ବି.ଏନ୍.ମିଶ୍ର ପ୍ରଭୃତି ଥିଲେ ଓଡ଼ିଆ ଭାଷାର ଜାତିଗତ ଉନ୍ମେଷର ପ୍ରତୀକ। ସେମାନଙ୍କ ପୂର୍ବରୁ ଓଡ଼ିଆ ନିଜକୁ ଜାତି ବୋଲି ଗ୍ରହଣ କରିବାର ଚିନ୍ତା ନଥିଲା। ଓଡ଼ିଶାର ଶାସକ, ସେ ଗଜପତି ମହାରାଜା ହୁଅନ୍ତୁ ବା ଅନ୍ୟ କେହି ହୁଅନ୍ତୁ, ସେ ଯେ ଓଡ଼ିଆ ଭାଷାରେ କହିବାକୁ ସକ୍ଷମ ହେବା ଉଚିତ। ଏତକ ଚେତନା ଓଡ଼ିଶାରେ ଗତ ୫୦ ବର୍ଷ ହେଲା ହିଁ ଆସିଛି। ସାମନ୍ତବାଦ ରାଜା ବା ରାଜତନ୍ତ୍ର ବା ସାମନ୍ତତନ୍ତ୍ରର ଅଭିମାନ ଶିଖାଏ; ଜାତୀୟତାର ସ୍ୱାଭିମାନ ଶିଖାଏ ନାହିଁ। ଓଡ଼ିଶାରେ ସାମନ୍ତବାଦୀ ମୂଳ ପତ୍ତନକୁ ଓଟାରି ଫୋପାଡ଼ି ଦେଇ ଏଠାରେ ଏକ ଶିଳ୍ପୋନ୍ନତ ସଭ୍ୟତା ଗଢ଼ିବା, ଅନ୍ତତଃ ପୁଞ୍ଜିବାଦୀ ଅବସ୍ଥା ସୃଷ୍ଟି କରିବାରେ ୧୮୬୬ଠାରୁ ଆଜି ପର୍ଯ୍ୟନ୍ତ ଏକଶହ ବର୍ଷରୁ ଉର୍ଦ୍ଧ୍ୱ ବିତି ଯାଇଛି। ଯେଉଁମାନେ ଭବିଷ୍ୟତ ଜାତିର ମେରୁଦଣ୍ଡ ସେହି ଚ୍ଚଷୀ ଜନତାର ଅଧିକାଂଶ ଏ ପର୍ଯ୍ୟନ୍ତ ଓଡ଼ିଆ ଅକ୍ଷର ପରିଚୟ ପାଇ ନାହାନ୍ତି। ତେଣୁ

Digitized by srujanika@gmail.com

ଆଜି ସେହି କାର୍ଯ୍ୟ ପୂରଣ କରିବା ଓ କୋଟି କୋଟି ନିରକ୍ଷର ଓଡ଼ିଆଙ୍କୁ ଭାଷା ଓ ଜାତିର ଅଭିମାନର ଶିକ୍ଷା ଦେବାରେ ଆହୁରି ବହୁକାର୍ଯ୍ୟ ବାକୀ ଅଛି।

ଯେଉଁ ଭିତ୍ତିପ୍ରସ୍ତର ଉପରେ ଆଜିର ଓଡ଼ିଶା ଛିଡ଼ା ହୋଇଛି ସେ ଭିତ୍ତିପ୍ରସ୍ତର ନିତାନ୍ତ ଦୁର୍ବଳ। କୋଣାର୍କର ସୂକ୍ଷ୍ମ କାରୁକାର୍ଯ୍ୟ ଯେପରି ଆଜି କୁଢ଼େଇ ହୋଇ ପଡୁଛି ଠିକ୍ ସେପରି ଆମର ଓଡ଼ିଶା ଆଜିର ଦୁନିଆର ପ୍ରଚଣ୍ଡ ଜଟିଳ ପରିସ୍ଥିତିର ଧକ୍କାରେ ତାସ୍‌ଘର ପରି କୁଢ଼େଇ ହୋଇ ପଡୁଛି। ଭିତ୍ତିପ୍ରସ୍ତରକୁ ଆହୁରି ମଜଭୂତ କରିବାକୁ ହେଲେ ତାହାର ଉପାଦାନକୁ କଠିନ, ବ୍ୟାପକ ଓ ଶକ୍ତ କରିବାକୁ ହେବ।

ପରିସ୍ଥିତିର ଘୂପରେ ବିଶ୍ୱନାଥ ମିଶ୍ରଙ୍କ ପିଢ଼ିର ପୂର୍ବସୂରୀମାନେ ଯାହା କରିଗଲେ ତାହା ଯେ ଯଥେଷ୍ଟ ନୁହେଁ। ଏହାର ପ୍ରମାଣ, ସେମାନେ ସମସ୍ତେ ପ୍ରାୟ ବିସ୍ମୃତ ହୋଇଗଲେ। ସେମାନଙ୍କର କାର୍ଯ୍ୟର ଧାରାବାହିକତା ନଷ୍ଟ ହୋଇଗଲା। ପରବର୍ତ୍ତୀ ବଂଶଧରମାନଙ୍କ ଆଗରେ କୌଣସି କାର୍ଯ୍ୟକ୍ରମ ଥୋଇବାରେ ତାଙ୍କ ଜୀବନର କାର୍ଯ୍ୟକ୍ରମ କୌଣସି ପଥ ପ୍ରସ୍ତୁତ କରି ପାରି ନ ଥିଲା। ସେମାନେ ଗୋଟିଏ ଗୋଟିଏ ଖଟୁଳି ଦିଅଁ ହୋଇ 'ପୂଜ୍ୟପୂଜା'ର ସାମଗ୍ରୀ ହୋଇଗଲେ।

ଗୋପବନ୍ଧୁଙ୍କର ବିଷୟ ଯେ ଏପର୍ଯ୍ୟନ୍ତ ଆମର ଗୋଚରରେ ଆସୁଛି ତା'ର ପ୍ରଥମ କାରଣ 'ସମାଜ' ବଞ୍ଚିଛି। ଏହାର ତାତ୍ପର୍ଯ୍ୟ ହେଲା 'ସମାଜ'ର ସାହିତ୍ୟରେ ପ୍ରଥମ କରି ଗୋପବନ୍ଧୁ ଓଡ଼ିଶାର ଲୋକଙ୍କୁ ରାଜନୈତିକ ଭାଷା ଓ ସମୀକ୍ଷା ଶିଖାଇଛନ୍ତି। ଗୋପବନ୍ଧୁ ଯେ ବଞ୍ଚିଛନ୍ତି ତାହାର ଦ୍ୱିତୀୟ କାରଣ ସେ ଥିଲେ ସାମ୍ରାଜ୍ୟବାଦ ବିରୋଧୀ ଗଙ୍ଗାଧାରାର ଭଗୀରଥ। ଗୋପବନ୍ଧୁ ବଞ୍ଚିବାର ଶ୍ରେଷ୍ଠ କାରଣ ହେଲା ମଧ୍ୟବିତ୍ତ କୂଳରୁ ଜନ୍ମ ହୋଇ ମଧ୍ୟ ସେ ମଧ୍ୟବିତ୍ତର ନ ଥିଲେ; ସେ ଥିଲେ ନିମ୍ନ ଶ୍ରେଣୀର, ଗରିବର।

ଗୋପବନ୍ଧୁ ଆଜି ବି କିଛି ପରିମାଣରେ ଓଡ଼ିଆ ଜାତିର ଦାରୁଣ ଦୁର୍ବିପାକ ବେଳ ପାଇଁ କାମରେ ଲାଗିଛନ୍ତି। ବନ୍ୟା, ବାତ୍ୟା, ଦୁର୍ଭିକ୍ଷ, ଅଭାବ, ବେକାରୀ ସବୁ ଆନ୍ଦୋଳନ ବେଳେ ଗୋପବନ୍ଧୁଙ୍କର କବିତା, ଲେଖା, ଉଦାହରଣ ଓ କର୍ମପନ୍ଥା ଆମକୁ ଶିକ୍ଷିତ କରିଛି, ଦୀକ୍ଷିତ କରିଛି; ପ୍ରେରିତ କରିଛି। ଅତୀତର ଐତିହ୍ୟ ଯଦି ଆଜିର ସମସ୍ୟା ସମାଧାନରେ ସାହାଯ୍ୟ ନ କରେ ତେବେ ସେ ଐତିହ୍ୟ ବନ୍ଧ୍ୟ। ଯେଉଁ ଜାତି ତା'ର ଉପସ୍ଥିତି ସମସ୍ୟା ପାଇଁ ଅତୀତର ଐତିହ୍ୟରୁ ଦମ୍ଭ, ଐଶ୍ୱର୍ଯ୍ୟ ଓ ପ୍ରେରଣା ସଂଗ୍ରହ କରି ନ ପାରେ ସେ ଜାତି ଅନ୍ଧ।

Digitized by srujanika@gmail.com

ଦୁର୍ଭାଗ୍ୟର କଥା ଆମର ବର୍ତ୍ତମାନ ସମସ୍ୟାରେ କାର୍ଯ୍ୟରେ ଲାଗିବା ଭଳି ବିଶେଷ କିଛି ଐତିହ୍ୟ ନିକଟ ଅତୀତରେ ନ ଥିଲା । ଯେଉଁ ସାଧନା ବା ହତିଆର ବଳରେ ମଧୁବାବୁଙ୍କ ନେତୃତ୍ୱରେ ଓଡ଼ିଆ ଆନ୍ଦୋଳନକାରୀମାନେ ସ୍ୱତନ୍ତ୍ର ପ୍ରଦେଶ ହାସଲ କଲେ, ତାହାର ପ୍ରୟୋଗ ଆଜିର ପରିସ୍ଥିତିରେ ନିଷ୍ଫଳ ହେବ । ଆଜିର ବ୍ୟାଧି କ୍ୟାନସର ଏହାର ନିରାକରଣ ପାଇଁ ଉତ୍କଳ ସମ୍ମିଳନୀରେ ଭାଷଣ ବା ବଡ଼ଲାଟ କିମ୍ୱା ବିଲାତକୁ ଡେପୁଟେସନ ଯଥେଷ୍ଟ ନୁହେଁ । ଏଥିପାଇଁ ମଧୁବାବୁ ଓ ତାଙ୍କର ସମ୍ଭ୍ରାନ୍ତଶ୍ରେଣୀ କିମ୍ୱା ମଧ୍ୟବିତ୍ତଙ୍କର ସେ କାଳର ମାଲମସଲା କୌଣସି ପ୍ରୟୋଗରେ ଲାଗିବ ନାହିଁ ।

(ଆଠ)

ଏ ଜାତି କେଉଁ ଆଶାରେ ବଞ୍ଚିଛି ? ଆଜିର ମହାମେରୁ ସମ ଅନାହାର, ନିରାଶ୍ରୟତା, ଅଜ୍ଞାନ ଅନ୍ଧକାର ଭିତରେ ଅତୀତର କେଉଁ ଆଲୋକ ପ୍ରଦୀପ ତାକୁ ପ୍ରେରଣା ଦେବ ? ଦଶନ୍ଧି ଦଶନ୍ଧି ଧରି ଆମରି ଜନତା ତାହା ଖୋଜିବାକୁ ଚେଷ୍ଟା କରିଛି । ଯାହା ପାଇଛି, ତାହା ଭେଲ । ତାହାକୁ ଫୋପାଡ଼ି ନୂତନକୁ ଆଶ୍ରା କରିଛି । ଅଥଚ ଦେଖିଛି ସେଇ ନୂତନ କେବଳ ପୁରାତନର ନୂତନରୂପ । କେବଳ ସାଇନ୍‌ବୋର୍ଡ଼ର ପରିବର୍ତ୍ତନ ! ଠିକ୍ ପୂର୍ବ ପରି ରହିଛି ଅଚଳାୟତନ ଶୋଷଣ । ସେଇ ମଦ, ଖାଲି ନୂଆ ବୋତଲ ।

ଆଜି ବ୍ୟକ୍ତିର ଶୁଚିତା, ସଦାଚାର ଓ କଳଙ୍କମୁକ୍ତ ବ୍ୟକ୍ତିଗତ ଜୀବନର ବିଶେଷ କିଛି ମୂଲ୍ୟ ନାହିଁ । ତାହା କେବଳ ଘନଘୋର ଅନ୍ଧକାରରେ ଖଦ୍ୟୋତର ଦୟନୀୟ ଅବସ୍ଥିତି । ଯାହା କେବଳ ଅନ୍ଧକାରକୁ ଗାଢ଼ତର ଓ ଭୀଷଣତର କରିଛି । ଭାରତୀୟ ମନୁଷ୍ୟ କେବଳ ନୁହେଁ, ଭାରତୀୟ ତଥାକଥିତ ଜନନେତୃତ୍ୱ ମଧ୍ୟ ଆଜି ମଧ୍ୟଯୁଗର ଅନ୍ଧକାରକୁ ଆଶ୍ରାକରି ନିଜକୁ ଠକିଛି ଓ ଶେଷରେ ସମସ୍ତଙ୍କର ସମସ୍ତଙ୍କଠାରୁ ବିଶ୍ୱାସ ହଜିଯାଇଛି । କେବଳ ତତ୍‌କାଳୀନ ଛୋଟ କୁରିଆ ସମସ୍ୟାର ଛୋଟ କୁରିଆ ସମାଧାନ କରିବାରେ ସେ ଆପଣାକୁ ସନ୍ତୁଷ୍ଟ କରିବାରେ ବ୍ୟସ୍ତ । ଏପରି ପୁଣି ପାଞ୍ଚବର୍ଷ । ଆଉଥରେ ନିର୍ବାଚନ...... ଚକେ ଗଲେ ବାର ହାତ !

ସାରା ପୃଥିବୀର ଭାବୁକ ଚିନ୍ତକ ଲୋକେ ଏକଥା ଅଙ୍ଗେ ଅନୁଭବ କରୁଛନ୍ତି । ଯେଉଁମାନେ ମାନବତାର ବନ୍ଧୁ ସେମାନେ ଶଙ୍କିତ ହୋଇଛନ୍ତି । ବ୍ରିଟିଶ ଶାସନର ଅବସାନ ପରେ ଭାରତର ରାଜନୈତିକ ଜୀବନର ଯେତେ ସମୀକ୍ଷା ଆଜି ଏ ଦୁନିଆରେ ବିଭିନ୍ନ ପୁସ୍ତକ ଆକାରରେ ପ୍ରକାଶ ପାଇଛି ସେହି ପ୍ରତ୍ୟେକ ସମୀକ୍ଷା

Digitized by srujanika@gmail.com

ଚିତ୍କାର କରିଛି । "ଆହା, କେତେ ବଡ଼ ଜାତି, କେତେ ସମସ୍ୟା, କେତେ ଐଶ୍ୱର୍ଯ୍ୟ! କେଡ଼େ ବିରାଟ ପରମ୍ପରା କିନ୍ତୁ କୁଆଡ଼େ ଚାଲିଛି, ଏହାର ଗତିରୋଧ ନାହିଁ।

ଏକଥା ବହୁ ଭାରତ ବାହାରର ପର୍ଯ୍ୟବେକ୍ଷକ ଲକ୍ଷ୍ୟ କରିଛନ୍ତି ଯେ ଭାରତର ବିଘୋଷିତ ଜୀବନ ଦର୍ଶନ ଓ ଭାବାଦର୍ଶ ସହିତ ଭାରତର କାର୍ଯ୍ୟପନ୍ଥାର କୌଣସି ମେଳ ନାହିଁ। ଅନ୍ୟ କଥାରେ, ଗ୍ରୀକ୍ ଦାର୍ଶନିକ ପ୍ଲାଟୋଙ୍କ ଭାଷାରେ 'ଆମେ ଆଲୋକ ଜାଳି ତାହାକୁ ପଛ କରି ଛାଇକୁ ଆଲୋକ ବୋଲି ଜାବୋଡ଼ି ଧରିବାକୁ ଚାହୁଁ।' ଆମେ ଅହିଂସା ଓ ସତ୍ୟବୋଲି ଯେଉଁ ମନ୍ତ୍ର ଉଚ୍ଚାରଣ କରି ଆସିଛୁଁ ତାହାର ବିଜ୍ଞାନସମ୍ମତ ଅର୍ଥ ମଧ ହୃଦୟଙ୍ଗମ କରିନାହୁଁ, ଏହା ମଧ ଦୁନିଆକୁ ଆଶ୍ଚର୍ଯ୍ୟ କରିଛି। ଆମେ କ'ଣ ସତେ ନିର୍ବୋଧ ନା ଜ୍ଞାନପାପୀ, ଆମେ କୋଟି କୋଟି ଭାରତୀୟ ମୁଦ୍ରା ଖର୍ଚ୍ଚ କରି ଆମରି ଫସଲ ଉପରେ କୀଟନାଶକ ପ୍ରୟୋଗ କରୁଛୁ। ଅଥଚ ଯେଉଁମାନେ ନାକରେ ରୁମାଲ ବାନ୍ଧି ପୋକମାନଙ୍କୁ ବଞ୍ଚାଇବାକୁ ଚାହାନ୍ତି ସେମାନଙ୍କର ତାରିଫ କରୁଛୁଁ। ପାଞ୍ଚ ପାଞ୍ଚଟା ଯୋଜନାର ରୂପରେଖରେ ଆମର ପଣ୍ଡିତ, ଯୋଜନାକାରୀ, ବୁଦ୍ଧିଜୀବୀମାନେ ଯାହା କିଛି ଭବିଷ୍ୟତ ବାଣୀ କରିଛନ୍ତି ତାହା ଓଲଟି ଯାଇଛି। ସେତେବେଳେ ଆମେ ସେହି ଭବିଷ୍ୟତ ବାଣୀକୁ କହୁଥିଲୁ ସତ୍ୟ ଓ ବାସ୍ତବ। ଏବେ ବି ତା'ର ସମାଲୋଚନାକୁ ସମାନ ଜୋରରେ କହୁଛୁ ସତ୍ୟ ଓ ବାସ୍ତବ।

ତୁଳନା କରିବା ହେଉଛି ବାଲୁତପଣ। ତଥାପି ଭାରତର ଏହି ଦୟନୀୟ ଅବସ୍ଥା ଦୁନିଆରେ ବାରିହୋଇ ପଡୁଛି। ୧୯୨୪ରେ ଜଣେ ଜନନାୟକ ଲେନିନ୍ ସୋଭିଏତ୍ ବିପ୍ଳବର ପ୍ରତ୍ୟୁଷରେ ଦେହତ୍ୟାଗ କଲେ। ଆଜି ସେ ପୃଥିବୀର କୋଟି କୋଟି ପ୍ରାଣରେ ଜୀବନ୍ତ। ୧୯୭୦ରେ ଦକ୍ଷିଣପୂର୍ବ ଏସିଆର ଜଣେ ସାଧକ ତପସ୍ୱୀ ମୃତ୍ୟୁ ପୂର୍ବରୁ ତା'ର ଉଇଲ ଲେଖି ଦେଇଗଲା। ସେ ଥିଲା ସେ ଜାତିର ଜନକ। "କାକା ହୋ ଚି ମିନ୍'। ସେ କହିଗଲା "ମୁଁ ଯାଉଛି। ମୃତ୍ୟୁ ସନ୍ନିକଟ। ମୋର ଜାତି ଅଳ୍ପଦିନ ଭିତରେ ଆମେରିକା ସାମ୍ରାଜ୍ୟବାଦୀମାନଙ୍କୁ ପରାସ୍ତ କରିବ। ଏହି ଚଉଦ ବର୍ଷର ରକ୍ତକ୍ଷୟୀ ସଂଗ୍ରାମରେ ଯାହା କ୍ଷୟ କ୍ଷତି ହୋଇଛି, ତାହାକୁ ପୂରଣ କରି ଦଶଗୁଣ ସୁନ୍ଦର ଭିଏତନାମ ଗଢ଼ି ଉଠିବ।" ସେ ଲୋକ କେଉଁଠି ଆଉ ଆମେ କେଉଁଠି ? ଆମର ବର୍ଷକ ତଳର ସର୍ବସମ୍ମତ ପ୍ରଧାନମନ୍ତ୍ରୀ ଏବେ ବି ସାମ୍ବାଦିକ ସମ୍ମିଳନୀରେ ବାରମ୍ବାର ଜବାବ ଦେଉଛନ୍ତି, "ମୁଁ ଇସ୍ତଫା ଦେବା କଥା ବିଚାରୁ ନାହିଁ। ଯଦି ମୋର ପାର୍ଟି ମୋତେ ଅବିଶ୍ୱାସ କରି ମନା କରିଦିଏ ସେ ଦୋସରା କଥା।"

Digitized by srujanika@gmail.com

ଏଣେ ଆମର ଅଧ୍ୟାତ୍ମିକତା, ହରେକୃଷ୍ଣ ହରେରାମ ଭଜନ, ଯୋଗ ସାଧନାର ନିର୍ଦ୍ଧୁମ ପ୍ରଚାର ଚାଲିଛି। ଏହାର ପ୍ରଚାରଣା ଓ ତାରିଫ ଯେଉଁମାନେ କରୁଛନ୍ତି ସେମାନେ ତାହାରି ଜରିଆରେ ଆମକୁ କବଳିତ କରିବାକୁ ଚାହାନ୍ତି। ଅନ୍ଧାରୀ ଆଫ୍ରିକାରେ ଆଜି ଯୁଗ ଯୁଗର ନିପୀଡ଼ିତ ନିଗ୍ରୋ 'କଳା ଆଦ୍‌ମି'ର ମୁକ୍ତି ସଂଗ୍ରାମକୁ ଆମେ ସମର୍ଥନ କରୁଛୁ ବୋଲି କହୁଛୁ। ଏଣେ ସେହି ସଂଗ୍ରାମର ଭାବଗତ, ତତ୍ତ୍ୱଗତ ଦ୍ରଷ୍ଟାନ୍‌କୁ ଲଣ୍ଡିତ ମୁଣ୍ଡ, ଖୋଳ କରତାଳ ଜରିଆରେ ଅହିଂସା କୀର୍ତ୍ତନ କରାଇ ବାହାବା ନେଉଛୁ। ଏଣେ ସଶସ୍ତ୍ର ଦେଶପ୍ରେମୀ ଯେଉଁଠି ଅନ୍ୟାୟକୁ ମୁକାବିଲା କରିବାକୁ ଚାହୁଁଛି ତାହାକୁ ଆମେ ନୀଚ, ଘୃଣ୍ୟ ବୋଲି ଆମରି ଦେଶରେ ପ୍ରଚାର କରୁଛୁଁ। ରାଣାପ୍ରତାପ ସମର୍ଥନ ଯୋଗ୍ୟ ତ? କିନ୍ତୁ ସେ ତ ଆକବରଙ୍କର ସଂଗଠିତ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ଶିବାଜୀ ନମସ୍ୟ ବୀର? କିନ୍ତୁ ସେ ତ ଆଉରଙ୍ଗଜେବ ଶାସନ ବିରୁଦ୍ଧରେ ଅସି ଉତ୍ତୋଳନ କରିଥିଲେ। କିନ୍ତୁ ଏବେ ଯେଉଁମାନେ ନିରନ୍ଧ୍ର ନିର୍ଜ୍ଜଳା ଶୋଷଣ ବିରୁଦ୍ଧରେ ଇତିହାସର ଚିରାଚରିତ ପନ୍ଥାର ଆଶ୍ରୟ ନେବାକୁ ସାହସ କରୁଛନ୍ତି ସେମାନେ ଅପରାଧୀ, ଅପାଂକ୍ତେୟ। ଅଥଚ ତିନୋଟି ଦଶନ୍ଧି ଧରି ଆମରି ଦେଶର ଶାସକଶ୍ରେଣୀ ଦେଶର ଓ ଜାତିର ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ କିସମ କିସମର ଅର୍ଜ୍ଜନାନନ୍ଦ ସୃଜନାନନ୍ଦ ଫିସାଦ ଛିଡ଼ା କରାଇବାରେ ଲାଗିଛି।

ଭାରତର ମଞ୍ଚ ଉପରେ ପୃଥିବୀର ଇତିହାସ ଆଜି ଏକ କରୁଣ ଚାର୍ଲିଚାପଲିନ୍ ତାମସା ଦେଖୁଛି।

(ନଅ)

ଏଭଳି ପରିସ୍ଥିତିରେ ବିଶ୍ୱନାଥଙ୍କର ମୃତ୍ୟୁର ୪୫ ବର୍ଷ ଯାଏ ଯେ ଦେଶବାସୀ ତାଙ୍କୁ ଭୁଲିଗଲେ, ଏଥିରେ ଦୁଃଖ କରିବାର କିଛି ନାହିଁ। ଏବେ ବି ବିଗତ ମହାଯୁଦ୍ଧର ନିହତ ସୈନିକମାନଙ୍କର ସାମୂହିକ ସମାଧି ଉପରେ ଦେଶ ବିଦେଶର ଲୋକେ ବର୍ଷକର ଗୋଟିଏ ଗୋଟିଏ ଦିନରେ ଶ୍ରଦ୍ଧାଞ୍ଜଳି ଦିଅନ୍ତି। ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କ ଛଡ଼ା ଆଉ କେହି ବ୍ୟକ୍ତିଗତ ଆତ୍ମବଳିଦାନୀ ବୀର ପୁରୁଷଙ୍କୁ ମନେ ରଖିପାରନ୍ତି ନାହିଁ। ବ୍ରିଟିଶ ଶାସନ ବିରୁଦ୍ଧରେ ସଶସ୍ତ୍ର ବା ନିରସ୍ତ୍ରଭାବରେ ପ୍ରତିରୋଧ ସଂଗ୍ରାମରେ ଯେଉଁମାନେ ଆତ୍ମବଳି ଦେଲେ ସେମାନଙ୍କ ଭିତରୁ କେତେଜଣଙ୍କୁ ଛାଡ଼ିଦେଲେ ଅବଶିଷ୍ଟଙ୍କୁ ଏ ଜାତି ବ୍ୟକ୍ତିଗତ ଭାବରେ ଏପରିକି ସାମୂହିକ ଭାବରେ ସ୍ମରଣ କରିବାକୁ ଶିଖି ନ ଥିଲା। କାରଣ ଏ ଜାତିର ଅଧିକାଂଶ ଯଥାର୍ଥରେ

Digitized by srujanika@gmail.com

ମନେକରନ୍ତି ଯେ ଏକ ଅଦ୍ଭୁତ କିମିଆଁ ବଳରେ ନଳରାଜା ଜୁଆ ଖେଳରେ ପରାସ୍ତ ହୋଇ ରାଜ୍ୟ ଛାଡ଼ି ଚାଲିଗଲା ପରି ବିଲାତ ଏ ଦେଶ ଛାଡ଼ି ଚାଲିଯାଇଛି। ଗତ ତିରିଶବର୍ଷ ଧରି ଏହି ଚିନ୍ତାକୁହିଁ ଆମରି ଜନସାଧାରଣଙ୍କ ଭିତରେ ନିରନ୍ତର ପିଟି ପିଟି ଭର୍ତ୍ତି କରି ରଖିବାକୁ ଆମେ ଗଳଦ୍‌ଘର୍ମ୍ୟ ହୋଇ ଲାଗିଛୁ। ଯାର ଅର୍ଥ ହେଲା ଯାଦୁ। ବାସ୍ତବ ସ୍ୱାଧୀନତା ସଂଗ୍ରାମ କେବଳ ଅଭିନୟ !

ଆମ ଭିତରେ ଯିଏ ଥିଲେ, ସେ ଯଦି ଦେହତ୍ୟାଗ କରନ୍ତି, ତେବେ ବି ଆମେ ଭାରତରେ ମନେ କରୁଁ ସେ ଅଛନ୍ତି। ସେ କୌଣସି ପିତୃଲୋକ ବା ଦେବଲୋକରେ ନଥା'ନ୍ତି। ସେ ଥାଆନ୍ତି ଆମରି କାର୍ଯ୍ୟରେ, ଆଚାରରେ, ବିଚାରରେ। ତାହାରି ଭିତରେ ତାଙ୍କର ଅଦୃଶ୍ୟ ପ୍ରେରଣା, ଇଙ୍ଗିତ, ପ୍ରଭାବ ପ୍ରତିଫଳିତ ହୋଇଥାଏ। ତାହା ଯଦି ଠିକ୍ ନୁହେଁ ତେବେ ବାକୀ ସବୁ ପିତୃଲୋକ, ଦେବଲୋକ ଇତ୍ୟାଦି ମହାଶୂନ୍ୟର କେଉଁ ନୀହାରିକାରେ ଠାବ ହେଉଛି ନିର୍ବୋଧ କଳ୍ପନା। ଏହି ଦୃଷ୍ଟିରୁ ବିଶ୍ୱନାଥ ଓ ତାଙ୍କର ସମସାମୟିକ, ପରବର୍ତ୍ତୀ ଓ ପୂର୍ବସୂରୀଙ୍କ ଭିତରୁ ଯଦି କୌଣସି ବ୍ୟକ୍ତିତ୍ୱର ସତ୍ତା ଆମରି ଭିତରେ ଥାଏ ସେ ହିଁ ଲକ୍ଷ୍ୟ କରିଥିବ ଯେ ଭାରତରେ ଆମେ ରାଜନୈତିକ ପରିବର୍ତ୍ତନରେ ଏଭଳି ହତଚକିତ ହୋଇ ଯାଇଥିଲୁ ଯେ ଆମେ ସ୍ୱାଧୀନତା ସଂଗ୍ରାମର ଯେ କୌଣସି ସୈନିକ ମୃତ, ଜୀବିତ ଥାଇ ପାରନ୍ତି, ତାହା ପାଶୋରି ଦେଇଥିଲୁ। ପୃଥିବୀର ଅନ୍ୟ ଯେଉଁ ବିଗତ ପରାଧୀନ ଦେଶ ସ୍ୱାଧୀନତା ସଂଗ୍ରାମ ପରେ ରାଜନୈତିକ ଅଧିକାର ଲାଭ କରିଛି ଓ ଏବେ ବି କରୁଛି, ସେଠାରେ ସ୍ୱାଧୀନତା ସଂଗ୍ରାମୀମାନେ ଆପଣାର ହାତ ହତିଆର ଛାଡ଼ି ଯୋଗ୍ୟତା ଅନୁସାରେ ଜାତି ଗଠନରେ ନିଯୁକ୍ତ ହୋଇ ଥାଆନ୍ତି। ଏହାହିଁ ଏ ଦୁନିଆର ଧାରା ବୋଲି ଶୁଣା ଥିଲା। କିନ୍ତୁ ଭାରତରେ ଅଦ୍ଭୁତ କଥା ଘଟିଲା।

ସ୍ୱାଧୀନତା ସଂଗ୍ରାମ ସରିବାର ପଚିଶବର୍ଷ ପରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଖୋଜା ପଡ଼ିଲା। ସେଥିପାଇଁ ଚୌକିଦାରଙ୍କଠାରୁ ଆରମ୍ଭ କରି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କର ସୁପାରିସ ଓ'ଶେଷରେ ଏମ୍.ଏଲ୍.ଏ. ବା ଏମ୍.ପି. ଆଉ ମାନ୍ୟବର ମନ୍ତ୍ରୀ, ଉପମନ୍ତ୍ରୀ, ଅର୍ଦ୍ଧମନ୍ତ୍ରୀଙ୍କର ସାର୍ଟିଫିକେଟ୍ ଓ ଚିହ୍ନଟ ଦରକାର ହେଲା। ଉଦ୍ଦେଶ୍ୟ ସେମାନଙ୍କୁ ପେନ୍‌ସନ ମିଳିବ। ସେଠୁ ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ ପାଇଁ ଏପରି ଦୌଡ ପ୍ରତିଯୋଗିତା ଚାଲିଛି ଓ ଏଥିପାଇଁ ଏତେ ମନ୍ତ୍ରୀ, ଲାଟ, ବଡ଼ଲାଟଙ୍କର ଗହଣରେ ଡେପୁଟେସନ, ସମ୍ମିଳନୀ, ବୈଠକ, ପ୍ରସ୍ତାବ ପାସ ଚାଲିଛି ଯେ କେହି ସଂଭ୍ରମବନ୍ତବ୍ୟକ୍ତି ପ୍ରକୃତ ପକ୍ଷେ ସ୍ୱାଧୀନତା ସଂଗ୍ରାମୀ ହୋଇଥିଲେ ବି ତାହା ମାନିବାକୁ ଲଜ୍ଜିତ ହେବ।

Digitized by srujanika@gmail.com

ଆଜି କେହି ଯଦି ନିଦ ବାଉଳାରେ କୁରୁଳି ଖାଇଲା ଭଳି ଗୋରାକବର, ସତୀଚୌରା, ବକୁଳବନ, ଖାନନଗର, ସ୍ୱର୍ଗଦ୍ୱାର, ଶାନ୍ତିକାନନ ବା ଏପରି କୌଣସି ସ୍ଥାନରେ କୌଣସି ମହାନ୍ ପୂର୍ବସୂରୀର ମୃତ୍ୟୁ ଦିବସକୁ ମନରେ ହେଜି ମଧୁବାବୁ, ଫକୀରମୋହନ, ରାଧାନାଥ, ଗୋପବନ୍ଧୁ, ଗଙ୍ଗାଧର ବା ସେପରିମାନଙ୍କୁ ଖୋଜିଲା ତେବେ ସେମାନେ ହୁଏତ କୃତାର୍ଥ ମଣିବେ। ତେବେ ବିଶ୍ୱନାଥ ଯିଏ ମହାଳୟା ଦିନ ଦେହ ତ୍ୟାଗ କରିଥିଲେ ତାଙ୍କ ପାଇଁ ଏପରି ତ କୌଣସି ଶ୍ମଶାନରେ ସମାଧି ନାହିଁ। ତେଣୁ ସେ ତାଙ୍କର ବର୍ତ୍ତମାନ ଜୀବିତ ଥିବା ବୀରକେଶରୀ, ରାଜକେଶରୀ ଓ ପ୍ରତାପରୁଦ୍ରଙ୍କର ପିଣ୍ଡ ଗହଣରେ ପରମ ଆପ୍ୟାୟିତ ହେଉଥିବେ। ସେଥିପାଇଁ ସେ ଯଦି କେଉଁଠି ଥାଆନ୍ତି, ତେବେ ତାଙ୍କ ମନରେ ତିଳେମାତ୍ର ଅବିଗୁଣ ନ ଥିବ ବୋଲି ଧାରଣା ହେବା ଉଚିତ।

ତେବେ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ନିକଟବର୍ତ୍ତୀ ଅଶ୍ରୁତ ପଲ୍ଲୀରେ ଜନ୍ମ ହୋଇଥିବା କବି ରୁପର୍ଟ ବ୍ରୁକ ପ୍ରଥମ ମହାଯୁଦ୍ଧର ସୈନିକଭାବରେ ଫରାସୀ ଦେଶର ମାରାତ୍ମକ ମାର୍ଗ ରଣାଙ୍ଗନକୁ ମାର୍ଚ୍ଚ କଲାବେଳେ ଯେଉଁ ଚିରସ୍ମରଣୀୟ କବିତା ଲେଖିଥିଲେ ତାହାହିଁ ବିଶ୍ୱନାଥଙ୍କର ଶ୍ରାଦ୍ଧଦିବସରେ ସ୍ମରଣରେ ରହିଯିବ।

ରୁପର୍ଟ ବ୍ରୁକ ଲେଖିଥିଲେ –

If I die think only this of me
There is one part of this
Earth which is
forever England

'ମୁଁ ଯଦି ଏହି ଯୁଦ୍ଧରେ ମରେ,
ତେବେ ଏତିକି କେବଳ ମନେ ରଖିବ,
ଇଂଲଣ୍ଡ ବାହାରେ ଏହି ପୃଥିବୀର ଖଣ୍ଡିଏ ଅଂଶ ରହିଯିବ
ଯାହା ଚିରକାଳ ଇଂଲଣ୍ଡ ହୋଇ ରହିବ।'

ଫଙ୍କୌଲି ଶ୍ମଶାନରେ ଯେଉଁଠି ବିଶ୍ୱନାଥଙ୍କର ଚିତାଭସ୍ମ ପଡ଼ିଥିଲା ସେହି ସ୍ଥାନ ଓଡ଼ିଶା ବାହାରେ ହେଲେ ବି ତାହା ଚିରକାଳ ଓଡ଼ିଶାର ଅଂଶ ହୋଇ ରହିଥିବ।

ଓଡ଼ିଶାର ଦେଶପ୍ରେମୀର ଏତିକିହିଁ ସାନ୍ତ୍ୱନା। ଏ ସାନ୍ତ୍ୱନାର ମହତ୍ତ୍ୱ ସାମାନ୍ୟ ନୁହେଁ।

■■■

Digitized by srujanika@gmail.com



ଲେଖକ: ମନମୋହନ ମିଶ୍ର

କାରଖାନା, ଖଳାବାଡ଼ି, ଖାଦାନ, ବାଗାନରେ
ଏକ ହୁଅ
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ

ବିଦ୍ୟାରତ୍ନ ପ୍ରକାଶନ

Digitized by srujanika@gmail.com